Digitized by srujanika@gmail.com

ମୂଷିକ ଉବାଚ

ଗଳ୍ପ ସଂକଳନ

ଲେଖକ

ଇଂ ମୃଷା ପଟ୍ଟନାୟକ

Digitized by srujanika@gmail.com

ମୂଷିକ ଉବାଚ

(ଗଳ୍ପସଙ୍କଳନ)

ଲେଖକ ଇଂ ମୂଷା ପଟ୍ଟନାୟକ

ପ୍ରଚ୍ଛଦପଟ ଅସିମ ବସୁ

ଅଙ୍ଗ ସଜ୍ଜା ବସନ୍ତ ପାତ୍ର

ପ୍ରକାଶିକା ଶ୍ରୀମତୀ କାନ୍ତିଲତା ପଟ୍ଟନାୟକ
କାନ୍ତୀଲତା ପବ୍ଲିକେଶନ
ଦୀପାଲୋକ,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଫୋନ : ୪୧୦୧୦୨

ମୁଦ୍ରଣ ସ୍ପେସ୍ ସେଟର
ବି/୧୩, ଇନ୍ଦ୍ରଧନୁ ମାର୍କେଟ
ଆଇ ଆର.ସି ଭିଲେଜ, ନୟାପଲ୍ଲୀ
ଭୁବନେଶ୍ୱର, ଫୋନ : ୪୧୧୬୨୪

ମୁଦ୍ରାକର ସୌମ୍ୟନାରାୟଣ ମିଶ୍ର

ଡି.ଟି.ପି କମ୍ପାକ୍ଟ କମ୍ପୁଟର
ଏନ୍.୪/୧୨୦, ଆଇ.ଆର.ସି. ଭିଲେଜ
ଭୁବନେଶ୍ୱର, ଫୋନ - ୪୧୦୪୭୯

ପରିବେଷକ ଇଷ୍ଟରନ୍ ମିଡିଆ ପବ୍ଲିକେସନ୍, ଏ-୬୨, ନୟାପଲ୍ଲୀ, ଭୁବନେଶ୍ୱର

ପ୍ରଥମ ମୁଦ୍ରଣ ନବକଳେବର ତା ୧୬.୦୭.୯୬

ମୂଲ୍ୟ : ଅଠାଅଶି ଟଙ୍କା ମାତ୍ର

MUSIKA UBACHA

Collection of Short Stories

Written by :

Er. Musa Pattnaik

Publisher : Kantilata Publication
Bhubaneswar

Printed at : SPACE SETTER
B-13, I.D.Mkt. BBSR, Ph : 411624

Distributor - Eastern Media Publication

Ist Opening : Nabakalebar Dt. 16.07.96

Price : 88/- (Eight eight Only)

Digitized by srujanika@gmail.com

ନିଜ ବିଚାରକୁ ଲିପିବଦ୍ଧ କରିବାରେ ଲେଖକ ଯେଉଁ ଆନନ୍ଦ
ପାଏ ତାହା ସ୍ରଷ୍ଟାର ସୃଷ୍ଟି ଭଳି କିଛି କମ୍ ନୁହେଁ ....

ଡଃ ନିର୍ମଳ ପଟ୍ଟନାୟକ

Digitized by srujanika@gmail.com

ଉ
ତ୍ସ
ର୍ଗ

ଶ୍ରୀମତୀ କାନ୍ତିଲତା ପଟ୍ଟନାୟକଙ୍କର କର କମଳରେ......

ଯେ ମୋର କଣ୍ଟକିତ ଚଲା ପଥରେ ପୁଷ୍ପବୃଷ୍ଟି କରିଛନ୍ତି, ଯେ ନିଜକୁ ସଳିତା ପରି ଜଳେଇ ଆସିଛନ୍ତି, ମୋର କଳାକୃତିର ପରମ ବିରୋଧୀ ହେଲେ ମଧ୍ୟ ସେହି ପ୍ରେରଣାମୟୀ ସବୁବେଳେ ପରୋକ୍ଷରେ ମୋତେ ପ୍ରଚୁର ଉତ୍ସାହ ଓ ପ୍ରେରଣା ଦେଇ ଆସିଛନ୍ତି ମୋର ହସ କାନ୍ଦ ଭରା ପାଣ୍ଡୁଲିପିର ମୁଦ୍ରଣ ପାଇଁ ।

ସେହି କରୁଣାମୟୀ, ସର୍ବଂସହା, ଶ୍ରୀମତୀ କାନ୍ତିଲତାଙ୍କ କର ପଦ୍ମରେ ଉତ୍ସର୍ଗ କରୁଛି ମୋର ଏହି ବିଦଗ୍ଧ ଜୀବନର ପାଣ୍ଡୁଲିପି **"ମୂଷିକ ଉବାଚ"** ।

॥ ଇତି ॥

ତୁମର ପରମ ଉଦାସୀ **ଭୋଳାନାଥ**

Digitized by srujanika@gmail.com

ପୁସ୍ତକ ସମ୍ପର୍କରେ......

ମୁଁ ମୂଷା ପଟ୍ଟନାୟକ, ଜଣେ ଇଞ୍ଜିନିୟର, ବିଦଗ୍ଧ ଜୀବନର ପାଣ୍ଡୁଲିପି "ମୂଷିକ ଉବାଚ"ର ଲେଖକ । କିଆବୁଦ୍ଧା ମୂଳେ ଛୋଟ ମୂଷା ଛୁଆଟିପରି ଜନ୍ମ ହୋଇଥିବାରୁ ମାଆ ମୋତେ ଶରଧାରେ ଡାକୁଥିଲେ ମୂଷା, ମୋର ଆହୁରି ଅନେକ ନାଁ ଥିଲେ ମଧ୍ୟ ମାଆଙ୍କର ଗେହ୍ଲାରେ ସେ ଡାକ ନାଁଟି ମୋ ପାଇଁ ଅତି ପ୍ରିୟ, ଜ୍ଞାନଦାତା ଗଜାନନଙ୍କ ବାହନ ମୁଁ ମୂଷା ।

ଛୁଆଦିନେ ପରିବାର ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଘାସ କାଟି, କାଠ ବିକି, ଗାଈ ଜଗି ମୁଁ ଗାଁ ସ୍କୁଲରେ ମାଇନର ଯାଏ ପାଠ ପଢ଼ିଲି, ଷଷ୍ଠ ଶ୍ରେଣୀରେ ରାମ ରୋଲ କରିବି ବୋଲି ଜିଦ୍ କରି ଶେଷରେ ହେଲି ସୀତା । ସେଦିନର ପଣ୍ଡିତ ସାରଙ୍କର ବେତମାଡ଼ ମୋର ଏବେ ବି ମନେ ଅଛି । ରାମଙ୍କ ପ୍ରତି ମୋର ଆଶକ୍ତି ଥିଲା ବହୁତ ବେଶି ।

ହାଇସ୍କୁଲରେ ଜଣେ ଭଦ୍ର ଲୋକଙ୍କ ଘରେ ରହି ତାଙ୍କର ସାତଗୋଟି ପୁଅଝିଅଙ୍କୁ ପଢ଼ାଇ ମାଟ୍ରିକ ପାଶ କଲି, କଲେଜ ଆଉ ଇଂଞ୍ଜିନିୟରିଂ ପଢ଼ିଲି ଜଣେ ଗୁଜୁରାଟି ବନ୍ଧୁଙ୍କ ସାହାଯ୍ୟରେ ।

ଇଞ୍ଜିନିୟର ହେଲି, ପ୍ରଥମ ଚାକିରି ଆରମ୍ଭ କଲି କୋରାପୁଟ ଜିଲ୍ଲାରେ, ତାପରେ ହୀରାକୁଦ, ଡେଲଟା ଇରିଗେସନ ପ୍ରୋଜେକ୍ଟ, ସେଣ୍ଟ୍ରାଲ ଇରିଗେସନ ସର୍କଲ ଆର.ଇ.ଓ, ବ୍ଲକ୍, ମୁନ୍‌ସିପାଲିଟି, ସହକାରୀ ଯନ୍ତ୍ରୀ ହିସାବରେ ପଦୋନ୍ନତି ହୋଇ ସାରା ଓଡ଼ିଶାରେ ବିଭିନ୍ନ ଜାଗାରେ କାର୍ଯ୍ୟରତ ରହି ଶେଷରେ ମୁଖ୍ୟ ପ୍ରଧାନ ଯନ୍ତ୍ରୀଙ୍କ ଅଫିସରେ ଉଣେଇଶ ସତାଅଶି ମସିହାରେ ଅବସର ନେଲି, ଅବସର ନେଇ ମଧ୍ୟ ଓଡ଼ିଶା ଭିତରେ ଓ ଓଡ଼ିଶା ବାହାରେ ବହୁ ବଡ଼ ବେସରକାରୀ ସଂସ୍ଥାରେ ଟେକ୍‌ନିକାଲ ଆଡ୍‌ଭାଇଜର ରୂପରେ କାମ କଲି ।

ମୋର ଜନ୍ମଠାରୁ ଆଜିଯାଏ ମୋର ଜୀବନୀ ଏକ ହସ, କାନ୍ଦ, ଦୁଃଖ, କଷ୍ଟ, ସମସ୍ୟା ପୂର୍ଣ୍ଣ, ଘଟଣା ବହୁଳ ଜୀବନୀ, ଦେଢ଼ବର୍ଷ ହେବ ଜାନୁ ହାଡ଼କୁ ଭଙ୍ଗେଇ ଘରେ

Digitized by srujanika@gmail.com

ପଙ୍ଗୁ ହୋଇ ପଡ଼ିରହିଛି, ସାତବର୍ଷ ହେଲା ଅବସର ନେଇ ମଧ ପେନସନ, ଗ୍ରାଚ୍ୟୁଇଟ, ବଳକା ପଇସା ଆଜିଯାଏ ସରକାରଙ୍କଠାରୁ ପାଇ ପାରିଲି ନି, ତେଣୁ ମୋର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ, ମାଡ୍ରାସ, ଦିଲ୍ଲୀ ଯାଇ ଅପରେସନ ହେବାକୁ ମୋ ପାଖରେ ପଇସାଟିଏ ବି ନାହିଁ । ତେଣୁ ସବୁ ଲେଖକ, ନାଟ୍ୟକାର, ଗାଳ୍ପିକ, ତାଙ୍କ ଲେଖାର ଆରମ୍ଭରେ କିଛି ମୁଖବନ୍ଧ ଲେଖନ୍ତି, ସେହି ଦୃଷ୍ଟିରୁ ମୁଁ ପଦେକଥା ଲେଖୁନି, ଲେଖିବା ପାଇଁ ବାଧ ହେଉଛି ।

ମୋର ନିଜର ପେଶା ଇଞ୍ଜିନିୟରିଂ ବାଦେ ସଉକ ଥିଲା ଡ୍ରାମାରେ ଅଭିନୟ କରିବା, ମୁଁ ସଂଖ୍ୟା ଗରିଷ୍ଠ ନାଟକରେ ମୁଖ୍ୟ ଅଭିନେତା, ପାର୍ଶ୍ଵ ଅଭିନେତା, ଖଳ ଅଭିନେତା, ଓ ହାସ୍ୟ ଅଭିନେତା ରୂପେ ଅଭିନୟ କରିଆସିଛି, ଓଡ଼ିଶାର ସହର ବଜାର, ପୂର ପଲ୍ଲିରେ ମୁଁ ବହୁବାର ଅଭିନୟ ଓ ନିର୍ଦ୍ଦେଶନା ଦେଇଛି, ଅଭିନୟ ଓ ନିର୍ଦ୍ଦେଶନା ପାଇଁ ସରକାରୀ ସଂସ୍ଥା ଓ ବେସରକାରୀ ସଂସ୍ଥା ଦ୍ଵାରା ପୁରସ୍କୃତ ହୋଇଛି, ମୋର ଅଭିନୟ ଓ ନିର୍ଦ୍ଦେଶନା କେତେ କେତେ ହଜାରରୁ ଟପିଗଲାଣି ତାର ହିସାବ ନାହିଁ, ସୁପରିଚିତ ବିପ୍ଳବି ନାଟ୍ୟକାର କମଳ ଲୋଚନ ମହାନ୍ତିଙ୍କ ଓ ନଗେନ ମହାନ୍ତିଙ୍କ ପରିଚାଳିତ ସ୍ଥାୟୀ ରଙ୍ଗମଞ୍ଚ ଏକାମ୍ର ଥିଏଟରସ୍‌ର ଥିଲି ସ୍ଥାୟୀ ନିର୍ଦ୍ଦେଶକ ଓ ମୁଖ୍ୟ ଅଭିନେତା, ସେହି ସମୟରେ, ମୋର ପରିଚୟ ହୁଏ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସହିତ, ସେ ମୋତେ ଡାକନ୍ତି ହାତଖଣ୍ଡି "ଉଚ୍ଚବା କଣ୍ଡରା" ତାଙ୍କରି ପ୍ରେରଣାରେ ମୁଁ ନାଟକ ଲେଖିବା ଆରମ୍ଭ କଲି, ମୋର ନାଟକ ଡ୍ରାମା ଓ ଅପେରା ବାଲାଙ୍କ ପାଇଁ ସତେଇଶି ଖଣ୍ଡ, ଅନେକ ମୁଦ୍ରଣ ଆଉ ଅନେକ ପାଣ୍ଡୁଲିପି ହିସାବରେ ପଡିରହିଅଛି । ମୋ ଲେଖା ଉପରେ ଓଡ଼ିଶାର ବହୁ ସୁନାମଧନ୍ୟ ନାଟ୍ୟକାର, ସୁଲେଖକ, ସାହିତ୍ୟକ, ତାଙ୍କର ଉଚ୍ଚକୋଟୀର ଅଭିମତ ଦେଇଛନ୍ତି ।

ମୁଁ ଆକାଶବାଣୀ, ଦୂରଦର୍ଶନର ସିକୃତି ପ୍ରାପ୍ତ ଅଭିନେତା, ଏଯାଏ ଓଡ଼ିଆ ଚଳଚ୍ଚିତ୍ରରେ ଛୋଟ,ବଡ଼ ଚରିତ୍ର ଅଭିନେତା ହିସାବରେ ପ୍ରାୟ ଅଶିଗୋଟି ଓଡ଼ିଆ ଛବିରେ ଅଭିନୟ କରିଛି । ଏ ଅଭିନୟ ପାଇଁ ମୁଁ ବହୁବାର ପୁରସ୍କୃତ, ମାନପତ୍ର ନଟରାଜ ଫଳକ ପାଇଅଛି । ନାଟକ ସଂଗଠନ, ନାଟକ ପ୍ରେମୀ ଯୋଗୁଁ ମୋତେ ପ୍ରାୟ ସମସ୍ତେ ଡାକନ୍ତି "ନାଟୁଆ ଇଞ୍ଜିନିୟର" । ଚରିତ୍ର ଅଭିନେତା ରୂପେ ନାଟ୍ୟକାର, ନିର୍ଦ୍ଦେଶକ ଓ ପ୍ରଯୋଜକ ବ୍ରଜଦାସଙ୍କ ମାର୍ଗ ଛବିରେ ଶ୍ରେଷ୍ଠ ଅଭିନୟ, ନାୟକର ବାପା, ଗାଁର ବାଉରୀ, ଏଇ ଛବି ରିଲିଜହେଲେ ସମସ୍ତ ନିର୍ଦ୍ଦେଶକ ପ୍ରଯୋଜକମାନଙ୍କ ପାଇଁ ହେବ ଦିଗ୍‌ଦର୍ଶକ, ଦେଖାଇବ ଏକ ନୂତନ ମାର୍ଗ । ଏଇ ଛବିର ଦୁଇଟି ଦୃଶ୍ୟ ମୁଁ ପଙ୍ଗୁ ହେଲାପରେ ସୁଟିଂ ହୋଇଛି ।

Digitized by srujanika@gmail.com

ଯେଉଁମାନେ ମୋତେ ମୋର ପାଣ୍ଡୁଲିପି ମୁଦ୍ରଣ ପାଇଁ ସାହାଯ୍ୟ, ପ୍ରେରଣା, ଉଦ୍ଦିପନା, ଦେଇ ଆସିଛନ୍ତି ସେମାନଙ୍କ ପାଖରେ ମୁଁ ଚିର ଋଣୀ ଓ ଆଉ ବିଶେଷ ଭାବରେ କୃତଜ୍ଞ ।

ପ୍ରଥମ ହେଲେ ମୋର ଶ୍ରୀମତୀ କାନ୍ତିଲତା ଯେ ମୋତେ ସବୁବେଳେ ସତ୍ୟ ଘଟଣାକୁ ରୂପାୟନ କରିବାକୁ ପ୍ରେରଣା ଦେଇଛନ୍ତି ସେହି ମହୀୟସୀଙ୍କ ପାଖରେ ମୁଁ ଚିରଋଣୀ ଓ କୃତଜ୍ଞ ।

ମୋର ପ୍ରିୟ ନାତି ଅରବିନ୍ଦ ମହନ୍ତ ଓ ପୁତୁରା ସାନପୁଅ ସୁର ବସନ୍ତର ଶଳା ସୁମନ୍ତ ରାୟ ମୋର ପାଣ୍ଡୁଲିପିଟି ମୂଳରୁ ଶେଷଯାଏ କପିକରି ମୁଦ୍ରଣ ଉପଯୋଗୀ କରି ପାରିଥିବାରୁ ସେମାନେ ମୋର ସଶ୍ରଦ୍ଧା, ଧନ୍ୟବାଦାର୍ହଃ ।

ମୋର ପ୍ରିୟ ବନ୍ଧୁ, ଚୋଇଁ, ଏକାମ୍ର ଥିଏଟରର ପରିଚାଳକ ନଗେନ୍ ମହାନ୍ତି ଏହି ପାଣ୍ଡୁଲିପିଟିର ମୁଦ୍ରଣ ଉପଯୋଗୀ କରିବାର ସମସ୍ତ ଦାୟିତ୍ୱ ନେଇଥିବାରୁ ମୁଁ ତାଙ୍କ ପାଖରେ ବିଶେଷ ଭାବରେ କୃତଜ୍ଞ ।

ପ୍ରଚ୍ଛଦ ଶିଳ୍ପୀ କଳା ନିର୍ଦ୍ଦେଶକ ଅସୀମବସୁଙ୍କ ପାଖରେ ମୁଁ ଚିର ଅନୁଗତ । ମୋର ପ୍ରିୟ ମଉସା ସୁ ସାହିତ୍ୟିକ, ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) ମୋର ପାଣ୍ଡୁଲିପିର ଷାଠିଏଟି ଯାକ ଗଳ୍ପ ପଢ଼ି ବହୁତ ଆନନ୍ଦିତ ହୋଇ ପାଣ୍ଡୁଲିପିରେ ନିଜର ନାମ ଲୁଚାୟିତ ରଖିବା ପାଇଁ ପରାମର୍ଶ ଦେଇଥିବାରୁ ସେ ମୋର ଚିରଦିନ ପାଇଁ ନମସ୍ୟ ମୁଁ ତାଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି । "ମୂଷିକ ଉବାଚ"କୁ ପ୍ରକାଶ କରିବାକୁ ମୁଁ ବହୁ ବିଶିଷ୍ଟ ଲୋକ, କଳାପ୍ରେମୀଙ୍କ ଦ୍ୱାରସ୍ଥ ହୋଇଛି, ଶିଳ୍ପ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ, ସଂବାଦର ମୁଖ୍ୟ ସଂପାଦକ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ସେକ୍ରେଟାରୀ, କମିଶନର, ଏବ କାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ମିଶ୍ର ମୋତେ ମୁଦ୍ରଣର କିଛି ଆର୍ଥିକ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ମୁଁ ସେମାନଙ୍କ ପାଖରେ ଚିର ଅନୁଗତ୍ ।

ଶେଷରେ, ମୋର ଅନ୍ତରର ବ୍ୟଥା ବୁଝିପାରି ବନ୍ଧୁ ତଥା ମୋର କୁନି ନାତି ସୌମ୍ୟ ନାରାୟଣ ମିଶ୍ର ଯୁବଉଦ୍‌ଯୋଗୀ ତାଙ୍କ Space Setter ପ୍ରେସ୍‌ରେ ମୁଦ୍ରଣ କରୁଥିବାରୁ ମୁଁ ତାଙ୍କ ପାଖରେ ଚିର ଅନୁଗତ ଓ ଋଣୀ ।

ମୋତେ ବର୍ତ୍ତମାନ ସତୁରୀ ବର୍ଷ, ତଥାପି ମୁଁ ନିଜକୁ ପଇଁତିରିଶ ଚାଳିଶି ବର୍ଷର ଯୁବକ ପରି ମନେକରେ, ଏବେ ବି ମୋର ଲେଖନି ଥାଣୁ ପାଲଟି ନାହିଁ, ଲେଖା ଚାଲିଛି ।

Digitized by srujanika@gmail.com

ମୋର ଜୀବନ ଭିତରେ ଅନେକ ମଜାଦାର ଘଟଣା ଘଟି ଯାଇଥିଲେ ମଧ୍ୟ ମୁଁ ତା ଭିତରୁ ମାତ୍ର ଷାଠିଏ ଗୋଟି ଘଟଣାକୁ ଛୋଟ ନାଟିକା ରୂପେ ରୂପାୟିତ କରିଛି । ଏଇ ଷାଠିଏ ଗୋଟି ଛୋଟ ନାଟିକାରେ ମୁଁ ପ୍ରାୟ ଦୁଇହଜାରରୁ ଅଧିକ ବିଭିନ୍ନ ଚରିତ୍ରକୁ ରୂପାୟନ କରି ପାରିଥିବାରୁ ବିଶେଷ ଖୁସି । ଏହି ''ମୂଷିକ ଉବାଚ'' ମୋର ପୁରାପୁରି ଆତ୍ମଜୀବନୀ ନୁହେଁ ବା ସମ ସାମୟିକ ଇତିହାସ ନୁହେଁ, ଏ ଆରମ୍ଭ ହେଉଛି ମୋର ଗୋଷିବାପାଙ୍କ, କେନ୍ଦୁଝରର ମହାରାଜା, ଧନଞ୍ଜୟ ନାରାୟଣ ଭଞ୍ଜଙ୍କ ରାଜଦରବାରରେ ଶୋଭାକରଣ ହେବା ବେଳର ଘଟଣାଠାରୁ । ଯେଉଁସବୁ ଐତିହାସିକ ଘଟଣା, ରୋମାଞ୍ଚକର କାହାଣୀ ମଜାଦାର କଥା ମୋତେ ପ୍ରବାହିତ କରିଛି ଯାହା ମୁଁ ଆଦୌ ଭୁଲିପାରିନି, ସେହି ଅଭୁଲା ସ୍ମୃତିକୁ ଏ ''ଉବାଚ''ରେ ମୁଁ ରୂପଦେବାକୁ ପ୍ରୟାସ କରିଛି ମାତ୍ର ।

ଏହି ଦେଢ଼ଶହ ବର୍ଷର କାହାଣୀ ଭିତରେ ମୁଁ, ବହୁ ବହୁ ପ୍ରଖ୍ୟାତ ସୁନାମଧନ୍ୟ, ବୁଦ୍ଧୀଯିବୀ, ପ୍ରତିଷ୍ଠିତ ଲୋକଙ୍କ ସଂସ୍ପର୍ଶରେ ଆସିଛି ଓ ଲେଖିଛି - ଅନେକଙ୍କୁ ମନରେ ଭଗବାନଙ୍କର ଆସନ ଦେଇଛି , ଅନେକଙ୍କୁ ସାଧାରଣ ମଣିଷ ଭାବରେ ବିଚାର କରିଛି, ସେମାନଙ୍କ ସମ୍ପର୍କରେ ଲେଖିବାକୁ ଯାଇ କାହା ଚରିତ୍ର ପ୍ରତି ଆକ୍ଷେପ କରିବା ବା ସମାଲୋଚନା କରିବା ମୋର ଉଦ୍ଦେଶ୍ୟ ନୁହେଁ । ଯଦି ସେମିତି କିଏ ମନେ କରନ୍ତି ମୁଁ ବିନୀତ ଭାବେ ପ୍ରାର୍ଥନା କରୁଛି ଉଦାର ହୃଦୟରେ କ୍ଷମା ଦେବେ ।

॥ ବିନୀତ ॥

ଲେଖକ

ମୂଷା ପଟ୍ଟନାୟକ

ଦୀପା ଲୋକ, ଲକ୍ଷ୍ମୀସାଗର

Digitized by srujanika@gmail.com

ନାଟ୍ୟକାରଙ୍କ ଲିଖିତ ନାଟକ

(ମୁଦ୍ରଣ ଓ ପାଣ୍ଡୁଲିପୀ)

ବ୍ୟର୍ଥ ପ୍ରୟାସ, ଆହତ ଚନ୍ଦ୍ର, ଦେବ ଦରବାର, ଚମ୍ପା ଏବେ ବି ବଞ୍ଚିଛି, ମା, ମାଟି ମାୟାବିନୀ, ଅଭିଶପ୍ତା ବାସନ୍ତୀ, ଝଙ୍କାର ଅନ୍ତରାଗର, ରାମଭକ୍ତ ରାବଣ, ବିଦ୍ୟାନଗରୀ ଓଡ଼ିଶା, ଆକାଶ କଇଁଆ, ନଷ୍ଟସ୍ୟ କନ୍ୟାଗତି ବିକ୍ଷାକ୍ତ ଆଜିକଟ ଚନ୍ଦ୍ରଗୁପ୍ତା, ଝାନସୀରାଣୀ । ମେବାର ପତନ, ଟିପୁ ସୁଲତାନ, ଆମେ ଧରମାର ବଂଶଧର, ବିଦ୍ରୋହୀ ରାଧିକା, ତୋର ମା କାନ୍ଦେ କବାଟ କିଳି, ଅଖା ଧୋଉଥା ଗୁଣ ଗାଉଥା, ଫାସୀ ଖୁଣ୍ଟରେ ଦ୍ରୌପଦୀ, ପ୍ରଭାତେ ରଜନୀଗନ୍ଧା, ନୂଆ ଏକ ମହାଭାରତ, ଧର୍ମଯୁଦ୍ଧ, ଶିଆଳ ପିନ୍ଧିଛି ବାଘ ପୋଷାକ, ଦେଖିବ ଆସ ମଲାମଣିଷର ବିବାହ ବେଶ, ଶେଫାଳି ଝରେ ବାସ ରାତିରେ, ଭାଇ ନୁହେଁ ଭଗାରୀ, ଲକ୍ଷ୍ମୀ ଛାଡ଼ିଲେକି ବଡ ଦେଉଳ, ଅସଲି ବାପର ନକଲି ପୁଅ, ପାଚେରୀ ଉଠିଲା ବନ୍ଦ ଦେଉଳେ, ମା ବିକ୍ରୀ ହେଉଛି ହାଟରେ, ମାର ମାର ଭଣ୍ଡାରୀକୁ ମାର ଓ ଗଳ୍ପ ସଂକଳନ **''ମୂଷିକ ଉବାଚ''** ।

ମୃଷା ପଟ୍ଟନାୟକଙ୍କ ଅଭିନିତ

ଆକାଶବାଣୀ, ଦୂରଦର୍ଶନ, ଚଳଚ୍ଚିତ୍ର

ଆକାଶ ବାଣୀ- ନଷ୍ଟସ୍ୟ କନ୍ୟାଗତି, ଦୂରଦର୍ଶନ- ପରିବାର, ସମ୍ପର୍କ, ଦୁନିଆଁ

ଚଳଚ୍ଚିତ୍ର- ଅରୁନ୍ଧତି, ବନ୍ଧନ, ଘର ବାହୁଡ଼ା, ରାମ ରହିମ୍, ହାକିମ୍ ବାବୁ, କାଳିଆ ସୁନା, ପୁଅ ମୋ କଳା ଠାକୁର, ମମତା ମାଗେ ମୂଲ, ସବୁ ମାୟାରେ ବାୟା, ତୁଠ ପଥର, ବାସନ୍ତି ଅପା, ପରଦେଶୀ ଚଢ଼େଇ, ଜୟଦେବ, ଏଇତ ଦୁନିଆଁ, ଚକାଭଉଁରୀ, ବଗୁଲା ବଗୁଲୀ, ପକାକମଳ ପୋଡ଼ ଛତା, ସ୍କୁଲ ମାଷ୍ଟର, କୁରୁକ୍ଷେତ୍ର, ତୁଣ୍ଡ ବାଇଦ, ସଂସ୍କାର, ଭୁଲି ହୁଏନା, ସତ କେବେ ଲୁଚି ରହେନା, ସଉତୁଣୀ, ମାର୍ଗ, ଫଟାକପାଳ, ମା, ମାନିନୀ, ତୋର ଯାର ମୂଲକ ତାର, ଆମ ଘର ଆମ ସଂସାର, ତୋ ବିନୁ ଅନ୍ୟଗତି ନାହିଁ, ଆହୁତି, ଶ୍ରଦ୍ଧାଞ୍ଜଳି, ଆକାଶର ଆଖି, ମନ୍ତ୍ର ଜଳେ ରକ୍ତ ମିଳେ, ସମୟ ବଡ଼ ବଳବାନ, ନ୍ୟାୟ ଅନ୍ୟାୟ, ଦଣ୍ଡା ବାଳୁଙ୍ଗା, ଟୋପାଏ ସିନ୍ଦୁର ଦିପଟ ଶଙ୍ଖା, ହୀରାନୀଳା, ଆହୁରି ଅନେକ ।

Digitized by srujanika@gmail.com

କିଏ କଣ କହନ୍ତି

୧।୮।

ଗୀତିକା
ଜୟଦେବ ନଗର

ଶ୍ରୀମାନ ନିର୍ମଳ ପଟ୍ଟନାୟକଙ୍କ (ମୂଷା ପଟ୍ଟନାୟକ) ନାଟ ଅନୁରାଗ ଯୋଗୁଁ ପାରିବାରିକ ଦାୟିତ୍ୱ ସମ୍ପର୍କରେ ଯେ ଅବହେଳା କରନ୍ତି ମୁଁ ଏହା ବ୍ୟକ୍ତିଗତ ଭାବେ ଜାଣେ, ମାତ୍ର ଲେଖକ କଳାଅନୁରାଗୀ ପକ୍ଷେ ଏପରି ହେବା ସ୍ୱାଭାବିକ । ସେ ଜଣେ ସୁଅଭିନେତା, ସ୍ୱର୍ଣ୍ଣପଦକ ପ୍ରାପ୍ତ ମଞ୍ଚନିର୍ଦ୍ଦେଶକ ଭାବେ ସୁଖ୍ୟାତି ଅର୍ଜ୍ଜନ କରିଅଛନ୍ତି । ଏ ବୃଦ୍ଧ ବୟସରେ ପଙ୍ଗୁହୋଇ ଶଯ୍ୟାସାୟୀ ଥିଲେ ମଧ ସଂପ୍ରତି ସେ ନାଟକ ରଚନା, ଗଳ୍ପ ରଚନା, ବିଭିନ୍ନ ସାହିତ୍ୟ ଆଲୋଚନାରେ ଆତ୍ମ ନିୟୋଗ କରୁଅଛନ୍ତି ।

ଏବେ ତାଙ୍କର ହସ କାନ୍ଦଭରା ବିଦ୍‌ଗ୍ଧ ଜୀବନର ପାଣ୍ଡୁଲିପି "ମୂଷିକ ଉବାଚ" ପ୍ରକାଶିତ ହେବାକୁ ଯାଉଛି ଶୁଣି ବହୁତ ଖୁସି । ଶ୍ରୀମାନ ପଟ୍ଟନାୟକ ଏଥିରେ ତାଙ୍କର କଳାକାର ଜୀବନର ସ୍ୱପ୍ନ, ସଂଘାତ ଓ ସ୍ୱାଭିମାନ ଓଡ଼ିଶାର ବୁଦ୍ଧିଜିବୀ, ସାହିତ୍ୟକ, କଳାକାର, ଅଭିନେତା, ଅଭିନେତ୍ରୀ, ଯନ୍ତ୍ରୀ, ଏମ୍.ଏଲ୍.ଏ, ମନ୍ତ୍ରୀ, ମୂଖ୍ୟମନ୍ତ୍ରୀ, ପ୍ରଶାସନିକ ଓ ସଂପର୍କରେ ଆସିଥିବା ବନ୍ଧୁବାନ୍ଧବ, ପ୍ରିୟାପ୍ରୀତି, ସମାଜର ବଡ଼ପଣ୍ଡା, ପ୍ରାୟ ଦୁଇ ହଜାରରୁ ଅଧିକ ଚରିତ୍ରକୁ ନିଖୁଣ ଭାବରେ ରୂପାୟନ କରିଛନ୍ତି ।

ତାଙ୍କର ଏକାବନି ଷାଠିଏ ଗୋଟି ଛୋଟ ନାଟକ, ପ୍ରତ୍ୟେକଟି ଦୂରଦର୍ଶନରେ ପ୍ରସାରିତ ହେବା ଯୋଗ୍ୟ ।

ଏପରି ସାଧୁ ଉଦ୍ୟମ ଓଡ଼ିଶାର ପ୍ରଥମ, ଏଥିପାଇଁ ସେ ସମସ୍ତଙ୍କର ସଶ୍ରଦ୍ଧ ଧନ୍ୟ ବାଦାର୍ହ ।

ତାଙ୍କର ନାଟକାନୁରାଗ ଦିର୍ଘଜୀବି ହେଉ ଓ ଲେଖକ ଭାବେ ସେ ଯଶସ୍ୱୀ ହୁଅନ୍ତୁ ଏହା ହିଁ ମୋର ଜଗନ୍ନାଥଙ୍କ ପାଖରେ କାମନା ।

ଜାନକି ବଲ୍ଲଭ ମହାନ୍ତି (ଭରଦ୍ୱାଜ)

Digitized by srujanika@gmail.com

ଗଳ୍ପ କ୍ରମ

୧. ଶୋଭା କରଣ ୧
୨. ଏକ ଆଖିଆ ଦିବାକର ୭
୩. ରାଜାଙ୍କର ଦେହରକ୍ଷୀ ୧୧
୪. ଦିବାକରଙ୍କ ପ୍ରଥମ ବାସର ରାତି ୧୫
୫. ବାନ ପ୍ରସ୍ଥ ପରେ ଗୃହସ୍ଥ ୨୦
୬. ପାର୍ବତୀଙ୍କ ଅଷ୍ଟମ ଗର୍ଭରେ ମୃଷା ୨୨
୭. ମୃଷାର ବାଲ୍ୟ ଲୀଳା ୨୬
୮. ରାମ ବନି ଗଲେ ସୀତା ୩୨
୯. ଦଣ୍ଡ ଦେବୀଙ୍କ ପାଖରେ ଜୁଆବନ୍ଧା ୩୬
୧୦. ସେଇ ପିଲାଟି ୪୦
୧୧. ମୃଷା ହେଲା ଇଞ୍ଜିନିୟର ୪୫
୧୨. ସଙ୍ଗୀତ ୪୯
୧୩. ନରିଆଣୀକୁ କାମରୋଗ ୫୨
୧୪. ସିଗାରେଟ୍ ଖୋଳ
କାଗଜରେ ଚାକିରୀ ୫୭
୧୫. ସୂର୍ଯ୍ୟାସ୍ତ ୬୬
୧୬. ମୃଷାର ବାହାଘର ୬୯
୧୭. ମୃଷା ଖାଇଲା ଭାଙ୍ଗ ୭୪
୧୮. ଗର୍ଭକର୍ତ୍ରୀ ୭୭
୧୯. ବାଘ ମୁହଁରେ ମୃଷା ୮୫
୨୦. ଶଳା ଏସ.ଡି.ଓ ୯୧
୨୧. ମଲା ମଣିଷର ହସ ୯୮
୨୨. ସୁଖ ପରେ ଦୁଃଖ ୧୦୩
୨୩. କରଣ ପିଲା ବ୍ରାହ୍ମଣ ହେଲା ୧୦୭
୨୪. ଅପ୍ରେଲ ଫୁଲ ୧୧୨
୨୫. ଅନ୍ଧାରରେ ଦୈଅ ଦେଖା ୧୧୫
୨୬. ଚୋର ଉପରେ ଲଳାତା ବିଡା ୧୧୯
୨୭. ବହୁ ରୂପୀ ୧୨୨
୨୮. ଭଡା ଜଣରା ୧୨୬
୨୯. ପ୍ରକାଶ ଓ ପ୍ରତିଭା ୧୩୨
୩୦. ଡିବୁର ତାଳ ୧୩୬
୩୧. ଅଦୃଷ୍ଟତାର ଛବି ବିଶ୍ୱାସ ୧୪୧
୩୨. ହିଞ୍ଜିଡାର ଜଳାପ୍ରୀତି ୧୪୭
୩୩. ସିମେଣ୍ଟ ଗୋଦାମରେ ଚୋର ୧୫୧
୩୪. ଦିଅ ନିଅ ୧୫୪
୩୫. ମୃଷା ବାବୁଙ୍କ ବାଡି ଭାଙ୍ଗ ୧୫୭
୩୬. ରଘୁନାଥଙ୍କ ପାଦ ତଳେ ମୃଷା ୧୬୧
୩୭. ମାରିନେଲେ ମହାପାତ୍ରେ ୧୬୮
୩୮. ନାଚବାଲି ଗାୟତ୍ରୀ ୧୭୧
୩୯. ବାସୁଦେବ ଅପେରା ୧୭୪
୪୦. କୋଟିପତିଙ୍କ ଭାଷ୍ଟରେ ମୃଷା ୧୮୦
୪୧. କଳିଯୁଗର ଦଶରଥ ୧୮୩
୪୨. ରାଜାମନ୍ତ୍ରୀ ୧୮୮
୪୩. ପ୍ରତ୍ୟାବର୍ତ୍ତନ ୧୯୩
୪୪. ଉଷା ୧୯୮
୪୫. ଏମ୍.ଏଲ.ଏଙ୍କ ଚାମଚା ୨୦୪
୪୬. ଚବିଶ ଘଣ୍ଟିଆ ବଦଳି ୨୦୮
୪୭. ଲେଟର ଅଫ୍ କ୍ରେଡିଟ୍ ୨୧୨
୪୮. ରୋଲର ଚୋର ପ୍ରେମ ଚୋର ୨୧୮
୪୯. ଢାବା ମାଲିକ ୨୨୧
୫୦. ପଶୁରାଜ ସିଂହକୁ ଡର ୨୨୭
୫୧. ଘେରି ବକ୍ଷରେ ଲେଏଙ୍ଗଡା ୨୩୧
୫୨. ଷ୍ଟେସନ ବଜାର ମାଇଚିଆ ୨୩୬
୫୩. ହାକିମ ବାବୁଙ୍କର ଅର୍ଦ୍ଦଳି ୨୪୦
୫୪. କଂଗ୍ରେସ ନାଟକ ୨୪୫
୫୫. କାହିଁ ସେ ଘିଅ କାହିଁ ସେ ମହୁ ୨୫୧
୫୬. ଓଡ଼ିଶାର ରାଜାବ ଗାନ୍ଧୀ ୨୫୪
୫୭. ସ୍ୱର୍ଗୀଦ୍ୱାରୀ ଘରାୟଷି ୨୫୯
୫୮. ସେଲୁନ୍‌ରେ "ମୃଷା" ୨୬୩
୫୯. ନନ୍ଦିଘୋଷରେ ବିଜୟ କୁମାର ୨୬୬
୬୦. ହାଜତରେ ସ୍ୱପ୍ନ ୨୭୨
୬୧. ସ୍ୱପ୍ନରେ ଜବାନ ବନ୍ଦୀ ୨୭୭
୬୨. ନୂଆ ବର୍ଷରେ ନୂଆ ମୁହଁ ୨୮୦

Digitized by srujanika@gmail.com

ଶୋ
ଭା
କ
ର
ଣ

ଉଣେଇଶ ତାରିଖ ଫେବୃୟାରୀ ଉଣେଇଶ ଶହ ତେୟାନବେ, ଶିବ ଚତୁର୍ଦ୍ଦଶୀ ଜାଗର ଅମାବାସ୍ୟା, ଚାରିଆଡ଼େ କୋଳାହଳ, ସ୍ତ୍ରୀ ଓ ପୁରୁଷମାନଙ୍କର ନିର୍ଜ୍ଜଳା ଉପବାସ । ଅତି ପବିତ୍ର ଶିବ ଚତୁର୍ଦ୍ଦଶୀ, ଶହ ଶହ ହଜାର ହଜାର ଲୋକ ଛୁଟୁଛନ୍ତି ଲିଙ୍ଗରାଜ ମନ୍ଦିର ଆଡ଼େ, ଘିଅ ଦୀପ ଜାଳି ବସିଛନ୍ତି । ରାତି ଅଧରେ ଆକାଶ ଦୀପ ମନ୍ଦିର ଶିଖରକୁ ଉଠିବ । ବ୍ରତ ତାଙ୍କର ପୂର୍ଣ୍ଣହେବ ।

ଏ ଆନନ୍ଦ ମୁଖରିତ କୋଳାହଳ ମଧ୍ୟରେ ନାତୁଆ ଇଞ୍ଜିନିୟର ମୂଷା ପଟ୍ଟନାୟକ ନିଜକୁ ବଡ଼ ନିଃସ୍ୱ, ଅସହାୟ ଓ ଦୁର୍ବଳ ମନେ କରନ୍ତି । ସେ ସବୁକିଛି ହାରାଇ ବସିଛନ୍ତି । ତାଙ୍କର ହେତୁ ଆସିଲାପରେ ଏ ଦୀର୍ଘ ସତୁରୀ ବର୍ଷ ଭିତରେ ଅନେକ କିଛି ଘଟଣା ଘଟିଯାଇଛି । କେତେକ ବିଶିଷ୍ଟ ଘଟଣା ଏବେ ବି ତାଙ୍କର ଗୋଟି ଗୋଟି କରି ମନେ ପଡ଼େ । ଶୈଶବରେ ଗାଁର ବ୍ରାହ୍ମଣ ସାଇ ଜନାର୍ଦ୍ଦନ ପୁରର ଶିବ ମନ୍ଦିର, ଝାଡ଼େଶ୍ୱରରେ ଥିବା ଝାଡ଼େଶ୍ୱର ଶିବ ମନ୍ଦିର, ଦେଓଗାଁରେ ଥିବା କୁଶଳେଶ୍ୱର ମନ୍ଦିର, ଉତ୍ତରେଶ୍ୱରରେ ଥିବା ଉତ୍ତରେଶ୍ୱର ଶିବ ମନ୍ଦିର, ଖିଚିଂର ଖିଚିଂକେଶ୍ୱର ମନ୍ଦିର, ହୁମାର ଶିବ ମନ୍ଦିର, କୋରାପୁଟର ଗୁପ୍ତେଶ୍ୱର, ବଲାଙ୍ଗିର, ସୋନପୁରର ହଟକେଶ୍ୱର, ନୃସିଂହେଶ୍ୱର ଶିବ ମନ୍ଦିର, କୌଣସି ଶିବ ମନ୍ଦିର ସେ ବାଦ୍ ଦେଇ ନାହାନ୍ତି । ଶିବ ଚତୁର୍ଦ୍ଦଶୀ ତାଙ୍କ ଜୀବନରେ ଏକ ଉଲ୍ଲେଖନୀୟ ଅବିସ୍ମରଣୀୟ ଦିବସ ।

ଶୈଶବରୁ ସେ ଥିଲେ ରାମଚନ୍ଦ୍ରଙ୍କର ଭକ୍ତ । ରାମ ଚରିତ ମାନସ, ରାମଲୀଳା ଦେଖିବାକୁ ବ୍ୟାକୁଳ । ଅଷ୍ଟମ ଗର୍ଭର ସନ୍ତାନ ବୋଲି ବାପା ଡାକୁଥିଲେ ନଟବର, କାଳିଆ, କଲାକାହ୍ନୁ ।

ମାତ୍ର ୨୫ ବର୍ଷ ବୟସରେ ସେ ହେଲେ ଶିବଙ୍କର ପରମ ଭକ୍ତ । ଶିବଙ୍କର ପୁତ୍ର ଗଣେଶଙ୍କର ବାହନ ମୂଷା । ମା' ପାର୍ବତୀଙ୍କର ଛୁଆ ଦିନର ମୂଷା ଛୁଆ ନାମ ସାର୍ଥକ କଲେ ।

Digitized by srujanika@gmail.com

ଆଶାନିରାଶାର ଦ୍ୱନ୍ଦ ସ୍ଥଳରେ ନାଟୁଆ ମୃଷା ଇଞ୍ଜିନିୟର, ଦୀର୍ଘ ନଅମାସ ତଳେ ଜାନୁ ହାଡ଼ ଭଙ୍ଗାଇ ଶଯ୍ୟାସାୟୀ । ବହୁଶଲ୍ୟ ଡ଼ାକ୍ତରଙ୍କ ଅକ୍ଳାନ୍ତ ଚେଷ୍ଟା ବିଫଳ ହୋଇଛି । ଟ୍ରାକ୍‌ସନ୍, ପ୍ଲାଷ୍ଟର, ସେକ୍, ଔଷଧ ବନ୍ଧା ତେଲ, ମାଲିଶ କଲାପରେ ବି ସେ ବିଛଣାରୁ ଉଠି ପାରନ୍ତି ନାହିଁ । ବହୁ ଉପକାରୀ ବନ୍ଧୁ, ପ୍ରିୟଜନମାନଙ୍କର ଉପଦେଶ ମାନି ଚାଲିଛନ୍ତି । କିଏ କହେ ହନୁମାନ ଚଉତିଶା ପଢ଼, ଗୀତା ଦି ଅଧ୍ୟାୟ ପଢ଼, ମହାଭାରତ, ରାମାୟଣ ପଢ଼, ସୂର୍ଯ୍ୟପୁରାଣ ପଢ଼, ସକାଳୁ ରାତି ଦଶଟାଯାଏ ସବୁ ପଢ଼ା ଚାଲିଛି । ତଥାପି ଉନ୍ନତିର ଆଶାକ୍ଷୀଣ । ଅତିପ୍ରିୟ ଶଳା ବେନାମୀ (ପ୍ରତାପ ପଟ୍ଟନାୟକ) ରାଉରକେଲାରୁ ଦଉଡ଼ିଆସି ଭିଣୋଇଙ୍କ ସେବାରେ ବ୍ୟସ୍ତ । ଉପଦେଶ ଦିଏ କାହା କଥା ନଶୁଣି ମୋ କଥା ଶୁଣ ଭିଣୋଇ ପ୍ରତିଦିନ ହ୍ୱିସ୍‌କି ବା ବ୍ରାଣ୍ଡି ଗୋଟିଏ ପେଗ୍ ଓ ଅଣ୍ଡା ଗୋଟିଏ ଖାଅ, ଅତିଶୀଘ୍ର ଭଲ ହୋଇଯିବ ।

ଆଜି ମୃଷା ଇଞ୍ଜିନିୟର ଦୃଢ଼ ସଂକଳ୍ପ ଜୀବନର ପାଣ୍ଡୁଲିପି ଲେଖିବେ । ଜନ୍ମରୁ ପଙ୍ଗୁ ହେବାଯାଏ ଜୀବନ ତାଙ୍କର ଏକ ଘଟଣା ବହୁଳ କାବ୍ୟ । ବଡ଼ ପୁଅ ଆଣିଦେଇଛି କାଗଜ, ଦେହେରା ବାବୁଙ୍କୁ ଅନୁରୋଧ କରି, ସାନବୋହୂ ତିଆରି କରିଛି ଏକ ବିରାଟ ଖାତା । ମୃଷାବାବୁ ସାତ ଆଠଟି କଲମ ଧରି ବସିଛନ୍ତି, ଲକ୍ଷ୍ମୀସାଗରର ପ୍ରସୀଦ୍ଧ ଷ୍ଟେସନାରୀ ଦୋକାନର ମାଲିକ ଭରତ ନାଏକ, ଯେ କଳି ଯୁଗର ଭରତ, ଦିନକୁ ପାଞ୍ଚ ହଜାର ଟଙ୍କା

ଭରତ ନାୟକ
ଲକ୍ଷ୍ମୀସାଗରର ପ୍ରସିଦ୍ଧ ଷ୍ଟେସନାରୀ ଦୋକାନ ମାଲିକ

ବିକ୍ରୀ, ସତ୍ୟ କରିଛନ୍ତି ପାଣ୍ଡୁଲିପି ସରିବା ଯାଏ ରେନୋଲ୍‌ଡ଼ର ରିଫିଲ୍ ଯେତେ ଦରକାର ମାଗଣାରେ ଦେବେ । ତାଙ୍କର ଭାବନା ବାସ୍ତବ ଜୀବନ ଭିତରେ ନାହିଁ । ସେ ବର୍ତ୍ତମାନ ସ୍ୱପ୍ନ ରାଜ୍ୟରେ । ସ୍ୱଚ୍ଛ ଦିବାଲୋକରେ ସ୍ୱପ୍ନ ବିଭୋର ନାଟୁଆ, ପାଣ୍ଡୁଲିପି ଲେଖିବେ, ପଢ଼ିବେ, ଲୋକଙ୍କୁ ପଢ଼ି ଶୁଣାଇବେ, ପ୍ରିଣ୍ଟ କରିବେ ।

Digitized by srujanika@gmail.com

ହେଲେ କାହିଁକି ? କାହିଁକି ? କାହିଁକି ସେ ଲେଖିବେ ? କିଏ ପଢ଼ିବ ? କିଏ ଶୁଣିବ ? ଏ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଜୀବନି ନୁହେଁ, ବରେଣ୍ୟ ଦେବପୁତ୍ର ଜବାହରଲାଲ ନେହୁରୁଙ୍କ ଜୀବନି ନୁହେଁ, ସ୍ୱାମୀ ବିବେକାନନ୍ଦ, ଅରବିନ୍ଦ ବା ଦେଶର ପୂଜ୍ୟ ବରପୁତ୍ରଙ୍କ ଜୀବନି ନୁହେଁ। କିଏ ପଢ଼ିବ ଏ ନାଟୁଆ ମୃଷା ଇଞ୍ଜିନିୟରଙ୍କର ହସକାନ୍ଦ ଭରା ଜୀବନି ।

ମୃଷା ପଟ୍ଟନାୟକ
ଅରବିନ୍ଦ ମହନ୍ତ (ନାତି)

ତଥାପି ସେ ଲେଖିବେ ନୂଆରୂପ ଦେଇ, ପ୍ରତ୍ୟେକ ଘଟଣାକୁ ଏକ ରସାଣିଆ, ସରସ ସୁନ୍ଦର, ଶିକ୍ଷଣୀୟ ଗଳ୍ପର ରୂପ ଦେଇ । ସ୍ୱପ୍ନ ସାଗର ଭିତରେ ନଟବର, ହଠାତ୍ ସ୍ୱପ୍ନ ତାଙ୍କର ଭାଙ୍ଗିଗଲା । ପାଞ୍ଚ ନାତୁଣୀ, ଜକି, ଟିକି, ସିଲ୍‌କି, ଟିଟା, ପୁତୁଲି ଘର ଭିତରୁ ଦୌଡ଼ି ଆସିଲେ ପୋର୍ଟିକୋ ପାଖକୁ । ବଡ଼ ପୁଅର ସାନ ଝିଅ ସିଲ୍‌କି । ଖନେଇ ଖନେଇ କହିଲା, ''ଧନ୍ୟରେ ଜେଜେ, ବସି ଗପ ଲେଖୁଛ ? ଯାଉନ ଶାଢ଼ୀ ଆଣିବ, ଆଜିପରା ବୋଉ (ଗୋଷିମା) ର ଜନ୍ମଦିନ, ଜାଣର ।''

ଜକି, ଟିକି ସିଲ୍‌କି, ଟିଟା, ପୁତୁଲି
(ନାତୁଣୀ ମାନେ)

Digitized by srujanika@gmail.com

ଆରେ ସତେତ ଆଜି ଜାଗର ଅମାବାସ୍ୟା, ଶିବ ଚତୁର୍ଦ୍ଦଶୀ, ଶ୍ରୀମତୀ କାନ୍ତିଲତାଙ୍କର ଜନ୍ମଦିନ । ଆଜିକି ଦୀର୍ଘ ଚାଳିଶ ବର୍ଷ ଧରି ପାଳି ଆସୁଛନ୍ତି ଶ୍ରୀମତୀଙ୍କର ଜନ୍ମଦିନ । ବିଭାଘର ପରେ ସେ ଶୁଣିଲେ, ଶ୍ରୀମତୀ ତାଙ୍କର ଜନ୍ମ ହୋଇଛନ୍ତି, ଶିବ ଚତୁର୍ଦ୍ଦଶୀ ଜାଗର ଅମାବାସ୍ୟା ଦିନ । ମନରେ ବହୁତ କ୍ଷୋଭ, ମନସ୍ତାପ, ଶ୍ରୀମତୀ ତାଙ୍କର ଉଆଁସୀ କନ୍ୟା, ଉଆଁସୀ କନ୍ୟା ବିବାହ ଶାସ୍ତ୍ରରେ ନିଷେଧ । କିନ୍ତୁ ଶ୍ରୀମତୀ ତାଙ୍କୁ ବୁଝେଇଦେଲେ ଯେ, ଜାଗର ଅମାବାସ୍ୟାଦିନ ନୁହେଁ, ପବିତ୍ର ଶିବ ଚତୁର୍ଥୀ ତିଥିରେ ତାଙ୍କର ଜନ୍ମ । ମହାସତୀ ପାର୍ବତୀ ପରି ବହୁ ତପସ୍ୟା କରି ସେ ଭୋଳାନାଥଙ୍କୁ ପାଇଛନ୍ତି । ମନସ୍ତାପ ତାଙ୍କର ଦୂର ହୋଇଗଲା । ସତରେ ସେ ଭୋଳାନାଥ । ବିଡ଼ି କଠାଏ ଧରି ନାଟ ତାମସାରେ ବସିଥିବେ ତ ବସିଥିବେ । ଏଣେ ସଂସାର ପ୍ରଳୟ ହୋଇଗଲେ ବି ଯୋଗ ତାଙ୍କର ଭାଙ୍ଗେନା ।

ହେଲେ ଯୋଗ ତାଙ୍କର ଭାଙ୍ଗିଗଲା, ସ୍ୱପ୍ନ ତାଙ୍କର ଉଭେଇଗଲା, ତୃତୀୟ ନୟନରୁ ଅଗ୍ନି ନିଷରଣ ହେଲା, ଆଖିରୁ ବ୍ରହ୍ମଜ୍ୟୋତି ବାହାରିଲା, ଅଭିଶାପ ଦେବେ, ଭସ୍ମ କରିଦେବେ- ଯେ ତାଙ୍କର ସ୍ୱପ୍ନ ଭାଙ୍ଗିଛି ।

ହେଲେ କାହାକୁ ସେ ଭସ୍ମ କରିବେ, ଏ ଯେ ରମ୍ଭା, ଉର୍ବଶୀ, ତିଲୋତ୍ତମା ନୁହେଁ, ଦୁଇ ବର୍ଷର ନାତୁଣୀ ସିଲ୍‌କି, ଅପସରାଠାରୁ ଆହୁରି ସୁନ୍ଦରୀ, ଢଳ, ଢଳ ଆଖି, ଅଧରରେ ସ୍ମିତ ହାସ୍ୟ, ସର୍ବ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଅଙ୍ଗଲତା ।

ହସି ହସି କହିଲେ "ଯା ବୋଉକୁ କହିବୁ ଶାଢ଼ୀ ଆସିବ" ସିଲ୍‌କି ପୁଣି ଖନେଇ ଖନେଇ କହିଲା "ମୋ କାନଫୁଲ ?"

କାନଫୁଲ ବି ଆସିବ, ସବୁ ଆସିବ, ହେଲେ ଆସିବ କେମିତି ? ଛଅ ବର୍ଷ ତଳେ ଚାକିରୀରୁ ଅବସର ନେଇ ମଧ ପେନ୍‌ସନ, ବଳକା ପଇସା ବି ମିଳିବାର ନାହିଁ । ଅତି କମ୍‌ରେ ଶସ୍ତା ଧରଣର ଶାଢ଼ୀଟିଏ କିଣିଲେ ତିନିଶହ/ଚାରିଶହ ଟଙ୍କାରୁ କମ୍ ପଡ଼ିବ ନାହିଁ ।

ପୁଣି ସ୍ୱପ୍ନ ରାଜ୍ୟରେ ନାଟୁଆ ନଟବର । କଣ ସେ କଲେ । ସର୍ବ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣା, ସର୍ବସୁଗୁଣ ସମ୍ପୂର୍ଣ୍ଣା ଶ୍ରୀମତୀଙ୍କୁ ପାଇ କଣ କଲେ ତାଙ୍କ ପାଇଁ, ଦିନଟାଏ ସୁଖରେ ରଖି ନାହାନ୍ତି । ଜଞ୍ଜାଳି ଘରର ବୋହୂ ହୋଇ ସବୁ ସ୍ୱାର୍ଥ ତ୍ୟାଗ କରିଛନ୍ତି ପରଙ୍କ ପାଇଁ । ଗୋଡ଼ରୁ ମୁଣ୍ଡ ଯାଏ ସୁନାରେ ଛାଇ ହୋଇ ଆସିଥିଲେ । ସବୁ ବିକି, ବନ୍ଧା ପକାଇ ହାତରେ ପାଣିକାଚ ଚାରିପଟ ଛଡ଼ା ଆଉ କିଛି ନାହିଁ । ସାଧାରଣ ଧଳା ଫର୍ଦ୍ଦି ଶାଢ଼ୀଟିଏ ପିନ୍ଧନ୍ତି ଦେହର ଆବରଣ ଲୁଚାଇବା ପାଇଁ ।

Digitized by srujanika@gmail.com

ସବୁ ଅପୂର୍ଣ୍ଣତା ଭିତରେ ଥାଇ ମଧ୍ୟ ସେଇ ହସହସ ମୁହଁ । ସମସ୍ତଙ୍କର ଉଚ୍ଚ ପ୍ରଶଂସାର ପାତ୍ରୀ ଶ୍ରୀମତୀ । ସେ କଥା ଭାବି ଆଜି ଆଉ କିଛି ଲାଭ ନାହିଁ । ରୂପ ଯାଇଛି ଅଛି କେବଳ ଦେହର ଛାଞ୍ଚ । ବହୁତ ଦୁଃଖ ଦେଇଛନ୍ତି ସେ ଶ୍ରୀମତୀକୁ । କବିଙ୍କ ଭାଷାରେ:-
''ହେ ରାଜା କି କଲ, ଲକ୍ଷ୍ମୀ ପ୍ରତିମାକୁ ତଳେ ଥୋଇଲ''

ସଳିତା ପରି ଜଳି ଜଳି ସେ ନିଜକୁ କ୍ଷୟ କରି ଚାଲିଛନ୍ତି । ସ୍ୱାମୀ ଦେବତାଙ୍କ ସେବାରେ ସେ ଦିନରାତି ବ୍ୟସ୍ତ । ବ୍ରତ, ଉପବାସ ରହି ଇଷ୍ଟଦେବଙ୍କ ପାଖରେ ସ୍ୱାମୀଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରନ୍ତି ।

ଦୁଇପୁଅ, ରାମଲକ୍ଷ୍ମଣ ପରି ଦୁଇଭାଇ, ଦୀପକ୍, ଆଲୋକ୍, ବାପାଙ୍କୁ, ଶୀଘ୍ର ଭଲ କରିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରନ୍ତି, ବଡ଼ ପୁଅ ଦିନକୁ ଦଶ ଥର କହେ ''ବ୍ୟସ୍ତ ହୁଅନି ବାପା, ଲୋକେତ ପୁଣି ଚାରି/ପାଞ୍ଚ ବର୍ଷରେ ଭଲ ହେଉଛନ୍ତି । ତୁମର କଣ ହୋଇଛି ଯେ, ମାତ୍ର ନଅଟା ମାସ, ଆଶା ବାଡ଼ି ଛାଡ଼ିବ, ଗୋଡ଼ରେ ଚାଲିବ, ସାଇକେଲ୍, ମଟରସାଇକେଲ, କାର ଚଲେଇବ । ଘରେ ପୁଣି ଗହଳି ହେବ, ଲୋକେ ଆସିବେ । ଡ୍ରାମା ଡ଼ିରେକ୍ସନ ପାଇଁ ବାହାରକୁ ଯିବ । ସିନେମା ଦୂରଦର୍ଶନର ଅଫର ଆସିବ । ମନରେ ଦମ୍ଭ ରଖ'' ।

ଆଉ ଶ୍ରୀମତୀ ତେଲ ମାଲିସ୍ କରୁ କରୁ କହନ୍ତି, ''ତୁମେ ଏତେ ଦୁର୍ବଳ, ମନରେ ସାହସ ରଖ, ତୁମେ ଲେଖ, ଲେଖିଚାଲ, ସକାଳୁ-ରାତିଯାଏ ଲେଖ, ବହି ପ୍ରିଣ୍ଟ କର, ଖବର କାଗଜରେ ନାଁ ବାହାର କର, ଲୋକେ ଦେଖନ୍ତୁ, ପଢ଼ନ୍ତୁ ଚାରିଆଡ଼େ ନାଁର ସୁନାମ ବଢୁ । ବୁଦ୍ଧିଜୀବି ସାହିତ୍ୟିକ ମାନେ କହନ୍ତୁ, ନାଟୁଆ ଇଞ୍ଜିନିୟରଙ୍କ ସୃଜନୀ ଏବେବି ବଞ୍ଚିଛି । ଲେଖନୀ ତାଙ୍କର ଛାଣୁ ପାଲଟି ନାହିଁ, ତୁମେ ପରା ସାହସୀ, ଧୈର୍ଯ୍ୟଶାଳି, ବୀର, ଶୋଭାକରଣ ବଂଶର ଦାୟାଦ'' ପୁଣି ସ୍ୱପ୍ନରେ ବୁଡ଼ିଗଲେ ଇଞ୍ଜିନିୟର, ଆରେ ସତେତ, କେନ୍ଦୁଝର ଖପରା-ଖାଇ ଗାଁର ଶୋଭା କରଣ ବଂଶର ଦାୟାଦ ସେ ।

କେନ୍ଦୁଝର, ଓଡ଼ିଶାର ସୌନ୍ଦର୍ଯ୍ୟମୟୀ ଗଡ଼ଜାତ ଷ୍ଟେଟ୍ । ବହୁ ବହୁ ସୁନ୍ଦର ଝରଣା, କେନ୍ଦୁ ବନାନୀରେ, ପରିପୂର୍ଣ୍ଣ କେନ୍ଦୁଝର ଷ୍ଟେଟ୍ । ଇଂରେଜ ରାଜତ୍ୱ, ରଜାଥିଲେ ମଧ୍ୟ, ରାଜ୍ୟ ପଲିଟିକାଲ୍ ଏଜେଣ୍ଟଙ୍କ ଅଧିନରେ । ଛୋଟ ନାଗପୁର୍‌ରେ ଥାଆନ୍ତି ରେସିଡ଼େଣ୍ଟ ସାହେବ । ଦେଢ଼ଶହ ବର୍ଷର ତଳର ଘଟଣା । ମହାପ୍ରତାପୀ, ପ୍ରଜାବତ୍ସଳ ଶ୍ରୀ ଶ୍ରୀ ଶ୍ରୀ ଧନଞ୍ଜୟ ନାରାୟଣ ଭଞ୍ଜଙ୍କ ରାଜତ୍ୱ । ରାଜା ପରମ ଉପକାରୀ, ପ୍ରଜାମାନଙ୍କର ଦୁଃଖ ବୁଝନ୍ତି, ମନ୍ଦିର ଗଢ଼ନ୍ତି । ପୁଷ୍କରିଣୀ ଖୋଳନ୍ତି । ରାତ୍ରୀରେ ଛଦ୍ମବେଶରେ ବୁଲି, ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରନ୍ତି । ମାଝି, କନ୍ଧ, ଜୁଆଙ୍ଗ, ସାନ୍ତାଳ, କୋହ୍ଲ, ଭାନ୍ତୁଡ଼ି ଏହିପରି ବହୁ ଆଦିବାସୀଙ୍କୁ ନେଇ ପରିପୂର୍ଣ୍ଣ କେନ୍ଦୁଝର ଅଞ୍ଚଳ । ସମସ୍ତଙ୍କର ଅତିପ୍ରିୟ ଠାକୁର ରାଜା

Digitized by srujanika@gmail.com

ଧନଞ୍ଜୟ ନାରାୟଣ ଭଞ୍ଜ । ଙ୍କ ଭାଁ ଛୁଆଙ୍ଗ, ଭୂୟାଁ ମେଳି ହେଲେ ମଧ୍ୟ ପରମ ପ୍ରତାପୀ ଦେୱାନ ଫକୀରମୋହନଙ୍କ ଦ୍ୱାରା ରାଜ୍ୟରେ ଶାନ୍ତି ଫେରି ଆସିଥାଏ ।

ଦିନେ, ରାଜା ସ୍ୱପ୍ନ ଦେଖିଲେ, ପୁରୁଣା ଉଆସରେ ଥିବା ଆରାଧ୍ୟ ଦଣ୍ଡଦେବୀ, ରାଜାଙ୍କୁ ସ୍ୱପ୍ନରେ କହିଲେ , ''ତୁମେ ରାଜାଶ୍ରେଷ୍ଠ, ପ୍ରଜାମାନେ ତୁମକୁ ଠାକୁର ବୋଲି ଭକ୍ତି କରନ୍ତି । ତୁମର କେବଳ ଅଭାବ ଜଣେ ଶୋଭାକରଣ, ପରାମର୍ଶଦାତା''। ରାଜା ପ୍ରଣିପାତ କରି କହିଲେ ''ଶୋଭା କରଣ କେଉଁଠୁ ଆସିବେ ମା''।

ଆନନ୍ଦପୁର, ବୈତରଣୀ ନଦୀକୂଳରେ ବଂଶଜ କରଣ ବସ୍ତି, ଗ୍ରାମର ମୁଖିଆ ଅଭିରାମ ପଟ୍ଟନାୟକ । ଗ୍ରାମର ନାମ ଖପରାଖାଇ । ବହୁ ଅତୀତରେ ରାଜା ଗୋବିନ୍ଦ ଭଞ୍ଜ ସାହାଯ୍ୟ କରିଥିଲେ ପୁରୀର ଗଜପତି ଠାକୁରରାଜା ପୁରୁଷୋତ୍ତମଙ୍କୁ କାଞ୍ଚି କାବେରୀ ଯୁଦ୍ଧରେ । କାଞ୍ଚି ରାଜାଙ୍କୁ ହରାଇ ପଦ୍ମାବତୀଙ୍କୁ ବନ୍ଦିକରି ଆଣିଥିଲେ ରାଜା ପୁରୁଷୋତ୍ତମ ଦେବ । କିମ୍ବଦନ୍ତୀ କହେ ଗୋବିନ୍ଦ ଭଞ୍ଜ କେନ୍ଦୁଝରକୁ ଫେରିଲାବେଳେ ବହୁ ବହୁ ଜାଗାରେ ବିଶ୍ରାମ କରିଥିଲେ । ଏହି ଖପରା-ଖାଇ ତାହାରି ଭିତରେ ଅନ୍ୟତମ । ହଜାର ହଜାର ବୁଢ଼କୋଠ ସେଠି ଭଙ୍ଗାହୋଇ, ସୈନ୍ୟମାନେ ପଣାପିଇ ଖପରା ପକାଇଦେଇ ଯାଇଥିବାରୁ ଗାଁର ଚାଳିଶଫୁଟ ତଳେ ଖୋଳିଲେ, ଖପରାର ଖଣି ।

ଖୋର୍ଦ୍ଧାର ଦଧିମାଛ ଗାଡ଼ିଆରୁ ଆସିଥିବା ଏକ ବଂଶଜ କରଣ ସଂମ୍ପ୍ରଦାୟ ଏଗାଁର ବାସିନ୍ଦା । ଅଭିରାମ ପଟ୍ଟନାୟକ ବିଚାରବନ୍ତ, କର୍ମଠ, ବିଚକ୍ଷଣ, ଗାଁର ସର୍ବଜନଙ୍କ ପ୍ରିୟପାତ୍ର, ପାଠ ପଢ଼ା ବେଶି ନଥିଲେ ମଧ୍ୟ ସଂସ୍କୃତରେ ପଣ୍ଡିତ । ପରାମର୍ଶଦାତା ପାଇଁ ଅତି ଉପଯୁକ୍ତ ବ୍ୟକ୍ତି । ତାଙ୍କୁ ବରଣି କରି ଆଣ ରାଜା । ରାଜ୍ୟରେ ଢୁଙ୍ଗୁରା ଦିଆଗଲା, ପାଟ, ପଟୁଆର, ବାଜା, ମୃଦଙ୍ଗ, ଶଙ୍ଖ ହୁଳହୁଳୀରେ ରାଜ୍ୟ କମ୍ପି ଉଠିଲା, ଶୋଭା କରଣକୁ ବରଣି କରିବା ପାଇଁ ହାତୀ ଘୋଡ଼ା ବିଭିନ୍ନ ବେଶରେ ସଜାହୋଇ ଆସିଲେ ଖପରାଖାଇ । ଏସବୁ ଦେଖି ଅଭିରାମ ବାବୁ କହିଲେ ''ମତେ କ୍ଷମା କରନ୍ତୁ ଛାମୁ, ମୁଁ କି ଛାର, ମୁଁ ପୁଣି ହେବି ଶୋଭା କରଣ'' । ତାଙ୍କ କଥା ଶୁଣା ଗଲା ନାହିଁ । ପାଟହାତୀ ମୁଣ୍ଡରେ କଳସ ଢାଳିଲା । ଗାଁ ଲୋକେ ଆଚମ୍ବିତ ହେଲେ । ଅଭିରାମବାବୁ ବରଣି ହୋଇ ଆସିଲେ କେନ୍ଦୁଝରକୁ । ମହାରାଜା ଆଦେଶ କଲେ, ରାଜ୍ୟର ପ୍ରଥମ ଗଡ଼ଦେବୀଙ୍କ ଆଜ୍ଞାରେ ତୁମେ ହେଲ ଆଜିଠାରୁ ରାଜ୍ୟର ପରାମର୍ଶଦାତା । ଅଭିରାମବାବୁଙ୍କ ମୁଣ୍ଡରେ ପାଟ ଉତ୍ତରୀୟ ବନ୍ଧାହେଲା । ନୂଆ ଶୋଭାକରଣ ରୂପେ ଦାୟିତ୍ୱ ନେଲେ ଅଭିରାମ ପଟ୍ଟନାୟକ । ପାଖେ ପାଖେ ତାଙ୍କର ଏକ ଅଠର ଊଣେଇଶି ବର୍ଷର ସୌମ୍ୟକାନ୍ତ ଯୁବକ । ମହାରାଜାପ୍ରଶ୍ନ କଲେ ଏ ପିଲାଟି କିଏ ଶୋଭା କରଣେ'' ? ଅଭିରାମବାବୁ ଉତ୍ତର ଦେଲେ ''ମଣିମା ସେ ମୋର ସାନପୁଅ ଦିବାକର'' ।

***

Digitized by srujanika@gmail.com

ଏକ ଆଖିଆ ଦିବାକର



ଦିବାକର, ଶୋଭାକରଣ ଅଭିରାମ ବାବୁଙ୍କର, କୋଳପୋଛା ପୁଅ, ବୁଢ଼ା ବୟସରେ ପାଇଥିଲେ ସୂର୍ଯ୍ୟଦେବଙ୍କୁ ପୂଜା କରି ପୁଅକୁ । ପୁଅଟି ଦେଖିବାକୁ ଠିକ୍ ସୂର୍ଯ୍ୟ ଦେବ ପରି ଦିପ୍ତିମାନ-ଗୋରା ଟକଟକ-କୁଞ୍ଚୁକୁଞ୍ଚିଆ ବାଳ, ସୁଗଠନ ସତେ ଅବା କାମଦେବ । କୁନିପୁଅକୁ ସମସ୍ତଙ୍କର ଆଦର, ଅଭିରାମ ବାବୁଙ୍କର ପାଞ୍ଚ ପୁଅ, ସମସ୍ତେ କିଛି ପାଠ ପଢ଼ି ନିଜ ନିଜ କାମରେ ବ୍ୟସ୍ତ । କିନ୍ତୁ ସାନପୁଅ ଦିବାକର, ପାଠପଢ଼ା ତ ଦୂରରେ ଥାଉ, ତାହାଲି ମାଡ଼ିଲାନି, ଅଭିରାମ ବାବୁଙ୍କର ବଡ଼ ଚିନ୍ତା, ସାନ ଗେହ୍ଲାପୁଅଟା ମୁର୍ଖ ହୋଇଯିବ । ସବୁବେଳେ ଖେଳ କସରତ - ଆଜି ପୁଆ ଡାବୁଲ ତ, କାଲି ଡାକ ମାଙ୍କୁଡ଼ି, ତା ପର ଦିନ କିତି କିତି । ପାଖ ପାଖ ଗାଁରେ ଖେଳ ପାଇଁ ତାର ଆଦର ବେଶି, ବହୁକଷ୍ଟରେ ନିଜନାମ, ବାପା, ଘର, ଓ ଗାଁ ନାମ ଲେଖି ଶିଖିଥାଏ । ବାପା ମା'ଙ୍କର ବେଶି ଗେହ୍ଲା ଯୋଗୁଁ ବଡ଼ଭାଇମାନେ ଭଲ ପାଆନ୍ତି ନାହିଁ ଦିବାକରକୁ । ତେଣୁ ସେ ସବୁବେଳେ ବୁଲୁଥାଏ, ବାପାଙ୍କ ପାଖେ ପାଖେ । ପୁଅ ବଡ଼ ହେଲା, କୈଶରରେ ଉପନୀତ ହେଲା । ଚାରିପାଖ ଗାଁର ଲୋକେ ତା ଚେହେରା ଦେଖି ବିସ୍ମିତ ହେଲେ । ଯେ ବାଟରେ ଯାଏ, ଦିବାକରକୁ ଘଡ଼ିଏ ନ ଦେଖିଲେ ହୁଏନି । ଯୋଦ୍ଧା, ପହିଲମାନ, ଦେହରେ ଆଠ, ନଅଟା ଲୋକର ବଳ, କୋଉଠି ଗୋଳମାଳ ହେଲେ ସମସ୍ତଙ୍କୁ ଠେଙ୍ଗାରେ ଠିକ୍ କରିଦେବା ପିଲା ସେ । ଲୋକେ ତାକୁ ଯେତିକି ଭଲପାଆନ୍ତି, ସେତିକି ଡରନ୍ତି । ଭୋଜନ ବହୁତ, ଖାଇ ବସିଲେ ଘଣ୍ଟା ଘଣ୍ଟା ଉଠନ୍ତିନି । ଚାରି ପାଞ୍ଚ ଜଣଙ୍କର ଖାଦ୍ୟ ଜଣକୁ ନିଅଣ୍ଟ । ମାଛ, ବୈତରଣୀ ନଦୀରୁ ଆସିଲେ, ଦୁଇ, ତିନି ସେର ମାଛ ଏକା ଭଜା ଖାଇଦେବେ । ମାଂସ କଥା ଛାଡ଼, ସେ ତାଙ୍କର ଅତିପ୍ରିୟ ଖାଦ୍ୟ, ଗୋଟାଏ ଛୋଟ

Digitized by srujanika@gmail.com

କଅଁଳିଆ ଖାସି ଏକା କାଟି ଭାଜି ଖାଇଦେବେ । ଭାଇମାନେ ବେଳେ ବେଳେ ଲୁଚିଛପି କହନ୍ତି, ''କୋଉଠୁ ଅସୁରଟାଏ ଆସିଛି'' । ସବୁ ଶୁଣେ, କାହା କଥାକୁ ଖାତିରି କରେନା, ରାଜ ଉଆସରେ ଶୋଭାକରଣଙ୍କ ପାଖରେ ଦିବାକର, ଚେହେରା ବଦଳି ଯାଇଛି । ଯୌବନ ଆସିଛି, ବିଭିନ୍ନ ରକମର ସୁଖାଦ୍ୟରେ ଦେହର ରଙ୍ଗ, ନାଲି ଟହ ଟହ ।

ରାଜ ଉଆସରେ ଦିବାକରକୁ ସମସ୍ତେ ସ୍ନେହ କରନ୍ତି, ଆଦର କରନ୍ତି, ଭଲ ପାଆନ୍ତି । ବାପା ଶୋଭାକରଙ୍କର ସୁନାମ ବଢ଼ି ଚାଲିଥାଏ । ରାଜ୍ୟରେ ସମସ୍ତେ ତାଙ୍କ ବୁଦ୍ଧି ବିଚକ୍ଷଣରେ ତୃଷ୍ଟ । ମହାରାଜ ବହୁତ ପ୍ରୀତ । ଗାଁ ପାଖରେ ଏକର ଏକର ଜମି ଜାଗିରିରେ ପାଇଲେ । ଅଭିରାମ ବାବୁଙ୍କର ଅଚଳାଚଳ ସମ୍ପତ୍ତି, ବୈତରଣୀ ନଦୀ କୂଳରେ ଦିଗନ୍ତ ବିସ୍ତାରି ଏକର ଏକର ନଦୀ ପଟୁପକା ଜମି, ପୁଅମାନେ ଆବାଦି କରନ୍ତି, ଧାନ ବୁଣନ୍ତି, ବିରି, ମୁଗ, ହରଡ଼, କୋଳଥ ପନିପରିବା ସବୁକିଛି । ଶୋଭା କରଣଙ୍କର ପ୍ରଶଂସା ଚାରିଆଡ଼େ ବ୍ୟାପିଗଲା । କିନ୍ତୁ ଦିବାକର, ଏ ସମ୍ପତ୍ତିରୁ ଧାର ଧାରେନା । ସବୁବେଳେ ବାପାଙ୍କ ପାଖରେ, ରାଜବାଟିରେ ।

ମହାରାଜା ପ୍ରତିଦିନ ଦୁଇ ତିନିଘଣ୍ଟା ପାଖରେ ବସାନ୍ତି, ତାଙ୍କ ଚେହେରା ସମସ୍ତଙ୍କୁ ମୁଗ୍ଧ କରିଥାଏ । ତାଙ୍କ ଚେହେରା ଦିପ୍ତିମନ୍ତ ରୂପ ଧିରେ ଧିରେ ରାଣୀ ମହଲରେ ପହଞ୍ଚିଗଲା । ତାପରେ ପରେ ରାଜଜେମାଙ୍କ ମହଲରେ । ସମସ୍ତେ ପାଖକୁ ଡ଼ାକନ୍ତି, ବସାନ୍ତି ଗେହ୍ଲା କରନ୍ତି । ଦିବାକର ରାଜ ଉଆସରେ ସମସ୍ତଙ୍କର ପ୍ରେମର ପାତ୍ର । ସଖି, ମୁଦୁଶୁଲି, ରାଜପରିଚାରିକା, ପାତ୍ର ମନ୍ତ୍ରୀ ସମସ୍ତଙ୍କ ଘରେ ଦିବାକରଙ୍କର ଅବାଧ ପ୍ରବେଶ । କେହି ତାକୁ ପାଖରୁ ଛାଡ଼ନ୍ତିନି । ରାତିରେ ରହିବାକୁ ବାଧ କରନ୍ତି । ଦିବାକର କିନ୍ତୁ ବାପାଙ୍କୁ ଡ଼ରି, ବାପାଙ୍କୁ ଖାତିରିକୁ ସମ୍ମାନ ଦେଇ ସମସ୍ତଙ୍କର ହେଇ କାହାର ହୁଅନ୍ତିନି। ସେ ରାଜ ଉଆସରେ କହ୍ନେଇ, ଷୋଳ ହଜାର ଗୋପି ତାଙ୍କ ରୂପରେ ଝୁରିମଲା ପରି, ରାଜ ଉଆସର ସବୁ ଷୋଡ଼ଶୀ ତରୁଣୀ ତାଙ୍କ ରୁପରେ ନିଜକୁ ହଜେଇ ଦିଅନ୍ତି ।

ମହାରାଜାଙ୍କର ଆଦେଶ ନେଇ ସୈନ୍ୟମାନଙ୍କୁ କୁସ୍ତି, କସରତ, ଢ଼ାଲ, ବର୍ଚ୍ଛା, ଖଣ୍ଡାଖେଳ ଶିଖାଇଲେ ଦିବାକର । ପ୍ରତିଦିନ ଦୁଇ ତିନି ଘଣ୍ଟା ଶିକ୍ଷା, ମହାରାଜା ବହୁତ ଖୁସି । ସେ ଦିନେ ଦିନେ ହସି ହସି ଶୋଭାକରଣଙ୍କୁ କହନ୍ତି ''ବୁଝିଲେ କରଣେ, ଆପଣଙ୍କ ଅନ୍ତେ ଦିବାକର ହେବେ ଏ ରାଜ୍ୟର ସେନାପତି, ଶୋଭାକରଣ ନୁହେଁ ।''

ଅଭିରାମବାବୁ କଣ ବା କହନ୍ତେ - ହାତ ଯୋଡ଼ି କରି କହନ୍ତି, ''ସେ ସବୁ ଭଗବାନଙ୍କ ଇଚ୍ଛା, ଆଉ ଆପଣଙ୍କର ସ୍ନେହ, ମୁରୁଖ ଟୁଆଟା ମୋର ମଣିଷ ହେଉ ।'' ପଲିଟିକାଲ ଏଜେଣ୍ଟ ଆସିଲେ, ରେସିଡ଼େଣ୍ଟ ଆସିଲେ, ସମସ୍ତେ ଦିବାକରଙ୍କ ଚେହେରା ଓ ଶକ୍ତି ଦେଖି ଖୁସିହେଲେ । ତାଙ୍କରି ଦୟାରୁ ଦିବାକର ବହୁ ବହୁ ଷେଟ୍ ବୁଲି ପାରିଲେ ।

Digitized by srujanika@gmail.com

ଗୁଣ ଗାରିମା ବଢ଼ି ଉଠିଲା- ଯୁବରାଜ ଗୋପିନାଥ ଭଞ୍ଜ, ଦିବାକରଙ୍କ ସାଙ୍ଗ ହେଲେ, ସବୁବେଳେ ପାଖେ ପାଖେ ରଖିଲେ । ଅଜକେ କହିଲେ "ଦିବାକର ହେବେ ରାଜ ଉଆସର ମଣିଷ୍ଟମ୍ଭ - ମଉଡ଼ମଣି"

ଭଗବାନ କାହାରି ବଢ଼ତି ସହନ୍ତିନି । ଦିବାକରଙ୍କର ଅହଙ୍କାର ବଢ଼ି ଉଠିଲା, ସେ ବଳ ଓ ସାମର୍ଥ୍ୟ ପାଇଁ କାହାରିକୁ ଖାତିରି କଲେନି, ଦେଖୁ ଦେଖୁ ପାଞ୍ଚ ଛଅ ବର୍ଷ ବିତିଗଲା ।

ଦିନକର ଘଟଣା, ରାଜାଙ୍କ ପାଖକୁ ଖବର ଆସିଲା, ମହାବଳ ବାଘ ମାତିଛି ପ୍ରତିଦିନ ଜଣେ, ଦୁଇଜଣଙ୍କୁ ନେଇ ଉଦରସ୍ଥ କରୁଛି । ଗଡ଼ରେ କୋକୁଆ ଭୟ ହେଲା । ସଞ୍ଜ ହେଲେ ସମସ୍ତେ କବାଟ କିଳି ବସିଲେ । ମହାବଳ ବାଘ, ଘର ଭିତରୁ ଲୋକଙ୍କୁ ଟେକି ନେଇପାରେ । ରାଜାଙ୍କର ଡାକେଣି, ଶିକାରୀ ଆସିଲେ- ଦିନଦିନ ଧରି ବସି ରହିଲେ, ବାଘକୁ ମାରି ପାରିଲେନି । ଯନ୍ତା ବସିଲା, ବାଘ ଆସିବା ବାଟ ଚିହ୍ନଟ ହେଲା, ହେଲେ ବାଘ ଯନ୍ତାରେ ପଡ଼ିଲାନି । ମହାରାଜାଙ୍କର ଚିନ୍ତା, ବାଘ କେମିତି ମରିବ । ରାଜ୍ୟରେ ଶୋକର ଛାୟା ଖେଳିଗଲା, ଗଡ଼ ପାଖ ବସ୍ତିରୁ ମଧ୍ୟ ବାଘ ମଣିଷ ଶିକାର କଲା । ଲୋକମାନେ ବାଘ ଭୟରେ ଅନ୍ୟଜାଗାକୁ ଗଲିଯିବା ଆରମ୍ଭ କଲେ । ସମସ୍ତ ପ୍ରଜା କହିଲେ ଅନୀତି ହେଲା ଦଣ୍ଡଦେବୀ ରାଗିଲେ, ବାଘ ମାତିଲା, ସମସ୍ତଙ୍କୁ ଖାଇଯିବ । ପୂଜା ମାର୍ଜନା ହେଲା, ଦଣ୍ଡଦେବୀଙ୍କ ପାଖରେ ବଳି ପଡ଼ିଲା । ଦିନ ଦିନ ଧରି ଦଣ୍ଡଦେବୀଙ୍କ ପାଖେ ଗ୍ରହପୂଜା ଚାଲିଲା ।

ଶୋଭାକରଣ ଉପଦେଶ ଦେଲେ, ବ୍ୟସ୍ତ ହୁଅନା, ପୁଅର ମୋର ବାଘ ଗୋଟାକର ବଳ । ସେ ଏକା ଏକା ବାଘକୁ ସୁଯୋଗ ପାଇଲେ ମାରିଦେଇ ପାରେ । ସମସ୍ତଙ୍କର ନଜର ପଡ଼ିଲା ଦିବାକର ଆଡ଼େ । କିନ୍ତୁ ୨୫ ବର୍ଷର ଜୁଆନ ଟୋକା- ବାଘ ସହିତ ଯୁଦ୍ଧକରିବ, ମରିଯିବ, ସମସ୍ତେ ଶୋଭାକରଣଙ୍କୁ ଧନ୍ୟ ଧନ୍ୟ କଲେ- ପୁଅର ଜୀବନକୁ ପାଣି ଛଡ଼େଇ ବାଘ ସହ ଲଢ଼ିବାକୁ, ପରାମର୍ଶ ଦେଉଛନ୍ତି ।

ଦିବାକରକୁ ଡ଼କାହେଲା - ଦିବାକର ରାଜି ବାଘ ସହ ଯୁଦ୍ଧ କରିବେ, ହେଲେ କେମିତି, ବାଘକୁ ଦେଖିଲେ ତ । ଦିନ ଠିକ୍‌ହେଲା, ମା ଦଣ୍ଡଦେବୀଙ୍କୁ ପ୍ରଣାମ କରି, ଦିବାକର ଖାଡ଼ା ବସିବା ବାହାନରେ ପିତଳ ଟୋଟା ନେଇ ବାଘ ଆସିବା ରାସ୍ତାରେ ଏକ ମସ୍ତବଡ଼ ଗଣ୍ଡି ଥିବା ଗଛମୂଳେ ବସିରହିଲେ । ପଚାଶ ଜଣ ଆଦିବାସୀ ଯୁବକ, କିଛି ଦୂରେ ବର୍ଚ୍ଛା, ତୀର, ଗୁପ୍ତା ଧରି ବସି ରହିଲେ; ଦିବାକରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି । ବାଘ ଆସିଲା, ଗଛମୂଳେ ଦିବାକର ଉପରକୁ କୁଦି ପଡ଼ିଲା, ବାଘର ଆଗଗୋଡ଼ ଦୁଇଟା ଧରି ଗଛର ଗଣ୍ଡି ଚାରିପାଖେ ଘୁରି ବୁଲିଲେ ଦିବାକର । ବାଘ ଗଛର ଗୋଟାଏ

Digitized by srujanika@gmail.com

ପାଖରେ- ଅନ୍ୟ ପାଖରେ ଦିବାକର, ବାଘମୁଣ୍ଡକୁ ଗଣ୍ଡିରେ ଛେଚି ଚାଲିଥାନ୍ତି । ବାଘର ନଖରେ କ୍ଷତ ବିକ୍ଷତ ହୋଇ ପୁରା ରକ୍ତାକ୍ତ - ଚିତ୍କାର କଲେ "ଆଗେଇ ଆସ, ବାଘକୁ ତୀର, ବର୍ଚ୍ଛା, ଖଣ୍ଡାରେ ମାରିଚାଲ", ବାଘର ଆଗଗୋଡ଼ ଦୁଇଟା ଦିବାକର ହାତରେ । ବାଘର ଚେତାଶୂନ୍ୟ, ଚିତ୍କାର କରି ତଳେ ପଡ଼ିଗଲା, ମହାବଳ ବାଘ, ଜୀବନ ସୁକୁସୁକୁ ହେଉଥାଏ । ଦିବାକର ପିଉଳ ନୋଟାରେ ମୁଣ୍ଡକୁ ଦେଲେ ଏକ ମସ୍ତବଡ଼ ପାହାର, ବାଘ ମରି ଶୋଇଲା । ଗୋଟିଏ ଗୋଡ଼ର ନଖ ରହିଗଲା ଦିବାକରଙ୍କ ଆଖିରେ । ଚାରିଆଡ଼େ ଆନନ୍ଦର ଢେଉ ଖେଳିଗଲା । ମହାରାଜ ଆସିଲେ, ବାଘକୁ ଦଶ ଜଣ ଲୋକ ଭାରରେ ବୋହି ଉଆସକୁ ଆଣିଲେ, ଶହ ଶହ ହଜାର ହଜାର ଲୋକଙ୍କର ସମାବେଶ । ଦିବାକରଙ୍କର ଉଚ୍ଚ ପ୍ରଶଂସା ! ହେଲେ ଦିବାକର ଚେତାଶୂନ୍ୟ- ଦେହସାର କ୍ଷତ ବିକ୍ଷତ, ଡ଼ାକ୍ତର କବିରାଜ, ସେବା କରିବାରେ ଲାଗିଲେ । କ୍ଷତ ସବୁ ତିନି, ଚାରି ମାସରେ ଭଲ ହୋଇଗଲା । ହେଲେ ବାଘର ଗୋଡ଼ ନଖରେ ଗୋଟିଏ ଆଖି ନଷ୍ଟ ହୋଇଗଲା ଦିବାକରଙ୍କର । ଆଖି ଭଲ କରିବାକୁ ବହୁତ ଚେଷ୍ଟା ହେଲା, ପଲିଟିକାଲ୍ ଏଜେଣ୍ଟଙ୍କ ଆଦେଶରେ ମୋଗଲ୍ ବନ୍ଦିରୁ ବଡ଼ ବଡ଼ ଡ଼ାକ୍ତର ଆସିଲେ, ସବୁ ନିଷ୍ଫଳ- ପୁଅକୁ ଧରି ଲୋଟୁଥାନ୍ତି, ଶୋଭାକରଣ । ବହୁଦିନ ପରେ ଗୋଟାଏ ଆଖି ନଷ୍ଟ କରି, ବିଛଣାରୁ ଉଠିଲେ ଦିବାକର । ମହାରାଜ କୋଳ କଲେ । ମୁଣ୍ଡରେ ପାଟ ସିରିପା ବାନ୍ଧି ଦେଲେ, ସେହେଲେ ଦେହ ରକ୍ଷୀ । ସେଇ ଦିନଠାରୁ ଦିବାକର ହେଲେ:- **"ଏକ ଆଖିଆ ଦିବାକର"।**

●●●

Digitized by srujanika@gmail.com

ରଜାଙ୍କର ଦେହରକ୍ଷୀ

ପୁଅର ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ ଅଭିରାମବାବୁ, ପୁଅ ପାଇଁ ଦିନରାତି ବାହୁନିଲେ, ଖିଆ ପିଆ ଛାଡ଼ିଦେଲେ, ଧିରେ ଧିରେ କତରାଲଗା ହେଲେ ସଭା କାର୍ଯ୍ୟରେ ବାଧା ସୃଷ୍ଟି ହେଲା । ରାଜାଙ୍କ ସନ୍ତୁଷ୍ଟ ପାଇଁ, ରାଜ୍ୟବାସୀଙ୍କ ଜୀବନ ପାଇଁ, ପୁଅକୁ ବାଘ ମୁହଁକୁ ଠେଲିଦେଲେ, ଅଭିରାମ ବାବୁ । ତାଙ୍କର ଅବସ୍ଥା, ଦିନକୁ ଦିନ ଖରାପ ଆଡ଼କୁ ଗତିକଲା । ଦିନେ ଶୁଭ ସଂନ୍ଧ୍ୟାରେ ମହାରାଜ ଓ ସମସ୍ତ ପାତ୍ର ମନ୍ତ୍ରୀଙ୍କୁ ନମସ୍କାର କରି ଇହଧାମ ତ୍ୟାଗକଲେ ଅଭିରାମବାବୁ । ବଡ଼ପୁଅ ମୁଖା ଅଗ୍ନି ଦେଲେ । ରାଜାଙ୍କ ଆଦେଶରେ ବହୁ ଆଡ଼ମ୍ବରରେ ଅନ୍ତେଷ୍ଟିକ୍ରିୟା ସମାପ୍ତ ହେଲା । ଶୋଭାକରଣଙ୍କ ବିୟୋଗ ସମସ୍ତ ରାଜ୍ୟବାସୀଙ୍କୁ କଠୋର ଆଘାତ ଦେଲା । ଧିରେ ଧିରେ ଅବସ୍ଥା ଶାନ୍ତ ପଡ଼ିଲା । ଦଣ୍ଡଦେବୀଙ୍କ ଆଗରେ ମହାରାଜ ବରଣି କଲେ ଦିବାକରଙ୍କୁ ନିଜର ଦେହରକ୍ଷୀ ରୂପେ । ସେ କେବଳ ରାଜାଙ୍କର ଦେହରକ୍ଷୀ ନୁହେଁ, ରାଜ ପରିବାରର ଦେହରକ୍ଷୀ । ମହାରାଜାଙ୍କର ଅଗାଧ ବିଶ୍ୱାସ ଦିବାକରଙ୍କର ଉପରେ । ଗୋଟିଏ ଆଖି ନଷ୍ଟ ହେଲେ କଣହେବ, ଦିନକୁ ଦିନ ଜ୍ୟୋତି ତାଙ୍କର ବିକଶିତ ହେଲା । ମୁହଁର ସୌନ୍ଦର୍ଯ୍ୟ ବର୍ଦ୍ଧନ ପାଇଁ ଦିବାକରବାବୁ ବ୍ୟବହାର କଲେ ଏକ ମୂଲ୍ୟବାନ ସୁନା ଚଷମା । ସୁନା ଚଷମା ତାଙ୍କ ପୌରଷ୍ୟକୁ ଦୁଇଗୁଣ ବଢ଼େଇ ଦେଲା । ବାପା ନାହାନ୍ତି, ତାଙ୍କୁ ବାଧା ଦେବାକୁ, କିଏ ନାହାନ୍ତି- ଲଗାମ୍ଛଡ଼ା ହୋଇଗଲେ ଦିବାକର ବାବୁ । ସୁରାପାନ, ଗଞ୍ଜେଇ, ଗୁଲି, ଅଫିମ, ସିଗାରେଟ୍ ସବୁଥିରେ ଅଭ୍ୟସ୍ଥ ହୋଇଗଲେ ଧିରେ ଧିରେ, କାମନିଶା ତାଙ୍କୁ ପାଗଳ କଲା, ବହୁ ସୁନ୍ଦରୀ ପ୍ରେମିକାଙ୍କ ପ୍ରେମର ଶିକାର ହେଲେ ଦିବାକରବାବୁ । ରାଜପ୍ରସାଦ ଭିତରେ ତ ସୁନ୍ଦରୀ ତରୁଣୀ ଅଭାବ ନଥିଲେ । କାହାକୁ ଅସନ୍ତୁଷ୍ଟ କଲେନି । ଦୀର୍ଘ କୋଡ଼ିଏ ବର୍ଷ ଧରି ଯୌବନକୁ ତିଳ ତିଳ

Digitized by srujanika@gmail.com

କରି ଉପଭୋଗ କଲେ । ନୂଆ ରାଜା ସାହେବ, ବିବାହ ପାଇଁ ପାତ୍ରୀ ଠିକ୍‌କଲେ ମଧ୍ୟ, ବିବାହ ପାଇଁ ରାଜି ହେଲେନି ।

ଭଗବାନଙ୍କ ବିଚିତ୍ର ଏ ସୃଷ୍ଟି, ସବୁ ପୂର୍ଣ୍ଣତା ପରେ ମଧ୍ୟ, ମଣିଷ ଜୀବନରେ ଆସେ ସିଥିଳତା, ସେ ନିଜକୁ ମନେକରେ ନିଃସ୍ୱ, ସର୍ବହରା । ତାଙ୍କ ମନରେ ପରିବର୍ତ୍ତନ ଦେଖାଦେଲା, ସେ ନିଜକୁ ଜଣେ ସାଧୁ, ସଚ୍ଚୋଟ୍, ଚରିତ୍ରବାନ ମଣିଷ ହେବାକୁ ଚେଷ୍ଟା କଲେ, କାମନାର ନିଶା କମିଆସିଲା, କାଁ ଭାଁ ସୁରାପାନ କଲେ -ଗାଁର କଥା ମନେ ପଡ଼ିଲା, ମନେ ପଡ଼ିଲା ପିଲାଦିନ ସାଥି ମେଳରେ ପୁଅ । ଡ଼ାବୁଳ, ଡ଼ାଳମାଙ୍କୁଡ଼ି ଖେଳ । ରାଜାଙ୍କ ଆଦେଶରେ କିଛି ଦିନ ଛୁଟିନେଇ ଆସିଲେ ଗାଁକୁ । ଗାଁର ଘର ମାତ୍ର ଦୁଇ ବଖରା, ଆଗରେ ଅଗଣା, ପିଣ୍ଡି, ଧାନଜମି ଆଉ କିଛି ନାହିଁ । ଯାହା ଯାହା ଭଲଜମି ଭାଇମାନେ ଆବାଦି କରି ଖାଉଛନ୍ତି । ଦିବାକର ବାବୁଙ୍କ ଭାଗଜମି ସବୁ ବାଲିଚର - ବୈତରଣୀ ନଦୀରେ କରାଳବନ୍ୟା -ସବୁ ବାଲିଚର- ଜମି ଉପରେ ଦଶ, ପନ୍ଦର ଫୁଟର ବାଲି । ବାପା ଥିଲାବେଳେ, ଭାଇମାନେ ସାନଭାଇକୁ ଭିନ୍ନ କରି ଦେଇଥିଲେ । ଘର ଖୋଲି ବସିଲେ ସେ ଗାଁ ସାଙ୍ଗ ପିଲା ଆସିଲେ, ସମସ୍ତେ ପ୍ରାୟ ଘରସଂସାର କରି ପାଞ୍ଚ ଛଅଟା ଛୁଆର ବାପା । ଦିବାକର ବାବୁ ଦେଖିଲେ ଭାଇମାନଙ୍କର କେତେ କେତେ ଛୁଆ । ବଡ଼ ଭାଇଙ୍କର ଚାରିଟା ଝିଅ ବାହା ହେଲେଣି । ବଡ଼ ଭାଇ ନାତି ନାତୁଣୀ ଦେଖିଲେଣି । ଭାଉଜମାନେ କବାଟ କଣରେ ଲୁଚି ଏକ ଆଖିଆ ଦିବାକରକୁ ଦେଖିଲେ ।

ଦିବାକର ଚିନ୍ତାମଗ୍ନ, ମନରେ ଅସରନ୍ତି ଭାବନା । ଗାଁର ତାଙ୍କ ବୟସର ସବୁ ସାଙ୍ଗ ମାନଙ୍କୁ ଡ଼ାକି ଭୋଜି କରାଇଲେ । ବଡ଼ଭାଇ ମାନଙ୍କର ଛୁଆମାନଙ୍କୁ ଡ଼ାକିଲେ । ଚାରି ପାଞ୍ଚଟା ଖାସି କଟାଗଲା । ରାତି ସାରା ଭୋଜି, ଖିଆପିଆ ଚାଲିଲା । ବଡ଼ଭାଇଙ୍କର ପୁଅର ପୁଅକୁ ଦେଖି, କୋଳରେ ଧରି ଭୋ, ଭୋ କରି କାନ୍ଦି ପକାଇଲେ । ପାଖ ଗାଁ ମାନଙ୍କରୁ ଲୋକମାନେ ଛୁଟିଲେ ଦେଖିବାକୁ କାମଦେବରୂପୀ ଏକ ଆଖିଆ ଦିବାକରକୁ ।

ପାଗଳପରି ଦିବାକର ପ୍ରଳାପ କରି କହିଲେ "ବିବାହ କରିବେ, ଘରସଂସାର କରିବେ । କୁନି କୁନି ପୁଅଝିଅର ବାପା ହେବେ । ରାଜାଙ୍କ ପାଖ ଚାକିରି ଛାଡ଼ିଦେଇ ଦୁଃଖ କଷ୍ଟ କରି ନିଜର ଗୁଜୁରାଣ ମେଣ୍ଟାଇବେ" । ହେଲେ ତାଙ୍କୁ ଏ ବୟସରେ କନିଆଁ ମିଳିବ କେଉଁଠୁ, ଚରିତ୍ରହୀନା, ବୈଶ୍ୟା, ବାରଙ୍ଗାନାକୁ ବିବାହ କରିବାକୁ ଚାହିଁଲେନି । ତାଙ୍କର ଦରକାର ଏକ ସରଳ, ସୁନ୍ଦର, ଚରିତ୍ରବତୀ, ମଫସଲିଝିଅ- ଯେ ଦିବାକର ବାବୁଙ୍କର ସମସ୍ତ ଦୋଷ ଦୁର୍ବଳତାକୁ କ୍ଷମାଦେବ, ଯେ ତାଙ୍କୁ ଦେବତାଭାବି ସବୁଦିନ ପୂଜା କରିବ ।

ଗଡ଼କୁ ଫେରିଗଲେ ଦିବାକରବାବୁ, ଦେଖାକଲେ ତାଙ୍କର ଅତି ଅନ୍ତରଙ୍ଗ ବନ୍ଧୁ, ଜୀବନର ସର୍ବସ୍ୱ, ଦୀର୍ଘ କୋଡ଼ିଏ ବର୍ଷର ସାଥି, ଯଯାତିବାବୁଙ୍କ, (ଯଯାତିକୃଷ୍ଣ ପଟ୍ଟନାୟକ)ଙ୍କୁ, ମହାରାଜାଙ୍କର ଏକ ବିଶ୍ୱସ୍ତ ଡକର୍ମଚାରୀ, ଘର, ଜାଜପୁର ସବ୍‌ଡ଼ିଭିଜନାଲ ଦେନାପୁର ଗ୍ରାମରେ । ଗାଁରେ ଅଚଳାଚଳ ସମ୍ପତ୍ତି । ବାପା ତାଙ୍କର ଥିଲେ ଛୋଟ-ଜାଟିଆ ଜମିଦାର ଯଯାତିବାବୁଙ୍କ ବାପା ଦୁଇଥର ବେଦୀରେ ବସିଥିଲେ - ପ୍ରଥମ ସ୍ତ୍ରୀଙ୍କୁ ଦ୍ୱିତୀୟ ଥର

Digitized by srujanika@gmail.com

ବିଭାଘର ହିନ୍ଦୁ ଧର୍ମର ନିୟମ, ଅଠରଟି ସନ୍ତାନର ଜନକ, ଜନନୀ ହେଲେ, ଦ୍ୱିତୀୟ ଥର ବିବାହ ହୁଏ ବାପା ମା'ଙ୍କର । ଯୟୀବାବୁଙ୍କର ୧୬ଜଣ ଭାଇଭଉଣୀ, ଯୟୀବାବୁ ବାପାଙ୍କର ବଡ଼ପୁଅ, ତିନି, ଚାରିଜଣ ଭାଇଭଉଣୀ, ଷୋହଳ, ସତର ବୟସରେ ମରିଯାଇଥାନ୍ତି - ଦୁଇଜଣ ଭାଇ ସନ୍ୟାସୀ, ଜଣେ ହର ଦ୍ୱାରରେ, ଜଣେ କାଶୀରେ - ଚାରି ପାଞ୍ଚଜଣ ବିବାହିତ, ବିବାହ ଯୋଗ୍ୟ ଥାଆନ୍ତି ଆଉ ଚାରିଜଣଝିଅ, ଯୟୀବାବୁଙ୍କର ତିନୋଟି ଝିଅ, ସ୍ତ୍ରୀ, ଦିବାକର ବାବୁଙ୍କୁ ଜାଣନ୍ତି । ଭାଇ ଭଉଣୀଙ୍କ ସ୍ନେହ ଶ୍ରଦ୍ଧା ଦେଖି ବହୁତ ଖୁସି ହୁଅନ୍ତି ଦିବାକରବାବୁ ।

ସଂଗାତଙ୍କୁ ମନର ଦୁଃଖ ଜଣାଇଲେ ଭଲ ମଣିଷ ହେବେ, ବିବାହ କରି କୁନି କୁନି ପୁଅଝିଅଙ୍କର ବାପାହେବେ । ରାଜାଙ୍କ ଗୋଲାମି ଚାକିରି ଛାଡ଼ିଦେଇ ଗାଁରେ ରହିବେ - ମନରେ ତାଙ୍କର ଅନେକ ଦୁଃଖ । ଏ ପାପ ପଙ୍କିଳ ଦୁନିଆରୁ ନିଜକୁ ଦୂରେଇ ଦେବାକୁ ଚାହାନ୍ତି । ଯୟୀବାବୁ ସବୁ ବୁଝୀଲେ - ଦିବାକରବାବୁଙ୍କୁ ସାନ୍ତ୍ୱନା ଦେଲେ, ''ଠିକ୍ ଅଛି ଭଲଝିଅଟିଏ ତୁମ ପାଇଁ ଠିକ୍ କରିବା । ହସି ହସି ଦିବାକରବାବୁ କହିଲେ, ହଁ ଭଲ ଝିଅ, ଯେ ମୋର ସେବାକରିବ, ଯେ ମୋର ଜୀବନର ଶେଷଯାଏ ସହଚରି ହେବ । ସେମିତି ଗୁଣବତୀ, ଚରିତ୍ରବତୀ ସ୍ତ୍ରୀଟିଏ ମୋର ଦରକାର'' ।

କିଛୁଦିନ ପରେ, ମହାରାଜାଙ୍କ ଠାରୁ ଛୁଟିନେଇ ଦୁଇ ସଂଗାତ ବାହାରିଲେ ତିର୍ଥାଟନ କରି । ଭୁବନେଶ୍ୱରରେ ଲିଙ୍ଗରାଜଙ୍କୁ ଦର୍ଶନ ପରେ - ସାକ୍ଷୀ ଗୋପାଳରେ, ସାକ୍ଷୀ ଗୋପାଳଙ୍କୁ, ତାପରେ ପହଞ୍ଚିଲେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ, ତାପରେ ପୁରୀ, ଜଗନ୍ନାଥ ଧାମ, ପୁରୀରେ ସମସ୍ତ ଦେବଦେବୀଙ୍କୁ ଦର୍ଶନ କରି - ପହଞ୍ଚିଲେ ଜଗନ୍ନାଥଙ୍କ ସିଂହ ଦୁଆରରେ ଅରୁଣ ସ୍ତମ୍ଭ ଓ ବାଇଶିପାହାଚ, ତାପରେ, ପ୍ରତ୍ୟକ୍ଷ ଦର୍ଶନ ଜଗନ୍ନାଥ ଚକା ଡ଼ୋଳାଙ୍କୁ, ଶ୍ରେଷ୍ଠ ପୂଜକ ମାଧ୍ୟମରେ । ''କ୍ଷମାକର ପ୍ରଭୁ, ମୋତେ ଭଲବାଟ ଦେଖାଅ, ମୁଁ ଭଲ ମଣିଷ ହୁଏ, ମୋ ଦେହରୁ ସମସ୍ତ ପାପ କଳଙ୍କ ଧୋଇଦିଅ ମହାବାହୁ'' ।

ହଠାତ୍ ଯୟୀ ସଂଗାତଙ୍କ ହାତ ଜଗନ୍ନାଥଙ୍କ ମୁଣ୍ଡରେ ରଖି ଶପଥ କରିବାକୁ ଅନୁରୋଧ କଲେ, ପରିସ୍ଥିତି ଏପରି ଆସିବ ବୋଲି ଆଶା କରି ନ ଥିଲେ ପ୍ରିୟ ବନ୍ଧୁ, ସଂଗାତଙ୍କ କଥା ଭାଙ୍ଗି ପାରିଲେ ନାହିଁ- ତ୍ରିବାର ଶପଥ କଲେ, ପୂଜକ ମହାପ୍ରଭୁଙ୍କୁ ସାକ୍ଷୀରଖି ଜଗନ୍ନାଥଙ୍କୁ ଛୁଇଁ ।

ଦିବାକର ବାବୁ କହିଲେ; ତୁମର ତ ଅନେକ ବିବାହ ଯୋଗ୍ୟା ଭଉଣୀ, ଗୋଟିକୁ ମୋ ହାତରେ ଅର୍ପଣ କର - ସଂଗାତେ, ତୁମେ ସତ୍ୟବଦ୍ଧ !! ଯୟୀବାବୁଙ୍କ ମୁଣ୍ଡରେ ବଜ୍ରପାତ ହେଲା, ଦେହ ତାଙ୍କର ଥରି ଉଠିଲା । ଚେତା ହରାଇ ବସିଲେ, ପୂଜକ ସେବା କରି ବସାଇଲେ, ଯୟୀବାବୁଙ୍କୁ କହିଲେ, କଣ ଭାବୁଛନ୍ତି, ଚକାଡୋଳାଙ୍କୁ ସାକ୍ଷୀରଖି ଶପଥ କରିଛ, ସତ୍ୟ ଭଙ୍ଗ ହୁଅନା, - ଏପରି ଗୋଟାଏ ସତ୍ୟ ଶପଥ କରିବାକୁ ସଂଗାତ ଯେ ତାଙ୍କୁ ପୁରୀ ଜଗନ୍ନାଥଙ୍କ ପାଖକୁ ଆଣିଛନ୍ତି- ଏକଥା ବିଶ୍ୱାସ କରିପାରିଲେ ନାହିଁ, ଯୟୀବାବୁ ।

Digitized by srujanika@gmail.com

ସେ ନିରବ, କି କର୍ତ୍ତବ୍ୟ ବିମୂଢ଼, କଣ ବା କରିବେ - ବାପା ପ୍ରବଳ ପ୍ରତାପି, ଦିବାକରଙ୍କ ଗୁଣଗାରିମା, ଚରିତ୍ର ସବୁ ତାଙ୍କୁ ଜଣା, ସେ ରାଜିହେବେତ - ଜଣେ ଚରିତ୍ରହୀନ ମଦ୍ୟପି - ଏକ ଆଖିଆକୁ ନିଜରଝିଅ ସଂପ୍ରଦାନ କରିବାକୁ - ମୂକ ପାଲଟିଗଲେ ଯୟୀବାବୁ । ରାଜବାଟୀ ନଫେରି ଚାଲିଲେ ଢେଙ୍କାପୁର ।

ଦୁଇ ସଂଗାତକୁ ବହୁ ଦିନପରେ ଦେଖି ଘରେ ବାପା, ମା, ଭାଇ, ଭଉଣୀ, ଛୁଆ ପିଲାଙ୍କର ଆନନ୍ଦର ସୀମା ରହିଲା ନାହିଁ - ଦୁଇଦିନ ଆନନ୍ଦରେ କଟିଗଲା । ବାପା, ବଡ଼ପୁଅ ପାଖରୁ ସବୁ ଶୁଣିଲେ, ଭୀମଗର୍ଜନ କରି ଚିତ୍କାର କଲେ - "ବାହାର ବାହାର୍ ଘରୁ, ତୁ ମୋର ପୁଅ ନୁହେଁ । ତୁ ତୋର ଭଉଣୀକୁ ଦିବାକର ପରି ଜଣେ ଅପଦାର୍ଥ ହାତରେ ଟେକି ଦେବାକୁ ଚାହୁଁ । ଏ କଦାପି ସମ୍ଭବ ନୁହେଁ । ତୁ ପଛେ ସତ୍ୟଭଙ୍ଗ ଅପରାଧରେ ଦୋଷି ହ । ମୋ ଝିଅକୁ ବିଷଦେଇ ମାରିଦେବି ହେଲେ ଦିବାକରକୁ ଦେବିନି" ।। ଘରେ କାନ୍ଦ ବୋବାଳି, ଦିବାକର ବାବୁ ଭାବି ଶ୍ୱଶୁରଙ୍କ ପାଦଧରି ଦୁଇଦିନଧରି ଅନଶନ କଲେ । ଆଖିରୁ ଲୁହର ଧାର ଛୁଟିଲା । କାନ୍ଦି କାନ୍ଦି କହିଲେ "ମୁଁ ମଣିଷ ହେବି; ଆପଣଙ୍କ ଝିଅକୁ ରାଜାରାଣୀ କରି ରଖିବି । ମୋ ଦେହର ସମସ୍ତ କଳଙ୍କ ଚକାଡୋଳାଙ୍କ ଦର୍ଶନରେ ଧୋଇ ହୋଇ ଯାଇଛି, ବାପା, ମୋତେ କ୍ଷମାକର । ଶ୍ୱଶୁର ଶେଷରେ ନିଷ୍ପତି କଲେ - ଠିକ୍ ଅଛି । ମୋର ଲକ୍ଷ୍ମୀ, ସରସ୍ୱତୀ ପରେ ବାହାହେବେ, ପାରଛିକୁ ଦିବାକରକୁ ଦିଆଯାଉ - ଚିଇଁକି ଉଠିଲେ ଦିବାକର ବାବୁ "କଣ କହିଲେ ମୁଁ ପାରାଟିଏ ବାହାହେବି "। - ଗର୍ଜନ ଶୁଭିଲା - ହଁ ହଁ ପାରା, ମୋର ଅଷ୍ଟମ କନ୍ୟାରତ୍ନ ପାର୍ବତୀ - ଡାକ ନାଁ ତାର ପାରା ।

ବହୁ ଆନନ୍ଦରେ ଦୁଇ ସଂଗାତ ରାଜବାଟୀକୁ ଫେରିଲେ, ରାଜା ସାହେବଙ୍କୁ ବିନୀତ କରି ରାଜ ଚାକିରିରୁ ଅବ୍ୟାହତ ନେଲେ ଦିବାକର ବାବୁ । ରାଜାଙ୍କଠାରୁ ସାମାନ୍ୟ ଉପଢୌକନ ନେଇ ବିଦାୟନେଲେ ରାଜବାଟୀରୁ, ରାଜବାଟୀରେ କାନ୍ଦର ରୋଳ ଉଠିଲା । ଦିବାକରବାବୁଙ୍କ ବିଦାୟ ସମସ୍ତଙ୍କୁ ମର୍ମାହତ କରିଦେଲା । ଷୋଳସହସ୍ର ଗୋପନାରୀ, କଳାକାହ୍ନୁ ଗୋପପୁର ଛାଡ଼ି ମଥୁରା ଗଲାବେଳେ, କାନ୍ଦିଲା ପରି, ରାଜ ପ୍ରାସାଦରେ ଆବାଳ-ବୃଦ୍ଧ-ବନିତା ଲୋତକ ଧାରରେ ରାଜବାଟୀ ଭସାଇଦେଲେ । କିଏ, କିଏ, କହି ଉଠିଲେ । କଳାକାହ୍ନୁ ଗୋପଛାଡି, ମଥୁରାକୁ ଗଲା - ଗଲା ପୁତ ବାହୁଡି ନଇଲା - ଲୋ ଜୋଇଲି ।

ସଂଗାତ, ସହ କଥାବାର୍ତ୍ତା କରି ବିଭାଘରର ଶୁଭଦିନ ଠିକ୍ ହେଲା - ଦିବାକରବାବୁ ଫେରି ଆସିଲେ ଖପରାଖାଇ; ଖାଲି ଗୋଟାଏ ଚିନ୍ତା ଭାବନା - ସତରେ ପାର୍ବତୀ କଣ ତାଙ୍କୁ ଆଦର କରିବ; ଲକ୍ଷେ ତପ କରି ସେ ଭୋଳାନାଥ ଶିବଙ୍କୁ ପାଇଥାନ୍ତା - ପାଇଲା - ସୂର୍ଯ୍ୟଦେବ ଦିବାକରକୁ । ହେଲେ ଦିବାକର ଯେ ଅଭିଶାପଗ୍ରସ୍ତ, କଳୁଷିତ - ସବୁ ଶୋଚନା ମନରୁ ପୋଛି ଦେଇ, ଅପେକ୍ଷାକଲେ ପ୍ରଥମ ମଧୁଶଯ୍ୟା ରାତିକୁ ।

◆◆◆

Digitized by srujanika@gmail.com

ଦିବାକରଙ୍କ ପ୍ରଥମ ବାସର ରାତି

ବାସରରାତି, ତାର ମହତ୍ତ୍ୱ ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆଜି ଉଶୃଙ୍ଖଳ ଯୁବ ସମାଜ ଜାଣେନି, ବାସର ରାତିର ଶୁଭ ଉଦ୍ଦେଶ୍ୟ, ବହୁ ଅଶ୍ଳୀଳ, କାମନାର ପ୍ରତୀକ ବୋଲି ଅନେକଙ୍କର ଭ୍ରମ ଧାରଣା - ବାସର ରାତିର ମାନେ ନୁହେଁ - ଯୁବକ, ଯୁବତୀଙ୍କର କାମନା, ତୃଷ୍ଣା ଦୂର କରିବା, ଏ ସ୍ୱାମୀ, ସ୍ତ୍ରୀଙ୍କର ଦେହର ମିଳନ - ମନର ମିଳନ - ଆତ୍ମାର ମିଳନ ବାସର ପ୍ରଦୀପକୁ ସାକ୍ଷୀ ରଖି ସ୍ୱାମୀ, ସ୍ତ୍ରୀ ପରସ୍ପରକୁ ଆଜିବନ ସାଥି ରୂପେ ଧରିନିଅନ୍ତି ।

ଦିବାକରବାବୁ ଙ୍କ ଜୀବନରେ କେତେ କେତେ କାମ ପିପାସର ରାତି ବିତି ଯାଇଛି, ସେ ରାତି ମାନଙ୍କର ଗୁରୁତ୍ୱ ତାଙ୍କ ପାଖରେ - ନୂତନତ୍ୱ ନୁହେଁ । ଆଜି ସେ ଚାତକ ପରି ବସିଛନ୍ତି, ତାଙ୍କ ଜୀବନର ପ୍ରଥମ ବାସର ରାତିକୁ । ଲୋକଡକାଇ ଭଙ୍ଗା ଘରକୁ ତିଆରି କରିବାରେ ବ୍ୟସ୍ତ, ଆଟୁ ଘର ଦୁଇ ବଖରା, ଲଗାରେ ରୁଷେଇ ଘର - ଆଉ ବାରଣ୍ଡା ଓ ଅଗଣା ପୁରୁଣା ଘରଟିକୁ - ନୂଆରୂପ ଦେବାକୁ ଚାହାନ୍ତି - ଚୂନ ସଫେଇ କରି ।

ବଡ଼ ଏକ ଜିଦିଆ, ଏକ ସିଂଘିଆ ପ୍ରକୃତିର ଲୋକ ଦିବାକର ବାବୁ, ଯେଉଁଭାଇମାନେ ତାକୁ ଛୁଆଦିନରୁ ଭଲ ପାଆନ୍ତି ନାହିଁ, ଯେଉଁ ଆତ୍ମୀୟମାନେ ତାକୁ ଛୁଆ ଦିନରୁ ଭିନ୍ନେ କରି ସୁଖରେ ଘର ସଂସାର କରୁଛନ୍ତି, ତାଙ୍କର କେବେ ଦୟାର ପାତ୍ର ହେବାକୁ ଚାହାନ୍ତି ନାହିଁ । ହେଲେ ସେମାନେ ତାଙ୍କର ଶତ୍ରୁ ନୁହନ୍ତି; ବସନ୍ତି, ଗପ କରନ୍ତି, ପରାମର୍ଶ ମାଗନ୍ତି, ମାତ୍ର ଆର୍ଥିକ ସାହାଯ୍ୟ ନୁହେଁ- ସେ ତାଙ୍କର ନିଜର ପଇସାରେ ନିଜର ଗୁଜୁରାଣ ମେଣ୍ଟାଇବାକୁ ଚାହାନ୍ତି । ଚାରିଆଡ଼େ ଗୁଆ, ଚାଉଳ ଗଲା ବହୁ ପ୍ରିୟାପ୍ରୀତି, ବନ୍ଧୁ, ଆତ୍ମୀୟ, ନିମନ୍ତ୍ରଣ ହୋଇ ଆସିଲେ, ଭାଉଜମାନେ ମଙ୍ଗଳ ହାଣ୍ଡି ବସାଇ ଦିବାକରକୁ ମଙ୍ଗୁଳୀ କଲେ,

Digitized by srujanika@gmail.com

ବରଧରା ବେଶରେ ଆସିଥିଲେ, ପାର୍ବତୀଙ୍କ ସବା ସାନଭାଇ । ବରଯାତ୍ରୀ ଯିବାପାଇଁ ଭୋଜି- ପୁରୀ, ତରକାରୀ ତିରିଶିଟା ବଡ଼ ଖାସୀ ମାଂସ, ଆନନ୍ଦରେ ମାଂସ ତରକାରୀ ଖାଇଲେ, ବରଯାତ୍ରୀ । ପାଲିଙ୍କିରେ ବସି , ବର ବେଶରେ ବାହାରିଲେ ଦିବାକର ବାବୁ, ଗାଁ ମାଇପେ ଶଙ୍ଖ ହୁଳହୁଳି ଦେଲେ । କୋଉଠି ଥିଲେ ଗୋଉରାର ଗୋସେଇଁ ମା, ବୁଢ଼ି ଭାରି ରସିକିଆ, ପାଟିରେ ପାନ ମେଞ୍ଚାଏ ପୁରାଇ, ଦିବାକରଙ୍କୁ ଚୁମା ଦେଲେ । ମୋ ଗେହ୍ଲା ଦିଅର ବୁଢ଼ା ବୟସରେ ବାହାହେଉଛି, କ'ଣ ଦିଶୁଛିରେ ବାବା, ବୟସ ହେଲେ କଣ ହେବ ରୂପ ଚହଟୁଛି । ଗୋରାତକ ତକ ଚେହେରାକୁ ଚନ୍ଦନ, ସିନ୍ଦୁର, ମୁଣ୍ଡର ବହୁ ମୂଲ୍ୟବାନ ପାଟକନାର ପଗଡ଼ି- କିଏ କହିବ ମୋ ଦିଅର ବୁଢ଼ା ବୋଲି- ଚତୁରାର ଗୋସିମା ତାଙ୍କ କଥାରେ ମାଡ଼ିବସି କହିଲେ, ଜିଭ ଗଣି ଆଣିବିନି - ଦିଅରକୁ ସଜାଇଲା ପରେ ପଚିଶି ବର୍ଷ ଛଓ୍ୱାନ ଟୋକା ପରି ଦିଶୁଛି । ହାତରେ ଖିଲିକାତି, ନଡ଼ିଆ, ବ୍ରହ୍ମ । ପୁରୋହିତ, ବାରିକ ସମସ୍ତଙ୍କୁ ନେଇ ତିନିଶହ, ଚାରିଶହ ବରଯାତ୍ରୀ । ଗାଡ଼ିର ସୁବିଧା ନଥାଏ । କିଏ କିଏ ଗାଈଖିଆ ଲୋକ ପଥରବୁହା ପୁରୁଣା ଟ୍ରକ୍ ଅଟକାଇ ଡୋଳିପୁର ତକ ଗଲେ, ଅନ୍ୟମାନେ ଚାଲିଚାଲି । ଆଗରେ ପାଲିଙ୍କି, ଶଙ୍ଖ, ମହୁରିଆ, ବାଜାବାଲା, ପଛରେ ବରଯାତ୍ରୀ, ପୁରା ଦୁଇଦିନ ଲାଗିଲା । ବର ବିଜେ କଲେ ଜେନାପୁର୍ ବାଟ ବରଣୀ ହେଲା- ବେଦୀରେ ବର କନ୍ୟା ବସିଲେ, ବ୍ରାହ୍ମଣ ମନ୍ତ୍ରପାଠ କଲେ । ଯଥା ରାବଣସ୍ୟ- ମନ୍ଦୋଦରୀଃ, ଯଥା ନଳସ୍ୟଃ- ଦମୟନ୍ତୀଃ ଯଥା, ଦିବାକରସ୍ୟଃ- ପାର୍ବତୀଃ ।

ବରଯାତ୍ରୀମାନେ ଭୁରି ଭୋଜନ କରି ନିଜ ନିଜ ରାସ୍ତା ଦେଖିଲେ - ରହିଗଲେ ମାତ୍ର କେତେଜଣ ଆତ୍ମୀୟ ଓ ଅନ୍ତରଙ୍ଗ ବନ୍ଧୁ । ସେ ସମୟତ ଆଉ ଆଜିର ବେଳ ନୁହେଁ । ବିବାହର ମହତ୍ତ୍ୱ ଥିଲା ଅତି ପବିତ୍ର - କେବଳ ବର ପ୍ରଥମ ଥର ପାଇଁ କନ୍ୟା ମୁହଁରୁ ଓଢ଼ଣୀ ଖୋଲିବ, ବାସର ରାତିରେ- ଆଗରୁ ନୁହେଁ, କନ୍ୟାକୁ କେହି ଦେଖିପାରିଲେ ନାହିଁ । କନ୍ୟାବିଦା - ଘର ଭିତରୁ କାନ୍ଦର ରାହା ଉଠିଲା, କନ୍ୟା ଘନଘନ ଚେତାଶୂନ୍ୟ- ସୁଆରିରେ ବସିଲେ ପାର୍ବତୀ ଓ ପାଲିଙ୍କିରେ ଦିବାକର । ଭାଇ ବନ୍ଧୁ କୁଟୁମ୍ବ ଲୋକେ କେତେ, ଅଧାବାଟ ଗଲେ ବାଟୋଇ ଦେବାକୁ ।

ଦୁଇଦିନ ପରେ ଦିବାକର- ପାର୍ବତୀଙ୍କୁ ଧରି ପହଞ୍ଚିଲେ ଖପରାଖାଇରେ, ଭାଉଜମାନେ ନୂଆଲୁଗା ଓଲିଟୋଳେ ବାନ୍ଧିଲେ, ଲୁଗା ତଳେ ତଳେ ବରକନ୍ୟା ଘର ଭିତରକୁ ପଶିଲେ- କୋଉଠିଥିଲା ସେ ଚେମିବୁଢ଼ି ପାଗେଲି କେଜାଣି- ପାକୁଆ ପାଟିରେ ହୁଳହୁଳି ଦେଇ, ହାତେ ଓଢ଼ଣା ଦେଇ କହିଲା, ଧିରେ ଧିରେ - ହାଉଲେ, ହାଉଲେ, ଏତେ ଢେଙ୍ଗା ମଣିଷକୁ ଚାରିଫୁଟର ତିରିଲା, ମୁଣ୍ଡ ତଳକୁ କରି ଯାଅ ପୁଅ, ଓଳି ବାଜିବ, ଅଶୁଭ ହେବ କଥାରେ କହନ୍ତିନି- ଘରେ ନପଶୁଣୁ ମୁଣ୍ଡରେ ଟାଳ- ହସି ଉଠିଲେ ସମସ୍ତେ । ଥଗା,

Digitized by srujanika@gmail.com

ତାମସାରେ ଭାଉଜ ଓ ଭଉଣୀମାନେ ଯୋଉ କଉଡ଼ି ଖେଳାଇଲେ - ବନ୍ଦାପନା ସରିଲା । ଗାଁଲୋକେ ବିଦାହେଲେ, ଶୋଭାକରଣ ବଂଶରେ କୋଳାହଳ ବନ୍ଦ ହେଲା ।

ମଧୁସଜ୍ୟାଘର, ବାସରରାତି, ନୂଆ ପଲଙ୍ଗ ପଡ଼ି ଅତି ସୁନ୍ଦର ଭାବେ ସଜା ହୋଇଥାଏ ବାସର ସଜ୍ୟା, ରାତି ୧୨ଟା - ଏକା ଏକା ତକିଆକୁ ଜାକି ପଲଙ୍କରେ ଗଡ଼ପଡ଼ ହେଉଛନ୍ତି ଦିବାକର ବାବୁ । ରାଜାଙ୍କ ଘରୁ ବହୁ ପୁରୁଣା କାଳିଆ କାଷ୍ଠ ଘଡ଼ିଟିଏ ଉପହାର ପାଇଥାନ୍ତି । ଦେଖିଲେ ରାତି ବାରଟା, ଏଯାଏ କନ୍ୟାର ଦେଖା ନାହିଁ- ଭାଉଜ ଆସିଲେ- ହୋମ ନଡ଼ିଆ ରଖିଲେ, ଘିଅ ଦୀପ ଜାଳିଦେଲେ- ହସି ହସି କହିଲେ - ଜାକୁରିଆ ହେବନି, ତାକୁ ଶିଖାଇଛୁ, ସେ ଗୋଡ଼ତଳେ ପଡ଼ି ଦଣ୍ଡବତ କରିବ । ତୁମେ ଘିଅ ଦୀପକୁ ସାକ୍ଷୀରଖି ହୋମ ନଡ଼ିଆ ଖୁଆଇବ ? ତୁମେ ବି ଖାଇବ - ତାପରେ - ତାପରେ - ରସକେଳି । ତୁମେତ ପୁରୁଣା ମୂଷା- ଶିଖାଇବି କଣ - ସବୁଥିରେ ଧୁରନ୍ଧର । ଛି ଛି ଭାଉଜ ସେକଥା ଆଉ ମନେ ପକାଅନି । ମୁଁ ସବୁ ଭୁଲି ଯାଇଛି । ଏ ପରା ମୋର ପ୍ରଥମ ବାସର ରାତି । ଭାଉଜ ଗାଲିଗଲେ, ପୁଣି, ଘଣ୍ଟେ ଦିଘଣ୍ଟା ଗଲା ପାର୍ବତୀ ଆସିଲେ ନାହିଁ । ମନେ ମନେ ବହୁତ ରାଗ ଭାଉଜଙ୍କ ଉପରେ- ରାତି ସରିବାକୁ ବସିଲାଣି- ବୋହୂକୁ ଆଣୁ ନାହାନ୍ତି । ହଠାତ୍ ଶୁଣିଲେ - ଠେଲା ଠେଲି - ଟଣା, ଓଟରା ଶବ୍ଦ - ଭିତରୁ କବାଟ ବନ୍ଦ ହେଲେ, ବାହାର ଝିଞ୍ଜିର ଖୋଲିବ । ଭାଉଜ, ବଡ଼ ଭାଉଜଙ୍କ ଆଦେଶ ମାନିବାକୁ ବାଧ । ଭିତରୁ କବାଟ ବନ୍ଦ କଲେ ଦିବାକରବାବୁ । ବାହାରୁ ଝିଞ୍ଜିର ଦେବା ଝୁଣ୍ ଝୁଣ୍ ଶବ୍ଦ - ନିରବ ସବୁ ଚୁପ୍‌ଚୁପ୍ । ମୁଣ୍ଡରୁ ଗୋଡ଼ ଯାଏ ଉଢ଼ଣୀ ଦେଇ ଠିଆ ହୋଇଛନ୍ତି ପାର୍ବତୀ, ଦିବାକର କହିଲେ । ଆଉ ଡେରି କାହିଁକି ? ଅଭିନୟ ଆରମ୍ଭ କର, ଏ ରାତି ଜୀବନରେ ଥରେ ଆସେ, ରାତି ପାହିଯିବ ଯେ । ପାର୍ବତୀ ଗୋଡ଼ତଳେ ମୁଣ୍ଡିଆ ମାରିଲେ ବାସର ଦୀପକୁ ଜୁହାର ହୋଇ ବାସର ହୋମ ନଡ଼ିଆ ସ୍ୱାମୀଙ୍କ ପାଟିରେ ଦେଲେ । ଦିବାକରବାବୁ ଓଢ଼ଣି ଭିତରେ ହାତ ପୁରାଇ, ପାଟିରେ ଦେଲେ ନଡ଼ିଆ, ତାପରେ ଧିରେ ଧିରେ ଉଢ଼ଣୀ ଟେକିଦେଲେ ଦିବାକରବାବୁ । ଆଶ୍ଚର୍ଯ୍ୟ ହୋଇଗଲେ, ଚିତ୍କାର କଲେ, ପାଗଳ ପରି ଘର ଭିତରେ ଘୁରି ବୁଲିଲେ । କିଏ ? କିଏ ତୁମେ ? ମା କାତ୍ୟାନୀ, ଭୈରବୀ, ମା କାଳିକା, ଖଡ୍ଗ ଧରି ପାପୀ ମହିସାସୁରକୁ ବଦ୍ଧ କରିବାକୁ ଆସିନାହଁତ ? ଖା, ଖା, ମୋତେ । ଏ ରୂପରେ ସେ କେବେ କଳ୍ପନା କରିନଥିଲେ । ତ୍ରିପଣ୍ଡ କଳା ମୁହଁରେ ପଦାକୁ ଚାରି-ପାଞ୍ଚଟି ଦାନ୍ତ - ଅତି କଦର୍ଯ୍ୟ କଦାକାର ଚେହେରା । ଯାଅ ଚାଲିଯାଅ ଦୂର୍ ହୋଇଯାଅ, ବାପା ତୋର ମୋତେ ଠକେଇଲେ, ବନ୍ଧୁ ଯଯାତିବାବୁ ପ୍ରତାରଣା କଲେ, ନିଜ ଭଉଣୀକୁ ଦେବେ ବୋଲି କହି ବାଟରୁ ସାଙ୍ଗଟି ଆଣି କୋଉ ବାଉରାଣୀ, କଣ୍ଡରାଣୀକୁ ମୋ ବେକରେ ବାନ୍ଧିଦେଲେ । ତୁମକୁ ବିବାହ କରି ଘର ସଂସାର କରିବା ଅପେକ୍ଷା ସନ୍ୟାସ ବ୍ରତ ନେଇ ହରଦ୍ୱାରରେ ରହିବା ଭଲ । ମୋର

Digitized by srujanika@gmail.com

ସ୍ତ୍ରୀ ଦରକାର ନାହିଁ, ଘର ସଂସାର ଦରକାର ନାହିଁ, ତୁମେ ଫେରିଯାଅ, ତୁମର ବାପଘରକୁ । ତୁମେ ଅକ୍ଷତ କନ୍ୟା- କେବଳ ବିବାହ ଛଡ଼ା ଆଉ ମୋ ସହିତ ତୁମର କୌଣସି ସମ୍ପର୍କ ନାହିଁ । ତୁମେ ଷୋଡ଼ଶୀ ତରୁଣୀ, ତୁମ ବଡ଼ ଭଉଣୀ ମାନଙ୍କ ବିଭା ଘର ପରେ ବାହାହେବ । ତୁମେ ଭୁଲିଯାଅ ତୁମ ସ୍ୱାମୀକୁ, ମୁଁ ଚାଲିଲି ଋଷିକେଶ୍ ।

ପାଦତଳେ ଗୋଡ଼କୁ ଜାବୁଡ଼ି ଧରିଲେ ପାର୍ବତୀ, ଆଖି ଲୁହରେ ପାଦ ଧୋଇଦେଲେ । ମୋତେ କ୍ଷମାକର, ମୁଁ ତୁମର ଅଯୋଗ୍ୟା, ମିଛରେ ବାପା, ଭାଇଙ୍କ ଦୋଷ ଦିଅନି । ମୁଁ ପାଠ, ପାର୍ବତୀ, ବାପାଙ୍କର ଝିଅମାନଙ୍କ ଭିତରେ ଅଷ୍ଟମ । ମୁଁ ଅସୁନ୍ଦର, କାଳି କୋତରି ବୋଲି ମୋତେ ଲୋକଙ୍କଠାରୁ ଦୁରେଇ ରଖନ୍ତି । ଭଉଣୀମାନେ ମୋତେ ଭଲ ନ ପାଇଲେ ବି ଭାଇମାନେ ଅତିପ୍ରିୟ । ସାତ କଳସ ମାଡ଼ି ମୁଁ ତୁମକୁ ବାହା ହୋଇଛି, ଦଶ ଦିଗପାଳ ସାକ୍ଷୀ ଅଛନ୍ତି, ମୋତେ ଛାଡ଼ି ଯାଅନି, ମୋ ରାଣ, ମୁଣ୍ଡଖାଅ, ମୁଁ ହିନ୍ଦୁଘର କୁଳବୋହୂ, ପତି ପରିତ୍ୟକ୍ତା ହେଲେବି, ମୋ ସ୍ୱାମୀ ମୋର ଦେବତା- ମୁଁ ତାଙ୍କୁ ଛାଡ଼ି ଅନ୍ୟ ଆଡ଼େ ବାହାହୋଇ ପାରିବି ନାହିଁ । ସ୍ତ୍ରୀ ନହେଲେ ଚାକରାଣୀ କରି ମୋତେ ତୁମ ଘରେ ଆଶ୍ରୟ ଦିଅ - ଦୟାକର ।

କିଛି ଶୁଣିଲେ ନାହିଁ ଦିବାକରବାବୁ । ପଥର ପାଷାଣ ପାଲଟିଗଲେ । ଖଜୁରୀ ପଟି ପକାଇ ତଳେ ଶୋଇଲେ, ପାଖରେ ବସି ପାର୍ବତୀ ରାତିସାରା କାନ୍ଦୁଥାଆନ୍ତି । ସକାଳୁ, ଅତିସକାଳୁ ''ମୋତେ ଖୋଜିବନି - ଘରକୁ ଫେରିଯିବ - ମୁଁ ଚାଲିଲି କାଶୀ, ହରଦ୍ୱାର ବୃନ୍ଦାବନ'' । ପଛରେ ଗୋଡ଼ାଇ ଏରୁଣ୍ଡିବୁଣ୍ଡି ଅଚେତ୍ ହୋଇଗଲେ ପାର୍ବତୀ । ସକାଳୁ ସକାଳୁ ଭାଉଜମାନେ ଆସିଲେ, ବୋହୂ ଗାଧୋଇବ । ବାସର ରାତିର ଅଧୁଆ ଲୁଗା ଧୁଆ ହେବ । ହେଲେ ଏ କଣ ବୋହୂ ଯେ ଚେତାଶୂନ୍ୟ, ପାଣି ଦେଇ ଚେତାକଲେ ପାର୍ବତୀକୁ, ପ୍ରଦୀପ ଜଳୁଛି, ବାସର ଶେଯ କୋଚା ମୋଚା ହୋଇନି, ବୋହୂର ଗଣ୍ଡଦେଶରେ ଦନ୍ତର ଆଘାତ ନାହିଁ - କେଶଗୁଚ୍ଛ ଆଲୁଳାୟିତ ନାହିଁ, ଭାଉଜ କହିଲେ କଣ ହେଲା ପାର - ଦିବାକର କାହାନ୍ତି - ବାସର ରାତି କଣ ଅଶୁଭ ରାତିରେ ପରିଣତ ହେଲା - କହ, କଥା କହ ପାର । କଣ କହିବେ ପାର୍ବତୀ, ଆଖିରେ ଲୁହ, ଖାଲି କହିଲେ, ''ଦିଅର ତୁମର ସନ୍ୟାସୀ ହୋଇଗଲେ ଅପା । ସେ ମୋ ପରି କାଳି, ଅସୁନ୍ଦରି, କଦର୍ଯ୍ୟ ସ୍ତ୍ରୀ ମୁହଁ ଦେଖିବାକୁ ଚାହାନ୍ତିନି । ସେ ଆଉ ନାହାନ୍ତି ଅପା । ହେଲେ ମୁଁ - ମୁଁ କଣ କରିବି, ମୋତେ କୁହ ଅପା'', ପୁଣି ଚେତାଶୂନ୍ୟ । ଘର ଲୋକ ସବୁ ଜାଣିଲେ । ଭାଇମାନେ, ପୁତୁରା, ଝିଆରିମାନେ ଦୌଡ଼ି ଆସିଲେ - ଗାଁ ସାରା ବାଇଦ ଘୁରି ବୁଲିଲା, ବୁଢ଼ାମାନେ ହାଏ, ହାଏ କଲେ । କେତେ କେତେ ଦିବାକରଙ୍କୁ ଅଭିଶାପ ଦେଲେ । କହିଲେ, ସନ୍ୟାସୀ ଯଦି ହବାର ଥିଲା ବାହା ହେଉଥିଲା କାହିଁକି ? ଖୋଜା ଲୋଡ଼ା ନାହିଁ - ସତ୍ୟ, ଶପଥ କରି ତ ସାଙ୍ଗର ଭଉଣୀକୁ ବାହା ହେଲୁ, ଏବେ ପୁଣି କାହିଁକି ଏ ପାଗଳାମି ?

Digitized by srujanika@gmail.com

ବୁଢ଼ିମାନେ, ଝିଅ, ବୋହୂମାନେ ଗାଁରୁ, ଗାରିଖଣ୍ଡ ଗାଁରୁ ଶୋଭାକରଣଙ୍କ ଘରେ କୁଢ଼ କୁଢ଼ । ସବୁଠି ସେହି ଗୋଟାଏ ଚର୍ଚ୍ଚା । ବଡ଼ ଭାଇମାନେ ରାଗି ଗରମ । "ସେଇଥିପାଇଁ ସେ ବାଲୁଙ୍ଗା ଲୋଫର ସହିତ ସବୁ ସମ୍ପର୍କ ତୁଟାଇଥିଲୁ" । ବାପା ସେଇଟାକୁ ନଷ୍ଟ କରିଦେଲେ, କୋଡ଼ିଏ ପଚିଶି ବର୍ଷଯାଏ କାମାଶକ୍ତ ହୋଇ ଜୀବନକୁ ଉପଭୋଗ କଲାପରେ, ନୂଆ ଘର କରିବାକୁ ବ୍ୟାକୁଳ । ବାଳୁତ ଝିଅଟିକୁ ବାହା ହେଉଥିଲୁ କାହିଁକି, କଣ ହେବ ଆମ ସାନବୋହୂର ଅବସ୍ଥା ।

ପାଗେଳି ଚେମିବୁଢ଼ି ତାଳି ମାରି ମାରି ଫେଁ କରି ହସି ଉଠିଲା । ମୁଁ କହୁନଥିଲି ଘରୁ ନ ପଶୁଣୁ ମୁଣ୍ଡରେ ଟାଳ, ଅନୀତି ହେବ । ମୋ କୁନି ବୋହୂଟା ଗାରିପାଞ୍ଚିରୁ ଗଲା ଲୋ ମା ! ବାହୁନି ଉଠିଲା । ଚତୁରା ଗୋଷିମା ପାର୍ବତୀକୁ ଧରି ଶୋକ ଆରମ୍ଭ କରିଦେଲେ । ସଅଁପି ଗଲିଲେ ଦିଅରକୁ, କଳାମୁଗୁନି ପଥର ପରି ବୋହୂ ପଦର, ଷୋହଳ ବର୍ଷ ହେବ । ଆଉ ତିନି ଗାରିଟା ଦାନ୍ତ - ଦାନ୍ତି ସ୍ତୀତ ଘରର ଲକ୍ଷ୍ମୀ, ଏମିତି ଲକ୍ଷ୍ମୀ ପ୍ରତିମାକୁ ଛାଡ଼ି ମୋ ପାଗଳ ଦିଅରଟା କୁଆଡ଼େ ଗଲାଲୋ ମା । ଗରିଆଡ଼େ ଗୁପ୍ତ ଆଲୋଚନା, ଗୁଣର - ଅଗୁଣର ଚୁଗୁଲି ଚର୍ଚ୍ଚା । ଢେଙ୍କାପୁରକୁ ଖବର ଗଲା । ଭାଇମାନେ ଦୌଡ଼ି ଆସିଲେ ସୁଆରି ଧରି - ଧିକ୍କାର କଲେ ଶୋଭାକରଣ ବଂଶକୁ, ପାଟିକରି କହିଲେ "ଆମେ ଆମ ଭଉଣୀକୁ ନେଇ ଯାଉଛୁ । ଆଉ ଯଦି ସେ ବୁଢ଼ା ଖେଣ୍ଡା ଆସେ, ଆମ ଘରକୁ ଯାଏ, ଭଉଣୀ ରାଣ୍ଡ ହେବ ପଛେ ମାରି ଶୋଇ ଦେବୁ" । ସୁଆରି ପ୍ରସ୍ତୁତ ହେଲା, କେହି ବାଧା ଦେଲେନି । ଭାଇମାନେ, ଗାଁର ପୁରୁଖା ଲୋକମାନେ ଖାଲି ଏତିକି କହିଲେ, ଶୋଭାକରଣ ବଂଶରେ କଳଙ୍କ ଲାଗିଲା । ଏଗାଁକୁ ଆଉ କେହି ଝିଅ ଦେବେନି ।

ପାର୍ବତୀ ସୁଆରିରେ ବସିବାକୁ ନାରାଜ, ମଝିଆ ଅପାକୁ ଧରି ଅଳି କଲେ । ଅପା ତୁମେ ଭାଇମାନଙ୍କୁ କୁହ ମୁଁ କୁଆଡ଼େ ଯିବିନି । ଓଡ଼ିଆ ଘର କୁଳବଧୂ, ଥରେ ବାପାଘରକୁ ଚାଲିଗଲେ କୁଳରେ କଳଙ୍କ । ମୁଁ ଏଇଠି ଏହିଘରେ ତାଙ୍କରି ଫଟକୁ ପୂଜାକରି ପଡ଼ି ରହିବି । ସ୍ୱାମୀଙ୍କ ଘର ସ୍ତ୍ରୀ ପାଇଁ ସ୍ୱର୍ଗ । ଏ ସ୍ୱର୍ଗପୁର ଛାଡ଼ି ମୁଁ ଯିବିନି ଅପା । ତାଙ୍କ କଥା ଶୁଣା ଗଲାନି । ସୁଆରିରେ କାନ୍ଦି କାନ୍ଦି ବସିଲେ ପାର୍ବତୀ । ଶୁଭୁଥାଏ ହୁକୁମ୍ ଦାରେ - ଦୁରିଆ ବାଟରେ, ବହୁ ଫେରିଆସିଲାରେ, କାନ୍ଦ, ରୋଳ ଭିତରେ ଗୋଟି ଖଟା ସୁଆରି ବାଲାଙ୍କ ସ୍ୱର ଅସ୍ପଷ୍ଟ ହୋଇଗଲା ।

Digitized by srujanika@gmail.com

ବାନପ୍ରସ୍ଥ ପରେ ଗୃହସ୍ଥ

ଏକ ନିଶ୍ୱାସରେ ଘରୁ ବାହାରି ପଡ଼ିଲେ ଦିବାକରବାବୁ- ଶ୍ୱଶୁରଙ୍କ ଉପରେ ରାଗ, ସଂଗାତଙ୍କ ଉପରେ ମଧ୍ୟ, ପ୍ରତାରଣାର କୁଟ ଚକ୍ରାନ୍ତ - ବାବାଜି ହେବେ, କାଶୀ ଯିବେ, ବୃନ୍ଦାବନ ଯିବେ ଶେଷରେ ଋଷିକେଶ୍ ବା ହରଦ୍ୱାରରେ ସନ୍ୟାସ ବ୍ରତ ପାଳନ କରିବେ । କଟକରୁ ଟ୍ରେନ୍ ଧରି ପହଞ୍ଚିଲେ କାଶୀ, ଗୋପିନାଥଙ୍କୁ ଦର୍ଶନ କଲେ, ବୃନ୍ଦାବନରେ ବଂଶୀଧାରୀଙ୍କୁ ଦୁଃଖ ଜଣାଇଲେ । ପବିତ୍ର ତୀର୍ଥସ୍ଥାନ କାଶୀ, ବୃନ୍ଦାବନ, ହଜାର ହଜାର ଲୋକ, ସ୍ତ୍ରୀ ପୁରୁଷ, ଛୁଆପିଲା, କାହାର କେତେ ରକମର ମାନସିକ । ଦିବକାରବାବୁ ଦେଖିଲେ, କେତେ କେତେ ସ୍ୱାମୀ ସ୍ତ୍ରୀ ଯୋଡ଼ି ଯୋଡ଼ି, ପଛରେ ବାଛୁରୀ ପରି ଗୋଡ଼ାଇ ଥାଆନ୍ତି ପିଲାମାନେ, ସୁନ୍ଦର ସ୍ୱାମୀଙ୍କୁ ଅସୁନ୍ଦରୀ ସ୍ତ୍ରୀ, ସୁନ୍ଦରୀ ଅପସରା ସ୍ତ୍ରୀ ସହିତ କଳାମଚମଚ ଅସୁନ୍ଦରିଆ ପୁରୁଷ, ସେମାନେ ତ ପୁଣି ଘର ସଂସାର କଲେ, ଛୁଆ ପିଲାର ବାପାହେଲେ । ଧିରେ ଧିରେ ରାଗ ତାଙ୍କର କମି ଆସିଲା, ବାବାଜି ହେବା ମନରୁ ଉଭେଇ ଗଲା । ଭାବିଲେ ଫେରିଯିବେ ପାର୍ବତୀ ପାଖକୁ, ଗୋଡ଼ତଳେ ମୁଣ୍ଡରଖି କେତେ କାକୁତି ହୋଇ କାନ୍ଦୁଥିଲା- "ମୋତେ ଛାଡ଼ି ଯାଆନି ସ୍ୱାମୀ, ତୁମେ ମୋର ପତି, ଦେବତା"- ମୁଁ ପାଷାଣ ନିର୍ବୋଧ, ଦେଖିବାକୁ ସିନା କଳା, ହେଲେ ସେତେ ଅସୁନ୍ଦର ନୁହେଁ, ବଡ଼ ବଡ଼ ଦାନ୍ତ, ଡାକ୍ତର ପାଖେ ଠିକ୍ କରି ପାରିଥାନ୍ତେ, କଣ କଲେ ସେ, କୋଉ ମୁହଁରେ ଆଉ ଘରକୁ ଫେରିବେ, ଶୋଭାକରଣ ବଂଶରେ କଳଙ୍କ ବୋଳି ଦେଇ ଆସିଲେ ।

ଭାଇମାନେ ଯାଇ ନେଇ ଆସିବେଣି ପାର୍ବତୀକୁ ଜେନାପୁର । କେତେ କାନ୍ଦୁଥିବ ପାର୍ବତୀ ମୋର - ମୋ ପରି ପାପି, ଚରିତ୍ର ହୀନକୁ ସ୍ୱାମୀ ରୂପେ ପାଇ - ସେ ସୀତା, ସାବିତ୍ରୀଙ୍କ ପରି ପୂଜ୍ୟା ହୋଇ ରହିବ । ସେ ସତୀ, ପତିପରାୟଣା, କଣ ସେ କହିଲା - "ମୁଁ ବିବାହିତ, ଦଶ ଦିଗପାଳଙ୍କୁ ସାକ୍ଷୀରଖି ସାତ କଳସ ମାଡ଼ି ତୁମ ହାତ ଧରିଛି, ତୁମକୁ

Digitized by srujanika@gmail.com

ଛାଡ଼ି ଆଉ କୁଆଡ଼େ ଯିବି ସ୍ୱାମୀ, ମୋତେ କ୍ଷମାକର, ଦୟାକର''- କ୍ଷମାତ କଲିନି, ଦୟା ମଧ ନୁହେଁ, ଗୋଇଠା ମାରି ଚାଲି ଆସିଲି । ନା ନା ମୁଁ ପୁଣି ଫେରିଯିବି - ତା ଗୋଡ଼ତଳେ ପଡ଼ି କ୍ଷମା ମାଗିବି - ଶଳାମାନଙ୍କ ଠାରୁ ଶାସ୍ତି ପାଇଲେବି - ପୁଣି ଆଦର କରି ନେଇଯିବି, ମୋ ନିଜ ଘରକୁ'', ପୁଣି ପାଗଳାମି, ନା ନା ମୁଁ ଋଷିକେଶ୍ ଯିବି, ହରଦ୍ୱାର ଯିବି, ଜୀବନର ବାକି ସମୟତକ ଭଗବାନଙ୍କ ସେବାରେ କଟାଇଦେବି । ଜୀବନରେ ତ ବହୁତ ଉପଭୋଗ କରିଛି । ଯାହାକୁ ଯେଉଁ ସମୟରେ ପାଇଛି, ଉପଭୋଗ କରିଛି । ଦୀର୍ଘ କୋଡ଼ିଏ ବର୍ଷକାଳ କାମାଗ୍ନୀରେ ନିଜକୁ ଜଳେଇ ଦେଇଛି, ଆଉ କାହିଁକି - ପାର୍ବତୀକୁ ଭୁଲିଯିବି । ପୁଣି ମନେ ପଡ଼ିଗଲା, ସଂଘାତର ସେ ଦିନରା ଉପଦେଶ ମୁଁ ଜଗି କରି ବସିଥାଏ, ସଂଗାତ କହିଲେ ''ଠିକ୍ - ରାଜବାଟିରେ ଯେଉଁ ସୁନ୍ଦରିକୁ କହିବ ତାଙ୍କ ସହିତ ତୁମର ବିବାହ କରାଇଦେବି । ନା କହିବ ତ, କଲିକତାରୁ କୁଖ୍ୟାତ ଗଳିରୁ, ସୁଶ୍ରୀ, ଶିକ୍ଷିତା ନାଚବାଲି, ବାରଙ୍ଗନାକୁ ଆଣି ଘରେ ବୋହୂ କରି ରଖିବ - ମରିବାଯାଏ ଉପଭୋଗ କରିବ'' ।

ମୁଁ କ୍ଷମାମାଗି ଅନୁରୋଧ କଲି, ''ନା, ନା ମୁଁ ସମ୍ଭ୍ରାନ୍ତ କରଣ ବଂଶର ଗାଉଁଲି ଝିଅଟିଏ ଚାହେଁ, ଯେ ମୋତେ ଦେବ, ପିତୃତ୍ୱର ଗୌରବ, ମୋରି ବୀର୍ଯ୍ୟରେ ସେ ହେବ ସନ୍ତାନର ମା'' । ଶେଷରେ ସଂଗାତ ଚକାଡ଼ୋଳାଙ୍କ ପାଖରେ ଶପଥ ରଖିଲେ, ହେଲେ ମୁଁ ଅପରାଧି ପାପୀ, ପାର୍ବତୀକୁ ଛାଡ଼ି ଚାଲିଆସିଲି । ଠିକ୍ ସେତିକିବେଳେ ଦେଖିଲେ ଦିବାକରବାବୁ, ଏକ ସ୍ୱାସ୍ଥ୍ୟବାନ ପୁରୁଷ, ପାଖରେ ବୁଢ଼ୀ, କୁଷ୍ଠରୋଗୀ, କାଳି, କଦର୍ଯ୍ୟ, ସ୍ତ୍ରୀଟିଏ, ବୁଢ଼ା ସ୍ତ୍ରୀର ସେବା କରୁଥାଏ, କ୍ଷତ ଜାଗାରୁ ମାଛି ଉଡ଼ାଇ ଦେଉଥାଏ । ଉଠି ବସିଲେ ଦିବାକରବାବୁ, ଗେରୁଆ ବସ୍ତ୍ର ଫିଙ୍ଗିଦେଲେ, ଫିଙ୍ଗିଦେଲେ ଲୋଟା ଓ କମଣ୍ଡଳୁ । ସୁନ୍ଦର ଚିକ୍କଣ ଖେରବାର ହୋଇ, ସୁନ୍ଦର ଧୋତି ପଞ୍ଜାବି- ଚଦର ପକାଇ ପହଞ୍ଚିଗଲେ, କେତେ ଦିନପରେ ଜେନାପୁର ।

ସକାଳ, କେହି ଜଣେ ଦେଖିଲେ, ଜୋଇଁପୁଅ, ଚାରିଆଡ଼େ ପ୍ରଘଟ ହୋଇଗଲା । ଗାଁ ଲୋକେ ଜାଣିଲେ, ଶଳାମାନେ ଜାଣିଲେ, ସମସ୍ତେ ଦୌଡ଼ି ଆସି ବାଡ଼େଇ ଚାଲିଲେ ଦିବାକରବାବୁଙ୍କୁ । ଦିବାକରବାବୁ ଚିତ୍କାର କରୁଥାନ୍ତି, ''ମୋତେ ମାରନି । ମୁଁ ପାର୍ବତୀକୁ ନେବାକୁ ଆସିଛି । ମୁଁ ମୋର ଭୁଲ୍ ବୁଝିପାରିଛି'' । କେହି ଶୁଣିଲେ ନାହିଁ, ମାଡ଼, ଗୋଇଠା, ଠେଲାପେଲା । ସକାଳୁ ସକାଳୁ ତୁଳସୀରେ ପାଣି ଦେଉଥିଲେ ପାର୍ବତୀ - ଦୌଡ଼ିଆସି ସ୍ୱାମୀ ଉପରେ ଶୋଇପଡ଼ିଲେ, ଚିତ୍କାର କଲେ ''ମାରନି ତାଙ୍କୁ, ଛାଡ଼ିଦିଅ, ସେ ମୋତେ ନେବାକୁ ଆସିଛନ୍ତି । ମୁଁ ତାଙ୍କ ସହିତ ପୁଣି ଫେରିଯିବି - ଖପରାଖାଇ ମୋର ସ୍ୱର୍ଗପୁରୀ'', ସବୁ ଚୁପ୍ ଚାପ୍, ଶଳା, ଶଳାଭାଉଜମାନେ ସବୁ ବୁଝିଲେ । ସମସ୍ତଙ୍କ ପାଖେ ଦିବାକରବାବୁ କ୍ଷମା ମାଗିଲେ । ପୁଣି ପାର୍ବତୀଙ୍କୁ ଧରି ଫେରିଆସିଲେ ଦିବାକରବାବୁ ନିଜ ଗାଁକୁ - ଭାଇ ଭାଉଜଙ୍କୁ କ୍ଷମା ମାଗିଲେ ବି, ରାଗ ତାକର ମଲାନି । ପାଗଳି ଟେମି ବେଳେ ବେଳେ କୁହେ, କଣ ବୃଦ୍ଧ ବେଶ୍ୟା ତପସ୍ୟାରୁ ଫେରିଲେ ?

Digitized by srujanika@gmail.com

ପାର୍ବତୀଙ୍କ ଅଷ୍ଟମ ଗର୍ଭରେ ମୂଷାଛୁଆ

ପୁଣି ଥରେ ଉଜୁଡା ସଂସାର ଫେରିଆସିଲା ପାର୍ବତୀଙ୍କର, ଦିବାକରବାବୁ ତାଙ୍କୁ କୋଟି ନିଧିକଲେ - ହସଖୁସିରେ ସମୟ କଟାଇ ଦେଲେ । ପାଞ୍ଚ ମିନିଟ୍ ପାଖରୁ ଅନ୍ତର ହେଲେ ପାର୍ବତୀଙ୍କୁ ସବୁ ଅନ୍ଧାର ଦିଶେ - ଦିବାକର ବାବୁ ତାଙ୍କର ସବୁ ବଦ ଅଭ୍ୟାସ ପ୍ରାୟ ଛାଡିଦେଲେ - ଟିକିଏ ଟିକିଏ ରାତିରେ ସୁଉକାକର ଅଫିମ ଖାଆନ୍ତି । ଗଚ୍ଛିତ ଧନସବୁ ଶେଷ ହୋଇଗଲା - ଯେଉଁ କେତେ ମାଣ ଜମିଥାଏ, ତାକୁ ଆବାଦି କଲେ, ଦୁଇ ପ୍ରାଣୀ କୁଟୁମ୍ବ - ଖୁସିରେ ବର୍ଷକ ଚଳିଯାଏ । ବଡଭାଇ ମାନଙ୍କ ପାଖରେ ହାତ ପାତନ୍ତି ନାହିଁ, ବଡ ଭାଇର ଛୁଆ ପିଲାମାନଙ୍କୁ ସ୍ନେହ, ଆଦର କରନ୍ତି । ବେଳେ ବେଳେ ପର୍ବ ପର୍ବାଣୀରେ ଖାଇବାକୁ ଡାକନ୍ତି ।

ତିନି ଚାରି ବର୍ଷ ପରେ ପାର୍ବତୀଙ୍କର ପ୍ରଥମ ପୁତ୍ର ଜନ୍ମ ହେଲା । ଦିବାକର ବାବୁଙ୍କ ଆନନ୍ଦ କହିଲେ ନସରେ, କେତେ ଖୁସିରେ ଏକୋଇଶିଆ ହେଲା - ମାନସିକ ପାଲା ହେଲା, ଗାଁ ଲୋକେ ଭୋଜି ଖାଇଲେ । ହେଲେ ଭଗବାନ ବଡ ନିଷ୍ଠୁର । ତିନି ଚାରି ବର୍ଷ ପରେ ପୁଅ 'ରାମକୁ' ସଂସାରରୁ ନେଇଗଲେ - ପାର୍ବତୀକୁ ରାମ ମା ଡାକିବା ଦିବାକର ବାବୁଙ୍କର ବନ୍ଦ ହୋଇଗଲା ।

ପୁଣି ଚାରି ଓ ପାଞ୍ଚ ବର୍ଷପରେ ଜନ୍ମହେଲା ମରୁଆ, ସୁନ୍ଦର ଝିଅଟିଏ, ପାର୍ବତୀ ହେଲେ ମରୁଆ ମା, - ତାପରେ ପ୍ରଫୁଲ୍ଲ, ପୂର୍ଣ୍ଣ, ଭରତ ତିନିପୁଅ - ପୁଣି ଥରେ ନିଷ୍ଠୁର ହେଲେ ଭଗବାନ - ଭରତକୁ ଛଡାଇ ନେଲେ, କେତେ କାନ୍ଦିଲେ ପାର୍ବତୀ - ଦିବାକର ବାବୁଙ୍କ ଦୁଃଖର ସୀମା ରହିଲା ନାହିଁ ।

Digitized by srujanika@gmail.com

ଘରର ଜଞ୍ଜାଳ ବଢ଼ିଲା - ଧାନ ବର୍ଷକୁ ଗଲାନାହିଁ । ବ୍ରାହ୍ମଣ ଶାସନରୁ ଧାନ ଆଣି, ଧାନକୁଟି କରି ଚାଉଳ ପାଇଲେ ପାର୍ବତୀ । କଷ୍ଟେ ମଷ୍ଟେ ସଂସାର ତାଙ୍କ ଚଳିଲା । ପିଲାମାନେ ପାଠ ପଢ଼ିଲେ, ପାଖରେତ ହାଇସ୍କୁଲ ନଥାଏ । ଏଲ୍.ପି.ମାଇନର ଯଥେଷ୍ଟ । ଦିବାକର ବାବୁ ରାଜାଘରେ ଥିବାବେଳେ ବହୁତ ରକମ କାମ ଜାଣିଥାନ୍ତି । ତେଣୁ ସେ ଗାଁ ଗାଁ ବୁଲି ଟିକା ଦେଲେ । ଇଞ୍ଜେକ୍ସନ ଦେଲେ ଔଷଧ ବୁଟି ବିକିଲେ । ସକାଳ ନଅଟାରୁ ପଖାଳ, ଶାଗରାଇତା ଟିକିଏ ଖାଇ ବାହାରିପଡନ୍ତି ଘରୁ, ଫେରନ୍ତି ସଞ୍ଜକୁ । ଏହା ଭିତରେ ଦିବାକର ବାବୁଙ୍କର ଆଉ ଦୁଇଟି ଘରର ମେମ୍ବର ବଢ଼ିଯାଇଥାନ୍ତି ଝିଟକ ପ୍ରଭା ଓ ଅତୁଲ ।

ପାର୍ବତୀ ଦେବୀ ସବୁବେଳେ କହନ୍ତି, ଏହି ଆମର ଯଥେଷ୍ଟ, ଆଉ ଦରକାର ନାହିଁ । ଏହି ତିନିପୁଅ, ଦୁଇଝିଅ ଖାଇପିଇ ମଣିଷ ହୁଅନ୍ତୁ । ବୟସ ଅନୁପାତରେ ପିଲାମାନେ ନିଜ ନିଜର ପାଠପଢ଼ା କରିଚାଲିଲେ ।

ଡାକ୍ତରୀ କାମରୁ ଦିବାକର ବାବୁଙ୍କ ଦିନକୁ ଏକଟଙ୍କା, ଦୁଇଟଙ୍କା, ଚାଉଳ, ପନିପରିବା ଗଣ୍ଡେ ମିଳିଯାଏ, ସେହି ତାଙ୍କ ପାଇଁ ବହୁତ । ସେତେବେଳେ ସରକାରୀ ଚାକିରିଆତ ପାଉଥାନ୍ତି ଚାରି, ପାଞ୍ଚ ଟଙ୍କା ଦରମା । ବଡଝିଅ ମରୁଆ ଘରଧରି ସାରିଲାଣି କୋଉଦିନୁ, ମାମୁଁ ଆସି ନେଇ ଯାଇଥାନ୍ତି, ଜେନାପୁର । ଆଉ ବଡପୁଅ ପ୍ରଫୁଲ ମାଇନର ପଢ଼ି, ଏଣେ ତେଣେ ବୁଲି କାମ କରିବାକୁ ଚେଷ୍ଟା କରୁଥାଏ । ପୂର୍ଣ୍ଣ ଏଲ୍.ପି ପାଶ୍ କରି ମାଇନ୍‌ରରେ ନାଁ ଲେଖାଇଥାଏ । ଝିଟକକୁ, ସାତ ଆଠ ବର୍ଷ - ଦ୍ୱିତୀୟ ଶ୍ରେଣୀ, ଆଉ ଅତୁଲ ପାଞ୍ଚ, ଛଅ ବର୍ଷର ପିଲା ପ୍ରଥମ ଶ୍ରେଣୀରେ ନାଁ ଲେଖାଇଲା ।

ଦିବାକର ବାବୁ ଘରଖର୍ଚ୍ଚ, ପିଲାଙ୍କ ପାଠପଢା,ତୁଲାଇବାକୁ,ବେଶିକିଛି ଅସୁବିଧା ହେଉ ନ ଥାଏ । କଷ୍ଟେ ମଷ୍ଟେ ଚଳି ଯାଉଥାଏ । ଗାଁରେ ମାଇଣା,ଜନ୍ତାଳ,ଗାଁପିଲାଏ ଗାଁ ସାରା ବୁଲି ଚାଉଳ, ପରିବା ଆଉ ସୁଉକେ ନେଖେ ଚାନ୍ଦା କରିଥାନ୍ତି । ଠାକୁରାଣୀଙ୍କ ପାଖରେ ବୋଦା ପଡିବ । ଗାଁ ସାରା, ଛୁଆ ପିଲା, ମାଇପେ, ଅଣ୍ଡିରେ ପରସାଦ ପାଇବେ । ରାତି ବାରଟା ବେଳେ ଜନ୍ତାଳ ଭୋଜି ସରିବ, ସବୁ ପିଲା ମାନେ - ଦେଢଶୁରଙ୍କ ପୁଅ ଝିଅଙ୍କ ସହ, ଯାଇଥାନ୍ତି ଠାକୁରାଣି ପଡିଆକୁ । ସେଇଠି ସଂକୀର୍ତ୍ତନ, ଛୋଟ କାଟିଆ ଯାତରା - ବଡ ଲାଇଟ୍ ଜଳୁଥାଏ । ଚାରିଶହ, ପାଞ୍ଚଶହ ଲୋକ ବଡ ସାନ ମିଶିକରି - ବିରାଟ ଭୋଜି ।

ପାର୍ବତୀ, ପ୍ରଫୁଲ୍ଲକୁ ଡାକି କହିଲେ ବାପାତ ଏଯାଏ ଫେରି ନାହାନ୍ତି । ଯାଇ ପାରିବେନି ବୁଢ଼ାଲୋକ । ବେଲା ନେଇଯା, ଆମ ଦୁଇଜଣଙ୍କ ପାଇଁ ଭାତ, ଶାଗୁଆଟି ନେଇ ଆସିବୁ । ସଞ୍ଜ ସାତଟା, ଘରକୁ ଫେରିଲେ ଦିବାକର ବାବୁ, ପାର୍ବତୀ ସଞ୍ଜବତୀ ଦେଇ ବାଲ୍ମିକି ରାମାୟଣ ପଢୁଥାନ୍ତି । ଖଟରେ ଶୋଇ ଥକ୍‌କା ମାରିଲେ ଦିବାକରବାବୁ, ପାର୍ବତୀ

Digitized by srujanika@gmail.com

ଆସି ଗୋଡ଼ ମୋଡ଼ିବାରେ ବ୍ୟସ୍ତ । ପାର୍ବତୀ କହିଲେ ପିଲାମାନେ କେହି ନାହାନ୍ତି । ଯନ୍ତାଳ ଭୋଜିକି ଯାଇଛନ୍ତି । ଭୋଗ ଆସିଲେ ଆମେ ଖାଇବା, ବୁଢ଼ା ହେଲଣି ଆଉ ଖଟନି, ଦେହ ତୁମର କଣ ଦିସିଲାଣି କହିଲ ।

ପାର୍ବତୀଙ୍କୁ କୋଡ଼କୁ ଟାଣିନେଇ ହସି ଉଠିଲେ ଦିବାକରବାବୁ କଣ କହିଲ "ମୁଁ ବୁଢ଼ା ଏଯାଏ ସତୁରୀ ବର୍ଷ ପୁରିନାହିଁ, ଏବେ ବି ଭାବୁଛି ମୁଁ ଯେମିତି ସେହି ଟାଳିଶି, ପଇଁଚାଳିଶି ହେଲେ ତୁମେ ଦେଖାଯାଉଛ ମୋର ସେହି ସମୟର ସେଇ କୋଡ଼ିଏ, ପଚିଶି ବର୍ଷର ପାର୍ବତୀ ପରି" ।

ସତରେ ପାର୍ବତୀ, ଜୀବନରେ ଏତେ ଆନନ୍ଦ, ଏତେ ସୁଖ ମୁଁ ପାଇବି ଆଶା କରି ନଥିଲି । ତୁମ ପରି ସ୍ତ୍ରୀ ପାଇ ମୁଁ ନିଜକୁ ବହୁତ କୃତ କୃତ ମନେ କରୁଛି । ବହୁ ଆଡ଼ମ୍ବରର ସେ ରଜା ଚାକିରୀ, ଏ ଦୁଃଖୀ ଜୀବନଠାରୁ କୌଣସି ଗୁଣରେ ଆନନ୍ଦ ଦାୟକ ନୁହେଁ । କେତେବେଳୁ ପାର୍ବତୀ ସ୍ୱାମୀଙ୍କ ଛାତିରେ ମୁଣ୍ଡରଖି ଶୋଇ ଯାଇଥାନ୍ତି । ଛଅ, ସାତ ବର୍ଷ ପରେ ମିଳନ, ଦିବାକରଙ୍କ କୋଳ ଭିତରେ ପାର୍ବତୀ, ଆନନ୍ଦ ରତିକ୍ରିଡ଼ା ଭିତରେ କେତେ ସମୟ କଟିଯାଇଛି, କେହି ଜାଣି ପାରିନାହାନ୍ତି । ପିଲାଙ୍କ ଡ଼ାକରେ ସପନ ଭାଙ୍ଗିଗଲା ।

ମାସକ ପରେ ପୁଣି ଝମେଲା, କାନ୍ଦି କାନ୍ଦି ପାର୍ବତୀ ଦେବୀ କହିଲେ ହେଇଟି ଶୁଣିଲଣି - ପୁଣି କଣ ହେବ, ମୁଁ ନାହିଁ କରୁଥିଲି, ଜିଦ୍ କଲ, ମୋ କଥା ରଖିଲ ନାହିଁ, ସମ୍ଭାଳ ଏଥର, ମୁଁ ଆଉ ଏ ଗାଁରେ ମୁହଁ ଦେଖାଇ ପାରିବିନି, ବାପ ଘରକୁ ଟାଲିଯିବି । ଦିବାକରବାବୁ କହିଲେ ଦୁଃଖ କରନି ପାର୍ବତୀ, "ଦେବକୀତ ପୁଣି ଅଷ୍ଟମ ସନ୍ତାନ ପର୍ଯ୍ୟନ୍ତ କଂସର ସମସ୍ତ ଅତ୍ୟାଚାର ସହିଥିଲେ, ଆମେ ସେହି ଅଭିଶପ୍ତ ବସୁଦେବ, ଦେବକୀ, କହି ହୁଏନା ତୁମ ଅଷ୍ଟମ ଗର୍ଭରେ ଶ୍ରୀକୃଷ୍ଣ ଥାଇପାରନ୍ତି । ସେ ଆମକୁ ପାପ, ତାପ ସଂସାରରୁ ମୁକ୍ତ କରିବେ । ଦୁଃଖ କରନା ମୋ ମନ କହୁଛି, ସେ ଏ ସମାଜରେ କଂସରୂପୀ ବଡ଼ ପଣ୍ଡାମାନଙ୍କୁ ମୁକାବିଲା କରିବ"। ଲାଜରେ ଗାଁ ମାଇପେଙ୍କୁ ମୁହଁ ଦେଖାଇ ପାରିଲେନି ପାର୍ବତୀ । ନଦୀକୁ ରାତି ଚାରିଟାରେ ଯାଇ ଗାଧୋଇ ଆସନ୍ତି । ସାଇ ପଡ଼ିଶା ଘରକୁ ଯିବା ପ୍ରାୟ ବନ୍ଦ । ଦୁଇ, ତିନି ମାସ ଗଡ଼ିଗଲା, ସ୍ୱାମୀଙ୍କୁ ଅନୁରୋଧ କରି ଚାଲି ଆସିଲେ ବାପଘର ଜେନାପୁରକୁ । ଆଉ ସେ ଆଗ ଜେନାପୁର ନଥାଏ । ସବୁ ଯେ ପୁଆଡ଼େ ବାହା ସାହା ହୋଇ ମରି ହଜି ଗଲେଣି । ଦୁଇ ଜଣ ଭାଇତ ବାବାଜି, ଅନ୍ୟମାନେ ସବୁଦିନ ପାଇଁ ସଂସାରରୁ ବିଦାୟ ନେଲେଣି । ଘରେ ଦୁଇ ଭାଇ, ଦୁଇ ଭାଉଜ, ସାଧୁଆଟା ଗୋଟାଏ, ଗେହ୍ଲା ଏକୋଇର ବଡ଼ା ବିଷିକେସନ । ସାନଭାଇ ବସୁଦେବଙ୍କର ପୁଅ ସାଧୁଆଟା, ଚଉଦ, ପନ୍ଦର ବର୍ଷର ଟୋକା, ଟୋକାତ ନୁହେଁ ବିଛୁଆଟିଟେ, ଗେହ୍ଲା ନଣନ୍ଦକୁ ସ୍ନେହ ଆଦର କରି ଘରକୁ ନେଇଗଲେ ଭାଉଜମାନେ, ଅନେକ ଦିନପରେ ଆସିଛି । ଘରେ ଅଚଲାଚଲ ସମ୍ପତ୍ତି, ଭୁତ ଖାଉଛି, ପାଞ୍ଚ ଜଣ କୁଟୁମ୍ବ ମାତ୍ର ।

Digitized by srujanika@gmail.com

ଖୁସି ଆନନ୍ଦ ମଧ୍ୟରେ କଟିଗଲା କେଇମାସ । ନଣନ୍ଦ ପାଖରୁ ସବୁ ଶୁଣିଲେ ଦୁଇଭାଉଜ, ହସି ହସି କହିଲେ - ବୁଢ଼ୀ ରସିକିଆ ନଣଦେଇ, ସତୁରୀ ବର୍ଷରେ ମନରେ ସଅକ ମରିନି । ବୁଢ଼ାକୁ ଟିକିଏ ଲାଜ ମାଡିଲା ନାହିଁ । ଗାଁ ମୁଣ୍ଡ ପୋଖରୀ ପାଖରେ ଶିବ ମନ୍ଦିର, ନାଗିଛି କିଆବୁଦା, ପ୍ରତିଦିନ ସକାଳୁ ଭାଉଜଙ୍କ ସହ ପାର୍ବତୀ ଯାଆନ୍ତି ପୋଖରୀକୁ ଗାଧୋଇବାକୁ, ସେଦିନ ସକାଳେ ପୋଖରୀ ହୁଡାରେ ପୋଖରୀ ପାଣି ଲାଗିଲା ପାର୍ବତୀକୁ, ଦୌଡିଲେ ମନ୍ଦିର ପାଖ କିଆବୁଦା ପାଖକୁ । ପୋଖରୀ ପାଣି ନୁହେଁ - ପ୍ରସବ ବେଦନା - କିଛି ସମୟ ପରେ ଭୂମିରେ ପଡିଲା ଏକ ମୂଷାଛୁଆ - ଡରିଗଲେ ପାର୍ବତୀ, ଏ କଣ ? ରକ୍ତ ସତ ସତ ଭିତରେ ମୂଷାଛୁଆ, ସେ ତାହାଲେ ମୂଷାଛୁଆଟିକୁ ଗର୍ଭରେ ରଖିଥିଲେ, କାନ୍ଦ ମାଡିଲା, ନିନ୍ଦା ଅପବାଦକୁ ଡରି ଦଶ ମାସ ଗର୍ଭରେ ଧରି ଶେଷରେ ମୂଷାଛୁଆ, ଭାବିଲେ ମାରିଦେବେ । କେହି ଜାଣିବେନି, କିଆବୁଦା ମୂଳେ ଫିଙ୍ଗିଦେବେ । ବେକ ପାଖକୁ ହାତ ଗଲାବେଳେ, କୁଆଁ କୁଆଁ ଶବ୍ଦରେ ହାତ ଅଟକି ଗଲା । ଭାଉଜମାନଙ୍କୁ ଡାକ ପକାଇଲେ, ସମସ୍ତେ ଛୁଆ ଦେଖି ତାଟ୍‌କା । ଘରକୁ ଗଲେ, ଗାଁ ଲୋକେ ଜାଣିଲେ, ଖବର ପାଇଁ ଖପରା-ଖାଇରୁ ଜୋଇଁବାବୁ ଆସିଲେ । ବଡ ଆଡମ୍ବରରେ ଏକୋଇଶା ପାଳି ହେଲା, ବହୁତ ଲୋକ ଖାଇଲେ । ପୁଅ ନାମ ଦିଆଗଲା ନିର୍ମଳ - ଡାକନା ନିର । ମା ପାର୍ବତୀଙ୍କ ମନରେ ଦୁଃଖ, ଶରଧାରେ ନାଦେଲେ ମୂଷା, କିନ୍ତୁ ଦିବାକରବାବୁ ବହୁତ ଖୁସି, ସାଧୁଆଟାବି ବହୁତ ଖୁସି, କାରଣ ମୂଷାଛୁଆ ବଡ ହେବ । ତାକୁ ଧରି ଖେଳିବ ।

ମାସକ ପରେ ଦିବାକରବାବୁ ପାର୍ବତୀ ଆଉ ତାଙ୍କର ଅଷ୍ଟମଗର୍ଭର ପୁଅ ମୂଷାଛୁଆକୁ ଧରି, ଫେରିଗଲେ ମଥୁରା ଖପରାଖାଇକୁ ।

Digitized by srujanika@gmail.com

ମୂଷାଛୁଆର ବାଲ୍ୟଲୀଳା



କୃଷ୍ଣ ମଥୁରାରେ ଜନ୍ମି ଗୋପପୁରରେ ବଢ଼ିଥିଲେ - ସେଠି ତାଙ୍କର ବାଲ୍ୟଲୀଳା କିନ୍ତୁ ମୂଷାଛୁଆ, ଲୋକ ଅପବାଦ, ଲଜ୍ୟାକୁ ଡରି - ଗୋପରେ ଜନ୍ମହୋଇ, ବାଲ୍ୟଲୀଳା କଲେ ମଥୁରାରେ । ତୁଳସୀ ଦୁଇ ପତ୍ରରୁ ବାସେ । ମୂଷା ଯେ ବଡ ହେଲେ ଜଣେ ସୁପୁରୁଷ ହେବ, ଛୁଆଦିନୁ ତାହା ଧିରେ ଧିରେ ଜଣା ପଡିଗଲା । ପାଟି ଫିଟିଲା - 'ମା!' ନଡାକି - ଡ଼ାକିଲା ରାମ, ଦୁଇ ବର୍ଷର ଛୁଆ, ଚାଲିଚଳନ, ବୁଦ୍ଧିରୁ ଜଣାଗଲା ଯେମିତି ୭,୮ ବର୍ଷର ପିଲା - ବିଚକ୍ଷଣ ବୁଦ୍ଧି, ଦୁଇ, ତିନି ବର୍ଷରୁ ରାମଙ୍କର ମୂର୍ତ୍ତି ତିଆରି କଲା, ଚିତ୍ର ତିଆରି କଲା, ଚଗଲାମିର ସୀମା ନାହିଁ । ପାଖ ଗାଁ ମାନଙ୍କରୁ ବହୁ ଲୋକେ ଆସିଲେ ମୂଷାକୁ ଦେଖିବାକୁ - ସବୁବେଳେ କିଛି ନା କିଛି କାମ କରୁଥାଏ । ମୂଷା ଚୁପଚାପ୍ ହୋଇ ବସି ପାରେନା, ମାଙ୍କର କ୍ଷୀର ହେଲାନି - ବହୁ କଷ୍ଟରେ ରୁପା ଅଳଙ୍କାର କିଛି ବିକି, ବାପା, କିଣି ଆଣିଲେ ଗୋଟିଏ ଦୁଧ ଦିଆ ଛେଳି, କଳାଛେଳି - ଜନ୍ମରୁ ଛେଳି ଦୁଧ ଖାଇ ବଢ଼ିଲା । ମୂଷାଛୁଆ - ଚେମିବୁଢ଼ୀ ପାଗିଳିଟା - ଦିଅରକୁ, ଦେଖେଇ, ଦେଖେଇ କହେ, ହଗରେ ବୁଢ଼ା ଖେଣ୍ଡ । ଅଘାସୁର ପରି ମଣିଷ, ଦେଖିବାକୁ କନ୍ଦର୍ପ ପରି, ଛୁଆ ଜନ୍ମ କରେଇଛୁ । ଛଅ ଇଞ୍ଚିଆ କଳା କୁତୁରା ମୂଷାଛୁଆଟିଏ । ଦିବାକରବାବୁ ହସି ହସି କହନ୍ତି । ବୁଝିଲୁ ପାଗେଳି ଭାଉଜ, ଏହି ମୂଷାଛୁଆ ଦିନେ ଗଣେଶଙ୍କ ବାହାନ ନହୋଇ ହେବ ନିଜେ ଗଣେଶ, ବିଦ୍ୟାସାଗର, ବୁଦ୍ଧିବିଦ୍ୟାରେ - ଚାରିଆଡ ଆଲୋକିତ କରିଦେବ । ସେ ହେବ ଶୋଭାକରଣ ବଂଶର ଗୌରବ ରତ୍ନ - ପରୋପକାରି, ସାଧୁ, ସଚ୍ଚରିତ୍ର ପୁରୁଷ । ହଉ ହଉରେ ଦିଅର, - ତୁ ତ କୁଳର କଳଙ୍କ - ସେ ହେଲେ କୁଳ ଉଜ୍ଜ୍ୱଳ କରୁ ।

Digitized by srujanika@gmail.com

ଧିରେ ଧିରେ ମୃଷାକୁ ନଅ ଦଶବର୍ଷ ହେଲା । ଘଷିପୁରା ଏଲ୍.ପି ସ୍କୁଲରେ ପଞ୍ଚମରେ ପଢୁଥାଏ, ଦିନେ ସ୍କୁଲଗଲେ ଛଅ, ସାତ ଦିନ ବନ୍ଦ, ବାପା ସ୍କୁଲରେ ଛାଡି ଦିଅନ୍ତି । ସ୍କୁଲରୁ ଲୁଚିକି ଚାଲିଆସେ ମୃଷା, ଦିନେ ହେଡମାଷ୍ଟ୍ରେ, ନିତ୍ୟାନନ୍ଦ ପତି କହିଲେ - ନା କାଟିଦେବି । ପରିକ୍ଷା ଦେଇ ପାରିବୁନି । ହାତ ଯୋଡି ମୃଷା କହିଲା "ସାର, ସାତ ଦିନର ପାଠ ମୋର ଗୋଟିଏ ଦିନରେ ହୋଇ ଯାଉଛି - ଛଅ ଦିନ ଘରେ ରହି ଘର କାମ କଲେ ଖରାପ କଣ"- ଆଶ୍ଚର୍ଯ୍ୟ ହେଲେ ପତି ମାଷ୍ଟ୍ରେ, ସତରେ ମୃଷା ଦିନରେ ଜଙ୍ଗଲ ବୁଲି ଘର ପାଇଁ ଦୁଇ, ତିନି ଗୋଛା କାଠ ଆଣେ, ନିଶାଭାଇ ସାଙ୍ଗରେ । ନିଶାଭାଇ, ସେ ଚାକିରି ଛାଡି ବର୍ମାରୁ ଫେରିଥାନ୍ତି ଗାଁ, ସେ ତାଙ୍କର ବଡବାପାଙ୍କର ବଡପୁଅ, ବୟସ ପଚାଶ ବର୍ଷ ପାଖାପାଖି - ସଞ୍ଜବେଳେ ବିଲରୁ ଘାସ କାଟି ବ୍ରାହ୍ମଣ ସାହିରେ ବିକେ, କିଛି ପଇସା ମିଳିଯାଏ । ସବୁଦିନେ ବାପାଙ୍କ ପାଇଁ ସୁଉକାର ଅଫିମ ଆଣିବା କାମ ତାଆର, ବାପା, ମା ଦେଖି ତାଟକା ହୁଅନ୍ତି । ଛୁଆଦିନୁ, ଛୁଆଟା ଘର ସମ୍ଭାଳୁଛି ।

ରାମାୟଣ, ରାମଚରିତ, ରାମଚର୍ଚ୍ଚା - ରାମ କଥା, ଯୋଉଠି ଆଲୋଚନା ହୁଏ, ସେଠି ଆଗ ମୃଷା, ପ୍ରତିଦିନ ଭାଗବତ ଟୁଙ୍ଗିଯାଏ, ମା ପାଖରେ ବସି, ବାଲ୍ମିକୀ ରାମାୟଣ ଶୁଣେ । ଗାଁ, ଗାଁ ବୁଲି ଯାତ୍ରା, ନାଟ, ତାମସା ଦେଖିବାକୁ ଭାରି ଆଗ୍ରହୀ । ଚାରି ପାଞ୍ଚଦିନ ନାଟ ଦେଖି ମଧ ଥକି ପଡେନା - ଦିନସାରା କାମ କରେ । ଗୋଟିଏ ବଡ କାମ ତାର ଦିନ ବାରଟା ପରେ, ଚତୁରା 'ମା' ଲେଖା ଯୋଖାରେ ଭାଉଜ - ବିଧବା - ବହୁତ ପୂଜାଧର୍ମ କରନ୍ତି, ସକାଳ ଛଅଟାରୁ ଉଠି ଠାକୁର ପୂଜା ସାରିଲାବେଳକୁ ଦିନ ବାରଟା । ଖୋଜା ପଡେ ମୃଷାକୁ, ସେ ଦୁବଘାସ ନେଇ କଳା ଗାଈ ଖୋଜି ଖୋଜି ଖାଇବାକୁ ଦିଏ । ଏ ତାର ପ୍ରତିଦିନ କାମ, ଘରର ସବୁ କାମ, ପାଠପଢ଼ା, କାଠ ଓ ଘାସ କଟା ସହ, ଏକାମ ତାର ବଡ ପ୍ରିୟ ଯେମିତି ହେଲେ, ଯେତେବେଳେ ହେଉ ପଛେ - କଳାଗାଈ, ଦୁବଘାସ ଖାଇବ ।

ଚତୁରା ମା ଦିଅରକୁ ଗେହ୍ଲା କରନ୍ତି - ଗରିବ ପିଲା ବୋଲି ବେଳେ ବେଳେ ଘରକୁ ଡାକି ଖାଇବାକୁ ଦିଅନ୍ତି - ଆଉ ରଜରେ ଯେତେବେଳେ ସବୁ ପିଲା ନୂଆଜାମା ପିନ୍ଧି ବୁଲନ୍ତି । ଚତୁରା ମା ଶାଢ଼ି ଲୁଗାଭିତରେ ଲୁଚାଇ, ଧଳା ହାପ ପ୍ୟାଣ୍ଟ, ନାଲିଆ ସାର୍ଟଟିଏ, ଆମ୍ବ ତୋଟାରେ ତାକୁ ପିନ୍ଧାଇ ଦିଅନ୍ତି । ମୃଷା ଆନନ୍ଦ କହିଲେ ନସରେ । ସେ ଗାଁ ଗାଁ ବୁଲି କହେ କଳାଗାଈକୁ ଘାସ ଦିଏତ, ନୂଆବୋଉ ରଜରେ ନୂଆଜାମା ଦେଇଛନ୍ତି । ସବୁ ଛୁଆଙ୍କ ପାଇଁ, ଜାମାପ୍ୟାଣ୍ଟ କରିବା ଦିବାକର ବାବୁଙ୍କ ପକ୍ଷେ ସମ୍ଭବ ହୁଏନା । ଚତୁରା ଗାଁର ସବୁଠାରୁ ବଡଲୋକ । କେନ୍ଦୁଝରେ ଗଡରେ ରଜାଙ୍କ ପେସ୍କାର । କୋଠାଘର ଦଶ ବଖରା - ଗାଣ୍ଡୁଆ, ରାଜାଘର ଲୋକ ବୋଲି ଗାଁର ପଡିଆ, କୁଦ, ନଦୀପଠା, ସବୁ ତାଆରି - ସବୁ ନିଜ ଜମିରେ ମିଶାଇ ଦିଏ, ହେଲେ ମା ତାଙ୍କର ଦାନଧର୍ମ, ପର୍ବ କରି ସବୁ ସତ୍କର୍ମରେ ଉଡାନ୍ତି । ମୃଷା ସବୁଠାରୁ ପ୍ରିୟ ବଡବାପା ପୁଅ ଭାଇ, ପ୍ରାଣବଲ୍ଲଭ ଫରେଷ୍ଟର ଇଲାକାରେ ରେଞ୍ଜରଙ୍କର, ପାଠୁଆ ସେ ଗାଁରେ, ଅବଶ୍ୟ ଚତୁରାର ସାନଭାଇ କୀର୍ତ୍ତନ ଏମ୍.ଏ ପଢ଼ିଥାଏ । ବରଜୁ ବି, ବି.ଏ ପଢ଼େ କଟକରେ -

Digitized by srujanika@gmail.com

ପ୍ରାଣବଲ୍ଲଭ ଭାଇଙ୍କ ବଦଳି ହେଲା ଅମଲା ପଡା, ଘଷିପୁରା । ଦିନେ ଦିନେ ରାତିରେ ମୂଷା ରହିଯାଏ ତାଙ୍କଘରେ । ତାଙ୍କଠାରୁ ଧର୍ମଚର୍ଚ୍ଚା ଶୁଣେ, ବଡ ଧାର୍ମିକ ସେ - ଗାଁ ଗଣ୍ଡା ସ୍କୁଲରେ ବୁଲି ଧର୍ମ ସଭା କରନ୍ତି । ସାକ୍ଷୀଗୋପାଳ - ବକୁଳବନ ଗୋପବନ୍ଧୁ ହାଇସ୍କୁଲରୁ ସେ ମେଟ୍ରିକ୍ ପାଶ କରିଥାନ୍ତି । ଦିନେ ଘଷିପୁରା ଏଲ୍.ପି ସ୍କୁଲରେ ସଭା ହେଉଥାଏ । ଶହ ଶହ, ହଜାର ହଜାର ଲୋକ, ବଲ୍ଲିଭାଇ ବକୃତା ଦେଉଥାନ୍ତି; ଗୋପବନ୍ଧୁ, ଗାନ୍ଧୀଙ୍କ ବିଷୟରେ । ଗାନ୍ଧିବୁଢ଼ା ଗାଁ ଗାଁ ବୁଲି ଭାରତକୁ ସ୍ୱାଧିନ କରିବା ପାଇଁ ଲୋକଙ୍କୁ ସତ୍ୟାଗ୍ରହରେ ଯୋଗଦେବାକୁ କହୁଛନ୍ତି । ଗାନ୍ଧିବୁଢ଼ା ପିଲାଦିନେ କୁଆଡେ ଛେଳିକ୍ଷିର ପିଉଥିଲେ । ସଭାରେ ଉଠିପଡ଼ି କହିଲା ମୂଷା "ମୁଁ ବି ଛେଳିକ୍ଷିର ପିଉଛି", ତାଳିହେଲା, ତିନି, ଚାରି ଜଣ ତାଙ୍କୁ ମାଡିବସି ବସାଇଦେଲେ, ମାଷ୍ଟ୍ରେ ବେତ ଦେଖାଇଲେ, ମୂଷାକୁ ଲାଜ ଲାଗିଲା ।

ଏହା ଭିତରେ ବଡଭାଇ ଜଙ୍ଗଲ ଚୌକିଆ ଚାକିରି ପାଇଥାନ୍ତି । ଫରେଷ୍ଟ ଗାର୍ଡ ଦରମା ଚାରି ଟଙ୍କା ମାସକୁ, ହେଲେ ବେଶ୍ ଦୁଇଟା ଉପରି ଥାଏ । ଆଦିବାସୀ ବହୁଳ କେନ୍ଦୁଝର ରାଜ୍ୟ, ତେଣୁ ବହୁଆଦିବାସୀ, ଲେବର ହୋଇ ଜଙ୍ଗଲରେ କାମ କରନ୍ତି । ଘରକୁ ଦୁଇ, ତିନି ମାସରେ ଥରେ ପ୍ରଫୁଲ ଭାଇ ଆସନ୍ତି, ସାଙ୍ଗରେ ଆସନ୍ତି ଆଦିବାସୀ କୁଲିମାନେ, ସାଙ୍ଗରେ ପାଞ୍ଚ, ଛଅଟା ଭାରଧରି - ସରୁଚାଉଳ, ଗୁଡ, ମହୁ, ମହୁଲ, ବିରି, ମୁଗ, ତେଲ, କୁକୁଡା - ଏମିତି କେତେ କିସମର ଜିନିଷ, ବାହାଘର ସରିଥାଏ, ବଡଭାଉଜ ବିଳାସ ନୂଆବୋଉ, ବଡଭାଇ ଚାରି, ପାଞ୍ଚଦିନ ଗାଁରେ ରହି ପୁଣି ଫେରି ଯାଆନ୍ତି; ଚାକିରି ଯାଗାକୁ । ତାପରେ ମୂଷା ଶୋଇବା ପାଳି ଭାଉଜଙ୍କ ପାଖରେ । ବଡ ଭାଉଜ ଭାରି ଭଲ ପାଆନ୍ତି ମୂଷାକୁ - ତାଙ୍କରି ଦୟାରେ ସେ ରାତିଅଧରେ ଲୁଚି ଚାଲିଯାଏ ନାଚ ଦେଖିବାକୁ ଏ ଗାଁରୁ ସେ ଗାଁକୁ । ବାପା, ମା କିଛି ଜାଣି ପାରନ୍ତିନି । ଦୁଇବର୍ଷ ହେଲା ବାହାଘର, ମୁଣ୍ଡରୁ ଦୁଇହାତର ଓଢ଼ଣା ଖସି ନାହିଁ, ଗୋଡ ମୁଣ୍ଡ ରୁପାରେ ଛାଇ ହୋଇଥାଆନ୍ତି । ନାକରେ ସୁନାର ନୋଥଟିଏ ବଡମାନେ ବଡ ଭାଉଜଙ୍କୁ, ଠିକ୍ ଯେମିତି, ତେଙ୍ଗି ତେଲେଙ୍ଗି ମାଇପିଟିଏ, ଅବଶ୍ୟ ଦେଖିବାକୁ ବଡଭାଉଜ ଟିକିଏ ଗୋରା - ପୂରାସଫାନୁହେଁ, ମଫସଲି ଗୋରା -

କୁନି ଅପା, ବାପର ଅପା, ପୁଅର ଅପା, ଗୋସିବାପାର ଅପା, ନାତିର ଅପା, ଗାଁର ଖଣ୍ଡେଇତ ଘରର ଝିଅ, ସମସ୍ତଙ୍କର ଅପା- ସୁନ୍ଦରୀ, ଗୌରୀ- ବଡ଼ ହିନ କପାଳି । ବାହାଘର ତିନିମାସ ନପୁରୁଣୁ, ସ୍ୱାମୀ ମରିଗଲା । ବଡ଼ ଦିଅରର ଇଛା ଥିଲା ଦୁତି ହୋଇ ବାହାହେବାକୁ । କିନ୍ତୁ କୁନି ଅପା ରାଜି ହେଲାନି, ସବୁଦିନ ପାଇଁ ଶାଶୁଘର ଛାଡ଼ି ଚାଲି ଆସିଲା - ବାପଘର- ଗାଁମୁଣ୍ଡରେ ତିନି ବଖରା ଘର, ଢ଼ିଙ୍କିଶାଳ, ବଡ଼ ବାରି, କୋଡ଼ିଏ ତିରିଶିଟା କଇଁଆ ଗଛ- ଦୁଇ, ତିନି ବର୍ଷ ପରେ ବାପା, ବୋଉ ମରିଗଲେ । ବଡ଼ ଦୁଃଖରେ ରହିଲା କୁନିଅପା । ଗାଁରେ ସମସ୍ତେ ତାର ଛୋଟ, ବଡ଼, ଭାଇ - ଦୁଃଖେ କଷ୍ଟେ ଚଳେ - ଜମି ଅଛି, ସବୁ ବଖରା - ଗାଁର ସବୁ ପିଲା ତାର ଭାଇ । ସବୁବେଳେ କହେ, ଯେ

Digitized by srujanika@gmail.com

ମୋର ପୁଅ ହୋଇ ରହିବ, ସବୁ ତା ନାଁରେ ଲେଖିଦେବି, ପାଖ ଗାଁରୁ ଏ ଗାଁରୁ, ସେ ଗାଁରୁ ପ୍ରାୟ ତିରିଶ, ଚାଳିଶି ଜଣ ଟୋକାକୁ କଥା ଦେଇଛି ପୁଅ କରିବାକୁ - ହେଲେ କାହାକୁ ପୁଅ କରେନି ।

ସଞ୍ଜ ଛଅଟାରେ ଲଣ୍ଠନଟିଏ ଧରି ଏ ଘରୁ ସେଘରକୁ ବୁଲେ । ଗାଁ ସାରା ଭଲମନ୍ଦ ବୁଝେ- ଶେଷରେ ଦଶଟା ବେଳେ ଆସି ବସିପଡ଼େ ଦିବାଦାଙ୍କ ଘରେ, ଲଣ୍ଠନ ଲିଭାଇଦିଏ ଗୋଡ଼ ଦିଟାକୁ ମେଲିଦିଏ । ପାଟି କରି କହେ, ଆଲୋ ହେ ଝଟକ ପ୍ରଭା ଠିଆ ହୋଇଛୁ କଣ, ଟିକିଏ ଗୋଡ଼ରେ ହାତ ଲଗା । ପରଘରି କେଉଁଦିନ ଘର ଅନ୍ଧାର କରି ଚାଲିଯିବୁ । ମରୁଆଟା ଗଲା ଯେ, ଗଲା, ଆଉ ଫେରିନି । ସବୁଦିନ ପାଇଁ ସଂସାର ଛାଡ଼ି ଚାଲିଗଲା । ଛାଡ଼ିଗଲା କୁନିପୁଅ ସୁରିଆଟାକୁ । ପାଟିକରି ଶୁଣେଇ ଶୁଣେଇ ଡ଼ାକେ, ହେ ମୃଷା ନାଟ ଦେଖି ଯିବୁନି, ମୁଁ ଯାଉଛି, ଆ ଯିବା । ବଢ଼ିଆ ନାଟ ପାର୍ଟି । ମୋଗଲ ବନ୍ଧି, କଟକ ଜିଲ୍ଲାରୁ ଆସିଛି । ଆଜି ରାମ ବିବାହ ଆରମ୍ଭ କରି ରାବଣ ମଲାଯାଏ ହେବ । ହେଇଟି ଖୁଡ଼ି, କୁନି ଭାଇଟାକୁ ଛାଡ଼ୁନ । ମୁଁ ତିରିଲାଗ ଏକୁଟିଆ ଯିବି କେମିତି, ଦୁଇକୋଶ ବାଟ, ଶାଳପଡ଼ା ।

ମୃଷାଛୁଆ ଅନେଇକି ବସିଥାଏ, କୁନିଅପା କେତେବେଳେ ଡ଼ାକିବ । ମା ପାଖେ ଅଳିକରେ, ମୁଁ ଯିବି ମା, ଟିକିଏ ରାମକୁ ଦେଖି ଚାଲି ଆସିବି । ବାପା ଆରଘରୁ ପାଟି କରି ଉଠନ୍ତି, ନା, ନା ପରୀକ୍ଷା ପାଖ, ବୃତ୍ତି ପରୀକ୍ଷା ନାଟଦେଖା ବନ୍ଦ କର । ବାପାଙ୍କର ଏକମାତ୍ର ଚିନ୍ତା "ବୃତ୍ତି ପରୀକ୍ଷା ଉଚ୍ଚ ପ୍ରାଥମିକ ବୃତ୍ତି ମୋତେ ପାଇବା ପାଇଁ ପଡ଼ିବ । ଛୁଆଦିନୁ ଏମିତି ବୃତ୍ତି ନପାଇଲେ ମୁଁ କୁଆଡ଼େ ବଡ଼ ହାକିମ ହୋଇ ପାରିବି ନାହିଁ" ବଡ଼ ପାଟିକରି କହନ୍ତି, "ନାଟଦେଖି ଯାଇପାରିବୁନି" । ଦାଦାଙ୍କର ବଡ଼ ପାଟି ଶୁଭେ ଜିବନା ବୋଉ, ନୂଆବୋଉଙ୍କୁ ସେ ମୃଷା ବଡ଼ବାପା ପୁଅ ଶରତ ଭାଇଙ୍କ ସ୍ତ୍ରୀ, ମୁକ୍ତି ଆରିଆଣି ତାଙ୍କ ବାହାଘର ବାସିଦିନ ମୃଷା କୁଆଡ଼େ ଜନ୍ମ ହୋଇଥିଲା । ନଅ, ଦଶବର୍ଷ ହେଲା ବୋହୂ ହେଲେଣି, ଭାରି ଶରଧା ମୃଷାକୁ, ବର୍ଷେ, ଦୁଇବର୍ଷ ଯାଏ ଖୁଡ଼ିର କ୍ଷୀର ହେଲାନି ସେ କାଳେ ମୃଷାକୁ କ୍ଷୀର ପିଆଇ ଥିଲେ । ବାହାଘରର ବର୍ଷକ ପରେ ବଡ଼ପୁଅ ଜିବନା ଜନ୍ମ ହୋଇଥିଲା ।

ଶେଷରେ ନାଟ ଦେଖିବା ଠିକ୍ ହେଲା, ଜିବନା ବେଶ ହୋଇ ବାହାରି ଆସିଲା । ସେ କୁଆଡ଼େ ହେବ ପାଲା ଗାୟକ । କୁନି ଅପା କହିଲା, ଆରେ ତିନିଜଣ ଯିବା କେମିତି ଅଶୁଭ, କାନ୍ଥ ସେ ପଟରେ ଲୁଚିକି ଠିଆହୋଇ ନବ କହିଲା "ମୁଁ ଯିବି," ନବ - ନିରକୁ ମାମୁଁ ଡ଼ାକେ । ବୟସରେ ତିନି, ଚାରିବର୍ଷ ବଡ଼, ହେତୁ ପାଇଲାଣି, ବଢ଼ିଲା ଝିଅକୁ ଅନାଇଲାଣି, ବଜାରିଚା । ଦିନେ ମୃଷାକୁ ଭାଣ୍ଡ କଥା ଶିଖାଉଥିଲା, ମୃଷା ଗାଳି ଦେବାରୁ ଚୁପ୍ ହେଲା । ସେଦିନଠାରୁ କଥା ବନ୍ଦ - ଅପଦ୍ଧ । ସେ ଯାଉ - କଥାସିନା କହିବନି - ସାଙ୍ଗରେ ଗଲେ ଅଶୁଭ ତ କଟିଯିବ । ଚାରିଜଣ ମାଳ ଯାତରା ଦେଖିବାକୁ ବାହାରି ପଡ଼ିଲେ । ଧଡ଼ା ଖୋଲି ମାଟି ସଡ଼କ ନଧରୁଣୁ, ଯାତ୍ରା ଆରମ୍ଭ, କନ୍‌ସର୍ଟ ଶୁଭିଲା । ଡ୍ରମ୍,

Digitized by srujanika@gmail.com

କ୍ଲାରିଓ ନେଟ୍, ହାରମନିୟମ୍, ତୁରୀ ଏକାବେଳକେ ବାଜି ଉଠିଲା । ଦମ୍‌ଦମ୍, ଦ ମାମ୍, ମେଁ ମେଁ ମେଁ, କୁଁ କୁଁ, କିଆଁଉ ଆଉ କେତେ କଣ । ପଡ଼ିଉଠି ସମସ୍ତେ ଦଉଡ଼ିଲେ, ଯାତ୍ରା ପଡ଼ିଆରେ ଲୋକେ, ଥାଟ ପଟାଳି ଭାଙ୍ଗୁ ଥାଆନ୍ତି ।

ନବଟା ବଡ଼ ଟାଙ୍ଗକ୍, ହୁସିଆରି ପିଲା, ରାଧାଶ୍ୟାମ ବସରୁ ମାଲ୍ କାଢ଼େ, ଉପରକୁ ଉଠାଏ, ସାଙ୍ଗରେ ଆଣିଥାଏ ଗୋଟାଏ ବଡ଼ ପୁରୁଣା ଅଧାଚିରା ଚଟି, ତାକୁ ପକାଇଦେଲା, କନ୍‌ସର୍ଟ ପାର୍ଟିଙ୍କ ଆଗ ଖାଲି ଥିବା ଜାଗାରେ, ମଝି ମଝିଆ ଜାଗା । କୁନିଅପା କହିଲା ଏଜ୍ଞାଗାଟା ଠିକ୍ - ସବୁ ଦିଶିବ, ସବୁ ଶୁଭିବ - ମନଲାଖି ଜାଗାଟିଏ ମିଳିଗଲା ବୋଲି, ମୁଷା ନବକୁ ମନେ ମନେ ତାରିଫ୍ କଲା, କିନ୍ତୁ କଥା କହିଲା ନାହିଁ ।

ମୁଣ୍ଡରେ ଗୋଟିଏ ତେଲିଆ ଗାମୁଛା ପକାଇ ବସିଥାଏ ମୁଷା, ଚାରି ଆଡ଼କୁ ମୁହଁ ବୁଲାଇ ଦେଖିନେଲା - ଗାଁର କେତେ ଚିହ୍ନା ମୁହଁ । ହେଡ୍‌ମାଷ୍ଟ୍ରେ ବି ବସିଛନ୍ତି । ଗାଁର ବୁଢ଼ା ଢେଢେ - ନୂଆ ରସିକିଆ ଟୋକା ମାଷ୍ଟ୍ରେ - ଗାମୁଛାଟା ଆହୁରି ତଳକୁ ଟାଣିଦେଲା । କେହି ଯେମିତି ନ ଦେଖନ୍ତି, ପାଖକୁ ଡ଼ାକିବେ କଥାବାର୍ତ୍ତା ହେବେ । ନାଟ ଦେଖିବାରେ ବାଧା ଦେବେ । ପାଖରେ ସାଇତି ରଖିଥିଲା, କାଣ୍ଡଟୀର ସେଇଟାକୁ ସବୁବେଳେ ହାତରେ ଧରିଥାଏ ମୁଷା - ରାମଙ୍କ ଧନୁଶର ।

ନାଚ ଆରମ୍ଭ ହେଲା । ବଡ଼ ବାଜା ବାଜି ଉଠିଲା, ବଡ଼ ଜାହାଜୀ ସାଙ୍ଗକୁ ଢୋଲ, କ୍ଲାରିଓ ନେଟ୍, ରାମ, ଲକ୍ଷ୍ମଣ, ସୀତା ଆସିଲେ । ଆହା, ରାମ - ରାଜିବ ଲୋଚନ - ଶ୍ୟାମ ବୃନ୍ଦାବନ-ଶ୍ୟାମଙ୍କ ଚରଣ ରାମ, ରାମ, କି ସୁନ୍ଦର ବଢ଼ିଆ ପାର୍ଟ କରୁଥାଏ । ମୁଷା ରାମକୁ ହାତ ଯୋଡ଼ି ଜୁହାର ହେଲା । ତାପରେ କେତେ କଣ ସିନ୍ ଚାଲିଗଲା - ଶେଷରେ ରାମ ରାବଣକୁ ବଧ କଲେ- ସୀତାଙ୍କୁ ଆଣିଲେ- ଠିକେ ଠିକେ ପୁରା କରିଦେଲେ, ନାଚପାର୍ଟି । ନାଚ ଭାଙ୍ଗିଲା ବେଳକୁ ସକାଳ ସାତଟା- ଲୋକେ ନିଜ ବେଉଷାରେ ଉଠି ପଡ଼ିଲେଣି । କୁନିଅପା କହିଲା, ଆଉ ଡ଼େରି କରନି, ଦିନ ଅଧିକ ହେଲାଣି । ମୁଷା ସମସ୍ତଙ୍କୁ କହିଲା, ତୁମେ ସବୁ ଯାଅ ମୁଁ ଡ଼େରିରେ ଯିବି, ଟିକିଏ ରାମକୁ ଦେଖି କରି ଯିବି । ସତରେ ରାମ କି ବଢ଼ିଆ ସାଜିଥିଲା । ପାର୍ଟ କି ବଢ଼ିଆ, ହସି ଉଠିଲେ ସମସ୍ତେ, ରାତିରେ ତ ଦେଖିଲୁ, ଦିନରେ ପୁଣି କଣ ଦେଖିବୁ । ନା, ନା ମୁଁ ଦେଖିବି, ଖାଲି ଦେହରେ ଥରେ ରାମକୁ ଦେଖିଯିବି । ଡ଼େରି ହେଲାଣି, ବାପା ରାଗିବେ, ମୁଁ ଦଶଟାପରେ ପହଞ୍ଚିବି । ମା କିଛି କହିବନି । ପଅରଦିନ ବୃତ୍ତି ପରୀକ୍ଷା ଆରମ୍ଭ, ଏଠୁ ଯାଇ ପାଠ ପଢ଼ିବି । ସମସ୍ତେ ଚାଲିଗଲେ ମୁଷା ଗଲା ନାଚପାର୍ଟି ଯେଉଁଠି ରହନ୍ତି । ସମସ୍ତ ପାର୍ଟିଆର(ପାଟ୍‌ନର) ଶୋଇଛନ୍ତି । କାହାମୁଣ୍ଡ କାହାଗୋଡ଼ ଆଡ଼କୁ, କିଏ କାହାକୁ କୁଣ୍ଢାଇ ଶୋଇଛି, ବିଛେଇ ପଡ଼ିଛନ୍ତି - ପାର୍ଟିଆର ମାନେ, କିଏ ଅଧା ଲଙ୍ଗଳା ତ କିଏ ପୁରାପୁରି । ଏଣେ ତେଣେ ଗଡ଼େଇ ଉଠେଇ ରାମକୁ ଖୋଜି ପାଇଲା ନାହିଁ । ରାଗି ଚାଲି ଆସୁଥିଲା । ଦେଖିଲା, ସେ କଣ ଘରେ - ରାମ କୁଟାମୁଟା ହୋଇ ରାବଣ କୋଳରେ ଶୋଇଛି । ଭାରି ଘୃଣା ହେଲା ରାମକୁ । ଜାଣି

Digitized by srujanika@gmail.com

ରାତିରେ ରାବଣକୁ ମାରିଛି, ତାରି କୋଳରେ ଅଧାପିଟା ଦେଖାଇ ଶୋଇଛି । ରାବଣ ପୁଣି ରାମକୁ କୁଣ୍ଢାଇଛି । ରାଗରେ ଟାଣି ଆଣିଲା ରାମକୁ, ରାମ ସେ ଟୋକାକୁ ଦେଖି ତଟସ୍ଥ । ମୂଷା କହିଲା ଏତେ ବେହିଆ, ରାବଣକୁ ମାରି ପୁଣି ତାରି କୋଳରେ ଶୋଇଛୁ । ରାମ କହିଲା, ଏପରା ମୋ ବାପା, ସେ ହୁଅନ୍ତି - ରାବଣ - ମୁଁ ହୁଏ - ରାମ- । ମୂଷା ହସିଦେଲା, ଲାଜେଇଗଲା, କହିଲା - ''ଯାଉଛି । ଆଜି କି ସୁଆଙ୍ଗ କରିବ'' - ''ଅଭିମନ୍ୟୁ ବଧ - ବାପା ହେବେ ଦୁର୍ଯ୍ୟୋଧନ'' - ''ଆଉ ତୁ, ତୁକି ପାର୍ଟ କରିବୁ'' - ''ମୁଁ ପରା ଅଭିମନ୍ୟୁ - ଆସିବୁ'', ହଁ ଟିଏ କହି ମୂଷା ଦୌଡ଼ି ଆସିଲା, ଭାବିଲା ପୋଖରୀରେ ଗାଧୋଇ ପଳାଇବ- ଚାରିଆଡ଼କୁ ଅନାଇଲା, ପେଣ୍ଟ ସାର୍ଟ ଘାଟରେ ରଖି, ଲଙ୍ଗଳା ହୋଇ ପଶିଲା ପାଣି ଭିତରେ ।

ସଅର ସାହିର ଲଳିତା, ବଡ଼ ଫାଜିଲି ଝିଅଟା, ବୟସ ଷୋହଳ କି ସତର, ଗୋରାଦେହ ଦେଖିବାକୁ ବଡ଼ ସୁନ୍ଦରୀ- ଓଦାଦେହ, ପାଣି ଭିଜା ଶାଢ଼ୀଟିଏ ଦେହରେ, ବ୍ଲାଉଜ ନାହିଁ, ପାଣି କଳସି ଧରି - ପିଚାକୁ ହଲାଇ ହଲାଇ ଚାଲିଛି, ବୁଲିପଡ଼ି ଦେଖିଲା - ମୂଷା ପୋଖରି ପାଣିରେ । କହିଲା - ''ହଇରେ ବେହିଆ, ମୋତେ ଅନାଇ ଆଖି ମାରୁଛୁ କଣ'' - ରାଗି ଉଠିଲା ମୂଷା, କୂଳକୁ ଆସି ଜାଣ୍ଡ ସରଟାଏ ମାରିଲା । କଳସିରେ ବାଜିଲା - କଣା ହୋଇଗଲା, ଛୋଟ କୁନିପୁଅ ମୁତିଲା ପରି, ପାଣି ପିଚ୍ ପିଚ୍ ବାହାରିଲା । ଲଳିତା ପାଟିକଲା ''ଛତରା, ନଙ୍ଗଳାହୋଇ ମୋତେ ଦେଖଉଛୁ''; ଗୋଡ଼ାଇଲା ମୂଷାକୁ । ମୂଷା ତର ତରରେ ପେଣ୍ଟ ପିନ୍ଧି ଦୌଡ଼ି ପଶିଗଲା ଙ୍କଅରା ଗଉଡ଼ ଘର ଭିତରେ । ରାଧା ଦୁଧ ଗରମ କରୁଥାଏ, ଦହି ତିଆରି କରୁଥାଏ - ଶୋଷ ହେଉଥିଲା, ଦେଲା ଦହି ଠେକି ପାଟି ଭିତରକୁ ଟେକି- ଖିର ପିଇଦେଲା, ମାରି ଗୋଡ଼ାଇଲା ତାକୁ ରାଧା ।

ରାଧା, ଲଳିତା ଗାଳିଦେଇ ଗୋଡ଼ାଇଥାନ୍ତି - ମୂଷାକୁ, ମୂଷା ମା (ପାର) ପାର୍ବତୀ ପାଅଣ ଧରି ଜଗି ବସିଥାଏ । ଲଳିତା, ରାଧା କହିଲେ - ଥାଉ, ଥାଉ, ମାଉସୀ ପିଲାଟା, ଆଉ କରିବନି - ପାର୍ବତୀ କିନ୍ତୁ ଛାଡ଼ିଲେ ନାହିଁ, ଛେଳି ବନ୍ଧା ପଘା ଫିଟାଇ ଆଣି ବାନ୍ଧିବାକୁ ଗଲେ । ମୂଷା ମଧୁର ସ୍ୱରରେ ଗାଇଲା, ''ତୁ କି ଦେଇ ବାନ୍ଧିବୁ ମାଗୋ - ମୁଁ ତ ବନ୍ଧା ତୋର ପ୍ରୀତି ରଜୁରେ'', ପାର୍ବତୀ ହାତରୁ ରସି ଖସି ପଡ଼ିଲା - ଆଖିରେ ଲୁହ, ବଡ଼ ଭାଉଜ ଦିଅରକୁ ଗେହ୍ଲା କରି, କୋଳରେ ସୁଆଇ ଦେଲେ ।

ବୃତ୍ତି ପରୀକ୍ଷା ଫଳ ବାହାରିବାକୁ ଆଉ ଦୁଇ/ତିନିଦିନ ଥାଏ । ଦିବାକର ବାବୁ ଚାରିଆଡ଼େ ବୁଲି ବୁଲି କହିଲେ, ପୁଅଟା କଣ ପାଶ୍ କରିବ, ପୁରା ନାଟୁଆ ହୋଇଗଲା । କେଉଁଠି ଥିଲେ କେଜାଣି, ହେଡ଼ମାଷ୍ଟ୍ରେ ପଟିବାବୁ, ଦୌଡ଼ି ଆସି କହିଲେ, ଶୁଣିଲଣି ଦିବାକର ବାବୁ, ପୁଅ ତୁମର ବୃତ୍ତି ପରିକ୍ଷାରେ ପାଷ ହୋଇଛି । ଆଁ କରି ଅନେଇଲେ ଦିବାକରବାବୁ ପାଷ ହୋଇଛି - କିଏ ନାଟୁଆ ନଟବର । ମୋ ମୂଷା ଛୁଆଟା !!!

Digitized by srujanika@gmail.com

ରାମ ବନିଗଲେ ସୀତା

ଆନନ୍ଦପୁର ମାଇନର ସ୍କୁଲ, ମୃଷାର ସ୍କୁଲରେ ନାମଲେଖା ସରିଥାଏ । ବୃତ୍ତି ପରିକ୍ଷାରେ ପାଷ୍ଟ ହୋଇଥାଏ ବୋଲି, ଖାତିର ତାର ବେଶି, ପିଲାମାନେ ତାକୁ ମାନନ୍ତି । ଚାଳିଶି ମାଇଲି ଦୂରରେ ଆଉ କେଉଁଠି ମାଇନର ସ୍କୁଲ୍ ନଥାଏ । ତେଣୁ ସ୍କୁଲରେ ପିଲା ସଂଖ୍ୟା ଅନେକ; ସ୍କୁଲ ପାଖରେ ହଷ୍ଟେଲ୍ - ଦୂର ଦୂରନ୍ତର ପିଲା - ହଷ୍ଟେଲ୍‌ରେ ରହନ୍ତି । ମା ପାର୍ବତୀ ପୁଅକୁ ତାଗିଦ୍ କରି କହନ୍ତି । ସାବଧାନରେ ଯିବୁ, ଡଙ୍ଗାରେ ହଲ୍‌ଚଲ୍ ହେବୁନି । ନଦୀ ପାର ହୋଇ, ମୃଷା ସବୁଦିନେ ସ୍କୁଲ ଯାଏ । ସ୍କୁଲରେ ବହୁତ ମାଷ୍ଟର, ମୃଷାକୁ ସମସ୍ତେ ଭଲ ପାଆନ୍ତି । ମୃଷା କ୍ଲାସରେ ମନିଟର - ବୁଢ଼ା ପଣ୍ଡିତେ, ଜଗବନ୍ଧୁ ସାର - ବୁଢ଼ା ହେଲେଣି, ସ୍କୁଲ୍ ଛାଡ଼ି ନାହାନ୍ତି । ହେଡ୍ ସାର, ତାଙ୍କୁ ବେଶୀ ଭଲ ପାଆନ୍ତି- ସବୁଠାରୁ ବେଶୀ ସ୍ନେହ କରନ୍ତି ବୁଢ଼ା ପଣ୍ଡିତେ ମୃଷାକୁ । ତାଙ୍କର ଇଚ୍ଛା "ମୃଷା ନାମରଖୁ ଓ ମାଇନରରେ ପାଷ୍ଟ ହେଉ । ରାଜାଙ୍କଠାରୁ ବୃତ୍ତି ପାଉ; ସାଇବ ହାଇସ୍କୁଲ, "GIB Son High School" ରେ ନାମ ଲେଖାଉ" । ପଣ୍ଡିତେ ସାର ସ୍କୁଲ୍ ପଢ଼ାବାଦ୍ - ଘରେ ବେଳେ ବେଳେ ମୃଷାର ପଢ଼ା ଦେଖନ୍ତି ।

ଦିନକର କଥା, ଦିନେ ପଣ୍ଡିତ ସାର ସ୍କୁଲରେ କହିଲେ- "ଶୁଣିଲ ପିଲେ- ସ୍କୁଲରେ ଡ୍ରାମା ହେବ । ସ୍କୁଲରେ ପ୍ରଥମ ଡ୍ରାମା - ଅଖା, କାଗଜରେ ସିନ୍ ଟଣା ହେବ । ବହି ହେବ ରାମ ବିବାହ, ହଁ ମୃଷା କେଉଁଠୁ ବହି ମିଳିବ ତୁ ପାଞ୍ଚ, ଛ'ଅ ଦିନରେ ଯୋଗାଡ଼ କରି ଆଣି ଦେ । "ମୃଷାର ବହୁତ ଆନନ୍ଦ, ଯାହା ହେଉ ଏତେ ଦିନପରେ ତା ମନସ୍କାମନା ପୂର୍ଣ୍ଣ ହେବ । ରାମ ତାହାର ପରମ ଆରାଧ୍ୟ, ଇଷ୍ଟଦେବ, ସେ ରାମ ପାଟ୍ କରିବ । ଚାରି,

Digitized by srujanika@gmail.com

ପାଞ୍ଚ ମାଇଲ୍ ଦୂରରେ ଥିବା ପୁରୁଣା ସ୍କୁଲକୁ ଯାଇ 'ରାମ ବିବାହ' ବହି ଖୋଜିଲା । ଚାରି, ପାଞ୍ଚ ଦିନ ବୁଲି ବୁଲି ନଇଁଯାତ ହେଲା । ଶେଷରେ ଫକିର ପୁରରୁ ପାଇଲା, ପୁରୁଣା ଚିରା ବହିଟାଏ । ବହିଆଣି ରାତିସାରା ପଢ଼ିଲା - ରାମ ପାର୍ଟ ବଢ଼ିଆ ଲାଗିଲା ତାକୁ - ପୁରା ମୁଖସ୍ଥ କରିଦେଲା ।

ତାପରଦିନ ବହି ଦେଲା - ପଣ୍ଡିତ ସାରଙ୍କୁ । ପିଲାମାନେ ତିନିଟା ବେଳୁ ପାର୍ଟ କାଷ୍ଟିଙ୍ଗ ପାଇଁ ଆସିଲେ, ବହିରେ ବହୁତ ରୋଲ୍, ମୃଷା ସବୁ ପାର୍ଟ ପ୍ରକସି କରେ, ସବୁ ପାର୍ଟ ତାର ଭଲ ହେଉଥାଏ । ଦଶ ପନ୍ଦର ଦିନ ଗଲା, କିଏ କେଉଁ ପାର୍ଟ କରିବ କିଛି ଠିକ୍ ହୋଇ ପାରିଲା ନାହିଁ । ଦିନେ ଏକାଠି ହୋଇ ପିଲାମାନେ ସାରଙ୍କୁ କହିଲେ, "ସାର୍, କେଉଁଦିନ ଫାଇନାଲ୍ କାଷ୍ଟିଙ୍ଗ ହେବ", ସାର୍ କହିଲେ "ମୁଁ ତୁମ ସମସ୍ତଙ୍କୁ ପରୀକ୍ଷା କରୁଥିଲି, କାଲି ବୋର୍ଡ଼ରେ ନାମ ବାହାରିବ । ତାପରଦିନ ସମସ୍ତେ ରେଡ଼ି ହୋଇ ଆସି ଥାଆନ୍ତି, ଆଜି ପାର୍ଟ ଫାଇନାଲ୍ ହେବ । ସ୍କୁଲ୍ ଖୋଲା ହେଲା - ବୋର୍ଡ଼ରେ ଲେଖା ହୋଇଛି, ରାମ - ବଳରାମ, ଲକ୍ଷ୍ମଣ - ହରିଆ, ବଶିଷ୍ଠ - ଗୋବିନ୍ଦ, ଦଶରଥ - ବନମାଳୀ, ଇତ୍ୟାଦି ଇତ୍ୟାଦି ଶେଷରେ ସୀତା - ମୃଷା । ମୃଷା ରାଗିଗଲା, ଦୌଡ଼ି ପଳାଇଲା, ପଣ୍ଡିତ ସାର୍ଙ୍କ ରୁମରୁ ନେଇ ଆସିଲା ବହିଟା, ଖେଳ ପଡ଼ିଆରେ ଖଣ୍ଡ ଖଣ୍ଡ କରି ଚିରିଦେଲା ବହି, ପିଲାମାନେ ତା ପଛରେ, ପିଲାମାନଙ୍କ ପଛରେ ପଣ୍ଡିତେ, ବେତରେ ନୋଳା ପଡ଼ିଗଲା । ମୃଷାର ରକ୍ତ ବାହାରୁଥାଏ । ବହି ପୁଣି ଅଠାରେ ପେଷ୍ଟ କରାଗଲା - ମୃଷା କଲା ସୀତା ପାର୍ଟ ।

ଡ୍ରାମାଦିନ, ବହୁତ ଆଡୁ ବହୁତ ବଡ଼ ବଡ଼ ଲୋକ ଆସିଥାଆନ୍ତି । ପ୍ରଥମ ନାଟକ, ସ୍କୁଲ ଏସ୍.ଆଇ ନାଟକ ପରେ ଫାଷ୍ଟ, ସେକେଣ୍ଡ ପ୍ରାଇଜ୍ ଦେବେ । ନାଟକ ଖୁବ୍ ବଢ଼ିଆ ହେଲା । ବାପା, ମା, ଭାଇ, ଭଉଣୀମାନେ ଡ଼ଙ୍ଗାପାର ହୋଇ ନାଟ ଦେଖିବାକୁ ଯାଇଥାନ୍ତି । ସୀତା ପାର୍ଟରେ ଘନ ଘନ ତାଳି, କେତେ ମେଡ଼ାଲ୍, କେତେ ପୁରସ୍କାର, ନାଟକ ସରିଲା - ଫାଷ୍ଟ ପ୍ରାଇଜ୍ ପାଇଲା ମୃଷା, ସୀତା ପାର୍ଟ ପାଇଁ, ବହୁତ ପ୍ରାଇଜ୍, ବହୁତ ଟଙ୍କା ମୃଷା ମନ ବହୁତ ଖୁସି ।

ତା ପର ବର୍ଷ ପୁଣି ଡ୍ରାମା - ବହି - 'ହରିଶ୍ଚନ୍ଦ୍ର', ହରିଶ୍ଚନ୍ଦ୍ର ପାର୍ଟ କରିବାକୁ ମୃଷାର ବହୁତ ଇଛା - ହରିଶ୍ଚନ୍ଦ୍ର, ଦାନବୀର ହରିଶ୍ଚନ୍ଦ୍ର, ଦାନ କରି କରି ଶେଷରେ ରାଜ୍ୟ ପୁଅ, ସ୍ତ୍ରୀ ସବୁ ବିକି ଦେଇ - ଶ୍ମଶାନରେ 'ମଲା ଚଣ୍ଡିଆ' କାମ କଲେ । କେତେ କାକୁତି ମିନତି କଲା ସାର୍ଙ୍କୁ, ହେଲେ ପଣ୍ଡିତ ସାର୍ ବଡ଼ ନିର୍ଦ୍ଦୟ - ତାକୁ ପାର୍ଟ ଦେଲେ 'ସବ୍ୟା' କହିଲେ - ହରିଶ୍ଚନ୍ଦ୍ର ପାର୍ଟ ସମସ୍ତେ କରିବେ, ହେଲେ ସବ୍ୟା ରୋଲ୍ କିଏ କରିବ । ରୋହିତକୁ ସାପ ମାରିଛି, ମା ଆସିଛି ଶ୍ମଶାନ, ପୁଅକୁ ପୋଡ଼ିବାକୁ ପଇସା ନାହିଁ, କୁହାର ହେଉଛି 'ମଲା

Digitized by srujanika@gmail.com

ଚଣ୍ଡିଆକୁ' - ଗୋଡ଼ଧରି, କିଛି କାଠ ମାଗଣାରେ ଦେବାକୁ, କହିଛି, ଶେଷରେ ଚିହ୍ନିଛି ସେ ତାର ସ୍ୱାମୀ, ରାଜା ହରିଶ୍ଚନ୍ଦ୍ର, ସେ- କରୁଣ ଦୃଶ୍ୟ କିଏ ଆଉ ଫୁଟାଇବ ମୃଷା ତୋ ଛଡ଼ା, - ତୁ ହେବୁ 'ସବ୍ୟା', 'ସବ୍ୟା' ରୋଲ୍ କଲା - ପୁଣି ସେହି ଫାଷ୍ଟ, ବାଃ, ବାଃ, ପ୍ରାଇଜ୍, ଟଙ୍କା, କେତେ କଣ ।

ହେଲେ ଗାଁ ସ୍କୁଲ୍ ପିଲା ଯେ କଳାର ମୂଲ୍ୟ ବୁଝନ୍ତିନି - ନବଟା ବେଳେ ବେଳେ ଦେଖେଇ ଦେଖେଇ, ଚୁଗୁଲେଇ କହେ, ''ଛି- ମାଇଚିଆଟା'', ମୃଷା ସବୁ ସହେ, କିଛି କାହାକୁ କହେନି । ବଜରି, ଛତରା ପିଲାମାନେ କାନ୍ଥରେ ଲେଖିଦେଲେ 'ବଡଘର ବଡ ଗୁମର କଥା' - ମନେ ରଖିତା - 'ରାମ ବନିଗଲେ ସୀତା' - ମୃଷା କେତେ କାନ୍ଦିଲା । ୭ମ ଶ୍ରେଣୀ ବୃତ୍ତି ପରୀକ୍ଷାପାଖ, ମୃଷାକୁ ବାର କି ତେର ବର୍ଷ ଚାଲିଥାଏ । ପୂର୍ଣ୍ଣଭାଇ, ପ୍ରାଣ ବଲ୍ଲଭ ଭାଇ ପାଖେ କେନ୍ଦୁଝରରେ ରହି, ମେଟ୍ରିକ୍ ଦୁଇ, ତିନି କ୍ଲାସ୍ ପଢ଼ିଥାନ୍ତି । ବହୁ କଷ୍ଟରେ ପୋଲିସ୍ କନ୍‌ଷ୍ଟେବଲ ଚାକରିଟିଏ ପାଇଥାଆନ୍ତି - ବଡ ଭାଇଙ୍କର ଦୂରକୁ ବଦଳି - ସାନଭାଇ ଅତୁଲ୍, ମାଇନର ପାଶ୍ କରି ତିନି, ଚାରି ବର୍ଷ ଘରେ ବସି - କୋଉ ଏଲ୍‌ପି ସ୍କୁଲରେ ମାଷ୍ଟର - ଦରମା ଦୁଇଟଙ୍କା, ପୂର୍ଣ୍ଣଭାଇଙ୍କର ଚାରିଟଙ୍କା କେତେ, ଝଟକ ଅପାର ବାହାଘର ସରିଥାଏ, ବହୁତ କରଜ । ବାପାଙ୍କୁ ବୟାଅସୀ, ତେୟାଅଶୀ ବର୍ଷ ହେଲାଣି । ସେଥିରେ ବି ସେ ମୁରପୁର, ବାଦବୋତା, ସଇଲଙ୍କ, ବନ୍ତୋ ଯାଇ ଧାନ ଅମଳ କରିନ୍ତି - ହେଲେ ତାଙ୍କୁ ଠକି ଦିଅନ୍ତି ରଇତ ମାନେ - ଆଖିକି ଭଲ ଦୁରୁଶ ହୁଏ ନାହିଁ ବୋଲି - ସାଙ୍ଗରେ ମୃଷାତ ଯାଇ ପାରେନା - ପରୀକ୍ଷା ପାଇଁ ବ୍ୟସ୍ତ ମୃଷା, ଘର ଅବସ୍ଥା ବହୁତ ଖରାପ ।

ଫଳ ବାହରିବାକୁ ଦଶ, ପନ୍ଦରଦିନଥାଏ, କେନ୍ଦୁଝର ଗଡରୁ ପୂର୍ଣ୍ଣଭାଇ ସବୁ ଅସୁବିଧା ଲେଖିଲେ, ଯଦି ମାଇନରରେ ଫାଷ୍ଟ ହେଉ, ରାଜାଘର ଷ୍ଟାଇପେଣ୍ଡ ମିଳିବ । ହାଇସ୍କୁଲରେ ତାଙ୍କ ପାଖରେ ରହି ପଢ଼ିବୁ, ଯଦି ନହଉ ପାଠ ପଢ଼ା ବନ୍ଦ । କାଠ ବିକି ଘାଷକାଟ, କି ନାଚ ପାଟିରେ ରହିଯା । ଭାଇଙ୍କର ଚିଠିକୁ ଦଶ, ବାର ଥର ପଢ଼ିଛି ମୃଷା କୁନିଅପା ତା ଦୁଃଖରେ ଦୁଃଖୀ । ବେଳେବେଳେ ନେଇ ତାକୁ ପାଖରେ ଧରି ଶୁଏ । ଦିନେ କୁନି ଅପା କହିଲା ''ଆରେ ପୂର୍ଣ୍ଣସିନା ଲେଖି ଦେଇଛି ଫଳ ବାହାରୁ'', ଫଳ ବାହାରିଲା ମୃଷା ଫାଷ୍ଟ ହେଲାନି, ହେଲା ଥାର୍ଡ, ଆଉ ଷ୍ଟାଇପେଣ୍ଡ ମିଳିବନି, ପାଠ ପଢ଼ାର ଡୋରି ବନ୍ଧା ହେଲା - କୁନିଅପା କହିଲା ''ନା - ସେ କଥା ହେବନି, ତୁ ପଢ଼ିବୁ, ବଡ ଲୋକ ହେବୁ, ଘରର ଦୁଃଖ ଦୂର କରିବୁ, ପରମାନଙ୍କୁ ସାହାଯ୍ୟ କରିବୁ । ଗୋଟାଏ ଟଙ୍କା ଖର୍ଚ୍ଚ, ବସ୍‌ଭ ନବ ଦଶ ଅଣା ପଇସା । ପାଖରେ ଛଅଅଣା ପଇସାରଖି କେନ୍ଦୁଝର ପଳା'' - ହେଲେ ଟଙ୍କାଏ ଆସିବ କେଉଁଠୁ, କୁନିଅପା କହିଲା ''କାହିଁକି ବଡ ନୂଆବୋଉଙ୍କର, ନାକନୋଥଟା,

Digitized by srujanika@gmail.com

ନେଇଆସ୍ ତାକୁ ବ୍ରାହ୍ମଣ ସାହିରେ ବନ୍ଧା ପକାଇ ଟଙ୍କାଟିଏ ଆଣିବା, ତୁ ପାଠ ପଢ଼ି ଚାକିରି କର - ନାକ ନୋଥ କଣ, ହାର କରି ବଡ ଭାଉଜକୁ ପିନ୍ଧାଇବୁ'', କୁନିଅପା କଥା ମନକୁ ପାଇଲା । ନାକ ନୋଥ ଚୋରିକରି ଆଣି ବନ୍ଧାପକାଇ ମୃଷା ବାହାରିଲା କେନ୍ଦୁଝର ଗଡ - ସକାଳ ପାଞ୍ଚଟାରେ ରାଧେଶ୍ୟାମ୍ ବସ୍ ।

ସକାଳୁ ସକାଳୁ, ନବ ବାହାରିଥାଏ, ମାଲ୍ ଉଠାଇବାକୁ ମୃଷା ବସ୍ ପାଖକୁ ଯିବା ଦେଖି - ଡୁବୁଲେଇ କହିଲା - ରାମ ହେଉ ହେଉ ତ ସୀତା ହେଇଗଲୁ । ସେଠି କଣ ମଜୁରୀ ହେବୁ । ଦିନେ ଟିକିଏ କଣ କହି ଦେଇଥିଲି ବୋଲି ମୋ ଉପରେ ରାଗି, ତିନିବର୍ଷ ହେଲା କଥା କହୁନୁ, ଏତିକି କହୁ କହୁ ନବ କାନ୍ଦି ପକାଇଲା । ମୃଷା କାହାର ଦୁଃଖ ଦେଖି ପାରେନା ତାକୁ ବୁଝାଇ କହିଲା ''ହେଲା - ମୁଁ ଆଜି ଠାରୁ କଥା କହିବି - ହେଲେ ତୁ ମୋତେ ଆଉ ଚିଡାଇବୁ ନାହିଁ - କହିବୁନି'' **''ରାମ ବନିଗଲେ ସୀତା''** ।

Digitized by srujanika@gmail.com

ଦଣ୍ଡଦେବୀଙ୍କ ପାଖେ ଛୁଆବଳି

ନବ ଚେଷ୍ଟାକରି ଭଲ ସିଟ୍‌ଟିଏ କରି ଦେଲା ମୃଷା ପାଇଁ, କେନ୍ଦୁଝର ଗଡ - ନବ ଅନେକଥର ଟାଟା, ଡୋଲିପୁର, କେନ୍ଦୁଝର ଏହି ବସରେ ଯାଇଛି, କଣ୍ଡକ୍ଟର, ଡ୍ରାଇଭର ତାର ଚିହ୍ନା ।

ରାଧେଶ୍ୟାମ ବସ, ଏଇ ଗୋଟିଏ ମାତ୍ର ବସ୍ ଟାଟାରୁ ଡୋଲିପୁର (ଏବେ ଜାଜପୁର) ରେଲଷ୍ଟେସନ ପର୍ଯ୍ୟନ୍ତ ଚାଲେ । ଦୁଇଦିନ ପୁରା ଲାଗେ ବସକୁ । ପ୍ରତି ଦୁଇଶହ ଫୁଟରେ ବସ୍ ଠିଆ, ଭିତରେ, ଉପରେ ଓ ଓହଳି କରି ବସ୍‌ରେ ଦୁଇଶହରୁ କମ୍ ଲୋକ ଯାଆନ୍ତିନି । ଟିକଟ୍ କଲା ପରେ ଆଉ ମାତ୍ର ଛଅଅଣା ପଇସାଥାଏ ମୃଷା ପାଖରେ । ବଡ ସାହସରେ ମୃଷା ବସିଥାଏ ବସଭିତରେ, ପାଠ ପଢ଼ିବ, ବଡ ମଣିଷ ହେବ । ତାର ଗୋଟିଏ ଭୟ ମୁଣ୍ଡ ବାନ୍ଦରିଆକୁ, ସେମାନେ ଛୋଟଛୁଆ ମାନଙ୍କୁ ରସିରେବାନ୍ଧି ବସ୍ତାରେ ପୁରାଇ ନେଇଯାଇ, ଦଣ୍ଡଦେବୀଙ୍କ ପାଖରେ ବଳି ଦିଅନ୍ତି, ଦଣ୍ଡଦେବୀ କାହିଁକି ବଳି ପାଆନ୍ତି ଯେ, ରାଜା ଏତେ ଭଲ, ଲୋକଙ୍କର ଏତେ ଉପକାର କରୁଛନ୍ତି, ଦଣ୍ଡଦେବୀଙ୍କୁ ଗୁହାରି କରି ବଳି ବନ୍ଦ କରି ପାରୁନାହାନ୍ତି କାହିଁକି ?

ଏହିସବୁ କଥା ଚିନ୍ତା କରୁକରୁ, କଣ୍ଡକ୍ଟର ପାଟି କରିଲା - ମା ତାରିଣୀ, ମା ତାରିଣୀ ଆସିଗଲେ, ବସ୍ ପନ୍ଦର ମିନିଟ୍ ରହିବ, ଦର୍ଶନ କରି ଶୀଘ୍ର ଆସନ୍ତୁ । 'ମା ତାରିଣୀ', ମୃଷା ଶୁଣିଛି, ବଡ ପ୍ରତକ୍ଷ ଦେବୀ, ଭକ୍ତ ମାନଙ୍କର ମନସ୍କାମନା ପୂରଣ କରନ୍ତି - କେବେ ଆସି ନଥିଲା - ଗାଡିରୁ ଓହ୍ଲାଇ ନଡିଆ ଦୁଇ ପଇସାର କିଣି, ଫୁଲ, ବେଲପତ୍ର ଧରି ତାରିଣୀଙ୍କୁ ଜୁହାର ହେଲା - ଖାଲି କହିଲା - "ମା ମୋତେ ପାଠ ପଢ଼ାଇ ବଡ ମଣିଷ, ଭଲ ମଣିଷ କରାଅ, ଦଣ୍ଡଦେବୀଙ୍କ ପାଖରେ ବଳି ପକାଅନି ମା" ।

Digitized by srujanika@gmail.com

ବସ୍ ପୁଣି ଚାଲିଲା, କେନ୍ଦୁଝରରେ ବସ୍ ପହଞ୍ଚିଲା ବେଳକୁ ଗୋଟାଏ ପାଖାପାଖି । ନବ କହିଥିଲା କଣ୍ଡକ୍ଟରକୁ, ରିଜର୍ଭ ଲାଇନ୍ ପାଖେ ମୃଷାକୁ ଓହ୍ଲାଇ ଦେବାକୁ । ରିଜର୍ଭ ପାଖେ ବସ୍ ରହିଲା, ମୃଷା ଗାଡିରୁ ଓହ୍ଲାଇ ପଡିଲା, ଲୋକଙ୍କୁ ପଚାରି ଗଲା, ପୂର୍ଣ୍ଣଭାଇ ରହୁଥିବା ଘର ଆଡେ, ଲମ୍ବା ଲମ୍ବା ହଲ୍ ସବୁ । ଅବିବାହିତ କନେଷ୍ଟବଳ ମାନେ ରହନ୍ତି ସେଠି, ଦୂରରେ ଖୋଲା ଥିବା ଗୋଟାଏ ରୁମରେ ପଟା ଖଟରେ ଭାଇ ଶୋଇଥାଆନ୍ତି । ଏତେଦିନପରେ ଭାଇକୁ ଦେଖୁଛି । ଦୌଡିଯାଇ ଭାଇକୁ କୁଣ୍ଢାଇ ପକାଇଲା । ମୁଁ ଆସିଛି ଭାଇ ମେଟ୍ରିକ୍ ପଢ଼ିବି, ପୂର୍ଣ୍ଣବାବୁ ଏସ୍.ପିଙ୍କ ଠାରୁ ସସ୍‌ପେଣ୍ଡ ଅର୍ଡର ପାଇ ମନକଷ୍ଟରେ ଅବେଳରେ ଶୋଇ ପଡିଥିଲେ, ସାନଭାଇ ମୃଷାକୁ ଦେଖି ଅକଲ ଗୁଡୁମ୍ । ଦୁଇ, ଚାରିଟା ଚାପଡା ମାରି କହିଲେ ଯା ଏଠୁ, ପାଷ ତ ହୋଇ ପାରିଲୁନି । ଏଠିକି ଆସିଛୁ, କାହିଁକି ? ପଢ଼ିବୁ କେମିତି ? ମୋର ଚାକିରି ନାହିଁ ? ରାଗରେ ଧକ୍କାମାରି ଘରୁ ବାହାର କରିଦେଇ ପୁଣି କାନ୍ଦି କାନ୍ଦି ଶୋଇ ପଡିଲେ ଭାଇ । ମୃଷା ବଡ ଅଭିମାନୀ, ଭାଇଙ୍କ ମାଡ, ଘରୁ ବାହାର କରିଦେବା, ତା ମନକୁ ବହୁତ ବାଧିଲା । କାନ୍ଦି କାନ୍ଦି ଚାଲି ଆସିଲା ରାଜପଥ ଉପରକୁ, କରିବ କଣ ? ଯିବକୁଆଡେ ? ସିଧା ମୁହାଁଇଲା ରାସ୍ତେ ରାସ୍ତେ । ଅନେକ ଦୂର ଗଲାପରେ, ମସ୍ତବଡ ଗୋଟିଏ ପୋଖରୀ, ପେଟେ ପାଣି ପିଇ ରାସ୍ତାକଡ କଲ୍‌ଭଟ୍ ଉପରେ ଶୋଇ ପଡିଲା । ଦିନ ଅଢ଼େଇଟା, ଭୟଙ୍କର ଖରା ।

କାହାର ପାଟିରେ ମୃଷାର ନିଦ ଭାଙ୍ଗିଗଲା, ଉଠି ଦେଖିଲା ଆଗରେ ଠିଆ ହୋଇଛି ଜଣେ ଅର୍ଘାସୁର, ଛଅଫୁଟ ଉଚ୍ଚ, ଡ୍ରିପଣ୍ଡ କଳା, ନଣ୍ଡା ମୁଣ୍ଡ, ବଡ ବଡ ନିଶ ଦୁଇଟା, ମୁଣ୍ଡରେ ପୋଲିସ୍ ଟୋପି, ଧୋତି, ପଞ୍ଜାବି । ମୃଷା ଠଅରେଇ ନେଲା, ମୁଣ୍ଡ ବାନ୍ଧେରିଆ ଦଣ୍ଡଦେବୀଙ୍କର ଘାତକ, ଗୋଡ ତଳେ ପଡିଗଲା, ମୋତେ ବଞ୍ଚାଅ ବାପା, ମୋତେ ଦଣ୍ଡଦେବୀଙ୍କ ପାଖରେ ବଳି ପକାଅନି । ମୁଁ ଶୋଭାକରଣ, ଅଭିରାମ ବାବୁଙ୍କ ନାତି, ବାପା ମୋର ଦିବାକର, ମହାବଳ ବାଘ ମାରି ଆଖି ନଷ୍ଟ କରିଦେଇଛନ୍ତି, ମୋ ଘର ଆନନ୍ଦପୁର ଖପରାଖାଇ । ମୁଁ ବାପାଙ୍କର ସାନପୁଅ, ଶରଧାରେ ମା ଡାକେ ମୃଷା, ବାପା ଡାକନ୍ତି ନାଟୁଆ ନଟବର, ମୁଁ ନାଟ କରେକିନା, ମୁଁ ମଣିଷ ହେବି, ଭଲ ମଣିଷ, ପାଠ ପଢ଼ିବି - ଇଂଜିନିୟର ହେବି, ଭାଇ ପୂର୍ଣ୍ଣ ପଟ୍ଟନାୟକ କନେଷ୍ଟବଳ, ମୋତେ ମାଡ ମାରି ଘରୁ ବାହାର କରିଦେଲେ, କହିଲେ ଘରେ ରଖି ପଢ଼ାଇବେନି । ମୃଷା କଥାଗୁଡାକ ଶୁଣି ଭଦ୍ରବ୍ୟକ୍ତି ଯୋରରେ ଠୋ ଠୋ କରି ହସିଉଠିଲେ କହିଲେ "ପାଇଛି, ଏତେଦିନ ପରେ ପାଇଛି, ତୁ ମୋର ବହୁତ କାମରେ ଲାଗିବୁ, ମନସ୍କାମନା ପୂର୍ଣ୍ଣ ହେବ" - ମୃଷା କାନ୍ଦି କାନ୍ଦି ଗୋଡ ଧରି ପକାଇଲା, "କଣ ମୋତେ ଦଣ୍ଡ ଦେବୀଙ୍କ ପାଖେ ବଳି ପକାଇ ମନସ୍କାମନା ପୂର୍ଣ୍ଣ କରିବେ" ?

ନା, ତୁ ମୋ ଘରକୁ ଚାଲ, ଏହି ଯେଉଁ ଘର ଦିଶୁଛି ସେଠାକୁ ସଞ୍ଜ ସାତଟା ରେ ଯିବୁ - ନ ଗଲେ ଖରାପ ହେବ । ଆଗରୁ ଯିବୁନି, କୁକୁର ଅଛି - ଯିଅନ୍ତା ଖାଇଯିବ, ଏତିକି କହି ସେ ବାବୁ ଚାଲିଗଲେ - ଦେଖାଇ ଦେଇଗଲେ ବହୁତ ଦୂରରେ ଥିବା ଖପର ଘର, ପାଖରେ ମସ୍ତବଡ ବାଡ଼ି - ଆଗରେ କାଠ ଗେଟ୍ ।

Digitized by srujanika@gmail.com

କଣ କରିବ କିଛି ଭାବି ପାରିଲା ନାହିଁ ମୃଷା, ଯିବ, କଥାରଖିବ, ଯଦି ନଯିବ, ଖରାପ ହେବ, ଭାବି ଭାବି ପୁଣି ଶୋଇଗଲା ମୃଷା, ବହୁତ ଭୋକ, ସକାଳୁ କିଛି ଖାଇନି, ଉଠିଲା ବେଳକୁ ସଞ୍ଜ ଛଅଟା, ଦୌଡିଲା ସେ ଘର ପାଖକୁ, ଗେଟ୍ ପାଖରେ ଲଗ୍ ଲଗ୍ ହେଲା, ଘର ଚାକର ପାଣ୍ଡବ ପାଟିକରି କହିଲା - ''କି ପିଲା କଣ ମରିବାକୁ ଇଚ୍ଛା, ଗେଟ୍ ପାଖରେ କଣ କରୁଛ ଯା 'ପଳାଏଠୁ' ।'' ଭିତରୁ ଶୁଭିଲା, ସେ ପିଲାକୁ ଛାଡି ଦେ ପାଣ୍ଡବ । ମୃଷା ଭିତରକୁ ଗଲିଗଲା । ଘର, ଘର ପରେ ଘର, କେତେ ଘର, ସବୁ ପାର ହୋଇ ମୃଷା ପହଞ୍ଚିଲା ଏକ ମସ୍ତବଡ ହଲ୍‌ଭିତରେ, ତଳେ ଚଟାଇ ପକାଇ ଗଡୁଛନ୍ତି ସେ ବାବୁ, ପାଞ୍ଚ, ଛଅ ଜଣ କଳା ଧୃଶୁଣ୍ଡା ଲୋକ ତାଙ୍କୁ ତେଲ ମାଲିସ୍ କରୁଛନ୍ତି, ପାଖରେ ବସିଛନ୍ତି ଜଣେ ସ୍ତ୍ରୀ ଲୋକ - ଗୋରା ତକତକ - ଜାଣିନେଲା ଏ 'ମା' । ମୃଷାକୁ ନିର୍ଦ୍ଦେଶ ହେଲା, ପାଖ ଚେୟାରରେ ବସିବାକୁ, ଆରମ୍ଭ ହେଲା ଗପ, ମୃଷାର ପୂର୍ବପୁରୁଷଙ୍କ କଥା । ଜଳଖିଆ ଆସିଲା ମୃଷା ପେଟେ ଖାଇଗଲା, ତାପରେ ପୁଣି ଗପ, ବାପାଙ୍କ କଥା, ପୂର୍ବଭାଇଙ୍କ କଥା, ମୃଷା ଭାବୁଥାଏ, ଏ ବାବୁ ତାଙ୍କୁ ଚିହ୍ନିଛନ୍ତି - ବାପା ଡାକିଛି ଯେତେବେଳେ ବଳିପକେଇବେନି । ପୁଣି ଆସିଲା ରାତି ଖାଇବା, ଦଶରକମର ସୁସ୍ୱାଦୁ ଖାଦ୍ୟ ରୁପାଥାଳିରେ, ମୃଷା ଏମିତି ଖାନା କେବେ ଖାଇନଥିଲା, ପୁଣି ପେଟେ ଖାଇଗଲା, ଭାବିଲା - ବଳି ପଛେ ପଡୁ, ମରିବା ପୂର୍ବରୁ ତ ପେଟେ ଭଲ ଜିନିଷ ଖାଇଛି ।

ରାତିରେ ତା ପାଇଁ ବିଛଣା କଲା ପାଣ୍ଡବ, ବାରଣ୍ଡାରେ ଥିବା କଣ ଘରେ, ରାତିସାରା ଶୋଇ ପାରିଲା ନାହିଁ, ଭାରିଡର, ଅନେଇ ବସିଥାଏ, କେତେବେଳେ ବେକରେ ଫୁଲମାଳ ପକାଇ ଦଣ୍ଡଦେବୀଙ୍କ ପାଖକୁ ନେବେ । ସକାଳ ହେଲା, ପାଣ୍ଡବ ଡାକିଲା ପାଖରେ ଦାନ୍ତକାଠି ଥୁଆହେଲା, ଦାନ୍ତ ଘସି, ମଝି ଘରେ ଥିବା ଗୋଲ୍ ଟେବୁଲ୍ ପାଖକୁ ଆସ, ତା କଥା ମାନିଲା, ମାନିବାକୁ ବାଧ । ମଝିଘର ଗୋଲ୍ ଟେବୁଲ୍ ପାଖରେ ମୃଷା ବସିଲା, ଜଳଖିଆ ଆସିଲା, ଭାବିଲା ବଳି ପଡିବା ଆଗରୁ ଏମିତି ଚର୍ଚ୍ଚା କରାଯାଏ, ଘାତକ ମହାପ୍ରଭୁ ନିଷ୍ଠୁର ହେଲେବି ଦୟାଳୁ, ଖୁଆଇ, ପିଆଇ, ଖୁସି କରାଇ, ପରେ ବଳି ପକାନ୍ତି ।

ହଠାତ୍ ଦେଖିଲା ତା ଆଗରେ ଗୋଟାଏ ନଅ, ଦଶ ବର୍ଷର ପିଲା, ପିଲା କହିଲା ମୋ ନାମ ନିମାଇ, ମୁଁ ଘରର ବଡ ପୁଅ, ଆପଣ ଆମ ନୂଆ ସାର, ବାପା ଆପଣଙ୍କୁ ବାଟରୁ ପାଇ ଆଣିଛନ୍ତି, ଆପଣ ଭଲ ପଢନ୍ତି, ଆମକୁ ପଢାଇବେ । ତାପରେ ନିତାଇ, ମାଧବ, ଯାଦବ, କେଶବ, ୪ଜଣ ପୁଅ, ୨ଟି ଝିଅ କୁନି, ନିନି, ସମସ୍ତେ ନୂଆ ସାରଙ୍କୁ ଜୁହାର ହେଲେ, ହେଲେ ମାଧବ ହ୍ୟାଣ୍ଡସେକ୍ କଲା, କହିଲା, ଆପଣଙ୍କୁ ବାପା ମାରିବେନି, ଆର ସାରଙ୍କୁ ମାରି ମାରି ଗଛରେ ଟାଙ୍ଗି ଦେଲେ ସେ ମଲା ନାହିଁ ବଞ୍ଚିଗଲା । ପୋଲିସ୍ ଆମର କିଛି କରିପାରିଲା ନାହିଁ, ବାପା ପରା ଏସ.ପି ସାହବଙ୍କ ବଡବାବୁ । ମୃଷା ଏକ ଲକ୍ଷ୍ୟରେ ସବୁ ଶୁଣୁଥିଲା - ଆର ମାଷ୍ଟ୍ରେଙ୍କୁ ମାରି ଟାଙ୍ଗିଦେଲେ ଆଉ ମୋତେ ???

ଆଚ୍ଛା ତୁମେ ସବୁ ଏହିଘରେ କାଲି ରାତିରେ ଥିଲ ? ନିତାଇ କହିଲା, ଆମେ ଆପଣଙ୍କୁ ଦେଖିଛୁ, ବାପା ଆପଣଙ୍କ ସଙ୍ଗେ ଗପୁଥିଲେ - ବାପା ଆମର ବଡ ରାଗି, ମଦ

Digitized by srujanika@gmail.com

ଖାଆନ୍ତି । ଗଞ୍ଜେଇ, ଅଫିମ ସବୁ ଖାଆନ୍ତି, ଆମକୁ ଓ ବୋଉଙ୍କୁ ବାଡାନ୍ତି । ଆମେ ଡରି କରି କେହି ତାଙ୍କ ପାଖକୁ ଆସୁନା । ମୃଷା ପଚାରିଲା, "ଆଛା ତୁମେ ତ ପାଞ୍ଚଜଣ ଭାଇ, ଏ ଝିଅ କିଏଟି", "ସେମାନେ ଆମ ଝିଆରି - ବାବୁ ଭାଇଙ୍କ ଝିଅ । ବାବୁ ଭାଇମ, ଯଦୁ ମହାପାତ୍ର, ରାଜାଙ୍କର ଡୋମେଷ୍ଟିକ୍ ମ୍ୟାନେଜର, ଯେଉଁଖାନା ଆପଣ ରାତିରେ ଖାଇଲେ, ସେ ପରା ରଜାଘରୁ ଆସିଥିଲା" । ଏତିକିବେଳେ ପଶିଆସିଲେ, ଯଦୁ ମହାପାତ୍ର । ବୟସ ଅଠାଇଶି, ଅଣତିରିଶ ଭିତରେ, ଗୋରା ଟକ ଟକ ଚେହେରା । ସୁନାମୁଦି, ବେକରେ ଚେନ୍, ପିନ୍ଧିଥିଲେ ଲୁଙ୍ଗି, ଗଞ୍ଜି - ମୃଷା ଚିହ୍ନିପାରି ଗୋଡ ତଳେ ପଡିଗଲା, ଯଦୁଭାଇ କହିଲେ "ତୁମ ନା ନିର୍ମଳ(ଡାକନା ମୃଷା) ଖୁବ୍ ବଢ଼ିଆ, ନିର୍ମଳ ପରି, ପଢ଼ି ପଢ଼ାଇ ଦୁନିଆକୁ ନିର୍ମଳ କର, ମଣିଷ ହୁଅ, ମୃଷା କୁଣ୍ଢାଇ ପକାଇଲା ଭାଇକୁ ଆନନ୍ଦରେ, ଆଖିରେ ତାରଲୁହ । ଯଦୁଭାଇ କହିଲେ ଏ ପାଞ୍ଚଜଣଙ୍କୁ ବାଡେଇବ, ମୋ ଝିଅ ଦୁଇଜଣଙ୍କ ଅ, ଆ ଶିଖାଇବ, ମାରିବନି । ହଁ କହିଲା ବେଳକୁ ଆସିଗଲେ ନୂଆବୋଉ - ଏସ୍.ପିଙ୍କ ଭଉଣୀ । ଟିକିଏ ବାଙ୍ଗରା ହେଲେ କଣ ହେବ, ଅତି ସୁନ୍ଦରୀ, ଘରର ଦେବୀ, ଗୋଡତଳେ ପଡି ଜୁହାର ହେଲା ନିର୍ମଳ (ମୃଷା) ।

ହାଇସ୍କୁଲରେ ନାମଲେଖା ହେଲା, ନୂଆ ଜାମା ପ୍ୟାଣ୍ଟ ଆସିଲା । ପ୍ରଥମଥର ପାଇଁ (ମୃଷା) ଚଟିହଳେ ପିନ୍ଧିଲା । ବ୍ୟାଗରେ ବହି ପୁରାଇ ନୂଆ ହାଇସ୍କୁଲ ବାହାରିଲା । ଏହା ଭିତରେ ଦଶ, ବାର ଦିନ ଚାଲିଗଲାଣି, ପୂର୍ଣ୍ଣଭାଇ ମୃଷାକୁ ଖୋଜି ଖୋଜି ଅଠାଟିକ୍ - ସବୁବେଳେ କାନ୍ଦୁଛନ୍ତି, ମାରିଦେଲେ ସିନା, ହେଲେ ମା ପେଟର ଭାଇତ । ଏକା ରକ୍ତର, କାନ୍ଦିବେନି କେମିତି ? ଏସ୍.ପିଙ୍କ ବଡବାବୁ ବନମାଳି ମହାପାତ୍ରଙ୍କୁ କହିଲେ ସବୁକଥା, ବନମାଳିବାବୁ ମୁରୁକି ମୁରୁକି ହସି କହିଲେ ବୁଝିଲ ପୂର୍ଣ୍ଣ, "ତୁମେ ସସ୍‌ପେଣ୍ଡ ହୋଇଛ, ମୁଁ ଏସ୍.ପି. ଙ୍କୁ କହି ତୁମକୁ ମୁକ୍ତ କରିଥାନ୍ତି, ହେଲେ ତୁମର ଆଉ ମୁକ୍ତି ନାହିଁ । ତୁମେତ ନିଜ ଭାଇକୁ ମାରି ଘରୁ ବାହାର କରିଦେଲ । ପିଲାଟା କେତେ ଆଶା କରି ଆସିଥିଲା ପାଠ ପଢ଼ି ମଣିଷ ହେବ । ତୁମେ ପାପୀ, ତୁମକୁ ଶୁଳି ଦିଆହେବା ଦରକାର । ଏସ୍.ପିଙ୍କୁ ଓ ରାଜାସାହେବଙ୍କୁ କହି ତୁମକୁ ଶୁଳି ଦିଆଇବି" ।

ଏହାଭିତରେ ଦୁଇ, ତିନିଦିନ କଟି ଯାଇଛି, ଦିନେଭାଇ ଦେଖିଲେ ମୃଷା ରାସ୍ତାରେ ସ୍କୁଲ ଯାଉଛି, ଦୌଡି ଆସିଲେ, "ମୃଷା, ମୃଷା କହି କାଖେଇ ପକାଇଲେ, ଦଶ, ବାରଟା ଚୁମା ଦେଇଦେଲେ" । ମୃଷା କାନ୍ଦୁ କାନ୍ଦୁ ଛାତି ପିଟି ହେଉଥାଏ, ଆଖିରେ ଲୁହ, କାନ୍ଦି କାନ୍ଦି କହିଲା, "ମୁଁ ମାଷ୍ଟ୍ର, ଘରୋଇ ଟିଉଟର ହୋଇଛି ଭାଇ, ମୋ ପାଇଁ ତୁମକୁ ଆଉ କଷ୍ଟ କରିବାକୁ ପଡିବନି । ମୋ ନାମ ଲେଖା ହେଲାଣି । ମୁଁ ଏସ୍.ପିଙ୍କ ବଡବାବୁ ବନମାଳି ମହାପାତ୍ର ଘରେ ଘରୋଇ ଟିଉଟ୍‌ର" । ପୂର୍ଣ୍ଣ ଭାଇ ହସି ହସି କହିଲେ, "ଆମ ବଡ ବାବୁ ତାହାଲେ ଏତେବଡ ଚାଲାଖରେ କାମ କରିଦେଲେ । ତୁଠିକ୍ ଜାଗାରେ ପହଞ୍ଚିଛୁରେ ମୃଷା", ମୃଷା କହିଲା, "ହଁ ଠିକ୍ ଜାଗା ନୁହେଁ କଣ, ବଳି ପଡିବାକୁ ଆସି, ହେଲି ଘରୋଇ ଟିଉଟର" ।

Digitized by srujanika@gmail.com

ସେଇ ପିଲାଟି

ସେହି ପିଲାଟି, ଯେତେବେଳେ ତା କଥା ମନେପଡେ, ମନରେ ଭରିଯାଏ ବହୁ ବହୁ ଅଭୁଲା ସ୍ମୃତି-

ଅଷ୍ଟମ ଶ୍ରେଣୀରେ ପାଠ ପଢ଼ା ଚାଲିଛି, ଗିବ୍‌ସନ୍ ହାଇସ୍କୁଲ୍, ଗିବ୍‌ସନ୍ ସାହବଙ୍କ ନାମରେ ସ୍ଥାପିତ ହୋଇଛି ହାଇସ୍କୁଲଟି, କେନ୍ଦୁଝର ରାଜ୍ୟର ଏହି ଗୋଟିଏ ମାତ୍ର ହାଇସ୍କୁଲ । ସମୁଦାୟ ଷ୍ଟେଟ୍‌ର ବହୁପିଲା ପଢ଼ନ୍ତି, ଏହି ହାଇସ୍କୁଲରେ, ତେଣୁ ପିଲା ସଂଖ୍ୟା ଅନେକ । ଗୋଟିଏ ଗୋଟିଏ କ୍ଲାସ୍‌ରେ ଚାରିଟା ଲେଖା ସେକ୍‌ସନ, ପିଲାମାନେ ବହୁ ଦୂର ଦୂରାନ୍ତରୁ ଆସି, ନାମ ଲେଖାଇ ଥାନ୍ତି ।

ହଠାତ୍ ପାଟିକରି ଉଠିଲେ ପିଲେ - "ହେଇ, ହେଇ ସେଇ ପିଲାଟି", (ମୃଷା) ମୁହଁ ବୁଲାଇ ଦେଖିଲା, "କୋଡିଏ, ବାଇଶି ବୟସର ପିଲାଟିଏ, ନିଶ ଉଠି ଲାଣି, ହାପ୍ ପ୍ୟାଣ୍ଟ ନୁହେଁ, ତିନି ଚତୁର୍ଥାଂଶର ପେଣ୍ଟଟିଏ ପିନ୍ଧିଛି । ହାତରେ ଘଡି, ବେକରେ ସୁନା ହାର, ଆଙ୍ଗୁଳିରେ ଦୁଇ ତିନିଟା ପଥର ବସା ମୁଦି, ଆଖିରେ ଚଷମା - ପିଲାମାନେ ତାକୁ କୌତୁକରେ ଅନାଇଛନ୍ତି । ଥଟ୍ଟା କରୁଛନ୍ତି । କିଏ କେତେ କଥା କହୁଛି - ବୁଢ଼ାଟା ଅଷ୍ଟମ ଶ୍ରେଣୀରେ ନାଁ ଲେଖାଇଛି, ବାହା ହେଇ ପୁଅଝିଅ ହେବଣି" - କିଛି କହେନି ସେହି ପିଲାଟି, ମୁହଁକୁ ତଳ କରି ସବୁ ଶୁଣେ - ସବୁ ପିଲାମାନେ ତାକୁ ଭାବନ୍ତି ସେ ଯେମିତି ଚିଡିଆ ଖାନାର ଗୋଟିଏ ଜୀବ ।

ମୃଷା ବେଞ୍ଚରେ ବସେ, ପାଖରେ ଜାଗା ଥାଏ, କିଛି ସମୟ ପରେ ପାଖରେ ଆସି ବସେ, ସେହି ପିଲାଟି, ମୃଷା ମନେ ମନେ ରାଗେ, ଏ ପିଲାକୁ ଆଉ କୌଣସି ଜାଗା

Digitized by srujanika@gmail.com

ମିଳିଲା ନାହିଁ, ମୋ ପାଖରେ ବସୁଛି । ଖେଳ ଛୁଟିରେ ମୃଷା ତା ଜାଗା ବଦଳାଇ ଅନ୍ୟଯାଗାରେ ବସେ, ପୁଣି ସେଇକଥା - କିଛି ସମୟପରେ ତା ପାଖରେ ଆସି ବସେ ସେହି ପିଲାଟି । ମନେ ମନେ ତା ଉପରେ ମୃଷା ଭାରି ରାଗେ, ସେ ଅନେକ ସମୟରେ ଧିରେ ଧିରେ ମୃଷାକୁ କଣ ସବୁ ପଚାରେ, ମୃଷା କିଛି ଉତ୍ତର ନଦେଇ କଣେଇ କରି ବସେ - ପଢ଼ା ସରେ, ମୃଷା ବାହାରେ ତାଙ୍କ ଘର ମାଧପୁରକୁ, ତା କଡେ କଡେ ସାଇକେଲ ଧରି ଚାଲେ ସେଇ ପିଲାଟି - ସ୍କୁଲରୁ ଦେଢ଼ କୋଶ ଦୂର, ଦୁଇଜଣ ଚୁପ୍‌ଚାପ ଚାଲିଥାନ୍ତି । ମୃଷା ଗେଟ୍ ଖୋଲି ଘରକୁ ଯାଏ, ସାଇକେଲ୍‌କୁ ଫେରେଇ, ପୁଣି ଫେରିଆସେ 'ସେହି ପିଲାଟି' ।

ପ୍ରତିଦିନ ଏହିକାମ 'ସେଇ ପିଲାଟିର' ବାଟସାରା ସେ ପିଲା ବହୁ ପ୍ରଶ୍ନ କରେ ମୃଷାକୁ, ମୃଷା କିନ୍ତୁ ନିରୁତ୍ତର । ମୃଷା ଭଲ ପଢୁଥାଏ । ସବୁ ଶିକ୍ଷକମାନେ ତାକୁ ଭଲ ପାଉଥାଆନ୍ତି । ହଠାତ୍ ଦିନେ ବଙ୍ଗାଳିବାବୁ Haribol Chatterjee ଯୋଗ ଦେଲେ ସ୍କୁଲରେ, English Lecture ରୂପେ, ଅଷ୍ଟମ ଶ୍ରେଣୀର କ୍ଲାସ୍ ଟିଚର, ବଡ ମଜାଦାର ପିଲା, ବୟସ ବାଇଶି, ତେଇଶି ହେବ, ତଟକା M.A. Pass କରି English ରେ Ist ହୋଇ ସ୍କୁଲରେ ଯୋଗ ଦେଇ ଥାଆନ୍ତି, ତାଙ୍କର ନଜର ସବୁବେଳେ ମୃଷା ଉପରେ ବେଶୀ, ତାର ପାଠପଢ଼ା, ସବୁ ନିର୍ଭୁଲ୍ ଉତ୍ତରରେ, ହରିବୋଲ୍‌ବାବୁ, ତାକୁ ଖୁବ୍ ଭଲ ପାଇଗଲେଣି ।

ଦିନକର ଘଟଣା, ହରିବୋଲ ବାବୁ 'Essay' ଦେଇଥାନ୍ତି "A Football Match" ପିଲାମାନେ କେତେକଣ ଲେଖିଲେ, ମୃଷାର ପ୍ରଥମ Sentence ହେଲା "Refree Blue Whistel, the match started"

"ରେଫରି ହୁଇସିଲ ମାରିଲେ, ମ୍ୟାଚ୍ ଆରମ୍ଭ ହେଲା" । ଏହି ପ୍ରଥମ ଲାଇନ୍‌ଟି ହରିବୋଲ୍‌ବାବୁଙ୍କୁ ଏତେ ଖୁସିକରି ଦେଇଥିଲା ଯେ, ସେ ସାଙ୍ଗେ ସାଙ୍ଗେ ହେଡମାଷ୍ଟର ଭାବଗ୍ରାହୀ ମହାନ୍ତିଙ୍କ ପାଖକୁ ନେଇଗଲେ । ମୃଷାର ଉଜ୍ଜ୍ୱଳ ଭବିଷ୍ୟତ ନେଇ ଭୂରି ପ୍ରଶଂସା କଲେ । ଭାବଗ୍ରାହୀ ବାବୁ, ମୃଷାକୁ କୁଣ୍ଢାଇ ପକାଇ ବାଃ, ବାଃ, ବାଃ କଲେ - ସବୁ କ୍ଲାସରେ ବୁଲାଇ ଦେଖାଇ ଆଣିଲେ । ମୃଷାର ଚାରିଆଡେ ପ୍ରଶଂସା, ସ୍କୁଲ ଛୁଟିହେଲା, ମୃଷା ଘରକୁ ଆସୁଛି, ପକେଟରୁ ଗୋଟିଏ ଫୁଲମାଳ କାଢ଼ି, ମୃଷା ବେକରେ ଗଳାଇଦେଲେ ସେଇ ପିଲାଟି, ମୃଷା ଅନେଇ ରହିଲା, ପ୍ରଥମଥର ପାଇଁ ତା ମୁହଁକୁ ଅନାଇ ଛି ସେ, ଢ଼ଳ ଢ଼ଳ ଆଖି, ଆଖିରେ ଲୁହ, ଓଠରେ ହସ, ଖାଲି ଏତିକି କହିଲା, "ତୋର ପ୍ରଶଂସାରେ ମୁଁ ଏତେ ଆନନ୍ଦିତ ହେଲି ଯେ ଗୋଟିଏ ଫୁଲମାଳ ତୋ ବେକରେ" .... ଏତିକି ମାତ୍ର କହି ଚାଲିଗଲା ସେହି ପିଲାଟି ।

ମୃଷା ମନରେ ଆନ୍ଦୋଳନ ସୃଷ୍ଟି ହେଲା, ଆଶ୍ଚର୍ଯ୍ୟ ଏ ସ୍ନେହ - ଦୀର୍ଘ ଗୋଟାଏ ବର୍ଷ - ତା ସଙ୍ଗେ କଥା କହୁନି, ପ୍ରକାଶ୍ୟରେ ଘୃଣା କରୁଛି । ତଥାପି ସେ, ମୋ

Digitized by srujanika@gmail.com

ସଙ୍ଗେ ସଙ୍ଗେ ଘରକୁ ଆସି ଫେରି ଯାଉଛି, ପୁଣି ଦୁଇକୋଶ ବାଟ । ସ୍ନେହମିଶା ଦୟା ଆସିଲା ତାପ୍ରତି । ବାର୍ଷିକ ପରୀକ୍ଷା ପାଖେଇ ଆସିଲା, ପିଲାଙ୍କୁ ପଢ଼ାଇସାରି, ରାତି ଦୁଇଟା ଯାଏ ଲଣ୍ଠନରେ ପାଠ ପଢ଼େ ମୂଷା । ସବୁ ପିଲା କଥା ମାନନ୍ତି, ଭଲ ପଢ଼ନ୍ତି, ସାର୍‌ଙ୍କୁ ଭକ୍ତି କରନ୍ତି । କେବଳ ଶଳାସାର ବୋଲି ଗାଳି କରେ ମାଧବ, ସାର୍‌ଙ୍କ କଥା ମାନେନା, ପାଠ ପଢ଼େନା- ମୂଷା ଦିନେ ଦିନେ ବାପାଙ୍କୁ ଡ଼ରି ଡ଼ରି କହେ - "ସମସ୍ତେ ପାଶ୍ କରିବେ । ଫେଲ ହେବ ମାଧବ"- ବାପା କିଛି କଥା ଶୁଣନ୍ତି ନାହିଁ, ଓଲଟି ପାଟିକରି କହନ୍ତି - "ଯେତିକି ସମୟ ପିଲେ ପଢ଼ିବେ, ତୁ ସେତିକି ସମୟ ପଢ଼ିବୁ । ଅଧିକ ନୁହେଁ - ଲଣ୍ଠନ ନେଇ ଘରେ ଥୋଇଦେବୁ, ମାଟି ତେଲ ବଡ଼ ଅଭାବ - ଯୁଦ୍ଧ ହେବାର ଅଛି - ଆଉ ମାଧବ ଯଦି ଫେଲ୍ ହୁଏ, ଆଗ ମାଷ୍ଟରର ଦଶା ତୋର ହେବ" । ଡ଼ରିଯାଏ ମୂଷା, ଆଗ ମାଷ୍ଟ୍ରକୁ ମାରି ଟାଙ୍ଗି ଦେଇଥିଲେ - ସେ ସିନା ବଞ୍ଚିଗଲା, ହେଲେ ତାକୁ ମାରି ଟାଙ୍ଗି ଦେଇ ପାରନ୍ତି । ତାରିଣୀଙ୍କୁ ଡ଼ାକେ, ଦଣ୍ଡଦେବୀଙ୍କୁ ଡ଼ାକେ-

ପରୀକ୍ଷା ଫଳ ବାହାରିଲା, ସବୁ ପିଲା ପାଶ୍ କରିଥାନ୍ତି, ମାଧବର ଫଳ ବାହାରି ନଥାଏ, ଅଷ୍ଟମ ଶ୍ରେଣୀର ଫଳ ବାହାରିଲା, ସବୁ ପୂର୍ବ ରେକର୍ଡ଼କୁ ଟପିଯାଇ, ମୂଷା ହେଲା ଟାରିଟା ସେକ୍‌ସନରେ ଫାଷ୍ଟ । ସବୁପିଲା ମୂଷାକୁ କାନ୍ଧରେ ବସାଇ ବୁଲାଇଲେ । ଯଦୁଭାଇ ଏ ଖବର ଶୁଣି ରାଜଉଆସରୁ ଦୌଡ଼ି ଆସି କ୍ଲାସ ସାରା ମିଠାଇ ବାଣ୍ଟିଲେ । ସବୁ ସାରଙ୍କୁ ଦେଲେ, ଭାବଗ୍ରାହୀ ମହାନ୍ତି ସ୍କୁଲର ଯମ ହେଡ୍‌ମାଷ୍ଟ୍ରେ, ତାଙ୍କୁ ଦେଖିଲେ ପିଲେ ମୂତି ପକାନ୍ତି - ଯଦୁଭାଇଙ୍କୁ କହିଲେ "ଜାଣିଲେ ଯଦୁବାବୁ ତୁମ, ସାନଭାଇ, ତୁମ ଘରର ଟିଉସନ୍ ମାଷ୍ଟ୍ରେ ସ୍କୁଲରେ ନା ରଖିବ । ବନମାଳୀ ବାବୁ କିନ୍ତୁ ଆଦୌ ଖୁସି ନଥିଲେ, ରାଗି କହିଲେ "ଶଳା ରାଣ୍ଡିପୁଅ, ନିଜେ ପଢ଼ି ଫାଷ୍ଟ ହେବ, ପିଲାମାନଙ୍କୁ ମୋର ଯଦି ଫେଲ୍ କରାଏନା" ।

କରୁଣାକର ଦିକ୍ଷୀତ୍ - ଛୁଆ ଟୋକା ମାଷ୍ଟ୍ରଟିଏ, ବୟସ କୋଡ଼ିଏ, ବାଇଶି ଭିତରେ, ମେଟ୍ରିକ୍ ପାଶ୍‌କରି - ହାଇସ୍କୁଲରେ - ମାଷ୍ଟ୍ର ଥାଆନ୍ତି - ଜିଦ୍‌କରି Drama ଆରମ୍ଭ କରିଦେଲେ "ନାଟକ ବିଲ୍ୱମଙ୍ଗଳ" ସବୁ କ୍ଲାସର ପିଲା ପାର୍ଟ ନେଲେ, ମୂଷାକୁ କରୁଣାକର ବାବୁ ବହୁତ ଭଲ ପାଆନ୍ତି, ମୂଷା କଥା ରହିଲା - ମୂଷା ହେଲା ବିଲ୍ୱ ମଙ୍ଗଳ, ବୟସ ୧୪ (ଚଉଦ) ହେଲେ କଣ ହେବ, ମୋଟା ସୋଟା ଚେହେରା ଲାଗି ଗଲାଣି, ରାଜାଘର ଖାନା । ସାର୍ ହେଲେ ନିଜେ ଚିନ୍ତାମଣି, ମୂଷାକୁ ଲାଜ ଲାଗିଲା - ତଥାପି ସେ ବିଲ୍ୱ ମଙ୍ଗଳ ପାର୍ଟ ସୁନ୍ଦର କଲା ଯେ - ହେଲା ଫାଷ୍ଟ - ମାଇଦୋଷ ତୁଟିଗଲା । ସୀତା , ସବ୍ୟା ପରେ ବିଲ୍ୱ ମଙ୍ଗଳ - ମନେ ପକାଇଲା ନବକୁ, ସେ ଯଦି ଡ୍ରାମା ଦେଖି ଥାଆନ୍ତା ନା, ଆଉ କଣ ମାଇଚିଆ କହି ଥାଆନ୍ତା । ଡ୍ରାମାରେ ସାହାଯ୍ୟ କରିଥିଲେ, ଆନନ୍ଦପୁରର ଟୋକାମାଷ୍ଟ୍ରେ ରାମଚାନ୍ଦ । ସେ ମୂଷାକୁ ବେଶି ଭଲ ପାଆନ୍ତି, ଅବସର ନେଇ ଲକ୍ଷ୍ମୀସାଗର କ୍ଲବ ପାଖରେ ରହନ୍ତି, ପ୍ରତିଦିନ ମୂଷାର ଭଲମନ୍ଦ ବୁଝନ୍ତି ।

Digitized by srujanika@gmail.com

ସେଦିନ ମାଧବର ପରିକ୍ଷାଫଳ ବାହାରିବାର ଥିଲା, ମୂଷା ମନ ଦୁଃଖ - କିଛି ନଖାଇ ସ୍କୁଲ ଆଡ଼େ ଯାଇଥାଏ । ଫେରିଲା ଗୋଟାଏ ବେଳେ, ଦେଖିଲା ଗେଟ୍ ପାଖରେ ଠିଆ ହୋଇଛି ମାଧବ , ମାଧବ ସାରଙ୍କୁ ଦେଖି ଚିତ୍କାର କଲା, ''ବାପା - ମାଷ୍ଟ୍ରେ ଆସିଲେଣି'' । ମୂଷା ମୁଣ୍ଡ ଘୁରିଗଲା, ଦିନରେ ବାପା ଘରେ, ବୁଝିବା ବାକି ରହିଲାନି । ମନେ ମନେ ତାରିଣୀଙ୍କୁ ଡ଼ାକିଲା, ଭିତରକୁ ଗଲା, ଦଶ, କୋଡ଼ିଏଟା ବୋତଲ ଗଡୁଛି । ବାପା, ଘାଇଲା ବାଘ ପରି ଗର୍ଜନ କରୁଛନ୍ତି, ମୂଷା ଡ଼ରି ଡ଼ରି କହିଲା, ''ମୁଁ କହୁ ନଥିଲି ମାଧବ ଫେଲ୍ ହେବ,'' ''କାହିଁକି, କଣ ପାଇଁ ? - ତୋତେ ଖୋଇ, ପିଇ, ଜାମା, ପେଣ୍ଟ ଦେଇ ଘରେ ରଖିବି । ତୁ ହେବୁ ଫାଷ୍ଟ, ମୋ ଛୁଆ ଫେଲ ହେବ'' । ବସିଗଲା ଛଅ, ସାତଟା ବିଧା, ଗାପୁଡ଼ା । ମୂଷାକୁ ଧରି ଫୋପାଡ଼ି ଦେଲେ ଦୂରକୁ, ମୁଣ୍ଡ ବାଜିଲା ବାରଣ୍ଡା ଫୁଲ କୁଣ୍ଡରେ - ମୁଣ୍ଡ ଫାଟି ଦୁଇ ଫାଳ - ରକ୍ତ ବୋହି ଜାମା, ପେଣ୍ଟ ହୋଇଗଲା, ଟାଣି ଟାଣି ଠେଲିଦେଲେ, ଗେଟ୍ ପାଖରେ । ମା, ନୂଆବୋଉ ଦୌଡ଼ି ଆସିଲେ, ବାପାଙ୍କୁ ବାଧାଦେଲେ, ବାପା ଠେଲିଦେଲେ ମାଙ୍କୁ, ମୁଣ୍ଡ ବାଜିଲା ପଥରରେ - ଦାନ୍ତ ଦୁଇଟା ଭୂଇଁରେ ବାଜି - ଖସି ପଡ଼ିଲା - ମୁହଁ ସାରା ରକ୍ତ - ନୂଆବୋଉ ଦୂର୍ଗାମୂର୍ତ୍ତି ଦେଖାଇ ଦେଲେ, ପାଟିକରି କହିଲେ ''ସେ ଆସନ୍ତୁ ଏ ଘରେ ନିଆଁ ଲଗାଇ ଦେବି'' ।

ବାବାଲୋ, ମାଆଲୋ କହି କାନ୍ଦି କାନ୍ଦି ମୂଷା ଦୌଡ଼ିଲା, ଲମ୍ବା ବାଡ଼ି କରେ କରେ କୂଅ ପାଖ ରାସ୍ତା ଉପରକୁ - କୂଅମୂଳରେ ଚେତା ବୁଡ଼ିଗଲା - ଚେତା ଫେରିଲା ବେଳକୁ ଦେଖିଲା, ପାଖରେ ବସି ମୁଣ୍ଡରେ ଔଷଧ ଦେଉଛି, ''ସେଇ ପିଲାଟି'' । ହରିଲାଲ କହିଲା ''ମୁଁ ସ୍ୱପ୍ନ ଦେଖିଲି - ତୋତେ ମାରି ଘରୁ ବାହାର କରି ଦେଉଛନ୍ତି । ମୁଁ ଦୌଡ଼ି ଆସିଲି, ତୁ ଚେତା ହରାଇ ପଡ଼ି ଯାଇଥିଲୁ, ତୋତେ ଚେତାକଲି, ମୁଁ ହରିଲାଲ ଲଛମନ, ମୋ ବାପା ରଜାଙ୍କର Special Class ଠିକାଦାର୍ -ଲଛମନ, କାଞ୍ଜୀ ଡ଼ାୟାର, ରାଠୋର୍ - ମୁଁ ଗୁଜୁରାଟି ପିଲା, ତୁ ଭଲ ପଢୁଛୁ ବୋଲି, ମୁଁ ତୋତେ ଖୁବ୍ ଭଲ ପାଏ, ତୋ ପାଖେ ପାଖେ ବସେ, ତୋ ସାଙ୍ଗେ ସାଙ୍ଗେ ତୋ ଘରକୁ ଯାଏ, ଆଉ ଚିନ୍ତା କରନା, ବାପା ସବୁ ଜାଣନ୍ତି, ଆମ ଘରକୁ ଚାଲ - ସେଠି ରହି ମାଟ୍ରିକ୍ ପାଶ୍ କରିବୁ, ଆଗକୁ ପଢ଼ାଇବା ଦାୟିତ୍ୱ ମୋର, ''ମୂଷା ମନେ ମନେ ତାରିଣୀଙ୍କୁ ଡ଼ାକିଲା ''ହେ 'ମା' ଏମିତି ଭଲ ପିଲା ଏଯୁଗରେ ଅଛନ୍ତି'' କିଛି ନକହି, ବସିଲା ହରିଲାଲ ସାଇକେଲ୍‌ରେ ।

ବିରାଟ କୋଠା, ଗଦି ପଡ଼ିଛି, ବସିଛନ୍ତି, ଠିକାଦାର ସାହେବ, ପାଖରେ ବହୁତ କର୍ମଚାରୀ - ଲଛମନ କାଞ୍ଜୀ, ଡ଼ାୟାର, ରାଠୋର, ଦେଖିବାକୁ ସୁନ୍ଦର, ମୁଣ୍ଡରେ ପଗଡ଼ି । ଗୁଜୁରାଟି, ଓଡ଼ିଆ ମିଶା ମିଶି ଭାଷାରେ କହିଲେ ''ମୂଷା ମୁଁ ତୋ କଥା ଶୁଣିଛି, ହରିଲାଲ୍ ମୋ ପୁଅ । ତୁ ମଧ ମୋ ପୁଅ । ଦୁଇ ଭାଇ - ବଳଭଦ୍ର, ଜଗନ୍ନାଥ ପରି, ରଥରେ ବସି ପାପୀମାନଙ୍କୁ ଉଦ୍ଧାର କର, ଦୁନିଆରେ ନାମ ରଖ । ମୋ ଘରେ ରୁହ, ଖାଅ, ପିଅ,

Digitized by srujanika@gmail.com

ପାଠପଢ଼, ମୁଁ ତୁମର ସମସ୍ତ ଦାୟିତ୍ୱ ନେଲି । ସେଠି ରହିଲା ମୃଷା - ହରିଲାଲ ମୃଷା ହେଲେ ଦୁଇ ସଂଗାତ, କିନ୍ତୁ ମୃଷା କହିଲା "ଦେଖ ସଂଗାତ ସବୁଦିନ ମୋ ପାଖରେ ବସିବ । ମୁଁ ତୁମକୁ କଷ୍ଟ ପାଠ ବୁଝାଇଦେବି, ଆଜିଠାରୁ ଆମର ସ୍ନେହ ରହିଲା - ହେଲେ ମୁଁ ତୁମ ଘରେ ରହିଲେ ସ୍ନେହ କମିଯିବ, ମୁଁ ଆଜି ରହିବି, ତିନି ଚାରିଦିନ ପରେ ସୁବିଧା ଦେଖି ହଷ୍ଟେଲ୍‌ରେ ରହିବି" । ହରିଲାଲ ଯେତେ କାକୁତି ମିନତି ହୋଇ କହିଲା - ଆଦୌ ଶୁଣିଲା ନାହିଁ ମୃଷା ।

ଯଦୁବାବୁଙ୍କ ଘରେ ଖିଆପିଆ ବନ୍ଦ, ସବୁ ଚୁପ୍‌ଚାପ୍, ମା ଶଯ୍ୟାଶାୟୀ ନୂଆବୋଉ କବାଟଦେଇ ଶୋଇଛନ୍ତି, ପିଲାମାନେ କାନ୍ଦୁଛନ୍ତି, ଦୁଇ ଦିନପରେ ଉତ୍କାମଣ୍ଡରୁ ଫେରିଲେ ଯଦୁଭାଇ, ମହାରାଜାଙ୍କ ସଙ୍ଗେ ଗ୍ରୀଷ୍ମ ନିବାସକୁ ଯାଇଥିଲେ, ନୂଆବୋଉଙ୍କ ପାଖରୁ ସବୁ କଥା ଶୁଣି ଦୌଡ଼ିଲେ ଦାଦା ପାଖକୁ, କହିଲେ "ଦାଦା, ବାପା ମୁଁ କିଛି ମାନିବିନି, ଏ ଘରେ ନିଆଁ ଲଗାଇଦେବି । ବର୍ତ୍ତମାନ ଯାଇ ମୃଷାକୁ ଖୋଜି ଆଣ, ତାପରେ ରକ୍ଷା ବନ୍ଧା" । ବାପା ବାହାରି ପଡ଼ିଲେ ମାଧବକୁ ସାଙ୍ଗରେ ଧରି, ଏଣେ ତେଣେ ବହୁତ ଖୋଜାଖୋଜି କରି ପାଇଲେ ଠିକାଦାର ବାବୁଙ୍କ ଘରେ, କହିଲେ "ବାପା ଯଦି ଭୁଲ କରେ, ପୁଅ କଣ ତାକୁ କ୍ଷମା କରେନି, ମୃଷା, ମୋର ଭୁଲ୍ ହୋଇ ଯାଇଛି, ମୁଁ ଭୁଲ୍ ବୁଝିପାରିଛି" । ମାଧବ ସାର୍‌ଙ୍କ ଗୋଡ଼ତଳେ ପଡ଼ି କହିଲା "ସାର୍ ମୁଁ ଆପଣଙ୍କୁ ଖଙ୍କା ମାଷ୍ଟ୍ରେ ଡାକିବିନି, ମୁଁ ପାଠ ପଢ଼ିବି, ଆପଣ ଆମ ଘରକୁ ଆସନ୍ତୁ ସାର୍" ।

ମୃଷା, ଠିକାଦାର ବାବୁଙ୍କ ଆଦେଶରେ ପୁଣି ଫେରିଲା - ମାଧପୁର । ହରିଲାଲ ଆଖିରେ ଆଖିଏ ଲୁହ - କାନ୍ଦି କାନ୍ଦି କହିଲା "ମଉସା (ସଂଗାତ) କୁ ଆଦୌ ମାରିବେନି, ତାକୁ ମାରିଲେ, ମୋତେ ବାଜିବ । ଘରେ ଆନନ୍ଦ ଫେରି ଆସିଲା । ସେଦିନ ଯଦୁଭାଇ ମୃଷାକୁ ପାଖରେ ଧରି ଶୋଇଲେ, କେତେ ଭଲ ଭଲ ଜିନିଷ ଦେଲେ । ନବମ, ଦଶମ, ଏକାଦଶରେ ପାଷ୍ଟ ହୋଇ, ସ୍କୁଲର ନାମରଖି ମୃଷା ବିଦାୟ ନେଲା ଯଦୁବାବୁଙ୍କ ଘରୁ । ସେଦିନର ସେ ବିଦାୟ ଦୃଶ୍ୟ ଥିଲା, ଅତ୍ୟନ୍ତ ମର୍ମସ୍ପର୍ଶୀ, ଛୁଆମାନେ କାନ୍ଦୁଥାନ୍ତି - ବୋଉ, ନୂଆବୋଉ ଗେହ୍ଲା କରୁଥାଆନ୍ତି - ଯଦୁଭାଇ କହୁଥାନ୍ତି, କଣ କଲୁ, କେଉଁଠି ପଢ଼ିଲୁ ଚିଠି ଦେବୁ । ଆଉ ବାପା ପୁରା ବଦଳି ଯାଇଛନ୍ତି, ମୃଷାକୁ ନିଜ ପୁଅଠାରୁ ବେଶି ଭଲ ପାଆନ୍ତି, କିଛି ନକହି, ଏ ପାଖରୁ, ସେ ପାଖ ଘୁରୁ ଥାଆନ୍ତି, "ଖାଲି ଭାବୁଥାନ୍ତି, ଆଜି ତାଙ୍କ ଘର ହତଲକ୍ଷ୍ମୀ ହୋଇଗଲା - ମୃଷା ବିଦାୟ ନେଲା" । ଦୌଡ଼ି ଦୌଡ଼ି ଆସି ହସ ହସ ମୁହଁରେ ବ୍ୟସ୍ତ ହେବୁନି, ମୁଁ ଠିକ୍ ସମୟରେ ତୋତେ ରେଭେନ୍‌ସା କଲେଜରେ ଦେଖା କରିବି, କହିଲା "ସେଇ ପିଲାଟି" ।

***

Digitized by srujanika@gmail.com

ମୂଷା ହେଲା ଇଂଜିନିୟର

ମୂଷା ନିଷ୍ପତ୍ତି କରିଥିଲା ରେଭେନ୍‌ସାରେ ଆଇ.ଏସ.ସି ପଢ଼ି ବାହାରକୁ ଇଂଜିନିୟରିଙ୍ଗ ପଢ଼ିବାକୁ ଯିବ । ଅତୁଲ ଭାଇଙ୍କ ପାଖରୁ କିଛି ପଇସା ନେଇ ଆସି ପହଞ୍ଚିଲା କଟକ । କଟକ ତ ଆଗରୁ ଦେଖି ନଥିଲା । ଆଉ ରେଭେନ୍‌ସାରେ ଆଇ.ଏସ.ସି ପଢ଼ିଲେ କେତେ ପଇସା ଖର୍ଚ୍ଚହେବ ତାହାବି ଜଣା ନଥିଲା, ହରିଲାଲ ଆସିବ, ନହେଲେ କାହାଘରେ ଟିୟୁସନ୍ ମାଷ୍ଟର ହୋଇ ପଢ଼ିବ, ଠିକ୍ କରି ରେଭେନ୍‌ସାରେ ନାଁ ଲେଖାଇଦେଲା । ସାଙ୍ଗରୁମ୍‌ରେ ଜିନିଷପତ୍ର ରଖି, କଲେଜ୍‌ରେ ପାଠପଢ଼ି, ବାକି ସମୟତକ ଏଣେ ତେଣେ ବୁଲି, ରାତିରେ ବାରଣ୍ଡାରେ ଶୋଇଯାଏ । ମୂଷା ଦେଇଥିବା ଠିକଣାରେ ହରିଲାଲ କିଛି କିଛି ଟଙ୍କା ପଠାଏ । ଗୋଟେ ବର୍ଷ ବହୁ କଷ୍ଟରେ ଭୋକ ଉପାସରେ କଟାଇଦେଲା, ଦ୍ୱିତୀୟ ବର୍ଷ ଆରମ୍ଭରେ ଗାଁ ପୁତୁରା, କୀର୍ତ୍ତନ୍ ପଟ୍ଟନାୟକ ଯାଜପୁରର ନୂଆ ଏନ୍.ସି. କଲେଜରେ ପ୍ରିନ୍‌ସପାଲ ହୋଇଥିବା ଶୁଣି ଏନ.ସି.କଲେଜରେ ଆର୍ଟସ୍‌ରେ ନାଁ ଲେଖାଇଲା । ହଠାତ୍ ଦିନେ ହରିଲାଲ ଆସି ପହଞ୍ଚିଗଲା, ମୂଷାକୁ ବାଧ୍ୟକଲା କଟକ ଇଞ୍ଜିନିୟରିଙ୍ଗ୍ ସ୍କୁଲରେ ନାଁ ଲେଖାଇବାକୁ ତା ବାପା ତା ପାଇଁ ଏକ ଶହ ଟଙ୍କା ପଠାଇଲେ ଓ ମୂଷା ପାଇଁ ତିରିଶ ଟଙ୍କା ପଠାଇଲେ । ସେଥିରେ ଦୁଇ ସାଂଗ ଆରାମରେ ପାଠ ପଢ଼ିଲେ । ରାଜାଙ୍କର ସାନଭାଇ ଛୋଟରାୟ ସାହେବ ଭଲ ଛାତ୍ର ହିସାବରେ ମୂଷାକୁ ପନ୍ଦରଟଙ୍କା ଷ୍ଟାଇପେଣ୍ଡ ଦେଲେ । ଦ୍ୱିତୀୟ ବର୍ଷ ଆରମ୍ଭରେ ହରିଲାଲ୍‌ର ବାହାଘର ହୋଇଗଲା, ପାଠପଢ଼ା ତାର ବନ୍ଦ । ତା ବାପା ପଠାଉଥିବା ପଇସା ଓ ଛୋଟରାୟ ସାହେବ ଷ୍ଟାଇପେଣ୍ଡରେ ମୂଷା, ସିଭିଲ୍ ଇଂଜିନିୟରିଙ୍ଗ୍‌ରେ ଫାଷ୍ଟ ଡିଭିଜନରେ ପାସ୍ କଲା । ଟ୍ରେନିଙ୍ଗ୍ ଅର୍ଡର ଆସି ନଥାଏ । ଏଗ୍ରିକଲ୍‌ଚର ଡିପାର୍ଟମେଣ୍ଟରେ ଇଂଜିନିୟରିଙ୍ଗ୍ ଓଭରସିୟର ହିସାବରେ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ ତିନିଟା ଜିଲ୍ଲା

Digitized by srujanika@gmail.com

ଦାୟିତ୍ୱରେ ରହିଲେ ମୂଷା ଇଂଜିନିୟର । ତାଙ୍କୁ ଚାକିରି ଦେଲେ, ଏଚ.କେ ମହାନ୍ତି, ପରେ ଏଗ୍ରିକଲଚର ନିର୍ଦ୍ଦେଶକ ।

ଟ୍ରେନିଙ୍ଗ୍ ଅର୍ଡ଼ର ବାହାରିଲା, କୋରାପୁଟ ଜିଲ୍ଲାରେ ଟ୍ରେନିଙ୍ଗ୍, କୋରାପୁଟର ନିର୍ବାହିଯନ୍ତ୍ରୀ ଥାନ୍ତି ଆର.ଏନ୍.ପାଢ଼ୀ । ମୂଷା ଇଂଜିନିୟରଙ୍କୁ ପଠାଇଲେ ପଟାଙ୍ଗୀ, ସୁଙ୍କି ଘାଟରୋଡ୍ ଓସାର କରିବାକୁ ସର୍ଭେ କରିବାପାଇଁ, ବହୁତ କଷ୍ଟ କାମ, ଆଗ ଓଭରସିୟରଙ୍କୁ କହିଲେ ବି, କେହି ସେ କାମ କରୁ ନଥିଲେ । ଆଠ ଦଶ ଜଣ ତେଲେଙ୍ଗା କୁଲିଧରି, ପଟାଙ୍ଗୀ ଡ଼ାକବଙ୍ଗଳାରେ ରହି ସର୍ଭେ କାମ କଲେ ମୂଷାବାବୁ । ମୁଖ୍ୟଯନ୍ତ୍ରୀଙ୍କ ଆଦେଶ, ଯେବେ ସର୍ଭେକାମ ସରିବ ପୋଷ୍ଟିଙ୍ଗ୍ ଅର୍ଡ଼ର ବାହାରିବ । ସକାଳ ଆଠଟାରୁ ତିନିଟା ଯାଏ ସର୍ଭେକାମ ସାରି ଭାତ, ଆଳୁଭର୍ତ୍ତା ଖାଇ, କାମ କେମିତି ତିନି ଚାରି ମାସରେ ଶେଷ କରିବେ, ସେଇ ଚେଷ୍ଟାରେ ଲାଗି ପଡ଼ିଥାନ୍ତି ମୂଷାବାବୁ । ଦିନେ ବ୍ରିଟିଶ୍ ସରକାରଙ୍କ ଛଣଘର ଡ଼ାକବଙ୍ଗଳାରେ ବସି ପ୍ଲଟିଙ୍ଗ କରୁଥାନ୍ତି, ହଠାତ୍ ଛାତରୁ ଖସିପଡ଼ି ଫଣାଟେକି ଠିଆ ହୋଇଗଲା ଏକ ମସ୍ତବଡ଼ ସାପ । ବାପଲୋ, ବୋଉଲୋ କହି ମୂଷାବାବୁ ଦୌଡ଼ିଲେ ରାସ୍ତା କଡ଼କୁ । ରାତିସାରା ରାସ୍ତାଉପରେ ରହିଲେ । ତା ପରଦିନ କୁଲି ଆସିବାରୁ ଅନ୍ୟଘରକୁ ସିଫିଟ୍ କରି ବହୁ କଷ୍ଟରେ, ବହୁତ ପରିଶ୍ରମ କରି, ସବୁ କାମ ଶେଷ କରିଦେଲେ । ଚିଠି ପାଇଲେ ଅତୁଳଭାଇଙ୍କ ବାହାଘର । ଛୁଟି ନଥିବାରୁ ଯାଇ ପାରିଲେନି । ଦେଖିନଥିବା ନୂଆବୋହୂ ପାଖକୁ ବସି ଚିଠି ଲେଖିଲେ । କାମ କରି କରି ବହୁ ଦୁର୍ବଳ ହୋଇ ପଡ଼ିଲେ ମୂଷାବାବୁ, ଭୟଙ୍କର ଜ୍ୱର ହେଲା । ଜ୍ୱର ବନ୍ଦ ହେଲାନି । କୋରାପୁଟକୁ ଖବର ଗଲା । କେହି ଦେଖିବାକୁ ବି ଆସିଲେନି, ଚାକିରି ଆରମ୍ଭରୁ ଏତେ କଷ୍ଟ ଦେଖି ଭାବିଲେ, ଟିକେ ଭଲ ହେଲେ ଚାକିରି ଛାଡ଼ି ଗାଁକୁ ପଳାଇବେ, କୁଲିଗିରି କରି ଚଳିବେ ।

ବାହାରେ ଖଟରେ ପଡ଼ି ଜ୍ୱରରେ ଥରୁଛନ୍ତି, କାହା ପାଟିରେ ନିଦ ଭାଙ୍ଗିଗଲା ମୂଷାବାବୁଙ୍କର, ଆଖି ଖୋଲି ଦେଖିଲେ ମୁଖ୍ୟଯନ୍ତ୍ରୀ ସି.ଏମ୍ ବାନେଟ୍ । ଅଧିକ୍ଷଣ ଯନ୍ତ୍ରୀ, ଯୁବ୍ଲା ସାହେବ, ନିର୍ବାହି ଯନ୍ତ୍ରୀ ପାଢ଼ୀ ସାହେବ ଓ ଏସ.ଡ଼ି.ଓ, ଓଭରସିୟର ସମସ୍ତେ ଆଗରେ ଠିଆ । ପାଢ଼ୀ ସାହେବ ହାତମାରି ଦେଖିଲେ ଭୟଙ୍କର ଜ୍ୱର, ସବୁକଥା ଶୁଣିଲେ । କାମ ସରି ଯାଇଛି । ଲେଭଲ୍ ବହି ଦେଖି ସମସ୍ତେ ବହୁତ ଖୁସି ହେଲେ, କାର୍ଯ୍ୟ ଦକ୍ଷତା ଯୋଗୁ ଏକ ବର୍ଷ ଟ୍ରେନିଙ୍ଗକୁ ତିନିମାସରେ ଶେଷ କରି ପୋଲିସ୍ ବିଲିଡ଼ିଙ୍ଗ୍ ଦାୟୀତ୍ୱରେ ଅମରକୋଟକୁ ଟେମ୍ପରାରି ଓଭରସିୟର ହିସାବରେ ପୋଷ୍ଟିଙ୍ଗ୍ ହେଲା ।

ଖବର ଗଲା ଅମରକୋଟ । ଠିକାଦାର ଏ, ଆରଖାନ୍(A.R. Khan), ଆସି ପହଞ୍ଚିଗଲେ ଗୋଟେ ଭଙ୍ଗା ଜିପ୍ ଧରି । ଖାନ୍ ସାହେବ ପରସିୟାନ୍ । ଓଡ଼ିଶାରେ ବହୁ ଦିନରୁ ରହି ଆସିଛନ୍ତି । ଛଅଫୁଟ ଛଇଞ୍ଚି ଉଚ୍ଚା, ଗୋରା, ହୃଷ୍ଟ ପୁଷ୍ଟ ଚେହେରା, ମିଷ୍ଟଭାଷୀ । ମାଗଣାରେ ଲୋକଙ୍କୁ ହୋମିଓପାଥିକ ଔଷଧ ଦିଅନ୍ତି । ଘର ନବରଙ୍ଗପୁର, ତାରାଗାଁ, ଦେଶପ୍ରେମୀ, ସ୍ୱାଧୀନତା ପାଇଁ ଆନ୍ଦୋଳନ କରି ଗଣତନ୍ତ୍ର ପାର୍ଟିର ସଭ୍ୟ ହୋଇ ପରେ

Digitized by srujanika@gmail.com

ଏମ୍ ଏଲ୍. ଏ ହେଲେ, ସେ ଓଡ଼ିଶାର ଗାନ୍ଧୀ "ରାଧାକୃଷ୍ଣ ବିଶ୍ୱାସ"ଙ୍କ ସହ ଭୋଟ୍ ଲଢ଼େଇ କରି ଜିତିଥିଲେ । ସେ ମୂଷା ବାବୁଙ୍କୁ ଜିପ୍‌ରେ ବସାଇ ଚାଲିଲେ ଅମରକୋଟ, ଅମରକୋଟ ଏକ ବିରାଟ୍ ଜାଗା । ବଜାର କହିଲେ ଦୁଇଧାଡ଼ି, ଛଣ ଛପର ଘର, ତେଜରାତି, ପାନ ଚାହା ଦୋକାନ, ଠିକାଦାର ବାବୁଙ୍କର ଏକ ବିରାଟ କ୍ୟାମ୍ପ, ବୈଠକ ଖାନା, ଥାଆନ୍ତି ସେଠାରେ ତାଙ୍କ ମେମ୍ ସାହେବ ଓ ଏଗାର ବର୍ଷର ଝିଅଟିଏ, ଖାନ୍‌ବାବୁ ସବୁବେଳେ ଫ୍ୟାମିଲ୍‌ଭିତରେ ରହିବାକୁ ଭଲପାନ୍ତି ।

ସମସ୍ତଙ୍କ ସହ ପରିଚୟ ହୋଇସାରି ତାଙ୍କ ପାଇଁ ଉଦିଷ୍ଟ ହୋଇଥିବା ରୁମ୍‌ରେ ରହିଲେ ମୂଷା ବାବୁ, ମୁହଁରେ ସୁନ୍ଦରିଆ ଦାଢ଼ି ଥିବାରୁ, ତାଙ୍କୁ ସମସ୍ତେ ଡ଼ାକିଲେ ଦାଢ଼ିଆ ଇଞ୍ଜିନିୟର । କ୍ୟାମ୍ପରେ ଆଉଜଣେ ନୂଆ ମେମ୍ବର ବଢ଼ିଲେ । ସମସ୍ତଙ୍କ ନଜର ତାଙ୍କରି ଉପରେ । ପାଖରେ ଥାଏ ଫୁଲ **କ୍ୟାରିୟର** ଥିବା ନୂଆ ରାଲେ ସାଇକେଲଟିଏ । ଅମରକୋଟରେ ସେ ସାଇକେଲେ କିଏ ଆଗରୁ ଦେଖି ନଥିଲେ । ଦିନକୁ ଦଶଥର ପୋଛନ୍ତି ସାଇକେଲ୍‌ଟିକୁ । ବୟସ ବାଇଶ୍ ତେଇଶ୍ ଭିତରେ । ଦିନରେ ଦଶବାରଥର ବେଶ ହୋଇ ସାଇକେଲ୍ ଧରି କାମ ଉପରକୁ ଯାଆନ୍ତି ମୂଷାବାବୁ । କାମ ଜୋର୍‌ସୋର୍‌ରେ ଚାଲିଥାଏ । ବିରାଟ ଏକ ସିମେଣ୍ଟ ଗୋଦାମ, କାମ ଦେଖିବାକୁ ସାତ ଆଠଜଣ ସୁପରଭାଇଜର୍ । ଚାରିଜଣ ଚୌକିଦାର । ଠିକାଦାରବାବୁଙ୍କ ଲେବର ଷ୍ଟ୍ରେଙ୍ଗଥ୍ ବହୁତ । ମିସ୍ତ୍ରୀ ହେଲ୍‌ପରଙ୍କୁ ଛାଡ଼ି ଦୁଇଶହ ଉପରେ ପୁରୁଷ ଓ ଚାରିଶହ ଉପରେ ସ୍ତ୍ରୀ । ପ୍ରାୟ ସବୁ ଆଦିବାସୀ, ପରଜା ସଂପ୍ରଦାୟର, ଗୋରାଦେହ, ଦେହ ସାରା ଚିତା, ପରଜା ଝିଅମାନେ ଦେଖିବାକୁ ଭାରି ସୁନ୍ଦରୀ । ନାକରେ କାନରେ ଫୁଲ ! ବେକରେ ବଡ଼ ବଡ଼ ମାଳିର ହାର, ସୁନ୍ଦରୀଝିଅମାନଙ୍କ ଗହଣରେ କାମ କରି ଚାଲିଥାନ୍ତି ମୂଷାବାବୁ । ସତେ ଯେମିତି ଗୋପୀଙ୍କ ଗହଣରେ କଳାକାହ୍ନୁ, ଝିଅମାନେ ତାଙ୍କୁ ଦେଖି ହସନ୍ତି, ତାଙ୍କ ଭାଷାରେ ଟାପରା କରନ୍ତି, ମୂଷାବାବୁ ବଡ଼ ଗମ୍ଭୀରରେ ତାଗିଦ୍ କରି କହନ୍ତି, କାମବେଳେ ଏଣେ ତେଣେ ମନ ଦିଅନା, କାମ ଖଇଚା ହେବ, ଠିକାଦାର ବାବୁଙ୍କର କ୍ଷତି ହେବ ।

ଛଣ ଭଡ଼ାଘରେ ପୋଲିସ୍ ଅଫିସ୍ ହେଉଥାଏ । ନୂଆ ନୂଆ ସବ୍‌ଇନିସ୍‌ପେକ୍ଟର ମାନେ କାମ ଦେଖିବାକୁ ଆସନ୍ତି । କାମ ଚଞ୍ଚଳକର, ଆହୁରି ଭଲ କର, ଅଭିଯୋଗ କରନ୍ତି । ମୂଷାବାବୁ ମୁହେଁ ମୁହେଁ ଜବାବ ଦିଅନ୍ତି, ମୋ କାମ ତୃଟି ବିହିନ, ଆଉ ଚଞ୍ଚଳ କରିବା ଦାୟିତ୍ୱ ମୋର ।

ଦିନେ ଦିନେ ରସିକିଆ ସବ୍‌ଇନିସ୍‌ପେକ୍ଟର ମାନେ ମୂଷାବାବୁଙ୍କ ପାଖକୁ ଆସି, ହସି ହସି କହନ୍ତି କ'ଣ ଇଂଜିନିୟର ସାହେବ, ଏଠିତ ପୁରାପୁରି ଶ୍ରୀକୃଷ୍ଣ ବନିଗଲେ, ଆମକୁ ଗୋଟେ ଅଧେ ଦେଖାନ୍ତୁ । ଆମ ପାଖକୁ ଗୋଟେ ଦୁଇଟି ଗୋପି ପଠାନ୍ତୁ, ମୂଷାବାବୁ ଏମିତି ବାଜେ ମନ୍ତବ୍ୟରେ କିଛି ନକହି ରାଗି ଉଠିଚାଲି ଯାଆନ୍ତି । ଦିନେ ରମାନାଥ ଦାସ, ସର୍କଲ ଇନିସ୍‌ପେକ୍ଟର କାମ ଦେଖିବାକୁ ଆସିଲେ, ବୟସ୍କ ଲୋକ, ଅତି ଭଦ୍ର, ମୂଷାବାବୁଙ୍କ ସହ

Digitized by srujanika@gmail.com

ଆଳାପ, ଆଲୋଚନା, କରିଲା ପରେ, ଜାଣିଲେ ମୂଷାବାବୁଙ୍କ ଘର କେନ୍ଦୁଝର, ଆନନ୍ଦପୁର, କନଷ୍ଟବଲ ପୂର୍ଣ୍ଣ ପଟ୍ଟନାୟକଙ୍କ ସାନଭାଇ, ପୂର୍ଣ୍ଣଭାଇ କେନ୍ଦୁଝରରେ ରମାନାଥ ବାବୁଙ୍କ ପାଖରେ ଚାକିରି କରିଥିଲେ । ତାଙ୍କ ଘରକୁ ଡ଼ାକି ମାଉସୀ ସହ ଦେଖା କରାଇଲେ, ମାଉସୀ, ମୂଷାକୁ ବହୁତ ସ୍ନେହ ଆଦର କଲେ, ପୂର୍ଣ୍ଣ ସ୍ତ୍ରୀର ଛୁଆ ହେଲାଣି କି ନାହିଁ ପଚାରି ବୁଝିଲେ, ମୂଷାବାବୁ କହିଲେ, ପ୍ରଥମ ଝିଅର ଏକୋଇଶିଆ ଏବେଗଲା, ଅନେକ ନା, ଲେଖି ପଠାଇଛି, ଯାହା ମନକୁ ପାଇବ ରଖିବେ, ଚାରୁ, ସୁଭାସିନୀ, ଚଂପକ ବରନି ଲବଙ୍ଗ ଲତା । ''ହସି ଉଠିଲେ ସମସ୍ତେ, ଛଅ, ସାତବର୍ଷର ଗୋରା ସୁନ୍ଦରିଆ ଝିଅଟିଏ, କୋଉଠି ଥିଲା ଦୌଡ଼ି ଆସି ପଚାରିଲା ''ଏ କିଏ ବୋଉ'', ମାଉସୀ କହିଲେ, ''ଏ ତୋର ଆଉ ଗୋଟିଏ ନୂଆଭାଇ, ନମସ୍କାର କର,'' ଗୋଡ଼ତଳେ ପଡ଼ି ମୁଣ୍ଡିଆ ମାରିଲା ସ୍ୱର୍ଣ୍ଣ, ମୂଷାବାବୁଙ୍କର ଆନନ୍ଦର ସିମା ରହିଲା ନାହିଁ, ଆଖିରେ ଲୁହ ଭରିଗଲା, ବିଦେଶରେ ହଠାତ୍ ଏତେ ସ୍ନେହ, ଆଦର ପାଇବେ, ସେ ଆଶା କରି ନଥିଲା ।

ଠିକାଦାର ବାବୁଙ୍କ ଘରେ ମୂଷାବାବୁ ରହୁଛନ୍ତି ଶୁଣି, ବହୁତ ଦୁଃଖ କଲେ ମଉସା, କହିଲେ, ଠିକାଦାର ବାବୁଙ୍କ ଘରେ ଇଞ୍ଜିନିୟର ରହିବା ଠିକ୍ ନୁହେଁ, ବଦନାମ ହେବ, ତାଛଡ଼ା, ଏ ଜାଗା ଭଲ ନୁହେଁ, ଆମ କଟିକିଆକୁ ଏଠି ସମସ୍ତେ ଘୃଣା କରନ୍ତି ।

ରମାନାଥବାବୁଙ୍କ ପୁଅ ଶାରଙ୍ଗ କେନ୍ଦୁଝରରେ ମାଇନର ପଢୁଥାଏ, ଛୁଟିରେ ଅମରକୋଟ୍ ଆସି, ମୂଷାଭାଇଙ୍କୁ ଚିହ୍ନିଲାପରେ, ତାଙ୍କ ସାଙ୍ଗ ଆଦୌ ଛାଡ଼ିଲା ନାହିଁ - ଡ଼ାକିଲା ''ମୂଷା ଭାଇ- ମୂଷାଭାଇ'' ।

ରହିବା ଉପଯୋଗି ଘରଟିଏ ଠିକ୍ ହୋଇଗଲା, ଖାନ୍‌ସାହେବଙ୍କ ଠାରୁ ପରମିସନ୍ ନେଇ, ନୁଆ କ୍ୱାଟରରେ ଆସି ରହିଲେ ମୂଷାବାବୁ ।

ଖାନ୍ ସାହେବ କହିଲେ; ତୁମ ନିଷ୍ପତିକୁ ମୁଁ ତାରିଫ୍ କଲି ଇଞ୍ଜିନିୟର । ଇଂଜିନିୟର ସାହେବ, ଠିକାଦାର ବାବୁଙ୍କ ଘରେ ରହିବା ଠିକ୍ ନୁହେଁ, ପ୍ରେଷ୍ଟିଜ୍ ଚାଲିଯିବ ଖାନ୍ ସାହେବଙ୍କ ଭଣଜା, ପରେ ଜ୍ୱାଇଁ ଏବର ମନ୍ତ୍ରୀ ହବିବୁଲ୍ଲା ଖାଁ, ପନ୍ଦର, ଷୋହଳ ବୟସର ପିଲା, ନବରଙ୍ଗପୁରରେ ହାଇସ୍କୁଲରେ ପଢୁଥାଆନ୍ତି, ସେଦିନ ଆସି ମୂଷା ଇଞ୍ଜିନିୟରଙ୍କୁ ନୁଆ ଘରକୁ ପଠାଇଲେ, ଖାନ୍‌ସାହେବ ଅତ୍ୟନ୍ତ ପର ଉପକାରୀ ଲୋକ , ଖାଇବା ପିଇବାର ସୁବିଧା ହେବ ବୋଲି, ସାଙ୍ଗରେ ପଠାଇଲେ, ମୁସଲମାନ୍ ରାନ୍ଧିବାବାଲି ଚାକିରିଆଣି ''ନରିଆଣୀକୁ'' ।

Digitized by srujanika@gmail.com

ନରିଆଣୀ, ତିରିଶି, ପଇଁତିରିଶି, ବର୍ଷର ସ୍ତ୍ରୀଲୋକଟିଏ, ଗୌରବର୍ଣ୍ଣ, ଅତି ସୁନ୍ଦର ଚେହେରା, ବେଶ ଭୁଷା, ଚାଲି ଚଳନରେ ଲାଳିତ୍ୟ, ସ୍ନୋ, ପାଉଡ଼ର, ବାସନା ତେଲରେ ଦେହଟାର ସବୁବେଳେ ମହକୁଥାଏ । ବାବୁଙ୍କ ଠାରୁ ବୟସରେ ଦଶ ବାର ବର୍ଷ ବଡ଼ ହେବ । ବାବୁ ତାକୁ ମା, ଭଉଣି ପରି, ସ୍ନେହ କରନ୍ତି, ନରିଆଣୀବି, ବାବୁଙ୍କୁ ବହୁତ ସ୍ନେହ ଯତ୍ନ କରେ, ବଢ଼ିଆ ରାନ୍ଧେ, ସକାଳୁ ରାତିଯାଏ, ବହୁ ରକମର ସୁ ଖାଦ୍ୟ ତିଆରି କରି ବାବୁଙ୍କୁ ଖୁଆଏ, ବାବୁ, ନରିଆଣୀ ଉପରେ ବହୁତ ଖୁସି ।

ବେଳେ ବେଳେ, ନରିଆଣୀ ରାତିରେ ଘରକୁ ନଯାଇ, ବାରଣ୍ଡାରେ ଶୋଇଯାଏ ରାତିରେ ବାବୁ ଉଠି ଦେଖନ୍ତି, ନରିଆଣୀ ନଶୋଇ ବସି କାନ୍ଦୁଛି, ପଚାରିଲେ ସେ କହେ, "ସେ ଆଉ ତା ବର ଆସାମ ଚା ବଗିଚାରେ କାମ କରୁଥିଲେ, ତା ବର, ଦେଖିବାକୁ ଅତି ସୁନ୍ଦର ଭେଣ୍ଡିଆ, ଟୋକାଟାଏ, ଦିନେ ହଠାତ୍ ସେ ମରିଗଲା, ତାକଥା ମନେ ପଡ଼ିଲେ, ବଡ଼ କାନ୍ଦ ମାଡ଼େ", ମୃଷାବାବୁ ସବୁ ବୁଝନ୍ତି ହିନ୍ଦୁ ମୁସଲମାନ ଗୋଳମାଳ ବେଳେ, ସେ ଓଡ଼ିଶା ପଳାଇ ଆସି, ଖାନ୍ ସାହେବଙ୍କ ଘରେ, ବହୁତ ଦିନରୁ ରହିଛି, ବାବୁ ତାକୁ ବହୁତ ବୁଝନ୍ତି, ତା ଦୁଃଖରେ ଦୁଃଖ କରନ୍ତି, କିନ୍ତୁ ତା ମନ ବେଦନାର ଅକୁହା କଥା ବୁଝିପାରନ୍ତି ନାହିଁ ।

ଦିନେ ସଞ୍ଜ ବେଳେ ନରିଆଣୀ କହିଲା, ଯାଉନ ବାବୁ, ବଢ଼ିଆ, ରାମଲିଳା ହେଉଛି, ଚାରି, ପାଞ୍ଚ ଖଣ୍ଡ ଗାଁରୁ ଶହେ ଉପରେ ପାର୍ଟିଅର, ବଢ଼ିଆ ହୁଏ ରାମଲିଳା, ଯାଉନ ଦେଖି ଆସିବ ।

ରାମ ଲିଳା କଥା ଶୁଣି ବହୁତ ଖୁସି ହୋଇଗଲେ ମୃଷାବାବୁ, ଅନେକ ଦିନ ହେଲା, ରାମକୁ ଦେଖି ନାହାନ୍ତି । ତର ତର କରି କ'ଣ ଦିଇଟା ଖାଇଦେଇ ବାହାରି ପଡ଼ିଲେ, ରାମଲିଳା, ହେଉଥିବା ହାଟପଡ଼ିଆ ଆଡ଼େ । ଏ ସାଇଡ଼ରେ ରାମଲିଳା ସବୁ ଠାରୁ ବଡ଼ ପର୍ବ, ବରଷକ ପରେ ଥରେ ହୁଏ । ସଞ୍ଜ ବେଳୁ ଲୋକେ ନିଜ ନିଜର ଜାଗା ଧରି ବସି ଥାଆନ୍ତି ଶ୍ୟାମଳ ବରନ, ରାଜିବଲୋଚନ, ରାମକୁ ଦର୍ଶନ କରିବାକୁ, ଚାରିଆଡ଼େ ଲୋକାରଣ୍ୟ ।

ମୃଷାବାବୁ ମେକପ୍‌ରୁମ ଆଡ଼େ ଗଲେ, ମେକପ୍ ଆରମ୍ଭ ହୋଇ ଯାଇଥାଏ, ତିନି ଚାରିଜଣ ଲୋକ, ବସି ମେକପ୍ କରୁ ଥାଆନ୍ତି । ଇଂ ମୃଷାବାବୁଙ୍କୁ ପ୍ରାୟ ପାଖ ପାଖ

Digitized by srujanika@gmail.com

ଗାଁର ଲୋକମାନେ ଚିହ୍ନି ଯାଇଥାନ୍ତି । ମୃଷାବାବୁ ଦେଖିଲେ, ପାର୍ଟକରୁଥିବା ଲୋକଙ୍କ ଭିତରେ, କେତେଜଣ ତାଙ୍କ ପାଖର କୁଲି ମଜୁରିଆ । ମୃଷା ଇଂଜିନିୟର ବ୍ରସ୍ ଧରି କେତେଜଣଙ୍କୁ ମେକପ୍ ଆରମ୍ଭ କଲେ, ଜଣେ ଦୁଇଜଣଙ୍କୁ ଭଲ ମେକପ୍ କରି ସାରିଲାପରେ, ସମସ୍ତେ ଆଗେଇଲେ ତାଙ୍କରି ଆଡ଼କୁ, ସେ ବାଛି ବାଛି ଭଲ ସୁନ୍ଦରିଆ ପିଲା ଦେଖି ମେକପ୍ କରୁଥାନ୍ତି । ଗୋଟିଏ କୋଡ଼ିଏ ବାଇଶି ବର୍ଷର ଶ୍ୟାମଳ ବର୍ଣ୍ଣର ପିଲା ସବୁବେଳେ ଆଗ ବସିପଡ଼େ ମେକପ୍ ହେବାକୁ, ପରେ ମେକପ୍ ହେବ କହି, ଅନ୍ୟପିଲାକୁ ମେକପ୍ କରନ୍ତି ମୃଷାବାବୁ । ଏହା ଭିତରେ ବାରଟା ପାଖା ପାଖି ବେଳ ହୋଇଗଲା, ଡ୍ରମ, ତୁରୀ ବାଜିବା ଆରମ୍ଭ ହୋଇଗଲା, ସେ ପିଲାଟି ଭୋ ଭୋ କରି କାନ୍ଦି, କହିଲା, ମୋତେ ମେକପ୍ କରୁ ନାହାଁନ୍ତି, ମୁଁ ବହିର ହିରୋ, ରାମ ପାଟ କରୁଛି ।

ଚମକି ପଡ଼ିଲେ ମୃଷା ଇଂଜିନିୟର, ତୁମେ ରାମ, ମୋତେ ଆଗରୁ କହୁନ ମୁଁ କେବଳ ତୁମକୁ ଦେଖିବାକୁ ଆସିଥିଲି, ସାଙ୍ଗେ ସାଙ୍ଗେ ଅତି ବଢ଼ିଆ ମେକପ୍ ଓ ଡ୍ରେସ କରିଦେଲେ ତାଙ୍କୁ, ଆଇନାରେ ମୁହଁ ଦେଖିଲା, ଅତି ବଢ଼ିଆ ଦିଶୁଥିଲା ସେ, ସେ ହାତଯୋଡ଼ି ଇଂଜିନିୟର ବାବୁଙ୍କୁ ଯୁଆର ହେଲା - ପାଦଧୂଳି ନେଇ ମୁଣ୍ଡରେ ମାରିଲା-

ନାଟ, ଆରମ୍ଭ ହୋଇଗଲା, ଦୁଇ, ତିନିଘଣ୍ଟା ନାଟ ଦେଖି, ଥକା ଲାଗିବାରୁ ବସାକୁ ଚାଲିଆସିଲେ ମୃଷାବାବୁ ।

ସକାଳୁ, ସକାଳୁ, ନିଦ ଭଙ୍ଗାଇ ନରିଆଣୀ କହିଲା, "ବାବୁ ସରପଞ୍ଚ ବାବୁ ଆସିଛନ୍ତି, ଆପଣଙ୍କୁ ଦେଖା କରିବାକୁ ଚାହାଁନ୍ତି" ।

ମୃଷାବାବୁ ଭାବିଲେ ଏତେ, ସକାଳୁ ସକାଳୁ, ସରପଞ୍ଚବାବୁ କାହିଁକି ? ଭାରତ ସ୍ୱାଧିନ ହେଲାପରେ, ପ୍ରଥମ ସରପଞ୍ଚ ଇଲେକ୍‌ସନ୍, ପାଣ୍ଡବ ଜେନା, ଅମରକୋଟର ପ୍ରତିଭାଶାଳୀ ବ୍ୟକ୍ତି ଛୋଟ କାଟିଆ, ଜମିଦାର କହିଲେ ଚଳେ, ବାଟି, ବାଟି ଜମି, ଭଲ ଲୋକ, ଆନ୍ଦୋଳନରେ ମାତି ବହୁବାର ଜେଲ୍ ଯାଇଥିଲେ, ଦେଶପ୍ରେମୀ, ପରଉପକାରୀ ।

ଛଅ ମାସ ତଳେ, ଯେତେବେଳେ ଇଂ ମୃଷା ପଟ୍ଟନାୟକ ପ୍ରଥମେ ଚାକିରିରେ ଜଏନ୍ କଲେ, ତାଙ୍କ ସହିତ ଦେଖା ହୋଇଥିଲା, ସେ କହିଥିଲେ "ମୁଁ ଏଠାର ଲୋକ-ପ୍ରତିନିଧି, ଅସୁବିଧା, ସୁବିଧା, ଆମକୁ ଜଣାଇବେ, ଆପଣଙ୍କର, କାମ, ଚରିତ୍ର, ଭଲ ମନ୍ଦର, ରିପୋର୍ଟ ଆମକୁହିଁ ଦେବାକୁ ପଡ଼ିବ" ।

ଏହା ଭିତରେ ଅନେକ ଦିନ ହୋଇଗଲା ଥରେ ମାତ୍ର ଦେଖା କରି ନାହାଁନ୍ତି ଭଦ୍ରାମୀରେ, ସରପଞ୍ଚ ବାବୁଙ୍କୁ

ତର, ତର ମୁହଁ ହାତ ଧୋଇ, ଡ୍ରେସ ହୋଇ ଚାଲି ଆସିଲେ ଡ୍ରଇଂ ରୁମକୁ ଦେଖି ଆଶ୍ଚର୍ଯ୍ୟ ହେଲେ, ସରପଞ୍ଚ ବାବୁଙ୍କ ସହିତ, ରାତିରେ ରାମପାର୍ଟ କରିଥିବା ପିଲାଟି ।

ନମସ୍କାରର, ଆଦାନ ପ୍ରଦାନ ପରେ, ଚାହା, ତାପରେ କଥା ଆରମ୍ଭ କଲେ ସରପଞ୍ଚ ବାବୁ । କହିଲେ "ଛଅ ମାସ ତଳେ ଦେଖା ହୋଇଥିଲା, ଆଜି ପୁଅ ଜିଦ୍ କଲାରୁ ବାଧ୍ୟହୋଇ ଆସିଲି, ଏ ହେଉଛି, ମୋ ସାନପୁଅ, ମୋର ସବୁଦାୟ ସାତଟି ପୁଅ, ଗୋଟିଏ

Digitized by srujanika@gmail.com

ସୁନା ନାକି ଝିଅ, ରେବତୀ, ସବାସାନ ପୁଅ ରାମ ତଳେ । କାଲି ରାତିରେ କି ମନ୍ତର କରିଦେଲେ କେଜାଣି, ଏକା ଯିଦ୍ ଆପଣଙ୍କ ସହିତ ସଂଗାତ ବସିବ, କଣ କରିବି, ସାନ ଗେହ୍ଲା ପୁଅଟିର ଅଳି ଭାଙ୍ଗି ପାରିଲି ନାହିଁ, ବାଧ୍ୟହୋଇ ଲୁଗା ଯୋଡ଼, ନଡ଼ିଆ, ଫୁଲ ଚନ୍ଦନ, ଭୋଗ ଧରି ଆସିଛି ଆପଣଙ୍କ ପାଖକୁ, ତାକୁ ଯେତେ ବୁଝାଇଲି, ଆରେ ସେ ବଡ଼ ଲୋକ, ଇଂଜିନିୟର, ତୁତ ମୁରୁଖ, ମାଇନର ପାଶ୍ କରିନୁ । ତୁକି ସଂଗାତ ହେବୁ ସେ ମହାତ୍ମାଙ୍କ ସହିତ'' ।

ସାନପୁଅ ରାମ କଣ ଉତ୍ତର ଦେଲା ଜାଣନ୍ତି ''ରାମଚନ୍ଦ୍ର, ଦଶରଥ ମହାରାଜାଙ୍କର ପୁଅ କେତେ ବଡ଼ ଜ୍ଞାନୀ, ବିଜ୍ଞ ଲୋକ, ସେତ ପୁଣି ମୂର୍ଖ ବାନର ରଜା ସୁଗ୍ରିବ ସହିତ ମିତ୍ର ବସିଥିଲେ । ଏ ସୁଗ୍ରିବ ସଂଗାତ ତାଙ୍କର, ବହୁତ କାମରେ ଆସିବ ଏ କାଉଁରିପୁରୀ ଅମରକୋଟରେ ।

ରାମ, ଆଉ ମୃଷାବାବୁ ପରସ୍ପରଙ୍କୁ ଅନାଇ ରହିଲେ, ଅନେକ ସମୟ ଧରି, ମୃଷାବାବୁ ଭାବିଲେ ଛୁଆଦିନେ ରାମ ରୋଲ କରିବେ ବୋଲି, କେତେ କେତେ ମାଡ଼ ଖାଇ ବାଧ୍ୟହୋଇ ସୀତା ହୋଇଥିଲେ, ଆଜି ଖୋଦ ''ରାମ'' ହେବ ତାଙ୍କର ସଂଗାତ । ନରିଆଣୀକୁ ବଜାର ପଠେଇ ସବୁ ବନ୍ଦୋବସ୍ତ କଲେ ମୃଷାବାବୁ, ଦୁଇ ସଂଗାତ ଆସନରେ ବସିଲେ, ବ୍ରାହ୍ମଣ ଧୋତି ଚଦର ବଦଳାଇଲା, ଶେଷରେ ସରପଞ୍ଚ ବାବୁ ଖିଆପିଆ କରି ତାଙ୍କ ଘରକୁ ଫେରିଲେ, ରହିଲେ କେବଳ ଦୁଇ ସଂଗାତ । ସଂଗାତେ କହିଲେ ''ଆମେ କଟିକିଆଙ୍କୁ ଘୃଣା କରୁ । ସେମାନେ ବଡ଼ ପ୍ରତାରକ ତାଙ୍କର ମନ ନିର୍ମଳ ନୁହେଁ, ତୁମ ବିଷୟରେ ଅନେକ କଥା, ମୁଁ ଆଗରୁ ଶୁଣିଥିଲି, ଅନେକ ଥର ତୁମ କାମ ଆଡ଼େ ଆସି ତୁମ ଗତି ବିଧି ଦେଖିଛି, ଭାବିନି ମୁଁ ରେଜା(ଝିଅ) ଦେଖିବାକୁ ଆସୁଥିଲି ତୁମ ସହିତ ମିଶିବାକୁ ବହୁତ ଇଛାଥିଲା, କାଲି ରାତିରେ ତୁମେ ମୋତେ ଡ୍ରେସ୍, ମେକପ୍ କରିନଥିଲେ, ଆଜିର ଏ ସୁଯୋଗ ବୋଧହୁଏ ମିଳିନଥାନ୍ତା'' ।

''ଏଠାର ପୁଲିସବାଲା, ସବୁବେଳେ ତୁମ ପଛରେ, ତୁମକୁ ଜଗିଛନ୍ତି, ମିଛଟାରେ ବଦନାମ କରି ଦେବେ । ସେମାନେ ଆମବାପା, ଆଉ ଆମ ଛଅ ଭାଇଙ୍କୁ ବହୁତ ଡରନ୍ତି । ତୁମେ ଚିନ୍ତା କରନା, ଆମେ ସବୁବେଳେ ତୁମ ପଛେ ପଛେ ଅଛୁଁ । ହେଲେ ସଂଗାତେ ସପଥ କର, ଅନ୍ୟ କଟିକିଆଙ୍କ ପରି ମୋତେ ଠକି ଦେଇ ଚାଲିଯିବ ନାହିଁତ'' ?

ଅତି ସରଳ ସୁନ୍ଦର, ମିଠା କଥା ଥିଲା, ସେ ଗାଁର ମୁରୁଖ ପିଲାଟିର, ହସି ହସି ମୃଷାବାବୁ କହିଲେ ''ତୁମକୁ ଛୁଇଁ ସପଥ କରି କହୁଛି ତୁମ ପାଖରେ କୌଣସି କଥା ଗୋପନୀୟ ରଖିବି ନାହିଁ''।

''ତୁମେ ପରା ମୋ ରାମ, ମୋ ସଙ୍ଗାତ'', ପୁଣି ଆଲିଙ୍ଗନ କରି ରହିଗଲେ ଦୁଇ ସଙ୍ଗାତ କିଛି ସମୟ ଧରି, କେଉଁଠିଥିଲା କେଜାଣି ସେ ଫାଜିଲ୍ ନରିଆଣୀଟା, ହାତେ ଓଢ଼ଣାଦେଇ, ଶଙ୍ଖ ବଜାଇ, ହୁଳହୁଳି ପକାଇ, ହସି, ହସି କହିଲା, ''ଯା, ଯାରେ ମୋ, ଦିଅର ଟୋକା'' ।

Digitized by srujanika@gmail.com

ନରିଆଣୀକୁ - କାମରୋଗ

ଏହା ଭିତରେ ବହୁତ ଦିନ କଟିଗଲା, ସଂଗାତ, ପ୍ରତିଦିନ ସଞ୍ଜକୁ ଆସି ଖାଇ, ପିଇ, ରାତି ବାରଟା ସୁଦ୍ଧା, ଫେରିଯାଆନ୍ତି ଘରକୁ, ନରିଆଣୀ ବହୁରକମର ସୁଆଦିଆ, ତରକାରି କରି ଦୁଇସଂଗାତଙ୍କୁ ଖୁଆଏ । ସବୁଠାରୁ ଭଲତରକାରି ଟାର (ଅଣ୍ଡା, ବାଇଗଣ ପାଚେଡ଼ି) ସଂଗାତେ ସବୁ ଦିନେ, ଆସିଲାବେଳେ, ଗଲା ବେଳେ, ନମସ୍ତେ ଭାଉଜ, ଗୁଡନାଇଟ୍ ଭାଉଜ କହନ୍ତି । ମୃଷାବାବୁ କିଛି ବୁଝିପାରନ୍ତି ନାହିଁ, ସଂଗାତଙ୍କୁ ପଚାରିବାକୁ ସାହସବି, ନଥାଏ ।

ଏହା ଭିତରେ ଦୁଇ ସଂଗାତ ବହୁ ଜାଗା ବୁଲି, ଦେଖି ସାରିଲେଣି, ଗୋଟିଗୁଡା ଅଧିକାରିଗୁଡା, ଦରଣାଗୁଡା, ମହିଗୁଡା, ଝରିଗାଁ, ଡାବୁଗାଁ, କୁନ୍ଦେଇ, ପାନାବେଡା, ଧମତରି, ଏମିତି କେତେ କେତେ ଗ୍ରାମିଣ ପରିବେଶ ମଫସଲର ଗାଁ ଗଣ୍ଡା ବୁଲି, ବହୁ ଆନନ୍ଦ ପାଇଛନ୍ତି ଇଂଜିନିୟର ।

ଖାନ୍ ସାହେବ ବି, ଖୁବ୍ ଭଲ ଲୋକ, ଯେବେ ବାହାରକୁ ଯିବେ, ମୃଷା ବାବୁଙ୍କୁ ସାଙ୍ଗରେ ନେଇ ଯିବେ, ଖାନ୍ ସାହେବ ବଡ ଶିକାରୀ, ପାଖରେ ଥାଏ ବନ୍ଧୁକ କୋରାପୁଟ ଜିଲ୍ଲାର କୌଣସି ଜାଗା ବାକିନଥାଏ ସବୁ ଜାଗା ପ୍ରାୟ ବୁଲାଇ ଦେଖାଇ ସାରିଲେଣି, ଦିନେ ଦିନେ ହସି ହସି କହନ୍ତି "କଣ ? ଦାଢ଼ିଆ ଇଂଜିନିୟର ସାହେବ, ବାଲ୍ୟବ୍ରହ୍ମଚାରୀ, ଅମରକୋଟ ପରି ଜାଗାକୁ ଆସି ସବୁ ଆନନ୍ଦ ଉପଭୋଗ କରି ସାରିଲେଣି ତ ? ତାଙ୍କର ଇଙ୍ଗିତ ବୁଝିପାରନ୍ତି ନାହିଁ ନିରିହ ମୃଷା ବାବୁ, ପଚାରିବି ପାରନ୍ତିନି, କାରଣ ଖାନ୍ସାହେବ ଇଂଜିନିୟର ବାବୁଙ୍କଠାରୁ କୋଡିଏ ବାଇଶିବର୍ଷ ବଡ ହେବେ ।

ଦିନକର ଘଟଣା, ଶିକାର କରି ସାରିବା ପରେ, ଝରିଗା, ଡାକବଙ୍ଗଳାରେ ରାତି କଟାଇବାର ଥାଏ । ଆଗରୁ ଖିଆ, ପିଆ ପାଇଁ ସବୁ ବନ୍ଦୋବସ୍ତ ସରିଥାଏ, ମୃଷାବାବୁ ପିଇବାପାଇଁ ମନାକରିବାରୁ ଖାଲି, ଚିକିନ୍ ପରଟା, ଖିରି, ଅନ୍ୟ ଭଲ ଜିନିଷଖାଇ ଟାଙ୍କ ଖଟରେ ଶୋଇବାକୁ ଗଲେ । କିଛି ସମୟ ପରେ ଦେଖିଲେ, ତାଙ୍କ ଗୋଡ ମୋଡିଦେଉଛି ଗୋଟିଏ ଷୋହଳ ସତର ବର୍ଷର ସୁନ୍ଦରୀ, ପରଜାଝିଅ, ଇଂଜିନିୟର ବାବୁ ପାଟି କରିଉଠିଲେ, "ଏ କଣ ସବୁ ହେଉଛି, ଖାନ୍ ସାହେବ ? ଆପଣ ଆଜିଯାଏ ମୋତେ ଚିହ୍ନି ପାରିଲେ ନାହିଁ" ।

Digitized by srujanika@gmail.com

ଆର ରୁମର୍ ଖଟରେ ଶୋଇ ଖାନ୍‌ସାହେବ ହସି ହସି କହିଲେ, ଆପଣ ବ୍ୟସ୍ତ ହୁଅନ୍ତୁନି, ଅବଶ୍ୟ ମୋପାଖରେ ଦୁଇଜଣ, ଆପଣଙ୍କ ପାଖରେ ଥିବା ଝିଅର କାମସରୁ, ଆଉଜଣେ ଆପଣଙ୍କ ପାଖକୁ ଯିବ । ବଡ ଯୋର୍‌ରେ ରାଗିଗଲେ ମୃଷାବାବୁ, ଘରଭିତରୁ ପଳାଇ ଯାଇ, ବାରଣ୍ଡାରେ ଶୋଇଲେ, ତାପରଦିନ ସକାଳୁ, ନିଶାଛାଡି ଯିବାରୁ ଖାନ୍ ସାହେବ ଇଂଜିନିୟର ସାହେବଙ୍କ ହାତ ଧରି କ୍ଷମା ମାଗିଲେ, ଇଂଜିନିୟର ମାନଙ୍କର ଚରିତ୍ରଗତ ଦୋଷଥାଏ । ଆପଣ ଯେ, ଜଣେ ବ୍ୟତିକ୍ରମ ଲୋକ, ମୋର ଧାରଣା ନଥିଲା, କ୍ଷମାକର, ଏ ଭୁଲ୍‌ର ଆଉକେବେ ପୁନରାବୃତ୍ତି ହେବନି, ସେହିଦିନଠାରୁ ଇଂଜିନିୟର ବାବୁଙ୍କ ଚରିତ୍ର ଉପରେ ତାଙ୍କର ଅଗାଧ ବିଶ୍ୱାସ, ଘରେ ମିଶିବାକୁ କୌଣସି ବାଧା ଦେଲେନି, ନରିଆଣୀର ବାବୁଙ୍କ ସହ ପ୍ରେମକଥା ଶୁଣିଲେବି, ବାହାର ଲୋକ ଙ୍କ କଥା ଆଦୌ ବିଶ୍ୱାସ କଲେନି ।

ଏହା ଭିତରେ ଅନେକଦିନ କଟିଗଲା, କାମପ୍ରାୟ ସରିଯିବାଉପରେ, କେବଳ କାମ ଫିନିସିଙ୍ଗ୍ ହୋଇ ସରିବାର ଥାଏ । ଦିନେ ଖବର ଆସିଲା, ଯୁବ୍‌ଲା ସାହେବ ଅଧିକ୍ଷଣଯନ୍ତ୍ରୀ ବରହମପୁରରୁ, କାମ ପରିଦର୍ଶନ ପାଇଁ ଆସୁଛନ୍ତି । ଚାରି ଆଡେ କୋକୁଆ ଭୟ, ଦାଢ଼ିରେ ପଲସ୍ତରାର, (Smoothness) ଚିକଣତା ଦେଖିବେ । ସାହେବ ଆସିଲେ, ପଲସ୍ତରାରେ ଦାଢ଼ି, ଘଷିଲେ, ମୃଷାବାବୁ ପିଠିରେ ହାତମାରି, ଗୁଡ୍ ଭେରିଗୁଡ କହି, ବହୁତ ତାରିଫ କଲେ, ମୃଷା ଇଂଜିନିୟର ଭାବିଲେ ଗୋଟେକି ଦୁଇଟା, ଅଧିକ ଇନ୍‌କ୍ରିମେଣ୍ଟ ବୋଧହୁଏ ମିଳିଯିବ , ତାହାତ ହେଲାନି, ବରଂ ନବରଙ୍ଗ ପୁରରୁ ଓଭରସିଅର ଆସି, ଅଡର ଦେଖାଇ, ଅମରକୋର୍ଟର ଚାର୍ଯ ନେଇଗଲେ, "ପୁଣି ସାଙ୍କ୍‌ସନ୍ ଆସିଲେ, ରି ଆପଏଣ୍ଟ ମେଣ୍ଟ ହେବେ, ଏବେ ଗାଁ କୁ ଫେରି ଯାଆନ୍ତୁ । ଚାକିରି ଚାଲିଗଲା" ।

ଅବାକ୍ ହୋଇଗଲେ ମୃଷା ଇଂଜିନିୟର, ଚାକିରି ଚାଲିଗଲା, ସରକାରଙ୍କର ଫଣ୍ଡର ଅଭାବ, କାହାକୁ ଏ ଖବର ନକହି, କହିଲେ ରମାନାଥ ମଉସାଙ୍କୁ, ମଉସା କହିଲେ ଦୁଃଖ କରନା, ଚାକିରିରେ ଏମିତିହୁଏ ଏବେ ପୋଷ୍ଟ ନାହିଁ; ପୁଣି, ବାହାରିବ, ପୁଣିତୁମେ, ରହିବ, ଏବେ ସମସ୍ତଙ୍କୁ କୁହ, ତୁମର ଚାକିରି ହୀରାକୁଦରେ ହେଇଗଲା, ନୂଆ ପ୍ରୋଜେକ୍ଟ ହେଉଛି ତ ? ଯାଉଛି ସେଠି ଜଏନ୍ କରିବି ପ୍ରକୃତରେ ବଡ ବିଚକ୍ଷଣ ବୁଦ୍ଧି ମଉସାଙ୍କର ପୋଲିସିଆ ବୁଦ୍ଧିତ, ମନେ ମନେ ତାଙ୍କ ବୁଦ୍ଧିକୁ ତାରିଫ୍ କଲେ ମୃଷା ବାବୁ ।

ରାତିକି ଆସିଲେ ସଂଗାତ, ତାଙ୍କୁ ଖାଇପିଇ, ରହିବାପାଇଁ ଅନୁରୋଧ କଲେ, ମୃଷାବାବୁ ହୀରାକୁଦ ବଦଳି କଥା କହିଲେ, ଜିନିଷପତ୍ର କିଛିତ ନେଇ ହେବନି, ଖଟ ଟେବୁଲ ଚେୟାର, ଡ୍ରେସିଙ୍ଗ୍ ଟେବୁଲ, ଆଲ୍‌ମିରା ସୋଫା ସବୁ ସଂଗାତଙ୍କୁ ଦେଇଯିବେ । ନରିଆଣୀକୁ ବଦଳି କଥା କହିଲେ, ସେ କାନ୍ଦି କାନ୍ଦି ମୁଣ୍ଡ ବାଡେଇ ଦେଇ କହିଲା "ତୁମେ ସତରେ

Digitized by srujanika@gmail.com

ଚାଲିଯିବ ବାବୁ, ଆଉ ଟିକିଏ ତୁମ ହସ, ହସ ମୁହଁ ଦେଖିବାକୁ ପାଇବିନି । ମୃଷାବାବୁ କହିଲେ, "ସତରେ ମୋର ହୀରାକୁଦ୍ ବଦଳି ହେଇଗଲା, ତୋର କଣ ଦରକାର କହ" ?

ମୋରତ ବହୁତ କିଛି ଦରକାର, ମୁଁ ଯାହା ମାଗିବି ତୁମେ କଣ ଦେଇପାରିବ ବାବୁ ? "ଯଦି ଦେବ, ଦିଅଁ ତୁମର, ବିଛଣା ଚଦର, ତକିଆ, ରେଜେଇ, ତା ଉପରେ ଶୋଇ ଭାବିବି, ମୁଁ ତୁମ ସାଙ୍ଗରେ ଶୋଇଛି ବୋଲି", ଇଂ ବାବୁ କହିଲେ "ଧେତ୍ ପାଗେଳିଟା" । ସେ ଯାହାକହିଲା, ସେତିକି ଜିନିଷ ତା ପାଇଁ ରହିଲା ବୋଲି ସଂଗାତକୁ କହିଲେ । ମୃଷାବାବୁ କିନ୍ତୁ ମାର୍କ କଲେ, ସଂଗାତଙ୍କର ମୁହଁ ଶୁଖି ଗଲା -

ରାତିରେ ଖାଇସାରି ଶୋଇଲା ବେଳେ ସଂଗାତକୁ ପଚାରିଲେ ସତ କୁହ ସଂଗାତ ନରିଆଣୀକୁ ତୁମେ ଭାଉଜ ବୋଲି ଡାକ କାହିଁକି ? ସଂଗାତ କହିଲେ, ମୋର ଛଅଜଣ ଭାଇ, ନରିଆଣୀ ସହ ପ୍ରାୟ ସମସ୍ତଙ୍କର ରତି କାମ ସରିଛି, କେବଳ ମତେ ଛାଡି । ମା ଛଡା ନରିଆଣୀ କମ୍‌ଟିଏ ନୁହେଁ, ତାର ପ୍ରେମିକ ଏଠି ଅନେକ, ଆସାମ୍ ଗାଈ ବଗିଚାରେ ଥିଲାତ, ସମସ୍ତଙ୍କୁ କାଉଂରି କରିଦିଏ, ତାଛଡା ଅସଲ କଥା ହେଲା, ସେ ଗାରିଆଡେ କହି ବୁଲେ ସେ କୁଆଡେ ତୁମର ରକ୍ଷିତା, ତୁମର ସ୍ନୋ, ପାଉଡର ତେଲ ସାବୁନ ଲଗାଇହୋଇ, ଛଟକ ଦେଖାଇ ହୋଇ ବୁଲେ, ଏକଥା ଶୁଣି ମୋ ମନ ବହୁତ କଷ୍ଟ । ଏଠାରେ ଗୋଟାଏ ବୋଲି ଅଛି, ତୁମେ ପ୍ରାୟ ଶୁଣି ନାହଁ ସଙ୍ଗାତ । ଏ, ହେଉଛି ଅମରକୋଟ୍ ପାର୍କା (ଦୁଇପଇସା) କୁ ଚାରିଚୋଟ କାକୁଡିଆ କୁ ଆଉ ଗୋଟାଏ ଚୋଟ୍ - ଠୋ !ଠୋ ! କରି ହସି ଉଠିଲେ ମୃଷାବାବୁ ।

ଏଠି ଏତେ ଅପସରା, ସୁନ୍ଦରୀ ଷୋଡ଼ଶୀ ଅଛନ୍ତି, ତାଙ୍କୁ ଛାଡି ତୁମେ ସେ ବୁଢ଼ି, ନରିଆଣୀ ପଇଁତିରିଶ ଚାଳିଶିବର୍ଷର ମାଇକିନାଟାକୁ ରଖିଛ ?

ମୃଷାବାବୁ ସଂଗାତକୁ ଛୁଇଁ କହିଲେ ମୁଁ ତୁମକୁ ଛୁଇଁ ସତ କହୁଛି ସଂଗାତ, ନରିଆଣୀ ମୋର, ମା, ଭଉଣି ଛଡା ଆଉ ଅଧିକ କିଛି ନୁହେଁ ।

କଥାହେଲା, ଚାରି, ପାଞ୍ଚ ଦିନପରେ, ଭଲ ଦିନ ଦେଖି, ଗାଁ କୁ ଫେରିଯିବେ । ଗୋଟାଏ ବସ୍ ପଡିଥାଏ, ଅମର କୋଟ୍‌ରୁ ବିଜୟ ନଗର, ପୁରାଦୁଇଦିନର ରାସ୍ତା, ତାପର ଦିନ ସକାଳ, ହଠାତ୍ ନରିଆଣୀ ଆସି ଖବର ଦେଲା "ବାବୁ, ଆମ ଦୋକାନୀ ମାରୁଆଡିବାକୁ ଆସିଛନ୍ତି, ଆପଣଙ୍କ ସହ କଣ କଥାବାର୍ତ୍ତା ହେବେ, "ଲାଇବାବୁ ଅମର କୋଟ୍‌ର ସବୁଠାରୁ ବଡଲୋକ କହିଲେ ଚଳେ, ମୃଷାବାବୁଙ୍କୁ ଅନୁରୋଧ କରି କହିଲେ "ସାର୍ ଆପଣଙ୍କର ସାଇକଲଟା ମୋର ଘଣ୍ଟାକ ପାଇଁ ଦରକାର, ଯିବି ଆସିବି, ବଡ ଜରୁରି, ମୁଁ ଜାଣେ ଆପଣ ସାଇକଲଟିକୁ ଖୁବ୍‌ଭଲ ପାଆନ୍ତି" ।

ଆଶ୍ଚର୍ଯ୍ୟ ହେଇଗଲେ ମୃଷା ଇଂଜିନିୟର, ଆଜିଯାଏ ତାଙ୍କୁ ଏ ସାହାସ କିଏ କରି ନଥିଲେ, ନିରବ ହୋଇ କହିଲେ "ଜୀବନ ମାଗିଲେ ଦେଇଦେବି, ହେଲେ ମୋ

Digitized by srujanika@gmail.com

ସାଇକେଲ ନୁହେଁ'', ନରିଆଣୀ ଅନୁରୋଧ କରି କହିଲା ''ଦିଅନ୍ତୁନା ବାବୁ, କିଛି ଅସୁବିଧା ହେବନି, ଲାଲ ବାବୁ ଭଲ ଲୋକ'', ତା କଥାରେ ମୃଷାବାବୁ ସାଇକଲଟି ଦେଇଦେଲେ ।

ଘଣ୍ଟେ ଗଲା, ଦୁଇଘଣ୍ଟା ଗଲା, ଚାରିଘଣ୍ଟା ଗଲା, ସେଦିନ ଗଲା, ଚାରି ପାଞ୍ଚ ଦିନଗଲା, ଗାଡି ଆସିଲା ନାହିଁ, ମୃଷାବାବୁ ରାଗି କରି ଖୁନ୍‌ହୋଇ ଅଛନ୍ତି । ନରିଆଣୀ ଆସି କହିଲା ବାବୁ ଗାଡିଆସି ପହଁଚିଲାଣି, ଲାଲ୍‌ବାବୁ ସଫାକରି ଆଣୁଛନ୍ତି ମୃଷାବାବୁ ଏ କଥା ଶୁଣି, ଦୌଡି ଆସିଲେ, ଡ୍ରେସିଙ୍ଗ୍ ଟେବୁଲ୍ ପାଖକୁ, ଅଭିନୟ ଆରମ୍ଭ କଲେ, ତୁମେ ଏତେ ମିଛୁଆ ଏତେ ଠକ, ଏତେ ବଦମାସ, ଘଣ୍ଟାକ ପାଇଁ ସାଇକଲ ଦରକାର କହି ପାଞ୍ଚ, ଛଦିନ ପରେ ଫେରାଉଛ, ମୁଁ ତୁମ ମୁହଁ ଦେଖିବାକୁ ଚାହେଁନା, ତୁମେ ମୋ ରାଗ ଜାଣିନ, ରାଗିଲେ ମୁଁ ବ୍ରହ୍ମଚଣ୍ଡାଳ ! ପଛରେ ଠିଆହୋଇ ମୃଷାବାବୁଙ୍କ ଅଭିନୟ ସବୁ ମାରୁଆଡି ବାବୁ ଦେଖୁ ଥାଆନ୍ତି, କହିଲେ ''ସାର୍ ଆପଣଙ୍କ ସାଇକଲ'' । ମୃଷାବାବୁ ଆରସିକୁ ଅନାଇ କହିଲେ ''ରଖି ଦେଇଯାଅ'' ।

ଫେଁ- କରି ହସି, ତାଳି ମାରି ଦେଲେ ସଂଗାତେ ''ଆରସି ଆଗରେତ ବେଶ୍ ଅଭିନୟ କରୁଥିଲ, ହେଲେ ପ୍ରତ୍ୟକ୍ଷ ରଙ୍ଗ ମଞ୍ଚରେ ଫେଲ୍'' ।

ମୃଷାବାବୁ କହିଲେ, ''ସତରେ ସଂଗାତେ ଯେତେ ଚେଷ୍ଟା କଲେବି, ମୁଁ ରାଗି ପାରୁନି, କି ଇଂଜିନିୟର ହେବି କେଜାଣି'' । ସଂଗାତେ କହିଲେ ''ଦୁଃଖ କରୁଛ କାହିଁକି ସେଇତ ମଣିଷତ୍ୱ, ମୁଁ ମୂର୍ଖ, ଅନାଡି ହେଲେ ବି ପ୍ରକୃତ ମଣିଷ ଚିହ୍ନି ତୁମକୁ ସଂଗାତ କରିଛି'' ।

କଥା ହେଲା, ତାପରଦିନ, ବିଜୟ ନଗର ଦେଇ ଗାଁକୁ ଫେରି ଯିବାର କଥା, ସରପଞ୍ଚ ବାବୁଙ୍କର ବହୁତ ଇଛା ଥିଲା, ତାଙ୍କ ଝିଅ ରେବତୀଟିକୁ ଇଂଜିନିୟରବାବୁ ଙ୍କ ସଙ୍ଗେ ବାହାଘର କରାଇ ଥାନ୍ତେ ।

ତାପର ଦିନ ସକାଳୁ ମଉସାଙ୍କ ଘରୁ ବିଦାୟ ନେଲେ ମୃଷାବାବୁ, ଶାରଙ୍ଗ, ନବରଙ୍ଗ ପୁରରୁ ଆସିଥାଏ, ତାକୁ କୁଣ୍ଢାଇ ଆଶୀର୍ବାଦ କରି କହିଲେ, ଭଲ ମଣିଷ ହୁଅ, ଦେଶ, ଜାତିର ମାନ୍ ବଢ଼ାଅ, କିଏ ଜାଣିଥିଲା, ସେହି ମାଇନର ପଢୁଥିବା ପିଲା ଦିନେ ଫରେନ୍ ଫେରନ୍ତା ବହୁ ସ୍ୱର୍ଣ୍ଣପଦକ ପ୍ରାପ୍ତ ଡାକ୍ତର ହେବ (ଏବେକାର ଡିରେକ୍ଟର, ଅଫ୍ ହେଲଥ) ସ୍ୱର୍ଣ୍ଣ କାନ୍ଦୁଥାଏ, ଇଂଜିନିୟରଙ୍କୁ ଧରି ଅଝଟକରି କହୁଥାଏ, ''ଆଉକଣ ଆସିବ ନାହିଁ ମୃଷାଭାଇ'' ? ମାଉସୀ କହିଲେ କାନ୍ଦନା ମା, ଭଗବାନ ଚାହିଁଲେ, ପୁଣି ଦେଖା ହେବ, ମାଉସୀଙ୍କ କଥା ସତରେ ସତ ହେଲା, ଖାଲି ଦେଖାତ ହେଲାନି, ଦେଖାହେଲା, ତାଙ୍କର ଅତି ଆଦରର ବଡ ଶଳା ଭାଉଜ ଜତିନ୍ ପଟ୍ଟନାୟକ (ଗାନ୍ଧି) ଭାଇ ଅବସରପ୍ରାପ୍ତ ଡି.ଏସ୍.ପିଙ୍କ ସ୍ତ୍ରୀ ରୂପରେ ।

ଖାନ୍ ସାହେବଙ୍କ ଘରୁ ବିଦାୟ ନେଲେ, ମୃଷାବାବୁ ।

Digitized by srujanika@gmail.com

ଏଗାରଟା ସୁଦ୍ଧା ଘରକୁ ଫେରି ଆସିଲେ, ଦେଖିଲେ ତାଙ୍କ ବେଡ୍ ଉପରେ ଅର୍ଦ୍ଧଲଗ୍ନ ଅବସ୍ଥାରେ ଶୋଇଛି ନରିଆଣୀ । ବାବୁଙ୍କୁ ଦେଖି କି ଯୋରରେ କାନ୍ଦିଲା, ନରିଆଣୀ, ଯୋରରେ ଭିଡ଼ିନେଇ ମାଡ଼ି ବସିଲା ପଲଙ୍କ ଉପରେ କାନ୍ଦି, କାନ୍ଦି କହିଲା । ଦିନେ, ନୁହେଁ, ଦୁଇଦିନ ନୁହେଁ, ଗୋଟାଏ ବର୍ଷ କାନ୍ଦୁଛି, ଗୋଟାଏ ଦିନ ସ୍ନେହ ଶରଧା ଦେଇନ, ଆଜି ଥରକ ପାଇଁ ଆନନ୍ଦ ନ ଦେଲେ, ବିଷଖାଇ ମରିଯିବି ବାବୁ । ତା ବାହୁ କାନ୍ଧ ଭିତରୁ ନିଜକୁ ମୁକୁଳେଇବା, ବଡ଼ ଅସମ୍ଭବ ହୋଇପଡ଼ି ଥିଲା, କଣ କରିବେ କିଛି ଭାବି ପାରିଲେ ନାହିଁ । ଏ ସବୁ ବିଷୟ ସଂଘାତ ଠିଆ ହୋଇ ଦେଖୁଥିଲେ, ଟାଙ୍ଗିଆ ଧରି ଗୋଡ଼ାଇଲେ । ଶଳା, ମିଛୁଆ, ମୋତେ ଆଜିଯାଏ, ମିଛ କହି ଆସୁଥିଲୁ, ଆଜି ହାଣି ଦେବି , ଗଣ୍ଡିରୁ ମୁଣ୍ଡଟା ଉଡ଼ାଇ ଦେବି । ବହୁ କଷ୍ଟରେ ସଂଘାତକୁ ଧରି, ନରିଆଣୀ ପାଖକୁ ଆଣି, ସବୁ ସତକଥା ଶୁଣିଲେ ସଂଘାତେ, ନରିଆଣୀ କହିଲା, "ବାବୁଙ୍କ ସହିତ ମୋର କୌଣସି ଖରାପ ସଂପର୍କ ନାହିଁ । ବାବୁ ଅତି ସଚ୍ଚୋଟ ଲୋକ, ଚରିତ୍ରବାନ୍" । ସଂଘାତେ ସବୁ ଶୁଣିଲେ, ଗୋଡତଳେ ପଡି ଯୁହାର ହେଲେ, ତୁମେ ପ୍ରକୃତରେ ସୁପୁରୁଷ, ଅମରକୋଟପରି କାମ ପୁରୀକୁ ଆସି, କିଏ ଅକ୍ଷତ ଅବସ୍ଥାରେ ରୋଗାକ୍ରାନ୍ତ ନ ହୋଇ ଫେରି ଯାଇନି, ତୁମେ ସମସ୍ତ ପ୍ରଲୋଭନକୁ ଏଡାଇ, ଏଠୁ ଚାଲିଯାଉଛ, ତୁମେ ଆମ ସମସ୍ତଙ୍କର ଓ ଦେଶ ବାସୀଙ୍କର ପୂଜ୍ୟ ।

ଇଂଜିନିୟର ବାବୁ ଅନୁରୋଧ କଲେ "ସଂଘାତେ, ମୋର ଗୋଟାଏ ଅନୁରୋଧ ରଖିବ ଶପଥ କର । ତୁମର ଛଅ ଭାଇ ସମସ୍ତେ ନରିଆଣୀଙ୍କୁ ଉପଭୋଗ କରିସାରିଛନ୍ତି, ତୁମକୁ ଛାଡି, ତୁମେ ମୋ ସଂଘାତ ସମ୍ ଗାତ୍ର, ଏକ ଦେହ, ଏକ ଆତ୍ମା, ତୁମେ ସଞ୍ଜବେଳେ ଏଠାକୁ ଆସିବ, ସବୁଦିନ ପରି ଏଠି ଖାଇବ, ରାତି ସାରା ରହି ନରିଆଣୀର କାମ ରୋଗ ଭଲ କରି ଦେବ ଡ଼ାକ୍ତର ହୋଇ । ତୁମେତ ରାବଣ ରାଜ୍ୟର ଲୋକ, ଆଉ ନରିଆଣୀ, ଯେତେ ସ୍ୱାମୀ ଗ୍ରହଣ କଲେ ବି ତାଙ୍କ ଧର୍ମରେ ବାଧା ନାହିଁ, ସଂଘାତ, କିଛି ନକହି, ହସି ହସି ମୁଣ୍ଡ ଟୁଙ୍ଗାରି ଦେଲେ, ଆଉ ନରିଆଣି ଲୁଗାପଟା ସଜାଇ, ନାଚେଇ ହସି ଉଠିଲା, କହିଲା ଜଟାଧାରୀ ରାମଙ୍କ ଠାରୁ, ବାନର ଦିଅର ଟୋକା ସୁଗ୍ରୀବ ସବୁ ଦୃଷ୍ଟିରୁ ଭଲ ।

ସରପଞ୍ଚ ବାବୁଙ୍କ ଯୋଇଁ କରିବା ଆଶାକୁ ଦୂରେଇ ଦେଇ, ନରିଆଣୀର କାମରୋଗ, ଡ଼ାକ୍ତର ରୂପେ, ଭଲ କରିବା ଦାୟିତ୍ୱ ସଂଘାତକୁ ଦେଇ, ଷୋଳ ସହସ୍ର ଗୋପନାରୀ, ପରଜା ଝିଅଙ୍କ ମନରେ ଦୁଃଖ ଦେଇ ରବିନ୍ଦ୍ର ନାଥ ଠାକୁରଙ୍କ ଘରବାହୁଡ଼ା ପରି, କଳାକାହ୍ନୁ, "ମୃଷା" ଅକ୍ଷତ ଅବସ୍ଥାରେ ବାହୁଡ଼ି ଆସିଲେ, ନିଜଘର ଆନନ୍ଦପୁରର ଖପରାଖାଇକୁ-

● ● ●

Digitized by srujanika@gmail.com

ସିଗାରେଟ୍ ଖୋଳ କାଗଜରେ ଚାକିରି

ଡ଼ଃ ଭୁବନେଶ୍ୱରୀ ବେହେରା

ଅମରକୋଟ୍‌ରୁ ଚାକିରିରେ ରିଟ୍ରେଞ୍ଚ ହେଇ ଘରକୁ ଫେରି ଆସିଲେ, ମୃଷା ଇଂଜିନିୟର । ଘରେ ଆନନ୍ଦ କହିଲେ ନସରେ, ବାପା, ମା, କେତେ ସ୍ନେହ କଲେ । ମା, କହିଲେ, ମୋ ମୃଷା ଛୁଆ, ସତରେ ଇଂଜିନିୟର ହେବ, ସେ କଳ୍ପନା କରି ନଥିଲେ । ସାନ ନୁଆବଉ କଟିକିଆଣି, ଅତୁଲ ଭାଇଙ୍କ ସ୍ତ୍ରୀ, ସାନ ବିଳାସ, କବାଟ କଣରୁ କାଚ ଝୁଣ୍ଟୁ ଝୁଣ୍ଟୁ କଲେ, ଦୌଡ଼ି ଯାଇ ଗୋଡ଼ତଳେ ପଡ଼ିଗଲେ ମୃଷା, ତଳୁ ଉଠାଇ, ଅଧଘଣ୍ଟା ଜାଇ ମୁହଁକୁ ଚାହିଁ କହିଲେ, "ମୁଁ ଚାତକ ପରି ଅନାଇ ବସିଛି, କେବେ ମୋ ମୃଷାଛୁଆ, କଳାକାହ୍ନୁ ଘରକୁ ଫେରିବ" । ନୁଆବଉ, ବଡ଼ ସ୍ନେହି, ବଡ଼ ଘରର ଝିଅ, ଭଲ, ସୁଆଦିଆ, ଖାଇବା ତିଆରି କରି ସ୍ନେହରେ ଦିଅରକୁ ଖୁଆଇ, ପିଆଇ, ପେଟୁ କରିଦେଲେ ।

ବଡ଼ ନୁଆବଉ ବଡ଼ ବିଳାସ, ବଡ଼ ଭାଇଙ୍କ ସହିତ ଯାଇଥାନ୍ତି ଯୋଡିପୁର, ଭାଇ ସେଠି ଫରେଷ୍ଟ ଗାର୍ଡ଼ । ସେହି ଯୋଡିପୁରରେ ନିରଞ୍ଜନ ପଟ୍ଟନାୟକ, (ଅବସରପ୍ରାପ୍ତ ପୋଲିସ୍ ଡ଼ି.ଏସ୍.ପି.ଙ୍କ) ମା, ପ୍ରଫୁଲ୍ଲ ଭାଇଙ୍କୁ ଧରମ ପୁଅ କରିଥାନ୍ତି । ସେହି ନିରଞ୍ଜନ ମୃଷାବାବୁଙ୍କ ବଡ଼ବନ୍ଧୁ, କେନ୍ଦୁଝରରେ ସାଙ୍ଗହୋଇ ମେଟ୍ରିକ୍ ପଢୁଥିଲେ, ଅଷ୍ଟମରେ ପଢ଼ିଲାବେଳେ ସାଙ୍ଗହେଇ ସାଇକେଲ୍‌ରେ ଖ୍ୟାଟିଙ୍ଗ ଦେଖିବାକୁ ଯାଇ, ବାଟରେ ଏକ ମସ୍ତବଡ଼ ପ୍ରେମ କଟଡ଼ା ପଡ଼ିଥିଲେ । ଏବେ ମଧ୍ୟ ସେ ମୃଷା ବାବୁଙ୍କର ଅତି ଦରଦୀ ବନ୍ଧୁ, ପନ୍ଦର କୋଡ଼ିଏ ଦିନରେ ଥରେ, ନିଷ୍ଚୟ ଆସି, ମୃଷାବାବୁଙ୍କର ଭଲ ମନ୍ଦ ବୁଝି ଯାଆନ୍ତି, ସେବି ମାଧପୁରରେ ରହି ହାଇସ୍କୁଲରେ ପଢୁଥିଲେ, ବୟସରେ ଆଉ ଚେହେରାରେ ବଡ଼ ଥିବାରୁ ସେ ଥିଲେ, ମୃଷାବାବୁଙ୍କର ଗାଡ଼ିଆନ୍

ମୃଷାବାବୁଙ୍କର ବଡ଼ ପ୍ରିୟ ଝିଆରି, ସୁଜାତା ପ୍ରାଣବଲ୍ଲଭ ଭାଇଙ୍କ ବଡ଼ଝିଅର ବାହାଘର ସରିଥାଏ, ତା ବାହାଘରକୁ ମୃଷାବାବୁ ଅମର କୋଟରୁ ଛୁଟିରେ ଆସି ବାହାଘର କରାଇ, ତାଳଚେର ବେବର୍ତ୍ତମୁଣ୍ଡାରେ ପ୍ରସନ୍ନ ଘରେ ଝିଆରିକୁ ଛାଡ଼ି, ଅମରକୋଟ୍ ଫେରିଯାଇଥିଲେ । ସୁଜାତାର ତଳ ଭାଇ ପର (ପ୍ରସନ୍ନ) ମେଟ୍ରିକ୍ ପଢୁଥାଏ । ଶରତ ଭାଇଙ୍କ ବଡ଼ ପୁଅ, ଜିବନା, ଏହା ଭିତରେ ଜଣେ ଭଲ ପାଲା ଗାୟକ ହୋଇ ସାରିଲାଣି, ଦୁଇ, ଚାରିଟା ବଢ଼ିଆ ପାଲା ଦାଦାକୁ ଦେଖାଇଛି । ଗାଁ ପିଲାଏ, କେତେ ବଡ଼ ବଡ଼ ହେଇଗଲେଣି

Digitized by srujanika@gmail.com

କେତେଜଣ ବାହାବି ହେଇ ସାରିଲେଣି, ନବ, ଉଣଗାଟା, (ଛୁଆଦିନେ ଯେ ବଙ୍ଗାରିଥିଲା) ଏହା ଭିତରେ ମିଲିଟାରିରେ ଯୋଗ ଦେଲାଣି, ଚତୁରାମା ନୁଆବଉ (ଯେ ଛୁଆଦିନେ ରଜରେ, ନୁଆଙ୍ଗାମା, ପେଣ୍ଡ ଦିଅନ୍ତି) କୋଉଦିନୁ ମରି, ସ୍ୱାମୀଙ୍କ ପାଖେ ସମାଧି ନେଇଛନ୍ତି ବୈତରଣୀ ତୁଠରେ । ଦଶ, ପନ୍ଦର ଦିନ ଘରେ ରହି, ଦିନେ ମୃଷା ବାହାରିଲା, ଡ଼ଙ୍ଗା ପାର ହେଇ ଆନନ୍ଦପୁର । ଦେଖାହେଇ ଗଲା ତାଙ୍କର ଧନେଶ୍ୱର ପାତ୍ରଙ୍କ ସହିତ, ପାତ୍ରବାବୁ, ମୃଷାଠାରୁ, ଚାରି, ପାଞ୍ଚବର୍ଷ ବଡ଼, ଇଞ୍ଜିନିୟରଙ୍ଗ୍ ସ୍କୁଲରେ ପଢୁଥିବା ବେଳେ, ସେ ତାଙ୍କୁ ଜାଣିଥିଲେ ।

ପାତ୍ର ବାବୁ ପଚାରିଲେ ''କଣ କରୁଛ ମୃଷା ? ଚାକିରି କୋଉଠି'' ? ମୃଷା କହିଲେ, ''ମୁଖ୍ୟଯନ୍ତ୍ରୀ ସି.ଏମ୍, ବାନେଟ୍ ଙ୍କ ଦୟାରୁ, ବର୍ଷକର ଟ୍ରେନିଙ୍ଗ, ମାତ୍ର ତିନିମାସରେ ପ୍ରସଂଶାର ସହିତ ଶେଷ କରି ଅମର କୋଟ୍‌ରେ ଟେମ୍ପୋରାରି ସେକ୍‌ସନ୍‌ରେ ଓଭରସିଅର ହେଲି, ବର୍ଷକ ପରେ, ଚାକିରିରୁ, ରିଟ୍ରେଞ୍ଚହେଇ ଘରେ ବସିଛି'' । ପାତ୍ରବାବୁ କହିଲେ ମୋ, ସାଙ୍ଗରେ ଚାଲ ହୀରାକୁଦ, ହୀରାକୁଦରେ ବହୁତ କାମ, ସାଙ୍ଗେ ସାଙ୍ଗେ ଚାକିରି ମିଳିଯିବ । ତାଙ୍କ ସିହିତ ହୀରାକୁଦ ଯାଇ, ତାଙ୍କ ଘରେ, ଗୁଜାତଳରେ ରହି, ତାପର ଦିନ ଗଲେ ଡ୍ୟାମ୍‌ସାଇଟ୍ । ସୁବର୍ଣ୍ଣ ସୁଯୋଗ, ଭାଗ୍ୟକୁ ବନ୍ଧରେ ଦେଖାହୋଇଗଲା ହିରାକୁଦର ମାଟିବନ୍ଧ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ, ଭୁବନେଶ୍ୱର ବେହେରାଙ୍କ ସହିତ, ସେଥିଲେ, ଫାଷ୍ଟକ୍ଲାସ ଫାଷ୍ଟ ବି.ଏସ.ସି ଇଞ୍ଜିନିୟର, ଅଗାଧ୍ୟ ପାଣ୍ଡିତ୍ୟ, ସେଥିଲେ ହିରାକୁଦରେ କାମ କରୁଥିବା ଓଡ଼ିଆ ଇଂଜିନିୟରଙ୍କ ମଧ୍ୟରେ ସବୁଠାରୁ ଶ୍ରେଷ୍ଠ ବୁଦ୍ଧିମାନ ବିବେକି, କର୍ତ୍ତବ୍ୟନିଷ୍ଠ ଅତି ସଚୋଟ ଅଫିସର, ତାପରେ ହେଲେ, ବୁର୍ଲା ଇଂଜିନିୟରିଙ୍ଗ କଲେଜର ପ୍ରିନ୍‌ସିପାଲ ପରେ, ରାଉରକେଲା, ଆର.ଇ.ସିର ପ୍ରିନସିପାଲ୍, ତାପରେ, ବୋର୍ଡ଼ ଅଫ୍ ରେଭିନିଉର ମେମ୍ବର ଓ ସମ୍ବଲପୁର ୟୁନିଭରସିଟିର ଭାଇସ୍ ଚାନ୍‌ସେଲର ହେଇ ଅବସର ନେଲେ । ଏବେ ''ଗାଁର ଡ଼ାକ'' ବହିପାଇଁ ଶାରଳା ପୁରସ୍କାର ପାଇଲେ । ତାଙ୍କ ପୁଅ ବିନୟ ବେହେରା I.P.S, ପ୍ରଶାନ୍ତ ନନ୍ଦ ଆଉ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅନୁରୋଧରେ, ଖାରବେଳ ସିରିଆଲ୍‌ରେ ରୋଲ କଲେ ସେ ମୃଷାବାବୁଙ୍କୁ ଡ଼ାକନ୍ତି ମଉସା ।

ବେହେରା ସାହେବ ମୃଷାବାବୁଙ୍କୁ ପଚାରିଲେ କଣ, ଚାକିରି କରିବ ? ମୃଷାବାବୁ ଉତ୍ତରଦେଲେ, ''ସେଇଥିପାଇଁ ତ ଆପଣଙ୍କ ପାଖକୁ ଆସିଛି ସାର୍''। ''ଦରଖାସ୍ତ ଦିଅ, କାଲି ଚାକିରି ପାଇଯିବ'', କାଗଜ ମିଳିଲାନାହିଁ, ବେହେରା ସାହେବ, ତାଙ୍କ ସିଗାରେଟ୍ ଖୋଳରେ ଥିବା କାଗଜ ପଡ଼ାଇଦେଇ କହିଲେ, ''ଏଇଥିରେ, ନା, ବାପା, ଘର, ନାଁ, କ୍ୱାଲିଫିକେସନ୍ ଲେଖିଦିଅ'' ।

Digitized by srujanika@gmail.com

ସେଇଆକଲେ ମୃଷାବାବୁ, ସତକୁ ସତ, ତାପରଦିନ ଚାକିରି ସୁପର ଭାଇଜର, ମୃଷାବାବୁଙ୍କ ସହିତ, ଆଉ ସେଦିନ, ପାଞ୍ଚ ଛଅ ଜଣ ଚାକିରି ପାଇଲେ, ତାଙ୍କ ଭିତରେ ଥିଲେ, ଅଚ୍ୟୁତାନନ୍ଦ ବିଶ୍ୱାଳ, ଦୁଃଖିଶ୍ୟାମ ସାହୁ, ଖିରୋଦ ଚନ୍ଦ୍ର ସ୍ୱାଇଁ, ସତ୍ୟ ନାରାୟଣ ପାତ୍ର ।

କ୍ୱାଟର ତିଆରି ହେଇ ସାରିଥାଏ, ଚାରିଗା, ଟୁଇନ୍ କ୍ୟାଟରରୁ ଗୋଟାଏ ମିଳିଗଲା ମୃଷାବାବୁଙ୍କୁ । କାମ ସବୁ ବଣ୍ଟାହୋଇଗଲା, ମିଡ଼ିଲ୍ ଟାନେଲ୍ ଦାୟିତ୍ୱରେ ପାତ୍ରବାବୁ ତାପାଖ ଡ଼ିପ୍ ଟାନେଲ, କାମ ଦାୟିତ୍ୱ ନେଲେ ମୃଷାବାବୁ ।

ହୀରାକୁଦ ଡ଼୍ୟାମ, ଦଶ, ପଚାଶ ହଜାର, କୁଲି, ରେଜା, ମାଟିବୋହିବା ପାଇଁ ଶହଶହ ଡ଼ମ୍ପର, ସ୍କ୍ରେପର, ଟନ ଟଲର, କେତେ ଯେ କଣ, ସୋଭେଲ, କ୍ରେନ୍ ରୋଲର, ପାଂଉଲର, ପାଣିବୁହାଗାଡ଼ି, ତାର ହିସାବ ନାହିଁ । ଦିନରାତି କାମ, ଉଭୟ ସିପ ଦାୟିତ୍ୱରେ ଥାଆନ୍ତି ମୃଷାବାବୁ, କାମ ଦେଖିଲେ, ପେଟ୍ ପୁରିଯାଏ,ଖାଇବାକୁ ଇଚ୍ଛା ହୁଏ ନା, ମୃଷାବାବୁଙ୍କ ପାଖରେ ହଜାର କେତେ ପୁରୁଷ କୁଲି, ଦୁଇ ହଜାର ଉପରେ ରେଜା, ଶହେକେତେ ଓ୍ୟାର୍କ ସରକାର, ଦୁଇ ଶହ ମେଟ୍, କୋଡ଼ିଏ ଜଣ, ଇନିସ୍‌ପେକ୍ଟର, ସର୍ଭେୟର, ଟେମ୍ପରାରି ସେଡ଼ରେ ଅଫିସ୍ ହେଉଥାଏ, ଅଫିସ କାମରେ ସାହାଯ୍ୟ କରିବାକୁ କୋଡ଼ିଏ ଜଣ ଉପରେ ଷ୍ଟାଫ୍, କାମ ବଡ଼ ଶୃଙ୍ଖଳା ସହିତ ଚାଲିଥାଏ ।

ମାସ ଶେଷ ହେଲା, ପାତ୍ର ବାବୁଙ୍କ ସହିତ, ଦରମା ଆଣିବାକୁ ମୃଷାବାବୁ ଗଲେ ଡ଼ିଭିଜନ ଅଫିସ୍, ସମସ୍ତଙ୍କର ଦରମା ମିଳିଲା, ତାଙ୍କର ନାହିଁ, ଘରେ ଆସି ଦରମା ଦେଲେ ପାତ୍ର ବାବୁ, ତାଙ୍କ ହାଜିରା ଖାତା ଦେଖାଇଲେ, ସମସ୍ତଙ୍କ ଉପରେ ତାଙ୍କ ନାମ କହିଲେ, କିଛିଦିନ ପାଇଁ ଓ୍ୟାର୍କଚାର୍ଜଡ୍ ଅଛ, ପରେ ରେଗୁଲାର ହେବ, ଦରମା ସମାନ କାମ ସମାନ, ମେଜରମେଣ୍ଟ ବହି, ମେଣ୍ଟନାନ୍ସ କୁଲି, ଦାୟିତ୍ୱ ସବୁ ସମାନ । ଛଅମାସ ପରେ, ଚାକିରି ରେଗୁଲାର ହେଲା, ଦରମା, ଡ଼ିଭିଜନ ଅଫିସରୁ ମିଳିଲା, କାମ ଯୋର ସୋର୍‌ରେ ଚାଲିଲା, ଶହ, ଶହ, ଠିକାଦାର, ଖୋଦ୍ ସହକାରୀ ଯନ୍ତ୍ରୀ ବେହେରା ସାହେବ ମୃଷାବାବୁଙ୍କ ସହ ମିଶି, ଡ଼ିପ୍ ଟାନେଲର ସାଉଣ୍ଡିଙ୍ଗ୍ ନେଲେ । କୌଣସି ପ୍ରକାର, ଟାନେଲ୍‌ର ଗଭୀରତା ଜାଣି ହେଲାନି, ଅଡ଼ର ହେଲା, ଠିକାଦାର ମାନେ ଆସନ୍ତୁ, ଟ୍ରକ୍ ଲଗାନ୍ତୁ, ଟ୍ରକର ମାପ ରହୁ, କିଏ କେତେ ଟ୍ରକ ପଥର ଉପରୁ ତଳକୁ ଭିଙ୍ଗିଲେ, ତାର ହିସାବ ରହୁ । ଶହ, ଶହ ଠିକାଦାର ଆସି ପହଞ୍ଚିଗଲେ । ସମସ୍ତଙ୍କର ଦଶ, ପନ୍ଦର ଉପରେ ଟ୍ରକ ଏସବୁ ଦାୟିତ୍ୱରେ ରହିଲେ ଜଣେ ପୁରୁଣା କାମିକା ଇନିସ୍‌ପେକ୍ଟର ବ୍ରଜ ମହାନ୍ତି ଦୁଇବର୍ଷ ଇଂଜିନିୟରିଙ୍ଗ୍ ପଢ଼ି, ପଢ଼ା ବନ୍ଦ କରି ହିରାକୁଦରେ ଚାକିରି କଲେ । ସେ ଏବକାର ଆକାଶ ବାଣୀ ଦୂରଦର୍ଶନର ନାମକରା ଅଭିନେତା । ବ୍ରଜ ମହାନ୍ତିଙ୍କ ତଳେ ଦଶଜଣ, ଓ୍ୟାର୍କ ସରକାର, ତାଙ୍କ ତଳକୁ କୋଡ଼ିଏ ଜଣ ମେଟ୍ ।

Digitized by srujanika@gmail.com

ପ୍ରତିଦିନ କାମ ସରିଲାପରେ, ଟ୍ରକ ମାଲିକମାନେ, ମେଟ୍‌ଠାରୁ ହିସାବ ଆଣନ୍ତି । ତାଙ୍କୁ ଟଙ୍କେ, ଦୁଇଟଙ୍କା ଟ୍ରିପ୍ ପିଛା ଲାଞ୍ଚ ଦେଇ, ଚାରିପାଞ୍ଚ ଟ୍ରିପ୍ ଲେଖାଇ ଆଣନ୍ତି ଠିକାଦାର ମାନେ, ତାପରେ, ଓ୍ୱାର୍କସରକାର, ଯେବି କିଛି ଲାଞ୍ଚ ପାଇଲେ, ଦୁଇ, ତିନି ଟ୍ରିପ୍ ଟ୍ରକ ପିଛା ଅଧିକ କରିବାକୁ ପଛାଏ ନାହିଁ । ତାପରେ ଓ୍ୱାର୍କ ଇନିସ୍‌ପେକ୍ଟର ତାଙ୍କର ବେଶି ପଇସା ଦରକାର, ଚାହା, ଜଳଖିଆ, ମଦ, ତିନିଚାରି ଟଙ୍କା ଲାଞ୍ଚ ନେଇ, ଚାରି, ପାଞ୍ଚ ଟ୍ରିପ୍ ଟ୍ରକ ପିଛା, ଅଧିକ ଲେଖି ଦିଅନ୍ତି, ତାପରେ ରାତି ଦଶଟା ବେଳେ, ସବୁ ଠିକାଦାର ମାନେ ସୁପର ଭାଇଜର "ମୃଷା ବାବୁଙ୍କ ପାଖେ" କାନ୍ଦନ୍ତି, "ଆପଣଙ୍କର ଷ୍ଟାଫ୍ ଆମକୁ ଲଙ୍ଗଳା କରିଦେବେ, ଯେଉଁଟ୍ରକ ଦଶଟ୍ରିପ୍ ପଥର ପକାଇଛି, ତାକୁ, ଲେଖିଛନ୍ତି ଆଠଟ୍ରିପ୍" ମୃଷା ବାବୁ ବଡ଼ ଦୟାଳୁ, କାହାର ଦୁଃଖ, କାନ୍ଦ ଦେଖି ପାରନ୍ତି ନାହିଁ, ଖଣ୍ଡେ ଦିଖଣ୍ଡ ଦାମିକା ସିଗାରେଟ୍ ଲଗାଇ, ଧୂଆ ମୁଳା, ଅଧୁଆ ମୁଳା ସମାନ ପରି, ସମସ୍ତଙ୍କର ଟ୍ରିପ୍ ଉପରେ, ଚାରି ପାଞ୍ଚ ଟ୍ରିପ୍ ଅଧିକ କରି ଦିଅନ୍ତି ରାତି ବାରଟା ସୁଦ୍ଧା ହିସାବ ପଠାଇ ଦିଅନ୍ତି ଏ.ସ୍.ଡ଼ି.ଓଙ୍କ ପାଖକୁ ।

ମାସ ଶେଷ, ମୃଷାବାବୁ ହିସାବ କରି ଦେଖିଲେ, ପଥର ପରିମାଣ, ଏତେହେଲାଣି ଯେ, ଏମିତି ଆଉ ତିନି ଚାରି ମାସ କାମ ଲାଗିଲେ, ଖାଲି ପଥରରେ ହିଁ ତିନି ଚାରିଟା ହୀରାକୁଦ ଡ୍ୟାମ୍ ହୋଇଯିବ, ଡ଼ରି ମରି ଦୌଡ଼ିଲେ ବେହେରା ସାହେବଙ୍କ ପାଖକୁ, ବେହେରା ସାହେବ ବଡ଼ ବୁଦ୍ଧିମାନ୍, ସାଙ୍ଗେ ସାଙ୍ଗେ କାମ ବନ୍ଦ କରିଦେଲେ, ପୁଣି, ସମସ୍ତେ ମିଶି ସାଉଣ୍ଡିଙ୍ଗ୍ ନେଲେ, ଗଭୀରତା ମିଳିଲା, ପଥର ପକା ବନ୍ଦ ହେଲା, ଟେଣ୍ଡର ଡ଼କାହୋଇ ଠିକାଦାର ମାନଙ୍କୁ କାମ ଦିଆଗଲା, ମୃଷାବାବୁ ମସ୍ତବଡ଼ ବିପଦରୁ ରକ୍ଷାପାଇଲେ । ଭୁବନେଶ୍ୱର ବେହେରାଙ୍କୁ ମୁଣ୍ଡିଆ ମାରିଲେ ।

ମୃଷାବାବୁ, ଅଖିଆ ଅପିଆ ଦିନରାତି ଏତେ କାମ କଲେ ଯେ, ଦିନକୁ ଦିନ ତାଙ୍କ ଚେହେରା, ଖରାପ ହୋଇ ପଡ଼ିଲା, ବନ୍ଧୁ ମଧୁସୁଦନ ନନ୍ଦଙ୍କ ସହ ଗୋଟିଏ କଳା କସରା ରଙ୍ଗର ଗାଈ କିଣି ଆଣିଲେ ସମ୍ବଲପୁରରୁ, ଗାଈ କ୍ଷୀର ଦେଲା ବାର, ଚଉଦ ସେର, କିଛି ବିକି ଛେନା ଦହି ଦୁଧ ଖାଇ, ବନ୍ଧୁ ମାନଙ୍କୁ ବାଣ୍ଟି, ମୃଷାବାବୁ ଟିକିଏ ଭଲ ଚେହେରା, ବାଗେଇଗଲେ, ଏମିତି ଦୁଇ ତିନି ବର୍ଷ କଟିଗଲା, ପାଖରେ ଆସି ପହଞ୍ଚିଲା, ପର (ପ୍ରସନ୍ନ) ପ୍ରାଣ ବଲ୍ଲଭ ଭାଇଙ୍କ ବଡ଼ପୁଅ, ହୀରାକୁଦରୁ ସାଇକେଲ୍‌ରେ ଯାଇ, ସମ୍ବଲପୁର କଲେଜରେ ଆଇ କମ୍ ପଢ଼ିଲା, ତାପରେ ଖବର ଗଲା ଭିଣେଇ ଦୁର୍ଯ୍ୟୋଧନ ଦାସଙ୍କ ପାଖକୁ ସେ ଥାଆନ୍ତି ବେକାର, ସେ ଆସି ମୃଷାବାବୁଙ୍କ ପାଖରେ ରହି ମୃଷାବାବୁଙ୍କ କାମରେ ସାହାଯ୍ୟ କଲେ, ତାପରେ, ଆସିଲେ, ପୂର୍ଣ୍ଣଭାଇଙ୍କ ଶାଶୁ, ମୃଷାବାବୁଙ୍କର, ଭଲ ମନ୍ଦ ଖାଇବା, ପିଇବା

Digitized by srujanika@gmail.com

ଦାୟିତ୍ୱ ତାଙ୍କର । ବୋଉ (ଭାଇଙ୍କ ଶାଶୁ) ବଡ଼ ଅଭିମାନୀ, ଦିନସାରା ଅଳାଇ ବସିଥିବେ, ଯୋଇଁ କାମରୁ ନଆସିବାଯାଏ ଖାଆନ୍ତି ନାହିଁ । ଘରେ ସାତ ଆଠ ଦଶ ଜଣ ଲୋକ, ଦୁଇଜଣ ରୋଷେଇ ପାଇଁ, ପନିପରିବା କରିବାକୁ ବାଡ଼ିରେ ଦୁଇଜଣ ମାଳୀ, କୁଣ୍ଡରେ ଭଲ ଫୁଲ ବଗିଚା କରିବାକୁ ମାଡ୍ରାସି କାମ ଜାଣିଥିବା ମାଳୀ, ଜଣେ କେଉଟ ପ୍ରତିଦିନ ଭଲ ଭଲ, ଟଟକା ମାଛ ଆଣି ଦେବା ତାର କାମ । ଜଣେ ଭଣ୍ଡାରି, ଗୋଡ଼ହାତ ମୋଡ଼ିଦେବ ଓ ପ୍ରତିଦିନ କ୍ଷୁର କରିବ, ମୃଷାବାବୁ ପ୍ରତିଦିନ କ୍ଷୁର ହେବାକୁ ଭଲ ପାଆନ୍ତି । ହଜାର ହଜାର ଟଙ୍କା କୁଲି ପେମେଣ୍ଟ ପାଇଁ ଆସେ, ସବୁ ରଖନ୍ତି ଶାଶୁ, ଶାଶୁ (ବୋଉ)ଙ୍କର ଆନନ୍ଦ କହିଲେ ନସରେ, ଭାବନ୍ତି ଯୋଇଁଙ୍କର ବହୁତ ରୋଜଗାର୍ କିନ୍ତୁ ମାସ ଶେଷରେ ସବୁଶେଷ, ଲୁଚାଇ ଚିଠି ଲେଖନ୍ତି ଗାଁକୁ, ଯୋଇଁଟା ସାଙ୍ଗ ମେଳରେ ସବୁ ଟଙ୍କା ଉଡ଼ାଇ ଦେଉଛି, ଚଞ୍ଚଳ ବାହା କରାଇ ଦିଅ ।

ମୃଷାବାବୁଙ୍କର କାମରେ ଅନେକ ଠିକାଦାର, ପଞ୍ଜାବି, ଛତି ଶିଗଡ଼ି, ମାରୁଆଡ଼ି ବେଙ୍ଗଲି, ତେଲୁଗୁ, କେରଳି, ଓଡ଼ିଆ ଠିକାଦାର ଖୁବ୍ କମ୍, ଓଡ଼ିଆ ଠିକାଦାର ମାନଙ୍କ ଭିତରେ, ଗୁରୁଚରଣ ରାୟଙ୍କ ପାଖରେ ରହୁଥାଆନ୍ତି ଠିକାଦାର ନିମାଇ ମହାନ୍ତି, ଘର କଟକ ଜିଲ୍ଲା ଅପସରପୁର, ପିଲା ଠିକାଦାର, ଶ୍ୟାମଳ ବର୍ଣ୍ଣ, ଗୋଟେ ଦୁଇଟା ଦାନ୍ତ ବଡ଼ ଥିଲେବି, ବହୁତ ସ୍ମାର୍ଟ ଓ ପ୍ରେମିକ । ପ୍ରେମ କରି, ସମ୍ବଲପୁରର ବିଖ୍ୟାତ ବହିଦାର ବଂଶର ସୁନ୍ଦର ଝିଅଟିକୁ ବିବାହ କଲେ, ତାଙ୍କ ବିବାହ ଘରକୁ, ଧନେଶ୍ୱର ପାତ୍ର ଗୁରୁଚରଣ ରାୟ, ତ୍ରିଲୋଚନ ତ୍ରିପାଠି, ଭୁବନେଶ୍ୱର ପାତ୍ର, ମୃଷାବାବୁ, ପ୍ରାୟ ଦଶ ପନ୍ଦର ସୁପରଭାଇଜର ସମ୍ବଲପୁର, ଯାଇଥିଲେ । ନିମାଇବାବୁ ଗୋଟିଏ ଛୋଟିଆ, ହରିଣଛୁଆ ମୃଷାବାବୁଙ୍କୁ ଉପହାର ଦେଇଥିଲେ, ହରିଣ, କୁଟୁରା, ଶୁଆ, ଶାରୀ, ମୟୂର, ବଣି, ନେଉଳ ରଖିବାରେ ମୃଷାବାବୁଙ୍କର ବଡ଼ ସଉକ, ମୃଷା ଛୁଆରୁ ବଡ଼ି ଇଂଜିନିୟର ହୋଇଛନ୍ତି ତ ? ସେଇ ନିମାଇ ବାବୁ ଏବେ, ମୃଷାବାବୁଙ୍କର ମାମୁଁ ହିସାବ, BBSR ଜେଲ ପାଖରେ ରହନ୍ତି ।

ଆଉ ଯେତେ ଓଡ଼ିଆ ଠିକାଦାର କାମ କରୁଥିଲେ, ତା ଭିତରେ ଥିଲେ ଜଣେ ଠିକାଦାର କଟକର, ନାମ ତାଙ୍କର ସୁରେଶ ଚନ୍ଦ୍ର ରାୟ, ଦୁଇ ମାସହେବ, ତାଙ୍କ ମେଟ୍ ମାଟିବନ୍ଧରେ ଷ୍ଟି ପିଙ୍ଗ୍ କାମ କରି ଚାଲିଛି । ପ୍ରତିଦିନ, ଦଶ ପନ୍ଦର କୁଲି, ପ୍ରତି ସପ୍ତାହରେ ମେଟ୍ କହେ ବାବୁ ଆପଣଙ୍କୁ ଦେଖା କରିବାକୁ ଆସୁଛନ୍ତି, କଣ କରିବେ, ସାରା ଓଡ଼ିଶାରେ କାମ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସେକ୍ରେଟାରି, ମୁଖ୍ୟଯନ୍ତ୍ରୀ ସମସ୍ତେ ସବୁବେଳେ ବାବୁଙ୍କୁ ଖୋଜୁଛନ୍ତି, ବାବୁ ଆପଣଙ୍କୁ ଦେଖାକରିବାକୁ ଆସିପାରୁଛନ୍ତି କେଉଠୁଁ ?

ଦିନ ହଠାତ୍ ସମ୍ବଲପୁରରୁ କାର ଭଡ଼ା କରି ଗୁଜାତଳରେ ପହଞ୍ଚି ଗଲେ ଠିକାଦାର ସୁରେଶ ଚନ୍ଦ୍ର ରାୟ, ଅତି ନିଚ ଲୋକପରି ବେଡ୍ ରୁମରେ, ବାବୁଙ୍କ ଖଟ ଉପରେ

Digitized by srujanika@gmail.com

ଗଡ଼ିଗଲେ, ରୋଷେଇ ଘରେ ପସି, ଦହି, ଛେନା, ସବୁ ସାଙ୍ଗେ ସାଙ୍ଗେ, ଖାଇଗଲେ, କରେଇ ସାରା ଟେକି ସାତ, ଆଠ, ସେର କ୍ଷୀର ଢକ ଢକ ପିଇଦେଲେ, ତାଙ୍କ କାର ବାର ଦେଖି, ଘରଲୋକ ସବୁ ତାଟକା, ସବୁ ବୁଝିଗଲେ, ବାବୁଙ୍କର ଜଣେ ବଡ଼ ପ୍ରିୟ ଠିକାଦାର ଚେହେରା ଭାରତବର୍ଷର ସବୁଠାରୁ ବଡ଼ ପହିଲମାନ୍ ଠାରୁ ବଡ଼ ହେବ, ଦିନ ଦୁଇଗା ବେଳେ ମୃଷାବାବୁ ଆସିବା ଖବର ପାଇ ଦୌଡ଼ିଲେ ବିରାଟ ବାହୁ ବିସ୍ତାରି ଆଲିଙ୍ଗନ କରିବାକୁ, ମୃଷାବାବୁ ନଇଁ ପଡ଼ିବାରୁ ଅଳପକେ ଆଲିଙ୍ଗନ ଭିତରେ, ଚେପା ହେବାରୁ ରକ୍ଷା ପାଇଗଲେ । ରାୟ ବାବୁ କହିଲେ ମୁଁ ବଡ଼ ଦୁଃଖିତ ଇଞ୍ଜିତ ମଧ୍ୟ, କଣ କରିବି ସାରା ଓଡ଼ିଶା ତମାମ୍ କାମ, ସବୁବେଳେ ସମସ୍ତଙ୍କର ମୋତେ ଖୋଜା ଆଗ, କୋଉଦିନୁ ଭାବୁଛି ବଡ଼ ବିଲ୍‌ଟିଏ ହୋଇ ଗଲାଣି, ଯାଇ ନେଇ ଆସିବି, ହେଲେ, ଆସି କଣ ହେଉଛି, ଆଜି ବାଧ୍ୟହୋଇ ଆସିଲି, ଦୁଇ ଲକ୍ଷ ଟଙ୍କାର ଚେକ୍ ଟିଏ ନେଇ, ରାତି ସୁଦ୍ଧା ଚାଲି ଯିବି । ମୃଷାବାବୁଙ୍କର ମୁଣ୍ଡ ଘୁରିଗଲା, ସେ କଣ କହିବେ, ଭାବି ପାରିଲେ ନାହିଁ ଡ଼ରିମରି କହିଲେ "ଆପଣଙ୍କର ଅତି ବେଶିହେଲେ ପନ୍ଦର କୋଡ଼ିଏ ହଜାର ଟଙ୍କାର ବିଲ୍ ହେବ" । ରାୟବାବୁ ଯୋରରେ ହସି ଉଠିଲେ, ତାଙ୍କ ହସ ଶୁଣି, ଘରେ ଥିବା ସବୁ ଲୋକ ଦୌଡ଼ି ଆସିଲେ, ହସ ତାଙ୍କର ଦଶ ମିନିଟ୍ କେତେ ଚାଲୁ ରହିଲା, ହସିଲେ ସେ ଚଳଚିତ୍ରର ହାସ୍ୟ ଅଭିନେତା "ଗୋପ୍" ପରି ଦେଖାଯାଆନ୍ତି, କହିଲେ "ଆପଣ ନିଶ୍ଚୟ ଏହା ଭିତରେ ଆପଣଙ୍କ ଭାଉଜଙ୍କୁ ଦେଖିଲେଣି, ଯଦି ଭାଉଜଙ୍କୁ ରାଣ୍ଡ କରିବାକୁ ଚାହାଁନ୍ତି ତାହେଲେ ଦେଖାଇ ଦେଉଛି ଛାତି, ଦିଅନ୍ତୁ ଶେଷକରି, କିଛି ଅସୁବିଧା ହେବନି, ଦେଖିବାକୁ ଭାଉଜ ଅତି ସୁନ୍ଦରୀ, ବୟସବି ହିସାବ କଲେ ଆପଣଙ୍କଠାରୁ କମ୍" । ସାଙ୍ଗେ ସାଙ୍ଗେ ପକେଟରୁ କାଢ଼ିଲେ ଦୁଇ ଖଣ୍ଡ ଚିଠି ଗୋଟିଏ ନିର୍ବାହୀ ଯନ୍ତ୍ରୀ ଦେଇଛନ୍ତି । "ଦୁଇଲକ୍ଷ ଉପରେ ବିଲ୍ ହେଲାଣି, ଆଜି ତା ବିଲ୍ କରି ପେମେଣ୍ଟ ଦେବାର ବ୍ୟବସ୍ଥା କରନ୍ତୁ" । ଆର ଖଣ୍ଡକ ମୁଖ୍ୟଯନ୍ତ୍ରୀଙ୍କ ପାଖରୁ "Regular Payment to contractor, is the efficency of the supervisor ଠିକାଦାର ବାବୁ ମାନଙ୍କର ତୁରନ୍ତ ପେମେଣ୍ଟ ନହେଲେ, ହିରାକୁଦର ଏ ବିରାଟ କାମରେ ବ୍ୟାଘାତ ଘଟିବ, Pay immediately, ପେ ଇମିଡ଼ିଟେଲି, ଚିଠିଦେଖି ଡରି ଗଲେ ମୃଷାବାବୁ, ନିରବରେ ବସିଲେ, କିଛି ସମୟ ପରେ ରାୟବାବୁ କହିଲେ, "ଆଉ ଭାବୁଛନ୍ତି କଣ ? ସେଣ୍ଟରରୁ ମନ୍ତ୍ରୀ ଚିଠି ଦେଉଥିଲେ, ମୁଁ ନାହିଁ କଲି, କହିଲି "ସେ ତ ଆମ ଲୋକ" । ସାଙ୍ଗେ ସାଙ୍ଗେ କାମ ଉପରକୁ ଯାଇ ବହୁ କଷ୍ଟରେ ଦୁଇ ଲକ୍ଷଟଙ୍କାରୁ କମାଇ କମାଇ, ମା ସମଲାଇଙ୍କୁ ଜୁହାର ହୋଇ ଷାଠିଏ ହଜାର ଟଙ୍କାର ବିଲ୍ ଦେଇ ଦେଲେ, ଘଣ୍ଟାକ ଭିତରେ ଚେକ୍ ଧରି ଚାଲିଗଲେ ରାୟବାବୁ, ସବୁ କର୍ମଚାରି ଭାବିଲେ, ଏ ନିଶ୍ଚୟ ଜଣେ, ମେଜିକ୍‌ସିଆନ୍, ନହେଲେ, ଯେଉଁ ମୃଷାବାବୁ ଟିକି ନିଖି କରି, କାମ ମାପି ବିଲ୍ କରନ୍ତି, ସାଙ୍ଗେ ସାଙ୍ଗେ ପାଞ୍ଚ ଦଶ ହଜାର କାମରେ, ଷାଠିଏ ହଜାର ଟଙ୍କା ଦେଇ ଦେଲେ ।

Digitized by srujanika@gmail.com

ଏହା ଭିତରେ ଦଶ, ବାର ଦିନ ଚାଲିଗଲା, ପ୍ରଥମ ଚାକିରୀରେ ଏ ଭଳିକାମ, କାହାକୁ କିଛି ନକହି, ବଡ଼ ଦୁଃଖରେ ପଡ଼ି ରହିଲେ, ଦିନେ ସକାଳୁ ସକାଳୁ ଦୁଇଟା ନୂଆ ଟ୍ରକ ଧରି ଆସି ପହଞ୍ଚିଗଲେ ରାୟବାବୁ, ପାଟିକରି କହିଲେ "ଆପଣଙ୍କ ଟଙ୍କାରେ ଦୁଇଟା ନୂଆ ଟ୍ରକ କିଣିଦେଲି, ଗୋଟିଏ ଆପଣଙ୍କ ନାମରେ ଅନ୍ୟଟି ମୋ ନାରେ"। ସାଙ୍ଗେ ସାଙ୍ଗେ ଗୋଡ଼ତଳେ ପଡ଼ିଗଲେ ମୃଷାବାବୁ "କଣ କହୁଛନ୍ତି ଆପଣ, ମୋ ଚାକିରି ଆରମ୍ଭରୁ ଆପଣ ମୋତେ ଗୋଟାଏ ଟ୍ରକ ଲାଞ୍ଚ ଦେବେ, ଦୟାକରି ଏଠୁ ଟ୍ରକ ଉଠାନ୍ତୁ ଆଉ ଆପଣଙ୍କୁ ଅନୁରୋଧ, ଆଉଦିନେ ଆସି ଏମିତି କାମ କରିବାକୁ ବାଧ୍ୟ କରିବେନି"। ଟ୍ରକ ନେଇ ଚାଲିଗଲେ ରାୟ ବାବୁ, ଆଉଦିନେ କେବେ କାମ ପାଇଁ ଆସି ନାହାଁନ୍ତି, ଆସିଥିଲେ ବାହାଘର ଦିନ ଶ୍ରୀମତୀଙ୍କୁ ଗୋଟିଏ ଚାରିଭରିର ହାର, ଯାହାର ଦାମ୍ ସେତେବେଳେ ଦୁଇଶ ତିନିଶ ଟଙ୍କା, ଉପହାର ଦେଇଥିଲେ।

ଦିନେ ନିର୍ବାହି ଯନ୍ତ୍ରୀ ଏସ୍‌କେ ପାଲିତ୍ ଗୋଟିଏ ଛୋଟ କାଗଜରେ ଚିଠି ଖଣ୍ଡିଏ ଦେଇ ଗୋଟିଏ କୋଡ଼ିଏ ବର୍ଷର ପିଲାକୁ ପଠାଇଥିଲେ ମୃଷାବାବୁଙ୍କ ପାଖକୁ, କିଛି କାମ ଦେବାପାଇଁ, ପିଲାଟିକୁ ଦେଖି ମୃଷାବାବୁ ବହୁତ ଖୁସି ହୋଇଗଲେ, ଗୋରା, ଅତି ସୁନ୍ଦର ଚେହେରା, ହାପ୍ ପେଣ୍ଟ ହାପ୍ ସାର୍ଟ। ଦେଖିଲେ ଜଣାପଡ଼େ ମେଟ୍ରିକ ପାଶ୍‌କରି କଲେଜରେ ପଢ଼ିଥିବ, ତାର ଠିକାଦାର ହେବାର ଆଗ୍ରହ ଦେଖି, ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ ମୃଷାବାବୁ, ବୁଝିଲେ ସେ ଜଗଦିଶ ଚନ୍ଦ୍ର ବୁଦ୍ଧିରାଜ, ବାପା ନିହାଇ ଚାନ୍ଦ ବୁଦ୍ଧିରାଜ, ଗୋଷିବାପା ତାଲାରାମ ବୁଦ୍ଧିରାଜ, ସେମାନେ ଦିଲ୍ଲୀର ପୁରୁଣା ଠିକାଦାର, ନିହାଇଚାନ୍ଦ ବାବୁ ପାଲିତ୍ ସାହେବଙ୍କ ପୁଅକୁ ପଢ଼ାଉଥିଲେ, ତେଣୁ ସେ ଚାହୁଁଥିଲେ ତାଙ୍କ ପୁଅ ଜଗଦିଶ୍ କିଛି କାମ କରୁ।

ଜଗଦିଶ୍‌କୁ ଲେପ୍ଟ ଡ଼ାଇକ୍ ଜମାଦାର ପାଲ୍ଲୀ, ଗ୍ୟାପ୍ ପୁରଣ କାମ ଦିଆଗଲା ସେ ପନ୍ଦର ଦିନପରେ ପୁରା ଦୁଇଶ ଉପରେ ଗଧ ଆଣି ମାଟି ବନ୍ଧ ତିଆରି କରିଦେଲେ। ତାଙ୍କର କାମ, କୁଲିଙ୍କ ଦ୍ୱାରା କାମଠାରୁ, ଚଞ୍ଚଳ ଆଉ ସୁନ୍ଦର ହେଲା, ସେହିଦିନଠାରୁ ବୁଦ୍ଧିରାଜବାବୁ, ଓଡ଼ିଶାର ଗଧ ଠିକାଦାର ନାମରେ ନାମିତ ହେଲେ। ମୃଷାବାବୁ ଗଧ କାମ କରୁଥିବା ପ୍ରଣାଳୀକୁ ଫଟ ଉଠାଇ ରଖିଲେ। ଧିରେ ଧିରେ ବହୁତ କାମ କଲେ ଜଗଦିଶ୍ ବାବୁ ମୃଷାବାବୁଙ୍କ ପାଖରେ। ମୁଣ୍ଡଳୀ, ଭୁବନେଶ୍ୱର, ରାମିଆଲ୍, କୋରାପୁଟ ସବୁ ଆଡ଼େ। ସେ ହୋଇଗଲେ ମୃଷାବାବୁଙ୍କର ଅତିପ୍ରିୟ ଠିକାଦାର, ଆଜିଯାଏ, ସେ ମୃଷାବାବୁଙ୍କୁ ବଡ଼ ଭାଇର ଆସନ ଦିଅନ୍ତି। ତାଙ୍କ ପୁଅ, ପୁରୁଷୋତ୍ତମ, ଗୌତମ, ନରୋତ୍ତମ ମୃଷାବାବୁଙ୍କୁ ବହୁତ ଭକ୍ତି କରନ୍ତି। ପର୍ବ ପର୍ବାଣି, ବିବାଘର, ଭଲମନ୍ଦରେ, ଆଗ ଡ଼କାଯାଏ, ମୃଷାବାବୁଙ୍କୁ ତାଙ୍କର ଝାରପଡ଼ା ରହିବା ଘର, ମୃଷାବାବୁ ଲେ ଆଉଟ୍ କରି ତିଆରି ଦାୟିତ୍ୱରେ ଥିଲେ। ବାଡ଼ି, ବଗିଚା, ଡ଼ାକ୍ତରଖାନା, ବିରାଟ ଧାନ ଜମି, ସବୁ ମୃଷାବାବୁଙ୍କ ଚେଷ୍ଟାରେ

Digitized by srujanika@gmail.com

ହୋଇପାରିଥିଲା, ଶେଷରେ ସେ ଡ଼ାକ୍ତରଖାନାଟି ସରକାରଙ୍କୁ ଦାନ କରିଦେଲେ । ସେ ବର୍ତ୍ତମାନ ଓଡ଼ିଶାରେ, ସବୁଠାରୁ ଶ୍ରେଷ୍ଠ ଠିକାଦାର, ତାଙ୍କ ଭିଣୋଇ ମଲ୍ଲିକ ବାବୁ ମଧ୍ୟ, ମୃଷାବାବୁଙ୍କ ଅତ୍ୟନ୍ତ ପ୍ରିୟ ଲୋକ, ସମସ୍ତେ ଜଗଦିଶ ବାବୁଙ୍କ ଅମାୟିକ ବ୍ୟବହାର, ସାଧୁତାରେ ଖୁସି ।

ହରିଲାଲ୍ ଲଛମନ୍ ପାଖକୁ ଖବର ଗଲା, ସେ ଆସି ମୃଷାବାବୁଙ୍କ ଘରେ ରହି ହୀରାକୁଦରେ ବହୁ କାମ କରି ବହୁତ କିଛି ରୋଜଗାର କଲା ।

ଉତ୍ତର ପ୍ରଦେଶର ରାଜପୁତ୍ ଠିକାଦାରମାନଙ୍କ ମଧ୍ୟରେ ସୋହନ ଲାଲ୍ ସିଂହ ସବୁଠାରୁ ନିଜର ଅନ୍ତରଙ୍ଗ ଠିକାଦାର ସମ ବୟସ୍କ, ସେ ଓଡ଼ିଶାର ଆଇ.ଜିଙ୍କ ଠାରୁ ଏକ ହଜାରଟଙ୍କା ଦେଇ, ହୁଡ୍ ବାଲା ORC 40 କାର୍‌ଟି କିଣିଥାନ୍ତି । ସେଥିରେ ମୃଷାବାବୁ, ତାଙ୍କର ବନ୍ଧୁବାନ୍ଧବ ସବୁ ଯାଆନ୍ତି ସିନେମା, ଥିଏଟର, ନାଚ ତାମସା ଦେଖିବାକୁ, ବାଟରେ କନଷ୍ଟବଲ ସବ୍‌ଇନିସ୍‌ପେକ୍ଟର ଏମିତି କି ଏସ.ପି. ମଧ୍ୟ ଆଇ.ଜିଙ୍କ ଗାଡ଼ିଭାବି ସାଲୁଟ୍ ମାରନ୍ତି ।

ଦିନେ ଗୋଟାଏ ଭଲ ଦିନରେ ଦେଖା ହୋଇଗଲା ରମେଶ ପଟ୍ଟନାୟକଙ୍କ ସହିତ, ରମେଶବାବୁ ତାଙ୍କର ପୁରା ପରିଚୟ ଦେଲେ, କେନ୍ଦୁଝରରେ ମୃଷାବାବୁ ହାଇସ୍କୁଲରେ ପଢୁଥିବା ବେଳେ ରମେଶବାବୁ ଛୋଟଥିଲେ । ମୃଷାବାବୁ, ବନମାଳି ମହାପାତ୍ର, ଯଦୁ ମହାପାତ୍ର ଘରେ ରହି, ପିଲାଙ୍କୁ ପଢ଼ାଇ, ପାଠପଢୁଥିବା କଥା, ରମେଶ ବାବୁ ଜାଣିଥିଲେ । ତାଙ୍କଠାରୁ ସବୁ ପରିଚୟ ପାଇ, ମୃଷାବାବୁ ପୁରାପୁରି, ଜାଣିଗଲେ, ରମେଶବାବୁ ଆନନ୍ଦପୁର ଠାରୁ ପନ୍ଦର କିଲୋମିଟର ଦୁରରେ ଥିବା ଓରାଳୀ ଜମିଦାର ବଂଶର ପିଲା । ବାପା, କୃଷ୍ଣ ପଟ୍ଟନାୟକ, ସେ ବେଳର ସିଭିଲ୍ ଏସ୍.ଡ଼ି.ଓ, ମରିଯାଇଥାନ୍ତି । ତାଙ୍କ ତଳ ଦାଦା, ବଳରାମବାବୁ ଅତି ପବିତ୍ର ଲୋକ, ଲୋକପ୍ରିୟ, ଜୀବନ ସାରା ଆନ୍ଦୋଳନରେ ମାତିଲେ, ମହତାବଙ୍କ ସହିତ ବହୁବାର କାରାବରଣ କଲେ । ଗାନ୍ଧିପ୍ରେମୀ, ମିଷ୍ଟଭାଷୀ, ପରଉପକାରୀ, ଚାରିଖଣ୍ଡ ଏରିଆର, ତାଙ୍କୁ ସମସ୍ତେ ଜାଣନ୍ତି, ଭକ୍ତି କରନ୍ତି । ତାଙ୍କ ତଳ ଗୋପାଳ ଦାଦା ଏକ୍‌ସାଇଜ୍ ସୁପରିଟେଣ୍ଡେଣ୍ଟ । ସବୁ ପୁଅ, ଝିଅ, ପୁତୁରା ଝିଆରି, ଭଣଜା, ଭାଣିଜୀ, ତାଙ୍କରି ଘରେ ରହି ପଢ଼ନ୍ତି । ସମସ୍ତେ ତାଙ୍କର ନିଜ ପୁଅ ଝିଅ, କେହି ପର ନୁହଁନ୍ତି । ଖୁଡ଼ି ପ୍ରଭାସ ମଞ୍ଜରୀ ଆନନ୍ଦପୁରର ନାମକରା ମୁକ୍ତିଆର ଗୋକୁଳାନନ୍ଦ ପଟ୍ଟନାୟକଙ୍କ ଝିଅ, ଘରର ଦେବୀ । ଦଶ ପନ୍ଦର ଜଣ ଛୁଆ ତାଙ୍କ ପାଖେ, ଖେଳିବୁଲି ଅଳି କଲେ, ସେ ଆନନ୍ଦ ପାଆନ୍ତି । ତାଙ୍କ ତଳ ଦାଦା ଶ୍ରୀରାମ । କର୍ମଠ ଆଦର୍ଶବାଦୀ, ଦୁଃଖ ସୁଖ, କେତେଦିନ ଆନ୍ଦୋଳନରେ ମାତି ଜେଲ ଗଲେ, ତାପରେ, ଶ୍ରୀରାମ ବସ୍ ସର୍ଭିସର ମାଲିକ ହୋଇ ବହୁତ ଟ୍ରକ ରଖି, ଠିକାଦାରି ନେଲେ । ତାଙ୍କ ତଳ, ସବା ସାନଦାଦା ଗୋଲଖ ବିହାରୀ, ନାମକୁ ସାର୍ଥକ କରିଛନ୍ତି, ଗା ଗଣ୍ଡା, ପାଖ ଗାଁ, ସବୁ ବିହାର କରି, ମାମଲତ ଗିରି ଦେଖାନ୍ତି ।

Digitized by srujanika@gmail.com

ଅତି ସ୍ନେହ ଆଦରର କରି, ରମେଶ ବାବୁଙ୍କୁ ପାଖରେ ରଖିଲେ ମୃଷାବାବୁ, ରମେଶ ବାବୁ ତାଙ୍କର ଅଫିସ୍ କାମରେ ସାହାଯ୍ୟ ବି କଲେ,

ରମେଶବାବୁ, ଆଉ ପ୍ରସନ୍ନ ଏକା ବୟସର ହୋଇଥିବାରୁ ପରସ୍ପର, ନା ଧରି ଡ଼କାଡ଼କି ହେଲେ, ରମେଶ ବାବୁ ଆଉ ପ୍ରସନ୍ନ, ଗୁଜାତଳରେ ଥିବା କୋଡ଼ିଏ ଜଣ ସୁପରଭାଇଜରଙ୍କର ହୋଇଉଠିଲେ ଅତିପ୍ରିୟ, କ୍ଲବ ହେଲା, ସବୁ ଦାୟିତ୍ୱରେ ରହିଲେ ସେ ଦୁହେଁ । ଭିଣୋଇ ଦୁର୍ଯ୍ୟୋଧନ ଦାସ, ସମସ୍ତଙ୍କର ବଡ଼ ଭିଣୋଇ, ପାନ ପଗାଣ ଷାଠିଏ, ଖଣ୍ଡଧରି ବସି ଯାଆନ୍ତି ବ୍ରିଜ ଖେଳରେ, ରାତି ବାରଟାଯାଏ । ସେତେବେଳେ ରାହାସ, ଆଉ କୃଷ୍ଣ ମହାନ୍ତି ମୃଷାବାବୁଙ୍କ ପାଖରେ ଏନ୍.ଏମ୍.ଆରରେ ଥାଆନ୍ତି । ଡ୍ରାମା ବହୁତ ହୁଏ ପ୍ରଥମ ଥର ପାଲିତ୍ ସାହେବଙ୍କ ଚେଷ୍ଟାରେ, ହିରାକୁଦରେ ଦୁର୍ଗାମଣ୍ଡପ ତିଆରି ହେଲା । ପ୍ରଥମ ନାଟକ କାଳକେତୁ ଫୁଲର । ମୃଷାବାବୁ ନାୟକ, ଆଉ କୃଷ୍ଣ ହୁଏ ନାୟିକା, ଗରିବ ନାଟକରେ ମୃଷାବାବୁ କୁଲି ମଜୁରିଆ, "ସୁରିଆ" କୃଷ୍ଣ ହୁଏ ତାଙ୍କ ପ୍ରେମିକା, ଅନ୍ଧ କୁଲି ଝିଅ "ମାଳି" ।

ଏମିତି ଆନନ୍ଦରେ କଟିଗଲା, ଅନେକ ଦିନ । ସବୁଠାରୁ ପ୍ରିୟ ଠିକାଦାର ସୋହନଲାଲ୍ ଓ ପ୍ରିୟବନ୍ଧୁ ରମେଶବାବୁ, ଏକା ଖଟରେ ଶୁଅନ୍ତି, ଏକା ଥାଳିରେ ଖାଆନ୍ତି, ଏକା ଡ୍ରେସ ପିନ୍ଧନ୍ତି ଏକା ସିଗାରେଟ ପିଅନ୍ତି, ଅନ୍ୟ ନିଶାଦ୍ରବ୍ୟ ସବୁ ମନା, ରମେଶବାବୁ, ଅତି ବିଚକ୍ଷଣ, କର୍ମବୀର, ସେ ଲୋକ ଚିହ୍ନିବାରେ ପାରଙ୍ଗମ, ସାଙ୍ଗଠନିକ, ତାଙ୍କର ଆଉ ଭୋଇ ବାବୁଙ୍କ ଚେଷ୍ଟାରେ "ଭଞ୍ଜ ଜୟନ୍ତୀ" ହିରାକୁଦରେ ଆରମ୍ଭ । "ଭଞ୍ଜ ଜୟନ୍ତୀ"କୁ ଆସନ୍ତି ହୃଦାନନ୍ଦ ରାୟ, ରଜତ କର, ଗୌରୀ କୁମାର ବ୍ରହ୍ମା । ରମେଶବାବୁ, ମୃଷାବାବୁଙ୍କୁ ଠିକିନିଖି ଭାବରେ ଚିହ୍ନିପାରିଥିଲେ । ପାଖରେ ଶୋଇ ସବୁବେଳେ କାନରେ କହନ୍ତି, ତୁମପାଇଁ ସୁନ୍ଦର, ଲକ୍ଷ୍ମୀ ପ୍ରତିମାଟିଏ ଦରକାର, ବ୍ୟସ୍ତ ହୁଅନା, ବର୍ଷେ ଦୁଇବର୍ଷ ଯାଉ, ସେ ସବୁ ଦାୟିତ୍ୱ ମୋର ।

Digitized by srujanika@gmail.com

ସୂର୍ଯ୍ୟାସ୍ତ

ଦିନରାତି କାମ, ବେଶ ଆନନ୍ଦ ଭିତରେ କଟିଗଲା କେଇଟା ବର୍ଷ, ଏହା ଭିତରେ ରମେଶବାବୁ ହୀରାକୁଦ ମୁନିସିପାଲଟିରେ କାମ ପାଇ ଗଲେଣି । କିନ୍ତୁ ରହିବା ଖାଇବା ଆଉ ଶୋଇବା ସବୁ ମୃଷାବାବୁଙ୍କ ଘରେ । ଦୁଇବର୍ଷ କାଳ ଜଗି ବସିଥାନ୍ତି ପ୍ରତି କ୍ଷେତ୍ରରେ ମୃଷାବାବୁଙ୍କୁ ରାମଚନ୍ଦ୍ରଙ୍କ ପାଖରେ ଲକ୍ଷ୍ମଣ ସସସ୍ତ୍ର ପ୍ରହରୀ ରୂପେ । ଦୁଇ ଭାଇ ମଝିରେ ମଝିରେ ସିଗାରେଟ ଖାଆନ୍ତି ଆଉ ସବୁ କିନ୍ତୁ ବନ୍ଦ । ଦିନକର ଘଟଣା ରମେଶ ବାବୁ ନଥାନ୍ତି, ଯାଇଥାନ୍ତି ବାବାଙ୍କ ପାଖକୁ । ହଠାତ୍ ଆସି ହୀରାକୁଦରେ ପହଞ୍ଚିଗଲେ ଖରସୁଆଁର ବଡ଼ ଡାକ୍ତର ହୀରାଲାଲ ପଟ୍ଟନାୟକ, ସାଙ୍ଗରେ ସହ ଧର୍ମିଣୀ, ତାଙ୍କ ଝିଅର ବାହାଘର ମୃଷା ଇଞ୍ଜିନିୟରଙ୍କ ସହିତ ପ୍ରସ୍ତାବ ନେଇ । ତାଙ୍କୁ ଏ ପ୍ରସ୍ତାବ ଦେଇଥିଲେ ଗତିକୃଷ୍ଣ ଭଞ୍ଜ, ଭାବଗ୍ରାହୀ ମହାନ୍ତିଙ୍କ ପରେ କେନ୍ଦୁଝର ଗୀବସନ ହାଇସ୍କୁଲର ହେଡ୍‌ମାଷ୍ଟର । ଗତିବାବୁ, ମୃଷାବାବୁଙ୍କ ପାଖରେ ଠିକାଦାରି କରୁଥାନ୍ତି ।

ଅତିଥୀଙ୍କ ସେବାରେ ଲାଗିଗଲେ ଭିଣେଇଁ ଆଉ ପୁତୁରା ପ୍ରସନ୍ନ, ଭାବି ଅଜାଆଈଙ୍କୁ ମଜାଳିଆ କଥା କହି ଆନନ୍ଦ ଦେଲା ପ୍ରସନ୍ନ, ଦୁଇଦିନ ରହି ସେମାନେ ନିଷ୍ପତ୍ତି କଲେ, ବାହାଘର ଏଇଠି ପକ୍କା ।

ଶରତ ଭାଇଙ୍କ ସ୍ତ୍ରୀ ନୂଆ ବୋହୂଙ୍କ ସାନ ଭଉଣୀ କୁନି, ବିବାହ କରିଥାଏ, କେନ୍ଦୁଝରର ଭଟ ସାହିର ବିଷ୍ଣୁ ପଟ୍ଟନାୟକଙ୍କୁ । ତାଙ୍କରି ମାଧମରେ ହିରାଲାଲ ବାବୁ ଆସିଲେ ଖପରାଖାଇ, ମୃଷାବାବୁଙ୍କ ଘରଦ୍ୱାର ଦେଖିବାକୁ, ତିନି ବଖରା ଭଙ୍ଗା ଛଣ ଘର,ବାରଣ୍ଡାରେ ଛେଳି ବନ୍ଧା ଦେଖି ହିରାଲାଲ ବାବୁ କହିଲେ, ''କ'ଣ ଘର ଭିତରେ ଛେଳି ବାନ୍ଧନ୍ତି'' ? ଏକଥା ଶୁଣି ମା ପାର୍ବତୀ ପାଟିକରି ଉଠିଲେ, ''ଛେଳି କ'ଣ ଘରେ ବନ୍ଧା ନହୋଇ ବାହାରେ ବନ୍ଧାଯାଏ ? ସେହି ଛେଳି କ୍ଷୀର ଖାଇ ମୋ ମୃଷା ଛୁଆଟା ଆଜି ଇଂଜିନିୟର ହୋଇଛି'' । ଆଉ ବାପା କହିଲେ, ବ୍ୟସ୍ତ ହୁଅନି ସମୁଦୀ, ଗାନ୍ଧୀ ମାହାତ୍ମା ତ ପୁଣି ଛେଳି ପାଖେ ପାଖେ ରଖି ଛେଳି କ୍ଷୀର ପିଇ, ଆଜିର ପରମ ଆରାଧ୍ୟ ଦେବତା ଜାତିର ଜନକ । ବୋହୂ କ'ଣ ଏଇଠି ରହିବ, ସେ ରହିବ ପୁଅ ପାଖରେ ରାଜ ଉଆସରେ, ବର୍ଷକରେ ଥରେ କି, ଦି ଥର ଆସିବକି ନା ସନ୍ଦେହ ।

ଖବର ଆସି ପହଞ୍ଚିଲା ସେମାନେ ଛେଳି କ୍ଷୀର ପିଆ ମୃଷା ଇଞ୍ଜିନିୟରଙ୍କୁ ତାଙ୍କ ଝିଅ ଦେବାକୁ ରାଜି ନୁହନ୍ତି । ଏଖବର ପାଇ ବୁଢ଼ା ବାପା (ପଞ୍ଚାନବେ ବର୍ଷ ହେଲାଣି)

Digitized by srujanika@gmail.com

ପୁରାପୁରି ଭାଙ୍ଗି ପଡ଼ିଲେ, ଭାବିଥିଲେ ସାନପୁଅ ମୃଷାଟାକୁ ବାହାକରାଇ ଲକ୍ଷ୍ମୀ ବୋହୁଟିଏ ଆଣି ଆଖି ବୁଜନ୍ତେ, ଧିରେ ଧିରେ ବିଛଣା ଧରିଲେ, ଅବସ୍ଥା ଦିନକୁ ଦିନ ଖରାପ ହୋଇ ଆସିଲା, ସବୁ ପୁଅ ବୋହୂମାନେ ଆସିବାପାକୁ ଦେଖିଗଲେ, କେବଳ ପାଖରେ, ବିଳାସ, ସାନବୋହୂ କଟକିଆଣୀ । ପ୍ରସନ୍ନ ଗାଁକୁ ଯାଇଥିଲା, ଟେଲିଗ୍ରାମ କଲା, ସାଆନ୍ତ ସିରିୟସ, ଶିଘ୍ରଆସ, ଖବର ପାଇ ଦୌଡ଼ିଆସିଲେ ମୃଷାବାବୁ, ବାପା ତ ଗୋଟାଏ ଖାସି ଏକା କାଟି ଖାଇ ପାରନ୍ତି, ତେଣୁ ଡ଼ୋଲିପୁରରୁ (ଏବର ଯାଜପୁର ରୋଡ଼) ପାଞ୍ଚ ଛଅସେର ଇଲିସି ମାଛଧରି ପହଞ୍ଚି ଗଲେ ଗାଁରେ । ବାପା ବିଛଣାରୁ ଉଠି କୁଣ୍ଢେଇ ପକେଇ କହିଲେ "ମୋ ପାଇଁ କ'ଣ ଆଣିଛୁରେ" କିଛି ଆଣି ପାରିଲିନି ବାପା, ଖାଲି ଇଲିସି ମାଛ ଆଣିଛି । ପାଟିକଲେ ବାପା, "କଟକିଆଣୀ, କଟକିଆଣୀ, ଚଞ୍ଚଳ ମାଛ ଭାଜ, ଶୋରିଷ ଦେଇ ଇଲିସି ମାଛ ଝୋଳକର, ମୁଁ ଆଜି ପାଞ୍ଚ ସେର ଯାକ ଇଲିସ ମାଛ ଏକା ଏକା ଖାଇଯିବି, ଆରେ ମୋର, ମୃଷା ପରା ଚାକିରିକରି ମୋ ପାଇଁ ଆଣିଛି, ପୁଅ ସାଙ୍ଗରେ ସବୁ ମାଛଖାଇ, କୋଳରେ ମୃଷାକୁଧରି ଶୋଇଗଲେ । ରାତି ଅଧରେ ଚିତ୍କାର କଲେ, ପଢ଼, ଏକାଦଶ ସ୍କନ୍ଧ ପଢ଼ । ମୁଁ ଦେହ ତ୍ୟାଗ କରିବି । ବହିପଢ଼ା ଚାଲିଲା, ସମସ୍ତେ ପାଟିରେ ନିର୍ମାଲ୍ୟ ଦେଲେ, ଅଧଘଣ୍ଟା ପରେ ଭଣଜା ଖେତରା ଆସି କହିଲା "ସାନ ମାମୁଁ ଆଉ କାହିଁକି ପଢୁଛ, ଅଜା ପରା କେତେ ବେଳଠାରୁ ଚାଲିଗଲେଣି" ।

କାହ ରୋଳରେ ଖଞ୍ଜା କମ୍ପିଉଠିଲା, ବର୍ଷା ଢ଼ାଳୁଥାଏ ଅସରାକୁ ଅସରା, ଗାଁବାଲା, ମଡ଼ାଚଣ୍ଡିଆ, ଭାଇମାନେ ସମସ୍ତେ ଆସିଗଲେ, ଶବ ଉଠିବ କେମିତି, ସମସ୍ତଙ୍କ ମନରେ ଭାଳେଣି ସକାଳ ହେଲା, ବର୍ଷା ପୁରାପୁରି ବନ୍ଦ ହୋଇଗଲା, ପାଗ ଶୁଖିଲା ଦିଶିଲା, ଏତେବଡ଼ ବିରାଟ ଛଅ ଫୁଟିଆ ମଣିଷ ପୋଡ଼ି ପାଉଁଶ ହୋଇଗଲେ ଅଧଘଣ୍ଟା ଭିତରେ । ସମସ୍ତେ ତୁଠ କାମ ସାରି ଘରକୁ ଫେରିଲେ, ପୁଣି ବର୍ଷା ଆରମ୍ଭ ହେଲା, ମୁଷଳଧାରାରେ, ମୃଷାବାବୁ ଭଗବାନଙ୍କୁ ଡ଼ାକିଲେ, ଧନ୍ୟପ୍ରଭୁ ଧନ୍ୟ ତୁମ ଲିଳା, ସବୁ କାମ ଦାମ ଶେଷ କରି ମୃଷାବାବୁ ଫେରି ଆସିଲେ ହୀରାକୁଦକୁ । ମନରେ ତାଙ୍କର ବହୁତ ଦୁଃଖ, ସାନବୋହୁକୁ ନଦେଖି ବାପା (ଦିବାକର) ଅସ୍ତ ହୋଇଗଲେ ।

ଏହା ଭିତରେ ଦୁଇଟା ବର୍ଷ ବିତିଗଲା, ଦିନେ ଗାଁରୁ ରମେଶବାବୁ ଆସି କହିଲେ ବୁଝିଲେ ମୃଷାବାବୁ, ତୁମ ପାଇଁ ଝିଅ ଠିକ୍ ହୋଇଗଲା, ତୁମେ ହେବ ମୋର ସାନ ଭିଣୋଇଁ । ଓରାଳୀ ପଟ୍ଟନାୟକ ବଂଶର ତୃତୀୟ କନ୍ୟାରତ୍ନ କାନ୍ତିକୁ ବିବାହ କରିବ । ମୃଷାବାବୁ ହାତ ଯୋଡ଼ି କହିଲେ "ନା ରମେଶ ବାବୁ, ମୁଁ ତୁମ ବଂଶରୁ ଝିଅ ଆଣିବାକୁ ଅଯୋଗ୍ୟ । ମୁଁ ଗରିବ ଘରର ପିଲା, ମୋର ତେଲ, ଲୁଣର ସଂସାର, ମୋର ଦୁଃଖି ସଂସାର ଚଳାଇବାକୁ ଦରକାର ଗୋଟିଏ ଗରିବ ଘରର ଝିଅ, ତୁମେ ବଡ଼ ଲୋକ, ମୋତେ କ୍ଷମା କର" ।

Digitized by srujanika@gmail.com

ମୋ ସାନ ଭଉଣୀ କାନ୍ତି, ମୋର ଅତି ଗେହ୍ଲା ଭଉଣୀ, ସାକ୍ଷାତ ଘରର ଲକ୍ଷ୍ମୀ, ତୁମପରି ସୁ ପୁରୁଷର ସ୍ତ୍ରୀ ହେବାକୁ ସେ ଯୋଗ୍ୟା, ବୟସ ମାତ୍ର ପନ୍ଦର, ମେଟ୍ରିକ ପଢୁଛି, ତୁମର ଭାଇ ଅତୁଲ ପଟ୍ଟନାୟକ, ତାଙ୍କୁ ଦେଖି ସାରିଛନ୍ତି ଡ୍ରାମାରେ । ମୋ ଭଉଣୀ ହୋଇଥିଲା ଦୁର୍ଗା, ମହିଷାମର୍ଦ୍ଦିନୀ ଖଡ୍ଗ ଖର୍ପର ଧାରିଣୀ, ମହିଷାସୁରକୁ ପେଣ୍ଡାଲ ଉପରେ ବଧକଲା । ବିଭାଘର ହେବାପାଇଁ ସବୁ ନିଷ୍ପତ୍ତି ହେଲା, ଓରାଳୀରେ ଅନେକ ଏ ବିବାଘର ପାଇଁ ମତ ଦେଲେ । ଅନେକ ଦେଲେ ବାଧା, ପ୍ରଫୁଲ୍ଲ ଭାଇ ରବିଭାଇ ଭଲଭାବରେ ମୃଷାବାବୁଙ୍କୁ ଜାଣିଥିଲେ, ସେମାନେ କିଛି ନକହି ନିରବ ରହିଲେ, ହେଲେ ସୁବାଷ ଭାଇ ଏଖବର ଶୁଣି ପାଟିକରି ଉଠିଲେ, ଛି.ଛି ସେଇଟା ମାଇଚିଆଟା, ମୋ ସାଙ୍ଗରେ ମାଇନରୁ ହାଇସ୍କୁଲ ଯାଏଁ ପଢୁଥିଲା, ମୁଁ ଡ଼ରେଇ ଦେଲେ ମୁତି ପକାଏ, ଅବଶ୍ୟ ଭାରି ଭଲ ପିଲା । ଅତି ଚରିତ୍ରବାନ, କ୍ଲାସରେ ସବୁବେଳେ ହୁଏ ଫାଷ୍ଟ, କ୍ଲାସରେ ଥାଏ ମନିଟର, ସ୍କୁଲର ସବୁ ଫାଷ୍ଟ ପ୍ରାଇଜ ତାଆର, ଏପରିକି ଅଲ୍ ରାଉଣ୍ଡ ବେଷ୍ଟ, ମୁଁ ପାଟି କରିବାରୁ ହେଡ୍‌ମାଷ୍ଟ୍ରେ ତାଙ୍କୁ ଫୁଟବଲ୍ ଖେଳରେ ଗୋଲକିପର କଲେ, ସେ ଥାଏ ଆରିଆନ (ଆର୍ଯ୍ୟ) ଦଳର ଲିଡ଼ର, ମୁଁ ଥାଏ (Hills) ଦ୍ରାବିଡ଼ ଦଳର ଲିଡ଼ର, ଗୋବିନ୍ଦ ମୁଣ୍ଡା (ଏବକାର, ନେତା, ମନ୍ତ୍ରୀ ଏମ୍‌ପି) ଥାଆନ୍ତି ତା ଗ୍ରୁପ୍‌ରେ, ମୁଣ୍ଡା ଅଣ୍ଟାରେ ଦୌଡ଼ି ବନ୍ଧାଯାଏ । ମୃଷା ଆର୍ଯ୍ୟ ହେଲେବି, ସେ କଥା ହୋଇ ପାରିବନି, ଆମ ଗେହ୍ଲା ଭଉଣୀ କାନ୍ତି ସେଇଠି ବାହା ହେବନି ।

ମାତ୍ର ରମେଶ ଭାଇଙ୍କର ଏକା ଜିଦ୍ ଦୀର୍ଘ ଦୁଇ ବର୍ଷକାଳ ତାଙ୍କୁ ସେ ଜାଣିଛନ୍ତି, ତାଙ୍କ ପରି ଭଲପିଲା ଖୁବ୍ କମ୍, ଗର୍ବ ନାହିଁ, ଅହଂକାର ନାହିଁ, ମିଷ୍ଟଭାଷୀ, ପରୋପକାରୀ ଜଣେ କର୍ତ୍ତବ୍ୟନିଷ୍ଠ, ଅନେଷ୍ଟ ଇଞ୍ଜିନିୟର । ମଣିଷର ଘର, ଦ୍ୱାର, ସମ୍ପତି ରୂପ ଦରକାର ପଡ଼େନି, ଦରକାର କେବଳ ଚରିତ୍ର ।

ସମସ୍ତଙ୍କ ରାଜି, ଅରାଜି ଭିତରେ, ଶଶୁର ଗୋପାଳ ପଟ୍ଟନାୟକ ଶେଷ ନିଷ୍ପତ୍ତି ଦେଲେ, ଛୁଆ ଦିନୁ ସେ ମୃଷାକୁ ଜାଣିଛନ୍ତି, ତାର ଆଦର୍ଶ ଜୀବନ ଅତ୍ୟନ୍ତ ଅଭିନନ୍ଦନୀୟ, ଅତି ଦୁଃଖ କଷ୍ଟରେ ଘାସ କାଟି, ଗାଈ ଜଗି, ଟିଉସନ କରି, ପାଠ ପଢ଼ି ଇଞ୍ଜିନିୟର ହୋଇଛି, ସେ ଜଣେ ବ୍ୟତିକ୍ରମ ଯୁବକ, "He is an exceptional" ସେ ନିଶ୍ଚୟ ହେବ ଓରାଳୀ ପଟ୍ଟନାୟକ ବଂଶର ତୃତୀୟ ଯୋଇଁ ।

ଖପରାଖାଇର ଶୋଭା କରଣ ବଂଶ ଆଉ ଓରାଳୀ ଜମିଦାର ପଟ୍ଟନାୟକ ବଂଶର ବହୁ - ଦିନର ସୁସମ୍ପର୍କ, ମଝିରେ କିଛି ଦିନପାଇଁ ତିକ୍ତ ହୋଇଥିଲା । ପୁଣି ଥରେ ମଧୁର ହୋଇ ଉଠିବ ଏଇ ଶୁଭବିବାହ ପରେ ।

ମୃଷା ଇଞ୍ଜିନିୟରଙ୍କର ବିବାହର ଦିନ ଠିକ୍ ହେଲା । ଜ୍ୟୋତିଷ ପାଞ୍ଜି ଦେଖି ଦିନ ଠିକ୍ କଲା, ବାହାଘର, ମେ ମାସ, ତେଇଶି ତାରିଖ ଉଣେଇଶ ଚଉବନ ମସିହା ।

Digitized by srujanika@gmail.com

ମୂଷା ଇଞ୍ଜିନିୟରଙ୍କର ବାହାଘର

ବିଭାଘର ଦିନ ଠିକ୍ ହେଲା । ହୀରାକୁଦରେ ଚହଳ ପଡ଼ିଗଲା ଇଞ୍ଜିନିୟର ମୂଷା ପଟ୍ଟନାୟକ ବାହା ହେଉଛନ୍ତି । ଜଣାଶୁଣା ଠିକାଦାରମାନେ କ୍ୱାର୍ଟରକୁ ଦୌଡ଼ିଲେ । ପଞ୍ଜାବୀ ଠିକାଦାର ମାନେ ଜିଦ୍ କରି ବସିଲେ, ଓଡ଼ିଆ ବାହାଘର ଦେଖିବେ । କାର ଲାଇନ୍ କରି ଠିଆ କରିଦେଲେ ଘର ଆଗରେ । କିନ୍ତୁ ମୂଷା ବାବୁ କହିଲେ, ଏତେ ଆଡ଼ମ୍ବରରେ ଯିବା ଦରକାର ନାହିଁ । ମୋର ଗୋଟିଏ ମାତ୍ର କାର ଦରକାର । ଶେଷରେ ନିଷ୍ପତ୍ତି ହେଲା ସୋହନଲାଲ ବାବୁଙ୍କ ହୁଡ୍ ଲାଗିଥିବା କାରରେ, ବର ବସିକି ଯିବ ।

ସୋହନଲାଲ ବାବୁ, ମୂଷାବାବୁଙ୍କ ଅତି ପ୍ରିୟ ଠିକାଦାର । ସମବୟସ୍କ ଲକ୍ଷ୍ମୀର ଡିଜାଇନ୍ ମୁତାବକ ସମ୍ବଲପୁରରେ ବର ଡ୍ରେସ ବରାଦ ହେଲା, ଚିପା ପେଣ୍ଟ ଉପରେ ରାଜକୀୟ ପୁରା ଓଭର କୋଟ । ଉଚ୍ଚକୋଟୀର ପଗଡ଼ି ଜରିରେ ବିଭିନ୍ନ ଡିଜାଇନ୍‌ରେ ତିଆରି । ତାଙ୍କର ଇଚ୍ଛା ଇଞ୍ଜିନିୟର ସାହେବ ନୂଆ ବେଶରେ ବର ହୋଇଯିବେ, ଧୋତି ପଞ୍ଜାବୀ ପିନ୍ଧିକରି ନୁହେଁ ।

ଗାଁରୁ, ଗାଁ ପାଖ ତିନି ଚାରି ଗାଁରୁ ବନ୍ଧୁ ବାନ୍ଧବ, ଜଣା ଅଜଣା ସମସ୍ତେ ବରଯାତ୍ରୀ ଯିବାକୁ ପ୍ରସ୍ତୁତ ହୋଇ ଆସିଲେ । ଦୁଇଟି ଟ୍ରକ୍ ଗୋଟିଏ ବସ ଓ ଗୋଟିଏ କାର୍ । ସକାଳ ୧୦ଟା ସୁଦ୍ଧା ବରଧରା ପହଞ୍ଚିଗଲା ଖପରାଖାଇରେ । ବରଧରା ହୋଇ ଆସିଥାଏ ଏକ୍ସସାଇଜ ସୁପରିଟେଣ୍ଡେଣ୍ଟ ଶ୍ରୀ ଗୋପାଳ ପଟ୍ଟନାୟକଙ୍କ ଛଅ ସାତ ବର୍ଷର ଦ୍ୱିତୀୟ ପୁତ୍ର ବୁଲୁ (ଏବେକାର ଓଡ଼ିଶାର ନାମଜାଦା ଆଖି ଡାକ୍ତର ଶ୍ରୀ ବରେନ୍ ପଟ୍ଟନାୟକ) ବରକୁ ଦେଖିଲେ ପାଣ ସାହିରେ, ତାସ ଖେଳିବା ଅବସ୍ଥାରେ, ଖାଲିଦେହ, କାନ୍ଧରେ ଖଣ୍ଡିଏ ପାଣି

Digitized by srujanika@gmail.com

ଗାମୁଛା । ଚେହେରା ତ ଯାହା, ପ୍ରଥମ ଦର୍ଶନରେ, ବରର ଚେହେରା ବିଷୟରେ ବୁଲୁ ଗାଁରେ ଯାହା ବର୍ଣ୍ଣନା କରିଥିବ, ତାହା ତାକୁହିଁ ଜଣା ।

ତିନି ଚାରିଟା ବଡ଼ ଡ଼ଙ୍ଗା ଯୋଗାଡ଼ ହେଲା, ତା ଉପରେ ପଟା ପଡ଼ିଲା । କାର୍ ପହଞ୍ଚିଲା ଆନନ୍ଦପୁର । କାର ଫୁଲରେ ସଜାହୋଇ ଆଗରେ ଚାଲିଲା, ତା ପଛରେ ବସ ଓ ତା ପଛକୁ ଦୁଇଟି ଟ୍ରକ । ତିନିଶହ ଉପରେ ବରଯାତ୍ରୀ ପ୍ରୋସେସନ୍‌ରେ ବାହାରି ପହଞ୍ଚିଲେ ଓରାଳୀ-ଛକରେ । ଖପରାଖାଇର ଶୋଭା କରଣ ବଂଶର ସବା ସାନ ନାତିର ବାହାଘର ଓରାଳୀର ଜମୀଦାର ମାଗୁ ପଟ୍ଟନାୟକ ବଂଶର ଝିଅକୁ । ମନେ ରଖିଲା ଭଳି ବାହାଘର । ଭୁରୀ ଭୋଜନ ଖିଆ ଭୋଜିର ଆଶା କରି, ସମସ୍ତେ ଚାଲିଲେ ପ୍ରୋସେସନରେ ।

ଓରାଳି ଛକରୁ ତାଙ୍କ ଘର ଦୁଇତିନି କିଲୋମିଟର ରାସ୍ତା । ବଡ଼ଜ୍ୱାଇଁ ନିରଞ୍ଜନ ଦାସ ଇଲେକ୍‌ଟ୍ରିକାଲ ଇଞ୍ଜିନିୟର ଥିଲେ ବାଲେଶ୍ୱରରେ । ତାଙ୍କରି ଚେଷ୍ଟାରେ ଗାଁକୁ ପ୍ରଥମ ଥର ପାଇଁ ଜେନେରେଟ୍‌ର ଆସି ପୁରା ଗାଁକୁ ଆଲୋକିତ କରି, ବିଭିନ୍ନ ବିଦ୍ୟୁତ ସାଜସଜ୍ଜାରେ ପଟ୍ଟନାୟକ ବଂଶର ଚଉପାଠି ସୁସଜ୍ଜିତ କରିଥାଏ ।

ସେ ସମୟରେ ଦୁଇ ହଜାର ଟଙ୍କାର ବାଣଧରି ଆସିଥିଲେ ମୂଷା ଇଞ୍ଜିନିୟର ଗଛ ବାଣ, ହାବେଳୀ, କୁମ୍ଭି, ଇତ୍ୟାଦି । ଦୀର୍ଘ ତିନିଘଣ୍ଟା କାଳ ବାଣର ବିଭିନ୍ନ ଶବ୍ଦରେ, ନୂଆ ନୂଆ ସୁନ୍ଦର ବିଦ୍ୟୁତ କାରସାଦି ଦୃଶ୍ୟରେ, ଗାଁ ସାରା ଆଲୋକିତ ହୋଇ ଉଠିଲା ।

ବର ପହଞ୍ଚିଲା ସୁସଜ୍ଜିତ ଚଉପାଠି ପାଖରେ । ଲୋକ ଗହଳି, ଲହଡ଼ି ଭାଙ୍ଗୁଥାଏ । ସମସ୍ତେ ମାର୍‌ପିଟ୍ ବରକୁ ଦେଖିବାକୁ । ବର ଦେଖିବାକୁ କଳା ପତଳା ହେଲେ କ'ଣ ହେବ, ଡ୍ରେସ, ମେକଅପ୍ ଓ ପଗଡ଼ି ପିନ୍ଧି ସେତେ ଖରାପ ଦିଶୁ ନଥିଲେ ।

କେଉଁଠି ଥିଲା କେଜାଣି ସେ ଅଶୁଭଙ୍କରୀ ବର୍ଷା । ଘଡ଼ ଘଡ଼ କରି ଆକାଶ ଫଟାଇ ବିଜୁଳୀ ସହ ମୂଷଳ ଧାରାରେ ବର୍ଷା ଚାଲିଲା । ଚାରିଆଡ଼େ ଅନ୍ଧାର, ଜେନେରେଟର ଫେଲ୍ ମାରିଲା, ବର୍ଷାର ଗତି ଏତେ ପ୍ରଖର ଥିଲା ଯେ କିଏ କୁଆଡ଼େ ଦୌଡ଼ି ପଳାଇଲେ ତାର ପତ୍ତା ମିଳିଲା ନାହିଁ । ବର୍ଷା ଅବିରତ ଗତିରେ ଚାଲୁ ରହିଲା ଘଣ୍ଟା ଘଣ୍ଟା ଧରି ।

କାରରେ ଖୋଲା ହୁଡ଼, ସମସ୍ତେ ଦୌଡ଼ି ପଳାଇଲେ, ହେଲେ ବର ଯିବ କୁଆଡ଼େ, ଖୋଲା କାରରେ ବସି ପୁରା ଗାଧୋଇ ପଡ଼ିଲେ ବର । ମୁହଁରୁ ରଙ୍ଗ ଚିତା ବୋହି ବରକୁ କରିଦେଲା ଗୋଟାଏ ପାତି ମାଙ୍କଡ଼ । ଗାଡ଼ି ଭିତରେ ବସି ପୁରା ଥରୁ ଥାଆନ୍ତି ।

ହଠାତ୍ ମନେ ପଡ଼ିଲା ଶ୍ୱଶୁରଙ୍କର । ଦୌଡ଼ିଆସି ଟେକିନେଲେ ଚଉପାଠି ଉପରକୁ । ଟାୱେଲରେ ମୁହଁହାତ ପୋଛି ଚାହିଁଲେ, ବର ଶୀତରେ ଥରୁଥାନ୍ତି, କମ୍ପ ବି ଆସିଗଲାଣି । ଆଗରେ ପେଟ୍ରୋମାକ୍ସ, ବର ଆସିଗଲା କହି ମାଡ଼ି ଆସିଲେ ଗାଁ ମାଇପେ ମାନେ । ଝିଅ, ବୋହୂ, ବୁଢ଼ୀମାନେ । ପାଣ, ବାଉରୀ, ଗଉଡ଼ ମାନଙ୍କର ଏହା ଗୋଟିଏ

Digitized by srujanika@gmail.com

ମଉକା । ଜମିଦାର ଘର ବାହାଘର, ଘର ଭିତରକୁ ପଶି ବରକୁ ଦେଖିବେ, ଭୋଜି ଖାଇବେ । ଝରକା ଖୋଲି ସ୍ତ୍ରୀ ଲୋକମାନେ ଅନାଇ ଦେଲେ ବରକୁ । ପାଟି କରି ଉଠିଲେ, ହେ ଭଗବାନ ! ଏ ଗୋପାଳଟା କ'ଣ କଲା, ଶ୍ରୀରାମଟା ବି ଦେଖିଲା ନାହିଁ, ଚମ୍ପାଫୁଲ ପରି ଝିଅଟାକୁ ଗୋଟେ ହାଡ଼ି ହାତରେ ଟେକି ଦେଲେ । ପୁଣି ପାଟି ମାଙ୍କଡ଼, ଥରେ ନୁହେଁ ବାରମ୍ବାର ଶୁଭିଲା ପାଟି ମାଙ୍କଡ଼, ପାଟି ମାଙ୍କଡ଼, ପାଟି ମାଙ୍କଡ଼ । ମୂଷାବାବୁ ରାଗି ଉଠିଲେ, ଫେରିଯିବେ, ଏ ଅପମାନ ଅସହ୍ୟ । ବର ଆଗରେ ବରକୁ ପୁଣି ଅପମାନ । ଦକ୍ଷ ପ୍ରଜାପତି ଶିବଙ୍କୁ ଲଙ୍ଗଳା ଓ ଶ୍ମଶାନୀ କହିଥିଲେ ବୋଲି, ଶିବ ତାଣ୍ଡବ ନୃତ୍ୟ କରିଥିଲେ । ସେ କ'ଣ ଏତେ ଭୀରୁ । ଇଞ୍ଜିନିୟର, ବିରାଟ ପ୍ରୋସେସନ କରି ଦୁଇହଜାର ଟଙ୍କାର ବାଣ ଫୁଟାଇ ଆସିଛନ୍ତି, ତାଙ୍କୁ ପୁଣି କହିବେ ହାଡ଼ି, ପାଟି ମାଙ୍କଡ଼ । ସୋହନ ଲାଲ ଗାଡ଼ି ଫେରାଅ !

ପୁଣି ଭାବିଲେ, ନା ଫେରିଗଲେ ଅପମାନ ହେବ । ଶୋଭାକରଣ ବଂଶରେ କଳଙ୍କ ଲାଗିଯିବ । କହନ୍ତୁ, ଯେତେ ଇଚ୍ଛା ସେତେ କହନ୍ତୁ, ସହିଯିବେ । ସହିବା ଲୋକ ବଡ଼ ।

ବରଯାତ୍ରୀମାନେ ଭୁରି ଭୋଜନ କରି ଘରକୁ ଫେରିଗଲେ । ପଟ୍ଟନାୟକ ବଂଶର ଥାଏ ସାତ ଆଠଟା ମସ୍ତବଡ଼ ପୋଖରୀ । କୋଡ଼ିଏ ତରିଶ ମହଣ ବଡ଼ ବଡ଼ ଭାକୁର ମାଛ ଧରା ହୋଇ ତରକାରୀ ହୋଇଥାଏ, ଏ ପ୍ରକାର ଭୋଜୀ ଏ ଅଞ୍ଚଳରେ ପ୍ରଥମ । ଓରାଳୀ କରଣ ବଂଶର ପ୍ରଥମ ଝିଅ ବାହାଘର ଗାଁରେ ।

ବେଦୀ ଭାଙ୍ଗି ଯାଇଥାଏ, ଘର ଭିତରେ ବେଦୀ ତିଆରୀ ହେଲା । ବଳରାମ ବାପା କନ୍ୟାଦାନ କଲେ । ବାହାଘର, ବାହାଘର ପରେ ହୋମ, ଗାଧୁଆ, ପଖାଳଖିଆ ବନ୍ଧାପନା ସବୁ ସରିଲା । ତିରିଶ, ଚାଳିଶ ଉପରେ ସୁନାମୁଦି, ଗୋଟିଏ ଆଙ୍ଗୁଳିରେ ତିନି ଚାରିଟା ଲେଖାଏଁ; ବେକରେ ତିନି ଚାରିଟା ସୁନାହାର । ସୁନା ବ୍ୟାଣ୍ଡ ସହ ସୁନାର ଘଡ଼ି । ବହୁ ବନ୍ଧୁ ବାନ୍ଧବ, ଶାଳୀ, ଦେଢ଼ଶାଳୀ, ଶାଶୁ, ଖୁଡ଼ିଶାଶୁ, ଦେଢ଼ଶାଶୁ, ବଡ଼ଶାଶୁ, ଆଈ, ବୁଢ଼ୀ ମାଆ, କେତେ ଯେ ସ୍ତ୍ରୀ ଲୋକ । କେତେ ଯେ ସ୍ତ୍ରୀ, ବନ୍ଧୁ ବାନ୍ଧବ ତାର କଳନା ନାହିଁ ।

ପଖାଳ ଖିଆ ବେଳ, ସୋହନଲାଲ, ହରିଲାଲ, ପୁତୁରା ପ୍ରସନ୍ନ, କାନରେ କହିଲେ ଆମର Demand green model Ralay Cycle" ସେ ନ ମିଳିବା ଯାଏ ପଖାଳ ଖାଇବନି, ମୁଷାବାବୁ ରଷି ବସିଲେ, ଶାଳୀମାନେ କହିଲେ "କ'ଣ ରୁଷିଛନ୍ତି ଭିଣେଇଁ ବାବୁ କ'ଣ ଆଉ ଦରକାର କହନ୍ତୁ" ? ପ୍ରସନ୍ନ କହିଲା "ସାଇକେଲ କାହିଁ" ? ଫେଁ କରି ହସି ଉଠିଲେ ସ୍ତ୍ରୀ ଲୋକମାନେ, ହଠାତ୍ ଦିଶିଲା, ଗୋଟାଏ ଚେନ୍ ନଥିବା, ସିଟ୍

Digitized by srujanika@gmail.com

ନଥିବା ପୁରା ଭଙ୍ଗା ସାଇକେଲ ଉପରେ ପାଞ୍ଚାଳୀ ଆଈବୁଢ଼ୀଙ୍କୁ ବସେଇ ଗଡ଼େଇ ଗଡ଼େଇ ଆଣୁଛନ୍ତି ଶାଳୀମାନେ, ଏଇନିଅ ତୁମର ସାଇକେଲ୍, ଯେଉଁ ଚେହେରା ତ ଫୁଙ୍କିଦେଲେ ଉଡ଼ିଯିବ । ସାଇକେଲରେ ବସି ପାରିବତ ? ବରଂ ପୁରୁଣା ସାଇକେଲରେ ବସ, ଭାଙ୍ଗିଗଲେ ଦୁଃଖ ନାହିଁ, ଆରଥରକୁ ମୋଟାସୋଟା ହୋଇ ଆସ, ମଟର ସାଇକେଲ କଥା ନୁହେଁ ଏକାବେଳକେ କାର ଦିଆଯିବ । ତାଳିମାରି ହସି ଉଠିଲେ ଶାଳୀମାନେ "ଦେଖରେ ଦେଖ ଭଙ୍ଗା ସାଇକେଲରେ ପାତି ମାଙ୍କଡ଼ ବର ବସିଛି ଦେଖ" । ମୂଷାବାବୁଙ୍କ ଆଖିରେ ଲୁହ ଆସିଯାଇଥାଏ, ଠିକ୍ ଏତିକି ବେଳେ ଲତି ଅପା, ଶାନ୍ତି ଅପା ପୂରା କାରିୟର ବାଲା ଗ୍ରୀନ ମଡ଼େଲ ସାଇକେଲ ଆଣି ମୂଷାବାବୁଙ୍କୁ ଧରେଇ ଦେଲେ ।

ପାଅଚା ବେଳେ ବର ବିଦା ହେବା କଥା, ଛାତ ଉପରେ ବରକୁ ବେଶ କରି ବସାଯାଇଥାଏ, ଦି ଜଣ କ୍ୟାମେରା ମ୍ୟାନ ନଟୁଭାଇ (ଏବେକାର ଦିଲ୍ଲୀରେ ମୁଖ୍ୟଯନ୍ତ୍ରୀ କୁମୁଦ ଆନନ୍ଦ ଓ ଭାରତର ଶ୍ରେଷ୍ଠ ଆଖି ଡ଼ାକ୍ତର ବିଜୟ ନନ୍ଦ ପଟ୍ଟନାୟକ, ଦିଲ୍ଲୀରେ) ଫଟ ଉଠାଉ ଥାନ୍ତି, କନ୍ୟା ଆସିଲେ, ଯୁଗ୍ମ ଫଟ ଉଠାଗଲା, ମଝିରେ ମଝିରେ ଚଗଲି ଶାଳୀ ଗୁଡ଼ା ପାଟି କରି ଉଠିଲେ, "କାନ୍ତି ଦେଈ ଟିକେ ଦୂରେଇକି ବସ, ଦରକାର ପଡ଼ିଲେ ଫଟ ଅଲଗା କରି ହେବ", ମୂଷାବାବୁଙ୍କୁ ଲାଜ ମାଡୁଥିଲେ ବି ହସିଦେଇ ଭାବିଲେ ଶାଳୀ ମାନେ ତ ଟାପରା କରିବେ, ତାଙ୍କୁ ଚାରିଖଣ୍ଡ ମାଫ୍ ।

ସମସ୍ତଙ୍କ ପରିଚୟ ସରିଲା ପରେ ଶାଳୀ, ଦେଢ଼ଶାଳୀ ମାନଙ୍କର ପାଳି ଆରମ୍ଭ ହେଲା, "ଆଚ୍ଛା ଭିଣେଇଁ ମହାଶୟ, ଆମେ ଶୁଣିଛୁ ତୁମେ କୁଆଡ଼େ ସୁନାମ ଧନ୍ୟ ଅଭିନେତା, ବହୁ ବହୁ ନାଟକରେ ହିରୋ, ତୁମକୁ କୁଆଡ଼େ ବମ୍ବେର ରାଜକାପୁର, ଦିଲ୍ଲିପ କୁମାର, ଅଶୋକ କୁମାର ସହିତ ତୁଳନା କରାଯାଏ । ତୁମକୁ ତୁମ ପ୍ରିୟ ଶାଳୀ ମାନଙ୍କର ଅନୁରୋଧ, ଗୋଟିଏ ଛୋଟିଆ ଅଭିନୟ କରି ସେମାନଙ୍କୁ ଆପ୍ୟାୟିତ କରନ୍ତୁ । ମୂଷା ବାବୁ ହାତ ଯୋଡ଼ି କହିଲେ "ଆଜିମୋର ବାହାଘର, ଏ ଜାଗାରେ ମୋର ଇଜ୍ଜତ ସବୁଠାରୁ ବେଶି, ବହୁତ ମାନ୍ୟଗଣ୍ୟ ବ୍ୟକ୍ତି ଅଛନ୍ତି, ଆଜି ନୁହେଁ, ପରେ ।"କେତେଜଣ ବୁଝିବା ଶାଳୀଥିଲେ, କହିଲେ ଠିକ୍ ଅଛି, ମାନ୍ୟ ଗଣ୍ୟ ଲୋକମାନେ ବିଦା ହୋଇଯାନ୍ତୁ । ଆମେ ଖୋଦ ଶାଳୀ ରହିବୁ, ଅଭିନୟ ଭଲ ଲାଗିବନି, ଗୀତ ପଦେ ହେଉ । ମୂଷାବାବୁ ବିନୀତ ହୋଇ କହିଲେ ଦେଖ ପ୍ରିୟ ଶାଳୀବୃନ୍ଦ, ମୁଁ ନିର୍ଦ୍ଦେଶକ, ମୁଁ ନିର୍ଦ୍ଦେଶନା ଦିଏ, ମାତ୍ର ଗୀତ ଗାଏନି । କେହି ତାଙ୍କ କଥା ଶୁଣିଲେନି ରାଣ ନିୟମ, ମୁଣ୍ଡଖାଅ, ଶେଷରେ ଛତରୀ ଶାଳୀ ପ୍ରମିଳା କହିଲା, "ତମ ନବ ବିବାହିତା ସ୍ତ୍ରୀ କାନ୍ତିଦେଈ ରାଣ - ହେଲା" । ମୂଷାବାବୁ କ'ଣବା କରିବେ, କହିଲେ ଠିକ୍ଅଛି ମୁଁ ଗୀତଗାଇବି, ଗୁରୁଜନ ମାନଙ୍କୁ ଚଞ୍ଚଳ ବିଦାକର,

Digitized by srujanika@gmail.com

ଆଉ ସମସ୍ତେ ମୋ ମୁଣ୍ଡରେ ହାତ ରଖି ଶପଥ କର, ଗୀତ ଶେଷ ନହେବା ଯାଏ, ଏଇଠି ସମସ୍ତେ ବସି ରହିବ, କେହି ଦୌଡ଼ି ପଳେଇବ ନାହିଁ, "ତିରିଶ, ଚାଳିଶିଟା କଅଁଳିଆ କଣ୍ଠରୁ ଏକାବେଳକେ ବାହାରି ପଡ଼ିଲା "ସତ୍ୟ, ସତ୍ୟ, ସତ୍ୟ, ତ୍ରିବାର ସତ୍ୟ" ।

ମୂଷାବାବୁ ଗୀତ ଆରମ୍ଭ କଲେ ଗଳାକୁ ଖଙ୍କାରି ।

ରସବତୀ ରସିକାରେ ରସରେ ପାଆନ୍ତା ଏ ରାତି,

କୁତାପରି ଦିବାରାତି, ଷଣ୍ଢ ପରି ଦିବାରାତି, ତୋ ପଛେ ଗୋଡ଼ାଉଥାନ୍ତି

ମୋ କର୍ମ ଖରାପ ସଖି ହେଲୁ ତୁହି ରଇବତୀ (ଧୋତି ଟେକି ମୁଣ୍ଡରେ ରଖି ଦିଶୁଥାଏ ଅଣ୍ଡର ଓୟାର) କୁକୁର ମୁହଁ କରି ଗୋଡ଼େଇଲେ । ଶାଳୀମାନେ ହସି ହସି ଗଡ଼ିଗଲେ, ମାଆଲୋ, ବାପଲୋ କହି ଛାତରୁ ସିଡ଼ିଦେଇ ତଳକୁ ଦୌଡ଼ିଲେ, ଗୋଟାଏ ଦିଟାଙ୍କର ସିଡ଼ିରୁ ଖସି ପଡ଼ି, ମୁଣ୍ଡ ବାଡ଼େଇ ହୋଇ ମୁଣ୍ଡରୁ ରକ୍ତ ବାହାରି ଚାଲିଥାଏ, ଜଣେ ଦୁଇଜଣଙ୍କର ଶାଢ଼ୀ ବ୍ଲାଉଜ, ବର ମୂଷା ବାବୁଙ୍କର ହାତରେ । ଖାଲି ଶୁଭୁଥାଏ ବାପଲୋ, ମାଆଲୋ, ମରିଗଲୁ କିଲି କିଲା ଶବ୍ଦ, ଜଣେ ଦୁଇଜଣ ଶାଳୀ କହୁଥାନ୍ତି ବଡ଼ ବେହିଆ ଏ ନାଟୁଆ ମୂଷା **"ଭିଣେଇଁଗା"** ।

ମୂଷା ଖାଇଲା ଭାଙ୍ଗ

ବାସର ରାତି, ମଧୁଶଯ୍ୟା, ଅତି ପବିତ୍ର ଏ ରାତି, ଉଚ୍ଛୃଙ୍ଖଳ ଚରିତ୍ରହୀନ ଯୁବ ସମାଜ ପାଇଁ ଏ ରାତିର ମୂଲ୍ୟ ନିରର୍ଥକ, କିନ୍ତୁ ଏହି ବାସର ରାତି ମୂଷା ଇଞ୍ଜିନିୟରଙ୍କ ପାଇଁ ଥିଲା ଏକ ଅବିସ୍ମରଣୀୟ ରାତି, ଏ ରାତିକୁ ଅପେକ୍ଷା କରି ସେ ଜୀବନର ବହୁ ପ୍ରଲୋଭନକୁ ଠେଲିଦେଇ ଅକ୍ଷତ ଅବସ୍ଥାରେ ଫେରି ଆସିଛନ୍ତି ।

ଶ୍ରୀମତୀ କାନ୍ତି ଲତାଙ୍କୁ ଧରି ମୂଷା ଇଂଞ୍ଜିନିୟର ପହଞ୍ଚିଲେ ଖପରାଖାଇ । ବୋହୂ ଆସିବାକୁ ସମସ୍ତେ ଆଗରୁ ପ୍ରସ୍ତୁତ ହୋଇ ବସିଥିଲେ, ଝିଆ, ନଣନ୍ଦ ମାନେ ଯଉ କଉଡି ଖେଳାଇଲେ, ଖଟରେ ବସିଲେ ଶ୍ରୀମତୀ, ଗାଁ ମାଇପେ ରୁଣ୍ଡ, ବୋହୂର ରୂପ ଚାରିଆଡେ ପ୍ରଚାର ହୋଇଗଲା, ସମସ୍ତେ କାମଦାମ ଛାଡି ଦଉଡିଲେ ଶୋଭାକରଣ ଘର ଖଞ୍ଜାକୁ । କହିଲେ, ଏମିତି ସୁନ୍ଦରୀ ଝିଅ ପୁଣି ଭଗବାନଙ୍କ ସୃଷ୍ଟିରେ ଥିଲା, ସାକ୍ଷାତ ଦେବୀ ପ୍ରତିମା ।

ବୋହୂର ରୂପ ଝଟକରେ ଘର ଆଲୋକିତ ହୋଇ ଉଠିଲା, କିଏ ଗୋଡତ କିଏ ହାତ ପାପୁଲି, କିଏ ମୁହଁ, କାନ, ଓଠ, ବାରମ୍ବାର ଦେଖିବାକୁ ଲାଗିଲେ, ବଡ ଭାଉଜମାନେ ଆନନ୍ଦରେ ନାଚି ଉଠିଲେ, ଏମିତିଆ ସୁନ୍ଦରୀଆ ବୋହୂ ଆମ ମୂଷାଛୁଆ ଭାଗ୍ୟରେ ଥିଲା ।

ମା ପାର୍ବତୀ ଦେବୀ ବୋହୂକୁ କୋଳରେ ବସେଇ କହିଲେ "ମୁଁ ଏମିତି ତୋତେ କୋଳରେ ବସେଇ ହସି ହସି ଚାଲିଯାଏ ଲୋ ମାଆ, ମୋ ମୂଷାଛୁଆଟା ଗୋଟେ ପାଗଳ, ତାକୁ ହାଡ଼େ ହାଡ଼େ ଜଗିଥିବୁ" ।

କୁନି ଅପା, ପେଟରାରୁ ବହୁ ପୁରୁଣା ମଠା ଶାଢ଼ୀ ଟିଏ ପିନ୍ଧି ଲଣ୍ଠନ ଟିଏ ହାତରେ ଧରି ପାଟିକରି ଆସିଲା, "ଆଲୋ ହେ ଉଠ, ଉଠ, ବାଟଛାଡ ତୁମେ ସବୁ କେତେବେଳୁ ଦେଖିଲଣି ମୁଁ ଟିକିଏ ପେଟ ପୁରାଇ ଦେଖେ", ଆଲୋ ଏ ଚନ୍ଦ୍ର ଉଦିଆ କେଉଁଠି ଥିଲା ଲୋ ମା, ଆମ ଘର ଆମ ଗାଁ ଆଲୁଅ କରି ଦେଲା, ତୁମେ ଯାହା କୁହ ଖୁଡି, ତୁମ ମୂଷାଛୁଆ କଜଳପାତି କମଟିଏ ନୁହେଁ । ବାଛି ବାଛି ଲକ୍ଷ୍ମୀ ପ୍ରତିମା ପରି ଝିଅଟିଏ ଘରକୁ ବୋହୂ କରି ଆଣିଲା । ତୁମ ଚାରି ବୋହୂଙ୍କ ଭିତରେ ଏ ଓରାଳିଆଣି ସମସ୍ତଙ୍କୁ ଚପିଗଲା । ଅତୁଲଭାଇ, ବାରମ୍ବାର ଭାଇବୋହୂଙ୍କୁ କଣେଇଁ କଣେଇଁ ଦେଖୁଥାନ୍ତି, କହିଲେ,

Digitized by srujanika@gmail.com

''ବୁଝିଲୁ କୁନି ଅପା, ସିଲେକ୍‌ସନ କାହାର, ସେ ଦିନ ପେଣ୍ଡାଲ ଉପରେ ମା ଦୂର୍ଗା ଙ୍କ ଭୈରବୀ ମୂର୍ତ୍ତି ଯେମିତି ଦେଖି ଦେଲି, ଭାବିଲି ଠିକ୍ ଏମିତି ରୂପଗୁଣ ସମ୍ପର୍ଣ୍ଣା ବଳିଷ୍ଠ ଚରିତ୍ରର ବୋହୂଟିଏ ଆମର ଦରକାର'' ।

ହୀରାକୁଦ ଚାକିରିରୁ ପଇସା ପାଇ, ଆଠ ବଖରା କୋଠା ଓ ଟିଣ ଘର ତିଆରି କରିଥାନ୍ତି ମୂଷା ବାବୁ । ସେଇଠି ହେଲା ଚଉଠି ରାତିର ଭୋଜି, ବହୁ ବନ୍ଧୁ ବାନ୍ଧବଙ୍କ ସମାବେଶ । ଅମଲା ପତାରୁ ସମସ୍ତ ଅଫିସର, ପାଖ ଗାଁ ମାନଙ୍କରୁ ସମସ୍ତ ଜଣାଶୁଣା ମୁଖିଆ, ଅତିଥି ମାନଙ୍କଭିତରେ ମୁଖ୍ୟ ହେଲେ ଆନନ୍ଦ ପୁରର ମୁକ୍ତିଆର, ଗୋକୂଳ ପଟ୍ଟନାୟକଙ୍କ ସମସ୍ତ କୁଟୁମ୍ବ ।

ଶିକ୍ଷପତୀ ବଂଶୀଧର ପଟ୍ଟନାୟକ

କେନ୍ଦୁଝର ରେ ଥିବା ଶିକ୍ଷପତି ବଂଶୀଧର ପଟ୍ଟନାୟକଙ୍କର ସମସ୍ତ ପରିବାର ବର୍ଗ ଓ ଶ୍ୱଶୁର ଘର ଓରାଳୀର ଛୁଆପିଲା ସମସ୍ତେ ।

ଏ ବିବାହ ପରେ ବଂଶୀଧରବାବୁ ମୂଷାବାବୁଙ୍କର ହୋଇଗଲେ ମାମୁଁ, ଆଗରୁଥିଲେ ସେ ମୂଷାବାବୁଙ୍କର ବଡବାପା ପୁଅ ଭାଇ । ବଂଶୀବାବୁଙ୍କର ଭଉଣୀ କନକ ମଞ୍ଜରୀ ଗୋକୂଳିବାବୁଙ୍କ ବଡ ପୁଅ ବ୍ରଜବାବୁଙ୍କୁ ବିବାହ କରିଥିଲେ ।

କନ ମାଇଁ ଭାରି ସ୍ନେହି, ପାଖରେ ନିର (ମୂଷା) କୁ ବସାଇ କହିଲେ, ''ଛୁଆଦିନୁ ତୋତେ ଜାଣିଥିଲିରେ ନିର (ମୂଷା), ଶେଷରେ ତୁ ମୋର ଭାଣଜୀ ଯୋଇଁ ହେଲୁ । ବହୁ ଆଡମ୍ବରରେ ଭୋଜି ଭାତ ଚାଲିଥାଏ, ଲୋକେ ଖାଉଥାନ୍ତି, ଯାଉଥାନ୍ତି, ରାତିବାରଟା ସୁଦ୍ଧା ଭିଡ କମି ଆସିଲା । ସୋହନଲାଲ ବାବୁଙ୍କର ସେହି ବିହାରୀ ଡ୍ରାଇଭର କେଉଁଠି ପାଇଲା କେଜାଣି ଭାଂଗ ମେଞ୍ଚାଏ ଛେନା, ଚିନି

କନକ ମଞ୍ଜରୀ
(ବଂଶୀଧର ବାବୁଙ୍କ ଭଉଣୀ ଓ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ମା)

Digitized by srujanika@gmail.com

ଦୁଦୁରାମଞ୍ଜି ଦେଇ ବଢ଼ିଆ ଭାଂଗପଣା କଲା । ସମସ୍ତେ ଟିକିଏ ଟିକିଏ ପିଇଲେ । ମୂଷାବାବୁ ଯାଆନ୍ତି କୁଆଡେ ଭାଂଗ ନିଶା ଏମିତି ଧରିଲା ଯେ, ପ୍ରଳାପ କରି ଚାଲିଲେ । ହସ କାହ ଡ୍ରାମାରେ ଘଣ୍ଟା ଘଣ୍ଟା ବିତିଗଲା, ତାପରେ ବାନ୍ତି, ବହୁ କଷ୍ଟରେ ଭାଉଜମାନେ ମଧୁଶଯ୍ୟା ଘରେ କବାଟ କିଳି ବୋହୂକୁ ଛାଡିଦେଲେ । ନିଶା ବଢ଼ିଲା ପଛେ କମିଲା ନାହିଁ । ବାସର ଦ୍ୱୀପ ଜଳୁଛି, ହୋମ ନଡିଆ ପଡିଛି, ଚେତାଶୂନ୍ୟ ହୋଇ ବିଛଣାରେ ପଡିରହିଲା ମୂଷାଛୁଆ । ଶ୍ରୀମତୀ କାନ୍ତି ଦେବୀ ସ୍ୱାମୀ ଦେବତାଙ୍କ ପାଦରେ ମୁଣ୍ଡ ରଖି ଶୋଇଗଲେ । ଠିକ୍ ସେତିକିବେଳେ ଛେଳି ଛୁଆଟି ଦୁଇଜଣଙ୍କର ମଝିରେ ଆସି ଶୋଇ ଗଲା । ସକାଳୁ ଭାଉଜମାନେ କାନ୍ତି ଦେବୀଙ୍କୁ ନେଇ ଗଲେ ଗାଧୋଇବା ପାଇଁ । ବାସର ରାତି ପରେ, ତିନି ଚାରି ଦିନ ପାଇଁ କାହାରିକୁ ଦେଖା ଦେବେ ନାହିଁ ସେ, ହେବେ ''ବିଷକନ୍ୟା'' । ସକାଳେ, ମୂଷାବାବୁ ଚଉଠି କୁଣିଆ ପୁଥୁଲ୍ (ନିରଞ୍ଜନ) ଏବେର ବଳିଷ୍ଠ କଂଗ୍ରେସ ନେତା, ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କୁ ଛାଡିବାକୁ ଗଲେ । ପୁଥୁଲ କାନ୍ତିଲତା ଠାରୁ ଦୁଇବର୍ଷ ସାନ । ଦେଖିବାକୁ ଭାରି ସୁନ୍ଦର ଗୋରା ତକତକ । ବୋହୂ ବେଶ କରି ଦେଲେ ତା ଦେଇ କୁ ବି, ଟପି ଯିବ । କାନ୍ତି ଦେଇକୁ ଭାରିଭଲ ପାଏ । କାରଣ ଓରାଳୀବଂଶରେ କାନ୍ତି ଦେଇଥିଲା ସବୁଠୁ ସୁନ୍ଦରୀ । ଅବଶ୍ୟ, ତା ନିଜ ଭଉଣୀ ଯୋର୍ତିମୟୀ ଠାରୁ କମ୍, ବୁଢ଼ି ଅପା ଥିଲା କେନ୍ଦୁଝରର ଅପସରା ।

ଡଙ୍ଗାଘାଟରେ ମୂଷାବାବୁ ପଚାରିଲେ, ''ପୁଥୁଲ୍ ଭୋଜି କେମିତି ଲାଗିଲା'' ? ଉତ୍ତର ଦେଲା ପୁଥୁଲ୍, ''ଖୁବ୍ ଭଲ, କିନ୍ତୁ ମୋ ମନ ବହୁତ ଦୁଃଖ, କାନ୍ତି ଦେଇ ଯେଉଁ ମଧୁଶଯ୍ୟା ଖଟରେ ଶୋଇଥିଲା, ସେ ଖଟତଳେ ଗୋଟାଏ ଛେଳି'', ହସି ହସି ଗଡ଼ିଗଲେ ଭିଣେଇଁ ସାହେବ, କହିଲେ, ''ତୁ ଜାଣିନୁରେ ପୁଥୁଲ୍, ସେହି ଛେଳି କ୍ଷୀର ପିଇ, ମୁଁ ମୂଷାଛୁଆ ଆଜି ବଡ଼ ହୋଇ ଇଞ୍ଜିନିୟର ହୋଇଛି'' । ସେତେବେଳକୁ ଡଙ୍ଗା ଅଧା ନଈକୁ ପହଞ୍ଚିଗଲାଣି, ପଛକୁ ବୁଲି ଚାହିଁ ଦେଖିଲା ବେଳକୁ ହୀରାକୁଦ ବନ୍ଧର ଜିପ୍ ଠିଆହୋଇଛି । ତା ପାଖରେ ତାଙ୍କର ଓ୍ୱାର୍କ ସରକାର, ନିର୍ବାହି ଯନ୍ତ୍ରୀଙ୍କର ଜରୁରୀ ଚିଠି । କପୂର ଓ୍ୱାମ ଭାଂଗିଗଲା, ଚଂଚଳ ଆସ । ବିଷକନ୍ୟାକୁ ନ ଦେଖି, ସାଂଗେ ସାଂଗେ ହୀରାକୁଦକୁ, ବାହାରି ପଡିଲେ କର୍ତ୍ତବ୍ୟ ନିଷ୍ଠ ଇଞ୍ଜିନିୟର, ମୂଷା ପଟ୍ଟନାୟକ ।

•••

Digitized by srujanika@gmail.com

ଗୁଜାତଳରେ ଥିବା ସବୁ ଆର୍ଥଡ଼ାମ ସୁପର ଭାଇଜରଙ୍କର ମନ ବହୁତ ଦୁଃଖ । ଦିନରାତି କାମ କରି ଟିକିଏ ବେଳ ପାଆନ୍ତିନି, ଅଷ୍ଟମଙ୍ଗଳା ନପୁରୁଣୁ ନବ ବିବାହିତା ସ୍ତ୍ରୀ ଙ୍କୁ ଛାଡି ଚାଲି ଆସିଲେ ମୃଷାବାବୁ, କଫର ଡ୍ୟାମ ଭାଂଗିବ ଏଥିପାଇଁ କ'ଣ ସୁପର ଭାଇଜର ଦାୟୀ, ହଠାତ୍ ବେଶି ବର୍ଷାହେଲା, ବଢ଼ିଆସିଲେ, କଫର ଡ୍ୟାମ ତ ଭାଙ୍ଗିଯିବ, କଫର ଡ୍ୟାମ ପାଖରେ ଥିବା ମେସିନାରିକୁ ସିପ୍‌ଟି କରିବା ଦାୟିତ୍ୱ ମେକାନିକାଲ ଡିଭିଜନର ।

ମୃଷାବାବୁଙ୍କର ଯୁକ୍ତିଯୁକ୍ତ କୈଫୟତ, ଏସ୍.ଡି.ଓ. ଏବଂ ନିର୍ବାହି ଯନ୍ତ୍ରୀ ଭୁବନେଶ୍ବର ବେହେରାଙ୍କ ରେକମେଣ୍ଡେସନ ଉପରେ ଦୋଷମୁକ୍ତ ହେଲେ ମୃଷାବାବୁ, ଚାରିବର୍ଷ କାଳ ସି.ଏଲ୍., ଇଏଲ୍. ନନେଇ ଏତେ ଡିଉଟି ବାଉଣ୍ଡ ଯେ, ଅନବରତ କାମ କରି, ବିବାହ ପରେ ବାସର ରାତିକୁ ଉପେକ୍ଷା କରି, ଅଫିସରଙ୍କ ଆଦେଶ ମାନି କାମରେ ଯୋଗ ଦେଲେ ।

ଉଣେଇଶ ପଞ୍ଚାବନ ମସିହାରେ, ଓଡିଶାରେ ପ୍ରଳୟଙ୍କାରୀ ବନ୍ୟା, ଦଳାଇଘାଇ ଭାଂଗିଗଲା, କୋଟି, କୋଟି ଟଙ୍କାର ଧନ ଜୀବନ ସଂପତି ବାଡି ନଷ୍ଟ ହୋଇଗଲା, ଏ ସମସ୍ତ କ୍ଷତିକୁ ପୂରଣ କରିବା ସରକାର ପକ୍ଷରେ ଅସାଧ୍ୟ ହୋଇ ପଡିଥିଲା । ଏହି ଉଣେଇଶ ପଞ୍ଚାବନ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ, ବାପାଙ୍କ ଆସିବାକୁ ଅପେକ୍ଷା କରିଥିଲା ପୁଅ, ଚଉଦ ତାରିଖ ରାତି ଦଶଟା ବେଳେ ମୃଷାବାବୁ ପହଞ୍ଚିଗଲେ ସୁନ୍ଦର ଗଡରେ, ସେଇଠି ଥାନ୍ତି ତାଙ୍କ ଶଶୁର, ଗୋପାଳ ପଟ୍ଟନାୟକ ଏକ୍‌ସାଇଜ୍ ସୁପରିଟେଣ୍ଡେଟ, ତେର ଜଣ ସୁପରିଟେଣ୍ଡେଟଙ୍କ ଭିତରେ ସେ ଥିଲେ ବ୍ୟତିକ୍ରମ, ସ୍ନେହି ମିଷ୍ଟଭାଷି, କର୍ମନିଷ୍ଠ, ତଳ ଅଫିସର, ଷ୍ଟାପମାନେ ବହୁତ ଖୁସି, ସବୁଠାରୁ ବେଶିଖୁସି ଉପର ହାକିମ ମାନେ ଓ ଭେଣ୍ଡର ମାନେ, ତାଙ୍କୁ ଦେବତା ଭାବି ପୂଜା କରନ୍ତି ।

ପନ୍ଦର ତାରିଖ ଦିନ ସକାଳ ସାତଟା ବେଳେ ଶଳା ଧୀରେନ, ବରେନ, ବିଧାନ ଓ ଅରୁଣ, ପାଟିକରି କହିଲେ, ''ପୁଅ, ପୁଅ, ପୁଅ, ମିଠାଦିଅ ମୃଷାଭାଇ'' ।

ମୃଷାବାବୁଙ୍କର ହୀରାକୁଦ ଡ୍ୟାମରୁ ଭିନ୍ନ ଭିନ୍ନ ଜାଗାକୁ ବଦଳି ହେଲା, ସେ କିଛିଦିନ ପାଇଁ ପୋଷ୍ଟିଙ୍ଗ ହୋଇଥିଲେ ବିଲ୍‌ଡିଂଗ ଡିଭିଜନରେ, ଏସ୍.ଡି.ଓ. ଥାନ୍ତି । ମିଲିଟାରୀ ଫେରନ୍ତା ପଞ୍ଜାବୀ ଇଂଜିନିୟର ଜି.ଏସ୍.ବଜାଜ୍, ମୁଣ୍ଡରେ ବିରାଟ ପଗଡି, କଳାଧଳା ଦାଢ଼ି, ଛଅଫୁଟ ଉଚ୍ଚା ଚେହେରା, ହସି ହସି କହନ୍ତି, କ'ଣ ମୃଷାବାବୁ, ଶ୍ରୀମତୀଙ୍କୁ ଦେଖିବାକୁ

Digitized by srujanika@gmail.com

ସୁନ୍ଦରଗଡ ଯିବେନି, ମୃଷାବାବୁ ବି ଓବିଡିଏଣ୍ଟ, କାନ ଆଉଁସି, ଆଉଁସି କହନ୍ତି, ଗୋଟାଏ ଦିନ ଛୁଟି ମିଳିଲେ ଯାଆନ୍ତି ସାର, ଛୁଟିମିଳେ, ଦିନେ ନୁହେଁ, ଦୁଇତିନି ଦିନ। ଆସିଲାବେଳେ ସାହେବଙ୍କ ପାଇଁ ଫରେନ ଡ୍ରିଙ୍କ, ଦାମିକା, ବହୁ କିସମର ଆଣନ୍ତି ଶଶୁରଙ୍କ ପାଖରୁ, ସାହେବ ବହୁତ ଖୁସି ।

ପ୍ରତି ପନ୍ଦର ଦିନରେ, ଚାରି ପାଞ୍ଚଦିନଛୁଟି ମିଳେ, ଶ୍ରୀମତୀଙ୍କୁ ଦେଖିବାକୁ ତାଙ୍କର ଦୟାରୁ, ବଜାଜ ସାହେବ, ବଡ ମଜାଦାର ଲୋକ, ମଦପିଇ ଗର୍ଭଭିତରେ ପଡିଥିବେ, ମୃଷାବାବୁ ତାଙ୍କୁ ଗର୍ତ୍ତରୁ ଉଠାଇ କହନ୍ତି, ''ସାହେବ ଆପ ଗିର୍‌ଗିଆ'', ବଜାଜ ସାହେବ କହନ୍ତି, ''ଶାଲା କୌନ ବୋଲତାହେ, ମେ ପିଆ, ମେଁ ନେହିଁ ପିଆ, ତୁମ ପିଆ, - ଶାଲା ଭାଗ୍'' । ହାମ୍ ନାହିଁ ଗିର-ତୁମ୍ ଗିରା ।

ତାପରେ ମୃଷାବାବୁଙ୍କର ବଦଳିହେଲା ରାଇଟ୍ ଡାଇକ୍, ଡେଲିଗେଟଘର ଛାଡି ରହିଲେ, ଏଫ୍୨୮/୬, ଜାମଡା କଲୋନିରେ, ସେଠି ପରିଚୟ ହେଲା କେରଳ ଇଂଞ୍ଜିନିୟର କେ.ପି.ରମଣ ପିଲାଇଙ୍କ ସହ, ଅତି ବୁଦ୍ଧିଆ ପିଲା, ସିଭିଲଓ ମେକାନିକାଲ ଦୁଇଟା ଯାକ ପାଶ କରିଥାନ୍ତି, ମୃଷାବାବୁଙ୍କୁ ଡାକନ୍ତି ଭାଇ , କାନ୍ତି ଦେବୀଙ୍କୁ ଡାକନ୍ତି 'ଭାବିଜୀ', ଘର ଟାଙ୍ଗେନେଶ୍ୱରୀ, ତ୍ରିଭେଲ୍ଲା ଜିଲ୍ଲା, ନାନା ପରମପିଲୁ ହାଉସ, ଅଫିସ କାମ ପରେ ଅନ୍ୟସମୟତକ କଟାଇ ଦିଅନ୍ତି ମୃଷାବାବୁଙ୍କ ସାଂଗରେ, ଦୀପକର ପ୍ରଥମ ବର୍ଷ ଜନ୍ମଠାରୁ ହୀରାକୁଦରେ ଥିବା ଯାଏଁ ସେ ଦୀପୁର ଅତି ପ୍ରିୟ ଦାଦା, ବରଗଡରେ ଥିବା ବେଳେ ସେ ବରଗଡ ଯାଆନ୍ତି, ଏପରିକି ମୁଣ୍ଡଳି ବଦଳି ହେଲା ପରେ ସେ ବହୁବାର ଆସିଛନ୍ତି ମୁଣ୍ଡଳି, ଇଞ୍ଜିନିୟର ୰ମୁକୁନ୍ଦ ମହାପାତ୍ର (ଇ.ଆଇ.ସି) ଥିଲେ ତାଙ୍କର କ୍ଲାସମେଣ୍ଟ, ସେ ଭିଲାଇ କାରଖାନାର ମୁଖ୍ୟଯନ୍ତ୍ରୀ ଓ ଜି.ଏମ୍. ହୋଇ ଅବସର ନେଲେ ।

ପ୍ରଥମ ଚାକିରିରେ ଯୋଗଦେଇ ଉପେନ୍ଦ୍ର ମହାନ୍ତି, ସଚ୍ଚିକାନ୍ତ ମହାପାତ୍ର, ଗୋପିରଥ ଭେରି ଫିକେସନ ପାର୍ଟିରେ ଥାଇ ମୃଷାବାବୁଙ୍କର ଷ୍ଟୋର ଭେରି ଫିକେସନ କରୁଥିଲେ । ସେମାନେ ସମସ୍ତେଥିଲେ ମୃଷାବାବୁଙ୍କର ପ୍ରିୟ ବନ୍ଧୁ, ମୃଷାବାବୁଙ୍କ କ୍ୱାଟରରେ ସବୁବେଳେ ଭୋଜିଭାତ ଓ ଆନନ୍ଦରେ କଟିଯାଉଥିଲା । ଉପେନ୍ଦ୍ରବାବୁ ଓ ସଚିବାବୁଙ୍କର ବାହାଘରକୁ ମୃଷାବାବୁ, କାନ୍ତିଦେବୀ ଯାଇଥିଲେ, ଦୀପୁ ସବୁବେଳେ ସେମାନଙ୍କୁ ଡାକେ କୁନିଦାଦା ।

ବରଗଡ କଲୋନିକୁ ମୃଷାବାବୁଙ୍କର ବଦଳି ହୋଇଗଲା, ରମେଶ ଭାଇଙ୍କ ଦୟାରୁ ଓ ଡଃ. ସୁବଳବାବୁଙ୍କୁ କହି କମ୍ପାଉଣ୍ଡର କ୍ୱାଟର ରେ ରହିଲେ ମୃଷାବାବୁ। ବରଗଡରେ ସେତେବେଳେ ଥିଲେ, ଜନାର୍ଦ୍ଦନ ତ୍ରିପାଠୀ ସୁରେଶ ତ୍ରିପାଠୀ । ପି.ଆର.ସି.ପାତ୍ର, ଏସ୍.ଏନ୍.ମିଶ୍ର, ପାପାରାଓ ଓ ପି.କେ.ଆଚାର୍ଯ୍ୟ ସାର୍ । ସବୁ ଇଂଞ୍ଜିନିୟରଙ୍କ ମାଡାମ ମାନେ

Digitized by srujanika@gmail.com

କାନ୍ତିଦେବୀଙ୍କୁ ସାନ ଭଉଣୀ ପରି ଭଲ ପାଆନ୍ତି । ଘରେ ଡାକି ଖୁଆନ୍ତି, ସାଂଗରେ ଧରି ସିନେମା ଯାଆନ୍ତି । ଆଚାର୍ଯ୍ୟ ସାରଙ୍କ ପୁଅ, ସୁବ୍ରତ ଆଚାର୍ଯ୍ୟ ଦିଲ୍ଲିରେ ବଡ ଡାକ୍ତର । ମୃଷାବାବୁଙ୍କର ବଡ ଯୋଇଁ ସଂଗ୍ରାମଙ୍କର ଅତି ଘନିଷ୍ଠ ବନ୍ଧୁ । ଛୁଆ ଦିନେ କାନ୍ତି ଦେବୀ ସୁବ୍ରତକୁ ବହୁତ କାଖେଇଛନ୍ତି । ସାଂଗରେ ଧରି ସିନେମା ଯାଇଛନ୍ତି ।

ଝାମଡାରେ ଚିହ୍ନା ହୁଏ ଉପେନ୍ଦ୍ର ମୋହନ ପାଢ଼ୀଙ୍କ ସହ, ସେ ଥିଲେ ମେକାନିକାଲ ଇଂଜିନିୟର, ତାପରେ ମୁଣ୍ଡଳୀରେ ସାଂଗହୋଇ ପାଖ, ପାଖ କ୍ୱାର୍ଟରରେ ରହିଲେ, ଉପେନ୍ଦ୍ର ମୋହନ ଆଉ ମୃଷାବାବୁ ହେଲେ ଦୁଇ ସଂଗାତ, ଦୀପୁ- ଡିଉକ୍, ମେଘି, ମେରୀ, ଉଭୟଙ୍କ ପୁଅ ଝିଅ, ସଂଗାତ ବୋଲି ଡକାଡକି ହେଲେ, ଏପରିକି ଘରର କୁକୁର, ବିଲେଇବି ସଂଗାତ ହୋଇଗଲେ । ଦୁଇ ସଂଗାତ ଗାଡିରେ ନୂଆ ନୂଆ ତୀର୍ଥ ଜାଗା ପରିଦର୍ଶନ କଲେ । ଏ.ବି.ଜେନା (ଏବେକାର ଅବସର ପ୍ରାପ୍ତ ମୁଖ୍ୟଯନ୍ତ୍ରୀ) ପ୍ରଥମ ଚାକିରିରେ ଜଏନ କଲାଦିନ ମୃଷାବାବୁଙ୍କର ଘରେ ଗୁଜାତଳେ ରହିଥିଲେ, ସେ ଥିଲେ ମୃଷାବାବୁଙ୍କର ଅତି ଗୁଣ ଗ୍ରାହୀ ବନ୍ଧୁ ।

ହୀରାକୁଦରେ, ବରଗଡରେ, ବହୁ ନାଟକ ମଞ୍ଚସ୍ଥ କରି ବହୁତ ଲୋକପ୍ରିୟ ହୋଇ ଉଠିଲେ ମୃଷାବାବୁ । ତାଙ୍କରି ଚେଷ୍ଟାରେ ବରଗଡ କଲୋନିରେ ହେଲା କ୍ଲବଘର ଓ ଡ୍ରାମାପେଣ୍ଡାଲ । ମୃଷାବାବୁଥିଲେ ପ୍ରତ୍ୟେକ ନାଟକରେ ହିରୋ ଓ ନିର୍ଦ୍ଦେଶକ, ସେତେବେଳେ କଟକରୁ ଆସୁଥିଲେ ମଞ୍ଚ ଅଭିନେତ୍ରି ଗ୍ଲୋରିଆ ରାଉତ, ଅନୀମା ପେଦିନି, ବନୋଜା ମହାନ୍ତି ଓ ରୀତା ପାଲିତ ।

ବରଗଡରେ ଥିଲାବେଳେ ମୃଷାବାବୁଙ୍କର ଅତିପ୍ରିୟ ହୋଇ ଉଠିଲେ, ଇଂଜିନିୟର ମମତାଜ ଅଲ୍ଲି, ଦତ୍ତା ଓ ହୀରା ଆକୁଇଡକ୍ଟ ଚାର୍ଜରେ ଉଭୟେ, ଘରୁମିଲ୍ ଆସେ, ଦୁଇଜଣଯାକ ସାଙ୍ଗରେ ଖାଆନ୍ତି, ଗୋଟେ ଖଟରେ ରେଷ୍ଟ ନିଅନ୍ତି । ବରଗଡରେ ପ୍ରଥମ ଦେଖାହୁଏ ଶାନ୍ତ, ଶିଷ୍ଟ ଅତି କମ୍ କଥା କହୁଥିବା ସ୍ମାର୍ଟ, ଜିଓଲୋଜିଷ୍ଟ ବି.କେ. ମହାନ୍ତିଙ୍କ ସହ, ସେ ଆଉ ଅନେକ ଅଫିସର, ସେମାନେ ମୃଷାବାବୁଙ୍କ ବସାରେ ଗାଡିରଖି ସର୍ଭେକରି ବାକୁ ଯାଆନ୍ତି । ମୃଷାବାବୁ ବୁଝିଲେ ସେମାନେ ମାଇନିଂ ଡିପାର୍ଟ ମେଣ୍ଟର ଲୋକ, କାନ୍ତିଦେବୀ, ବି.କେ.ମହାନ୍ତିଙ୍କୁ ଟୁନୁ ଭାଇ, ଟୁନୁଭାଇ, ଡାକି ପାଣି ପିଅନ୍ତିନି । ବହୁ ରକମର ସୁଖାଦ୍ୟ ଖାଇବାକୁ ଦେଇ ଆପ୍ୟାୟିତ କରନ୍ତି । ତାଙ୍କର ସର୍ଭେ କାମ ଚାଲୁ ରହିଲା, ବାରମ୍ବାର ସେମାନେ ଆସିଲେ ବରଗଡ, ଟୁନୁଭାଇ କାନ୍ତିଦେବୀଙ୍କ ସହିତ ଅତି ଭଦ୍ରରେ ଗେହ୍ଲା ହୁଅନ୍ତି । ଦିନେ ମୃଷାବାବୁ ଅତି ଗମ୍ଭିର ହୋଇ କାନ୍ତିଦେବୀଙ୍କୁ କହିଲେ, ଏ ଟୁନୁ ଭାଇଟି ତୁମର କିଏ, ସିନେମା ଛବିରେ ନାୟିକାର ଅତୀତ ର ବୟ ଫ୍ରେଣ୍ଡ ପରି ମନେ ହେଉଛନ୍ତି, କାନ୍ତିଦେବୀ ପାଟି କରି କହିଲେ, ସମସ୍ତେ ତୁମ ପରି ନୁହଁନ୍ତି, ବାହାହେବା

Digitized by srujanika@gmail.com

ଆଗରୁ ଓଡିଆ, ବଂଗାଳୀ, ମୁସଲମାନ, ଆଦିବାସୀ କେତେ ଝିଅକୁ ପ୍ରେମ କରିଥିଲ, ତୁମ ନିଜ ଗୁଣ ପରା ନିଜେ ମୋତେ କହିଥିଲ, ମୃଷାବାବୁ ହସି ହସି କହିଲେ ହଉ ହେଲା, ମୁଁ ମୋ ଚରିତ୍ର ବିଷୟରେ, ବାହାଘର ପରେ ମୋ ପ୍ରିୟତମାକୁ ସବୁ କହିଥିଲି, ହେଲେ ମୋ ପ୍ରିୟତମା ବଡ ଚାଲାକ୍, କିଛି କହିନଥିଲେ ଏବେ ଜଣା ପଡିଗଲା । କ'ଣ ଜଣାପଡିଗଲା ବୋଲି କହି ଛୋଟ ଛୁଆଙ୍କ ପରି କଇଁ କଇଁ କାନ୍ଦି ଉଠିଲେ ଶ୍ରୀମତୀ, ସେ ପରା ମୋ ଟୁନୁ ଭାଇ, ବଡ ଭିଣେଇଁ ନିରଞ୍ଜନ ଦାସଙ୍କ ମାମୁଁ ପୁଅ ଭାଇ, ଏତେଭଲ ଲୋକଯେ, ବାପା, ସବୁବେଳେ ଅନେଇ ବସିଛନ୍ତି କେମିତି ତାକୁ ମୋ ବଡ ଭଉଣୀ ଶାନ୍ତିଅପା ସହ ବାହା କରେଇବେ, ସେ ପରା ଅଳ୍ପଦିନ ପରେ ହେବେ ମୋ ବଡ଼ ଭିଣେଇଁ, ମୃଷାବାବୁ ହସି ହସି କହିଲେ, ସେ କଥା ଆଗରୁ କହୁନ, ମୋ ଭାବି ବଡ ସଢୁ ବିଷୟରେ ଖରାପକଥା କହିବା ଅନ୍ୟାୟ, ସେ ମୋର ମାନ୍ୟସ୍ପଦ, ଗୁରୁଜନ । ସତକୁ ସତ ସେଇ ପତଳା, ଧୂତୁଧୂତିଆ, ଶ୍ୟାମଳ ବର୍ଣ୍ଣର ମଣିଷଟ୍ଟ ଥିବା ଯୁବକଟି ମୃଷାବାବୁଙ୍କର ବେଢ଼ଶାଳୀ ଶାନ୍ତିଦେବୀଙ୍କୁ ବିବାହ କରି ଅତି ପବିତ୍ର ଭାବରେ ଘର ସଂସାର ଓ ଚାକିରି କରି ଓଡିଶାର ଶ୍ରେଷ୍ଠ ମାଇନିଂ ଡାଇରେକ୍ଟର ରୂପେ ଅବସର ନେଲେ । ଏତେ ସଚ୍ଚୋଟ ଅଫିସର ଥିଲେ ଯେ, ଅବସର ପରେ ମଧ ମାଇନିଂ ଡିପାର୍ଟ ମେଣ୍ଟର ସାମୟିକ ପରାମର୍ଶ ଦାତା ହିସାବରେ ରହିଲେ, ସେ ମୃଷାବାବୁଙ୍କର ପ୍ରଥମ ଚାକିରିରୁ, ଅବସର ନେଲା ଯାଏଁ ହସ, କାନ୍ଦ, ଦୁଃଖ ଭରା ସଂସାର ସହିତ ଓତପ୍ରୋତଭାବେ ଜଡିତ ଥିଲେ, ସେ ନିଜ ଛୁଆ ମାନଙ୍କଠାରୁ ମୃଷାବାବୁଙ୍କର ଛୁଆକୁ ବେଶିଭଲ ପା'ନ୍ତି । ମୃଷାବାବୁଙ୍କ ଦୁଃଖରେ ବହୁତ ଦୁଃଖୀ, ଦୀପୁ, ତାଙ୍କ ନିଜପୁଅଠାରୁ ଆହୁରି ପ୍ରିୟ, ଇଲା, ଶଶି, କୁ ଘଣ୍ଟା ଘଣ୍ଟା ପାଖରେ ବସାଇ ଦେଖନ୍ତି । ତାଙ୍କରି ଚେଷ୍ଟାରୁ ଦୀପୁ ଫୀକ୍‌ରରେ ଚାକିରି କରିଥିଲା, ତାଙ୍କ ବଡପୁଅ ରାଜ, ଦିଲ୍ଲିରେ ଚାକିରିକରେ । ସାନ ପୁଅ ଅଛି ଯୋଡାରେ, ଦୁଇ ଝିଅ ବିବାହିତ ଆଉ ବେଢ଼ ଶାଶୁ ଶ୍ରୀମତୀ ଶାନ୍ତିଦେବୀ ସବୁବେଳେ ରାମପରାୟଣ ରେ ବ୍ୟସ୍ତ, ଘରେ ଟୁନୁଭାଇ ଏକୁଟିଆ, ଘର ଜଗି ବସିଥାନ୍ତି, ସକାଳେ ସଂଜରେ ଯେତେବେଳେ ବେଳ ପାଆନ୍ତି, ଚାଲି ଚାଲି ବା ସାଇକେଲରେ ଦଉଡି ଆସନ୍ତି ଦୁଃଖି ପ୍ରିୟ ସଢୁ ଓ ଶାଳୀ କାନ୍ତିଲତାଙ୍କ ପାଖକୁ, କହନ୍ତି, "ଦୁଃଖ କରନା, ଗୋଡ ନିଶ୍ଚୟ ଭଲ ହୋଇଯିବ, ଦିନେ ଦେଖା ହେଲା ବଡ ସଢୁ ନିରଞ୍ଜନ ଦାସଙ୍କ ସହ ବୁର୍ଲା ରେ । ସେ ଡୁଡୁମାରୁ ବୁର୍ଲା ବଦଳି ହୋଇଥାନ୍ତି । ବିବାହ ପରେ ମୃଷାବାବୁଙ୍କ ସହ ତାଙ୍କର ପ୍ରଥମ ଦେଖା, ସେ ଅତି ସ୍ନେହି ଭଦ୍ରଲୋକ ଲତି ଅପା ଓ ନିରଞ୍ଜନ ଭାଇଙ୍କ ସ୍ନେହ ବର୍ଣ୍ଣନା କରି ହେବ ନାହିଁ, ନିରଞ୍ଜନ ଭାଇ ହସି ହସି କହିଲେ, "ତୁମେ ଜିତାପଟ ମାରିନେଲ ମୃଷା, ମୁଁ ଆଗବାହା ହେଲି, ଲତି ଘରର ବଡ ଝିଅ, ତୁମେ ପରେ ବାହାହେଲ, ଆଗ ପୁଅର ବାପା ହେଲ, ପଟ୍ଟନାୟକ ବଂଶରେ ତୁମେ ହୋଇଗଲ ଶ୍ରେଷ୍ଠ ଯୋଇଁ, ତୁମର ଗୌରବ ବଢ଼ି ଉଠିଲା, ଦୀପୁ ହେଲା ଘରର ବଡ ନାତି, ବିଶିକେସନ । ନିରଞ୍ଜନ ଭାଇଙ୍କର ବହୁ

Digitized by srujanika@gmail.com

ସୁଗୁଣ, ପରିଶ୍ରମୀ, ସମସ୍ତଙ୍କର ପ୍ରିୟଜନ, ଦାନୀ (ସ୍ୱାର୍ଥଥିଲେ) ପରୋପକାରି, ଜନତାର ସେବକ ବହୁ ବହୁ ଅନୁଷ୍ଠାନ ତାଙ୍କ ଚେଷ୍ଟାରେ ଦଣ୍ଡାୟମାନ, ମୃଷାବାବୁଙ୍କର ମନେ ପଡେ ବାପା ବୀରକିଶୋର ଦାସଙ୍କର ଶ୍ରାଦ୍ଧ ଦିନର କଥା, ହରେ କୃଷ୍ଣ ମହତାବ କହୁଥାନ୍ତି, ବୁଝିଲୁ ନିରଞ୍ଜନ "ଚଉଠିଦିନ ତୋ ବାପାଙ୍କୁ ପୋଲିସ ବାନ୍ଧିନେଇ ଥିଲେ, ହାତ ଗୋଡ ଧରି ଆମେ ଅଟକେଇ ଥିଲୁ, ସେହି ରାତିରେ ହିଁ ତୁ ଗର୍ଭରେ ରହିଥିଲୁ । ବାପାଙ୍କ ପରି ନାଆଁ କରି ଓଡିଶାର ବରପୁତ୍ର ହୁଅ । ବାପା ତୋଅର ଜୀବନଟା କଟେଇ ଦେଇଥିଲେ ଦେଶ ସେବା ଓ ସତ୍ୟାଗ୍ରହ ଓ ଜେଲରେ" । ବାପାଙ୍କ ପରି ନିରଞ୍ଜନ ଦାସ ଓଡିଶାସାରା ସୁନାମ ଅର୍ଜନ କଲେ । ନିରଞ୍ଜନ ଦାସ କହିଲେ ସାରା ଓଡିଶା ଥରହର । କାମର ଦକ୍ଷତା ଯେତିକି ସୁନାମ ପ୍ରଚାର ସେତିକି । ବହୁତ ସୁଗୁଣ ମଧ୍ୟରେ ମଣିଷର ଟିକିଏ ଟିକିଏ ବଦ୍‌ଗୁଣବି ଥାଏ, ସେ ଟିକିଏ ରସିକିଆ, ପ୍ରେମିକ, ସୁନ୍ଦରୀ ଝିଅ ବୋହୂଙ୍କୁ ଦେଖିଲେ ତାଙ୍କ ସହିତ ଅତି ଆପଣାର ପରି ମିଶିଯାଆନ୍ତି । ଏପରି ପ୍ରେମିକ ଯେ, ବମ୍ବେର ଚିତ୍ର ତାରକା ମାଧୁରୀ ଦୀକ୍ଷିତ୍ ତାଙ୍କ ପ୍ରେମରେ ପଡି ତାଙ୍କ ପାଖକୁ ପ୍ରେମ ପତ୍ର ଦେଇଥିଲେ । ଜୀବନକୁ ବହୁ ଆନନ୍ଦରେ ଉପଭୋଗ କରି ମୁଖ୍ୟଯନ୍ତ୍ରୀ ମେମ୍ବର ହୋଇ ଅବସର ନେଲେ । ବଡ ପୁଅ ଦୁଲୁବାବୁ ଇଞ୍ଜିନିୟର, ସରକାରୀ ଚାକିରି ନକରି ବ୍ୟବସାୟ କରେ, ମାମୁଁ ପୁଅ ଭାଇ ବଦିଆ ସହିତ, ଆଉ ସାନ ପୁଅ ସୁରଦାସ ଓଡିଶାର କିଶୋର କୁମାର, କଳାପ୍ରେମୀ, ସୁଗାୟକ, ସିନେମା ପ୍ରଚ୍ଛଦ ପଟ୍ଟ ଗାୟକ, ହୋଟେଲ ଭଗବତ ନିବାସର ଦାୟିତ୍ୱରେ, ସିନେମାରେ ଗୀତ ଗାଇଥିଲେ "ଖବର ଅଛି, ଖବର ଅଛି, ସୁନ୍ଦରୀ ଝିଅଟିଏ ହଜି ଯାଇଛି" ବୋଧହୁଏ ସେଇ ସୁନ୍ଦରୀ ଝିଅଟିକୁ ଖୋଜି ପାଇବା ପାଇଁ, ଦିଲ୍ଲୀରେ ବଡ କଂପାନୀରେ ଚାକିରି କରି O.P.G.C ର ଚେୟାରମ୍ୟାନ ବିଜୟଜେନାବାବୁଙ୍କ ଝିଅ "ସୁନ୍ଦରୀ"କୁ ବିବାହ କଲେ, ପ୍ରକୃତରେ ଜେନା ସମୁଦୀ ବଡ଼ ବିଚକ୍ଷଣ କର୍ମଠ, କରିତ୍‌କର୍ମା, ଭାଗ୍ୟବାନ୍ ଇଂଜିନିୟର । ଜନତା ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ କଂଗ୍ରେସ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରିୟ, ଅତିପ୍ରିୟ ଉପମୁଖ୍ୟମନ୍ତ୍ରୀ(ଓଡ଼ିଶାର ପଟେଲ) ବସନ୍ତ ବିଶ୍ୱାଳଙ୍କର । ଆଉ ହସକୁଳୀ ସମୁଦୁଣୀ ହସି ହସି ସମସ୍ତଙ୍କୁ ନିଜର କରି ନିଅନ୍ତି । ନିରଞ୍ଜନ ଭାଇଙ୍କର ଦୁଇଝିଅ, ଶିଲ୍ପା, ନିତା, ଅତି ଭଲ ପିଲା । ସ୍ୱାମୀ ତାଙ୍କର ଅତି ଆଦର୍ଶ ପିଲା । ତାଙ୍କର ଯୋଡ଼ି, ଲକ୍ଷେରେ ଗୋଟିଏ, ଲକ୍ଷ୍ମୀ ନାରାୟଣ, ରାମସୀତା ବା ରତି - କନ୍ଦର୍ପ - । ସେମାନେ ସମସ୍ତେ ଦୀପୁଭାଇଙ୍କୁ, ଗୋଟାଏ ମିନିଟ୍ ପାଖରୁ ଛାଡିବା ପାଇଁ ଚାହାନ୍ତି ନାହିଁ । ବଡ ଯୋଇଁ ରେଲୱେର ଆଲେଡ୍ ଅଫିସର ଓ ସାନ ଯୋଇଁ ବିରାଟ ଚା ବଗିଚାର ମାଲିକ ।

ଉଣେଇଶ ପଞ୍ଚାବନ ମସିହାରେ, ହୀରାକୁଦ ପ୍ରଥମ ପର୍ଯ୍ୟାୟ କାମ ଶେଷ ହେଲା । ପ୍ରଧାନମନ୍ତ୍ରୀ ନେହେରୁ ଆସିଲେ, ବିରାଟ ସାଧାରଣ ସଭା, କର୍ତ୍ତବ୍ୟ ବୋଧ ସିନ୍‌ସିୟର ଇଂଞ୍ଜିନିୟର ମାନଙ୍କୁ "ନେହେରୁ" ପ୍ରାଇଜ୍ ମିଳିଲା, ମୃଷାବାବୁ ଥିଲେ ସେମାନଙ୍କ

Digitized by srujanika@gmail.com

ଭିତରେ ଅନ୍ୟତମ । ଦ୍ୱିତୀୟ ପର୍ଯ୍ୟାୟ କାମ ଆରମ୍ଭହେଲା ଚିପ୍ଲିମାରେ । ସରକାରଙ୍କ ନିର୍ଦ୍ଦେଶରେ ବଛା ବଛା ଇଂଞ୍ଜିନିୟର ସୁପର ଭାଇଜର ମାନେ ସିନିୟର ପର୍ମାନେଣ୍ଟ, କନ୍‌ଫର୍ମ, ଶିଘ୍ର ପଦୋନ୍ନତି ଆଶାରେ ଫେରି ଆସିଲେ ଓଡ଼ିଶା, ସେମାନଙ୍କ ଭିତରେ ମୃଷାବାବୁଥିଲେ, ପ୍ରଥମ । ଦୀର୍ଘ ସାତ ବର୍ଷ ହୀରାକୁଦ ଚାକିରି ରେ ମୃଷାବାବୁଙ୍କର ମନପ୍ରାଣ, ଅନ୍ତର ବିବେକର ସବୁଗର୍ତ୍ତ ପୂରଣ ହୋଇ ଯାଇଥିଲା, କିନ୍ତୁ ସେ ଦିନର ଗର୍ତ୍ତ ଭର୍ତ୍ତି, କଥାଟି ଥିଲା ଅତି ରେମାଣ୍ଟିକ୍ ଓ ଗୁରୁତ୍ୱ ପୂର୍ଣ୍ଣ ।

ଦିନକର ଘଟଣା, ମାଟିବନ୍ଧର ଚାର୍ଜରେ ଥିଲେ ମୃଷାବାବୁ । ସେତେବେଳେ ନିର୍ବାହିଯନ୍ତ୍ରୀ ତାଙ୍କର ଥିଲେ ରାମାରାଓ ସାହେବ । ବ୍ରହ୍ମପୁରର ତେଲେଙ୍ଗା ଲୋକ ବଡରାଗୀ, କ୍ଷଣକୋପୀ, ତୁରୁତୁରିଆ, ଛେରୁଆବି, ଆଉ ସହକାରୀ ଯନ୍ତ୍ରୀ ଥାନ୍ତି, କେ.ଏନ୍.ରାଜୁ, ମହିଶୂର ଲୋକ, ଅତିଭଲ, ବିଚାର ବନ୍ତ । ହୀରାକୁଦର ମାଟିବନ୍ଧ ପ୍ରାୟ ସରିବା ଉପରେ । ଫୁଲ୍, ସପ୍ଲାଏ ଲେଭେଲ୍ ଠାରୁ ବନ୍ଧ ଉପରକୁ ଉଠିଯାଇଥାଏ ।

କେନ୍ଦ୍ରରୁ ଆସିଥାନ୍ତି "ତିରିମଲ୍ ଆୟଙ୍ଗାର" ମୁଖ୍ୟଯନ୍ତ୍ରୀ ହିସାବରେ, ତାଙ୍କୁ ଦିଆ ହୋଇଥାଏ ଅଖଣ୍ଡ କ୍ଷମତା, କାମ ଉପରେ କାମ ତୃଟି, ଅର୍ଥ ତୋଷାର ପାତ, ବା ଅନ୍ୟକିଛି ଗ୍ରହିତ ଅପରାଧ ଦେଖିଲେ, ନିର୍ବାହିଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସସ୍‌ପେଣ୍ଡ କରି ପାରୁଥିଲେ ବା ସବୁଦିନ ପାଇଁ ଚାକିରୀରୁ ବାହାର କରି ଦେଇ ପାରୁଥିଲେ । ତାଙ୍କୁ ଦେଖିଲେ ସମସ୍ତ କର୍ମୀମାନେ ଥରହର, ପାଞ୍ଚଫୁଟରୁ କମ୍ ଉଚା କଳା ମର୍‌ମର୍ ଲୋକଟିଏ, ହ୍ୟାପ ପ୍ୟାଣ୍ଟ, ହ୍ୟାପ ସାର୍ଟ, ହାତରେ ଗୋଟିଏ ମୁନିଆଁ ଲୁହାଛଡର ବାଡି, ଅତି ବିଚକ୍ଷଣ, ନଖ ଅଗରେ ହୀରାକୁଦ ଡ୍ୟାମର ଟିକିନିଖି, ତାଙ୍କୁ ଅଧିକ୍ଷଣ ଯନ୍ତ୍ରୀମାନେ ବି ଡରନ୍ତି, ତାଙ୍କ ପାଖରେ ବ୍ଲଫ ସାଂଗେ ସାଂଗେ ଧରା ପଡିଯାଏ ।

ବନ୍ଧ ଗୋଟାଏ ସମାନ ଉଚ୍ଚାକୁ ଆସିଯାଇଥାଏ । ଗୋଟାଏ ମୁଣ୍ଡରେ ଠିଆ ହେଲେ, ସରଳ ସୁନ୍ଦର, ଅତି ରମଣୀୟ ଦିଶୁଥାଏ, ଡାହାଣରେ, ଜଳଭଣ୍ଡାର ଓ ରିପ୍‌ରାପ୍, ବାମରେ ରକ୍‌ଟୋ, ଫିଲଟର ବ୍ଲାଙ୍କେଟ, ତା ଉପରକୁ ଘାସର ଟରଫିଙ୍ଗ୍ ।

ପ୍ରାୟ ପଚାଶ ଫୁଟ କେତେ ବନ୍ଧ ଦିଶୁଥାଏ ଅତି କଦର୍ଯ୍ୟ ଲେଭେଲ ଥାଏ ପାଞ୍ଚ ଛଅଫୁଟ ତଳେ, ତେଣୁ ଜିପ୍, କାର ମେସିନାରୀ ମାନଙ୍କ ପାଇଁ ଥାଏ ଅତି ବିପଦ, ହଠାତ ଗାଡି ତଳକୁ ଯାଇ ପୁଣି ଉପରକୁ ଉଠେ, ଦୁର୍ଘଟଣା ହୋଇ ଯିବାର ସମ୍ଭାବନାଥାଏ, ବହୁ ଦିନରୁ ନିର୍ବାହିଯନ୍ତ୍ରୀ ରାମାରାଓଙ୍କ ଇଚ୍ଛାଥାଏ, କେମିତି ଏତେବଡ ଗର୍ତ୍ତକୁ ଭର୍ତ୍ତିକରି ଏକ ସମତଳକୁ ଆଣିବା ।

ଦିନେ, ମୃଷାବାବୁଙ୍କୁ ଡାକି କହିଲେ, ଏ ବନ୍ଧର ଗର୍ତ୍ତକୁ, ମୁଁ ଆଦୌ ସହିପାରୁନି, ଗର୍ତ୍ତଭର୍ତ୍ତି କରି କେମିତି ଗୋଟିଏ ସମତଳକୁ ଆଣି ପାରନ୍ତ କି ?

Digitized by srujanika@gmail.com

ମୃଷାବାବୁ ରାଜି ହେଲେ, ଗୋଟାଏ ଦିନରେ ଗର୍ଭଭର୍ତ୍ତି କରି, ପୁରା ସମତଳକୁ ନେଇ ଆସି ପାରିବେ, ତାଙ୍କ କହିବା ଅନୁସାରେ ଟଲର, ଡଜର, ବଟମ ଡମ୍ପର, ଆଉ ଚାରିହଜାର ଟଙ୍କା ଦିଆଗଲା, ମୃଷାବାବୁ କହିଲେ ଯାଆନ୍ତୁ, କାଲି ସକାଳେ ଆସି ଦେଖିବେ, ପୁରା ଗର୍ଭଭର୍ତ୍ତି ହୋଇଥିବ ।

ଲାବରେଟୋରୀ ବାଲାଙ୍କୁ ଖବର ଗଲା, ଖାନା ପିନାର ବନ୍ଦୋବସ୍ତ ହେଲା, ରାତି ସାରା କାମ ଚାଲିଲା, ସକାଳ ସାତଟା ସୁଦ୍ଧା ପୁରା କାମ ସରିଗଲା । ଶେଷ ଲେୟାର ମାଟି ଭଲ ଭାବରେ ପାଣିପଡି ରୋଲିଂ ହେଲା, ବନ୍ଧ ଦେଖି ମୃଷାବାବୁ ବହୁତ ଖୁସି ହୋଇଗଲେ । ବନ୍ଧ ପୁରାପୁରି ଗୋଟାଏ ଲେଭେଲ, ସମତୁଲ ।

ମଣିଙ୍ଗ୍ ସିପଟ୍ କାମ ଆରମ୍ଭ ହେଲା, ସାଇରନ୍ ବଜାଇ ଘଡଘଡ ଶବ୍ଦକରି ମେସିନାରୀ କାମ ଆରମ୍ଭ କଲେ, ମୃଷାବାବୁ ଘରକୁ ଯିବାକୁ ବାହାରିଛନ୍ତି, ଠିକ୍ ଏତିକିବେଳେ, ଜିପ୍‌ରେ ପହଞ୍ଚିଗଲେ ମୁଖ୍ୟଯନ୍ତ୍ରୀ "ତିରିମଲା ଆୟାଙ୍ଗାର", ସାଂଗରେ ପାଲପୁରୀ ଷ୍ଟେନୋକୁ ଧରି ।

ମୁଖ୍ୟଯନ୍ତ୍ରୀ ପଚାରିଲେ ତୁମେ କିଏ ? ମୃଷାବାବୁ ଡରି ଡରି ଉତ୍ତର ଦେଲେ "ସାର ମୁଁ ଜଣେ କ୍ୱାଲିଫାଏଡ୍ ସୁପରଭାଇଜର" । "ମାଟିର ଥିକ୍‌ନେସ କେତେ" ? ମୃଷାବାବୁ ଉତ୍ତରଦେଲେ, "ଛଅଇଞ୍ଚରୁ ନଅଇଞ୍ଚ" । ମୋତେ ଚିହ୍ନଛ ? ମୁଁ କିଏ ଜାଣ ? ଶିଘ୍ର ଗୋଟାଏ କୋଡି ଆଣ ।

ମୃଷାବାବୁ ପାଗଳ ପରି ଏଣେ ତେଣେ ଦଉଡିଲେ, ମୁଖ୍ୟଯନ୍ତ୍ରୀ ତାଙ୍କର ଗୋଡ଼ିଆ ଛଡ଼ିରେ ମାଟିର ଗଭିରତା ମାପୁଥାନ୍ତି । ଏ ପରିସ୍ଥିତି ଦେଖି ପାଲପୁରୀବାବୁ ମୃଷାବାବୁଙ୍କ ପାଖକୁ ଆସି ଧିରେ ଧିରେ କାନରେ କହିଲେ, ମୁଁ ସବୁ ମ୍ୟାନେଜ କରିଦେବି, ତୁମେ ଶୀଘ୍ର ପଳାଅ ।

କିଛିଦିନ ପୂର୍ବରୁ ପାଲପୁରୀ ବାବୁଙ୍କ ଅନୁରୋଧରେ ଗୋଟାଏ ଟ୍ରକ ଶୁଖିଲା ଜାଳେଣୀ କାଠ ତାଙ୍କ ଘରକୁ ପଠାଇଥିଲେ ମୃଷାବାବୁ, ପାଲପୁରୀ ସାହେବ ବଡ ଦୟାଳୁ, ଋଣ ଶୁଝିବା ଲୋକ, ମୁଖ୍ୟଯନ୍ତ୍ରୀଙ୍କ ଷ୍ଟେନୋ ହିସାବରେ ତାଙ୍କର ବି ବହୁତ କ୍ଷମତା ।

ଠିକ୍ ସେତିକି ବେଳେ ମୃଷାବାବୁଙ୍କ ଭାଗ୍ୟକୁ ସେହି ଜାଗାଉପରେ ଗୋଟାଏ ସ୍କ୍ରେପର ଉପରେ ଗୋଟିଏ ଟର୍ନଟେଲର ଚଢ଼ିଗଲା । ସ୍କ୍ରେପର ଡ୍ରାଇଭର ଚଳେପଡି ଛଟପଟହୋଇ ସଟ୍‌ଉପରେ ମରିଗଲା ।

ଟର୍ନଟେଲର ଡ୍ରାଇଭର ମୁଖ୍ୟଯନ୍ତ୍ରୀଙ୍କୁ ଦେଖି ଦୌଡିଲା ବନ୍ଧଉପରେ, ଛଅଫୁଟ ଛଅ ଇଞ୍ଚର ଡେଙ୍ଗା ପଞ୍ଜାବୀ ଡ୍ରାଇଭର, ପାଞ୍ଚ ଫୁଟିଆ ଉଚା ପ୍ରବଳ ପ୍ରତାପୀ ମୁଖ୍ୟଯନ୍ତ୍ରୀ ତାଙ୍କ ପଛରେ ଦୌଡିଥାନ୍ତି । ଏହି ଅବସ୍ଥାରେ ପାଲପୁରୀସାର୍ ମୃଷାବାବୁଙ୍କୁ କହିଲେ ସୁବର୍ଣ୍ଣ

Digitized by srujanika@gmail.com

ସୁଯୋଗ, ନାଁଟି ପଟାରି ନାହାନ୍ତି, ଶହ ଶହ ସୁପର ଭାଇଜର, ଫଂଟଳ ପଳାଅ, ମୂଷାବାବୁ ପ୍ରାଣ ବିକଳରେ ଦୌଡ଼ିଲେ ଗାନ୍ଧୀମିନାର ହେବାକୁ ଥିବା ପାହଡ ପାଖ ସବ୍‌ଡିଭିଜନ୍ ଅଫିସକୁ । ବାରଣ୍ଡାରେ ପଡ଼ିଯାଇ ଚେତା ହରେଇ ବସିଲେ । ଚେତା ଆସିବା ବେଳକୁ ଦେଖିଲେ ପାଖରେ ନିର୍ବାହିଯନ୍ତ୍ରୀ ରାମାରାଓ ସାହେବ ଓ ସହକାରୀ ଯନ୍ତ୍ରୀ ରାଜୁବାବୁ, ରାମାରାଓ ସାହେବ କହିଲେ କ'ଣ ଗର୍ଭଭର୍ତ୍ତି ହେଲା ପଟ୍ଟନାୟକ ସାହେବ, ମୂଷାବାବୁ ସେମାନଙ୍କୁ ଦେଖି ଆଶ୍ଚର୍ଯ୍ୟ, କହିଲେ "ଆପଣମାନେ ଏ ଯା, କେଉଁଠି ଥିଲେ" । ରାଓ ସାହେବ କହିଲେ "ଯେତେବେଳେ ମଣିଷ ଖିଆ ମୁଖ୍ୟଯନ୍ତ୍ରୀ ଆପଣଙ୍କୁ ଜାରା କରାଉଥାନ୍ତି, ଆମେ ଉପରେ ଥାଇ ସବୁ ଦେଖୁଥାଉ, କ'ଣ ପୁରାପୁରି ଗର୍ଭଭର୍ତ୍ତି ହୋଇ ଯାଇଛିତ" ?

ମୂଷାବାବୁ କହିଲେ, "ଧନ୍ୟ ଆପଣମାନେ, ଆପଣମାନଙ୍କ ଆଦେଶ ମାନି ମୁଁ ପୁରାଗର୍ଭ ଭର୍ତ୍ତି କରିଛି । ଆପଣ ମାନଙ୍କର ନାଁ ହେବ, ପଦୋନ୍ନତି ହେବ, ଆପଣଙ୍କ ପେଟର ଗର୍ଭ ବି ଭର୍ତ୍ତି ହୋଇଯିବ । ହେଲେ ମୁଖ୍ୟଯନ୍ତ୍ରୀଙ୍କ ଗୋଳିଆ ଛଡ ମୋ ଗର୍ଭଭିତରେ ଭର୍ତ୍ତି ହୋଇ ଯାଇଥାନ୍ତା, ବଂଚିଗଲି, ମା ସମଲାଇଙ୍କ ଦୟାରୁ ।

Digitized by srujanika@gmail.com

ବାଘ ମୁହଁରେ ମୂଷା

ମୁଣ୍ଡଲୀ - ନରାଜ - ହେଡୱାର୍କସ ଡିଭିଜନରେ ଜଏନ୍ କିରବାକୁ ଅର୍ଡର ଧରି ଆସିଲେ ମୂଷାବାବୁ । ଟ୍ରକରେ ଜିନିଷ ପତ୍ର ଆସିଲା । ଧନେଶ୍ୱର ପାତ୍ରଙ୍କ ସହ ଜିପ୍‌ରେ ଛୁଆପିଲା ଧରି ଆସି ପହଂଚିଲେ ଚୌଦ୍ୱାର । ଚନ୍ଦ୍ରଶେଖର ମାମୁଁଙ୍କ ଘରେ ଜିନିଷ ପତ୍ର, ସ୍ତ୍ରୀ କାନ୍ତି ଦେବୀ ଏକମାତ୍ର ପୁଅ ଦୀପକକୁ ଛାଡ଼ି, ଟ୍ରେନରେ ବାରଙ୍ଗ ଦେଇ ଗଲେ ମୁଣ୍ଡଳୀରେ ଜଏନ କରିବାକୁ । ସେତେବେଳେ ମହାନଦୀ ପୋଲ ହୋଇ ନଥାଏ । ନିର୍ବାହି ଯନ୍ତ୍ରୀଙ୍କୁ ଦେଖାକରିବାକୁ ଗଲାବେଳେ ଦେଖା ହୋଇଗଲା ଚାରିଜଣ ସହକାରୀ ଯନ୍ତ୍ରୀଙ୍କ ସହ । ବି.ସି.ନାୟକ, ପ୍ରେମାନନ୍ଦ ମିଶ୍ର, ଜି.ଏନ୍.ଦାସ୍., ଜି.ଏସ୍.ଶର୍ମା, ସେମାନେ ମୂଷାବାବୁଙ୍କର ପରିଚୟ ପାଇ ସାରିଲା ପରେ ଭଣା ନାୟକ ସାହେବ କହିଲେ, ତୁମେ ଆସିଗଲ ଭଣା, ଭଲ ହୋଇଛି ଭଣା, ଛୁଆମାନେ କେଉଁଠି ଅଛନ୍ତି ଭଣା, ଏଇଠି କିଛି ଅସୁବିଧା ହେବନି ଭଣା, ନିର୍ବାହି ଯନ୍ତ୍ରୀଙ୍କୁ ଦେଖା କରିବ ଭଣା, ମୂଷାବାବୁ କହିଲେ, ସାର ମୁଁ କିଛି ବୁଝି ପାରୁନି, ଆପଣ ମଝିରେ ମଝିରେ କ'ଣ ଗୋଟିଏ କହୁଛନ୍ତି । କିଛି ବୁଝିପାରୁନ ଭଣା, ଭଲ ହୋଇଛି ଭଣା, ପରେ ସବୁ ବୁଝିପାରିବ ଭଣା, ମୂଷାବାବୁ କହିଲେ ମୁଁ ଟିକିଏ ନିର୍ବାହିଯନ୍ତ୍ରୀଙ୍କୁ ଦେଖା କରିବାକୁ ଚାହେଁ, ତାଙ୍କୁ କେଉଁଠି ପାଇବି ?

ଭଣାସାହେବ କହିଲେ, ସେ କ'ଣ ଏବେ ଆସିବେ କି ଭଣା, ସେ ପରା କଣା ତିଆରି କରୁଛନ୍ତି ଭଣା, ପ୍ରେମାନନ୍ଦ ସାର୍ କହିଲେ "ବିରାଟ ଏକ ପାଣି ଟାଙ୍କି ତିଆରି ହେଉଛି, କୂଅରୁ ପାଣି ପମ୍ପ ହୋଇ ଟାଙ୍କିରେ ରହିବ, ସେଇଠୁ ପାଣି ପମ୍ପହୋଇ କଲୋନୀ ସାରା ଯିବ । କଲୋନୀ ମୁଣ୍ଡ ବିଲ ପାଖରେ କୂଅ ତିଆରି ହେଉଛି, ସେଇଠି ଅଛନ୍ତି ବଡ଼ ସାହେବ, ସେଇଠିକୁ ଯାଅ, ଦେଖା ହେବ ।

ତାଙ୍କ କହିବା ଅନୁସାରେ ବିଲପାଖକୁ ଗଲେ ମୂଷାବାବୁ, ଦେଖିଲେ ଜିପ୍‌ରେ ବସିଛନ୍ତି ଜଣେ ବୟସ୍କା ସ୍ତ୍ରୀ ଲୋକ, ଜୀର୍ଣ୍ଣ ଶୀର୍ଣ୍ଣ ଶରୀର, ବହୁ ଦିନରୁ ରୋଗାକ୍ରାନ୍ତ ପରି ମନେ ହୁଅନ୍ତି, କିଛି ଦୂରରେ ମହାବଳ ବାଘ ପରି ଅଣ୍ଟାରେ ହାତ ଦେଇ ଠିଆହୋଇଛନ୍ତି କେ.ଏସ୍.ମିଶ୍ର, ନିର୍ବାହି ଯନ୍ତ୍ରୀ । ବହୁ ଲୋକ କୂଅ ଖୋଳିବାରେ ବ୍ୟସ୍ତ, ନିର୍ବାହିଯନ୍ତ୍ରୀଙ୍କ ପାଦଛୁଇଁ ନମସ୍କାର କଲେ ମୂଷାବାବୁ । ପରିଚୟ ପତ୍ର ପ୍ରଦାନ କଲେ । ମିଶ୍ର ସାହେବ ଆଲିଙ୍ଗନ ଓ କରମର୍ଦ୍ଦନ କରି କହିଲେ, "ତୁମେ ହୀରାକୁଦରୁ ଆସିଛ, ମୁଁ ହୀରାକୁଦର

Digitized by srujanika@gmail.com

ଇଂଞ୍ଜିନିୟର ଟାହେଁ, ମୁଁ ବହୁତ ଖୁସି, ଆଇ ୱାଣ୍ଟ ହାର୍ଡକୁଦ ବ୍ଲଡ, ତୁମ ନାଁ ମୂଷା ପଟ୍ଟନାୟକ''? ମୂଷାବାବୁ କହିଲେ, ''ହଁ ସାର ମୁଁ ମୂଷା ପଟ୍ଟନାୟକ, ମୋର ଛୋଟ ଛୋଟ ଦାନ୍ତରେ ଜାଲ ଛିଣ୍ଡେଇ ପଶୁରାଜ ସିଂହକୁ, ବାଘୁଆ ଜବଲରୁ ରକ୍ଷା କରିପାରେ, ମୋର ଛୋଟ ଦେହରେ ବାଲି ବୋହି ଶ୍ରୀରାମଚନ୍ଦ୍ରଙ୍କୁ, ସେତୁବନ୍ଧ ବାନ୍ଧିବାରେ ସାହାଯ୍ୟ କରିପାରେ, ମୁଁ ଏ ଯୁଗର ମୂଷା ପଟ୍ଟନାୟକ । (ଗୁଣ୍ଡିଚିମୂଷା)''

ମୂଷାବାବୁଙ୍କ ନିର୍ଭିକ ଉତ୍ତରରେ ବହୁତ ଖୁସି ହୋଇଗଲେ ମିଶ୍ରସାହେବ, କହିଲେ ''ଆଛା ଟି ବିମ୍ ଜାଣ'' ?

ଜାଣେ କ'ଣ ସାର୍, ମୁଁ ବହୁତ ଟି,ବିମ୍ ନିଜ ହାତରେ କରିଛି ଏବଂ ଡିଜାଇନ ମଧ ବେଶ ଭଲ ଭାବରେ ଜଣା ।

ବେଶ୍ ବେଶ୍ ସେଇ ଯଥେଷ୍ଟ, ମୁଁ ତୁମକୁ ହିଁ ଖୋଜୁଥିଲି, ଟାରିଟାରିଗା ଏସ୍.ଡି.ଓ. ଟାଙ୍କୁ କିଛି ଜଣା ନାହିଁ, କୁଣ୍ଡା ଦେଇ ପାଠପଢ଼ିଛନ୍ତି, ସରକାର ତାଙ୍କୁ କେମିତି ଚାକିରି ଦେଲା କେଜାଣି । ମୋର ଟେବୁଲ ଉପରେ ଜଏନିଙ୍ଗ, ରିପୋର୍ଟ ଥୋଇଦେଇ, ସଂଜ ସାତଟା ବେଳେ ମୋତେ ମୋ ରେସିଡେନସ୍‌ରେ ଦେଖାକର ।

ସଂଜ ସାତଟା ବେଳେ ନିର୍ବାହି ଯନ୍ତ୍ରୀଙ୍କ ବଂଗଳାରେ ପହଞ୍ଚିଗଲେ ମୂଷାବାବୁ ଚା, ଜଳଖିଆ ସରିଲା, ଗୋଟିଏ ଟି ବିମ୍‌ର ଡ୍ରଇଂ, ଡିଜାଇନ ଓ ରଡ୍ ପୋଜିସନ୍ କରି ଦେଖେଇ ଦେବାକୁ ଆଦେଶ ଦେଲେ ନିର୍ବାହି ଯନ୍ତ୍ରୀ, ସାର ଯାହା ଚାହାନ୍ତି ଠିକ୍ ସେହି ପରି କରି ଥୋଇ ଦେଲେ ମୂଷାବାବୁ । ମିଶ୍ର ସାହେବ ଦଶମିନିଟ୍ ଯାଏ ଆଲିଙ୍ଗନ କରି, ପାଟି କରି ଉଠିଲେ, ''ତୁମେ ପ୍ରକୃତରେ ଜଣେ ବେଷ୍ଟ ଇଂଞ୍ଜିନିୟର, ମୁଁ ତୁମକୁ ସବୁ ଚାର୍ଜ ଦେଇ ଦେବି'' । ତିନି ତିନିଟା ସେକ୍‌ସନର ସମସ୍ତ ଚାର୍ଜ ମୂଷାବାବୁଙ୍କୁ ଦେଇ କହିଲେ ''ଯାଅ ସମସ୍ତଙ୍କଠାରୁ ଚାର୍ଜ ନେଇ, କାମ ଶିଘ୍ର ଆରମ୍ଭକର'' ।

ଏ ଖବର ସକାଳୁ ଚାରିଆଡେ ରାଷ୍ଟ୍ର ହୋଇଗଲା । ଭଣ୍ଡା ସାହେବ କହିଲେ କି ଭଣ୍ଡା ପଟ୍ଟନାୟକ, କେଉଁଠୁ ଆସିଲା ଭଣ୍ଡା, ବଡ ସାହେବଙ୍କୁ କରିଦେଲା ଭଣ୍ଡା, ସମସ୍ତଙ୍କଠାରୁ ଚାର୍ଜ ନେଇ ମୁଣ୍ଡଳୀ ଡିଭିଜନରେ ସର୍ବଶ୍ରେଷ୍ଠ ଓଭରସିୟର ଭାବରେ ରହିଲେ ମୂଷାବାବୁ । ତିନିଚାରିଦିନ ଚାଲିଗଲା, ଛୁଆପିଲା, ଜିନିଷପତ୍ର କେମିତି ଆସିବ ସେହି ଚିନ୍ତାରେ ଭାଂଗି ପଡିଲେ । ଦିନେ ପିକପ୍ (ବଡ ଜିପ) ଯାଉଥାଏ, କଟକ ଜିନିଷ ପତ୍ର ଆଣିବା ପାଇଁ, ସାତ ଆଠ ଜଣ ଷ୍ଟାପ୍ ଲୁଚିକରି ଗାଡିରେ ବସିଥାନ୍ତି, ମୂଷାବାବୁ ଟାଙ୍କ ଏସ୍.ଡି.ଓ.ଙ୍କୁ କହି, ଗାଡିରେ ବସିଲେ ଚୌଦ୍ୱାରକୁ ଯିବାପାଇଁ ।

ବାରଙ୍ଗଠାରୁ ମୁଣ୍ଡଳୀ ଯାଏ ରାସ୍ତା ତିଆରି ଚାଲିଥାଏ, ସେ କାମ ଦେଖୁଥିଲେ ବିଚକ୍ଷଣ ଓଭରସିଅର ପଞ୍ଚାନନ ଧଳ । ତ୍ରିଶୂଳୀଆଠାରେ ଆୟଗଛ ମୂଳରେ ଜିପ ଲୁଚେଇ

Digitized by srujanika@gmail.com

କାମ ଦେଖୁଥାନ୍ତି ମିଶ୍ର ସାହେବ, ଗାଡି ଦେଖି ହଠାତ କୁଦାମାରି, ଦି ହାତକୁ ମେଲେଇ ଗାଡି ଆଗରେ ଛିଡ଼ା ହୋଇଗଲେ ବଡସାହେବ, ଠିକ୍ ବାଘ ଭଳିଆ, ଅର୍ଡର କଲେ "ଫେରେଇ ନିଅ ଗାଡି ମୁଣ୍ଡଳୀ" ବସିଥିବା ଷ୍ଟାଫମାନେ ଯିଏ ଯୁଆଡେ ଦୌଡି ପଳେଇଲେ, ମୃଷାବାବୁଙ୍କୁ ପଚାରିଲେ ତୁମେ କୁଆଡେ ଯିବ, ମୃଷାବାବୁ କହିଲେ "ମୁଁ ଚୌଦ୍ୱାରକୁ ମୋ ପିଲା ମାନଙ୍କୁ ଟିକେ ଦେଖିବାକୁ ଯିବି ସାର, ମୁଁ ଏସ୍.ଡି.ଓ.ଙ୍କ ଠାରୁ ପରମିଶନ ନେଇଅଛି ।

ସେ ଖିଡାଖିଆ ଏସ୍.ଡି.ଓ.ଙ୍କ ଠାରୁ ପରମିଶନ ନେଇଛ ? ଅପେକ୍ଷାକର, ମୁଁ କଟକ ଯିବି, ସେହିଠାରୁ ତୁମେ ଚୌଦ୍ୱାର ଯିବ । ତିନିଘଣ୍ଟା ଚାଲିଗଲା, ଜିପ୍ କଟକ ଯିବା ପାଇଁ ବାହାରିଲାନି । ମୃଷାବାବୁଙ୍କୁ ବହୁତ ଭୋକ, ଶେଷରେ ଜିପ୍ ତିନିଟା ସୁଦ୍ଧା ଚନ୍ଦକା ଭୁବନେଶ୍ୱର ଦେଇ ପହଞ୍ଚିଗଲା କଟକ, ହାଉଡା ମଟରସ୍ ପାଖରେ । ସାହେବ ମେମ୍‌ସାହେବ ଟିଫିନ କେରିୟରୁ ଟିଫିନ କାଢ଼ି ଖାଇଲେ, ଆଉ ମୃଷାବାବୁ ପାଖ କାବିନ୍‌ରୁ ବିସ୍କୁଟ ଆଉ ଚାହା ଟିକିଏ ଖାଇ କହିଲେ "ମୁଁ ଟିକିଏ ଚୌଦ୍ୱାରରୁ ଫେରି ଆସେ ସାର୍" ।

ଯିବତ ଏତେ ବ୍ୟସ୍ତ କାହିଁକି ? ଏଠିକା କାମ ସରୁ, ରାତି ଆଠଟାରେ କାମ ସରିଲା, ଗାଡି ଫେରିଲା ସିଧା ଭୁବନେଶ୍ୱର । ଭୁବନେଶ୍ୱରରେ କାମ ସରିଲାବେଳକୁ ରାତି ଏଗାର । ଗାଡିଛାଡି କୁଆଡେ ବି ଯାଇ ପାରୁ ନାହାନ୍ତି ମୃଷାବାବୁ, କାରଣ ଭୁବନେଶ୍ୱର ଥିଲା ମୃଷାବାବୁଙ୍କ ପାଇଁ ନୂଆ ଜାଗା, ଆଉ ସାହେବ ବି ନୂଆ ।

ଗାଡି ଚାଲିଲା ମୁଣ୍ଡଳୀ, ଚନ୍ଦକା ପାର ହୋଇ ତିନି ଚାରି ମାଇଲ ଗଲାପରେ ଚନ୍ଦକା ଘୋର ଜଂଗଲ ଭିତରେ ଗାଡି ଠିଆ କରାଇ ପରିସ୍ରା କରିବାକୁ ଗଲେ ମିଶ୍ର ସାହେବ । ଟିକିଏ ଡେରିରେ, ମୁତ ଲାଗିଲା ମୃଷାବାବୁଙ୍କୁ । ଚେନ୍ ଖୋଲି ମୁତିବା ଆରମ୍ଭ କରିଛନ୍ତି ଗାଡି ଷ୍ଟାର୍ଟ ହେଲା, ବିଜୁଳିଗତିରେ ଦୌଡିଲା ଗାଡି, ଅଧା ମୁତା ହୋଇ ଅଧକିଲୋମିଟରେ ଯାଏ ପାଟି କରି କରି ଦୌଡିଲେ ମୃଷାବାବୁ, "ସାର୍, ସାର, ମୁଁ ଚଢ଼ିନି ସାର" ଗାଡି କିନ୍ତୁ ଅଟକିଲା ନାହିଁ, ନିଘଞ୍ଚ ଜଂଗଲ ଭିତରେ କିଟିକିଟିଆ ଅଂଧାର ଭିତରେ ହାତ ଘଡିକୁ ଦେଖିଲେ ରାତି ଗୋଟାଏ । ଦି ତିନି ଦିନତଳେ ଚନ୍ଦକା ଜଂଗଲ ଭିତର ରାସ୍ତା ଉପରୁ ଲୋକଙ୍କୁ ଟେକି ନେଇଛି ବାଘ, କ'ଣ କରିବେ କିଛି ମୁଣ୍ଡକୁ ଢୁକିଲା ନାହିଁ, ହଠାତ୍ ଶୁଣିଲେ ବାଘ, ବାଘ, ବାଘ, କେତେ ଜଣ ଲୋକ ପ୍ରାଣ ବିକଳରେ ବାପଲୋ ମାଆଲୋ କହି ଦୌଡ଼ିଛନ୍ତି, ମୃଷାବାବୁ ବି ଦୌଡ଼ିଲେ ଚନ୍ଦକାକୁ ଯାଉଥିବା ରାସ୍ତା ଉପରେ । ଅଚେତ ହୋଇ ପଡ଼ିଗଲେ, ଶବ୍ଦ ଶୁଣି କବାଟ ଖୋଲିଲା ଗୋଟିଏ ବୁଢ଼ା, ପାଣି ପକେଇ ଚେତା କରେଇଲା, ମୃଷା ବାବୁ, ଏତେ ଡ଼ରି ଯାଇଥିଲେ ଯେ ଚେତା ପାଇ ମଧ ବାଘ, ବାଘ ବୋଲି ପାଟି କରୁଥିଲେ, ଧିରେ ଧିରେ ଘର ଭିତରକୁ ଟେକି ନେଲା ବୁଢ଼ା, ଟାଟି ପକେଇଦେଲା । "ମୋ ନା ବିଲେଇ ସାହୁ, ଚନ୍ଦକା ତଳସାଇରେ ଘର, କୁହନି ବାବୁ, ଆଜକୁ ଦଶପନ୍ଦର

Digitized by srujanika@gmail.com

ଦିନ ହେଲା ବାଘ ମାତିଛି, ଗାଈ, ଗୋରୁ ମଣିଷ ସମସ୍ତଙ୍କୁ ଟେକି ନେଉଛି, ରାସ୍ତା କଡ଼ର ଦୋକାନୀମାନେ ବାଘକୁ ଡ଼ରି ସଞ୍ଜବେଳେ ତାଟି ପକେଇ ଦେଉଛନ୍ତି ''। ମୂଷାବାବୁଙ୍କଠାରୁ ସବୁ ଦୁଃଖ କଥା ଶୁଣି, ବୁଢ଼ା କାନ୍ଦ କାନ୍ଦ ହୋଇ କହିଲା, ''ସରକାରୀ ଚାକିରି କଥା କୁହନି ବାବୁ, ସେଥିରେ କି ନିଶା ଲାଗିଛି କେଜାଣି, ପୁଅଟାକୁ ଯେତେ ବୁଝେଇଲି, ଦଶବାର ଏକର ଜମି, ବସି ଖାଇଲେ ସରିବନି, କ'ଣ ଦରକାର ସେ ପରାଧୀନ ସରକାରୀ ଚାକିରି, ତା ମନ ପରିବର୍ତ୍ତନ ପାଇଁ ସୁନ୍ଦରୀ ବୋହୂଟିଏ ଆଣିଲି, କୁହନି ବାବୁ ତା ସ୍ତ୍ରୀକୁ ଧରି ପଳେଇଲା କଳାହାଣ୍ଡି, ଚାକିରି ପୁଣି କରୁଛି ଏଲ୍.ପି.ସ୍କୁଲ ମାଷ୍ଟର। ତା ଦୁଃଖରେ ବୁଢ଼ୀ ବି ମରିଗଲା। ମଲାଯାଏ ତ ଲୋଭ ଲାଗିଛି, ରାସ୍ତା କଡ଼ରେ ଚାଳିଆଟିଏ କରି ଚାହା, ବିସ୍କୁଟ ଆଉ କାଠ ଗୋଛା କରି ବିକୁଛି। ନଳାପାଣି ଅଛି ବାବୁ ଟା ଟିକେ କରୁଛି ମୁଢ଼ି ମୁଠେ ପକେଇ ପିଇବେ। କାଲି ସକାଳେ ଯୋଉ କଥା।

ଥାଉ ମଉସା ମୋ ପାଇଁ ଏତେ ବ୍ୟସ୍ତ ହେବା ଦରକାର ନାହିଁ। ''ତୁ କ'ଣ ମୋ ପୁଅ ନହୁଁରେ, ମୋ ପୁଅଟା ପରା ଠିକ୍ ତୋରି ପରି, ତିନିବର୍ଷ ହୋଇଗଲା ଥରୁଟିଏ ବି ତା ବୁଢ଼ାବାପାକୁ ଦେଖିବାକୁ ଆସିଲା ନାହିଁ''। ଗାମୁଛାରେ ଲୁହ ପୋଛିଲା ବୁଢ଼ା। ତଳ ଖଜୁରି ପଟିରେ ଗଡୁଥିଲେ ମୂଷାବାବୁ, ଛାତିକି ଗଣିଆଣି ଲୁହପୋଛି ଦେଲେ, ''ଛି ମଉସା କାନ୍ଦନି''। ଶୀତଦିନ ରାତି, ମନ କଷ୍ଟ, ଆଉ ଚାରି ମାଇଲ ବାଟ ଦୌଡ଼ି ଦୌଡ଼ି ଥକି ଯାଇ ନିଘୋଡ଼ ନିଦରେ ଶୋଇଗଲେ ମୂଷାବାବୁ। କିନ୍ତୁ ରାତିସାରା ଅନୁଭବ କଲେ, କିଏ ତାଙ୍କ ସର୍ବାଙ୍ଗକୁ ଚାଟି ଦେହରେ ରୋମାଞ୍ଚ ସୃଷ୍ଟି କରୁଛି। ସକାଳୁ ଉଠି ମନ କଷ୍ଟରେ କାହାକୁ କିଛି ନକହି ପୋଖରି ପାଖକୁ ଯାଇ, ପୂରା ଲଙ୍ଗଳା ହୋଇ ଗାଧୋଇଲେ। ଲଙ୍ଗଳା ହୋଇ ଗାଧୋଇବା ତାଙ୍କର ଛୁଆଦିନୁ ଅଭ୍ୟାସ, ପୁରା ସକାଳ ହୋଇଯାଇଥାଏ ସୂର୍ଯ୍ୟ ଉଇଁ ନଥିଲେ ବି ବାପା ଦିବାକରକୁ ପାଣି ଟେକି କାନ୍ଦି କାନ୍ଦି କହିଲେ ଆଉ କେତେ ଦୁଃଖ ମୋତେ ସହିବାକୁ ଅଛି ବାପା, ବାଘ ସାଇବ, ବାଘ ମୁହଁକୁ ଠେଲିଦେଇ ଗାଡ଼ିନେଇ ଚାଲିଗଲେ, ବାଘ କବଳରୁ ଖସି ପଡ଼ିଲି, ବିଲେଇ ପାଟିରେ। ବାଘ ପାଟିରେ ମରି ଯାଇଥିଲେ ଖବର କାଗଜରେ ନାଁ ବାହାରି ଥାଆନ୍ତା- ହେଲେ ବିଲେଇ ଚାଟିବା କଥା, କୋଉ ଖବର କାଗଜରେ ବାହାରିବ, ନାଳକଥା। ଚାଳିଆକୁ ଆସି ଦେଖିଲେ, ମଉସା ଚାହା, ପକୁଡ଼ି କରି ବସିଛି। ଚାହା, ବିସ୍କୁଟ, ପକଡ଼ି ଖାଇଲା ବେଳକୁ ଡ୍ରାଇଭର ଆସି ପହଞ୍ଚିଲା, ଆସନ୍ତୁ ସାର ବଡ଼ ସାହେବଙ୍କ ଆଦେଶ ସକାଳୁ ସକାଳୁ ଚନ୍ଦକା ଜଙ୍ଗଲରୁ ଆପଣଙ୍କୁ ନେଇ ଆସିବାକୁ।

ରାଗି ପାଟିକରି ଉଠିଲେ ମୂଷାବାବୁ, ଯାଅ ତୁମ ବଡ଼ ସାହେବଙ୍କୁ କହିବ ମୂଷା ଓଭରସିଅର ବାବୁଙ୍କୁ ବାଘ ଖାଇଯାଇଛି, ତମେ ବି କେମିତି ମଣିଷ ହେ ତମେ କ'ଣ ଛାଣି ପାରିଲନି, ମୁଁ ଗାଡ଼ିରେ ଚଢ଼ିନି ବୋଲି।

Digitized by srujanika@gmail.com

ମୋ ଉପରେ ରାଗି କିଛି ଲାଭ ନାହିଁ ସାର, ସମସ୍ତେ ତାଙ୍କୁ କହନ୍ତି ପାଗଳ ବୋଲି, ହେଲେ ଭାରି ଭଲ ମଣିଷ ସାର, ଇଞ୍ଜିନିୟରିଂ କାମରେ ଭାରିପୋଖତ, ଭାରି ଅନେଷ୍ଟ, ସରକାରୀ ଟଙ୍କା କେବେ ବରବାଦ କରନ୍ତିନି । ଲାଞ୍ଚ ବି ଖାଆନ୍ତି ନି, ଷ୍ଟାଫ୍‌ମାନଙ୍କ ଉପରେ ବହୁତ କଣ୍ଟ୍ରୋଲ୍, ସବୁଠୁ ବଡ଼ କଥା ବିବାହ ପରଠାରୁ ସ୍ତ୍ରୀ ବେମାର, ପାରାଲିସିସ୍, ବଡ଼ ସାହେବଙ୍କ ଚେହେରା ଦେଖୁଛନ୍ତି ତ, କାମଦେବ ପରି ଚେହେରା, ଚାକିରି ବି ଉଚ୍ଚ ପଦବୀର, ଶହ ଶହ ଝିଅ ତାଙ୍କ ଉପରେ ନଦି ହୋଇ ପଡ଼ନ୍ତି, ହେଲେ ବଡ଼ ସାହେବ ବଡ଼ ଚରିତ୍ରବାନ, ଦରମରା ସ୍ତ୍ରୀର ସେବା କରି, ଗୋଟାଏ ମିନିଟ୍ ପାଖରୁ ନଛାଡ଼ି, ଏକାମରୁ ସେ କାମକୁ ବୁଲନ୍ତି, ଏମିତି ଚରିତ୍ରବାନ କର୍ମନିଷ୍ଠ, ସଚ୍ଚୋଟ ଅଫିସର ଏଯୁଗରେ ବିରଳ । ସେଇଥିପାଇଁ କେନ୍ଦ୍ର ସରକାର ଏତେବଡ଼ କାମ ଦାୟିତ୍ୱରେ ପଠେଇଛନ୍ତି । ଏହିଠାରୁ ଡେଲଟା ଇରିଗେସନ, ଆରମ୍ଭ ସାର, ଓଡ଼ିଶାର ସୁନାମ ଧନ୍ୟ ଇଞ୍ଜିନିୟର ବିଜୟରାମ ମିଶ୍ର, ଏସବୁର ଦାୟିତ୍ୱରେ । ଆପଣ ରାଗ ଭୁଲି ଚାଲନ୍ତୁ ସାର, ଆପଣଙ୍କ ମୁଣ୍ଡରେ ସୁନା କଳସ ଢ଼ଳା ହେବ । ସେ ଆପଣଙ୍କୁ ଖୁବ୍ ବେଶି ଭଲ ପାଆନ୍ତି ସାର ।

ସବୁରାଗ ଭୁଲି, ଗାଡ଼ିରେ ବସିଲେ ମୂଷାବାବୁ, କିଛି ନଖାଇ ବଡ଼ ସାହେବ ଅପେକ୍ଷା କରି ବସିଥିଲେ, ମୂଷାବାବୁଙ୍କୁ ଦେଖି ହସି ହସି କହିଲେ, "ମୁଁ ଭାବିଥିଲି ଡ୍ରାଇଭର ରକ୍ତାକ୍ତ ପ୍ୟାଣ୍ଟ, ସାର୍ଟ ଧରି ଫେରିବ, ବାଘ ଖାଇ ଯାଇନି ତ" ?

ବଡ଼ ସାହେବ ମୁହଁକୁ ଅନେଇ, ଛୋଟ ଛୁଆ ପରି ଭୋ, ଭୋ କରି କାନ୍ଦି ଉଠିଲେ ମୂଷାବାବୁ, ସାହେବ ତାଙ୍କୁ କୋଳେଇ ନେଇ ମୁହଁ ପୋଛିଦେଇ କହିଲେ, "ମୁଁ ତୁମକୁ ପ୍ରଥମ ଦେଖାରୁ ଭଲ ପାଇଛି, ତୁମର ଟି ବିମ୍ ଡିଜାଇନ ମୋତେ ମୁଗଧ କରିଥିଲା" ।

ମୁଁ ଜାଣେ ତୁମ ପିଲାମାନେ ଚୌଦ୍ୱାରରେ ଅସୁବିଧାରେ ଅଛନ୍ତି, ମୋ ଠାରୁ ପରମିଶନ ନନେଇ ଏସ୍.ଡ଼ି.ଓ ମାନଙ୍କ କଥାରେ ଚାଲି ଯାଉଥିଲ, ମୁଁ ଏସ୍.ଡ଼ି.ଓ ମାନଙ୍କୁ ବିଶ୍ୱାସ କରେନା, ତୁମର ଭଲ ଭାବରେ ଜାଣିବା ଉଚିତ, ପ୍ରୋଜେକ୍ଟର ଦାୟିତ୍ୱ ହେଉଛି ନିର୍ବାହି ଯନ୍ତ୍ରୀଙ୍କର, କଲୋନୀ ଚାରି ପାଖରେ ଚାରି କି.ମି. ଲମ୍ବା ତାର ବାଡ଼ କରି ବିରାଟ ଗେଟ ତିଆରି କରିଛି । ଗେଟରେ ଅଛନ୍ତି ତିନି ଚାରିଟା ଗୁର୍ଖା ଚୌକିଦାର, ଖାତା ଅଛି, ଯିବା ଆସିବା ବେଳେ ଦସ୍ତଖତ ହୁଏ, ଜଳଖିଆ ଖାଅ, ବୋଟ୍ ଠିକ୍ କରି ଦେଇଛି, ବୋଟରେ ଜିନିଷ ପତ୍ର ଆଣ, ଜିପି ନେଇ ଯାଅ, ଛୁଆ ପିଲା ଧରି ନେଇ ଆସିବ ।

ସିଧା ଗୋଡ଼ତଳେ ପଡ଼ିଗଲେ ମୂଷାବାବୁ, ଆପଣ ମୋ ବାପାଙ୍କ ପରି ମାନ୍ୟ, ଜୀବନରେ ଆଉ କେବେ ଭୁଲ ହେବ ନାହିଁ ସାର ।

ଛୁଆପିଲା ସବୁ ଜିପ୍‌ରେ ଆସିଗଲେ । ଜିନିଷ ପତ୍ର ସବୁ ବୋଟରେ ଆସିଲା । ପ୍ରତିଦିନ ସକାଳେ ଦେଢ଼ବର୍ଷର ପୁଅ ଦୀପକକୁ ସାଙ୍ଗରେ ଧରି ଷ୍ଟିଅରିଂ ଧରାଇ କାମକୁ ଯାଆନ୍ତି ମିଶ୍ର ସାହେବ ।

Digitized by srujanika@gmail.com

ତିନିଟାରି ଦିନପରେ ଅଗଷ୍ଟ ପନ୍ଦର ପଡ଼ିଲା, ଦ୍ବିତୀୟ ବର୍ଷ ଜନ୍ମ ଦିନ ପାଳନ କଲେ ନିଜେ ମିଶ୍ର ସାହେବ, ପୁଅ ଦୀପକକୁ ପତକା ଉତ୍ତୋଳନ କରାଇ । କଲୋନୀ ସାରା ସମସ୍ତ ଲୋକ ଖାଇଲେ ।

ଶ୍ରୀମତୀକୁ ଦେଖି କଲୋନୀର ସମସ୍ତେ ବହୁତ ଖୁସି, ଶ୍ରୀମତୀ କଲୋନୀ ସାରା ବୁଲି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଲେ, ସମସ୍ତଙ୍କ ଭଲମନ୍ଦ ବୁଝିଲେ, ଏମିତି ପବିତ୍ର ମନରେ ନିଷ୍କପଟ ହୃଦୟରେ ସବୁ ବନ୍ଧୁ ସହ ମିଳାମିଶା, ମିଷ୍ଟାଳାପ, ମୁଣ୍ଡଳି କଲୋନୀ ପାଇଁ ଥିଲା ବିରଳ, କଲୋନୀ ବାସିନ୍ଦାମାନେ ବାଃ, ବାଃ କଲେ । କାହାକୁ ଜ୍ୱର ହେଲାତ ଆଗ କାନ୍ତି ଦେବୀ, କାହାର ପ୍ରସବ ବେଦନା ହେଲାତ ତାଙ୍କୁ ଜଗିବସିଲେ କାନ୍ତିଦେବୀ, କିଏ ଉପାସ ଅଛିତ ତାକୁ ଘରକୁ ଡ଼ାକିଆଣି ଖୁଆଇଲେ କାନ୍ତିଦେବୀ, ସମସ୍ତେ କହିଲେ, କାନ୍ତିଦେବୀ କେବଳ, ସୁଶ୍ରୀ, ଶିକ୍ଷିତା, ଚଳଚ୍ଚିତ୍ରର ଶ୍ରେଷ୍ଠ ଅଭିନେତ୍ରୀ ନର୍ଗିସ ପରି ସୁନ୍ଦରୀ ନୁହନ୍ତି, ସୁଚରିତ୍ରା, ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ମଧ୍ୟ ।

ବଡ଼ ସାହେବ, ହସି ହସି କହିଲେ "ବୁଝିଲୁ ମୂଷା ସେଦିନ ତତେ ବାଘ ମୁହଁକୁ ଠେଲି ଦେଇ ମୁଁ ଯେଉଁ ପାପ କରିଥିଲି, ସେ ପାପର ପ୍ରାୟଶ୍ଚିତ କଲି ତୋ ପୁଅର ଦ୍ବିତୀୟ ବର୍ଷର ଜନ୍ମଦିନ ପାଳନର, ସବୁ ଖର୍ଚ୍ଚ ନିଜ ହାତରେ ବହନ କରି" ।

❖❖❖

Digitized by srujanika@gmail.com

ଶଳା, ଏସ.ଡ଼ି.ଓ
A. B. C. D

ଡଃ ଦିବାକର ମିଶ୍ର

ମୁଣ୍ଡଳୀ ଡ଼ିଭିଜନରୁ କେ.ଏସ. ମିଶ୍ର ନିର୍ବାହି ଯନ୍ତ୍ରୀଙ୍କର ବଦଳି ହୋଇଗଲା, ଭଣ୍ଡା ସାହେବ ହେଲେ ନିର୍ବାହୀ ଯନ୍ତ୍ରୀ, ଦଳାଇ ଘାଇରୁ ଆସିଲେ, ଦିବାକର ମିଶ୍ର, ଏକ ନମ୍ବର ଏସ୍.ଡ଼ି.ଓ ରୂପେ । ତାଙ୍କ ଜିନିଷପତ୍ର, ପରିବାର, ଆଣିବାପାଇଁ ମୁଣ୍ଡଳୀରୁ ଜିପ୍ ଟ୍ରକ ଗଲା, ମାତ୍ର ଟ୍ରକଟି ଖାଲି ଫେରି ଆସିଲା, ସମୁଦାୟ ପରିବାର, ଆଉ ଆସବାସ ପତ୍ର ଧରି ଜିପ୍‌ରେ ପହଞ୍ଚିଗଲେ, ଦିବାକର ମିଶ୍ର, ତାଙ୍କର ନିରାଡ଼ମ୍ବର କାରବାର ଦେଖି ବିଚମିତ ହୋଇଗଲେ, କଲୋନୀର କର୍ମଚାରୀବୃନ୍ଦ । ତାଙ୍କର ଦୁଇଖଣ୍ଡ ଖଟବି ନଥିଲା, ବଡ଼ ସାହେବ ତଳେ ଶୋଉଥିଲେ, ମୃଷାବାବୁ ତାଙ୍କର ଫିତା ଖଟରୁ ଖଣ୍ଡିଏ ଦେଇଥିଲେ ମିଶ୍ର ସାହେବଙ୍କୁ, ସେ ଦିନ ମିଶ୍ର ସାହେବ କହିଥିଲେ, ''ମୋର ପ୍ରକୃତରେ ଆଉ ଖଣ୍ଡିଏ ଖଟ ଦରକାର ଥିଲା, ମୁଁ ଅସୁବିଧାରୁ କରିପାରୁ ନଥିଲି, କଲେ, ତୁମ ଖଟ, ତୁମକୁ ଫେରାଇ ଦେବି'' । ନିର୍ବାହୀଯନ୍ତ୍ରୀ ହେଲେ, ମୃଷାବାବୁ ବଦଳି ହୋଇଗଲେ, ତଥାପି ଖଟ ଖଣ୍ଡିଏ ବି କରିପାରିଲେ ନାହିଁ, ବସିବା ପାଇଁ ଥାଏ, ଦୁଇତିନି ଖଣ୍ଡ ସାଧାରଣ ଚେୟାର ଅତି ସରଳ ଭାବରେ ଜୀବନ ଯାପନ କରନ୍ତି ମିଶ୍ର ସାହେବ, ଆଉ ତାଙ୍କ ଶ୍ରୀମତୀ, ସେବି, ସେଇଆ, ଲକ୍ଷ୍ମୀ ଠାକୁରାଣୀଙ୍କ ପରି ସୁନ୍ଦର ଗୋରା ଚେହେରା, ପାଞ୍ଚଫୁଟ ଦଶ ଇଞ୍ଚି ଉଚ୍ଚ । ସାନ ଭଉଣୀ ପରି, କାନ୍ତିଲତାଙ୍କୁ ସାଙ୍ଗରେ ଧରି କଲୋନୀର ସମସ୍ତଙ୍କର ଭଲ, ମନ୍ଦ, ବୁଝନ୍ତି । ଦୂରରୁ ଦେଖିଲେ ଜଣାଯାଏ, ସତେ ଯେମିତି ଲକ୍ଷ୍ମୀ ସରସ୍ୱତୀ କଲୋନୀରେ ପରିଭ୍ରମଣ କରୁଛନ୍ତି । ଧିରେ ଧିରେ ମିଶ୍ର ସାହେବ ମୃଷାବାବୁଙ୍କୁ ବେଶି ଭଲପାଇ ବସିଲେ, ସବୁବେଳେ ସବୁକଥାରେ, ଆଗ ମୃଷାବାବୁଙ୍କୁ ଡ଼କରା । କାମ ଯୋରସୋରରେ ଚାଲିଥାଏ, ଡ୍ରାମା, ଅପେରା, ସବୁବେଳେ ଗାଲେ, ତାଙ୍କରି ନିର୍ଦ୍ଦେଶରେ, ତାଙ୍କ କହିବା

ଶ୍ରୀମତୀ ଦିବାକର ମିଶ୍ର

ଶ୍ରୀମତୀ କାନ୍ତିଲତା

Digitized by srujanika@gmail.com

ମୁତାବକ କଲୋନୀରେ କ୍ଲବ ଘର ତିଆରି କଲେ ମୃଷାବାବୁ, କ୍ଲବରେ ଚାଲେ ସବୁବେଳେ ବ୍ରିଜ୍ ଆଉ କେରମ୍, ଚେସ୍, ଖେଳ ।

ଭାଷର ନାୟକ, ପ୍ରାଣକୃଷ୍ଣ ଆଚାର୍ଯ୍ୟ, ଗୋବିନ୍ଦ ଚନ୍ଦ୍ର ବିଶୋଇ, ପ୍ରଥମେ ଯେ.ଇ. ହିସାବରେ ଯୋଗ ଦେଇଥିଲେ ମୁଣ୍ଡଲୀରେ । ସେମାନେ ସବୁ ମୃଷାବାବୁଙ୍କୁ ଭାଇ ଓ କାନ୍ତିଦେବୀଙ୍କୁ ଭାଉଜ ବୋଲି ଡ଼ାକୁଥିଲେ । ଭାଷରବାବୁ ଅତି ନିଜ ଲୋକ ପରି, ଘରେ କାରବାର କଲେ ମୃଷାବାବୁଙ୍କ ପୁଅ ଦୀପକଙ୍କୁ । ସବୁବେଳେ ସାଙ୍ଗରେ ଧରି ବୁଲିଲେ, ମୁଣ୍ଡଳୀରେ ନାଟକ ହେଲା "ଗରିବ" । "ଗରିବ" ନାଟକରେ ଭାଷରବାବୁ ଡ଼ାକ୍ତର ରୋଲ କଲେ, ସେ ତାଙ୍କର ପ୍ରଥମ ଓ ଶେଷନାଟକ । ଭାଷରବାବୁ ବିବାହ କଲେ କାନ୍ତିଦେବୀଙ୍କ, ଅନ୍ତରଙ୍ଗ ସାଙ୍ଗ ଉମାରାଣୀଙ୍କୁ । ଉମାଦେବୀ ପ୍ରିନ୍‌ସପାଲ୍ ହେଲେ, ଆଉ ଭାଷର ବାବୁ ମୁଖ୍ୟଯନ୍ତ୍ରୀ ହିସାବରେ ଅବସର ନେଲେ, ପୁଅ ଇଞ୍ଜିନିୟର, ଝିଅମାନେ ଆ.ଏ.ସ. ଆଲେଡ଼୍‌ଙ୍କୁ ବିବାହ କଲେ ଭାଷର ବାବୁ ମୃଷାବାବୁଙ୍କର ଅତି ନିଜର । ଭାଷର ବାବୁଙ୍କ ଝିଅ ବାହାଘର, ମିନି ସିଦ୍ଧିଆ ବାହାଘର ସଙ୍ଗେ ତୁଳନା କରାଯାଏ ।

ଭୁବନ ବାବୁ ଅଫିସ୍‌ର କିରାଣୀ, ଆଉ ଗୋବିନ୍ଦ ମଲ୍ଲ, ପ୍ରଥମେ ଓଭରସିଅର ରୂପେ ଯୋଗଦେଲେ ମୁଣ୍ଡଳିରେ । ଉଭୟେ ଭଲ ଡ୍ରାମା କରନ୍ତି । ସେମାନଙ୍କ ସହିତ ମୃଷାବାବୁଙ୍କର ଅତ୍ୟନ୍ତ ଘନିଷ୍ଠତା ହୋଇ ଉଠିଲା ଦୁଇଭାଇ ପରି । ଘରେ କାରବାର କଲେ । ମୃଷାବାବୁ ତାଙ୍କ ପରିବାରଙ୍କୁ ନେଇ, ବହୁବାର ଗଲେ, ତାଙ୍କ ଗାଁକୁ । ଗାଁ ସାଲେପୁର ଓ ଦଧିମାଛ ଗାଡ଼ିଆ । ତାଙ୍କ ଗାଁରେ ମୃଷାବାବୁ ଆଉ କାନ୍ତିଦେବୀ ସମସ୍ତଙ୍କର ପ୍ରଂସଶାର ପାତ୍ର ହେଲେ । ତାଙ୍କର ସଂପର୍କ, ଆଜି ଯାଏ ଅତି ଦୃଢ଼ । କାନ୍ତିଦେବୀ ଚେଷ୍ଟାକରି, ଗୋବିନ୍ଦ ମଲ୍ଲ ପାଇଁ, ସୁନ୍ଦରୀ ଝିଅଟିଏ ଖୋଜି ଖୋଜି ଆଣିଲେ, ପୁରୀରୁ ରମାମଞ୍ଜରୀ, କାନ୍ତିଦେବୀଙ୍କୁ ଅପା ଆଉ ମୃଷାବାବୁଙ୍କ ଦେଢ଼ଶୁର ଭଳି ସ୍ନେହ ଆଉ ଭକ୍ତି କଲେ । ଭୁବନବାବୁ ଚାକିରି ଛାଡ଼ି ବ୍ୟବସାୟ କଲେ । ଆଉ ଗୋବିନ୍ଦ ମଲ୍ଲ ଏସ୍.ଡ଼ି.ଓ ଅଛନ୍ତି । ବହୁତ ଛଷାଳି ପିଲା ମୃଷାବାବୁଙ୍କ ପରି, ଘରର ବହୁ ଦାୟିତ୍ୱ ତାଙ୍କରି । ଭଣା ସାହେବଙ୍କର ଭୁବନେଶ୍ୱରକୁ ବଦଳି ହୋଇଗଲା । ଦିବାକର ମିଶ୍ର ହେଲେ ନିର୍ବାହି ଯନ୍ତ୍ରୀ, ଭଣା ସାହେବ ଥିଲେ, ଅତି ପବିତ୍ର-ମନା ଲୋକ, ରଜ ସଂକ୍ରାନ୍ତି ଦିନ ନୂଆ ଲୁଗାପିନ୍ଧି, ସାଙ୍ଗମାନଙ୍କ ସହ ବରକୁଲ ଡ଼ାକ ବଙ୍ଗଳାକୁ ଭୋଜି କରି ଯାଉଥିବା ବେଳେ, ଖଣ୍ଡଗିରୀ ପାଖରେ ଜିପ୍ ଦୁର୍ଘଟଣାରେ ମୃତ୍ୟୁ ବରଣ କଲେ । ସେଦିନର ସେ ହୃଦୟ ବିଦାରକ କରୁଣ ଦୃଶ୍ୟ ଥିଲା, ମୃଷାବାବୁ ଆଉ କାନ୍ତିଦେବୀଙ୍କ ପାଇଁ ଅତି ଦୁଃଖ ଦାୟକ ।

ମୁଣ୍ଡଳୀର ବହୁ ଗୁରୁତ୍ୱପୂର୍ଣ୍ଣ କାମ ଯୋଗୁଁ ବହୁ ପ୍ରବିଣ, କାର୍ଯ୍ୟଦକ୍ଷ, ଓଭରସିଅର ମାନେ ଥିଲେ, ସେମାନେ ହେଲେ ଇଂ. ବି. ନାୟକ, ଓଭରସିଅର ରଘୁନାଥ ତ୍ରିପାଠୀ, ବିର

Digitized by srujanika@gmail.com

କିଶୋର ଦାଶ, ଚିନ୍ତାମଣୀ ମିଶ୍ର, ପଞ୍ଚାନନ ଧଳ, ଧବଳ ଚୌଧୁରୀ, ଗୋପାଳ ପଟ୍ଟନାୟକ, ଲଡ୍ଡୁ କିଶୋର ପଟ୍ଟନାୟକ ଶ୍ୟାମ ମିଶ୍ର ବୈଦ୍ୟନାଥ ମିଶ୍ର, ଗଗନ ରାୟ, ହରି ନାୟକ, ସମସ୍ତେ ମୃଷାବାବୁଙ୍କୁ ବେଶି ଭଲ ପାଉଥିଲେ, କେବଳ ତାଙ୍କର ଶ୍ରୀମତୀଙ୍କ ସୁଗୁଣ ଯୋଗୁଁ ।

ଦିନେ, କେରଳ ତ୍ରିଭେନ୍ଦ୍ରମ କଲେଜରୁ ପାଶ୍ କରି ଆସିଲେ ବିଷ୍ଣୁଦାସ, ଆଉ କୁମୁଦ ପଟ୍ଟନାୟକ ଏକ ନମ୍ବର ଆଉ ଦୁଇ ନମ୍ବର ଏସ.ଡ଼ି.ଓ ହିସାବରେ । ବିଷ୍ଣୁ ଦାସ ଅତି ବୁଦ୍ଧିମାନ, କାର୍ଯ୍ୟଦକ୍ଷ ଇଞ୍ଜିନିୟର, ମୂଖ୍ୟଯନ୍ତ୍ରୀ ଅଛନ୍ତି, ବହୁତ ଦିନ ମୁଖ୍ୟ ପ୍ରଧାନ ଯନ୍ତ୍ରୀ ହେଇ ଅବସର ନେବେ । ତାଙ୍କର ବଡ଼ ଭାଇ ଡ଼ା. ବଳଭଦ୍ର ଦାସ ମୃଷାବାବୁଙ୍କ ଶାଳୀ, ସୁନିକୁ ବିବାହ କରିଛନ୍ତି । ତେଣୁ ସେ ମୃଷାବାବୁଙ୍କର ସଢୁଭାଇ । ବିଷ୍ଣୁବାବୁ ମୁହଁକୁ ନଅନାଇ ତଳକୁ ଅନାଇ କଥାବାର୍ତ୍ତା କରନ୍ତି, ସେ ମୃଷାବାବୁଙ୍କୁ ବହୁତ ସ୍ନେହ ଭକ୍ତି କରନ୍ତି । ଆଉ କୁମୁଦ ପଟ୍ଟନାୟକ, ଆଗରୁ ଜାଣିଥିଲେ ତାଙ୍କ ଭଉଣୀ କାନ୍ତିଲତାଙ୍କ ସ୍ୱାମୀ ମୃଷାପଟ୍ଟନାୟକ ମୁଣ୍ଡଳୀରେ ଅଛନ୍ତି ବୋଲି । ତାଙ୍କୁ ସାଙ୍ଗେ ସାଙ୍ଗେ, କ୍ୱାର୍ଟର ମିଳି ଗଲେବି, ଖାଇଲେ କାନ୍ତି ଘରେ । ସେ ମୃଷାବାବୁଙ୍କ ଠାରୁ ଆଠ ଦଶ ବର୍ଷ ସାନ, ଅତି ସୁନ୍ଦର ଚେହେରା ଛଫୁଟ ଚାରିଇଞ୍ଚ । ଯୁଆନ ଟୋକା, ପୋଷାକ ପତ୍ର ଅଦ୍ଭୁତ କିସମର ଉଆନ୍ ଫୋର୍ଟ ପେଣ୍ଟ, ସ୍ପୋଟିଙ୍ଗ-ଗଞ୍ଜି, ମୁଣ୍ଡରେ ଟୋପି, ଆଖିରେ ଚସମା, କାନ୍ଧରେ କ୍ୟାମେରା, ହାତରେ ବାଇନା-କୁଲାର, ଅତିଫୁର୍ତ୍ତି, ସମସ୍ତଙ୍କର ନଜର ପଡ଼ିବା ଅଫିସର ଖଣ୍ଡେ । ସବୁବେଳେ ହସ ହସ ମୁହଁ, ଏକା ଲଞ୍ଚରେ ବସି ବାଇନା କୁଲାରରେ, ମନ୍ଦିର, ପାହାଡ଼, ଗାଧୁଆ ତୁଠ, ପାଇଖାନା, ଗାଁ ସ୍ତ୍ରୀଲୋକମାନେ ଯାଉଥିବା ଖୋଲା ମଇଦାନ ବୁଲି ଦେଖନ୍ତି । ବାପା ଗୌରାଙ୍ଗ ପଟ୍ଟନାୟକ, କଟକ ସିଭିଲ ସର୍ଜନ ଓ ମୁଖ୍ୟ ମେଡ଼ିକାଲ ଅଫିସର ।

କୁମୁଦ ବାବୁ(ନଟୁଭାଇ) ଥାଆନ୍ତି ମୃଷାବାବୁଙ୍କର ସହକାରୀ ଯନ୍ତ୍ରୀ, କାମ ଉପରେ ମୃଷାବାବୁଙ୍କୁ ନନ୍‌ସେନ୍ସ, ୟୁସ୍‌ଲେସ୍, ଇଡ଼ିଅଟ୍ ବୋଲି ଗାଳି ଦିଅନ୍ତି । ଘରେ ଖାଇଲାବେଳେ କ୍ଷମା ମାଗନ୍ତି, କହନ୍ତି ଘରେ ଆମେ ଶଳା, ଭିଣେଇ । କାମରେ ଏସି.ଡ଼ି.ଓ, ଓଭରସିଅର । ବହୁତ ଆନନ୍ଦ ଭିତରେ କଟିଯାଏ ଦିନ ଗୁଡ଼ିକ ।

ନିର୍ବାହୀଯନ୍ତ୍ରୀ ଦିବାକର ମିଶ୍ର, ବଡ଼ ବିଚକ୍ଷଣ ଇଞ୍ଜିନିୟର । ସେ ଗୋଟାଏ ଦିନରେ ଠଅରେଇ ନିଅନ୍ତି, କିଏ ବୁଦ୍ଧିଆ, କର୍ମଠ ଆଉ କିଏ ବୋକା ବୁଦ୍ଧିହୀନ ଅଳସୁଆ। କୁମୁଦ ବାବୁ କାମ ଅପେକ୍ଷା ଟିକିଏ ଅଧିକ ବ୍ଲଫ ମାରନ୍ତି, ସେ ଭଲ ଭାବରେ ତାଙ୍କୁ ଜାଣିଗଲେ ବି କିଛି ଭାବନ୍ତିନି କି, କିଛି କହନ୍ତି ନାହିଁ । ସମସ୍ତଙ୍କୁ କଣ୍ଟ୍ରୋଲ କରି ଭଲ ବାଟକୁ ଆଣିବାରେ ସେ ସିଦ୍ଧହସ୍ତ । ମୁଣ୍ଡଳୀରେ ହାଡ଼ିବନ୍ଧୁ କାନୁନ୍‌ଗୋ, ଠିକାଦାରୀ କରୁଥାଆନ୍ତି, ପାଖରେ ତାଙ୍କର ଥାଆନ୍ତି, ଶଳା, ନରି କାନୁନ୍‌ଗୋ, ହାଡ଼ିବନ୍ଧୁ ବାବୁ ଡ଼ିପ୍‌ଲୋମା ଇଞ୍ଜିନିୟର,

Digitized by srujanika@gmail.com

ତାଙ୍କ କାମରେ ଆଦୌ ତ୍ରୁଟି ନଥାଏ । ଭୀଷଣ ରାଗି ଉପର ଅଫିସରଙ୍କ ଠାରୁ ଖରାପ ବ୍ୟବହାର ପାଇଲେ ଆଦୌ ଛାଡ଼ନ୍ତି ନାହିଁ ତାଙ୍କୁ, ମୁହେଁ ମୁହେଁ ଜବାବ୍ ଦିଅନ୍ତି । ଦିନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସି.ଏମ୍. ବାନେର୍ଜୀଙ୍କ ପାଖରୁ ଖରାପ ବ୍ୟବହାର ପାଇ, ତାଙ୍କୁ ଯୋତାରେ ବାଡ଼େଇ ଚାକିରିରୁ ରେଜିଗ୍‌ନେସନ୍ ଦେଇଦେଲେ ।

ଓଡ଼ିଶାର ବରପୁତ୍ର ପ୍ରାଣକୃଷ୍ଣ ପରିଜା ହାଡ଼ିବନ୍ଧୁ କାନୁନ୍‌ଗୋ, ଅଦ୍ୱୈତ ମହାନ୍ତି ଆଇ.ଏ.ଏସ୍, ତିନିଜଣ ଯାକ ବିବାହ କରିଥିଲେ, କଟକ ଜିଲ୍ଲା ବାଲିପଡ଼ିଆର ତିନି ସୁନ୍ଦରୀ ଝିଅଙ୍କୁ । ପ୍ରାଣକୃଷ୍ଣ ପରିଜାଙ୍କ ବଡ଼ପୁଅ ଲଲାଟେନ୍ଦୁ ପରିଜା ଓଡ଼ିଶାର ମୁଖ୍ୟ ଶାସନ ସଚିବ, ପି.ଏସ୍.ସିର ଚେୟାରମ୍ୟାନ୍ ହୋଇ, ଅବସର ନେଲେ, ହାଡ଼ିବନ୍ଧୁଙ୍କ ବଡ଼ପୁଅ, ଫନି କାନୁନ୍‌ଗୋ ଓକିଲ ଓ ସ୍ପେସିଆଲ କ୍ଲାସ ଠିକାଦାର । ଅଦ୍ୱୈତ ମହାନ୍ତି କଲେକ୍ଟରଙ୍କ ଦୁଇ ପୁଅ । ବଡ଼ ବିକ୍ରମ ମହାନ୍ତି ରାଉରକେଲା ଷ୍ଟିଲ୍ ଫାକ୍ଟ୍ରୋରିର ବଡ଼ ଅଫିସର, ଆଉ ସାନପୁଅ ସଂଗ୍ରାମ ମହାନ୍ତି (ମୃଷାବାବୁଙ୍କ ବଡ଼ ଝିଅ ମେଘମାଳାର ସ୍ୱାମୀ) । ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ପରିଜା ସାହେବଙ୍କୁ ଅବସର ଦେବାକୁ ଚାହୁଁ ନଥିଲେ, ପରିଜା ସାହେବ ଅତିଭଲ, ସଚ୍ଚୋଟ୍ ଲୋକ, ମୃଷାବାବୁ ଓ କାନ୍ତିଦେବୀଙ୍କୁ ବହୁତ ସ୍ନେହ, ଭକ୍ତି କରନ୍ତି । ଦୁଇପୁଅ, ଦୀପକ, ଆଲୋକ ତାଙ୍କର ଅତି ନିଜର ପ୍ରିୟ ଶଳା, ମୃଷାବାବୁଙ୍କ ବଡ଼ ଯୋଇଁ ସଂଗ୍ରାମ ମହାନ୍ତି ବ୍ୟାଙ୍କ ଅଫିସର୍ ବଡ଼ ମଜାଦାର ପିଲା, କମେଡ଼ିଆନ୍ ଶଶୁରଙ୍କୁ ଦେଖିଲେ, ତାଙ୍କ ହାତରୁ, ସାଧା ସିଗାରେଟ ଫୋପାଡ଼ି ଦେଇ, ଦାମିକା ବିଦେଶୀ ସିଗାରେଟ ଧରାଇ ଦେଇ, କହେ, ''ସାଙ୍ଗମାନେ ଆପଣ ପାଇଁ, ରଖିଦେଇ ଯାଇଛନ୍ତି'', ତାଆର ବହୁତ ସାଙ୍ଗ । ସମସ୍ତେ ବଦଗୁଣର ବାହାରେ, ଶଶୁରଙ୍କୁ ଦେଖିଲେ କହେ, ବାପା ଆପଣଙ୍କ ଝିଅ, ଆଉ କମ୍ପ୍ଲେନ କରୁନଥିବ ଏଥର ମୁଁ ଠିକ୍ ନଅଟା ଭିତରେ ଘରକୁ ଆସୁଛି । ହେଲେ ବାପା, ମୁଁ ଶୁଣିବାକୁ ପାଉଛି, ବାପା, ମାନେ (ମୋ ଶଶୁର) ଏବେ ବି, ରାତି ଦୁଇଟା ପରେ ଘରକୁ ଆସୁଛନ୍ତି, ଏମିତି କେତେ ମଜା କଥା କରି ମୃଷାବାବୁ ଆଉ ସମସ୍ତ ପରିବାରକୁ ଆନନ୍ଦରେ ରଖିଥାଏ ସଂଗ୍ରାମ । ସେତେବେଳେ, କଟକରେ କଲେକ୍ଟର ଥାଆନ୍ତି, ଅଦ୍ୱୈତ ବାବୁ । ଦିନେ ମୁଣ୍ଡଳୀ ଆସି, ମୃଷାବାବୁଙ୍କ ଶଳା କୁମୁଦ ପଟ୍ଟନାୟକଙ୍କ ସହିତ ନିଜ ସାନ ଝିଅ ରଞ୍ଜୁର ବିବାହ ପ୍ରସ୍ତାବ ଦେଲେ ସବୁ ହାଡ଼ିବନ୍ଧୁ କାନୁନ୍‌ଗୋ ବସାରେ ରହି, ଶଳା ନରି କାନୁନ୍‌ଗୋକୁ ଦାୟିତ୍ୱ ଦେଇ ଗଲେ । ମୃଷାବାବୁ ଆଉ, କୁମୁଦ ବାବୁ, ଝିଅଦେଖି କଟକ ଯିବେ ।

ଶଳା, ଭିଣେଇ, ବେଶଭୂଷା ହେଇ, ନରିବାବୁଙ୍କୁ ସାଙ୍ଗରେ ଧରି ପହଞ୍ଚିଗଲେ, ଅଦ୍ୱୈତ ବାବୁ କଲେକ୍ଟରଙ୍କ ରହୁଥିବା, କଟକର ଛତରା ବଜାର ଘରେ । ଯୋଇଁବାବୁ ଆସୁଛନ୍ତି ଖବର ପାଇ, ବହୁ ରକମର ଜଳଖିଆ ତିଆର କରି ଟେବୁଲ୍ ଉପରେ ରଖି ଥାଆନ୍ତି କଲେକ୍ଟର ସାହେବ ।

Digitized by srujanika@gmail.com

ଅଦୈତ ବାବୁ କହିଲେ, "ଆଗ ଟିକିଏ, ଗାହା, ଜଳଖିଆ ହେଉ", କୁମୁଦ ବାବୁ କହିଲେ "ଦେଖନ୍ତୁ, ଝିଅ ଦେଖିବା ଆମ ମୁଖ୍ୟ କାମ, ସେ କାମ ନସରିବା ଯାଏ, ଆମେ କିଛି ଖାଇବୁନି", ଝିଅ ଉପରେ ଅଛି ଶୁଣି, ଉପରକୁ ଉଠିଲେ ଝିଅ ଦେଖିବାକୁ, ସାଙ୍ଗରେ ଗଲେ ଅଦୈତ ବାବୁ ଆଉ ତାଙ୍କର ସ୍ତ୍ରୀ, କୁମୁଦ ବାବୁ କହିଲେ "ଆପଣ ମାନେ ଝିଅପାଖରେ ରହିଲେ, ଆମେ ଝିଅ ଦେଖିବୁ କେମିତି ? ଦୟାକରି, ଆପଣମାନେ, ବାହାରେ ରହନ୍ତୁ, ଆମେ କେବଳ, ଦୁଇଜଣ ଶଙ୍କା ଭିଣେଇ ଭିତରକୁ ଯିବୁ । କୁମୁଦ ବାବୁଙ୍କ ଏପରି ବ୍ୟବହାରରେ, ମୃଷାବାବୁ ବଡ଼ ଯୋର୍‌ରେ ରାଗି ଉଠିଲେ । କୁମୁଦ ବାବୁ ତାଙ୍କୁ ତାଗିଦ୍‌କରି କହିଲେ, ତୁମେ ନିରବ ରୁହ, ମୋତେ ଟିକିଏ ନିରବରେ ଝିଅ ଦେଖିବାକୁ ଦିଅ, ଏ ହେଉଛି ମୋର ପ୍ରଥମ ଜୀବନ ସଙ୍ଗିନୀ ସିଲେକ୍‌ସନ୍, ଜୀବନ ମରଣ ସମସ୍ୟା ।

ଘର ଭିତରକୁ ପଶିଗଲେ କୁମୁଦ ବାବୁ ତାଙ୍କ ପଛେ ପଛେ ମୃଷାବାବୁ, ପଲଙ୍କ ମଶୁରୀ ବାଡ଼ାକୁ ଧରି, କାନ୍ଥ ପାଖକୁ ଠିଆହୋଇଥାନ୍ତି ରଞ୍ଜୁ ଦେବୀ, ନଟୁଭାଇ ଇଣ୍ଟରଭିଉ, ମାନେ ଭେରି ଫିକେସନ ଆରମ୍ଭ କଲେ ।

(A) Age - ମାନେ ବୟସ, ମୋର ଅଠର, ଉନେଇଶ୍ ବର୍ଷର ଝିଅଟିଏ ଦରକାର, ତୁମେ ଦିଶୁଛ ଠିକ୍ ତାଆରି ଭିତରେ, ଚଳିବ (ଉତ୍ତୀର୍ଣ୍ଣ)

(B) Beauty - ମାନେ ସୌନ୍ଦର୍ଯ୍ୟ, ମୁଁ ଯେତିକି ଆଶା କରିଥିଲି ତୁମେ ତାଠାରୁ ଆହୁରି ବେଶି ସୁନ୍ଦରୀ - ଚଳିବ (ଉତ୍ତୀର୍ଣ୍ଣ ପ୍ରଥମ ଶ୍ରେଣୀରେ)

(C) Character- ମାନେ - ଚରିତ୍ର, ତୁମର ଚରିତ୍ର ତୁମକୁ ହିଁ ଜଣା, ଏଯୁଗରେ ତ ଆଉ, ସୀତା, ସାବିତ୍ରୀ ନାହାନ୍ତି, ମୁଁ ବା କେଉଁ ରାମଚନ୍ଦ୍ର ବା ସତ୍ୟବାନ ଯେ । ଚଳିବ (ଉତ୍ତୀର୍ଣ୍ଣ)

(D) Dowry - ମାନେ ଯୌତୁକ, ମୋର କିଛି ଡ଼ିମାଣ୍ଡ ନାହିଁ, ବାପାଙ୍କର ଥାଇପାରେ, ତୁମ ବାପା, ଆଇ.ଏସ୍. ଅଫିସର, ଦେଇ ପାରିବେ ଚଳିବ (ଉତ୍ତୀର୍ଣ୍ଣ)

(E) Education - ମାନେ ଶିକ୍ଷା, ମୋର ଦରକାର ଆଇଏ, ବିଏ ପଢ଼ିଥିବା ଭିତରେ ଝିଅ, ତୁମ ବାପା କହନ୍ତି - ତୁମର ଶିକ୍ଷା ତା ଭିତରେ, ସାଟିଫିକେଟ୍ ଥିବ, ଠକି ପାରିବ ନାହିଁ, ଚଳିବ (ଉତ୍ତୀର୍ଣ୍ଣ)

(F) Family - ମାନେ ବଂଶ - ତୁମେ ଅତି ସମ୍ଭ୍ରାନ୍ତ ବଂଶର ଝିଅ, ପ୍ରାଣକୃଷ୍ଣ ପରିଡ଼ାଙ୍କ ପୁଅ, ଲଲାଟେନ୍ଦୁ ପରିଡ଼ା, ଯାହାର ବଡ଼ ଭାଇ, ବାପା ଅଦୈତ ମହାନ୍ତି, ପ୍ରାଣକୃଷ୍ଣ ପରିଡ଼ାଙ୍କ ସାନ ସଢୁ, ଆଉ ବଂଶ ପରିଚୟ ଅଧିକ ଦରକାର ନାହିଁ- ଚଳିବ (ଉତ୍ତୀର୍ଣ୍ଣ ପ୍ରଥମ ଶ୍ରେଣୀରେ)

Digitized by srujanika@gmail.com

(G) Girth - ମାନେ କଟି, ମୁଁ ଦେଖୁଛି ତୁମର ସିଂହକଟୀ, ମୋର ସିଂହ କଟୀ ଥିବା ଝିଅଟିଏ ଦରକାର ଥିଲା, ଚନ୍ଦ୍ରିବ (ଉତ୍ତୀର୍ଣ୍ଣ ପ୍ରଥମ ଶ୍ରେଣୀରେ) ମୃଷାବାବୁ ପାଟି କରି ଉଠିଲେ, ନଟୁଭାଇ, ବନ୍ଦକର, ତୁମର ପାଗଳାମି, ଅଦ୍ୱୈତ ବାବୁ ଅତି ଭଦ୍ରଲୋକ, ତାଙ୍କ ଝିଅ, ଅତ୍ୟନ୍ତ ଧୈର୍ଯ୍ୟଶାଳୀ, ବିଚାରବନ୍ତ, ନହେଲେ, ତୁମେ ଯେଉଁ ପ୍ରହସନ ଏଠି ଦେଖାଇ ଚାଲିଛି ନା, ତୁମକୁ କେବେଠାରୁ ଦରୱାନ୍ ଡ଼କାଇ ଧକ୍କାଦେଇ ବାହାର କରି ସାରନ୍ତେଣି ।

କୁମୁଦ ବାବୁ ମଧ୍ୟ, ଯୋରରେ କହିଲେ କଣ କହିଲ ମୋତେ ଧକ୍କାଦେଇ ବାହାର କରିଦେବେ ? କାହିଁକି ? ସେ , ଆଇ. ଏସ୍ କଲେକ୍ଟର, ହେଲେ ମଧ ମୁଁ ପ୍ରଥମ ଶ୍ରେଣୀର ପ୍ରଥମ, ଇଞ୍ଜିନିୟର । ଭାରତରେ ନାମଥିବା, ତ୍ରିଭେନ୍ଦ୍ରମ, ଇଂଜିନିୟରିଙ୍ଗ୍ କଲେଜରୁ ପାଶ୍ କରିଛି । ମୁଁ କେନ୍ଦୁଝରର, ଉଚ୍ଚ ସମ୍ଭ୍ରାନ୍ତ ଜମିଦାର ବଂଶର ପିଲା, ବାପାମୋର ଚିଫ୍ ମେଡ଼ିକାଲ ଅଫିସର୍ ମୁଁ କିଛି କମ୍ ନୁହେଁ, ତୁମେ ସିନା, ଅଯୋଗ୍ୟ ହୋଇ, ଆମର ସବୁସୁଗୁଣରେ ପରିପୂର୍ଣ୍ଣା ଅତି ସୁନ୍ଦରୀ ଭଉଣୀ କାନ୍ତିକୁ ବାହାହେଇ ପଡ଼ିଲ, ତୁମ ଭାଗ୍ୟଭଲ ଆମ୍ଭେମାନେ ସେତେବେଳେ ଛୁଆଥିଲୁ, ଆମ ମାନଙ୍କର କିଛି ବକ୍ତବ୍ୟ ନଥିଲା, ହେଲେ ମୁଁ ଇଂ.କୁମୁଦ ଆନନ୍ଦ ପଟ୍ଟନାୟକ, ମୋର ଜୀବନ ସହଚରୀକୁ ଟିକି ନିଖି କରି ପରିକ୍ଷା କରି ବିବାହ କରିବି, ତା ପୂର୍ବରୁ ନୁହେଁ ।

ହୁଁ, ମୋର ଶେଷ, ଆଉ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଅସଲ ପଏଣ୍ଟ ହେଲା (୪) (H)Height- ମାନେ ଉଚ୍ଚତା, ମୁଁ ଛଅଫୁଟ ଚାରିଇଞ୍ଚ ଉଚା, ମୁଁ ଡ୍ରଇଁଙ୍ଗ୍ ଡ଼ିଜାଇନ୍ କରି ମୋର, ମଧ୍ୟସ୍ଥ ଭିଣେଇ ମୃଷାବାବୁଙ୍କୁ ବୁଝାଇଦେଇଛି ମୋ ସ୍ତ୍ରୀର ଉଚ୍ଚତା ଅତିକମ୍‌ରେ ପାଞ୍ଚଫୁଟ- ଛଅଇଞ୍ଚ ହେବା ଦରକାର । କିନ୍ତୁ ତୁମେ ମୋର ସାତଟା ପଏଣ୍ଟରୁ, ତିନିଟା ପଏଣ୍ଟରେ ପ୍ରଥମ ଶ୍ରେଣୀରେ ପାଶ୍ କରିଥିବାରୁ ତୁମ ପାଇଁ ମୁଁ ଉଚ୍ଚତା, ପାଞ୍ଚଫୁଟ ତିନିଇଞ୍ଚକୁ କମାଇଦେଲି । ଦୁଃଖର କଥା, ମୁଁ ଦେଖୁଛି ତୁମେ ପାଞ୍ଚଫୁଟରୁ ଅଧିକ ହେବ ନାହିଁ, ଆଉ ପଲଙ୍କ ଉପରେ ବେଡ୍‌ସିଟ୍ ଏମିତି ପକାଇ, କାନ୍ଥ ପାଖରେ ଠିଆହୋଇଛ ଯେ, ମୋର ମନେହୁଏ, ତୁମେ, ଦୁଇ, ତିନିଇଞ୍ଚ ଉଞ୍ଚା ଏକ କାଠ ପିଢ଼ା ଉପରେ ଠିଆ ହେଇଛ, ସେଥିରୁ ଓହ୍ଲାଇ ପଡ଼ିଲେ ଉଚ୍ଚତା ଆହୁରି ବି କମିଯିବ- ତୁମ ବାପା ମିଛ କହିଛନ୍ତି, ମୋର ପରୀକ୍ଷା ସରିଲା- ନମସ୍କାର ।

ମୃଷାବାବୁ ରାଗି, ତାଙ୍କୁ ଠେଲି, ଠେଲି ନେଇ ଆସିଲେ ତଳକୁ "କହିଲେ ତୁମ ସାଙ୍ଗରେ ଝିଅ ଦେଖିବାକୁ ଆସି ମୁଁ ମସ୍ତବଡ଼ ଭୁଲ୍ ନୁହେଁ, ପାପ କରିଛି" । ଅଦ୍ୱୈତ ବାବୁଙ୍କ ବହୁ ଅନୁରୋଧ ସତ୍ତ୍ୱେ ବି, କିଛି ନଖାଇ ଚାଲିଆସିଲେ ମୁଣ୍ଡଳୀ, ଖଳା, ଭିଣେଇ ।

Digitized by srujanika@gmail.com

ତାପର ଦିନ ସକାଳ, କାର୍ଡ଼ରେ ଚିଠି ଲେଖିଦେଲେ ମିଃ. ମହାନ୍ତି, ମୁଁ ବହୁତ ଦୁଃଖୀ, ତୁମଝିଅ ପାଞ୍ଚଫଟ୍‌ରୁ କମ୍, ମୁଁ ଉଚ୍ଚତା ବିଷୟରେ, କମ୍ପ୍ରମାଇଜ କଲେ, ମୋର ଦାମ୍ପତ୍ୟ ଜୀବନ ସୁଖମୟ ହେବ ନାହିଁ, ତେଣୁ ବିବାଘର ହେବନି । ଚିଠି ପାଇଲା ପରେ, ଅଦ୍ୱୈତ ବାବୁ ପିତବାସ ପଟ୍ଟନାୟକ, ଓ.ଏସ୍.ଙ୍କ ସହିତ ରଞ୍ଜୁର ବିବାହ କଲେ । ପିତବାସ ପଟ୍ଟନାୟକ, ଓ.ଏସ ରୁ ଆଇ.ଏସ୍ ହେଲେ, ପରେ କଲେକ୍ଟର, ଜଏଣ୍ଟ ସେକ୍ରେଟାରୀ ହୋଇ ଅବସର କଲେ ମଧ ଓଡ଼ିଶାର ବ୍ୟତୀକ୍ରମ ମୁଖ୍ୟମନ୍ତ୍ରୀ ତାଙ୍କୁ ବୋର୍ଡ଼ର ଆଡ଼ଭାଇଜର, ମେମ୍ବର କରାଇଲେ, ଅତି ସୁଖମୟ ଜୀବନ ତାଙ୍କର । ଆଉ ରଞ୍ଜୁ, ଗୋଟିଏ ପୁଅ ଦୁଇଟି ଝିଅର ମା, ହୋଇ ପୁଅ ଝିଅ ବାହା କରାଇ ଦେଖାଯାଏ, ଅବିବାହିତ ସୁନ୍ଦରୀ ଝିଅଟି ପରି । ସେ ଏବେ ମୃଷାବାବୁଙ୍କ ବଡ଼ ଝିଅ ମେଘିର ସାନ ଗେହ୍ଲାନନ୍ଦ ତାର କିଛିଦିନ ପରେ କୁମୁଦ ବାବୁ ବିବାହ କଲେ ଗୋକୁଳା ନନ୍ଦ ମହାନ୍ତି ଆଇ.ପି.ଏସ୍‌ଙ୍କ ଝିଅ ମେକି ନୁଆବଉଙ୍କୁ, ହେଲେ ମେଙ୍କି ନୁଆବଉ, ରଞ୍ଜୁଠାରୁ ଊଣା ନୁହେଁ, ବିବାଘର ପରେ ଏଯୋଡ଼ି ଦେଖି ମୃଷାବାବୁ କହିଲେ “ଧନ୍ୟରେ ଶଳା ଏସ.ଡ଼ି.ଓ, ଧନ୍ୟ ତୁମର ଫରମୁଲା A.B.C.D....

Digitized by srujanika@gmail.com

୧୮

ମଲା ମଣିଷର ହସ

ଭଣ୍ଡା ସାହେବଙ୍କର ବଦଳି ହେଲା ଭୁବନେଶ୍ୱରକୁ । ନିର୍ବାହି ଯନ୍ତ୍ରୀରୂପେ ପଦୋନ୍ନତି ହେଲା ଦିବାକର ମିଶ୍ରଙ୍କର । ମୁଣ୍ଡଳୀ ଡିଭିଜନରେ ନୂଆ ଯୁଗ ସୃଷ୍ଟି ହେଲା । ଦିବାକର ମିଶ୍ର ତାଙ୍କର ନିର୍ମଳ ଶାସନ ଚଳାଇଲେ । ସକାଳୁ ରାତି ନଅଟା ଦଶଟା ଯାଏ କାମ । ତାପରେ ଚାଲେ ବ୍ରିଜ ଖେଳ, କିରାଣୀ ଓଭରସିୟର ମାନଙ୍କୁ ଧରି କ୍ଲବ ଭିତରେ । ଦୁଇ ତିନି ଘଣ୍ଟା ବ୍ରିଜ ଖେଳ ନହେଲେ ଦିବାକର ବାବୁଙ୍କୁ ନିଦ ହୁଏ ନାହିଁ । ପ୍ରତି ତିନିଚାରି ମାସରେ ଗୋଟାଏ ଲେଖାଏଁ ଡ୍ରାମା । ଥରେ ଦିବାକର ବାବୁ ନିଷତି କଲେ, ଦୁଇଟି ନାଟକ ହେବ, ଗୋଟିଏ ଐତିହାସିକ "ସମ୍ରାଟ ଚନ୍ଦ୍ରଗୁପ୍ତ" ଆଉ ଗୋଟିଏ ସାମାଜିକ "ଗରିବ" ।

ମୃଷାବାବୁ ପ୍ରଥମେ ସୀତା, ତାପରେ ସନ୍ଧ୍ୟା, ତାପରେ ବିଲ୍ୱ ମଙ୍ଗଳ, ମାମୁଁ, ଚକ୍ରୀ, ଲାଲଟାବୁକ ଏମିତି ଶହ ଶହ ବହିରେ ରୋଲ କରିଥିଲେ । ଇଞ୍ଜିନିୟରିଂ ସ୍କୁଲରେ ପଢ଼ିଲା ବେଳେ, ଗୋବିନ୍ଦ ତେଲଙ୍କ ସହ ମିଶି, ମିର କାଶିମ୍· ନନ୍ଦ କୁମାର ଫାଶୀ ଟିପୁ ସୁଲତାନ, ମେବାର ପତନ, ଦୁର୍ଗା ଦାସ, ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ହୀରାକୁଦରେ ଆରମ୍ଭ ହେଲା ତାଙ୍କର ନିର୍ଦ୍ଦେଶନା । ଗୋବିନ୍ଦ ତେଲ୍, ଏସ୍.ଡ଼ି.ଓ. ହୋଇ କେତେ ଦିନ ସରକାରୀ ଚାକିରି କରି, ଡ୍ରାମା, ସିନେମାରେ ମାତି ବହୁତ ସୁନାମ ଅର୍ଜ୍ଜନ କଲେ । ଶେଷରେ ଜୟଦେବ ସମ୍ମାନରେ ସମ୍ମାନୀତ ହେଲେ । ହେଲେ ମୃଷାବାବୁ ଜୀବନ ସାରା କଳା ଚର୍ଚ୍ଚାରେ କଟେଇ ଦେଇ ରହିଗଲେ, ହୋଇ ଏକ ବାଇଗଣ ପରିବା । ଲୋକେ ତାଙ୍କୁ ଡ଼ାକିଲେ "ନାଟୁଆ ଇଞ୍ଜିନିୟର" ।

କାଷ୍ଟିଙ୍ଗ ହେଲା 'ଚନ୍ଦ୍ରଗୁପ୍ତ' ନାଟକରେ ନାଟୁଆ ଇଞ୍ଜିନିୟର ହେଲେ 'ଚାଣକ୍ୟ' ଆଉ 'ଗରିବ' ନାଟକରେ, କାରଖାନାର ମଜୁରିଆ ଗରିବ ନେତା, ସୁରିଆ । ଏହି ନାଟକ ସେ ଦଶବାର ଥର ହୀରାକୁଦରେ କରିଛନ୍ତି । ତାଙ୍କର କରୁଣ ଅଭିନୟ ଏତେ ଉଚ୍ଚକୋଟିର ହୁଏ ଯେ, ଲୋକେ ତାଙ୍କୁ ଡ଼ାକନ୍ତି "ପାଥସ୍ ପ୍ରିନସ୍", "କରୁଣ ରାଜପୁତ୍ର" ।

ସବୁ, ବଡ଼ ବଡ଼ ଅଫିସର ମାନଙ୍କୁ ବାଛି ବାଛି ରୋଲ ଦିଆଗଲା, ମେକାନିକାଲ ଏସ୍.ଡ଼ି.ଓ, ଉପେନ୍ଦ୍ର ମୋହନ ପାଢ଼ୀ ହେଲେ ଆଲେକ୍‌ଜାଣ୍ଡାର । ସେଲ୍ୟୁକସ୍ ହେଲେ ସିଭିଲ୍ ଇଞ୍ଜିନିୟର ନିଳକଣ୍ଠ ମିଶ୍ର ଓ ପରେ ବିଚିବାବୁ । ଆଣ୍ଟିଗୋନସ୍ ଗ୍ରୀକ ପ୍ରେମିକ ସେନାପତି ହେଲେ ସିଭିଲ୍ ଇଞ୍ଜିନିୟର କୁମୁଦ ଆନନ୍ଦ ପଟ୍ଟନାୟକ । ଚନ୍ଦ୍ରକେତୁ ପାହାଡ଼ି ରାଜପୁତ୍ର, ଭୁବନ

Digitized by srujanika@gmail.com

ବିହାରି ପଟ୍ଟନାୟକ, ନନ୍ଦ (ଛୋଟ ରାଜକୁମାର) ବୈଦ୍ୟନାଥ ମିଶ୍ର, ଗୋପାଳ ପଟ୍ଟନାୟକ, ହେଲେ ନନ୍ଦରାଜାଙ୍କର, ପୂର୍ବତନ ମନ୍ତ୍ରୀ କତ୍ୟାୟନ, କୂଟଚକ୍ରୀ ଚାଣକ୍ୟ ହେଲେ, ନିର୍ଦ୍ଦେଶକ, ନାଟ୍ୟକାର ମୃଷାବାବୁ । ଆଉ ଗ୍ରୀକ୍ ରାଜକନ୍ୟା ଷୋଡ଼ଶୀ ସୁନ୍ଦରୀ 'ହେଲେନ୍' ହେଲେ ପଦ୍ମର, ଷୋହଳ ବର୍ଷର କନିଷ୍ଠ କିରାଣୀ "ସତି ସତ୍‌ପଥୀ" ।

ରିହରସେଲ୍ ଜୋରସୋର୍‌ରେ ଚାଲିଲା, ପ୍ରଥମ ରାତ୍ରିର ନାଟକ ହେବ "ଗରିବ", ଆଉ ଦ୍ୱିତୀୟ ରାତ୍ରିର ନାଟକ ହେବ "ଚନ୍ଦ୍ରଗୁପ୍ତ" । ପତିବାବୁ, କେସିୟର, ନବ ବିବାହିତ, ଯୁବକ, ଡ୍ରାମାର ସମସ୍ତ ଦାୟିତ୍ୱ ତାଙ୍କର । ଷ୍ଟେଜ ବନ୍ଧାଠାରୁ ଆରମ୍ଭ କରି ଚାନ୍ଦା ଆଦାୟ ପର୍ଯ୍ୟନ୍ତ । ଦିନେ ଆସି କହିଲେ "ମୋ ସ୍ତ୍ରୀ ମନରେ ବହୁତ ଦୁଃଖ, ଡ୍ରାମା ବାହାନା କରି ମୁଁ ତା ଠାରୁ ଦୂରେଇ ରହୁଛି । ସାମାଜିକ ବହିରେ ଗୋଟିଏ ରୋଲ୍ ଦିଅନ୍ତୁ ଗୋଟିଏ ଦୃଶ୍ୟ ହେଲେ ଚଳିବ" । ଏ କଥା ଶୁଣି ମୃଷାବାବୁ ବହୁତ ଖୁସି ହୋଇ ଗଲେ । ପ୍ରକୃତରେ ଗୋଟିଏ ରୋଲ ବାକିଥାଏ । ତାଙ୍କ, ବୁଢ଼ାବାପା, ମରି ଖଟରେ ଶୋଇଛି । ମୁଣ୍ଡ ତାଙ୍କର ଖଟ ତଳକୁ ନଇଁ ପଡିଛି, ପାଖରେ ବସି କାନ୍ଦୁଛି ସାନ ଭଉଣୀ ମିନି, ବାପା କଥା କହୁନି, ପାଣି ମାଗୁନି, ଏଇ "ମଲାବାପା" ରୋଲଟି କରିବ ତୁମେ । ବଡ ଖୁସି ହୋଇଗଲେ ପତିବାବୁ । ସଂଜ ବେଳୁ ବାଳକୁ ଧଳା କରି ମେକଅପ୍ କରି ବସିଛନ୍ତି । ତାଙ୍କ ଜୀବନରେ ପ୍ରଥମ ନାଟକ, ତାଙ୍କର ସ୍ତ୍ରୀ ନାଟକ ଦେଖି ଖୁସି ହେବେ ।

ପ୍ରଥମ ଦୃଶ୍ୟ, ଛଣଘର ଖଟରେ ଶୋଇ ମରିଯାଇଛନ୍ତି ବୁଢ଼ାବାପା ପତିବାବୁ ପାଖରେ ବସି କାନ୍ଦୁଛି ମିନି, କାରଖାନାର ଚୋରି କେଶ୍‌ରେ ବେତ ମାଡଖାଇ ଘରକୁ ଫେରିଛି ସୁରିଆ, ବାପାଙ୍କୁ ଡାକୁଛି, ହଲେଇଛି, କାନ୍ଦି କାନ୍ଦି ଅଭିନୟ କରିଛି, ଅଭିନୟ, ଅତି କରୁଣ, ସେ ହୃଦୟ ଫଟାଦୃଶ୍ୟ ଦର୍ଶକ ମାନେ ଦେଖି ସୁଁ, ସୁଁ, ହୋଇ କାନ୍ଦୁଛନ୍ତି, ସ୍ତ୍ରୀ ଲୋକମାନେ କାନିରେ ଲୁହ ପୋଛୁଛନ୍ତି, ମୃଷାବାବୁଙ୍କର କରୁଣ ଅଭିନୟ, ତାଙ୍କୁ କଇଁ କଇଁ କରି କନ୍ଦେଇ ଚାଲିଛି । ପତିବାବୁ ଦେଖିଲେ ତାଙ୍କ ସ୍ତ୍ରୀ ବି କାନ୍ଦୁଛନ୍ତି । ତାଙ୍କ ସ୍ତ୍ରୀ ଆଖିରେ ଅଶ୍ରୁ, ବଡ ବାଧିଲା ତାଙ୍କୁ, ଭାବିଲେ କରୁଣ ଦୃଶ୍ୟ ବହୁତ ହୋଇ ଗଲା, ଏବେ ଆରମ୍ଭ ହୋଇଯାଉ ହାସ୍ୟରସ, ଲୋକ ମାନଙ୍କ ଆଡକୁ ଅନେଇ ଖତେଇ ହେଲେ, ବଢ଼ିଲା, ସୁନ୍ଦରୀ ଝିଅମାନଙ୍କୁ ଆଖି ମାରିଲେ, ଛୋଟ ଛୋଟ ପିଲାମାନଙ୍କୁ ଅନେଇ ବାରମ୍ବାର ହସିଲେ, ଛାତିରେ ପଡି କରୁଣ ଦୃଶ୍ୟ ଦେଖେଇ ଚାଲିଥାନ୍ତି ମୃଷାବାବୁ, ତଳେ ଖଟଧାରରେ ମୁହଁରଖି ହାସ୍ୟରସ ଦେଖଉଥାନ୍ତି ସୁରିଆର ମଲା ବାପା "ପତିବାବୁ" ।

ହଠାତ୍ ପ୍ରେକ୍ଷାଳୟରୁ ହସର ରୋଳ ଉଠିଲା, ଲୋକମାନେ ହସି ହସି ଗଡିଗଲେ, ପତିବାବୁଙ୍କ ସ୍ତ୍ରୀ ଲୁଗାରେ ମୁତି ପକେଇଲେ । ମୃଷାବାବୁଙ୍କ ମନରେ ବହୁତ ଦୁଃଖ ଏତେ ବଢ଼ିଆ ରୋଲ କରୁଛନ୍ତି । ଲୋକେ ନ କାନ୍ଦି ହସୁଛନ୍ତି, ତାଙ୍କର ପୂର୍ବ ଗୌରବ ସବୁ ମାଟିରେ ମିଶିଗଲା ।

Digitized by srujanika@gmail.com

ଦୃଶ୍ୟ ସରିଲା, ପଟିବାବୁ ଦୌଡିଆସି କହିଲେ, ''ସାର କେମିତି ଅଭିନୟ କଲି, ଆପଣ ସିନା ଲୋକଙ୍କୁ କନ୍ଦେଇଲେ, ହେଲେ ବେଶି ହସେଇଲି ମୁଁ'' । ମୂଷାବାବୁ କହିଲେ, ''କାହିଁକି ଆପଣ କଣ କରୁଥିଲେ କି'' ? ପଟିବାବୁ କହିଲେ, ''ଆପଣ ମୋ ଉପରେ ଲୁହ ଲହୁ ହୋଇ କାନ୍ଦୁଥିବା ବେଳେ ତଳେ ଲୋକଙ୍କୁ ଖଟେଇ ହେଉଥିଲି ଦାନ୍ତ ଦେଖେଇ'' ।

ମୂଷାବାବୁ ପାଟି କରି ଉଠିଲେ ''ଆପଣ ସବୁ ସାରିଦେଲେ, ମୋର ବାର ବର୍ଷର ତପସ୍ୟା ଶୁଖୁଆ ଝୋଳରେ ଶେଷ କରି ଦେଲେ, ଆପଣ ପରା ମୋ ମଲା ବାପାର ଅଭିନୟ କରୁଥିଲେ'' ।

''ଅଭିନୟ କରୁଥିଲି ସାର, ପନ୍ଦର ମିନିଟ୍ କାଳ ସବୁ ସହିଗଲି, ଆପଣଙ୍କ ମୁହଁ, ମୋ ଛାତି ମୋ ବାହୁରେ ମାଜି ମୋତେ କୁତୁକୁତୁ ଆଉ ସଇସଇ କଲା, ଶେଷରେ ଶ୍ରୀମତୀଙ୍କର କାନ୍ଦ ମୁହଁ ଦେଖି ମୁଁ ଆଉ ସମ୍ଭାଳି ପାରିଲିନି ସାର, ତାଙ୍କୁ ଖୁସି କରିବା ପାଇଁ ହସିଦେଲି, ମୋର ଭୁଲ ହୋଇଛି, କାନ ମୋଡି, ଉଠ୍ ବସ୍ ହେଉଛି ଆଉ ଦିନେ ରୋଲ ପାଇଁ ଅନୁରୋଧ କରିବିନି'' ।

ଦ୍ୱିତୀୟ ଦିନ ନାଟକ ସମ୍ରାଟ ''ଚନ୍ଦ୍ରଗୁପ୍ତ'' ବନ୍ଧୁ ଅନୁରୋଧରେ ଚିତ୍ରାଳୟର ମାଲିକ ନିଜେ ''କୃଷ୍ଣ ରଥ'' କଟକରୁ ଆସିଥାନ୍ତି ମେକଅପ୍ କରିବାକୁ । ପଚାରିଲେ ''ସାର ଆପଣ ଚାଣକ୍ୟ ତ'' ? ଉତ୍ତର ଦେଲେ ମୂଷାବାବୁ, ହଁ, ଆଉ କିଏ କଣ ଚାଣକ୍ୟ ହୋଇଥାନ୍ତି'' ? କୃଷ୍ଣବାବୁ କହିଲେ, ''ଜାଣେ ସାର ସେ ଅଭିନୟ ଆପଣଙ୍କ ଛଡା କିଏ ଆଉ ଫୁଟେଇ ପାରିବ, ଫୁଟେଇ ଥା'ନ୍ତେ ଜଣେ, ସେ ହେଉଛନ୍ତି ବଳାଇ ବାନାର୍ଜୀ, ହେଲେ ସାର, ଆପଣ ଲଣ୍ଡା ହୋଇଥିଲେ ରୋଲ ଆହୁରି ବଢ଼ିଆ ହୁଅନ୍ତା ।

ମେକଅପ୍ ଆରମ୍ଭ ହୋଇଗଲା, ସମସ୍ତେ ପାର୍ଟିଅର ବସି ମେକଅପ୍ ହେଉଥାନ୍ତି, ଭଣ୍ଡାରିକୁ ଡାକି, ପୂରା ମୁଣ୍ଡକୁ ଲଣ୍ଡାକରି ଦେଲେ ମୂଷାବାବୁ, କଳା ମଚମଚ କୁଞ୍ଚୁକୁଞ୍ଚୁଆ ବାଳକୁ, ଉଡେଇ ଦେଇ, ଲଣ୍ଡା ହୋଇ ବସିଗଲେ ''କୃଷ୍ଣବାବୁ''ଙ୍କ ଆଗରେ । କୃଷ୍ଣବାବୁ କହିଲେ ''ମୁଁ ଗେହ୍ଲରେ କହୁ କହୁ, କଣ କଲେ ସାର, ଆପଣ ସତରେ ଲଣ୍ଡା ହୋଇଗଲେ, ଏତେ ସୁନ୍ଦରିଆ ରୋମାଣ୍ଟିକ ହେୟାରକୁ ଆପଣ ନଷ୍ଟ କରି ଦେଲେ , ମୂଷାବାବୁ କହିଲେ, ''ବାଳ ତ ମାସକ ପରେ ଉଠିବ, ହେଲେ ଜୀବନରେ ଆଉ ''ଚାଣକ୍ୟ''ରୋଲର ଅଭିନୟ କରିବା, ସୁଯୋଗ ମିଳିବ କି ନାହିଁ ସନ୍ଦେହ ?

ଡ୍ରାମା ଆରମ୍ଭ ହେବା ପାଖା ପାଖି, ଗ୍ରୀନରୁମକୁ ପଶି ଆସିଲେ ଦିବାକର ମିଶ୍ର ନୀର୍ବାହି ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ ବିଜୟ ରାମ ମିଶ୍ର । ସମସ୍ତଙ୍କୁ ଚିହ୍ନିଲେ, ପାଢ଼ିବାବୁଙ୍କୁ କହିଲେ ଆଲେକ୍‌ଜାଣ୍ଡାର ବେଶ ବଢ଼ିଆ ସାଜିଛି , ନୀଳକଣ୍ଠ ମିଶ୍ରଙ୍କୁ କହିଲେ, ଗ୍ରୀକ୍

Digitized by srujanika@gmail.com

ସେନାପତି ତୁମେ ବି ରୋଲ କରୁଛ ? ଆଉ ଟୋକା ପ୍ରେମିକ ଗ୍ରୀକ ସେନାପତି ଆଣ୍ଟିଗୋନସ୍, କୁମୁଦ ପଟ୍ଟନାୟକଙ୍କୁ ଦେଖି, ଆଲିଙ୍ଗନ କରି, ଘନ ଘନ ଚୁମ୍ବନ ଦେଲେ, "ସତରେ ତୁ କ'ଣ ଦିଶୁଛରେ କୁମୁଦ, ଛଅଫୁଟ ଟାରିଇଞ୍ଚ ଉଚ୍ଚା, ସତେ ଯେମିତି ଗ୍ରୀକ ଦେଶରେ ସ୍ୱର୍ଗର ଶଚୀ ପତି ଇନ୍ଦ୍ର ବା କାମଦେବ" ।

ହେଲେନଙ୍କ ପାଖରେ ବହୁତ ଭିଡ, ପନ୍ଦର, ଷୋହଳ ବୟସର କନିଷ୍ଠ କିରାଣୀ "ସଚୀ ସତପଥୀ", ଗ୍ରୀକ ରାଜକନ୍ୟା ହେଲେନ୍ ଅନିନ୍ଦ୍ୟ ସୁନ୍ଦରୀ, ସତେ ଯେମିତି ରମ୍ଭା, ମେନକା, ଉର୍ବଶୀ । "ସଚୀ ସତପଥୀ"ଙ୍କୁ କୋଳକୁ ଟାଣିଆଣି ପଚାରିଲେ "ଏ ଅପ୍‌ସରାଟିକୁ କେଉଁଠୁ ପାଇଲୁ ନାଟୁଆ ?

ଏ ପରା, ଆମ ନୂଆ କିରାଣୀ "ସଚୀ ଶତପଥୀ", ଛଅମାସ ତଳେ ଚାକିରି ରେ ଜଏନ୍ କରିଛି । ଇଣ୍ଟରଭ୍ୟୁ ଦିନ ତା ରୂପଆଉ ସୌନ୍ଦର୍ଯ୍ୟରେ ଆପଣ ଏତେ ଖୁସି ହୋଇ ଯାଇଥିଲେ ଯେ, ମୋଟେ ଇଣ୍ଟରଭ୍ୟୁ ନକରି ସିଧାସିଧା ଚାକିରି ଦେଇଥିଲେ, ଆଉ କହିଥିଲେ ଏମିତିଆ ସୁନ୍ଦରିଆ ଟୋକାଟା, ଅଫିସରେ ଥାଉ, ଦରକାର ବେଳେ କାମରେ ଆସିବ ।

ଓଃ, ଏ ତାହେଲେ ସେଇ ନୂଆ କିରାଣୀ ସଚୀ, ସେ ଦିନର ସେହି ସୁନ୍ଦରିଆ ପିଲାଟା, ଆରେ ବାଃ, ବାଃ ବଢ଼ିଆତ ଦିଶୁଛି । ଡ୍ରାମାପରେ ତାକୁ ଟିକେ ବଂଗଳାକୁ ପଠେଇବୁ, ମୁଁ ସକାଳ ଯାଏ ତାର ସୁନ୍ଦର ଚେହେରାକୁ ଦେଖୁଥିବି ।

ଭର୍ଗୀସ ସାହେବ ଜର୍ମାନୀ ଇଂଞ୍ଜିନିୟର ମାନଙ୍କ ଅଧିନାୟକ, ଗାମନ ଇଣ୍ଡିଆର ମାଲିକ, କହିଲେ, "ନାଟୁଆ ସାହେବ କେଉଁଠୁ ପାଇଲ ଏପରୀଟିକୁ, କଟକ ସହର ଆମେ ହୁଲସ୍ଥୁଲ କରି ଦେଇଛୁ, ହେଲେ କେଉଁଠୁ ଏମିତି ସୁନ୍ଦର ବେଶ୍ୟାଟିଏ ପାଉ ନାହୁଁ, ଯାହା ଖର୍ଚ୍ଚ ପଡୁପଛେ, ହଜାରେ, ଦୁଇ ହଜାର, ତିନି ହଜାର ଏମିତି ପାଞ୍ଚ ହଜାର ପଛେ ହେଉ ରାତିଟା ଆମର" । ଶରଧାରେ ହାତରେ ଚୁମାଟିଏ ଦେଲେ । କୁମୁଦବାବୁ ଏସ୍‌ଡିଓ, ଶତପଥୀ, କେସିଅର, ମାଇଚିଆ ବୋଲି ଦିନେ ହେଲେ କୁମୁଦ ବାବୁ ଏସଡିଓ ତା ମୁହଁକୁ ଅନାଇ ନାହାଁନ୍ତି, ହେଲେ ଡ୍ରମାଦିନ ସଚିର ଚେହେରା ତାଙ୍କୁ କି ପ୍ରେମ ଆକର୍ଷଣ କଲା କେଜାଣି, ଡ୍ରାମା ସରିଲା, କୁମୁଦ ବାବୁ ଆଣ୍ଟିରୋନସ୍ ପ୍ରେମିକ ହିସାବରେ ଅଭିନୟ କରୁ କରୁ ସତରେ ପ୍ରେମରେ ପଡିଗଲେ । ସଚିର ଅନିନ୍ଦ୍ୟ ସୁନ୍ଦର, ହେଲେନର ଲାଳିତ୍ୱ ପୂର୍ଣ୍ଣ ରୂପ, ତାଙ୍କୁ ମୁଗ୍ଧ କରିଦେଲା । ଶେଷ ଦୃଶ୍ୟ ସରିବା ପୂର୍ବରୁ କାହାକୁ କିଛି ନକହି ଜିପ୍‌ରେ ବସେଇ ନେଇ ଗଲେ ଏକ ନିଭୃତ ଜାଗାକୁ, ହନିମୁନ କରିବା ଆଶାରେ ।

ବଂଗଳାରୁ ଘନ ଘନ ଖବର ଆସିଲା, ଶେଷରେ ବାଧ୍ୟ ହୋଇ, ନିଛେ ମୃଷାବାବୁ ଦୌଡିଲେ ବଂଗଳାକୁ ଦୁଃଖ କରି କହିଲେ "ସାର ହେଲେନ ହରଣଚାଳ, ବିଜୟରାମ ବାବୁ ରାଗି ଉଠିଲେ "ଠକ, ବଦମାସ ନାଟକରେ ହରଣଚାଳ ଦୃଶ୍ୟ ତ ନଥିଲା,

Digitized by srujanika@gmail.com

ମୁଁ ତୁମକୁ ସସ୍‌ପେଣ୍ଡ କରିବି'', ମୋତେ ସସପେଣ୍ଡ କରନ୍ତୁ କି ଚାକିରୀରୁ ବରଖାସ୍ତ କରନ୍ତୁ କି ମୋତେ ଲଣ୍ଡିତମସ୍ତକ ହେଲେନ୍ ସଜେଇ, ମୋ ରୂପକୁ ଅନେଇ ମଦ ଖାଇ ରାତିଟା କଟାଇ ଦିଅନ୍ତୁ ମୁଁ ସତ କହୁଛି ସାର୍ ''ହେଲେନ୍ ହରଣଟାଇ'' ।

ଭର୍ଗୀସ ସାର ଇବର ଦସ୍ତି ପାଞ୍ଚ ହଜାର ଟଙ୍କା ପକେଟରେ ପୂରେଇ ଦେଇ କହିଲେ, ''ପ୍ଲିଜ ଆଜି ରାତିକ ପାଇଁ, ପ୍ଲିଜ୍ ହେଲ୍‌ପ, ଆଉ କେବେ ଅନୁରୋଧ କରିବି ନାହିଁ, ତାକୁ ଆଜି ରାତିରେ ନପାଇଲେ ମୁଁ ପାଗଳ ହୋଇ ଯିବି, ନାଟୁଆବାବୁ ତାଙ୍କୁ ହାତ ଯୋଡି କହିଲେ, ''ସେ ଝିଅ ନୁହେଁ ପୁଅ ଗୋଟାକିଏ'' । ଭର୍ଗୀସ ସାହେବ କହିଲେ, ''ସେ ଯିଏ ହେଉ ପୁଅକି, ଝିଅ, ସବୁ ଚଳିବ ମୃଷାବାବୁ କହିଲେ ''ବଡ ଦୁଃଖର କଥା, ସେ ବର୍ତ୍ତମାନ ନାହିଁ, ହନିମୁନ କରିବାକୁ କୁଆଡେ ଚାଲିଗଲାଣି'' । ଭର୍ଗୀସ ବାବୁ ରାଗିକି କହିଲେ ପ୍ରକୃତରେ ଆପଣ ଗୋଟିଏ ବ୍ଲୁଫ୍‌ର, କିନ୍ତୁ ଅଭିନୟ ନିର୍ଦ୍ଦେଶନା ଅତି ସୁପର୍ । ମଲାମଣିଷର ହସ, ଆଉ ନନ୍ଦରାଜାଙ୍କ କଟାମୁଣ୍ଡକୁ ଧରି ଆପଣଙ୍କ ଅଟହାସ୍ୟ, ପ୍ରକୃତରେ ଅଦ୍ୱିତୀୟ ଓ ଅତିସୁନ୍ଦର ।

***

Digitized by srujanika@gmail.com

ସୁଖ ପରେ ଦୁଃଖ

ଖୁସି ଆନନ୍ଦ ଭିତରେ କଟିଗଲା କେଇଟା ବର୍ଷ, କାମ ଯେମିତି ଯୋରସୋର ଭାବରେ ଚାଲିଥାଏ, ମୃଷାବାବୁଙ୍କ ଘରେ ବନ୍ଧୁବାନ୍ଧବ ଆସିବା ସେମିତି ବଢ଼ିଚାଲି ଥାଏ । ଦିନେ ଆସିଲେ ପାଞ୍ଚଗୋଟି ଶାଳୀ, ବନ, ସ୍ୱର୍ଣ୍ଣ, ପ୍ରୀତି, ପ୍ରମିଳା, ଝୁନୁ, ସବୁ ତୀର୍ଥ ଜାଗା ବୁଲି ଦେଖିଲେ ଲଞ୍ଚରେ ବସି । ଭୋଜି ଭାତରେ ଘର ସୁବେଳେ ମଜଗୁଲ ହୋଇ ଉଠିଲା, ଏବେ ସେମାନେ ବାହାସାହା ହୋଇ ବିରାଟ ବଡ଼ଲୋକ, ବନଲତା ରାଉରକେଲା ଡାକ୍ତରଖାନାର ହେଡ୍‌ଷ୍ଟାପ ନର୍ସ, ଦୁଇଝିଅ, ଦୁଇଟି ବ୍ୟାଙ୍କ ଅଫିସରକୁ ବିବାହ କରିଛନ୍ତି । ପୁଅ ବ୍ୟବସାୟ କରେ । ପ୍ରିତୀ ବିବାହ କରିଛନ୍ତି ଭାଗ୍ୟବାନ ବ୍ୟବସାୟୀ ରାଜକିଶୋର ଦାସଙ୍କୁ । ଅତିଭଲ ଲୋକ, ଦୁଇଟି ଡାକ୍ତର ଯୋଇଁ, ପୁଅ କରେ ବ୍ୟବସାୟ । ସ୍ୱର୍ଣ୍ଣଲତା ପ୍ରକୃତରେ ସୁନା ଝିଅଟିଏ, ଓଡିଆରେ ରିଡର, ସ୍ୱାମୀ ଉଚ୍ଚ ବେତନ ଭୋଗି ସରକାରୀ ଅଫିସର; ଏକମାତ୍ର ଝିଅ ବିଜୁ ବଟାନୀରେ ଲେକ୍‌ଚରର୍, ଗୋଟିଏ ପୁଅ ଖୁବ୍ ଭଲ ପାଠ ପଢ଼େ, ସ୍ୱର୍ଣ୍ଣ ଓ ତାର ପରିବାର (ନୃସିଂହ ମହାନ୍ତି, ସ୍ୱର୍ଣ୍ଣଲତାଙ୍କ ବରଙ୍କୁ ଛାଡି) ସମସ୍ତେ ମୃଷାବାବୁ ଆଉ କାନ୍ତିଦେବୀଙ୍କର ଅତିପ୍ରିୟ ଓ ହିତାକାଂକ୍ଷୀ, ନୃସିଂହ ଗୋଟାଏ ଏକ ସିଂଘିଆ, ସମସ୍ତଙ୍କୁ ଲୋ ଏସ୍‌ଟିମେଟ କରେ, ଆଦୌ ମେଳାପି ନୁହେଁ । ପ୍ରମିଳା, ତାର ଝିଅ ନର୍ସ ସ୍ୱାମୀ ଗ୍ରାମସେବକ, ଅତି ସୁଖରେ ଅଛନ୍ତି ସେମାନେ, ଝୁନୁ ବଡ଼ଘରର ଝିଅ, ବର ତାର ଡାକ୍ତର, ପରେ ହେଲା ମୃଷାବାବୁଙ୍କର ଶାଳୀ ପ୍ରେମଲତାଙ୍କର ବଡ ଯାଆ, ବଳଦେବ-ମହାନ୍ତିଙ୍କର ସ୍ତ୍ରୀଙ୍କର ଭଉଣୀ, ପୁଅ ଇଞ୍ଜିନିୟର ।

ଦିନେ ହଠାତ୍ ଆସି ପହଞ୍ଚିଗଲେ ମୁଣ୍ଡଳୀରେ ଓଡିଶାର ଜାତୀୟ କବି ବୀର କିଶୋର ଦାସ, ମଉସା (ବଡସଳୁ ନିରଞ୍ଜନ ଦାସଙ୍କର ବାପା) ସାଙ୍ଗରେ ଆସିଥିଲେ ତାଙ୍କର ପୁତୁରା ବ୍ରହ୍ମଚାରୀ, ପବିତ୍ରମନା, ଦେଶପ୍ରେମୀ, ସବୁ ବନ୍ଧୁବାନ୍ଧବଙ୍କର ଅତି ପ୍ରୀୟଜନ, ମାତ୍ର ପାଞ୍ଚଫୁଟ ଉଚ୍ଚା, ଗେଡୁ ବସନ୍ତ ଦାସ, ମହତାବଙ୍କ ପଟ୍ଟଶିଷ୍ୟ, ଅବିବାହିତ, ଓଡିଶାର ଦ୍ୱିତୀୟ ଶାସ୍ତ୍ରୀଜୀ, ମୃଷାବାବୁ ଆଉ କାନ୍ତି ଲତାଙ୍କୁ ଛାଡି ଯିବାକୁ ନାରାଜ । ଆନନ୍ଦରେ କଟେଇ ଦେଲେ ଦଶ, ପନ୍ଦର ଦିନ, ଆଉ ବଡ଼ଭାଇ ପୂର୍ଣ୍ଣ ପଟ୍ଟନାୟକଙ୍କ ପରିବାରର ଦାୟିତ୍ୱ ନେଇ ତାଙ୍କୁ ଆରୋଗ୍ୟ କରୁଥିବାରୁ ବହୁତ ଖୁସି ହୋଇ ଆଶିର୍ବାଦ କଲେ । ଆସି ପାଖରେ ରହିଲା ବଡ଼ ଭଉଣୀ କଟକ ଅପା ଝିଅ, ଭାଣିଜୀ ଆଶା, ଅତିସୁନ୍ଦର ପନ୍ଦର, ଷୋହଳ ବର୍ଷର ଝିଅଟିଏ, ମାମୁଁଙ୍କର ଏକଇର ବଳା ବିଶିକେଷନ ପୁଅ ଦୀପୁକୁ ଦିନରାତି ଧରି ବୁଲୁଥାଏ, ବଡଭାଇ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ବଡପୁଅ ପ୍ରମୋଦ ମେଡିକାଲ ପଢୁଥାଏ ବୁର୍ଲାରେ । ତାର

Digitized by srujanika@gmail.com

ଡାକ୍ତରି ପଢ଼ିବା ପାଇଁ ସାମୟିକ ପଇସା ସାହାଯ୍ୟ କରୁଥାନ୍ତି ଖୁଡି କାନ୍ତିଦେବୀ, ଟ୍ରେନିଂ ପାଉଥିବା ଇଂଞ୍ଜିନିୟର ଓଭରସିୟର ମାନେ କାମରୁ ଆସି ସଂଜବେଳେ ମୃଷାବାବୁଙ୍କ ଘରେ ଆଡ୍‌ଡା ମାରନ୍ତି, କାନ୍ତିଲତା ସାକ୍ଷାତ ଲକ୍ଷ୍ମୀ, ଭଣ୍ଡାର କେବେ ତାଙ୍କର ଖାଲି ନଥାଏ । ସମସ୍ତଙ୍କୁ ଚା, ଜଳଖିଆ ଦେଇ ଆପ୍ୟାୟିତ କରନ୍ତି, କିଏ ଡାକେ ମା, କିଏ ଡାକେ ଅପା, ଆଉ କିଏ କିଏ ଶରଧାରେ ଡାକନ୍ତି ଭାଉଜ ବୋଉ । ସେମାନଙ୍କ ଭିତରେ ସଲମନ ରାଉତ, ପଟ୍ଟନାୟକ ବାବୁ, ଗୋକୁଳା ନନ୍ଦ ମହାନ୍ତି, ଗୋକୁଳି ଜେନା, ରଘୁନାଥ ପଣ୍ଡା, ନୃସିଂହ ଚରଣ ଖୁଣ୍ଟିଆ (ଏବେ ନିର୍ବାହି ଯନ୍ତ୍ରୀ) ହରିନାୟକ, ଇଂ ଜାନକିପତୀ, ଇଂ ବି. ନାୟକ, ଜୁନିଅର ଇଂଜିନିୟର ବି.ମହାପାତ୍ର, ଇଂ. ହରିହର ଦାସ(ନିର୍ବାହି ଯନ୍ତ୍ରୀରେ ଅବସର ନେଇ ପୁରୀରେ ଅଛନ୍ତି ମୃଷାବାବୁଙ୍କୁ ବହୁତ ତାରିଫ୍ କରନ୍ତି, ତାଙ୍କ ଝିଅ, ବସନ୍ତ ଆଉ ଯୋଇଁ ସୁବିର ଦାସ ତାଙ୍କର ଅତିପ୍ରିୟ), ଇଂ ପଟ୍ଟନାୟକ ବାବୁ, ନାରାୟଣ ମହାପାତ୍ର । ଦିନେ ଅତି ଶୁଭ ମୁହୂର୍ତ୍ତରେ ଆସିପହଞ୍ଚିଲେ ଶାଶୂ ପ୍ରଭାସ ମଂଜରୀ, ସାଙ୍ଗରେ ତାଙ୍କର ସଂଗାତ ଜର୍ଜ ସାହେବଙ୍କ ସ୍ତ୍ରୀ (ଏବେକାର ଅଧିକ୍ଷଣ ଯନ୍ତ୍ରୀ କାମରୂପ ଦାସଙ୍କ ମା) ଙ୍କୁ ଧରି, ତାଙ୍କୁ ମୁଣ୍ଡଳୀ ଏତେ ଭଲ ଲାଗିଲା ଯେ ଯୋଇଁଙ୍କୁ ଛାଡି ଯିବାକୁ ଇଚ୍ଛା କଲେନି, ବାଙ୍କିର ଚର୍ଚ୍ଚିକା, ଧବଳେଶ୍ୱର, ସର୍ପେଶ୍ୱର, ସବୁ ତିର୍ଥସ୍ଥାନ ଲଞ୍ଚରେ ବୁଲି ଦେଖିଲେ । ନରାଜ ମହାନଦୀର ଟଟକା ଇଲିସି ମାଛ, ସବୁ ବନ୍ଧୁ ବାନ୍ଧବଙ୍କ ପାଇଁ ଥିଲା ଆକର୍ଷଣ । ଏ ଆକର୍ଷଣ ମଧ ବାରମ୍ବାର ଟାଣି ଆଣୁଥିଲା ଗୋପଭାଇ ଆଉ ପଟୁ ନୂଆବୋଉଙ୍କୁ, ଟଟକା, ମାଛ, ଆଉ ଖାନାକରି ଦେବାକୁ ଥାଏ ପିଅନ୍ "ଜଗୁ" ।

ମାଙ୍କ କଥା ମନେ ପଡିଯାଏ ମୃଷାବାବୁଙ୍କର । ମା କହନ୍ତି ଏଘର ହେଉଛି ଲକ୍ଷ୍ମୀଙ୍କର ଘର । ଏ ଘରର ଲଂଘା କେବେ ଶୁଖେନା, ସବୁବେଳେ ଏଘରେ କୁଣିଆଁ, ଘରେ ପଇସାଟିଏ ନଥିଲେବି ଯାଜ୍ଞସେନୀ, ବିଶ୍ୱାମିତ୍ର ଋଷିଙ୍କର ଶହ ଶହ ସୈନ୍ୟଙ୍କୁ ଆହାର ଦେଇ ଆପ୍ୟାୟିତ କଲା ପରି, କାନ୍ତିଦେବୀଙ୍କ ଭଣ୍ଡାର ସବୁବେଳେ ପୂର୍ଣ୍ଣ, ଦ୍ୱିତୀୟ ଝିଅ ମେଘ ମହ୍ଲାର (ମେଘି) ଜନ୍ମ ହୋଇଥାଏ, ବହୁ ଆନନ୍ଦ ଭିତରେ ବୁଡି ରହିଥାନ୍ତି ଶ୍ରୀମତୀ ।

ହଠାତ ଦିନେ, ଦୁଃଖର ଛାୟା ଖେଳିଗଲା, ସୁନ୍ଦରଗଡ଼ ପାନ ପୋଷରୁ ଟେଲିଗ୍ରାମ ଆସିଲା, ପୂର୍ଣ୍ଣଭାଇ ସିରିଅସ୍, ଖବର ପାଇ ଏଣୁ ତେଣୁ ପଇସା ଯୋଗାଡ କରି ଯିବା ପାଇଁ ପ୍ରସ୍ତୁତ ହୋଇଗଲେ ମୃଷାବାବୁ, ଆଉ ଶ୍ରୀମତୀ ତାଙ୍କର ସୁନା ଅଂଳଙ୍କାର ବନ୍ଧା ପକାଇ କିଛି ଅଧିକା ପଇସା ଆଣି ସ୍ୱାମୀଙ୍କୁ ଧରେଇ ଦେଲେ । ଶାଶୁ କହିଲେ ନିଜ ମା ପେଟର ଭାଇ, ବିପଦ ବେଳେ ସାହାଯ୍ୟ କରିବା ମଣିଷର କର୍ତ୍ତବ୍ୟ, ବେଶିଟଙ୍କା ଧରିଯାଅ, କେତେ ବେଳେ କୋଉକଥା ।

ପାନପୋଷରେ ଯାଇ ଶୁଣିଲେ ଭାଇଙ୍କୁ ନିଆଯାଉଛି କଲିକତା, ସାଂଗରେ ଯାଉଛନ୍ତି ସେଠିକାର ଡାକ୍ତର । ଭାଇଙ୍କର ପଦର କୋଡିଏ ଜାଗାରେ ଗୋଡହାତ ଛାତି ହାଡ଼ ଭାଂଗି ଚୁରମାର ହୋଇ ଯାଇଥାଏ । ବେଙ୍ଗଲର ମୁଖ୍ୟମନ୍ତ୍ରୀ ଡ.ବିଧାନ ଚନ୍ଦ୍ର ରାୟଙ୍କୁ

Digitized by srujanika@gmail.com

ଦେଖା କରିବାର କଥା, ଦଶ ପନ୍ଦର ଦିନ ଅପେକ୍ଷା କରି ମଧ, ତାଙ୍କ ସହିତ ଦେଖା ହୋଇ ପାରିଲା ନାହିଁ । ଡାକ୍ତର ଖାନା ବାରଣ୍ଡାରେ ପଡିଥାନ୍ତି ଦୁଇଭାଇ, ଭାଇଙ୍କର ଝାଡା ପରିଶ୍ରା ନିଜ ହାତରେ ଉଠାନ୍ତି ମୃଷାବାବୁ, କାରଣ ମେହନ୍ତର ଡାକିଲେ ଥରକୁ ନେବ ଦଶ ଟଙ୍କା । ଥରେ ଓଡିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ ଦେଖାକଲେ ମୃଷାବାବୁ ଉତ୍କଳ ଭବନରେ । ସେଇଠି ରହିବାର ସୁବିଧା ମିଳିଲା, ତିନି ଚାରିମାସ ପ୍ଲାଷ୍ଟର କରିରହିଲା ପରେ ମଧ ସବୁ ହେଲା ବିଫଳ, ଦିନେ କଟକରୁ ଶଶୁର ଗୋପାଳ ପଟ୍ଟନାୟକଙ୍କ ଦୟାରୁ ଡଃ ଗିରିଜା ଶଙ୍କର ଦାସ ମହାପାତ୍ର ଖବର ପଠାଇଲେ, ଏଇଠିକି ନେଇଆସ ମୁଁ ପୁରା ପୁରି ଭଲ କରିଦେବି । କଟକ ଆସିଲେ ଭାଇ, ପ୍ଲାଷ୍ଟର ଅପରେସନ ହୋଇ ଦୁଇ ବର୍ଷ କଟେଇ ଦେଲେ ତଥାପି ବିଛଣାରୁ ଉଠି ପାରିଲେନି, ନିର୍ବାହି ଯନ୍ତ୍ରୀ ଦିବାକର ମିଶ୍ର ଆଉତାଙ୍କ ସ୍ତ୍ରୀ, ମୃଷାବାବୁ ଏବଂ କାନ୍ତି ଦେବୀଙ୍କ ଦୁଃଖରେ ବହୁତ ଦୁଃଖିତ ହେଲେ । ତାଙ୍କର ଚେଷ୍ଟାରେ ପିକଅପ୍ ରେ ଭାଇ କଟକରୁ ମୁଣ୍ଡଳୀ ଯିବା ଆସିବା କଲେ । ଭାଇ ଓ ଭାଇଙ୍କ ପୁରା ପରିବାର ମୁଣ୍ଡଳୀରେ । ଘରର ଖର୍ଚ୍ଚ ବହୁତ ବଢ଼ିଗଲା, ତଥାପି କାନ୍ତି ଦେବୀ ନିଜହୁଆ ପାଇଁ କିଛି ନକରି, ସବୁ କରନ୍ତି ପୁତୁରା ଝିଆରି ମାନଙ୍କ ପାଇଁ, ଶେଷରେ ବାଧ ହୋଇ ଭାଇକୁ ଧରି ଗଲେ ଆର୍‌, ଉଦୟଗିରି, ମିଶିନାରୀ ଡାକ୍ତର ଡକ୍ଟର ଥୋମାସଙ୍କ ପାଖକୁ । ସେଠାରୁ ବିଫଳ ହୋଇ ଫେରି ଆସି ପୁରୀ ଗରୁଡ ସ୍ତମ୍ଭ ପାଖରେ କାନ୍ଦିଲେ, ଭାବିଲେ ସମୁଦ୍ରକୁ ଫୋପାଡି ଦେଇ ଚାଲିଯିବେ, ଆଉ ସାହାଯ୍ୟ କରି ପାରିବେନି, ବହୁତ ହୋଇଗଲା ।

ଠିକ୍ ସେତିକି ବେଳେ ଜଣେ ମାହାତ୍ମା ଗେରୁଆ ବସ୍ତ୍ର, ମୁହଁରେ ଦାଢ଼ି, ପିଠିରେ ହାତମାରି କହିଲେ, "କାନ୍ଦୁଛୁ କାହିଁକିରେ ବାପା", ମୃଷାବାବୁଙ୍କ ଠାରୁ ସବୁ ଦୁଃଖ କଥା ଶୁଣି ସାରିଲା ପରେ, କହିଲେ "ଏତେତ ପରିଶ୍ରମ କଲୁଣି ଥରେ ମୋ ଆଶ୍ରମକୁ ନେଇଚାଲ", ତାଙ୍କରି ଆଦେଶରେ ଭାଇକୁ ନିଆଗଲା ଆଠଗଡ ଖୁଣ୍ଟୁଣି ପାଖ କୁଲେଇଲକୁ । ଖର୍ଚ୍ଚବାବଦକୁ କୌଣସି ପଇସା ରଖିଲେନି ସେ ମାହାତ୍ମା, କହିଲେ, "ଛଅମାସ ପରେ ଆସିବ, ଭାଇକୁ ଭଲ କରି ମୁଁ ମଟରସାଇକେଲରେ ବସେଇ ପଠେଇଦେବି" । ଠିକ୍ ଛଅମାସ ପରେ ମୃଷାବାବୁ ଗାଡିଧରି ପହଂଚିଲେ କୁଲେଇଲ । ଭାଇ ଗୋଟିଏ ମଟର ସାଇକେଲ ଧରି ଗଛ ମୂଳରେ ଠିଆ ହୋଇଥିଲେ, ଘଣ୍ଟେ କାଳ ଦୁଇ ଭାଇ କୁଣ୍ଢାକୁଣ୍ଢି ହୋଇ କାନ୍ଦିଲେ, ପୂର୍ଣ୍ଣଭାଇ କହିଲେ, "ତୋ ପାଇଁ ମୁଁ ଅଢ଼େଇ ବର୍ଷ ପରେ ବିଛଣାରୁ ଉଠିଲିରେ ମୃଷା । ତୁ ମୋ ଜୀବନ ୨ବଞ୍ଚେଇ ଦେଲୁ, ତୋ ଋଣ, ଆଉ ସାନ ବୋହୂ କାନ୍ତିର ଋଣ, ମୁଁ ଜୀବନରେ ଶୁଝି ପାରିବିନି" । ଦିବାକର ବାବୁଙ୍କର ମିସେସ୍ କାନ୍ତି ଦେବୀକୁ ସବୁବେଳେ ପ୍ରଶଂସା କରି କହନ୍ତି, ତୋ ପରି ଝିଅ ଦୁନିଆଁରେ ବିରଳ, ନିଜର ସୁଖ ଆନନ୍ଦକୁ ବଳି ଦେଇ, ପରଙ୍କ ପାଇଁ ସବୁ କିଛି କରିଚାଲିଛୁ । ଶଶୁରଙ୍କ ଚେଷ୍ଟାରେ ଆଇ.ଜି. ଶ୍ରୀକାନ୍ତ ଘୋଷଙ୍କୁ ଦେଖା କରି, ପୁଣି ଭାଇକୁ କୋର୍ଟ ସବଇନିସ୍‌ପେକ୍ଟର ରୂପେ ଚାକିରିରେ ଯୋଗ କରାଇଲି ।

Digitized by srujanika@gmail.com

ବଡଝିଅ ଚାରୁର ବାହାଘର ହେଲା । ଜୋଇଁ, 'ରବି', ଅତି ଆଦର୍ଶ ପିଲା, ରାଉରକେଲାରେ ଚାକିରି । ଭାଇ ରିକସାରେ ଯିବାଆସିବା କରି ଅଫିସ ଯାନ୍ତି । ଏହା ଭିତରେ ଦୀର୍ଘ ବାରବର୍ଷ କଟିଗଲା, ଦିନେ ହଠାତ୍ ରାତି ଦୁଇଟା ବେଳେ ଭାଇଙ୍କୁ ଜ୍ୱରରେ ବୁହାହୋଇ ଅଣାଗଲା ଲକ୍ଷ୍ମୀସାଗରରେ ଥିବା ତାଙ୍କ ସାନ ଭାଇ ଗୋବିନ୍ଦ ମଲ୍ଲଙ୍କ ପଞ୍ଚବଟୀ କୋଠାକୁ । ଭାଇ କହିଲେ "ମୋତେ ବ୍ଲଡ କ୍ୟାନସରରେ ମୁଷା, ଆଉ ବୋଧେ ବଂଚି ପାରିବିନି, ଯଦି ମରିବି ଭାଇ, ଆଉ ଭାଇବୋହୂ କାନ୍ତିଲତା ପାଖରେ ମରିବି" । ଡାକ୍ତରଖାନାରେ ଥାନ୍ତି ମୃଷାବାବୁଙ୍କ ଶଳା ହୃଦୟ ରଂଜନ ପଟ୍ଟନାୟକ (ବହୁ ସିନେମାରେ ନାୟକ) ଟି.ବି ଓ କ୍ୟାନସର ସ୍ପେସିଆଲିଷ୍ଟ । ସରକାରଙ୍କଠାରୁ ଟଙ୍କା ମଂଜୁରି ଅର୍ଡର ଆସିଲା, ଭାଇ ଯିବେ ଭେଲୁର, ଟଙ୍କା ଆଣିବା ଦିନଠିକ୍ ହେଲା । ସକାଳୁ ପୁଅ ସନ୍ତୋଷ ଯାଇଥାଏ ଇଂଜେକ୍ସନ ପାଇଁ, ଭାଇଙ୍କ ଦେହରୁ ଚଦର ଖସି ପଡିଲା, ଭାଇ ଚିତ୍କାର କରି କହିଲେ "ଆପଣମାନେ ସବୁ ଦେଖୁଛନ୍ତି, ମୁଁ ହେଉଛି ପୁଲିସ୍ ଇନିସ୍‌ପେକ୍ଟର ପୂର୍ଣ୍ଣ ପଟ୍ଟନାୟକ, ମୋତେ ଦେଖିଲେ ଗର୍ଭିଣୀ ଗାଈ ବାଟ ଛାଡିଦିଏ, ଆପଣମାନେ କେହି ମୋତେ ଘୋଡେଇ ଦେଇ ପାରୁନାହାନ୍ତି"? କ୍ଷମାମାଗି ପାଖରେ ଶୋଇଥିବା କ୍ୟାନସର ପେସେଣ୍ଟ ରେଲୱେ ଷ୍ଟେସନ ମାଷ୍ଟର ଚାଦର ଘୋଡାଇ ଦେଲେ । ହେଲେ, ଭାଇ ଶୋଇଗଲେ ସବୁଦିନ ପାଇଁ, ଶଳା, ଡାକ୍ତର ଆସି ଇଂଜେକ୍ସନ ଦେଲାବେଳକୁ ସବୁଶେଷ । ଗାଁ କୁ ନେଇ ଗାଁରେ ଶୁଦ୍ଧିକାମ ଶେଷକଲେ । ତାପରେ କେନ୍ଦୁଝରରେ ରହିଲେ ନୂଆ ବୋହୂ ତାଙ୍କ ଛୁଆ ପିଲାଙ୍କୁ ଧରି ଭାଇଙ୍କ ତିଆରି କୋଠାଘରେ । ପିଲାମାନେ ପାଠ ଶାଠ ପଢ଼ି ଚାକିରି କଲେ, ବାହାସାହା ହେଲେ, ସାନଝିଅ ବାହା ହେଲା ଜଣେ ଲେକ୍‌ଚରକୁ । ଭାଇଙ୍କୁ ଭଲ କରିବା ବାବଦରେ ମୃଷାବାବୁଙ୍କ ବହୁତ ଟଙ୍କା ଖର୍ଚ୍ଚ ହେଲା । ସେଥିରେ କାନ୍ତିଦେବୀଙ୍କ ଅବଦାନ କିଛି କମ୍ ନଥିଲା । ମୃଷାବାବୁ ଭାବିଲେ "ଏଇତ ଦୁନିଆଁ" ସତ ଚେଷ୍ଟା କରି ମଧ୍ୟ ଭାଇଙ୍କ ସଂସାରକୁ ସାହାଯ୍ୟ କରି ପାରିନଥାନ୍ତେ କାନ୍ତିଦେବୀଙ୍କ ସାହାଯ୍ୟ ବିନା । **"ସୁଖ ପରେ ଦୁଃଖ"**

Digitized by srujanika@gmail.com

କରଣ ପିଲା ବ୍ରାହ୍ମଣ ହେଲା

ସୁଖପରେ ଦୁଃଖ, ଦୁଃଖ ପରେ ସୁଖ, ଏତ ହେଲା ଦୁନିଆଁର ନୀତି, ପୁଣି କାମରେ ନିଜକୁ ମଜେଇ ଦେଲେ ମୃଷାବାବୁ ।

ବିଚିବାବୁ, (ବିଚିତ୍ରାନନ୍ଦ ମିଶ୍ର) ଅଫିସର୍ ହେଡ ଏଷ୍ଟିମେଟର, ଗୋରା, ସୁନ୍ଦର ଚେହେରା ଅତି ଅମାୟିକ ବ୍ୟକ୍ତି, ସବୁବେଳେ ହସ ହସ ମୁହଁ, ବହୁ ଅସୁବିଧାରେ ଥିଲେ ମଧ୍ୟ ହସି ହସି, ସବୁ କିଛି ଭୁଲି ଯାନ୍ତି । ଡାକ୍ତର କହିଥାଏ ଛୁଆ ପିଲା ହେବାର ଅସୁବିଧା ଅଛି, ବୟସ ଚାଳିଶ ଉପରେ ଟପି ଯାଇଥାଏ, ଛୁଆପିଲା ହେଉ ନଥିବାରୁ ମନରେ ବହୁତ ଦୁଃଖ, ତାଙ୍କର ସ୍ତ୍ରୀ ସୁଭଦ୍ରା ନାନୀ କଲୋନୀର ସମସ୍ତଙ୍କର ନାନୀ, ସବୁ ଛୋଟଛୁଆ ମାନଙ୍କର ମାଆ, କାନ୍ତି ଦେବୀ ଙ୍କୁ ବହୁତ ସ୍ନେହ କରନ୍ତି, ''କହନ୍ତି ତୁ ଦ୍ରୌପଦୀ, ଯାଜ୍ଞସେନୀ'' ଆଗ-ପଛ ଘର କବାଟ ଖୋଲି, ସବୁବେଳେ ଗପସପ କରନ୍ତି, ଦି ଭଉଣୀ ।

ସୁଭଦ୍ରା ନାନୀ ଶୁଣି ଖୁସିହେଲେ, କାନ୍ତି ଦେବୀ ପୁଣି ଛୁଆର ମା ହେବାକୁ ଯାଉଛନ୍ତି, ଠାକୁର ପାଖରେ ଶପଥ କରାଇଲେ ଏ ଗର୍ଭରେ ପୁଅ, ଝିଅ ଯାହା ହେଉ ସେ ତାଙ୍କର, ନିତି ସଂଜବେଳେ ଠାକୁରଙ୍କୁ ଡାକନ୍ତି, ବିବାହର କୋଡିଏ ବର୍ଷ ପରେ, ସତେ ଯେମିତି ସେ ନିଜେ ଖୋଦ ମାଆ ହେବାକୁ ଯାଉଛନ୍ତି ।

କାନ୍ତି ଦେବୀ, ବାପ ଘର ଓରାଳୀରେ, ତୃତୀୟ ଗର୍ଭରେ ପୁତ୍ର ରତ୍ନର ଜନନୀ ହେଲେ, ପୁଅର ନାମ ରଖାଗଲା 'ସୁର ବସନ୍ତ', ସତ୍ୟଶପଥ ଅନୁସାରେ ମୁଣ୍ଡଳୀ ଫେରିଆସି ମାସିକିଆ ଛୁଆଟିକୁ ବଢ଼େଇ ଦେଲେ ''ସୁଭଦ୍ରାନାନୀ'' ହାତରେ, ଶରଧାରେ ବିଚିବାବୁ ଓ ସୁଭଦ୍ରା ନାନୀ ତାଙ୍କ ଘରର ଆଲୋକ ବର୍ଦ୍ଧନ କରିବା ଯୋଗୁଁ ପୁଅର ନାଆଁ ରଖିଲେ ''ଆଲୋକ'' ।

କରିଲପାଟଣା, ବିଚିବାବୁଙ୍କ ବଡଭାଇ ଥାନ୍ତି ଗାଁରେ, ଗାଁର ଶ୍ରେଷ୍ଠ ବ୍ରହ୍ମ, ପୁରୋହିତ, ଜଜମାନ, ତାଙ୍କ ପାଖକୁ ବିଚିବାବୁ ଖବର ପଠେଇଲେ, ''ମୁଁ ଇଂଜିନିୟର ମୃଷାପଟ୍ଟନାୟକଙ୍କ ପୁଅ, କରଣ ପିଲାକୁ ପୁଅ କଲି'' । ବଡ ଭାଇ ଭାବିଲେ ''ଏପୁରା ମିଛ, ସେ ଅନେକ ଥର ନିଜର ପୁଅ, ଓ ନାତିକୁ ପୁଅ କରିବା ପାଇ ବିଚିକୁ କହିଛନ୍ତି । ବିଚିବାବୁ କିନ୍ତୁ ଶୁଣି ନାହାଁନ୍ତି'' ।

ମୃଷାବାବୁଙ୍କର ବଦଳି ହୋଇଗଲା ନିଆଳି, ବିଚିବାବୁ ଆଲୋକକୁ ଛାଡିଲେ ନାହିଁ । ସୁଭଦ୍ରା ନାନୀ କାନ୍ଦି କାନ୍ଦି କହିଲେ, ଥରେ ଯେତେବେଳେ ଦେଇ ଦେଇଛ, ଆଉ

Digitized by srujanika@gmail.com

ନେବ କାହିଁକି ? ମୁଁ ତାକୁ ବ୍ରତ କରେଇବି । ବାହାକରେଇ କୁନି, ମୁନି, ନାତି, ନାତୁଣୀ ଦେଖିବି । ଏହା ଭିତରେ ମୃଷାବାବୁଙ୍କର ସଂସାର ବି ବଢ଼ିଗଲା, ଆଲୋକ ତଳେ ଝିଅ, ଇଲା (ବସନ୍ତବାହାର) ମୁଣ୍ଡଳୀରେ ଜନ୍ମହେଲା, ରାଉରକେଲାରେ ଡେପୁଟି ମ୍ୟାନେଜର ପୋଷ୍ଟ ବାହାରିଲା, ମୃଷାବାବୁ ଆଉ ଛଅଜଣ ପଟ୍ଟନାୟକ ଓଭରସିଅର ଗଲେ ଇଣ୍ଟରଭ୍ୟୁକୁ । ରାଉରକେଲାରେ ପୁତୁରା ପ୍ରସନ୍ନ ଆଉ ରମେଶ ଭାଇ ଚାକିରି କରି ସାରିଥିଲେ, ତାଙ୍କ ଘରେ ରହି ଇଣ୍ଟରଭ୍ୟୁ ଦେଲେ ସମସ୍ତେ । ଜେନେରାଲ ମ୍ୟାନେଜର ପ୍ରଶ୍ନ କଲେ, ''ଆପଣମାନେ କ'ଣ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକଙ୍କ ରିଲେଟିଭ'', କିଏ କ'ଣ ଉତ୍ତର ଦେଲେ କେଜାଣି, କିନ୍ତୁ ମୃଷାବାବୁ ଉତ୍ତର ଦେଲେ ''ବିଜୁପଟାନୟକ ମୋର ଭାଇ ସଂପର୍କୀୟ'', ଇଣ୍ଟରଭ୍ୟୁରେ କିଛି ନକହି ମଧ, ମୃଷାବାବୁ ହେଲେ ପାଷ୍ଟ, ଏହା ଭିତରେ ମୃଷାବାବୁ ନିଆଳି ଚାଲିଆସିଲେ ଆଉ ବିଚିବାବୁଙ୍କର ବଦଳି ହୋଇଗଲା ଭୁବନେଶ୍ୱର । ଦିନେ ଡେଲଟା ପ୍ୟାଣ୍ଡାଲରେ ହରିନାଥ ଓ ନିରଞ୍ଜନଙ୍କର ବାଦୀ ପାଲା କରୁଥାନ୍ତି, ପ୍ରେକ୍ଷାଳୟରେ ହଜାର ହଜାର ଦର୍ଶକ, ମୁଖ୍ୟ ଅତିଥୀ ମନ୍ତ୍ରୀ **''ସୁର ପଟ୍ଟନାୟକ''**, ପାଲା ଚାଲିଥାଏ ''ପ୍ରଭାସ ଯଜ୍ଞ'' । ଶ୍ରୀକୃଷ୍ଣ ପଶା ଖେଳୁଛନ୍ତି ଅଷ୍ଟପାଟ ବଂଶୀଙ୍କ ସହ । ବାହାରେ ଥାଇ ଦେବକୀ ଡାକିଲେ ''ମୁଁ ତୋର ଜନ୍ମ କଲା ମାଆ, ମୁଁ ତତେ ଦେଖିବାକୁ ଚାହେଁ, ମୋ ପାଖକୁ ଥରେ ଆ ବାପା'' । ମାତ୍ର ଶ୍ରୀକୃଷ୍ଣଙ୍କର ପଶାଖେଳ ଭାଂଗିଲାନି, ତାପରେ ଆସିଲେ ଯଶୋଦା, କାନ୍ଦି କାନ୍ଦି କହିଲେ, ''ମୋ କଳାକାହ୍ନୁ, ମୁଁ ତୋର ଯଶୋଦା ମାଆ, ଆ ବାପା କ୍ଷୀର ଲହୁଣି ଖାଇବୁ ଆ, ମୋତେ ପୁରାପୁରି ଭୁଲିଗଲୁ ମୁଁ ତୋତେ ଦେଖିବାକୁ ଚାହେଁ'', ଶ୍ରୀକୃଷ୍ଣଙ୍କର ପଶାଖେଳ ନିଶା ଛାଡିଗଲା, ଦଉଡିଆସି କୁଣ୍ଢେଇ ପକେଇଲେ ମାଆ ଯଶୋଦାଙ୍କୁ, ଠିକ୍ ଏତିକି ବେଳେ ସୁଭଦ୍ରା ନାନୀ, କାନ୍ତି ଦେବିଙ୍କୁ ଛାଡି ପେଣ୍ଡାଲ ଉପରେ, ପାଟି କରି କହିଲେ, ବୁଝିଲୁ କାନ୍ତି, ''ତୁ ଦେବକୀ, ମୁଁ ଯଶୋଦା, ଆଲୋକ ମୋରି ପୁଅ,'' ସମସ୍ତେ ଆଗରୁତ ଘଟଣା ଜାଣିଥିଲେ, କେହିକିଛି ଭାବିଲେନି, ବହୁ କଷ୍ଟରେ ସୁଭଦ୍ରା ନାନୀଙ୍କୁ ପେଣ୍ଡାଲରୁ ଅଣାଗଲା ।

ସୁଭଦ୍ରା ନାନୀ, ନିଜ ଜନ୍ମକଲା ପୁଅଠାରୁ ବେଶିଭଲ ପାଉଥିଲେ ଆଲୋକକୁ ପାଖରେ ଧରି ସବୁବେଳେ ଶୋଉଥିଲେ, ସ୍କୁଲକୁ ନିଜେ ନେବା ଆଣିବା କରୁଥିଲେ । ସେ ଥିଲା ତାଙ୍କର ନୟନର ମଣୀ, କାନ୍ତି ଦେବୀଙ୍କ ସହ ବେଶି ସମ୍ପର୍କ ବା ଆକର୍ଷଣ ରଖିବାକୁ ଚାହୁଁ ନଥିଲେ ।

ପୁଅକୁ ନଅ ବର୍ଷ ହେଲା, ମୁକ୍ତିମଣ୍ଡପରେ ପଣ୍ଡିତ ମାନଙ୍କୁ ପଚାରି ନିଷ୍ପତି କଲେ । ପୁଅକୁ ବ୍ରତ କରେଇବେ, ଚାରିଆଡେ ପ୍ରଚାର ହୋଇଗଲା, କରଣ ପିଲା ବ୍ରତ ହୋଇ ବ୍ରାହ୍ମଣ ହେଉଛି । କାନ୍ତି ଦେବୀ ଆଉ ମୃଷାବାବୁ ଏ ଖବର ପାଇ ଆସି ବାଧା ଦେଲେ ବିଚିବାବୁଙ୍କୁ ''ବ୍ରତ କରନ୍ତୁ ନାହିଁ, କରଣ ପିଲାକୁ ବ୍ରତ ସୁହାଇ ନ ପାରେ, ଥରେ

Digitized by srujanika@gmail.com

ତ ଆମେ ଟେକି ଦେଇଛୁ, ଆମେ କ'ଣ ଫେରେଇ ନେଉଛୁ, ସେ ଆପଣଙ୍କ ପାଖରେ ରହି ମଣିଷ ହେଉ'' ।

କରିଲପାଟଣାରୁ ଭାଇ ରାଗିକରି ଚିଠି ଲେଖିଲେ, ''କରଣ ପିଲାକୁ ବ୍ରତ କରି ପାରିବୁନି, ତୋର ଯଦି ବ୍ରତ କରିବା କଥା, ତୋର ତ ଅନେକ ନାତି ଅଛନ୍ତି, ସେମାନଙ୍କୁ ଭିତରୁ ଜଣଙ୍କୁ ପୁଅ କରି ବ୍ରତ କର'' । ବ୍ରତ ଘର ବନ୍ଦ ରହିଲା, ଆଲୋକ କିନ୍ତୁ ପଇତା ପକାଇଲା ।

ଆଲୋକକୁ ଯେଉଁ ଦିନ ପୁଅ କରି ଆଣିଥିଲେ, ସେହିଦିନ ଶହିଦନଗରରେ ତିନିଶହ ତେୟାଅଶି ଲଟେରୀ ପ୍ଲଟଟି ବିଚିବାବୁଙ୍କୁ ମିଳିଥିଲା, ସେହିପ୍ଲଟ ଟିରେ ଦୁଇଟି ଘର ତିଆରି ହେଲା, ଏକା ଡିଜାଇନର ଦୁଇଟି ଯାକ ଘର, ଦୀପକ ଭବନ , ଓ ଆଲୋକ ଭବନ । ଗୋଟିଏ ଘରର ଏରିଆ ହେଲା ଗୁଣ୍ଠେ ପଚିଶ ବିଶ୍ୱା, ଘର ତିଆରି ସରିଲା, ସକାଳେ ହୋମ କରି ଘରେ ପ୍ରବେଶ କରିବା କଥା, ଦୁଇ ବନ୍ଧୁ ସକାଳୁ ଯାଇ ଦେଖିଲେ, ଆଲୋକ ପାଇଁ ତିଆରି ହୋଇଥିବା ଆଲୋକ ଭବନ,ରେ ପଛଆଡୁ କବାଟ ଖୋଲା ହୋଇଛି, ବିଚିବାବୁଙ୍କର ବଡ ପୁତୁରା ଦେବେନ୍ଦ୍ର ମିଶ୍ର ଛୁଆପିଲା ଧରି ରହିଛି । ଦେବେନ୍ଦ୍ର କହିଲା, ''ଏ ଘର ଆମର, ଏଇଠି ଆମେ ରହିବୁ'', ଦୁଇବନ୍ଧୁ ବହୁ ଦୁଃଖରେ ଫେରି ଆସିଲେ, ଘର ପ୍ରତିଷ୍ଠା ହୋଇ ପାରିଲା ନାହିଁ ।

କିଛି ଦିନପରେ ଦେବେନ୍ଦ୍ର ଘର ଛାଡି ଚାଲିଗଲା, ଦୁଇଟା ଯାକ ଘର ଭଡା ଲାଗିଲା, ଆଲୋକ ପାଖ ଘରଭଡା ସୁଭଦ୍ରା ନାନୀ ଆଣି ଆଲୋକ ନାଆଁରେ ପାଶ ବହିରେ ରଖିଲେ, ଆଉ ଦୀପକ ପାଖ ଘର ଭଡା ମୃଷାବାବୁ ଆଣି ଖର୍ଚ୍ଚକରି ଉଡେଇ ଦେଲେ, ଜାଗା କିଣା, ରେଜିଷ୍ଟ୍ରେସନ, ଦୁଇବନ୍ଧୁ ଘର ଶେଷଯାଏଁ ଅଧା ଅଧା ଖର୍ଚ୍ଚ କରିଥିଲେ । ଏ ଘର ତିଆରିରେ ମୁଣ୍ଡଳୀର ନିର୍ବାହୀ ଯନ୍ତ୍ରୀ ଦିବାକର ମିଶ୍ରଙ୍କର ଅବଦାନ ମଧ୍ୟ ଅନେକ ଥିଲା ।

ଏହାଭିତରେ ଅନେକ ଦିନ ଚାଲିଗଲା, ଆଲୋକକୁ ହେଲା ଷୋହଳ ବର୍ଷ, ମାଟ୍ରିକ୍ ଫାଷ୍ଟ ଡିଭିଜନରେ ପାଶ କଲା, ଏବେ ବୁଢୀ ସୁଭଦ୍ରାନାନୀ ଆଲୋକକୁ ପାଖରେ ଧରି ଶୁଆନ୍ତି, ଆଲୋକ ଦେହରେ ସୁଭଦ୍ରାନାନୀର କାନଫୁଲ ସୁନା କାଚ, ସୁନା କଂକଣ ବାଜେ, ଆଲୋକ ପାଟିକରି କହେ, କଂକଣ କାଢ଼ିଦେଉନୁ ବୋଉ , ସୁଭଦ୍ରା ନାନୀ କହନ୍ତି ''ତୁ କଲେଜରେ ପଢ, ତୋ ପାଇଁ ବୋହୂଟିଏଆଣି ତାକୁ ସବୁ ଦେଇ ଦେଇ, ଧିର ହୋଇ ବସିବି''।

ସୁଭଦ୍ରା ନାନୀଙ୍କର ସ୍ୱପ୍ନ, ସ୍ୱପ୍ନରେ ରହିଗଲା, ଦିନେ ରାତିଅଧରେ ସୁଭଦ୍ରା ନାନୀଙ୍କ ପେଟ ମାରିଲା, ମଝିଆଁ ପୁତୁରା ଇଞ୍ଜିନିୟର କେଦାର ମିଶ୍ର ନେଇଗଲା କଟକ ଡାକ୍ତର ଖାନାକୁ । ସେଠିଥାଏ ତାର ସାନଭାଇ 'ଠୁକ' ଡାକ୍ତର । ବହୁ ଚେଷ୍ଟା ସତ୍ତ୍ୱେବି

Digitized by srujanika@gmail.com

ସୁରଦ୍ରାନାନୀ ସମସ୍ତଙ୍କୁ କନ୍ଦେଇ ସବୁଦିନ ପାଇଁ ଚାଲିଗଲେ । ଆଲୋକକୁ ବୋଉ ମୁହଁରେ ପାଣି ବା ମୁଖାଗ୍ନି ଦେବାକୁ କେହି ଡାକିଲେନି, ଘରେ କୁକୁର, ବିଲେଇ, ଗାଈ, ଗୋରୁ ସମସ୍ତଙ୍କୁ ଛଗି ବସିଥାଏ ଆଲୋକ, ଦିନେ କେଦାର ଭାଇ, ଖବର ଦେଲା, ତିନିଦିନ ହେଲା ବୋଉ ମରିଗଲାଣି, ଆଲୋକ କାନ୍ଦି କାନ୍ଦି କଲୋନୀ ଫଟାଇ ଦେଲା, "ମୁଁ ବୋଉ ମୁହଁରେ ନିଆଁ ଦେଇପାରିଲିନି, ମଲାବେଳେ ପାଟିରେ ଟିକେ ପାଣିଦେଇ ପାରିଲିନି" । କେଦାର କହିଲା, "ତୋ ବାପା, ବୋଉ ଅଛନ୍ତି ଲକ୍ଷ୍ମୀ ସାଗରରେ, ସେଠାକୁ ଯା" ଆଲୋକ ଆସି ଲକ୍ଷ୍ମୀ ସାଗରର ପଞ୍ଚବଟି ବାରଣ୍ଡାରେ ବସି କାନ୍ଦିଲା, ମୃଷାବାବୁ ଓ କାନ୍ତି ଦେବୀଙ୍କୁ ସେ ଡାକେ ମଉସା, ମାଉସୀ, ଏ ଖବର ଶୁଣି ମୃଷାବାବୁ କାନ୍ତିଦେବୀ ଗଲେ କେଦାର ଘରକୁ, କନ୍ଦାକଟା ସରିଲା ପରେ ବିଚିବାବୁ କହିଲେ, "ଯିଏ ଆଣି ଥିଲା ସେତ ସବୁଦିନ ପାଇଁ ଚାଲିଗଲା, ତୁମେ ତୁମ ପୁଅକୁ ନେଇଯାଅ", କାନ୍ତି ଦେବୀ କହିଲେ, "ପୁଅ ଶୁଦ୍ଧୀ ଘରକୁ ଯିବନି" ? ବିଚିବାବୁ କହିଲେ "କରଣ ପିଲା ବ୍ରାହ୍ମଣ ସମାଜରେ ବସିବ କେମିତି" ?

ବହୁତ ଦୁଃଖରେ ଘରକୁ ଫେରିଲେ ମୃଷାବାବୁ ଓ କାନ୍ତିଦେବୀ, ଆଲୋକ କରଣରୁ ବ୍ରାହ୍ମଣ ହୋଇ, ବ୍ରାହ୍ମଣରୁ ପୁଣି କରଣ ହେଲା । ଭାଇ ଭଉଣୀଙ୍କ ସ୍ନେହ ଶ୍ରଦ୍ଧା ଦେଖି ସବୁ ଦୁଃଖ ଭୁଲିଯାଇ କଲେଜରେ ପୁଣି ନାଆଁ ଲେଖାଇଲା ।

କିଛିଦିନ ପରେ ବିଚିବାବୁ ଆସି କହିଲେ, ମୁଁ ବାପହେବି ମୃଷାବାବୁ, ଡାକ୍ତର କହୁଛି ମୋର ଛୁଆ ହେବ, ଆଲୋକ ପୁଣି ମୋରି ପାଖକୁ ଫେରି ଆସିବ, ମୃଷାବାବୁ କିନ୍ତୁ ଉତ୍ତର ଦେଲେ "ଆଉ କାହିଁକି" ? ଯେଉଁ ପୁଅକୁ ବଢ଼େଇ କୁଢ଼େଇ ଏଡ଼ୁଟିଏ କଲ, ମା ପାଟିରେ ପାଣି, ମୁହଁରେ ନିଆଁ ଦେଇ ପାରିଲାନି, ଶୁଦ୍ଧିଘରେ ବ୍ରାହ୍ମଣ ସମାଜରେ ବସିପାରିଲାନି, ତା ଭାଗ୍ୟଭଲ ତା ବଡ ଭାଇ ଦୀପକ ଖୁବ୍ ଭଲ ପିଲା, ତା ନହେଲେ ସେ ବ୍ରାହ୍ମଣ ପିଲାକୁ ଭାଇବୋଲି ଗ୍ରହଣ କରି ନଥାନ୍ତା । ଆଉ ଆମେ ବାପା ବୋଉ ବଂଚିଛୁ, ନହେଲେ ଆଲୋକ ଅବସ୍ଥା କ'ଣ ହୋଇଥାନ୍ତା, କହିଲେ ?

ମୃଷାବାବୁ ବଡ ବେହିଆ ଲୋକ, ବନ୍ଧୁଙ୍କ ପାଇଁ ପାଞ୍ଚଶହ ଟଙ୍କା ଦେଇ ବ୍ରହ୍ମପୁରରୁ କନିଆଁଟିଏ କିଣି ଆଣିଲେ, ସାତ, ଆଠ ଦିନ ଚଳପ୍ରଚଳ କଲା ପରେ ଝିଅ, ବିଚିବାବୁଙ୍କ ମନକୁ ପାଇଲାନି, ପୁଣି ଟଙ୍କା ଖର୍ଚ୍ଚ କରି ପୁରୀ ଦର୍ଶନ କରାଇ, ବାପାବୋଉ ଝିଅକୁ ପଠେଇଦେଲେ ନିଜ ଗାଁ ବ୍ରହ୍ମପୁରକୁ ।

ଦିନେ କାହ୍ନୁଚରଣ ପାଣିଗ୍ରାହୀ ନିର୍ବାହି ଯନ୍ତ୍ରୀ (ଏବେ ମୁଖ୍ୟଯନ୍ତ୍ରୀ) ଆସି ମୃଷାବାବୁଙ୍କୁ କହିଲେ ତାଙ୍କର ସଂପର୍କିୟ ଶାଳୀଟିଏ ଅଛି । ବିବାହିତା, ସ୍ୱାମୀଘରୁ ଫେରି ଆସି ରହିଛି ବାପଘରେ, ମୋଟାସୋଟା, ଦେଖିବାକୁ ଅତି ସୁନ୍ଦରୀ, ବୟସ ତିରିଶି, ପଇଁତିରିଶ ଭିତରେ, ତାଙ୍କୁ ଦେଖିସାରିଲା ପରେ ବିଚିବାବୁ ବିବାହ କରିବାପାଇଁ ନିଷ୍ପତି କଲେ ।

Digitized by srujanika@gmail.com

ବିବାହର ଦିନ, ସାନ ଯାଆ, କାନ୍ତି ଦେବୀ, ଶାଢ଼ିନେଇ ବଢେଇଲେ ବିଚିତ୍ରବାବୁଙ୍କର ନୂଆ ସ୍ତ୍ରୀକୁ, ଆଲୋକକୁ ସମସ୍ତେ କହିଲେ "ଯାଉନୁ ବାପବାହାଘର ଦେଖିବୁ" । ଆଲୋକ କାହାକୁ ବେଶି କଥା କହେନି, ଏ କଥା ଶୁଣି ଖାଲି "ମୁସ୍‌କୁରେଇ ଦେଲା" ।

ଆନନ୍ଦରେ, ନବ ବିବାହିତ ସ୍ତ୍ରୀକୁ ଧରି ଘର ସଂସାର କଲେ ବିଚିତ୍ରବାବୁ । ଚାକିରିରୁ ଅବସର ନେଇ ଶହିଦନଗରକୁ ଯାଇ ଆଲୋକ ପାଇଁ ତିଆରି ହୋଇ ଥିବା କୋଠାଘରେ ରହିଲେ, ଅନ୍ୟପାଖର ଭଡା ଆଣୁଥାନ୍ତି ମୃଷାବାବୁ ।

ବିଚିତ୍ରବାବୁ, ତାଙ୍କ ପାଖ କୋଠାଟିକୁ ଦି ମହଲା କଲେ, ଘରର ପୂର୍ବ ପାଖକୁ ସାତ ଆଠଟା ଦୋକାନଘର ତିଆରି କଲେ, ବହୁତ ଭଡା ପାଇ ବହୁ ଆନନ୍ଦରେ ଦିନ କଟାଇଲେ । ପ୍ରଥମ ଗର୍ଭର ଜନ୍ମହେଲା ପୁତ୍ରରତ୍ନ, ଦ୍ୱିତୀୟ ଗର୍ଭରେ କନ୍ୟାରତ୍ନ, ପୁଅଝିଅ ଠିକ୍ ବାପା, ମାଆଙ୍କ ପରି ସୁନ୍ଦର ।

ପୁଅ ମାଟ୍ରିକ୍ ପାଶ କରି କଲେଜରେ ପଢୁଛି, ଝିଅ ମାଟ୍ରିକ୍ ପରେ କଲେଜ ଗଲାଣି, ସରକାରଙ୍କ ନୀୟମ କାନୁନ ଯୋଗୁଁ ଦୀପକ ପାଖ ଘର, ଜାଗା, ମୃଷାବାବୁଙ୍କ ନାଆଁରେ ରେଜେଷ୍ଟ୍ରି ହୋଇ ପାରିଲାନି ଆଜିଯାଏ ।

ବିଚିତ୍ରବାବୁ ସତ୍ୟବାନ ସୁପୁରୁଷ ଲୋକ, ଘରଦ୍ୱାର ଜାଗା, ସବୁ ତାଙ୍କ ନାଆଁରେ ଥିଲେ ମଧ୍ୟ ସେ ଜାଣନ୍ତି ଆରମ୍ଭରୁ ଜାଗାର ଦାମ ସହ, ଘରର ସବୁଖର୍ଚ୍ଚ କରିଛନ୍ତି ମୃଷାବାବୁ । ସେ ନିଶ୍ଚୟ ଦୀପକ ପାଖର ଜାଗା, ଘର ସବୁ ଉଇଲ ସୂତ୍ରରେ କରିଦେବେ, ସ୍ୱର୍ଗକୁ ଯିବା ପୂର୍ବରୁ, ସତ୍ୟ ଭଙ୍ଗ ହେବେ ନାହିଁ ।

ଆଲୋକ ରହିଲା ମୃଷାବାବୁଙ୍କ ଘରେ, ଆଇ.ଏ., ବି.ଏ, ଏମ୍.ଏ, ଓ ଲ ପାଶ କରି ହେଲା ବ୍ୟାଙ୍କ ଅଫିସର, ମୃଷାବାବୁ ହସି ହସି ତାକୁ କହନ୍ତି, ତୁ ହିନ୍ଦୁ ବନେଗା, ନା, ମୁସଲମାନ ବନେଗା, ଭଗବାନଙ୍କ ଔଲାଦ୍ ଇନ୍‌ସାନ ବନେଗା, ପ୍ରକୃତରେ ଆଲୋକ ହିଁ ମଣିଷ ପରି ମଣିଷ ହେଲା, ବନିଗଲା ପୁରାପୁରି ଭଗବାନ୍, ସୁନାଦୀପରେ ଘିଅ ଢାଳି ଦୀପାଲୋକକୁ ଆଲୋକିତ କଲା ।

Digitized by srujanika@gmail.com

ଅ
ପ୍ରେ
ଲ
ଫୁ
ଲ

ଡ଼ଃ ଦିବାକର ମିଶ୍ର
ଓ
ଶ୍ରୀମତୀ ମିଶ୍ର

ମାର୍ଚ୍ଚମାସ ଏକ ତିରିଶି ତାରିଖ, ମୁଣ୍ଡଳୀ ଡିଭିଜନରେ ବିରାଟ ଭୋଜି, ସବୁ ଦାୟିତ୍ୱରେ ଥାଆନ୍ତି ମୃଷାବାବୁ, ମାସ ମାସ ଧରି, ଅକ୍ଳାନ୍ତ ପରିଶ୍ରମ କରି, ଆଲଟ ମୁତାବକ, ସମୁଦାୟ ଟଙ୍କା ଖର୍ଚ୍ଚକରି, ଠିକାଦାର ମାନଙ୍କର, ସମସ୍ତ ପାଉଣା ପେମେଣ୍ଟ କରି, ନିଶ୍ୱାସ ମାରୁଥାନ୍ତି ଇଂଜିନିଅର ମାନେ, ରାତି ଭୋଜି, ଖିଆପିଆ, ସରିଲାବେଳକୁ ତିନିଟା ଉପରେ, ତେଣୁ ମୃଷାବାବୁଙ୍କୁ ସକାଳୁ ଉଠିବାକୁ ଟିକିଏ ଡେରିହେଲା ।

ବଡ଼ସାହେବ ଦିବାକର ମିଶ୍ରଙ୍କ ଅଡଲି ଆସିକହିଲା, ''ସାର ଜଲଦି ଆସନ୍ତୁ ବଡ଼ ଜରୁରି କାମ, ବଡ଼ ସାହେବଙ୍କୁ ଦେଖାକରନ୍ତୁ'' । ବଡ଼ ସାହେବଙ୍କ ଆଦେଶ ''ସ୍ୱଂୟ ଭଗବାନଙ୍କ ଆଦେଶ ପରି'', ସଙ୍ଗେ ସଙ୍ଗେ ଦୌଡ଼ିଲେ ମୃଷାବାବୁ ବଡ଼ ସାହେବଙ୍କ କ୍ୱାର୍ଟରସ୍‌କୁ ।

ଦାଣଘର, ତଳକୁ ମୁଣ୍ଡ କରି ବସିଛନ୍ତି ବଡ଼ ସାହେବ, ଆଖି ଛଳ ଛଳ କାନ୍ଦ କାନ୍ଦ ହୋଇ କହିଲେ, ''ମୃଷାବାବୁ ମୁଁ ବଡ଼ ଦୁଃଖିତ, ଆପଣଙ୍କ ଭାଗ୍ୟ ଖରାପ, ଅଚାନକ ବିପଦ ଆସି ପହଁଞ୍ଚିଗଲା, କିଛି କୁଆଡ଼ୁ ନାହିଁ, ଅଧିକ୍ଷଣ ଯନ୍ତ୍ରୀଙ୍କ ଠାରୁ ଆପଣଙ୍କର ସସ୍‌ପେନ୍‌ସନ୍ ଅଡର'' କଣ କହିଲେ ସାର୍ ''ମୁଁ ସସ୍‌ପେଣ୍ଡ ହେଇଛି, ଏତେ ନିଷ୍ଠାପର ଅନେଷ୍ଟ ଅଫିସର ହିସାବରେ ଅକ୍ଳାନ୍ତ ପରିଶ୍ରମ କରିବାରେ ପୁରସ୍କାର କଣ ଏଇଆ ? ଆପଣତ ସବୁ ଜାଣନ୍ତି, ମୁଁ କିଛି ଦୋଷ କରିନି ସାର୍'' ।

ମୁଁ ଜାଣିଲେ କଣ ହେବ ମୃଷାବାବୁ, ସବୁ ସାୟାଦିକ ମାନେ ଲାଗିଗଲେ, ଆପଣଙ୍କ ପିଛା, ଅଧିକ୍ଷଣ ଯନ୍ତ୍ରୀ କଣ କରିବେ, ରଜନୀ ରାୟ ଅଦ୍ୱୈତ ରାୟ, ପ୍ରଫୁଲ

Digitized by srujanika@gmail.com

ରାୟଙ୍କୁ ଯେଉଁ ପଥର ବିଲ୍ ଆପଣ ଦେଲେ, ସେ ପଥର ଛ ଇଞ୍ଚକୁ, ଆପଣ ଲେଖିଲେ ଏକଫୁଟ୍, ଆଉ ପଚାଶ ହଜାର ଟଙ୍କାକୁ ଆପଣ ବିଲ୍ କଲେ ଏକ ଲକ୍ଷଟଙ୍କା । ସେହି କାରଣରୁ ଆପଣଙ୍କୁ ସସ୍‌ପେଣ୍ଡ କରାଯାଇଛି, ଆପଣ କୈଫତ ଦେବେ, ମୁଁ ରେକମେଣ୍ଡ କରିବି, ଆପଣ ପୁଣି ସସପେଣ୍ଡରୁ ମୁକ୍ତ ହେବେ, ଦୁଃଖ କରନ୍ତୁନି, ନିଅନ୍ତୁ ଅଡର'' ।

''ମୋ ସଂସାର ଭାସିଗଲା ସାର୍ କଣ ଭାବିବ ମୋ ସ୍ତ୍ରୀ, କଣ ଭାବିବେ ମୋର ବନ୍ଧୁବାନ୍ଧବ ମାନେ, ଚାରିଆଡେ ପ୍ରଚାର ହେଇଯିବ, ମିଛ ବିଲ୍ ତିଆରି କରି ମୃଷାଇଂଜିନିୟର ସସ୍‌ପେଣ୍ଡ । ମୋ ଭାଗ୍ୟ ଖରାପ ସାର୍, ମୋ ପରି ନିରୀହ, ଦୁଃଖି ଇଂଜିନିୟର ପ୍ରତି, ଭଗବାନ ଦାଉ ସାଧିଲେ'' ।

ଦୁଃଖ କରନି, ମୃଷାବାବୁ, ''ଆପଣଙ୍କଠାରୁ ମୋତେ ଆପଣଙ୍କ ଦୁଃଖ ବେଶି ବାଧୁଛି । ଯାହା କହିଲେ ସତ, ସବୁ ମନ୍ଦଭାଗ୍ୟ, ଏଇ ଶୁଣୁ ନାହାଁନ୍ତି ଚରିତ୍ରବାନ୍ ମେଧାବୀ ଛାତ୍ର ହିସାବରେ, ଫାଷ୍ଟ କ୍ଲାସ୍ ଫାଷ୍ଟହେଇ, ଇଂଜିନିୟରିଂ ପାସ୍ କରି ଟ୍ରେନିଙ୍ଗ ନେଲି ଫୁଲବାଣି, କଳାହାଣ୍ଡି ଜିଲ୍ଲାରେ, ବ୍ରିଜ୍‌କାମ ହେଉଥାଏ, କେତେ କେତେ ଆଦିବାସୀ, ସୁନ୍ଦରୀ ଝିଅ କାମ କରୁଥାନ୍ତି, ଦିନଟାଏ ବି ତାଙ୍କ ଆଡକୁ ଅନାଏ ନାହିଁ, କି ଖରାପ ବେଳ ଆସିଲା କେଜାଣି, ଦିନେ ଗେହ୍ଲାରେ ଥଟ୍ଟାକରି ଦେଲି, ସେ ଆଦିବାସୀ ଝିଅ, ଫୁଲଣାଟାକୁ, ଦେଲା ଫୋପାଡି ଏକ ମସ୍ତବଡ ପଥରଯେ, ଗୋଟାଏ ଆଖିନଷ୍ଟ ହେଇଗଲା, ସବୁ ସେଇ ଭଗବାନ୍ କରୁଛନ୍ତି, ସେତ ପୁଣି ମୋର ପବିତ୍ର ନିସ୍‌କଳଙ୍କ ଚରିତ୍ରରେ କଳଙ୍କ ଆଣିଲେ ।

ମୁଁ ଚାଲିଲି ସାର ଭୁବନେଶ୍ୱର, ''ମିଶ୍ର ସାହେବଙ୍କ ଗୋଡତଳେ ପଡିଯିବି, ଅଡର କାନ୍‌ସଲ କରିବେ ତ ଭଲ, ନହେଲେ ତାଙ୍କରି ଦୁଆର ଆଗରେ ଦୌଡି ଦେଇଦେବି, ଲୋକେ ଜାଣିବେ, ଅଧ୍ୟକ୍ଷଣପତ୍ନୀଙ୍କ ମିଥ୍ୟାଅଭିଯୋଗରେ ଜଣେ ନିରିହ ଅନେଷ୍ଟ ଇଂଜିନିୟର ଆତ୍ମହତ୍ୟା କଲା'' ।

ଭୁବନେଶ୍ୱରରେ ଏସ୍.ଇ.ଙ୍କ ପାଦତଳେ ପଡିଗଲେ ମୃଷାବାବୁ ''ସାର ଆପଣ ସେଦିନ କଥା ପାଇଁ ମୋ ଉପରେ ପ୍ରତିଶୋଧ ନେଲେ, ମୁଁ କଣ କରିଥାଆନ୍ତି ସାର, ନାଟକ ସରୁ, ସରୁ ହେଇନେନ୍ତ ହରଣ ଚାଲ ହୋଇଗଲା, ସେଥିପାଇଁ ଆପଣ ମୋତେ ରାଗରେ ସସ୍‌ପେଣ୍ଡ କରିଛନ୍ତି'' ।

ଏସ୍.ସି ହସି ହସି କହିଲେ, ଏଥିପାଇଁ କିଏ କଣ, କାହାଉପରେ ରାଗେ, ମୁଁ ରାଗିବି କାହିଁକି ? ଅଡର ଦେଖିଲେ, ଦସ୍ତଖତ ସବୁ ଭେରିପାଏ କଲେ, ତାରିଖ ଦେଖିଲେ, ହେଁ, ହେଁ କରି ହସିଦେଲେ । ଏସ୍.ସି. ସାହେବ ହସିଲେ ବଡ ମଜାଦାର ଦିଶନ୍ତି । ଠିକ୍ ଯେମିତି ହିନ୍ଦି ଚଳଚିତ୍ରର ଅଭିନେତା 'ପ୍ରେମନାଥ' । କହିଲେ ବ୍ୟସ୍ତ କାହିଁକି, ଉତ୍ତର ଦିଅ, କାନ୍‌ସଲ ହେବ, **''ସସ୍‌ପେନ୍‌ସନ୍ ଅଡର ପନିସମେଣ୍ଟ ନୁହେଁ'' ।**

Digitized by srujanika@gmail.com

ସେ କଥା ନୁହେଁ ସାର ଆଜି ଚାରିଆଡେ ରାଷ୍ଟ୍ର ହେଇଯିବ, ଲୋକେ ମୋତେ ଛି ଛାକର କରିବେ, ସତ କହୁଛି ସାର ମୁଁ ଆପଣଙ୍କ ଆଗରେ ଦୌଡି ଦେଇ ଦେବି ।

ହଉ ଯାଅ ବେଶି ଡ୍ରାମା ଦେଖାଅ ନାହିଁ, ମୁଁ ନିର୍ବାହିଯନ୍ତ୍ରୀଙ୍କୁ ଫୋନ୍ କରିଦେଉଛି, ସେ ଅଡ୍ର କାନ୍‌ସଲ କରିଦେବେ, କେହି ଜାଣିପାରିବେ ନାହିଁ, ଯାଅ, ଉଠ, ଏଠୁ ।

ଲୁହ ପୋଛି, ପୋଛି ପହଁଞ୍ଚିଲେ, ଦିବାକର ବାବୁଙ୍କ ଦାଣ୍ଡଘରେ, ସାହେବ ଆଉ ମେମ୍‌ସାହେବ ବସିଥାଆନ୍ତି, ସାହେବ ପଚାରିଲେ "କଣ ଅଡର କାନ୍‌ସଲ କଲେ"? ହେଲାନି ସାର୍ ଏସ୍.ସି. ସାହେବ, କିଛି ଶୁଣିଲେ ନାହିଁ, କହିଲେ "ଆପଣଙ୍କୁ ଫୋନ୍ କରୁଛି ଆପଣ କୁଆଡେ କାନ୍‌ସଲ୍ କରିଦେବେ" । (ମାଙ୍କୁ ଅନାଇ) ଆପଣ କହିଲେ ମେମ୍ ସାହେବ କାନ୍ତିକୁ ଆପଣତ ସାନ ଭଉଣୀ ପରି ଭଲ ପାଆନ୍ତି, ତାକୁ ମୁଁ କେମିତି ମୁହଁ ଦେଖାଇବି, ସାର ଆପଣ ତାରିଲେ ତାରନ୍ତୁ ନହେଲେ, ପୁରାପୁରି ମାରି ଦିଅନ୍ତୁ । "ମେମ୍ ସାହେବ ହସିଲେ," ଏସ୍.ସି କଣ କରିବେ, ସବୁ କରିବେ ଏଇ, ନାଟର ଗୋବର୍ଦ୍ଧନ "ଶୁକ୍ରାଚାର୍ଯ୍ୟ" ସାହେବ, ତାଙ୍କରି ଇଙ୍ଗିତରେ ଆଜିର ଏ ମଜାଳିଆ ପରିସ୍ଥିତି । କାଲିର ମାଂସ, ପଲାଉ, ହଜମ ହେଇଯିବଣି ସକାଳୁ କିଛି ଖାଇନ, ଆଗ, ଘରକୁ ଯାଇ କିଛି ଖାଅ, ତାପରେ ଆସି କାନ୍‌ସଲ୍ ଅଡର ନେଇଯିବ । କାନ୍ତି ତିନି, ଚାରିଥର ଲୋକ ଖୋଜାଇ ପଠାଇଲାଣି ।

ଜଳଖିଆ ଆସିଲା, ନାହିଁ ନାହିଁ ଭିତରେ ସବୁ ଖାଇଲେ ମୁଷାବାବୁ, ମୁଷାବାବୁଙ୍କ ଠାରୁ ଅଡରଟା ନେଇ ଚିରି ଦେଲେ ବଡ ସାହେବ, ପଛପାଖ ବୁଲାଇ ଦେଖାଇ ଦେଲେ, ଏତେ ବ୍ୟସ୍ତହେଇ ଯାଇଥିଲେ ଯେ ମୃଷାବାବୁ, ଏତେଥର ଅଡରଟା ଦେଖି ମଧ ପଛ ପାଖଟା ଦେଖିନଥିଲେ, ପଛପାଖରେ ବଡ ବଡ ଅକ୍ଷରରେ ଲେଖାଥିଲା **"ଅପ୍ରେଲ୍ ଫୁଲ୍"** । ପଛ ଦେଖି ମୃଷାବାବୁ ଓ ସମସ୍ତେ ଯୋରରେ ହସି ଉଠିଲେ, ମୃଷାବାବୁ କହିଲେ, ସତରେ ମୁଁ ଗୋଟାଏ ମସ୍ତବଡ ଫୁଲ୍, ଆଜି ଅପ୍ରିଲ ଏକ ତାରିଖ, ଚାରିଆଡେ ଅପ୍ରେଲ ଫୁଲ ହୁରିପଡିଛି, ମୋ ଭଳି ବୋକାକୁ ଥରେ କାହିଁକି, ଚାରି ପାଞ୍ଚ ଥର, କରନ୍ତୁ, ସାର ।

ସମସ୍ତେ ହସି, ହସି, ବେଦମ ହୋଇ ତଳିପେଟ ଧରିବସିଲେ ।

***

Digitized by srujanika@gmail.com

ଅନ୍ଧାରରେ ଝିଅଦେଖା

ପ୍ରାଣ ବଲ୍ଲଭ ଭାଇଙ୍କ, ସ୍ତ୍ରୀ ଅଳ୍ପ ଦିନ ଘର ସଂସାର କରି ବିଧବା ହୋଇ ଗଲେ । ଭାଇଙ୍କର ମରିବାର ମାସକ ପରେ ଝିଅଟିଏ ଜନ୍ମ ହେଲା । ତିନିପୁଅ ଦୁଇଝିଅ । ବଡ ଝିଅ ସୁଜାତା ବାହା ହୋଇଥାଏ ତାଳଚେର ବେବର୍ଡ଼ ମୁଣ୍ଡାର ପ୍ରସନ୍ନ ପଟ୍ଟନାୟକଙ୍କୁ । ବଡ ପୁଅ ପ୍ରସନ୍ନ ଚାକିରି କରୁଥାଏ ରାଉରକେଲାରେ, ତା ତଳ ପୁଅ ପ୍ରଦ୍ୟୁମ୍ନ ଚାକିରି କରୁଥାଏ ମିଲିଟାରୀରେ, ତା ତଳ ପୁଅ ପ୍ରଶାନ୍ତ (ଟୁନା) ପଢୁଥାଏ ସ୍କୁଲରେ ସବା ସାନ ଝିଅ ନନି ଅତି ଛୋଟ । ନୂଆ ବୋଉ ଙ୍କର ବହୁତ ଇଚ୍ଛା ଥାଏ ଘରକୁ ବୋହୂଟିଏ ଆଣନ୍ତେ । ପୁଅ ତାଙ୍କର ମୃଷାଦିଅରଠାରୁ ଛଅ, ସାତ ବର୍ଷ କେତେ ସାନ ।

ପ୍ରସନ୍ନ ତାଖୁଡି କାନ୍ତିଲତାଙ୍କୁ ବହୁତ ଭକ୍ତି ଓ ସ୍ନେହ କରେ । ଖୁଡି ତାଠାରୁ ବୟସରେ ବହୁତ ସାନ ହେଲେ ବି ମାଙ୍କ ପରି ଭକ୍ତି କରେ । ତାର ଇଚ୍ଛା ଦାଦା, ଖୁଡି ତା ପାଇଁ ଯେଉଁଠି ଝିଅ ଠିକ୍ କରିବେ ସେ ସେଇଠି ବାହାହେବ, ନିଜେ ଝିଅ ଦେଖିବା ପାଇଁ ଯିବନି । ବହୁତ ଆଡୁ ବହୁତ ପ୍ରସ୍ତାବ ଆସି ପଂହଞ୍ଚୁଥିଲା, ନୂଆବୋହୂ ସିଧା ଖପରାଖାଇରୁ ଭାଂଗି ଦିଅନ୍ତି । ଦିନେ ଷ୍ଟେସନ ବଜାର ଯୋଗୀବାବୁ, ତାଙ୍କ ଶଳା ସରାଇପାଲିର ଜମିଦାର କାନୁନ୍‌ଗୋ ବାବୁଙ୍କ ଝିଅ ବିଷୟରେ ପ୍ରପୋଜାଲ ଆଣିଲେ । ସରାଇପାଲିର କାନୁନ୍‌ଗୋ ବଂଶର ବହୁତ ନାଆଁ । ବହୁତ ଖାତିର । ଆଉ ଯୋଗୀ ବାବୁ ପିପିଲି ପାଖ ନୂଆ ଶାସନର ବହୁଦିନର ଖାନ୍‌ଦାନୀ ଘରର ପିଲା । କାନୁନ୍‌ଗୋ ବାବୁଙ୍କ ଭଉଣୀକୁ ବିବାହ କରିଥିଲେ । ଏ ପ୍ରପୋଜାଲ ମନକୁ ବେଶ ପାଇଲା, ମୁଣ୍ଡଳୀରୁ କାନ୍ତିଦେବୀ ଆଉ ମୃଷାବାବୁ ଆସି ଝିଅକୁ ତାଙ୍କର ଗୋଟିକିଆ ଛାତ ଉପରେ ଲଣ୍ଠନରେ ଦେଖିଲେ । ମିଞ୍ଜି ମିଞ୍ଜି ଆଲୁଅ ବେଶି ଦୃରୁଷ ହେଉ ନଥିଲେ ବି ଜାଣିହେଲା ଝିଅ ଭଲ । ସବୁ ଆଡକୁ ତ ପୁଣି ଦେଖିବାକୁ ହେବ, ବିଭାଘର ହେବ ମତ ଦେଇ ଚାଲିଗଲେ ମୃଷାବାବୁ ।

ଅତି ଦୁଃଖର ଘଟଣା, ଦିନେ ମୃଷାବାବୁଙ୍କର ବଡବାପାପୁଅ ଭାଇଙ୍କ ପୁଅ "କିରଣ" ଆସି କହିଲା "ଦାଦା ଏ ବାହାଘର ହୋଇ ପାରିବନି, ଯୋଗୀ ବାବୁ ବହୁତ ଚାଉଟର ଲୋକ, ଜଣକୁ ଦେଖେଇ ଅନ୍ୟଜଣଙ୍କୁ ବାହା ଦେବେ" । କିରଣ ବହୁତ ଦିନରୁ ଆନନ୍ଦପୁର ହାଇସ୍କୁଲର ହେଡମାଷ୍ଟର ରମେଶ ମହାନ୍ତିଙ୍କ ସ୍ତ୍ରୀ ସହିତ ଚାଲିଆସି ଭୁବନେଶ୍ୱରରେ ଥିଲା, ପୁରୁଣା ଲୋକ, ବହୁତ ଖବର ତାକୁ ଜଣା, ତେଣୁ ଏ ପ୍ରପୋଜାଲରେ ଆଉ ମନ

Digitized by srujanika@gmail.com

ଦେଲେନି ମୃଷାବାବୁ । ଯୋଗୀ ବାବୁ ବଡ ବ୍ୟସ୍ତ, ମୁଣ୍ଡଳୀ, ଆନନ୍ଦପୁର ରାଉରକେଲା ଦଉଡି, ଦଉଡି, କେଉଁଠି ହେଲେ ପକ୍କା ଜବାବ ପାଉ ନଥାନ୍ତି, ଦିନେ ଟାଲାକରେ ନୂଆ ବୋଉଙ୍କ ହାତରେ ଧରେଇ ଦେଲେ ତିନିହଜାର ଟଙ୍କା, ସେ ସମୟରେ ସେ ଟଙ୍କା ନୂଆ ବୋଉ ଙ୍କ ପାଇଁ ଥିଲା ବହୁତ କିଛି । ସେ ପୁରାପୁରି ରାଜି ହୋଇଗଲେ, ପ୍ରସନ୍ନ ପାଖକୁ, ରାଉରକେଲା ମନକଷ୍ଟରେ ଚିଠି ଲେଖିଲେ "କିରଣ, ମିଛରେ ଆମ ବାହାଘର ଭାଂଗୁଛି" ଆଉ ମୃଷାବାବୁଙ୍କୁ ଚିଠି ଲେଖି ଜଣେଇଲେ "ଆମେ କ'ଣ ଏତେ ବୋକା, ମଫସଲି, ଜଣକୁ ଦେଖେଇ ଅନ୍ୟ ଜଣକୁ ବାହା କରେଇ ଦେବେ । ବାହାଘର ବେଳେ ଜଣା ଯିବନି, "ବହୁ ପରିସ୍ଥିତିରେ ପଡି ମୃଷାବାବୁ ବାହାଘର ପାଇଁ ରାଜି ହେଲେ । ଏ ସବୁ ଚିନ୍ତାଯୋଗୁଁ ମୃଷାବାବୁ ଦାଢ଼ିରଖିବା ଆରମ୍ଭ କରି ଦେଇଥାନ୍ତି । ଦାଢ଼ିରଖି ଜଣେ ଦାଢ଼ିଆ ସନ୍ୟାସୀ ପରି ଦିଶୁଥାନ୍ତି, ମୁଣ୍ଡଳୀରୁ ପିକ୍‌ଅପ୍ ଭଡାରେ ନିଆଗଲା, ମଧ୍ୟପ୍ରଦେଶର ସରାଇପାଲି, ଅର୍କତିଆରରେ ବାହାର ବୋଲି ଜୋରଦାର ଲୋକ, କହିବାବାଲା ଲୋକମାନେ, ସବୁ ବରଯାତ୍ରୀରେ ଗଲେ । ମୁକୁତିଆର ଶରତ ଭାଇ ନାକରେ ନିଶ ନଥିଲେ ବି ନାକରେ ହାତ ମାରି ନିଶକୁ ବୁଲାଇ ଜୋରଦାର କଥା କୁହନ୍ତି । ରେଞ୍ଜର ବନମାଳୀ ଭାଇ ହେଲେ ବର କର୍ତ୍ତା, ଗାଁ ପୁତୁରା, ଶତ୍ରୁଘନ କେନ୍ଦୁଝର କଲେକ୍ଟର ଷ୍ଟେନୋ ପୁରା କେନ୍ଦୁଝର ଜିଲ୍ଲାର ଲୋକଙ୍କୁ ଡରେଇ ରଖିଥାଏ । ଡ୍ରାମାରେ ହୁଏ ଖଳ ଅଭିନେତା, ଏହିପରି ବହୁ ଯୁଦ୍ଧ କରିବା ସୈନିକ ମାନଙ୍କୁ ନେଇ ବସ୍ ଓ ପିକ୍‌ଅପ୍ ଗଲା ସରାଇପାଲି, ସବୁଠାରୁ ବେଶି ସୁବିଧା ହେବ ବୋଲି ସମ୍ବଲପୁରରୁ ଠିକାଦାରଙ୍କ କାରରେ ବସିଗଲେ ସୋହନଲାଲ ସିଂ, ମୃଷାବାବୁଙ୍କ ପୁଅ ଦୀପକ ହେଲା ମାର୍କୁଣ୍ଡି, ବର, ବରଯାତ୍ରୀ ପହଞ୍ଚିଲେ ସରାଇ ପାଲି, ଯୋଗୀବାବୁ ସେ ବାହାଘରେ ଥିଲେ ରିଙ୍ଗମାଷ୍ଟର, ତାଙ୍କରି ନିର୍ଦ୍ଦେଶରେ ତିନିଟା ଜାଗାରେ ବର, ବରଯାତ୍ରୀ ରହିଲେ, ଗୋଟିଏ ଜାଗାରେ ବର ମାରକୁଣ୍ଡି, ବରକର୍ତ୍ତା, ବ୍ରାହ୍ମଣ, ଭଣ୍ଡାରି, ଆଉ କେତେଜଣ ବନ୍ଧୁ, ଅନ୍ୟ ଏକ ଜାଗାରେ ମାମଲତ୍‌କାର ବରଯାତ୍ରୀ, ଆଉ ଏକ ନିଭୃତ କୋଠରୀ ଭିତରେ ଦାଢ଼ିଆ ମୃଷା ଇଞ୍ଜିନିୟର, ଅତିଭଦ୍ର ଲୋକ ଜଣାଯାଉଥିବା ବରଯାତ୍ରୀ, ଯୋଗୀବାବୁ କହିଲେ "ଏ ହେଉଛି ଏଠାକାର ନିୟମ" । ସମସ୍ତଙ୍କୁ କିନ୍ତୁ ଭଲଭାବରେ ଚର୍ଚ୍ଚା କରାଯାଉଥାଏ । ଏହାଭିତରେ ବାହାଘର ସରିଗଲା, ବାହାଘର ବେଳେ ଗୋଳମାଳିଆ ପରିସ୍ଥିତି ଦେଖି ପିକ୍‌ଅପ୍‌ରେ ଯିବା ଲୋକମାନଙ୍କୁ ଛାଡି ସମସ୍ତେ ଯିଏ ଯାହାର ବାଟ କାଟିଲେ, ଶେଷରେ ମୃଷାବାବୁଙ୍କୁ ଅଣା ହେଲା ବାହାଘର ଜାଗାକୁ । ସମସ୍ତେ ଦେଖେଇ ଦେଖେଇ କହୁଥାନ୍ତି "ଏ ହେଉଛି ସେ ଦାଢ଼ିଆ ଦାଦା, ଯେ ବାହାଘର ଭାଙ୍ଗିଥିଲେ" ବାହାଘର ସରିଯାଇଛି ଶୁଣି ସେ ବହୁତ ଦୁଃଖ କଲେ । କନ୍ୟାଘର ଅନେକ ମାନ୍ୟଗନ୍ୟ ବ୍ୟକ୍ତି । ମୃଷାବାବୁ କହିଲେ

Digitized by srujanika@gmail.com

ମୋତେ ନତାକି ବାହାଘର କରିଦେଲେ ଏଇଟା କଣ ଭଲ ହେଲା ? ଯୋଗୀ ବାବୁ ପାଟିକରି ଉଠିଲେ, "କାହିଁକି ତୁମେ କ'ଣ ବରବର୍ଣ୍ଣ କି ? ବରକର୍ଣ୍ଣତ ବାହା କରେଇଛେ, ତୁମ ଯୋଗୁଁ ଏ ବାହାଘର ବର୍ଷେ କେତେ ଘୁଞ୍ଚିଗଲା, ଅଯଥାରେ ଆମ୍ଭେମାନେ ଖର୍ଚ୍ଚାନ୍ତ ହେଲୁ ।

ମୃଷାବାବୁ ଦେଖିଲେ, ପରିସ୍ଥିତି ବଡଖରାପ, ତାଙ୍କ ସପକ୍ଷରେ ଲୋକ ନାହାନ୍ତି, ପୁତୁରା ପ୍ରସନ୍ନକୁ ପଚାରିଲେ, ସେବା କ'ଣ ଉତ୍ତର ଦେବ, ଏ ପରିସ୍ଥିତି ପାଇଁ ସେ ଆଦୌ ଖୁସି ନଥିଲା, କହିଲା, "ଝିଅ ଦେଖିବାକୁ ବହୁତ ମୋଟା, ଓଢ଼ଣା ଭିତରୁ ମୁଁ ଯାହା ଅନୁମାନ କରୁଛି", ଠିକ୍ ଏତିକି ବେଳେ ଦୀପୁ ଦୌଡି ଆସିକହିଲା, "ନୂଆବୋଉ ବଡ ବଢ଼ିଆ, ମୋତେ ସବୁ ବେଳେ ପାଖରେ ଧରି ବସୁଛନ୍ତି, ମୁଁ ପରା ତାଙ୍କ ପେଟ ଉପରେ ଶୋଇଥିଲି"। ମୃଷାବାବୁ କହିଲେ, "ମୋ ପୁଅ ପ୍ରସନ୍ନ, "ଆପଣଙ୍କ ଭୋଇଁ କହୁଛି", ଝିଅ ଦେଖିବାକୁ ବହୁତ ମୋଟା, ମୁଁ ତ ମୋଟାଝିଅ ଦେଖି ନଥିଲି" । ପୋଲିସ ବାଲା, ମାଜିଷ୍ଟ୍ରେଟ, ପାଟିକରି କହିଲେ, ଆଉ ବର୍ଷେ ବାହାଘର ଘୁଞ୍ଚାଇଲେନି, ଦାଡ଼ିତଳେ ଓହଳିଥିଲେ ଆସି, ଆହୁରି ମୋଟାସୋଟା ହୋଇଥିଲେ ଝିଅକୁ ଘରକୁ ବୋହୂକରି ନେଇଥାନ୍ତେ, ଜମିଦାର ଘର ଝିଅ, ଅଲିଅଳରେ ବଢୁଛି, ବଢ଼ିଲା ବୟସ, ବର୍ଷତଳେ ଯାହା ଦେଖିଥିଲ ଏବେ କ'ଣ ସେଇଆ ଥିବ, ମୃଷାବାବୁ ନିରବ ରହି, ଦୁଃଖରେ କହିଲେ, "ଆପଣମାନେ କିଛି ଭଲ କରୁନାହାନ୍ତି, ଏତେ ମାନ୍ୟଗଣ୍ୟ ଶିକ୍ଷିତ, ଭଦ୍ରଲୋକମାନେ ଅଛନ୍ତି, ଆମେ ବରପକ୍ଷ, ଝିଅକୁ ବୋହୂ କରି ନେଲାପରେ ଯଦି କିଛି" ????

ଏସ୍.ପି. ସାହେବ ଚିତ୍କାର କରି ଉଠିଲେ, "ଆପଣ ଯାହା କହୁଛନ୍ତି ମୁଁ ଯଦି ତାକୁ ଟେପ୍ କରି ରଖେ, ପରିସ୍ଥିତି ବଡ ଖରାପ ହେବ, ଭାବିପାରୁଛନ୍ତି, କଥା କିଛି ନବଢେଇ ଚଂଚଳ ବୋହୂକୁ ନେଇଯାଆନ୍ତୁ, ବହୁତ ବାଟ" । ମୃଷାବାବୁଙ୍କର ଉପସ୍ଥିତ ବୁଦ୍ଧି ଫେଲ ମାରିଲା, "ମୁଁ ତ ଏ ଯାଏଁ ମୋ ବୋହୂକୁ ଦେଖିପାରିଲିନି" ।

ବଡ ବୁଦ୍ଧିମତୀ, ଚତୁରା, ପ୍ରସନ୍ନର ସ୍ତ୍ରୀ, ଦୌଡିଆସି ପଡିଗଲା ଦାଦାଙ୍କ ଗୋଡତଳେ, କାନ୍ଦି କାନ୍ଦି କହିଲା, "ମୁଁ ଆପଣଙ୍କର ପୁତୁରାଙ୍କର ଯୋଗ୍ୟ ନହେଲେ ମଧ ମୁଁ ଆପଣଙ୍କ ପୁତୁରାଙ୍କ ବିବାହିତା ସ୍ତ୍ରୀ, ମୁଁ ସାତଦୀପ ମାଡି, ଦଶଦିଗପାଳଙ୍କୁ ସାକ୍ଷୀ ରଖି ବାହା ହୋଇଛି । ଆଉ ଏଠିବେଶି ଯୁକ୍ତି ତର୍କ ନକରି ଚାଲଯିବା ଦାଦା, ମୁଁ କଣ ଆପଣଙ୍କର ଝିଅ ନୁହେଁ" । ଦୀପୁ, ଛୋଟ ଛୁଆଟା, ବାପାଙ୍କୁ କହିଲା, "ଆଉ କାହିଁକି ଡେରି କରୁଛ ଯେ ବାପା, ଦେଖୁନ ନୂଆବୋହୂ କେତେ କାନ୍ଦିଲେଣି" ।

ସମସ୍ତଙ୍କ ଅଗୋଚରରେ ଆଖିରୁ ଲୁହପୋଛିଲେ ମୃଷାବାବୁ, ସ୍ୱର୍ଗରେ ଥିବା ଦେବତା, ପ୍ରାଣ ବଲ୍ଲଭ ଭାଇଙ୍କ ଉଦ୍ଦେଶ୍ୟରେ ହାତ ଉଠାଇ କହିଲେ, "ଭାଇ, ମୁଁ ଯଦି

Digitized by srujanika@gmail.com

ଭୁଲ କରିଥାଏ ମୋତେ କ୍ଷମାକର'' । ଏସବୁ ପରିସ୍ଥିତି ଦେଖୁଥିଲେ ଅକ୍ଷୟ କାନୁନ୍‌ଗୋ, ସେ ବିବାହ କରିଥାନ୍ତି, ଭୁବନେଶ୍ୱରର ଡେପୁଟି ସେକ୍ରେଟେରୀଙ୍କ ବଡ ଝିଅ ଗିରୀବାଳାଙ୍କୁ ସେ ମୃଷାବାବୁଙ୍କର ଶଳା ଚିତ୍ତରଂଜନ ପଟ୍ଟନାୟକଙ୍କ ସ୍ତ୍ରୀ ସଂଧ୍ୟା ନୂଆ ବୋହୂଙ୍କର ବଡ ଭଉଣୀ ।

ଅକ୍ଷୟ ବାବୁ ଆଉ ଗିରୀ ଅପାଆସି କହିଲେ, ''ସମୁଦୀ ଆଉ କଥା ବଢ଼ାଅନି, ତୁମେ ଯାହାକୁ ଦେଖିଥିଲ ଆମେ ଜାଣିନୁ, ହେଲେ ତୁମେ ଯାହାକୁ ବୋହୂ କରି ନେଉଛ ସେ ଆମ ବଡ ଭାଇଙ୍କ ଝିଅ, ଆମ ଝିଅଟିରି, ରୂପ ଯାହା ହେଉନା କାହିଁକି, ଗୁଣରେ ଲକ୍ଷ୍ମୀ, ତାପରି ଭଲଗୁଣର, ଭଲ ଚରିତ୍ର ଝିଅଖୁବ୍ କମ୍‌ମିଳିବେ । ସବୁ କଥା ଭୁଲି ଯାଇ, ପୁଅବୋହୂଙ୍କୁ ଧରି ଶିଘ୍ର ବିଦାୟ ହୁଅ''। ମୃଷାବାବୁ କହିଲେ ''ପ୍ରସନ୍ନ, ଭାବୁଛୁ କ'ଣ ଟଂଚଲ ବାହାର , ସମୁଦୀଙ୍କୁ ଡାକି କହିଲେ, ''ସମୁଦୀ ଝିଅକୁ ଗାଡିରେ ବସାଅ'' ।

ପୁଅ ବୋହୂଙ୍କୁ ଗାଡିରେ ଧରି ଫେରିଲେ ମୃଷାବାବୁ, ବାଟସାରା ଦୀପୁ, ବଡଭାଇ ପ୍ରସନ୍ନର ମନ ପରିବର୍ତ୍ତନ କରିଦେଲା ମଧ୍ୟସ୍ଥ ହୋଇ । ବାଟସାରା ପୁଅ ବୋହୂ ହସ ଖୁସିରେ କଥା ହୋଇ ପହଞ୍ଚଲେ ଖପରାଖାଇ, ଆଗରୁ ବରଯାତ୍ରୀ ମାନେ ଆସି ସବୁତ ବର୍ଣ୍ଣନା କରିସାରିଥିଲେ । ତେଣୁ ସମସ୍ତେ ଚୁପ୍ ରହିଲେ, କିଏ କିଛି ନ କହିଲେ ବି, କୁନି ଅପା (ହାକିମଙ୍କୁ ଜବାବ ଦେଲାବାଲା) ଗେହ୍ଲେଇ ଗେହ୍ଲେଇ କହିଲା, ନୂଆବୋଉ, ନୂଆବୋଉ, ଟଂଚଲ କୋଠାଘର ତିଆରିକର, ସାତଫୁଟିଆ କବାଟକର ନହେଲେ ବୋହୂ ଘର ଭିତରକୁ ପଶିପାରିବନି'' । ଅନ୍ଧାରରେ ଦେଖା ହୋଇଥିବା ବୋହୂଘରକୁ ଆଲୋକିତ କଲା, ତିନୋଟି ସୁନ୍ଦରୀ ଝିଅ ଗୋଟିଏ ଗୁଣବନ୍ତ ପୁଅ ଜନ୍ମ କରି ପୁଣି ଅନ୍ଧାରେ ରହିଗଲା, ବିଛଣାରେ ପଡି । ଦୁଇ ଝିଅ ବିରାଟ ଘରେ ବାହା ହେଲେ । ପୁଅ ଇଂଜିନିୟରିଂ ପାଶ୍ କରି ଘଞ୍ଚ ଆଇରନ (କେନ୍ଦୁଝର) ରେ ଇଂଜିନିୟର ରୂପେ ଚାକିରି କଲା । ''ଆମେମାନେ ଦୁଃଖ କରି କିଛି ଲାଭ ନାହିଁ, ଭଗବାନଙ୍କ ସୃଷ୍ଟିରେ ଆଗରୁ ବରକନ୍ୟା ବନ୍ଧା ହୋଇଥାନ୍ତି ।

●●●

Digitized by srujanika@gmail.com

ବୋଝଉପରେ ଲଳିତାବିଡା

ପୂର୍ଣ୍ଣଭାଇଙ୍କୁ ଚାକିରିରେ ଯୋଗକରାଇ ମୃଷାବାବୁ ନିଜକୁ ଟିକିଏ ହାଲୁକା ମନେ କଲେ । ଏହା ଭିତରେ ତାଙ୍କ ସାଙ୍ଗମାନେ ପରୀକ୍ଷା ଦେଇ, କୋଉଦିନୁ ଏସ୍‌ଡିଓ ହୋଇ ସାରିଲେଣି । ଏଥର ପରୀକ୍ଷାଦେବାକୁ ବ୍ରହ୍ମପୁର ଯିବାକୁ ନିଷ୍ପତି କଲେ ମୃଷାବାବୁ, ପରୀକ୍ଷକ ଥଲେ ତାଙ୍କର ଅତିପ୍ରିୟ ଇଂଜିନିୟର, ପି.ଆର.ସି.ପାତ୍ର, ଚିପ୍‌ଲିମାରେ ସେ ଥିଲେ ତାଙ୍କର ନିର୍ବାହି ଯନ୍ତ୍ରୀ ।

ଦିନେ ମୃଷାବାବୁ ତାଙ୍କୁ ଏକ ମହାବିପଦରୁ ରକ୍ଷା କରିଥିଲେ, ଚିପ୍‌ଲିମାରେ ନାଟକ ଚାଲିଥାଏ "ଅତିଥି" ନାଟକ ଦିନ, ନାୟକ ମଦନରୋଲ କରୁଥିବା ଅଭିନେତାଙ୍କୁ ହଠାତ୍ କଲେରା ହୋଇଗଲା, ତାଙ୍କୁ ସାଲାଇନ୍ ଦିଆଯାଉ ଥାଏ, ମୃଷା ବାବୁଙ୍କୁ ବରଘରରୁ ଡକାଗଲା, ସେ ସାଙ୍ଗେ ସାଙ୍ଗେ ହିରୋଭୂମିକରେ ଅଭିନୟ କରି ପାତ୍ରବାବୁଙ୍କୁ ମହାବିପଦରୁ ରକ୍ଷାକଲେ ।

ପରୀକ୍ଷା, ମାତ୍ର ଛଅ ସାତ ଦିନଥାଏ, ଗାଁରୁ ଟେଲିଗ୍ରାମ ଟିଏ ଆସିଲା, "ଅତୁଲ ଭାଇ ସିରିଅସ୍ ଚଞ୍ଚଳ ଆସ" । ଟେଲିଗ୍ରାମଟିକୁ ପଢ଼ି ଚିରି ଫୋପାଡି ଦେଲେ ମୃଷାବାବୁ ମୋର ଭାଇ ଫାଇ କେହି ନାହାଁନ୍ତି, ଏବେ ତିନିବର୍ଷକାଳ ପୂର୍ଣ୍ଣଭାଇଙ୍କୁ ସାହାଯ୍ୟ କରି, ନିଷ୍କୃତି ପାଇଲି, ପୁଣି ଅନ୍ୟଭାଇ ସିରିଅସ୍ ?

କାନ୍ତିଦେବୀ ରାଗିକରି କହିଲେ, "ଆଉ ଭାଇନା, ଆଉ ପରୀକ୍ଷା" କାନ୍ତିମୁହଁକୁ ଅନାଇ, ଆଶ୍ଚର୍ଯ୍ୟ ହୋଇଗଲେ ମୃଷାବାବୁ କହିଲେ "ଆଉପରୀକ୍ଷା, ତୁ କଣ ଚାହୁଁନା ତୋର ସ୍ୱାମୀ ଏସ୍.ଡିଓ ହେଉ, ତୋର ମାନ ସମ୍ମାନ ବଢୁ । ପରୀକ୍ଷାରୁ ଫେରି ଗାଁ କୁ ଯିବି" ବସ୍‌ଷ୍ଟାଣ୍ଡରେ ପୁଣି ଗୋଟିଏ ଟେଲିଗ୍ରାମ, ତାକୁ ପକେଟରେ ରଖି ବ୍ରହ୍ମପୁର ଗଲେ, ପାତ୍ର ସାହେବଙ୍କ ସହ ଦେଖାହେଲା, ସେ କହିଲେ "ତୁମେ ଏ ଯାଏ ପାଶ୍ କରିନ, ମୃଷାବାବୁ" ମୃଷାବାବୁ ତାଙ୍କର ଦୁଃଖମୟ ଜୀବନ ବର୍ଣ୍ଣନା କରିଗଲେ "ମରିବାକୁ ତ ବେଳ ହେଉନି, ପରୀକ୍ଷାଦେବି କେମିତି ? ପାତ୍ର ସାହେବ କହିଲେ "ବ୍ୟସ୍ତ ହୁଅନା, ତୁମେ ପାସ୍ କରୁଛ, ଅତିଶିଘ୍ର ଏସ୍.ଡି.ଓ. ହେଉଛ" ।

ବ୍ରହ୍ମପୁରରୁ ଫେରିଲା ବେଳେ, ପୁଣି ଆଉ ଗୋଟାଏ ଟେଲିଗ୍ରାମ, ସିଧା ଗାଁକୁ ଗଲେ, ମୃଷାବାବୁ, ଘରେ ଯାଇ ଦେଖିଲେ, କବାଟ ମୁକୁଳା, ନିଆଁଜଳୁଛି, ଛୋଟ କୁନିଛୁଆଟିକୁ

Digitized by srujanika@gmail.com

କୋଳରେ ଧରି ନୂଆବୋଉ, ତୋଳାଉଛନ୍ତି, ହାତରେ ନାହିଁ ଶଙ୍ଖା, ମୁଣ୍ଡରେ ନାହିଁ ସିନ୍ଦୁର । ମୃଷାବାବୁ ପାଟି କରି କାନ୍ଦି ଉଠିଲେ "ଏ ସବୁ କଣ ହୋଇଗଲା ନୂଆବୋଉ", "ତିନି ତିନିଟା ଟେଲିଗ୍ରାମ ଗଲା, ତୁମକୁ ଅନାଇ, ଅନାଇ, ଶେଷରେ ଆଖି ବୁଜିଲେ, ତୁମ ଭାଇ, ମରିବାର ସାତ ଦିନ ଆଗରୁ ପୁଣି ଗୋଟିଏ ଝିଅ ଅଲକ୍ଷଣୀ, ଆସୁ ଆସୁ ବାପାକୁ ଖାଇଲା" ।

ମୃଷାବାବୁଙ୍କର କୋହ ଉଠିଲା, ଏକ, ପ୍ରଳୟଙ୍କରୀ କୋହ, ଗାଁବାଲା ସମସ୍ତେ ରୁଣ୍ଡ ହୋଇ, ଦିନ ଗୋଟାଏ ସୁଦ୍ଧା କାନ୍ଦ ବନ୍ଦ କରି ପାରିଲେ ନାହିଁ, ଲୋକମାନେ ଭାବିଲେ, ମୃଷାର ହାର୍ଟଫେଲ୍ ହୋଇଯାଇପାରେ, ଡାକ୍ତର ଆସି କୋରାମିନ୍ ଇଞ୍ଜେକ୍ସନ ଦେବାରୁ ସାଧାରଣ ଅବସ୍ଥାକୁ ଫେରି ଆସିଲେ ମୃଷାବାବୁ । ଶୁଦ୍ଧିକାମ, ଶେଷକରି, ସବୁ ଛୁଆମାନଙ୍କୁ ଓ ନୂଆବୋଉଙ୍କୁ ଧରି ନିଆଳି ବାହାରିଲେ, ବିଳାସ ନୂଆବୋଉ, ମୁଣ୍ଡବାଡ଼େଇ କାନ୍ଦୁଥାନ୍ତି, କାନ୍ତି, ଅପାକୁ ବୁଝାଇ କହିଲା, "ତୁମେ ବ୍ୟସ୍ତ ହୁଅନା ଅପା, ଶୋଭା କରଣ ବଂଶରେ କଳଙ୍କ ଲାଗିବନାହିଁ, ତୁମର ସବୁ ଦାୟିତ୍ୱ ଆଜିଠାରୁ ଆମର" ।

ପୂର୍ଣ୍ଣଭାଇ ପୁରା ଭଲ ନହେଲେ ବି, ଛୋଟେଇ ଛୋଟେଇ, ବାଡ଼ିଧରି, ଅତୁଳ ଭାଇଙ୍କ କାମ ପାଇଁ ଛୁଆପିଲା ଧରି କେନ୍ଦୁଝରରୁ ଆସିଥାଆନ୍ତି । ସେ କହିଲେ "ଶୁଣିଲୁ ମୃଷା ତୁ ଯେଉଁ ଟଙ୍କା ପଠାଇଥିଲୁ ତୋ ସ୍ତ୍ରୀ ନାମରେ, ଜମି କେନ୍ଦୁଝର ଗଡ଼ରେ କିଣାହେବାପାଇଁ, ଅତୁଳ ତା ସ୍ତ୍ରୀ ନାମରେ ସେ ଟଙ୍କାରେ ଜମି କିଣିଛି" ।

ଯିବାବନ୍ଦ କରି, ମୃଷାବାବୁ ପାଟି କଲେ, "ନୂଆବୋଉ ଏକଥା କଣ ସତ", କାନ୍ଦି, କାନ୍ଦି 'ନୂଆବୋଉ କହିଲେ, "ସେ ତ ତୁମର ନିଜ ଭାଇ, ମୁଁ ତ ପରଘରରୁ ଆସିଛି, ତୁମ ଭାଇଙ୍କୁ ତୁମେ ବେଶି ଭଲ ଭାବରେ ଚିହ୍ନ, ମୁଁ ଯେତେ ନାହିଁ କଲି, ସେ ସମୁଦାୟ ଜମି ମୋ ନାମରେ କିଣିଦେଲେ । ସେତ ମଲେଣି, ତୁମେ ମୋତେ ମାରପିଟ, ଯାହା କରୁଛ କର" । ମୃଷାବାବୁ ଚୁପ୍ ହୋଇ ବସିଲେ "କାନ୍ତିଦେବୀ କହିଲେ ଭାବୁଛ କଣ, ସେ ଜମି ସବୁ ତାଙ୍କର ହେଉ, ସେମାନେ ତ ବର୍ତ୍ତମାନ ସମସ୍ତେ ତୁମ ଦାୟିତ୍ୱରେ" । ଏକଥାଶୁଣି କୁନି ଅପା କହିଲା, "ବୁଝିଲୁରେ ମୃଷା, ଓରଳି ପଟ୍ଟନାୟକ ବଂଶର ଶ୍ରୀରାମ ଆଉ ନେତ୍ରମଣୀଙ୍କ ଝିଅ ସେ, ସେତ ପୁଣି ନାଁ ରଖିବ । ଶ୍ରୀରାମ ଥିଲେ, ଗାନ୍ଧୀ ପ୍ରେମି ଗୋଟାଏ ଚାପଡ଼ା ଖାଇଲେ, ଆର ଗାଲ ଦେଖାଇ ଦିଅନ୍ତି, କୋଉ ଜମି କାହାରରେ ବାପା, ଦେଖୁନୁ ବିଧବା ହୋଇ ଗାଁରେ ବାପାଙ୍କ ଜମି, କଇଁଆ ଗଛ ଲାଗିକି ବସିଛି, ଟିକିଏ, ଖସ, ଖସ ହେଲେ, ବାଡ଼ିଧରି ପାଟିକରେ "କିଏ, କିଏ, କଇଁଆ ତୋଳୁଛ", କାଲି ଆଖି ବୁଜିଲେ ସବୁ ଯିବ, ଜମିବାଡ଼ି ଘରଦ୍ୱାର କାହାରି ନୁହେଁରେ ବାପା, ସବୁ ସେଇ ଲିଳାମୟ ଙ୍କର ଲିଳା"

ସମସ୍ତଙ୍କୁ ଧରି ମୃଷାବାବୁ ପହଁଞ୍ଚିଲେ ନିଆଳି । ଚୌକିଦାରଠାରୁ ଶୁଣିଲେ ଅଧକ୍ଷଣ ଯଷ୍ଟୀ ମିଶ୍ର ସାହେବ ବଙ୍ଗଳାରେ । ମୃଷାବାବୁଙ୍କର ଏ ଦୁଃଖ ଖବର ଶୁଣି କାନ୍ତିଦେବୀ

Digitized by srujanika@gmail.com

ବି ନାହାଁନ୍ତି ଶୁଣି, କିଛି ନଖାଇ ଶୋଇଯାଇଛନ୍ତି । ମୃଷାବାବୁ ବଙ୍ଗଳାକୁ ଗଲେ, ମିଶ୍ର ସାହେବ ନିଦରୁ ଉଠି ମୃଷାବାବୁଙ୍କୁ କୁଣ୍ଢାଇ ଧରି କାନ୍ଦି ଉଠିଲେ । ମୃଷାବାବୁ କହିଲେ, ''ଆପଣତ ଆଗ ଦୁଃଖ କଥା ଜାଣନ୍ତି, ଏବେ ପୁଣି ବୋଝ ଉପରେ ଲଳିତା ବିଡ଼ା, ମୋ ସଂସାର କେମିତି ଚଳିବ ସାର । ''ମିଶ୍ର ସାହେବ କହିଲେ ଦୁଃଖ କରନା, ସବୁ ସହିଯିବା ହେଉଛି ମଣିଷ ପଣିଆ । କୋଡ଼ିଏ ପଚିଶି ଦିନ ଗଲାପରେ ମନପରିବର୍ତ୍ତନ ହୋଇଯିବ, ମୋ ପାଖକୁ ଯିବୁ, ମୁଁ ତତେ ଏମିତି ଗୋଟିଏ କାମଦେବି, ତୁ ବର୍ଷକ ଭିତରେ, ଦଶ, ବାର ଲକ୍ଷ ଟଙ୍କା ରୋଜଗାର କରିବୁ, ପାଣ୍ଡ୍ ବହିରେ ରଖି ପିଲାମାନଙ୍କୁ ପାଠ ପଢ଼ାଇ, ବାହା କରାଇବୁ'' । ମୃଷାବାବୁ କହିଲେ ''ଏକଥା କଣ ସତ ସାର୍'' ? ମିଶ୍ର ସାହେବ କହିଲେ ''ମୁଁ ମଦ ଖାଇ କହୁଛି ବୋଲି ତୁ କଣ ମିଛ ମଣୁଛୁ, ଏ ହେଉଛି ମଦ୍ୟପୀ ଅଧିକ୍ଷଣ ଯନ୍ତ୍ରୀଙ୍କର ନାତୁଆ ଇଞ୍ଜିନିୟର ମୃଷା ପଟ୍ଟନାୟକ ପାଖରେ ଶପଥ'' ।

''ଆଜିଠାରୁ **''ବୋଝ ଉପରେ ଲଳିତା ବିଡ଼ା''** ବୋହିବା ଦାୟିତ୍ୱ ମୋର'' ।

ବହୁରୂପୀ

ଡଃ ବିଜୟରାମ ମିଶ୍ର
(ପରେ ମୁଖ୍ୟମନ୍ତ୍ରୀ)

ଜଣେ ଓଭରସିୟରଙ୍କ ଦାୟିତ୍ୱରେ ଥିବା ନିଆଳି ସବ୍‌ଡ଼ିଭିଜନ ତିନିଗୋଟି ସବ୍‌ଡ଼ିଭିଜନରେ ପରିଣତ ହେଲା, ମୃଷାବାବୁଙ୍କ ପାଖରେ ଟ୍ରେନିଙ୍ଗ ପାଉଥିବା, ଓଭରସିୟର ଇଞ୍ଜିନିୟରମାନେ ପୋଷ୍ଟିଙ୍ଗ ହେଲେ । ମୃଷାବାବୁଙ୍କୁ ବାର ଭାଗରୁ ଗୋଟିଏ ମାତ୍ର ଭାଗ ମିଳିଲା । କୁଣ୍ଢେଇ ଡ଼ିଷ୍ଟ୍ରିବିଉଟାରି କାମ, କୋଟୀ କୋଟୀ ଟଙ୍କାରକାମ ଦାୟିତ୍ୱରେ ଅନ୍ୟ, ବାବୁମାନେ, କେବଳ ପୁରୁଣା ଓଭରସିୟର ହିସାବରେ ମୃଷାବାବୁ ଥାଆନ୍ତି ହେଡ୍‌କ୍ୱାର୍ଟର ଚାର୍ଜରେ । ଟ୍ରେନିଙ୍ଗ ପାଉଥିବା ଇଂଜିନିୟରଙ୍କ ଭିତରେ ଆର.କେ କାନୁନ୍‌ଗୋ ଥିଲେ ଅତି କାମିକା, ଭଲ ଇଞ୍ଜିନିୟର, ମୃଷାବାବୁଙ୍କୁ ବହୁତ ଭଲ ପାଉଥିଲେ, କାନ୍ତିଦେବୀଙ୍କୁ ବିଭାଉଜର ଭକ୍ତି ଦେଉଥିଲେ, ତାଙ୍କ ବଡ଼ ଭାଇ ଡ଼େରାଡୁନରେ, O.F.S ପାଶ୍ କରି ରେଞ୍ଜର ଥିଲେ, ତାଙ୍କ ପାଇଁ ମୃଷାବାବୁଙ୍କ ଶାଳୀ ସ୍ୱର୍ଣ୍ଣଲତାର, ବାହାଘର ଠିକ୍ କରିଥିଲେ । ବାହାଘର ହୋଇପାରିଲା ନାହିଁ ନହେଲେ ସ୍ୱର୍ଣ୍ଣଲତା ବର୍ତ୍ତମାନ ଓଡ଼ିଶାର ଶ୍ରେଷ୍ଠ ବନ ଅଫିସର କାନୁନ୍‌ଗୋ D.F.O ବା କନ୍‌ଜରଭେଟରଙ୍କ ସ୍ତ୍ରୀ ହୋଇ ଥାଆନ୍ତେ । R.K. Kanungo ବର୍ତ୍ତମାନ କାମିକା ଅଧିକ୍ଷଣ ଯନ୍ତ୍ରୀ, ତେଣୁ ଭୁବନେଶ୍ୱର ଡ଼େଲ୍‌ଟାରେ ।

ମୃଷାବାବୁଙ୍କର ପୁଣି ଗୋଟିଏ କନ୍ୟାରତ୍ନ ଜନ୍ମହେଲା, ବହୁତ ଚେଷ୍ଟା କରିଥିଲେ ମୃଷାବାବୁ ଓ କାନ୍ତିଦେବୀ ପିଲାଟିକୁ ନଷ୍ଟ କରିଦେବାକୁ । କିନ୍ତୁ ସେ ନଷ୍ଟ ହେଲାନି, ସେହି ଝିଅ ଲୁଲୀ, କଳ୍ପାନନ୍ଦିନୀ , ସବୁଠାରୁ ସୁନ୍ଦରୀ ଗେହ୍ଲା ହେଲା ପରିବାରର, ବିଭାଘର ହେବାଯାଏ, ବାପାଙ୍କୁ ଗୋଟାଏ ମିନିଟ୍ ପାଖରୁ ଛାଡ଼େନି, ବାପାଙ୍କ ଦୁଃଖରେ ବହୁତ ଦୁଃଖୀ ମୃଷାବାବୁଙ୍କର ଜଞ୍ଜାଳ ବଢ଼ି ଉଠିଲା, ପଇସା ପତ୍ରର ଘୋର ଅଭାବ ଦେଖାଦେଲା ।

ବିଜୟରାମ ମିଶ୍ର ଅଧିକ୍ଷଣ ଯନ୍ତ୍ରୀଙ୍କ ସତ୍ୟ, ଶପଥ କଥା ମନେ ପକାଇ ଭୁବନେଶ୍ୱର ବାହାରିଲେ ମୃଷାବାବୁ, ସକାଳ ପାଞ୍ଚଟା ବେଳେ ରେବ୍ ଡ଼େଙ୍ଗ ପହଞ୍ଚିଲେ

Digitized by srujanika@gmail.com

ସାହେବଙ୍କ ଅଫିସ୍ ରୁମରେ, ମିଶ୍ର ସାହେବ, ଚାହା, ଢୋକେ ପିଇ, ବିଡ଼ିଟାଣି କାମ କରୁଥାଆନ୍ତି, ଦେହରେ କେବଳ ଖୋର୍ଦ୍ଧା ପାଣି ଗାମୁଛାଟିଏ, ସକାଳୁ ସାହେବଙ୍କ ମନ, ବହୁତ ପବିତ୍ର ଆଉ ଶାନ୍ତ, ମୃଷାବାବୁଙ୍କୁ ଦେଖି, କାମ ବନ୍ଦକରି କହିଲେ, "କୁଆଡ଼େ ସକାଳୁ, ସକାଳୁ ଆସିଗଲ ନାଟୁଆ" ।

"ଆପଣଙ୍କର ସତ୍ୟ ଶପଥ କଥା ମନେ ପକାଇ ଦେବାକୁ ଆସିଛି ସାର୍" ମିଶ୍ର ସାହେବ ବଡ଼ ସୁନ୍ଦରିଆ ହସଟିଏ ହସି କହିଲେ "ମୁଁ ସତ୍ୟ, ଶପଥ କରିଥିଲି, କେବେ ? କୋଉଦିନ ? କାହିଁ ମୋର ତ କିଛି ମନେ ପଡୁନି" ।

"ସେଇଦିନ ସାର୍ ଯେଉଁଦିନ, ମୋ ଭାଇଙ୍କର ବାରଦିନ କାମ ଶେଷ କରି ବିରାଟ ପରିବାର ସହ ନିଆଳି ପହଞ୍ଚିଥିଲି, ସେଦିନ ରାତିରେ ମୋତେ ଘଣ୍ଟେକାଳ କୁଣ୍ଡାଇଧରି ମୋର ଦୁଃଖର କୋହ ବନ୍ଦକରି କହିଲେ "ଦୁଃଖ କରନା, ତୋତେ ଗୋଟାଏ ବଢ଼ିଆ କାମ ଦେବି, ସେଥିରୁ ତୁ ବର୍ଷକ ଭିତରେ ଦଶ, ବାର ଲକ୍ଷ ଟଙ୍କା ରୋଜଗାର କରି ତୋର ବିରାଟ ପରିବାରକୁ ଚଳାଇବୁ" କଲମ ଫୋପାଡ଼ି ଦେଇ ରାଗି ଉଠିଲେ, ମିଶ୍ର ସାହେବ, "ମୁଁ କିଏ ତୁମେ ଜାଣ ? ଏକଥା ଉପରେ ମୁଁ ତୁମକୁ ସସ୍‌ପେଣ୍ଡ ଓ ଚାକିରିରୁ ବରଖାସ୍ତ କରିପାରେ, ଏ ଡ୍ରାମା ବନ୍ଦ୍ କର" । ସାଷ୍ଟାଙ୍ଗ ପାଦତଳେ ପଡ଼ିଗଲେ ମୃଷାବାବୁ "ମୋତେ କ୍ଷମା କରନ୍ତୁ ସାର୍, ଆପଣ କହିଥିଲେ ବୋଲି ମୁଁ ଆସିଥିଲି । "ଆଛା ନାଟୁଆ ମୁଁ ଶପଥ କରିଥିଲି, କେତେବେଳେ, ମଦ ପିଇବା ପୂର୍ବରୁ ନା ପରେ" ।

"ସେ କାମ କେତେ ଆଗରୁ ସରିଥିଲା", "ଆଉ ତୁମେ ଧରିନେଇ ମଦଖାଇ ମୁଁ ଅଭିନୟ କରି ଯାହା କହୁଛି, ସେଇଟା ବେଦର ଗାର, ଗେଟ୍ ଆଉଟ୍, ଗେଟ୍ ଆଉଟ୍ ଇଉ ରାସକେଲ, ଆଜି ଅଫିସରେ ମୁଁ ତୁମକୁ କଣ କରୁଛି ଦେଖ, ସକାଳୁ, ସକାଳୁ ମୋ ଭଲ ମୁଡ୍‌ଟାକୁ ଖରାପ କରିଦେଲ" ।

ଆଖିରୁ ଲୁହ ପୋଛି, ଚାଲି ଆସିଲେ ମୃଷାବାବୁ, ଅଫିସରେ ମହେନ୍ଦ୍ରବାବୁ, ସବା ବଡ଼ବାବୁ, ଆଉ ବିଚି ବାବୁଙ୍କୁ ସବୁ କଥା କହିଲେ, ମହେନ୍ଦ୍ର ବାବୁ ହସି, ହସି କହିଲେ "କଣ କୈକେୟୀ, ଦଶରଥଙ୍କ ଠାରୁ ବର ପାଇଲେ" ଥଟା କରନ୍ତୁନି ସମୁଦୀ ମୁଁ କେବେ ମିଛ କହୁନି, "ମହେନ୍ଦ୍ରବାବୁ କହିଲେ "ମୁଁ ବି ମିଛ କହୁନି, ଏଡ଼େ ସୁନ୍ଦର ଜାଗା, କାମ, ଘର ଲୋକବାକ ଛାଡ଼ି ଶେଷରେ ତୁମେ ଅଫିସ୍‌ରେ ଏଷ୍ଟିମେଟର "ବୋକାପରି ଅନେଇ ରହିଲେ ମୃଷାବାବୁ, "କଣ କହିଲେ, ଅଫିସ୍‌ରେ ଏଷ୍ଟିମେଟର" ।

ପାଞ୍ଚଟା ବେଳ, ମିଶ୍ର ସାହେବ, ମହେନ୍ଦ୍ର ବାବୁ, ବିଚି ବାବୁ ଆଉ ଷେଜୋ ବାବୁଙ୍କୁ ଧରି ବାହାରିଲେ, ଡ଼େଲଟା କଲୋନୀ । ବାରଣ୍ଡାରେ ଗୋଡ଼ ତଳେ ପଡ଼ିଗଲେ ମୃଷାବାବୁ "ସାର, ଶେଷରେ ମୋତେ ଅଫିସ୍‌ର ଏଷ୍ଟିମେଟର କରିଦେଲେ, ମୋର ସବୁ

Digitized by srujanika@gmail.com

ଦୁଃଖତ ଆପଣ ଜାଣନ୍ତି, ପନ୍ଦର, ଷୋଳଜଣ, କୁଟୁମ୍ବ, ପିଅନ କି ଖଲାସିଟିଏ ନିହାତି ଦରକାର, ତାଛଡ଼ା ଦରମା ମୋଟେ ଅଣ୍ଟୁନି, ଆଉ, ତିନିଶହ କି ଚାରିଶହ ଅଧିକ ଦରକାର, ମୋତେ ଦୟା କରନ୍ତୁ ସାର" ।

ଆଫ୍ରିକାର ସାବର ପ୍ରଦେଶର ମଣିଷଖିଆ ବାଘ ପରି ବାରଣ୍ଡାରେ ଗର୍ଜିଉଠିଲେ ମିଶ୍ର ସାହେବ, ପାଟିଶୁଣି, ସବୁ କର୍ମଚାରୀ ଦୌଡ଼ି ଆସିଲେ, ପାଟିକରି କହିଲେ, "ମୁଁ ତୁମକୁ ଆଜି ଚାକିରିରୁ ବରଖାସ୍ତ କରିବି ତୁମେ ମୋ ଅଫିସର ଶହ ଶହ କର୍ମଚାରୀଙ୍କ ଆଗରେ କହୁଛ ମାସକୁ ତିନିଶ, ଚାରିଶ ଟଙ୍କା ଲାଞ୍ଚ ଖାଇବ, ଆଉ ସରକାରୀ ପିଅନ ଖଲାସି ଆଣି ଘରେ ଖଟାଇବ, ଷ୍ଟେନୋବାବୁ, ମହେନ୍ଦ୍ରବାବୁ ଫାଇଲ ଆଣନ୍ତୁ ଆଜି ନାଟୁଆ ମୃଷା ପଟ୍ଟନାୟକ, ଚାରିପାଞ୍ଚିରୁ ଯିବ, ବହୁ ନାଟକ କରିଛି, ଏଥର ଭିକ୍ଷାଝୁଲି ଧରି, ମହାରାଜା ନଳ ଙ୍କ ପରି ରାସ୍ତାରେ ଭିକ ମାଗି ବୁଲିବ" ।

ବାରଣ୍ଡାରେ ବସି ମୁଣ୍ଡ ବାଡ଼େଇ କାନ୍ଦିଲେ ମୃଷାବାବୁ । ବାବୁମାନେ ପ୍ରବୋଧ ଦେଲେ, ଜଣେ ଚିହ୍ନା ଲାମ୍ବୁଆ, ଓଭରସିୟର ଆସି ପାଖରେ ବସି କହିଲା, "ବଡ଼ଭାଇ, କିଏ ନ ଖାଉଛି କହିଲ ? ହେଲେ, ସାହେବଙ୍କ ଆଗରେ ଏମିତି ସବୁ କହନ୍ତି" ?

ଏକଥା ପଦକ, ପୋଡ଼ାଘାରେ ଚୂନ ଦେଲା ପରି ଲାଗିଲା ମୃଷାବାବୁଙ୍କୁ, ପାଟି କରି କହିଲେ "ଯାଅ, ଯାଅ, ଆଉ ଭଦ୍ରଲୋକି ଦେଖାଇ ହୁଅନି, ଦୁଇ, ତିନିବର୍ଷ ଚାକିରି ନକରୁଣୁ ମଟର ସାଇକେଲ ଚଢ଼ିଲ, ଭୁବନେଶ୍ୱରରେ ଦୁଇ ତିନିଟା କୋଠାଘର, ମେମ୍ ସାହେବ ତୁମର ସୁନାରେ ଛାଉଣୀ, ମୋତେ ପୁଣି ଉପଦେଶ ଦେଉଛ, ମୁଁ ତୁମପରି ଠିକାଦାର ମାନଙ୍କଠାରୁ, ପରସେଣ୍ଟେଜ୍ ନିଏନି, ଲାଞ୍ଚ ଖାଏନି, ଯାଅ, ଯାଅ, ଉଠ, ଏଠୁ" ।

ରାତି ନଅଟା ବେଳେ ପିଅନ ମେନ୍‌ଗେଟ୍ ବନ୍ଦକଲା, ମୃଷାବାବୁ ଢ଼ଳି ଢ଼ଳି ଆସିଲେ, ମହେନ୍ଦ୍ରବାବୁଙ୍କ ପାଖକୁ ଡ଼େଲ୍‌ଟା କଲୋନୀ ।

ମହେନ୍ଦ୍ର ବାବୁ, ଆଉ ତାଙ୍କ ଲମ୍ବା ପତଳା ଡ଼େଙ୍ଗା ସ୍ତ୍ରୀ ଦୌଡ଼ି ଆସିଲେ "ସମୁଦୀ, ସମୁଦୀ କହି, "ସେ ତାଙ୍କର ଏକମାତ୍ର ଝିଅକୁ ବିଚିବାବୁ ପୁଅ କରିନେଇଥିବା, ମୃଷାବାବୁଙ୍କ "ପୁଅ ଆଲୋକ" ସଙ୍ଗେ ବିବାହ କରିବାକୁ ମନେ ମନେ ଠିକ୍ କରିଥିଲେ" । ମହେନ୍ଦ୍ରବାବୁ କହିଲେ "ତୁମର ଆଉ ଆମ ଅଧିକ୍ଷଣ ଯନ୍ତ୍ରୀଙ୍କର କି ଘଇତା, ମାଇପ, ପ୍ରେମ ବୁଝି ହୁଏନା, ଗୋପବନ୍ଧୁ ମୂର୍ତ୍ତୀଙ୍କ ପାଖରେ ଜିପ୍ ଠିଆ କରି କହିଲେ, "ଏଭଳି ସଚୋଟ୍ ଓଭରସିୟର କିଏ କେବେ ଦେଖିଛ ? ଲୋକେ ହଜାର ହଜାର ଟଙ୍କା ଲାଞ୍ଚ ଖାଉଛନ୍ତି, ଆଉ ଦରକାର ମାତ୍ର ତିନିଶ, ଚାରିଶ ଟଙ୍କା" । ଅଡ଼ରର କଟାଗଲା, ଭୁବନେଶ୍ୱରର, ଦୟା ଭଏଷ୍ଟ କେନାଲର, ତିନିଟା ସେକ୍‌ସନ୍‌ର ସମସ୍ତ କାମ ତୁମକୁ ଦିଆଗଲା, କୋଟୀ କୋଟୀ ଟଙ୍କାର କାମ, ଭଲ ଠିକାଦାର, ଜଗଦିଶ ଚନ୍ଦ୍ର, ବୁଦ୍ଧ ରାଜା, ଉଚ୍ଛବ ସାମନ୍ତରାୟ, ସି.ପି.ଘୋଷ,

Digitized by srujanika@gmail.com

ଭୁବନେଶ୍ୱରର ସହକାରୀ ଯନ୍ତ୍ରୀ ବି.ଏସ୍ ପାଣିଗ୍ରାହୀ ବାବୁଙ୍କୁ ଡ଼କାହେଇ ବିଚି ବାବୁଙ୍କୁ ମିଶାଇ ସମସ୍ତେ ରସୁଲଗଡ଼ରେ ଖିଆପିଆ କଲେ ଆନନ୍ଦରେ ।

ସକାଳୁ, ମୃଷାବାବୁ ଗଲେ, ବିଜୟରାମ ବାବୁଙ୍କ ପାଖକୁ, ବିଜୟରାମ ବାବୁ କହିଲେ "କଣ ଖୁସିତ" ? ମୃଷାବାବୁ ଗୋଡ଼ତଳେ ପଡ଼ିଯାଇ କହିଲେ, ସାର୍ ଆପଣ "ବହୁରୂପୀ" କେତେବେଳେ ଶାନ୍ତ, ଶିଷ୍ଟ, ଶୁଭ ପ୍ରଦାୟକ, ଋଷିଶ୍ରେଷ୍ଠ, କେତେବେଳେ ବିଶ୍ୱଧ୍ୱଂସକାରୀ ରାଜର୍ଷି ବିଶ୍ୱାମିତ୍ର, "ତୁମେ ଠିକ୍ କହିଛ ନାତୁଆ, ମୁଁ ବିଶ୍ୱାମିତ୍ର, ମୁଁ ନୂଆ ଯୁଗ ସୃଷ୍ଟି କରିବି, ତୁମେମାନେ ବରଗଡ଼ କେନାଲ୍‌ରେ ପାଣିଦେଇ ବରଗଡ଼କୁ ଶସ୍ୟ ଶ୍ୟାମଳା ଓଡ଼ିଶାର ଖାଦ୍ୟ ଭଣ୍ଡାର କଲାପରି, ପୂରାପୂରି, ପୁରୀ ଜିଲ୍ଲାକୁ ମୁଁ କରିଦେବି ଓଡ଼ିଶାର ଗୌରବ ମୟ ଶସ୍ୟ ଶ୍ୟାମଳା ଗାଲେରୀ, ମୁଁ ଦ୍ୱିତୀୟ ସ୍ୱର୍ଗ ସୃଷ୍ଟି କରିବି, ସେ ମହାତ୍ମା ନିଜ ତିଆରି ଓଳଟପୁର ଡ଼ାକ୍ତରଖାନାକୁ ସରକାରକୁ ଦାନ କରିଦେଇ, ଦ୍ୱିତୀୟ ସ୍ୱର୍ଗ ହରଦ୍ୱାର କୁ ତିର୍ଥାଟନ କରିବାକୁ ଯାଇ ସେଇଠି ଦେହତ୍ୟାଗ କଲେ, ସେ ସମସ୍ତଙ୍କର ଚିର ନମସ୍ୟ ସାହେବ **"ବହୁରୂପୀ"** ।

Digitized by srujanika@gmail.com

ଉତ୍ସବ - କଣ୍ଡରା

ମୃଷାବାବୁଙ୍କ ଦାୟିତ୍ୱରେ ଡ଼େଲଟାରେ ବହୁତ କାମ, କାମ ବେଶ୍ ଭଲ ଭାବରେ ଚାଲିଥାଏ । ସେତେବେଳେ ଏସ୍.ଡ଼ି.ଓ ଥାଆନ୍ତି ବନମାଳି ମଲ୍ଲିକ, ଅତି ସରଳ ଶାନ୍ତଶିଷ୍ଟ ଇଞ୍ଜିନିୟର, ଷ୍ଟାଫମାନେ ତାଙ୍କର ଅତି ନିଜର, ତାଙ୍କ ସ୍ତ୍ରୀ ବଡ଼ ଘରର ଶିକ୍ଷିତା ଝିଅ, ଟିକିଏ ଗମ୍ଭୀର । ମଲ୍ଲିକ ବାବୁ ତାଙ୍କୁ ବହୁତ ମାନନ୍ତି, ଖାତିର କରନ୍ତି, କିନ୍ତୁ ସେ ମୃଷାବାବୁଙ୍କ ସ୍ତ୍ରୀ, କାନ୍ତିଲତାଙ୍କୁ ମାନ୍ୟ କରନ୍ତି, ଭକ୍ତି କରନ୍ତି, ଶରଧାରେ ଡ଼ାକନ୍ତି ଅପା, ଦୁଇ ଭଉଣୀଙ୍କର ଅତି ମଧୁର ସମ୍ପର୍କ । ମଲିକ୍‌ବାବୁଙ୍କ ଦେହ ଖରାପ ହେଲା, ଚାକିରିରୁ ଅବସର ନେଇ ଚିନ୍ତାମଣିଶ୍ୱରଙ୍କୁ ଆଶ୍ରା କରି ତାଙ୍କ ପାଖେ ଘର କରି ରହିଛନ୍ତି । ସେତେବେଳେ ଅନ୍ୟ ଓଭରସିୟରମାନେ, ଥାଆନ୍ତି ଗୋପାଳ ପଟ୍ଟନାୟକ, ଶିବ ପଣ୍ଡା, ଖିରୋଦ ସ୍ୱାଇଁ ଓ ନୃସିଂହଚରଣ ସାହୁ, ସମସ୍ତେ ମୃଷାବାବୁଙ୍କର ପ୍ରିୟ, ଅତି ପ୍ରିୟ କରିତ୍‌କର୍ମା । ଭୁବନେଶ୍ୱରରେ ଅଧୀକ୍ଷଣ ଯନ୍ତ୍ରୀ ବିଜୟରାମ ମିଶ୍ର ମୃଷାବାବୁ, ଆଉ ଶିବ ପଣ୍ଡା, ସ୍ୱପ୍ନ ଦେଖି ଡ଼େଲଟାରେ ପେଣ୍ଡାଲ ତିଆରି କଲେ, ସବୁବେଳେ ଗଲିଲା, ଅପେରା, ଡ୍ରାମା, ଆଉ ବାଦୀପାଲା । ପ୍ରତି ବର୍ଷ, ଡ଼େଲଟା ପେଣ୍ଡାଲରେ ଚାରି ପାଞ୍ଚଟା ଡ୍ରାମାହେଲେ ଡ୍ରାମାରେ ବାହାରୁ ଆସିଲେ, ବାସନ୍ତି କୃଷ୍ଣମଣୀ ବିଦ୍ୟୁଲତା ତୁଲି ବଳ, ମୀରା, ପ୍ରଭା, ସୌଦାମିନୀ ଅଭିନେତ୍ରୀ ବୃନ୍ଦ । ଅଭିନେତା ଭିତରେ ମୁଖ୍ୟତଃ ଇଞ୍ଜିନିୟର ଅଭୟ ନାୟକ, (ସେ ଜଣେ, ଉଚ୍ଚକୋଟୀର ଇଂଜିନିୟର, E.I.C ବହୁଦିନ ରହିଥାନ୍ତେ ମାତ୍ର ମୁଖ୍ୟଯନ୍ତ୍ରୀ ଥିବାବେଳେ, ପ୍ରାତ ଭ୍ରମଣରୁ ଆସି, ହାର୍ଟ ଆଟାକ୍‌ରେ ମୃତ୍ୟୁ ବରଣ କଲେ) ଇଂ ଭାସ୍କର ସାହୁ, ଇଂ ଭାସ୍କର ଦାସ ମହାପାତ୍ର, ବିଚିତ୍ରବାବୁ, ମହେନ୍ଦ୍ର ବାବୁ, ଗୋବିନ୍ଦ ବାବୁ, ନିରଞ୍ଜନ ବାବୁ, ଗୋପାଳ ପଟ୍ଟନାୟକ, ଶ୍ୟାମ ମିଶ୍ର ବାବୁ, ବିଦ୍ୟାଧରବାବୁ, ସଦାନନ୍ଦ ଚୌଧୁରୀ ବାବୁ, ଇଂ ଅଜିତ କର, ରାମବାବୁ ଓ ପ୍ରଭାତ ମହାନ୍ତି ଏକାଉଣ୍ଟାଣ୍ଟ

Digitized by srujanika@gmail.com

ଓ ଡ୍ରାଇଭର ରାଜବଲ୍ଲଭ ରାଉତରାୟ । ଭୁବନେଶ୍ୱରର ସବୁ ସରକାରୀ ବେସରକାରୀ ସଂସ୍ଥା ତରଫରୁ ଡ୍ରାମା ନିର୍ଦ୍ଦେଶନା ପାଇଁ ମୃଷାବାବୁଙ୍କୁର ଅଫର ଆସିଲା । ବିଜେବି, ବାଣୀ ବିହାର, ଭେଟେନାରୀ, ଏଗ୍ରିକଲଚର, ବ୍ୟାଙ୍କ୍, ପ୍ରୋଭିଡେଣ୍ଟ ଫଣ୍ଡ, ଇଲେକ୍ଟ୍ରି ସିଟି ବୋର୍ଡ, ଇନକମ୍ ଟାକ୍ସ, କୋପରେଟିଭି, ହୋମିଓ ପାଥିକ କଲେଜ, ଏହିପରି ସବୁ ଜାଗାରେ ନିର୍ଦ୍ଦେଶକ ହେଲେ ମୃଷାବାବୁ । ଏମିତି ପରିସ୍ଥିତି ପହଁଞ୍ଚିଲା, ତାଙ୍କୁ ଆଦୌ ସମୟ ମିଳିଲା ନାହିଁ, ତିନି, ତିନିଟା ସିଫ୍ଟିର ନିର୍ଦ୍ଦେଶନା ଚାଲିଲା, ଚାରିଆଡ଼େ ନାଟୁଆ ଇଞ୍ଜିନିୟର ମୃଷା ପଟ୍ଟନାୟକଙ୍କର ନାଁ, ପ୍ରଚାରିତ ହୋଇଉଠିଲା ।

"କମଳଲୋଚନ ମହାନ୍ତି" ଏଗ୍ରିକଲ୍‌ଚର ଡ଼ିପାର୍ଟମେଣ୍ଟର ଡ଼େପୁଟି ଡ଼ାଇରେକ୍ଟର, ସୁନାମଧନ୍ୟ ନାଟ୍ୟକାର, ସାହିତ୍ୟ ଏକାଡ଼େମୀ ପୁରସ୍କୃତ ଲେଖକ । ତାଙ୍କର ଲେଖା ଡ଼ାକବଙ୍ଗଳା, କିରାଣୀ, ଆଜାଦୀ, ନାଟ୍ୟ ଜଗତରେ ଚହଳ ପକାଇ ଦେଇଥିଲା । ସେ ଜନତା, ଅର୍ଣ୍ଣପୂର୍ଣ୍ଣା, କଳାଶ୍ରୀ ସବୁ ଥିଏଟର ଟିମ୍‌ର ଥିଲେ, ମୁଖ୍ୟ କର୍ଣ୍ଣଧାର, ଓଡ଼ିଶାରେ ସମସ୍ତ ଥିଏଟର ଗ୍ରୁପ୍ ଭାଙ୍ଗି ଗଲାପରେ, କମଳବାବୁ ବସି ଭାବୁଥିଲେ ଭୁବନେଶ୍ୱରରେ କେମିତି ଗୋଟାଏ ସ୍ଥାୟୀ ରଙ୍ଗମଞ୍ଚ ତିଆରି କରିବେ । ସେ ମୃଷା ପଟ୍ଟନାୟକଙ୍କ ନାମ ଶୁଣିଥିଲେ, କିନ୍ତୁ ଦେଖିବାର ସୁବିଧା ପାଇ, ନଥିଲେ । ଦିନେ ବିଶ୍ୱନାଥ ସୁବୁଦ୍ଧି, ମୃଷା ପଟ୍ଟନାୟକଙ୍କ ସହିତ ପରିଚୟ କରାଇଦେଲେ, କମଳ ବାବୁ ବହୁତ ଆନନ୍ଦିତ ହୋଇ କହିଲେ "ମୁଁ ତୁମକୁ ଖୋଜୁଥିଲି ସଢ଼ୁ", ମୋର ଜଣେ ପ୍ରକ୍ଷାତ ନିର୍ଦ୍ଦେଶକ ଦରକାର ଥିଲା, ମୁଁ ଲେଖିବି, ତୁମେ ନିର୍ଦ୍ଦେଶନା ଦେବ, ଭୁବନେଶ୍ୱରରୁ ବାଛି ବାଛି, ଉଚକୋଟୀର ଅଭିନେତା, ଅଭିନେତ୍ରୀ ଆମ ସଂସ୍ଥାକୁ ଗଣି ଆଣିବା ଏସବୁ ବିଷୟରେ ତୁମକୁ ସାହାଯ୍ୟ କରିବେ, ମୋ ସହକାରୀ ନଗେନ୍ ମହାନ୍ତି" । ନଗେନ୍ ମହାନ୍ତିଙ୍କୁ ଡ଼ାକାଗଲା, ଅତି ସୁନ୍ଦର ଚେହେରା, ଭଦ୍ର ବ୍ୟବହାର, ମିଷ୍ଟଭାଷୀ ଗାମ୍ଭିର୍ଯ୍ୟ ପୂର୍ଣ୍ଣ, ବିଚକ୍ଷଣ, ବୁଦ୍ଧିମାନ ପରି ମନେହେଲେ, ସେବି ମୃଷାବାବୁଙ୍କୁ ଆଗରୁ ଦେଖି ନଥିଲେ, କିନ୍ତୁ ତାଙ୍କ ବିଷୟରେ ବହୁତ ଶୁଣିଥିଲେ, ସେ ପ୍ରବିଣ ଓକିଲ କାମିନୀ ମୋହନ ପଟ୍ଟନାୟକଙ୍କ ଭାଣିଜୀଙ୍କୁ ବିବାହ କରିଥିଲେ, କାମିନୀବାବୁ ମୃଷାବାବୁଙ୍କର ଥିଲେ ସଢ଼ୁଭାଇ, ସେ ହିସାବରେ ନଗେନ ବାବୁଙ୍କର ମୃଷାବାବୁ ହେଲେ ଶଶୁର ।

ସଢ଼ୁ, ଶଶୁର ଜୁଆଁଇ ତିଆରି କଲେ ଏକାମ୍ର ଥିଏଟରସ୍, ସଭାପତି ହେଲେ ଚିଫ୍ ସେକ୍ରେଟାରୀ, ଆଇ.ଏସ୍ ସୁଂଧାଂଶୁ ମୋହନ ପଟ୍ଟନାୟକ, ଉପ ସଭାପତି ହେଲେ ଅଧିକ୍ଷଣ ଯନ୍ତ୍ରୀ ବିଜୟ ରାମ ମିଶ୍ର, ସମ୍ପାଦକ ହେଲେ କମଳ ଲୋଚନ ମହାନ୍ତି, ଉପ ସଂପାଦକ ଓ କୋଷାଧକ୍ଷ ହେଲେ, ନଗେନ ମହାନ୍ତି ସଂଗୀତ ନିର୍ଦ୍ଦେଶକ ମହମ୍ମଦ ସିକେନ୍ଦର ଆଲମ୍ ଏବଂ ମୁଖ୍ୟ ବ୍ୟବସ୍ଥାପକ ଓ ନିର୍ଦ୍ଦେଶକ ହେଲେ ଇଂ ମୃଷା ପଟ୍ଟନାୟକ । ଭୁବନେଶ୍ୱରର ସବୁ ଡିପାର୍ଟମେଣ୍ଟରୁ ସବୁ ସଂସ୍ଥାରୁ ବଛାବଛା ଅଭିନେତା, ଅଭିନେତ୍ରୀ ମାନେ ଆସିଲେ ।

Digitized by srujanika@gmail.com

ଇଂଜିନୟରିଙ୍ଗ୍ ଆସୋସିସେନରୁ ଆସିଲେ, ରବିଦାସ, ଭୁତିଆବାବୁ, ଶତ୍ରୁଘନ ରାଉତ ଓ ନିକୁଞ୍ଜ ମହାନ୍ତି (ସମସ୍ତେ ଏବେ ନିର୍ବାହି ଯନ୍ତ୍ରୀ) ଟେଲିଫୋନ ଏକ୍ସଚେଞ୍ଜ ରୁ ଆସିଲେ ଲକ୍ଷ୍ମୀଧର ମହାନ୍ତି ଓ ବିପିନ୍ ମହାନ୍ତି ।

ବାହାରୁ ଆସିଲେ ରାହାସ ମହାନ୍ତି ରକ୍ଷିତ ବାବୁ, ଶହିଦ୍ ନଗର ଛକରୁ, ଶରତ ମହାନ୍ତିଙ୍କୁ ବ୍ରାଞ୍ଚିଷର ବଜାଉଥିବାର ଦେଖି, ଆଣିଲେ ମୃଷାବାବୁ, ଶରତ ମହାନ୍ତି (ଏବେ ଦୂରଦର୍ଶନର ପ୍ରଯୋଜକ) କସ୍ତୁରିବା ହଲରେ ଡ୍ରାମାଦେଖି, ମଦଖାଉଥିବା ଅବସ୍ଥାରେ କଥାବାର୍ତ୍ତା କରି ଆଣିଲେ କିଶୋର ପଟ୍ଟନାୟକଙ୍କୁ । ବୋର୍ଡ଼ରୁ ଆଣିଲେ, ସୁବାଷକର, ଝଣ୍ଟୁ ଆଉ ବିନୋଦ ମହାନ୍ତିଙ୍କୁ । ଡେ଼ଲଟାରୁ ଆଣିଲେ, ପୂର୍ଣ୍ଣ ମହାପାତ୍ର, ସୁଶାନ୍ତ ମହାନ୍ତିଙ୍କୁ । ତାପରେ ପ୍ରଣବ ଦାସ (ଏବେ ଚଳଚିତ୍ରର ନିର୍ଦ୍ଦେଶକ) ଏଗ୍ରିକଲଚରରୁ ଆସିଲେ, ବିଶ୍ୱନାଥ ସୁବୁଦ୍ଧି, ପ୍ରମୋଦ ମହାପାତ୍ର ଓ ରାଧାଶ୍ୟାମ ରାଉତ(ହାସ୍ୟ ଅଭିନେତା) ଟିକିଏ ରସିକିଆ, ଗୋଟିଏ ସୁନ୍ଦରୀ ଝିଅ, ଆଉ ଦୁଇଜଣ ରୋମାଣ୍ଟିକ୍, ହାଣ୍ଡସମ ପୁଅଙ୍କ ବାପ । ସେ ଏବେ ଭୁବନେଶ୍ୱରର ସବୁଠାରୁ ବଡ଼ ଫଟୋଦୋକାନ ସିଲି("C-LEE") ର ମାଲିକ୍ । ବାହାରୁ ବଂଶୀଧର ପଣ୍ଡା, ନଳିନୀ ରାୟ, ଚିତ୍ତଦାସ, ବାୟ ଭାଗିରଥୀ, ରବି ବାରିକ୍, ପ୍ରସନ୍ନ ମିଶ୍ର, ଦେବୁବ୍ରହ୍ମା, ମନୋଜ ପଟ୍ଟନାୟକ, ଡ଼ିସି ସୁବୋଧ ପଟ୍ଟନାୟକ(ଏବେ ନାଟ୍ୟଚେତନାର ନିର୍ଦ୍ଦେଶକ) ସୁବ୍ରତ ପଟ୍ଟନାୟକ(ଏ ସଂସାର, ଆମ ସଂସାର) ବିବେକାନନ୍ଦ ସ୍କୁଲର ଶିକ୍ଷକ ଶ୍ରେଷ୍ଠ ଅପେରା ବହି ଲେଖକ ବିଚିତ୍ରାନନ୍ଦ ସାହୁ, ପ୍ରାଣକୃଷ୍ଣ ବେହେରା, ଖଳ ଅଭିନେତା ଭରତ ରାଉତ, ନାରାୟଣ ପଣ୍ଡା ଓ କଳା ନିର୍ଦ୍ଦେଶକ ଅସିମ୍‌ଦା, ବି.ଡ଼ି.ଏରୁ ଆସିଲେ ଇଂ. ଶରତ ମହାପାତ୍ର । ଏହିପରି ବରଗଡ଼ ପୁରୁଣା ଭୁବନେଶ୍ୱରରୁ ପଶୁ ସୁନ୍ଦରାୟଙ୍କ ସହ ବହୁ ନାମଯାଦା ଅଭିନେତା, ଶିଶୁ କଳାକାର ହେଲେ ପୁଅ ଦିପକ କୁମାର, ଝିଆରୀ ନୀତା (ଇଲେକ୍‌ଟ୍ରିକାଲ ମୂଖ୍ୟଯନ୍ତ୍ରୀ ଏନ୍. କେ. ଦାସଙ୍କ ଝିଅ) କମଳ ବାବୁଙ୍କ ପୁଅ ଝିଅ, ଆଉ ରାହାସ ମହାନ୍ତିଙ୍କ ଝିଅ, ମୃଷାବାବୁଙ୍କ ଝିଅମାନେ । ବହୁ ପରେ ଆସିଲେ ବିଶ୍ୱମ୍ୟର ଦାଶ(ଏବେ ବହୁ ଚଳଚିତ୍ରର ନିର୍ଦ୍ଦେଶକ) ।

ପ୍ରଥମେ ପିପିଲିରୁ ଆସିଲେ, ଅଭିନେତ୍ରୀ ତରୁଲତା, ଜନତା ପାର୍ଟିରୁ ଆସିଲେ ବୀଣା, ହାସ୍ୟ ଅଭିନେତା ଶରତ ମହାନ୍ତି । ଖତୁନା, ବାସନ୍ତୀ, ସର, ସୌଦାମିନୀ, କୃଷ୍ଣା, ସୁଜାତା, ଅନୁରାଧା, କନକ, ଅର୍ଚ୍ଚନା, ବେବି, ଗୀତା, ଉମା, ନିଳିମା, ଟୁନ୍‌ଟୁନ୍ ଏମିତି ବହୁ ଉଚ୍ଚକୋଟୀର ଅଭିନେତ୍ରୀ । 'କର୍ଣ୍ଣଦାନ କଲେ, ବସନ୍ତ ଦାସ, ଲକ୍ଷ୍ମୀକାନ୍ତ ପାଲିତ୍, ମଞ୍ଜୁଲତା, ଆଉ ଶାନ୍ତିଲତା, ଓ ସିକନ୍ଦର ଆଲାମ୍ ।

ଏହି ସମସ୍ତଙ୍କୁ ନେଇ ଏକାମ୍ର ଥିଏଟରସ ନଗେନ୍ ମହାନ୍ତିଙ୍କ ପରିଚାଳନାରେ ଏକ ଶୃଙ୍ଖଳିତ ନାଟ୍ୟସଂସ୍ଥା ରୂପେ, ଗଢ଼ି ଉଠିଲା, ଜନତା ଅର୍ଣ୍ଣପୂର୍ଣ୍ଣା କଳାଶ୍ରୀ ଥିଏଟର ସହିତ, ସମକକ୍ଷ ହୋଇ ସାରା ଓଡ଼ିଶାରେ ଗୌରବ ଅର୍ଜନ କଲା, କମଳ ବାବୁଙ୍କ ନିଷ୍ପତି ହିସାବରେ

Digitized by srujanika@gmail.com

ପ୍ରଥମ ନାଟକ କାଳୀଚରଣ ପଟ୍ଟନାୟକଙ୍କ "ଭାତ" ମଞ୍ଚସ୍ଥ ହେବାର ଥିଲା ତାହା ହୋଇ ପାରିଲା ନାହିଁ । କମଳବାବୁ ଆରମ୍ଭ କଲେ ଏକ ନୂଆ ନାଟକ । ଉଣେଇଶ ଚଉଷଠି ସାଲରେ ଭୁବନେଶ୍ୱରରେ ଏ.ଆଇ.ସି.ସି ଅଧିବେଶନ ବେଳେ, କେରଳରୁ ଆସିଥିବା ସେବାଦଳର ଅଧିନାୟିକା ପେଲୁବେନ୍‌ଙ୍କ ମୃତ୍ୟୁ ରହସ୍ୟ ଉପରେ ନାଟକ, "ମିସ୍ ମଲ୍ଲିକ" ଏହାଥିଲା ଏକ ରାଜନୈତିକ ସାଟର୍ ଡ୍ରାମା, ହିରୋଇନ୍ ମୂଳରୁ ଶେଷଯାଏ ଅଦୃଶ୍ୟ, ଶେଷରେ ଦେଖାଦେଲେ, ମୃତ୍ୟୁ ଅବସ୍ଥାରେ ଷ୍ଟ୍ରେଚର ଉପରେ । ହିରୋଇନ୍ ଥିଲେ, ଲବଣ ସତ୍ୟାଗ୍ରହୀ, ଆଜୀବନ ସଂଗ୍ରାମୀ, ଉଷବା କଣ୍ଠରାର ଝିଅ । ବହିର ମୁଖ୍ୟ ଚରିତ୍ର ହେଲା ଉଷବା କଣ୍ଠରା । ସେ ଚରିତ୍ରରେ ଅଭିନୟ କଲେ, ନିଜେ ନିର୍ଦ୍ଦେଶକ, ମୃଷା ପଟ୍ଟନାୟକ । ସତୁରୀ ବର୍ଷର ବୁଢ଼ା ଉଷବା କଣ୍ଠରା (ହାତଖଣ୍ଡୀ) ଲବଣ ସତ୍ୟାଗ୍ରହରେ ଝାସଦେଇ, କଟକରୁ ଅସ୍ତରଙ୍ଗ ଯାଇ ପୁଣି ଫେରିଆସି ବ୍ରିଟିଶ ସରକାରଙ୍କ ଗୁପ୍ତ ଖବର ସବୁ, କଂଗ୍ରେସବାଲାଙ୍କୁ ଦେଉଥିବା ଅଭିଯୋଗରେ, ଇଂରେଜ ସରକାର ହୁକୁମ୍ କରିଥିଲେ, ତାର ଆଖି ଦିଟାକୁ ଫୁଟାଇ ଦିଅ । ବୀରଦର୍ପରେ ଆଖି ଦିଇଟାକୁ ଦେଖାଇ ଦେଇଥିଲା, ଉଷବା କଣ୍ଠରା, ମାତ୍ର ଦୟାଳୁ ଭାଇସ୍‌ରାୟ କହିଲେ ଏତେବଡ଼ ବିପ୍ଳବୀ, ଦେଶପ୍ରେମୀକୁ ଅନ୍ଧ କରିଦେବା ? ତାଂର ହାତ ଦୁଇଟାକୁ କାଟିଦିଅ । ସେୟାହିଁ ହେଲା, ସଷ୍ଠ ଦିବାଲୋକରେ, ହଜାର, ହଜାର, ଓଡ଼ିଶା ବାସୀଙ୍କ ଆଗରେ, ଉଷବା କଣ୍ଠରାର ହାତ ଦିଇଟା କଟା ହୋଇଗଲା ।

ଉଣେଇଶ ଶତଚାଳିଶ ମସିହାରେ ମହାତ୍ମା ଗାନ୍ଧୀ ଭାରତକୁ ସ୍ୱାଧୀନ କଲେ, ଇଂରେଜ ସରକାର, ପେଡ଼ି ପୁଟୁଳା ବାନ୍ଧି ଦରିଆ ପାରିର, ନିଜଦେଶକୁ ଚାଲିଗଲେ । ଲାଲ୍‌କିଲ୍ଲାରେ ଜାତୀୟ ପତାକା ଉଡ଼ିଲା, ସ୍ୱାଧୀନ ଭାରତର କର୍ଣ୍ଣଧାର ହେଲେ ପଣ୍ଡିତ ଜବାହରଲାଲ୍ ନେହୁରୁ, ବଲ୍ଲଭଭାଇ ପଟେଲ ଓ ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଲୋକେ ଭାବିଲେ ରାଜ୍ୟରେ ରାମ ରାଜ୍ୟ ଫେରି ଆସିବ ।

ସ୍ୱାଧୀନତା ମିଳିବାର ଦୀର୍ଘ ପଚିଶ ବର୍ଷପରେ କମଳବାବୁଙ୍କ କଲମରୁ ନିଶ୍ରୁତ ହେଲା ନାଟକ 'ମିସ୍ ମଲ୍ଲିକ' ଦେଶର ପ୍ରବୀଣ ରାଜନୈତିକ ନେତା, ବଡ଼ ପଣ୍ଡା ଆଉ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ନେଇ ଏହି ନାଟକ, ଭୁବନେଶ୍ୱରରେ ଚହଳ ପକାଇଦେଲା, ସପ୍ତାହ, ସପ୍ତାହ ବ୍ୟାପି । ଲୋକେ ଦୌଡ଼ିଲେ ଦେଖିବାକୁ 'ମିସ୍ ମଲ୍ଲିକ'କୁ, ତାକୁତ ଦେଖିପାରିଲେ ନାହିଁ, ଦେଖିଲେ ତା ବାପା ହାତ ଖଣ୍ଡୀ ଉଷବା କଣ୍ଠରା (ମୃଷା ପଟ୍ଟନାୟକ)ଙ୍କୁ । କାଳୀଚରଣ ପଟ୍ଟନାୟକ, ନାଟକ ଉଦ୍‌ଘାଟନ କଲେ, କାଳନ୍ଦୀ ଚରଣ ପାଣିଗ୍ରାହୀ, କାର୍ତ୍ତିକ ଘୋଷ, ରାଧାମୋହନ ଗଡ଼ନାୟକ, କାହ୍ନୁବାବୁ, ଗୋପିବାବୁ, କାହ୍ନୁଲେଙ୍କା (ଏବେକାର ମନ୍ତ୍ରୀ) ବହୁ ମାନ୍ୟଗଣ୍ୟ ନାଟ୍ୟକାର ମାନେ ବହିର ଭୂରି ଭୂରି ପ୍ରଂଶସା କଲେ । ସେହିଦିନଠାରୁ କାଳୀ ବାବୁ ମୃଷାବାବୁଙ୍କୁ ଡ଼ାକନ୍ତି "ହାତଖଣ୍ଡୀ ଉଷବା କଣ୍ଠରା" । ତାଙ୍କରି ପ୍ରେରଣା, ଆଉ ଉଦ୍ଦିପନା ରେ ମୃଷାପଟ୍ଟନାୟକ ଧିରେ ଧିରେ, ନାଟକ ଲେଖିବା ଆରମ୍ଭ କଲେ ।

Digitized by srujanika@gmail.com

ଦିନେ ନିଷ୍ପତି ହେଲା, ମନ୍ତ୍ରୀ ଓ ଏମ.ଏଲ୍.ଏଙ୍କର "ସୋ" ହେବ । ଏକାମ୍ର ଥିଏଟରସ୍‌କୁ ଭୁବନେଶ୍ୱରରେ ସ୍ଥାୟୀ ଜାଗାମିଳିବ । ଆଉ ଅଭିନେତା, ଅଭିନେତ୍ରୀମାନେ ପୁରସ୍କୃତ ହେବେ ।

ରବିନ୍ଦ୍ର ମଣ୍ଡପରେ, ତଳ, ଉପର, ଚାରିଆଡ଼େ ଲୋକାରଣ୍ୟ, ପ୍ରଦୀପ ଜଳିଲା, ମନ୍ତ୍ରୀମାନେ ଫୁଲମାଳା ପିନ୍ଧିଲେ, କଳା ନିର୍ଦ୍ଦେଶକ ଅସିମ୍‌ବାବୁ ଆଉ ମଞ୍ଚ ପରିଚାଳକ ନଗେନ୍ ମହାନ୍ତି ବସାଇଦେଲେ ଉତ୍ସବା କଣ୍ଢେଇକୁ ଗୋଟିଏ ଭଙ୍ଗା ଛଣ ଘର ଭିତରେ । ଟିଣ ଡ଼ବାରେ ବତିଟିଏ ଜଳୁଥାଏ । ଚଷମା ଲଗାଇ ଖବର କାଗଜ ପଢ଼ିଲେ ଉତ୍ସବା କଣ୍ଢେଇ । ରାଗରେ ଜଳି ଉଠିଲେ, ଆଖିରୁ ନିଆଁ ବାହାରି ପଡ଼ିଲା, ଚିତ୍କାର କରି କହିଲେ, "ନେତାଜୀ କହିଲେ ରକ୍ତ ଦିଅ ମୁଁ ସ୍ୱାଧୀନତା ଦେବି, ଲୋକେ ରକ୍ତ ଦେଲେ, ସ୍ୱାଧୀନତା ମିଳିଲା । ସ୍ୱାଧିନତା ମିଳିବାର ପଚିଶି ବର୍ଷପରେ, ମୋତେ କୁଆଡ଼େ ରାଜନୈତିକ ପେନ୍‌ସନ୍ ମିଳିବ, ଆସେମ୍ବ୍ଲି ମେମ୍ବର, ପଞ୍ଚାୟତ ସମିତି ଚେୟାର ମାନ୍‌ଙ୍କ ସୁପାରିସ୍ କରି ଦରଖାସ୍ତ କଲେ, ହାତଖଣ୍ଡୀ ଉତ୍ସବା କଣ୍ଢେଇକୁ ରାଜନୈତିକ ପେନ୍‌ସନ୍ ମିଳିବ, ହାଃ, ହାଃ, ହାଃ କରି ହସି ଉଠିଲା ଉତ୍ସବା, ଶଳେ, ଯୋଗାଣ କମିଟି, ଗଢ଼ିଛନ୍ତି, ଆମେ ମଲେ ଆମ ସମାଧି ସୁଜି ଆଉ ଚିନିରେ ଗଢ଼ିବେ । ଚିନି କିଲୋ ଦଶ ଟଙ୍କା ଚାହା ଖାଇବ ଉତ୍ସବା କଣ୍ଢେଇ, ଶଳେ ଯୋଗାଣ କମିଟି ଗଢ଼ିଛନ୍ତି, ଥରେ ନୁହେଁ, ତିନି ଚାରିଥର ନିଠେଇ କହିଲେ "ଶଳେ, ଯୋଗାଣ କମିଟି ଗଢ଼ିଛନ୍ତି, ଶଳେ, ଯୋଗାଣ କମିଟି ଗଢ଼ିଛନ୍ତି, ଶଳେ ଯୋଗାଣ କମିଟି ଗଢ଼ିଛନ୍ତି" ପ୍ରେକ୍ଷାଳୟରୁ ଘନ ଘନ କରତାଳି ହେଲା । ଯୋଗାଣ ମନ୍ତ୍ରୀ, ନିତ୍ୟାନନ୍ଦ ମହାପାତ୍ର ପାଟି କରି ଉଠିଲେ, ବନ୍ଦ୍‌କର, ବନ୍ଦ୍‌କର ଏ ନାଟକ, ଏ ନାଟକ ମଞ୍ଚସ୍ଥ ହୋଇ ପାରିବ ନାହିଁ । ଦୌଡ଼ିଲେ ରଙ୍ଗମଞ୍ଚ ଉପରକୁ ତାଙ୍କୁ ଦେଖି ଧାଇଁ ଆସିଲେ କମଳବାବୁ । ଢ଼ିଲା ଫୁଲପେଣ୍ଟ, ଛାତି ଦେଖା, ହାପ୍ ସାର୍ଟ, ଆଉ ଦାନ୍ତରେ ଗୁଡ଼ାଖୁ, କଣ ହେଲା ସାର ? କଣ ହେଲା ? ନାଟକ ମଞ୍ଚସ୍ଥ ହେବନାହିଁ କାହିଁକି ? ମନ୍ତ୍ରୀ ନିତ୍ୟାନନ୍ଦ ବାବୁ ରାଗି କହିଲେ, "ମୁଁ କହୁଛି, ଏ ନାଟକ ମଞ୍ଚସ୍ଥ ହୋଇପାରିବ ନାହିଁ, ଏହିଠାରୁ ବନ୍ଦ, ଆମକୁ ନିମନ୍ତ୍ରଣ କରିବ, ଫୁଲମାଳ ଦେବ, ଆଗଧାଡ଼ିରେ ବସାଇ ଚାହା ଜଳଖିଆ ଦେଇ ଆପ୍ୟାୟିତ କରିବ, ଶେଷରେ ଶଳା ବୋଲି, ଗାଳିଦେବ, ପୁଣି ଥରେ କି ଦୁଇଥର ନୁହେଁ ମୋତେ ଦେଖାଇ ତିନି, ତିନି ଥର କହିବ" ।

କମଳବାବୁ ଗୁଡ଼ାଖୁ ଘଷୁ ଘଷୁ କହିଲେ, "ସାର୍ ଏଇତି ପାଇଁ ଏତେ ରାଗ, ଆପଣ କଣ ମୋର ଡ଼ାକ ବଙ୍ଗଳା ଦେଖି ନାହାଁନ୍ତି, ଶଳା କିଲିଟର ଆସୁଛି, ଶଳା, ମଦ ମାଂସ ଖାଉଛି, ଶଳା ଝିଅବୋହୂଙ୍କ ଇଜ୍ଜତ ନେଉଛି, ଶଳା ଡ଼ାକ ବଙ୍ଗଳାକୁ ବେଶ୍ୟାପଡ଼ା ବନାଇ ଦେଲାଣି । ସେ ନାଟକ ତ ପୁଣି ଓଡ଼ିଶା ତଥା, ଦିଲ୍ଲୀରେ ଚହଳ ପକେଇ ଦେଇଥିଲା ।

Digitized by srujanika@gmail.com

ମୁଁ ବିପ୍ଲବୀ ନାଟ୍ୟକାର ଭାବରେ ପୁରସ୍କୃତ ହୋଇଥିଲି, ସେ ନାଟକ ତ ପୁଣି ଆପଣମାନେ, ମଞ୍ଚସ୍ଥ ହେବା ପାଇଁ ପରମିସନ୍ ଦେଇଥିଲେ । "ସବୁ ମନ୍ତ୍ରୀ ମାନେ କହିଲେ, ଠିକ୍ ଅଛି, ଆଜି ନାଟକ ବନ୍ଦ ରହୁ, ପୁଣିଥରେ ନାଟକ ଯାଞ୍ଚ କରାଯାଉ ।

ସେଇଆ ହେଲା, **"ମିସ୍ ମଲ୍ଲିକ୍"** ପୁଣି ମଞ୍ଚସ୍ଥ କରିବାପାଇଁ ଜୁରୀ କମିଟି ସ୍ୱୀକୃତି ପ୍ରଦାନ କଲା, କମଳବାବୁ, ମୃଷା ବାବୁଙ୍କ ପିଠିରେ ହାତ ଥାପୁଡ଼େଇ କହିଲେ "ସତୁ, ତୁ ମୋ ଇଜ୍ଜତ ବଞ୍ଚେଇ ଦେଲୁ, ଲେଖା ନହୋଇଥିଲେ ବି, ତୁ ଯୋଗାଣ ମନ୍ତ୍ରୀଙ୍କ ଆଡ଼କୁ ଅନେଇ ଥରେ, ନୁହେଁ, ବାରମ୍ବାର, ଶଳା, ଶଳା କହିଲୁ, ଖୁବ୍ ଭଲ କଲୁ । ପୁଣି ନାଟକ ହେଲା, ରବିନ୍ଦ୍ର ମଣ୍ଡପରେ ମାସ, ମାସ ଧରି, ହାତବନ୍ଧା ହୋଇ ମୃଷାପଟ୍ଟନାୟକ ଉସବା କଣ୍ଡରା ରୋଲ କଲେ ।

ସିନ ଉଠିଲା, ନେତାଜୀ କହିଲେ ରକ୍ତ ଦିଅ, ମୁଁ ସ୍ୱାଧୀନତା ଦେବି ! ଚିତ୍କାର କରି ଉଠିଲେ **"ଉସବା କଣ୍ଡରା"** ।

***

Digitized by srujanika@gmail.com

ପ୍ରତିଭା ଓ ପ୍ରକାଶ

ଏକାମ୍ର ଥିଏଟରସ୍‌ର ସୁନାମ, ଓଡ଼ିଶା ସାରା ଚାରିଆଡ଼େ ପ୍ରଚାରିତ ହୋଇ ଉଠିଲା । କମଳ ବାବୁ ଆଉ ନଗେନ ମହାନ୍ତିଙ୍କୁ ଚାରିଆଡ଼େ ସମ୍ବର୍ଦ୍ଧନା ।

ନାରୀନେତ୍ରୀ ସୁନ୍ଦରମଣି ଦେବୀ, ତିଆରି କରିଥାଆନ୍ତି ଏକ ପ୍ରୌଢ଼ଶିକ୍ଷାକେନ୍ଦ୍ର । ଗଭର୍ଣ୍ଣରଙ୍କ ମିସେସ୍ ଥାଆନ୍ତି ତାର ସଭାପତି । ନିଷ୍ପତ୍ତି ହେଲା ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲିଖିତ ପ୍ରତିଭା ନାଟକ ମଞ୍ଚସ୍ଥ ହେବ, ଦରକାର ଜଣେ ଚରିତ୍ରବାନ୍, କୁଶଳୀ ନିର୍ଦ୍ଦେଶକ । ସୁନ୍ଦରମଣି ଦେବୀ କମଳବାବୁଙ୍କ ଦ୍ୱାରସ୍ଥ ହେଲେ, କମଳବାବୁ କହିଲେ ଚରିତ୍ରବାନ ଓ ବଳିଷ୍ଠ ନିର୍ଦ୍ଦେଶକ କେବଳ ଇଂ ମୃଷାପଟ୍ଟନାୟକ, ସେ ଏବେ, ମୁଖ୍ୟ ଗ୍ରାମସେବିକା କେନ୍ଦ୍ରରେ ନିର୍ଦ୍ଦେଶନା ଦେଉଥିଲେ, ତାଙ୍କୁ ଅନୁରୋଧ କରନ୍ତୁ ସେ ନିଶ୍ଚୟ ରାଜିହେବେ, ସେ ଡ଼େଲଟା କଲୋନୀରେ ରହୁଛନ୍ତି ।

ସୁନ୍ଦରମଣି ଦେବୀ ମୃଷାବାବୁଙ୍କୁ ଅନୁରୋଧ କଲେ, ପ୍ରତିଭା ନାଟକ ନିର୍ଦ୍ଦେଶନା ଦେବାକୁ, ମୃଷାବାବୁ ପ୍ରତିଭା ନାଟକ ନା ଶୁଣି, ବହୁତ ଖୁସି ହେଲେ, ଏନାଟକ, ରବିନ୍ଦ୍ର ମଣ୍ଡପ ଉଦ୍‌ଘାଟନୀ ଦିନ, ସେକ୍ରେଟେରିଏଟ୍ କ୍ଲବ ଆନୁକୁଲ୍ୟରେ ମଞ୍ଚସ୍ଥ ହୋଇଥିଲା । ଏକାଉଁଟେଣ୍ଟ ଅନ୍ତର୍ଯ୍ୟାମୀ ମହାନ୍ତି ତାର ମୁଖ୍ୟ ପରିଚାଳକ ଥିଲେ, ସେ କରିଥିଲେ । ଜମିଦାର ରୋଲ୍ ଆଉ ମୃଷାବାବୁ, ପ୍ରକାଶ (ଗୋପବନ୍ଧୁ) ରୋଲ୍, ନାଟକ ଅତି ଉଚ୍ଚ କୋଟୀର ହୋଇଥିଲା, ପ୍ରକାଶ ରୋଲରେ ମୃଷାବାବୁ ଏତେ ସୁନ୍ଦର ଅଭିନୟ କରିଥିଲେ ଯେ, ସନ୍ତୋଷ ସାହୁ, ଏମ୍.ପି ଓ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ ଓ "ସୃଜନ" ସଂସ୍ଥାର ସ୍ରଷ୍ଟା ଅନନ୍ତ ମହାପାତ୍ର କହିଥିଲେ ପଚିଶ ବର୍ଷର ଟୋକା ଗୋପବନ୍ଧୁଙ୍କୁ ତ ଦେଖିନାହୁଁ ? ତାଙ୍କର ଚରିତ୍ର ନିକ୍ଷୁଣ ଭାବେ ରୂପାୟିତ କରୁଛନ୍ତି ଇଂ ମୃଷାବାବୁ, ସେଦିନର ଆନନ୍ଦ, ମୃଷାବାବୁ ଭୁଲି ପାରିବେ ନାହିଁ । ସେ ନିର୍ଦ୍ଦେଶନା ଦେବାକୁ ପୁରା ରାଜି ହୋଇଗଲେ, ସେକ୍ରେଟେରିଏଟ୍‌କୁ ଯାଇ, ସଦାନନ୍ଦ ଦାସକୁ ପ୍ରମ୍ପଟିଙ୍ଗ ପାଇଁ ଡ଼ାକିଲେ, ଆଉ ତାଙ୍କୁ କହିଲେ ତୁମେ ମୋ ପରେ ରିହରସାଲ୍‌କୁ ଆସିବ, ଆଉ ମୁଁ ସଂସ୍ଥା ଛାଡ଼ିବାପୂର୍ବରୁ ତୁମେ ଆଗଯିବ, କାରଣ ଏ ହେଉଛି କେବଳ ଝିଅଙ୍କର ସଂସ୍ଥା, ଏଠାରେ ଚରିତ୍ର ହେଉଛି ସବୁଠାରୁ ବଡ଼ । ସଦାନନ୍ଦ ବାବୁ ଥିଲେ, ଚବିଶି, ପଚିଶି ବର୍ଷର ସୁନ୍ଦର, ସ୍ୱାସ୍ଥ୍ୟବାନ ଯୁବକ, ବହୁ ନାଟକରେ ନାୟକ ରୋଲ, ଅଭିନୟ କରିଥିଲେ ।

Digitized by srujanika@gmail.com

ସୁନ୍ଦରମଣି ଦେବୀଙ୍କର ତିନିଗୋଟି ଝିଅ ରୋଲ୍ କଲେ, ଦ୍ୱିତୀୟ ଝିଅ ବେବୀ ରୋଲ୍‌କଲା ଚାକରାଣି, ତୃତୀୟ ଝିଅ ଲୁସି, କଲା ପ୍ରତିଭା, ସାନଝିଅ ଜଲି (ଏବେ ଡାକ୍ତରକୁ ବାହା ହେଇଛି ନିଜେ ମଧ ଡାକ୍ତରାଣୀ) କଲା କମେଡ଼ିଆନ୍ ରୋଲ, ସାମନ୍ତରାୟ ବାବୁଙ୍କର ତିନି ଝିଅ ମଧ ହିରୋ ଭିଲିଏନ୍ ରୋଲ୍ କରିଥିଲେ । ରିହରସାଲ୍ ଯୋରସୋରରେ ଚାଲିଥାଏ, ମୃଷାବାବୁ ମାର୍କ କଲେ, ସଦାନନ୍ଦ ବାବୁ ବେବୀ ଆଡ଼କୁ ଧିରେ, ଧିରେ ଆକୃଷ୍ଟ ହେଉଛନ୍ତି । ନାଟକ ଉଚ୍ଚ କୋଟୀର ହେଲା । ସମସ୍ତେ ବଢ଼ିଆ ରୋଲ୍ କଲେ । ଲୁସି, ପ୍ରତିଭା ପରି ପ୍ରତିଭା ବିକାଶ କଲା । ସଦାନନ୍ଦବାବୁ ବିଦାୟ ନେଲେ, ଲୁକାୟିତ ପ୍ରେମର ପୂର୍ଣ୍ଣଛେଦ ପଡ଼ିଲା । ଏହାର ବହୁଦିନ ଆଗରୁ ପ୍ରଫୁଲ୍ଲ ଭାଇଙ୍କ ବଡ଼ ପୁଅ ପ୍ରମୋଦ ଡ଼ାକ୍ତରୀ ପାଶ୍‌କରି ଚାକିରି କରିଥାଏ, ଖୁଡ଼ିଙ୍କୁ ବହୁତ ଭକ୍ତି କରେ । ଖୁଡ଼ି ବାଣୀବିହାର, ରମାଦେବୀ, ଶୈଳବାଳା କଲେଜ ବୁଲି ତାପାଇଁ ବାଛି ବାଛି ଭଲ ଝିଅଟିଏ "ରେଣୁବାଳା" ସହିତ ବିବାହ କରାଇଦେଲେ । ରେଣୁ, ଘରର ବଡ଼ ବୋହୁ, ସୁନ୍ଦରୀ ଗୁଣବତୀ, ମାନଗୋବିନ୍ଦ ବାବୁଙ୍କ ଏକମାତ୍ର ଝିଅ, ରେଣୁ ପରି ସ୍ତ୍ରୀ ପାଇ ଖୁସିରେ ଅଛି ପ୍ରମୋଦ, ଦୁଇଝିଅ ଗୋଟିଏ ପୁଅ । ସମସ୍ତେ ବୁଦ୍ଧିମାନ, ଖୁବ୍‌ଭଲ ପଢ଼ନ୍ତି, ପ୍ରମୋଦ, ଦାଦା ଖୁଡ଼ିଙ୍କୁ ଠାକୁର ପରି ଭକ୍ତି କରେ । ଅତି ବିଚାରବନ୍ତ, ନିରପେକ୍ଷ ବିଚାର ତାହାର । ତା ତଳ ଭାଇ ମୃଷାବାବୁଙ୍କ ପୁତୁରା, ବଡ଼ଭାଇ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ଦ୍ୱିତୀୟ ପୁଅ ପ୍ରକାଶ, ବି.ଏ. ପାଶ୍ କରି ଇଲେକ୍ଟ୍ରିସିଟି ବୋର୍ଡ଼ରେ କିରାଣି ଚାକିରି କରିଥାଏ । ଛୁଆଦିନେ ଦିଭାଇ, ମାଡ଼ ଗୋଡ଼ ହୋଇ ଗୋଟିଏ ଆଖି ନଷ୍ଟ କରି ଗୋଟିଏ କାଚ ଆଖି ଲଗାଇଥାଏ, ସେ ଆସି କହିଲା, "ଖୁଡ଼ି ମୋତେ ପନ୍ଦର ଦିନ ଭିତରେ ବାହା କରାଅ" । ସବୁ ପୁତୁରା, ଝିଆରିଙ୍କର ଅଳି ତ ଖୁଡ଼ିଙ୍କ ପାଖରେ, କାନ୍ତିଦେବୀ କହିଲେ "ହେଇଟି ଶୁଣିଲଣି ଆମ ପ୍ରକାଶ, କେତେ ଭଲପିଲା, ଆସି କହୁଛି ପନ୍ଦର ଦିନ ଭିତରେ ବାହା କରାଇବାକୁ । ଆଜିକାଲି ପିଲାଙ୍କ ମତିଗତି ତ ଦେଖୁଛ, ଆମ ପ୍ରକାଶ ସେମିତି ବୋଲଣା ପିଲା ନୁହେଁ" । ମୃଷାବାବୁ କାନ୍ତିଦେବୀଙ୍କ ଆଡ଼କୁ ଅନାଇ ହସିଦେଇ କହିଲେ "ହୁଁ, ତୁମେ ଭଲତ, ତେଣୁ ତୁମ ଆଖିରେ ସମସ୍ତେ ଭଲ, ତୁମେ କଣ ଭୁଲିଗଲ, ଯେତେବେଳେ ତାକୁ ନଅ, ଦଶ ବର୍ଷ, ଆମ ପାଖରେ ହିରାକୁଦରେ ରହି ପଢୁଥିଲା, ଆମେ ସିନେମା ଗଲେ, ତାକୁ, ମାଙ୍କ, ଜିଦ୍‌ରେ ସାଙ୍ଗରେ ନିଅନ୍ତି । ସିନେମା ଚାଲିଥିଲା ବେଳେ ସେ ପରଦାକୁ ନଅନାଇ, ଆମକୁ ଅନାଇଥାଏ । ଏଇତି ପାଇଁ କେତେଥର ତୁମ ପାଖରୁ ଗାଳି ଖାଇଛି । ବୋଧହୁଏ ସେ ଜଣକୁ ଭଲ ପାଉଥିଲା, ସେ ଝିଅ ଧୋକା ଦେଇ ଅନ୍ୟକୁ ବାହାହୋଇଗଲା, ତେଣୁ ତୁମ ଗୁଣବନ୍ତ ପୁତୁରା ଆସି କହୁଛି ପନ୍ଦର ଦିନ ଭିତରେ ବାହାହେବ । କାନ୍ତିଦେବୀ ରାଗି ଉଠି କହିଲେ "ସମସ୍ତେ ତୁମପରି ନୁହଁନ୍ତି, ବାହାଘର ପୂର୍ବରୁ, ମୁସଲମାନ୍ ବଙ୍ଗାଳୀ, ଆଦିବାସୀ ଝିଅକୁ ଭଲ ପାଉଥିଲ" ମୃଷାବାବୁ ପାଟି କଲେ "କଣ କହିଲ"? ମୋ ଚରିତ୍ରରେ ପୁଣି କଳଙ୍କ, ଭଲ ପାଉଥିଲି ସତ, ହେଲେ

Digitized by srujanika@gmail.com

ଭଲପାଇବାରେ ଥିଲା ପବିତ୍ରତା, ଦୁର୍ବଳତା ନୁହେଁ । କାନ୍ତିଦେବୀ କହିଲେ ''ସବୁମୋର ଦୋଷ, ସେ ଯାହାହେଉ, ତା ପାଇଁ ଝିଅଟିଏ ଠିକ୍ କର'' । ମୃଷାବାବୁ ହସିଲେ, ''ଝିଅ ସାରୁ ବାଇଗଣ ପରିବା ହେଇନି ଯେ, ବ୍ୟାଗ୍ ଧରି ଦୌଡ଼ି ହାଟରୁ କିଣି ଆଣିବି, କାହା ଝିଅ ଏମିତି ପଚିସଢ଼ି ଗଡୁଛନ୍ତି'' । ରାତିଟା ରାଗ ରୁଷା ଭିତରେ କଟିଗଲା ।

ତା,ପରଦିନ ସକାଳ, ପ୍ରକାଶର ଛିଦ୍ ବାହାହେବ, କାନ୍ତିଦେବୀଙ୍କ ମନରେ କଷ୍ଟ ନଦେଇ ମୃଷାବାବୁ ଝିଅ ଖଣୀଥିବା ନାରୀନେତ୍ରୀ ସୁନ୍ଦରମଣି ଦେବୀଙ୍କ ଘରକୁ ଗଲେ । ସୁନ୍ଦରମଣିଦେବୀ, ନିର୍ଦ୍ଦେଶକ ମହାଶୟଙ୍କୁ ଦେଖି, ଝିଅମାନଙ୍କୁ ପାଟିକରି ଡ଼ାକିଲେ, ଝିଅମାନେ ଆସି, ସାର୍‌ଙ୍କର ପାଦ ଧୂଳି ନେଲେ, ଲୁସିକୁ ପାଞ୍ଚ ମିନିଟ୍ ଠିଆ କରାଇ, ମନପ୍ରାଣ ଦେଇ ଦେଖିଲେ, ସେହି ଶାନ୍ତଶିଷ୍ଟ ଚେହେରା, ହସ, ହସ ମୁହଁ, ''କ'ଣ ସବୁ ଭଲତ ପ୍ରତିଭା'', ହସିଦେଇ ଚାଲିଗଲା 'ଲୁସି' ।

ଚାହା, ଜଳଖିଆ ସରିଲାପରେ ମୃଷାବାବୁ ଆରମ୍ଭ କଲେ, ''ଜାଣିଛ ମୁଁ କାହିଁକି ଆସିଛି, ଆପଣଙ୍କ ଝିଅ ମୋର ବୋହୁ ହେବ । ତେଣୁ ଆପଣହେବେ ମୋ ସମୁଦୁଣୀ'' । ''ଏ ତ ଅତି ଗୌରବର କଥା, ମୋର କୋଟୀ ଯୁଗର ତପସ୍ୟା'' । ''ମୋ ପୁଅ କଣ ବଡ଼ ହେଲାଣି ସମୁଦୁଣୀ, ବହୁତ ସାନ, ବାହାହେବ ମୋ ପୁତୁରା ବଡ଼ଭାଇଙ୍କ ପୁଅ, ପ୍ରକାଶ ପୁଅଠାରୁ ବଳି, ବି.ଏ ପାଶ୍ କରି ବୋର୍ଡ଼ରେ ଚାକିରି କରିଛି । ଦେଖିବାକୁ ସୁନ୍ଦର, ଡେଙ୍ଗା, ସ୍ୱାସ୍ଥ୍ୟବାନ ଯୁବକ'' । ''ହଉ କ୍ଷତି କଣ, ପୁତୁରା ଯଦି ପୁଅଠାରୁ ଅଧିକ, ମୋର କିଛି ଆପତ୍ତି ନାହିଁ'' । ମୃଷାବାବୁ କହିଲେ ''ଲୁସି କିନ୍ତୁ ବାହାହେବ ପ୍ରକାଶକୁ'', ''ଏ କି କଥା ସମୁଦୀ, ବଡ଼ ଝିଅ, ''ବେବୀ'' ଥାଉଁ ଥାଉଁ ସାନ ବାହାହେବ । ବଡ଼ପାଇଁ କୋଉଠୁ ଗୋଟାଏ ବରପାତ୍ର ଠିକ୍ କରୁନ, ଏକା ସାଙ୍ଗେ ଦୁଇ ଝିଅ ବାହାହୋଇ ଯିବେ'' । କିଛି ସମୟ ଭାବି ମୃଷାବାବୁ ଦୌଡ଼ିଲେ ସଦାନନ୍ଦ ବାବୁଙ୍କ ଘରକୁ, ସଦାନନ୍ଦ ବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ ''କେମିତି ମନେ ପଡ଼ିଲା ସାର୍'' । ତୁମେ ବାହାହେବ ସଦାନନ୍ଦ, ମୁଁ ତୁମ ପାଇଁ ଖାନଦାନୀ ବଂଶର ସୁନ୍ଦରିଆ, ଝିଅଟିଏ ଠିକ୍ କରିଛି'' । ସଦାନନ୍ଦ କହିଲା, ''ଆପଣତ ସବୁ ଜାଣନ୍ତି ସାର୍ ମୁଁ ଜଣକୁ ଭଲ..... । ''ଜାଣେ ତୁମେ ଯାହାକୁ ଭଲ ପାଅ, ତାକୁ ବାହାହେବ, ଆସ ମୋ ସହିତ ସୁନ୍ଦରମଣିଙ୍କ ଘରକୁ'' । ସୁନ୍ଦରମଣି ଦେବୀ ସଦାନନ୍ଦକୁ ଦେଖି କହିଲେ, ''କି ଅପୂର୍ବ, ଆମ ପ୍ରମ୍ପଟର ବାବୁ ବି ଆସିଗଲେ'' । ମୃଷାବାବୁ କହିଲେ ମୁଁ ତାଙ୍କୁ ଡ଼ାକି ଆଣିଛି ସମୁଦୁଣୀ, ସେ ବିବାହ କରିବ ତୁମ ଦ୍ୱିତୀୟ ଝିଅ 'ବେବୀ'କୁ, ବି.ଏ ପାଶ୍ କରିଛି ସେକ୍ରେଟେରିଏଟ୍‌ରେ ଚାକିରି, ଘର ଯାଜପୁର, ପୁରୁଣା ଖାନ୍‌ଦାନୀ ବଂଶର କରଣ ପିଲା'' । ସୁନ୍ଦରମଣି ଦେବୀ କହିଲେ, ''ଆଉ ଆପତ୍ତି କଣ, ଆପଣ ଗୋଟାଏ ଦିନରେ ମୋର ଦୁଇ ଝିଅଙ୍କର ବାହାଘର ଠିକ୍ କରିଦେଲେ, ଆପଣ ମୋ ପାଇଁ

Digitized by srujanika@gmail.com

ସ୍ୱୟଂ ଭଗବାନ୍'' । ମୃଷାବାବୁ, ରସିକତା ଦେଖାଇ କହିଲେ, ''ତୁମ ଭଗବାନ ତ ତୁମ ପାଖରେ । ''ସୁରେଶ ବାବୁ'' ଅତି ନିର୍ମାୟା ପୁରୁଷ, ତୁମେ କଣ 'ମୀରାବାଈ' ହୋଇ ମୋତେ ଭଜନ କହିବ ନା କଣ, ମୋର ଦରକାର ନାହିଁ ନାଗୀନେତ୍ରୀ ମୀରାବାଈ, ମୋର ଅଛନ୍ତି ମହିଷାମାର୍ଦ୍ଦିନୀ ଖଡ୍ଗ ଖର୍ପର ଧାରିଣୀ କାନ୍ତି ଦେବୀ'' । ହସି ଉଠିଲେ ସମସ୍ତେ । ସଦାନନ୍ଦ ବାବୁ ବହୁ ଆନନ୍ଦରେ ମଟରସାଇକଲ ଛୁଟାଇଲେ । ମୃଷାବାବୁ ପୁଣିଥରେ ଡାକିଲେ ଲୁସିକୁ, ''ଆଉ ଗୋଟିଏ କଥା ତୋତେ ଏଯାଏ ମୁଁ କହିନାହିଁ, ମା, ପୁଅ ପ୍ରକାଶର ଗୋଟିଏ ଆଖି ନଷ୍ଟ ହୋଇ ଯାଇଥିବାରୁ କାଚ ଆଖିଟିଏ ଲଗାଇଛି, ଅବଶ୍ୟ ବାହାରକୁ କିଛି ଜଣାପଡ଼େନା'' । ଲୁସି କିଛି ନକହି ମୁହଁ ତଳକୁ କରି ଠିଆ ହେଲା । ମୃଷାବାବୁ ପୁଣି ପଚାରିଲେ ''କହ ମା, ମୁଁ ତୋର ମତାମତ ଚାହେଁ'' । ଲୁସି (ପ୍ରତିଭା) ଆଖି ଛଳ ଛଳ କରି କହିଲା ''ଏବେ ଆଖି ନଷ୍ଟ ହୋଇଯାଇଛି, ବାହାଘର ପରେ, ଯଦି ଆଖି ନଷ୍ଟହୋଇ ଯାଆନ୍ତା, ମୋର କିଛି ଆପତ୍ତି ନାହିଁ, ଆପଣତ ମୋର ଶଶୁର, ଆଉ କାନ୍ତି ମାଉସୀ, ମା ଠାରୁ ଅଧିକ'' । ମୃଷାବାବୁ ଆନନ୍ଦରେ ଡେଇଁ ପଡ଼ି ଲୁସିକୁ ଛାତିରେ ଜାକି ଧରି କହିଲେ ତୁ, ପ୍ରକୃତରେ ମୋର ପ୍ରତିଭା, ପ୍ରତିଭା ନାଟକର ନାୟିକା ପ୍ରତିଭା ଠାରୁ ତୋର ପ୍ରତିଭା ଆହୁରି ଉଚ୍ଚରେ । ସଦାନନ୍ଦ ବିବାହ କଲା ବେବିକୁ । ବେବି କ୍ଲାସ ଟୁ ଅଫିସର ଓ ପରେ କ୍ଲାସ ଉଆନ୍ ଅଫିସର ହେଲା, ସଦାନନ୍ଦ ଚାକିରି ଛାଡ଼ି ବ୍ୟବସାୟ କଲା । ଅତି ସୁନ୍ଦର ତାଙ୍କର ଦାମ୍ପତ୍ୟ ଜୀବନ, ପିଲାମାନେ ଭଲ ପାଠ ପଢୁଛନ୍ତି । ଆଉ ଲୁସି, ଆଇଏ, ବିଏ, ଏମ୍ଏ ପାଶ୍‌କରି ଚାକିରି କଲା, ଚନ୍ଦ୍ରଶେଖରପୁରରେ ଜାଗାସହ ଘର କରି ରହିଲା, ପ୍ରକାଶର ବାରମ୍ବାର ଦେହ ଖରାପ ହେବାରୁ ତା ମୁଣ୍ଡ ଘୁରିଲା, ଅଫିସ୍‌କାମ କରିପାରିଲା ନାହିଁ, ତାର ଦିନରାତି ଯତ୍ନ ନେଲା ଲୁସି, ଦୁଇଝିଅ ଗୋଟିଏ ପୁଅ, ଦେଖିବାକୁ ଭଲ, ଭଲ ପାଠ ପଢୁଛନ୍ତି, ପୁଅ ଫାଷ୍ଟ ଡିଭିଜନରେ ପ୍ଲସ ଟୁ ପାଶ୍ କରି, କଲେଜରେ ପଢ଼େ, ଲୁସି ଘରର ବୋହୁ ନୁହେଁ, ଝିଅ, ଦାଦା, ଖୁଡ଼ିଙ୍କର ଦେହ ଖରାପ କଥା ଶୁଣିଲେ ସ୍ୱାମୀ, ପୁଅ, ଝିଅଙ୍କୁ ଛାଡ଼ି ପ୍ରଥମେ ପହଞ୍ଚି ଯାଏ ଲୁସି (ପ୍ରତିଭା) । ମୃଷାବାବୁଙ୍କ ନିର୍ଦ୍ଦେଶିତ, ଓଡ଼ିଶାର ବରପୁତ୍ର ହରେକୃଷ୍ଣ ମହତାବଙ୍କ କାହାଣୀ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ରଚିତ ନାଟକର ନାୟିକା ପ୍ରତିଭାଠାରୁ ଆହୁରି ପ୍ରତିଭାଶାଳୀ ।

•••

Digitized by srujanika@gmail.com

ଟି ଲ ରୁ ଡା ଲ

ଡଃ କିଶୋର ମିଶ୍ର
(ପରେ, ଅଧୀକ୍ଷଣ ଯନ୍ତ୍ରୀ)

ସେଣ୍ଟ୍ରାଲ ଇରିଗେସନ ଡ଼ିଭିଜନରେ ପୋଷ୍ଟିଙ୍ଗ୍ ହେଲା, ମୃଷାବାବୁଙ୍କର, ଏସ.ଡ଼ି.ଓ ଥାଆନ୍ତି ଗୋପି ରାଉତରାୟ, ମୁହାଁ ମୁହିଁ କ୍ୱାର୍ଟର, ଦୁଇଜଣଙ୍କର କ୍ଷୀର ନୀର ସମ୍ପର୍କ, କାନ୍ତିଦେବୀ ଗୋପିବାବୁଙ୍କ ସ୍ତ୍ରୀଙ୍କୁ ଅପା ବୋଲି ଡ଼ାକନ୍ତି, ତେଣୁ ଗୋପିବାବୁ କାନ୍ତିଦେବୀଙ୍କୁ ଶାଳୀ ଗପରା କରନ୍ତି ।

ଯେଉଁଠୁ, ଯେ ଯାହା ଆଣନ୍ତି ପୁରା, ଅଧା-ଅଧା, ଦିନେ ମୃଷାବାବୁ ବାଙ୍କିରୁ ତିନିଟା ଭଉିସି ମାଛ ଆଣିଥିଲେ, ଘରେ ତାଙ୍କର ବେଶି, କୁଣିଆଥିବାରୁ, ଦୁଇଟା ରଖି, ଗୋଟାଏ ଦେଲେ ଗୋପିବାବୁଙ୍କ ଘରକୁ, ଖବର ଜାଣିପାରି ଗୋପିବାବୁ କହିଲେ, ''କି, ପଟ୍ଟନାୟକ ବାବୁ, ଓଭରସିୟରଙ୍କର ଦୁଇଟା, ଏସ.ଡ଼ି.ଓଙ୍କର ଗୋଟାଏ । ''ମୃଷାବାବୁ କହିଲେ ଏ ମାଛ କୌଣସି ଠିକାଦାର ଦେଇ ନଥିଲେ, ମୁଁ ନିଜେ ପଇସା ଦେଇ କିଣିକି ଆଣିଛି, ଟାଛଡ଼ା, ଆଜି ଆମ ଘରେ ବହୁତ କୁଣିଆ, କିଛି ଭାବିବେ ନାହିଁ'' ।

ଗୋପିବାବୁ କିନ୍ତୁ ଭାବିଲେ, ମଧୁର ସଂମ୍ପର୍କରେ ତିକ୍ତତା ଆସିଲା, ଆଉ ଆଗପରି ମନଖୁସିରେ କଥାବାର୍ତ୍ତା ହେଲେନି, ଗୋପିବାବୁଙ୍କ ଘରେ ଦୁଇ ଜଣ, ତାଙ୍କ ବନ୍ଧୁ ବାନ୍ଧବଙ୍କ ଘରେ, ତିନି ଚାରି ଜଣ ଖଲାସି, ସେ ମୃଷବାବୁଙ୍କଠାରୁ ପଇସା ନେଇ ସେମାନଙ୍କୁ ପେମେଣ୍ଟ କରନ୍ତି, ମୃଷାବାବୁ ସେମାନଙ୍କୁ କେବେ ଦେଖିନାହାନ୍ତି, ମୃଷାବାବୁଙ୍କ ଘରେ ମାତ୍ର ଜଣେ ଖଲାସି, ''କେଳୁ'' ।

ଦିନକର ଘଟଣା, ଦିନେ କେଳୁ, ଗାଁକୁ ଯାଇଥିଲା, ବାଟରେ ହାଟ ପଡ଼ିଲା, ଶସ୍ତା ପରିବା ଦେଖି, ପାଞ୍ଚଶହ ଟଙ୍କା କି ଛଅଶହ ଟଙ୍କାର ପରିବା କିଣି ଆଣି ହାଟରେ ବିକୁଥାଏ, ତାଉପରେ ନଜର ପଡ଼ିଗଲା ଗୋପିବାବୁଙ୍କର, କହିଲେ, ସରକାରଙ୍କଠାରୁ ଦରମା ପାଉଛୁ, ପୁଣି ପରିବା ଦୋକାନ କରି ଲାଭ ପାଉଚୁ, ଖୁବ୍ ଭଲ ତ, ହଉ, କର, କର ।

Digitized by srujanika@gmail.com

ମାସ ଶେଷରେ ଖଲାସି ମାନଙ୍କର ଦରମା ବିଲ୍ ଗଲା, ଗୋପିବାବୁ କେଲୁର ପନ୍ଦର ଦିନ ବିଲ୍ କାଟିଦେଲେ, ମୃଷାବାବୁ ଯେତେ ଅନୁରୋଧ କଲେ ବି, ଗୋପିବାବୁ କିଛି ଶୁଣିଲେ ନାହିଁ । ନିର୍ବାହି ଯନ୍ତ୍ରୀ ଥାଆନ୍ତି ରାଜକିଶୋର ପଟ୍ଟନାୟକ, ଡ଼ିଭିଜନରେ ପାଞ୍ଚଜଣ ଏସ୍.ଡ଼ି.ଓ, ସେମାନଙ୍କ ଭିତରେ ସାଲିଆ ଡ୍ୟାମ ଏସ୍.ଡ଼ି.ଓ କିଶୋର ମିଶ୍ର, ସବୁଠାରୁ ଦକ୍ଷ ଇଞ୍ଜିନିୟର, ଲୋକ ହିସାବରେ ଖୁବ୍ ଭଲ, ଅଗାଧ ପାଣ୍ଡିତ୍ୟ । ଟଙ୍କାତୋଳା ବିଷୟରେ ଆଲୋଚନା ହେଲେ, ଘଣ୍ଟା ଘଣ୍ଟା, ଲେକ୍‌ଚର ଦେବେ ସଂସ୍କୃତରେ, ଏହି ଡ଼ିଭିଜନରେ ଦୁଇ, ତିନିଟା ଡ୍ରାମା ମୃଷାବାବୁଙ୍କ ନିର୍ଦ୍ଦେଶନାରେ କରାଇଛନ୍ତି । ''ରକ୍ତର ଡ଼ାକ''ରେ ମୃଷାବାବୁ ମୁଖ୍ୟ ଚରିତ୍ର ଅଭିନେତା ଟାକର, ଆଉ ମୃଷାବାବୁଙ୍କର ପୁଅ, ଝିଅ ସୁରବସନ୍ତ (ଆଲୋକ) ବସନ୍ତ ବାହାର(ଇଛା) ଶିଶୁ କଳାକାର ଭାବେ ଅଭିନୟ କରିଥିଲେ, ଅନ୍ୟ ବଳିଷ୍ଠ ଚରିତ୍ର ରୋଲ କରିଥିଲେ, ଆଶୁତୋଷ ମିଶ୍ର, ହରମୋହନ ସାମନ୍ତ ରାୟ, କୁମାର ମହାପାତ୍ର, ହୃଦାନନ୍ଦ ନାୟକ, ନାରୀ ଅଭିନେତ୍ରୀ ସୌଦାମିନୀ ପଣ୍ଡା । ବିଶ୍ୱକର୍ମା ପୂଜା ବେଳେ କିଶୋର ମିଶ୍ର ମୃଷାବାବୁଙ୍କର ଏକାମ୍ର ଥିଏଟରସ୍‌କୁ ସାଲିଆ ଡ୍ୟାମକୁ ନେଇ ନାଟକ ପରିବେଷିତ କରାଇଥିଲେ, ସେଠି ମୃଷାବାବୁଙ୍କ ବଡ଼ ପୁଅ (ଦୀପକ କୁମାର) ଶିଶୁ କଳାକାର ରୂପେ, ବହୁ ନା, ଅର୍ଜନ କରିଥିଲା, ତେଣୁ କିଶୋର ବାବୁ, ମୃଷାବାବୁ ଆଉ ତାଙ୍କ ପିରବାରର ସମସ୍ତଙ୍କର ଅତିପ୍ରିୟ ଲୋକ, ମୃଷାବାବୁଙ୍କୁ ବଡ଼ଭାଇ ପରି ଭକ୍ତି, ଆଉ ଶ୍ରଦ୍ଧା କରନ୍ତି ।

ଅନ୍ୟ ତିନିଜଣ ଯାକ ଏସ.ଡ଼ି.ଓ ହେଲେ ନିର୍ବାହିଯନ୍ତ୍ରୀ ରାଜ କିଶୋର ପଟ୍ଟନାୟକଙ୍କ ଶଳା ଜଗନ୍ନାଥ ପଟ୍ଟନାୟକ, ଶ୍ରୀକାନ୍ତ ମହାପାତ୍ର, ଆଉଜଣେ, ମେକାନିକାଲ, ସହକାରୀ ଯନ୍ତ୍ରୀ - ସମସ୍ତେ ଧୁରନ୍ଧର ଯନ୍ତ୍ରୀ -ଡ୍ୟାମ କାମ ପାଇଁ ଉପଯୁକ୍ତ । ଦିନେ ପାଞ୍ଚଜଣ ଯାକ ଏସ୍.ଡ଼ି.ଓ ହେଡ଼ କିରାନୀ ଓଝାବାବୁ ଓ ଏଷ୍ଟିମେଟର ଜଗତି ବାବୁଙ୍କ ରୁମ୍‌ରେ ବସିଥାନ୍ତି, ମୃଷାବାବୁ ଆସି, ଶେଷ ଅନୁରୋଧ କଲେ, ଗୋପିବାବୁଙ୍କୁ, ଗରିବ ଲୋକ, ଟା ଦରମା କାଟନ୍ତୁନି । ଗୋପି ବାବୁ କହିଲେ ମୁଁ ତାକୁ ଆଦୌ ଦରମା ଦେବିନି, ସେ ସରକାରୀ କାମ କରିନି । ''ମାସେ କାଳ ମୃଷାବାବୁ ନିରବ ଥିଲେ, ଶେଷରେ ରାଗି କହିଲେ, ଏ ନିହାତି ଛୋଟଲୋକର କାରବାର, ଦିସ୍.ଇଜ୍.ଟୁ.ମିନ୍ । ହାତ ଦିଇଟାକୁ ଉପରକୁ ଉଠାଇ ଟେବୁଲ ଉପରେ ଠିଆ ହୋଇଗଲେ, ଗୋପିବାବୁ (କିଶୋର ବାବୁ, ଶ୍ରୀକାନ୍ତ ବାବୁ, ହାତ ଦିଇଟାକୁ ତଳକୁ ଟାଣି ଆଣିଲେ, ନହେଲେ ପଙ୍ଖାରେ ବାଜି ହାତ ଦିଗଡ଼ ହୋଇ ଯାଇଥାନ୍ତା) ଗୋପୀବାବୁ ପାଟିକରି କହିଲେ ସରିଗଲା, ସରିଗଲା ସବୁ ସମ୍ପର୍କ ତୁଟିଗଲା, ମୁଁ ତୁମ ମୁହଁ ଦେଖିବାକୁ ଚାହେଁନା, ତିନିଦିନ ଭିତରେ ମୁଁ ଯଦି ତୁମକୁ ବଦଳି ନକରିଛି, ମୁଁ କ୍ଷତ୍ରୀୟ ସନ୍ତାନ ନୁହଁ, ମୋତେ କହିବ ଛୋଟଲୋକ୍, ମିନ୍ । ପରିସ୍ଥିତି ବଡ଼ ଜଟିଳ ହୋଇ ପଡ଼ିଲା । ମୃଷାବାବୁ ବି ଛାଡ଼ିବା ଜନ୍ତୁ ନୁହନ୍ତି, ଆହୁରି ପାଟି କରି କହିଲେ ତିନି ଦିନ କାହିଁକି ମୁଁ ଯଦି ଆପଣଙ୍କୁ

Digitized by srujanika@gmail.com

ଗୋଟାଏ ଦିନ ଭିତରେ ବଦଳି ନକରିଛି, ମୁଁ କରଣ ପିଲା ନୁହେଁ । ହାତକୁ ହଲାଇ, ହଲାଇ, ଦୌଡ଼ି ପଳାଇଲେ ଗୋପିବାବୁ । ଏସ୍.ଡ଼ି.ଓ ମାନେ ତାଳି ମାରିଲେ "ଦେଖା ଯାଉ ଯୁଦ୍ଧରେ କିଏ ଜିତୁଛି କରଣ ନା କ୍ଷତ୍ରୀୟ" । ନିର୍ବାହି ଯନ୍ତ୍ରୀ ପଟ୍ଟନାୟକ ସାହେବ କହିଲେ "ଆଗେଇ ଚାଲ ମୃଷାବାବୁ, ମୁଁ ଆପଣଙ୍କ ପଛରେ ଅଛି"। ଗୋପିବାବୁ, ରାଜକିଶୋର ପଟ୍ଟନାୟକ ନୂଆ ନିର୍ବାହିଯନ୍ତ୍ରୀ ହୋଇଥିବାରୁ ତାଙ୍କୁ ବେଶି ଖାତିରି କରୁ ନଥିଲେ, E. E. R. K. Pattanaik ଥିଲେ ମୃଷାବାବୁଙ୍କର ପ୍ରିୟ ଅଫିସର ।

ଗୋପିବାବୁ ପାଟିକଲେ, ଲିଙ୍ଗରାଜ, କାଢ଼ ଜିପ୍, ଜିପ୍‌ରେ ବସି ଘର ବାଟେ ପାଟିକରି କହିଲେ "ମେଘମାଳା", ବୋଉକୁ କହ ଶିଘ୍ର ପେଡ଼ି ପୁଟୁଳା ବାନ୍ଧନ୍ତୁ, ବାପା ତିନିଦିନ ଭିତରେ ଏଠୁ ଯାଉଛନ୍ତି" । ପାଟିଶୁଣି କାନ୍ତିଦେବୀ ଘରଭିତରୁ ଦୌଡ଼ି ଆସିଲେ, "କଣ ହେଲା ଗୋପି ଭାଇନା, ଏତେ ପାଟି କାହିଁକି" ? ଆଉ ନୁହେଁ ସବୁ ସଂମ୍ପର୍କ ତୁଟିଗଲା, ତୁମସ୍ୱାମୀ ମୋତେ, ମାନେ, ତାଙ୍କ ବଡ଼ ସତୁ ଭାଇଙ୍କୁ କହିବେ, ଛୋଟଲୋକ, ମିନ୍" ।

ଜିପ୍ ଛୁଟିଲା ଉପମନ୍ତ୍ରୀ, ପାଢ଼ି ସାହେବଙ୍କ ଘରକୁ, ସେଠି କିଛି ସମୟ ରହି ଗୋପିବାବୁ ଗଲେ ମୁଖ୍ୟଯନ୍ତ୍ରୀଙ୍କ ଅଫିସ୍, ମୁଖ୍ୟଯନ୍ତ୍ରୀ ଥାଆନ୍ତି ଜନାର୍ଦ୍ଦନ ତ୍ରିପାଠୀ, ମୃଷାବାବୁ ତାଙ୍କ ପାଖରେ ବରଗଡ଼ରେ ଥାଇ, କଲୋନୀରେ ପେଣ୍ଡାଲ୍ ତିଆରି କରି, ବହୁ ନାଟକରେ ହିରୋ ଓ ନିର୍ଦ୍ଦେଶନା ଦେଇଥିଲେ, ସେ ମୃଷାବାବୁଙ୍କୁ ଖୁବ୍ ଭଲ ପାଆନ୍ତି, ଆଉ ତାଙ୍କ ସ୍ତ୍ରୀ ଅତି ଭଦ୍ର ମହିଳା (ଗୋରା, ଗେଡ଼ି, ମୋଟା) ଉମାଦେବୀ, କାନ୍ତୀଦେବୀଙ୍କୁ ସାନଭଉଣି ପରି ଭଲ ପାଆନ୍ତି, ତାଙ୍କୁ ଧରି ସିନେମା ଯାଆନ୍ତି ଆଉ ଏକମାତ୍ର ପୁଅ ଦୀପକ୍‌କୁ ଗେହ୍ଲା କରି କହନ୍ତି, ମୋ ଦିପୁ ବାବୁ, ହିରୋ ବନିବ, ଥିଏଟର ସିନେମା କରିବ, ବାପାଙ୍କ ପରି ନା, କରିବ । ବର୍ଷକର ପୁଅ ଦିପୁ, କଲୋନୀରେ ସମସ୍ତଙ୍କର କଳାକାହ୍ନୁ, ବିଶିକେଶନ,

ଅଫିସ୍‌ରେ, ଇଲେକ୍‌ଟ୍ରିସିଟି ବୋର୍ଡ଼କୁ ଯିବାକୁ, ଓଭରସିୟର ପୋଷ୍ଟିଙ୍ଗ ପାଇଁ ତନାଘନା, ବୋର୍ଡ଼ ଟାହେଁ ଜଣେ ପୁରୁଣା, ଏସ୍.ଡ଼ି.ଓ ଉପଯୋଗୀ, ସିନ୍‌ସିଅର ଓଭରସିୟର ଟାହ୍ମ ମିଳିଗଲା, ଗୋପିବାବୁ ମୁଖ୍ୟଯନ୍ତ୍ରୀଙ୍କୁ କହିଲେ "ମୃଷାବାବୁ ଏ ପୋଷ୍ଟପାଇଁ ପୁରାଫିଟ୍ ତାଙ୍କୁ ପଠାଇ ଦିଅନ୍ତୁ ସାର୍" । ମୁଖ୍ୟଯନ୍ତ୍ରୀ ତ୍ରିପାଠୀ ସାହେବ ରାଜି ହେଲେନି, କିହଲେ ମୃଷାବାବୁ, ଆମକୁ ଛାଡ଼ି ଆମ ଡ଼ିପାର୍ଟମେଣ୍ଟ ଛାଡ଼ି ଡ଼େପୁଟେସନ୍‌ରେ ଯିବନାହିଁ, ସଞ୍ଜକୁ ଆସି କାହିବ । "ଠିକ୍ ସେତିକି ବେଳେ ମନ୍ତ୍ରୀ ହିମାଂଶୁ ପାଢ଼ୀ ଫୋନ କଲେ, ମନ୍ତ୍ରୀଙ୍କ ଅର୍ଡ଼ର, ମୃଷାବାବୁଙ୍କୁ, ବୋର୍ଡ଼ ପଠାଇ ଦିଅ, କଣ ବା କରିବେ ମୁଖ୍ୟଯନ୍ତ୍ରୀ । ଉପମନ୍ତ୍ରୀ, ଜଳସେଚନଙ୍କର ଆଦେଶ । ମୃଷାବାବୁଙ୍କର ବଦଳି ହୋଇଗଲା । ଅର୍ଡ଼ର ଧରି ଠିକ୍ ତୃତୀୟଦିନ ଧରାଇଦେଲେ ମୃଷାବାବୁଙ୍କୁ, ମୃଷାବାବୁଙ୍କ ମୁଣ୍ଡକୁ ତେନ୍ତୁଳିଆ ବିଛା କାମୁଡ଼ିଲା, ବଡ଼ ପାରନ୍ଧମ, ଗୋପିବାବୁ,

Digitized by srujanika@gmail.com

କଥାଦେଇ କଥା ରଖିଲେ । ମୂଷାବାବୁ ସିଧା ଦୌଡ଼ିଲେ, ଜଳସେଚନ ମନ୍ତ୍ରୀ, ସୁର ପଟ୍ଟନାୟକଙ୍କ ବଡ଼ପୁଅ, ସଂଗାତ, ନିର୍ମଳ ପାଖକୁ ସେ, ବସନ୍ତ ଭାଇ, (ଓଡ଼ିଶା ଶାସ୍ତ୍ରିଜୀ)ଙ୍କ ଚେଷ୍ଟାରେ, ନିର୍ମଳ ସଙ୍ଗାତକୁ ବିବାହ କରାଇଥିଲେ ଜଣେ ଡ଼ାକ୍ତରାଣୀଙ୍କ ସହିତ । ସବୁଶୁଣି, ସଂଗାତ କହିଲେ, ''ଶିଘ୍ର ବଜାରରୁ ଗୋଟାଏ ଦଶ, ପନ୍ଦର, ସେରିଆ, ଭାକୁର ମାଛ ଆଣ'', ମାଛ ଆସିଲା, ପେଟ ଭଜା ହେଲା, ମାଛମୁଣ୍ଡ ତରକାରି ହେଲା, ରାତିରେ ଚାରି, ପାଞ୍ଚ ସେରିଆ ମାଛ ମୁଣ୍ଡ ଦେଖି ମନ୍ତ୍ରୀ କହିଲେ, ''ନିର୍ମଳ, ଏଡ଼େ ବଡ଼ ବଢ଼ିଆ ଭାକୁର ମାଛ କୋଉଠୁ ଆଣିଲୁ'' । ''ମୋ ସଂଗାତ, ଆମ ନାଟୁଆ ଇଞ୍ଜିନିୟର ଡ଼େଲଟାର'' ମୂଷାବାବୁ ''ଆଣିଥିଲେ'' । କାହିଁକି ? ତାଙ୍କର କଣ ମାଛ ପୋଖରୀ ଅଛି ? ତା ନୁହେଁ ଯେ, ବାଟରେ ଆସୁଥିଲେ, ଦେଖିଲେ ଆଠ, ଦଶ ଲୋକ ମାଛ ଟାକୁ ଚିଲ ପରି ଘେରି ବସିଛନ୍ତି । ମାଛଟା ଛଟ ଛଟ ହେଉଛି, ଫୋପାଡି ଦେଲେ ପୁରା ପଇସା, ଭାବିଲେ, ଏମିତିଆ ଜିଅନ୍ତା ମାଛ କେବଳ ମନ୍ତ୍ରୀ ସୁରପଟ୍ଟନାୟକ ଖାଇବା ଯୋଗ୍ୟ, ସେ ବଡ ଅସୁବିଧାରେ ପଡିଛନ୍ତି ବାପା'' । କଣ କହିଲୁ ମୋ, ନାଟୁଆ, ମୂଷାଇଂଜିନିୟର, ଅସୁବିଧାରେ, ମୁଁ ତାହେଲେ ମନ୍ତ୍ରୀ ହୋଇଛି କାହିଁକି ? ତୁ ଯାହା କହ ନିର୍ମଳ, ସେ ବଡ ପାରଙ୍ଗମ ଇଂଜିନିଅର, ବଢ଼ିଆକାମ କରେ, ବଢ଼ିଆ ନାଟବି କରେ । ଲୋକଙ୍କୁ କନ୍ଦାଇ କନ୍ଦାଇ ନ୍ୟାନ୍ତ କରିଦିଏ । ଆଉ, ହସେଇ, ହସେଇ ଠିଆ ଠିଆ ମୁତେଇ ପକାଏ, ଗଲାକୁଆଡେ ଡ଼ାକ ତାକୁ, ମୂଷାବାବୁ ଦୌଡି ଆସି ପାଦ ଛୁଇଁ ନମସ୍କାର କଲେ, ମନ୍ତ୍ରୀ କହିଲେ, କଣ, ଆଉ ଡ୍ରାମାହେଉନି, ଆଉ କାହିଁ ନିମନ୍ତ୍ରଣ କାର୍ଡ ତ ଦେଉନ ? ମୂଷାବାବୁ ଦୁଃଖରେ କହିଲେ, ''ନାଟକତ ଆମ ଅଫିସ୍‌ରେ ହେଉଛି ''ଏସ୍.ଡି.ଓ ଓଭରସିୟର କଳି'' ସାର ଗୋପିବାବୁ ଏସ୍.ଡି.ଓ, ହିଂମାଶୁ ପାଢ଼ିକୁ କହି ତିନିଦିନ ଭିତରେ ନିର୍ଦ୍ଦୋଷରେ ମୋ ବଦଳି କରିଦେଲେ, ଆଉ କହିଲେ କୋଉ ସୁର ପଟ୍ଟନାୟକ ମନ୍ତ୍ରୀ ତତେ ରଖିବ ଦେଖିବି, ମୋ ଅପମାନ ମୁଁ ସହିପାରେ ହେଲେ, ଆପଣଙ୍କ ଅପମାନ୍ । ମନ୍ତ୍ରୀ ସୁର ପଟ୍ଟନାୟକଙ୍କୁ ଅପମାନ, ମୋ ପକ୍ଷେ ଅସହ୍ୟ । ସାର୍ ଖଣ୍ଡାୟତପିଲା, କରଣ ପିଲାକୁ ଅପମାନଦେବ''? ଏମନ୍ତ ! ଏମନ୍ତ ! ଗୋପିରାଉତ୍ କହିଲା, ଆରେ ସେଟା ଖଣ୍ଡାୟତ ନୁହେଁ, ଖାଣ୍ଟିଚଷା, ନିର୍ମଳ ତୁ ଏ ସବୁ ଶୁଣୁଛୁଟି, ଏ ସବୁ ଶୁଣିଲା ପରେ ଚୁପ ବସିଚୁ, ଅନ୍ୟ ମନ୍ତ୍ରୀଙ୍କ ପୁଅ ମାନେ, ମନ୍ତ୍ରୀଙ୍କ ନା କହି, ଲକ୍ଷ ଲକ୍ଷ ଟଙ୍କା ଲୁଟୁଛନ୍ତି, ତୁଟା, ଗୋଟାଏ ଅପଦାର୍ଥ, ଫୋନକର, ଷ୍ଟେନୋ ପ୍ରାଇଭେଟ ସେକ୍ରେଟାରୀକୁ, ତିନିଦିନ ନୁହେଁ ଗୋଟାଏ ଦିନରେ ଗୋପିରାଉତ୍ ଯିବ ରାମପୁର ସବ୍‌ଡିଭିଜନକୁ ଘରଦ୍ୱାର ନାହିଁ, ଟେଣ୍ଟରେ ରହି ସର୍ଭେ କରିବ । ''ମୂଷାବାବୁ କହିଲେ ତାଙ୍କ ବଡଝିଅର ବାହାଘର ମାତ୍ର ସାତ ଦିନ ଅଛି । ମନ୍ତ୍ରୀ ଯୋରରେ ହସି କହିଲେ'' ଠିକ୍ ହେଇଛି, ସେ ତୋରି

Digitized by srujanika@gmail.com

ଗୋଡତଳେପଡି କ୍ଷମା ମାଗିବ, ତୁ ଆସି, ତାପାଇଁ ସୁପାରିଶ କରିବୁ, ମୁଁ ଅର୍ଡର ବାତିଲ୍ କରି ଦେବି କିଛିଦିନପାଇଁ, ତାପରେ ବାହାଘର ସରିବା, ବାସିଦିନ ରାମପୁରରେ ବସି ଖଞ୍ଜଣି ବଜାଇବ । ଏ ହେଉଛି ମନ୍ତ୍ରୀ ସୁରପଚ୍ଛନାୟକଙ୍କ ଆଦେଶ । କରଣପିଲାର ଆଦେଶ । ଉପମନ୍ତ୍ରୀ, ହିମାଂଶୁ ପାଢ଼ୀଙ୍କ ଆଦେଶ ନୁହେଁ'' । ସେଇଆ ହେଲା, ଗୋପିବାବୁଙ୍କ ସ୍ତ୍ରୀ କାନ୍ଦି, କାନ୍ଦି କହିଲେ, ସାନସଡୁକୁ କ୍ଷମାମାଗ, ବାହାଘର ସରିବାଯାଏ ଅର୍ଡରଟା ଅନ୍ତତଃ ଲୁକାୟିତ ରଖନ୍ତୁ । ବାହାଘର ସମସ୍ତ ଦାୟିତ୍ୱ ନେଲେ ମୃଷାବାବୁ ଓ କାନ୍ତୀଦେବୀ, ତାଙ୍କର ପୂର୍ବ ସଂପର୍କ ପୁଣି ଫେରି ଆସିଲା, କାନ୍ତୀ ଦେବୀ ଗୋପିବାବୁଙ୍କୁ ଡାକିଲେ ପୁଣି ଭାଇନା, ଗୋପିବାବୁ ହସି, ହସି କହିଲେ, ବୁଝିଲୁ ଶାଳୀ, ମୁଁ ବୁଢ଼ା ଅଜଗର ସାପ, ମଣିଷକୁ ପୁରାପୁରି ଗିଳିଦିଏ, ହେଲେ ତୁମ ସ୍ୱାମୀ, ''ନାଗବଚ୍ଚା'' ଗୋଟାଏ ଚୋଟ୍‌ରେ ସବୁଶେଷ ।

କିଛି ଦିନପରେ ଗୋପିବାବୁ ହେଲେ ସମୁଦୀ ମୃଷାବାବୁଙ୍କର, ଗୋପିବାବୁଙ୍କ ବଡପୁଅ ବାହାହେଲା, ମୃଷାବାବୁଙ୍କର ବଡ ଝିଅ ମେଘମାଳାର ନଣନ୍ଦକୁ, ମୃଷାବାବୁଙ୍କ ହାତ ଧରି ଗୋପିବାବୁ କହିଲେ ''ମୁଁ ମିଛଟାରେ ଗରିବ ଖଲାସିର ଦାନାପାଣି ମାରୁଥିଲି, ଫଳପାଇଲି'' ମୃଷାବାବୁ ଗୋପିବାବୁଙ୍କୁ କହିଲେ ଆପଣ ମୋତେ ଭୁଲ୍ ବୁଝିବେ ନାହିଁ । ବଡ ଭାଇ, ପୁଣି ମୋର ବଡ ଅଫିସର, କଥାଟା ଅତି ଛୋଟିଆ, ଆପଣ ମିଛଟାରେ **''ତିଳକୁ ତାଳ କଲେ''** ।

Digitized by srujanika@gmail.com

ଅରୁନ୍ଧତୀରେ ଛବିବିଶ୍ୱାସ

କନକ ମଞ୍ଜରୀ (ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ମା ଓ କଂଗ୍ରେସ ସଭାପତି ଏ ଧୀରେନ୍ ପଟ୍ଟନାୟକଙ୍କ ମା) ପ୍ରଭାସ ମଞ୍ଜରୀ -

ବହୁ ନାଟକରେ ନିର୍ଦ୍ଦେଶନା ଦେଇ ମୃଷାବାବୁ ନିଜକୁ ନିରବ ରଖି ପାରିଲେ ନାହିଁ, ତାଙ୍କ ମନରେ ବହୁତ ଅବଶୋଷ, ଏ ଯାଏ କୌଣସି ଫିଲ୍ମରେ ରୋଲ୍ କରିବାର ସୁଯୋଗ ମିଳିଲା ନାହିଁ, ବହୁ ପ୍ରଯୋଜକ, ନର୍ଦ୍ଦେଶକ ପାଖରୁ ବିଫଳ ମନୋରଥ ହୋଇ ଫେରିଛନ୍ତି, ସମସ୍ତଙ୍କର ଗୋଟିଏ କଥା, ନିଜେ ସିନେମା କର, ନିଜ ଚରିତ୍ର ଉପଯୋଗୀ ରୋଲ୍ କର , ସିନେମା, କରିବେ କେମିତି ? ଏତେ ଟଙ୍କା ଆସିବ ମଧ କୋଉଠୁ ? ସବୁବେଳେ ସେହି ଗୋଟାଏ ଚିନ୍ତା, ସିନେମାରେ, ପ୍ରଯୋଜକ ଓ ନିର୍ଦ୍ଦେଶକ ହେବେ ପୁଣି ମୁଖ୍ୟଚରିତ୍ର ଅଭିନେତା ଭାବେ ରୋଲ୍ କରିବେ ।

ସୁବର୍ଣ୍ଣ ସୁଯୋଗ ଆସିଗଲା । ନିରଞ୍ଜନ ପଟ୍ଟନାୟକ ଓ ଧିରେନ-ପଟ୍ଟନାୟକ ତରୁଣ ପ୍ରଯୋଜକ ହେଲେ । ଦୁଇଜଣଙ୍କର ମାଆଙ୍କ ନାମ ଅନୁସାରେ ପ୍ରଡକସନ୍‌ରେ ନାମ ରଖାଗଲା "କନକପ୍ରଭା" । ଲେଖକ ଆନନ୍ଦଶଙ୍କର ବାରିପଦାର, ଗୀତିକାର ବାରିପଦାର, ଗୋପିକୃଷ୍ଣ ଓ ତାଙ୍କ ସ୍ତ୍ରୀ, ସଂଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ବାରିପଦାର, ଆଉ ମୁଖ୍ୟ ନାୟକ ବ୍ରଜଗିରୀ ବି ବାରିପଦାର, ସିନେମାର ନାମ ହେଲା **"ଅରୁନ୍ଧତୀ"** ଶାନ୍ତନୁବାବୁ ପୁଥୁଲ, ଧିରେନ ଓ ନିର୍ଦ୍ଦେଶକ, ପ୍ରଫୁଲ ସେନ୍‌ଗୁପ୍ତା ଆସିପହଁଞ୍ଚିଲେ, ଡେଲଟା କଲୋନୀ, ମୃଷାବାବୁଙ୍କ ଘରେ । ସବୁ ଆଲୋଚନା ପରେ ନିସ୍ପତି ହେଲା, ଦୁଇ, ତିନିମାସ କଲିକତାରେ ରହିବେ ମୃଷାବାବୁ (ଜମାଇଁ ବାବୁ) ପଇସା ପତ୍ରର ଦାୟିତ୍ୱ ଓ ମୁଖ୍ୟ ପରିଚାଳନା କଣ୍ଟ୍ରୋଲର ରୁପେ ।

Digitized by srujanika@gmail.com

ସମସ୍ତ ଟିମ୍‌କୁ , କାର, ଜିପ୍‌ରେ ନେଇ କଲିକତାରେ ଇୟୁନିଟ ପହଁଞ୍ଚିଲା । ସମସ୍ତେ ରହିଲେ, ଚିତ୍ର ତାରକା ''ମାଧବୀ ମୁଖାର୍ଜୀ''ଙ୍କ ଭଡାଘରେ । ଟିମରେ ଥିଲେ ଶ୍ରେଷ୍ଠ ଅଭିନେତା ଶରତ ପୂଜାରୀ, ନୃତ୍ୟ ଶିଳ୍ପୀ ଚଳଚ୍ଚିତ୍ର ଅଭିନେତ୍ରୀ, ମିନତୀ ଦେବୀ, ପ୍ରତିହାରୀ, ଧ୍ରୁବବିଶ୍ୱାଳ, ସଂଯୁକ୍ତା ପାଣିଗ୍ରାହୀ, ରଘୁ ପାଣିଗ୍ରାହୀ, କେଳୁ ମହାପାତ୍ର, ନରିମଲ୍ଲ ଲକ୍ଷ୍ମୀ(କ) ଶରତ ମହାନ୍ତି, ସୁଜାତା, ଭବାନୀ ପଣ୍ଡା, ଜାନକୀ ଆଦିତ୍ୟ, ଶିଶୁ କଳାକାର ''ନିତା'' (ପ୍ରଯୋଜକଙ୍କ ଭାଣିଜୀ ଇଂ ନିରଞ୍ଜନ ଦାସଙ୍କ ସାନଝିଅ) ଆହୁରି ଅନେକ ଜଣାଶୁଣା, ଅଭିନେତା ଅଭିନେତ୍ରୀ ବୃନ୍ଦ ଓ ସର୍ବ ଶେଷରେ ମଞ୍ଚ ନିର୍ଦ୍ଦେଶକ, ଅଭିନେତା ଇଂ ମୃଷା ପଟ୍ଟନାୟକ, ଏକ ''ମୁଖ୍ୟ ଚରିତ୍ର ଅଭିନେତାର'' ରୋଲ ଅପେକ୍ଷାରେ ।

ହିରୋ, ବ୍ରଜଗିରିକୁ ଯୁବକ ପ୍ରଯୋଜକ ଦୁଇଜଣ ଯାକ ଦେଖି ନଥିଲେ, କେବଳ ନା ଶୁଣିଥିଲେ, ଶୁଣିଥିଲେ ତାଙ୍କ କୃତିତ୍ୱ, ଦିଲ୍ଲୀ ଦୂରଦର୍ଶନର ଅଭିନେତା ଓ ନିର୍ଦ୍ଦେଶକ, ଶରତ ପୂଜାରୀ ମଧ ବ୍ରଜଗିରୀକୁ ଦେଖି ନଥିଲେ, ତାଙ୍କ ମନରେ ବହୁତ ଦୁଃଖ, କାରଣ ବହୁ ଚଳଚ୍ଚିତ୍ରରେ ହିରୋ(ନାୟକ) ଭୂମିକାରେ ରୋଲ କରି, ନାଁ, ନେଇ ସାରିଲାପରେ ବି, ଏ ଛବିରେ ସେ ହେବେ କୁଆଡ଼େ ଖଳନାୟକ । ଅନେକ ଦିନ ଏରୋଡ୍ରମରୁ ଫେରନ୍ତି ସମସ୍ତେ, ହେଲେ, ହିରୋ ବ୍ରଜଗିରୀକୁ ପାଆନ୍ତି ନାହିଁ । ଦିନେ ହଠାତ୍ ଏରୋପ୍ଲେନ୍‌ରୁ ଓହ୍ଲେଇ ପଡ଼ିଲେ ବ୍ରଜଗିରୀ, ଶାନ୍ତନୁ ବାବୁ ତାଙ୍କ ବେକରେ ଫୁଲମାଳ ଦେଲେ, ପରିଚୟ ପାଇଲାପରେ, ଦୁଇ ପ୍ରଯୋଜକଙ୍କୁ କରମର୍ଦ୍ଦନ କଲେ ବ୍ରଜଗିରୀ, ତାପରେ ବ୍ରଜଗିରୀ ଆସିଲେ ମୃଷାବାବୁଙ୍କ ପାଖକୁ, ନିର୍ଦ୍ଦେଶକ ପରିଚୟ କରାଇ ଦେଲେ ''ଏ ହେଉଛନ୍ତି, ଇଂ ମୃଷାବାବୁ ଦୁଇ ପ୍ରଯୋଜକଙ୍କ ବଡ଼ ଭିଣୋଇ ଓଡ଼ିଶାର ସୁନାମଧନ୍ୟ, ମଞ୍ଚ ଅଭିନେତା, ଆଉ ନିର୍ଦ୍ଦେଶକ, ଆଉ ପୂରା ଇୟୁନିଟ୍‌ର ଜାମାଇଁ ବାବୁ'' । କରମର୍ଦ୍ଦନ ଆଉ ଆଲିଙ୍ଗନ କଲେ ହିରୋ ବ୍ରଜଗିରୀ, ତାଙ୍କ ବିରାଟ ବକ୍ଷ ଭିତରେ ଲୁଚିଗଲେ ମୃଷାବାବୁ, ଦୂରକୁ ଡ଼ାକି ''ପ୍ରଥୁଲ ଓ ଧିରେନ୍‌କୁ'' କହିଲେ, ''ପଳାଇବା, ଟଙ୍କା ତ ବେଶି ଖର୍ଚ୍ଚ ହେଇନି, ଏହି ବ୍ରଜଗିରୀ ଯଦି ହିରୋ ହୁଅନ୍ତି ନା, କେହି ସିନେମା, ଦେଖିବେ ନାହିଁ ''। ଅନିନ୍ଦ୍ୟ ସୁନ୍ଦରୀ ହିରୋଇନ୍ ''ମିନତୀ'' ହିରୋକୁ ଦେଖି ନାକ ଟେକିଲେଣି, ଆଉ ଶରତ ପୂଜାରୀଙ୍କ ରାଗ କହି ହୁଏନା, ବହୁ ଫିଲ୍ମରେ ହିରୋ ହେଲାପରେ, ଏଠି ସେ ହେବେ ଭିଲିଆନ୍ ଆଉ ହିରୋ ହେବେ ବ୍ରଜଗିରୀ ତଥା କଥିତ ''ବାଘ ସିଂହ'' ।

ସମସ୍ତଙ୍କର ରାଗ, ରୁଷା, ମାନ, ଅଭିମାନକୁ ଦୂର କରିଦେଲେ ନିର୍ଦ୍ଦେଶକ ପ୍ରଫୁଲ୍ଲ ବାବୁ, ସଞ୍ଜବେଳେ ସମସ୍ତଙ୍କୁ ବସାଇ ଅରୁନ୍ଧତୀ କାହାଣୀ ମୂଳରୁ ଶେଷଯାଏ, କହିଗଲେ, ମିନତୀ ଦେବୀ ହେବେ, ମଧୁମତୀ ଆଉ ଅରୁନ୍ଧତୀ, ଡବଲ ରୋଲ୍‌ରେ ଅଭିନୟ କରିବେ, ସ୍ତ୍ରୀ ଆଉ ପ୍ରେମିକା, ସ୍ତ୍ରୀ ମଧୁମତୀ ମରିଯିବେ, ଶରତ ପୂଜାରୀ ବାବୁ ପ୍ରେମ

Digitized by srujanika@gmail.com

କରିବେ ଅରୁନ୍ଧତୀକୁ ତାଙ୍କୁ ଭିଲେନ୍ କୁହାଯାଇ ନପାରେ, ବଂର ସେ ଜଣେ ଆଦର୍ଶ ନାୟକ, ସାକ୍ରିଫାଇସିଙ୍ଗ୍ ହିରୋ, ତାଙ୍କ ମୁହଁରେ ମହମ୍ମଦ ରଫିଙ୍କ ମନଛୁଆଁ ସଂଗୀତ "ମହକ ନଥିବା ଫୁଲ ଯଦି ଫୁଟେ, ଏ ଦୁନିଆ ବଗିଚାରେ", "ତୁମକୁ ପାରୁନି ତ ଭୁଲି, ହାଃଏ ହାଃଏ",

କିନ୍ତୁ "ବ୍ରଜଗିରୀ" ନାମକୁ ମାତ୍ର ହିରୋ, ଆଶ୍ରମର ଛାତ୍ର ସିଏ, ଆଶ୍ରମ କନ୍ୟା, ଅରୁନ୍ଧତୀଙ୍କୁ ଭଲ ପାଆନ୍ତି । ଆଶ୍ରମର ଗୁରୁହେବେ, "ପ୍ରତିହାରୀ", ବ୍ରଜଗିରୀଙ୍କ ବିଧବା ମା ହେବେ, ଲକ୍ଷ୍ମୀ(କ) ସୁଜାତା, ଆନନ୍ଦ (ସେ ସେତେବେଳେ ଆନନ୍ଦ ନଥିଲେ) ପ୍ରଥମ ଥର ପାଇଁ ଚଳଚ୍ଚିତ୍ରରେ ଖେଳ କରିବେ; ଅରୁନ୍ଧତୀଙ୍କ ସାଙ୍ଗ ହିସାବରେ, ଧିରବିଶ୍ୱାଳ, ଇନ୍ଦ୍ରାଣୀ, ଇନ୍ଦ୍ର ହେବେ ଶରତ ମହାନ୍ତି ପତଳା, ଧଡ଼ିଆ କମେଡ଼ି, ଟୋ.କାଗା, (ଧିର ବିଶ୍ୱାଳଙ୍କ ସ୍ୱାମୀ) ଏମିତି ସମସ୍ତଙ୍କ ରୋଲ୍, ସମସ୍ତ ଅଭିନେତା ମାନଙ୍କର ରୋଲ୍ ବିଷୟରେ ଧାରଣା ଦେଇ ଦେଲେ ନିର୍ଦ୍ଦେଶକ, ଚୁପ୍ ହୋଇକରି ଶୁଣୁଥିଲେ ମୃଷାବାବୁ, ଚିତ୍କାର କରି କହିଲେ, "ବନ୍ଦ କରନ୍ତୁ ଏ ଆଲୋଚନା, ଏ ସିନେମା ହୋଇ ପାରିବ ନାହିଁ, ସମସ୍ତଙ୍କ ପାଇଁ ରୋଲ ଅଛି, ଦିର୍ଘ ତିନିମାସ ମୁଁ ଉଇକାଉଟ୍ ପେ ରେ ଛୁଟି ନେଇ ବସିଛି ମୋ ପାଇଁ ରୋଲ୍ ନାହିଁ" । ନିର୍ଦ୍ଦେଶକ ବାବୁ ହସି, ହସି କହିଲେ, ଦୁଃଖ କରନ୍ତୁନି ଜାମାଇଁ ବାବୁ, ଆପଣତ ଏ ଛବିରେ ସବୁ, ଅନେକ ସିନ୍‌ରେ ଅଭିନୟ କରୁଛନ୍ତି ହସ, କାନ୍ଦ, ନାଚ, ରାଗ, ଅଭିମାନ, ସବୁପ୍ରକାର ମୁକ ଅଭିନୟ, ମାତ୍ର ଗୋଟିଏ ସିନ୍‌ରେ ଆପଣ ବ୍ରଷ୍ଟ କରି, ଚିତ୍କାର ସହ ଡ଼ାଇଲଗ୍ କହିବେ, ଆପଣଙ୍କ ଅଭିନୟରେ ଦର୍ଶକ ବୃନ୍ଦଙ୍କ ଠାରୁ, ତାଳି ପାଇବେ, ନିଜ ପୁଅଠୁ ବଳି, ଯାହାକୁ ପାଳି, ପୋଷି ମିଣିଷ କରି ବଡ଼ କରିଛନ୍ତି, ସେହି ଶରତ ପୂଜାରୀ ମଦଖାଇ ଅନ୍ୟ ଝିଅକୁ ଆଣି ଘରେ ରଖି, ପ୍ରେମ କରି ଟଙ୍କା ଉଡ଼ାଇ ଥିବାର ଦେଖି, ବାଡ଼େଇ ଚାଲିବେ, ଗୋଟେ ନୁହେଁ ଦୁଇଟା ନୁହେଁ, ଅନେକ, ମାରି, ମାରି ହାଲିଆ ହୋଇଯାଇ କହିବେ, ମୁଁ ତୁମ ଘରର ଚାକର ନୁହେଁ, ମୁଁ ତୁମର କୁନି ବାପା ଲଛମନ୍ କାକା "ଆପଣଙ୍କର ମର୍ମସ୍ପର୍ଶୀ ଅଭିନୟ ଦେଖି ସମସ୍ତେ କହିବେ, ଆପଣ "ଜାଗତେ ରହ" ଛବିର ରାଜକାପୁର, ଛବିରେ ରାଜକାପୁର ମୂଳରୁ ଶେଷଯାଏ, ମୁକ ଅଭିନୟ କରିଥିଲେ, ଶେଷରେ ବ୍ରଷ୍ଟ କରି, ଅଭିନୟ କରିସାରି ଖପର ଘର ଉପରୁ ପଡ଼ିଗଲେ ବଗିଚା ଭିତରେ, ଠିକ୍ ସେତିକି ବେଳେ ନର୍ଗିସ୍ ତାଙ୍କ ମୁହଁରେ ପାଣିଦେଲେ । ମାତ୍ର ବଡ଼ ଦୁଃଖର କଥା, ଜାମାଇବାବୁ, ଅରୁନ୍ଧତୀ ଛବିରେ ଆପଣଙ୍କ ପାଇଁ ନିର୍ଗିସ୍ ନାହାଁନ୍ତି । ପାଟିକରି ଉଠିଲେ ମୃଷାବାବୁ, "ଅଛନ୍ତି, ଅଛନ୍ତି, କଲ୍ ପାଇଲେ ସାଙ୍ଗେ ସାଙ୍ଗେ ଦୌଡ଼ି ଆସିବେ, ଦୁଃଖ କରନ୍ତୁନି, ଲେଖକ ମହାଶୟଙ୍କୁ କହନ୍ତୁ ଦି ଧାଡ଼ି ଡ଼ାଇଲଗ ଲେଖି ଦିଅନ୍ତୁ, ମୋଫତ୍ ରୋଲ କରିବେ, ଆମ ଦୁଇ ପ୍ରଯୋଜକଙ୍କ ଭଉଣୀ ଶ୍ରୀମତୀ କାନ୍ତିଦେବୀ, ତାଙ୍କର ମହିଷା ମର୍ଦ୍ଦିନୀ

Digitized by srujanika@gmail.com

ଗୋଲଚେ ପ୍ରୀତ ହୋଇ ମୁଁ ତାଙ୍କୁ ବିବାହ କରିଥିଲି, ନିର୍ଗିସ୍ ଠାରୁ ଆହୁରି ବେଶି ସୁନ୍ଦରୀ'' ହସର ଲହଡ଼ି ଖେଳିଗଲା, କିଏ କେତେ ପ୍ରକାର ହସିଲେ, ମିନତିଦେବୀ ଆଉ ସୁଜାତା ହସି ହସି ବେଦମ ହୋଇ କୁଣ୍ଢାକୁଣ୍ଢି ହୋଇ ଠିଆ ହୋଇଗଲେ, ତାଙ୍କର ଯୁଗ୍ମ ଆଲିଙ୍ଗନ ଅତ୍ୟନ୍ତ ଚିତାକର୍ଷକ ହେଲା, ମନେହେଲା ସତେ ଯେମିତି, ଗଙ୍ଗା ଯମୁନାର ସଙ୍ଗମ ସ୍ଥଳ, ଆନନ୍ଦାଶ୍ରୁ ଦବାଇ ରଖି ପାରିଲେ ନାହିଁ ଦୁଇଦେବୀ, ଅଶ୍ରୁ ଦୁଇଧାର ହୋଇ ଗଙ୍ଗା ଯମୁନାର ଦୁଇଧାର ପରି ଗଡ଼ି ଆସିଲା, ଦୁଇ ତରୁଣ ପ୍ରଯୋଜକଙ୍କ ଆଗକୁ- ନୂଆ ତରୁଣ ହୋଇଥିବା ଦୁଇ ପ୍ରଯୋଜକ, ଜାଣି ପାରିଲେ ନାହିଁ କୋଉଟା, କାହା ଅଶ୍ରୁ- ଜାମାଇ ବାବୁ/ମୃଷା ପଟ୍ଟନାୟକ, ବଡ଼ ଦୁଃଖ କରି ଭଗବାନଙ୍କୁ ଡ଼ାକିଲେ, ''ହେ ଭଗବାନ ତମେ ଏତେ ନିର୍ଦ୍ଦୟ- ମାସେ କାଳ, ଘରୁ ଶ୍ରୀମତୀଙ୍କୁ ଏକୁଟିଆ ଛାଡ଼ି ଦେଇଆସି କଲିକତାରେ ବସିଛି, ମୋତେ ଟିକିଏ ସୁନ୍ଦରୀ ମାନଙ୍କର, ଅଶ୍ରୁର ବାସନା ସୁଂଘେଇଲ ନାହିଁ'' । ପୁଣି, ହସ, ହସ, ହସ, ହସ- ନିର୍ଦ୍ଦେଶକ ମହାଶୟ ପାଟିକରି କହିଲେ ଆଉ ଯଦି କେବେ ଓଡ଼ିଆ ଛବି ନିର୍ଦ୍ଦେଶନାରୁ ସୁଯୋଗ ପାଏ, ମୃଷାବାବୁ (ଜାମାଇଁ) ବାବୁଙ୍କୁ ମୁଖ୍ୟ ହାସ୍ୟ ଅଭିନେତା ରୂପେ କାଷ୍ଟିଙ୍ଗ୍ କରିବି- ହେଲେ ସେ ମହାତ୍ମା, ଆଉ ଚାନ୍ସ ପାଇବା ପୂର୍ବରୁ ଇହଧାମ ପରିତ୍ୟାଗ କଲେ- ନିର୍ଦ୍ଦେଶକ ମହାଶୟ ଏ ପ୍ରତିଶ୍ରୁତି ଦେଲାବେଳେ ଆଜିର ସୁନାମଧନ୍ୟ ହାସ୍ୟ ଅଭିନେତା/ଯାହାଙ୍କୁ ବାଦ ଦେଲେ ଛବି ହୋଇ ପାରେନା) ସେହି ଜୟୀରାମ ସାମଲ ସେବେ ଅର୍ଣ୍ଣପୂର୍ଣ୍ଣା(ବି) ଥିଏଟରସ୍‌ରେ ଗେଟ୍‌ରେ ଠିଆହୋଇ ଟିକେଟ୍ କାଟୁଥିବେ ବା ସିନ୍ ଟାଣୁଥିବେ, ମୃଷାବାବୁ ଏବେ ଭାବୁଛନ୍ତି କେବେ ଯଦି ପ୍ରଯୋଜକ ମହାଶୟ, ଓ ନିର୍ଦ୍ଦେଶକ ମହାଶୟ ସୁଯୋଗ ଦେବେ, ସୁନେଲି ପରଦା ଉପରେ ଶ୍ରେଷ୍ଠାଂଶେ । ପ୍ରଶାନ୍ତ ନନ୍ଦ, ବିଜୟ ମହାନ୍ତି, ଉତ୍ତମ ମହାନ୍ତି, ମହାଶ୍ୱେତା, ଅପରାଜିତା ଓ ଅନ୍ୟମାନେ ନହୋଇ ପ୍ରଥମେ ରହିବ ହାସ୍ୟ ଅଭିନେତା ମୃଷା ପଟ୍ଟନାୟକ ''ଚାର୍ଲି ଚେପ୍‌ଲିନ୍'' । ତାପରଦିନ ଠାରୁ ସୁଟିଂ ହେବାର ନିଷ୍ପତି ହେଲା ।

ତାପର ଦିନ, ମୃଷାବାବୁ ଧିରବାବୁଙ୍କୁ କହିଲେ, ଆଜ୍ଞା ଚାରିଅଢ଼େ ଲେଖା ହୋଇଛି ''ମାଲା ଇଜ୍ ଦେଆର୍, ମାଲା ଇଜ୍ ଦେଆର, ସାଇଲେନସ୍, ତା ମାନେ କଣ'' ?

ଧିରବାବୁ ବଡ଼ ଚାଲାକ୍, ଓ ପୁରୁଣାଲୋକ, କହିଲେ ''ତୁମେ ଆଉ ତୁମ ଇଉନିଟ୍‌ର ସମସ୍ତେ ମେଣ୍ଢା, ବୈଜୟିନ୍ତୀ ମାଲା, ବର୍ତ୍ତମାନ କଲିକତାରେ, ତପନ ସିହ୍ନାଙ୍କ ନିର୍ଦ୍ଦେଶିତ ବେଙ୍ଗଲି, ଛବି, ''ହାଟ ବଜାର''ରେ ରୋଲ୍ କରୁଛନ୍ତି, ଅଶୋକ କୁମାର ହିରୋ, ତାଙ୍କରି ପାଇଁ ଏ ନିରବତା ରକ୍ଷା କରିବା ବୋର୍ଡ଼'' ।

ମୃଷାବାବୁ ନର୍ଗିସ୍ ତଳକୁ ବୈଜୟନ୍ତି ମାଲାକୁ ବେଶି ଭଲ ପାଆନ୍ତି, ଦେଖିବାର ସୁଯୋଗ ପାଉ ନାହାଁନ୍ତି କେବେ, ଦିନେ ଦେଖିଲେ ତିନି ଚାରିଟା ବେଳେ ଷ୍ଟୁଡ଼ିଓ ପାଖ ବସିବାବେଳେ ଯୋଡ଼ିଏ ଅମ୍ବରା ମସଲିନରୀ ଶାଢୀ ...

Digitized by srujanika@gmail.com

ପାଉଂଚି ଲଗାଇ ଅପୂର୍ବ ଠାଣୀରେ ଗୁଣଗୁଣ ଗୀତ ଗାଇ ବୁଲୁଛି, ମୃଷାବାବୁ ପାଟି କରି ଉଠିଲେ ଆରେ ବୈଜୟନ୍ତୀ ମାଲାରେ, ବୈଜୟନ୍ତୀ ମାଳାରେ ଦୌଡ଼ି ଯାଇ ଡାକିଲେ, ଶରତ ବାବୁ, ବ୍ରଜବାବୁ ଧିରବାବୁଙ୍କୁ, ଆସନ୍ତୁ, ଦେଖିବେ, ବୈଜୟନ୍ତୀ ମାଲା, ସମସ୍ତେ ଆସିଲେ, କିନ୍ତୁ ଆଉ ବୈଜୟନ୍ତି ମାଲା ସେଠି ନଥାନ୍ତି, ସମସ୍ତେ କହିଲେ ମିଛୁଆ ଇଞ୍ଜିନିୟରଟା, ସଞ୍ଜବେଳକୁ ସୁଟିଙ୍ଗ୍ ଦେଖିବାକୁ ପରମିସନ୍ ମିଳିଗଲା, ଅଶୋକ କୁମାର, ଭାନୁ ବାନାର୍ଜୀ ବୈଜୟନ୍ତୀ ମାଲା, ତପନ ସିହ୍ନାଙ୍କ ସହ ପରିଚୟ ହେଲା, ମୃଷାପଟ୍ଟନାୟକ, ସଂଯୁକ୍ତା ଆଉ ମିନତୀ ଦେବୀଙ୍କର। ବୈଜୟନ୍ତୀ ମାଲା, ମିନତୀ ଦେବୀ ଓ ସଂଯୁକ୍ତା ପାଣିଗ୍ରାହୀଙ୍କୁ ଆଗରୁ ଜାଣିଥିଲେ, ଦେଖି ନଥିଲେ ।

ଅଶୋକ କୁମାର ବହୁତ ମଜାଳିଆ କଥା କହି ଚାଲିଥାନ୍ତି, ଟିକିଏ ଅପେକ୍ଷା କରନ୍ତୁ । ସୁଟିଙ୍ଗ୍ ଆରମ୍ଭ ହେଉ, ବୈଜୟନ୍ତୀ ମାଲା କେମିତି କାନ୍ଦିବେ, ପ୍ରଥମ ବେଙ୍ଗଲର ଛବି, ବେଙ୍ଗଲି ଡାଇଲକପାଟିରେ ପଶୁନି, ଆଉ ତପନ ସିହ୍ନା, ନିର୍ଦ୍ଦେଶକ ପାଖରେ, ନୋ, ଆଡ୍‌ଜଷ୍ଟମେଣ୍ଟ ।

ସୁଟିଙ୍ଗ୍ ଆରମ୍ଭ ହେଲା, ଅଶୋକ କୁମାରଙ୍କ ସ୍ତ୍ରୀ ମରିଯାଇଥାନ୍ତି, ବୈଜୟନ୍ତୀ ମାଲା, ତାଙ୍କର ଘରର ଚାକରାଣୀ, ତାଙ୍କ ସ୍ତ୍ରୀଙ୍କ ହାର ଚୋରି ହୋଇଥାଏ, ଅଶୋକ କୁମାର ଅନ୍ୟ ସମସ୍ତଙ୍କୁ ସନ୍ଦେହ କଲେ, ମାଲାଙ୍କୁ ନୁହେଁ, କାରଣ ସେ ତାଙ୍କୁ ଖୁବ୍ ଭଲ ପାଉଥିଲେ, ଦିନେ ବାଧ ହୋଇ କହିଲେ ''ତୁ, ଚୋରି କରିଛୁ'', ବୈଜୟନ୍ତୀମାଲା ! କାନ୍ଦି କାନ୍ଦି ଉତ୍ତର ଦେଲେ, ଥରେ ନୁହେଁ ଦଶ କୋଡିଏ ଥର କହିଲେ, ହେଲେ ତାଙ୍କ ଆଖିରୁ ଲୁହ ବାହାରିଲା ନାହିଁ, ତପନ ବାବୁଙ୍କର ଏକାଯିଦ୍ ଡାଇଲ୍‌କ ସହ କାନ୍ଦିବାକୁ ପଡ଼ିବ, କିନ୍ତୁ ମାଲାଦେବୀ ବ୍ୟସ୍ତହୋଇ କହିଲେ, ଆଖିରେ ଗ୍ଲିସେରିନ୍ ଲଗାଇଦେଲେ, ଚଳିଯିବନି, ସାର୍ ତପନ ବାବୁ ଗମ୍ଭୀର ସ୍ୱରରେ ପାଟିକଲେ, ଏ ତୁମ ବମ୍ବେ ଫିଲ୍ମ ନୁହେଁ, ଏ ହେଉଛି ବେଙ୍ଗଲି ଫିଲ୍ମ । ଗୟାର୍ଡ ହୋଇ, ଶେଷରେ ପ୍ରକୃତରେ କାନ୍ଦି ପକାଇଲେ ବୈଜୟନ୍ତୀମାଲା ଠିକ୍ ସେଥିକିବେଳକୁ ସଟ୍ ନିଆଗଲା ଚୋକ ଛୁଁ କର ବୋଲଛନ ବାବୁ, ଚୋରୀ ନାହିଁକି, କହୁ, କହୁ ତାଙ୍କ ଆଖିରୁ ଲୁହ ଗଡି ପଡିଲା, ତପନ ବାବୁ ଗୁଡ୍ ଗୁଡ୍ ଭେରି ଗୁଡ୍ ପାଟି କରି କହିଲେ, ପ୍ରକୃତରେ ତୁମେ ଚଳଚ୍ଚିତ୍ରରେ ସବୁଠାରୁ ବଡ ଅଭିନେତ୍ରୀ, ଅଶୋକ କୁମାର, ଚୁପ୍ ବସି ସବୁ ଦେଖୁଥିଲେ ''ହୁଁ'' ଟିଏ ମାରି କହିଲେ, ଗୋଟାଏ ଡାଇଲକକୁ ତିନିଘଣ୍ଟା ଲାଗିଲା, ଯୋରରେ ତାଳି ମାରିଲେ । ଅଶୋକ କୁମାରକୁ କୌଣସି ଛବିରେ, ଦ୍ୱିତୀୟ ଟେକ୍ ନେବାପାଇଁ, କୌଣସି ନିର୍ଦ୍ଦେଶକ ସାହସ କରନ୍ତି ନାହିଁ ।

ଆରମ୍ଭ ହେଲା ଅରୁନ୍ଧତୀ ସୁଟିଂ, ପ୍ରଥମ ସୁଟିଂ ଆରମ୍ଭ ହେଲା, ଜାମାଇବାବୁଙ୍କ ମୁହଁରୁ, ଡାଇଲକ୍ ଥିବାସିନ୍‌ଟା, ଘରରବୁଢ଼ା ଖାନ୍‌ଦାନୀ ଚାକର ହିସାବରେ ମେକପ୍ ହୋଇ (ଭାନୁବାନାର୍ଜୀଙ୍କ ମେ କପ୍ ପରି) ଟା, ଧରି ସିଡିରେ ଉଠୁଥାନ୍ତି ମୃଷାବାବୁ, ମଦଖାଇ ଝିଅକୁ

Digitized by srujanika@gmail.com

ଟାଣି, ଟାଣି ଟଙ୍କା ଫୋପାଡି ଚାଲିଥାନ୍ତି ଶରତପୁଜାରୀ, ଧକ୍କାରେ ଚା କପ୍ ପଡିଗଲା, ଆରମ୍ଭ ହେଲା, ଲଣ୍ଠନ ଜାଜା, ମୃଷା ପଟ୍ଟନାୟକଙ୍କ ଡାଇଲକ୍ ବିରାଟ ଏକ, ଡାଇଲକ୍ ଅଭିନୟ ସହ, ପୁରାପୁରି ମୁଖସ୍ଥ କରି ଦେଇଥାନ୍ତି ମୃଷାବାବୁ, ଗୋଟିଏ ସଟ୍‌ରେ ଓକେ ହେଲା, ପ୍ରଫୁଲ ବାବୁ ତେଇଁପଡି କୁଣ୍ଢାଇ ପକାଇଲେ, ମିନତୀ ଦେବୀ କହିଲେ "ମୁଁ ମୃଷା ବାବୁଙ୍କୁ ଜାଣେ ସେ ପୁରୁଣା ମୃଷା", ପ୍ରଫୁଲବାବୁ କହିଲେ ସେ ହେଉଛନ୍ତି ବମ୍ବେର "ବଳରାଜ୍ ସାହାନୀ" କ୍ୟାମେରାମ୍ୟାନ କହିଲେ ନା, ନା, ସେ ହେଉଛନ୍ତି ମାଡ୍ରାସର "ନନାପଲସ୍କର", ଆଉ ଖୋଦ୍ ଅଶୋକ କୁମାର କହିଲେ "ଗୋଟିଏ ସଟ୍‌ରେ ସିନ୍ ଓକେ ହେଇଥିବାରୁ, ସେ ହେଉଛନ୍ତି ଓଡିଶାର ଦ୍ୱିତୀୟ ଅଶୋକ କୁମାର", ମାତ୍ର ବୈଜୟନ୍ତୀ ମାଳା, ବସି ସବୁ ଦେଖୁଥିଲେ, କିଛି ନକହି, ଖାଲି ମୃଷାବାବୁଙ୍କୁ ଅନାଇ ହସିଦେଲେ, ସେଇ ହସଟିକକ ମୃଷାବାବୁଙ୍କ ପାଇଁ ଥିଲା ଯଥେଷ୍ଟ, ସେହି ହସଟିକକ ମୁଷାବାବୁଙ୍କୁ, କେତେ ଅନିଦ୍ରା ରଖିଛି ତାଙ୍କୁ ହିଁ ଜଣା, ଆଉ ତପନବାବୁ ଭାରତ ତଥା ପୃଥିବୀର ଶ୍ରେଷ୍ଠ ନିର୍ଦ୍ଦେଶକ, ମୂଳରୁ ଶେଷଯାଏ ସୁଟିଙ୍ଗ୍ ଦେଖୁଥିଲେ, ସେ କହିଲେ ନିରଞ୍ଜନବାବୁ ଧିରେନ୍ ବାବୁ ଙ୍କ ପ୍ରଥମ ଚଳଚ୍ଚିତ୍ର ଅରୁନ୍ଧତୀରେ ମୃଷାପଟ୍ଟନାୟକ ହେଲେ, ବେଙ୍ଗଲି, କାବୁଲିବାଲା ଛବିର ହିରୋ "**ଛବି ବିଶ୍ୱାସ**"।

ହିଞ୍ଜିତାର କଳାପ୍ରୀତି

ମୃଷାବାବୁ ଅରୁନ୍ଧତୀରେ ପ୍ରଥମ ଅଭିନୟ କରିବାର ସୁଯୋଗ ପାଇଥିବାରୁ ପ୍ରଯୋଜକ ନିରଞ୍ଜନ (ପୁଥୁଲ୍) ଆଉ ଧିରେନ୍‌କୁ ବହୁତ ଧନ୍ୟବାଦ ଦେଲେ । ଏହାପରେ, ପରେ କମଳବାବୁ ଏଗ୍ରିକଲ୍‌ଚର ଡିପାର୍ଟ ମେଣ୍ଟରେ ବହୁତ, ଡକୁମେଣ୍ଟାରି ଫିଲ୍ମ ତିଆରି କଲେ । ସବୁଥିରେ ମୁଖ୍ୟ ଚରିତ୍ରରେ ଅଭିନୟ କଲେ ମୃଷାବାବୁ । କମଳ ବାବୁ ଗାରିଆଡ଼େ, ବୁଲି କହିଲେ, ଅର୍ଣ୍ଣପୂର୍ଣ୍ଣା, ''ବି'' ଗ୍ରୁପ୍‌ର, ବାବି, ପିର ''ଜନତା''ର, ନିରଞ୍ଜନ, ନଟବର, ଭୋଳା, ''ଅର୍ଣ୍ଣପୂର୍ଣ୍ଣା'' (ଏ) ଗ୍ରୁପର ଦୁଃଖିରାମ, ବ୍ୟୋମକେଶ ଦୁର୍ଲ୍ଲଭସିଂହଙ୍କ ପରି ଏକାମ୍ର ଥିଏଟରସ୍‌ର ମୁଖ୍ୟ ହେଲେ ଇଂ ମୃଷା ପଟ୍ଟନାୟକ, ଲକ୍ଷ୍ମୀଧର, ପୂର୍ଣ୍ଣମହାପାତ୍ର, ଅସିମ୍ ଦାଦା, ଶରତ ମହାନ୍ତି ଓ ସୁବାସ କର ।

ବମ୍ବେରେ ସର୍ବ ଏସିଆ, ଏଗ୍ରିକଲ୍‌ଚର ଏଗ୍‌ଜିବିସେନ୍ ଚାଲିଥାଏ ଏକାମ୍ରଥିଏଟରସ୍ କୁ ବମ୍ବେରେ ଡ୍ରାମା କରିବାକୁ ପରମିସନ୍ ମିଳିଲା । ''ସଂଗ୍ରାମ'' ଷ୍ଟଗଲ ପର ଏକ୍‌ଜିଷ୍ଟାନ୍ସ, ସବୁ ଅଭିନେତା, ଅଭିନେତ୍ରୀ ଙ୍କ ସହ ସାଙ୍ଗରେ ଗଲେ, ପ୍ରଯୋଜକ କମଳବାବୁଙ୍କ ସ୍ତ୍ରୀ ଇଚ୍ଛାଅପା, ନିର୍ଦ୍ଦେଶକ ମୃଷା ପଟ୍ଟନାୟକଙ୍କ ସ୍ତ୍ରୀ କାନ୍ତିଲତା, ନଗେନ୍ ମହାନ୍ତିଙ୍କ ସ୍ତ୍ରୀ ମଞ୍ଜୁ, ଓ ରବି ଦାସଙ୍କ ସ୍ତ୍ରୀ ଅଞ୍ଜୁ । ବମ୍ବେରେ ମୃଷାବାବୁଙ୍କ ଭଣଜା ପ୍ରଫୁଲ ପଟ୍ଟନାୟକ ବଡ ବ୍ୟବସାୟୀ, ନିଜ୍‌କାର୍‌ରେ, ମାମୁଁ, ମାଇଁ, ମାଉସୀ ଝିଅ ଭଉଣୀ ମଞ୍ଜୁ, ଆଉ ଭିଣେଇ ନଗେନ୍‌କୁ ସମସ୍ତ ଦର୍ଶନୀୟ ଜାଗା ବୁଲାଇ ଦେଖାଇ ଦେଲେ ।

ପ୍ରଥମ ଦିନ ନାଟକ 'ସୋ' ପାଇଁ ନିମନ୍ତ୍ରିତ ହେଲେ, ବମ୍ବେର ଚଳଚ୍ଚିତ୍ର ଜଗତର, ଅଭିନେତା, ଅଭିନେତ୍ରୀ ପ୍ରଯୋଜକ, ନିର୍ଦ୍ଦେଶକ ବୃନ୍ଦ ଓ ବମ୍ବେରେ ଥିବା ସମସ୍ତ ଓଡିଆ ଅଫିସର ବୃନ୍ଦ । ଅଭିନୟ ଦେଖିବାକୁ ଆସିଥିଲେ, ବଲରାଜ ସାହାନୀ, ପୃଥ୍ୱୀରାଜକାପୁର, ନର୍ଗୀସ୍, ହେମାମାଳିନୀ, ଅଶୋକ କୁମାର, ରାଜେନ୍ଦ୍ର କୁମାର, ଜିତେନ୍ଦ୍ର, ବବିତା, ରମେଶ ଦେଓ ଏହିପରି ବହୁଅଭିନେତା ନର୍ଦ୍ଦେଶକ, ପ୍ରଯୋଜକ ।

''ସଂଗ୍ରାମ'' ନାଟକରେ, ନିଜେ ନିର୍ଦ୍ଦେଶକ ମୃଷା ପଟ୍ଟନାୟକ, ମୁଖ୍ୟ ଅଭିନେତା ''ସୁରେନ୍ଦ୍ର'' ରୋଲ୍‌ରେ ଅଭିନୟ କରୁଥିଲେ, ସୁରେନ୍ଦ୍ର ଜଣେ ଦୁଷ୍ଟକିରାଣି, ପରିସ୍ଥିତ ତାଡନାରେ ପଡି ଲାଞ୍ଚ ଖାଇ, ଶେଷରେ ରାଜ ଯକ୍ଷ୍ମାରେ ପ୍ରପିଡିତ ହେଲେ । ମୃଷାବାବୁଙ୍କର ରାଜଯକ୍ଷ୍ମା

Digitized by srujanika@gmail.com

ସିନ୍ ଅତ୍ୟନ୍ତ ମର୍ମସ୍ପର୍ଶୀ । କଥା କହୁ, କହୁ, କାଶି କାଶି ରକ୍ତ ବାନ୍ତି କରନ୍ତି, ଖଣ୍ଡ ଖଣ୍ଡ ରକ୍ତବି ଖସିପଡେ । ତାଙ୍କର ଅଭିନୟ ଦେଖି ପ୍ରେକ୍ଷାଳୟରୁ ଘନ ଘନ କରତାଳି ବୃଷ୍ଟିହେଲା, ସମସ୍ତେ ଆଶ୍ଚର୍ଯ୍ୟ ହୋଇ କହିଲେ, ଏ ଡ୍ରାମା, ସିନେମା ନୁହେଁ, ଅଭିନୟ ବଡ ଉଚ୍ଚକୋଟିର ଓ କଷ୍ଟ ସାଧ୍ୟ, ଡ୍ରାମା ସରିଲା, ବଲରାଜ ସାହାନୀ ବହୁତ ଧନ୍ୟବାଦ ଦେଲେ । ମୃଷାବାବୁ କହିଲେ, "ପଇଡ ଖଣ୍ଡ ଖଣ୍ଡ କାଟି, ରଙ୍ଗଦେଇ ବ୍ଲାଉଜ୍‌ର ଭିତରେ ପାଟିରେ ଏମିତି ରଖା ଯାଇଛି ଯେ, ରକ୍ତ ବାନ୍ତି କରିବା, ଆଉ ତଳେ ଖଣ୍ଡ ଖଣ୍ଡ କରି ରକ୍ତ ପଡିବାରେ କିଛି କଷ୍ଟ ହୁଏନି" । କମଳବାବୁଙ୍କ ଲେଖାକୁ ବହୁତ ତାରିଫ୍ କଲେ, ବଲରାଜ ସାହାନୀ, କହିଲେ "ବଳିଷ୍ଠ କଥାବସ୍ତୁ । ଏହି କଥା ବସ୍ତୁକୁ ନେଇ ସିନେମା କରନ୍ତୁ, ଛବି ବକ୍ସ ଅଫିସ୍ ହିଟ୍ ହେବ । ବହିର ନାଁକ ରଖନ୍ତୁ **"ଘର ବାହୁଡା"** ।

ଡ୍ରାମା ସରିଲାପରେ, ଗୋଟିଏ ଅତି ସୁନ୍ଦରିଆ, କୋଡିଏ ବାଇଶି ବର୍ଷର ଗୋରା ଟକଟକ "ଗୁଆ" ଟୋକା, ଜନ୍ ଆସି କରମର୍ଦ୍ଦନକରେ, ମୃଷାବାବୁଙ୍କ ଅଭିନୟରେ ସେ ହୋଇଯାଇଥାଏ ପାଗଳ, ଡ୍ରାମାସରିଲାପରେ, ରାତି ଦୁଇଟା, ଯାଏ ପାଖ ଛାଡେନି ସବୁ ବେଳେ, ଭଲ ଭଲ ଜିନିଷ ଆଣି, ଖାଇବାକୁ ଦିଏ, ସେ ପ୍ରତି ଦିନ ସେଇ ଡ୍ରାମା ଟିକୁ ଦେଖେ, ଏହାଭିତରେ ମୃଷାବାବୁଙ୍କର ଅତି ପ୍ରିୟ ସାଙ୍ଗହୋଇଯାଇ ଥାଏ । ସେ କହେ, ସେ ଜଣେ ଅଭିନେତା, ସେ ମୃଷାବାବୁଙ୍କୁ ଆଦୌଛାଡି ରହିପାରିବ ନାହିଁ, ଆହୁରି କହେ, ତାଙ୍କ ସହିତ ଭୁବନେଶ୍ୱର ଆସି ତାଙ୍କ ଥିଏଟରରେ ରୋଲ କରିବ, ମୃଷାବାବୁଙ୍କୁ ଆହୁରି ଖୁସି କରିବାକୁ କହେ, "ଗୁଆର" ଝିଅ ମାନେ ରମ୍ଭା, ମେନକା, ଉର୍ବଶୀଙ୍କ ଠାରୁ ଆହୁରି ସୁନ୍ଦରୀ, ଥରେ ତାଙ୍କ ନାଚ, ଗୀତ ଆପଣଙ୍କୁ ଦେଖାଇବି, ବେଶି ଖର୍ଚ୍ଚ ପଡିବନି ମାତ୍ର ଏକଶହ କି ଦୁଇଶହ ଭିତରେ । ମୃଷାବାବୁ ଖୁସି ହୋଇ କହନ୍ତି, "ଚଞ୍ଚଳ ବ୍ୟବସ୍ଥାକର, ଆମର ଚାଲିଯିବାର ବେଳ ହୋଇଗଲାଣି" । ପାପାବାବୁ ଆଉ ସୁଜାତା କହିଲେ ସେ ଯିବେନି, ବମ୍ବେରେ ହିନ୍ଦି ଫିଲ୍ମରେ ରୋଲ୍ କରିବେ, ସେ ଦୁଇ ଜଣଙ୍କୁ ଛାଡି ସମସ୍ତଙ୍କ ପାଇଁ ଟିକେଟ କଟାହେଲା, ଟ୍ରେନ ଛାଡିବ, ଦିନ ଏଗାରଟା ତିରିଶ ମିନିଟ୍‌ରେ, ସବୁଦିନ, କିଛିନା କିଛି ବାହାନାକରି ଗୁଆଟୋକାଜନ୍ ପୋଗ୍ରାମ ବାତିଲ କରୁଥାଏ, ଯେଉଁଦିନ ଭୁବନେଶ୍ୱର ଫେରିବା କଥା, ସେଦିନ ସକାଳ ସାତଟା ବେଳେ ଆସି କହିଲା "ସାର ସବୁ ରେଡି, ସେ ଏ ପାଖ ହୋଟେଲ୍‌ରେ ଅଛି" ମୃଷାବାବୁ ଆଦୌ ରାଜି ହେଲେନି, କହିଲେ "ଆମେ ଆଜି ଦିନ ଏଗାରଟା ବେଳେ ବମ୍ବେ ଛାଡୁଛୁ" ଜନ୍‌ବାବୁ, କାନ୍ଦ, କାନ୍ଦ ହୋଇ କହିଲେ, "ସାର୍ ଏତେ ଦିନର ମନଖୋଲା ପରିଚୟ, ସ୍ନେହ, ଶ୍ରଦ୍ଧା, ଆପଣ ମୋତେ ଭୁଲ ବୁଝୁଛନ୍ତି, ଯିବା, ଆସିବା, ଆଉ ସେଠିରହିବା, ସମୁଦାୟ ଦୁଇଘଣ୍ଟା ଲାଗିବ" । ମୃଷାବାବୁଙ୍କୁ ସେ ମନ୍ତ କରିଦେଲା,

Digitized by srujanika@gmail.com

ତାର ଅନୁରୋଧ ମୃଷାବାବୁ ଆଦୌ ଭାଙ୍ଗି ପାରିଲେ ନାହିଁ । ବାଧ୍ୟହୋଇ, ସେଭିଙ୍ଗ୍ ହୋଇ ସ୍ନୋପାଉଡର ଲଗାଇ, ଧୋତି ପଞ୍ଜାବି ପିନ୍ଧି, ବାହାରିଲେ ହୋଟେଲକୁ, ସାଙ୍ଗରେ ନେଲେ ମାତ୍ର ଏକ ଶହଟଙ୍କା ଆଉ କିଛି ଖୁଚୁରା ।

ହୋଟେଲର ଏଗାର ନମ୍ବର ମହଲାକୁ ଗଲେ ଉଭୟେ, ଏକ, ଅତି ମନୋରମ ରୁମ୍, ଭିତରେ ସବୁ କିଛି, ବଢ଼ିଆ ବେଡ ଗଦି, ଚଦର ତକିଆ, ସୁନ୍ଦର ମୋଜାଇକ୍ ରୁମ୍ ଟଏଲେଟ୍, ପଲଙ୍କରେ ଗଡିଗଲେ ମୃଷାବାବୁ, ତାଙ୍କ ସହିତ, ଜନ୍ ମଧ୍ୟ, କାଜୁ, ଫରେନ୍ ଡ୍ରିଙ୍କ, ଚିଲ୍ଲି, ଚିକିନ, ପକୋଡା ସବୁ ଆସିଲା, ସବୁ ସରିଗଲା, ତଥାପି ଝିଅର ଦେଖାନାହିଁ, ଜନ୍‌ବାବୁଙ୍କ ବ୍ୟବହାର ଆଉ, ଅଭିନୟ ମୃଷାବାବୁଙ୍କୁ ବଡ ଅଡୁଆରେ ପକାଉଥାଏ, ମୃଷାବାବୁ ବଡ ବ୍ୟସ୍ତ ହେଉଥାନ୍ତି, ଘଡିକୁ ବାରମ୍ବାର ଦେଖୁଥାଆନ୍ତି, ରାଗିକରି କବାଟ ପାଖକୁ ଆସି, ପଦାକୁ ଚାଲିଆସିବାକୁ ଚେଷ୍ଟାକଲେ, କବାଟ କିନ୍ତୁ ବାହାରୁ ବନ୍ଦ, ସବୁ ବୁଝିଗଲେ, ଜନ୍ ଗୁଆଗୋଜା ତାଙ୍କୁ ଠକାଇ, ବାଇଶି ମହଲା କୋଠାକୁ ଆଣିଛି, ପାଟିକଲେ, ଜନ୍ କହିଲା, ‘‘ବ୍ୟସ୍ତ ହୁଅନ୍ତୁ ନାହିଁ ମୁଁ ଶେଷ ଥରକ ପାଇଁ ପାଇଖାନା ଦେଇ ଯାଇଦେଖେ, କାହିଁ କି ତାର ଡେରି ହେଲା’’, ଟ୍ରେନ ଟାଇମ୍ ଦେଢ଼ ଘଣ୍ଟା ବାକି ଅଛି । ମୃଷାବାବୁ ପାଗଳ ହୋଇଗଲେ, କଣ କରିବେ କିଛି ବୁଝିପାରିଲେ ନାହିଁ, ଫୋନ୍ କଲେ, କେହି ଫୋନ୍ ଧରିଲେ ନାହିଁ । ତଳକୁ ଅନାଇଲେ ଦେଖିଲେ ତାଙ୍କ ରହିଥିବା କୋଠରୁ ସମସ୍ତେ ଟାକ୍ସିରେ ବସି ଷ୍ଟେସନକୁ ଯିବା ଆରମ୍ଭ କରିଦେଲେଣି, ଏଗାର ମହଲାରୁ ତଳକୁ ଡେଇଁପଡି ଆସିବାର ବାଟବି ନାହିଁ, ସେ ପଟେ କାନ୍ତୀଦେବୀ ମୁଣ୍ଡ ବାଡେଇ କାନ୍ଦୁଛନ୍ତି, ‘‘ଘଣ୍ଟାକ ଭିତରେ ଆସୁଛନ୍ତି କହି, ତିନି ଘଣ୍ଟା ହୋଇଗଲା ପାଖରେ ପଇସାଟିଏ ବି ନାହିଁ, ଟିକଟ ସବୁ ଆମ ପାଖରେ,’’ କମଳବାବୁ, ନଗେନ ବାବୁ, ଇନ୍ଦ୍ରା ଅପା, ସମସ୍ତେ କାନ୍ତିଦେବୀଙ୍କୁ ବୁଝାଉଥାନ୍ତି । କମଳବାବୁ କହୁଥାନ୍ତି ପାଗଳଟା କଣ କଲା, ବମ୍ବେ ସହର, କୁହୁକ ନଗରୀ, ଏଠି କେତେ ପ୍ରକାର ଗୁଣ୍ଡା, ଗ୍ୟାଙ୍ଗ୍ ଅଛନ୍ତି, ବିଦେଶକୁ ପଠାଇ ଗୋଡି ଖଟାଇବେ, ଅନ୍ଧ କରି ଭିକ ମଗାଇବେ । ଅଧଘଣ୍ଟା ପରେ ବାଥ୍‌ରୁମରୁ ବାହାରିଲା, ଅପସରାଟିଏ, ଅତି ସୁନ୍ଦର ବେଶରେ ସୁସଜ୍ଜିତ, ହିନ୍ଦିରେ କହିଲା, ମୁଁ ‘‘ଜାନୀ’’, ଜନ୍ ମୋର ଭାଇ, ଆମେ, ଜାଆଁଳା ଭାଇ, ଭଉଣୀ ମୁଁ ଭାଇଙ୍କଠାରୁ ସବୁ ଶୁଣିଛି, ଆପଣ ମୋତେ ବ୍ୟସ୍ତ ହୁଅନ୍ତୁ ନାହିଁ । ଆମେ ଠିକ୍ ସମୟରେ ଷ୍ଟେସନରେ ପହଞ୍ଚିବା, ଆଉ ଆମ କାମ ସରୁ, ଭାଇ ନ ଆସିଲେ ଦୁଃଖ ନାହିଁ, ଟ୍ରେନ୍ ଛାଡ଼ିବାକୁ ଆଉ ଘଣ୍ଟାଏ ବାକି ଅଛି , ମୃଷାବାବୁ କିଛି ଶୁଣିବା ଅବସ୍ଥାରେ ନଥିଲେ, ‘‘ଜାନୀ’’ର ସୌନ୍ଦର୍ଯ୍ୟ, ତାଙ୍କ ପାଖରେ ଅସହ୍ୟ ଥିଲା, ଅମର କୋଟ୍‌ରେ, ବାଇଶି ବର୍ଷ ବୟସରେ ଚାକିରି କରି, ଅତି ସୁନ୍ଦରୀ, ଝିଅଙ୍କ ପ୍ରଲୋଭନକୁ ଏଡ଼ାଇ, ଅକ୍ଷତ ଅବସ୍ଥାରେ ଚାଲି ଆସିଥିଲେ, ଏବେ ତ, ଦରବୁଢ଼ା, ଏ ପ୍ରଲୋଭନ ତାଙ୍କ ପାଇଁ ଅତି ତୁଚ୍ଛ । ହାତଯୋଡ଼ି କହିଲେ ‘‘ମୋତେ

Digitized by srujanika@gmail.com

କ୍ଷମା କର, ମୋ ଠିକଣା ରଖ, ଭୁବନେଶ୍ୱରରେ ମୋତେ ଦେଖା କରିବ, ରାତିକୁ ହଜାରେ, ବାରଶହ ଟଙ୍କା ରୋଜଗାର ବାଟ କରିଦେବି, ଦୟାକରି ମୋତେ ଛାଡ଼ିଦିଅ, ମୋ ଟ୍ରେନ୍ ଟାଇମ୍ ହୋଇ ଗଲାଣି'', ଜାନୀ ହସି, ହସି କହିଲା ଆପଣ ଆଦୌ ଦୁଃଖ କରନ୍ତୁ ନି, ମୁଁ ଜାଣେ ଆପଣଙ୍କ ପାଖରେ ମାତ୍ର ଏକଶହ ଟଙ୍କା, ମୁଁ ଅଯଥାରେ କାହାଠାରୁ ଟଙ୍କା ନିଏନି'' ଏତିକି କହି ମାଡ଼ି ବସିଲା ମୃଷାବାବୁଙ୍କ ପଲଙ୍କ ଉପରେ, ଚାରିଆଡ଼େ, ଚୁମା, ପରେ ଚୁମା ଦେଇ ଚାଲିଲା, ଆଉ ଅନୁରୋଧ କଲା ତାକୁ ଚୁମାଦେବାକୁ, ପାଞ୍ଚ ମିନିଟ୍ ପ୍ରେମର ଆଦାନ ପ୍ରଦାନ ପରେ କହିଲା, ''ବାସ ମୋ କାମ ସରିଲା, ମୋତେ ଥରେ ଚୁମା ଦେଲେ, ଦାମ୍ ତାଆର୍ ଏକ ଶହ ଟଙ୍କା, ଟ୍ରେନ୍ ଟାଇମ୍ ହୋଇ ଗଲାଣି, ଏଥର ଚାଲନ୍ତୁ, ଭାଇ ନଆସନ୍ତୁ'', ମୁଁ ଆପଣଙ୍କୁ ଟ୍ରେନ୍‌ରେ ବସାଇ ଆସିବି'' । ମୃଷାବାବୁ ''ଜାନୀ'' ହାତ ଧରି କହିଲେ ''ସତରେ ତୁମେ ମୋତେ ମୁକ୍ତି ଦେବ ଜାନୀ'', ଜାନୀ କହିଲା ''ବିଶ୍ୱାସ କରନ୍ତୁ, ଭାଇ, ଆପଣଙ୍କ ଅଭିନୟରେ ଖୁସିହୋଇ, ଆପଣଙ୍କୁ ଭଲ ପାଇ ବସିଥିଲେ, କିନ୍ତୁ ଆପଣଙ୍କ ପାଖରୁ କିଛି ଦୁର୍ବଳତା ନଦେଖିବାରୁ, ବାଧ୍ୟ ହୋଇ ମୋତେ ପଠାଇଲେ । ଜାନୀ, କଣ କଲା କେଜାଣି, ସାଙ୍ଗେ ସାଙ୍ଗେ କବାଟ ଫିଟିଗଲା, ଗାଡ଼ିରେ ବସି ଦୁଇଜଣ ଯାକ ଆସିଲେ ଷ୍ଟେସନ୍, ଗାଡ଼ି ନେଲା ତିରିଶ ଟଙ୍କା, ତାକୁ ଦେଲା ଜାନୀ, କହିଲା ଗାଡ଼ି ଭଡ଼ାଟା ମୁଁ ଦେଲି, ମୋ ବାବଦକୁ ନେଲି ମାତ୍ର ସତୁରି ଟଙ୍କା, କାରଣ କଣ ଜାଣନ୍ତି - ଆପଣଙ୍କର ରୋମାଣ୍ଟ ଭରା ଚିନ୍ତା, ମୋ ଜୀବନରେ ଏକ ନୂଆ ସିହରଣ ସୃଷ୍ଟିକଲା- ସେଥିପାଇଁ ତିରିଶ ଟଙ୍କା କନ୍‌ସେସନ୍ । ଟ୍ରେନ୍‌ରେ କାନ୍ଦିଦେବାଙ୍କୁ ସମସ୍ତେ ବୁଝାଉଥାନ୍ତି, ସମସ୍ତେ ଅନାଇଥାନ୍ତି ବାହାରକୁ, କମଳବାବୁ ଥାନାରେ ଖବର ଦେଇ ସାରିଲେଣି । ହଠାତ୍ ଦୌଡ଼ି ଦୌଡ଼ି ମୃଷାବାବୁ ପହଞ୍ଚିଲେ ପ୍ଲାଟ୍ ଫର୍ମ୍‌ରେ, ଟ୍ରେନ୍ ଛାଡ଼ିବା ଉପରେ, କମଳବାବୁ ନଗେନ୍ ବାବୁ, ପାଟିକଲେ, ସତ୍ତୁ, ଶଣ୍ଢୁରେ, ଦୌଡ଼ିଆସ, ନଗେନ ବାବୁ ଟେକି ନେଲେ, ଭିତରକୁ, ମୃଷାବାବୁ ପ୍ରାୟ ଚେତାଶୂନ୍ୟ, ନଗେନ ବାବୁ ମୁହଁରେ ପାଣି ଛାଟିଲେ, ଜାନୀ ହାତ ହଲାଇ କହୁଥାଏ "Good Bye, My dear Director, ମୁଁ ''ଜାନୀ'' ନୁହେଁ, ମୁଁ ''ଜନ'' ଆପଣଙ୍କର ଘୁଆ ସିକୁରିଟି ଟୋକା । କମଳବାବୁ ପଚାରିଲେ, ''ଏ ଅପସରାଟି, କିଏ ସତ୍ତୁ'', ମୃଷାବାବୁ କହିଲେ ମୋତେ କିଛି ପଚାରନ୍ତୁ ନାହିଁ, ସେ ପାରସ୍ୟ ଉପନ୍ୟାସର ଏକ ପ୍ରେମ କାହାଣୀର ନାୟିକା ଗୋଟାଏ ହିଞ୍ଜିଡ଼ା, ତଥାପି ତାଚେହେରାରେ ଖୁସିହୋଇ, ନଗେନ ବାବୁ ତାକୁ ଟେକି ଆଣୁଥିଲେ, ପାଟିକଲେ ମୃଷାବାବୁ, ଛାଡ଼ିଦିଅ ତାକୁ, ସେ ହିରୋଇନ୍ ନୁହେଁ ଗୋଟାଏ ମାଇଚିଆ, ହିଞ୍ଜିଡ଼ା, ପଛକୁ ଅନେଇ ଦେଖିଲେ ଯୋଇଁ ନଗେନ, ପଛରେ ଏଡ଼େ ଏଡେ ଆଖିକରି ଅନେଇଛି ତା' ସ୍ତ୍ରୀ ''ମଞ୍ଜୁ'' ।

Digitized by srujanika@gmail.com

ସିମେଣ୍ଟ ଗୋଦାମରେ ଚୋର'

ମୃଷାବାବୁଙ୍କର, ଦୟା ଓଏଷ୍ଟ କେନାଲରେ ବହୁତ କାମ, କେନ୍ଦାରଗୌରୀ ତଳେ ଗୋଟାଏ ଅଣ୍ଡରଟନେଲର କାମ, କୁମର ବେହେରା A Class ଠିକାଦାର କାମ କରୁଥାନ୍ତି, କାମ କୋଡ଼ିଏ ଲକ୍ଷ ଟଙ୍କା ଉପରେ କୁମର ବାବୁ, ବଡ଼ ମଜାଦାର ଲୋକ, ବହୁ ଦାମିକା ଧୋତି, ଫୁଲ ସାର୍ଟ ପିନ୍ଧନ୍ତି । ଧୋତି ସବୁବେଳେ ତଳେ ଲୋଟୁଥାଏ, ସବୁବେଳେ ମୁକ୍ତ ହସ୍ତ, ଯାହାକୁ ଦେଖନ୍ତି, ହାତଯୋଡ଼ି ନମସ୍କାର କରନ୍ତି, କାହାକୁ ହଜୁରୁତ, କାହାକୁ ସରକାର, କାହାକୁ ଠାକୁର, ପିଅନଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତ ତାଙ୍କର ପ୍ରିୟ, ତାଙ୍କର ବହୁତ ଖାନଦାନୀ, ବହୁ ପୁରୁଣା ଠିକାଦାର, ପଇସା ବହୁତ ରୋଜଗାର କରିଛନ୍ତି କିନ୍ତୁ ପାଖରେ ପିଇସାଟିଏ ନଥାଏ, ସବୁ ମଦ ଖାଇ ଉଡ଼ାଇ ଦିଅନ୍ତି, ସବୁବେଳେ ମଦ ଖାଇ, ଅଫିସରେ ଅକଣ୍ଟ୍ରୋଲରେ ବୁଲୁଥାଆନ୍ତି, ଦେବଦାସଙ୍କ ପରି ।

ଯେଉଁଦିନ, ମୃଷାବାବୁ କାମ ଉପରକୁ ଆସନ୍ତି, ତିନି ଚାରି ବସ୍ତା ସିମେଣ୍ଟ ରେଜ୍ଜାରେ କୁଆଡ଼େ ଯାଏ, ପଚାରିବାରୁ ଠିକାଦାର ବାବୁ ହସି ହସି କହନ୍ତି ''ଆପଣ ମାନଙ୍କ ସେବାରେ ସାର୍, ଆପଣ ଆସୁଛନ୍ତି, ସହକାରୀ ଯନ୍ତ୍ରୀ, ନିର୍ବାହି ଯନ୍ତ୍ରୀ ବେଳେ, ବେଳେ ବି ଆସୁଛନ୍ତି, ରୋଡ଼ ସାଇଡ୍ କାମ, ଅଧିକ୍ଷଣ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ଓ ମନ୍ତ୍ରୀଙ୍କର, ନଜର ଏ କାମଉପରେ ସବୁବେଳେ, ହଠାତ୍ ଯଦି କିଏ ଆସିଗଲେ, ତାଙ୍କୁ ତ ପୁଣି ଚାହା ଜଳଖିଆ ଦେଇ ଆପ୍ୟାୟିତ କରିବାକୁ ପଡ଼ିବ'' ?

ମୃଷାବାବୁ, ଆଶ୍ଚର୍ଯ୍ୟ ହୋଇ ଚିତ୍କାର କରି କହନ୍ତି ''ଆପଣ ବଡ଼ ଅଦ୍ଭୁତ୍ ଲୋକ ? ଆପଣ ସିମେଣ୍ଟ ବିକି, ଆମ୍ଭମାନଙ୍କୁ ଆପ୍ୟାୟିତ କରିବେ ? ଆମ୍ଭେ ଆପଣଙ୍କୁ କେବେ ଚାହା ଜଳଖିଆ, ମାଗୁନ୍ତୁ,'' ଦାନ୍ତଦେଖାଇ, ହାତଯୋଡି କୁମରବାବୁ କହନ୍ତି ''ଆପଣ ସିନା ମାଗୁ ନାହାଁନ୍ତି, ମୋରତ ପୁଣି ମାନ ଇଜ୍ଜତ୍ ଅଛି, କର୍ତ୍ତବ୍ୟ ଅଛି, ମୁଁ ଜଣେ ଏକ ନମ୍ବର ଠିକାଦାର, ଆପଣମାନଙ୍କୁ ଜଳପାନ ନଦେଇ, ଖାଲିବିଦା କରିବା କଣ ଠିକ୍ ହେବ ? ଜିନିଷ ମହଜୁଦ୍ ଥାଉ, କେତେବେଳେ ଦରକାର ପଡିପାରେ'' । ସହକାରୀ ଯନ୍ତ୍ରୀ ଧୂର୍ଜ୍ଜଟୀ ରଥ ସାହେବ, ସପ୍ତାହରେ, ତିନି, ଚାରିଥର ଆସନ୍ତି, ଚା ଜଳଖିଆ, ବେଳେବେଳେ ଖାଆନ୍ତି । କିନ୍ତୁ ସେ ଠିକାଦାରଙ୍କ ବ୍ୟବହାର, କାମରେ ଆଦୌଖୁସି ନଥାନ୍ତି । ସାହେବ ଗଲାପରେ, କୁମରବାବୁ, ଦେଖେଇ ଦେଖେଇ କହନ୍ତି ''ନୂଆ ଏସି.ଡି.ଓ ତ, ଟମ୍ପ ସାପପରି

Digitized by srujanika@gmail.com

ଫୁଁ ଫାଁ ହଉଛନ୍ତି, ପି.ଏଚ୍.ଡି ମୁଖ୍ୟଯନ୍ତ୍ରୀଙ୍କ ଜୋଇଁବୋଲି ବଡ ଗର୍ବ, ଜାଣିପାରୁ ନାହାଁନ୍ତି, ମୁଁ ଏଣେ, ବୁଢ଼ା ଅଜଗର ସାପ, ଆଁ କରି ବସିଛି, ପୁରା ଚେକି, ଗିଳିଦେବାର, ଅଭ୍ୟାସ ମୋର ଅଛି ।

ଦିନେ ସଞ୍ଜ ବେଳେ, ବହୁତ ଝଡତୋଫାନ୍ ଆସିଲା, ବର୍ଷା ଆରମ୍ଭ ହୋଇଗଲା, ମୃଷାବାବୁ ଭାବିଲେ ଏ ବର୍ଷା ସିମେଣ୍ଟ ଗୋଡାଉନ୍‌ର କିଛି ଅସୁବିଧା କରିବ ନାହିଁତ ? ଅବଶ୍ୟ ଅଧଘଣ୍ଟା ପରେ, ଝଡତୋଫାନ୍ ବର୍ଷାବି ବନ୍ଦ ହୋଇଗଲା, ରାତି ବାରଟାପରେ ଏସି.ଡି.ଓ, ଆସି ମୃଷାବାବୁଙ୍କୁ ନିଦରୁଉଠାଇ କହିଲେ "ଜାଣିଲେଣି, କୁମରବାବୁ ତାଙ୍କ ସିମେଣ୍ଟ ଗୋଡାଉନରୁ ଦୁଇଶ ବସ୍ତା ସିମେଣ୍ଟ ବିକ୍ରିକରି ଦେଇଛନ୍ତି, କାଲି ସକାଳୁ ସକାଳୁ ଷ୍ଟୋରଚେକ୍ କରି ଉପରକୁ ରିପୋର୍ଟ ଦେବା" । ମୃଷାବାବୁ କହିଲେ ଆପଣ ଜମାବ୍ୟସ୍ତ ହଅନ୍ତୁନି ସାର୍, ଯଦି ସିମେଣ୍ଟ ବିକ୍ରି କରିଥାଏ, ସବୁ ସେ ଫେରାଇବ, ସବୁ ନଫେରାଇବା ଯାଏ, ନୂଆ ସିମେଣ୍ଟ ଇସୁ କରିବା ନାହିଁ । ଏପରି ମନ୍ତବ୍ୟ ମୃଷାବାବୁଙ୍କ ଠାରୁ ଏସି.ଡି.ଓ କେବେ ଆଶା କରିନଥିଲେ । ମୃଷାବାବୁଙ୍କ ଦାୟିତ୍ୱରେ ବିନ୍ଦୁସାଗର ପଙ୍କ ଉଧାର କାମ ବି ଚାଲିଥାଏ, କାହାକୁ କିଛି ନକହି, ସେଠୁ ଛଅ, ସାତ ଜଣ ଖଲାସି ଆଣି ସକାଳୁ ରଥସାହେବ, ସିମେଣ୍ଟ ଗୋଡାଉନ୍ ଚେକ୍ କରିବାକୁ ଠିକାଦାର ସହିତ ଝଗଡା ଲଗାଇଛନ୍ତି । ମୃଷାବାବୁ ଏସ୍.ଡି.ଓ କୁ ବାଧାଦେଲେ, କହିଲେ, "ତାଙ୍କ ଗୋଡାଉନ୍ ରେ ପଶି, ସିମେଣ୍ଟ ଆମର ଚେକ୍ କରିବା ଉଚିତ୍ ନୁହେଁ, କମ୍‌ଥିଲେ, ତିନିଗୁଣ ରେଟରେ ଆମେ ବିଲ୍‌ରୁ କାଟିପାରିବା" । ରଥ ସାହେବ ରାଗି କହିଲେ, "ଆପଣତ ଠିକାଦାର ବାବୁଙ୍କର ପାର୍ଟନରପରି କଥାବାର୍ତ୍ତା, କରୁଛନ୍ତି" । ଏ କଥା ପଦକ ମୃଷାବାବୁଙ୍କୁ ବହୁତ ବାଧିଲା, ଉପର ଅଫିସର, କଥା ଶୁଣି କେବଳ ଚୁପ୍ ରହିଲେ, କିଛି କହିଲେ ନାହିଁ । ଗେଟ୍ ପାଖରେ ଠିକାଦାର ତାର ଲୋକମାନେ ଠେଙ୍ଗାଧରି ଠିଆହୋଇଛନ୍ତି, ଜବରଦସ୍ତି ଭିତରକୁ ପଶି ଗଲେ, ଏସ୍.ଡି.ଓ ସାହେବ । ବାହାରୁ ତାଲାପକାଇଦେଲେ ଠିକାଦାର, ଚିତ୍‌କାର କରି କହିଲେ, ଚୋର, ଚୋର, ମୋ, ସିମେଣ୍ଟ ଗୋଦାମରେ ଚୋର, ମୁଁ ଚାଲିଲି ପୋଲିସ୍ ଷ୍ଟେସନ । ଭିତରୁ ଏସି.ଡି.ଓ ପାଟି କରୁଥାନ୍ତି "ମୃଷାବାବୁ ଆପଣ ବସିଛନ୍ତି, ଠିକାଦର ମୋତେ ବାହାରୁ ତାଲାବନ୍ଦ କରିଦେଇଛି" ମୃଷାବାବୁ ଯେତେ ବୁଝାଇଲେବି ଠିକାଦାର ବାବୁ ବୁଝିବାକୁ ନାରାଜ । ବରଂ କହିଲେ "ଆପଣ ବେଶି ପାଟିକଲେ, ଆପଣଙ୍କୁ ବି ତାଲା ପକାଇଦେବି, ନିଜ ଲୋକଙ୍କୁ ନଖୋଲିବାର ନିର୍ଦ୍ଦେଶ ଦେଇ ଚାଲିଲେ, ବୀରଦର୍ପରେ ଥାନା ।

ଅବସ୍ଥା ଖରାପ ଆଡକୁ ଯାଉଛି ଦେଖି, ମୃଷାବାବୁ ଦୌଡିଲେ, ନିର୍ବାହି ଯନ୍ତ୍ରୀଙ୍କ ଘରକୁ । ତପନ ବୋଷ୍ ସାହେବ, ଘରକୁ ଆସିନଥାନ୍ତି । ତର ତର, କରି ଖଣ୍ଟେ ଖାଇଦେବାକୁ, ସାହେବଙ୍କ ଘର ଆଗରେ ଥିବା, ନିଜ ବସାକୁ ଗଲେ ।

Digitized by srujanika@gmail.com

ଏଣେ ଠିକାଦାର ବାବୁ ଥାନାକୁ ନଯାଇ, ଗଲେ ମାର୍କେଟ୍‌କୁ, ସେଠୁ ଗୋଟାଏ ମସ୍ତବଡ ଇଲିସି ମାଛ କିଣି, ପହଁଚିଗଲେ ନିର୍ବାହିଯନ୍ତ୍ରୀଙ୍କ ରେସିଡେନ୍ସରେ, ପାଟିକରି କହିଲେ "ଆପଣ ଙ୍କ ଏସିଡିଓ ସାହେବ ମୋ ସିମେଣ୍ଟ ଗୋଡାଉନ୍‌ରୁ ଦୁଇଶବସ୍ତା ସିମେଣ୍ଟ ଚୋରିକରି ନେଇ, ପୁଣି ଚୋରିକରି ବାକୁ ପଶିଥିଲେ, ମୁଁ ତାଙ୍କୁ ତାଲା ପକାଇ ଦେଇ ଆସିଛି, ଥାନାକୁ ନଯାଇ ଆପଣଙ୍କ ପାଖକୁ ଆସିଲି, ବାଟରୁ ବଡ଼ ଇଲିସି ମାଛଟିଏ ପାଇଲି, ଭାବିଲି, ମେମ୍ ସାହେବଙ୍କର ମାଛ ପ୍ରତି ବଡ ଶରଧା, ଆପଣସିନା ଠିକାଦାର ବାବୁଙ୍କଠାରୁ ଟଙ୍କା ଲାଞ୍ଚ ଖାଇବେନି, ମାଛ ଖାଇବାତ ଲାଞ୍ଚ ନୁହେଁ । "ବଡଯୋରରେ ରାଗି, ଘରଭିତରୁ ପଦାକୁ ବାହାରିଆସିଲେ ତପନ ବୋଷ ସାହେବ, ଗର୍ଜନ କରି କହିଲେ "ମୋତେ ଆଜି ଯାଏ, ଚିହ୍ନି ପାରିଲ ନାହିଁ ? ଉଠାଅ, ଉଠାଅ କହୁଛି ଏ ମାଛ, ନହେଲେ ତୁମକୁ ଥାନାରେ ଦେବି," । "ମୋତେ କଣ ଥାନାକୁ ନେବେ, ମୁଁ ଆପଣଙ୍କ ଏସିଡିଓଙ୍କୁ ଥାନା ପଠାଇ ଦେଲିଣି । ପାଟି ଶୁଣି ଦୌଡି ଆସିଲେ ମୃଷାବାବୁ, ଏତିକି ବେଳକୁ ଏସିଡିଓ ସାହେବବି, ଆସିଯାଇଥାନ୍ତି । ମୃଷାବାବୁଙ୍କୁ ବୋଷ ସାହେବ କହିଲେ, "ଆପଣ ଜଣେ ପୁରୁଣା ଲୋକ, ଏ ଛୋଟ କଥାଟା ମ୍ୟାନେଜ୍ ନକରି ମୋପାଖକୁ ଆସୁଛନ୍ତି" । ମୃଷାବାବୁ କହିଲେ, "ଆପଣ କହିଲେ, ମୁଁ ଶୁଣିଲି, ହେଲେ ଆମ ଉପଦେଶ କିଏ ରଖୁଛି, ଏ ଅତି ଛୋଟକଥା, ଅଧିକ୍ଷଣଯନ୍ତ୍ରୀ ମୁଖ୍ୟଯନ୍ତ୍ରୀ ଶୁଣିଲେ ହସିବେ, ମୁଁ ସବୁଠିକ୍ କରିଦେଉଛି । ଜବରଦସ୍ତି, ଏସିଡିଓଙ୍କ ଗୋଡତଳେ ପକାଇ, କୁମରବାବୁଙ୍କୁ କ୍ଷମାମଗାଇଲେ । ମାଛର କିଛି ଦୋଷ ନାହିଁ, ଟଟକା ଇଲିସି ମାଛ, ଚାଳିଶ ଟଙ୍କାଦେଇ ମାଛଟା ରଖନ୍ତୁ । ଠିକାଦାର ହାତରେ ଲେଖାଇଲେ, କାଲି ରାତିରେ ବର୍ଷାପବନକୁ ଆଶଙ୍କା କରି ମୁଁ ମୋ ସିମେଣ୍ଟ ଗୋଦାମରୁ ଦୁଇ ଶହ ବସ୍ତା ସିମେଣ୍ଟ ଅନ୍ୟ ଗୋଟାଏ ସୁବିଧା ଜାଗାକୁ ସିଫ୍ଟ କରିଥିଲି, ପବନ କମି ଯିବାରୁ ଆଉ ନେଲିନି, ମୋ ଅବସ୍ଥା ବୁଝିବାକୁ ଚେଷ୍ଟା ନକରି ଏସିଡିଓ ସାହେବ ମୋତେ ଚୋର ଭାବି, ମୋ ସିମେଣ୍ଟଗୋଦାମ ଚେକ୍ କଲେ ମୁଁ ଜଣେ "ଏ" କ୍ଲାସ୍ ଠିକାଦାର, ମୋର ତ ପୁଣି ମାନ୍ ସମ୍ମାନ ଅଛି । ମୁଁ ଭଲଭାବରେ ଜାଣେ, ମୋ ସିମେଣ୍ଟ କମ୍ ହେଲେ ତିନିଗୁଣ ରେଟ୍‌ରେ ମୋ ବିଲ୍‌ରୁ କଟିଯିବ" । ଏପରି ଲେଖାଦେଖି ସମସ୍ତେ ଖୁସି ହେଲେ, ଏତେ ବଡ ସମସ୍ୟାକୁ ଅତି ସରଳ ଭାବରେ ସମାଧାନ କରିଦେଲେ ବୋଲି ମୃଷାବାବୁଙ୍କ ବୁଦ୍ଧିକୁ ସମସ୍ତେ ପ୍ରଶଂସା କଲେ । ଅଦିନର ଝଡ ବନ୍ଦହେଲା । ରଥସାହେବ ମୁକ୍ତ ହେଲେ **"ସିମେଣ୍ଟ ଗୋଦାମରେ ଚୋର"** ଅପବାଦରୁ ।

●●●

Digitized by srujanika@gmail.com

ଦିଅ ଓ ନିଅ

ମୃଷାବାବୁଙ୍କୁ ଆର୍.ଇ.ଓ ଡେପୁଟେସନରେ ଆସିଲାପରେ, ତେଲଗା କ୍ୱାର୍ଟର ଛାଡିବାକୁ ପଡିଲା, ଶେଷରେ ବାଧ୍ୟହୋଇ କାନ୍ତିଲତା ଓ ରମାମଞ୍ଜରୀକୁ ଧରି ଦି ଭାଇ ରାମ, ଲକ୍ଷ୍ମଣ ପରି, ରାବଣ ରାଜ୍ୟରେ ଥିବା ଲକ୍ଷ୍ମୀସାଗର ପଞ୍ଚବଟୀରେ ବସତିସ୍ଥାପନ କଲେ । ଆର୍.ଇ.ଓ.ର ମେନ୍ ଷ୍ଟୋର ଚାର୍ଜରେ ଥାଆନ୍ତି ମୃଷାବାବୁ, ଭୁବନେଶ୍ୱରର ହେଡ କ୍ୱାର୍ଟର ସେକ୍ସନ୍, ସକାଳୁ ଜଳଖିଆଖାଇ ଦେଇ, ମିଲ ଅଫିସରେ, ଖାଇ, ଫେରନ୍ତି ରାତିନଅଟା ପରେ ଘରକୁ ।

ଦିନେ ତାଙ୍କ ଉପରେ ନଜର ପଡିଗଲା ମୁଖ୍ୟଯନ୍ତ୍ରୀ ମହାନ୍ତି ସାହେବଙ୍କର । ସେ କହିଲେ "ଏତେ ବଡ ପୁରୁଣା ଓଭରସିୟର, ଷ୍ଟୋରରେ ପଡିଛ, ଅପେକ୍ଷା କର, ଚାରିପାଞ୍ଚ ମାସ ଭିତରେ, ଭଲସେକ୍ସନ୍‌କୁ ପଠାଇଦେବି । ମୋର ଟିକିଏ ପରସନାଲ୍ କାମ ଅଛି । ତାକୁ ଶେଷ କରିଦିଅ, ତୁମ ସେକ୍ସନରେ ତ ଟି.ଏ ନଥିବ, ମୋ ପାଖରୁ ପଇସାନେଇ ପେଟ୍ରୋଲ ପକାଇ ମୋ ଫୁଲନଖରା ଫାର୍ମ ଯାଇ କାମ ଟିକିଏ ଦେଖ, ଇଲେକ୍ଟ୍ରି କାମ ବାକି ଅଛି । ପମ୍ପ ବି ବସିବ, ତୁମ ସଢୁଭାଇତ, ଇଲେକ୍ଟ୍ରିକାଲ ଅଧିକ୍ଷଣ ଯନ୍ତ୍ରୀ ତାଙ୍କ ପାଖରୁ ଭଲ ଠିକାଦାର ଆଣି, କାମକର, କାମ ଯେମିତି ଭଲ, ତ୍ରୁଟି ବିହୀନ ହୁଏ, ତାପରେ ତୁମକଥା ବୁଝାଯିବ" ।

ନିରଞ୍ଜନ ଦାସ, ବଡ ସଢୁଭାଇ, ଭାରିବଢ଼ିଆ ଲୋକ, ସମସ୍ତଙ୍କୁ ସାହାଯ୍ୟ କରିବା ତାଙ୍କ ମନୋବୃତ୍ତି । ତାଙ୍କୁ କହି ଭଇଠିକାଦାର କାମରେ ଲାଗାଇଲେ । ରେଟ୍‌ବି, ଅନ୍ୟମାନଙ୍କ ଅପେକ୍ଷା କମ୍ । କାମର, ବିଲ୍ ମୁତାବକ ସବୁ ପଇସାପତ୍ର ପାଇ ଯାଆନ୍ତି ଠିକାଦାର ବାବୁ ପ୍ରତି ସପ୍ତାହରେ । କାମ ଅଧା, ଅଧି ସରିଆସିବା ଉପରେ, ପ୍ରତି ଦୁଇ ଦିନରେ ଥରେ, ମୁଖ୍ୟ ଯନ୍ତ୍ରୀ ଆସନ୍ତି ଫାର୍ମକୁ, ମୃଷାବାବୁଙ୍କୁ ପ୍ରତିଦିନ କାମରେ ଉପସ୍ଥିତ ଦେଖି ବହୁତ ଖୁସି ହୁଅନ୍ତି । ହସି, ହସି କହନ୍ତି, ତୁମକଥା ବିଚାରକୁ ଆସୁଛି ।

ଏମିତି କେତେ ଦିନ ଚାଲିଗଲା, କାମ ପୁରାପୁରି ସରିଗଲା, ଠିକାଦାର ବାବୁ ତାଙ୍କର ସବୁ ବିଲ୍‌ବାବଦକୁ ପେମେଣ୍ଟ ପାଇଗଲେ, କେବଳ ପଦର ଷୋଳ ଶହଟଙ୍କା ଖୁଚୁରା ପାର୍ଟ ଦେଇଥିବା ବିଲ୍, ପେମେଣ୍ଟ ବାକିଥାଏ । ସେ, ପେମେଣ୍ଟ ପାଇଁ ମୃଷାବାବୁ ମୁଖ୍ୟଯନ୍ତ୍ରୀଙ୍କୁ ବାରମ୍ବାର କହିବା ସତ୍ତ୍ୱେବି, ସେ ପେମେଣ୍ଟ ଠିକାଦାର ପାଇନଥାଏ ।

Digitized by srujanika@gmail.com

ଦିନେ ମୁଖ୍ୟଯନ୍ତ୍ରୀ, ମୃଷାବାବୁଙ୍କୁ ଡାକି କହିଲେ, ମୁଁ ତୁମ ଉପରେ ବହୁତ ଖୁସି, ତୁମେ ମୋର ବହୁତ ଉପକାର କଲ, ତୁମକୁ ଗୋଟିଏ ଭଲ ସେକ୍‌ସନ୍‌କୁ ବଦଳି କରି ଦେଇଯିବି, ମୋର ବଦଳି ହେବାର ଅଛି, କାଲି ସକାଳେ ମୋତେ ମୋ, ବାସଭବନରେ ଦେଖାକର ।

ଏକଥା, ଶୁଣି ମୃଷାବାବୁଙ୍କ ଆନନ୍ଦ କହିଲେ ନସରେ, ଶ୍ରୀମତୀଙ୍କୁ ପାଖରେ ବସାଇ କହିଲେ "ସାହେବ ଆମର ଅତି ଭଲଲୋକ । ଜବାବ୍ ଠିକ୍, କହିଥିଲେ ତାଙ୍କଘର କାମ ସରିଲେ ଭଲ, ସେକ୍‌ସନକୁ ବଦଳି କରିଦେବେ, କାଲି ଅର୍ଡର ବାହାରୁଛି, ସେ ଏବେ ମୋର ଅତିପ୍ରିୟ ଲୋକ । ଶ୍ରୀମତୀ ଏକଥା ଶୁଣି ଖାଲି ହସିଲେ, ବିଭାଘରଠାରୁ ଶୁଣି ଆସିଛି ତୁମର ସମସ୍ତେ ପ୍ରିୟ, ମୁଁ ଏଣେ କାମ କରି କରି ମରୁଛି, ପିଲାମାନଙ୍କୁ ଭଲ ଗଣ୍ଡାଏ ଖାଇବାକୁ କି ଭଲ, ଜାମାପେଣ୍ଟ ମନଖୁସିରେ ଦେଇପାରୁନି" ।

ତାପରଦିନ ସକାଳ, ମୃଷାବାବୁ ପହଁଞ୍ଚିଲେ ବଡ ସାହେବଙ୍କ ବଙ୍ଗଳାରେ ଦେଖିଲେ ଷେନୋବାବୁବି ବସିଛନ୍ତି, ତାଙ୍କଠାରୁ ଶୁଣିଲେ ବଡ ସାହେବ ଜରୁରି ଚିଠି ଟାଇପ୍ ହେବାକୁ ତାଙ୍କୁ ଡକାଇଛନ୍ତି ଘରକୁ, ମୃଷାବାବୁ ସବୁ ବୁଝିଗଲେ, ତାଙ୍କରି ପାଇଁ ଷେନୋବାବୁଙ୍କୁ ଡାକରା, ପ୍ରକୃତରେ ବଡ ସାହେବ ବଡ ବଢ଼ିଆଲୋକ, କଥାଦେଇ କଥା ରଖନ୍ତି ।

କଫି ଦୁଇଜଣଙ୍କ ପାଇଁ ଭିତରୁ ଆସିଲା, କିଛି ସମୟପରେ ମୁଖ୍ୟଯନ୍ତ୍ରୀ ଆସି ଗୁଡମର୍ଣ୍ଣିଙ୍ଗ୍ କହି, ପୂର୍ବ ଦିନର ଡାକସବୁ ଦେଖିଗଲେ, ପାଖ ବେଞ୍ଚରେ ବସିଥାନ୍ତି, ମୃଷାବାବୁ ଆଉ ଷେନୋବାବୁ, କାଗଜ ଦେଖୁ ଦେଖୁ ବଡ ସାହେବ ହଠାତ୍ ଗମ୍ଭିର ହୋଇଉଠିଲେ, କାଗଜରେ ଆଖିରଖି ବାରମ୍ବାର, ରାଗି କରି ଅନାଉଥାନ୍ତି ମୃଷାବାବୁଙ୍କ ଆଡେ, କିଛି ସମୟ ପରେ ପାଟିକରି କହିଲେ "ଏ କଣ ? ଆକୁ କଣ ତୁମେ ଠିକାଦାରକୁ କହିପଠାଇଛ "? ମୃଷାବାବୁ କିଛି ବୁଝିପାରିଲେ ନାହିଁ, ନଇପଡି ଦେଖିଲେ, ଠିକାଦାର ବାବୁଙ୍କର ଚିଠି, ପନ୍ଦର ଶହଟଙ୍କା ସାତ ଦିନ ଭିତରେ ନପାଇଲେ, ସୁଧ ମୂଳ ସହ ଆଦାୟ କରିବ, ମୃଷାବାବୁ ଦୁଃଖରେ କହିଲେ, ସେ ଠିକାଦାରଟା ଭଲ ଲୋକ ନୁହେଁ ସାର, ମୋତେ ଧମକ ଦେଇଛି ଟଙ୍କା ନପାଇଲେ ମୋ ମଟର ସାଇକେଲ ଛଡାଇ ରଖିବ, ତା ଟଙ୍କାଟା ଦଇେଦେବା ଉଚିତ୍ ।

ହୁଁ, ସେଇଥିପାଇଁ ଧମକ ଚିଠି, ତା ପାଖରେ ବସି ଲେଖି ପଠାଇଛ ? ଠିକାଦାର ବାବୁଙ୍କୁ ଜିନିଷ ଆଉ ଲେବର ବାବଦକୁ ତିରିଶି, ଚାଳିଶି ହଜାର ଟଙ୍କା ଦିଆଗଲା, ଏଇ କେଇଟା ଟଙ୍କା ସେ ଛାଡ଼ି ଦେଇ ପାରିଲା ନାହିଁ ବା ଆପଣ ହାତରୁ ଦେଇ ପାରିଲେ ନାହିଁ

"ମୋତେ ବିଶ୍ୱାସ କରନ୍ତୁ ସାର୍, ଏ ବିଷୟରେ ମୁଁ କିଛି ଜାଣେନା ସେ ଠିକାଦାର ପନ୍ଦର ପରସେଣ୍ଟ ଲେସ୍‌ରେ କାମ କରିଛି, ଆଉ ମୋ ଅବସ୍ଥାତ ଆପଣ ଜାଣନ୍ତି"- "ଥାଉ ବନ୍ଦ କରନ୍ତୁ ଆଉ କୈଫତ୍ ଦେବା ଦରକାର ନାହିଁ, କେତେବର୍ଷେ

Digitized by srujanika@gmail.com

ସରକାରୀ ଚାକିରି କଲଣି ?'' କୋଡ଼ିଏ ବାଇଶି ବର୍ଷ ସାରୁ, ହୀରାକୁଦରେ ଥିଲେ, ଦୁଇଟା ପ୍ରମୋସନ ପାଇ, ନିର୍ବାହି ଯନ୍ତ୍ରୀ ହୋଇ ବସିଥାନ୍ତି, ଏବେ-ଏସ୍‌ଡ଼ିଓ ପ୍ରମୋସନକୁ ଅନାଇ, ଅନାଇ ବୁଢ଼ା ହେଲିଣି ।'' ''ସେମିତି ବୁଢ଼ାହୋଇ ଅବସର ନେବ, ଏସ୍.ଡ଼ି.ଓ ହୋଇ ପାରିବ ନାହିଁ, ତୁମେ ଗୋଟାଏ ଅପଦାର୍ଥ । ଏତେ ବର୍ଷ ଚାକିରି କଲ । ଚାକିରିର ନିୟମ ଜାଣିପାରିଲ ନାହିଁ । ପ୍ରମୋସନ ତ ଦୂରର କଥା, ତୁମେ ସେକ୍‌ସନ ଚଲାଇବାକୁ ଅନୁପଯୁକ୍ତ, କିଛି ପାଇବାକୁ ହେଲେ, କିଛି ଦେବାକୁ ପଡ଼େ, ବୁଝିଲ, Give and Take । ଦୟାକରି ଯାଆନ୍ତୁ ମୁଁ ତୁମକୁ ସେକ୍‌ସନ୍ ପଠାଇବା କଥା ଚିନ୍ତା କରି, ଭୁଲ କରିଛି, ଆଉ ଷେନୋବାବୁ, ଆପଣ କାହିଁକି ବସିଲେ, ଅଯଥା, ଆପଣଙ୍କ ସମୟ ନଷ୍ଟ କଲି ଯାଆନ୍ତୁ, ଘଣ୍ଟେ ଡ଼େରିରେ ଅଫିସକୁ ଆସିଲେ ଚଳିବ ।'' ରାଗି ଉଠିଚାଲିଗଲେ, ଘର ଭିତରକୁ । ବହୁଦୁଃଖରେ ଫେରିଲେ ମୃଷାବାବୁ, ଖାଲି ଭାବିଲେ, ପ୍ରଥମ ମୁଖ୍ୟଯନ୍ତ୍ରୀ ସି.ଏମ୍ ବାନେର୍ ବର୍ଷେ ଟ୍ରେନିଂକୁ ତିନି ମାସ କରି ଚାକିରି ଦେଲେ, ସେତ କିଛି ନେଇ ନଥିଲେ, ହୀରାକୁଦରେ ଭୁବନେଶ୍ୱର ବେହେରା ପ୍ରଥମ ଚାକିରି ଦେଲେ, ବିରାଟ କାମର ଦାୟିତ୍ୱ ଦେଲେ, ତାଙ୍କୁ ତ ମୃଷାବାବୁ କିଛି ଦେଇ ନଥିଲେ, ଆଉ ଡ଼େଲଟାରେ ବିଜୟ ରାମ ମିଶ୍ର, ଦିବାକର ମିଶ୍ର, ମୃଷାବାବୁଙ୍କୁ କୋଟୀ, କୋଟୀ ଟଙ୍କାର କାମ ଦେଇଥିଲେ, ସେତ କିଛି ନେଇ ନଥିଲେ, ହେଲେ ଏଠି, ଏ ହେଉଛି ଡ଼େପୁଟେସନ୍ ଚାକିରି, ନିଜ ଡ଼ିପାର୍ଟମେଣ୍ଟ ନୁହେଁ, ଏଠି କିଛି ପାଇବାକୁ ହେଲେ, କିଛି ଦେବାକୁ ହେବ । ଏତେ ଦିନ ଚାକିରିରେ ମୁଁ ଏତିକି ଶିଖି ପାରିଲି ନାହିଁ, ସତରେ ମୁଁ ଗୋଟାଏ ଅପଦାର୍ଥ । ଏଇଆ ଭାବି ଭାବି, ଘରକୁ ଫେରିଲେ ମୃଷାବାବୁ । ଶ୍ରୀମତୀ ହସି, ହସି ପଚାରିଲେ, ''କଣ ବେଡ଼ିଙ୍ଗ ପତ୍ର ବାନ୍ଧିବି । କେତେ କୋଟୀ ଟଙ୍କାର କାମ । କୋଉଠିକି ଯିବା'' ମୃଷାବାବୁ ଗମ୍ଭିର ହୋଇ ଖାଲି ଏତିକି କହିଲେ, ''କିଛି ତ ଦେଇନ, ପାଇବ କେମିତି, କିଛି ପାଇବାକୁ ହେଲେ, କିଛି ଦେବାକୁ ହୁଏ । Give and Take, ଏ ହେଉଛି ଚାକିରିର ନିୟମ, Give and Take, Give and Take. **''ଦିଅ ଓ ନିଅ''**

Digitized by srujanika@gmail.com

ମୂଷା ବାବୁଙ୍କ ବାଡ଼ି କାଣ୍ଡ

ସତକୁ, ସତ ମୁଖ୍ୟଯନ୍ତ୍ରୀଙ୍କର ବଦଳି ହୋଇଗଲା, ତାଙ୍କ ଚାର୍ଜରେ ରହିଲେ, ଅଧିକ୍ଷଣ ଯନ୍ତ୍ରୀ ପଟ୍ଟନାୟକ ସାହେବ, ବ୍ରହ୍ମପୁର ସାଇଡ଼ର ଲୋକ, ତାଙ୍କ ସହିତ ଆଗରୁ ଆଦୌ ପରିଚୟ ନଥାଏ ମୂଷାବାବୁଙ୍କର, ଦିନେ ସକାଳେ ନିର୍ବାହି ଯନ୍ତ୍ରୀ ଜାନକୀ ପତି (ଏବେକାର ମୁଖ୍ୟଯନ୍ତ୍ରୀ ଇନ୍ଦ୍ରାବତୀ) ମୂଷାବାବୁଙ୍କୁ କହିଲେ, ଅଧିକ୍ଷଣ ଯନ୍ତ୍ରୀ ଡ଼କାଇଛନ୍ତି, ତାଙ୍କୁ ତାଙ୍କ ରେସିଡ଼େନ୍‌ସରେ ଦେଖାକର । ଜାନକୀବାବୁ ଭିନ୍ନ କିସମର ଲୋକ, ମୁଣ୍ଡଳୀରେ ଦୁଇଜଣ ଯାକ ସେକ୍‌ସନ ଅଫିସର ଥିଲେ, ଶଳା, ସହକାରୀ ଯନ୍ତ୍ରୀ କୁମୁଦ ପଟ୍ଟନାୟକଙ୍କ ପାଖରେ, ଜାନକୀବାବୁ, ବଡ଼ ବୁଦ୍ଧିଆ, ସଚ୍ଚୋଟ୍ କାମିକା ଇଞ୍ଜିନିୟର, ସେ ଆଦୌ ଚାହାଁନ୍ତି ନାହିଁ ତାଙ୍କ ସେକ୍‌ସନ୍ ଅଫିସର, ବା ସହକାରୀ ଯନ୍ତ୍ରୀ ମୁଖ୍ୟଯନ୍ତ୍ରୀ ବା ଅଧିକ୍ଷଣ ଯନ୍ତ୍ରୀଙ୍କ ବସାକୁ ଯାଆନ୍ତୁ ।

ମୂଷାବାବୁ ପହଞ୍ଚିଗଲେ, ପଟ୍ଟନାୟକ ସାହେବଙ୍କ ଘରେ, ମା'ଙ୍କୁ ଡ଼ାକି ମୂଷାବାବୁଙ୍କ ସହ ପରିଚୟ କରିଦେଲେ, "ପଟ୍ଟନାୟକ ବାବୁଙ୍କୁ ପରା ଖୋଜୁଥିଲ," ମୂଷାବାବୁ ମାଙ୍କୁ ଭକ୍ତି ପୂର୍ଣ୍ଣ ନମସ୍କାର କଲେ । ମା, ଦେଖିବାକୁ ଗୋରା, ମୋଟା ଆଉ ଗେଡ଼ି, ସାହେବଙ୍କ ଠାରୁ ହାତେ ସାନ ହେବେ । ମୂଷାବାବୁଙ୍କୁ ହସ ଲାଗୁଥିଲେ ବି, ଦବେଇ ଦେଲେ, ଖାଲି ଭାବିଲେ "ଭଗବାନ ଯାହାପାଇଁ ଯାହାକୁ ଗଢ଼ିଛନ୍ତି" ।

ହସି, ହସି ମା କହିଲେ, ମୁଁ ଆପଣଙ୍କୁ କାହିଁକି ଖୋଜୁଥିଲି ଜାଣନ୍ତି, "ମୋର, ଓଭରସିୟର ଏସ୍.ଡ଼ି.ଓମାନଙ୍କୁ ଆଦୌ ବିଶ୍ୱାସ ନାହିଁ, ସମସ୍ତେ ପ୍ରାୟ ଠକ ମନବୃତ୍ତିର, ତାଙ୍କ ଦେଇ କିଛି ଜିନିଷ ମଗାଇଲେ, ଦାମତ ନିଶ୍ଚୟ ବେଶି, ପୁଣି ଖାଣ୍ଟି ମାଲ୍ ନୁହେଁ, ଭେଜାଲ୍ । ମୋର ପାଞ୍ଚକେଜି ଭଲ ଘିଅ ଦରକାର, ଫୁଲ ନଖରାଠୁ ଆଣି ଦିଅନ୍ତେନି । ବାବୁ ସବୁବେଳେ ଆପଣଙ୍କ କଥା କହି, ଦୁଃଖ କରନ୍ତି । ବହୁତ ଦିନ ହେଲା ଷ୍ଟୋରରେ ପଡ଼ିଛି, ଅଳ୍ପଦିନ ଭିତରେ ଗୋଟାଏ ଭଲ ଜାଗାକୁ ପଠାଇବା । "ମୂଷାବାବୁ କହିଲେ, "ମୋର ସାଙ୍ଗ ଫୁଲନଖରା, ଡ଼ାଇରିଫାର୍ମରେ ଅଫିସର, ତାଙ୍କ ଘର ଆମ କେନ୍ଦୁଝରରେ, ନିଶ୍ଚୟ ଖାଣ୍ଟି ଜିନିଷ ମିଳିବ ।

"ଟିକିଏ ଦୟାକରି ଆଣି ଦିଅନ୍ତୁତ, ଆଜି ସଞ୍ଜକୁ ଝିଅଜୋଇଁ ପ୍ଲେନ୍‌ରେ ଦିଲ୍ଲୀରୁ ପହଁଞ୍ଚୁଛନ୍ତି" । କାନ୍ତିଦେବୀଙ୍କ ପଛେ ପଛେ ଗୋଡ଼େଇଲେ ମୂଷାବାବୁ, କାନ୍ତିଦେବୀ

Digitized by srujanika@gmail.com

ଧରା ଦିଅନ୍ତିନି, ''ମୋ ଛୁଆଏ, ଦିନେ ପାଟିରେ ଘିଅ ଟିକିଏ ମାରି ପାରିଲେ ନାହିଁ, ତୁମେ ପାଞ୍ଚକେଜି ଘିଅ, ଆଣି ମେମ୍ ସାହେବଙ୍କୁ ଦେବ, ସେକଥା ହୋଇପାରିବ ନାହିଁ'' ।

ମୃଷାବାବୁ କହିଲେ, ବୁଝିଲୁ କାନ୍ତି, ଏତେଦିନ ସରକାରୀ ଚାକିରି କଲି, ଦିଅ, ଓ ନିଅ ନିୟମ ବୁଝିପାରିଲି ନାହିଁ, କିଛି ପାଇବାକୁ ହେଲେ, କିଛି ଦେବାକୁ ହୁଏ, ପନ୍ଦରଟାଦିନ ଅପେକ୍ଷାକର, ଆମଭାଗ୍ୟ ବଦଳିଯାଉଛି । କିଛି ନକହି ଦୁଇଶହ ପଚାଶ ଟଙ୍କା କାଢ଼ିଦେଲେ ଶ୍ରୀମତୀ । ଘିଅଆଣି ପାଞ୍ଚଟା ସୁଦ୍ଧା ପହଞ୍ଚାଇ ଦେଲେ ମୃଷାବାବୁ । ତାପର ଦିନ ସକାଳ ଚାରିଆଡ଼େ ରାଷ୍ଟ୍ର ହୋଇଗଲା, ମୃଷାବାବୁ ପ୍ରକୃତରେ ଗଉଡ଼ ପିଲା, ଘିଅ ଚିହ୍ନିବାରେ ପୋଖତ୍, ସାଙ୍ଗ ମାନେ ଥଟ୍ଟା କରି କହିଲେ ''କିଓ ଗଉଡ଼ବାବୁ, ଆମକୁ ଟିକେ ତମ ଘିଅ ଚଖାନ୍ତ ନାହିଁ''

ପାଞ୍ଚଦିନପରେ ପୁଣି ଡ଼କରା, ମୃଷାବାବୁ ଆସିଛନ୍ତି ଶୁଣି ମା ଭିତରୁ ଦୌଡ଼ି ଆସିଲେ, ଚା କପ୍‌ଟିଏ ହାତରେ ଧରି, ''କହନ୍ତୁ ନାହିଁ ପଟ୍ଟନାୟକବାବୁ, ଏତେ ଭୁଲା ମନଯେ, ସେଦିନ ଆପଣ ଦିଥର ଆସିଲେ, ଚା କପ୍‌ଟିଏ ବି ଯାଚି ପାରିଲି ନାହିଁ, ଏଇ ନିଅନ୍ତୁ, ଚା ଟିକିଏ ପିଇ ଦିଅନ୍ତୁ, ମୁଁ ଆପଣଙ୍କ ପାଇଁ ନିଜେ ହାତରେ ତିଆରି କରି ଆଣିଛି'' । ମୃଷାବାବୁ ପିଇଥାନ୍ତେ କିନ୍ତୁ ମନେ ପଡ଼ିଗଲା, ପରଘର ଚା, ପର ଘର ଜଳଖିଆ ଭଲ ହୋଇଥିବ ପ୍ରଶଂସା କଲେ, ଶ୍ରୀମତୀ ଚୁଗୁଲେଇ କରି କହିବେ ଯେ ପରହାଣ୍ଡି, ପର-(ଡ଼ାସ୍) ଯିଏ ଚାଖିଲେଣି, ତାଙ୍କୁ ଘର ଜିନିଷ ଭଲ ଲାଗିବ କେମିତି'' ?

ସେହି ଭୟରେ କହିଲେ, ଆଉ ମାଡ଼ମ୍, ମୁଁ ତ ଏଇମାତ୍ର ଚାହା ଖାଇକରି ଆସିଛି, ସକାଳୁ ଥରେ ସଞ୍ଜକୁ ଥରେ, ବେଶି ଖାଇଲେ ପେଟ ଗରମ ହେବ, ଆଇଁସିଆ ଦେହଟାତ ''ମା ହସି, ହସି କହିଲେ ନ ପିଅନ୍ତୁ । ମୁଁ ପିଇ ଦେଉଛି ମୋର ଦିନକୁ ସାତ ଆଠଥର ନହେଲେ, ମନବୋଧ ହୁଏନା'' । ହସି, ହସି ଗଡ଼ି ଗଲେ ମେମ୍ ସାହେବ୍ ମୃଷାବାବୁଙ୍କ ଉପରେ, ମୃଷାବାବୁ କିଛି ନବୁଝି, ହସି, ହସି ତାଳ ଦେଲେ । ସାହେବ ଚଷମା ଟେକି କହିଲେ ''ଆରେ ହସ ବନ୍ଦ କର, ପଟଳା ଲୋକ, ତଳେ ପଡ଼ିଯିବେ'' ।

କଣ କହିବି ପଟ୍ଟନାୟକ ବାବୁ, ''କେତେ ଶରଧାରେ ଆପଣ କେତେ, ବଢ଼ିଆ, ଘିଅ ଆଣିଦେଲେ, ହେଲେ, ମୋ ପେଟରେ କଣ ଟିକିଏ ପଡ଼ିଲା, ବଡ଼ ଝିଅ ନେଇଗଲା ତିନି କେଜି, ଆଉ ସାନଝିଅ ଦୁଇକେଜି, ମୋ ପାଇଁ ଚାମଚାଏ ବି ଘରେ ରଖିଲେ ନାହିଁ, ଆଉ ତିନି କେଜି ଘିଅଆଣି ଦିଅନ୍ତେ ନାହିଁ, ହେଇଟି (ସାହେବଙ୍କୁ ଅନାଇ) ମୁଁ ସତ କହୁଛି, ଏଥର, ମୃଷାବାବୁଙ୍କ ଘିଅ, ମୁଁ ନିଜେ ଖାଇବି, କେହି ବାଧା ଦେବନି, ଏଇ ନିଅ, ତୁମର ଜାରିକେନ୍‌ଗା, ରହିଯାଇଛି, ଏକାଥରେ ଫେରାଇବି'' ।

ଜାରିକେନ୍ ଧରି ପୁଣି କାନ୍ତିଦେବୀଙ୍କ ପଛରେ ନଙ୍ଗ ନଙ୍ଗ ହେଲେ ମୃଷାବାବୁ, କାନ୍ତିଦେବୀ ହସି, ହସି କହିଲେ, ''ଆଜିପୁଣି କେତେ ଟଙ୍କା'', ''ମାତ୍ର ଶହେ ପଚାଶ ଟଙ୍କା, ଥୋପତ ପଡ଼ିଛି, ଦେଖାଯାଉ, କେତେ କେଜିଆ ଭାକୁନ୍ଦ ପଡୁଛି'' । ପୁଣି ସଞ୍ଜକୁ

Digitized by srujanika@gmail.com

ତିନିକେଜି ଘିଅ ଧରି ପହଁଞ୍ଚିଗଲେ ମୃଷାବାବୁ । ବାବୁ, ମା ବସି, ହସ ଖୁସି, ହେଉଥିଲେ । ଘିଅ ଆସିବା ଦେଖି, ଘିଅଟିକିଏ ନାକରେ ମାରି, ଡ଼େଇଁ ଉଠିଲେ ମେମ୍ ସାହେବ୍ (ମେମ୍ ସାହେବ ହସି, ହସି ଡ଼େଇଁ ପଡ଼ିଲେ କୁଜି ମାଇ ଭାଲୁ ପରି ଦିଶନ୍ତି) କହିଲେ ଆରଥର ଅପେକ୍ଷା ଏଥର ଆହୁରି ଭଲ, ବେଶି ବହଳିଆ, ଆପଣ ମିଛ ମଣିବେ ପଟ୍ଟନାୟକବାବୁ, ଏମିତି ଘିଅରେ ଯଦି କାକଡ଼ ଭଜା ଯାଆନ୍ତା, ମୁଁ ପାଞ୍ଚକେଜି କାକଡ଼ ଠିଆ ଠିଆ ଖାଇଦିଅନ୍ତି । ବଜାରରେ କାକଡ଼ ପଡ଼ିବଣି, ମୋ ପାଇଁ ପାଞ୍ଚକେଜି କାକଡ଼ ଆଣି ଦିଅନ୍ତୁ ନି, ସବୁ ପଇସା ଏକାଥରେ ନେବ । ହେଇଟି, ତୁମରତ ଭୁଲାମନ, କଣ ହେଲା ପଟ୍ଟନାୟକ ସାହେବଙ୍କର ସେକ୍ସନ୍ ଯିବାକଥା, ସାହେବ କହିଲେ ''ମୁଁ କଣ ବୁଝିପାରୁନି, ଅଡ଼ର ହୋଇଛି, ଏଇ ଦୁଇ ତିନି ଦିନ ଭିତରେ ବାହରିବା କଥା, ହେଲେ ସେ ରଥବାବୁ ପି.ଏ କଣ କହୁଛି ଜାଣ, ଏମିତି ଅର୍ଡ଼ର କାଳେ ମୁଖ୍ୟମନ୍ତ୍ରୀ କରିବେ, କିହୋ ମୁଁ ମୁଖ୍ୟମନ୍ତ୍ରୀଙ୍କ ଚାର୍ଜରେ, ତାଙ୍କ ଜଏନିଙ୍ଗ ଯଦି ଡ଼େରି ହେଲା, କାମ କଣ ହେଉନି, ନା ଅଟକି ଯାଉଛି ?

ରାତିରେ ସ୍ୱପ୍ନ ଦେଖିଲେ ମୃଷାବାବୁ, ଅର୍ଡ଼ର ବାହାରିଛି, ଭଲ ସେକସନ୍ କୋଟି କୋଟି ଟଙ୍କାର କାମ, ଅଣ୍ଟାରେ ହାତ ଦେଇ ଡ଼ାକିଲେ 'ଜନାର୍ଦ୍ଦନ, ଜନାର୍ଦ୍ଦନ, ''ଯା ଚାଲିଯା, ଯା ଚାଲିଯା ପଞ୍ଚବଟୀ, ମାକୁ କହିବୁ ତାଙ୍କ ଦୁଃଖ ଚାଲିଗଲା'' ।

ଘରୁ ଉଠି ଆସି ଶ୍ରୀମତୀ ବାବୁଙ୍କୁ ହଲାଇ ଦେଲେ, ''କଣ ସ୍ୱପ୍ନ ଦେଖୁଛ, ? ଜନାର୍ଦ୍ଦନ ଜନାର୍ଦ୍ଦନ ଚିଲାଉଛ କାହିଁକି ? ଆଠଟା ହେଲାଣି, ଉଠ'' । ''କଣ କହିଲ, ଆଠଟା ହେଲାଣି, ସରିଗଲା, ସବୁ ଉଚ୍ଛନ୍ନ ହୋଇଗଲା, କାକଡ଼ ତ ସରିଯିବଣି, ପାଞ୍ଚକେଜି ଟଟକା, ବଡ଼ ବଡ଼ କାକଡ଼ ମାଙ୍କର ଦରକାର, ଏକା ଏକା ପାଞ୍ଚକେଜି କାକଡ଼ ଭଜା ଖାଇଦେବେ, ବେଟ୍ ମାରିଛନ୍ତି, ସେ ଖାଇବେ, ମୁଁ ବସି ଦେଖିବି, ଦେଲ ଦେଲ ଶହେଟା ଟଙ୍କା । ମୁଣ୍ଡରେ ହାତ ଦେଇ ବସିଗଲେ ଶ୍ରୀମତୀ, ପାଞ୍ଚକେଜି କାକଡ଼ ତୁମେ ମେମ୍ ସାହେବଙ୍କୁ ନେଇ ଦେବ, ସେଦିନ ଠୁକୁରି ମା, ମାଉସି କହୁଥିଲେ, ବଜାରରେ କାକଡ଼ ପଡ଼ିଲାଣି, କେଜି କୁଆଡ଼େ କୋଡ଼ିଏ ଟଙ୍କା, ମୁଁ କୋଉଦିନୁ ଭାବୁଛି, ଅଢ଼େଇଶ କାକଡ଼ ଆଣି, ପିଲାଙ୍କ ପାତିରେ ଟିକିଏ ଦିଅନ୍ତି, ତୁମେ କହୁଛ, ପାଞ୍ଚକେଜି କାକଡ଼ ଆଣି ମେମ୍ ସାହେବଙ୍କୁ ଦେବ, ଏତେ ଖାଇଲାବାଲା ସେ, ଖବର ଦାର କହି ଦେଉଛି, ମୋ ପାଖରେ ଟଙ୍କା ନାହିଁ, ମୋତେ ମାଗନି'' ।

ଆହେ, ଟଙ୍କା କଣ ପାଖରେ ଥାଏ, ତୁମ ଟ୍ରେଜେରୀ, ତୁମର ଧରମ ଭାଇ, ଠୁକୁରୀ, କୃଷ୍ଣଚନ୍ଦ୍ର ନାୟକ - ଲକ୍ଷ୍ମୀସାଗରର, ବିରାଟ ତେଜରାତି ଦୋକାନୀ, ଆଜ୍ଞାଧୀନ ସାନଭାଇ, ତାକୁ ମାଗୁନ, ଠନ ଠନ୍ ଶହେଟଙ୍କା ଫୋପାଡ଼ି ଦେବ'' ।

''ନା, ନା ସେକଥା ହେଇ ପାରିବନି, ତାର, ପାଞ୍ଚ ଛଅ ହଜାର ଉପରେ ଧାର ହେଲାଣି, କେତେ ଛଞ୍ଚାଳ ଟାମୁଣ୍ଡ ଉପରେ, ସେ ବ୍ୟବସାୟ କରିବ ନା, ତୁମକୁ ଖାଲି ଧାର୍ ଦେଉଥିବ'' ।

Digitized by srujanika@gmail.com

ସତ କହୁଛି କାନ୍ତି, ଆଜି ତତେ, ଦଶଟା ସୁଙ୍ଗା, ଘିଅ, କାଙ୍କଡ଼ ପଇସା ସବୁ ହିସାବ କରିଦେଇ ଦେବି, ଆଉ କାଲି, ଅର୍ଡ଼ର ବାହାରିବ, ନୂଆ ସେକ୍‌ସନ ହିପ୍ ହିପ୍ ହୁରେ । ଦେଲୁ ଦେଲୁ ମୋ ସୂନାଟା ପରା ଦେଲୁ, (କାନିରୁ କାଢ଼ି ଫିଙ୍ଗିଦେଲେ ଶହେଟକିଆ ନୋଟ ଟିଏ) ନିଅ, ନିଅ, ଯାହା କରୁଛ କର, ବଡ଼ ଝିଅ ମେଘି, ଘର ଧରିଲାଣି, କୋଉଦିନରୁ ଲଗାଇଛି ଶାଢ଼ି ପିନ୍ଧିବ, ଭାବିଥିଲି, ଫେରିବାଲା ଠାରୁ ଖଣ୍ଡେ ଶାଢ଼ି କିଣିଦେବି, ସେ ନପିନ୍ଧୁ, ତୁମର ରାକ୍ଷାସୁଣୀ ମେମ୍ ସାହେବ କାଙ୍କଡ଼ ଖାଆନ୍ତୁ । ବଡ଼ିଆ ନୂଆ ବ୍ୟାଗ୍‌ଟାରେ, ପାଞ୍ଚକେଜି ବଡ଼ ବଡ଼ ରୁଅଥିବା କାଙ୍କଡ଼ ପୁରାଇ, ପହଁଞ୍ଚିଗଲେ ମେମ୍ ସାହେବଙ୍କ ଘରେ, ସାହେବ ପାଟି କଲେ, "ଆସିଗଲା, ତୁମର କାଙ୍କଡ଼ ଆସିଗଲା, ମେମ୍ ସାହେବ, ଆସି ଡ୍ରାଲିଦେଲେ ତଳେ । ଏ, ମା, କେଡ଼େ କେଡ଼େ ହୋଇଛି, ହେଇଟି ଦେଖିଲଣି (ମୂଷାବାବୁ) ପଟ୍ଟନାୟକଙ୍କ ବାଡ଼ିରେ କେଡ଼େ କେଡ଼େ କାଙ୍କଡ଼ ଫଳିଛି, ପୁରା ହାମୁଡ଼େଇ ପଡ଼ିଲେ କାଙ୍କଡ଼ ଉପରେ, ସତରେ ଆପଣଙ୍କ ବାଡ଼ି କାଙ୍କଡ଼ ଏକ୍‌ଜିବିସନ୍‌ରେ ଫାଷ୍ଟ ହେବା ଯୋଗ୍ୟ, ସମସ୍ତଙ୍କ ହାତରେ ହେବନି, ଧନ୍ୟ ଆପଣଙ୍କ ଶ୍ରୀମତୀ, ଧନ୍ୟ ତାଙ୍କର ହାତ, ସେ ନିଶ୍ଚୟ ପୁରସ୍କୃତ ହେବେ, "ସବୁ କାଙ୍କଡ଼ ବ୍ୟାଗରେ ପୁରାଇ, ନେଇଗଲେ ଘର ଭିତରକୁ, ବ୍ୟାଗ୍ ଫେରିଲା ନାହିଁ, ବହୁ କଷ୍ଟରେ ପିଅନକୁ ପଛବାଟୁ ଡ଼ାକି ବ୍ୟାଗ୍ ଆଣି ଭାବିଲେ ମୂଷାବାବୁ, ବାଡ଼ି କାଙ୍କଡ଼, ସାହେବଙ୍କ ଠାରୁ ପଇସା ଆଣିବା, ପାପ, ଅନ୍ୟାୟ, ବ୍ୟାଗ୍‌ଟା ମିଳିଛି, ଘର ପୋଡ଼ିରୁ କୁଟା ଖଣ୍ଡିଏ, ସେଇ ଯଥେଷ୍ଟ ।

ପୁଜା ନକରି ଶ୍ରୀମତୀ ଅନାଇ ବସିଥାନ୍ତି, ବାବୁଙ୍କ ହାତରୁ ବ୍ୟାଗ୍‌ଟା ନେଇ, ଦୁଇ, ତିନି ଥର ହଲାଇ ଦେଲେ, ମୂଷାବାବୁ ହସି, ହସି କହିଲେ କଣ ଖୋଜୁଛ, ଟଙ୍କା ? ଶ୍ରୀମତୀ କହିଲେ, ନା, ଭାବୁଥିଲି, କାଳେ ଦୁଇତିନିଟା ବ୍ୟାଗ୍ କଣରେ କାଙ୍କଡ଼ ପଡ଼ିଥିବ, ଦେଇ, ମୋର ସବୁ ପଇସା ହିସାବ କରିଦେଇ ।

ଫେଁ କିନା, ହସି ଉଠିଲେ ମୂଷାବାବୁ ଆହେ, କି ପଇସା ମାଗୁଛ, କି ପଇସା । ତୁମ ବାଡ଼ି କାଙ୍କଡ଼, ତୁମ ହାତ ତିଆରି କାଙ୍କଡ଼, ସାହେବଙ୍କୁ ଦେଇ, ପୁଣି ପଇସା ମାଗିବି, ନାକ ମାଡ଼ିବ ନାହିଁ, ତୁମେ ଫାଷ୍ଟ ହେବ, ତୁମେ ବାଡ଼ିରେ ଫଳେଇଥିବା କାଙ୍କଡ଼ ଏକ୍‌ଜିବ୍‌ସନ୍‌କୁ ଯିବ, ତୁମକୁ ହଜାର, ହଜାର ଟଙ୍କା ପ୍ରାଇଜ୍ ମିଳିବ ।

ମୁଣ୍ଡଟାକୁ, ଢ଼ୋ କରି ବାଡ଼େଇ ଦେଇ ଶ୍ରୀମତୀ କହିଲେ "ହଇଏ ତୁମେ ଏଡ଼େ ବୋକା, ତିନି ଚାରିଟା, ପକେଟ୍‌ରେ ଲୁଚାଇ ଆଣି ପାରିଲ ନାହିଁ, ମୋ ପିଲାଏ ଟିକିଏ ପାଟିରେ ଦେଇଥାନ୍ତେ ।"

ଦୁଃଖ କରନା ପ୍ରିୟେ, ପୁଣି ଫଳିବ, ପିଲେ ଖାଇବେ, ଏତ ଆଉ ବଜାର କିଣା କାଙ୍କଡ଼ ନୁହେଁ, ଏ ହେଉଛି **"ମୂଷା ବାବୁଙ୍କ ବାଡ଼ି କାଙ୍କଡ଼"** ।

Digitized by srujanika@gmail.com

ରଘୁନାଥଙ୍କ ପାଦ ତଳେ ମୂଷା

ମୁଖ୍ୟଯନ୍ତ୍ରୀ ମମତାଜ ଅଲ୍ଲୀ

ଅଧିକ୍ଷଣ ଯନ୍ତ୍ରୀ ପ୍ରଶାନ୍ତ ପାତ୍ର

ଶ୍ରୀମତୀ ପଠାଇଥିବା ମିଲ୍, ଦିନ ଗୋଟାଏ ବେଳେ ଅଫିସ୍‌ରେ ବସି ଖାଉଥାନ୍ତି ମୂଷାବାବୁ, ରୁମ ଭିତରକୁ ପସି ଆସିଲେ ନିର୍ବାହି ଯନ୍ତ୍ରୀ ଜାନକୀ ପତି । "ଶୁଣିଲଣି ବଡ଼ ଭାଇ, ଆପଣଙ୍କର ନିଜ ଲୋକ **"ମମତାଜ ଅଲ୍ଲୀ"** ଆଜି ଆର୍.ଇ.ଓର ମୁଖ୍ୟଯନ୍ତ୍ରୀ ରୂପେ ଦାୟିତ୍ୱ ନେଲେ । ଏଥରତ ଆପଣ ଆମ୍ଭମାନଙ୍କୁ ନଚାଇବେ । ଆଜି ସନ୍ଧ୍ୟାରେ ରିସିପ୍‌ସନ ଭୋଜି ଆପଣଙ୍କୁ ମୁଖ୍ୟଯନ୍ତ୍ରୀଙ୍କ ପିଏ ରଥ ସାହେବ, ଫୋନ୍‌ରେ ଖୋଜୁଥିଲେ, ଆପଣ କିଛି ମନୋରଞ୍ଜନ କାର୍ଯ୍ୟକ୍ରମ ସନ୍ଧ୍ୟାକୁ କରିବେ ।

"ମମତାଜ ଅଲ୍ଲୀ" ମୁଖ୍ୟଯନ୍ତ୍ରୀ, କାଲିପରି ମନେହୁଏ, ଦନ୍ତା, ଢିଲା ଆକୁଇଡ଼କ , ବର୍‌ଗଡ଼ରେ ଦୁଇ ଜଣଯାକ ସୁପରଭାଇଜର, ଅଲ୍ଲୀସାହେବ, ଅତି ଅମାୟିକ ଲୋକ, ମନରେ, ଗର୍ବ, ଅହଂକାର ଟିକିଏ ହେଲେ ନାହିଁ, ଗ୍ରାଜୁଏଟ୍ ଇଂଜିନିୟର ବୋଲି, ଡ଼ିପ୍‌ଲୋମା ବାଲାଙ୍କୁ ଘୃଣାଭାବ ବି ନାହିଁ, ପାଠ ପଢ଼ାରେ ମାତ୍ର ଗୋଟିଏ ବର୍ଷ ଅଧିକ ହୋଇଥିଲେ ହେଁ, ସେ ବର୍ତ୍ତମାନ ମୁଖ୍ୟଯନ୍ତ୍ରୀ, ଆଉ ମୂଷାବାବୁ ସେହି ଓଭରସିୟର, ପରସ୍ପରକୁ ବହୁତ ଭଲ ପାଆନ୍ତି, ଗୋଟିଏ ଖଟରେ ଶୋଇ, ଗୋଟାଏ ଥାଳିରେ ଖାଆନ୍ତି, ଅତି ନିବୁଡ଼ ତାଙ୍କର ପ୍ରେମ ।

Digitized by srujanika@gmail.com

ରବିନ୍ଦ୍ର ମଣ୍ଡପରେ ଯେତେ ନାଟକ ହୁଏ ମୃଷାବାବୁଙ୍କ ନିର୍ଦ୍ଦେଶନାରେ, ସବୁ ଦେଖିବାକୁ ଆସନ୍ତି ସେ, ଭଲାବେଳକୁ କହି ଯାଆନ୍ତି, ବଢ଼ିଆ ହୋଇଛି ନାଟକ, ନିର୍ଦ୍ଦେଶନା, ବି, ବେଷ୍ଟ ।

ମୃଷା ପଟ୍ଟନାୟକ ନିର୍ଦ୍ଦେଶିତ, କମଳ ଲୋଚନ ମହାନ୍ତିଙ୍କ ରଚିତ ନାଟକ "ରାମ ରହିମ୍" ରବିନ୍ଦ୍ର ମଣ୍ଡପରେ ଇନାଗୁରେଟ୍ କରିଥିଲେ, ମମତାଜ ଅଲ୍ଲୀ । ନାଟକ ଆରମ୍ଭ ରାଉରକେଲ୍ଲାର ଗୁଜବ ଉପରେ, ହିନ୍ଦୁ, ମୁସଲମାନ୍ ରାଏଟ୍, ନିଜେ ମୃଷାବାବୁ ବନ୍ହିର ହିରୋ, ହିନ୍ଦୁ ଇଞ୍ଜିନିୟର କମଳେଶ ଆଉ ମୁସଲମାନ ଇଞ୍ଜିନିୟର ଅଜିଦ୍ (ପ୍ରଣବ ଦାସ, ଆଜିର ସୁନାମ ଧନ୍ୟ ଚଳଚ୍ଚିତ୍ର ନିର୍ଦ୍ଦେଶକ) ତାଙ୍କ ବେଗମ୍ ମିହୁରନିଶା , ସୁଜାତା· ଆନନ୍ଦ । ଦୁଇପରିବାର ଭିତରେ ଏତେ ଆନ୍ତରିକତା ଥିଲା ଯେ, ପରସ୍ପର ପରସ୍ପରକୁ ଭାଇବୋଲି ଭାବୁଥିଲେ, ଉଭୟଙ୍କ ଘରେ ଗୁରୁବାର ଓଷା, ଓ ଇଦ୍ ପର୍ବ ପାଳନ ହୁଏ, ରାଏଟ୍‌ରେ ଅଜିଦ୍, ମିହୁର୍ ନିଶା ମରିଗଲେ, ଛାଡ଼ିଗଲେ ତାଙ୍କ ପୁଅ ରହିମ୍‌କୁ କମଳେଶ ବାବୁଙ୍କ ଘରେ । କମଳେଶ୍ ରାମ୍ ଆଉ ରହିମ୍‌କୁ ନିଜପୁଅ ପରି ବଢ଼ାଇଲେ, ଶେଷରେ, ଉଭୟେ, ଭଲ ପାଇଲେ, ଜଣେ ଖ୍ରୀଷ୍ଟିଆନ୍ ଝିଅକୁ । ରାମ ରହିମ ସିନେମାରେ, ସେ, ଝିଅ ଥିଲା ଅପରାଜିତା ଆଉ ତାଙ୍କ ବାପା ରୋଲ କରିଥିଲେ, ଏବେକାର F.D.C ର M. D ବଟକୃଷ୍ଣ ତ୍ରିପାଠୀ ! ଏହିପରି ଏକ ଆବେଗପୂର୍ଣ୍ଣ ସମସ୍ୟାନେଇ ରାମ ରହିମ୍‌ର ସୃଷ୍ଟି ! ଛୋଟ, ରାମ୍ ରହିମ ହୋଇଥିଲେ, ଦିପକ ଆଉ ବୁଲୁ, ମୃଷାବାବୁଙ୍କ ପୁଅ ଆଉ କମଳ ବାବୁଙ୍କ ପୁଅ, ବଡ଼ ରାମ ରହିମ୍ (ଶରତ ମହାନ୍ତି, କିଶୋର ପଟ୍ଟନାୟକ, ବିଶ୍ୱମ୍ଭର ଦାଶ) ଶରତ ମହାନ୍ତି ଏବେ, ଦୁରଦର୍ଶନର ନାମ କରା ପ୍ରଯୋଜକ, ବିଶ୍ୱମ୍ଭର ଦାଶ ବହୁ ଚଳଚ୍ଚିତ୍ର ସହ ନିର୍ଦ୍ଦେଶକ । ସେଦିନ ନାଟକ ଦେଖି, ମମତାଜ ଅଲ୍ଲୀ ଦୁଃଖ କରି କହିଲେ, "ଆଗରୁ ଜାଣି ଥିଲେ, ସେ ଅଜିଦ୍ ରୋଲଟି, କରିଥାନ୍ତେ, ଅଛ ସିନ୍‌ଥିଲା", ମୃଷାବାବୁ ସେଦିନ କହିଥିଲେ "ଆପଣ ନିଶ୍ଚୟ ଖୁବ ଭଲ କରିଥାନ୍ତେ, ଆଉ ଯୋଡ଼ି ବି ବେଶ୍ ସାଜିଥାନ୍ତା (ସୁନ୍ଦରୀ ଷୋଡ଼ଶୀ ସୁଜାତାକୁ, ମମତାଜ ଅଲ୍ଲୀ)"

ସେହି ମମତାଜ ଅଲ୍ଲୀ, ଆଜି ଆର.ଇ.ଓର ମୁଖ୍ୟମନ୍ତ୍ରୀ, ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ କରି ଖୁସି କରାଇବେ ତାଙ୍କୁ, ବନ୍ଧୁ ଇଂ ମୃଷା ପଟ୍ଟନାୟକ ।

ସଭାକାମ ସରିଲା, ଇଂଜିନିୟରିଙ୍ଗ୍ ଆସୋସିଏସନ୍ ପେଣ୍ଡାଲରେ, ଓଡ଼ିଶାର ମନ୍ତ୍ରୀମାନଙ୍କର ଗହଳି, ପତି ବାବୁ, ଆବାହକ ହିସାବରେ, ଆନାଉନ୍ସ କଲେ ବର୍ତ୍ତମାନ ଆପଣ ମାନେ ଦେଖିବେ ଇଂ ମୃଷା ପଟ୍ଟନାୟକଙ୍କର ଏକକ ଅଭିନୟ "ବିଡ଼ିର କରାମତୀ" ବୁଢ଼ା ବେଶହୋଇ ପଶି ଆସିଲେ ଇଂ ମୃଷା ପଟ୍ଟନାୟକ, ହାତରେ ବିଡ଼ି କଟାଏ ଧରି, ବୀର ଦର୍ପରେ ବିଡ଼ି ଟାଣି ଟାଣି । ବିଡ଼ି ଟଣା ଚାଲିଛି (ମୁଣ୍ଡରେ ଟାଉଏଲ୍ ପକାଇଦେଇ ହୋଇଗଲେ

Digitized by srujanika@gmail.com

ଶ୍ରୀମତୀ) "ହଇହେ, ଏତେ ବେହିଆ ତୁମେ, ତୁମକୁ ଏତେ କରି ମନାକଲି, ବୁଢ଼ା ହେଲଣି, ସବୁବେଳେ ବିଡ଼ିଗୁଡ଼ା ଟାଣନି", ମୁଣ୍ଡରୁ ଟାଉଏଲ୍ ଆସିଗଲା, କାଛକୁ, ଫେଁ, ଫେଁ କରି ହସି କହିଲେ "ତୁମେ ବିଡ଼ିକୁ ନିନ୍ଦା କରୁଛ ରସବତୀ, ଏହେଉଛି କଳିଯୁଗର ଅମୃତ, ଆଗ, ପଛ ରସ, ଯେଉଁଆଡୁ ଟାଣିବ, ସେଇଆଡୁ ରସ, ଏକଦା ଏହି ରସର ସ୍ୱାଦ ଚାଖିବା ପାଇଁ ଯୁଧିଷ୍ଠିର ମହାପ୍ରଭୁ, ତାଙ୍କ ପ୍ରିୟତମା ପତ୍ନୀ ଦ୍ରୌପଦୀଙ୍କୁ ସାଙ୍ଗରେ ଧରି, ଗହନ ଜଙ୍ଗଲରେ ବିଡ଼ି ଟାଣୁଥିଲେ, ବିଡ଼ିଟଣା ହେଉ ଥାଏ, ଆଦି ରସ, ଶୃଙ୍ଗାର ରସର ଉତ୍‌ଥାନ ପତନ ହେଉଥାଏ, ଠିକ୍ ଏତିକି ବେଳେ ଖଡ଼ା ମାରିଲା ମୋ, ସାଆନ୍ତ ବାପାଙ୍କୁ, ବୁଢ଼ାଲୋକ, ବୟସ ଅଶି ଟପିଲାଣି, ଜୋଗ ଧରି ଦୌଡ଼ିଲେ ଗହନ ଜଙ୍ଗଲ ଆଡ଼େ, ଦେଖିଦେଲେ, ଯୁଧିଷ୍ଠିର ମହାପ୍ରଭୁଙ୍କୁ, ପଚାରିଲେ, "ଏଠି କଣ ଚାଲିଛି ପ୍ରଭୁ", ଯୁଧିଷ୍ଠି ମହାପ୍ରଭୁ କହିଲେ, "ଧରନ୍ତୁ ଏ ବିଡ଼ି ଖଣ୍ଡକ, ଚବିଶି ଥର ସୃଙ୍ଗାର ରସ, ଆଦିରସ ହୋଇଛି, ଅଛି ମାତର ଖଣ୍ଡିଏ, ଆପଣ ଟାଣନ୍ତୁ ଦେହରେ ସୃଙ୍ଗାର ରସ ଉଦ୍ଦିପୀତ ହେବ, ବୁଢ଼ା ହୋଇବି, ପାଇଟି ଯିବ ଟୋକା" । (ବିଡ଼ି ଧରାଇ ଦେଇ ଅର୍ନ୍ତଧାନ ହୋଇଗଲେ) ଜେଜେବାପା, ଭାବିଲେ, ମୁଁ ବୁଢ଼ାଲୋକ, ଟୋକା, ହୋଇ ଲାଭବା କଣ, ପାର୍ବତୀଙ୍କ ପାଇଁ ତାଙ୍କ ମନରେ ବହୁତ ଦୁଃଖ, ଚାଲିଲେ ସିଧା କୈଳାସକୁ, ଦେଖିଲେ ଶିବ ଠାକୁର ଚିଲିମ ଧରି ତପସ୍ୟାରେ ବସିଛନ୍ତି, କହିଲେ "ମହାପ୍ରଭୁ ଫିଙ୍ଗନ୍ତୁ ଚିଲିମ, ଧରନ୍ତୁ ବିଡ଼ି, "ଯେମିତି ଶିବଠାକୁର, ଚିଲିମ ଛାଡ଼ି ବିଡ଼ି ଧରିଛନ୍ତି ଦେହରେ ଚରିଲା ତାଙ୍କର ଶୃଙ୍ଗାର ରସ, ଆଦି ରସର ଉଥାନ ପତନ, ଅଗାଧୁଆ ଅବେଳିଆ, ଅଙ୍ଗାଗିଆ, ଗୋଡ଼େଇ ଧରିଲେ ପାର୍ବତୀଙ୍କୁ, ହସି, ହସି ଟାଣି ଆଣିଲେ ଜାନକୀ ବାବୁଙ୍କୁ ଷ୍କ୍ରିନ୍ କରରୁ ଅଜାଗିଆ ମାଡ଼ି ବସିଲେ ତାଙ୍କୁ, ହସି, ହସି କହିଲେ, "କିଛି ଭାବିବେନି, ଏବେ ସିନା ମୋର ନିର୍ବାହି ଯନ୍ତ୍ରୀ, ଉଣେଇଶ ଷାଠିଏ (୧୯୬୦) ମସିହାରେ ମୁଣ୍ଡଳୀରେ ସାଙ୍ଗହୋଇଥିଲେ ଓଭରସିୟର, ନୂଆ ଚାକିରି, ଗୋରା ତକ୍ ତକ୍, ଗୁଲୁ ଗୁଲିଆ, କାଚମାର୍କା ଦେହ, ବଡ଼ ତୁରୁ ତୁରିଆ, ଦେହରେ ହାତ ମରାଇ ଦେଉ ନଥିଲ, ଏବେ ଟାଙ୍କ ପଡ଼ିଲା, ମାରିଦେଲି", ହସି ହସି ଗଡ଼ିଗଲେ ସମସ୍ତେ, ଖାଲି ଶୁଭୁଥାଏ, ବାଃ, ବାଃ ମୂଷାବାବୁ କମାଲ କରିଦେଇ" । ପାଖରେ ବସାଇ ଫିଷ୍ ଖାଇଲେ, ମମ୍‌ତାଜ ଅଲ୍ଲୀ ପଚାରିଲେ "କେଉଁଠି ଅଛ", ମୂଷାବାବୁ କହିଲେ "ଚଉକିଆ, କାମ କରୁଛି ମେନ୍‌ଷ୍ଟୋରରେ", ହସିଲେ ମୁଖ୍ୟଯନ୍ତ୍ରୀ ସାହେବ, ଆର.ଇ.ଓ ରେ କୋଟୀ କୋଟୀ ଟଙ୍କାର କାମ, ଜଳସେଚନ କାମ ପାଇଁ ନେହୁରୁ ପ୍ରାଇଜରେ ଭୂଷିତ ହୋଇ, ତୁମେ ଯଦି ଷ୍ଟୋର ଜଗିବ, ତୁମକୁ ଜଳସେଚନରୁ ଏଠାକୁ ଡ଼େପୁଟେସନ୍‌ରେ ଅଣା, ହେଉଥିଲା କାହିଁକି ? କାଲି ସକାଳେ ମୋତେ ମୋ, ରେସିଡ଼େନ୍‌ସରେ ଦେଖାକର ।

ତାପର ଦିନ ସକାଳ, ମୂଷାବାବୁ ଜାଣିଥିଲେ, ମମତାଜ୍ ଅଲ୍ଲୀଙ୍କ ଘରେ ସକାଳେ, ଦରବାର, ବଡ଼ ଦେଉଳର ସିଂହଦ୍ୱାର, ଗରିବ, ଦୁଃଖୀ ରଙ୍କୀ, କୁଜା, କେମ୍ପା,

Digitized by srujanika@gmail.com

କୁଷ୍ଠରୋଗୀ, ନେତା, ତୋଷାମଦକାରୀ ସବୁ ଏକାଠି, କେଦାର ଗୌରୀ ଘାଟରେ ସମସ୍ତଙ୍କର ଭେଟ । ଦାନ କରି ଫେରି ଆସିଲାବେଳେ, ବଢ଼ାଇଦେଲେ ହାତ ମୂଷାବାବୁ, କହିଲେ "ମୁଁ ବାକି ରହିଗଲି ସାର୍ - ମୋର"

ମମତାଜ ଅଲ୍ଲୀ ଦେଖି ଦେଇ କହିଲେ, "ଆସ ଭିତରକୁ", କଫିଖାଇ ସାରିଲାପରେ ବହୁଦିନର ବାଲ୍ୟବନ୍ଧୁ ଦୁଃଖ ସୁଖହେଲେ, ମମ୍‌ତାଜ ଅଲ୍ଲୀ କହିଲେ, ମୁଁ ସବୁ ଶୁଣିଛି, କୁହ କୋଉଠିକି ଯିବ, କାକଟ ପୁର ମଙ୍ଗଳାଙ୍କ ପାଖକୁ ନା, ଓଡ଼ଗାଁର ରଘୁନାଥଙ୍କ ପାଖକୁ । ରଘୁନାଥଙ୍କ ନା ଶୁଣି ବହୁତ ଖୁସି ହୋଇଗଲେ ମୂଷାବାବୁ, ବହୁତ ଦିନରୁ ରଘୁନାଥଙ୍କୁ ଦର୍ଶନ କରିବା ଇଚ୍ଛା ଥିଲା, କହିଲେ "ମୋତେ, ଗୋଟାଏ ଦିନ ସମୟ ଦିଅନ୍ତୁ ସାର୍ ମୁଁ ମୋ ଶ୍ରୀମତୀଙ୍କୁ ପଚାରି କାଲି କହିବି", ମୁଁ ଜାଣେ ଆପଣ ଶ୍ରୀମତୀଙ୍କୁ ନପଚାରି କିଛି କରିବେନି, ସେତ ହେଉଛି ମଣିଷତ୍ୱ, ସୁପୁରୁଷର କାମ, ମୁଁ ସବୁ ନଗେନ୍‌ବାବୁ, କମଳବାବୁଙ୍କ ଠାରୁ, ଆପଣଙ୍କ ଶ୍ରୀମତୀଙ୍କ, ବିଷୟରେ ଶୁଣିଛି" ।

ତାପର ଦିନ ସକାଳ, ସବୁ ପିଲାଙ୍କୁ ଧରି ଲଟେରି ଟାଣିଲା, ସମସ୍ତେ କହିଲେ, ଲୁଲା, କଲସା ନନ୍ଦନୀ ବାପାଙ୍କର ଗେହ୍ଲାଝିଅ, ଲଟେରି ଉଠାଉ, ଲୁଲା, ଲଟେରି ଉଠାଇଲା, ତିନିଥର ଯାକ ସବୁଥର, ବାହାରିଲା, ରଘୁନାଥ, ରଘୁନାଥ, ରଘୁନାଥ, ଓଡ଼ଗାଁର ବାଘୁଆ ପ୍ରୋଜେକ୍ଟର ସମସ୍ତ ଦାୟିତ୍ୱ ନେବା ଅର୍ଡ଼ର ଧରି ଓଡ଼ଗାଁରେ ପହଁଚିଗଲେ ମୂଷାବାବୁ, ବେଡ଼ିଙ୍ଗ ପତ୍ର ଜଏନିଙ୍ଗ୍ ରିପୋର୍ଟ ଅଫିସରେ ଥୋଇଦେଇ, ସିଧାବାହାରିଲେ, ରଘୁନାଥଙ୍କ ଦର୍ଶନରେ, ରାମ, ଲକ୍ଷ୍ମଣ, ସୀତା, ତ୍ରିମୂର୍ତ୍ତି, କି ଲାବଣ୍ୟ ମନଲୋଭା ରୂପ, ମନ୍ଦିରରେ ସୁନାର କଳସ, ସିଧା, ଏକ ଘଣ୍ଟା ପଡ଼ି ରହିଲେ ରଘୁନାଥଙ୍କ ପାଦତଳେ ।

ଅଫିସ୍‌ରେ ପହଁଚି ଦେଖିଲେ, ସହକାରୀ ଯନ୍ତ୍ରୀ ପିୟୂଷକାନ୍ତି କାନୁନ୍‌ଗୋ ଅପେକ୍ଷାକରି ବସିଛନ୍ତି କହିଲେ "ଆସନ୍ତୁ ବଡ଼ ଭାଇ, ମୁଁ ଆପଣଙ୍କ ଅପେକ୍ଷାରେ, ଆପଣ ମୋତେ ଜାଣନ୍ତି ନାହିଁ, ମୁଁ ଆପଣଙ୍କର ବଡ଼ଶଳା ରମେଶ ବାବୁଙ୍କ ସ୍ତ୍ରୀ କ୍ଷମାର ସାନଭାଇ, ଘର ଶାଳ ଗାଁ" । ଏ ଖବର ଆହୁରି ଖୁସି କରି ଦେଲା ମୂଷାବାବୁଙ୍କୁ, କିନ୍ତୁ କାନୁନ୍‌ଗୋ ବାବୁ କହିଲେ, "ମୁଖ୍ୟଯନ୍ତ୍ରୀ ଜାଣି ନାହାଁନ୍ତି ବାଘୁଆ ବନ୍ଧ କାମ ଚାର୍ଜରେ ଯେଉଁବାବୁ, ସେ ଅଛନ୍ତି ଅଫିସ୍‌ରେ ଏଷ୍ଟିମେଟର, ବଡ଼ ସାହେବଙ୍କ ଜ୍ୱାଆଁକୁ ପଢ଼ାନ୍ତି, ନିର୍ବାହି ଯନ୍ତ୍ରୀଙ୍କ କାରସାଦିରେ ସେ ତାଙ୍କ ପ୍ରିୟ ଓଭରିସିୟର ସନାତନ ପ୍ରଧାନ ବାବୁଙ୍କୁ କାମରେ ରଖିଛନ୍ତି, ଆପଣ ମୁଖ୍ୟଯନ୍ତ୍ରୀଙ୍କୁ ଦେଖା କରି ସବୁ କହନ୍ତୁ" ।

ଖୋର୍ଦ୍ଧାରେ ଥାଆନ୍ତି ନିର୍ବାହି ଯନ୍ତ୍ରୀ, ସୋଲମନ୍ ରାଉତ୍, ସେ ଚାକିରି ଆରମ୍ଭରୁ ମୁଣ୍ଡଳିରେ ଟ୍ରେନିଙ୍ଗ୍ ନେଉଥିଲେ ମୂଷାବାବୁଙ୍କ ପାଖରେ, ସେତ ଅନେକ ଦିନ ତଳର କଥା, ଏବେ ସେ ନିର୍ବାହିଯନ୍ତ୍ରୀ, ତାଙ୍କୁ ଦେଖା କଲାରୁ ସେ କହିଲେ "ଆପଣ ଏଷ୍ଟିମେଟର ହୋଇ

Digitized by srujanika@gmail.com

ରହନ୍ତୁ, ସେଇଆଡ ଅର୍ଡ଼ର'' କିଛି ନ କହି ସିଧା ଚାଲିଲେ ମୃଷାବାବୁ ମୁଖ୍ୟଯନ୍ତ୍ରୀ ମମତାଜ ଅଲ୍ଲୀଙ୍କ ପାଖକୁ, ସେ ସବୁ ଶୁଣି ବହୁତ ଦୁଃଖ କଲେ, ଖାଲି କହିଲେ ''ଏଇଥିପାଇଁ ଆମ୍ଭୋମାନେ, ବହୁତ ପଛରେ, କାମ ବହୁତ ବାକି, ତୁମେ ଯାଇ ବାଘୁଆ ଅଫିସରେ ବସ, ମୁଁ ସବୁ ବୁଝୁଛି'' ।

ଏହାଭିତରେ ଦୁଇ, ତିନି ମାସ, ଚାଲିଗଲା, ନିର୍ବାହି ଯନ୍ତ୍ରୀ ସଲମନ୍‌ରାଉତ୍ ଦିନେଆସି କହିଗଲେ, ''ମୁଖ୍ୟଯନ୍ତ୍ରୀ, ମମତାଜ ଅଲ୍ଲୀଙ୍କ ପରିଦର୍ଶନ, କାମ ଖୁବ୍ ଭଲ କର ଓଭରସିୟର, ପ୍ରଧାନବାବୁ ଓ ସହକାରୀ ଯନ୍ତ୍ରୀ କାନୁନ୍‌ଗୋ ବାବୁଙ୍କୁ କହିଗଲେ । ମୃଷାବାବୁ କହିଲେ, ''ମୁଁ ଏତେ ଦିନ ଯାଏ ଖାଲି ବସିଛି, ମମତାଜ ଅଲ୍ଲୀ ଙ୍କ ପରିଦର୍ଶନ, ତାଙ୍କର ଖାଇବା ଦାୟିତ୍ୱ ମୋତେ ଦିଅନ୍ତୁ ସାର୍, ଆପଣତ ଟ୍ରେନିଙ୍ଗ୍ ବେଳେ ମୋ ପାଖରେ ଥିଲେ, ବଡ ବଡ ଅଫିସରମାନଙ୍କୁ ତାଙ୍କ ମନ ମୁତାବକ ଖାନା ଦେବାରେ, ମୋର ବହୁତ ପାରଦର୍ଶିତା ଅଛି, ''ପାଞ୍ଚମିନିଟ୍ ମୃଷାବାବୁଙ୍କ ମୁହଁକୁ ଅନାଇ, ଅତୀତ କଥା ମନେ ପକାଇଲେ, ରାଉତ୍ ସାହେବ, ସାଙ୍ଗେ ସାଙ୍ଗେ ପାଞ୍ଚ ହଜାର ଟଙ୍କା, ଆଟାଚିରୁ କାଢ଼ି ଧରାଇଦେଲେ, କହିଲେ ''ଜିପ୍ ଦିଆଯିବ, କାମଯେମିତି ସୁଚାରୁ ରୂପେ ହୁଏ, ମୁଖ୍ୟଯନ୍ତ୍ରୀଙ୍କ ପ୍ରଥମ ପରିଦର୍ଶନ, ଅତି କମ୍‌ରେ ପଚାଶ ଉପରେ, ଅଫିସର, ବିଧାୟକ ନେତା, କୁଳିନେତା, ଓ ଅନ୍ୟ କର୍ମଚାରୀଙ୍କୁ ମିଶାଇ । ଏସ୍‌ଡିଓଙ୍କୁ କହିଲେ, ପରିଦର୍ଶନର ଦୁଇଦିନ ଆଗରୁ ତାଙ୍କୁ ଜିପ୍‌ଟି ଦେବେ'' ।

ନାଟୁଆ ଇଂଜିନିୟର, ଓଡଗାଁରେ ଜଏନ୍ କରିବା କଥା, ଚାରିଆଡେ ପ୍ରଚାର ହୋଇଗଲା ଓଡଗାଁର କଳାପ୍ରେମୀ, ଅଫିସରବୃନ୍ଦ, ସରକାରୀ ବେସରକାରୀ ସଂସ୍ଥାର ପୃଷ୍ଠପୋଷକ ମାନେ, ମୃଷାବାବୁଙ୍କ ନିର୍ଦ୍ଦେଶରେ ଆରମ୍ଭ କଲେ, **''ଓଡଗାଁ ଅଫିସର କ୍ଲବ''**, ପ୍ରଥମ ନାଟକ ରିହରସାଲ ହେଲା **''ଚକ୍ରୀ''** ବାହାରୁ, ଉଚ୍ଚ କୋଟୀର ଅଭିନେତ୍ରୀ ସଂଗୀତ ନୃତ୍ୟ ନିର୍ଦ୍ଦେଶକ ଆସିଲେ । ବିନୋଦିନୀ ଦେବୀହେଲେ, ଚିତ୍ରାଙ୍ଗଦା, ବିଦ୍ୟୁଲତା ହେଲେ ରେଖା ଓ ମଞ୍ଜୁହେଲା ପୁଅ ପିଲା, ପ୍ରସନ୍ନ ମହାନ୍ତି । ମଞ୍ଜୁର ଅଭିନୟ ଚେହେରାଦେଖି କେହି ତାକୁ ପୁଅକି ଝିଅ ବୋଲି ଜାଣିପାରିଲେ ନାହିଁ । ତାର ସୁମଧୁର କଣ୍ଠର ଗୀତ ''ନୟନେ ନୟନ ବାନ୍ଧି ରଖରେ ବନ୍ଧୁଆ'' ଲୋକଙ୍କୁ ରୋମାଞ୍ଚିତ କରିଦେଲା, ଚିତ୍ରରଥ ହେଲେ, ବସ ଷ୍ଟେସନ ସୁପର ଇନ୍‌ଟେଡେଣ୍ଟ ଜ୍ଞାନ ମହାନ୍ତି, ଅତି ଚିତାକର୍ଷକତା ଅଭିନୟ ତାଙ୍କର, ସେ ଏବେ ମରି ସ୍ୱର୍ଗରେ । ବନ୍ଧୁ ବାହାନ ହେଲେ ତରୁଣ ଡାକ୍ତର ସାହୁବାବୁ, ମୃଷାବାବୁ ଜାଣିକରି କୁଟଚକ୍ରୀ ଶ୍ରୀକୃଷ୍ଣଙ୍କ ରୋଲ ଦେଲେ ସନାତନ ପ୍ରଧାନଙ୍କୁ, ଯାହାଙ୍କ ଠାରୁ ତାଙ୍କର ଚାର୍ଜ ଖର୍ଚ୍ଚ ନେବାର ଥିଲା ।

ବହୁତ ଟଙ୍କା ଖର୍ଚ୍ଚରେ ରାମନବମୀ ଦିନ, ନାଟକ ମଞ୍ଚସ୍ଥ ହେବାର ନିଷ୍ପତ୍ତି ହେଲା ନୟାଗଡ, ଶରଣକୁଳ, ଦଶପଲ୍ଲା, ଗରିଛକ, ଜଗନ୍ନାଥ ପ୍ରସାଦ, ଭଞ୍ଜନଗର ଆସ୍କା,

Digitized by srujanika@gmail.com

ଚାରିଆଡେ ଛକରେ ଭେଟ୍ ହୋଇ ମରାଗଲା ବ୍ୟାନ୍‌ର, ଠିକ୍ ସିନେମା ବ୍ୟାନର ପରି । ଓଡଗାଁ ରଘୁନାଥଙ୍କ ପୀଠରେ "ଚକ୍ରୀ" ନିର୍ଦ୍ଦେଶନା ଦେଇଛନ୍ତି ଚଳଚିତ୍ର ଅଭିନେତା, ପ୍ରବୀଣ ମଞ୍ଚନିର୍ଦ୍ଦେଶକ, **"ସ୍ୱର୍ଣ୍ଣପଦକ"** ପ୍ରାପ୍ତ, ଇଂ ମୃଷାପଟ୍ଟନାୟକ ।

ମମତାଙ୍କ ଅଲ୍ଲୀ ପରିଦର୍ଶନକୁ ଆସିଲେ, ସମସ୍ତ ଅଫିସରବୃନ୍ଦ, ବିଧାୟକ ନେତା, ମାନେ ବନ୍ଧର କାମ ବୁଲି ଦେଖିଲେ । ମୁଖ୍ୟଯନ୍ତ୍ରୀ ରିପ୍‌ରାପ୍ ରକ୍‌ଟୋ, କଟ୍ ଅପ୍ ବ୍ରେଞ୍ଚର ପ୍ରୋପାଂଇଲ୍ ନାହିଁ, କାମ ବଡ ବିଶୃଙ୍ଖଳ ଦେଖି ପାଟିକଲେ, ପ୍ରଧାନବାବୁ କାନୁନ୍‌ଗୋ ବାବୁ ସଲମନ ବାବୁଙ୍କୁ, ରାଗି ଚାଲି ଆସିଲେ, ଏକା ଏକା କାର୍ ନେଇ ବଙ୍ଗଳା, ବଙ୍ଗଳାରେ ବାଥ୍‌ରୁମ୍‌ରୁ ହାତ ଧୋଇ ଆସିଲା ବେଳକୁ ଦେଖିଲେ ମୃଷାବାବୁଙ୍କୁ "ତୁମେ ? ତୁମେ ?" ମୁଁ ଆଜି ଯାଏ ଚାର୍ଜ ନେଇନି ସାର୍ ତେଣୁ ଆପଣଙ୍କର ଖାନ୍ ସମାହେଇ, ଖାନା ତିଆରି କରିଛି, "ଅଲ୍ଲୀ ସାହେବ ଦେଖିଲେ, ତାଙ୍କ ମନରୁଚି ଖାନା ଏସିଆନ୍ ହୋଟେଲର କାରିଗର ମାନେ ଆସି, ଅତି ସୁନ୍ଦର ଭାବରେ, ଟେବୁଲ୍ ଉପରେ ସଜାଡି ରଖିଛନ୍ତି ।

ଖାଇ ବସିଲେ ସମସ୍ତେ, ଅଲ୍ଲୀ ସାହେବ ପଚାରିଲେ, "ମୋର ମନେହୁଏ ତିନି, ଚାରି ମାସ ତଳେ, ମୁଁ ଅଡର କରିଥିଲି, ମୃଷାବାବୁ ସମସ୍ତ କାମର ଦାୟିତ୍ୱରେ ରହିବେ, ସେ ବୋଧହୁଏ ଆଜି ଯାଏ ଚାର୍ଜ ନେଇନାହାନ୍ତି, ତେଣୁ କାମ ଏତେ ବାଜେ, ଏମିତି, ବିଶୃଙ୍ଖଳିତ ଭାବରେ, ଜଳସେଚନ କାମ କରାଯାଏ ? ଆପଣ ମାନଙ୍କର ବୋଧହୁଏ ଜଳସେଚନ କାମରେ, କାହାରି ଅଭିଜ୍ଞତା ନାହିଁ, ମୁଁ କାଲି, ସସ୍‌ପେନସନ ଅର୍ଡର ଓ ଚାର୍ଜସିଟ୍ ତିଆରି କରୁଛି । "ସଲମନ ବାବୁ ଅତି ନମ୍ରଭାବରେ କହିଲେ "ସାର ଟିକିଏ ଶୁଣନ୍ତୁ, ହେଡ ରେଗୁଲେଟ୍ ମାଇନର, ଷ୍ଟ୍ରକ୍‌ଚର କେତେ କଣ କାମ, ଧିରେ ଧିରେ ମୃଷାବାବୁ କିଛି କାମନେବେ" ।

କାହିଁକି ? But w hy ? ମୋ ଅର୍ଡର ମୋ ଆଦେଶ, ଆଜିଯାଏ, କ୍ୟାରି ଆଉଟ୍ ହେଇନି କାହିଁକି ? ପାତ୍ର ସାହେବ, (ପ୍ରଶାନ୍ତ ପାତ୍ର ଅଧିକ୍ଷଣ ଯନ୍ତ୍ରୀ) ଆପଣ ପରା ଏଠାର ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ ସିନା ମୋ ଆଦେଶକୁ ଅବମାନନା କରି ନିଜ ଲୋକଙ୍କୁ ବାଘୁଆରେ ରଖି, ଟଙ୍କା ଆତ୍ମସାତ କରୁଛନ୍ତି । ଆଉ ବାଘୁଆର ଓଭରସିୟରକୁ ନେଇ ଅଫିସରେ ରଖାଇ, ଘରେ ପିଲା ଧରାଉଛନ୍ତି, ଆପଣ ଆଜିଯାଏ କରୁଛନ୍ତି କ'ଣ ? ଆପଣ ପରା, ଜଳସେଚନ ବିଭାଗର ଲୋକ, ଆଉ ମୃଷାବାବୁ କୁଆଡେ ଆପଣଙ୍କର ସଢୁଭାଇ, ଆପଣଙ୍କ ମୁହଁରୁ ମୁଁ ନିଜେ ଶୁଣିଛି, ମୁଖ୍ୟଯନ୍ତ୍ରୀଙ୍କ ଆଦେଶ, ପାଳନ କରାଇବା କଣ ଆପଣଙ୍କର କର୍ତ୍ତବ୍ୟ ନୁହେଁ ?

ପରିସ୍ଥିତି ବଡ ଖରାପ ହୋଇଉଠିଲା, ବିଧାୟକ ଓ ନେତାମାନେ କିଛି ବୁଝି ପାରିଲେ ନାହିଁ, ଘଣ୍ଟା ବାଜିଲା ଚେଷ୍ଟାକଲେ, ମୁଖ୍ୟଯନ୍ତ୍ରୀ କହିଲେ, ଏ ଆମ ଇଂଜିନିୟରଙ୍କ

Digitized by srujanika@gmail.com

କାମ, ଆପଣ ମାନେ ମୁଣ୍ଡପୁରାନ୍ତୁ ନାହିଁ, ସୋଲମନବାବୁ ଉଠିପଡି ଟିକିଏ ଯୋର୍‌ରେ କହିଲେ, "ସାର୍ ଆପଣ ବାଟସାରାତ ବୋର୍ଡ ଦେଖି ଆସିଥିବେ, ଏଠିକି ଆସୁ, ଆସୁ କ୍ଲବ କରି ଡ୍ରାମା ଆରମ୍ଭ କରି ଦେଲେଣି, ସେକି କାମ କରିବେ ସାର" ? ମୁଖ୍ୟଯନ୍ତ୍ରୀଙ୍କର ବଡ ପାଟି ଶୁଭିଲା Stop "ବନ୍ଦକର । ମୁଁ ତୁମର କୈଫତ୍ ଶୁଣି ବାକୁ ଚାହେଁନା ତୁମେ ତାଙ୍କୁ ଏବେ ଚିହ୍ନିଥିବ, ମୁଁ କିନ୍ତୁ ଚିହ୍ନିଛି ମୋ ଚାକିରି ଆରମ୍ଭରୁ ଉଣେଇଶ ବାଉନ ମସିଆରୁ । ସେ ଯେମିତି ସଚ୍ଚୋଟ ଡିସିପ୍ଲିନ ଇଂଜିନିୟର ସେମିତି ଉଦ୍‌ଯୋଗୀ ସାଙ୍ଗଠିକ ଓ ଜନପ୍ରିୟ । ଓଡଗାଁରେ କଣ କ୍ଲବ, ଅଭିନେତା ନିର୍ଦ୍ଦେଶକ ନଥିଲେ, ସେ ଆସୁ, ଆସୁ ସମସ୍ତଙ୍କୁ ଶୃଙ୍ଖଳା ବଦ୍ଧ କରି ଏହି ଅଳ୍ପଦିନରେ କ୍ଲବ ତିଆରି କରି ସଂପାଦକ ହୋଇ, ନିର୍ଦ୍ଦେଶନା, ଦେଇ ପାରିଲେ । My final order he will take all the charges tomorrow possitively" ।

ସତକୁ ସତ ତାପରଦିନ ବାଘୁଆର ସବୁ କାମର ଦାୟିତ୍ୱ ମୃଷାବାବୁଙ୍କୁ ଦେଇ ଅଫିସ୍‌ରେ ବସିଲେ ପ୍ରଧାନ ବାବୁ । ରାମନବମୀ ଦିନ ଡ୍ରାମାହେଲା, ମମତାଜ ଅଲ୍ଲୀ ନାଟକ ଉଦ୍‌ଘାଟନ କଲେ । ନାଟକ ଦେଖିବାକୁ ନୟାଗଡ, ଖୋର୍ଦ୍ଧା, ପାଖା ପାଖି ଅଫିସର ଯନ୍ତ୍ରୀ ମାନେ ଆସିଥିଲେ ତାଭିତରେ ମୃଷାବାବୁଙ୍କ ପ୍ରିୟ ସାନଭାଇ ଇଂ କିଶୋର ମିଶ୍ର ଓ ମାମୁଁ ଇଂ ପ୍ରତାପ ପଟ୍ଟନାୟକ ନୟାଗଡରୁ ଆସିଥିଲେ । ମୂଳରୁ ଶେଷଯାଏ, ନାଟକ ନଦେଖି ଉଠି ପାରିଲେନି ଦର୍ଶକମଣ୍ଡଳୀ, ଶେଷ ସିନ୍ ବେଳକୁ ମୃଷାବାବୁଙ୍କ, ନିଖୁଣ ବଳିଷ୍ଠ ଅଭିନୟରେ, ଅଲ୍ଲୀ ସାହେବ ଏତେ, ଭାବ ପ୍ରବଣ ହୋଇପଡ଼ିଲେ ଯେ, ପେଣ୍ଡାଲରୁ ଉଠି ରଙ୍ଗମଞ୍ଚରେ ମୃଷାବାବୁଙ୍କୁ କୁଣ୍ଢାଇ ପକାଇଲେ, ସେ ଅଭିନୟ ଥିଲା, ତୃତୀୟ ପାଣ୍ଡବ, ଅର୍ଜ୍ଜୁନଙ୍କର, ଅର୍ଜ୍ଜୁନ ମୃଷାବାବୁ, "ନିୟତୀ, କାହିଁ ତୋର କୁଟିଳ ଭ୍ରୁଭଲ୍ଲୀ, ଦୁର୍ବଳକୁ ନିତି ଯିଏ, ସହାଏ କନ୍ଦାଏ, ମନେକି ଭାବୁଛୁ ତୁହି, ଅର୍ଜ୍ଜୁନକୁ ଭୁଲାଇବ ଅଟ୍ଟହାସ୍ୟ ତୋର, କାହିଁ ରଥ ? କାହିଁ ଅଶ୍ୱ, କାହିଁ ? ଏହି ଅଭିନୟ ପାଇଁ ମୃଷାବାବୁ ଦଶମିନିଟ୍ କରତାଳି ପାଇଥିଲେ । ନାଟକ ସରିଲା, ଅଭିନନ୍ଦନ ଜଣାଇବାକୁ, ମୃଷାବାବୁଙ୍କୁ କେହି ପାରିଲେ ନାହିଁ, ମନ୍ଦିରକୁ ଦୌଡ଼ିଲେ ମୃଷାବାବୁ, ରଘୁନାଥଙ୍କ ଗୋଡ଼ ତଳେ ପଡ଼ି ପ୍ରାର୍ଥନା କଲେ, "ପ୍ରଭୁ, ମୁଁତ କିଛି ଦେଇନି, ହେଲେ ମୋ ଉପରେ ଏତେ ଶୁଭାଶିଷ କାହିଁକି ପ୍ରଭୁ" ହଠାତ୍ ଶୁଭିଲା "ତୁମେସବୁ ଦେଇଛ ମୃଷା ତୁମେ ଦେଇଛ, ସ୍ନେହ ପ୍ରେମ, ଭକ୍ତି, ଭକତ ପ୍ରେମେ ବନ୍ଧା ମୁହିଁ, ଭକତ ମୋର ବନ୍ଧୁ" ମୁଣ୍ଡ ଉଠାଇଲା ବେଳକୁ ମୁଣ୍ଡରେ ଖସି ପଡ଼ିଲା ଆଶିର୍ବାଦର ଫୁଲ, ସେ ଦିନ ରାମନବମୀ ମୃଷାବାବୁଙ୍କ ପାଇଁ ଶୁଭଦିନ, ତାଙ୍କର ଜନ୍ମଦିନ, ରାମ ତାଙ୍କର ଆରାଧ୍ୟ ଦେବତା, କବାଟ ବନ୍ଦ ହେବା ପର୍ଯ୍ୟନ୍ତ ପଡ଼ି ରହିଲେ **"ରଘୁନାଥଙ୍କ ପାଦ ତଳେ ମୃଷା"**

Digitized by srujanika@gmail.com

ମାରି ନେଲେ ମହାପାତ୍ରେ

ପ୍ରଫୁଲ ମହାନ୍ତି, ତହସିଲଦାର (ଏବେ, ସିଭିଲ, ଏସ୍.ଡ଼ି.ଓ ଅବସରପ୍ରାପ୍ତ ଏ.ଡ଼ି.ଏମ୍) ଶ୍ରୀମତୀ କାନ୍ତିଦେବୀଙ୍କର ମାମୁଁଙ୍କ ପୁଅ, ସେ ବିବାହ କରିଥାନ୍ତି ଭୁବନେଶ୍ୱରର ମଦ ଦୋକାନି ନବ ମହାନ୍ତିଙ୍କ ଝିଅକୁ, ନୂଆବୋଉ ଥିଲେ, ମୃଷାବାବୁଙ୍କର ନୂଆବୋଉଙ୍କ ଭିତରେ ସବୁଠାରୁ ସୁଆଗର ନୂଆବୋଉ, ନୂଆବୋଉଙ୍କର ପିଉସୀ ପୁଅ ଭାଇ, ଅଜୟ ପଟ୍ଟନାୟକ (ବୁଲୁ) ସେ ପ୍ରଫୁଲ୍ଲ ଭାଇଙ୍କ ସହିତ ଅନେକ ଥର ମୃଷାବାବୁଙ୍କ ଘରକୁ ଯିବା ଆସିବା କରେ, କାନ୍ତିଲତାଙ୍କୁ ଡ଼ାକେ, କାନ୍ତିଦେଇ, ଅତୁଲ ଭାଇଙ୍କ ବଡ଼ ଝିଅ (ଜୁଲି) ମେଟ୍ରିକ ପାଶ୍ କରିଥାଏ ବଲଙ୍ଗାରେ ଗୋବିନ୍ଦମଲ୍ଲଙ୍କ ପାଖରେ ରହି । ପ୍ରୋ଼ପୋଜାଲ ଅନୁସାରେ, ବୁଲୁ, ଜୁଲିକୁ ଦେଖି ବିବାହ କରିବାକୁ ରାଜିହେଲା, ସେ ଥାଏ, ଷ୍ଟେଟ ବ୍ୟାଙ୍କର ଅଫିସର ।

ଲକ୍ଷ୍ମୀସାଗରରେ, ଗୋବିନ୍ଦ ମଲ୍ଲଙ୍କ ପଞ୍ଚବଟୀରେ ଥାଆନ୍ତି ମୃଷାବାବୁ ଓ ତାଙ୍କ ପରିବାର, ଓଡ଼ଗାଁରେ କାମ ଜୋର, ସୋର, ଆରମ୍ଭ ହୋଇଯାଇଥାଏ, ପାଖରେ ପଇସାଟିଏ ନଥାଏ, ଅତୁଲଭାଇଙ୍କର ପ୍ରଥମ ଝିଅର ବାହାଘର । ଜୁଲି ଛୁଆଥିଲା ବେଳେ ବାପା (ଅତୁଲ ଭାଇ) ମରିଯାଇଥାନ୍ତି- ମୃଷାବାବୁ ଦାଦା ହେଲେ ବି ବାପା ଭଳି- ଆଉ କାନ୍ତିଦେବୀଙ୍କର ଜୁଲି ହେଉଛି ବଡ଼ ଝିଅ । ବାହାଘର ଅତି ବଢ଼ିଆ ଭାବରେ ହେବା ଦରକାର, ଅନ୍ୟମାନଙ୍କ କଥା ପରେ । ମୃଷାବାବୁ ମୁଣ୍ଡଳୀରେ ଥିବାବେଳେ, ଆଳିରାଜା ଶରତ ଦେଓଙ୍କଠାରୁ ଖଣ୍ଡିଏ ଜମି, କଟକ ବାଦାମବାଡ଼ିରେ କିଣିଥିଲେ, ତାକୁ ବିକ୍ରି କରି ବହୁତ ଟଙ୍କା ପାଇ, ଜୁଲିର ବାହାଘର ଖୁବ୍ ଭଲ ଭାବରେ କଲେ, ମୃଷାବାବୁ ଆଉ କାନ୍ତିଦେବୀ । ଏହା ଥିଲା ମୃଷାବାବୁ ଓ କାନ୍ତିଦେବୀଙ୍କ ସ୍ୱକୀୟ, ତାଙ୍କ ଜୀବନର ପ୍ରଥମ ବାହାଘର । ଖୁଡ଼ି, ଖୋଦ୍ ଶାଶୁ ହେଲେବି, ବୁଲୁ ଆଜିଯାଏ ଡ଼ାକି ଚାଲିଛି, କାନ୍ତିଦେଇ, ଆଉ ବୁଲୁ ସମସ୍ତଙ୍କ ଆଗରେ ମୃଷାବାବୁଙ୍କୁ

Digitized by srujanika@gmail.com

ଶଶୁର କହି, ନିଜକୁ ବହୁତ ଗର୍ବିତ ମନେକରେ । ମୃଷାବାବୁ ବି ତାପରି ସୁନ୍ଦର, ସରଳ ଜୋଇଁଟିଏ ପାଇ ବହୁତ ଖୁସି । ବୁଲୁ ଜୁଲିର ଯୋଡ଼ି, ମାନିବାକୁ ପଡ଼ିବ, ଅନ୍ୟ ଭାଷାରେ କହିଲେ, ଲକ୍ଷ୍ମୀନାରାୟଣ ଯୋଡ଼ି । ବୁଲୁ ବହୁତ ଭଲ ପିଲା, ଜୁଲିକୁ ବହୁତ ଭଲ ପାଏ, ଦୁଇପୁଅ, ଗୋଟିଏ ଝିଅ, ପିଲାମାନେ, ବାପା, ମାଙ୍କ ପରି, ଅତି ସୁନ୍ଦର ଏବେ ବୁଲୁ ତା ଝିଅକୁ ବାହାକରାଇଲା, ଜଣେ ଇଞ୍ଜିନିୟରଙ୍କୁ, ତାବାପା, ମୃଷାବାବୁଙ୍କ ସାଙ୍ଗ ଇଞ୍ଜିନିୟର, ନିର୍ବନ୍ଧ ଦିନ ବୁଲୁର ସାଙ୍ଗମାନେ, ଥଟ୍ଟା କରି କହୁଥାନ୍ତି, ଟୋକାଟା ସମୁଦୀ ହୋଇଗଲା । ବୁଲୁ ବୋଉ, ସମୁଦୁଣୀ ଚିହ୍ନାପରିଚୟ ହେଲା ଦିନରୁ, ସବୁ ବେଳେ କହନ୍ତି, "ଆଉ ବଞ୍ଚିବିନି ମରିଯିବି" କିନ୍ତୁ ଯେମିତି, ସେମିତି, ଚେହେରା ବାଗେଉଛ, ମରିନି, ମରିବେ ବି ନାହିଁ, ସବୁ ପୁଅ, ଝିଅ ନାତୁଣୀଙ୍କୁ ବିବାହ କରାଇ ରାଧାବଲ୍ଲଭଙ୍କ ସେବାରେ ବ୍ୟସ୍ତ । କିନ୍ତୁ କାନ୍ତିଦେବୀଙ୍କ ମନରେ ବହୁତ ଦୁଃଖ, ଦିନେ, ଝିଅ ଜୋଇଁଙ୍କୁ ଘରେ ରଖେଇ ପାରିଲେ ନାହିଁ ଏ ଦୀର୍ଘ ବାଇଶି ବର୍ଷ ଭିତରେ ।

ଦିନେ ମୃଷାବାବୁ ଖବର ପାଇଲେ, ବମ୍ବେରେ ନିଷତି ନେଇଥିବା, ସଂଗ୍ରାମ ନାଟକ **"ଘରବାହୁଡ଼ା"** ନାମରେ ସିନେମା ହେବ, ସେଥିପାଇଁ ଗୋଟାଏ ଅସ୍ଥାୟୀ ସଂସ୍ଥା ଗଢ଼ାହେଲା ପଞ୍ଚସଖୀ ନାମରେ । ପଞ୍ଚସଖୀ ପ୍ରଯୋଜକ ମାନେହେଲେ, ଇଚ୍ଛା ମହାନ୍ତି (କମଳ ମହାନ୍ତିଙ୍କ ସ୍ତ୍ରୀ) କାନ୍ତିଦେବୀ (ମୃଷାପଟ୍ଟନାୟକଙ୍କ ସ୍ତ୍ରୀ) ମଞ୍ଜୁଦେବୀ (ନଗେନ୍ ମହାନ୍ତିଙ୍କ ସ୍ତ୍ରୀ) ଗୁଣ୍ଡୁପୁରୁର ଲାଲାଡ଼ି ସନ୍ୟାସୀ ଓ ନିର୍ଦ୍ଦେଶକ, ସୁନାମୁଖାର୍ଜୀ ନିଜେ, ଶରତ ମହାନ୍ତି ସହ ନିର୍ଦ୍ଦେଶକ (ଏବେ କାର ଦୂରଦର୍ଶନର ପ୍ରଯୋଜକ ଓ ସହ ନିର୍ଦ୍ଦେଶକ)

କାନ୍ତିଦେବୀ କହିଲେ, "ଶୁଣନ୍ତୁ ଆପଣମାନେ, ମୋ ସ୍ୱାମୀ ଯଦି ସଂଗ୍ରାମ ନାଟକର ସେହି ଦୁଷ୍ଟ କିରାଣୀ ସୁରେନ୍ଦ୍ର ଭୂମିକାଟି କରନ୍ତି, ତାହେଲେ ମୁଁ କୋ-ପ୍ରଯୋଜିକା ହେବି, ଆଉ ଆପଣମାନଙ୍କ କହିବା ମୁତାବକ, କିଛି ଟଙ୍କା ସାହାଯ୍ୟ କରିବି, "ଏ କଥାରେ କେହି କିଛି ଆପତ୍ତି ଅଭିଯୋଗ କଲେନି, କରିବାର କିଛିଦିନ ଥିଲା, କାରଣ ସେ ରୋଲ୍‌କରି ସେ ଭୁବନେଶ୍ୱର, ସାରା ଓଡ଼ିଶା, ଓ ବମ୍ବେରେ ବହୁ ସୁନାମ ଅର୍ଜ୍ଜନ କରି ଆସିଛନ୍ତି ସେ ଛବିର ନାୟକ ନୁହନ୍ତି, ଏକ ବଡ଼ ଚରିତ୍ର ଅଭିନେତା, ଲୋକନାଥଙ୍କ ପାଖରେ ବହି, ମୋହୁରତ୍ ହେଲା, କାଷ୍ଟିଙ୍ଗ୍ ଲେଖାହେଲା, ସୁରେନ୍ଦ୍ର- ମୃଷାପଟ୍ଟନାୟକ ଅନ୍ୟ ଚରିତ୍ର ପାଇଁ କାଷ୍ଟିଙ୍ଗ୍ ହେଲେ ସାମୁଏଲ ସାହୁ (ବାବି) ନିରଞ୍ଜନ, ହିମାଂଶୁ, ଅଭିନେତ୍ରୀ ଝରଣା ଦାସଙ୍କ ଭାଇ ପାଇଲଟ ସୁଚିତ୍ କୁମାର, କଲିକତାର ଜଣେ ଅଭିନେତ୍ରୀ ଡ଼ାକ୍ତରିଆଣି, ସୁଜାତା ଆନନ୍ଦ, ପ୍ରଥମଥର ପାଇଁ ରାଧାପଣ୍ଡାକୁ ହାସ୍ୟ ଅଭିନେତା ରୁପେ ଟାସ୍କ ଦିଆଗଲା । ବମ୍ବେରୁ ଆସିଲେ ସୁଜାତା, ନର୍ଗିଜୀ, ଲକ୍ଷ୍ମୀଧର ମହାନ୍ତି, ପୂର୍ଣ୍ଣ ମହାପାତ୍ର, ରବି ଦାସ, ପ୍ରମୋଦ ମହାପାତ୍ର, ବିଶ୍ୱନାଥ ସୁବୁଦ୍ଧି, କିଶୋର ପଟ୍ଟନାୟକ ଅଭି ପଟ୍ଟନାୟକ, ଆହୁରି ଅନେକ ନାମକରା ଅଭିନେତା, ସାମନ୍ତରାୟ ବାବୁଙ୍କ ତିନିଝିଅ, ସୁଚିତ୍ର ସାଙ୍ଗ ରୋଲ କଲା, ମୃଷାବାବୁଙ୍କ ପୁଅ ଦୀପକ୍ କୁମାର (ମିଥୁନ) ଆଉ ଶଳା ପ୍ରତାପ ପଟ୍ଟନାୟକ (ବେନାମି) ମୃଷାବାବୁଙ୍କ ରୋଲ୍ ସୁରେନ୍ଦ୍ରର ସାନପୁଅ, ମିଲିଟାରି ଫେରନ୍ତା । ବହୁତ ଦିନ ହୋଇଗଲା,

Digitized by srujanika@gmail.com

ସୁଟିଙ୍ଗ୍ ଆରମ୍ଭ ହେଲାନି, ଦିନେ ସକାଳେ, ଚାରିଜଣ ଯାକ ପ୍ରଯୋଜକ ଆସିଲେ, କାନ୍ତିଦେବୀଙ୍କ ପାଖକୁ, ତାଙ୍କୁ ଦେଖି କାନ୍ତିଦେବୀ କହିଲେ, "କଣ ସିନେମା ଆରମ୍ଭ କରିବେ ନି" ? ସମସ୍ତେ କହିଲେ, "ଆପଣ କିହିଲେ, ଆଜି ଛବି ଆରମ୍ଭ ହେବ, କିନ୍ତୁ ଗୋଟାଏ ଅନୁରୋଧ ଅଛି" କାନ୍ତିଦେବୀ କହିଲେ, "ମୁଁ ଜାଣିଥିଲି ଆପଣମାନେ ଥରେ, ନୁହେଁ ଅନେକ ଥର ଅନୁରୋଧ କରିବାକୁ ଆସିବେ, ହଉ କୁହନ୍ତୁ କଣ ଆପଣମାନଙ୍କର ଅନୁରୋଧ" ।

ମୁଖ୍ୟ ପ୍ରଯୋଜକ, ତଥା ଲେଖକ କମଳ ବାବୁ କହିଲେ, ବହିର ସୁରେନ୍ଦ୍ର ରୋଲଟି ସବୁ କିଛି, ମୂଳରୁ ଶେଷଯାଏ ସବୁସିନ୍, ଏତେବଡ଼ ରୋଲଟାକୁ ମୃଷାବାବୁ ମୂଳରୁ ଶେଷଯାଏ, କାରି(Carry), କରି ପାରିବେନି, ତେଣୁ ଭାବୁଛୁ ତାଙ୍କୁ ବାବୀ ବାବୁଙ୍କ ରୋଲଦେଇ, ବାବୀ ବାବୁଙ୍କୁ ସୁରେନ୍ଦ୍ର ରୋଲ ଦେବୁ" ।

କାନ୍ତିଦେବୀ ରାଗି ଠିଆହୋଇ ଉଠିଲେ, ପାଟିକରି କହିଲେ "ଆପଣ ମାନଙ୍କର ଜବାବ୍ ଠିକ୍ ନୁହେଁ, ମୋ ପାଖରେ ବେଶି ପଇସା ଥିଲେ, ମୁଁ ନିଜେ ଛବି କରି ଥାନ୍ତି ଆପଣମାନଙ୍କୁ ଖୋଜି ନଥାନ୍ତି, ମୋ, ସ୍ୱାମୀ ଜଣେ ଡ୍ରିରୋଟି କଳାକାର, ତାଙ୍କର କଳା ପ୍ରୀତି ପାଇଁ ମୁଁ ବହୁତ ଦୁଃଖ ପାଇଛି, ତଥାପି, ତାଙ୍କ ଆନନ୍ଦ, ଖୁସିପାଇଁ ମୋ ସୁନା ଅଳଙ୍କାର ବନ୍ଧକପକାଇ ଏ ଛବିରେ ଟଙ୍କା ଖଟାଇଛି, ସେ କେବଳ ସେହି ସୁରେନ୍ଦ୍ର ରୋଲ ହିଁ କରିବେ ବୋଲି, ସିନେମାରୁ ଲାଭ ପାଇବା ମତଲବରେ ନୁହେଁ, ଆପଣମାନେ ଯାଆନ୍ତୁ ମୋତେ ଚାଉଳ ବ୍ୟବସାୟ କରିଆସେ, ଯେତେ ଶିଘ୍ର ପାରନ୍ତି ମୋ, ଟଙ୍କାଟା ଫେରାଇ ଦିଅନ୍ତୁ" । ସିନେମା ସୁଟିଙ୍ଗ ବନ୍ଦ ରହିଲା ଅନିର୍ଦ୍ଦିଷ୍ଟ କାଳପାଇଁ, ଦିନେ ମୃଷାବାବୁ ଚିଠିଟିଏ ପାଇଲେ, କାଳୀବାବୁଙ୍କ ଠାରୁ ତାଙ୍କୁ ଯିବା ପାଇଁ କଟକ, ଅନୁରୋଧ କରିଛନ୍ତି । କାଳୀଚରଣ ପଟ୍ଟନାୟକଙ୍କ ଚିଠି, ଗୁରୁଦେବଙ୍କ ଚିଠି, ଛେନା କିଛି ଧରି ପହଞ୍ଚିଲେ, କଟକ କାଳୀଗଳିରେ । ଉଦ୍ଧବ ଜଣରାକୁ ଦେଖି, କାଳୀବାବୁ କହିଲେ, କି ହାତଖଣ୍ଡି, ମୋର ଗୋଟିଏ ଅନୁରୋଧ ନିଶ୍ଚୟ ରଖିବ "ମୃଷାବାବୁ ଗୋଡ଼ତଳେ ପଡ଼ି କହିଲେ, ଆପଣଙ୍କ ଅନୁରୋଧ, କଣ କହୁଛନ୍ତି ସାର୍ ଆପଣ ଯାହା କହିବେ, ତା ମୁଁ ନିଶ୍ଚୟ କରିବି, ଶପଥ କରୁଛି । **"ଘର ବାହୁଡ଼ା"** ଛବି ଆରମ୍ଭ ହୋଇ ପାରୁନି, ତୁମେ ସୁରେନ୍ଦ୍ରରୋଲ ନକରି, ଭୋଲା ଦାଦା ରୋଲ୍ କର ତୁମେ ହେବ ବାବିବାବୁଙ୍କ ବାପା, ଗାଁର ମୁଖିଆ, ସଚ୍ଚୋଟ, ଲୋକ, ହେଲେ ତୁମର କଥା କେହି ଶୁଣିବାକୁ ନାରାଜ, ତୁମେ ବୁଝାଇ ଚାଲିଛ, କିଛି ଫଳ ହେଉନି, ତୁମପାଇଁ ମୁଁ ଗୀତ ଲେଖିଛି ତୁମ ମୁହଁରୁ ବାହାରିବ ଗୋଟିଏ ଗୀତ, ଯେଉଁ ଗିତ ବହିର କ୍ଲାଇମାକସ୍ ଆଣିବ" । "ମୁଁ ଆପଣଙ୍କ କଥା ରଖିବି ସାର୍" ସାଙ୍ଗେ ସାଙ୍ଗେ ଘଟ ତଳୁ ଚାରିଜଣ ଯାକ ପ୍ରଯୋଜକ ବାହାରି ମୃଷାବାବୁଙ୍କୁ କୁଣ୍ଢାଇ ଆଲିଙ୍ଗନ କଲେ । ସୁଟିଙ୍ଗ୍ ଆରମ୍ଭ ହେଲା ଭୋଲାଦାଦା (ମୃଷାବାବୁ) ମନ୍ଦିର ବେଢ଼ାରେ ବସି, ଚିଲିମ ଟାଣି ଆରମ୍ଭ କଲେ "ମାରିନେଲେ, ମହାପାତ୍ରେ" ତୁ ଚାହିଁଥାରେ ଇଳକା, **"ମାରି ନେଲେ ମହାପାତ୍ରେ"** ।

Digitized by srujanika@gmail.com

ନାଚବାଲୀ ଗାୟତ୍ରୀ

ବାଘୁଆ ପ୍ରୋଜେକ୍ଟ କାମ, ଯୋର ସୋରରେ ଚାଲିଥାଏ । ଏହା ଭିତରେ ଚାରି, ପାଞ୍ଚ ବର୍ଷ ବିତିଗଲାଣି ଝିଆରି ନିନି,ଅତୁଲ ଭାଇଙ୍କ ଦ୍ୱିତୀୟ ଝିଅ,ବିଭା କଲା,ଏକ ସମ୍ଭ୍ରାନ୍ତ ବଶଂର କରଣ ପିଲା ଶଶାଙ୍କ କୁ, ଶଶାଙ୍କ ଥାଏ, ସପ୍ଲାଏ ଇନିସ୍‌ପେକ୍ଟର, ସବୁ ଦେବା ନେବାବାଦେ ଗୋଟିଏ ସାଇକେଲ ଦେବାକୁ କହିଥିଲେ ମୃଷାବାବୁ, କିନ୍ତୁ ବିଭାଘର ଦିନ ସେତକବି ଦେଇ ପାରିଲେ ନାହିଁ ସେଥିପାଇଁ କେତେ ରାଗ,ରୁଷା, ଗୋଳମାଳ । ଏବେ ସେ ସପ୍ଲାଏ,ସୁପର ଭାଇଜର, ପୁଅଟିଏ,ଝିଅଟିଏ ଭାରିଭଲ ପଢନ୍ତି,ସରକାରଙ୍କ ଠାରୁ ଜାଗା ଘର କିଣି, ତାକୁ ଦି ମହଲା କରି ଖୁବ୍ ଆନନ୍ଦରେ ଅଛି । ଶଶାଙ୍କ, ପଇସାର ଅଭାବ ନାହିଁ, ତେଣୁ ସାଇକେଲ ପାଇ ନଥିବା ରାଗ, ମନରୁ ଚାଲିଗଲାଣି ଏବେ, ମଟର ସାଇକେଲ କାରରେ ଯିବା ଆସିବା କରେ । ଛୋଟା ଦାଦା, କାନ୍ତୀ ଖୁଡ଼ିକୁ, କାର ପଠାଇ ଘର ପ୍ରତିଷ୍ଠାକୁ ନେଇଥିଲା ।

ମୃଷାବାବୁଙ୍କ ତୃତୀୟ ଶାଳୀ, ପୁଷ୍ପଲତା ମୃଷାବାବୁଙ୍କ ପାଖେ ରହି କଲେଜ୍‌ରେ ପଢୁଥାଏ, ଶାଶୁ ଶଶୁର ପାଖରେ ଥାଆନ୍ତି । ବାଘୁଆର ସବୁକାମ ସାରି, କେବଳ ପ୍ରମୋସନକୁ ଅପେକ୍ଷାକରି ବସି ଥାଆନ୍ତି ମୃଷାବାବୁ ।

ଦିନେ ଫୁଲ୍‌ବାଣି କଲେକ୍ଟର ଜି. ଉଦୟଗିରୀ ଏସ୍.ଡ଼ି.ଓ, ବି.ଡ଼ି.ଓ, ବାଘୁଆ ବଙ୍ଗଳାକୁ ଆସି, ମୃଷାବାବୁଙ୍କୁ ଅନୁରୋଧ କଲେ ତାଙ୍କ ଡ୍ରାମା, **"ଅଭିଶପ୍ତ ଘୁଙ୍ଗୁର"** ନିର୍ଦ୍ଦେଶନା ଦେବାକୁ, ତାକୁ ପଠାଇ ଥାନ୍ତି, ଆର.ଇ, ଓ. ମନ୍ତ୍ରୀ **ଭାଗିରଥି ଗମାଙ୍ଗ** ସାହେବ । ପ୍ରଥମଥର ପାଇଁ ଆଦିବାସୀ ପୁଅ, ବ୍ରାହ୍ମଣ ଝିଅ, ଆଦିବାସୀ ଝିଅ ଓ ବ୍ରାହ୍ମଣ ପୁଅଙ୍କର ବାହାଘର ହେବ, ଏ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବେ, ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ଆପଣ

Digitized by srujanika@gmail.com

ମାତ୍ର ସାତଦିନ ନିର୍ଦ୍ଦେଶନା ଦେବେ, ଆପଣଙ୍କ ନିର୍ଦ୍ଦେଶିତ ନାଟକ ଅଭିଶପ୍ତ ଘୁଙ୍ଗୁର ପ୍ରୋଭିଡ଼େଣ୍ଟ ଫଣ୍ଡ ଅଫିସରେ ମଞ୍ଚସ୍ଥ ହେବା ଦେଖି, ମନ୍ତ୍ରୀ ଗିରିଧର ଗମାଙ୍ଗ ପ୍ରୀତ ହୋଇଥିଲେ । ମୃଷାବାବୁ କହିଲେ ଆପଣମାନେ "ମୋତେ ବଡ଼ ବିପଦରେ ପକାଇଲେ, ମୁଁ ଏ ଜାଗା ଛାଡ଼ି କୁଆଡ଼େ ଯାଉନି, ଏଇଠି ନିର୍ଦ୍ଦେଶନା ଦେବା ଅଲଗା କଥା, ମୁଁ ବାହାରକୁ ଯାଇତ ପାରିବି ନାହିଁ ।

ସେମାନେ ଅନୁରୋଧ କରି କହିଲେ, "ଭଞ୍ଜନଗରର ଜଣେ ରାଜକୁମାର, ଆପଣଙ୍କୁ ବୁଲେଟ୍‌ରେ ନେଇ, ରାତି ଆଠଟା ସୁଦ୍ଧା ଉଦୟଗିରୀରେ ପହଞ୍ଚିବ, ଆପଣ ରାତି ଦୁଇଟାସୁଦ୍ଧା ନିର୍ଦ୍ଦେଶନା ଦେଇ ରେଷ୍ଟ ନେବେ, ସେଠୁ ଛଅଟାରେ ବାହାରି ଏଠି ଦିନ ନଅଟା ସୁଦ୍ଧା କାମରେ ଯୋଗଦେବେ, ସେ ପିଲା ଏଠି ଆପଣଙ୍କ ବସାରେ ଶୋଇବ, ଆପଣ କାମକୁ ଯିବେ, ପୁଣି ସଞ୍ଜ ପାଞ୍ଚଟା ସୁଦ୍ଧା ବାହାରିବେ, ତା'ଆର, ଆପଣଙ୍କର ସବୁଖର୍ଚ୍ଚ ଆମର, ତା ବାଦେ ଆପଣଙ୍କୁ ଉଚ୍ଚକୋଟୀର ପାରିଶ୍ରମିକ ଦିଆଯିବ, ଆମକୁ ଏ ବିପଦରୁ ରକ୍ଷା କରନ୍ତୁ, ଅନୁରୋଧ, ନାହିଁ କରନ୍ତୁ ନାହିଁ" । କଥା ଭାଙ୍ଗିପାରିଲେ ନାହିଁ ମୃଷାବାବୁ, ଚିଠି ଲେଖିଲେ, ବିନୋଦିନୀ, ଉମା, ବିଦୁ ପାଖକୁ କହିଲେ ତିନିଶହ ଟଙ୍କା ଲେଖାଏ ଆଡ଼ଭାନ୍ସ ଦେଇ ଦେବେ, ସେମାନେ ଡ୍ରାମାର ଦୁଇଦିନ ଆଗରୁ ଆସିବେ, ମୋ, ନାମ ଶୁଣିଲେ, ସେମାନେ ନିଶ୍ଚୟ ଆସିବେ, ତାଙ୍କୁ ରୋଲ୍ ଦେଇଦେବେ, ଆଗରୁ କରିଛନ୍ତି, ତିନି ଚାରିଦିନ, ରିହରସାଲ୍, ତାଙ୍କ ପାଇଁ ଯଥେଷ୍ଟ" ।

ସେଇଆ ହେଲା, ସେମାନେ ଆସିବାକୁ ରାଜିହେଲେ, ଆଡ଼ଭାନ୍ସ ବି ରଖିଲେ, ରିହରସାଲ ବଡ଼ ଜମାଣିଆ ଭାବେ ଚାଲିଲା, ସବୁ ସ୍ତ୍ରୀ ରୋଲ୍, ନିର୍ଦ୍ଦେଶକ ନିଜେ ପ୍ରକ୍ସି କରୁଥାନ୍ତି । ସବୁ ଅଫିସରଙ୍କର ମାଡ଼ାମ୍ ମାନେ ବସି ଦେଖନ୍ତି, ମୃଷାବାବୁଙ୍କ ଅଭିନୟ ଦେଖିହସି, ହସି ଗଡ଼ି ଯାଆନ୍ତି, କହନ୍ତି "ସାର୍ ଯାହା ରୋଲ୍ କରୁଛନ୍ତି ଆଉ ଅଭିନେତ୍ରୀ ଆସିବା ଦରକାର ନାହିଁ, ସବୁଯାକ ଅଭିନେତ୍ରୀଙ୍କ ପଇସା ସାର୍‌କୁ ଦିଆଯାଉ", ଡ୍ରାମା ଦୁଇଦିନ ଆଗରୁ ଅଭିନେତ୍ରୀ ମାନେ ଆସିଲେ ନାହିଁ । ଷ୍ଟେଜ୍ ରିହରସାଲ ଦିନ ବି ଆସିଲେ ନାହିଁ, ସମସ୍ତଙ୍କ ମନରେ ଦୁଃଖ, ପ୍ରତିଦିନ, ବସ୍‌ଷ୍ଟାଣ୍ଡରୁ ଅଫିସରମାନେ ଫେରନ୍ତି । ସମସ୍ତଙ୍କୁ ଧୈର୍ଯ୍ୟ ଦେଉଥାନ୍ତି ମୃଷାବାବୁ । ସେମାନେ ଡ୍ରାମାଦିନ ସକାଳେ ଆସିଲେବି, ଉଚ୍ଚକୋଟୀର ଡ୍ରାମା କରିଦେବେ, ବେଷ୍ଟ ମିଉଜିକ୍‌ସିଆନ୍ ନାଚ, ମାଷ୍ଟର, ଓ କଟକରୁ ଆସିଥାଆନ୍ତି, ମେକପ୍ ଡ୍ରେସିଂ କରିବାକୁ ନିଜେ "ରଘୁବାବୁ" ଭାରତୀ ଚିତ୍ରାଳୟ, ଷ୍ଟେଜ ରିହରସାଲ୍ ସରିଲାପରେ, ସମସ୍ତଙ୍କୁ ଧରି କାରରେ ଭୁବନେଶ୍ୱର ଗଲେ ମୃଷାବାବୁ, ଶୁଣିଲେ, "ସେମାନେ ଟେଲିଗ୍ରାମ କରି ଆଡ଼ଭାନ୍ସ ଫେରାଇ ଦେଇ ବାରିପଦା ଯାଇଛନ୍ତି ଡ୍ରାମା କରିବାକୁ । "ବଡ଼ ଦୁଃଖରେ, ମନ ସ୍ତାପରେ ଫେରିଲେ ସମସ୍ତେ, ମୃଷାବାବୁ କହିଲେ, ଡ୍ରାମାବନ୍ଦ, ଗୀତପୋଗ୍ରାମ ହେବ, ବାବୁମାନେ ଡେରି ନକରି ଚଞ୍ଚଳ ଫେରି ଆସିଲେ ଉଦୟ ଗିରୀ, ସେଠି ମିଟିଙ୍ଗ୍ ହେଲା, ସମସ୍ତେ ନିଷ୍ପତ୍ତି କଲେ, ନିଜେ ନିର୍ଦ୍ଦେଶକ ହେବେ ନାଚବାଲୀ ଗାୟତ୍ରୀ ଆର

Digitized by srujanika@gmail.com

ଝିଅରୋଲ୍ ଦୁଇଟାକୁ ଛୋଟ କରି ଦିଅନ୍ତୁ ଗୋଟିଏ ଗ୍ରାମସେବିକା ଆରଟି, ହାଇସ୍କୁଲ ପଢୁଥିବା ଝିଅ କରିବ, ସେମାନେ ଦଶଦିନ ରିହରସାଲ ଦେଖିଛନ୍ତି । ମୃଷାବାବୁ ମୁଣ୍ଡରେ ହାତ ଦେଇ ବସିଲେ, କଣ କହୁଛନ୍ତି ଆପଣମାନେ, ଗାୟତ୍ରୀ ବହିର ସବୁ ସୁନ୍ଦ୍ରୀ, ସୁନ୍ଦରୀ ଷୋଡ଼ଶୀ, ନାଚବାଲୀ, ମୁଁ ଅଠ୍ଚାଳିଶ ବର୍ଷର ବୁଢ଼ା, ମୁଁ ହେବି ଗାୟତ୍ରୀ , **"ଲୋକେ କେବଳ ହସିବେ"**, ତାଙ୍କ କଥା ଶୁଣାଗଲା ନାହିଁ, ସବୁ ମାଡ଼ାମ୍ କହିଲେ, ଆମେ ଆପଣଙ୍କୁ ରମ୍ଭା ଉର୍ବଶୀଙ୍କ ଠାରୁ ଆହୁରି ସୁନ୍ଦରୀ କରି ସଜାଇଦେବୁ, ରଘୁବାବୁ, ଚିତ୍ରାଳୟ ବାଲା, ତାଙ୍କ କଥାରେ ତାଳି ମାରିଲା, ଶେଷ ରିହରସାଲ୍ ଦିନ ତିନିଟା ଯାଏ ଚାଲିଲା, ନୂଆଝିଅମାନେ, ରୋଲ୍ ମ୍ୟାନେଜ୍ କରିଦେବେ ବୋଲି ସମସ୍ତଙ୍କର ହୃଦଙ୍ଗମ ହେଲା ।

ମୁଖ୍ୟମନ୍ତ୍ରୀ ପାଞ୍ଚଟା ସୁଦ୍ଧା ପହଞ୍ଚି, ସବୁ ବାହାଘର ସାତଟା ସୁଦ୍ଧା କରି ଚାଲିଗଲେ, ରହିଲେ କେବଳ, ଗମାଙ୍ଗ ସାହେବ ଡ୍ରାମା ଦେଖିବାକୁ, ମୃଷାବାବୁଙ୍କୁ, ସବୁ ଅଫିସରଙ୍କ ସ୍ତ୍ରୀମାନେ, ସଜାଇ ଚାଲିଥାନ୍ତି, ପ୍ରକୃତ ସୁନାରେ ଛାଇଦେଲେ, ପ୍ରତ୍ୟେକ ସିନ୍ ପାଇଁ ସମୁଦାୟ ଦଶଟା କେତେ ବହୁ ଦାମିକା ବନାରଶୀ ପାଟ, ଅତି ସୁନ୍ଦର ଦିଶିଲେ ମୃଷାବାବୁ, ତାଙ୍କୁ କେହି ଚିହ୍ନି ପାରିଲେ ନାହିଁ । ମୃଷାବାବୁଙ୍କ ସଙ୍ଗେ, କଥାବାର୍ତ୍ତା, ପାଇଁ ମନ୍ତ୍ରୀମହୋଦୟ ବାରମ୍ବାର ଡ଼ାକୁଥିଲେ ବି, କାର୍ଯ୍ୟବ୍ୟସ୍ତ ଅଛନ୍ତି କହି, ତାଙ୍କୁ ପାଖକୁ କେହି ଆଣୁ ନଥାନ୍ତି ।

ଡ୍ରାମା ଆରମ୍ଭ ହେଲା, ମୃଷାବାବୁଙ୍କୁ ଷୋଡ଼ଶୀ, ଓ ବୃଦ୍ଧା ଗାୟତ୍ରୀ ହିସାବରେ ଦେଖି ହସି, ହସି, ବେଦମ୍ ହେଇଗଲେ ମନ୍ତ୍ରୀ ସାହେବ, ସବୁର ପରିସ୍ଥିତି ଶୁଣିଲେ, ଧନ୍ୟବାଦ୍ ଦେଲେ, ବାଃ, ବାଃ କଲେ, ସାଙ୍ଗେ ସାଙ୍ଗେ ତିନି ହଜାର ଟଙ୍କା ପୁରସ୍କୃତ କଲେ, କଲେକ୍ଟରର ବିଡ଼ିଓ, ଏସ.ଡ଼ି.ଓ ସମସ୍ତେ ବାଧ୍ୟହୋଇ ମଧ୍ୟ ପୁରସ୍କୃତ କଲେ । ନିର୍ଦ୍ଦେଶନା ବାଦେ, ବହୁତ ଅଧିକ ଟଙ୍କା ମିଳିଲା ମୃଷାବାବୁଙ୍କୁ, ନାଟକ ବଡ଼ ଜମାଣିଆ ହେଲା, ଲୋକମାନେ, ବହୁତ ଆନନ୍ଦିତ ହେଲେ । ସବୁ ଅଫିସର ବୃନ୍ଦ ମୃଷାବାବୁଙ୍କୁ ଭୁରି ଭୁରି ପ୍ରଂଶସା କରି କହିଲେ, "ଆପଣ ଆଜି ଆମ ଇଜ୍ଜତ ବଞ୍ଚାଇଦେଲେ ସାର୍" ମୃଷାବାବୁ କଣବା କହିବେ ଖାଲି, ଏତିକି କହିଲେ, "ମୋ ମାନ ଇଜ୍ଜତକୁ ଜଳାଞ୍ଜଳି ଦେଇ ଅଠ୍ଚାଳିଶି ବର୍ଷର ବୁଢ଼ା ଇଞ୍ଜିନିୟର ହେଲି ସୁନ୍ଦ୍ରୀ ସୁନ୍ଦରୀ ଷୋଡ଼ଶୀ **"ନାଚବାଲୀ, ଗାୟତ୍ରୀ"** ।

●●●

Digitized by srujanika@gmail.com

ବାସୁଦେବ ଅପେରା

ଉଣେଇଶ ଷାଠିଏ ମସିଆରୁ ଲକ୍ଷ୍ମୀସାଗରରେ ଜାଗା ଖଣ୍ଡିଏ କିଣିଥାନ୍ତି ମୃଷାବାବୁ । ସେତେବେଳେ ଲକ୍ଷ୍ମୀସାଗରକୁ ରାସ୍ତାଘାଟ, କିଛି ନଥାଏ, କଟକ ରୋଡ଼ରୁ ଖାଲ କୁଦ, ନାଳ, ଡେଇଁ ଗାଁକୁ ଯିବାକୁ ହୁଏ । କୌଣସି ଅଫିସ୍ ହୋଇନଥାଏ, ମାତ୍ର ଥାଏ ଗୋଟାଏ ମାଇନର ସ୍କୁଲ, ପୁରାଜାଗାଟିକୁ, ତିନି, ଚାରିଫୁଟିଆ ପାଚେରୀ କରି, ଚାଲିଯାଇ ଥାନ୍ତି ମୃଷାବାବୁ, ରାତିରେ ଜାଗା ପାଖଦେଇ, ଯିବା ଆସିବା କରିବା ବଡ଼ ବିପଦ । ଶିଆଳ, ବିଲୁଆ, ହେଟାବାଘ, ବେଳେବେଳେ ବୁଲୁଥିବାର ଦେଖାଯାଏ । ଜାଗାଟିକୁ ଗାଁର ଲୋକମାନେ, ପୁରା ପାଇଖାନାରେ ପରିଣତ କରି ଦେଇଥାନ୍ତି । କିଣାବେଳେ ଜାଗା, ପାଞ୍ଚ, ସାତଫୁଟ ଖାଲଥିଲା, ମାଟି ପକାଇ ଉଞ୍ଚା, ନିଚା ସମାନ କରି ଜାଗାଟିକୁ ପୁରାପୁରି ସମତୁଲ କରିଦେଇଥାନ୍ତି ମୃଷାବାବୁ । ଉଣେଇଶ ଛଅଷଠୀ ମସିଆରେ ଆସି ଥରେ ଦେଖିଲେ ତାଙ୍କ ଜାଗାର ପାଚେରି ଆଉ ନାହିଁ । ସବୁ ପଥର ଚୋରି ହୋଇ ଯାଇଛି. ମନ୍ଦିରରେ ଲାଗିଛି ପରେ ଶୁଣିଲେ, ଯାହା ହେଉ ସତ୍ କାମରେ ଲାଗିଲା । ଭାବିଲେ ଘର ନକଲେ ଜାଗାଟି ଆଉ ରହିବ ନାହିଁ, ତାଙ୍କୁ ଦେଇଥିବା ଗୋବିନ୍ଦମଲ୍ଲଙ୍କ ନବେ ଡ଼ିସ୍‌ମିଲ୍ ଜାଗାରେ ଘର ଆରମ୍ଭ କଲେ, ଯଦୁ ପ୍ରଧାନ ଠିକାଦାରଙ୍କ ଦ୍ୱାରା । ଗାଁ ପିଲାଏ, ଆଗରୁ ମୃଷାବାବୁଙ୍କ ନା ଶୁଣିଥିଲେ, ଦେଖି ନଥିଲେ, ତାଙ୍କ ଡ୍ରାମାର ନିର୍ଦ୍ଦେଶନା ପ୍ରଚାର ବହୁ ଆଗରୁ ଶୁଣିଥିଲେ, ତାଙ୍କୁ କାନ୍ଧରେ ବସାଇ, ମାଳିହତାକୁ ଆଣି ଗୋଟାଏ ଭଙ୍ଗାସିଟ୍ ଘରେ କ୍ଲବ ଆରମ୍ଭ କଲେ, କ୍ଲବର ନାମ ହେଲା, **"ଜଓ୍ୱାନ କ୍ଲବ"**, ମୃଷାବାବୁ ଭାବିଲେ, ନିଜ ଗାଁରେ କି ଅନ୍ୟ କେଉଁଠି ଜାଗା ନାହିଁ, ଏହି ଲକ୍ଷ୍ମୀ ସାଗରରେ ଶେଷ ଜୀବନ କଟାଇବେ, ଆଜିଠାରୁ କ୍ଲବଟିଏ କରିଥିଲେ, ଅବସର ବେଳକୁ ବହୁତ ନାମ ହୋଇଥିବ, କ୍ଲବରେ ହେଲେ ସଭାପତି ଆଉ ନାଟକର ନିର୍ଦ୍ଦେଶକ, ଗାଁର ସମସ୍ତେ ଛୋଟ ବଡ଼, ଟୋକା, ଜଓ୍ୱାନ ସଭ୍ୟ ହେଲେ, ଡ୍ରାମା ଚାଲିଲା, ପ୍ରତିଦିନ ସଞ୍ଜ ୭ଟାଠାରୁ ରାତି ବାରଟା ଯାଏ । ତେଣୁ ନିର୍ଦ୍ଦେଶକଙ୍କ ବିନା ଅନୁମତିରେ କ୍ଲବ ଛାଡ଼ିକିଏ କୁଆଡ଼େ ଯାଇ ପାରିଲେ ନାହିଁ, ଅନେକଙ୍କର ବଦ ଅଭ୍ୟାସ କମିଗଲା, ଜଣେ, ଦିଇଣ କଥା ନିଆରା, ଏତେ କଟକଣା ମଧରେ ବି ଅଧଘଣ୍ଟେ ଘଣ୍ଟେ ବାହାରକୁ ମିଛ କହିଯାଇ, ମାଲ୍ ଟିକିଏ ପକାଇ ଦେଇ, ଚମ୍ପା ପୋଖରୀ କି ମାଳି ସାହି ମାଡ଼ି ଆସନ୍ତି କେତେକ । ସଭ୍ୟମାନେ ମୃଷାବାବୁଙ୍କୁ ବହୁତ ମାନ୍ୟ ଓ ଭକ୍ତି କରନ୍ତି । ପ୍ରତି ବର୍ଷ ଚାରିଟା, ପାଞ୍ଚଟା, ଲେଖାଏଁ ଡ୍ରାମା ଓ ଅପେରା, ମନ୍ତ୍ରୀ ସାହିତ୍ୟିକ, କଳାପ୍ରେମୀମାନେ, ବାରଯାର

Digitized by srujanika@gmail.com

ଆସି, ଭୁରି, ଭୁରି ପ୍ରଂଶସା କରନ୍ତି, ସରକାରଙ୍କଠାରୁ ଟଙ୍କା ମିଳିଲା, କ୍ଲବ ରେଜିଷ୍ଟ୍ରି ହେଲା, କ୍ଲବର ପ୍ରଥମ ସଂପାଦକ ହେଲେ ନରେନ୍ଦ୍ରସାହୁ, ଭଲଭାବରେ କ୍ଲବ ଚଳାଇଲେ, ବାହାରୁ ଅଭିନେତ୍ରୀ, ମିଉଜିକ୍‌ସିଆନ୍ ମାନେ ଆସି, ନାଟକ, ଡ୍ରାମାକୁ ସରସ ସୁନ୍ଦର କଲେ । ଶହ, ଶହ, ନାଟକ, ଡ୍ରାମା କଲା **"କଓ୍ୱାନ୍ କ୍ଲବ"** ବହୁ ଶିକ୍ଷିତ, ଅଭିନେତା, ଅଭିନେତ୍ରୀ ମାନେ ରୋଲ୍ କରୁଥିବାରୁ, ନାଟକ, ତଥା କ୍ଲବର ସୁନାମ, ଚାରିଆଡ଼େ ବ୍ୟାପିଗଲା ।

ମୃଷାବାବୁ ଥାଆନ୍ତି ଓଡ଼ଗାଁ, ବାଘୁଆ, ପ୍ରେଜେକ୍ଟରେ, ଦିନେ ଶଙ୍କର ପ୍ରଧାନ ଏବେର ଉପସଭାପତି ତଥା କୋଷାଧକ୍ଷ ଯାଇ କହିଲେ ସାର୍ ଆମ କ୍ଲବ କରଞ୍ଜିଆ, ଡ୍ରାମା କରିବାକୁ ଯିବ, ଆମେ ସମସ୍ତେ ମତଦେଇ ସାରିଛୁ, ଆପଣ ଗଲେ, ବହି ଫାଇନାଲ୍ ହୋଇ ରିହରସାଲ୍ ହେବ । କଥାଭାଙ୍ଗି ପାରିଲେ ନାହିଁ ମୃଷାବାବୁ, ଆସି ଦେଖିଲେ ମଞ୍ଚ ଚଳଚିତ୍ର ଅର୍ଣ୍ଣପୂର୍ଣ୍ଣା 'ଏ' ଗ୍ରୁପର ନାମକରା ଅଭିନେତା ଭୋଲାନାଥ ଦାସ, ବାଧ୍ୟ କରୁଛନ୍ତି ଯିବାକୁ ପାଞ୍ଚଦିନ । କମ୍‌ପିସେନ୍ ଅପେରା ହେବ ବୋଲକୁ, ତାଙ୍କ କଥା ଆଦୌ ଭାଙ୍ଗି ହେଲାନି, କାରଣ ସେ ମୃଷାବାବୁଙ୍କର ନାତୁଣୀ ରଙ୍ଗଲତାକୁ ବିବାହ କରି ଥିଲେ । କରଞ୍ଜିଆର ସମ୍ଭ୍ରାନ୍ତ କରଣ ବଂଶର ଜମିଦାର ପିଲା, ତେଣୁ, ଭଲ ହୋଇଥିବା ପାଞ୍ଚଟି ବହିକୁ ଅପେରା ଛାଞ୍ଚରେ ତିଆର କରାଗଲା, ସବୁ ବଛା ବଛା ଅଭିନେତା, ଅଭିନେତ୍ରୀଙ୍କୁ ରୋଲ୍ ଦିଆଗଲା, ଡୁଏଟ୍ ଦଶଟା ଫିକ୍ସ କରାଗଲା ଲକ୍ଷ୍ମୀସାଗରର ପ୍ରତ୍ୟକ୍ଷ ଠାକୁର, ବାସୁଦେବଙ୍କ ନାମ ଅନୁସାରେ, ଅପେରାର ନାମ କରଣ ହେଲା, "ବାସୁଦେବ ଅପେରା" ଟିମ୍‌ରେ ଗଲେ ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍ ନୃତ୍ୟଗୁରୁ ବିଦ୍ୟାଧର ଦାସ, ଗାୟିକା, ଗାୟତ୍ରୀ, ମଞ୍ଜୁଲତା, ଶାନ୍ତିଲତା, ବସନ୍ତ ଦାସ, ହରି ମହାନ୍ତି ଓ ଦଶଜଣ ଉଚ୍ଚକୋଟିର ସଂଗୀତଜ୍ଞ । ଡୁଏଟ୍‌ରେ, ବିଦ୍ୟାଧର, ବେବିରାଣୀ, ଭୋଲାବାବୁଙ୍କ ଦୁଇଝିଅ, ରୁନୁ, ଝୁନୁ ନୃତ୍ୟ କରିବେ ବୋଲି ନିଷ୍ପତି ହେଲା । ଅଭିନେତ୍ରୀ ଭିତରେ ରହିଲେ, ବିନୋଦିନୀ, କୃଷ୍ଣା, କିରଣ, ଉଷାଦେବୀ ଉମା, ମଞ୍ଜୁ, ରିନୁ, ଝୁନୁ, ନିତା, ଓ ଆହୁରି ଅନେକ ନାମକରା ଅଭିନେତ୍ରୀ । ଅଭିନେତାଙ୍କ ଭିତରେ ରହିଲେ ବଂଶୀଧର, ଚକ୍ରଧର, ନାରାୟଣ, ଠୁକୁରି, (କୃଷ୍ଣଚନ୍ଦ୍ର, ନିର୍ଦ୍ଦେଶକଙ୍କ ଧରମ ଶଳା) ଶଙ୍କର, ସୁଧା ବିଦ୍ୟାଧର, ଶ୍ରୀଧର, ନରେନ୍ଦ୍ର, ବିଚିତ୍ର ନନ୍ଦ, ସୁରବାବୁ, ନୃସିଂହ ମହାନ୍ତି, ଭଗବାନ, ବାବୁଲା, କାବୁଲା । ରଞ୍ଜନ କୁମାର ସାମନ୍ତ ଓ ଅନନ୍ତ ରାଉତରାଯ, ନରେନ୍ଦ୍ର ରାଉତ ଓ ଦେବ ଲେଙ୍କା, ବାଉରିବନ୍ଧୁ (ହାସ୍ୟ ଅଭିନେତା) ଗାଁର ବହୁ ପୁରୁଣା ଅଭିନେତା ବୃନ୍ଦ । ଏହିପରି ପ୍ରାୟ ତିରିଶ ଉପରେ, କୁଶଳୀ, କଳାକାର । ଶିଶୁ କଳାକାର ରୂପେ ଗଲା, "ଶଶୀ" ନିର୍ଦ୍ଦେଶକ ମୃଷାବାବୁଙ୍କ ସବା ସାନଝିଅ ।

ସବୁ ଅଭିନେତା, ଅଭିନେତ୍ରୀଙ୍କୁ ଓ ପୁରା ଇଉନିଟ୍‌କୁ ଧରି, ଗାଡ଼ି ପହଞ୍ଚିଲା, କରଞ୍ଜିଆ । କରଞ୍ଜିଆର ପାଞ୍ଚ କିଲୋମିଟର ଦୂରରୁ ବଡ଼ ବଡ଼ ବ୍ୟାନର ଦେଖାଗଲା, "ବାସୁଦେବ ଅପେରା", ଲକ୍ଷ୍ମୀସାଗର । ନିର୍ଦ୍ଦେଶକ, ମଞ୍ଚ ଚଳଚିତ୍ର ଅଭିନେତା, ସ୍ୱର୍ଣ୍ଣ

Digitized by srujanika@gmail.com

ପଦକ ପ୍ରାପ୍ତ ମଞ୍ଚ ନିର୍ଦ୍ଦେଶକ "ଇଂ ମୃଷା ପଟ୍ଟନାୟକ" ବ୍ୟାନର ଦେଖି ସମସ୍ତେ ଖୁସି, ଭୋଳାବାବୁଙ୍କର ଘର କରଞ୍ଜିଆ ହୋଇ ଥିବାରୁ ରହିବା, ଖାଇବାର କିଛି ଅସୁବିଧା ହେଲାନି ।

ସେଠି ପହଁଞ୍ଚିବା ପରେ, ପରେ, ବାବୁ(ଚକ୍ରଧର) ମୁଖ ଅଭିନେତା ଓ ଖଳ ଅଭିନେତା, କହିଲା, ସାର୍ ମୁଁ ଗାୟିକା ମଞ୍ଜୁଲତାକୁ ବିବାହ କରିବି, ଯଦି ନକରେ, ରୋଲ୍ ନକରି ଏଠୁ ପଳାଇବି । ମୃଷାବାବୁଙ୍କ ମୁଣ୍ଡ ଚକର ଧରିଲା, କଣ କରିବେ କିଛି ଭାବି ପାରିଲେ ନାହିଁ । ମୃଷାବାବୁ ଯାଇଛନ୍ତି ଓ ଦେଖିଛନ୍ତି ତାର ପ୍ରଥମ ସ୍ତ୍ରୀ ସହିତ, ବାଲି ପାଟଣାରେ, ଆଡ଼ମ୍ବରରେ ବାହାଘର, ଦୁଇଟି ପୁଅ, ସ୍ତ୍ରୀ ଏତେ ଭଲ ଯେ, ବାବୁର ସବୁ ଦୋଷକୁ କ୍ଷମାଦେଇ, ସ୍ୱାମୀ ସେବାରେ ଘରେ ପଡ଼ି ରହିଥାଏ । କଣ ସେ କରିବେ, ବାଧ୍ୟହୋଇ, ଏକୁଟିଆ ଗୋଟେ ଘରେ ରହିବାକୁ ସୁଯୋଗ ଦେଲେ । ଉତ୍ଥାନ କ୍ଲବର ସବୁ ଅଭିନେତାଙ୍କ ଭିତରେ ବାବୁ ଥିଲା ମୃଷାବାବୁଙ୍କର ଅତି ପ୍ରିୟ, ସାନଭାଇଠୁ ବଳି । ବାବୁର ସବୁ ଅଳିଅଝଟ ସେ ସ୍ନେହ ଶ୍ରଦ୍ଧାରେ ବାଧ୍ୟହୋଇ ରଖନ୍ତି ବାବୁକୁ, ସାଇକେଲ୍ ମଟର ସାଇକେଲ୍, ଜିପ୍ ଶିଖାଇଲେ ମୃଷାବାବୁ । ରବିନ୍ଦ୍ର ମଣ୍ଡପ, କଟକ, ଅନ୍ୟ କ୍ଲବ ମାନଙ୍କରେ ରୋଲ ବି ଦେଲେ, ଶେଷରେ ସିନେମା ସୁଟିଙ୍ଗ୍ ପାଇଁ କଲିକତା ନେଲେ, ସେ ମୃଷାବାବୁଙ୍କର ପ୍ରଥମ ଚେଲା ।

ବିପୁଳ ପ୍ରଚାର, ସୁନ୍ଦରୀ ଅଭିନେତ୍ରୀ ମାନଙ୍କୁଦେଖି ପ୍ରଯୋଜକ ମଣ୍ଡଳୀ ଟିକେଟ୍‌ର ମୂଲ୍ୟ ବଢ଼ାଇଦେଲେ, ଦଶ ଟଙ୍କାର ଟିକେଟ୍ ତିରିଶ ଟଙ୍କା । ଟିକଟ ପାଇଁ ମାରପିଟ୍, ଟିକଟ ବ୍ଲାକ୍‌ରେ ବିକ୍ରି ହେଲା ।

ମୃଷାବାବୁ ଦେଖିଲେ, ସାତଶଙ୍ଖ ଅପେରା, କମିଟେସନକୁ ଆସିଛି, ନଗେନ୍ ମହାନ୍ତି ସାତଶଙ୍ଖ ଅପେରାର ମାଲିକ୍ । ମୃଷାବାବୁଙ୍କର ପ୍ରିୟବନ୍ଧୁ, ସେ ପ୍ରଥମେ ମୃଷାବାବୁଙ୍କର ଅଫିସ୍‌ରେ କାମ କରୁଥିଲେ । ଦିଇଟା ଅପେରା ପାଟି କରି ସେ ଓଡ଼ିଶାର ଶ୍ରେଷ୍ଠ ଅପେରା ମାଲିକ ରୂପେ, ସୁନାମ ଅର୍ଜ୍ଜନ କଲେ । ମୃଷାବାବୁ ଭାଲେଣିରେ ପଡ଼ିଗଲେ । ତାଙ୍କ ସହିତ, **ବାସୁଦେବ ଅପେରା** କି କମିଟିସନ୍ କରିବ ? ବହୁତ ଭାବି, ନିଷ୍ପତି କଲେ ପ୍ରଥମ ରଜନୀ ନାଟକ ହେବ, ଐତିହାସିକ ନାଟକ "**ରାଜନର୍ତ୍ତକୀ**" । ନିଜେ ନିର୍ଦ୍ଦେଶକ, ହାସ୍ୟ ଅଭିନେତା, ରାଜା ବିନ୍ଦୁସାରଙ୍କ ବିଦୁଷକ, ତାଙ୍କ ସ୍ତ୍ରୀ ଅରୁନ୍ଧତୀ ମଞ୍ଚଶ୍ରୀ ବିନୋଦିନୀ, ଓ କୃଷ୍ଣା କୁମାରୀ, "ରାଜା ବିନ୍ଦୁସାର, ନରେନ୍ଦ୍ର ସାହୁ", ନାୟକ ବଂଶୀଧର ପଣ୍ଡା, ଜଗତଜ୍ୟୋତି, "ଶ୍ରେଣିକ-ଠାକୁରି (ନୁଆ ଛୋଟ ହିରୋ") "ଶଙ୍କରାନନ୍ଦ, ଶ୍ରୀଧର", ବିଦୁଷକଙ୍କ ପୁଅ ରଘୁନାଥ-ଭଗବାନ, ସମସ୍ତଙ୍କ ରୋଲ, ଅତି ବଢ଼ିଆ, କିଏ କାହାକୁ କମ୍ ନୁହେଁ । "ବାବୁ (ଚକ୍ରଧର) ରୋଲ୍ କରେ ମହାମେଘ ବାହନ" - ସେନାପତି, ଖଳ ଅଭିନେତା, ଚକ୍ରଧରଙ୍କ ରୋଲ ବି ଉଚ୍ଚକୋଟୀର । ନୃତ୍ୟଗୁରୁ ବିଦ୍ୟାଧର ଦାସ ପ୍ରଥମେ ଦଶ ଅବତାର ନୃତ୍ୟ ପରିବେଷଣ

Digitized by srujanika@gmail.com

କଲେ । ପ୍ରେକ୍ଷାଳୟରୁ, ଘନଘନ ତାଳି ଉଠିଲା, ବିଦ୍ୟାବାବୁଙ୍କର ଦଶ ଅବତାର ନୃତ୍ୟ ପ୍ରକୃତରେ ବଡ଼ ଚିତାକର୍ଷକ । ସେ ନାଚ ପ୍ରଥମରୁ ଦେଖି, ଦର୍ଶକ ମାନେ କହିଲେ, ତାଙ୍କର ପଇସା ଉଠିଗଲା । ତାପରେ ରାଜନର୍ତ୍ତକୀ, ବେବିରାଣୀଙ୍କ ନୃତ୍ୟ ଓ କୁରହସ, ବହି ବେଶ୍ ଜମାଇଦେଲା, ତାପରେ, ପରେ, ପହଁଞ୍ଚିଗଲେ, **ବିଦୂଷକ ମୃଷାବାବୁ** ନିର୍ଦ୍ଦେଶକ, ଦର୍ଶକଙ୍କୁ ହସେଇ, ହସେଇ ମୁତାଇ ଦେଲେ । ତାଙ୍କର ସ୍ୱପ୍ନରେ ସ୍ୱର୍ଗରେ ପହଞ୍ଚିବା ଦୃଶ୍ୟ ଅତି ଜମାଣିଆ, ହସି ହସି ରାଜା ବିନ୍ଦୁସାରଙ୍କ ପାଖେ କହିଲେ "ମହାରାଜ୍, ମୁଁ ସ୍ୱପ୍ନରେ ସ୍ୱର୍ଗକୁ ଯାଇ ରମ୍ଭା, ମେନକା, ଉର୍ବଶୀଙ୍କ ନାଚଦେଖିଲି, ତାଙ୍କ ନାଚଦେଖି ମୋତେ ନାଚିବାକୁ ଇଚ୍ଛା ହେଲା । ବିନ୍ଦୁସାର କହିଲେ, "ତୁମେ ଦେବ ସଭାରେ ନାଚିଲ ବିଦୂଷକ" ? "ଖାଲି କଣ ନାଚିଲି, ଗୌରବ ଅର୍ଜ୍ଜନ କଲି, ପୁରୁଷ ବେଶରେ ନୁହେଁ ପୁରା ଉର୍ବଶୀ ବେଶରେ"। ରାଜା ହସି ହସି ଗଡ଼ିଗଲେ, କହିଲେ "ତୁମ ନାଚ ମୁଁ ଦେଖିବି, ତୁମକୁ ନାଚିବାକୁ ହେବ, ମଦାଳଶୀ, ବିଦୂଷକଙ୍କୁ ଉର୍ବଶୀ ବେଶରେ ସଜାଇ ଦିଅ" । ଗୋଡ଼ତଳେ ଲମ୍ବ ହୋଇ ପଡ଼ିଗଲେ ବିଦୂଷକ, "ମୋତେ ବରଂ ହତ୍ୟା କରନ୍ତୁ ପ୍ରଭୁ ରାଜ ସଭାରେ ସ୍ତ୍ରୀ ବେଶ ହୋଇ ନାଚିବାକୁ କହନ୍ତୁନି" । ମୁଁ ସ୍ୱପ୍ନରେ ସିନା ନାଚିଲି "ସ୍ୱପ୍ନ କି ବାସ୍ତବରେ ପରିଣତ ହୁଏ । ବୟସ୍ୟ, ତୁମକୁ ନାଚିବାକୁ ହେବ", ବିଦୂଷକଙ୍କ କଥା ଶୁଣାଗଲା ନାହିଁ, ସ୍ତ୍ରୀ ବେଶ ହେଇ ମୃଷାବାବୁ (ବିଦୂଷକ) ନାଚିଲେ, ବିଦ୍ୟାଧର ବାବୁ ଦିର୍ଘ ଚାରିଦିନ ଧରି ନାଚ ଶିଖାଇଥିଲେ ମୃଷାବାବୁଙ୍କୁ । "ପ୍ରୀତି ଶାଣଦିଅ ନୂଆ ତରବାରୀ ଛୁଇଁଲେ, ଧରିଲେ, ଦିଏ ଦେହଚିରି "ନାଚି ନାଚି ରଙ୍ଗମଞ୍ଚ ଫଟାଇ ଦେଲେ ବିଦୂଷକ, ଶେଷରେ ଲଙ୍ଗଳା, ମୁକୁଳା ହେଇ, ବେଣୀ, ଛାତିରେ ଥିବା ଭେଲଭେଟ୍ କନାର ତୁଳାବିଣ୍ଡା ଖସାଇଦେଇ, ରାଜା ବିନ୍ଦୁସାରଙ୍କୁ କୁଣ୍ଢାଇ ଧରିଲେ । ପ୍ରେକ୍ଷାଳୟରୁ ଘନ ଘନ ତାଳି ହେଲା, ହସ ଚାଲିଥାଏ, ଦଶ ମିନିଟ୍ ଯାଏ, ବେବିରାଣୀ ରାଜନର୍ତ୍ତକୀ ହସ ସମ୍ଭାଳି ନପାରି, ଠିଆ, ଠିଆ ମୁତି ପକାଇଲେ, ମୁତ ଜାଗାରେ ହାତଦେଇ ଦୌଡ଼ିଲେ, ଗ୍ରିନ୍‌ରୁମକୁ, ଦର୍ଶକମାନେ ମୃଷାବାବୁ, ନିର୍ଦ୍ଦେଶକଙ୍କ ନୃତ୍ୟଦେଖି ଭାବିଲେ, ହାସ୍ୟ ଅଭିନେତା, ଚଳଚ୍ଚିତ୍ରର କାଦର ଖାଁ ଅବା ନାଚୁଛନ୍ତି, ତାପରେ, ହିରୋ ଜଗଦ୍‌ଜ୍ୟୋତି ଭୂମିକାରେ ବଂଶୀଧର, ମେଘବାହନ ଭୂମିକାରେ-ବାବୁ, ଶ୍ରେଣିକ ରୋଲରେ-ଠକୁରି, ବିନ୍ଦୁସାର ରୋଲ୍‌ରେ-ନରେନ୍ଦ୍ର, ଶଙ୍କରାନନ୍ଦ ରୋଲରେ- ଶ୍ରୀଧର, ସର୍ବେ । ପରେ ବିଦୂଷକଙ୍କ ପୁଅ, ରଘୁନାଥ ରୋଲରେ- ଭଗବାନଙ୍କ ଅଭିନୟ ଦର୍ଶକଙ୍କୁ ପ୍ରେକ୍ଷାଳୟରୁ ମୁତେଇବାକୁ ଛାଡ଼ିଦେଲା ନାହିଁ । ନାଟକ ସରିଲା, ଲୋକମାନେ ତାପର ଦିନ ପାଇଁ ଆଗତୁରା ଟିକଟ କାଟିଲେ, ଚାରିଆଡ଼େ ରାଷ୍ଟ୍ରହୋଇଗଲା, କି ଅଭିନେତାରେ ବାବା, କି ଅଭିନୟ ଅଭିନେତା, ଅଭିନେତ୍ରୀ ସମସ୍ତେ ଉଚକୋଟୀର, ବାପା, ପୁଅ, ମା'ଙ୍କ ଅଭିନୟ । ନିକ୍ଷୁଣ ନିର୍ଦ୍ଦେଶନା, ଯୋଗୁଁ, ଦ୍ୱିତୀୟ ଦିନର ଟିକଟ୍ ମୂଲ୍ୟ ବଢ଼ାଇ ଦେଲେ, ଉଦ୍ୟୋକ୍ତା ମଣ୍ଡଳୀ ।

Digitized by srujanika@gmail.com

ଦ୍ୱିତୀୟ ଦିନ ନାଟକ, ପ୍ରଦ୍ୟୁମ୍ନ ହରଣ ବା ସୁଭଦ୍ରା ପରିଣୟ । ଦ୍ୱିତୀୟ ଦିନ ସକାଳୁ, ସାତସଂଖ ମାଲିକ ନଗେନ୍ ମହାନ୍ତି ମୃଷାବାବୁଙ୍କୁ ଦେଖାକରି କହିଲେ, "ବଡ଼ଭାଇ ଆମେ ଆଜିଠାରୁ ଏଠୁ ଅପେରା ପାଟି ଉଠାଇ ନେଉଛୁ, ଆପଣଙ୍କ ପାଟି ପ୍ରଥମଦିନ ଯାହା ନାଟକ କଲେନା, ଆମ ନାଟକ ଦେଖିବାକୁ ଆଉ କେହି ଆସିବେ ନାହିଁ । ସୁନ୍ଦରୀ ଝିଅ, ଉଚ୍ଚକୋଟୀର ଅଭିନେତ୍ରୀ, ଶିକ୍ଷିତ ସୁନ୍ଦର ଅଭିନେତା, ସର୍ବୋପରେ, ଆପଣଙ୍କର ବଳିଷ୍ଠ ନିର୍ଦ୍ଦେଶନା ଓ ଅଭିନୟ, ତେଣୁ ମୋ ପାଟି ପେଡ଼ି ପୁଟୁଳା ବାନ୍ଧି ଚାଲି ଯାଉଛି" । ମୃଷାବାବୁ ନଗେନ୍‌ବାବୁଙ୍କୁ କହିଲେ "ବ୍ୟସ୍ତ ହୁଅନା, ଆଜିକ ଅପେକ୍ଷା କର, ଦର୍ଶକ ମଣ୍ଡଳୀରୁ ଆଜି ଯଦି ପଚା ଅଣ୍ଡା, କଦଳୀ, ଟେକା, ନପଡ଼ୁଛି, ଲୋକେ ପାଟି କରି କହିବେ, ପ୍ରମ୍ପଟିଙ୍ଗ୍ ବନ୍ଦ କର । ନହେଲେ ଏ ଜାଗା ଛାଡ଼ି ଚାଲିଯାଅ", ନଗେନ୍‌ବାବୁ ତାଙ୍କ କ୍ୟାମ୍ପକୁ ଫେରିଗଲେ ।

କିଛି ସମୟ ପରେ, ପହଞ୍ଚିଲେ, ତାଙ୍କ ପାଟିର ହାତଖଣ୍ଡି ଅଭିନେତା । ସମସ୍ତଙ୍କୁ ଭକ୍ତିପୂର୍ଣ୍ଣ ନମସ୍କାର କରି, କାହାକୁ ପାନ, କାହାକୁ ସିଗାରେଟ୍ କାହାକୁ ଜଳଖିଆ ଖୁଆଇ ଖୁସି କରାଇଲେ । ନିର୍ଦ୍ଦେଶକ ଆଉ ପ୍ରମ୍ପଟରଙ୍କ ମୁଣ୍ଡରେ, ଚାଉଳ, ଫୁଲପକାଇ କୁଶଳ କାମନା କଲେ । ମଞ୍ଚ ଚାରିପାଖ, ତିନି ଚାରିଥର ବୁଲି, ଦୁବ, ଅରୁଆ ଚାଉଳ, ବରକୋଳି ପତ୍ର ଫିଙ୍ଗିଦେଲେ, ମୃଷାବାବୁ ନିର୍ଦ୍ଦେଶକଙ୍କୁ ଫଟଟିଏ ଦେଲେ, ଅନୁରୋଧ କଲେ "ସିନେମାରେ ଅଭିନୟ କରିବାକୁ" ।

ନାଟକ ଆରମ୍ଭ ହେଲା, ନିଜେ ଶମ୍ବରାସୁର, ନିର୍ଦ୍ଦେଶକ ମୃଷାବାବୁ, ପ୍ରଦ୍ୟୁମ୍ନକୁ ଚୋରି କରି ଆଣିବେ । ତିନି ଚାରିଥର, ଅଭିନୟ କରି ରଙ୍ଗମଞ୍ଚରେ ଘୁରିଗଲେ, ପାଟିରୁ କଥା ବାହାରିଲା ନାହିଁ । ପ୍ରମ୍ପଟର ରଞ୍ଜନ ବାବୁଙ୍କୁ ବହିର ଅକ୍ଷର ଦେଖା ଗଲାନି, ଦୌଡ଼ିଲେ ମଞ୍ଚ ଉପରକୁ, ତାଙ୍କ ରୋଲ କରିବାକୁ, ପ୍ରେକ୍ଷାଳୟରୁ ମୁଷଳ ଧାରାରେ ପଥର, ଅଣ୍ଡା, ବୃଷ୍ଟି ହେଲା, ସେ ଦୌଡ଼ି ଆସି ରକ୍ତ ସହ, ଅଣ୍ଡା କଦଳି ବାନ୍ତିକଲେ । ମୃଷାବାବୁ ଦୌଡ଼ି ଆସିଲେ ଗ୍ରିନ୍‌ରୁମକୁ, ଲୋକମାନେ, ଭାବିଲେ, ନିର୍ଦ୍ଦେଶକ ଗତକାଲି ହାସ୍ୟ ଅଭିନେତା, ଆଜି ଖଳ ଅଭିନେତା, ବହି ବେଶ୍ ଜମିବ । ନୃସିଂହ ବାବୁଙ୍କୁ କହିଲେ ଚଞ୍ଚଳ ଯାଅ, କେମିତି ପଦେ, କଥା କହି ପ୍ରଦ୍ୟୁମ୍ନକୁ ଚୋରିକରି ଆଣିବ । ନୃସିଂହବାବୁ (ନାରଦ) ପହଁଞ୍ଚିଲେ ରଙ୍ଗମଞ୍ଚରେ, ଯାହାଙ୍କର ପୁରା ବହିଟା ମୁଖସ୍ଥ, ତାଙ୍କ ପାଟି ଖନି ମାରିଗଲା ପଦେ କହିଲେ, ତିନି ପଦ ଝୁଣ୍ଟିଲେ, ତାପରେ, ହଳ ଲଙ୍ଗଳ ଧରି ଦୌଡ଼ିଲେ ନରେନ୍ଦ୍ର (ବଳରାମ ରୂପରେ) । ଲଙ୍ଗଳ ଉପରକୁ ଉଠିଛି, ତଳକୁ ଖସୁନି, ଶେଷରେ ଶ୍ରେଷ୍ଠ ଅଭିନେତା ବଂଶୀଧର(ଶ୍ରୀକୃଷ୍ଣ) ତାଙ୍କ ରୋଲରେ ମୃତ୍ୟୁ ହସ ବଦଳରେ, ବସି କାନ୍ଦିଲେ । "କୁଆଡ଼େ ଗଲୁରେ ଅଭି" । ସମସ୍ତଙ୍କର କିଛିନା କିଛି ବ୍ୟତିକ୍ରମ, କଣ-କରିବେ, ମୃଷାବାବୁ ଗ୍ରିନ୍ ରୁମରେ ରକ୍ତବାନ୍ତି କରୁଥାନ୍ତି । ବାଧ୍ୟହୋଇ ପଠାଇଲେ, ଟୋକା ହିରୋ ଠକୁରିକୁ(କୃଷ୍ଣଚନ୍ଦ୍ର),

Digitized by srujanika@gmail.com

ତାର ପ୍ରଦ୍ୟୁମ୍ନ ଖେଳ ଅତି ବଢ଼ିଆ ହୁଏ, ସେ ମଞ୍ଚରେ କିଛି କହିପାରିଲା ନାହିଁ, ଦୌଡ଼ିଆସି ଗ୍ରିନ୍ ରୁମରେ ରକ୍ତ ବାନ୍ତି କଲା । ଦର୍ଶକ ମଣ୍ଡଳୀରୁ ପାଟିହେଲା, କିଏ କିଛି ମନ୍ତ୍ର କରି ଦେଇଛି । ବାଧ୍ୟହୋଇ ମୃଷାବାବୁ ନାଟକ ବନ୍ଦ କଲେ । ପ୍ରଯୋଜକ ମଣ୍ଡଳୀଙ୍କୁ କ୍ଷମାମାଗି ପେଡ଼ିପୁଟୁଳା ବାନ୍ଧି ଫେରି ଆସିଲା ବାସୁଦେବ ଅପେରା ଲକ୍ଷ୍ମୀସାଗର, ସମସ୍ତଙ୍କୁ ହାତଯୋଡ଼ି ମୃଷାବାବୁ କହିଲେ "କେହି ଟଙ୍କା ମାଗନା, ଜୀବନ ନେଇ ଫେରି ଆସିଛନ୍ତି ସେହି ଯଥେଷ୍ଟ" । ଏହି ଜଓ୍ବାନ କ୍ଲବର ସଭ୍ୟ, ଅଭିନେତା, ବିଚିତ୍ରାନନ୍ଦ ସାହୁ, ଅପେରା ପାଇଁ ନାଟକ ଲେଖି ଅପେରା ଜଗତରେ ଅପ୍ରତିଦ୍ୱନ୍ଦ୍ୱୀ ନାଟ୍ୟକାର ହୋଇପାରିଛନ୍ତି, ସେ ଆଉ, ଅଭିନେତା ବଂଶୀଧର ପଣ୍ଡା ଚଳଚିତ୍ରର ସହ-ନିର୍ଦ୍ଦେଶକ ଓ ନିର୍ଦ୍ଦେଶକ । ଏବେ ବିଚିତ୍ରାନନ୍ଦ ସାହୁ ହିନ୍ଦି ଟେଲି ଫିଲ୍ମର ନିର୍ଦ୍ଦେଶକ ତାଙ୍କ ଛବି 'ପଡ଼ୋଶୀ'ରେ ଗୁରୁ ଦ୍ରୋଣାଚାର୍ଯ୍ୟ "ମୃଷା ପଟ୍ଟନାୟକ"ଙ୍କୁ ସ୍ଥାନ ଦେବାକୁ ଯାଇ ଚାରିଦିନ କାଳ ସକାଳୁ ସଞ୍ଜଯାଏ ବସାଇ, ସହଯୋଗୀମାନଙ୍କ ଚାପରେ ସ୍ଥାନ ଦେଇ ନପାରି, ଦୁଃଖିତ । ବାବୁ, (ଚକ୍ରଧର) ବହୁ ସିନେମାରେ ଅଭିନୟ କରି କ୍ଲବର ପ୍ରଥମ ସଭ୍ୟ, ଉପସଭାପତି, ବିଦ୍ୟାଧର ପ୍ରଧାନ ପରି, ସମସ୍ତଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲିଗଲେ, କ୍ଲବକୁ ଦୁଃଖରେ ଭସାଇ ଦେଇ । ଏବେ, ନୂଆ ସଂପାଦକ ମାନସ ରାଉତ୍ ସହ ସଂପାଦକ ବିଶ୍ୱନାଥ ନାୟକ ଉପସଭାପତି ଶଙ୍କର ପ୍ରଧାନ, ଅନ୍ୟ ସଭ୍ୟମାନଙ୍କୁ ଧରି ଯଥା ଅଧିରାଜ, ବିରେନ୍ ପାତ୍ର, ବିଚିତ୍ରାନନ୍ଦ ସାହୁ, ନରେନ୍ଦ୍ର ସାହୁ, ବିଦେଶୀ ସୁରେନ୍ଦ୍ର ରାଉତ୍, ବାସୁଦେବ ସାମନ୍ତରାୟ କ୍ଲବ ସୂଚାରୁ ରୂପେ ଚଳାଉଛନ୍ତି । ଜଓ୍ବାନ କ୍ଲବର ଛୋଟ, ନୂଆସଭ୍ୟ ସର୍ବଶ୍ରୀ ଶିଶିର କୁମାର ସ୍ୱାଇଁ, ଅମୂଲ୍ୟ ପ୍ରଧାନ, ନାରାୟଣ ବେହେରା, ଦିଲ୍ଲିପ୍ ପାତ୍ର, ବାଙ୍କ ରାଉତ, ଦୀପକ ପରିଡ଼ା ଓ ଗଗନ ପ୍ରଧାନ/ପ୍ରେମିକ ଲକ୍ଷ୍ମୀପୂଜା ସୁଚାରୁ ରୂପେ ଚଳାଉଛନ୍ତି । ଏ ଲକ୍ଷ୍ମୀପୂଜା ଭୁବନେଶ୍ୱରର ସବୁ ଲକ୍ଷ୍ମୀ ପୂଜାଠାରୁ ଶ୍ରେଷ୍ଠ । ମୃଷାବାବୁ ନିର୍ଦ୍ଦେଶକ କହନ୍ତି, ସବୁ କର ଅପେରା କଥା ଭାବନି, ମୁଁ ବିଛା ମନ୍ତ୍ର ନଜାଣି, ସାପ ଗାତରେ ହାତ ପୁରାଉଥିଲି । କ୍ଲବର ମୂଳ ହୃତ୍‌ପିଣ୍ଡ ସର୍ବେସର୍ବା ହେଲେ ବି ଏବେ ପଙ୍ଗୁହୋଇ ବସିଛି, ନିରବ ଦର୍ଶକ, ମୂକ, ବଧିର ସଭାପତି ରୂପେ, ସବୁ ଦେଖୁଛି । କାନ, ଆଖି, ପାଟି ବନ୍ଦ ମହାତ୍ମାଙ୍କ **"ନୀତିବାକ୍ୟ ପରି"**, ସମୟର ଚକ୍ରବ୍ୟୂହରେ ଆଜି ହଜିଯାଇଛି **"ବାସୁଦେବ ଅପେରା"** ।

Digitized by srujanika@gmail.com

କୋଟିପତିଙ୍କ କାଖରେ ମୂଷା

.ତାରା ପଟ୍ଟନାୟକ.

ମୁଟୁ (ତାରା ରଞ୍ଜନ ପଟ୍ଟନାୟକ) କାନ୍ତିଦେବୀଙ୍କର ମାମୁଁ ପୁଅ ଭାଇ, ମୂଷାମାମୁଁ (ପଦ୍ମଲାଭ ପଟ୍ଟନାୟକ) ବାପା, ଗୋକୁଳି ପଟ୍ଟନାୟକଙ୍କ ଆସନରେ, ଆନନ୍ଦପୁରରେ ସବୁଠାରୁ ବଡ ଓକିଲ, ମୁକ୍ତିଆର, ବଡଭାଇ, ବ୍ରଜପଟ୍ଟନାୟକ, ରେଞ୍ଜରଙ୍କ ଛଅପୁଅ, ଚିତ୍ତରଞ୍ଜନ, ନିରଞ୍ଜନ (ପୁଥୁଲ) (ଅତୁଲ) ବିଶ୍ୱରଞ୍ଜନ, ଦୁଲୁ, (ଦିପ୍ତି ରଞ୍ଜନ), ସୌମ୍ୟରଞ୍ଜନ (ବାବୁଲା) ମୁଖ୍ୟମନ୍ତ୍ରୀ ଜାନକୀ ବାବୁଙ୍କ ଜ୍ୱାଇଁ, ସମ୍ବାଦର ମୁଖ୍ୟ ସଂପାଦକ, ଅମୀୟ ପଟ୍ଟନାୟକ (ବୁଲୁ) ସିନେମା ପ୍ରଯୋଜକ। ମଝିଆଭାଇ, ନିତ୍ୟାନନ୍ଦ ପଟ୍ଟନାୟକଙ୍କ ତିନି ପୁଅ, ସୁରଞ୍ଜନ ହରିରଞ୍ଜନ, ଜ୍ଞାନ ରଞ୍ଜନ, (ଟୁରା, ହରି, ଜ୍ଞାନ) ମୂଷା ମାମୁଁଙ୍କର ଆଠ ପୁଅ, ମନରଞ୍ଜନ, ରବିରଞ୍ଜନ, ଶଶିରଞ୍ଜନ, ତାରାରଞ୍ଜନ (ମୁଟୁ), (ପୁଟୁ) ପ୍ରଭାତ ରଞ୍ଜନ, (ବାଙ୍କୁ) ମହି ରଞ୍ଜନ, ନବ ରଂଜନ, କୁଶରଂଜନ, (ଜାଆଁଳାଭାଇ), ଏମିତି ସତର ଜଣ ଭାଇ ଏକୁ ଆରକ ବଳିଆର । ସବାବଡ ଭାଇ ଚିତ୍ତରଂଜନ, ରାଉରକେଲାର ବଡ ଅଫିସର ହୋଇ ଭୁବନେଶ୍ୱରରେ ଅବସ୍ଥାପିତ । ତା ତଳ ନିରଂଜନ (ପୁଥୁଲୁ) ବଳିଷ୍ଠ କଂଗ୍ରେସ ନେତା ମନ୍ତ୍ରୀ । ଅନ୍ୟ ଭାଇ ମାନେ ଶିଳ୍ପ ପତୀ, କିଏ ବଡ କିଏ ଛୋଟ ବ୍ୟବସାୟରେ ମାତିଛନ୍ତି । (ଟୁରା), ହିନ୍ଦୁସ୍ଥାନ ଷ୍ଟିଲ ଅଥରିଟିରେ ଚାକିରି, ବମ୍ବେରେ ଅଛନ୍ତି । ଜ୍ଞାନ (ଜ୍ଞାନ ରଂଜନ) ଭେଟନାରୀ ଡାକ୍ତର । କେତେ ଦିନ ତଳର ଘଟଣା ମୂଷାମାମୁଁଙ୍କର ଚତୁର୍ଥ, ପଞ୍ଚମ ପୁଅ "ମୁଟୁ", "ପୁଟୁ" ଥାଆନ୍ତି, ଭାଇ ଧୀରେନ୍ ପଟ୍ଟନାୟକଙ୍କ ପାଖରେ, କଲ୍ପନା ଛକ ଅରବିନ୍ଦ ଭବନରେ । ମୁଟୁ ବି.ଏ ପାଶ୍ ପରେ ଲ ପାଶ୍ କରିଥାଏ । ସିଣ୍ଡିକେଟ୍ ବ୍ୟାଙ୍କରେ ଚାକିରି କରିଥାଏ, ଶେଷରେ ଚାକିରି ଛାଡି ଧିରେନ ଭାଇଙ୍କୁ ପାରାଦ୍ୱୀପ ଟ୍ରଲର କାମରେ ସାହାଯ୍ୟ କଲା । ଦୁଇ ଭାଇ ମୁଟୁ, ପୁଟୁ ଅତିନିଜର, ଦିଇଭାଇ ପରି ପିଉସୀ ପ୍ରଭାସ ମଞ୍ଜରୀଙ୍କ ପାଖରେ ଥାଆନ୍ତି ।

ସେହି ସମୟରେ ଭିଣେଇ, ମୂଷାପଟ୍ଟନାୟକ ଥାଆନ୍ତି ପୁରୀ ବ୍ଲକ ଅଫିସ୍‌ରେ । ଅଫିସ କାମପରେ ବାକି ସମୟ କଟାନ୍ତି, ଦ୍ୱିତୀୟ ଶଳା ବରେନ ପଟ୍ଟନାୟକ (ଆଖି ଡାକ୍ତରଙ୍କ) ଘରେ, ଦଣ୍ଡତୋଟା ପ୍ରଭାସ କୁଟୀରରେ । ସେଠି ମୂଷାବାବୁ ମୁଟୁଠାରୁ ତାର

Digitized by srujanika@gmail.com

ସବୁ ଦୁଃଖ କଥା ଶୁଣିଲେ । ସେ ଆଉ ଧିରେନ୍ ଭାଇଙ୍କ ଟ୍ରଲର କଥା ନୁବୁଝି ନିଜେ ମାଛ କିଣି ବିକ୍ରି କରିବ । ସେ ପୁରୀର ମାଛ ବ୍ୟବସାୟୀଙ୍କୁ ଦେଖା କରିବାକୁ ଚାହେଁ । ପୁରୀର ମାଛ ବ୍ୟବସାୟୀ କଳାପ୍ରେମୀ ସିନେମା କରିଥିଲେ, ସେ ମୃଷାବାବୁଙ୍କର ଅତି ଚିହ୍ନାଶୁଣା । ମୁଟୁକୁ ନିଜର ପୁରୁଣା ଭଙ୍ଗା ରାଜଦୁତ୍‌ରେ ବସାଇ ନେଲେ, ମାଛ ବ୍ୟବସାୟୀଙ୍କ ପାଖକୁ । ମାଛ ମାଲିକ ଅତ୍ୟନ୍ତ ଭଦ୍ରଲୋକ, ମୁଟୁଠାରୁ ସବୁକଥା ଶୁଣି, ମାଛ କିଣି ବିକିବାପାଇଁ ସାଙ୍ଗେ ସାଙ୍ଗେ ପରମିଶନ ଦେଲେ । ମୁଟୁ ମଟରସାଇକେଲରେ ଫେରି ଆସିଲା ଭୁବନେଶ୍ୱର । ମାଛକିଣା ଆରମ୍ଭ କଲା ପାରଦ୍ୱିପରେ, କିଣିଲା, ବିକିଲା, ବିକିଲା, କିଣିଲା, ହଜାର, ଦୁଇହଜାର ନୁହେଁ, ଲକ୍ଷ ଲକ୍ଷ ଟଙ୍କାରେ । ମାଛ ବ୍ୟବସାୟରେ ବହୁତ ଲାଭ ହେଲା । ତାର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ବ୍ୟବସାୟ ଧିରେ ଧିରେ ବଢ଼ିଲା, ହୁ ହୁ ହୋଇ, ମାଛ ପ୍ରସେସିଙ୍ଗ କରି ବିଦେଶକୁ ପଠାଇଲା, ବହୁତ ପଇସା ପାଖକୁ ଆସିଗଲା, ଜଣେ ପ୍ରିୟ ଜଣାଶୁଣା ରାଜାଙ୍କ ଠାରୁ ଟଙ୍କପାଣି ରୋଡ଼ରେ ଜାଗା ସହ, ପୁରୁଣା ଘର କିଣିଲା, ପ୍ରଥମେ ନେଇ ଯାଗା ଦେଖାଇଲା ମୃଷାବାବୁଙ୍କୁ । ମୃଷାବାବୁ ବହୁତ ଖୁସି, କିଛିଦିନପରେ ମୁଟୁ ନିଜର ବୁଦ୍ଧି, ବିଦ୍ୟା, ପରିଶ୍ରମ ବଳରେ ସେ ଘରକୁ କଲା ଏକ ସୁରମ୍ୟ ଅଟ୍ଟାଳୀକା । ଭୁବନେଶ୍ୱରରେ ଦେଖିଲା ପରି ଘରଟିଏ ହେଲା, ଲୋକଙ୍କ ନଜର ପଡ଼ିଲା, ଆସେମ୍ବ୍ଲିରେ କଥା ପଡ଼ିଲା, ମନ୍ତ୍ରୀ ନିରଞ୍ଜନ ବାବୁ କୋଟିଏ ଟଙ୍କାର ଘର ଟଙ୍କପାଣି ରୋଡ଼ରେ କରିଛନ୍ତି । କିନ୍ତୁ ସେ ଘର ମୁଟୁର, ତାର ପରିଶ୍ରମ କର୍ମ ନିଷ୍ଠତା, ବୁଦ୍ଧି ବିଚକ୍ଷଣତାରେ । "ଲୁଣି" ଘରର ଲକ୍ଷ୍ମୀକୁ ବିବାହ କଲା ପରେ ଧନ ସମ୍ପତ୍ତି, ହୁ ହୁ ହୋଇ ବଢ଼ି ଚାଲିଲା, ଗୋଟିଏ ପରେ ଗୋଟିଏ ନୂଆ ବ୍ୟବସାୟ ହାତକୁ ନେଲା ମୁଟୁ । ପାଞ୍ଚଭାଇଯାକ ଅଲଗା ଅଲଗା ବ୍ୟବସାୟ କରି ସମସ୍ତେ ରହିଲେ ସେ ଘରେ, ସବୁ ବୋହୁମାନେ ସୁନ୍ଦରୀ,ବୁଦ୍ଧିମତୀ, ଘରର ସମସ୍ତ ଦାୟିତ୍ୱକୁ ଭାଗ କରି ବହନ କରନ୍ତି । ନବରଞ୍ଜନବାବୁଙ୍କ ସ୍ତ୍ରୀ "ପଲ୍ଲୀ" ସବୁଥିରେ ବ୍ୟତିକ୍ରମ, ସୁନ୍ଦରୀ, ଉଚ୍ଚଶିକ୍ଷିତା, ଗାଇଜାଣେ, ନାଚିଜାଣେ, ନାଚି ନାଚି ଓଡ଼ିଶା, ଭାରତବର୍ଷ ବାହାରେ ପୃଥିବୀର ବହୁ ଦେଶରେ ନାଚ କରି, ବିଦେଶରୁ ଉଚ୍ଚ ଶିକ୍ଷା ଲାଭ କରି ନିଜ ଚେଷ୍ଟାରେ ଭୁବନେଶ୍ୱରରେ ଇଂଲିଶ ମିଡ଼ିୟମ ଡ଼େ ଏଣ୍ଡ ବୋର୍ଡ଼ିଙ୍ଗ ସ୍କୁଲ ତିଆରି କରି ସେଥିରେ ପ୍ରିନିସ୍‌ପାଲ ଅଛି । ଆନନ୍ଦପୁରରେ ବାପା, ବୋଉଙ୍କ ଦେହ ଖରାପ ହେଲା । ସମସ୍ତଙ୍କୁ ଆଣି ପାଖରେ ରଖି ସେବା ଶୁଶ୍ରୁଷା କଲା, ମୁଟୁ ତା ସ୍ତ୍ରୀ "ଲୁଣି" । ଆସ୍ତେ ଆସ୍ତେ ଦୂରେଇ ଯାଉଥିବା ଲୋକମାନେ ପାଖେଇ ଆସିଲେ । ସବୁଭାଇଙ୍କୁ ବିବାହ କରାଇଲା, ପୁରୀରେ, ଭୁବନେଶ୍ୱରରେ, ନୂଆ ନୂଆ ଜାଗା ଘର କିଣା ଚାଲିଲା । କଟକ ରୋଡ଼ରେ ମାର୍କେଟ କମ୍ପ୍ଲେକ୍ସ ତିଆରି ହେଲା । ଘରେ ଲକ୍ଷ୍ମୀ ପ୍ରତିମା ଲୁଣି, "ବାଣିଜ୍ୟେ ବସତି ଲକ୍ଷ୍ମୀ" ପରି, ଖୋଦ ଲକ୍ଷ୍ମୀ ଦେବୀ, ତାଙ୍କ ଘରେ ବିରାଜମାନ କଲେ । ପୂଜା, ଧର୍ମ, ଦାନ ଦିନକୁ ଦିନ ବଢ଼ି ଚାଲିଲା । ଦାନର ସୀମା ରହିଲା ନାହିଁ । ଯେତେବେଳେ ଯିଏ ଯେଉଁ ଅବସ୍ଥାରେ ଆସି ସାହାଯ୍ୟ ମାଗିଛି ତାଙ୍କୁ ଖାଲି ହାତରେ ଫେରାଇ ଦେଇନି "ମୁଟୁ" (ତାରାରଞ୍ଜନ) ।

Digitized by srujanika@gmail.com

ଘର ଏତେ ସୁନ୍ଦର ହୋଇଛି ଯେ ମୂଷାବାବୁଙ୍କ ଅନୁରୋଧରେ ବହୁ ପ୍ରଯୋଜକ ଘରେ ସୁଟିଙ୍ଗ କଲେ, ଗୋଟିଏ ପଇସା ସେ ବାବଦକୁ ନେଇନି ମୁଟୁ, ବରଂ ସେ ବାବଦରେ ବହୁ ଦାମିକା ଜିନିଷ ତାଙ୍କର ନଷ୍ଟ ହୋଇଛି, ହାତରୁ ବହୁତ ପଇସା ବି ଖର୍ଚ୍ଚ ହୋଇଛି ।

ବାପା, ମୂଷାମାମୁଁଙ୍କର ସ୍ୱର୍ଗବାସ ହେଲା । ବଡ଼ ଆଡ଼ମ୍ବର ନିସ୍‌କପଟ ଭାବରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବାପାଙ୍କ ଦଶାହ କାମ ଭୁବନେଶ୍ୱର ଓ ଆନନ୍ଦପୁରରେ ସମାପ୍ତ କଲା । ମୂଷାବାବୁ ସେ ବାର ଦିନ ମିନିଟିଏ, ବି ଛାଡ଼ି ନାହାନ୍ତି ମୁଟୁକୁ । ସବୁ ବନ୍ଧୁବାନ୍ଧବ ମାନଙ୍କୁ ଦୁର୍ଦ୍ଦିନରେ ସାହାଯ୍ୟ କଲା ମୁଟୁ । ବଡ଼ ଭାଇ ମନୋରଞ୍ଜନର ଦୁଇଝିଅଙ୍କୁ ସମସ୍ତ ଦାୟିତ୍ୱ ବହନ କରି ବିବାହ କରାଇଲା ମୁଟୁ । ମୂଷାବାବୁ ତାଙ୍କୁ ନିଜର ଭାବି, ତାଙ୍କର ସବୁ ଝିଅପୁଅ ବାହାଘର ପାଇଁ ସାହାଯ୍ୟ ଆଶାରେ ଦ୍ୱାରସ୍ଥ ହୁଅନ୍ତି । ଆଉ ସାହାଯ୍ୟ କରେ ମୁଟୁ । ପଇସା ପତ୍ର ଧନ ସମ୍ପତ୍ତି କାମର ଗୁରୁଦାୟିତ୍ୱ ଯୋଗୁଁ ବହୁ ସମୟରେ ଟେନସନ୍‌ରେ ରହିଲା, ଧିରେ ଧିରେ ନିଶା ପାନ କଲା, ପିଇବା ବହୁ ପରିମାଣରେ ବଢ଼ିଗଲା । ପାଖରେ ବସି ପିଠିରେ ହାତମାରି କହନ୍ତି ମୂଷାବାବୁ "ପିଆପିଇ ବନ୍ଦ କରିଦେ 'ମୁଟୁ', ତୋ ଉପରେ ବହୁ ଲୋକ, ବନ୍ଧୁବାନ୍ଧବ, ପ୍ରିୟାପ୍ରୀତି, ସମସ୍ତଙ୍କର ଆଶା ଓ ଭରଷା, ତୋର ସବୁବେଳେ ଶୁଭ ସେମାନେ ଚାହାନ୍ତି । ମୁଟୁ କହେ "ଧିରେ ଧିରେ କମି ଆସିଲାଣି, ଦେହ ଭଲ ରହୁନି । "ଏମିତି ଅବସ୍ଥାରେ ବି, ନିଜ ସ୍ତ୍ରୀ "ଲୁଣି"କୁ ଧରି ପୃଥିବୀର ପ୍ରାୟ ବହୁ ଦର୍ଶନୀୟ ଜାଗା ଦେଖାଇ ସାରିଲାଣି । ଅତି ନିଗୂଢ଼ ତାଙ୍କର ସ୍ୱାମୀ, ସ୍ତ୍ରୀ ସଂପର୍କ । "ଲୁଣି" ଅତି ଆଦର୍ଶ, ଉଚ୍ଚମନାର ସ୍ତ୍ରୀ, ସମସ୍ତଙ୍କୁ ନିଜର କରି ନେବାର ଘରଣୀ ସେ ।

ଦିନକର ଘଟଣା, ଗାନ୍ଧୀଭାଇ(ଜିତେନ୍ ପଟ୍ଟନାୟକ)ଙ୍କ ବଡ଼ପୁଅ ଡିଡିଆର ବାହାଘର । ଦଶମାସ ହେବ ମୂଷାବାବୁ ପଙ୍ଗୁହୋଇ ଘରେ ପଡ଼ିଛନ୍ତି । ବହୁ କଷ୍ଟରେ ଚଉଠି ଭୋଜିକୁ ଶହିଦ୍ ନଗର, କଲ୍ୟାଣମଣ୍ଡପକୁ ଯାଇଛନ୍ତି । ଭାବୁଛନ୍ତି ଆଶାବାଡ଼ି ଧରି ପାହାଚ ଦେଇ ଉପରକୁ ଯିବେ କେମିତି । ଶହ ଶହ ବନ୍ଧୁବାନ୍ଧବ ଛିଡ଼ାହୋଇଛନ୍ତି । ସମସ୍ତଙ୍କୁ ଠେଲିଦେଇ ମୂଷାବାବୁଙ୍କୁ କାଖରେ ବସାଇ ଉପରକୁ ଆଉ ତଳକୁ ଆଣିଲା ମୁଟୁ । ମୂଷାବାବୁ ସମସ୍ତଙ୍କୁ ଦେଖାଇ କହିଲେ, "ଦେଖରେ ଦେଖ, "କୋଟିପତିଙ୍କ କାଖରେ କାଙ୍ଗାଳ ମୂଷା" ବସିଛି ଦେଖ" ସମସ୍ତେ ହସୁଥାନ୍ତି । କିନ୍ତୁ ମୂଷାବାବୁ ଭାବିଲେ "ସେଦିନର କଥା, ଦୁର୍ଦ୍ଦିନରେ ପୁରୀ ଜଗନ୍ନାଥ ଧାମରେ ତା ସହିତ ଦେଖା । ସେଦିନ ତାଙ୍କ ଭଙ୍ଗା ରାଜଦୂତରେ ତାକୁ ବସାଇ ନେଇଥିଲେ, ମାଛବ୍ୟବସାୟୀଙ୍କ ପାଖକୁ, ତା ରୁଣ ସେ ସୁଝୁଛି, କାରଣ ସେଦିନ ମଟରସାଇକେଲରେ ବସିଥିଲା, ଆଜି ସେ ତା କୋଟି ଟଙ୍କାର କାଖରେ ବସେଇ ନେଇଛି "ମୁଟୁ", କାହାରି ଧାରୁଆ ହୋଇ ରହିବନି । ଯେ ତାକୁ ପାଣି ଗିଲାସେ ଦେବ,ସେ ତାକୁ ଦୁଧ ଗ୍ଲାସ ଦେଇ ଋଣ ସୁଝିବ । **"କୋଟିପତିଙ୍କ କାଖରେ ମୂଷା"** ।

卐 卐 卐

Digitized by srujanika@gmail.com

କଳିଯୁଗର ଦଶରଥ

ସରକାରଙ୍କ ଘନ,ଘନ ବଦଳି, ଇରିଗେସନରୁ ଆରିଓ, ଆରିଓର ବ୍ଲକ୍, ବ୍ଲକ୍‌ରୁ ମୁନିସିପାଲିଟି, ହେଇ ହେଇ ମୃଷାବାବୁ ଥକି ପଡ଼ିଲେ, ତାଙ୍କର ସର୍ଭିସ୍ ରେଗୁଲାଇଜ୍ ହେବାର ଅସୁବିଧା ହେଲା । ଶେଷରେ ମୁଖ୍ୟଶାସନ ସଚିବ ବିମଳ ମିଶ୍ରଙ୍କ ଦୟାରୁ ମୃଷାବାବୁ ଫେରିଆସିଲେ ଇରିଗେସନ୍ ଡିପାର୍ଟମେଣ୍ଟକୁ । ଅଫିସରେ ଅଲୋଡ଼ା ମୃଷାପଟ୍ଟନାୟକଙ୍କୁ ନିଜ ସର୍କଲକୁ ନେବାପାଇଁ ନିଲାମ ଡ଼କାଗଲା, ନିଲାମରେ ଜିତିଲେ, ଅଧିକ୍ଷଣ ଯନ୍ତ୍ରୀ ଓଡ଼ିଶାର ବ୍ୟତିକ୍ରମ, ଡାଇନାମିକ ଇଞ୍ଜିନିୟର ଦାସ ସାହେବ ତାଙ୍କୁ ରାମିଆଲ ଡ୍ୟାମରେ ସିଲ୍-ଡଏ, ଦାୟିତ୍ୱରେ ରଖିଲେ । ସେଠିଥିବାବେଳେ ମୃଷାବାବୁଙ୍କର ସହକାରି ଯନ୍ତ୍ରୀଙ୍କୁ ପ୍ରମୋସନ ହେଲା, ସାହେବ ଯେତେ ଚେଷ୍ଟା କଲେ ମଧ୍ୟ, ମୃଷାବାବୁଙ୍କୁ ରାମିଆଲ୍ ଡ୍ୟାମ୍‌ର ସହକାରୀ ଯନ୍ତ୍ରୀ ରୂପେ, ରଖି ପାରିଲେ ନାହିଁ, ମୁଖ୍ୟଯନ୍ତ୍ରୀ ସୁରେଶ ତ୍ରିପାଠୀ କହିଲେ ମୃଷାବାବୁ, ସରକାରୀ ଆଦେଶ ମାନି, ବାଲିମେଲାରେ ପେନ୍‌ଷ୍ଟକ, ଓ ଏଚ୍ ଆରଟି ଏସଡ଼ିଓ ରୂପେ ଯୋଗଦେବେ, ବର୍ଷକ ପରେ ମୁଁ ତାଙ୍କୁ ଏ ପାଖକୁ ନେଇଆସିବି । ଆଜିଯାଏ ଦୀର୍ଘ ଛବିଶିବର୍ଷ ସରକାରଙ୍କ ଆଦେଶ ମାନି ବହୁତ କ୍ଷତିଗ୍ରସ୍ତ ହେଇଛନ୍ତି ମୃଷାବାବୁ, ଏତେ ବର୍ଷ ଚାକିରି କରି ଘରଖଣ୍ଡିଏବି ଏଯାଏ କରିପାରିନାହାନ୍ତି, ବହୁତ, ଝିଆରୀ,ପୁତୁରା, ଶଳା ଶାଳୀଙ୍କ ବାହାଘର କରିଥିଲେ ବି ନିଜ ଝିଅ, ପୁଅ ଶାଳୀ ,ମିଶି ଆହୁରି ବାର୍ ତେର ଜଣଙ୍କର ବାହାଘର ବାକିଥାଏ । ପାଖରେ ପଇସାଟିଏ ବି ନ ଥାଏ । ବାଲିମେଲାକୁ, ଜଏନ୍ କରିବାକୁ ଯିବେ କେମିତି ? ବାଲିମେଲାର ନିର୍ବାହିଯନ୍ତ୍ରୀ ନରସିଂହ ପଟ୍ଟନାୟକଙ୍କ (N.Pattanaik) ମୃଷାବାବୁଙ୍କୁ ମିତବୋଲି ଡାକନ୍ତି । ସେ ମୃଷାବାବୁଙ୍କ ପାଇଁ କ୍ୱାର୍ଟର ଆଲଟ କରି ଅପେକ୍ଷା କରି ବସିଥାନ୍ତି । ଦିନେ ଇଂ କିଶୋର ମିଶ୍ର, ମୃଷାବାବୁଙ୍କର ସାନଭାଇ, ଆସି, ଅନୁରୋଧ କରି କହିଲେ । "ଆପଣଙ୍କୁ ବାଲିମେଲାରେ ସମସ୍ତେ ଅପେକ୍ଷା କରିବସିଛନ୍ତି ଆସନ୍ତୁ, ବାଲିମେଲା ଖୁବ୍ ଭଲଜାଗା, ମୁଁ କଲୋନି ଏସ୍.ଡ଼ି.ଓ. ଆପଣଙ୍କର ଦୁଇଟା ସବ୍ ଡିଭିଜନ୍"। ବାଧ୍ୟହୋଇ ଶେଷରେ ବାଲିମେଲାରେ ଜଏନ୍ କଲେ ମୃଷାବାବୁ, ଅଧିକ୍ଷଣଯନ୍ତ୍ରୀ ଶର୍ମା ସାହେବ, ଆଉ ମୁଖ୍ୟଯନ୍ତ୍ରୀ ବିଜୟାନନ୍ଦ ତ୍ରିପାଠୀଙ୍କୁ ଦେଖାକଲେ, ଶର୍ମାସାହେବ ଆଉ ମୃଷାବାବୁ, ସାଙ୍ଗହୋଇ ହୀରାକୁଦରେ ସୁପରଭାଇଜର ଥିଲେ । ସେଠୁ ଆସି, ଓଡ଼ିଶା ସରକାର ଅଧିନରେ, ନରାଜ, ମୁଣ୍ଡଳିର ଜଏନ୍ କଲେ । ମୃଷାବାବୁ, ମିତ ନରସିଂହ ପଟ୍ଟନାୟକଙ୍କୁ, ସବୁ ଦୁଃଖ ଜଣାଇଲେ, ରାମିଆଲ୍‌ରେ ଥିଲାବେଳେ ତାଙ୍କ ଝିଅ

Digitized by srujanika@gmail.com

ମେଘମାଳାରର, ନିର୍ବନ୍ଧ ହୋଇଯାଇଛି, ଅଦ୍ୱୈତ ମହାନ୍ତି I.A.Sଙ୍କ ସବା ସାନପୁଅ, ସଂଗ୍ରାମ ମହାନ୍ତି ସହିତ । ଅଦୈତ ବାବୁଙ୍କ ମଝିଆଁ ଯୋଇଁ ଲକ୍ଷ୍ମୀଧରତୁଙ୍ଗ I.A.S, ସାନ ଯୋଇଁ ପିତାବାସ ପଟ୍ଟନାୟକ I.A.S, ଆଉ ବଡ଼ ସନ୍ତୁ ପ୍ରାଣକୃଷ୍ଣ ପରିଜାଙ୍କ ପୁଅ, ଇନ୍ଦୁଚନ୍ଦ୍ର ପରିଜା I.A.S ଓ ତାଙ୍କ ପିଲାମାନେ ଆସି, ମୃଷାବାବୁଙ୍କ ଝିଅକୁ ପସନ୍ଦ କରିଥିଲେ । ପଇସାର ଏତେ ଅସୁବିଧା ଥିଲା ଯେ, ମୃଷାବାବୁ ନିର୍ବନ୍ଧକୁ ଆସି ନ ଥିଲେ, ତାଙ୍କ ଶଳା ଇଂ. ରବିପଟ୍ଟନାୟକ ନିର୍ବନ୍ଧ କରାଇଲେ, ବାହାଘର ଆଉ ଦୁଇମାସ, ବାହାଘର ହେବ କେମିତି ?

ନରସିଂହବାବୁ ନିର୍ବାହିଯନ୍ତ୍ରୀ, ଦୁଃଖ ଶୁଣି କହିଲେ, ଏଠି,ପ୍ରାୟ ଦଶହଜାର ଉପରେ ଲୋକ, ଭଲ ଡ୍ରାମାଟିଏ ହେଉ, ଟିକଟ୍ ହେବ, ଡ୍ରାମାସରିଲେ, ତୁମେ ତିରିଶ,ଚାଳିଶ ହଜାର ଟଙ୍କା, ଟ୍ରକ୍ ଜିପ୍ ନେଇ ଯାଇ, ଭୁବନେଶ୍ୱରରେ ବାହାଘର କରି ଆସିବ, ସେଇୟାହେଲା । ନାଟକ ହେଲା "ନର ଦେବତା" ନାଟକ ପରେ, ଟଙ୍କା ଗାଡ଼ିଧରି ଅତି ଭଲ, ସୁରୁଖୁରୁରେ ବାହାଘର କରି ଆସିଲେ ମୃଷାବାବୁ, ସେହି ବାହାଘରରୁ ବୁଝିଗଲେ ମୃଷାବାବୁ, ଭଗବାନଙ୍କର ତାଙ୍କ ପ୍ରତି ଅସୀମ କରୁଣାର

ସଂଗ୍ରାମ ମହାନ୍ତି (ଯୋଇଁ)

ଆତ୍ମୀୟସ୍ୱଜନ, ବନ୍ଧୁ ବାନ୍ଧବ, ପରିଚିତ ପ୍ରାୟ ଠିକାଦାର ବୃନ୍ଦ ତାଙ୍କୁ ସାହାଯ୍ୟ କଲେ ।

ମେଘମାଳା ମହାନ୍ତି (ଝିଅ)

ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ତ୍ରିପାଠୀ, ଏହାଭିତରେ ମୃଷାବାବୁଙ୍କ ଉପରେ ବହୁତ ଖୁସି, କାରଣ ସେ ପ୍ରତିଦିନ, ଜିପ୍‌ରେ ଭଲ ହାଉସକୁ ନ ଯାଇ, ପାହାଡର ପାହାଚରେ ଚଢ଼ି,ସରକାର ଗାଡ଼ି ଓ ପେଟ୍ରୋଲ ଖର୍ଚ୍ଚ ନ କରି ଉପରକୁ ଯାଇ କାମ ଦେଖୁଥିଲେ, ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ କହୁଥିଲେ ! "ମୃଷାପଟ୍ଟନାୟକ is my only dynamic engineer)" ଭୁବନେଶ୍ୱରରୁ ବଦଳି ଅର୍ଡ଼ର ଆସିଲେବି

Digitized by srujanika@gmail.com

ତାଙ୍କୁ ଆଦୌ ରିଲିଫ୍ କରୁ ନ ଥିଲେ । ମୃଷାବାବୁଙ୍କର କାର୍ଯ୍ୟ ଦକ୍ଷତା ତା ପାଇଁ କାଳହେଲା, ବଡ଼ ଅଡୁଆରେ ପଡ଼ିଲେ, ସେ ।

ତାଙ୍କ ଭାଗ୍ୟକୁ ଦିନେ ଜଳସେଚନ ମନ୍ତ୍ରୀ, ବାଲିମେଳା ପରିଦର୍ଶନକୁ ଆସିଲେ । ମୃଷାବାବୁଙ୍କୁ ଦେଖି କହିଲେ 'କଣ, ନାଟୁଆ ଇଂଜିନିୟର ସାହେବ, ଆପଣ ଏଠି, ତେଣୁ ଆଉ ନାଟକ ଦେଖିବାକୁ ସୁଯୋଗ ମିଳୁନି । ମୃଷାବାବୁ କହିଲେ 'ସାର୍ ଆପଣତ ପଠାଇଛନ୍ତି'ମନ୍ତ୍ରୀ ମହୋଦୟ ହସିଲେ 'ମୁଁ କିଏ ? ତୁମ ମୁଖ୍ୟଯନ୍ତ୍ରୀ ପ୍ରପୋଜାଇ ଦେଇଥିବେ । ଠିକ୍ ଅଛି, ସୁଯୋଗ ଆସୁ'

ସୁଯୋଗ ଆସିଗଲା, ଜାମ ଆଡେ, ବୁଲି ଆସିଲାପରେ, ମନ୍ତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିଲେ, ପେଟ ତାଙ୍କର ଫୁଲିଗଲା, ନିଶ୍ୱାସ, ପ୍ରଶ୍ୱାସ ଗଲାନି, ଡ଼ାକ୍ତର ମାନେ ଘେରି ସେବା ଆରମ୍ଭ କଲେ, ମନ୍ତ୍ରୀ କହିଲେ, କୋଉଥିରେ ଭଲହେବନି, ପ୍ରସାରୁଣୀ ପତ୍ରର ବଟାପାଣି, ତିନିଚାରି ଗ୍ଲାସ ପିଇଦେଲେ, ଭଲ ହେଇ ଯିବ ।

ଇଂ କିଶୋର ମିଶ୍ରଙ୍କୁ ସବୁକଥା ଜଣା, ଅତି ଉପସ୍ଥିତ ବୁଦ୍ଧି ସମ୍ପନ୍ନ ସେ କହିଲେ, ଭାଇଜାଗ୍ ବଂଗଳାରେ ପ୍ରସାରୁଣୀ ପତ୍ର ଅଛି । ମୃଷାବାବୁ ଜିପ୍ ଧରି ଦୌଡ଼ିଲେ ଭାଇଜାଗ, ହନୁମାନ ଗନ୍ଧ ମାର୍ଦ୍ଦନ ପର୍ବତରୁ ବିଶଲ୍ୟ କରଣୀ ଆଣିଲାପରି, ଜିପ୍‌ସାରା ଭର୍ତ୍ତିକରି ନେଇ ଆସି, ପହଞ୍ଚିଲେ ସକାଳ ସୁଦ୍ଧା, ପତ୍ର ବଟାଗଲା, ମନ୍ତ୍ରୀ, ତିନି ଚାରି, ଗ୍ଲାସ ପିଇ ଦେଇ ଆରାମ୍ ଅନୁଭବ କଲେ ।

ବାହାରେ ସମସ୍ତ ଅଫିସର, ଘରଭିତରେ ମନ୍ତ୍ରୀ ଶଯ୍ୟାଶାୟୀ, ପାଦତଳେ ମୃଷାବାବୁ, ମନ୍ତ୍ରୀ କହିଲେ ''ମୋ ଜୀବନ ବଞ୍ଚାଇ ଦେଲ, କି ବର ମାଗୁଛ ମାଗ''ମୃଷାବାବୁ କହିଲେ 'ଆପଣ ରାଜା ଦଶରଥ, ମୁଁ ରାଣୀ କୈକେୟୀ, ମୋତେ ଶିଘ୍ର ଏଠୁ ଆପଣ ମାନଙ୍କ ପାଖକୁ ନେଇଯାଆନ୍ତୁ, ଏହି ବରଟି ମୋତେ ଦିଅନ୍ତୁ ସ୍ୱାମୀ । ''ମନ୍ତ୍ରୀ ହସି ଉଠିଲେ,ଅତି ଆନ୍ତରିକତା ସେ ହସ, ଜଳ ସେଚନ ଡ଼ିପାର୍ଟମେଣ୍ଟରେ ମୁଁ ସର୍ବେସର୍ବା, ତୁମେ ଦେଖା କର ଅପ୍ରେଲ ମାସ ୨ୟ ସପ୍ତାହରେ ।

ମନ୍ତ୍ରୀ ମହୋଦୟ ବିଦାୟ ନେଇ ଚାଲିଗଲେ, ବାଲିମେଳାର ସମସ୍ତ ଅଫିସର ବୃନ୍ଦ, ମୃଷାବାବୁଙ୍କୁ ଶିବଙ୍କର ସାପ ଭାବି,ଭୟ ଓ ଭକ୍ତି କଲେ ।

ଅପ୍ରେଲ ମାସର ୨ୟ ସପ୍ତାହ, ଶହ ଶହ ଇଂଜିନିୟର, ସାଙ୍ଗରେ ସାତ,ଆଠ ଜଣ, ଖଦଡ଼ ପିନ୍ଧାନେତା, ଇଂଜିନିୟରଙ୍କ ହାତରେ ଗୋଟାଏ ଗୋଟାଏ ବଡ଼ ଆଟାଚି । ଏ ବିରାଟ ପଟୁଆର ଦେଖି ମୃଷାବାବୁ ଭାବିଲେ, ମନ୍ତ୍ରୀଙ୍କ ଘରେ କିଛି ଅସୁବିଧା ହୋଇ ଯାଇ ନାହିଁତ ? ହଠାତ୍ ଜଣେ କିଏ ଇଂଜିନିୟର ଡ଼ାକିଲେ ' ବଡ଼ଭାଇ, ଆପଣ କଣ ବଦଳି ପାଇଁ ଆସିଛନ୍ତି, ହାତରେ ଆଟାଚି କାହିଁ?' ମୃଷାବାବୁ ଖାଲି ଏତିକି କହିଲେ, ''ମନ୍ତ୍ରୀ କହିଥିଲେ, ଖାଲିଦେଖା କରିବାକୁ ଆସିଛି''।

Digitized by srujanika@gmail.com

ବହୁତ କଷ୍ଟରେ ମନ୍ତ୍ରୀଙ୍କ ପାଖରେ ପହଞ୍ଚିଗଲେ ମୃଷାବାବୁ, ମନ୍ତ୍ରୀ ଜୋରରେ ପାଟି କଲେ, 'ଡେରି କରି ଦେଲ ନାଟୁଆ, ସବୁତ ସରିଗଲା'

ମୃଷାବାବୁ ଆଣ୍ଠେଇ ପଡ଼ି ମନ୍ତ୍ରୀଙ୍କୁ କହିଲେ, ଆପଣଙ୍କ କହିଥିବା ଦିନ, ଅପ୍ରେଲ ମାସ, ଦ୍ୱିତୀୟ ସପ୍ତାହର ଶେଷଦିନ, ଦୟାକରନ୍ତୁ ସାର୍'

''ମନ୍ତ୍ରୀ ଜଣେ, ପଚିଶି, ତିରିଶ ବର୍ଷର ସୁନ୍ଦରିଆ,ଯୁବକ ନେତାଙ୍କୁ ଡାକି କହିଲେ ! ଏ ବାବୁ ହେଉଛନ୍ତି, ମୃଷାପଟ୍ଟନାୟକ ଇଂଜିନିୟର, ମୋର ଅତିପ୍ରିୟ, ପୂଜ୍ୟ ଜାତୀୟ କବୀବିରକିଶୋର ଦାସଙ୍କପୁଅ ନିରଞ୍ଜନଦାସଙ୍କ, ସଢୁଭାଇ, ପରୀକ୍ଷାରେ ଫାଷ୍ଟ ହୋଇଥିବାରୁ, ତାଙ୍କୁ ରାଉରକେଲା ନିର୍ବାହିଯନ୍ତ୍ରୀରୂପେ ପଠାଉଥିଲି, ତାଙ୍କ ଭାଗ୍ୟଖରାପ୍, ଚାଇନା ଯୁଦ୍ଧ ଲାଗିଗଲା, ସେ ଯୋଗଦେଇ ପାରିଲେ ନାହିଁ ନ ହେଲେ ମୁଖ୍ୟଯନ୍ତ୍ରୀହେଇ ଅବସର ନେଇଯାଇଥାନ୍ତେ, ତାଙ୍କ କଥାଟିକିଏ ବୁଝ''।

''ନେତାବାବୁ ଗୋଟିଏ ନିଛାଟିଆ କୋଠରିକୁ ନେଇଗଲେ ମୃଷାବାବୁଙ୍କୁ, କହିଲେ ''ଆପଣଜଣେ ସହକାରୀଯନ୍ତ୍ରୀ, ମନ୍ତ୍ରୀଖୋଦ୍ କହିଛନ୍ତି, ଆପଣ ମନ୍ତ୍ରୀ ଙ୍କର ଅତି ପ୍ରୀୟ ଲୋକ, କହନ୍ତୁ କୋଉଠିକୁ ଯିବେ'' ?

ମୃଷାବାବୁ କହିଲେ ମୋତେ କିଛି ପଚାରନ୍ତୁ ନାହିଁ ସାର ଆପଣ ଯେଉଁଠିକୁ ପଠାଇବେ, ମୁଁ ସେଇଠିକୁ ଯିବି' ।

ନେତାବାବୁ ହସି, ହସି କହିଲେ, ''ମୋତେ ବିଶ୍ୱାସ ହେଉନି ଆପଣଜଣେ, ଇଂଜିନିୟର ବୋଲି'' ମୃଷାବାବୁ ନେତାଙ୍କ ଛାତିରେ ହାତ ରଖି କହିଲେ, ମୁଁ ଆପଣଙ୍କୁ ଛୁଇଁ ନିୟମ କରି କହୁଛି, ମୁଁ ଜଣେ ଇଂଜିନିୟର । ମନ୍ତ୍ରୀ କହିଲେ ତ ସବୁ ସରିଯାଇଛି । କିଛି ଫାଇନାଲ ହୋଇନି, ଦେଖନ୍ତୁ ''ଜଗତସିଂହପୁର'', ''ପଟ୍ଟାମୁଣ୍ଡେଇ'', ''କେନ୍ଦ୍ରାପଡ଼ା'', ''ଯୋବ୍ରା'', ଏମିତି ତଳକୁ ତଳ, ଏକଶହ ପଚାଶ ଉପରେ ସବ୍ ଡିଭିଜନର ଲିଷ୍ଟ, ବାମ ପାଖରେ ସବ୍ ଡିଭିଜନର ଲିଷ୍ଟ, ଡାହାଣ ପାଖରେ ଟଙ୍କା, ଟଙ୍କା ଉପରେ, ହାତ ରଖି ଟଙ୍କା ପରିମାଣ, ଲୁଚାଇ ଥାନ୍ତି ନେତାବାବୁ । ମୃଷାବାବୁ ଆନନ୍ଦରେ ଡେଇଁ ପଡ଼ିଲେ, ଦେଢ଼ ଶହ ଉପରେ ଜାଗା ଖାଲି ଅଛି । ନହେଲେ ଗୋଟାଏ କାମ କରନ୍ତୁ ସାର୍, ଏକ ନମ୍ବର ଠାରୁ ଛଅ ନମ୍ବରଯାଏ ଛାଡ଼ି ଦିଅନ୍ତୁ, ସାତ ନମ୍ବରଟା ଶୁଭ, ମୋତେ ସାତ ନମ୍ବର ସବ୍‌ଡିଭିଜନରେ ପୋଷ୍ଟିଙ୍ଗ୍ କରନ୍ତୁ''। ସାଙ୍ଗେ,ସାଙ୍ଗେ ଡାହଣ ପାଖରୁ ହାତ ଉଠିଲା ନେତା ବାବୁଙ୍କର, ମୃଷାବାବୁ ଦେଖିଲେ ଡାହାଣ ପାଖରେ, ସାତ ନମ୍ବର ସବ୍ ଡଭିଜନର ଏମାଉଣ୍ଟ ଲେଖା ହୋଇଛି ସତୁରି ହଜାର ଟଙ୍କା, ମଷାବାବୁ କହିଲେ,ବାଲିମେଳାରେ ମୋ ସବ୍ ଡିଭିଜନରେ, ତିନି, ଚାରି କୋଟୀ ଟଙ୍କାର କାମ, ଏଠି ମାତ୍ର ସତୁରି ହଜାର'' ?

Digitized by srujanika@gmail.com

ନେତାବାବୁ ବଡ଼ ବଡ଼ ଆଖି କରି କହିଲେ, ଆପଣ ମୋତେ, ଇଂଜିନିୟର ନୁହନ୍ତି, ସତୁରି ହଜାର ଟଙ୍କା ଦେଲେ, ଏ ସବ୍ ଡ଼ିଭିଜନରେ ପୋଷ୍ଟିଙ୍ଗ୍ ହେବେ, ମୃଷାବାବୁ କହିଲେ, ଦୟାକରନ୍ତୁ ସାର୍, ମୋ ପାଖରେ ମାତ୍ର ଦୁଇ, ତିନିହଜାର ଟଙ୍କା ଅଛି, ଏତିକିରେ ଚଳାଇ ଦିଅନ୍ତୁ ।

ନେତାବାବୁ, ରାଗି ଉଠିଲେ, ଆପଣ ପିଅନ୍ ଖଲାସିଠାରୁ ବି, ହିନ୍ । ପିଅନର ବଦଳି ପାଇଁ କୋଡ଼ିଏ ହଜାର ଟଙ୍କା ଲାଗୁଛି । କି ଖଡ଼ାଖିଆ ଇଂଜିନିଅର, ମନ୍ତ୍ରୀଙ୍କ ପାଖକୁ ନେଇଗଲେ, ମନ୍ତ୍ରୀ କହିଲେ, ନାଟୁଆବାବୁ, ମନ୍ତ୍ରୀ କଣ ଟଙ୍କା ନିଅନ୍ତି, ନିଅନ୍ତି ନେତା, ସେ ଏରିଆର ଟାଉଟର, ଓ କର୍ମୀବୃନ୍ଦ, ତୁମେ ସତୁରି ହଜାର ଟଙ୍କା ଦେଇ ଯିବ, ମନ୍ତ୍ରୀ ଖୋଦ୍ ଅର୍ଡ଼ର କରିବେ, ପାଞ୍ଚବର୍ଷ ପାଇଁ ତୁମ ଗାଣ୍ଡିରେ କେହି ହାତ ମାରି ପାରିବେ ନାହିଁ, ମନ୍ତ୍ରୀଙ୍କ ଅନୁମତି ବିନା । ଆଉ କୋଟୀ କୋଟୀ ଟଙ୍କାର କାମ ହେବ, ଆଉ ତୁମେ କହୁଛ ମାତ୍ର ତିନିହଜାର । ଆପଣତ ମୋର ସବୁ ଦୁଃଖ ଜାଣନ୍ତି ସାର୍, ମୋ ପାଖରେ ଆଉ ଗୋଟିଏ ହେଲେ ଅଧିକ ପଇସା ନାହି.

ମନ୍ତ୍ରୀ ଧର୍ଯ୍ୟର ସୀମା ହରାଇ ବସିଲେ, କହିଲେ "ତୁମେ ତାହେଲେ ସେହି, ବାଲିମେଳାରେ ରିଟାଆର୍ଡ଼ କର" ।

"ଦଶରଥ କୈକେୟୀଙ୍କୁ ଦେଇଥିବାର ବର କଣ କାଟ ଖାଇଲା, ସାର୍ ?

"ମନ୍ତ୍ରୀକହିଲେ ମୁଁ ମନ୍ତ୍ରୀ ହେଲେ ବି ଲୋକ ପ୍ରତିନିଧି, ଜନତାର ସେବକ ତୁମେ ଭୁଲିଯାଅ । ସେ ତ୍ରେତେୟା ଯୁଗର ମହାରାଜ ଦଶରଥ ମରିଯାଇଛନ୍ତି, ଆଉ ମୁଁ ହେଉଛି **"କଳି ଯୁଗର ଦଶରଥ"।**

Digitized by srujanika@gmail.com

ରାଜାମନ୍ତ୍ରୀ

ଖୋଦ୍ ଜଳସେଚନ ମନ୍ତ୍ରୀଙ୍କଠାରୁ ନାସ୍ତିବାଣୀ ଶୁଣି ଫେରିଆସିଲେ ମୃଷାବାବୁ । ସୁପ୍ରିମ କୋର୍ଟରେ ଦରଖାସ୍ତ ଖାରଜ ହେଲା, ମୃଷାବାବୁ ଭାବିଲେ, ପ୍ରଭୁ ରାମଚନ୍ଦ୍ରଙ୍କ ପରି ତାଙ୍କୁ ବି ବାଲିମେଳାରେ ଆଉ ବାରବର୍ଷ ବାନପ୍ରସ୍ଥ କରିବାକୁ ପଡ଼ିବ, ଭୁବନେଶ୍ୱର (ଅଯୋଧ୍ୟା) କୁ, ଆଉ ଫେରିଯିବାର ଉପାୟ ନାହିଁ,

ଉପାୟ ଅଛି, ପଛରୁ କହିଲେ ଇଂ କିଶୋର ମିଶ୍ର, ମୃଷାବାବୁଙ୍କର ପ୍ରିୟ ହିତାକାଂକ୍ଷୀ ବନ୍ଧୁ, ''ଯାଆନ୍ତୁ, ନେଇ ଆସନ୍ତୁ ଆପଣଙ୍କର ପାଣ୍ଡୁଲିପି ''ଆହତ ଚନ୍ଦ୍ର''। ବାଲିମେଳା ସର୍କଲ୍ ଦ୍ୱାରା ସେ ନାଟକ ମଞ୍ଚସ୍ଥ ହେବ । ଆପଣଙ୍କର, ଲେଖା, ଆଉ ଆପଣଙ୍କ ଦ୍ୱାରା,ଅଭିନିତ, ନିର୍ଦ୍ଦେଶିତ ନାଟକ ବାଲିମେଳାରେ ଚହଳ ପକାଇ ଦେବ । ଖୋଦ୍ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ତ୍ରିପାଠୀ ପ୍ରଦୀପ ଜାଳି, ବହି ଉଦ୍‌ଘାଟନ କରିବେ । ତାପରେ, ଆପଣଙ୍କର ଭାଗ୍ୟ'', ।

ତାଙ୍କରି କଥା ହେଲା, ବହି ଆସିଲା, ଏ ବହି ତାଙ୍କର ଆର୍ ଇ ଓ, ଷ୍ଟୋରରେ ଡ଼େବୁଟେସନ ବେଳର ଲେଖା, ଅଭିନବ ରୁଚି, ଭିନ୍ନ ଚିନ୍ତାଧାରାର ଥିଲା ଏ ନାଟକ। ଏହି ନାଟକ ପଢ଼ି, ନାଟ୍ୟକାର ବନ୍ଧୁ ଇଂ ବିଜୟ ମିଶ୍ର, ଓ ଅଭିନେତା, ଶିଳ୍ପୀ, ଅସିମ୍ ଦାଦା ବହିର ନାମ କରଣ କରିଥିଲେ ''ଆହାତ ଚନ୍ଦ୍ର'' ।

ପଟରୁ, ବାଲିମେଳା, ଇଲେକ୍‌ଟ୍ରିକାଲ ସର୍କଲର, ଉଚ୍ଚକୋଟୀର ଅଭିନେତା ମାନେ, ବନ୍ଧା ହେଇ, ରୋଲ୍ କଲେ । ବାହାରୁ ଆସିଲେ,ମୁଖ୍ୟ ଅଭିନେତ୍ରୀ 'ଉମାରାଣୀ', ଖଳ ଅଭିନେତ୍ରୀ 'ଗାୟତ୍ରୀ', ମା ମଞ୍ଜୁଶ୍ରୀ ''ବିନୋଦିନୀ ଦେବୀ'' । ନୃତ୍ୟ ନିର୍ଦ୍ଦେଶନା ମାଷ୍ଟର ବିନ୍ଧ୍ୟଧର ଦାସ, ସଙ୍ଗିତ ନିର୍ଦ୍ଦେଶନା- ଶାନ୍ତନୁ ମହାପାତ୍ର, କଣ୍ଠଦାନ୍ କଲେ ପ୍ରଣବ ପଟ୍ଟନାୟକ, ସିକନ୍ଦର ଆଲାମ୍, ଅକ୍ଷୟ ମହାନ୍ତି, ତୃପ୍ତି ଦାସ, ବସନ୍ତ ଦାସ, ଓ ଲକ୍ଷ୍ମୀକାନ୍ତ ପାଲିତ୍ । ସମସ୍ତଙ୍କର ଅନୁରୋଧରେ, ନିଜେ ମୃଷାପଟ୍ଟନାୟକ ଛୋଟ ରୋଲ୍‌ଟିଏ କଲେ 'ରାଧୁ' ସବୁବେଳେ କହନ୍ତି ମୋ, ନା, ରାଧାମୋହନ ବାବୁ, ମୋତେ ଶରଧାରେ ଡ଼ାକନ୍ତି ରାଧୁ । କି ନିଆଁଲଗାବେଲ୍ ହେଇଛି କେଜାଣି, ସବୁବେଳେ ଖାଲି କିରି, କିରି ହେଉଛି, ଦେଉଛି ଛିଡ଼ାଇତାକୁ-ଚୁଲିରେ ପୁରାଇ । ତ୍ରୀପାଠୀ ସାର୍ ଉଦ୍‌ଘାଟନ୍ ପାଇଁ ରାଜି ହେଲେନି, କିଶୋର ମିଶ୍ର କହିଲେ, କେହି ବ୍ୟସ୍ତ ହୁଅନା, ସେ ନିଶ୍ଚୟ ରାଜିହେବେ । ଇଂ. ପି. ଏନ୍ ବାବୁ, ଇଂ

Digitized by srujanika@gmail.com

ନବ କିଶୋର ମହାପାତ୍ର, ଇଂ. ଟି.ଏନ୍ ବହିଦାର, ଇଂ. ଜି.ଏସ୍. ଠକୁର, ଇଂ କିଶୋର ମିଶ୍ର, ଇଂଆନନ୍ଦ ରାଓ, ଇଂ ଆଶିସ୍ କୁମାର, ଇଂ. ମହାପାତ୍ର, ଡ଼ି.ଏସ୍.ପି ଆଲୋକ ଜେନା, ସବ୍ ଇନିସ୍‌ପେକ୍ଟର ମଦନ ଦାଶଙ୍କ ପ୍ରଯୋଜନାରେ ଓ ଟୋକା ଏକାଉଟେଣ୍ଟ କରୁଣାକର ଜେନାଙ୍କ ହସ୍ ହସ୍ ମୁହଁରେ ପ୍ରମ୍ପଟିଙ୍ଗରେ ରିହରସାଲ୍ ଜୋର ସୋରରେ ଚାଲିଲା । ନାଟକ ମଞ୍ଚସ୍ଥ ହେବାର ଦିନ ଫାଇନାଲ ହୋଇନଥାଏ ।

ହଠାତ୍ ଦିନେ, ଶରତ ଦେଓ ଏଷ୍ଟିମେଟ କମିଟିର ଚେୟାରମାନ୍, ସାଙ୍ଗରେ ଚାରିଜଣ ଏମ୍.ଏଲ.ଏଙ୍କୁ ଧରି ପହଞ୍ଚିଲେ ବାଲିମେଳା । ସମସ୍ତ ଅଫିସର ବୃନ୍ଦ ତାଙ୍କୁ ଅଭିନନ୍ଦନ ଜଣାଇଦେଲେ । ମୃଷାବାବୁଙ୍କୁ ଶରତଦେଓ ଦେଖି କହିଲେ, ''କଣ ବଡ଼ ଭାଇ, ଆପଣ ଏଠି, ସେଇଥିପାଇଁ ଆଉ ନାଟକ ଦେଖିବାକୁ ମିଳୁନି । ଏକାମ୍ରଥିଏଟର ବଂଚିଛିତ''? ମୃଷାବାବୁ କହିଲେ ''ବଞ୍ଚିଛି ସାର୍ ହେଲେ, ଆଉବେଶି ନାଟକ ହେଉନି, ମାନଭଂଜନ୍ ଶ୍ରୀକୃଷ୍ଣ ବାଲ୍ୟଲୀଳା, ଗୋପଲୀଳା, ଏମିତି ସବୁ, ହେଲେ ନିର୍ଦ୍ଦେଶକ ମୃଷାପଟ୍ଟନାୟକ ମୃତ'' । ଶରତଦେଓ, ହସି, ହସି, କହିଲେ ''ଦୁଃଖ କରନା, ମୋ ପାଖରେ ମୃତ ସଞ୍ଜୀବନୀ ସୁରା ଅଛି, ବଞ୍ଚାଇ ଦେବି'' ।

ମିଟିଙ୍ଗ୍ ଆରମ୍ଭ ହେଲା, କାଗଜପତ୍ର ଦେଖି ହଠାତ୍ ରାଗିଉଠିଲେ ଶରତ ଦେଓ, ଚିତ୍କାର କରି କହିଲେ' ''ମୁଁ କଣ ଏହିପରି ରିପୋର୍ଟ୍ ଚାହିଁଥିଲି । ଏମ୍.ଏଲ୍‌ମାନଙ୍କୁ କହିଲେ, ଆପଣମାନେ, ଯାହା ଭେରିଫାଏ କରିବା କଥା କରନ୍ତୁ, ମୁଁ କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ରିପୋର୍ଟ ଦେଇଛି'', ରାଗି ଚାଲିଗଲେ କମଳା ବଗିଚା, ସାଙ୍ଗରେ ଗଲେ, ତାଙ୍କର ପ୍ରିୟ ଲୋକ ବୁଲୁରଥ, ବାମଦେବ ରଥ ପୂର୍ବ ଏଡ଼ି.ଏମ୍‌ଙ୍କ, ବଡ଼ ପୁଅ ।

ହଠାତ୍ ଦୁଃଖର ଛାୟା ଖେଳିଗଲା, ସବୁ ଅଫିସର ମାନେ, ଦୁଃଖ କଲେ । ସବୁ ଏମ୍.ଏଲ.ଏ ମାନେ କହିଲେ, କେବଳ ମୃଷାବାବୁ ଇଂଜିନିୟର ତାଙ୍କୁ ବୁଝାଇ ଫେରାଇ ଆଣିପାରିବେ । ରାତି ଦଶଟାବେଳେ ମୃଷାବାବୁ କାରୁଧରି ଗଲେ ଚିତ୍ରକୁଣ୍ଡାଠାରୁ ପାଞ୍ଚ କିଲୋମିଟର ଦୂରରେ ଥିବା କମଳା ବଗିଚାକୁ । ତାଙ୍କୁ ଶରତ ଦେଓ ଦେଖି ବହୁତ ଖୁସି ହୋଇଗଲେ । ଶିକାର ହେଲା ରାତିସାରା, ଖିଆପିଆ, ନାଚଗୀତରେ କଟିଗଲା, । ''ମଉକା ଦେଖି'' ମୃଷାବାବୁ, ଶରତ ଦେଓଙ୍କ ପାଖରେ ଜଳସେଚନ ମନ୍ତ୍ରୀଙ୍କ ''କଳିଯୁଗର ଦଶରଥଙ୍କ ଶପଥ'' କଥା କହିଲେ । ଶରତ ଦେଓ କହିଲେ, ''ଏ ଯୁଗ ହେଉଛି ସେୟା, ରାଜାଙ୍କ ପରେ ମନ୍ତ୍ରୀମାନେ ରାଜ୍ୟ ଚଳାଇଲେ, ସେମାନେ ଯଦି ନୀତିବାନ୍ ସଚ୍ଚୋଟ, ସୁବିଚାରକ ନହୁଅନ୍ତି, ଦେଶର ଉନ୍ନତି ହେବ କେମିତି ? ଭାରତକୁ ସ୍ୱାଧୀନ କଲାପରେ ମହାତ୍ମାଗାନ୍ଧୀ କ'ଣ ପ୍ରଧାନମନ୍ତ୍ରୀ ବା ସଭାପତି ହୋଇପାରି ନଥାନ୍ତେ, ସେ ମହାତ୍ମା ତାହା ଚାହିଁଲେ ନାହିଁ, ପଣ୍ଡିତ ଜବାହରଲାଲ ନେହେରୁ, ପଟେଲଙ୍କ ପରି ପ୍ରବିଣ ନୀତିବାନ୍ ବଂଶଜ ଲୋକଙ୍କୁ ଭାରତ

Digitized by srujanika@gmail.com

ବର୍ଷର କର୍ମଧାରା କରାଇଲେ । ଆପଣ ଦେଖୁନାହାନ୍ତି ଡକ୍ଟର ହରେକୃଷ୍ଣ ମହତାବଙ୍କ ଶାସନ, ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଶାସନ, ଆଉ ଅନ୍ୟମାନଙ୍କ ଶାସନ ଭିତରେ କେତେ ଆକାଶ ପାତାଳ ତଫାତ୍ । ସେମାନେ ଥିଲେ ରାଜାପିଲା, ଦୁଃଖ କରନା ଦଶପନ୍ଦର ଦିନ ପରେ ମୁଁ ହେବି ଓଡ଼ିଶାର ଜଳସେଚନ ମନ୍ତ୍ରୀ । ତୁମେ ଯେଉଁଠିକି ଚାହିଁବ ସେଇଠିକି ଯିବ । ମୁଁ ରାଜାପିଲା ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶା ଭଲ ଭାବରେ ବୁଝିପାରେ'' । କୃତଜ୍ଞତା ଜଣାଇ ହାତ, ଗୋଡ଼ ପାଖକୁ ନେଲାବେଳକୁ, ଶରତ ଦେଓଙ୍କର ଘୁଙ୍ଗୁଡ଼ିର ଶବ୍ଦ ଶୁଣିପାରିଲେ ମୃଷାବାବୁ ।

ରାତି ପାହିଲା, ଚେୟାରମ୍ୟାନ ଶରତ ଦେଓଙ୍କୁ ବୁଝାଇ ବାଲିମେଳାକୁ ନେଇଆସିଲେ ମୃଷାବାବୁ । ସମସ୍ତେ ଦେଖି ଖୁସିହେଲେ ଖୁବ୍ ଭଲ ରିପୋର୍ଟ ଦେଇ ଚାଲିଗଲେ ଏଷ୍ଟିମେଟ୍ କମିଟି ଭୁବନେଶ୍ୱର ।

ବିଜୟାନନ୍ଦ ତ୍ରିପାଠୀ, ମୃଷାବାବୁଙ୍କୁ ପାଖକୁ ଡାକି କହିଲେ ''ମୁଁ ତୁମ ଉପରେ ବହୁତ ଖୁସି, ତୁମେ ଆଜିର ପରିସ୍ଥିତିକୁ ସୁନ୍ଦର ଭାବରେ ମ୍ୟାନେଜ କରିଦେଲ, ଦୁଃଖ କରନା ମୁଁ ତୁମର ବହି ଉଦ୍‌ଘାଟନ କରିବି'' ।

ପ୍ରଦୀପ ଜଳିଲା, ବହି ଉଦ୍‌ଘାଟିତ ହେଲା, ପିଲାଛୁଆଙ୍କୁ (ସବୁ, ଶାଳୀ, ତାଙ୍କ ଛୁଆ, ଯାହାକୁ ତ୍ରିପାଠୀ ସାହେବ ପାଳିଥିଲେ) ଧରି ଆଗରେ ବସି ନାଟକ ଦେଖିଲେ ମୁଖ୍ୟମନ୍ତ୍ରୀ ତ୍ରିପାଠୀ ସାହେବ । ପ୍ରତ୍ୟେକ ସିନ୍‌ପରେ ଗୁଡ୍, ଭେରି ଗୁଡ୍, ଧନ୍ୟବାଦ ବୋଲି କମେଣ୍ଟ୍ କରୁଥାନ୍ତି ମୁଖ୍ୟମନ୍ତ୍ରୀ । ଆଉ କିଶୋର ବାବୁ ପ୍ରତ୍ୟେକ ସିନ୍ ପରେ ଗ୍ରିନ୍‌ରୁମକୁ ଯାଇ ସିନ୍ ସଫଳତା ବିଷୟରେ ମୃଷାବାବୁଙ୍କୁ କହୁଥାନ୍ତି । ତାପରେ ଆରମ୍ଭ ହେଲା ବହିର କ୍ଲାଇମାକ୍ସ, ସ୍ତ୍ରୀ ସ୍ୱାମୀକୁ ଗର୍ଜ୍ଜ କରି ଚାଲିଛି, ତୁମେ ମଦ୍ୟପି, ବେଶ୍ୟାଶକ୍ତ, ବହୁ ଝିଅବୋହୂଙ୍କ ସଂସ୍ପର୍ଶରେ ଆସି, ତୁମେ ଆଜି ରୋଗାକ୍ରାନ୍ତ । ଭଗବାନଙ୍କ ଅଭିଶାପରୁ ବା ବହୁ ଝିଅବୋହୂଙ୍କ ଅଭିଶାପରୁ, ବା ବଳାତ୍କାର କରିବା ପାପରୁ ହେଉ, ତୁମେ ପୌରଷ ହୀନ, ନପୁଂଷକ, ତୁମର ପିତା ହେବାର ଗୌରବ ନାହିଁ । ''ଧରମ ପୁଅ ଓ ଝିଅ କରି ଆଣିଲେ ବି ସେ ପୁଅଝିଅ ତୁମକୁ ବାପା ଡାକିବେ ନାହିଁ ''। ଏ ସିନ୍ ଦେଖି ମୁଖ୍ୟମନ୍ତ୍ରୀ କାନ୍ଦିବାକୁ ଆରମ୍ଭ କଲେ । ରୁମାଲରେ ମୁହଁ ପୋଛିଲେ । ପରିବାରବର୍ଗଙ୍କୁ ଚିଡ୍ରକୁଣ୍ଡା ପଠାଇଦେଇ, ବଙ୍ଗଳାକୁ ଆସି ଡାକିଲେ ଶର୍ମା ସାହେବ, କିଶୋର ମିଶ୍ର ଆଉ ମୃଷା ପଟ୍ଟନାୟକଙ୍କୁ । ଶର୍ମା ସାହେବଙ୍କୁ କହିଲେ ''ତୁମେ ବାଲିମେଳାର ଅଧକ୍ଷଣ ଯନ୍ତ୍ରୀ ତୁମେ କ'ଣ ସ୍କ୍ରୀପ୍ଟ ପଢ଼ିନଥିଲ, ଏ ବହି ଲେଖା ହୋଇଛି କେବଳ ମୋରି ପାଇଁ, ମୋତେ ଆଉ ମୋ ପରିବାରବର୍ଗଙ୍କୁ ବହି ଉଦ୍‌ଘାଟକ କରିବାକୁ ଡାକି ଆପଣମାନେ ମୋତେ ପରୋକ୍ଷରେ ଅପମାନ କରିଛନ୍ତି''। ଆଉ ମୃଷାବାବୁଙ୍କୁ କହିଲେ ''ଆପଣଙ୍କର ଲେଖା, ଅଭିନୟ, ନିର୍ଦ୍ଦେଶନା, ଉଚ୍ଚକୋଟୀର,

Digitized by srujanika@gmail.com

ଆପଣଙ୍କର ରିଲିଫ୍ ଅର୍ଡର ବହୁବାର ଆସିଥିଲା । ମୁଁ କିନ୍ତୁ ରିଲିଫ୍ କରୁନଥିଲି, ମୁଁ କିନ୍ତୁ ଆଜି ଆପଣଙ୍କୁ ଲୋକାଲ ରିଲିଫ୍ କରିଦେଉଛି, ଆପଣ ଏଠୁ ଚାଲିଯାନ୍ତୁ, ମୁଁ ଆପଣଙ୍କର ମୁହଁ ଦେଖିବାକୁ ଚାହେଁନା" ।

ମୃଷାବାବୁ ରିଲିଫ୍ ହୋଇ ଯେତିକି ଖୁସି ନଥିଲେ ତାଙ୍କଠାରୁ ବେଶୀ ଖୁସିଥିଲେ କିଶୋର ମିଶ୍ର କାରଣ ସେ ଥିଲେ ମୃଷାବାବୁଙ୍କର ଦରଦିପ୍ରିୟ ବନ୍ଧୁ । ସେ ଜାଣିଥିଲେ ଏ ନାଟକ ମୁଖ୍ୟମନ୍ତ୍ରୀଙ୍କ ଚରିତ୍ର ଉପରେ ବହୁତ ପ୍ରଭାବ ପକାଇପାରିବ ।

ଭୁବନେଶ୍ୱର ଯିବପାଇଁ ମୃଷାବାବୁ ଜିପ୍, ଟ୍ରକ୍ ବନ୍ଦୋବସ୍ତ କରିବାରେ ବ୍ୟସ୍ତ, ଏହାଭିତରେ ତିନିଚାରିଦିନ କଟିଗଲା, ପୁଣି ଆସିଲେ ମୁଖ୍ୟମନ୍ତ୍ରୀ ଚାଲିମେଳାକୁ । ମୃଷାବାବୁ ତାଙ୍କୁ ଦେଖାକରିବାକୁ ଗଲାବେଳକୁ ପଛରୁ ଟାଣିଧରିଲେ କିଶୋର ମିଶ୍ର କହିଲେ, "ଆପଣ ବଡ଼ ବେହିଆ ଆପଣଙ୍କର ମୁହଁ ଦେଖିବାକୁ ମୁଖ୍ୟମନ୍ତ୍ରୀ ଚାହାନ୍ତି ନାହିଁ, ପୁଣି ଯାଉଛନ୍ତି ? ମୃଷାବାବୁ କହିଲେ "ବ୍ୟସ୍ତ ହୁଅନା ମୁଁ ତାଙ୍କୁ ମୁହଁ ନଦେଖାଇ ନମସ୍କାରଟିଏ କରେ" ।

ମୁଖ୍ୟମନ୍ତ୍ରୀ ଆଡ଼କୁ ପଛକରି, ପଛେଇ, ପଛେଇ ଯାଇ ନମସ୍କାର କଲେ ମୃଷାବାବୁ

କିଏ ? କିଏ ତୁମେ ? କଣ ହେଉଛି ଏଠି ? ପାଟି କରି ଉଠିଲେ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ତ୍ରିପାଠୀ । ମୃଷାବାବୁ କହିଲେ "ମୁଁ ଆପଣଙ୍କର Dynamic Engineer, "ଆହତ ଚନ୍ଦ୍ର" ନାଟକର ଲେଖକ ମୃଷା ପଟ୍ଟନାୟକ । ମୋ ମୁହଁ ଦେଖିବାକୁ ଚାହାଁନ୍ତି ନାହିଁତ, ତେଣୁ ପଛ କରି ଠିଆହୋଇଛି"।

ମୁଖ୍ୟମନ୍ତ୍ରୀ ପାଟିକରି ଉଠିଲେ, "ଇଉ, ରାସ୍କେଲ, ନନ୍‌ସେନ୍ସ, ତୁମେ ଏଯାଏ ଯାଇନ" ?

"କେମିତି ଯିବି ସାର୍ ଛୁଆ ପିଲା ଚାଲ, ଟ୍ରକଟିଏ ଆଉ ଜିପ୍‌ଟିଏ ଦରକାର" ମୁଖ୍ୟମନ୍ତ୍ରୀ ଚିତ୍‌କାର କରି କହିଲେ "ଶର୍ମା ସାହେବ, ମୃଷାବାବୁଙ୍କୁ ଟ୍ରକଟିଏ ଆଉ ଜିପ୍‌ଟିଏ ଦିଅନ୍ତୁ । ଟ୍ରକରେ ଭୁବନେଶ୍ୱରରୁ ଜିନିଷପତ୍ର ଆସିବ ଆଉ ଜିପ୍‌ରେ ଜଣେ ସରକାରୀ ମନ୍ତ୍ରୀ ଯାଆନ୍ତୁ ଆଡ଼ଭୋକେଟ୍ ଜେନେରାଲଙ୍କ ସହ କଥାବାର୍ତ୍ତା କରି ଆସିବେ" ।

ମୃଷାବାବୁ ନମସ୍କାର କରି ପଛେଇ, ପଛେଇ ଯାଉଥିଲେ ମୁଖ୍ୟମନ୍ତ୍ରୀ କହିଲେ "ଆପଣମାନେ ଶୁଣି ଖୁସି ହେବେ ଶରତ ଦେଓ ଆଜି ଜଳସେଚନ ମନ୍ତ୍ରୀରୂପେ ଦାୟିତ୍ୱ ନେବେ । ଏ ଖବର ଶୁଣି ମୃଷାବାବୁ ଡେଇଁ ପଡ଼ିଲେ, ଭୁଲରେ ମୁହଁଟା ତାଙ୍କର ହୋଇଗଲା ମୁଖ୍ୟମନ୍ତ୍ରୀଙ୍କ ଆଡ଼କୁ, ପକେଟରୁ ରୁମାଲ କାଢ଼ି ମୁହଁ ଲୁଚାଇଲେ, ମୁଖ୍ୟମନ୍ତ୍ରୀ ହସି, ହସି ଗଡ଼ିଗଲେ, ପନ୍ଦର ମିନିଟ୍ ଧରି । କହିଲେ ଆଜିଯାଏ, କିଏ ମୋତେ ହସାଇ ନଥିଲେ, ତୁମେ

Digitized by srujanika@gmail.com

ମୋତେ ହସାଇଦେଲ ମୂଷାବାବୁ । ମୂଷାବାବୁଙ୍କୁ ଆଲିଙ୍ଗନ କଲେ, ସମସ୍ତ କର୍ମଚାରୀ ଆଁ କରି ଆନନ୍ଦ ଉପଭୋଗ କଲେ, ଦୁଃଖର, କଥା କ୍ୟାମେରା ନଥିଲା ଫଟ ଉଠାଇବାକୁ ।

ମୂଷାବାବୁ ପରିବାର ଓ ଜିନିଷପତ୍ର ଧରି ଭୁବନେଶ୍ୱର ପହଁଚି ପ୍ରଥମେ ମନ୍ତ୍ରୀଙ୍କୁ ଦେଖାକଲେ । (ବାଟରେ ଆସିଲାବେଳେ ତପ୍ତପାଣି ପାଖରେ ଏକ ଦୁର୍ଘଟଣାରେ ପଡ଼ିଥିବା ଅଧ୍ୟାପକ ସଂକର୍ଷଣ ସାମଲ ତାଙ୍କ ଶ୍ରୀମତୀ ଓ ଆଉ ଦଶ ବାରଜଣ ଛାତ୍ରଙ୍କୁ ଟ୍ରକ୍‌ରେ ବସାଇ ବରହମପୁରରେ ଆଣି ଛାଡ଼ିଦେଇଥିଲେ । ସେଥିପାଇଁ ସେ ଅଧ୍ୟାପକଙ୍କର ଚୀର ପୂଜ୍ୟ । ତାଙ୍କ ଘରପାଖ ଲକ୍ଷ୍ମୀସାଗରରେ ରହନ୍ତି) । ମନ୍ତ୍ରୀ ମହୋଦୟ ମୁଖ୍ୟଯନ୍ତ୍ରୀଙ୍କୁ ଫୋନ କରି ବୁଝିଲେ ଯେ, ଭୁବନେଶ୍ୱର ସବ୍‌ଡ଼ିଭିଜନ ଓ ମୁଣ୍ଡଳୀ ସବ୍‌ଡ଼ିଭିଜନ ଖାଲି ଅଛି, ଭୁବନେଶ୍ୱର ଯାଅନି, କାରଣ, ମନ୍ତ୍ରୀ, ସେକ୍ରେଟାରୀ ବଡ଼ ଅଫିସର, ଏମ୍‌.ଏଲ.ଏ, ମାନେ, ଗାଦାରେ, ଜିପ୍ ମାଗି ମାଗି, ବ୍ୟସ୍ତ କରି ଦେବେ, ମୁଣ୍ଡଳୀ ଯାଅ, କିନ୍ତୁ ମୁଣ୍ଡଳୀରେ ଅସୁବିଧା, ସେଠାର ନିର୍ବାହିଯନ୍ତ୍ରୀ ନାଟୁଆ ଇଂଜିନିୟର ବୈଷ୍ଣବ ମହାନ୍ତି ଅଛନ୍ତି ।

ମୂଷାବାବୁ କହିଲେ, ''କିଛି ଅସୁବିଧା ହେବନି ସାର୍'', ସେ ମୋର ଅତିପ୍ରିୟ ବନ୍ଧୁ, ସେ ପ୍ରଥମେ ଟ୍ରେନିଂ ନେଇଥିଲେ ମୋ ପାଖରେ ମୁଣ୍ଡଳୀରେ, ସେ ମୋତେ ବଡ଼ଭାଇ ଆଉ ଶ୍ରୀମତୀଙ୍କୁ ଭାଉଜ ବୋଲି ଡାକନ୍ତି'' ।

ତେଣୁ ଅର୍ଡର ହେଲା ମୁଣ୍ଡଳୀ, ମୁଖ୍ୟଯନ୍ତ୍ରୀ ସୁରେଶ ତ୍ରିପାଠୀ ଅର୍ଡର ବାହାର କରିବାରେ ଡେରିକଲେ, ମନ୍ତ୍ରୀ ମହୋଦୟ ଦିଲ୍ଲୀ ଗଲାଦିନ ଏରୋଡ୍ରମକୁ ଫାଇଲ୍ ମଗାଇ, ମୂଷାବାବୁଙ୍କୁ ଅର୍ଡର ଧରେଇ ଦେଇ କହିଲେ ''କଣ ଜବାବ୍ ଦେଇଥିଲି''?

ମୂଷାବାବୁ ହାତଯୋଡ଼ି କହିଲେ, ''ସେ ଜବାବ୍ କଳିଯୁଗର ଦଶରଥଙ୍କ ଜବାବ ନୁହେଁ ସାର, ସେ ଜବାବ୍ ହେଉଛି **''ରଜାମନ୍ତ୍ରୀ''**ଙ୍କର ।

ହେଲେ ସେ ମହାତ୍ମା, ପୂଣ୍ୟାତ୍ମା ଆମମାନଙ୍କୁ ନର୍କରେ ଘାଣ୍ଟି ହେବାକୁ ଛାଡ଼ିଦେଇ ପାର୍ଲିଆମେଣ୍ଟରେ କାର୍ଯ୍ୟବ୍ୟସ୍ତ ଥିବାବେଳେ ସ୍ୱର୍ଗାରୋହଣ କଲେ, ସେ ଥିଲେ **''ରାଜାମନ୍ତ୍ରୀ''**

✵✵✵

Digitized by srujanika@gmail.com

ପ୍ରତ୍ୟାବର୍ତ୍ତନ

ଦିର୍ଘ କୋଡ଼ିଏ ବର୍ଷପରେ ମୃଷାବାବୁ ପୁଣି ପ୍ରତ୍ୟାବର୍ତ୍ତନ କଲେ, ନରାଜ, ମୁଣ୍ଡଳୀ, ସହକାରୀ ଯନ୍ତ୍ରୀ ହିସାବରେ । ସେଠି ଥାଆନ୍ତି ବୈଷ୍ଣବ ଚରଣ ମହାନ୍ତି ନିର୍ବାହିଯନ୍ତ୍ରୀ ବହୁ ଦିନପରେ ବଡ଼ଭାଇଙ୍କୁ ଦେଖି ବହୁତ ଆନନ୍ଦିତ ହେଇ, ମାଡ଼ମ୍‌ଙ୍କ ସହିତ ପରିଚୟ କରାଇଦେଲେ । ମୃଷାବାବୁ ଅଧଘଣ୍ଟା ପରିଚୟ ଭିତରେ ଜାଣିପାରିଲେ, ମାଡ଼ାମ୍ ଅତି ବୁଦ୍ଧିମତୀ, ସ୍ନେହୀ, ପର ଉପକାରୀ, ଭଦ୍ରମହିଳା । ମୃଷାବାବୁ ଭାବିଲେ, ''ଭଗବାନଙ୍କର ବିଚିତ୍ର ସୃଷ୍ଟି, ସବୁ ନାଟୁଆ ଇଞ୍ଜିନିୟରମାନଙ୍କ ପାଇଁ ଏଇମିତି ସର୍ବଗୁଣ ସଂପର୍ଣ୍ଣା ବୁଦ୍ଧିମତୀ ଅର୍ଦ୍ଧାଙ୍ଗିନୀ ଦେଇଛନ୍ତି'' ।

ମାଡ଼ମ୍ ମୃଷାବାବୁଙ୍କଠାରୁ ତାଙ୍କର ସବୁ ଦୁଃଖ ଶୁଣିଲେ, ସେ ଆଉ ଶ୍ରୀମତୀ କାନ୍ତିଲତା ଧିରେ ଧିରେ ଅତିପ୍ରିୟ ହୋଇ ଉଠିଲେ । ଦୁଇପୁଅ ବେକାର ଅଛନ୍ତି ଶୁଣି, ତାଙ୍କୁ କିଛିକାମ ଦେଲେ, ମୁଳଧନ ବେଶି ନଥିବାରୁ କାମରୁ ଲାଭ କରିପାରିଲେ ନାହିଁ ପିଲାମାନେ, ତେଣୁ ବାଧ୍ୟହୋଇ ଅନ୍ୟ ବ୍ୟବସ୍ଥା ଧରିଲେ । ବୈଷ୍ଣବ ବାବୁଙ୍କ ଚେଷ୍ଟାରେ, ମୃଷାବାବୁ କିଣିଥିବା ଲକ୍ଷ୍ମୀସାଗର ଜାଗାରେ ବର୍ଷରେ ବର୍ଷରେ ଘର ତିଆରି କଲେ । ବୈଷ୍ଣବ ବାବୁ କହିଲେ, ''କେତେ ଦିନ ବନ୍ଧୁ ଗୋବିନ୍ଦ ମଲ୍ଲଙ୍କ ଘରେ ରହିଥିବ, ତାଙ୍କର ବି ପିଲାଛୁଆ ବଢ଼ିଲେଣି । ସବୁ ଦୁଃଖରେ ସୁଖରେ ସାଥିହେଲେ ମାଡ଼ମ୍, ସବୁବେଳେ ସେ ସମସ୍ତଙ୍କ ଆଗରେ କାନ୍ତିଅପା ଆଉ, ପିଲାମାନଙ୍କର ପ୍ରଶଂସା କରନ୍ତି । ତାଙ୍କ ମନରେ ଦୁଃଖ । ଜୀବନ ସାରା ପର ଉପକାର କରି, ନିଜପିଲାଙ୍କ ପାଇଁ କିଛି କଲେନି । ଦିର୍ଘ ତିରିଶ ବର୍ଷ ଚାକିରି କରି ମଧ, ଘର ଖଣ୍ଡିଏ କରିପାରିଲେ ନାହିଁ, ମୁଣ୍ଡ ଗୁଞ୍ଜିବା ପାଇଁ ।

ତାଙ୍କ ଲିଖିତ ପ୍ରଥମ ବହି ଏକାଉଣ୍ଟାଣ୍ଟ୍ S. C. Senapathy J.E. (ଦେବେନ୍ଦ୍ର)Debendra Senapathy, G. H. Samantaray ଆଉ Niranjan Sathapathy ଓ ତରୁଣ ଠିକାଦାର ନାଟ୍ୟକାର ପବିତ୍ର କୁମାର ରାଉତଙ୍କ ଚେଷ୍ଟାରେ ''ବ୍ୟସ୍ତ ପ୍ରୟାସ'' ପ୍ରିଣ୍ଟ ହେଲା । ସେହି ବହିଟିକୁ ମୃଷାବାବୁ, ନାଟ୍ୟକାର ବୈଷ୍ଣବ ମହାନ୍ତିଙ୍କୁ, ଉତ୍ସର୍ଗ କଲେ । ଉନେଇଶ ଅଶୀ ମସିହା, ଇଲେକ୍‌ସନ ବେଳ, ଜାନକୀ ବାବୁ ମୁଣ୍ଡଳୀ ଦେଖିବାକୁ ଆସିଲେ, ତା ପୂର୍ବରୁ ତାଙ୍କ ବଡ଼ଝିଅ, ମୃଷାବାବୁଙ୍କ ଶଳା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିବାହ କରିଥାନ୍ତି । ତେଣୁ ଜାନକୀ ବାବୁ ମୃଷାବାବୁଙ୍କର ହିସାବରେ ଶଶୁର । ଜାନକୀବାବୁଙ୍କୁ ପୁରା ମୁଣ୍ଡଳୀ ବୁଲାଇ ଦେଖାଇଲେ ମୃଷାବାବୁ, ମୁଣ୍ଡଳୀର ଅଧାବ୍ରିଜକୁ ପୁରା

Digitized by srujanika@gmail.com

ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ବ୍ରିଜକରି ଆଠଗଡ଼କୁ ଥୁପାଣ କେମିତି ହେବ ସେ ବିଷୟରେ ଆଲୋଚନା ହେଲା । ଇଲେକସନ୍‌ରେ କଂଗ୍ରେସ ସରକାର୍ ଆସିଲେ, ମୁଖ୍ୟମନ୍ତ୍ରୀ ହେଲେ, ଜାନକୀବାବୁ ଆଉ ନିରଞ୍ଜନ ପଟ୍ଟନାୟକ/ "(ପୁଥୁଲୁ)" ହେଲେ, ଇରିଗେସନ୍ ମିନିଷ୍ଟର ।

ଶପଥ ଗ୍ରହଣ କରିବାର, ତିନିଚାରିଦିନ ପରେ, ଦିନେ ମୃଷାବାବୁ ତାଙ୍କ ଜୁନିଅର ଇଂଜିନିୟର, ଆଉ ଠିକାଦାର ମାନଙ୍କୁ ଧରି, କୁଆଖାଇ ବ୍ରିଜ ମୁଣ୍ଡରେ ବନ୍ଧକାମ ଦେଖୁଥାନ୍ତି । ହଠାତ୍ ପତକାଲଗା, କାର୍‌ଗୋଟାଏ ତାଙ୍କ ଆଗରେ ଠିଆହୋଇ ଗଲା, ଗାଡ଼ିରୁ ଓହ୍ଲାଇ ଆସିଲେ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ମୃଷାବାବୁଙ୍କ ପାଦଛୁଇଁ ନମସ୍କାର କଲେ କହିଲେ '''ଆପଣମାନଙ୍କ ଆଶିର୍ବାଦରୁ ମୁଁ ଆଜି ମନ୍ତ୍ରୀ ପୁଣି; ଆପଣଙ୍କର ଜଳସେଚନ ମନ୍ତ୍ରୀ'' ତଳୁ ଉଠାଇ ଆଲିଙ୍ଗନ କରି କହିଲେ ମୃଷାବାବୁ "ମୁଁ ଜାଣିଥିଲି, "ପୁଥୁଲ" ତୁ ଦିନେ ଓଡ଼ିଶାର ମନ୍ତ୍ରୀହେବୁ, ତୁଳସୀ ଦୁଇପତ୍ରରୁ ବାସିଲାପରି, ତୁ ତୋର ପରିଚୟ ଛୁଆଦିନୁ ଦେଖାଇ ଆସିଛୁ । ମୁଁ ଭଗବାନଙ୍କ ପାଖେ ପ୍ରାର୍ଥନା କରୁଛି, ତୁ ମୁଖ୍ୟମନ୍ତ୍ରୀ ବି ହୋ'' ଆଗରୁ ସବୁବେଳେ ପାଖେ ପାଖେ ଥିବା ଓ ମନ୍ତ୍ରୀଙ୍କର ଶପଥ ନେଲା ପରେ ଗୋଟାଏ ମିନିଟ୍ ପାଖ ଛାଡୁ ନଥିବା "ବସନ୍ତ ଭାଇ" ଓଡ଼ିଶା "ଶାସ୍ତ୍ରୀଜୀ" କହିଲେ ହବ, ନିଶ୍ଚୟ ହେବ, ଜ୍ୟୋତିଷ ପରା କହି ଦେଇଛି'' । ଗାଡ଼ିଟା ଲିଗଲା, ବାବୁମାନେ ପଚାରିଲେ, ସେ ବାବୁ କିଏ, ସାର୍ ସେ ମୋ ଶଳା ଜଳସେଚନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ(ପୁଥୁଲୁ) ମୃଷାବାବୁ ହସି ହସି କହିଲେ ।

ମନ୍ତ୍ରୀ ନରଞ୍ଜନ ପଟ୍ଟନାୟକ

ବାବୁମାନେ କହିଲେ ଆପଣଙ୍କର ତାହେଲେ ବହୁତ ସୁବିଧା ହେଲା ସାର୍, "ସୁବିଧା ଅସୁବିଧା ସବୁ ଭାଗ୍ୟ ଉପରେ ନିର୍ଭର କରେ, ତଥାପି,

Digitized by srujanika@gmail.com

ସୌମ୍ୟରଞ୍ଜନ ପଟ୍ଟନାୟକ
ସାଂସଦ, ମୁଖ୍ୟ ସଂପାଦକ ସଂବାଦ

ମୋର ଅତିପ୍ରିୟ, ନିଜ ଲୋକତ ମନ୍ତ୍ରୀ, ସୁବିଧା ହୋଇପାରେ, ନପାରେ, ଅସୁବିଧାତ ହେବନି ? ଆପଣମାନେ, ଆହୁରି ଖୁସିହେବେ, ଖୋଦ୍ ମୁଖ୍ୟମନ୍ତ୍ରୀ, ମୋର ଶଳା, ନିରଞ୍ଜନ ପଟ୍ଟନାୟକଙ୍କ ସାନଭାଇ, ସୌମ୍ୟରଞ୍ଜନର ଶଶୁର । ସେହି ସୌମ୍ୟରଞ୍ଜନ (ବାବୁଲା) ଦିନେନା ଦିନେ ତାର ସୌମ୍ୟମୂର୍ତ୍ତି ବିକଶିତ କରି, ଓଡ଼ିଶା ତଥା ଭାରତ ବର୍ଷର କେଉଁ ଆସନରେ ବସୁଛି, ଅପେକ୍ଷାକର ଦେଖିବ'' । ମୃଷାବାବୁ ମୁଣ୍ଡଳି ଏସ.ଡ଼ି.ଓ ଥିବାବେଳେ ଦିନେ ସରକାରୀ କାମରେ ବ୍ୟସ୍ତଥାଇ ଜିପ୍‌ଧରି ଆସିଲାବେଳେ ତୃତୀୟ ସଢୁ ଅନନ୍ଦା ମହାନ୍ତି ମର୍ମନ୍ତୁଦ ମୃତ୍ୟୁ ବରଣ କଲେ, ଛାଡ଼ିଦେଇଗଲେ ଗୋଟିଏ ଝିଅ, ପୁଅ ଦୁଇଟି । ପ୍ରେମ (ଶାଳୀ) ଅଳ୍ପ ବୟସରେ ବିଧବା ହୋଇ, ସବୁବେଳେ ସବୁସମୟରେ ଭିଣେଇ ମୃଷାବାବୁଙ୍କର ସାହାଯ୍ୟ ନେଲା, ପୁଅ ଲକ୍ଷ୍ମୀସାଗରରେ ପଢ଼ିଲା, ସଢୁ ସନ୍ତୋଷର ଦାନ ବି କମ୍ ନୁହେଁ, ଆଉ ସନ୍ତୋଷର ଜୁନିଅର ପ୍ରଶାନ୍ତ ନାଏକ ମୃଷାବାବୁଙ୍କୁ ବଡ଼ଭାଇ ପରି ସ୍ନେହ ଭକ୍ତି କରେ । ସେ ମୃଷାବାବୁଙ୍କର ଦରଦୀ ବନ୍ଧୁ । ସଢୁ ଅନନ୍ଦା ମହାନ୍ତିଙ୍କ ମୃତ୍ୟୁ ପରେ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅନୁରୋଧରେ, ନିର୍ବାହି ଯନ୍ତ୍ରୀ ବିଭୁତି ମିଶ୍ର, ଯନ୍ତ୍ରୀ କୃଷ୍ଣ ପ୍ରଧାନ, ଯନ୍ତ୍ରୀ B.K. Samantray, Sunil Mohapatra, Sarat Pattnaik, Banabihari Mohanty ଅନନ୍ଦାର ଛୁଆପିଲାଙ୍କ ପାଇଁ ଘର ତିଆରି କରିଦେଲେ ।

କାମ ବେଶି କିଛି ନଥିଲେ ବି, ନିର୍ବାହିଯନ୍ତ୍ରୀ, ବୈଷ୍ଣବ ବାବୁ ବଡ଼ କରିତ୍, କର୍ମା । ବଡ଼ ଅଫିସର ମାନଙ୍କୁ ଖୁସିକରି, ଚାରିଟା ସବ୍‌ଡିଭିଜନ ପାଇଁ କିଛି, କିଛି କାମ କ୍ରିଏଟ୍ କରିନ୍ତି । ତେଣୁ ଠୁକ୍‌ଠାକ୍ କାମ ଚାଲିଥାଏ । ଦୁଇଟା ନାମକରା ନାଟପାଟିର ମାଲିକ, ଶହ ଶହ ଅଭିନେତାଙ୍କୁ ନଚାଇ, ନଚାଇ, ନଚାଇବାରେ, ଏତେ ଧୁରନ୍ଧର ଯେ, ଷ୍ଟାପ୍, ସରକାରୀ ଯନ୍ତ୍ରୀମାନଙ୍କୁ ମୁଖ୍ୟଯନ୍ତ୍ରୀଙ୍କୁ କହି ସସ୍‌ପେଣ୍ଡ କରିଦେଉଥିଲେ ମୃଷାବାବୁଙ୍କୁ ମଧ୍ୟ ନଚେଇବା ପାଇଁ ଇଚ୍ଛା, କିନ୍ତୁ କରନ୍ତି ନାହିଁ, ମନ୍ତ୍ରୀଙ୍କୁ ଭୟକରି । ଆଉ ଶ୍ରୀମତୀ, କାନ୍ତିଲତା-ଭାଉଜଙ୍କୁ ସମ୍ମାନ କରନ୍ତି । ତାଙ୍କରି ଅନୁରୋଧରେ, ମୃଷାବାବୁ ମୁଣ୍ଡଳୀରେ ଦୁଇଟି ନାଟକ ମଞ୍ଚସ୍ଥ କଲେ, ତାଙ୍କୁ ସାହାଯ୍ୟ କଲେ ଜୁନିଅର ଇଂଜିନିୟର ରମେଶ ଧର, ଉପାଧ୍ୟା, ଗୌର ଦାଶ ଓ ଏକାଉଣ୍ଟାଣ୍ଟ ଏସ୍.ସି ସେନାପତି । ଉଚ୍ଚକୋଟିର ଖାନା ତିଆରି କରି ଖାଇବାକୁ ଦିଏ ଫଗୁ ନାଏକ - ମାଳି ।'ମେକ୍‌ଅପ୍‌କୁ ଯାଇଥିଲେ ''ଏକାମ୍ର'' ଥିଏଟର୍‌ର ପୁରୁଖା ଚରିତ୍ର ଅଭିନେତା ପ୍ରମୋଦ ମହାପାତ୍ର'' ନିଜ ରଚିତ, ଅଭିନିତ, ନିର୍ଦ୍ଦେଶିତ, ନାଟକ ଦେଖି ଗାଁ

Digitized by srujanika@gmail.com

ପାଖର ପୁରୁଣା ଲୋକମାନେ କହିଲେ , ''କୋଡ଼ିଏ ବାଇଶି ବର୍ଷ ତଳେ ମୃଷାବାବୁଙ୍କୁ ହିରୋ ହିସାବରେ ଦେଖିଥିଲୁ ଏବେ ଦେଖୁଛୁ ସେହି ହିରୋ, ଯାହାଥିଲେ, ସେଇଆ, କେହି କହିବେନି ପଚାଶ ବର୍ଷର ବୁଢ଼ା ବୋଲି''।

୧୯୮୦ ଉନେଇଶ ଅଶୀ ମସିହାରେ, ମହାନଦୀ, କାଠଯୋଡ଼ି କୁଆଖାଇରେ ଆସିଲା ପ୍ରଳୟ ବନ୍ୟା, ବନ୍ଧ କେମିତି, ଭାଙ୍ଗିନଯାଏ, ଗାଁ ଗଣ୍ଡା, ଗୋରୁଗାଈ, ମଣିଷ ଯେମିତି ବିପନ୍ନ ନହୁଅନ୍ତି, ସେ ପ୍ରତି ସତର୍କ ଦୃଷ୍ଟି ରଖିଥାନ୍ତି ମୃଷାବାବୁ । ତିନି, ଚାରି ରାତି, ଅକ୍ଲାନ୍ତ ପରିଶ୍ରମ କଲାପରେ ହଠାତ୍ ଖବର ଆସିଲା ଇରିପାଟଣା ଠରେ ବନ୍ଧ ଭାଙ୍ଗିଗଲା । ଲୋକମାନେ ଚାରି ଜୁନିଅର ଇଂଜିନିୟରଙ୍କୁ (ପ୍ରଫୁଲ କୁମାର ଦାଶ) ନଦୀକୁ ଫୋପାଡ଼ି ଦେଲେଣି, ପ୍ରଫୁଲଦାଶ ଥିଲେ ମୃଷା ଇଞ୍ଜିନିୟରଙ୍କ ପାଖେ କାମ କରୁଥିବା J.E. ମଧ୍ୟରେ ସବୁଠାରୁ କାମିକା ବିଶ୍ୱସ୍ଥ ଓ ବିଚକ୍ଷଣ । ବନ୍ଧୁ ବଡ଼ ଦୁଃଖ ଓ ସାହସରେ ରାତି ବାରଟା ବେଳେ, ଜିପ ଭିତରେ ଖାଲି ବସ୍ତା ଭର୍ତ୍ତିକରି, ବନ୍ଧ ଉପରେ ପହଁଞ୍ଚିଗଲେ ମୃଷାବାବୁ । ଲୋକମାନେ ପାଟି କଲେ ଏଇ ଏସ.ଡ଼ି.ଓ ଆସିଲା, ଶଳା ବନ୍ଧ ନିଜେ ଭଙ୍ଗାଇ ଦେବ, ଆମେ ସର୍ବସ୍ୱାନ୍ତ ହେବୁ, ତଳିଆ ଲୋକ ବଞ୍ଚିଯିବେ, ମାର୍‌, ଶଳାକୁ, ମାର୍ । ଲୋକମାନେ, ଦୌଡ଼ିଆସି ଟାଣିନେଲେ ଏସ.ଡ଼ି.ଓଙ୍କୁ(ମୃଷାବାବୁ) ବସିଗଲା ମାଡ଼ ଗୋଇଠା, ଚାପୁଡ଼ା, ଠେଙ୍ଗା । ଡ୍ରାଇଭର ''ଖଲି'' ବାଧାଦେଲା, କହିଲା ଏ, ସିଭିଲ୍ ଏସ.ଡ଼ି.ଓ ନୁହଁନ୍ତି, ବନ୍ଧ କେନାଲ, ଏସ୍.ଡ଼ି.ଓ ବନ୍ଧ ରକ୍ଷା କରିବାକୁ ଆସିଛନ୍ତି, ଡ୍ରାଇଭରକୁ ଏମିତି ମାଡ଼ହେଲା ଯେ ସେ, ବାପଲୋ, ମାଲୋ କହି ଦୌଡ଼ିଲା, ଅନ୍ଧାର ଭିତରେ ବାରଙ୍ଗ ଆଡ଼େ ।

ମୃଷାବାବୁ ବଡ ଚାଲାଖରେ, ବନ୍ଧଉପରେ ଶୋଇଗଲେ, ତଳକୁ ମୁହଁମାଡି । ମୁଣ୍ଡଟା ଗଡାଇ ଦେଲେ, ନଦୀ ଆଡକୁ । ବନ୍ଧ ଉପରୁ ଛଅଇଞ୍ଚ ତଳେ ପାଣି, ଦଶ, ପନ୍ଦର ମିନିଟ୍ ଭିତରେ ପାଣି, ବନ୍ଧ କ୍ରସ କରିପାରେ । ଗୋରୁ ଗାଈ, ଛେଳି, ମେଣ୍ଢା ମଣିଷ ସବୁ ଦୌଡୁ ଥାଆନ୍ତି ,ମୃଷାବାବୁଙ୍କ ପିଠି ଉପରେ, ଜୀବନ ବଞ୍ଚାଇବା ପାଇଁ ଆଖିବୁଜି ବନ୍ଧ ଉପରେ ପଡିଥାନ୍ତି ମୃଷାବାବୁ, ବାରଙ୍ଗରୁ ଡ୍ରାଇଭର, କଣ୍ଟ୍ରୋଲ ରୁମକୁ ଫୋନ କଲା, ସାଙ୍ଗେ, ସାଙ୍ଗେ, ସେଭେନ୍‌ଥ ବାଟେଲିଆନ୍ ଆସି ପହଁଞ୍ଚିଗଲେ, ବନ୍ଧ ଉପରେ, ମୃଷାବାବୁଙ୍କୁ ଜିପ୍‌ରେ ବସାଇ ଭୁବନେଶ୍ୱର ଯିବାକୁ କହିଲେ, ହେଲେ ମୃଷାବାବୁ କହିଲେ, ''ସରକାରୀ ଜିପ୍ ନଥିଲେ, ସେ ଯିବେନି'' ଚାବି ନଥିଲା, ଟୋ, ଚେନ୍ କରି ଜିପ୍ ନେଲେ ବାରଙ୍ଗକୁ, ଦେହ ମୁଣ୍ଡ ଏତେ ପରାଶ ହେଇ ଯାଇଥାଏ ଯେ, ସାଙ୍ଗେ, ସାଙ୍ଗେ, ବିଛଣାରେ ପଡିଗଲେ ମୃଷାବାବୁ, ବିଶ୍ରାମ ମିଳୁଛି କେଉଁଠି, ପରେ ପରେ ଖବର ପାଇଲେ, ମୁଣ୍ଡଳୀ ଆନିକଟ ପାଖରେ ବନ୍ଧ ଭାଙ୍ଗିବାଉପରେ, ଦୌଡିଲେ ମୁଣ୍ଡଳୀ, ରାତିସାରା ଅନିଦ୍ରା ହୋଇ, ବନ୍ଧକୁ ବଞ୍ଚେଇଲେ ।

Digitized by srujanika@gmail.com

ସକାଳୁ ଖବର ଚାରିଆଡେ ରାଷ୍ଟ୍ର ହୋଇଗଲା, ମୃଷା ଇଂଜିନିୟର, ଦରମରା ଅବସ୍ଥାରେ ବଣ୍ଡରେ ପଡିଛନ୍ତି । କାନ୍ତିଦେବୀ, ମୁଣ୍ଡ ବାଡେଇ କାନ୍ଦିଲେ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଆଗରେ, ମନ୍ତ୍ରୀ ଫୋନ୍ କଲେ, ସୁରେଶ ତ୍ରିପାଠୀ, କେଟି ସବୁଦ୍ଧି ଓ ରୋହିଣୀ କୁମାର ସାହୁଙ୍କ ପାଖକୁ "ଚଞ୍ଚଳ ମୋ, ମୃଷା ଭିଣେଇକୁ ଆଣି, ଭଉଣୀ କାନ୍ତିଦେଇ ପାଖରେ ଛାଡ" ।

ତିନି, ଚାରିଦିନ ପରେ, ସାନପୁଅ "ଆଲୋକ" ବାପାଙ୍କୁ ମଟର ସାଇକଲେରେ ନେଇ ଆସିଲା ଭୁବନେଶ୍ୱର । ମୃଷାବାବୁ ମନ୍ତ୍ରୀଙ୍କୁ ଦେଖାକରି, ସବୁ କହିଲେ, ମନ୍ତ୍ରୀ କହିଲେ "ମୁଁ ଜାଣେ ତୁମର କିଛି ହେବନି, ତୁମେ ଛୁଆଦିନୁ ଛେଳି ଖିରଖାଇ, ଇଂଜିନିୟର ହେଇଛ, ଚଞ୍ଚଳ ମୁଖ୍ୟଯନ୍ତ୍ରୀ ମାନଙ୍କୁ ଦେଖାକର" ।

ସୁରେଶ ତ୍ରିପାଠି ମୁଖ୍ୟମନ୍ତ୍ରୀଙ୍କ ରୁମରେ ଦେଖା ହେଲା, ସବୁ ଚିଫ୍ ଇଂଜିନିୟର ମାନଙ୍କ ସହ, ହେଲେ, ରୋହିଣୀ କୁମାର ସାହୁ, ବନ୍ୟା-ମୁଖ୍ୟଯନ୍ତ୍ରୀ ସିଧା ନେଇ ଆସିଲେ ମୃଷାବାବୁଙ୍କୁ ତାଙ୍କ ରୁମକୁ । କବାଟ ବନ୍ଦ କରି, ପୁରା ଲଙ୍ଗଳା କରି କ୍ଷତ ଜାଗାସବୁ ଦେଖିଲେ, ଭାରତର ପ୍ରେସିଡେଣ୍ଟଙ୍କ ପାଖକୁ କମେନ୍‌ଡେସନ୍ ପାଇଁ, ଚିଠି ଲେଖିଲେ, କହିଲେ "ବନ୍ୟାରେ ସାହାସୀ କାମ ପାଇଁ, ତୁମେ ପୁରସ୍କୃତ ହେବ, ତୁମକୁ ପରମବୀର ଉପାଧି ମିଳିବ", ଦୁଃଖର କଥା, ସେ ସାହେବ, ଅବସର ନେଲେ, ମୃଷାବାବୁଙ୍କର ପୁରସ୍କୃତ ହେବା କଥା ଫାଇଲ୍ ଭିତରେ ରହିଗଲା ।

ବିରେନ୍ ପଟ୍ଟନାୟକ, ଏ.ବି.ଜେନା, ମୁଖ୍ୟଯନ୍ତ୍ରୀ ହେଲେ, ତାଙ୍କୁ ମୃଷାବାବୁ ସବୁ ଦୁଃଖ କହିଲେ, ବିରେନ୍ ବାବୁ ମୃଷାବାବୁଙ୍କର, ବହୁଦିନରୁ ଜଣା, କହିଲେ ଦୁରେଇ ଯାଇଥିଲ, ପୁଣି ପ୍ରତ୍ୟାବର୍ତ୍ତନ କଲ । ଅପେକ୍ଷାକର ଦେଖିବ ସୁଫଳ କେତେଦୂର "ପ୍ରତ୍ୟାବର୍ତ୍ତନର" ।

Digitized by srujanika@gmail.com

''ଉଞ୍ଚା'' (The Heighest Man)

ସୁବ୍ରିଜ ଦାସ (ଯୋଗୀ)
ବସନ୍ତ ବାହାର (ଝିଅ)

ଏ ଦୁନିଆରେ ସମସ୍ତେ ଚାହାଁନ୍ତି ଉଞ୍ଚା, ଉଞ୍ଚାଲୋକ, ଉଞ୍ଚାଆସନ, ଉଞ୍ଚାବଂଶଜ, ଉଞ୍ଚା-ଖାନ୍‌ଦାନୀ, ଉଞ୍ଚାଦରମା ସବୁ ଉଞ୍ଚା, ଦରକାର ମଣିଷର ।

୧୯୭୭ ମସିହା କଥା, ଦିନେ ସକାଳେ, ''ଗୁଜୁରି ମିସ୍ତ୍ରୀ'' ଏବେକାର ଠିକାଦାର, ଆସି କହିଲେ, ''ସାର୍ ଗୋଟାଏ ଭଲ ପ୍ରପୋଜାଲ ବାହାଘର ପାଇଁ ଆଣିଛି, ନବ ପଟ୍ଟନାୟକ ସପ୍ଲାଏ ଡିପାର୍ଟମେଣ୍ଟରେ ବଡ ଅଫିସର ସେକ୍ରେଟେରି ଏଟରେ ଚାକିରି, ଜାଣିଥିବେ, ସେ ଜନାର୍ଦ୍ଦନ ପଟ୍ଟନାୟକ, ଗାରେଜ ବାଲାଙ୍କ ପୁତୁରା, ତାଙ୍କରି ବଡ ପୁଅ, ''ସନ୍ତୋଷ'' ହାଇକୋର୍ଟରେ ଓକିଲ, ନବବାବୁ, ପୁଅ ସନ୍ତୋଷ, ଆଉ ଝିଅର, ବାହାଘର ଏକା ସାଙ୍ଗରେ କରିବାକୁ ଚାହାଁନ୍ତି । ଆପଣଙ୍କର ଏଠି ସବୁ ବେଳେ ବାହାଘର ଚାଲିଛି, ଝିଅ, ଝିଆରୀ, ଶାଳୀ ବାହାହେବାକୁ ଅନେକ ଅଛନ୍ତି, ତାହାପାଇଁ, ସନ୍ତୋଷବାବୁଙ୍କ ସଙ୍ଗେ ବିବାଘର ଠିକ୍ କରନ୍ତୁ ।

ମୃଷାବାବୁ କହିଲେ, ''ଆଜ୍ଞା ଗୁଜୁରିବାବୁ, ପିଲାଦିନେ, ଯେତେବେଳେ ଆମ ଛତ୍ରାନ କ୍ଲବରେ ରୋଲ୍ କରୁଥିଲେ, ମିସ୍ତ୍ରୀ ଥିଲ, ଏବେ ତ ବଡ଼ ଠିକାଦାର, ତେଣୁ ଗୁଜରି ନଡାକି, ଡାକୁଛି ଗୁଜୁରିବାବୁ,''ପିଲାଦେଖିବାକୁ କେମିତି, ମୋର ଉଞ୍ଚା ପିଲାଟିଏ ଦରକାର'' ଗୁଜୁରିବାବୁ କହିଲେ ''ପିଲା ଦେଖିବାକୁ ଭଲ, ସୁନ୍ଦର, ଆପଣଙ୍କ ଠାରୁ ଉଞ୍ଚା'' ।

ନବବାବୁଙ୍କ ସହ ପ୍ରଥମ ଦେଖାରୁ, ମୃଷାବାବୁ ବୁଝିଗଲେ, ନବବାବୁ ଅତିଭଦ୍ର ଶାନ୍ତ ଶିଷ୍ଟ କର୍ତ୍ତବ୍ୟନିଷ୍ଠ ସମ୍ଭ୍ରାନ୍ତ ବ୍ୟକ୍ତି । ତାଙ୍କ ଘର ସହ ବନ୍ଧୁତା କରିବା ବହୁ ତପସ୍ୟାର ଫଳ, ଗାଁ ପିପିଲି ପାଖ, ଦଶବାଟି, ଗାଁ ରେ ଅଚଳାଚଳ ସମ୍ପତ୍ତି । ଭୁବନେଶ୍ୱରରେ ଦୁଇ

Digitized by srujanika@gmail.com

ମହଲା କୋଠା, ଖାଲି ଜାଗା ଅନେକ, ଘର ତିଆରି ପାଇଁ, ଭୁବନେଶ୍ୱରରେ ଦୁଇଟ ଲଟିଙ୍ଗ୍ କେନ୍ଦୁଝର ଟାଉନରେ କୋଠାଘର, ପୁଣି ଚାକିରିରେ ଥାଆନ୍ତି ମଉସା ନବବାବୁ । ମୃଷାବାବୁ କହିଲେ "ଦେଖନ୍ତୁ ମଉସା, ଝିଅ ଝିଆରୀ ଶାଳୀ, ସମସ୍ତଙ୍କର ବିବାହ ଦାୟିତ୍ୱ ମୋରି ଉପରେ, ଶାଳୀ, ବଡ ଦେଣ୍ଣୁ ତା, ବାହାଘର ଆଗ ହେବା ଦରକାର, ଶାଶୁବି ଅଛନ୍ତି ମୋ ପାଖରେ, ଶଶୁର ନାହାନ୍ତି, ଶାଳୀ ମୋ ପାଖରେ ରହି ପାଠପଢୁ ଥିଲା, ଏବେ, ଭାଇ ଧିରେନ୍ ପଟ୍ଟନାୟକ ପାଖରେ ରହି ବି.ଏ ପଢୁଛି" ।

ସନ୍ତୋଷ ପଟ୍ଟନାୟକ (ବର)

ଆଜି ଚିନ୍ତାମଣୀଶ୍ୱର ମନ୍ଦିର ପାଖରେ ଟିକିଏ ଦେଖାଇ ହେବନି, ମୁଁ ଚଞ୍ଚଳ ନିଷ୍ପତି କରିବାକୁ ଚାହେଁ, ତାଙ୍କ ଅନୁରୋଧରେ ସମସ୍ତେ ଗଲେ ମନ୍ଦିର, ମଉସା, ସାଙ୍ଗେ ସାଙ୍ଗେ ଜବାବ ଦେଲେ ବିବାହ ଘର ପାଇଁ ରାଜି, ଖାଲି ଏତିକି କଥା କହିଲେ, ପୁଅ ଝିଅ ବାହାଘର ଏକାଦିନେ ହେବ । ପୁଷ୍ପକୁ ଦେଖି ରାଜି ନହେବାର କିଛି କାରଣ ନଥିଲା, ପୁଷ୍ପ ଦେଖିବାକୁ ଖୁବ୍ ସୁନ୍ଦର, ବଳିଷ୍ଠ, କମନୀୟ ଅଙ୍ଗଲତା, ଗୋରା ଉଚ୍ଚା, ସେ ଶ୍ରୀରାମବାବୁ ଓ ନେତ୍ର ମଣୀ ଦେବୀଙ୍କର ଚତୁର୍ଥଝିଅ, ବଡ ଭଉଣୀ "**କାନ୍ତିଲତା**"ଙ୍କର ଚେହେରା, ପ୍ରଥମ ଠାରୁ ବହୁତ ଉଚ୍ଚ ହେଲେବି, 'ପୁଷ୍ପ' ଦ୍ୱିତୀୟ ସ୍ଥାନ ନେବ ନିଶ୍ଚୟ ।

ଏତେ ଶିଘ୍ର ବାହାଘର କରିବାକୁ ଶଙ୍କା, ଧିରେନ୍ ସନ୍ତୁ, ନିରଞ୍ଜନ ଦାସ ଓ ବିଜୟ ମହାନ୍ତି ରାଜି ହେଲେନି, କିଛି ନକହିଲେ ମଧ, ଇଞ୍ଜିନିୟର, ଡାକ୍ତର ବରର ସନ୍ଧାନରେ ଥିଲେ । ମୃଷାବାବୁ କହିଲେ "ଆପଣ ମାନେ, ରାଜି ନହେଲେ ମୁଁ ମୋ ନିଜ ଝିଅ ସହ ବାହାଘର ଠିକ୍ କରିଦେବି । ସନ୍ତୋଷ ଧଳାଗୋରା ନହେଲେ ମଧ, କଳା ନୁହେଁ, ଦେଖିବାକୁ ସୁନ୍ଦର, ଅତି ସାଧାରଣ, ଭଦ୍ର ପିଲା, ଗର୍ବ

ପୁଷ୍ପଲତା (କନ୍ୟା)

Digitized by srujanika@gmail.com

ଅଂହଙ୍କାର ମନରେ ଟିକିଏ ବି ନାହିଁ, ସେ ପରି ପିଲାକୁ ଯୋଇଁ ହିସାବରେ ପାଇବା ବଡ ଗୌରବର କଥା, ମୃଷାବାବୁଙ୍କ କଥା କେହି ଭାଙ୍ଗିପାରିଲେ ନାହିଁ, ସନ୍ତୋଷ ବିବାହ କଲା ପୁଷ୍ପଲତାକୁ, ପୁଷ୍ପ ସବୁ ଆଡକୁ ବିଚାରକରି ବହୁତ ଖୁସି, ସନ୍ତୋଷ ମନରେ ଅନେକ ଆନନ୍ଦ, ଏତେ ଶିଘ୍ର ଏତେ ସୁନ୍ଦରିଆ ଝିଅଟିକୁ ସ୍ତ୍ରୀରୂପେ ପାଇବ ଭାବି ପାରିନଥିଲା ସେ ଏଥିପାଇଁ ବହୁତ କୃତକୃତ ବଡ ସହୁ ମୃଷାବାବୁ ଆଉ କାନ୍ତିଦେଇଙ୍କ ପାଖରେ, ସବୁଠାରୁ ବେଶିଖୁସି, ଶାଶୁ **ନେତ୍ରମଣୀ**, ତାଙ୍କ ମନର ଆନନ୍ଦ କହିଲେ ନସରେ, ତାଙ୍କ ବଡ ଯୋଇଁ, ଛେଳି ଖିରପିଆ ମୃଷା ଇଞ୍ଜିନିୟର ଅପେକ୍ଷା, ସନ୍ତୋଷ ଘର ବହୁତ ଧନୀ ଓ ବଡ଼ ଖାନ୍‌ଦାନୀ ପରିବାରର । କିଛି ଦିନପରେ ସହୁ ସନ୍ତୋଷ ଚେଷ୍ଟାରେ, ମୃଷାବାବୁଙ୍କର ବଡ଼ଝିଅ, ମେଘମାଳର ବିବାହ କଲା ସନ୍ତୋଷର ମଉସା, ଚିତ ମହାନ୍ତି ଓଡ଼ିଆ ପ୍ରଫେସରଙ୍କ ସାନଭାଇ, ଅଦୈତ ମହାନ୍ତି ଆଇ.ଏ.ସଙ୍କ ସାନପୁଅ **ସଂଗ୍ରାମ ମହାନ୍ତିଙ୍କୁ** । ଏ ବିବାହ ପାଇଁ ସନ୍ତୋଷର ଅବଦାନ ଯଥେଷ୍ଟ ବେଶି ।

ପ୍ରତିଶ୍ରୁତି ଦେଇଥିଲେ ମଧ, ସବୁ ପୁଅ, ଝିଅଙ୍କୁ ବିବାହ ଦେଇ, ସନ୍ତୋଷର ମଧ୍ୟସ୍ଥି 'ଘୁଚ' ଦେଇନଥିବାରୁ, ସେ ବେଳେ ବେଳେ ମଉକାଦେଖି ମନେ ପକାଇ ଦେଇ କହେ "କାନ୍ତିଦେଇ ମୋ, ପାଉଣା ଏବେ ଯାଏ ବାକି ଅଛି", ଏତିକି କହି ସେ ଆନନ୍ଦ ପାଏ । ଏହା ଭିତରେ ଅନେକ ଦିନ କଟିଗଲା, ମୃଷାବାବୁ ବ୍ୟସ୍ତ ଥାଆନ୍ତି ତାଙ୍କ ଦ୍ୱିତୀୟ ମଝିଆଝିଅ ଇଲା (ବସନ୍ତ ବାହାରର) ବାହାଘର ପାଇଁ, ଇଲା, କାନ୍ତିଦେବୀଙ୍କର ସମସ୍ତ ସୁଗୁଣ ଧରି ଜନ୍ମିଥିଲା, ଅତି ଧିର, ସ୍ଥିର କାମିକା । ମାରି, ମାରି, ମାରିଦେଲେବି, ପଦେକଥା ପାଟିରୁ ବାହାରେ ନା, ଅତି ଲକ୍ଷ୍ମୀବନ୍ତୀ ଝିଅ, ସେ ଗୁଣ୍ଟୁଚି ମୃଷାପରି ସବୁକାମ କରିଯାଏ, ସବୁବେଳେ ହସ, ହସ ମୁହଁ ।

କଚ୍ଛନା ପାଖ, ଗୌତମ ନଗରରେ ଥାଆନ୍ତି କଲ୍ୟାଣି ଦେବୀ, ସେ ପୂର୍ବତମ ଏମ୍.ଏଲ୍.ଏ ମଦନ ପଟ୍ଟନାୟକଙ୍କ ଝିଅ । ସେ ବିବାହ କରିଥିଲେ, କଣ୍ଡାପାରିର ଜମିଦାର, ଏମ୍.ପି ଦ୍ୱାରିକା ନାଥ ଦାସଙ୍କ ବଡ଼ପୁଅ ଶ୍ୟାମବାବୁଙ୍କୁ । ସେହି କଲ୍ୟାଣି ଦେବୀଙ୍କର ଗୋଟିଏ ପୁତ୍ର ରତ୍ନ, ଆଉ, ତିନିଟି ସୁନ୍ଦରି କନ୍ୟା, ଏମ୍.ଏଲ.ଏ ବଡ଼ ନା, ଏମ.ପି ବଡ଼, ଅର୍ଥାତ୍ କଲ୍ୟାଣି ଦେବୀଙ୍କକ ବାପା ବଡ଼ ନା ଶ୍ୟାମବାବୁଙ୍କ ବାପା ବଡ଼, କାହା ଖାତିରିରେ ଶାମବାବୁ, କଳିଙ୍ଗ ଟିଉବ୍‌ରେ ଚାକରି ପାଇଲେ, ଏ ବିଷୟରେ ଯୁକ୍ତିତର୍କ ହେଉ ହେଉ ଅବସ୍ଥା ଭିଷଣ ରୂପ ଧାରଣ କଲା, ଚାରିଛୁଆଙ୍କୁ ଧରି କଲ୍ୟାଣି ଦେବୀ ଚାଲିଆସି ରହିଲେ ବାପ ଘରେ, ବାପା, ମା, ଭାଇ ଭାଉଜ ତାଙ୍କର ସବୁ କିଛି, ପିଲାମାନଙ୍କୁ ପାଠପଢ଼ାଇ ମଣିଷ

Digitized by srujanika@gmail.com

କଲେ, ପୁଅ **ସୁବିର ଦାସ** ଇଂଲିସ୍‌ରେ ପାଷ୍ଟକ୍ଲାସ ପାଇ, ଲେକ୍‌ଚର ହେଲା, ପୁଅର ମା ପ୍ରତି ଅଗାଧ ଭକ୍ତି ଓ ସ୍ନେହ, ସେହି କଲ୍ୟାଣି ଦେବୀଙ୍କର ବଡଝିଅ **ନିତା** ମୃଷାବାବୁଙ୍କର ସବାସାନଝିଅ ଶଶି, ସାଙ୍ଗରେ ପଢୁଥିଲା, ଶଶି, ତାର ବଡ ଭଉଣି **ଇଲା** ପାଇଁ ନିତାର ବଡ ଭାଇ **ସୁବିର** ସହିତ ବିବାହ ପ୍ରସ୍ତାବ ଆଣିଲା, ତାଙ୍କର ସମସ୍ତ ପରିବାର୍, ମାମୁଁ, ମାଇଁ ଆସି **"ଇଲା"**କୁ ପସନ୍ଦକଲେ ତାଙ୍କ ମନକୁ **"ଇଲା"**, ବେଶ୍ ପାଇଲା । ବାକି ରହିଲେ, **ବିରେନ୍ ପଟ୍ଟନାୟକ** ମୁଖ୍ୟଯନ୍ତୀ, ସେ ହୁଅନ୍ତି କଲ୍ୟାଣିଙ୍କ ବଡ ଭଉଣିର ପୁଅ, ପୁତୁରା । ମାଉସି, ପୁତୁରା ବୟସରେ ବହୁତ ସାନ ବଡ଼ ବିରେନ ବାବୁ କଲ୍ୟାଣଙ୍କର ଅତିପ୍ରିୟ ହିତାକାଂଖୀ । ସେ ଏ ବିବାହ ପ୍ରପୋଜାଲ କଥାଶୁଣି, ବହୁତ ଖୁସିହେଲେ, କାରଣ ସେ ମୃଷାବାବୁଙ୍କୁ ଆଉ, କାନ୍ତିଦେବୀଙ୍କୁ ଦିର୍ଘ ପଚିଶିବର୍ଷ ହେଲା ଜାଣିଥିଲେ । ସେ କହିଲେ, କାନ୍ତିଦେବୀ ଅତି ଭଲ ସ୍ତ୍ରୀ ଲୋକ, ଭଦ୍ର ଗୁଣବନ୍ତୀ ତାଙ୍କର ଛୁଆମାନେ ତାଙ୍କରିପରି ଦେଖିବାକୁ ଖୁବ୍ ସୁନ୍ଦର । ତାଙ୍କ ବଡ ଝିଅ ମିତାଲି ଆଉ ମୃଷାବାବୁଙ୍କ ବଡ ଝିଅ ମେଘମାଳାର ସାଙ୍ଗ, ମୃଷାବାବୁଙ୍କ ପୁଅ ଦୀପକ, ଆଉ ତାଙ୍କ ପୁଅ ଜିତୁ ସାଙ୍ଗ, ତାଙ୍କ ସ୍ତ୍ରୀ ଲିଲିଦେବୀଙ୍କୁ ପଠାଇଲେ ଝିଅଦେଖି, ଶେଷ ନିଷ୍ପତି ହେବାପାଇଁ । ଲିଲି ଦେବୀ, "ଇଲା"କୁ ଛୁଆ ଦିନେ ଦେଖିଥିଲେ ଏବେ ଦେଖି ବହୁତ ଖୁସି ହୋଇ ଗଲେ, ତାଙ୍କ ବିଚାରରେ "ଇଲା", ସୁବିର ପାଇଁ ସବୁ ବିଷୟରେ ଭଲ, ଖାଲି, ଇଲା ଟିକିଏ ଗେଡି, କମ୍ "ଉଚ୍ଚା"।

ଲକ୍ଷ୍ମୀ ସାଗରରୁ ଫେରିଲା ପରେ, ବିରେନ୍ ବାବୁ ପଚାରିଲେ "କଣ ମୃଷାବାବୁ ଆମ ମଉସା ହେଉଛନ୍ତି" ଲିଲି ଦେବୀ କହିଲେ, "ସବୁ ଖୁବ୍ ଭଲ, ହେଲେ, ଝିଅ ଟିକିଏ ଗେଡି", କିଛି ନକହି କାରରେ, ଲିଲି ଦେବୀଙ୍କୁ ଧରି ଆସିଲେ ଲକ୍ଷ୍ମୀସାଗର ପଞ୍ଚବଟୀ ଘରକୁ, ଇଲାକୁ ଗୋଟାଏ ପାଖରେ ଆଉ ଲିଲିଦେବୀ ଅନ୍ୟପାଖରେ ଛିଡା କରାଇ କହିଲେ "ଇଲା ତୁମଠାରୁ ୮"ରୁ ୯" ବଡ, ଆଉ ମୁଁ ସୁବିର ଠାରୁ ସେତିକି ବଡ଼ ମୁଁ କେମିତି ତୁମପରି ଗେଡି, ବାଙ୍ଗିରି ଝିଅଟିକୁ ବିବାହ କରିଥିଲି, ମୋର ଯୋଉଁ ସୁନ୍ଦର ଚେହେରା ଉଚ୍ଚା ଫିଗର, ଫରେନ୍ ଲେଡିମାନେ ବିବାହ କରିବାକୁ ଆଗେଇ ଆସୁଥିଲେ, ସେମାନଙ୍କୁ ଛାଡି ତୁମ ପରି ଝିଅ, ବାଙ୍ଗେରି ସ୍ତ୍ରୀଙ୍କ, ଗୁଣରେ ମୁଗ୍ଧ ହୋଇ ବାହାହେଲି, ଅବଶ୍ୟ ସେମାନଙ୍କ (ଫରେନ୍ ଲେଡ଼ି) ସହ ପ୍ରେମ କରିପାରିଥାଏ, ହେଲେ ତୁମକୁ ବିବାହ କରି ଘର ସଂସାର କଲି କେମିତି ? ତୁମର କୌଣସି ଅଭିଯୋଗ ଶୁଣାଯିବ ନାହିଁ, "ଇଲା" ହେବ ମୋ ସାନଭାଇ ସୁବିର୍‌ର ସ୍ତ୍ରୀ, ଆସିଲୁ "ଇଲା", ଆଉଟିକିଏ ପାଖକୁ ଆସିଲୁ, ଟିକିଏ ଭଲ କରି ଦେଖିଥାଏଁ, ବିବାହ ପରେ ଭାଇ ବହୂ ହେଇଯିବୁତ ଆଉ ଛୁଇଁ ପାରିବିନି" ।

Digitized by srujanika@gmail.com

ଅଂହଙ୍କାର ମନରେ ଟିକିଏ ବି ନାହିଁ, ସେ ପରି ପିଲାକୁ ଯୋଇଁ ହିସାବରେ ପାଇବା ବଡ ଗୌରବର କଥା, ମୃଷାବାବୁଙ୍କ କଥା କେହି ଭାଙ୍ଗିପାରିଲେ ନାହିଁ, ସନ୍ତୋଷ ବିବାହ କଲା ପୁଷ୍ପଲତାକୁ, ପୁଷ୍ପ ସବୁ ଆଡକୁ ବିଚାରକରି ବହୁତ ଖୁସି, ସନ୍ତୋଷ ମନରେ ଅନେକ ଆନନ୍ଦ, ଏତେ ଶିଘ୍ର ଏତେ ସୁନ୍ଦରିଆ ଝିଅଟିକୁ ସ୍ତ୍ରୀରୂପେ ପାଇବ ଭାବି ପାରିନଥିଲା ସେ ଏଥିପାଇଁ ବହୁତ କୃତକୃତ ବଡ ସବୁ ମୃଷାବାବୁ ଆଉ କାନ୍ତିଦେଈଙ୍କ ପାଖରେ, ସବୁଠାରୁ ବେଶିଖୁସି, ଶାଶୁ **ନେତ୍ରମଣୀ**, ତାଙ୍କ ମନର ଆନନ୍ଦ କହିଲେ ନସରେ, ତାଙ୍କ ବଡ ଯୋଇଁ, ଛେଳି ଖିରପିଆ ମୃଷା ଇଂଜିନିୟର ଅପେକ୍ଷା, ସନ୍ତୋଷ ଘର ବହୁତ ଧନୀ ଓ ବଡ଼ ଖାନ୍ଦାନୀ ପରିବାରର । କିଛି ଦିନପରେ ସବୁ ସନ୍ତୋଷ ଚେଷ୍ଟାରେ, ମୃଷାବାବୁଙ୍କର ବଡ଼ଝିଅ, ମେଘମାଳର ବିବାହ କଲା ସନ୍ତୋଷର ମଉସା, ଚିତ ମହାନ୍ତି ଓଡ଼ିଆ ପ୍ରଫେସରଙ୍କ ସାନଭାଇ, ଅଦୈତ ମହାନ୍ତି ଆଇ.ଏ.ସଙ୍କ ସାନପୁଅ **ସଂଗ୍ରାମ ମହାନ୍ତିଙ୍କୁ** । ଏ ବିବାହ ପାଇଁ ସନ୍ତୋଷର ଅବଦାନ ଯଥେଷ୍ଟ ବେଶି ।

ପ୍ରତିଶୃତି ଦେଇଥିଲେ ମଧ, ସବୁ ପୁଅ, ଝିଅଙ୍କୁ ବିବାହ ଦେଇ, ସନ୍ତୋଷର ମଧ୍ୟସ୍ଥି 'ସୁଟ' ଦେଇନଥିବାରୁ, ସେ ବେଳେ ବେଳେ ମଉକାଦେଖି ମନେ ପକାଇ ଦେଇ କହେ ''କାନ୍ତିଦେଇ ମୋ, ପାଉଣା ଏବେ ଯାଏ ବାକି ଅଛି'', ଏତିକି କହି ସେ ଆନନ୍ଦ ପାଏ । ଏହା ଭିତରେ ଅନେକ ଦିନ କଟିଗଲା, ମୃଷାବାବୁ ବ୍ୟସ୍ତ ଥାଆନ୍ତି ତାଙ୍କ ଦ୍ୱିତୀୟ ମଝିଆଝିଅ ଇଲା (ବସନ୍ତ ବାହାରର) ବାହାଘର ପାଇଁ, ଇଲା, କାନ୍ତିଦେବୀଙ୍କର ସମସ୍ତ ସୁଗୁଣ ଧରି ଜନ୍ମିଥିଲା, ଅତି ଧିର, ସ୍ଥିର କାମିକା । ମାରି, ମାରି, ମାରିଦେଲେବି, ପଦେକଥା ପାଟିରୁ ବାହାରେ ନା, ଅତି ଲକ୍ଷ୍ମୀବତୀ ଝିଅ, ସେ ଗୁଣ୍ଡୁଚି ମୃଷାପରି ସବୁକାମ କରିପାଏ, ସବୁବେଳେ ହସ, ହସ ମୁହଁ ।

କଟକ ପାଖ, ଗୌତମ ନଗରରେ ଥାଆନ୍ତି କଲ୍ୟାଣି ଦେବୀ, ସେ ପୂର୍ବତମ ଏମ୍.ଏଲ୍.ଏ ମଦନ ପଟ୍ଟନାୟକଙ୍କ ଝିଅ । ସେ ବିବାହ କରିଥିଲେ, କଣ୍ଡାପାରିର ଜମିଦାର, ଏମ୍.ପି ଦ୍ୱାରିକା ନାଥ ଦାସଙ୍କ ବଡ଼ପୁଅ ଶ୍ୟାମବାବୁଙ୍କୁ । ସେହି କଲ୍ୟାଣି ଦେବୀଙ୍କର ଗୋଟିଏ ପୁତ୍ର ରତ୍ନ, ଆଉ, ତିନିଟି ସୁନ୍ଦରି କନ୍ୟା, ଏମ୍.ଏଲ.ଏ ବଡ଼ ନା, ଏମ.ପି ବଡ଼, ଅର୍ଥାତ୍ କଲ୍ୟାଣି ଦେବୀଙ୍କକ ବାପା ବଡ଼ ନା ଶ୍ୟାମବାବୁଙ୍କ ବାପା ବଡ଼, କାହା ଖାତିରିରେ ଶାମବାବୁ, କଳିଙ୍ଗ ଟିଉବ୍‌ରେ ଚାକରି ପାଇଲେ, ଏ ବିଷୟରେ ଯୁକ୍ତିତର୍କ ହେଉ ହେଉ ଅବସ୍ଥା ଭିଷଣ ରୁପ ଧାରଣ କଲା, ଚାରିଛୁଆଙ୍କୁ ଧରି କଲ୍ୟାଣି ଦେବୀ ଚାଲିଆସି ରହିଲେ ବାପ ଘରେ, ବାପା, ମା, ଭାଇ ଭାଉଜ ତାଙ୍କର ସବୁ କିଛି, ପିଲାମାନଙ୍କୁ ପାଠପଢ଼ାଇ ମଣିଷ

Digitized by srujanika@gmail.com

କଲେ, ପୁଅ **ସୁବିର ଦାସ** ଇଂଲିସ୍‌ରେ ପାଷ୍ଟକ୍ଲାସ ପାଇ, ଲେକ୍‌ଚର ହେଲା, ପୁଅର ମା ପ୍ରତି ଅଗାଧ ଭକ୍ତି ଓ ସ୍ନେହ, ସେହି କଲ୍ୟାଣି ଦେବୀଙ୍କର ବଡଝିଅ **ନିତା** ମୃଷାବାବୁଙ୍କର ସବାସାନଝିଅ ଶଶି, ସାଙ୍ଗରେ ପଢୁଥିଲା, ଶଶି, ତାର ବଡ ଭଉଣି **ଇଲା** ପାଇଁ ନିତାର ବଡ ଭାଇ **ସୁବିର** ସହିତ ବିବାହ ପ୍ରସ୍ତାବ ଆଣିଲା, ତାଙ୍କର ସମସ୍ତ ପରିବାର, ମାମୁଁ, ମାଇଁ ଆସି **"ଇଲା"**କୁ ପସନ୍ଦକଲେ ତାଙ୍କ ମନକୁ **"ଇଲା"**, ବେଶ୍ ପାଇଲା । ବାକି ରହିଲେ, **ବିରେନ୍ ପଟ୍ଟନାୟକ** ମୁଖ୍ୟଯନ୍ତ୍ରୀ, ସେ ହୁଅନ୍ତି କଲ୍ୟାଣିଙ୍କ ବଡ ଭଉଣିର ପୁଅ, ପୁତୁରା । ମାଉସି, ପୁତୁରା ବୟସରେ ବହୁତ ସାନ ବଡ଼ ବିରେନ ବାବୁ କଲ୍ୟାଣଙ୍କର ଅତିପ୍ରିୟ ହିତାକାଂଖୀ । ସେ ଏ ବିବାହ ପ୍ରପୋଜାଲ କଥାଶୁଣି, ବହୁତ ଖୁସିହେଲେ, କାରଣ ସେ ମୃଷାବାବୁଙ୍କୁ ଆଉ, କାନ୍ତିଦେବୀଙ୍କୁ ଦିର୍ଘ ପଚିଶିବର୍ଷ ହେଲା ଜାଣିଥିଲେ । ସେ କହିଲେ, କାନ୍ତିଦେବୀ ଅତି ଭଲ ସ୍ତ୍ରୀ ଲୋକ, ଭଦ୍ର ଗୁଣବତୀ ତାଙ୍କର ଛୁଆମାନେ ତାଙ୍କରିପରି ଦେଖିବାକୁ ଖୁବ୍ ସୁନ୍ଦର । ତାଙ୍କ ବଡ ଝିଅ ମିତାଲି ଆଉ ମୃଷାବାବୁଙ୍କ ବଡ ଝିଅ ମେଘମାଳାର ସାଙ୍ଗ, ମୃଷାବାବୁଙ୍କ ପୁଅ ଦୀପକ, ଆଉ ତାଙ୍କ ପୁଅ ଜିତୁ ସାଙ୍ଗ, ତାଙ୍କ ସ୍ତ୍ରୀ ଲିଲିଦେବୀଙ୍କୁ ପଠାଇଲେ ଝିଅଦେଖି, ଶେଷ ନିଷ୍ପତି ହେବାପାଇଁ । ଲିଲି ଦେବୀ, "ଇଲା"କୁ ଛୁଆ ଦିନେ ଦେଖିଥିଲେ ଏବେ ଦେଖି ବହୁତ ଖୁସି ହୋଇ ଗଲେ, ତାଙ୍କ ବିଚାରରେ "ଇଲା", ସୁବିର ପାଇଁ ସବୁ ବିଷୟରେ ଭଲ, ଖାଲି, ଇଲା ଟିକିଏ ଗେଡି, କମ୍ "ଉଚ୍ଚା"।

ଲକ୍ଷ୍ମୀ ସାଗରରୁ ଫେରିଲା ପରେ, ବିରେନ୍ ବାବୁ ପଚାରିଲେ "କଣ ମୃଷାବାବୁ ଆମ ମଉସା ହେଉଛନ୍ତି" ଲିଲି ଦେବୀ କହିଲେ, "ସବୁ ଖୁବ୍ ଭଲ, ହେଲେ, ଝିଅ ଟିକିଏ ଗେଡି", କିଛି ନକହି କାରରେ, ଲିଲି ଦେବୀଙ୍କୁ ଧରି ଆସିଲେ ଲକ୍ଷ୍ମୀସାଗର ପଞ୍ଚବଟୀ ଘରକୁ, ଇଲାକୁ ଗୋଟାଏ ପାଖରେ ଆଉ ଲିଲିଦେବୀ ଅନ୍ୟପାଖରେ ଛିଡା କରାଇ କହିଲେ "ଇଲା ତୁମଠାରୁ ୮"ରୁ ୯" ବଡ, ଆଉ ମୁଁ ସୁବିର ଠାରୁ ସେତିକି ବଡ଼ ମୁଁ କେମିତି ତୁମପରି ଗେଡି, ବାଙ୍ଗିରି ଝିଅଟିକୁ ବିବାହ କରିଥିଲି, ମୋର ଯୋଉଁ ସୁନ୍ଦର ଚେହେରା ଉଚ୍ଚା ଫିଗର, ଫରେନ୍ ଲେଡିମାନେ ବିବାହ କରିବାକୁ ଆଗେଇ ଆସୁଥିଲେ, ସେମାନଙ୍କୁ ଛାଡି ତୁମ ପରି ଝିଅ, ବାଙ୍ଗେରି ସ୍ତ୍ରୀଙ୍କ, ଗୁଣରେ ମୁଗ୍ଧ ହୋଇ ବାହାହେଲି, ଅବଶ୍ୟ ସେମାନଙ୍କ (ଫରେନ୍ ଲେଡ଼ି) ସହ ପ୍ରେମ କରିପାରିଥାଏ, ହେଲେ ତୁମକୁ ବିବାହ କରି ଘର ସଂସାର କଲି କେମିତି ? ତୁମର କୌଣସି ଅଭିଯୋଗ ଶୁଣାଯିବ ନାହିଁ, "ଇଲା" ହେବ ମୋ ସାନଭାଇ ସୁବିର୍‌ର ସ୍ତ୍ରୀ, ଆସିଲୁ "ଇଲା", ଆଉଟିକିଏ ପାଖକୁ ଆସିଲୁ, ଟିକିଏ ଭଲ କରି ଦେଖିଥାଏଁ, ବିବାହ ପରେ ଭାଇ ବହୁ ହେଇଯିବୁତ ଆଉ ଛୁଇଁ ପାରିବିନି" ।

Digitized by srujanika@gmail.com

ବାହାଘର ଫାଇନାଲ୍ ହେଲା, ବାହାଘର ପୂର୍ବଦିନ ଝଡ ତୋଫାନରେ ସବୁ ଟେଣ୍ଟ ଡେକରେସନ୍ ଲାଇଟ୍ ଭାଙ୍ଗିଗଲା, ମାଲିକର ଦଶ ହଜାର ଟଙ୍କା ଉପରେ କ୍ଷତି । ପୁଣି ନୂଆ ତିଆରି ହେଲା, ଦୁଇଶହ ବରଯାତ୍ରୀ, ଦୁଇ ହଜାର ଭଦ୍ରଲୋକ, ଭୋଜିଭାତ ଅତିବଢ଼ିଆ, ଖାନା ଏତେ ତୃପ୍ତି ଦାୟକ ହେଲାଯେ, ବରଯାତ୍ରୀ ସକାଳୁ ଜଳଖିଆ, ଖାଇମଧ ଏକ କିଲୋମିଟର ରାସ୍ତା ଗୌତମ ନଗରକୁ ଫେରିଗଲେନି । ବରାଦ ହେଲା, "ଠା-ପିଢ଼ା"-ପରେ ଓପରଓଳି, ଝିଅ ବିଦାହେବ । ଫରମାସୀ ହେଲା, ବାସୁମତୀ ଚାଉଳର ସାଧାଭାତ, ଖାଣ୍ଟିଗୁଆଘିଅ, ଡାଲି, ସାଧାତରକାରି, ଛେନା ତରକାରି ସହ, ସାଗଭଜା, ଓ ଖାସିମାଂସ ର ତରକାରି, ପାୟେଡ ଓ ଆମ୍ବ । ଖାସି ଆସି, ଆମ୍ବତୋଟା ଭିତରେ କଟାହେଲା, ଦୁଇଶହ କେଜି ଉପରେ ମାଂସ, ବରାଦ ମୁତାବକ, ଖୁବ ବଡ ବଡ ଆମ୍ବ ଆଣିଥାଏ "ହାବେଲି" ପାତ୍ର, ଠିକାଦାର ବନମାଳିପୁରର, ପ୍ରୀୟ ଠିକାଦାର ମୃଷାବାବୁଙ୍କର, ପରେ ସେ "ହାବେଲି" ହାବେଲୀ ବାଣ ପରି, ତାର ଠିକାଦାର ପଟୁତା ଦେଖାଇ ଚାଲିଲା, ହେଲା, ସ୍ପେସିଆଲ କ୍ଲାସ ଠିକାଦାର । ପ୍ରାୟ ଏକ ହଜାରରୁ ଅଧିକ ବଡ ବଡ ହାବେଲୀ ବାଣ ଠାରୁ ବଡ଼ ଆମ୍ବ । ଦେଖିଲେ ଖାଲି ଦେଖିବାକୁ ଇଛାହେବ, ଧରି ଆସିଲା "ହାବେଳି"। ଦିନ ଦୁଇଟା ବେଳେ, ଖିଆ ପିଆ ଆରମ୍ଭ ହେଇଗଲା, ଖିଆପିଆ ଯୋରସୋରରେ ଚାଲିଥାଏ । ସବୁ ଖାଇସାରି, ଜଣକା ଚାରି ପାଞ୍ଚଟା ଲେଖାଏ ଆମ୍ବ ଖାଇ ସାରିବା ପରେ, ପୁଣି ପାଟି ହେଉଥାଏ "ଆମ୍ବ, ଆମ୍ବ, ଆମ୍ବ" ମୃଷାବାବୁଙ୍କ ଝିଆରୀ ଯୋଇଁ ନିର୍ମଳ, ବଡଭାଇ ପ୍ରାଣବଲ୍ଲଭ ପଟ୍ଟନାୟକଙ୍କ ଯୋଇଁ କହିଲା "ଆମ୍ବ ଦୁଇ ତିନିଟା ଖାଇସାରି, ପୁଣି ଆମ୍ବ ବରାଦ, "ଅସୁର ଗୁଡ଼ା" ଏ କଥା ପଦକ ସୁଭିଗଲା ମଝିଆ ମାମୁଁ ସମୁଦୀ **କଲିକତାବାଲାଙ୍କୁ**, ସିଧା, ଟେବୁଲ ଉପରେ ଠିଆହୋଇ ଚିତ୍କାର କଲେ **"ଖାବନା, ଖାବନା, ଉଠ ଉଠ, ସବିଏଁ, ଖାବନା"**। ସମସ୍ତେ ଟେବୁଲ ଛାଡି ପାଟି ଆରମ୍ଭ କରିଦେଲେ ? ପାଟି ଶୁଣି ଦୌଡି ଆସିଲେ ମୃଷାବାବୁ "କଣ ହେଲା ? କଣ ହେଲା"? ଶେଷରେ ବଡ ପୁତୁରା ଡାକ୍ତର ପ୍ରମୋଦ, ସମସ୍ତଙ୍କ ଗୋଡତଳେ ପଡି କ୍ଷମା ମାଗିଲା । ମାମୁଁ ସମୁଦୀଙ୍କ ରାଗ କମିଲା ନାହିଁ, ଖାଲି ପାଟି କରି କହୁଥାନ୍ତି, "ଯେ କହିଛି, ସେ ଆସି କ୍ଷମା ମାଗୁ"। ମୃଷାବାବୁ ଘରର ମୁଖ୍ୟଲୋକ, କର୍ତ୍ତାହିସାବରେ, ଗମ୍ଭିର ସ୍ୱରରେ କହିଲେ "ଚାରି ଓଳି ଭୁରି ଭୋଜନ ପକାଇ ସାରିଲାପରେ, ପୁଣି ମିଛଟାରେ ଏ ଝମେଲା କାହିଁକି, ନିଜ ସମୁଦୀଙ୍କୁ ବହୁ କଷ୍ଟରେ ଆଣି, ସ୍ୱାମୀ ସ୍ତ୍ରୀଙ୍କ ଦୀର୍ଘଦିନର ମନାନ୍ତର ଦୂର କରାଇ, ପୁଅର କର୍ତ୍ତା ହିସାବରେ ବେଦିରେ ବସାଇଲି, ସେତ ନିରବ, କିଛି ନକହି ବେଶ ହେଇ ମୁଣ୍ଡ

Digitized by srujanika@gmail.com

ପାଟେଇ ସ୍ନୋ, ପାଉଡର ଲଗାଇବାରେ ବ୍ୟସ୍ତ, ଯେ, କହିଛି ସେ ମୋର **ଖୋଦ ଝିଅାରୀ ଯୋଇଁ** ବଡ ବୁଦ୍ଧିଆ, କାପିଟାଲ ହିରୋ ଆପଣ ମାନଙ୍କଠାରୁ ବଳବାନ୍ ଆଉ **ଉଚ୍ଚା** ମଧ" ଠିକ୍ ଏତିକିବେଳେ, ବଡ଼ ବଡ଼ ମାଛ ମୁଣ୍ଡ ଦଶ, ପନ୍ଦରଟା ବଡ ଆମ୍ବ କଟାକୁ ଧରି ସବୁ ଥୋଇଦେଲା ମାମୁଁ ସମୁଦୀଙ୍କ ଆଗରେ ପ୍ରମୋଦ, କହିଲା "ଯେତେ ଇଚ୍ଛା ସେତେ ଖାଆନ୍ତୁ, ମୁଁ ଭାବିଥିଲି ଆଜି ଟାକିରି ଜାଗାକୁ ଗଲିଯିବି, ହେଲେ ଦେଖୁଛି, ଆପଣଙ୍କୁ ମାନେ ମାମୁଁ ଶଶୁରଙ୍କୁ ସେବା କରିବାକୁ ରହିବାକୁ ପଡିବ" ହସ, ଉଠିଲା, ଆମ୍ବଦେଖି, ଖାଗ କମିଗଲା, ବଡ଼ ବଡ଼ ବାଇଗଣ ପଲାଇ ଆମ୍ବ ପରି ନାଲି ଗାଲଥିବା କଲିକତି ସମୁଦୀଙ୍କର ।

ମୃଷାବାବୁ କହିଲେ ସମୁଦୀ ମୋ ଝିଅ ଟିକିଏ ଗେଡା ବୋଲି ଆପଣଙ୍କ ବରପକ୍ଷ, ପସନ୍ଦ କରୁନଥିଲେ, ହେଲେ ମୁଁ ସତ କହୁଛି, ଆପଣମାନେ ସବୁ ବିଷୟରେ ଉଚ୍ଚା ହୋଇପାରନ୍ତି ହେଲେ ଆମେ ମଣିଷତ୍ୱରେ ଆପଣମାନଙ୍କ ଠାରୁ ଉଚ୍ଚା । ଯୋର୍‌ରେ ହସି ଉଠିଲେ ସମସ୍ତେ । ଖାଲି ଶୁଭୁ ଥାଏ "ମୃଷା ସମୁଦୀ କୁଆଡ଼େ କାଳିଆ ବନ୍ଧେ ହିରୋ, ସେକ୍‌ମୁଭାର ପରି **"ଉଚ୍ଚା"**- The Heighestman

Digitized by srujanika@gmail.com

ଏମ୍.ଏଲ.ଏ. ଙ୍କ ଚାମ୍ଚା

ମୁଣ୍ଡଳୀ ସବ୍‌ଡିଭିଜନରେ ପ୍ରାୟ ସବୁ କାମ ସରିଯାଇଥାଏ, ନୂଆକାମ ଆସିବାର ସୁଯୋଗ ନଥାଏ, ଦିନେ ମୃଷାବାବୁ, ମନ୍ତ୍ରୀଙ୍କ ପିଏ ଗୋପବନ୍ଧୁ ଦାସଙ୍କୁ ସବୁ ଦୁଃଖ କହିଲେ । ଗୋପବାବୁ, କାନ୍ତିଲତାଙ୍କ ମାମୁଁ ପୁଅ ଭାଇ, ଖୁବ ଭଲ ପାଆନ୍ତି କୁନି ଭଉଣୀକୁ । ମୃଷାବାବୁଙ୍କର ପ୍ରିୟ ଶଳା ଭାଉଜ ଙ୍କ ଭିତରେ ଗୋପଭାଇଙ୍କ ସ୍ତ୍ରୀ ପତୁ ନୂଆବଉ ଥିଲେ ଅନ୍ୟତମ, ତାଙ୍କର ମୃଷାବାବୁଙ୍କ ପରିବାର ସହ, ଅତି ଭଲ ସଂପର୍କ । ସେ ନୂଆବଉ ଘରର ସାକ୍ଷାତ ଦେବୀ, ଗୋଟିଏ ପୁଅ, ତିନି ସୁନ୍ଦରୀ ଝିଅଙ୍କୁ ଛାଡି ଦେଇ ଚାଲିଗଲେ ଅତିଅଳ୍ପ ବୟସରେ ଗୋପ ଭାଇଙ୍କ ପ୍ରାଣରେ ଦାରୁଣ ଆଘାତ ଦେଇ । ଝିଅମାନେ ଖୁବ୍‌ଭଲ, ସୁନ୍ଦର, ଗୁଣବାନ ବର ପାଇ, ବାହାହେଲେ । ଆଉ ପୁଅ ଯେକି, ଗୋପଭାଇଙ୍କ ଥିଲା ସବୁ କିଛି, "ରଙ୍କୁଣିଧନ" ଦିନେ ହଠାତ୍ ସମସ୍ତଙ୍କୁ ଛାଡି ଚାଲିଗଲା, ଗୋପଭାଇଙ୍କୁ ଅନ୍ଧ କରିଦେଇ । ସେଇ ଗୋପଭାଇ, ସାନ ଭାଇ କୃପାସିନ୍ଧୁ ଦାସ ମାଇନିଙ୍ଗ ବଡ଼ ଅଫିସରଙ୍କ ଛୁଆ ମାନଙ୍କୁ ନିଜ ଛୁଆଙ୍କ ଠାରୁ ବେଶିଭଲ ପାଆନ୍ତି । ତାଙ୍କରି ପାଖରେ ରହି ଜୀବନର ବାକି ସମୟତକ କଟାନ୍ତି । ଆଉ ଶଳା ସୌମ୍ୟରଞ୍ଜନଙ୍କୁ ସମ୍ବାଦ ଅଫିସର କାମରେ ସାହାଯ୍ୟ କରନ୍ତି ।

ଗୋପଭାଇଙ୍କ ଚେଷ୍ଟା, ଆଉ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଆଦେଶରେ, ମୃଷାବାବୁ ବଦଳି ହେଲେ, ନିଆଳି । ନିଆଳିର ଏରିଆଥାଏ ଖୁବ୍ ବଡ଼, କଣ୍ଡାପଡ଼ା ସବ୍‌ଡିଭିଜନ ତା ସହିତ ମିଶି, ବଡ଼ ସବ୍‌ଡିଭିଜନ ହେଇଥାଏ । ବହୁତ କାମ, ଚାରଜଣ ଜୁନିଅର ଇଞ୍ଜିନିୟର ସେମାନଙ୍କ ଭିତରେ N.C. Dash, Sansari Sahoo ଥିଲେ ଅତି କାର୍ଯ୍ୟଧ୍ୟକ ଓ ବିଶ୍ୱସ୍ତ ପ୍ରିୟ । ନିଆଳିର ପୂର୍ବ ଏସ୍.ଡି.ଓ ବୈଷ୍ଣବ ନାୟକଙ୍କର ପ୍ରମୋସନ ନିର୍ବାହିଯନ୍ତ୍ରୀ ପାହିଆକୁ ହେଇ, ବଦଳି ହେଲେ କେନ୍ଦୁଝରର କାନ୍‌ଝାରି ପ୍ରୋଜେକ୍‌ଟକୁ । ତାଙ୍କଠାରୁ ଚାର୍ଜନେଲେ ମୃଷାବାବୁ, ଭୋଜି ବଡ଼ ଯୋରସୋର୍‌ରେ ହେଲା, ନିଆଳିର ମାନ୍ୟଗଣ୍ୟ ବ୍ୟକ୍ତି, ଆଉ ଅଫିସରମାନେ, ନିମନ୍ତ୍ରିତ ହେଲେ । ଭୋଜିପରେ ସଭା, ସଭାରେ ବୈଷ୍ଣବ ବାବୁ କହିଲେ, "ଆପଣମାନେ ଶୁଣି ବହୁତ ଖୁସି ହେବେ, ଆପଣମାନଙ୍କର ନୂଆ ଏସ.ଡି.ଓ ମୃଷାବାବୁ, ବହୁ ପ୍ରତିଭାର ଅଧିକାରୀ । ଯେମିତି କାର୍ଯ୍ୟଦକ୍ଷ ଇଂଜିନିଅର, ସେମିତି, ଅଭିନେତା, ନିର୍ଦ୍ଦେଶକ ଓ ନାଟ୍ୟକାର । ବହୁ ଲୋକ ପ୍ରିୟ, ନିର୍ବାହିଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ତାଙ୍କର ସମସ୍ତେ ଅତିପ୍ରିୟ, ତାଙ୍କ ସବ୍‌ଡିଭିଜନକ

Digitized by srujanika@gmail.com

ବହୁତ କାମ ଆସିବ, ଟଙ୍କା ମଧ୍ୟ । ନିଆଳିର ବନ୍ଧ, କେନାଲର କଳେବର ବଢ଼ିଯିବ, ହେଲେ ମୃଷାବାବୁଙ୍କର ଗୋଟିଏ ଦୁଃଖ, ବଡ଼ ଦୁଃଖମୟ ଜୀବନ ତାଙ୍କର, ବଡ଼ ଜଞ୍ଜାଳୀ, ପୁତୁରା, ଝିଆରୀ ବହୁ ଆତ୍ମୀୟଙ୍କର ଦାୟିତ୍ୱ ତାଙ୍କ ମୁଣ୍ଡ ଉପରେ, ଚାକିରି ଆରମ୍ଭରୁ ଆଜିଯାଏ । ବିବାହ ନକରି ଅବିବାହିତ ରହିଗଲେ । ବୟସ ଟିକିଏ ବଢ଼ିଯାଇ ଥିଲେ ବି, ଦେଖିଲେ ଜଣାପଡ଼େ ।

ସଭାରୁ M.L.Aଙ୍କ ଚାମଚା ସରପଞ୍ଚ ବାବୁ ଉଠିପଡ଼ି କହିଲେ "ଜଣାପଡ଼େ କଣ, ଜଣାଯାଉଛନ୍ତି ପଇଁତିରିଶି କି ଚାଳିଶି ଭିତରେ । ଲୋକ ତ ଆହୁରି ବୁଢ଼ାହେଇ ବାହାହେଉଛନ୍ତି" । ଘନ, ଘନ କରତାଳି ଭିତରେ ସଭାଶେଷ ହେଲା, ମୃଷାବାବୁ, କିଛି କହିବାକୁ ଯାଉଥିଲେ, କିନ୍ତୁ କିଛି କହିପାରିଲେନି ।

କାମ ଯୋର ସୋର୍‌ରେ ଲାଗିଥାଏ, ଚାମଚା ସାହେବ ବାରମ୍ବାର ଆସି, ଗପ କରନ୍ତି "ମୋର, ଦଶ ପନ୍ଦର ହଜାର ଟଙ୍କାର ବିଲ୍ ରହିଥିଲେ ବି ମୁଁ ନେବାକୁ ଆସିନି, ଆଉ ଏସ.ଡ଼ି.ଓ ବିଲ୍ ପାଶ୍ କଲେନି, ଆପଣ କଣ ଆପେ ଆପେ ଡ଼ାକି ଟଙ୍କା ଦେଇ ଦେବେନି କି ? ମୁଁ ଖାଲି ଆପଣଙ୍କ ପାଇଁ ସୁନ୍ଦରୀ ଝିଅଟିଏ ଖୋଜିବାରେ ବ୍ୟସ୍ତ" ମୃଷାବାବୁ କିଛି ନକହି ଖାଲି ହସନ୍ତି, ଆଉ ଭାବନ୍ତି, "ଚାମଚା ସାହେବ, ତେଲେଇବାରେ ପୋଖତ୍" ।

ଦିନେ ଚାମଚାବାବୁ ଆସି କହିଲେ, ଦୁଇଟା ବଢ଼ିଆ ପ୍ରପୋଜାଲ, ଜଣେ ବି.ଏ ପାଶ କରିଛି ଧନୀଘର, ଦିଆ, ନିଆ ଭଲ କରିବ, ଝିଅଟି ଅସୁନ୍ଦର ନୁହେଁ । ଆଉ ଆଉ, ଝିଅଟି, ଏମ୍.ଏ ଦେଖିବାକୁ ପରିଚି ପରି, ଟିକିଏ ଗରିବ ଘର । ଆପଣଙ୍କର ସମ୍ମତି କଣ ହେବ ଯେ, ଚାକିରି ତ ରାଜାଚାକିରି, ଆପଣଙ୍କର ଦରକାର, ଗୁଣବତୀ ସୁନ୍ଦର ଝିଅଟିଏ । ସେଇ ଏମ.ଏ ପଢ଼ିଥିବା ଝିଅଟିକୁ ଠିକ୍ କରୁଛି, କହି ଉଠିଗଲେ ସରପଞ୍ଚ ବାବୁ । ମୃଷାବାବୁ ଡ଼ାକିଲେ "ମୋ କଥା ଟିକିଏ ଶୁଣ" । ଚାମଚା ବାବୁ କହିଲେ, "ପଛରୁ ଡ଼ାକନି, ଅଶୁଭ, ଆପଣଙ୍କର କାମ ନସରିବା ଯାଏ ମୁଁ କିଛି ଶୁଣିବି ନାହିଁ" ଏମ.ଏଲ.ଏ ଅର୍ନ୍ତଯ୍ୟାମୀ ବାବୁ ଶାସକ ଦଳର ନହେଲେ ବି, ଏସ୍.ଡ଼ି.ଓଙ୍କର ପ୍ରିୟ ବନ୍ଧୁ, ଅତିଭଦ୍ର ଲୋକ, ନିଳମଣୀ ପ୍ରଧାନଙ୍କ ପୁଅ, ନିଳମଣୀବାବୁ ସେ ଏରିଆର, ଅତି ଜଣା ଶୁଣା ସମାଜ ସେବୀ ଲୋକ, ତାଙ୍କ ନାମ ଅନୁସାରେ, ଅଂଅଳ, ବିଜାସୁଣୀ ରାସ୍ତାର ନାମ "ନିଳମଣୀ ଶରଣୀ" ହେଇଛି । M.L.A ଅର୍ନ୍ତଯ୍ୟାମୀ ବାବୁଙ୍କ ପାଖରେ ପ୍ରାୟ ସବୁବେଳେ ଥାଆନ୍ତି ତାଙ୍କ ପ୍ରିୟ ଗୁରୁଦେବ ଯୁଧିଷ୍ଠିର ଦାଶ, ସେଇ ଦାଶ ସାହେବେ ଜନତା ସରକାର ବେଳେ ସବୁଠାରୁ ସମ୍ମାନୀୟ ଆସନରେ ବସି ହେଲେ "ବାଚସ୍ପତୀ" । ସେ ମୃଷାବାବୁଙ୍କର ଅତିପ୍ରିୟ, ସେ ଗୁଣୀ, ତେଣୁ ଗୁଣର ଆଦର କରନ୍ତି । ଦିନେ ଚାମଚା ବାବୁ ଆସି କହିଲେ ସାର ଖୋଦ୍ ଏମ୍.ଏଲ୍.ଏ ସାହେବ ପଠାଇଛନ୍ତି, ବିରାଟ ଏକ ମନ୍ଦିର ତିଆରି ହେଉଛି, ଆପଣଙ୍କ ଚାନ୍ଦା

Digitized by srujanika@gmail.com

ଟ୧୦,୦୦୦(ଦଶ ହଜାର) ରସିଦ୍ ନିଅନ୍ତୁ, ଟଙ୍କା ଆଜି ଦିଅନ୍ତୁ । ମୃଷାବାବୁ ହସି ହସି କହିଲେ "ମୁଁ ବିଶିଷ୍ଟ ଶିଳ୍ପପତୀ, କୋଟିପତୀ ନୁହେଁ ବା ଦାନବୀର ହରିଶ୍ଚନ୍ଦ୍ର ନୁହେଁ, ମୁଁ ଜଣେ ଅତି ନଗଣ୍ୟ ଚାକିରିଆ, ମୋ ରୋଜଗାର ମୋର କୁଟୁମ୍ବକୁ ନିଅଣ୍ଟ, ଶୁଭକାମ, ମନ୍ଦିର ହେଉଛି, କହିବତ ସିମେଣ୍ଟ ଚାରିପାଞ୍ଚ ବସ୍ତା, କିଛି ପଥର ଦେଇପାରେ" । ରାଗି ଉଠିଲେ, ଚାମଚା ବାବୁ, "ଆପଣ ତାହେଲେ ଦେବେନି, ଠିକ୍ ଅଛି, ମୁଁ ଏକଥା, ଏମ.ଏଲ.ଏ ସାହେବଙ୍କୁ କହି ଦେଉଛି, ଆପଣଙ୍କ ପରି ଧୁଣ୍ଡା ଏସ.ଡ଼ି.ଓ ଆମର ଏଠି ଦରକାର ନାହିଁ । ଆପଣ ବୋଧହୁଏ ଜାଣନ୍ତି ନାହିଁ, ଆର ଏସ୍.ଡ଼ି.ଓଙ୍କ ବଦଳି ମୁଁ ନିଜେ କରିଛି । ମୃଷାବାବୁ କହିଲେ, ବେଶି ପାଟି କରନା, ମୋତେ ବି ବଦଳି କରିଦିଅ । ସତକୁ ସତ, ତାପର ଦିନଠାରୁ ଚାରିଆଡ଼େ ରାଷ୍ଟ୍ର ହୋଇଗଲା, ଏସ.ଡ଼ି.ଓ ମୃଷାବାବୁ ମଦ୍ୟପୀ, ସକାଳୁ, ରାତିଯାଏ, ମଦ ଖାଇ ପଡ଼ନ୍ତି । ଅଠର ବର୍ଷରୁ ପଚିଶ ବର୍ଷର ଟୋକାଙ୍କୁ ଠିକାଦାର କରାଇ ତାଙ୍କ ସହିତ, ଦିନରାତି ମଦ ଖାଉଛନ୍ତି । ଏମ୍.ଏଲ.ଏଙ୍କୁ ଧରି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଁଞ୍ଚିଲେ ଚାମଚା । ମୁଖ୍ୟମନ୍ତ୍ରୀ କିଛି ଶୁଣିଲେ ନାହିଁ କହିଲେ, "ନିରଞ୍ଜନ ପଟ୍ଟନାୟକଙ୍କୁ ଦେଖାକର" । ସମସ୍ତେ ଗଲେ ମନ୍ତ୍ରୀ ନିରଞ୍ଜନ ବାବୁଙ୍କ ପାଖକୁ, ମନ୍ତ୍ରୀ ସବୁ ଶୁଣି ହସି, ହସି କହିଲେ, "କଣ ହେଲା, ନିଆଳି ଏସ.ଡ଼ି.ଓ, ଦିନରାତି ମଦ ଖାଉଛନ୍ତି, ସକାଳୁ ରାତି ବାରଟା ଯାଏ ବହୁତ, କାମ କରୁଛନ୍ତି, କ୍ଷତି କଣ, କାମତ କରୁଛନ୍ତି, ତାଙ୍କ ପଇସାରୁ ମଦ ଖାଉଛନ୍ତି, ତମମାନଙ୍କ ଟଙ୍କାରେ ତ ନୁହେଁ ? ଯାଆନ୍ତୁ, ଆପଣମାନେ ବୋଧହୁଏ ଜାଣିନାହାଁନ୍ତି, ସେ ମୋ ନିଜ ଭିଣୋଇ, ସେ ମଦ ଖାଇବାର ଆମେ କେବେ ଶୁଣିନୁ । ଏସବୁ କଥା, ମୃଷାବାବୁ କିଛି ଜାଣି ପାରିଲେ ନାହିଁ । ଦିନେ ସକାଳୁ, ସକାଳୁ ଚାମଚାବାବୁ ଏମ୍.ଏ ପଢ଼ିଥିବା ଝିଅ, ତା, ବାପା, ମାଙ୍କୁ ବଳଦ ଗାଡ଼ିରେ ଧରି ପହଁଞ୍ଚିଲେ, ନିଆଳି ଡ଼ାକ ବଙ୍ଗଳାରେ, ଆସି ପାଟିକଲେ ଏସ୍.ଡ଼ି.ଓଙ୍କ ବଙ୍ଗଳାରେ । "ନୁରି, ନୁରି, ସାହେବଙ୍କୁ କହ, ଆସିଗଲେ, ମା, ଆସିଗଲେ, "ପାଟିଶୁଣି ପଶି ଆସିଲେ ଏସ୍.ଡ଼ି.ଓ ସାହେବ କଣ ହେଲା, ଚାମଚା ବାବୁ, ସକାଳୁ ସକାଳୁ ଏତେ ହାଲ୍ଲା କାହିଁକି ?"

ମୁଁ ଜବାବ ଦେଇଥିଲି, ରାତିତାଙ୍କ ଘରେ ମାଂସଭାତ ଖାଇ, ତିନି ହଜାର ଟଙ୍କା ପକେଟରେ ପୁରାଇ, ନେଇ ଅସିଛି, ଆପଣ ଟିକିଏ ଦେଖନ୍ତୁନା, ବଢ଼ିଆ, ମାଲ୍, ଦେଖିଲେ, ସାଙ୍ଗେ ସାଙ୍ଗେ ବାହାହେବାକୁ ରାଜିହେବେ । "ମୃଷାବାବୁଙ୍କ ରାଗ ମିଜାସକୁ ଉଠିଗଲା ପାଟିକରି କହିଲେ "ଆପଣ ମଣିଷ ନା ପଶୁ, କୋଡ଼ିଏ ବର୍ଷ ତଳେ ମୁଁ ଏଠି ଥିଲି, ସେତେବେଳେ ମୋର, ଚାରି ପାଞ୍ଚଟି ଛୁଆ, ତମେ କହୁଛ ମୁଁ ଏସ୍.ଡ଼ି.ଓ ହେଇ ଏଠି ପୁଣି ବାହାହେବି"? ଚାମଚାବାବୁ କହିଲେ ସେଦିନ ପୂର୍ବ ଏସ୍.ଡ଼ି.ଓ ମିଟିଙ୍ଗରେ ତାହେଲେ ମିଛି କହିଥିଲେ" । ସେ "କଣ କହିଥିଲେ, ତୁମେ ବି ଖାଦ୍ୟଆକୁ ବୁଝିଲ ତୁମକୁ ଭଣା, ନିଅ

Digitized by srujanika@gmail.com

ଏ ତିରିଶ ଟଙ୍କା ଗାହା, ଜଳଖିଆ ଦେଇ ଶିଘ୍ର ବିଦାକର ମୋ ବଙ୍ଗଳାରୁ ଆଜ ତାଙ୍କ ପାଖକୁ ଯିବି, ପିଠି ପଟା ପଡ଼ିଯିବନି । ଯାଉଛି ଏମ୍.ଲ୍.ଏ ସାହେବଙ୍କ ପାଖକୁ ଆଉ ଥାନାକୁ ଆପଣ ରାତିରେ ବଙ୍ଗଳାକୁ ଝିଅ ଆଣି ଏଠି ଗୋଟାଏ ତାମସା, ରାସଲିଳା ଲଗାଇଛନ୍ତି । "ମୃଷାବାବୁଙ୍କ ମୁଣ୍ଡକୁ ବୁଦ୍ଧି ଦିଶିଲା ନାହିଁ ଖାଲି କହିଲେ "ବଡ଼ ବିଷାକ୍ତ, ମାରାମୃକ, ଏ ଶିବଙ୍କର ସାପ ଗାମଚା ସରପଞ୍ଚଟା" । ବେଶ ହେଇ ଗଲେ, ବଙ୍ଗଳାକୁ ଭଦ୍ରଲୋକ ନମସ୍କାର କଲେ, ତାଙ୍କ ସ୍ତ୍ରୀ, ହାତେ ଓଢ଼ଣାଦେଇ କହିଲେ "କିଏ କହିବ ମୋ ପୁଅ ବୁଢ଼ା ବୋଲି, ସେଇଠି ତୁମ, ଶଳା, ମୋ ଭାଇ, ଗଣ୍ଡିଆଟା, ଆଜିଯାଏ ବାହାହେଇନି, ମୋ, ଯୋଇଁ ବାବୁଙ୍କ ଠାରୁ କେତେ ବୁଢ଼ା ଦିଶୁଛି" । ଝିଅ ଗୋଡ଼ ତଳେ ପଡ଼ି ନମସ୍କାର କଲା, ମୃଷାବାବୁ କହିଲେ, "ଉଠ ଉଠ ମା, କଣ, ଏମ୍. ଏ ପଢ଼ିଛୁ, ଆରେ ବାଃ ଦେଖିବାକୁତ ଅତି ସୁନ୍ଦର, ମୁଁ ପସନ୍ଦ କଲି, ମୋ ଝିଅ ବାହାଘର ପରେ ଆର ବର୍ଷ ମୋ ବଡ଼ପୁଅର ବାହାଘର, ମୁଁ ତତେ ନିଶ୍ଚୟ ବହୂ କରିବି" । ଭଦ୍ରବ୍ୟକ୍ତି ପାଟି କରି ଉଠିଲେ, ଆପଣ ତାହେଲେ ବିବାହିତ, ମୁଁ କିନ୍ତୁ ଇଂଜିନିଅର ଯୋଇଁ କରିବି ବୋଲି ସରପଞ୍ଚ ବାବୁଙ୍କୁ ତିନି ହଜାର ଟଙ୍କା ଆଗତୁରା ଲାଞ୍ଚ ଦେଇଛି । ହେଲା, ହେଲା ବାପା, ଇଂଜିନିୟର ବୁଢ଼ାକୁ ବାହା ନହେଇ ପୁଅକୁ ବାହାହେବ, ପୁଅ ଏମ.ଏ, ଏଲ.ଏଲ.ବି, ଫାକରରେ ଗାକିରି, ଇନ୍‌ସୁରାନ୍ସ କରୁଛି, ଦେଖିବାକୁ ଅତି ସୁନ୍ଦର । ଅଭିନେତା, ତାକୁ ଡ଼ାକନ୍ତି ଓଡ଼ିଶା "ମିଥୁନ" । ନା, ନା, ମୋ ଇଂଜିନିୟର ଯୋଇଁ ଦରକାର, ଅଭିନେତା ମିଥୁନ୍ ନୁହେଁ କି ବେକାରି ଇନ୍‌ସୁରେନ୍‌ସ ବାଲା ନୁହେଁ, ମୁଁ ସେ ସରପଞ୍ଚକୁ ଜୀବନରେ ମାରିଦେବି, ଦୌଡ଼ିଲେ ଭଦ୍ରଲୋକ । ମୃଷାବାବୁ କହିଲେ ଧନ୍ୟତୁମେ, ଧନ୍ୟ **"ଏମ.ଏଲ.ଏଙ୍କ ଗାମଚା"** ।

❋❋❋

Digitized by srujanika@gmail.com

ଟ୧୦,୦୦୦(ଦଶ ହଜାର) ରସିଦ୍ ନିଅନ୍ତୁ, ଟଙ୍କା ଆଜି ଦିଅନ୍ତୁ । ମୃଷାବାବୁ ହସି ହସି କହିଲେ "ମୁଁ ବିଶିଷ୍ଟ ଶିଳ୍ପପତୀ, କୋଟିପତୀ ନୁହେଁ ବା ଦାନବୀର ହରିଶ୍ଚନ୍ଦ୍ର ନୁହେଁ, ମୁଁ ଜଣେ ଅତି ନଗଣ୍ୟ ଚାକିରିଆ, ମୋ ରୋଜଗାର ମୋର କୁଟୁମ୍ବକୁ ନିଅଣ୍ଟ, ଶୁଭକାମ, ମନ୍ଦିର ହେଉଛି, କହିବତ ସିମେଣ୍ଟ ଚାରିପାଞ୍ଚ ବସ୍ତା, କିଛି ପଥର ଦେଇପାରେ" । ରାଗି ଉଠିଲେ, ଚାମଚା ବାବୁ, "ଆପଣ ତାହେଲେ ଦେବେନି, ଠିକ୍ ଅଛି, ମୁଁ ଏକଥା, ଏମ.ଏଲ.ଏ ସାହେବଙ୍କୁ କହି ଦେଉଛି, ଆପଣଙ୍କ ପରି ଧୁଣ୍ଡା ଏସ.ଡ଼ି.ଓ ଆମର ଏଠି ଦରକାର ନାହିଁ । ଆପଣ ବୋଧହୁଏ ଜାଣନ୍ତି ନାହିଁ, ଆଉ ଏସ୍.ଡ଼ି.ଓଙ୍କ ବଦଳି ମୁଁ ନିଜେ କରିଛି । ମୃଷାବାବୁ କହିଲେ, ବେଶି ପାଟି କରନା, ମୋତେ ବି ବଦଳି କରିଦିଅ । ସତକୁ ସତ, ତାପର ଦିନଠାରୁ ଚାରିଆଡ଼େ ରାଷ୍ଟ୍ର ହୋଇଗଲା, ଏସ.ଡ଼ି.ଓ ମୃଷାବାବୁ ମଦ୍ୟପୀ, ସକାଳୁ, ରାତିଯାଏ, ମଦ ଖାଇ ପଡ଼ନ୍ତି । ଅଠର ବର୍ଷରୁ ପଚିଶ ବର୍ଷର ଟୋକାଙ୍କୁ ଠିକାଦାର କରାଇ ତାଙ୍କ ସହିତ, ଦିନରାତି ମଦ ଖାଉଛନ୍ତି । ଏମ୍.ଏଲ.ଏଙ୍କୁ ଧରି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଁଞ୍ଚିଲେ ଚାମଚା । ମୁଖ୍ୟମନ୍ତ୍ରୀ କିଛି ଶୁଣିଲେ ନାହିଁ କହିଲେ, "ନିରଞ୍ଜନ ପଟ୍ଟନାୟକଙ୍କୁ ଦେଖାକର" । ସମସ୍ତେ ଗଲେ ମନ୍ତ୍ରୀ ନିରଞ୍ଜନ ବାବୁଙ୍କ ପାଖକୁ, ମନ୍ତ୍ରୀ ସବୁ ଶୁଣି ହସି, ହସି କହିଲେ, "କଣ ହେଲା, ନିଆଳି ଏସ.ଡ଼ି.ଓ, ଦିନରାତି ମଦ ଖାଉଛନ୍ତି, ସକାଳୁ ରାତି ବାରଟା ଯାଏ ବହୁତ, କାମ କରୁଛନ୍ତି, କ୍ଷତି କଣ, କାମତ କରୁଛନ୍ତି, ତାଙ୍କ ପଇସାରୁ ମଦ ଖାଉଛନ୍ତି, ତମମାନଙ୍କ ଟଙ୍କାରେ ତ ନୁହେଁ ? ଯାଆନ୍ତୁ, ଆପଣମାନେ ବୋଧହୁଏ ଜାଣିନାହାଁନ୍ତି, ସେ ମୋ ନିଜ ଭିଣୋଇ, ସେ ମଦ ଖାଇବାର ଆମେ କେବେ ଶୁଣିନୁ । ଏସବୁ କଥା, ମୃଷାବାବୁ କିଛି ଜାଣି ପାରିଲେ ନାହିଁ । ଦିନେ ସକାଳୁ, ସକାଳୁ ଚାମଚାବାବୁ ଏମ୍.ଏ ପଢ଼ିଥିବା ଝିଅ, ତା, ବାପା, ମାଙ୍କୁ ବଳଦ ଗାଡ଼ିରେ ଧରି ପହଁଞ୍ଚିଲେ, ନିଆଳି ଡ଼ାକ ବଙ୍ଗଳାରେ, ଆସି ପାଟିକଲେ ଏସ୍.ଡ଼ି.ଓଙ୍କ ବଙ୍ଗଳାରେ । "ନୁରି, ନୁରି, ସାହେବଙ୍କୁ କହ, ଆସିଗଲେ, ମା, ଆସିଗଲେ, "ପାଟିଶୁଣି ପଶି ଆସିଲେ ଏସ୍.ଡ଼ି.ଓ ସାହେବ କଣ ହେଲା, ଚାମଚା ବାବୁ, ସକାଳୁ ସକାଳୁ ଏତେ ହାଲ୍ଲା କାହିଁକି ?"

ମୁଁ ଜବାବ ଦେଇଥିଲି, ରାତିତାଙ୍କ ଘରେ ମାଂସଭାତ ଖାଇ, ତିନି ହଜାର ଟଙ୍କା ପକେଟରେ ପୁରାଇ, ନେଇ ଅସିଛି, ଆପଣ ଟିକିଏ ଦେଖନ୍ତୁନା, ବଢ଼ିଆ, ମାଲ୍, ଦେଖିଲେ, ସାଙ୍ଗେ ସାଙ୍ଗେ ବାହାହେବାକୁ ରାଜିହେବେ । "ମୃଷାବାବୁଙ୍କ ରାଗ ମିଣ୍ଡାସକୁ ଉଠିଗଲା ପାଟିକରି କହିଲେ "ଆପଣ ମଣିଷ ନା ପଶୁ, କୋଡ଼ିଏ ବର୍ଷ ତଳେ ମୁଁ ଏଠି ଥିଲି, ସେତେବେଳେ ମୋର, ଚାରି ପାଞ୍ଚଟି ଛୁଆ, ତମେ କହୁଛ ମୁଁ ଏସ୍.ଡ଼ି.ଓ ହେଇ ଏଠି ପୁଣି ବାହାହେବି"? ଚାମଚାବାବୁ କହିଲେ ସେଦିନ ପୂର୍ବ ଏସ୍.ଡ଼ି.ଓ ମିଟିଙ୍ଗରେ ତାହେଲେ ମିଛି କହିଥିଲେ" । ସେ "କଣ କହିଥିଲେ, ତୁମେ ବି ଖାଁଆଲୁ ବୁଝିଲ ତୁମକୁ ଭଣା, ନିଅ

Digitized by srujanika@gmail.com

ଏ ତିରିଶ ଟଙ୍କା ଟାଣ, ଜଳଖିଆ ଦେଇ ଶିଘ୍ର ବିଦାକର ମୋ ବଙ୍ଗଳାରୁ ଆଉ ତାଙ୍କ ପାଖକୁ ଯିବି, ପିଠି ପଟା ପଡ଼ିଯିବନି । ଯାଉଛି ଏମ୍.ଲ୍.ଏ ସାହେବଙ୍କ ପାଖକୁ ଆଉ ଥାନାକୁ ଆପଣ ରାତିରେ ବଙ୍ଗଳାକୁ ଝିଅ ଆଣି ଏଠି ଗୋଟାଏ ତାମସା, ରାସଲିଳା ଲଗାଇଛନ୍ତି । "ମୃଷାବାବୁଙ୍କ ମୁଣ୍ଡକୁ ବୁଦ୍ଧି ଦିଶିଲା ନାହିଁ ଖାଲି କହିଲେ "ବଡ଼ ବିଷାକ୍ତ, ମାରାତ୍ମକ, ଏ ଶିବଙ୍କର ସାପ ଟାମଚା ସରପଞ୍ଚଟା" । ବେଶ ହେଇ ଗଲେ, ବଙ୍ଗଳାକୁ ଭଦ୍ରଲୋକ ନମସ୍କାର କଲେ, ତାଙ୍କ ସ୍ତ୍ରୀ, ହାତେ ଓଢ଼ଣାଦେଇ କହିଲେ "କିଏ କହିବ ମୋ ପୁଅ ବୁଢ଼ା ବୋଲି, ସେଇଠି ତୁମ, ଶଳା, ମୋ ଭାଇ, ଗଣ୍ଡିଆଟା, ଆଜିଯାଏ ବାହାହେଇନି, ମୋ, ଯୋଇଁ ବାବୁଙ୍କ ଠାରୁ କେତେ ବୁଢ଼ା ଦିଶୁଛି" । ଝିଅ ଗୋଡ଼ ତଳେ ପଡ଼ି ନମସ୍କାର କଲା, ମୁଷାବାବୁ କହିଲେ, "ଉଠ ଉଠ ମା, କଣ, ଏମ୍. ଏ ପଢ଼ିଛୁ, ଆରେ ବାଃ ଦେଖିବାକୁତ ଅତି ସୁନ୍ଦର, ମୁଁ ପସନ୍ଦ କଲି, ମୋ ଝିଅ ବାହାଘର ପରେ ଆର ବର୍ଷ ମୋ ବଡ଼ପୁଅର ବାହାଘର, ମୁଁ ତତେ ନିଶ୍ଚୟ ବହୁ କରିବି" । ଭଦ୍ରବ୍ୟକ୍ତି ପାଟି କରି ଉଠିଲେ, ଆପଣ ତାହେଲେ ବିବାହିତ, ମୁଁ କିନ୍ତୁ ଇଂଜିନିଅର ଯୋଇଁ କରିବି ବୋଲି ସରପଞ୍ଚ ବାବୁଙ୍କୁ ତିନି ହଜାର ଟଙ୍କା ଆଗତୁରା ଲାଞ୍ଚ ଦେଇଛି । ହେଲା, ହେଲା ବାପା, ଇଂଜିନିୟର ବୁଢ଼ାକୁ ବାହା ନହେଇ ପୁଅକୁ ବାହାହେବ, ପୁଅ ଏମ.ଏ, ଏଲ.ଏଲ.ବି, ଫାକରରେ ଚାକିରି, ଇନ୍‌ସୁରାନ୍ସ କରୁଛି, ଦେଖିବାକୁ ଅତି ସୁନ୍ଦର । ଅଭିନେତା, ତାକୁ ଡ଼ାକନ୍ତି ଓଡ଼ିଶା "ମିଥୁନ" । ନା, ନା, ମୋ ଇଂଜିନିୟର ଯୋଇଁ ଦରକାର, ଅଭିନେତା ମିଥୁନ୍ ନୁହେଁ କି ବେକାରି ଇନ୍‌ସୁରେନ୍‌ସ ବାଲା ନୁହେଁ, ମୁଁ ସେ ସରପଞ୍ଚକୁ ଜୀବନରେ ମାରିଦେବି, ଦୌଡ଼ିଲେ ଭଦ୍ରଲୋକ । ମୃଷାବାବୁ କହିଲେ ଧନ୍ୟତୁମେ, ଧନ୍ୟ **"ଏମ.ଏଲ.ଏଙ୍କ ଟାମଚା"** ।

❋❋❋

Digitized by srujanika@gmail.com

ଚବିଶ ଘଣ୍ଟିଆ ବଦଳି

ମୃଷାବାବୁ, ନିଆଳିର, ସରକାରୀ ଯନ୍ତ୍ରୀ, ତାଙ୍କ ପାଖରେ ବହୁତ କାମ । ନିଆଳି କଣ୍ଟାପଡ଼ା ଦୁଇଟା ସବ୍‌ଡ଼ିଭିଜନ ତାଙ୍କ ପାଖରେ, ବାରଜଣ ଜୁନିଅର ଇଂଜିନିୟର । ନିଜେ ମୃଷାବାବୁ ଠିଆହୋଇ ମୂଳରୁ ଶେଷଯାଏ କେନାଲରେ ଖୋଟେସନ୍ କରି ପାଣି, ଛାଡ଼ନ୍ତି । ସେତେବେଳେ ତାଙ୍କର ନିର୍ବାହି ଯନ୍ତ୍ରୀଥିଲେ ସିତାରାମ ନାୟକ, ମନ୍ତ୍ରୀ ନିରଞ୍ଜନ ବାବୁଙ୍କୁ କହି ତାଙ୍କୁ ମୃଷାବାବୁ ପ୍ରାଚୀ ଡ଼ିଭିଜନର ନିର୍ବାହିଯନ୍ତ୍ରୀ କରି ଆଣିଥିଲେ । ହଠାତ୍ ଦିନେ ଆସିଲା ପ୍ରଳୟ ଙ୍କରୀ ବନ୍ୟା, ଉଣେଇଶ ଅଶି ମସିହା ବନ୍ୟାଠାରୁ, ଆହୁରିବଡ଼, ଦେଖୁ, ଦେଖୁ,ବନ୍ଧ, ପଥେ ବନ୍ଧ, ଭାଙ୍ଗି, ଶହ ଶହ ଜାଗାରେ ଘାଇ ହୋଇଗଲା । ବନ୍ଧ, କେନାଲ, ବଡ ଷ୍ଟ୍ରକଚର, ଧୋଇଗଲା । ଯେତେ ଚେଷ୍ଟା କଲେ ବନ୍ଧକୁ କୌଣସି ପ୍ରକାର ରକ୍ଷା କରି ପାରିଲେ ନାହିଁ ମୃଷା । ଏପରି କରାଳ ବନ୍ୟା କେବେ ଆଶା କରା ହୋଇ ନଥିଲା । ନିଆଳିକୁ ଚାରି ତରଫରୁ ରାସ୍ତା ବନ୍ଦ ହୋଇଗଲା । ରାସ୍ତା ଉପରେ, ଏମିତିକି ଅଫିସଭିତରେ ପାଞ୍ଚ ଛଫୁଟ ପାଣି, ଲୋକମାନେ ଉଞ୍ଚା ଜାଗାଦେଖି ଆଶ୍ରୟ ନେଲେ । ମୃଷାବାବୁ ଏମ୍.ଏଲ୍.ଏ ଅର୍ନ୍ତଯ୍ୟାମୀବାବୁଙ୍କ ସହିତ ଥାଆନ୍ତି ବନ୍ଧ ଉପରେ । ଏମିତି ଅବସ୍ଥା ହେଲାଯେ, ସରକାରୀ ଜିପ୍‌ରେ ଏମ୍.ଏଲ୍.ଏଙ୍କୁ ପଠାଇଦେଇ ନିଆଳି ବନ୍ୟାରେ ଭାସିଯାଇ, ସିଠାଳ ଆଇରଲାଣ୍ଡର ଗୋଟାଏ ବଡ ଗଛଉପରେ, ତିନିଦିନ, ଅଖିଆ, ଅପିଆ, ଆଶ୍ରୟ ନେଲେ ମୃଷାବାବୁ । ଚାରିଆଡେ ପ୍ରଚାର ହୋଇଗଲା, ମୃଷାବାବୁ ଇଂଜିନିୟର ବନ୍ୟାରେ ଭାସିଗଲେ । ଓ୍ୟାର୍‌ଲେସ ହେଲା, ଖବର କାଗଜରେ ସବୁ ବାହାରିଲା । ନିଆଳି ଏରିଆର, ବହୁ ଧନ ଜୀବନ ନଷ୍ଟ ହେଇଗଲା । ଖବର କାଗଜରେ ଖବର ଦେଖି, ଦୁଇପୁଅ, ଦୀପକ, ଆଲୋକ କାଳିଆଘାଇ ପାଖରୁ କିଛି ଖବର ବାପାଙ୍କର ନପାଇ, ଦୁଃଖରେ ଫେରି ଆସନ୍ତି ଘରକୁ । ଆକାଶରୁ ଚୁଡ଼ା ଚାଉଳ, ଫୋପାଡ଼ା ହେଲା, ରିଲିଫ୍ ଡଙ୍ଗା, ଚାରିଆଡ଼କୁ ଗଲା, ଦିର୍ଘ ତିନିଦିନପରେ, ରିଲିଫ୍ ଡଙ୍ଗାରେ ଫେରିଆସିଲେ ମୃଷାବାବୁ । ନିଆଳି ଲୋକମାନେ ପାଟିକଲେ ଆମ ମୃଷାବାବୁ, ବଞ୍ଚିଛନ୍ତି । ଚାରିଆଡେ ହାହାକାର, ଲୋକମାନେ କୁଢ଼, କୁଢ଼, ହୋଇ ବସିଥାଆନ୍ତି ନିଆଳି ଅଫିସ ଆଗରେ, ରିଲିଫ୍ ଚୁଡ଼ା, ଚାଉଳ ପାଇଁ । ଦିନେ ମୃଷାବାବୁ ତାଙ୍କର ଅତିପ୍ରିୟ ତରୁଣ, ଠିକାଦାର, ସୁଲୁ ମହାପାତ୍ର, ଶରତ ଦିଖିତ୍ ଏମିତି, ଆହୁରି କେତେଙ୍କୁ ସାଙ୍ଗରେ ନେଇ

Digitized by srujanika@gmail.com

କାଲିଆ ଘାଇ ପାରହେଉହେଉ, ନଇସୁଅରେ ଭାସିଗଲେ, ତାଙ୍କୁ ସିଲ୍‌ଭର ଡେକ୍‌ଚି ସାହାଯ୍ୟରେ ରକ୍ଷା କଲେ, ସୁଲୁ ମହାପାତ୍ର, ପୁରା ପାଣି ପିଇ, ଦୁଇଘଣ୍ଟା ପରେ ଚେତା ପାଇଲେ, ମୃଷାବାବୁ, ସମସ୍ତେ ବସିତାଙ୍କ ପାଖରେ କାନ୍ଦୁଥାନ୍ତି । ବନ୍ଦି ପୁରା ଦଶଦିନ ଧରି ଲାଗିରହିଲା, ଧିରେ, ଧିରେ, ପାଣି ଖସିଗଲା । ବହୁ କଷ୍ଟରେ କୋଣାର୍କ ବାଟଦେଇ, ନିର୍ବାହିଯନ୍ତ୍ରୀଙ୍କ ଜିପ୍ ଆସି ମୃଷାବାବୁ ଆଉ, ସବୁ ଜୁନିଅର ଇଂଜିନିଅରଙ୍କୁ ନେଇ ଗଲା, ଭୁବନେଶ୍ୱର । ମୃଷାବାବୁଙ୍କ ଠାରୁ ସବୁ ଦୁଃଖ ଦାୟକ ଖବର ଶୁଣି, ସମସ୍ତ ଅଫିସର, ଦୁଃଖକଲେ, କହିଲେ, ଭଗବାନ ବଞ୍ଚାଇଦେଲେ । ଘରେ ଶ୍ରୀମତୀ, ଛୁଆମାନେ କାହି କହିଲେ, ଦରକାର ନାହିଁ ଏ ଚାକିରି, ସରକାର ଏଥିପାଇଁ ତ ଅଧିକ ଟଙ୍କା ଦେଉନି । ଭୁବନେଶ୍ୱରରେ, ତିନି, ଚାରିଦିନ ରହି, ପୁରା ପାଞ୍ଚ କୋଟୀ ଟଙ୍କାର, କ୍ଷତି ଅଟକଳର ଏଷ୍ଟିମେଟ୍‌କରି, ପ୍ରଧାନ ମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କୁ ସମର୍ପଣ କଲେ ମୃଷାବାବୁ ।

ଦିନେ, ମନ୍ତ୍ରୀଙ୍କ ଘରୁ ଖବର ପାଇଲେ, ମୁଖ୍ୟମନ୍ତ୍ରୀ, ଜଳସେଚନମନ୍ତ୍ରୀ ମୁଖ୍ୟଯନ୍ତ୍ରୀ, ଅଧିକ୍ଷଣଯନ୍ତ୍ରୀ, କାକଟପୁର, ବନ୍ୟାଅଞ୍ଚଳ ପରିଦର୍ଶନକୁ ଯାଉଛନ୍ତି । କାଲେ ସେମାନେ କାକଟପୁରରୁ ନିଆଳି ଯାଇପାରନ୍ତି, ଏଖବର ଦେଲେ ସିତାରାମବାବୁଙ୍କୁ । ସିତାରାମ ବାବୁ କହିଲେ, "କାକଟପୁର, ଆମ ଏରିଆ ନୁହଁ, ଆମକୁ ଖବର ନାହିଁ । ଏଷ୍ଟିମେଟ୍ ପୁରା ଶେଷ କରି, ଆଉ ଦିନକପରେ ନିଆଳି ଫେରିଯିବ" । ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଗାରିଛକଦେଇ ଭୁବନେଶ୍ୱର ଫେରିଆସିଲେ, କିନ୍ତୁ ମୁଖ୍ୟଯନ୍ତ୍ରୀ ଏ.ବି.ଜେନା. ଅଧିକ୍ଷଣ ଯନ୍ତ୍ରୀ ଜାନକୀ ବଲ୍ଲଭ ସ୍ୱାଇଁ ଗଲେ, ନିଆଳି ।

ଏହାଭିତରେ ଗୋଟାଏ ମଜାକଥା ହୋଇଥାଏ । ତିନି, ଚାରିଦିନ କାଳ ମନ୍ତ୍ରୀ, ଏ.ବି.ଜେନା ମୁଖ୍ୟଯନ୍ତ୍ରୀଙ୍କୁ ଖୋଜି ଖୋଜି ନ ପାଇ ଦିନେ ତାଙ୍କୁ ଦେଖି ଶୋଧିଲେ, କହିଲେ, ତୁମେ "ଇଉସ୍‌ଲେସ୍" ମୁଖ୍ୟଯନ୍ତ୍ରୀଙ୍କ ପାଇଁ ଅନ୍‌ଫିଟ୍, ତୁମ ପାଖରେ, ବୋଟ୍, ଲଞ୍ଚ, ଶହ, ଶହ, ତୁମେ କଟକରୁ ଭୁବନେଶ୍ୱର ଆସିପାରିଲ ନାହିଁ "। ଏ.ବି.ଜେନା, ମନ୍ତ୍ରୀ ନରିଞ୍ଜନ ବାବୁଙ୍କ ଗାଳିଦେବା କଥା ମୁଖ୍ୟମନ୍ତ୍ରୀ ଜାନକୀବାବୁଙ୍କୁ କହିଲେ, ଜାନକୀ ବାବୁ କିଛି ନଶୁଣି, ଆହୁରି ଗାଳି ଦେଇ କହିଲେ "ତୁମେ ଏ ସବୁ, ଶୁଣିବା ପାଇଁ ଯୋଗ୍ୟ" । ମୁଖ୍ୟଯନ୍ତ୍ରୀ ଅଧିକ୍ଷଣ ଯନ୍ତ୍ରୀ ପହଁଞ୍ଚିଲେ ନିଆଳି, ପୁରା ଅନ୍ଧାର, ଚୌକିଦାର ଠାରୁ ଶୁଣିଲେ, ଏସଡିଓ ଓ ଜେଇ, ମାନେ ଚାରି, ପାଞ୍ଚ ଦିନ ହେଲା, କୁଆଡେ ଯାଇଛନ୍ତି । ରାଗି, ଚାଲିଗଲେ, କାଳିଆଘାଇ, ସେଠି ଅନ୍ଧାରରେ ପଡିଲେ ଏକ ମସ୍ତବଡ କଚଡା, ପେଣ୍ଟ ସାର୍ଟ ଚିରି ପୁରା କାଦୁଅ ହେଇଗଲା, ଫେରି ଚୌକିଦାରକୁ କହିଲେ, "ତୁମ ଏସ୍.ଡି.ଓଙ୍କୁ କହିବ, ପେଡିପୁଟୁଳା ବାନ୍ଧି ଏଠୁ ଚାଲିଯିବେ, ତାଙ୍କ ପରି ଇଉସ୍‌ଲେସ୍ ଏସ୍.ଡି.ଓ, ସରକାରଙ୍କର ଦରକାର ନାହିଁ" । ରାଗିକରି ପହଁଞ୍ଚିଗଲେ, କଣ୍ଟ୍ରୋଲ ରୁମ୍ ବୋଡ ମିଟିଙ୍ଗ୍ ରୁମରେ, ସମସ୍ତେ ତାଙ୍କର

Digitized by srujanika@gmail.com

ଏ ଅବସ୍ଥା ଦେଖି ଦୁଃଖ କଲେ, ଜେନା ସାହେବ, କାନ୍ଦି, କାନ୍ଦି କହିଲେ, ନିଆଳିର ସହକାରୀଯନ୍ତ୍ରୀ, ପାଞ୍ଚ, ଛଅଦିନ ହେବ କୁଆଡେ ଯାଇଛନ୍ତି, ଏଇମାନଙ୍କୁ ନେଇ-ମୁଁ-, "ମୁଖ୍ୟମନ୍ତ୍ରୀ କହିଲେ ବଦଳି କରିଦିଅ, ସେଇଆହେଲା । ନିରଞ୍ଜନ ବାବୁ ସବୁ ଶୁଣୁଥିଲେ, ମୁଖ୍ୟମନ୍ତ୍ରୀଙ୍କ ଆଦେଶ, ବାଧ୍ୟହୋଇ ଚୁପ୍ ରହିଲେ । ରାତିରେ, ମୃଷାବାବୁ ଚୌକିଦାର ଠାରୁ ସବୁ ଶୁଣିଲେ, କହିଲେ, "ସରକାର ପାଇଁ ଏତେ କାମ କଲି, ମରୁ, ମରୁ ବଞ୍ଚି ଗଲି । ପାଞ୍ଚଦିନ ଅକ୍ଳାନ୍ତ କାମ, ଅଫିସରେ ବସି ପାଞ୍ଚକୋଟି ଟଙ୍କାର ଏଷ୍ଟିମେଟ୍ ତିଆରି କଲି, ତାଙ୍କର କଣ ଆଖିନାହିଁ, କେମିତି ବଦଳି କରିବେ କରନ୍ତୁ" ।

ତାପରଦିନ, **ସିତାରାମ ନାୟକ**, ଜିପ୍ ପଠାଇଛନ୍ତି ଖବରଦେଇ, ତାଙ୍କର (ସିତାରାମବାବୁଙ୍କର) ଚିବିଶିଘଣ୍ଟିଆ ବଦଳି ହେଇଛି । ଚଞ୍ଚଳ ଆସି, ମନ୍ତ୍ରୀଙ୍କୁ କହି ବଦଳି ବନ୍ଦ କର । ବାଧ୍ୟହୋଇ ମୃଷାବାବୁ ଆସିଲେ ଭୁବନେଶ୍ୱର, ସବୁଶୁଣି ବାହାରିଲେ ମନ୍ତ୍ରୀଙ୍କ ପାଖକୁ, ବାଟରେ **ଲୋକନାଥ ମହାପାତ୍ରଙ୍କ** ସହଦେଖା ହେଲା, ସେ ଚାର୍ଜନେବାକୁ ଆସିଛନ୍ତି । ମନ୍ତ୍ରୀଙ୍କୁ ଟିକଏ ନିଭୃତ କକ୍ଷରେ ଦେଖା କରିବାକୁ ଚାହାନ୍ତି । ବଡ ଅଡୁଆରେ ପଡିଲେ ମୃଷାବାବୁ, ଜଣେ ଯିବେ, ଆଉଜଣେ ଆସିବେ, ଦୁଇଜଣ ଯାକ ପ୍ରିୟ, ଲୋକନାଥବାବୁ ତାଙ୍କୁ ମୁଣ୍ଡଳି ଏସ୍.ଡି.ଓ ଥିଲାବେଳେ, ଢେଙ୍କାନାଳ ଦେଇ ତାଙ୍କ ନିର୍ଦ୍ଦେଶନାରେ ନାଟକ କରାଇଥିଲେ, ତାଙ୍କୁ ବହୁତ ସ୍ନେହ ଭକ୍ତି କରନ୍ତି । ଶେଷରେ ପହଁଞ୍ଚିଲେ ମନ୍ତ୍ରୀଙ୍କ ଘରେ ମନ୍ତ୍ରୀ ଦିଲ୍ଲୀ ଯିବାକୁ ତିଆରି, ଲୋକନାଥ ବାବୁଙ୍କୁ କହିଲେ, ସେ (ସିତାରାମବାବୁ) ଚାର୍ଜ ଦିଅନ୍ତୁ ବା ନଦିଅନ୍ତୁ, ଆପଣ ଚାର୍ଜ ରିଜୁମ କରନ୍ତୁ, ତାଙ୍କୁ ରିଲିଫ୍ କରନ୍ତୁ । ଆଉ ମୃଷାବାବୁଙ୍କ ଉପରେ ରାଗି କହିଲେ କୁଆଡେ ପାଞ୍ଚ, ଛ ଦିନ ପଳାଇଥିଲ, ମୁଖ୍ୟଯନ୍ତ୍ରୀ ତୁମର ଚବିଶିଘଣ୍ଟିଆ ବଦଳି କରିଛନ୍ତି" । ମୃଷାବାବୁ ସବୁ ଖବର କାଗଜ ଦେଖାଇଲେ, ମନ୍ତ୍ରୀ କହିଲେ "ମୁଁ ନାଚାର, ତୁମେ ଚାର୍ଜଦେଇ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକର, କାରଣ ସେ, ତୁମେ ନିଆଳି ଏସ୍.ଡି.ଓ ବୋଲି ଜାଣନ୍ତି ନାହିଁ, ତାପରଦିନ ବାଘପରି, ଗୋଟିଏ, ଟେରାଆଖିରେ ଚାର୍ଜ ନେଇଗଲେ ବିଶ୍ୱାଳବାବୁ S.D.O । ରିପାର ଏଷ୍ଟିମେଣ୍ଟ ତାଙ୍କ ଆଖିରେ ଖାଲି ନାଚୁଥାଏ" ଝିଲ୍‌ମିଲ୍ ଦିଶୁଥାଏ ପାଞ୍ଚକୋଟି ଟଙ୍କା ।

ତାର, ୨,୩ ଦିନ ପରେ, ଏ.ବି.ଜେନା ବଡ ଅଫିସର ମାନଙ୍କୁ ନେଇ ନିଆଳି ପରିଦର୍ଶନକୁ ଆସିଲେ । ମୃଷାବାବୁ ଚାର୍ଜ ଦେଇଥିଲେ ମଧ । ମୁଖ୍ୟଯନ୍ତ୍ରୀ ଙ୍କ ଆଦେଶରେ ପାଞ୍ଚ, ଛଟା ବଡ ବଡ ଡଙ୍ଗା, ବୋଟ୍, କୋଡିଏ, ତିରିଶିଟା ମଟର ସାଇକଲ ବନ୍ଦୋବସ୍ତ କରି ପରିଦର୍ଶନକୁ ଫଳବତୀ କଲେ । ଜେନା ସାହେବ ପରେ ଶୁଣିଲେ, ମୃଷାବାବୁ ନିର୍ଦ୍ଦୋଷ, ତାଙ୍କ ଶଳା, ମନ୍ତ୍ରୀଙ୍କ ଉପରେ ରାଗି, ଅଭିମାନରେ ମୃଷାବାବୁଙ୍କର ଚବିଶି ଘଣ୍ଟିଆ, ବଦଳି କରାଇଦେଲେ, ମୃଷାବାବୁ ଙ୍କୁ କହିଲେ ମୁଁ ବଡ ଦୁଃଖିତ, କ୍ଷମାକର ।

Digitized by srujanika@gmail.com

ମୃଷାବାବୁ କହିଲେ, ଜଣକୁ ଜୀବନରେ ମାରିସାରିଲାପରେ ଗୋଡତଳେ ବସି କ୍ଷମା ମାଗି, କାନ୍ଦିଲେ କିଛି ଲାଭ ହୁଏନା । ଆପଣ ବୋଧହୁଏ ଭୁଲିଯାଇଛନ୍ତି, ଆପଣଙ୍କର ପ୍ରଥମ ଚାକିରି ବେଳେ ଗୋଟିଏ, ଟିଣ ସୁଟକେସ୍ ଧରି, ହୀରାକୁଦର ଆର୍ଥଡାମରେ ବୁଲୁଥିଲେ, ଗାଡିର ଶବ୍ଦରେ ଆପଣ ଅନ୍ୟମନସ୍କ ହୋଇଗଲେ, ଆପଣଙ୍କ ଉପରେ ଡ୍ରୋଜର ଚଢ଼ଯାଇଥାନ୍ତା । ମୁଁ ଟାଣି ଆଣି, ଆପଣଙ୍କର ପରିଚୟ ବୁଝିଲି, ଆପଣ B.Sc, B.E. ଡବଲ ଗ୍ରାଜୁଏଟ୍, ଫାଷ୍ଟ କ୍ଲାସ ଫାଷ୍ଟ ଇଂଜିନିୟର, ମୁଁ ଆପଣଙ୍କୁ ଠିକାଦାରଙ୍କ ଗାଡିରେ ମୋ ବସାକୁ ପଠାଇ, ଖୁଆଇ ପିଆଇ, ରେଷ୍ଟ କରାଇ, ଚାକିରିରେ ଜଏନ୍ କରାଇଲି । ଏବେ ସେ ଉପକାରର ଫଳ ପାଇଲି, ଜେନା ସାହେବ କିଛି ନକହି, ମୁଣ୍ଡ ତଳକୁ କଲେ, ଦୋଷୀଙ୍କ ପରି ।

ମୃଷାବାବୁ ମୁଖ୍ୟମନ୍ତ୍ରୀଙ୍କୁ ଦେଖାନକରି ଜଏନ୍‌କରିବାକୁ ଚାଲିଗଲେ ବାରିପଦା, ସୁନେଇ କେନାଲ, ସବ୍‌ଡିଭିଜନକୁ । ଖାଲି ଭାବିଲେ ଏ ଯୁଗରେ ପ୍ରଶଂସା କରିବା ଲୋକ କମ୍, ନିନ୍ଦୁକ ବେଶୀ, ନହେଲେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରିମଧ୍ୟ, ମିଛଟାରେ ଦୋଷୀ ହୋଇଥାନ୍ତେ **"ଚବିଶ ଘଣ୍ଟିଆ ବଦଳି"** ।

Digitized by srujanika@gmail.com

ଲେଟର ଅଫ୍ କ୍ରେଡିଟ୍

ମୃଷାବାବୁ ସୁନେଇ କେନାଲ ସବଡିଭିଜନରେ ଜଏନ୍ କଲେ, ଏ.ସି.ଡି.ଓ ରୂପେ । ବଙ୍ଗଳାରେ ମୃଷା ବାବୁଙ୍କୁ ଅଭ୍ୟର୍ଥନା ଦିଆଗଲା, ବିରାଟ, ଖିଆ, ପିଆର ବନ୍ଦୋବସ୍ତ । ବଙ୍ଗଳାରେ ଥାଆନ୍ତି ନିର୍ବାହିଯନ୍ତ୍ରୀ ସୁନିଲ ମହାପାତ୍ର , ଯୁଗଳ ତ୍ରିପାଠି, ଆଉ ସହକାରୀ ଯନ୍ତ୍ରୀ ବୃନ୍ଦ, ବହୁ ନାମଯାଦା ଠିକାଦାର, ସେ ମାନଙ୍କ ଭିତରେ ମୁଖ୍ୟ ଥିଲେ ମନରଞ୍ଜନ ପଟ୍ଟନାୟକ, ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ବଡଭାଇ, ମୃଷାବାବୁଙ୍କର "ମନଭାଇ" । ଭାଙ୍ଗଖାଇ, ମୃଷାବାବୁ ରାତିସାରା ସମସ୍ତଙ୍କୁ ଅଭିନୟକରି ଆପ୍ୟାୟିତ କଲେ । ମୃଷାବାବୁଙ୍କ ଦ୍ୱାରା ରିଲିଭ୍ ହେଉଥିବା ଏସ.ଡି.ଓ, ମୃଷାବାବୁଙ୍କ ଗୋଡଧରି କହିଲେ "ମୋତେ ବଂଚାଅ ବଡ ଭାଇ ଆପଣତ ମନ୍ତ୍ରୀଙ୍କ ଲୋକ, ଯେଉଁଠିକୁ ଚାହିଁବେ, ଯାଇପାରିବେ । ମୋର ଛଅ, ସାତଟି ଛୁଆ ଏଠି ପଢୁଛନ୍ତି, ମୋତେ ଏ ବର୍ଷଟା ଏଠି ରଖାଅ । "ମୃଷାବାବୁ କାହାର ଦୁଃଖ ସହିପାରନ୍ତିନି, କହିଲେ "ଏଠୁ ମୁଁ କାଲି ସକାଳେ ଚାଲିଯିବି, ଭୁବନେଶ୍ୱର ଅଫିସରେ ବଟଂ ରହିବି, ଆପଣଙ୍କୁ ରିଲିଭ୍ କରିବି ନାହିଁ" । ସେଇଆ ହେଲା, ମୃଷାବାବୁ ଚାର୍ଜନନେଇ, ସୁନେଇରୁ ଅବ୍‌ସ୍କଣ୍ଟ ହେଇଗଲେ, ତାଙ୍କର ବଦନାମ ହେଲା ।

ତାପର ଦିନ ସକାଳେ, ମୃଷାବାବୁ ଚାଲି ଆସିଲେ ଭୁବନେଶ୍ୱର, ଦେଖିଲେ, ପ୍ରାଚୀ ଡିଭିଜନରେ, ତାଙ୍କ ପାଇଁ ଗୋଟାଏ ନୂଆ ଟେମ୍ପରାରି ସବଡଭିଜନ ଖୋଲାହୋଇଛି । ଦୟା ଉଏଷ୍ଟ କେନାଲ ପାଇଁ ପଚାଶ ଲକ୍ଷ ଟଙ୍କାର କାମ ତିନିମାସ ଭିତରେ ସରିବ । କେନାଲରେ ପାଣିଯିବ । ଏଥିପାଇଁ ସେ କାହାକୁ ଧନ୍ୟବାଦ ଦେବେ ବୁଝିପାରିଲେ ନାହିଁ, ଭାଇ ଗୋପବନ୍ଧୁ ଦାସଙ୍କ ଚେଷ୍ଟା, ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଦୟା, ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ଉଦାରତା, ନା ମୁଖ୍ୟ ଯନ୍ତ୍ରୀ ଏ.ବି. ଜେନାଙ୍କ ଅନୁତାପର ଅନୁକମ୍ପା, ଖାଲି ଏତିକି ବୁଝିଲେ, **"ପରିଶ୍ରମର ଓ ଉପକାରର ମୂଲ୍ୟ ଅଛି"** ।

ମୃଷାବାବୁଙ୍କ ଉପରେ ସମସ୍ତ ଅଫିସର ଖୁସିଥିଲେ, କାମ ଚଞ୍ଚଳ ହେବା ପାଇଁ, ପଚାଶ ଲକ୍ଷ ଟଙ୍କାର କାମକୁ କୋଡିଏ ହଜାର ଟଙ୍କାର ସବ୍ ଟେଣ୍ଡର ସବ୍‌ଡିଭିଜନର ଲେଭେଲରେ ଡାକିଲେ । କାମ ଦିନ ରାତି ଚାଲିଲା, ପେଟ୍ରୋମାକସ ଲଗାହେଇ । ବାଙ୍କାରା, ଟିମ୍ପା, ରାଜକିଶୋର, ମହାରଣା ବାବୁ ଜୁନିୟର ଇଂଜିନିୟର, ବଡ଼ ବିଚକ୍ଷଣ, ବୁଦ୍ଧିମାନ

Digitized by srujanika@gmail.com

ଏସ.ଡି.ଓ ମୃଷା ବାବୁଙ୍କୁ ବହୁତ ସାହାଯ୍ୟ କରି, ନିର୍ଦ୍ଦିଷ୍ଟ ସମୟ ଭିତରେ ବନ୍ଧ ଠିକ୍ କରିଦେଲେ । ତିନି ମାସ ସୁଦ୍ଧା ବନ୍ଧ ପୂରା ହେଇଯିବାର ଦେଖି, ମୁଖ୍ୟ ଯନ୍ତ୍ରୀ ଏ.ବି. ଜେନା ରିବନ କାଟି, କେନାଲରେ ପାଣି ଛାଡିଲେ, ମୃଦଙ୍ଗ,ଢାଳ, ଶଂଖ ବଜାଗଲା, ମୁଖ୍ୟଯନ୍ତ୍ରୀଙ୍କ ବେକରେ ଫୁଲମାଳ ଦିଆଗଲା, କିନ୍ତୁ ଜେନାସାହେବ ଫୁଲମାଳଟି ମୃଷା ବାବୁଙ୍କ ବେକରେ ଦେଇ କହିଲେ, ବନ୍ୟା ପରେ, ପ୍ରଥମ କେନାଲ ତିଆରି କରି, କେନାଲରେ ପାଣି ଛାଡିଲେ ମୃଷାବାବୁ, ଏ ମାଳ ତାଙ୍କ ପାଇଁ ଯୋଗ୍ୟ ।

ମାର୍ଚ୍ଚ ମାସ ଅଣତିରିଶ ତାରିଖ ସୁଦ୍ଧା, ନିର୍ବାହି ଯନ୍ତ୍ରୀ ଲୋକନାଥ ମହାପାତ୍ରଙ୍କ ଟେବୁଲ ଉପରେ, ନବେ ଲକ୍ଷ ଟଙ୍କାର ବିଲ୍ । ମହାପାତ୍ର ସାର ସମସ୍ତ ଠିକାଦାରଙ୍କୁ ହାତ ଯୋଡି କହିଲେ ''ମୋ ପାଖରେ ଗୋଟିଏ ଟଙ୍କା ନାହିଁ । ଏଲ.ସି ସରିଯାଇଛି, ମୋତେ ହାଣ ମାର ଯାହା କରୁଛ କର, ଏଲ.ସି ନ ଆସିଲେ, ମୁଁ କାହାକୁ ପେମେଣ୍ଟ ଦେଇ ପାରିବି ନାହିଁ ।

ସବୁ ଠିକାଦାରମାନେ, ପାଟି କଲେ, ଏଲ.ସି କେବଳ ଆଣିପାରିବେ ଜଣେ ଏ.ସି.ଡି.ଓ, ମୃଷା ପଟ୍ଟନାୟକ । ମହାପାତ୍ର ସାହେବ ମୃଷା ବାବୁଙ୍କ ହାତଧରି କହିଲେ ଏ ବିପଦରୁ ମୋତେ ରକ୍ଷାକର, ମନ୍ତ୍ରୀଙ୍କୁ କହି କୋଟିଏ ଟଙ୍କାର ଏଲ.ସି ଆଣ, ନହେଲେ ଠିକାଦାର ମାନେ ମୋତେ ଛିଅନ୍ତା ଖାଇଯିବେ । ମୁଁ ସତ କହୁଛି, ଏଲ.ସି ନଆସିଲେ ମୁଁ ଆତ୍ମହତ୍ୟା କରିଦେବି ।

ମୃଷା ବାବୁ କହିଲେ ''ମୁଁ ନିଶ୍ଚୟ ଏଲ.ସି ଆଣିପାରିବି, କିନ୍ତୁ ଶପଥ କରନ୍ତୁ ମୋର ଠିକାଦାର ମାନେ, କୋଡିଏ ଲକ୍ଷ ଟଙ୍କା ବିଲ ଯେମିତି ଆଗ ପାଇବେ

ରାତି ବାରଟା ବେଳେ ଜିପଟିଏ ଧରି ମନ୍ତ୍ରୀଙ୍କ ଗେଟ ପାଖରେ ପହଞ୍ଚିଲେ ମୃଷାବାବୁ, ବାହାଦୁର ଚିହ୍ନିଥିଲା, କହିଲା ''ଏତନା ରାତ ହୋଗୟା ବାବୁଜୀ, ମନ୍ତ୍ରୀ ସାହେବ, ଅବି ଅବି ଶୋଗୟେ'' । ଭିତର ଲୋକଙ୍କୁ କହି ମନ୍ତ୍ରୀ ସାହେବଙ୍କ ରୁମ ଆଡେ ଗଲେ ମୃଷାବାବୁ, ପବିତ୍ର କହିଲା ମା ନାହାନ୍ତି, ମାଇଁ ଅଛନ୍ତି, ଆଉ ବୁଲୁ ବାବୁ, (ଅମିୟ ବାବୁ) ଅଛନ୍ତି । ଗୋଡ ଚିପି, ଚିପି ମନ୍ତ୍ରୀଙ୍କ ରୁମ ପାଖରେ ପହଁଞ୍ଚିଲେ ମୃଷାବାବୁ, ବାରଣ୍ଡାରେ ଆଲୁଅ, ମନ୍ତ୍ରୀଙ୍କ ଘରେ ନୀଳ ଆଲୋକ, ସୁସଜ୍ଜିତ କକ୍ଷ, ତିନିଜଣ ଶୋଇବା

ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ

Digitized by srujanika@gmail.com

ଶ୍ରୀମତୀ ରୁନୁ ପଟ୍ଟନାୟକ
(ମନ୍ତ୍ରୀଙ୍କର ଏକମାତ୍ର ସ୍ତ୍ରୀ)

ପରି ଡ୍ରିପଲ ବେଡ଼୍ ଭେଲ୍ ଭେଟ ଢ଼କିଆ ଆଉ ବହୁ ମୂଲ୍ୟବାନର ଚଦର, ମଝିରେ ଶୋଇଛନ୍ତି ମନ୍ତ୍ରୀ, ବଢ଼ିଆ ସୁନ୍ଦର ସୁପର ଫାଇନ ଧୋତିକୁ ଦୁଇ ପରସ୍ତ କରି ପିନ୍ଧିଛନ୍ତି । ଖାଲି ଦେହ, ବେକରେ ସୁନାର ହାର, ହାତରେ ସୁନା ମୁଦି ଅନେକ, ଗୋଟିଏ ହାତରେ ଅଷ୍ଟଧାତୁ ଖଚିତ ଭିଡ଼ା, (ଭବିଷ୍ୟତରେ ମୁଖ୍ୟମନ୍ତ୍ରୀ ହେବାପାଇଁ ହରଦ୍ୱାର ସନ୍ନ୍ୟାସୀଙ୍କ ପ୍ରଦତ୍ତ) ଅନ୍ଧାର ଘରର ଜ୍ୟୋତି ବଢ଼ାଇ ଦେଉଥାଏ ତାଙ୍କର ସୁନା ବରଣ ତନୁ, ଘରେ ଚନ୍ଦନ ଅଗର ବତୀ, ମନମୁଗ୍ଧକର ସୁଗନ୍ଧ, ଖଟ ଉପରେ ଗଡ଼ିଗଲେ ମୃଷାବାବୁ, ଏ ସୁଯୋଗ ଆଉ ଜୀବନରେ ଆସିବକି ନାହିଁ ସନ୍ଦେହ, ମନ୍ତ୍ରୀଙ୍କ ଘରେ, ମନ୍ତ୍ରୀଙ୍କ ଶଯ୍ୟାରେ, ମନ୍ତ୍ରୀଙ୍କ ସାଙ୍ଗରେ, ଶୋଇବାରେ ଯେଉଁ ମୋହ । ମୃଷାବାବୁ ଭାବିଲେ "ଏଇ.ସି ନହେଉ, ଠିକାଦାର ମାନେ ନିର୍ବାହି ଯନ୍ତ୍ରୀଙ୍କୁ ଘେରାଉ କରିଥାଉନ୍ତୁ, ନିର୍ବାହି ଯନ୍ତ୍ରୀ ଆତ୍ମହତ୍ୟା କରନ୍ତୁ, ତଥାପି, ସେ ଏଖଟ ଛାଡ଼ି ଯାଉନାହାନ୍ତି । ଘଣ୍ଟେ, ଦୁଇ ଘଣ୍ଟା ନୁହେଁ, ଦିର୍ଘ ଦୁଇ ଦିନଧରି ସେ ଶୋଇବେ" । ଧିରେ ଧିରେ ମନ୍ତ୍ରୀଙ୍କ ଉପରେ ହାତ ପକାଇଲେ, ନିଦ ତାଙ୍କର ଭାଙ୍ଗୁନି, ଭାବିଲେ, କେଉଁଠି ବସିବେ, ମୁଣ୍ଡ ପାଖରେ ନା, ଗୋଡ ପାଖରେ । ଶ୍ରୀକୃଷ୍ଣଙ୍କ ପାଖକୁ ଅର୍ଜୁନ ଆସିଛନ୍ତି ବର ପାଇବାକୁ, ବସିଲେ, ପାଦ ତଳେ, ଧିରେ ଧିରେ ପାଦ ସଂଚାଳନ କଲେ, ତଥାପି ନିଦ ଭାଙ୍ଗିଲା ନାହି ମନ୍ତ୍ରୀ ମହୋଦୟଙ୍କର, କେତେ ସୁନ୍ଦର ଅଙ୍ଗଲତା, କମନୀୟ ଗୋରା ତକ ତକ ଝଅଳିଆ, ରୁନୁ ଦେବୀ (ମନ୍ତ୍ରୀଙ୍କ ଏକ ମାତ୍ର ଲକ୍ଷ୍ମୀ ଠାକୁରାଣୀ ପରି ଶ୍ରୀମତୀ) ଙ୍କ ହାତ ସ୍ପର୍ଶରେ ଯାହାର ନିଦ ଭାଙ୍ଗେନା, ସେ କୋଉଠୁ ଭାଙ୍ଗୁଛି, ବୁଢ଼ା ଭିଣେଇ କର ଆବୁଡ଼ା ଖାବୁଡ଼ା ପଥର ପରି କଠିନ ହାତର ସ୍ପର୍ଶରେ, ବାଧ ହୋଇ ହାତ ଧିରେ ଧିରେ ଉପରକୁ ଉଠାଇଲେ । ନିଦ ଭାଙ୍ଗିବା ଯାଗାରେ, ଧିରେ ଧିରେ ହାତ ସଂଚାଳନ କଲେ, ହଠାତ ଚିତ୍କାର କରି ଉଠି ପଡ଼ିଲେ ମନ୍ତ୍ରୀ ସାହେବ, କିଏ ? କିଏ ? ଚୋର ? ଚୋର ? ମୃଷାବାବୁ କହିଲେ "ହଁ, ହଁ ମୁଁ ଚୋର ହେଲେ ବଡ଼ ଭିଣେଇ ନିରଞ୍ଜନ ଦାସ ଙ୍କ ପରି **କାମଚୋର** ନୁହେଁ, ସରକାରଙ୍କର କାମ ହେବା ପାଇଁ, ମୁଁ ହେଇଛି ଆଜି ଚୋର, ଅବସ୍ଥା ଅତି ଖରାପ ତେଣୁ ବାଧ ହୋଇ ରାତିରେ ଆସିଲି । ଆମ ନିର୍ବାହି ଯନ୍ତ୍ରୀ, ଲୋକନାଥ ମହାପାତ୍ର ଆତ୍ମହତ୍ୟା କରି ଦେଲେ । "କଣ କହୁଛ କହି ଭୋଭୋ କରି କାନ୍ଦି ଉଠିଲେ ମନ୍ତ୍ରୀ, "ଏତେ ଭଲ କାମିକା ସଚ୍ଚୋଟ ଇଂଜିନିୟର, ମୁଁ ତାଙ୍କୁ ନିଜେ

Digitized by srujanika@gmail.com

ଢେଙ୍କାନାଳରୁ ଆଣି, ଫୁଡ୍ ରିପାରିଙ୍ଗ୍ କାମରେ ପ୍ରାଚି ଡିଭିଜନରେ ରଖିଛି, ସେ ଆତ୍ମହତ୍ୟା କରିଦେଲେ" ତାଙ୍କ ପିଠି ଥାପୁଡାଇ, କାନ୍ଦବାନ୍ଦକଲେ ମୃଷାବାବୁ, "ଏତିକିରେ ଏତେ ଭାଙ୍ଗି ପଡିଲେ ଚଳିବ, ତୁ ମନ୍ତ୍ରୀ, ପୁଣି କୁଆଡେ ମୁଖ୍ୟମନ୍ତ୍ରୀ ହେବୁ । ଦେଖୁନୁ ମୁଖ୍ୟମନ୍ତ୍ରୀଙ୍କୁ, କେତେ ଧୈର୍ଯ୍ୟଶାଳୀ, ରାତି ଦୁଇଟା ବେଳେ ଦେଖାକଲେବି ସେହି, ହସ, ହସ ମୁହଁ, ସେହି ଦୃଢ଼ ଚେହେରା, ବହୁ ଗୁରୁତର ସମସ୍ୟାର, ପରିସ୍ଥିତିରେ ପଡିମଧ, ସେହି ଅବିଚଳିତ ମନ । ଆଉ ଅନ୍ୟ ମନ୍ତ୍ରୀମାନଙ୍କୁ ଦେଖନ୍ତୁ, କେତେ କେତେ ବଡ଼ ଅଫିସରମାନେ, ତାଙ୍କ ପାଇଁ, ଚାକିରିଯାଇ, ଆତ୍ମହତ୍ୟା ବି କଲେଣି । ଲୋକନାଥ ବାବୁ ମରି ନାହାନ୍ତି, ମରିବାକୁ ଯାଉଥିଲେ ମୁଁ ତାଙ୍କୁ ଅଟକେଇ ଆସିଛି, ବର ନେଇକରି ଯିବି, ନ ହେଲେ ସେ ମରିଯିବେ । ମନ୍ତ୍ରୀ ହସିଲେ, "ବହୁ ନାଟକ କଲଣି, କଣ ହେଇଛି କୁହ" ମୃଷାବାବୁ କହିଲେ, "ହବ ଆଉ କଣ" ସେହି "ଏଲ୍.ସି." **"ଲେଟର ଅଫ୍ କ୍ରେଡିଟ୍"** କି ଏଲ୍.ସି.ସିଷ୍ଟମ୍, ତୁମେମାନେ କଲ କେତାଣି, ଆଡ୍ମିନିଷ୍ଟ୍ରେଟିଭ୍ ଆପ୍ରୁଭାଲ୍ ହେଲା, ଟେକ୍ନିକାଲ୍ ସାଙ୍କସନ୍ ହେଲା, ଏଷ୍ଟିମେଟ୍ ପାସ୍ ହୋଇ ଠିକାଦାର ବାବୁମାନଙ୍କର ଟେଣ୍ଡର୍ ଫାଇନାଲ୍ ହେଲା, କାମ ସରିଲା, ଏଲ୍.ସି. ନଆସିଲେ, ପେମେଣ୍ଟ ବନ୍ଦ୍ । ଚାଲାଖ୍, ବୁଦ୍ଧିଆ ଓ ତୋଷାମଦ୍‌କରା ମୁଖ୍ୟଯନ୍ତ୍ରୀମାନେ, ମନ୍ତ୍ରୀଙ୍କୁ ତେଲେଇ, ଲାଞ୍ଚ ଦେଇ (ତୁ, ବ୍ୟତିକ୍ରମ ହୋଇପାରୁ)ଏଲ୍.ସି. ନେଇଯାଉଛନ୍ତି, ଆମ ମୁଖ୍ୟଯନ୍ତ୍ରୀ ଏ.ବି. ଜେନା ମନ୍ତ୍ରୀଙ୍କୁ ଡରି ତାଙ୍କ ପାଖ ପଶୁନାହାନ୍ତି କାଳେ, ବଡ଼ିବେଳ ପରି ପୁଣି Useless (ଇଉସ୍‌ଲେସ୍) ଶୁଣିବେ, ନିର୍ବାହୀଯନ୍ତ୍ରୀ ଲୋକନାଥ ବାବୁଙ୍କ ଟେବୁଲ୍‌ରେ କୋଟିଏ ଟଙ୍କା ବିଲ୍ ପାସ୍ ହୋଇପଡ଼ିଛି । ଏକ କୋଟି ଟଙ୍କାର ଏଲ୍.ସି. ଦିଅ, ନହେଲେ ସେ ଆତ୍ମହତ୍ୟା କରିଦେବେ" ।

ମନ୍ତ୍ରୀ ମହୋଦୟ ବଡ଼ ଦୁଃଖରେ କହିଲେ "କଣ କରିବା, ଏଲ୍.ସି. ସବୁ ସରିଯାଇଛି" ମୃଷାବାବୁ ଉଠିବାକୁ ଲାଗିଲେ, ତାହାହେଲେ ଯାଉଛି କହିଦେବି, ସେ ସବୁଦିନ ପାଇଁ ମରିଯାଅନ୍ତୁ" । ମନ୍ତ୍ରୀ କହିଲେ, "ହଉ ଅପେକ୍ଷା କର ଟିକିଏ, ରେଷ୍ଟ ନିଅ, ବହୁତ ଖରାପ ଦିଶୁଛି ଚେହେରା, କାହିଁକି ଏତେ ଖଟୁଛ, କିଛି ମୂଲ୍ୟ ଅଛି, ଏ ଯୁଗରେ ନିନ୍ଦୁକ ବହୁତ, କମ୍ ଲୋକ ଗୁଣ ପ୍ରଶଂସା କରନ୍ତି, ଜୀବନଭରି, ତ୍ୟାଗ କରି ଆସିଲ, ସମସ୍ତଙ୍କୁ ସାହାଯ୍ୟ କଲ, କିଛି ଫଳ ପାଇଲ, କାନ୍ତି ଦେଇକୁ ବି ଅନେଇ ହଉନି, ଜୀବନ ଭରି ଦୁଃଖରେ କଟାଇଲା, ସେ ନିଜ କଥା ଭୁଲିଯାଇ, ଅନ୍ୟମାନଙ୍କର ଉପକାର କଲା, କଣ ସେ ପାଇଲା, ମୃଷାବାବୁ ଆଖି ବୁଜୁ ବୁଜୁ କହିଲେ, ଆମେ ଆମ କର୍ତ୍ତବ୍ୟ କରୁଛୁ, ଫଳ ଆଶାରେ ନୁହେଁ "।

ସକାଳେ ମନ୍ତ୍ରୀ ଉଠାଇଲେ, ମୃଷାବାବୁଙ୍କୁ, କହିଲେ "ଚଞ୍ଚଳ ଯାଅ, ବିରେନ୍ ବାବୁଙ୍କୁ ଫୋନ୍ କରିଦେଇଛି, ସେ ଏକ କୋଟି ଟଙ୍କା ଏଲ୍.ସି. ଦେବେ," ହୌଡ଼ିଲେ

Digitized by srujanika@gmail.com

ମୃଷାବାବୁ ଅଫିସକୁ, ଲୋକନାଥ ମହାପାତ୍ର, ଏହା ଭିତରେ ଏଲ୍.ସି. ଆଣିସାରିଲେଣି, ମୃଷାକୁ କୁଣ୍ଢେଇ ଧରି କହିଲେ ତୁମ ଯୋଗୁ ମୋ ଇଜତ୍ ରହିଗଲା, ତୁମକୁ କି ପୁରସ୍କାର ଦେବି, ଆଲିଙ୍ଗନ ଭିତରୁ ମୃଷାବାବୁ ବାହାରି ଆସି କହିଲେ, ଆଲିଙ୍ଗନ ସେତିକି ଥାଉ, ''ସଲସଲ ଲାଗିଲାଣି'', ଆପଣଙ୍କର ଶପଥ ରଖନ୍ତୁ, ସେହି ଯଥେଷ୍ଟ । ଏଲ୍.ସି. ଆସିବା ଖବର ଶୁଣି, ଠିକାଦାର ବାବୁମାନେ ନିଦରୁ ଉଠି ଗାଧପାଣି ନପିଇ ମଦ ପିଇ ଆନନ୍ଦରେ ଡେଇଁଲେ, ନାଚିଲେ, ମୃଷାବାବୁ ଭାବିଲେ ସୋମରସ ଖାଇ ଯଦୁବଂଶ ଧ୍ୱଂସ ହେବାକୁ ଯାଉଛି । ଏତେ ଆନନ୍ଦ ଭିତରେ, ଏକ କୋଟି ଟଙ୍କା ଏଲ୍.ସି. କଥା ବ୍ୟାଙ୍କକୁ ଜଣାଇବା ଭୁଲିଗଲେ, ମହାପାତ୍ର ସାହେବ । ପୁଣି ଡକାଗଲା ମୃଷାବାବୁଙ୍କୁ ଯୁଦ୍ଧକୁ, ପୁଣି ବାହାରିଲେ ମୃଷାବାବୁ ସାଙ୍ଗରେ ବାବାଜୀ ଙ୍କେନାପରି ସାତ, ଆଠ ଜଣ, ମୋଟା, ପହିଲ୍‌ମ୍ୟାନ୍, ଠିକାଦାରଙ୍କୁ ଧରି । ଜିପ୍ ପହଞ୍ଚିଲା ଷ୍ଟେଟ୍‌ବ୍ୟାଙ୍କ ପାଖରେ, ଦେଖା ହୋଇଗଲା ବଟ ତ୍ରିପାଠୀ, ଆଇ.ପି.ଏସ୍. (ଏସ୍.ପି.) ଙ୍କ ସହ, ବଟବାବୁଙ୍କୁ ମୃଷାବାବୁ ନିଆଳି ହାଇସ୍କୁଲ୍‌ରେ ଡ୍ରାମା ଶିଖାଇଥିଲେ, ସେ, ନିଜେ ଜଣେ କଳାପ୍ରେମୀ ଅଭିନେତା ନାଟ୍ୟକାର , ମୃଷାବାବୁଙ୍କ ନିର୍ଦ୍ଦେଶିତ ନାଟକ ''ରାମରହିମ୍ ସିନେମାରେ ସେ ମୁଖ୍ୟ ରୋଲ ଖ୍ରୀଷ୍ଟିଆନ୍ ଫାଦର, ସୁନ୍ଦରୀ ନୂଆ ହିରୋଇନ୍ ''ଅପରାଜିତା''ଙ୍କ ବାପା । ଏବେ F.D.C ର M.D, ମୃଷାବାବୁଙ୍କ ପରି ବହୁ ବର୍ଷିୟାନ୍ କଳାକାରକୁ ''ରାଜେସ୍ ଖାନ୍ନା''ଙ୍କ ସହ, ହାତ ମଳାଇ ମୁଖ୍ୟମନ୍ତ୍ରୀଙ୍କ ଆଗରେ, ଧଳା ପଇସିଆ କାଗଜରେ ମାନପତ୍ର ଓ ଗୋଟାଏ ମୋଟା ଦେଢ଼ଫୁଟିଆ ହୀରକ ଫଳକ ଧରାଇ ଦେଲେ ସମୁଦାୟ ୫୦ ଟଙ୍କା ଦାମ ମୃଷାବାବୁଙ୍କ ୫୦୦(ଟାକ୍ସି ଭଡ଼ା) ଟଙ୍କା ପାଣିରେ ଗଲା, ସମସ୍ତଙ୍କ ପରି ତାଙ୍କର ଫୋପାଡ଼ି ଦେବାକୁ ଇଚ୍ଛାଥିଲେ ବି, କେମିତି କରିବେ ଆଗରେ ମୁଖ୍ୟମନ୍ତ୍ରୀ, ଶଶୁର, ଗୁରୁଜନ, ଆଉ ବଟବାବୁ ପ୍ରିୟ ସାନ ଭାଇ ପରି । ସେ ମୃଷାବାବୁଙ୍କୁ ବଡ଼ଭାଇ ବୋଲି ଡାକନ୍ତି, ତାଙ୍କ ପାଖରୁ ସବୁ ଶୁଣି ନିଜ ଜିପ୍ ଓ ତିନି ଗାରିଇଣ କନେଷ୍ଟବଲ୍ ଦେଲେ, ବ୍ୟାଙ୍କରେ ଏଲ୍.ସି. ଦେଖାଇ ରିସିଟ୍ ଆଣି ଫେରି ଧନ୍ୟବାଦ୍ ଦେଲେ, ବଟତ୍ରିପାଠୀଙ୍କୁ, ମୃଷାବାବୁ । ବାଟରେ ଠିକାଦାରମାନେ ଫୁଲ ଦୋକାନୀକୁ ଉଠାଇ ବଡ଼ ଫୁଲମାଳ ଆଣି ମୃଷାବାବୁଙ୍କ ବେକରେ ଗଳାଇ ଜିନ୍ଦାବାଦ୍, ଜିନ୍ଦାବାଦ୍, ଧ୍ୱନୀ କରିକରି ପହଞ୍ଚିଲେ, ଅଫିସ୍ ପାଖରେ । ବଡ଼ ଥକିପଡ଼ିଥିଲେ ମୃଷାବାବୁ, ଶୋଇଗଲେ, କେସିଅର୍‌ବାବୁଙ୍କ ରୁମ୍‌ପାଖ ଟେବୁଲ୍ ପାଖରେ । ଠିକାଦାରମାନେ ସେବା ଆରମ୍ଭ କଲେ, ରାତି ତିନିଟା, ଠିକାଦାରବାବୁମାନେ ମୃଷାବାବୁଙ୍କ ଉଠାଇ କହିଲେ ''ସାର୍ ଆପଣଙ୍କର ଠିକାଦାରବାବୁଙ୍କର ଚେକ୍ କଟାହେଉନି, ହେଉଛି ଅନ୍ୟମାନଙ୍କର'' ।

Digitized by srujanika@gmail.com

କୁମ୍ଭକର୍ଣ୍ଣ ନିଦରୁ ଉଠିଲା ପରି ମୃଷାବାବୁ ନିଦରୁ ଉଠି, ରୁଲ୍‌ବାଡ଼ିଟାଏ ଗଦାପରି ବୁଲାଇ ବୁଲାଇ ଡେଇଁ ପଡ଼ିଲେ ଅଧାକାଷ୍ଠ ଦେଇ, କେସିଅର୍‌ଙ୍କ ଟେବୁଲ୍ ଉପରକୁ, ସତେ ଯେମିତି ହନୁମାନ ଲଙ୍କା ଧ୍ୱଂସ କରିଦେବ, କେସିଅର୍‌ମାନେ ଓ ଏକାଉଣ୍ଟାଟ୍ ବାବୁ ଡରି, ଯେ ଯେଉଁଆଡ଼େ ଦୌଡ଼ିଲେ । ଲୋକନାଥ ବାବୁ ଖବର ଶୁଣି ଦୌଡ଼ି ଆସିଲେ କେସିଅର୍‌ଙ୍କ ରୁମ୍‌କୁ, ସବୁ କିରାଣୀମାନଙ୍କୁ ଗାଳିଦେଲେ, ମୃଷାବାବୁଙ୍କୁ ମାଡ଼ିବସିଲେ ସମସ୍ତେ, ମୃଷାବାବୁ ମହାପରାକ୍ରମୀ ପବନସୁତ ହନୁମାନ ପରି ଭୀଷଣ ରୂପ ଧାରଣ କରିଥାନ୍ତି, ନିର୍ବାହୀଯନ୍ତ୍ରୀଙ୍କୁ ଦେଖି ପାଟିକରି କହିଲେ "ସାର୍ ଆପଣ ମିଥ୍ୟାବାଦୀ, ଠକ୍, ମୁଁ କେନାଲ୍‌ରେ ପ୍ରଥମେ ପାଣି ଛାଡ଼ିଲି, ଏଲ୍.ସି. ଆଣିଲି, ବ୍ୟାଙ୍କ୍‌କୁ ଖବର ଦେଲି, ମୋ ଠିକାଦାର ବାବୁମାନଙ୍କର ଚେକ୍ ଆଗ କଟାନହୋଇ, ହେଉଛି ଅନ୍ୟମାନଙ୍କର ।

ମହାପାତ୍ରବାବୁ, ପରିସ୍ଥିତି ସମ୍ଭାଳିବାକୁ ସମସ୍ତଙ୍କୁ ଗାଳି ଦେଇ ବିଦାକରି ନିଜେ ଚେକ୍ ବହିଧରି ମୃଷାବାବୁଙ୍କ ଠିକାଦାରମାନଙ୍କ ଚେକ୍ ନିଜେ କାଟିଲେ । ଠିକାଦାରମାନେ ଚେକ୍ ଧରି ଦୌଡ଼ିଲେ, ଷ୍ଟେଟ୍‌ବ୍ୟାଙ୍କ୍ । ମାର୍ଚ୍ଚମାସର ଅକ୍ଳାନ୍ତ ପରିଶ୍ରମରୁ ସମସ୍ତଙ୍କୁ ବିଶ୍ରାମ ମିଳିଲା । କିନ୍ତୁ ବିଶ୍ରାମ ମିଳିଲା ନାହିଁ ଏଲ୍.ସି.କୁ, **ଧନ୍ୟ "ଲେଟର୍ ଅଫ୍ କ୍ରେଡିଟ୍",** ଧନ୍ୟ ତାର କରାମତି ।

Digitized by srujanika@gmail.com

ରୋଲର ଚୋର - ପ୍ରେମଚୋର

(ଦୁଇ ସତ୍ରୁ)

ମୃଷା ପଟ୍ଟନାୟକ

ନିରଞ୍ଜନ ଦାଶ

ମୁଖ୍ୟଯନ୍ତ୍ରୀ ଓ ନିର୍ବାହିଯନ୍ତ୍ରୀଙ୍କ ଅଫିସରେ ଚାରିଆଡ଼େ, ଆଲୋଚନା, ଇଂ. ମୃଷା ପଟ୍ଟନାୟକ ହୀରାକୁଦରେ ଥିବାବେଳେ ଗୋଟାଏ ରୋଲ୍‌ର ଚୋରି କରିନେଇଛନ୍ତି । ଏ ଖବର ଦେଇଛନ୍ତି ଷ୍ଟୋର୍ ଭେରିଫିକେସନ୍ ପାର୍ଟି । ସେମାନଙ୍କର ତ କିଛି କାମ ନଥାଏ, ଦରମା ବାବଦେ ଅନ୍ୟଆଡୁ ପଇସାଟିଏ ପାଇବାର ବାଟ ବି ନଥାଏ, ଯେଉଁଠୁ ଷ୍ଟୋର ଭେରିଫିକେସନ୍‌କୁ ଯାଆନ୍ତି ଦାୟିତ୍ୱରେ ଥିବା ଜୁନିଅର୍ ଇଂଜିନିୟର ଉପରେ କିଛି ବିପଦ ନରଖି, ସବୁ ଅସୁବିଧା ଲେଖି ଦିଅନ୍ତି, ପୂର୍ବର ବିଦାୟୀ ଜୁନିଅର ଇଂଜିନିଅରଙ୍କ ଉପରେ । ତାଙ୍କର ଭଲ ଭାବରେ ମନେଅଛି, ଉନେଇଶ ବାଉନ ସାଲରେ ସେ ଥିଲେ ହୀରାକୁଦରେ, ରୋଲର, ଟ୍ରାକ୍‌ଟର ଦାୟିତ୍ୱରେ, ସେ ଚାର୍ଜ ଦେଲାବେଳେ ଡ଼ିଟେଇ ଭାବରେ ବୁଝାଇ ଚାର୍ଜ ଦେଇଥିଲେ ସୁପର ଭାଇଜର ଗୌରୀଶଙ୍କର ସାହୁ (ଅବସର ପ୍ରାପ୍ତ ମେକାନିକାଲ୍ ମୁଖ୍ୟଯନ୍ତ୍ରୀ)ଙ୍କୁ କେତଟା ଷ୍ଟୋରରେ ଅଛି, କେତଟା ରିପାରିଙ୍ଗ୍ ପାଇଁ ୱାର୍କସପ ଯାଇଛି ।

ସେ ସବୁ ଭେରିଫିକେସନ ନକରି ସିଧା, ସିଧା ଲେଖି ଦେଲେ, ମୃଷାବାବୁ ରୋଲର ଚୋରି କରି ନେଇଛନ୍ତି । ଏ ତ କିଛି ସୁନା, ରୂପା, ପଇସା ପତ୍ର ହୋଇ ନି ଯେ, ପକେଟରେ ପୁରାଇ, ନେଇ ଯିବେ, ହସ ଲାଗିଲା ମୃଷାବାବୁଙ୍କୁ, କ୍ରେନ୍‌ରେ ଟେକାହୋଇ ଟ୍ରକରେ ବୁହାହୋଇ ଆସିବା ଜିନିଷ, ମୃଷାବାବୁ ନେଇଗଲେ ପକେଟରେ- ।

ତାଙ୍କର ଭଲ ଭାବରେ ମନେ ଅଛି ଟ୍ରକ, ବେଡ଼ିଙ୍ଗ ପତ୍ର କେତେଖଣ୍ଡ ଚେୟାର ଟେବୁଲ, ଆଲମିରା, ଖଟ, ଧନେଶ୍ୱର ପାତ୍ର, ଏ.ଇ (ଏବକାର ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ)ଙ୍କ ଟ୍ରକରେ ନେଇ ଆସିଥିଲେ, ଚଉଦ୍ୱାର ଦେଇ ମୁଣ୍ଡଳୀକୁ ।

Digitized by srujanika@gmail.com

ଯେ ଯାହାହେଉ, ଏକାଉଣ୍ଟ ଠିକ୍ କରିବାକୁ ପଡ଼ିବ, ନହେଲେ ଦରମା ଗଣ୍ଡାକ ବନ୍ଦ, ଚାରିଆଡ଼େ ଚିଠିପତ୍ର ଲେଖି ଶେଷରେ ଜାଣିଲେ, ପ୍ରତାପ ନଗରୀ ସବ୍‌ଡ଼ିଭିଜନରେ ଉନେଇଶ ବାଷଠୀ ସାଲ୍‌ରୁ ରୋଲର ଅଛି, ହୀରାକୁଦ ଓ୍ୱାର୍କସପ୍‌ରୁ ରିପାରିଙ୍ଗ୍ ପରେ ଆସିଥିଲା । ପ୍ରତାପ ନଗରୀରୁ ଡିଟେଲ୍ ରିପୋର୍ଟ୍ ନେଇ, ବୁର୍ଲା ଅଫିସରେ ଚାହା, ଜଳଖିଆ, ସାମାନ୍ୟ ଉତ୍‌କୋଚ୍ ଦେଇ, ରୋଲ୍‌ର ଚୋରି କେସରୁ ମୁକ୍ତ ହେଲେ । ଶ୍ରୀମତୀ ଘରୁ ଝାଡ଼ି ଝୁଡ଼ା କରି ଯାହା ପଇସା ଦେଇଥିଲେ ସବୁ ସରିଗଲା ରାତିମିଲ୍ ଆଉ ବସ୍‌ଭଡ଼ା ଭୁବନେଶ୍ୱରକୁ ନାହିଁ, ବହୁ ଚିହ୍ନାବନ୍ଧୁ ଦେଖା ହେଲେବି, ଧାର ମାଗିବାକୁ ଲାଜ ଲାଗିଲା ମୃଷାବାବୁଙ୍କୁ ।

ଠିକ୍ ଏତିକିବେଳେ ଜଣେ, ଇଲେକ୍ଟ୍ରିକାଲ୍ ଏସ୍.ଡି.ଓ.ଙ୍କ ସହ ଦେଖାହେଇଗଲା, ସେ ଅନେକ ଥର ବଡ଼ସଜୁ ନିରଞ୍ଜନ ଦାସ, ମୁଖ୍ୟଯନ୍ତ୍ରୀଙ୍କ ଘରକୁ ଭୁବନେଶ୍ୱର, ଭଗବତ ନିବାସ ଆସନ୍ତି, ସେ ମୃଷାବାବୁଙ୍କୁ ଡାକନ୍ତି ବଡ଼ଭାଇ, ସେ କହିଲେ "ସଜୁ ଭାଇ", ତୁମର, (ଆମ, ମୁଖ୍ୟଯନ୍ତ୍ରୀ) ବୁର୍ଲା ଡାକବଙ୍ଗଳାରେ ଅଛନ୍ତି । ମେ ଫିଲ୍, ବଡ଼ ବଢ଼ିଆ ଜମିଛି, କାଲି ସକାଳୁ କାର୍‌ରେ ଭୁବନେଶ୍ୱର ଯିବେ" । ତାଙ୍କୁ ଆଉ ଟଙ୍କା ଧାର ମାଗିବା ଦରକାର ପଡ଼ିଲା ନାହିଁ । କାରଣ ସେ ଏସ୍.ଡି.ଓ. ବଡ଼ ଚାଲାଖ, ଧାର ମାଗିଥିଲେ କହିଥାନ୍ତେ "ଏବେ ମାର୍ଚ୍ଚ ମାସ ଗଲା ପଚାଶ ଲକ୍ଷ, ଟଙ୍କାର ବିଲ ପେମେଣ୍ଟ କଲେ, ଅତି କମ୍‌ରେ ଦେଢ଼ ଲକ୍ଷ ଟଙ୍କା ପାଖରେ ରହିବା କଥା, ଧାର ମାଗୁଛ" ସମସ୍ତେ ଅନ୍ୟମାନଙ୍କ ଗୋହି ଖୋଲିବାରେ ସିଦ୍ଧହସ୍ତ - ନିନ୍ଦୁକ ଗୁଡ଼ା ।

ନମସ୍କାର କରି ଚାଲିଗଲେ, ସଜୁଭାଇ ରହୁଥିବା ଗେଷ୍ଟ ହାଉସ୍ ପାଖକୁ । ବାହାଦୁର ଦେଖି ସାଲୁଟ୍ ମାରିଲା । କାର ଠିଆ ହେଇଥାଏ, ଡ୍ରାଇଭର, ଯାଇଛି ସେକେଣ୍ଡ ସୋ । ପାହାନ୍ତାକୁ ଆସି ସାହେବଙ୍କ ଡିଉଟି କରି ସକାଳ ସାତଟାରେ ସାହବଙ୍କୁ ଧରି ଭୁବନେଶ୍ୱର, ଯିବ । ସବୁ ଖବର ପାଇଗଲେ ମୃଷାବାବୁ ବାହାଦୁର ଠାରୁ । ଉପରକୁ ଯିବାକୁ ଚାହିଁଲେ ମୃଷାବାବୁ, ଉପରକୁ ଛାଡ଼ିଲା ନାହିଁ, ମୃଷାବାବୁଙ୍କୁ କହିଲା "ସାହେବକା ହୁକୁମ କୋଇ ଉପର ନେହିଁ ଯାଏ ଗା, ଆପଣ, ରେଡ଼ ଲାଇଟ୍ ଦେଖେତେ ନେହିଁ "। ବଡ଼ ଅସୁବିଧାରେ ପଡ଼ିଲେ ମୃଷାବାବୁ, ବହୁତ ଅନୁରୋଧ କଲେ, କହିଲେ, "ମୁଖ୍ୟଯନ୍ତ୍ରୀ ଖୋଦ୍ ବଡ଼ସଜୁଭାଇ ବୋଲି, ଚାଲାଖରେ ଦଶଟଙ୍କା ଧରାଇ ଦେଲେ, ବାହାଦୂର ହାତରେ, ଚାହା, ଖାଅ, ହାମାର ବଡ଼ାସାହେବ ସେ ଦେଖାକରନା ବଡ଼ ଜରୁରି" । ଟଙ୍କା ପାଇଲା ପରେ ବାହାଦୂର କହିଲା "ଠିକ୍‌ହେ, ଠିକ୍‌ହେ, ଆପ୍ ଖୋଦ୍ ରିସ୍ତିଦାର, ଯାଇଏନା" ।

ଉପରକୁ ଯାଇ, ଅଧାବୁଜା, କବାଟ, ଠେଲି ଦେଇ ଦେଖିଲେ, ରୁମ୍‌ରେ ନିଳ, ବେଡ଼୍ ଲାଇଟ୍, ବଡ଼ ଅସୁବିଧା ଅବସ୍ଥାରେ ଥିଲେ, ସଜୁଭାଇ, ହଠାତ୍ ପାଟିକରି ଉଠିଲେ । ତୁମେ କେମିତି, ତୁମେ କେମିତି, ଉପରକୁ ଆସିଲ, ଅଧାଖୋଲା ଅଣ୍ଡରଓ୍ୱାରକୁ

Digitized by srujanika@gmail.com

ଗାଉଳେରେ ଲୁଚାଇ, ଠେଲି, ଠେଲି, ନେଇ ଆସିଲେ, ବାରଣ୍ଡାକୁ । ମୃଷାବାବୁ କିନ୍ତୁ ଭିତରର ସବୁ ଗୁପ୍ତଦୃଶ୍ୟ ଦେଖିସାରିଥିଲେ, ମୃଷାବାବୁ କିଛି ଖାଇନାହାନ୍ତି କଥା, କହିଲେ, ନିରଞ୍ଜନ ଭାଇ ବହୁତ ଭଲ ପାଆନ୍ତି, ସ୍ନେହ କରନ୍ତି, କହିଲେ "ଦୁଃଖ କରନା, ଆଉ ସୁଟରେ ଭଲ ଖାଇବା ଥୁଆ ହୋଇଛି, ଖାଇକରି ରେଷ୍ଟ ନିଅ, ସକାଳୁ ସାତଟାରେ ଭୁବନେଶ୍ୱର ଯିବା, ହେଲେ ମୁଁ ଆଗ ବାହାଦୂର କଥା ବୁଝେ । ଶଳାକୁ ଏତେ କରି ବୁଝାଇଥିଲି, ସେ କେମିତି ତୁମକୁ ଉପରକୁ ଛାଡ଼ିଲା, ତୁମେ ମୋର ନିଜ ଲୋକ ବୋଲିସିନା ଅନ୍ୟ କେହି ହୋଇଥିଲେ, ଅବସ୍ଥା କଣ ହୋଇଥାନ୍ତା । "ଥାନାବାଲାଙ୍କ ନଜର ସବୁବେଳେ ମୋ ଉପରେ" ।

ଡାକିଲେ - "ବାହାଦୁର, ବାହାଦୁର, ବାହାଦୁର" - ବାହାଦୁର ତଳୁ କହିଲା - ହାଁ ବାବୁଜୀ , ନିରଞ୍ଜନଭାଇ ପାଟିକଲେ, "ଶାଲା, ତୁମକୁ କ୍ୟା ବୋଲାଥା, ଯୋ ନାହିଁ ଓ ଆଏଗା ଉପର, ଛୋଡ଼୍ ଦେଏଗା, ଐସା ଇଗତ ହେ । ମୁଁ ତୁମର ନୌକରି 'ଖାଇଯାଏଗା, "ମୃଷାବାବୁ ହସିହସି ଗଡ଼ିଗଲେ ଶତ୍ରୁଭାଇଙ୍କ ହିନ୍ଦି ଶୁଣି, ରୁମ୍‌କୁ ଗଲେ, ରୁମ୍‌ରେ ଦେଖିଲେ, ଫଳ ଅଙ୍ଗୁର, କଦଳୀ, ଚପାଟି, ଚିଲିଚିକିନ୍ ଅନେକ କିଛି, ପେଟେ ଖାଇ, ନିରଞ୍ଜନ ଭାଇଙ୍କୁ କହିଲେ "ଗୁଡ୍ ନାଇଟ୍ କିଛି ଦୁଃଖ କରନା, ତୁମ ପ୍ରେମ ଚୋରି କଥା, ମୁଁ କେବଳ ଦେଖିଛି, ତେଣୁ ଥାନାକୁ ଯିବା ଦରକାର ପଡ଼ିବ ନାହିଁ ।

ତାପର ଦିନ ସକାଳ, ଦୁଇସତ୍ରୁ ହସି ହସି କାର୍‌ରେ ବସି ଆସିଲେ ରାଜଧାନୀ, ବାଟରେ ମୃଷାବାବୁ କହିଲେ ବୁଝିଲ ନିରଞ୍ଜନଭାଇ ମୁଁ ରୋଲ୍‌ର ଚୋରୀର ମୁକ୍ତି ପାଇଲି ଆଉ ତୁମେ ପ୍ରେମ ଚୋରୀରୁ ବି ମୁକ୍ତି ପାଇଲ, ଶପଥ କରି କହୁଛି କାହା ଆଗରେ କହିବି ନାହିଁ, ହେଲେବି ବଡ଼ ବିଶ୍ୱାସଘାତକ ମୃଷାବାବୁ, ଶ୍ରୀମତୀ କାନ୍ତିଲତାଙ୍କ ପ୍ରେରଣାରେ ଜୀବନର ସବୁ ସତ ଘଟଣା, ଜିବନୀ ପାଣ୍ଡୁଲିପିରେ ଲେଖୁଛନ୍ତି ଏ ସତକଥା, ତେଣୁ ଲେଖିଦେଲେ ଶ୍ରୀମତିଙ୍କ ଖାତିରିରେ, ଶ୍ରୀମତୀ ତାଙ୍କୁ ସବୁବେଳେ ସନ୍ଦେହ କଲେବି "ସେ, ତାଙ୍କର ଗୋଟିଏ ମାତ୍ର ସ୍ତ୍ରୀ" ତେଣୁ ସତକଥା ଲେଖିବାକୁ ଯାଇ ଲେଖିଦେଲେ **"ଦୁଇସତ୍ରୁ, ରୋଲର ଚୋର ମୃଷା ପଟ୍ଟନାୟକ ଆଉ ପ୍ରେମଚୋର ନିରଞ୍ଜନ ଦାସ"**

❋ ❋ ❋

Digitized by srujanika@gmail.com

ଡାବାମାଲିକ

ଦିନେ ସକାଳେ, କମଳ ଲୋଚନ ମହାନ୍ତି ଖବର ପଠାଇଲେ "ସତୁ ଶୁଣି ଖୁସିହେବ, ତୁମର ଅଭିନିତି, ନିର୍ଦ୍ଦେଶିତ ନାଟକ"ରାମରହିମ" ସିନେମା ହେଉଛି, ପ୍ରଯୋଜକ ମୋ ବଡ଼ପୁଅ ଚିନ୍ତ ମହାନ୍ତି, ତୁମ ପାଇଁ ବଢ଼ିଆ ରୋଲ୍‌ଟିଏ ଅଛି, ଚଞ୍ଚଳ ତାକୁ ଦେଖାକର ଏ ଖବର ଶୁଣି, ମୃଷାବାବୁ ଦୌଡ଼ିଲେ, ରାଜମହଲ ଛକ, ପଦର, କୋଡ଼ିଏ ପହିଲମାନ ଟୋକାଙ୍କ ଗହଣରେ ଥାନ୍ତି ଚିନ୍ତବାବୁ ସକାଳୁ, ସକାଳୁ ମାଲ୍ ପଡ଼ିଯାଇଥାଏ, ତେଣୁ ସମସ୍ତଙ୍କର ମୁଡ୍‌ଥାଏ ବଢ଼ିଆ । ମୃଷାବାବୁ କହିଲେ ଆରେ ଚିନ୍ତ ,କଣ୍ଟ୍ରାକ୍ଟ ଫର୍ମଟା ଦେ, ମୁଁ ଦସ୍ତଖତ କରିଦେଇଯାଏ,"ହାତଯୋଡ଼ି ପ୍ରଯୋଜକ କହିଲେ "ମୁଁ ବଡ଼ ଦୁଃଖିତ ମଉସା, ଆପଣଙ୍କ ପାଇଁ ରୋଲ୍ ନାହିଁ, ଆପଣଙ୍କ ପାଇଁ ମନୋନିତ ହେଇଥିବା ରୋଲ୍‌ଟି ହେମନ୍ତ ଦାସ କରିବେ" ମୃଷାବାବୁଙ୍କର ମୁହଁ ସୁଖିଗଲା କହିଲେ,"ବାପାଙ୍କ ସାଙ୍ଗରେ ବସି ନାଟକ ଲେଖାଇଲି, ମୁଖ୍ୟ ଚିରିତ୍ରରେ ଖେଳ୍‌କରି, ଉଚ୍ଚକୋଟିର ନିର୍ଦ୍ଦେଶନା ଦେଇ, ଓଡ଼ିଶାସାରା ଚହଳ ପକାଇଦେଲି, ଛବିରେ ଛୋଟ, ବଡ଼ ଶହେ ଉପରେ ରୋଲ୍‌ଥିବ, ମୋ ପାଇଁ କୌଣସି ଗୋଟାଏ ରୋଲ୍ ନାହିଁ ଠିକ୍ ଅଛି" । ମନ ଦୁଃଖରେ ପହଞ୍ଚଗଲେ କମଳବାବୁଙ୍କ ପାଖରେ, କମଳବାବୁ, ଗୁଡ଼ାଖୁ ଘଷୁଘଷୁ କହିଲେ, "ଦୁଃଖ କରନି ସତୁ, ଏତ ଆମ ଯୁଗ ନୁହେଁ, ଏ ଯୋଉଁ ଭୋଟଯୁଗ ହେଲାଣିନା, ସମୟ ଆସିବ, ମୋ ପୁଅ ଝିଅ ଭୋଟ ଦେବେ, ମୁଁ ତାଙ୍କ ବାପ ନୁହେଁ ବୋଲି"।

ଏହା ଭିତରେ ବହୁତ ଦିନ ଚାଲିଗଲା, ମାର୍ଚ୍ଚମାସ ତିରିଶ ତାରିଖ ଗୋଟିଏ ନିରୋଳା କୋଠରୀରେ ଜୁନିଅର୍ ଇଂଜିନିୟରମାନଙ୍କୁ ଧରି ବିଲ୍ ତିଆରି କରାଉଥାନ୍ତି ଇଂ.

Digitized by srujanika@gmail.com

ମୂଷାବାବୁ, ଶହେ ଉପରେ ଠିକାଦାର, ମଟର ସାଇକେଲ୍, କାର୍ ଅଫିସ ଆଗରେ ଠୁଳ, ହଠାତ୍ ଗୋଟିଏ କାର୍ ଭିତରୁ ବାହାରି ପଡ଼ିଲେ ଚିତ୍ତ ମହାନ୍ତି, ପ୍ରଯୋଜକ, କହିଲେ "ସେଦିନ ଦୁଃଖରେ ଚାଲିଆସିଲେ, ମଉସା, ଆମେମାନେ ପରେ ଠିକ୍ କଲୁ ଆପଣଙ୍କୁ ଆଉ ଗୋଟିଏ ବଢ଼ିଆ ରୋଲ୍ ଦିଆଯିବ, ଆପଣ, ମଦୁଆ, ଢାବାମାଲିକ, ଖଣ୍ଡଗିରି ଛକରେ ସୁଟିଂ, ଶୀଘ୍ର ଆସନ୍ତୁ" ହସ ଲାଗିଲା ମୂଷାବାବୁଙ୍କୁ, ଯେ ଜୀବନରେ ଥରେ ହେଲେ ମଦ ପିଇନି, ଏଇତି ପାଇଁ ବାପାଙ୍କର ଭାରତ ଆବିଷ୍କାର ବହିରେ ନିର୍ଦ୍ଦେଶନା ଦେଇପାରିବି ନାହିଁ ବୋଲି । କଟକରୁ "ବାବୀ"ବାବୁଙ୍କୁ ଡାକିବେ ବୋଲି, ବାପା, ମୋତେ ଡରାଉଥିଲେ । ମୁଁ ପୁଣି ସେହି ମଦୁଆ ରୋଲ୍ କରିବି, ଠିକ୍ ଅଛି, କିଛି ପର୍‌ବାୟ ନାହିଁ ବହୁବାର, ମଦ ନଖାଇ ମଧ୍ୟ, ମଦୁଆ ଅଭିନୟ କରି, ଦର୍ଶକଙ୍କୁ ଖୁସି କରିପାରିଛି" ସିଧା, ସିଧା, ବସି ପଡ଼ିଲେ କାର୍‌ରେ । ଠିକାଦାରବାବୁମାନଙ୍କର କାମ ସରିନଥାଏ, ମଟର ସାଇକେଲ୍, କାର୍ ଛୁଟାଇଲେ, ଖଣ୍ଡଗିରି ଛକ, ସୁଟିଂ ପାଇଁ ସବୁ ପ୍ରସ୍ତୁତ । ମୂଷାବାବୁ ଭାଦୁଆ, ମଦୁଆ ବେଶ ହେଇ ରହିଲେ, କାଉଣ୍ଟର ଟେବୁଲ୍ ପାଖରେ, ଭିତରେ ଥାଏ, ଢାବା ବଏ, ରାମୁ । ସୁଟିଂ ଆରମ୍ଭ ହେଲା ହଠାତ୍ ଜିପ୍‌ରୁ ଓହ୍ଲେଇ ପଡ଼ିଲେ ଦଶ, ବାରଜଣ, କଲେଜ ପିଲା, ଆଉ ଗୋଟିଏ ସୁନ୍ଦରୀ ବ୍ଲାକ୍ କୁଇନ୍ "ଜୟା"। ଗ୍ରୁପ୍‌ରେ ଥିଲେ, ବିଜୟ ମହାନ୍ତି, ଅସିତ୍ ପତି, ଶ୍ୟାମେନ୍ଦୁ, ଦେବୁବ୍ରହ୍ମା, ଅରବିନ୍ଦ, ମନୋଜ ପଟ୍ଟନାୟକ, ଦୁସମନ୍ତ ତୁଙ୍ଗ, (ପିଣ୍ଟୁ) ଓ କିର୍ତ୍ତୀକୁମାର (ଲିପୁ) ଆଉରି ଏମିତି କେତେ କଲେଜ ଟୋକା, ବରାଦ ହେଲା, ବିରିଆନୀ, କିମା, କଟ୍‌ଲେଟ୍ ଚିଲ୍ଲିଚିକେନ୍, ମୂଷାବାବୁ, ମନେ ମନେ ହିସାବ କରୁଥାନ୍ତି, ବିଲ୍ ଅଠରଶହ ଟଙ୍କା ଉପରକୁ ଉଠିଗଲାଣି, ହଠାତ୍ ଖଲ, ଅଭିନେତା ବିଜୟ ମହାନ୍ତି ପର୍ସ କାଢ଼ିଦେଖିଲେ, ଗୋଟିଏ ହେଲେ ପଇସା ନାହିଁ ପର୍ସରେ, ପୁଣି ବରାଦ କଲେ, Special Tea Double Cup, ଦଶଗା, କୁଇକ୍, ଭେରି କୁଇକ୍ । "ରାମ"ୁ ଢାବାମାଲିକଙ୍କ କାନରେ କହିଲା, କ୍ଷୀର ସରିଯାଇଛି, ସ୍ପେସିଆଲ୍ ଚି, ହେବ କେମିତି ? ଢାବା ମାଲିକ (ମୂଷାବାବୁ) କହିଲେ "ଟାଲୁ, ଚାହା ଚଲେଇ ଦେ", ଟାଲୁ ଚା', ଟାଲିଲା ବିଜୟବାବୁ ହଠାତ୍ ଦେଖିଲେ, ତାଙ୍କ ଚା'ରେ ପିମ୍ପୁଡ଼ି, ପାଟିକରି ଉଠିଲେ, ଚାହାରେ ପିମ୍ପୁଡ଼ି, ସମସ୍ତେ ପାଟିକରି ଥ, ଥ କରି ବାନ୍ତିକଲେ, ଚାହାରେ ପିମ୍ପୁଡ଼ି, ଚାହାରେ ପିମ୍ପୁଡ଼ି, ଶଳା ଢାବାମାଲିକ କୋଉଦିନ "ବିଷବି" ଖାଇବାକୁ ଦେଇଦେବ", ଚାଣିଆଣି, ବାଡେଇ ଗାଲିଲେ ରାମୁକୁ, ରାମୁ, ବାପଲୋ ମାଆଲୋ, ମରିଗଲି କହି, ପାଟିକରି ଚାଲିଥାଏ । ନିଶକୁ, ମୋଡ଼ି ମୋଡ଼ି ବୀର ଦର୍ପରେ, ଢାବାମାଲିକ, ଯୁଦ୍ଧ ମୈଦାନ ଉପରକୁ, ଚାଲିଆସିଲେ, "କଣ, କଣ ହେଉଛି ଏଠି । ରାତି ଦୁଇଟା ବେଳେ, ମୋ ଢାବାରେ ଗୁଣ୍ଡାମି"? ବିଜୟବାବୁ ଆଖି ପାଖକୁ ଆଣି କପ୍ ଦେଖାଇ କହିଲେ, ଏ କଣ ? ଢାବା ମାଲିକ କହିଲେ "ତୁମକୁ ସିନା ନିଶା ଯୋଗୁଁ ଦିଶୁନି, ମୋତେ ଠିକ୍ ଦିଶୁଛି ।

Digitized by srujanika@gmail.com

ପିମ୍ପୁଡ଼ି'', ଭିଲିଏନ୍ ବିଜୟ ମହାନ୍ତି ଚିତ୍କାର କରି କହିଲେ, ଆଜି ପିମ୍ପୁଡ଼ି ଦେଉଛ, କାଲି ଟାହାରେ ବିଷ ଦେଇପାର'', ମୃଷାବାବୁ, ଢାବାମାଲିକ, ବଡ଼ ଜୋର୍‌ରେ ହାତ ହଲେଇ କହିଲେ ''ବିଲ୍ ହେଲାଣି, ଅଠର ଶହ ଉପରେ,ପଇସା ଯାହାଦେବ ତା ମା, ଗଙ୍ଗେ ଜାଣନ୍ତି, ରାତି ଦୁଇଟା ଉପରେ ସ୍ପେସିଆଲ୍ ଟି ମାଗୁଛ, ଟା'ରେ ପିମ୍ପୁଡ଼ି ନଭାସି କଣ, ହାତୀ ଭାସିବ, ଆଉ ତର ମିଳିଲା ନାହିଁ, ବସିଗଲା, ବିଧା, ଗୋଇଠା, ଚାପୁଡ଼ା, ଚାରି ପାଞ୍ଚଜଣ ମାଡ଼ି ବସିଲେ ମୃଷାବାବୁଙ୍କୁ ପ୍ୟାଣ୍ଟ ସାର୍ଟ ଚିରି ଫୋପାଡ଼ି ଦେଲେ, ଚେୟାର୍, ଟେବୁଲ୍ କପ୍ ପ୍ଲେଟ୍ ସବୁଭାଙ୍ଗି ଚୁରମାର୍ କରି ଫୋପାଡ଼ି ଦେଲେ ମୃଷାବାବୁଙ୍କ ଉପରେ ଭୂଇଁରେ ରକ୍ତାକ୍ତ ଅବସ୍ଥାରେ, ବାପଲୋ ମାଆଲୋ କହି ତଳେପଡ଼ି ଛଟପଟ ହେଉଥାଆନ୍ତି ମୃଷା ପଟ୍ଟନାୟକ, ଯେ ଯୁଆଡ଼େ ପଳାଇଲେ, ସୁଟିଂ ବନ୍ଦ (ପ୍ୟାକ୍‌ଅପ୍) ।

ମୃଷାବାବୁଙ୍କୁ ଭଗ୍ନ ସ୍ତୂପ ଭିତରୁ ଉଠାଇଲେ, ଠିକାଦାର ମାନେ, କାର୍‌ରେ ବସାଇ ଆଣିଲେ, ଅଫିସ୍‌କୁ, ଘରୁ ସାର୍ଟପେଣ୍ଟ ମଗାଇ, ପୁଣି, ଅଫିସ କାମ ଚାଲିଲା ରାତି ଦଶଟା, ପୁଣି କାର୍‌ରେ ଆସି ପ୍ରଯୋଜକ ମହାଶୟ କହିଲେ ''ଆର ସିନ୍‌ଟା ହେବ ଆପଣଙ୍କର କ୍ଷତି ପାଇଁ ଆପଣ ପ୍ରତିଶୋଧ ନେବେ, ଏଥର, ଯୁଦ୍ଧରେ, ଆପଣଙ୍କର ଜୟ ସୁନିଶ୍ଚିତ । ମୃଷାବାବୁ ଏଥର କାର୍‌ରେ ନଯାଇ, ନିଜ ମଟର ସାଇକଲ୍ ନେଇଗଲେ, କାରଣ, ସୁଟିଂ ସରିଲା ବେଳକୁ ରାତି, ତିନିଟା, ଚାରିଟା, ହେଇପାରେ । ଠିକାବାରବାବୁମାନଙ୍କର ଯଦି କାମ ସରିଯାଇଥାଏ, ଆଉ, ସେମାନେ ସାର୍‌ଙ୍କ ପାଇଁ ଅପେକ୍ଷା କରି ବସିବେନି, ତେଣୁ ମଟର ସାଇକଲ୍ ନେଲେ, ଘରକୁ ଫେରିବା ସୁବିଧା ହେବ ।

ଢାବାର ନୂଆ କଳେବର, ଧନ୍ୟ କହିବ ଅସୀମ୍ ଦାଦା, (ଅସୀମବସୁ) କଳା ନିର୍ଦ୍ଦେଶକଙ୍କୁ, ଯେମିତି ମନେହୁଏ ଢାବାରେ କିଛି କ୍ଷତି ହେଇନି, ଟେବୁଲ୍ ଉପରେ ଗୋଟାଏ ବଡ଼ ଟ୍ରାନ୍‌ଜିଷ୍ଟର, ଟେବୁଲ୍ ପାଖରେ ପାଣି ଭର୍ତ୍ତି ହେଇଥିବା ଗୋଟାଏ ବଡ଼ ପାଣିକୁଣ୍ଡ, ଟଙ୍ଗା ହେଇଥାଏ, ତିନି, ଚାରିଟା ବଡ଼ କଦଳୀକାନ୍ଦୀ ଦଶଇଞ୍ଚ୍ ଲମ୍ବାର, ଲମ୍ବା, ଲମ୍ବା ବଡ଼ବଡ଼ ବନ୍ତଲ କଦଳୀ ଦେଖିଲେ ପାଟିରୁ ନାଳବହେ, ଟ୍ରାନ୍‌ଜିଷ୍ଟର ବଜାଉଥାନ୍ତି ଢାବାମାଲିକ ମୃଷାବାବୁ ଗୀତର ତାଳେ ତାଳେ, ଟେବୁଲ୍ ଉପରେ ହାତର ତାଳ ପଡୁଥାଏ । ହଠାତ୍ ଦେଖିଲେ ଆଗରେ ଠିଆହେଇଛନ୍ତି ଦଶ, ବାରଜଣ ଗୁଣ୍ଡା, ଛ,ଫୁଟ ଉପରେ ଉଚ୍ଚା କଳାଡ୍ରେସ୍ ମୁଣ୍ଡରେ ଟୋପି, ସତେ ଯେମିତି ଗୋଟାଏ ଗୋଟାଏ ରାକ୍ଷାସ, ତାଙ୍କୁ ଦେଖି ଲୁଗାରେ ଝାଡ଼ା ହେଇଗଲା ପରି ଲାଗିଲା ମୃଷାବାବୁଙ୍କୁ ଡରିଡରି ପଚାରିଲେ ''ତୁମେ-ତୁମେ-ସବୁ-କିଏ? ଗୁଣ୍ଡାର ସର୍ଦ୍ଦାର କହିଲା ''ମୁଁ ଜମ୍ବୁସେଠୀ ଗୁଣ୍ଡାଙ୍କ ସର୍ଦ୍ଦାର ଆମେ ଆସିଛୁ ମାଡ୍ରାସରୁ ଆପଣଙ୍କ ଢାବାର କ୍ଷତି ପାଇଁ ପ୍ରତିଶୋଧ ନେବୁ'' ମୃଷାବାବୁ କହିଲେ କାହିଁ କଟକ, ଭୁବନେଶ୍ୱର, ବରମପୁରରେ କଣ ଗୁଣ୍ଡାର ଅଭାବ, ଏତେ ବାଟ ମାଡ୍ରାସରୁ ଆସିଛ,

Digitized by srujanika@gmail.com

ଜଗୁସେଠୀ ହସିହସି କହିଲେ, ଏପରା ସିନେମା, ଫାଇଟିଙ୍ଗ୍ ମାଷ୍ଟର ଜଗୁସେଠୀ ନା ଶୁଣିଲେ ସିନେମା ବକ୍ସ ଅଫିସ୍ ହିଟ୍ ହେବ ଜାଣନ୍ତି ଗୋଟାଏ ଦିନ ସୁଟିଂ ପାଇଁ, ଆମ ଚାର୍ଜ ୨୫୦୦୦ (ପଚିଶି ହଜାର) ଟଙ୍କା ଭଲ ଭଲ, ଖୁବ୍ ଭଲ ଲାଗିଯାଉ ଯୁଦ୍ଧ, ଠିକ୍ ରାତି ଗୋଟାଏ, ପୁଣି ଆସି ପହଞ୍ଚିଲା ସେହି ଜିପ୍ ଜିପ୍‌ରୁ ଆଉ କଲେକ୍ ଗୋକାଙ୍କୁ ଓହ୍ଲେଇବାକୁ ଦେଲେନି ଗୁଣ୍ଡାମାନେ, ମାରିଚାଲିଲେ, ବିଧା, ଗୋଇଠା ଚାପଡ଼, ଟେକି ଫୋପାଡ଼ି ଦେଲେ ଗୋଟେ, ଦୁଇଟାଙ୍କୁ ପଥର ଉପରକୁ, ପଥରରେ ମୁଣ୍ଡ ବାଜି, ରକ୍ତ ବାହାରି ଚାଲିଥାଏ, ଦେବୀ ବ୍ରହ୍ମାଙ୍କୁ ବୁଲାଇ, ବୁଲାଇ, ଫୋପାଡ଼ି ଦେଲେ ତା ପାଟିରେ ଗଳିଗଲା, ଦୁଇ, ତିନିଟା ଇୟା କଦଳୀ ଖଣ୍ଡିରିଛନ୍ତି, ରଣକ୍ଷେତ୍ରରେ ପରିଣତ ହେଇଗଲା, ଏଦୃଶ୍ୟ ଢାବା ମାଲିକଙ୍କୁ ବଢ଼ିଆ ଲାଗୁଥାଏ, ତାଳଦେଇ କହୁ ଥାଆନ୍ତି - "ଧା, ତେରେକେଟେ ଧା, ଧା, ତେରେକେଟେ ଧା , ତାଙ୍କ ଉପରେ ନଜର ପଡ଼ିଗଲା ଭିଲେନ୍ ବିଜୟ ମହାନ୍ତି ଆଉ ଅସିତ୍‌ପତିଙ୍କର, ଟେକି ନେଇ, ବୁଲାଇ, ବୁଲାଇ, ପାଣିକୁଣ୍ଡ ଭିତରେ ଭର୍ତ୍ତିକରି ଦେଲେ, ଉପ୍‌ବସ୍ ଉପ୍‌ବସ୍ କରି ଦେଲେ ପନ୍ଦର କୋଡ଼ିଏ ଥର, ପେଟେ ପାଣି ମୃଷାବାବୁଙ୍କ ପେଟରେ, ସୁଟିଂବନ୍ଦ, ପାଣିକୁଣ୍ଡ ଭିତରୁ ବହୁ କଷ୍ଟରେ ଉଠାଇଲା ମୃଷାବାବୁଙ୍କର ପ୍ରିୟ ସାନଭାଇ ପରି, ଜଦୁପୁରର ସୟଦ୍ ଅଲ୍ଲୀ ଜୁନେଦ୍ୱା ଚବିଶି, ପଚିଶି, ବୟସର ପିଲାଟାଏ ସାର୍‌ଙ୍କର କଷ୍ଟ ଦେଖି, ସିନେମାରେ ରୋଲ୍ କରିବା ନିଶାଛାଡ଼ି ଦେଲା ମୃଷାବାବୁ ଖାଲି ଭାବୁଥାନ୍ତି ସତୁ କମଳ ବାବୁଙ୍କ ପୁଅ-ପୁତୁରା ଚିତ୍ତମହାନ୍ତି କଥା, ନାଟକରେ, ହିରୋ, ନିର୍ଦ୍ଦେଶକ ହୋଇ, ସିନେମାରେ ହେଲି ଢାବା ମାଲିକ, ଭାଡୁଆ, ମଦୁଆ, ମାଡୁଆଟା ।

ଏତା ଭିତରେ ବହୁତ ଦିନ କଟିଗଲା ଦିନେ ନିମନ୍ତ୍ରଣ କାର୍ଡ଼ଟିଏ ପାଇଲେ, ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକ, ସିନେମାରେ ଭଲ ରୋଲ୍ କରିଥିବା ଅଭିନେତ୍ରୀ, ଅଭିନେତାମାନଙ୍କୁ ମାନପତ୍ର ନଟରାଜ ଫଳକ ପ୍ରଦାନ କରିବେ ତାଙ୍କୁ ନିମନ୍ତ୍ରଣ ହେଇଛି ଯିବାକୁ ।

ସଞ୍ଜ ସାତଟା ବେଳେ ପହଞ୍ଚିଲେ, ସୂଚନାଭବନ, ଶହ ଶହ କାର୍ ମଟର ସାଇକେଲ୍ ସଭା ଆରମ୍ଭ ହେଇଯାଇଥାଏ, ତରତର କରି ଭିତରକୁ ପଶିଗଲେ , ମୃଷାବାବୁ ସବୁ ପାକଅପ୍, ସିଟ୍ ଗୋଟାଏ ହେଲେ ନାହିଁ । ବହୁ କଷ୍ଟରେ ମାର୍ଜ କଲେ, ୨ୟ ଧାଡ଼ିରେ ଗୋଟାଏ ସିଟ୍ ଅଛି, ଛପି, ଛପି, ବସି ପଡ଼ିଲେ ସିଟ୍ ଉପରେ, ପାଟିକରି ଉଠିଲେ ନାୟକ ଉତ୍ତମ ମହାନ୍ତି, "ଏ ସିଟ୍ ରିଜର୍ଭଡ୍ (Reserved) ଉଠ, ଉଠ, ଉଠିଯାଅ କହୁଛି , ଅନ୍ଧାରରେ ଉତ୍ତମବାବୁଙ୍କ ଟୋନ୍ ଜାଣିପାରି ମୃଷାବାବୁ କହିଲେ "ଦୁଃଖ କରନା, ପ୍ରିୟ ଶାଳକ ମହାଶୟ, ତୁମେ ହେଲ, ସାରା ଓଡ଼ିଶାରେ ଅଦ୍ୱିତୀୟ, ରେମାନ୍‌ଟିକ୍ ହିରୋ, ମୋତେ ତୁମ ପ୍ରେମିକା ଅପରାଜିତା, ମନେ କରି ପାଖରେ ଟିକିଏ ବସାଇବାକୁ ସୁଯୋଗ ଦିଅ" ।

Digitized by srujanika@gmail.com

"ଆରେ, "ମୃଷାଭାଇ" ଯେ, ନମସ୍କାର, ବସ, ବସ, ସେ ଫାଇଲ୍ ଗୋଟିକାକୁ ଅନାଇ, ଅନାଇ, ସେ କଣ ଆସୁଛି, ଆଉ କାହା ପାଖରେ ବସି ପଡ଼ିବଣି" ।

ବଡ଼ ଜୋର୍‌ରେ ଆନାଉନ୍‌ସ୍‌ମେଣ୍ଟ ଆରମ୍ଭ କରି ଦେଲେ ଶାନ୍ତନୁ ମହାପାତ୍ର ପ୍ରତ୍ୟେକ ସଭାସମିତି, ଫଙ୍କସନ୍‌ରେ ଆନାଉନ୍ସ କରିବାଟା ତାଙ୍କ ଏକ ଚାଟିଆ, ଅତି ମଜାଳିଆ କଥା କହି କହି ଅଭିନେତା, ଅଭିନେତ୍ରୀମାନଙ୍କୁ ମଞ୍ଚ ଉପରକୁ ଡାକନ୍ତି, ପ୍ରଶାନ୍ତନନ୍ଦ, ମହେଶ୍ୱେତା, ବିଜୟ ମହାନ୍ତି, ଉତ୍ତମ ମହାନ୍ତି, ଅପରାଜିତା, ତନ୍ଦ୍ରାରାୟ, ଜୟୀ, ଦୁଃଖିରାମ ଏମିତି, କେତେ କେତକୁ ଡକା ହେଲା ସମସ୍ତେ ମାନପତ୍ର ନେଇ, ହସି ହସି ମୁଖ୍ୟମନ୍ତ୍ରୀଙ୍କ କାନ ପାଖରେ କିଛି କହନ୍ତି, ଆଉ ମୁଖ୍ୟମନ୍ତ୍ରୀ ଶରଧାରେ ପିଠିରେ ଟାପିଙ୍ଗ୍ କରନ୍ତି । ମୃଷାବାବୁ ଭାବିଲେ, ଏ ବୋଧହୁଏ ଗୋଟିଏ ତରିକା, ଆଗରୁ କେବେ ପ୍ରାଇଜ୍ ଫଙ୍କସନ୍ ଦେଖି ନାହାନ୍ତି ତ ? ହଠାତ୍ ଶୁଭିଲା, ନାଟୁଆ ଇଞ୍ଜିନିୟର୍ ମୃଷା ପଟ୍ଟନାୟକ, ଆସନ୍ତୁ ଆସନ୍ତୁ ମୃଷାବାବୁ, ମୁଖ୍ୟମନ୍ତ୍ରୀ ଆପଣଙ୍କ ଅପେକ୍ଷାରେ, ବହୁ ସିନେମାରେ, ସଂଖ୍ୟା ଗରିଷ୍ଠ ଛୋଟ, ବଡ଼ ଅଭିନୟ କରି ଆଉ ରାମରହିମ୍ ଛବିରେ ଢାବା ମାଲିକ୍ ଭାବେ ସୁନ୍ଦର ଅଭିନୟ କରିଥିବାରୁ ମୁଖ୍ୟମନ୍ତ୍ରୀ ଆପଣଙ୍କୁ ସମ୍ମାନୀତ କରିବେ ଆସନ୍ତୁ ।

ମୃଷାବାବୁ, ଆଗ, ପଛ କରକୁ ଅନେଇଲେ, ଆଉ କେହି ଉଠୁ ନାହାନ୍ତି ତ ? ଉତ୍ତମ ବାବୁ ଠେଲି ଦେଇ କହିଲେ, ଯାଆନ୍ତୁ ଆପଣଙ୍କୁ ପରା, ଡକାପଡ଼ିଛି, ମୃଷାବାବୁ କହିଲେ "ମୁଁ, କି ବାଳ, ଅଭିନେତା, ମୋତେ ପୁଣି ସମ୍ମାନୀତ କରିବେ" ଉତ୍ତମବାବୁ ଠେଲି ଦେଲେ, ମୁଖ୍ୟମନ୍ତ୍ରୀଙ୍କ ପାଦ ତଳେ ପଡ଼ିଗଲେ ମୃଷାବାବୁ, ମୁଖ୍ୟମନ୍ତ୍ରୀ ହସିଦେଲେ, ଆଗରୁ ଜାଣିଥିଲେ ନିଜ ଯୋଇଁ ସୌମ୍ୟରଞ୍ଜନଙ୍କ ଭିଣେଇ ବୋଲି, ମାନପତ୍ର ନଟରାଜ ଫଳକ ଦେଲେ, ନମସ୍କାର କରି ଚାଲି ଆସୁଥିଲେ, ମନେପଡ଼ିଗଲା ମୁଖ୍ୟମନ୍ତ୍ରୀଙ୍କ କାନରେ କିଛି କହିବାକୁ ପଡ଼ିବ ନଇପଡ଼ି କହିଲେ ମଉସା "ମୁଁ ଯେମିତି ଭୁବନେଶ୍ୱରରେ ଅବସର ନିଏ , ଆଗରେ ମାଇକ୍ ଅଛି ବୋଲି ଖିଆଲ ନଥିଲା ହଠାତ୍ ହସର ଲହଡ଼ି ଉଠିଲା, ପ୍ରେକ୍ଷାଳୟ ଭିତରୁ । ନାଜରା ହେଇ ଫେରି ଆସିଲେ ମୃଷାବାବୁ, ମନ୍ତ୍ରୀ ରଘୁପଟ୍ଟନାୟକ ସମସ୍ତ ଅଭିନେତା, ଅଭିନେତ୍ରୀମାନଙ୍କ ପାଇଁ, ଖିଆ, ପିଆର ବନ୍ଦୋବସ୍ତ କରିଥିଲେ । ଘରେ ପହଞ୍ଚିଲେ ରାତି ଦୁଇଟା ବେଳେ, ଦେଖିଲେ, ବାରଣ୍ଡାରେ ବସିଛନ୍ତି ଶ୍ରୀମତୀ, ଧଳା ଶାଢ଼ୀ, ବାଳ ମୁକୁଳା, ଆଖିଛଳ ଛଳ, ତାଙ୍କର ତିରିଶ ବର୍ଷ ବିବାହିତ ଜୀବନ ଭିତରେ ପ୍ରଥମ ବସିବା । ଶ୍ରୀମତୀ ଅତି ଗମ୍ଭୀର ସ୍ୱରରେ କହିଲେ ବସ, ବାଧ୍ୟ ସୈନିକ ପରି ପାଖରେବସିଲେ ମୃଷାବାବୁ, ଶ୍ରୀମତୀ କହିଲେ, "ଦିର୍ଘ, ତିରିଶବର୍ଷ ନାଟ ତାମସାରେ କଟାଇଦେଲ ଏଥର ଘର କଥା ଟିକିଏ ବୁଝ । ଇଲା (ବସନ୍ତ ବାହାରର)ର ନଣନ୍ଦ ବାହାଘର, ଅତିକମ୍‌ରେ ତିନି, ଚାରି ହଜାର ଟଙ୍କା ଦରକାର, ଇଲେକ୍ଟ୍ରି ବିଲ୍ ଚାରି ହଜାର, ପାଣି ବିଲ୍ ବାଇଶି ସହ ଟଙ୍କା

Digitized by srujanika@gmail.com

କାଲି ଭିତରେ ନଦେଲେ, ଲାଇନ୍ କଟିଯିବ, ଘରେ ପଇସାଟିଏ ନାହିଁ ଘର ଚଳିବ କେମିତି'' ? ରଙ୍ଗା ହସଟିଏ ହସି ଦେଲେ ମୃଷାବାବୁ, ଆରେ ମାର ଗୁଲି, ଘର ଚଳୁଛି, ଚଳିବ, ଘର କଣ ମୁଁ କେବେ ଚଳାଏ, ଚଳାନ୍ତି ଘରର ଲକ୍ଷ୍ମୀ ମାଦୁର୍ଗା, ହେଲେ, ଦେଖ, ମାନପତ୍ର ନଟରାଜ ଫଳକ ଖୋଦ୍ ମୁଖ୍ୟମନ୍ତ୍ରୀ, ତୁମ ଭାଇର ଶଶୁର, ଚରିତ୍ର ଅଭିନେତା ଭାବେ ସମ୍ମାନୀତ କରିଛନ୍ତି । ରାଗି ଟୁକୁରା ଟୁକୁରା କରିଦେଲେ ମାନପତ୍ର, କାନ୍ଦି, କାନ୍ଦି ଦୌଡ଼ି କବାଟ ଦେଇ ଶୋଇଗଲେ ଘର ଭିତରେ । ଖାଲି ଶୁଭୁଥାଏ ସକସକ କାନ୍ଦ, ଯେତେ ଡାକିଲେବି କବାଟ ଖୋଲିଲେ ନାହିଁ, ଅଭିମାନିନୀ ରାଇକିଶୋରୀ । ପିଲେ ଉଠିବେ, ଏହି ନାଜରେ, ମାନପତ୍ର ଟୁକୁରାକୁ ଛାତିରେ ଜାକିଧରି ବାଣ୍ଡଘରେ ଶୋଇଗଲେ ମୃଷାବାବୁ, ସକାଳ, ''ସମ୍ବାଦ''ପତ୍ର, ସମ୍ବାଦରେ ସବୁ କିଛି ବାହାରିଥାଏ, ଟଟକା, ତାଜା, ଆଉ ଚଞ୍ଚଳ ଖବର ବାହାର କରିବାରେ, ''ସମ୍ବାଦ'' ହେଉଛି ପ୍ରଥମ । ସାନଝିଅ ଶଶୀ ଖବର କାଗଜ ପଢ଼ି ଚା' ଧରି ଆସି ବାପାକୁ କହିଲା ଦେଖିଲଣି, ସମ୍ବାଦରେ ମୁଖ୍ୟମନ୍ତ୍ରୀ ତୁମକୁ ସମ୍ମାନୀତ କରିବା କଥା ବାହାରିଛି ''ମତେ କଣ ଦେଖାଉଛୁ ତୋ ବଉକୁ ଦେଖା'' ବଉ କଣ କବାଟ ଖୋଲୁଛି । ସକାଳ ପାଞ୍ଚଟାରେ ଉଠିବା ଲୋକ, ଏ ଯାଏ ଉଠିନି, କବାଟ ବନ୍ଦ ହୋଇଛି । କ'ଣ କହିଲୁ କବାଟ ବନ୍ଦ ଅଛି ? ଏଯାଏ ଉଠିନି, ଭିତରେ ସେ ଠିକ୍ ଅଛିତ ? ପାଟିକରି ଉଠିପଡ଼ିଲା ବେଳକୁ ହାତରୁ କପ୍‌ଟା ଖସି ଖଣ୍ଡ ଖଣ୍ଡ ହୋଇଗଲା । ''ଏତେ ସୁନ୍ଦରିଆ କପଟା ଭାଙ୍ଗିଦେଲ ବାପା ? ଏଇଥିପାଇଁ ଦୁଃଖ କରୁଛୁ । ତାବା ମାଲିକ ହୋଇ କେତେ କେତେ କପ୍ ଭଙ୍ଗେଇଛି, ଖାଲି ଦୁଃଖ, ଚା'ପଢ଼ି ଟୁକୁରା ମାନପତ୍ର ସବୁ ଓଦା ହେଇଗଲା ଆଉ ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ବି ଲିଭିଗଲା । ଧନ୍ୟ ମୁଁ ମୃଷା ପଟ୍ଟନାୟକ - ଧନ୍ୟ ମୋ ରୋଲ **''ତାବା ମାଲିକ''** ।

❋ ❋ ❋

Digitized by srujanika@gmail.com

ପଶୁରାଜ ସିଂହଙ୍କୁ ଜ୍ୱର

(The Dynamic Engineer is Inactive Today)

ମୃଷାବାବୁଙ୍କର ତୃତୀୟ ଝିଅ ଲୁଲୁ **(କଳସା ନନ୍ଦିନୀ)** ଓ ସାନଶାଳୀ ଭାରତୀ ପାଇଁ ବର ଖୋଜା ଚାଲିଥାଏ, କୋଡ଼ିଏ, ତିରିଶ ଜାଗାରେ ବର ଫାଇନାଲ୍ ହେଲା ପରେ ଶେଷରେ ଭାଙ୍ଗି ଯାଉଥାଏ, ମୃଷାବାବୁ, କାନ୍ତିଦେବୀ, ମା, ନେତ୍ରମଣୀ ବଡ଼ ବ୍ୟସ୍ତ ହେଇ ପଡ଼ିଲେଣି । ଆଉ ଝିଅ ଦେଖା ପାଇଁ ରାଜି ନଥାଏ ଭାରତୀ, ମୃଷାବାବୁଙ୍କର ସାନ ଗେହ୍ଲା ଶାଳୀ, ସୁନ୍ଦରୀ, ଏମ୍.ଏ. ପଢ଼ିଥାଏ, ଅତି ଆଦର୍ଶ ଚରିତ୍ରର ଝିଅ, ପାଠ, ଯେମିତି ପଢ଼ିଥାଏ, ଘର କାମବି ସେମିତି ଜଣାଥାଏ, ଏକା, ଏକା, ଦାୟିତ୍ୱ ନେଇ ସେ ତା ବଡ଼ ଭାଇ 'ବେନାମି'ର ବାହାଘର ରାଉରକେଲାରେ କରିଦେଲା । ସାନଭାଇ ଟାହୁର ମୃଷାବାବୁଙ୍କ ପଞ୍ଚବଟୀ ଘରେ ବାହାଘର ହେଲା । ଟଙ୍କା ପଇସାଠୁ ଆରମ୍ଭ କରି ସବୁ ଦାୟୀତ୍ୱରେ ଥାଏ ଭାରତୀ, ଟାହୁ ସ୍ତ୍ରୀକୁ, ଦେଖି ସମସ୍ତେ ରାଗିଲେ, ହେଲେ ମୃଷାବାବୁ କହିଲେ "ସୁସ୍ଥ ସବଳ ବିରାଟ ସ୍ତ୍ରୀ ଲୋକଟେ ଆଣିଛି", ଧୋଇ ପଖାଳି ଖାଇଲେବି ତନୁକ୍ଷିଣ ହେବନି, ହସିଲେ ସମସ୍ତେ । "ଭାରତୀ" ପାଇଁ ଭଲ ଘରର, ଭଲ ପିଲାଟିଏ, ଖୋଜି ପାଇବା, ବଡ଼ କଷ୍ଟକର ହୋଇପଡ଼ିଥାଏ ।

ଦିନେ ମୃଷାବାବୁଙ୍କ ସଢୁଭାଇ, **ତରୁଲତାର** ବର, **ନନ୍ଦନନ୍ଦନ,** ଭାରତୀ ପାଇଁ ଗୋଟିଏ ଭଲ ପ୍ରପୋଜାଲ୍ ଆଣିଲେ, ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ) ଙ୍କ ବଡ଼ ପୁଅ "ସୁକୁମାର" ସହିତ । ନନ୍ଦ ନନ୍ଦନଙ୍କ ଅଫିସରେ, ସୁକୁମାରଙ୍କ ଖୁଡ଼ି ଚାକିରି କରନ୍ତି । ଏ ପ୍ରପୋଜାଲ୍, ସମସ୍ତଙ୍କ ମନକୁ ବେଶ୍ ପାଇଲା । ଜାନକୀବାବୁଙ୍କୁ ମୃଷାବାବୁ ଆଗରୁ ଦେଖିନଥିଲେ, କେବଳ ନା ଶୁଣିଥିଲେ, ତାଙ୍କ ବିଷୟରେ ସମସ୍ତଙ୍କ ଠାରୁ, ବହୁ ଭଲ କଥା ଶୁଣିଲେ, ଅତି ଭଦ୍ରଲୋକ, ଘର ନିମାପଡ଼ା, ଗାଁରେ ବେଶ୍ ଚଳିଲାଭଳି ସଂପତ୍ତି । ଭୁବନେଶ୍ୱର

ସୁକୁମାର ମହାନ୍ତି (ସତ୍ୟ)
ଭାରତୀ ମହାନ୍ତି (ଶାନ୍ତୀ)

Digitized by srujanika@gmail.com

ଜୟଦେବ ନଗରରେ ଘର ତିଆରି କରିଥାଆନ୍ତି ଜାନକୀବାବୁ । ଦୁଇପୁଅ, ଦୁଇଝିଅ, ବଡ଼ ଝିଅ ବିବାହ କରିଥାଏ ଇଂ. ଅସିମ୍ କାନନ୍‌ଗୋଙ୍କୁ । ନିଜେ ଜାନକୀବାବୁ, ରେଭେନ୍‌ସା କଲେଜରୁ ଓଡ଼ିଆ ପ୍ରଫେସର ରୂପେ ଅବସର ନେଇ ଥାଆନ୍ତି । ସୁସାହିତ୍ୟିକ, ସାରା ଓଡ଼ିଶାରେ **"ଭରଦ୍ୱାଜ"** ନାମରେ ପରିଚିତ । ବହୁତ ଭଲ, ଧର୍ମପ୍ରାଣ, ସରଳ ପ୍ରକୃତିର ଲୋକ । ତାଙ୍କ ବଡ଼ପୁଅ, ସୁକୁମାର, ଜୟଶ୍ରୀ କେମିକାଲ୍‌ରେ ଚାକିରି, ଦେଖିବାକୁ ସୁନ୍ଦର, ଖୁବ୍ ଭଲ ଚେହେରା, ଜଣାଶୁଣା କ୍ରିକେଟ୍ ପ୍ଲେୟାର୍ । ସାନପୁଅ, ଶ୍ରୀକୁମାର ଡାକ୍ତରି ପଢୁଥାଏ, ଏବେ ବାୟୁସେନାରେ ଡାକ୍ତରି ଚାକିରି ଛାଡ଼ି ପୁରୀ ବଡ଼ଦାଣ୍ଡରେ ବିରାଟ କ୍ଲିନିକ, ବିବାହ କରିଛି (ପ୍ରେମକରି) ସୁନ୍ଦରୀ ଠିଆନାକି ଶ୍ରୀ କୁମାରୀଙ୍କୁ । ସାନଝିଅ କଲେଜରେ । ଏବେ ବିବାହ କରିଛି ଏକ ଉଚ୍ଚପଦସ୍ଥ ଅଫିସରଙ୍କ ପୁଅ, ମୃଷାବାବୁଙ୍କର ପ୍ରିୟ ସାଥି ବିଜୟ ଦାସ ଏକାଉଣ୍ଟେଣ୍ଟଙ୍କ ପୁତୁରାଙ୍କୁ । ଜାନକୀ ମଉଷାଙ୍କର ଯୌତୁକ ଦାବୀ ନଥାଏ ।

ଆଉ ଦିନେ, ମୃଷାବାବୁଙ୍କ ତୃତିୟ ଝିଅ (ଲୁଲା) ଜନସାନନ୍ଦିନୀ ପାଇଁ, ମୃଷାବାବୁଙ୍କ ତୃତୀୟ ଶାଳୀ ପ୍ରେମଲତାଙ୍କ ବର 'ଅର୍ଣ୍ଣବ'ର ବଡ଼ଭାଇ **ବଳଦେବ ମହାନ୍ତି** (ଅବସର ପ୍ରାପ୍ତ ଜଳସେଚନର ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ) ଭଲ ପ୍ରପୋଜାଲ୍‌ଟିଏ ଆଣି ଆସିଲେ ତାଙ୍କ ସ୍ତ୍ରୀଙ୍କ ସହ । ସୁନ୍ଦର ଗାଁର ତାଙ୍କ ଦାଦା, ଉମାମହାନ୍ତିଙ୍କ ସାନପୁଅ, "ଅମରେନ୍ଦ୍ର" ବିଷୟରେ । ଅମରେନ୍ଦ୍ର ରାଉରକେଲା ଷ୍ଟିଲ୍ ଫାକ୍ଟୋରିରେ ଆସିଷ୍ଟାଣ୍ଟ ମେନେଜର, ସିଧା, ଇନ୍‌ଟରଭିଉରେ ଫାଷ୍ଟ ହୋଇ, Executive ପୋଷ୍ଟରେ ଆପଏଣ୍ଟ ହେଲା । ଦେଖିବାକୁ ଅତି ସୁନ୍ଦର, ଗୋରା, ଉଚ୍ଚା, ମୃଷାବାବୁଙ୍କର ସବୁଠାରୁ ସୁନ୍ଦରୀ ଝିଅ ଲୁଲା ପାଇଁ ଉପଯୁକ୍ତ ବର । ତାଙ୍କ ବଂଶର ସମସ୍ତେ ଏକା ଥରକେ ଆସି, ବିବାହ ପାଇଁ ଶେଷ ମତ ଦେଇଗଲେ । ଉମାବାବୁ, ଫଟିଲାଇଜର୍, ଚିଫ୍ ଆଡ୍‌ମିଷ୍ଟ୍ରେଟିଭ୍ ଅଫିସର ରୂପେ ଅବସର ନେଇଥାଆନ୍ତି । ଅତି ଲୋକପ୍ରିୟ ଅଫିସର, ପୁରା ଭାରତ ବର୍ଷରେ ବହୁ ଜାଗାରେ ଚାକିରି ସମୁଦୁଣୀ ଚାରୁଲତା ଅତି ସ୍ନେହୀ, ଭଦ୍ରମହିଳା, ଦୁଇପୁଅ, ଦୁଇଝିଅ, ବଡ଼ ଝିଅ ଜୟଶ୍ରୀ, ବାୟୁ ସେନାରେ, ଡାକ୍ତରିଆଣୀ ଆଉ ମୋଇଁ ଇଂ. କିରଣ ଶଙ୍କର ବାୟୁସେନାର ଟ୍ରୁପ୍ କର୍ ନେଲ୍ ରୂପେ ଚାକିରିରୁ ଅବସର ନେଇ, ନିଜ ଉଦ୍ୟମରେ, କେନ୍ଦୁଝରରେ ଖଣି, କାରଖାନା କରିବାରେ ବ୍ୟସ୍ତ । ବଡ଼ ଉଦଯୋଗୀ, କର୍ମଠ, ଲୋକପ୍ରିୟ,

ଅମରେନ୍ଦ୍ର ମହାନ୍ତି (ଯୋଇଁ)
ଜନସାନନ୍ଦନୀ (ଲୁଲା) (ଝିଅ)

Digitized by srujanika@gmail.com

ହସହସ ମୁହଁ, ଅମାୟିକ ବ୍ୟବହାର, ବହୁ ପ୍ରତିଭାର ଅଧିକାରି, କଳାପ୍ରେମୀ, କଳା ପ୍ରତିଭାର ପୁଜାରୀ । ବଡ଼ପୁଅ "ସମରେନ୍ଦ୍ର" ଗ୍ୟାସ୍ ଅଥରିଟିରେ ଇଂଜିନିୟର, ବିବାହ କରିଥାଏ ଭୁବନେଶ୍ୱରର **"ରାଜଧାନୀ ଡିଷ୍ଟ୍ରିବିଉଟର"** ମାଲିକଙ୍କ ଝିଅକୁ । ଦୁଇଶଳା, ରବି, ଛବି, ଓଡ଼ିଶାର ଉଦ୍‌ଯୋଗୀ ଯୁବ ବ୍ୟବସାୟୀ । ସାନଝିଅ ଗୀତାଞ୍ଜଳୀ, ଅବିବାହିତ ଥାଏ, ପରେ ବିବାହ କଲା ବ୍ୟାଙ୍କ ଅଫିସର, "ଉମାଚରଣ"ଙ୍କୁ, ସମୁଦୀ ଉମାବାବୁଙ୍କର ଏକମାତ୍ର ଭଉଣୀ ବିବାହ କରିଥାନ୍ତି, ଛଣଗିରିର ବାସୁପଟ୍ଟନାୟକଙ୍କୁ । ବାସୁବାବୁ ବହୁ ଷ୍ଟେଟରେ ଦେୱାନ ହେଇ, ଶେଷରେ, ଟାଷ କାମରେ, ନିଜକୁ ମଜେଇ ଦେଲେ । କର୍ମବିର ପରିଶ୍ରମୀ, ପ୍ରତିଦିନ ଡାଇରି ଲେଖନ୍ତି, ତାଙ୍କର ପାଞ୍ଚପୁଅ, ବିଜୟ ସବୁଠାରୁ ବଡ଼, ମୃଷାବାବୁଙ୍କ ବଡ଼ ଶାଳୀ ସ୍ୱର୍ଣ୍ଣଲତାର ଜଣାହିସାବରେ, ମୃଷାବାବୁ ଓ କାନ୍ତିଦେବିଙ୍କୁ, ଭିଣେଇ, ଅପା ହିସାବରେ ମାନ୍ୟକରେ । ତାଙ୍କରି ଚେଷ୍ଟାରେ ମୃଷାବାବୁ ଭଞ୍ଜନଗର ଯାଇ, କଲେଜ୍‌ରେ ବହୁ ନାଟକରେ ନିର୍ଦ୍ଦେଶନା ଦେଇଥିଲେ,ସେଠି ପରିଚୟ ହୋଇଥିଲା ପ୍ରେମିକ ପ୍ରିନ୍ସିପାଲ୍ ଜାନକୀ ବଲ୍ଲଭ ମହାନ୍ତି (ଗୋରା)ଙ୍କ ସହ, ବିଜୟ ବିବାହ କରିଥାଏ, ଖୋର୍ଦ୍ଧାର ବଡଲୋକ ପାଣୁବାବୁଙ୍କ ଝିଅକୁ ।

ଉମାବାବୁଙ୍କର ବହୁ ମାନ୍ୟଗଣ୍ୟ ବନ୍ଧୁବାନ୍ଧବ,ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ) ଙ୍କର ମଧ୍ୟ, ବହୁ ଜ୍ଞାନୀ, ସାହିତ୍ୟିକ, ପ୍ରତିଭାସଂପୂର୍ଣ୍ଣ ବନ୍ଧୁବାନ୍ଧବ । ଦୁଇପରିବାର ସହ, ବିବାହ ସଂପର୍କ ହେବାର ନିଷ୍ପତି ହେଲା । ଦୁଇ, ଦୁଇଟା ବାହାଘର, ଏକାସାଙ୍ଗରେ ହେବ । ବଡ ଦୁରହ ବ୍ୟାପାର । ମୃଷାବାବୁ ଶଳା, ସଢୁ, ଅନ୍ୟ ବନ୍ଧୁବାନ୍ଧବଙ୍କୁ ତୁରନ୍ତ ଖବର ଦେଲେ । ସମସ୍ତେ ବସି ନିଷ୍ପତ୍ତି କଲେ, ଶାଳୀବଡ଼ ଟା ବାହାଘର ଆଗେ ହେବ । ଟା ବାହାଘରର, ଚାରି ପାଞ୍ଚ ଦିନପରେ ଝିଅ ଲୁଲାର ବାହାଘର ହେବ । ସମସ୍ତ ଆରେଞ୍ଜମେଣ୍ଟ ଦିର୍ଘ ଦଶ ଦିନ ପାଇଁ ରହିବ । ବରଯାତ୍ରୀଙ୍କୁ ମିଶାଇ, ଦୁଇହଜାର ଭଦ୍ରଲୋକଙ୍କ ପାଇଁ ଦୁଇଟା ଭୋଜିର ଆରେଞ୍ଜମେଣ୍ଟ । ବହୁ ଆଗରୁ ମନ୍ତ୍ରୀ **ନିରଞ୍ଜନ ପଟ୍ଟନାୟକ,** ଆଉ ଟା'ଭାଇ, ପରଉପକାରୀ ଦାନୀ **"ତାରା ରଞ୍ଜନ"** ବାହାଘର ବେଳକୁ ପଚାଶ ଷାଠିଏ ହଜାର ଟଙ୍କା ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀଙ୍କ ଦେଖାହେବା କଷ୍ଟକର ହେଇପଡ଼ିଲା, ମନ୍ତ୍ରୀ ସବୁବେଳେ ଟୁର୍‌ରେ ଦିନେ ଶଳା ଧିରେନ୍ ପଟ୍ଟନାୟକଙ୍କ ଘରୁ ଫୋନ୍ କରି ବୁଝିଲେ, ମନ୍ତ୍ରୀ ରାଜଧାନୀରେ ଅଛନ୍ତି, ତାଙ୍କୁ ଦେଖାକରି ଟଙ୍କା ପାଇଁ ନିର୍ଭର ଜବାବ ଆଣି ଅତି ଆନନ୍ଦରେ ମଟର ସାଇକେଲରେ ଫେରୁଥାନ୍ତି ଘରକୁ । ରାତି ବାରଟା, ଓଭରବ୍ରିଜ୍ ପାଖରେ ଦୁଇ ପାଖରୁ ୨ଟା ବାଘ ପରି କୁକୁର, ଭୋ ଭୋ କରି ଚଢ଼ିଗଲେ ବାବୁଙ୍କ ଉପରେ । ମୃଷାବାବୁ ଡରରେ ମଟରସାଇକେଲ ଛାଡ଼ି ଦେଲେ, ଗଡ଼ି ପଡ଼ିଲେ, ଟ୍ରେନ୍ ଲାଇନ୍ ଉପରେ ଟେଟା ବୁଡ଼ିଗଲା, ମଟର ସାଇକେଲ୍ ସ୍ଲୋପରେ ଅଟକିଗଲା । ମଟର ସାଇକେଲ୍ ବାସ୍କେଟ୍‌ରେ ଲେଖାଥାଏ **"ଇଂ ମୃଷାପଟ୍ଟନାୟକ"** । ହାଟରୁ ଫେରୁଥିବା ଲୋକେ, ମଟର ସାଇକେଲ ଚିହ୍ନି ବୋହି

Digitized by srujanika@gmail.com

ଆଣିଲେ, ମୃଷାବାବୁଙ୍କ ଅରବିନ୍ଦ ଭବନ-ଧିରେନ୍ ପଟ୍ଟନାୟକଙ୍କ ଘରକୁ । ଡାକ୍ତର ଆସିଲେ, ପ୍ରାଥମିକ ଚିକିତ୍ସା ହେଲା, ଗୋଡ଼ଭାଙ୍ଗି ଯାଇଥାଏ, ପ୍ଲାଷ୍ଟର କରାଗଲା । ସାଙ୍ଗେ ସାଙ୍ଗେ ଚାରିଆଡ଼କୁ ଖବର ଚାଲିଗଲା, ସମସ୍ତେ ଦୁଃଖ କଲେ, ଦୁଇ, ଦୁଇଟା, ବାହାଘର, ସବୁ ପାଇଁ ବନ୍ଦୋବସ୍ତ ହେଇ ଆଡ଼ଭାନ୍ସ ଦିଆହେଇଥିଲେ ବି ସବୁ ଦାୟିତ୍ୱ ଥିଲା ଜଣଙ୍କ ଉପରେ, କଣ କରିବେ ?

ମୃଷାବାବୁ କହିଲେ, ଦୁଃଖ କରନା **"ପଶୁରାଜ ସିଂହ"** ବୁଢ଼ା ହେଇଥିଲେ ବି, ସେ ଜଙ୍ଗଲର ରାଜା । ସବୁକାମ-ସୁରୁଖୁରୁରେ ହେଇଯିବ । "ଭାରତୀ" ବାହାଘର ସୁନ୍ଦର ଭାବରେ ହେଇଗଲା, କିଛି ଅସୁବିଧା ହେଲାନି । ଅତିଭଦ୍ର ଲୋକ ଜାନକୀ ମଙ୍ଗରାଜ, ଅତି ସୁନ୍ଦରଭାବେ ବାହାଘର କରି, ପୁଅ ବହୁକୁ ଧରି ଚାଲିଗଲେ । ବରଯାତ୍ରୀମାନେ ସମସ୍ତେ ଖୁସି । ଲୁଲୁ ବାହାଘର, ସେମିତି ଭଲ ଭାବରେ ହେଲା, କୌଣସି ଅସୁବିଧା, ଉପୁଜି ନାହିଁ । କୌଣସି ଗୋଳମାଳ ନ କରି ବହୁକୁ ଧରି ବିଦାହେଇଗଲେ ! ମୃଷାବାବୁ ଗେଟ୍ ପାଖରେ, ଖଟ ପକାଇ, ପ୍ଲାଷ୍ଟର ହେଇ ଶୋଇ ସବୁ ଉପଦେଶ ଦେଉଥାନ୍ତି । ତାଙ୍କ ଆଦେଶରେ ସବୁ କାମ ସୁରୁଖୁରୁରେ ଚାଲିଥାଏ । **ମହାଭାରତ ଯୁଦ୍ଧରେ, "ବେଲାକସେନ୍"** ପୁରା ଯୁଦ୍ଧ ଶେଷପାଏ ଦେଖିଲା ପରି, ଖଟରେ ଶୋଇ, ପ୍ଲାଷ୍ଟର ବନ୍ଧାହେଇ, ଦୁଇ, ଦୁଇଟା ବିରାଟ ବାହାଘର, ପୁରା ଦଶ ଦିନର ଦାୟିତ୍ୱ ସୁଚାରୁ ରୂପେ ପରିଚାଳନା କଲେ । ଗେଟ୍ ପାଖରେ ସୁଭାଗମନ (welcome) ଲେଖାଥିବା ବୋର୍ଡ଼ତଳକୁ ବାନ୍ଧି ଦେଇଥାନ୍ତି ଗୋଟାଏ ସାଇନବୋର୍ଡ଼ ପଶୁରାଜ ସିଂହଙ୍କୁ ଜ୍ୱର "The dynamic Engineer is inactive today" । ଏ ସାଇନ୍‌ବୋର୍ଡ଼ ସମସ୍ତଙ୍କ ମନକୁ ଯେତିକି ପାଇଲା, ସେତିକି ଲୋକଙ୍କୁ ହସାଇଲା । କିଛି ଅସୁବିଧା ହେଲେ, ଲୋକେ ବୋର୍ଡ଼କୁ ଅନାଇ ନିରବ ରହିଲେ । ନିରଞ୍ଜନ ପଟ୍ଟନାୟକ (ମନ୍ତ୍ରୀ) ଗୋପଭାଇ, ବସନ୍ତ ଭାଇ, ଆଉ ଈଶ୍ୱରଦାସ, **(ନିରଞ୍ଜନଦାସଙ୍କ ଭିଣେଇ ଓ.ପି.ଜି.ସି.ର ପରିଚାଳକ ଓ ଚେୟାରମ୍ୟାନ ହୋଇ ଅବସର ନେଲେ । ସେ ଶଳା ନିରଞ୍ଜନଦାସଙ୍କ ପରି ପ୍ରେମିକ, ରସିକିଆ, ସବୁ କହିବାର କ୍ଷମତା ଥିଲେ ମଧ୍ୟ କାହାପାଇଁ କିଛି କରନ୍ତି ନାହିଁ)** ଏମାନଙ୍କୁ ସାଙ୍ଗରେ ଧରି କହିଲେ "କହିଦିଅ ପଶୁରାଜ ସିଂହଙ୍କୁ, ଶୀଘ୍ର ଜ୍ୱର ଭଲ କରାନ୍ତୁ, ଅର୍ଡ଼ର କରିଦେଇଛି, କଟକ ନଗରୀ ସୁରକ୍ଷାବନ୍ଦର ଏସିଡ଼ିଓ ହିସାବରେ । କଟକରେ ଶୀଘ୍ର କାମରେ ଯୋଗଦେବେ" । ଏ ଖବର ଶୁଣି, ମୃଷାବାବୁ, (ପଶୁରାଜ ସିଂହଙ୍କର) ଜ୍ୱର ଧିରେ ଧିରେ ଭଲ ହେଇଗଲା; କିନ୍ତୁ ଆଶାବାଡ଼ି ଛାଡ଼ି ନଥାନ୍ତି । ସବୁକାମ ସୁଚାରୁ ରୂପେ ହୋଇଗଲା, ସେଥିପାଇଁ ପରୋକ୍ଷରେ ଦାୟୀ ସାଇନ୍ ବୋର୍ଡ଼ **"ପଶୁରାଜ ସିଂହଙ୍କୁ ଜ୍ୱର"**

●●●

Digitized by srujanika@gmail.com

ଘେରିବନ୍ଧର ନେଙ୍ଗଡ଼ା

ମର୍କତକେଶରୀ କଟକ ନଗରୀକୁ ବନ୍ୟାଦାଉରୁ ରକ୍ଷାକରିବାକୁ ପଥରବନ୍ଧ ତିଆରି କରିଥିଲେ । ସେଇ ପଥର ବନ୍ଧ ପୁନଃରୁଦ୍ଧାର କରିବାକୁ, ପରିକଳ୍ପନା କଲେ ନଗର ଉନ୍ନୟନ ମନ୍ତ୍ରୀ **"ବସନ୍ତ ବିଶ୍ୱାଳ"** ଓ ଜଳସେଚନ ମନ୍ତ୍ରୀ **"ନିରଞ୍ଜନ ପଟ୍ଟନାୟକ"**, ବାରକୋଟୀ ଟଙ୍କାର ଖର୍ଚ୍ଚ ଯୋଜନା ହେଲା, ଜଣେ ନିର୍ବାହିଯନ୍ତ୍ରୀ, ଚାରିଜଣ ସହକାରୀଯନ୍ତ୍ରୀ ।

ମୃଷାବାବୁ- ସହକାରୀ ଯନ୍ତ୍ରୀ, ଶିଶିର ରାଓଙ୍କ ରିଲିଭ କରିବାକୁ ଅର୍ଡ଼ର ଧରି, ମନ୍ତ୍ରୀଙ୍କ କାର୍‌ରେ ତାଙ୍କ ବଡ଼ ଭଣଜା "ପୁପୁନ୍" ଙ୍କ ସହ ପହଞ୍ଚିଲେ, ଗଡ଼ଗଡ଼ିଆ ଘାଟରେ । ନୂଆ ସାହେବଙ୍କୁ ଅଭିନନ୍ଦନ ଜଣାଇବାକୁ ସମସ୍ତ ଅଫିସର, କର୍ମଚାରୀବୃନ୍ଦ ଅପେକ୍ଷା କରି ଥାଆନ୍ତି । କାର୍‌ରୁ ଓହ୍ଲାଇ ପଡ଼ିଲେ ମୃଷା ଇଂଜିନିୟର୍ ଆଶାବାଡ଼ି ଧରି । ତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ, ଆଶାବାଡ଼ି ଧରି କୋଟି କୋଟି ଟଙ୍କାର କାମ, କରାଇବେ କେମିତି ? **"ଅକ୍ଷୟ ରାୟ"** ସହକାରୀଯନ୍ତ୍ରୀ କହିଲେ "ନମସ୍କାର ବଡ଼ଭାଇ", ମୃଷାବାବୁ କହିଲେ ଆପଣ ଏଠି, ଯାହାହେଉ ମୋର ବଡ଼ଭାଗ୍ୟ, ପିପିଲିରେ ସାଙ୍ଗହେଇ, ଜୁନିଅର ଇଂଜିନିୟର ଥିଲେ, ଆଉ ଆମ ସାଙ୍ଗରେ କେତେ ଭଲ ଭଲ ଯୁନିୟର୍ ଇଂଜିନିଅର୍, ସତ୍ୟବାଦି ପରିଡ଼ା, ଚୌଧୁରୀ, ରାଜକିଶର ଦାସ, ଆହୁରି କେତେ କେତେ । ଏଠି, ଏବେ ସହକାରୀଯନ୍ତ୍ରୀ । ଘେରିବନ୍ଧ ଯାହାହେଉ, ଆପଣଙ୍କ ଶ୍ରୀମତୀ, "ପ୍ରତିଭା ରାୟ" ଓଡ଼ିଶାର ତଥା ଭାରତବର୍ଷର ଗୌରବଙ୍କ ସହ ସାକ୍ଷାତ ହେବ ?

କଫି ଆସିଲା ଦୁଇଟା ଟ୍ରେରେ ପନ୍ଦର କପ୍, ମୃଷାବାବୁଙ୍କ ନାଟକୀୟ ବକ୍ତୃତାରେ ହାତବାଜିଗଲା, କଫି ଟ୍ରେରେ । ସବୁ କଫି ପ୍ଲେଟ୍ ଭାଙ୍ଗିଚୁର୍‌ମାର୍, ପଡ଼ିଲା, ମୃଷାବାବୁଙ୍କ ପେଣ୍ଟସାର୍ଟ ଭିତରେ, ଦର ସିଝା ହେଇଗଲେ ମୃଷାବାବୁ, ଦେହସାରା, ପୋଡ଼ା ଚିହ୍ନ ଆଉ ଫୋଟକା । ଅକ୍ଷୟବାବୁ କହିଲେ "ବଡ଼ ଦୁଃଖିତ ବଡ଼ଭାଇ, ଘରେ ନପହଞ୍ଚୁଣୁ, ମୁଣ୍ଡରେ ଚାନ୍ଦ ବାଜିଲାଣି" ।

କିଛି ସମୟ ପରେ ନୂଆ ପେଣ୍ଟ ସାର୍ଟ ପିନ୍ଧି, ପହଞ୍ଚିଗଲେ ମୃଷାବାବୁ, ଅଧିକ୍ଷଣଯନ୍ତ୍ରୀ ନରସିଂହ ପଟ୍ଟନାୟକଙ୍କ ବାସଭବନରେ । ସେ ବାଲିମେଳାରେ ମୃଷାବାବୁଙ୍କର ମିତ୍ରଥିଲେ । ନରସିଂହବାବୁ ମୁଣ୍ଡଳୀରେ, ଅଧିକ୍ଷଣଯନ୍ତ୍ରୀ । ମୃଷାବାବୁଙ୍କୁ ନେଙ୍ଗଡ଼ା ଦେଖି, ନରସିଂହବାବୁ

Digitized by srujanika@gmail.com

ବଡ଼ ଦୁଃଖ କଲେ । କହିଲେ, ''ଏ ଅବସ୍ଥା କଣ ମନ୍ତ୍ରୀ ଜଣାନ୍ତି ନାହିଁ''? ଏମିତି ଅବସ୍ଥାରେ, ଏତେ ବଡ଼ କାମ ଦାୟିତ୍ୱରେ ତୁମକୁ ପଠାଇଲେ କେମିତି ? ପ୍ରତିଦିନ, ଶାରିଶହ, ପାଞ୍ଚଶହ, ଟ୍ରକ୍, ଡ୍ରୋଜର, ରୋଲ୍‌ର୍, ସ୍କେପର୍, ଆତଯାତ କରୁଛି, ପୁରା ପଥରର କାମ, ଏ କାମତ ତୁମେ କରି ପାରିବ ନାହିଁ, ଠିକ୍ ଅଛି, ଶିଶିରବାବୁ କାମ ଦେଖନ୍ତୁ, ତୁମେ ତାଙ୍କୁ ଅଫିସରେ ସାହାଯ୍ୟ କର, ଏକଥା ମୁଁ ମନ୍ତ୍ରୀ, ସେକ୍ରେଟାରି, ମୁଖ୍ୟଯନ୍ତ୍ରୀଙ୍କୁ ଲେଖିଦେଉଛି ।

ଠିକ୍ ସେୟାହେଲା ଅର୍ଡ଼ରର ଗୋଟାଏ କପି ମୂଷବାବୁ ମନ୍ତ୍ରୀଙ୍କ ପାଖକୁ ପଠାଇଦେଇ, ଦୁଃଖ ଜଣାଇ ଖଣ୍ଡିଏ ଚିଠି ଲେଖିଲେ । ଗୋଠ କବର ଭିତରେ ଗୋଟିଏ ଅନ୍ଧାରିଆ କୋଠରୀ ମିଳିଲା ମୂଷାବାବୁଙ୍କୁ ରହିବା ପାଇଁ । ମୂଷାବାବୁ ମନେ କଲେ, ସତେ ଯେମିତି ପାରଲିସିସ୍ ବାପା 'ସାହାଜାହନ'ଙ୍କୁ ପୁଅ ''ଆଉରଙ୍ଗଜେବ'' ଏକ ନିଭୃତ କୋଠରୀରେ ବନ୍ଦୀ କରି ରଖିଛି । ଖାଲି ତାଙ୍କର ଦୁଃଖ, କୋଠରୀରେ କଣାଟିଏ ବି ନାହିଁ, ଯେଉଁ କଣାଦେଇ ସେ କଟକ ନଗରୀ ସୁରକ୍ଷା ବନ୍ଧକୁ ଦେଖି, ତାଜମହଲ ମନେ କରି ଆନନ୍ଦ ଉପଭୋଗ କରନ୍ତେ ।

ହଠାତ୍ ଦିନେ ଖବର ପାଇଲେ କଟକ ସର୍କଲର ଡ୍ରାମା, ତାକୁ ଉଦ୍‌ଘାଟନ କରିବେ, ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, କାହାକୁ କିଛି ନକହି ଠିକାଦାର ଫନୀ କାନନ୍‌ଗୋ ସୋମନାଥ ସାହୁଙ୍କ କାର୍‌ରେ ସନ୍ଧ୍ୟା ସାତଟା ବେଳେ ଶହିଦ୍ ଭବନରେ ପହଞ୍ଚିଗଲେ । ମୂଷାବାବୁ, ମୁଖ୍ୟଯନ୍ତ୍ରୀ ଅଧିକ୍ଷଣଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ C.E., S.E., E.E. ପାଟିକରି ଉଠିଲେ ଆପଣ କାହିଁକି ଆସିଲେ ? ଆପଣଙ୍କୁ ପରା ଡାକ୍ତର ରେଷ୍ଟ ନେବା ପାଇଁ କହିଛି ? ମୂଷାବାବୁ ହାତ ଯୋଡ଼ି କହିଲେ , ମୁଁ କଳାପ୍ରିୟ, କଳାର ପୂଜାରୀ, ଡ୍ରାମା ନଦେଖି ରହିପାରନ୍ତି କେମିତି ? ଠିକ୍ ସେତିକିବେଳେ ମନ୍ତ୍ରୀ ଓହ୍ଲାଇ ପଡ଼ିଲେ କାର୍‌ରୁ । ସମସ୍ତଙ୍କ ଆଗରେ ମୂଷାବାବୁଙ୍କ ପାଦ ଧୂଳି ନେଇ କହିଲେ ''କଣ ରୋଲ୍ କରୁଛ, ଆଉ ନିର୍ଦ୍ଦେଶନା ବି ଦେଇଛ'' । ମୁଖ୍ୟଯନ୍ତ୍ରୀ ବିରେନ୍ ପଟ୍ଟନାୟକ, ତାଙ୍କ କଥା ଉପରେ ମାଡ଼ିବସି କହିଲେ ''ସେ ସବୁ କରିଥାନ୍ତେ ସାର, ହେଲେ ତାଙ୍କର ଯେଉଁ ଅବସ୍ଥା । କଣ, ଇୟୋଦରବାବୁ, ମୂଷାବାବୁଙ୍କ ଘର ଦିଆଯାଇଛି ତ''? ମୂଷାବାବୁ କହିଲେ ହଁ ଗୋଠ କବର ଭିତରେ ଗୋଟିଏ ନିଭୃତ କୋଠାରୀ ଦିଆଯାଇଛି, ମନେ ହେଉଛି ମୁଁ ଯେମିତି ବନ୍ଦୀ 'ସାହାଜାହାନ', କାନ୍ଥରେ ରନ୍ଧ୍ରଟିଏ ବି ନାହିଁ, ତେଣୁ ମୁଁ ସୁରକ୍ଷା ବନ୍ଧର କାର୍ଯ୍ୟକୁଶଳୀ ଦେଖିବାରୁ ବଞ୍ଚିତ'' । ମନ୍ତ୍ରୀ ସବୁ ବୁଝିଗଲେ, ପ୍ରଦୀପ ଜଳିଲା, ନଡ଼ିଆ ଭଙ୍ଗାଗଲା, ପ୍ରଥମ ନୃତ୍ୟ ଆରମ୍ଭ ହେଲା ଜଣେ, ଚାଳିଶି ପଚାଶ ବର୍ଷର ବୁଢ଼ି, ଷୋଳ ସତର ବୟସର ତରୁଣୀ ପରି ବେଶ ହେଇ,

Digitized by srujanika@gmail.com

ଅର୍ଦ୍ଧଲଗ୍ନ ଅବସ୍ଥାରେ ନାଚି, ନାଚି, ମାଡ଼ି ଆସିଲା ମନ୍ତ୍ରୀଙ୍କ ଆଡ଼କୁ । ଏ ମନ୍ତ୍ରୀ ଅନ୍ୟ ମନ୍ତ୍ରୀଙ୍କ ପରି ନୁହଁନ୍ତି, **ଚରିତ୍ର ତାଙ୍କ ପାଇଁ ସବୁ କିଛି,** ବିରକ୍ତ ହେଇ, ଅନ୍ଧାର ଭିତରେ ବାହାରକୁ ଚାଲି ଆସିଲେ, ତାଙ୍କ ପଛେ ପଛେ ମୃଷାବାବୁ । ନୃତ୍ୟ ଅଭିନୟ ଅଫିସରମାନେ ପିଇ ଯାଉଥିଲେ, ଆଲୋକ ହେଲା ଦେଖିଲେ ମନ୍ତ୍ରୀ ନାହାନ୍ତି, ଖୋଜି ଖୋଜି ମନ୍ତ୍ରୀଙ୍କୁ ପାଇଲେ, ବାରଣ୍ଡାରେ ମୃଷାବାବୁଙ୍କ ସହିତ । ମୃଷାବାବୁ ନିର୍ବାହୀଯନ୍ତ୍ରୀଙ୍କ ଠାରୁ ପରମିସନ୍ ନେଇ ଫେରି ଆସିଲେ ମନ୍ତ୍ରୀଙ୍କ କାର୍‌ରେ ଭୁବନେଶ୍ୱର । ବାଟରେ ମନ୍ତ୍ରୀ ସବୁ ଶୁଣିଲେ, ତାପର ଦିନ, ଦିନ ଚାରିଟା ସୁଦ୍ଧା, ଗାଡ଼ି ପଠାଇ, ମୃଷାବାବୁଙ୍କୁ ପୁରା ଦାୟିତ୍ୱ ଦେଇ ଦେଲେ ଶିଶିର ରାଓ । ନିର୍ବାହିଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଦୁଃଖିତ ହେଲେ । ଠିକାଦାର ହେଲେ ଯୋଇଁ ଫନିକାନ୍ତୁନ୍‌ଗୋ, ସହକାରୀଯନ୍ତ୍ରୀ ମୃଷାବାବୁ, ମନ୍ତ୍ରୀ ହେଲେ ତାଙ୍କ ଶଳା **ନିରଞ୍ଜନ ପଟ୍ଟନାୟକ** - ଲାଗିଯାଉ, **"ପଣ୍ଡାଖେଳ, କଟେବାର"** । କାମଚାଲିଲା, ବହୁ ଜଟିଳ ପରିସ୍ଥିତିରେ ମୃଷାପଟ୍ଟନାୟକ, ଆଶାବାଡ଼ି ଧରି ସକାଳ ଛଅଟାଠାରୁ, ରାତି ବାରଟାଯାଏ, କାମ ଦେଖି ଚାଲିଲେ । ଠିକାଦାର ବହୁତ ଟଙ୍କାର କାମ କରି ସାରିଥିଲେ ମଧ୍ୟ, ତାଙ୍କୁ ବିଲ୍ ଦିଆଯାଉନଥାଏ । କାଗଜପତ୍ରରୁ ମୃଷାବାବୁ ଦେଖିଲେ, ଠିକାଦର ବାବୁଙ୍କ ରିପୋର୍ଟ ମୁତାବକ, ପ୍ରାୟବୟାଳିଶି ଲକ୍ଷ ଟଙ୍କାର ପଇସାବାକି ଅଛି, ନିର୍ବାହିଯନ୍ତ୍ରୀଙ୍କୁ ଯେତେ କହିଲେ ମଧ୍ୟ, ସେ ଠିକାଦାରଙ୍କୁ ବିଲ୍ ଦେବାକୁ ନାହିଁ କରନ୍ତି । କହନ୍ତି, ଆପଣ ସେ ଠିକାଦାରକୁ ଭଲ କରି ଚିହ୍ନି ନାହାନ୍ତି ସେ ଆପଣଙ୍କର ଯୋଇଁ ହେଇପାରେ, ହେଲେ ସେ ମୋତେ, ଅଧିକ୍ଷଣଯନ୍ତ୍ରୀଙ୍କୁ ମୁଖ୍ୟଯନ୍ତ୍ରୀଙ୍କୁ, ବନ୍ଧୁକ ଦେଖାଇଥିଲା ମାରିଦେବାକୁ । ଆପଣ ତାଙ୍କ ଶଶୁର ଆସିଲେଣି, ଯୋଇଁକୁ ବୁଝାଇ ପରିସ୍ଥିତି ଶାନ୍ତ କରନ୍ତୁ । "ମୃଷାବାବୁ କହିଲେ "ମୁଁ ସବୁ ବୁଝି ସାରିଛି ସାର୍, ତାଆର କିଛି ଦୋଷ ନାହିଁ, ସେ ଆପଣଙ୍କୁ କହି, ଅଧିକ ଲୋକ ଆଣିବାକୁ ନୟାଗଡ଼ ଯାଇଥିଲା, ତା ଅନୁପସ୍ଥିତିରେ ଆପଣ, ବାହାର ଠିକାଦାରମାନଙ୍କୁ ଲଗାଇ, ପଥର, ମେଟାଲ ଆଣି, କାମ, ଆରମ୍ଭ କଲେ ତେଣୁ ସେ ଆସି ବନ୍ଧୁକ ଦେଖାଇ, ପାଟିକରି କହିଲା, ମୋ କାମ ଭିତରେ ଯେ ପଶିବ, ତାକୁ ବନ୍ଧୁକରେ ମାରିଦେବି । ସେତ ଆପଣମାନଙ୍କୁ କିଛି କହିନି । ଆଠମାସ ପରେ ଦେଢ଼କୋଟି ଟଙ୍କାର ଏଲ୍.ସି. (ଲେଟର ଅଫ୍ କ୍ରେଡିଟ୍) ଆସିଲା, ଲମ୍ବୋଦର ବାବୁ, ନିର୍ବାହିଯନ୍ତ୍ରୀ ବ୍ୟସ୍ତ ହେଇ, ମୃଷାବାବୁଙ୍କୁ କହିଲେ "ଚଞ୍ଚଳ ବିଲ୍ କରନ୍ତୁ, ଚାରିଦିନ ବାକି ଅଛି, ମାର୍ଚ୍ଚ ମାସରେ ପେମେଣ୍ଟ ହେବ" ମୃଷାବାବୁ ପାଞ୍ଚଜଣ ଯାକ ଜୁନିଅର୍ ଇଞ୍ଜିନିୟରଙ୍କୁ ବସାଇ ବିଲ୍ ତିଆରି କରାଇଲେ । ଜେ.ଇ.ମାନେ ପ୍ରତିଦିନ ରାତି ବାରଟା ବେଳେ ବଡ଼ ସାହେବଙ୍କ ଠାରୁ ପରାମର୍ଶ ନେଇ, ବିଲ୍ ତିଆରି କରନ୍ତି ।

Digitized by srujanika@gmail.com

ଏକତିରିଶ ତାରିଖ ମାର୍ଚ୍ଚ ମାସ, ଦିନ ଆଠଟାବେଳେ, **"ଗଡ଼ଗଡ଼ିଆ ମହାଦେବଙ୍କୁ"** ନମସ୍କାର କରି ଏକାଉଟେଣ୍ଟକୁ ଏମ୍.ବି. ଆଉ ବିଲ୍ ଦେଇ ଦେଲେ ମୃଷାବାବୁ । ଦୁଃଖରେ କହିଲେ ବିଲ୍ ଦେବାରେ କଷ୍ଟ ହେଲା ସାର୍, ଷୋଳଟା ଏମ୍.ବି. ପୁରିଗଲା ବତିଶି ଲକ୍ଷ ଟଙ୍କାର ବିଲ୍, ପୁରା ଚେକ୍ କରି ପାରିଲି ନାହିଁ ୩୦% with held କରି ରଖିଛି ।

ଟଙ୍କା, ଏମାଉଣ୍ଟ ଶୁଣି ମୁଣ୍ଡରେ ହାତ ଦେଇ ଚିତ୍କାର କରି ଉଠିଲେ ନିର୍ବାହିଯନ୍ତ୍ରୀ । "କଣ କଲେ ଆପଣ ଦଶଲକ୍ଷ ଟଙ୍କା ଅଧିକ ପେମେଣ୍ଟ କରିଦେଲେ", ମୃଷାବାବୁ ହସିଲେ ମୁଁ ଦେଇଦେଲି ? କଣ ମୋର କଣ ଅଧିକାର ଅଛି, ମୁଁ ବିଲ୍ ଦେଇଛି ୩୦% with held କରିରଖିଛି, ଆପଣ ନିର୍ବାହିଯନ୍ତ୍ରୀ ପେଇଙ୍ଗ୍ ଅଫିସର, ଆପଣ କାଟି ଦେଇ ପେମେଣ୍ଟ କରନ୍ତୁ, ନହେଲେ ମୋତେ ଏମ୍.ବି. ଦିଅନ୍ତୁ, ଆପଣଙ୍କ କହିବା ମୁତାବକ ମୁଁ କାଟି ଦେବି । ବେହେରା ସାହେବ ଲମ୍ଵାଉଦର ଚିତ୍କାର କରି କହିଲେ, ଥରେ ଏମ୍.ବି. ଅଫିସକୁ ଆସିଲେ, ଆଉ ଫେରିଯାଏନି, ମୃଷାବାବୁ ବୁଝିଗଲେ ବିପଦ ଆସିଗଲା, ଏ ପୂର୍ବର ପରିକଳ୍ପିତ ଯୋଜନା । ସେଦିନ ଏଗାରଟା ବେଳେ, ଗୋଟା ବେଳେ ତିନିଟା ବେଳେ, ଠିକାଦାରବାବୁ ଆସି କହିଲେ, ତିନିଲକ୍ଷ ଟଙ୍କା ଦରକାର ନିର୍ବାହିଯନ୍ତ୍ରୀ ମାଗୁଛନ୍ତି ; ନହେଲେ ବିଲ୍ ପେମେଣ୍ଟ୍ ବନ୍ଦ Payment ହେବନି । ମୃଷାବାବୁ ନିରବ ରହି କହିଲେ, ତୁମ ବିଲ୍ ତୁମେ ବୁଝ ।

ସଂଜ ଛଅଟା ବେଳେ ମନ୍ତ୍ରୀଙ୍କ ପି.ଏ. ଗୋପବନ୍ଧୁ ଦାସ, କାର ପଠାଇଲେ ଗଡ଼ଗଡ଼ିଆ ଘାଟକୁ, ଆଦେଶ କଲେ, ମନ୍ତ୍ରୀ, ଏସ୍.ଡ଼ି.ଓ. ସାହେବଙ୍କୁ ଦେଖିବାକୁ ଚାହାନ୍ତି । ମୃଷାବାବୁ, ସବୁବୁଝି ଗଲେ । ସିଧାଚାଲିଲେ, ମନ୍ତ୍ରୀଙ୍କ ଘର, ମନ୍ତ୍ରୀଙ୍କ ଘରେ ଦରବାର, ସମସ୍ତେ ସାମ୍ବାଦିକ ପାଟି କରୁଛନ୍ତି, ଆପଣଙ୍କ ଭିଣେଇ ଦଶଲକ୍ଷ ଟଙ୍କାର False (ମିଥ୍ୟା) ବିଲ୍ ଠିକାଦାରଙ୍କୁ ଦେଇ ଦେଲେ । ମନ୍ତ୍ରୀ ମହୋଦୟ ଭିଣେଇଙ୍କୁ ଦେଖି ଉଠିଗଲେ, ବାଥ୍ରୁମ୍‌କୁ, ତାଙ୍କ ପଛେ ପଛେ ଭିଣେଇ ବାବୁ, ବାଥ୍ରୁମ୍ ଭିତରେ କହିଲେ "ମରାଅ, ଏଥର, ମୁଁ ଉପାୟ ଶୂନ୍ୟ, ତୁମେ ଦଶଲକ୍ଷ ଟଙ୍କା ଠିକାଦାରକୁ ଅଧିକ ଦେଇଛ" ମୃଷାବାବୁ କହିଲେ ମୁଁ ତତେ ଛୁଇଁ ଶପଥ କରୁଛି ପୁଥିଲୁ ଠିକାଦାରର ୪୨ (ବୟାଳିଶୀ) ଲକ୍ଷ ଟଙ୍କା ପାଇବାର ଅଛି, ମୁଁ ମାତ୍ର ବିଲ୍ କରିଛି ବତିଶିଲକ୍ଷ, ସେଥିରୁ ପୁଣି ୩୦% ତିରିଶଭାଗ କାଟି ଦେଇଛି, ଅସଲ କଥା ହେଉଛି ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ତିନିଲକ୍ଷ ଟଙ୍କା ମାଗୁଛନ୍ତି, ନହେଲେ ବିଲ୍ ପେମେଣ୍ଟ ହେବନି, ଠିକାଦାର କାରଧରି ଆସିଛି ତାକୁ ପଚାରି ସବୁ ସତକଥା

Digitized by srujanika@gmail.com

ଜାଣିପାରନ୍ତି । ମନ୍ତ୍ରୀ ମହୋଦୟ । ରାଗି, କରି ନିର୍ବାହିଯନ୍ତ୍ରୀଙ୍କୁ କହିଲେ, "ମୁଁ ଆପଣଙ୍କୁ ଟଙ୍କା ମାଗୁଥିଲି, ଏ ଆପଣ ମାନଙ୍କର ଗୋଟାଏ ଅଭିସନ୍ଧି, ଆପଣମାନେ ଯାଆନ୍ତୁ ମିଛଟାରେ ଏଠି ହାଲ୍ଲା କରନ୍ତୁ ନି, ଏସ୍.ଡ଼ି.ଓ. ବିଲ୍ ଦେଇଛି, କାଟି ରଖିଛି, ଆପଣ ନିର୍ବାହୀଯନ୍ତ୍ରୀ, ଆପଣ କାଟି ପେମେଣ୍ଟ କରନ୍ତୁ ଅଧିକ ହେଲେ, ଏସ୍.ଡ଼ି.ଓ.ଙ୍କୁ କୈଫତ ମାଗନ୍ତୁ, ତା ନକରି ସାମ୍ବାଦିକମାନଙ୍କୁ ଧରି ଆସିଛନ୍ତି ପେପର୍‌ରେ ଫ୍ଲାସ୍ କରିବାକୁ । ମୋ ଭିଣେଇକୁ ମୁଁ ଖୁବ୍ ଭଲ ଭାବରେ ଜାଣେ, ସେ କଣ ଏତେ ବୋକା, ଦୁଇଲକ୍ଷ ଟଙ୍କା ପକେଟରେ ନ ପୁରାଇ, ଦଶଲକ୍ଷ ଟଙ୍କା ଠିକାଦାରଙ୍କୁ ଦେଇଦେବ । ମୋ ଭଉଣୀ, ଦୁଇଶହ ଭରିସୁନା ଧରି ଆସିଥିଲା ସବୁ, ବିକି ବନ୍ଧାପକାଇ ଏବେ ପାଣିକାଚ ପିନ୍ଧୁଛି । ଦୟାକରି ଯାଆନ୍ତୁ, ଦୟାକରି ଯାଆନ୍ତୁ- "ମୁଖ୍ୟଯନ୍ତ୍ରୀଙ୍କ ହାତରୁ ସସ୍‌ପେନ୍‌ସନ୍ ଫାଇଲ୍‌ଟା ଟାଣି ଆଣି ଚିରିଦେଲେ ମନ୍ତ୍ରୀ ମହୋଦୟ । ତାପରେ ଏକଜଣିଆ, ପାଞ୍ଚଜଣିଆ ଓ ଶେଷରେ ଅଭିଜ୍ଞଯନ୍ତ୍ରୀ ଅଭିମତ ଦେଲେ, ଠିକାଦାରବାବୁଙ୍କର ବୟାଳିଶି ଲକ୍ଷ ଉପରେ ଟଙ୍କା ପାଇବାକୁ ଅଛି । କିନ୍ତୁ ଏ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଅତି ଚାଲାଖରେ, ମନ୍ତ୍ରୀ ମହୋଦୟ, ମୃଷା ପଟ୍ଟନାୟକଙ୍କୁ ବଦଳିକଲେ ଦଶପଲ୍ଲା । ଘେରିବନ୍ଧରେ ଆଶାବାଡ଼ି ହେଲା ଦୁର୍ଦ୍ଦଶାର କାରଣ । ତାଙ୍କ ଦୀର୍ଘ ୩୫(ପଇଁତିରିସ) ବର୍ଷ ଚାକିରିରେ କଳଙ୍କ ଆଣିଦେଲା **"ଘେରିବନ୍ଧର ଲେଙ୍ଗଡ଼ା"**

Digitized by srujanika@gmail.com

ଷ୍ଟେସନ ବଜାର ମାଇଚିଆ

କୃଷ୍ଣ ଚନ୍ଦ୍ର ମହାନ୍ତି
ଚନ୍ଦନପ୍ରଭା ମହାନ୍ତି

କୃଷ୍ଣଚନ୍ଦ୍ର ମହାନ୍ତିର, ଭୁବନେଶ୍ୱର, ଜଣେ ଅତିପୁରୁଣା, ପ୍ରତିଭାଶାଳୀ ଠିକାଦାର । ତାଙ୍କର ସ୍ତ୍ରୀ, ଚନୀ ଦେବୀ ସାକ୍ଷାତ ଲକ୍ଷ୍ମୀ । ତାଙ୍କ ସୁକୃତୀରୁ କୃଷ୍ଣବାବୁ, ଅଚଳାଚଳ ସଂପତିର ଅଧିକାରୀ । ଚନୀଦେବୀ ଧର୍ମପରାୟଣା ମହିଳା, ସ୍ନେହୀ ଅତି ଉଚ୍ଚ ମନାର ସ୍ତ୍ରୀ ଲୋକ । ଭୁବନେଶ୍ୱର ସାରା ତାଙ୍କର ପ୍ରଂସଶା । କଳାପ୍ରେମୀ, ନାଟକ ଦେଖିବାକୁ ସଉକ୍ ବେଶି । ମୃଷାବାବୁଙ୍କ ଅଭିନିତ, ନିର୍ଦ୍ଦେଶକ, ଯେତେ ନାଟକ ଏକାମ୍ର ଥିଏଟରସ୍‌ରେ ହୁଏ ସବୁ କୃଷ୍ଣବାବୁଙ୍କ ସହ, ଆଗଧାଡ଼ିରେ ବସି ଦେଖନ୍ତି ଚନୀଦେବୀ । ବଡ଼ ପୁଅ ଜ୍ଞାନ ବହୁତ ଦିନରୁ ବିବାହ କରିଥାଏ ଝୁନୁକୁ, ପୁରୀର ସୁନ୍ଦରୀଝିଅ । ଚନୀଦେବୀଙ୍କର ସମସ୍ତ ଗୁଣ ତା ପାଖରେ, ଘରର ବଡ଼ବୋହୂ ହେବାର ଯୋଗ୍ୟ । ତା ତଳପୁଅ, ବାବୁଲି । ଲକ୍ଷ୍ମୀଧର, ତୁଙ୍ଗ ଆଇ.ଏ.ଏସ୍. ଝିଅ ମାମୀକୁ ବିବାହ, କରିଥାଏ (ପ୍ରେମକରି) ମାମୀ ସୁନ୍ଦର କଉତିକିଆ ହରିଣ ଛୁଆଟି ପରି, ଖେଳୁଥିଲା, ତୁଙ୍ଗ ବାବୁଙ୍କ ଫୁଲ ବଗିଚାରେ; ତା ଉପରେ ନଜର ପଡ଼ିଗଲା ବାଣୁଆ ପ୍ରେମାତୁରା ବାବୁଲିର । ବାବୁଲିର ଶକ୍ତ ଲାଇଲନ୍ ଜାଲରୁ ଖସିପାରିଲାନି "ମାମୀ" ବିବାହ ହେଲା । ମାମୀ ମୃଷାବାବୁଙ୍କର ନାତୁଣୀ ତାଙ୍କ ବଡ଼ଝିଅ ମେଘମାଳାର ସ୍ୱାମୀ ସଂଗ୍ରାମ ମହାନ୍ତି, ଲକ୍ଷ୍ମୀଧର ତୁଙ୍ଗଙ୍କ ଶଳା, ତେଣୁସେହି ହିସାବରେ, ମୃଷାବାବୁ ଚନୀଦେବୀଙ୍କର ମଉସା, ହେଲେ ସେ ପୂର୍ବ ହିସାବରୁ ସମୁଦୀ ଡାକି ଆନନ୍ଦ ପାଆନ୍ତି ।

ମୃଷାବାବୁଙ୍କ ଶଳା, ସୁବାଷ ଭାଇଙ୍କ ଝିଅ ବୁବି, ମୃଷାବାବୁ ଆଉ କାନ୍ତି ଦେବୀଙ୍କ ଚେଷ୍ଟାରେ ଚନୀ ଦେବୀଙ୍କ ଦ୍ୱିତୀୟପତ୍ର କାବୁଲିକୁ ବିବାହ କଲା । କାବୁଲି, ସ୍ୱସ୍ତୀ ହୋଟେଲ୍ ମ୍ୟାନେଜିଂ ନିର୍ଦ୍ଦେଶକ, ଦିନକୁ ଦିନ ଉନ୍ନତି କରି ଚାଲିଲା, ହୋଟେଲ୍ ଓଡ଼ିଶା

Digitized by srujanika@gmail.com

ତଥା ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ହୋଟେଲ୍ ମାଲିକ ହିସାବରେ ସମ୍ମାନୀତ ହେଲା ବିଜେନ୍ଦ୍ର ମହାନ୍ତି(କାବୁଲି) । ସୁବାଷ ଭାଇଙ୍କ ସାନଭାଇ ରମେଶ ଭାଇଙ୍କ ଚେଷ୍ଟାରେ ମୃଷାବାବୁ ବିବାହ କରିଥିଲେ ତାଙ୍କର ତୃତୀୟ ଭଉଣୀ କାନ୍ତିଲତାଙ୍କୁ । ରମେଶ ଭାଇଙ୍କର ତିନିପୁଅ, ଝିଅ ନଥାନ୍ତି, ସେ ବାରମ୍ବାର କାନ୍ତିକୁ ଅନୁରୋଧ କଲେ ଇଲା (ବସନ୍ତ ବାହାରକୁ) ଝିଅ କରିବା ପାଇଁ, କିନ୍ତୁ କାନ୍ତି ଦେବୀ ମନା କରିବାରୁ, ତାଙ୍କ ବଡ଼ ଭାଇ ସୁବାଷ ପଟ୍ଟନାୟକ ଏକମାତ୍ର ଝିଅ 'ବୁବି'ଙ୍କୁ ଝିଅ କଲେ । ବୁବି ହେଲା, ସାତଭାଇଙ୍କ ଭିତରେ ଗୋଟିଏ ବୋଲି ତଅପୋଇ ଭଉଣୀ । ଆଉ ଚନୀ ଦେବୀ ହେଲେ ମୃଷାବାବୁଙ୍କର ପ୍ରିୟ ସମଦୁଣୀ । କାବୁଲି ନିଜ ଯୋଇଁଙ୍କ ଠାରୁ, ଆହୁରି ପ୍ରିୟ ଯୋଇଁ । ପିଉସାଙ୍କୁ ଶଶୁରଙ୍କ ଠାରୁ ବେଶି ଭଲପାଏ । ପ୍ରତ୍ୟକ୍ଷ, ପରୋକ୍ଷରେ ମୃଷାବାବୁଙ୍କୁ ସାହାଯ୍ୟ କରେ । ଆଉ ଚତୁର୍ଥ ପୁଅ ''ପୁପୁ'' ବିବାହ କଲା ରାଉରକେଲାର ସିଂହଦେଓ ଫାମିଲର ସୁନ୍ଦରୀ ଝିଅକୁ । ''ପପୁ'' ଆଉ ତାର ସୁନ୍ଦରୀ ସ୍ତ୍ରୀ ''ଯୋଡ଼ି'' ମାନିବାକୁ ପଡ଼େ । ତା ତଳପୁଅ ''ଦୀପୁ'' ପୁରା ଗୋରା ବା କୃଷ୍ଣବର୍ଣ୍ଣ ନହେଲେ ବି କୃଷ୍ଣକଳାରେ ଜନ୍ମ- ଦୌଡ଼ି ଦୌଡ଼ି ଗୋଡ଼ାଇ, ଗୋଡ଼ାଇ ଜେଲ୍ ପାଖରେ ଜଗି ଜଗି ସବୁବେଳେ ହସୁଥିବା ସୁନ୍ଦରୀ ଅପ୍ସରାକୁ ପ୍ରେମକରି- ମଧୁପାନ କରି ବାହାହେଲା । ଆଉ ସବା ସାନ ''ଲିପୁ'' ଅନେକ ସିନେମା ଛବିରେ ହିରୋ, ବହୁ ହିରୋଇନ ଏପରିକି ଦିପ୍ତୀ ନାଭାଲ ତାକୁ ପ୍ରେମ କରିବାକୁ ବ୍ୟାକୁଳ ଥିଲା । ସେ ସବୁ ପ୍ରଲୋଭନ ଏଡ଼ାଇ 'ମା' ଚନୀଦେବୀଙ୍କ ମନୋନିତ ଝିଅକୁ ବିବାହ କଲା ।

ମୃଷାବାବୁଙ୍କ ବଡ଼ପୁଅ ଦୀପକ୍, କାବୁଲିର ସବୁଠାରୁ ସ୍ନେହୀ ବଡ଼ ଶଳା ସମୁଦୁଣୀଙ୍କର ତିନି ତିନିଟା ସିନେମା ହଲ୍, ସେ ଏତେ କଳା ପ୍ରେମୀ ଯେ ''ବାସନ୍ତି ଅପା'' ସିନେମାରେ ମୃଷାବାବୁଙ୍କର ସ୍ତ୍ରୀ ଭୂମିକାରେ ଅଭିନୟ କରିବାକୁ ରାଜିହେଇ ''କହିଲେ ସମୁଦୀଙ୍କର, ସ୍ତ୍ରୀ ହେଉଛି, ଦୁଃଖ କଣ'' । ମେକପ୍ ଡ୍ରେସ ହେଇ, ଲକ୍ଷପତୀର ସ୍ତ୍ରୀ ହିସାବରେ ବସି ଥାନ୍ତି ସମୁଦୁଣୀ, ହଠାତ୍ କୃଷ୍ଣବାବୁ ଆଉ ତାଙ୍କ ପୁଅମାନେ, ପାଞ୍ଚ, ଛଟା କାର୍ ଧରି, ଲକ୍ଷ୍ମୀସାଗରର ଦୀପାଲୋକ ଘେରାଉ କଲେ, 'ବଉକୁ କହିଲେ, ଆମେ ସିନେମାହଲ୍ ମାଲିକ୍, ଆଜି ଚାହିଁଲେ,କାଲି ସିନେମା କରିବୁ, ତୁ ଅନ୍ୟ ଲୋକର ସିନେମାର ରୋଲ କରିବୁ, ଆମକୁ ଲାଜ ଲାଗିବ ନାହିଁ'', ଚାଲ, ବାଧ୍ୟ କରି ଫେରାଇ ନେଲେ ବଉକୁ ।

ସତକୁ ସତ ସିନେମା ଆରମ୍ଭ କଲେ, **''ସତକେବେ ଲୁଚି ରହେନା''** ପ୍ରଯୋଜକ ହେଲେ ଦ୍ୱିତୀୟ ପୁଅ, ବାବୁଲି ମହାନ୍ତି, ନିର୍ଦ୍ଦେଶକ ରମେଶ ମାହାନ୍ତିଙ୍କୁ କହିଲେ, ''ଆମ ମୃଷାଅଜାଙ୍କୁ ଯେମିତି ଭଲ ଚରିତ୍ର ରୋଲ୍‌ଟିଏ ଦିଆଯାଏ'' ।

ଖଣ୍ଡଗିରି ଛକରେ ଜେଲ୍ ଘର ତିଆରିହେଲା, ଦଶ, ପନ୍ଦର ଜଣ ଟୋକା କଏଦୀ, ବିଜୟ ମହାନ୍ତି, ଉତ୍ତମ ମହାନ୍ତି, ଶ୍ୟାମଳେନ୍ଦୁ, ଶରଶୀ ଇତ୍ୟାଦି, ଇତ୍ୟାଦି । ମୃଷାବାବୁ ମେକପ୍ ହେଲେ, ଷ୍ଟେସନ ବଜାର ବୃଦ୍ଧ ମାଇଚିଆ ବେଶରେ, ଏ ରୋଲ୍ କରିବାକୁ ଆଦୌରାଜି ହେଲେନି ମୃଷାବାବୁ । ନିର୍ଦ୍ଦେଶକ ମହାଶୟ କହିଲେ 'ବଡ଼ଭାଇ

Digitized by srujanika@gmail.com

ଅମିତା ବଚନେ, କିଶୋରକୁମାର, ମିଥୁନ୍ ତ ପୁଣି ବେଳେ ବେଳେ ମାଇଚିଆ ରୋଲ୍ କରନ୍ତି, ରୋଲ୍ ବଢ଼ିଆ ଅଛି କରନ୍ତୁ । ବହୁତ ନାଆଁ କରିବେ । ''ନିର୍ଦ୍ଦେଶକ କଥା ରଖିଲେ । ସୁଟିଙ୍ଗ୍ ଆରମ୍ଭ ହେଲା, ଜଣେ ଓ୍ୱାଡ଼ର ମୃଷାବାବୁଙ୍କୁ ଠେଲି ଦେଲା, ଜେଲ୍ ହାଜତ୍ ଭିତରକୁ, ମୃଷାବାବୁ ଅଭିନୟ କରି କହିଲେ' ଏ, ମା, ସଙ୍କାଳୁ, ସଙ୍କାଳୁ ହିରୋଉପରେ ଧକ୍କା, କି ଭାଗ୍ୟ ମୋର, ଆନନ୍ଦରେ ଜାବୁଡ଼ି ଧରିଲେ ଉତ୍ତମ ବାବୁଙ୍କୁ, ଆଉ ଉତ୍ତମବାବୁ ହସି ହସି ଠେଲି ଦେଲେ, ଭିତରକୁ । ଭିତରେ ମୃଷାବାବୁ ଦେଖିଲେ, ସାତ, ଆଠ ଜଣ ଲୋକ କଏଦୀ, ସମସ୍ତଙ୍କୁ ଆଖି ମାରି ଫେ କରି ହସି ଉଠିଲେ ଷେସନ ବଜାର ମାଇଚିଆ ସେମାନେ ସବୁ ତାଙ୍କର ରାତି ଗରାଖ । ହଠାତ୍ ନଜର ପଡ଼ିଲା ଖଟ ଉପରେ ଶୋଇ କୁମ୍ଭକର୍ଣ୍ଣଙ୍କ ପରି ନିଶ୍ୱାସ ମାରୁଛି ଜଣେ ' ଏ,ମା ଆମ ଗୁରୁଦେବ, ମଲ୍ଲିଆବାବୁ, ହମ୍ପୁ ଦେଇ ପଡ଼ିଲେ ତାଙ୍କ ଛାତି ଉପରେ, ହାତ, ମୁଣ୍ଡ ଛାତି ଗାରିଆଡ଼େ, ଚୁମାଦେଇଗଲେ,. ହାତମାରିଲେ ଗୋଡ଼ରେ ଗୁରୁଦେବ୍, କି ନା ଯେତେ ରାତି ହେଉପଛେ, ଭାଙ୍ଗ ଟେଳାଏ ପକାଇ ମାଇଚିଆମାନଙ୍କ ଠାରୁ ବଟି ଆଦାୟ କରିବା କାମ ତାଙ୍କର । ସୁଟିଂଶେଷ ।

ତାପରଦିନ ସୁଟିଙ୍ଗ ଜେଲ୍ ସୁପରି ଟେଣ୍ଡେଟ୍ ଚନ୍ଦ୍ରାରାୟ, ଇନ୍ସ୍‌ପେକ୍ସନ୍ କରୁଥାନ୍ତି, ନିର୍ଦ୍ଦେଶକ ସବୁ କଏଦୀମାନଙ୍କୁ ଲାଇନ୍ କରି ବସାଇ ଥାଆନ୍ତି । ଉତ୍ତମ ବାବୁ ଆଖି ମାରି ଦେଲେ । ମୃଷାବାବୁ ଯାଇ ବସିଲେ ତାଙ୍କରି କାଖରେ । ହିରୋ ପାଖରେ ବସିଲେ ଭଲ, ଫଟ ଉଠିବ, କାମେରା ତାଙ୍କ ମୁହଁରେ ବୁଲିବ, ହିରୋପାଖରେ ଯାକି ହେଇ ବସିବା କେତେଜଣ ଜୁନିୟର ଆର୍ଟିଷ୍ଟଙ୍କ ଭାଗ୍ୟରେ ଜୁଟେ ।

ଚନ୍ଦ୍ରାରାୟ ସମସ୍ତଙ୍କୁ ପଚାରି ଚାଲିଥାନ୍ତି, ଶେଷରେ ପାଳିପଡ଼ିଲା ମୃଷାବାବୁଙ୍କର । ଚନ୍ଦ୍ରାରାୟଙ୍କୁ ପୁରୁଷ ବେଶରେ ଦେଖି ଫେଁ କରି ହସି ଉଠିଲେ ମୃଷାବାବୁ, ସବ୍‌ଭାରି ବଢ଼ିଆ ହେଲା, ତାଙ୍କର ମନେପଡ଼ି ଗଲା, **''ବାସନ୍ତି ଅପା''** ସୁଟିଙ୍ଗବେଳେ, ଚନ୍ଦ୍ରାରାୟ ମୃଷାବାବୁଙ୍କ ବହୁ ''ମିଥୁନ ଚକ୍ରବର୍ତ୍ତୀ''ଙ୍କ ସାନଭାଇ, ''ଦିଲ୍ଲିପ୍'' ତାଙ୍କର ପୁଅ । ବଡ଼ ସୁନ୍ଦରିଆ ବେଶ କରି ଚନ୍ଦ୍ରାରାୟଙ୍କୁ ବହୁ କରି ଆଣିଥିଲେ ଘରକୁ, ସେଦିନ ତାଙ୍କ ନିଜ ପୁଅ ଦୀପକ୍ ବଉକୁ କହିଥିଲା, ''ପୁଅ ବେଶ ହେଇନି ଚନ୍ଦନ, ସିନ୍ଦୁର ଲଗାଇନି, ବାପା, ଘରକୁ ବହୁ ଆଣିଲେନି । ଏକଥା ଶୁଣି ହସି ହସି ଗଡ଼ି ଯାଇଥିଲେ ଚନ୍ଦ୍ରାଦେବୀ, ଖଳ ଅଭିନେତ୍ରୀ ଛାୟା ଉପରେ ।

ଚନ୍ଦ୍ରାରାୟ ପଚାରିଲେ, କୁହ କାହିଁକି ଜେଲ୍‌କୁ ଆସିଛ ? ମୃଷାବାବୁ କହିଲେ ''ଆମ ବ୍ୟବସାୟ ଆରମ୍ଭ ରାତି ବାରଟା ପରେ, ଆଉ କଣ ଆଗ ପରି ଭଲ ଗରାଖ ଜୁଟୁଛନ୍ତି, ଅତି ବେଶିରେ, ରାତିସାରା ଅନିଦ୍ରା ହେଲେ, ପଚାଶ କି ଶହେ ଟଙ୍କା ମିଳିବ କଷ୍ଟ ମଷ୍ଟେ । ଟାର୍ଟ ଛାତିରେ ମାରି ଦେଇଛି, ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କା ହେଲେ ପାଂଯାଜୀ ଡ୍ରାଇଭରମାନଙ୍କ ପାଇଁ ରେଟ୍ ହେଉଛି କୋଡ଼ିଏ, ମୋଟା ମୁଦୁଗୁରିଆ ଦେହ, ତାଙ୍କ ଓଜନ ସହିବା ବଡ଼ କଷ୍ଟ ।

Digitized by srujanika@gmail.com

ରାତି ଅଧରେ ଜଣେ, ମଦୁଆ, ନିଶୁଆ, ରସିକିଆ, କନଷ୍ଟବଲ୍ ଆସିଲା, ଯାହାତ ଖୁସିହେଲା ହେଲା, ଶେଷରେ ପୁଣି ବଟି ମାଗିଲା, ନଦେଲାରୁ ନେଇଗଲା ଥାନାକୁ । ମୁଁ କୁଆଡ଼େ ଚୋରି କରିଛି, ତୁମେ କହିଲ ମା, ମୋର କିଏ ଅଛି ମୋତେ ଜାମିନିରେ ଆଣିବ ? ହସି, ହସି ଚାଲିଗଲେ, ଆଉ କଏଦୀ ପାଖକୁ ତନ୍ଦ୍ରାଦେବୀ । ସୁଟିଂ ବନ୍ଦ ।

ତାପରଦିନ ସୁଟିଂ, ସକାଳୁ, ସକାଳୁ କଏଦୀମାନେ କୋଡ଼ି, ଗଇନ୍ତି ଶାବଳ ଧରି, ବଗିଚାରେ କାମ କରୁଛନ୍ତି । ଟୋକି ମାଇଚିଆ ଶରଣୀ ପଟ୍ଟନାୟକ କାମ କରି, କରି, ଝାଳ ନାଳ ହୋଇଗଲାଣି, ତାପାଖକୁ ଗଲେ, ବୁଢ଼ା ମାଇଚିଆ ମୃଷାବାବୁ "କିରେ କାମ କରୁଛୁ କଣ, ତୋ ମା'ପରା ମରିଗଲା, ମୋ ପାଖକୁ ଖବର ଆସିଛି" । କାମ ବନ୍ଦ କରି ଭୋ ଭୋ କରି କାନ୍ଦି ଉଠିଲା ଶରଣୀ, ମୋ, ମା, ମୋତେ ଛାଡ଼ିତୁ କୁଆଡ଼େ ଗଲୁଲୋ ମା, କାନ୍ଦ ଶୁଣି ଦୌଡ଼ି ଆସିଲେ ଓ୍ୱାଡ଼ର **"ଶେଖର ଦତ୍ତ"**। କାହିଁକି କାନ୍ଦୁଛୁ ପଚାରିବାରୁ, ଶରଣୀ କହିଲା, ମୋ, ମା ମରିଗଲା ବାବୁ, ମୋତେ ଏ ଖବର ଦେଲା ବଡ଼ ଅପା । ଏକଥା ଶୁଣି ବାଡ଼େଇ ଚାଲିଲା ଓ୍ୱାଡ଼ର ମୃଷାପଟ୍ଟନାୟକଙ୍କୁ, "ଶଳା ମାଇଚିଆ, ନିଜେ ତ କାମ କରିବୁନି, ମିଛ କଥା କହି ଅନ୍ୟମାନଙ୍କ କାମବନ୍ଦ କରିବୁ"। ନିର୍ଦ୍ଦେଶକ ମହାଶୟ, କାମେରାମାନ୍, ବାରମ୍ବାର କହିଥାନ୍ତି ମୃଷାବାବୁ ମାଡ଼ ଖାଇ ଖାଇ ମାଲୋ, ବାପଲୋ, କହି ଗଛ ଗଣ୍ଡିରୁ ଦୁଇଫୁଟ ଉପରକୁ ଉଠିଯିବେ, ବନ୍ଦ କହିଲେ, ମାଡ଼ ବନ୍ଦ, କାମେରା ବି ବନ୍ଦ ।

ଓ୍ୱାଡ଼ର ମାରି ଚାଲିଛି, ମୃଷାବାବୁ ଲଙ୍ଗଳା, ମୁକୁଳା ହୋଇ ଚଢ଼ିଗଲେ ଗଛ ଉପରକୁ, ମାଡ଼ ବନ୍ଦ, ହେଉ ନଥାଏ, କାମେରାମାନ୍ ନିର୍ଦ୍ଦେଶକ କହିଲାପରେ ମଧମାଡ଼ ଚାଲିଥାଏ, ମାରି, ମାରି, ଦେହଗୋଡ଼ ପିଠିରୁ ରକ୍ତ ବୁହାଇ ଦେଲେ ଓ୍ୱାର୍ଡ଼ର । ଅଚେତ ଅବସ୍ଥାରେ ତଳେ ପଡ଼ିଗଲେ ମୃଷାବାବୁ । ପ୍ରଯୋଜକ ନାତି, ଦୌଡ଼ି ଆସିଲେ, ଦୌଡ଼ିଆସିଲେ ଅନ୍ୟ ଭାଇମାନେ, ଡ଼ାକ୍ତର ଡ଼ାକି ସେବା ଶୁଶ୍ରୁଷା ଆରମ୍ଭ କଲେ ନାତିମାନେ । ଓ୍ୱାର୍ଡ଼ରଙ୍କୁ ବହୁତ ଗାଳିଦେଲେ । ନିର୍ଦ୍ଦେଶକଙ୍କୁ କହିଲେ, କୋଉଠୁ ଖଡ଼ାଖିଆ ଅଭିନେତା ଆଣିଛ, ମାରୁ, ମାରୁ ଜୀବନରେ ମାରିଦେଇ ଥାଆନ୍ତା, ଭାଗ୍ୟକୁ ଆମେ ମାନେ ପହଞ୍ଚିଗଲୁ ବୋଲି ସିନା ।

ଓ୍ୱାଡ଼ର ଶେଖର ଦତ୍ତ, ମୃଷାବାବୁଙ୍କୁ ଗୁରୁଦେବ ବୋଲି ଡ଼ାକନ୍ତି, ଗୋଡ଼ତଳେ ପଡ଼ିଯାଇ କହିଲେ, "ମୋତେ କ୍ଷମା କରନ୍ତୁ ସାର୍, ଜୀବନରେ, ଏ ଭୁଲ୍ ଆଉ କେବେ ହବନି, ଜାଣିପାରିଲି ନାହିଁ, ମୋର ମୁଡ଼ ଆସିଗଲା' ।

ମୃଷାବାବୁ କହିଲେ ତୁମର କିଛି ଭୁଲ୍ ହେଇନି ଶେଖର, ଭୁଲ୍ ମୋର, ମୁଁ ରୋଲ୍ କରିବା ପାଇଁ, ଯୋଇଁ, ନାତୁଣୀ ଯୋଇଁକି କହିଥିଲିତ, ତାଙ୍କୁ ଆଉ କିଛି ରୋଲ୍ ମିଳିଲା ନାହିଁ ଶେଷରେ ବୁଢ଼ାଅଜାଙ୍କୁ ଦେଲେ ଗୋଟିଏ ମାଡ଼ଖିଆ ରୋଲ **"ଷ୍ଟେସନ ବଜାର ମାଇଚିଆ"** ।

Digitized by srujanika@gmail.com

ହାକିମ୍ ବାବୁଙ୍କ ଅର୍ଦ୍ଦଲି

ପ୍ରଯୋଜକ ଡ଼ଃ ଅମିୟ ପଟ୍ଟନାୟକ

କୁଆଁରିଆ ଜଳସେଚନ ଯୋଜନା, ବହୁତ ବଡ଼ ଦାୟିତ୍ୱରେ ମୃଷାବାବୁ, ଟିକିଏ ହେଲେ, ବେଳ ନଥାଏ । ଟେଲ୍ ଏଣ୍ଡ ତକ, ମେନ୍ କେନାଲରେ ପାଣିଯିବ । ଦିନରାତି କାମ ଚାଲିଥାଏ । ଦିନେ ଭୁବନେଶ୍ୱରରେ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ସାନଭାଇ ଡଃ ଅମିୟ ପଟ୍ଟନାୟକଙ୍କ ସହିତ ଦେଖାହେଲା, ସେ କହିଲେ, ମୃଷାଭାଇ, ତୁମେ ଜଣେ ସୁନାମଧନ୍ୟ ମଞ୍ଚ ଅଭିନେତା ଓ ନିର୍ଦ୍ଦେଶକ, ପ୍ରଥମ ଥର ପାଇଁ ମୋ ବଡ଼ ଭାଇ ପ୍ରଫୁଲ ଆଉ ଧିରେନ୍ ଭାଇ ''ଅରୁନ୍ଧତୀ'' ସିନେମାରେ ଅଭିନୟ କରିବାପାଇଁ ସୁଯୋଗ ଦେଇଥିଲେ, ହେଲେ ଆଜିଯାଏ ତୁମକୁ କେହି ଚିହ୍ନି ପାରିଲେ ନାହିଁ, ତୁମେ ଲବିତ କରି ପାରିଲ ନାହିଁ । ଏ ଯୁଗ ହେଲା ପ୍ରଚାରର ଯୁଗ, ମୁଁ ସିନେମା କରୁଛି, **''ହାକିମ୍‌ବାବୁ''** ତୁମକୁ ଏମିତି ବ୍ରେକ୍ ଦେବି ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହେବେ, ଖବର ଯିବ ପ୍ରସ୍ତୁତ ଥାଅ'' ।

ଖବର ଦେବା ଦରକାର ପଡ଼ିଲା ନାହିଁ, ଚାରିଆଡ଼େ ପ୍ରଚାର ହୋଇଗଲା ଡଃ ଅମିୟ ପଟ୍ଟନାୟକ, ଯେ କି ରାଉରକେଲାରେ ଅଭିନବ ମଞ୍ଚ ପ୍ରଣାଳୀରେ, ନାଟକ ପରିବେଷିତ କରି, ସାରା ଓଡ଼ିଶାର ଦିଗ୍ ଦର୍ଶକ ଥିଲେ, ଯାହାଙ୍କର ''ଏକଲବ୍ୟ'', ନର୍କରେ ଚହଳ, ବ୍ୟଭିଚାର, ନାଟକ ଅବିସ୍ମରଣୀୟ, ତାଙ୍କର ପ୍ରଥମ ଓଡ଼ିଆ ଚଳଚିତ୍ର **''ହାକିମ୍ ବାବୁ''** ପ୍ରସ୍ତୁତି ପଥେ । ନାମକରା ନିର୍ଦ୍ଦେଶକ ମାନଙ୍କୁ ଛାଡ଼ି, ସେ ନିର୍ଦ୍ଦେଶକ ରୂପେ ବାଛି ବାଛି ତରୁଣ ନିର୍ଦ୍ଦେଶକ ପ୍ରଣବ ଦାସକୁ ମନୋନିତ କଲେ । ପ୍ରଣବ ଦାସ ଅତି ଅଳ୍ପ ବୟସର ତୀକ୍ଷ୍ଣଧୀ, ପ୍ରତିଭାବାନ ଯୁବକ, ଯେ ନିଜ ଚେଷ୍ଟାରେ **''ପ୍ରତିକ୍ଷା''** ସିନେମା ଶ୍ୱଶୁର ନାରୟଣ ଦାଶଙ୍କ ଛାତ ଉପରେ ପୁରା ପୁରି ସୁଟିଙ୍ଗ କରିଥିଲେ । ସେହି ପ୍ରଣବ ଦାସ ମୃଷା ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନାଟକ ରାମ ରହିମ ରେ ମୁସଲମାନ୍ ଇଞ୍ଜିନିୟର ଅଛିଦ୍ ରୋଲ୍ କରିଥିଲେ, ଆଉ ହିନ୍ଦୁ ହିନ୍ଦୁ ଇଞ୍ଜିନିୟର ନିଜେ ନିର୍ଦ୍ଦେଶକ ମୃଷାପଟ୍ଟନାୟକ, କମଲେଶ । ସେହି ପ୍ରଣବ ଦାସ ମୃଷାବାବୁଙ୍କୁ ଡ଼ାକନ୍ତି **ବଡ଼ଭାଇ** ପୁଣି ଏକ ଗାଁର ବଡ଼ ଭାଇ ନାରାୟଣ ଦାଶଙ୍କ ଝିଅକୁ ପ୍ରେମ କରି ବିବାହ କରି, ହେଲେ **ଯୋଇଁ,** ପରେ ହେଲେ **ନାତୁଣୀ ଯୋଇଁ** ମୃଷାବାବୁଙ୍କ ଯୋଇଁ ପ୍ରିୟବ୍ରତ ପଟ୍ଟନାୟକ ଆଇ.ଏ.ଏସଙ୍କ ଭଣଜା ହିସାବରେ । ସେ ସବୁ ପରିଚୟକୁ

Digitized by srujanika@gmail.com

ବାଦ୍‌ଦେଇ କେବଳ ଡ଼ାକନ୍ତି ଭକ୍ତିରେ "**ବଡ଼ଭାଇ**", ଆଉ ମୃଷାବାବୁଙ୍କ ପୁଅ ଦୀପକ ପଟ୍ଟନାୟକ (ଓଡ଼ିଶାର ମିଥୁନ୍) ତାଙ୍କୁ ଡ଼ାକେ ପ୍ରଣବ ଭାଇ, ତେଣୁ ବାପା, ପୁଅ, ଦିଭାଇ ।

ସେହି ପ୍ରଣବ କହିଲେ, ଏମିତି ରୋଲ୍‌ଟିଏ ଦେବି ବଡ଼ଭାଇ, ଓଡ଼ିଶାର ସିନେପ୍ରେମୀମାନେ, ମନେ ରଖି କହିବେ, ଏହି ସେହି ଅରୁନ୍ଧତୀର **ଇଛନ୍ କାକା**, ଘର ବାହୁଡ଼ାରର **ଭୋଲା ଦାଦା**, ରାମ ରହିମର **ଢାବା ମାଲିକ** ଓ ଶେଷରେ ସଉତୁଣୀର ଖ୍ରୀଷ୍ଟିଆନ୍ ଫାଦର **ଜନ୍ କାକା** ।

ଟେଲିଗ୍ରାମ ଆସିଲା, କେନ୍ଦୁଝର କଲେକ୍‌ଟରଙ୍କ ବାସଭବନରେ ସୁଟିଂ, କାଲି ଭିତରେ ପହଞ୍ଚ । ସକାଳୁ ସକାଳୁ କେନ୍ଦୁଝର ବସ୍‌ରୁ ଓହ୍ଲାଇ ଇଉନିଟ୍ ଥିବା ଗେଷ୍ଟ ହାଉସକୁ ଗଲେ ମୃଷାବାବୁ । ତାଙ୍କୁ ଦେଖି ଇଉନିଟ୍‌ର ସମସ୍ତେ ଦୌଡ଼ିଆସିଲେ । ପ୍ରଣବ ଦାସ ନିର୍ଦ୍ଦେଶକ ହାତଯୋଡ଼ି କହିଲେ "ଆଜି ସୁଟିଙ୍ଗର ହିରୋ ଆସିଗଲେ" । ଆଉ କାମେରାମାନ୍ ରାଜନ କିଳାରୀ କହିଲେ "ମୋ ବଡ଼ ଭାଇ ହୋଇଛନ୍ତି ମୃଷାବାବୁ, ମୋର ପ୍ରାୟ "**ଜନ୍ କାକା**" ବହୁଦିନର ପରିଚିତ" । ଆଉ ଅମୀୟ ପଟ୍ଟନାୟକ ନିଜେ ପ୍ରଯୋଜକ ଆଲିଙ୍ଗନ କରି କହିଲେ "ଆସିଗଲେ, ଆଜି ସୁଟିଙ୍ଗର "**ମାନ୍ ଅଫ୍ ଦି ମାଚ୍**" ।

ମେକପ୍ ଆରମ୍ଭ ହେଲା, ଧଳା ଟ୍ରାଉଜର୍, ଧଳା ହାଫ୍ ପେଣ୍ଟ, ମୁଣ୍ଡରେ ଧଳା ଟୋପି, କାନ୍ଧରେ ପିତଳ ବାଚ୍ (ଆଇ.ଏ.ଏସ୍‌ଙ୍କ ଅର୍ଦ୍ଦଳି) । ମୃଷାବାବୁ କିଛି ବୁଝିପାରିଲେ ନାହିଁ । ଯାହାଙ୍କ ପାଖରେ ଆଠ, ଦଶ, ଅର୍ଦ୍ଦଳି, ପିଅନ୍ ସେ ପୁଣି ସିନେମାରେ ଅର୍ଦ୍ଦଳି ହେବେ । ଖବର ନେଇ ବୁଝିଲେ, ବାବି, ହେମନ୍ତ ଦାସ, ଆଉ, ଓଡ଼ିଶାର ଅଭିନେତ୍ରୀ, ବମ୍ବେରେ ରହି, ହିନ୍ଦି ସିନେମାରେ ରୋଲ୍ କରି ଚହଲ ପକାଉଥିବା ଡ଼ଲିଜେନା (ପ୍ରେମ ରାଣୀ) "Sexy Queen" ହାକିମ୍ ଆଣୀ, ସୁଟିଙ୍ଗ ଆରମ୍ଭ ହେଲା ।

କଲେକ୍ଟରଙ୍କର କ୍ୱାଟର ଆଗରେ ଟୁଲ୍ ଉପରେ ବସିଲେ ଅର୍ଦ୍ଦଳି । ହାକିମିଆଣୀ ବାହାରକୁ ଆସିଲେ, ସାଲ୍ୟୁଟ୍ ମାରିଲେ, ଅର୍ଦ୍ଦଳି । ହାକିମବାବୁ ବାହାରକୁ ଆସି ବାରଣ୍ଡାରେ ସିଗାରେଟ୍ ଟାଣିଲେ, ସାଲୁଟ୍ ମାରିଲେ, ଅର୍ଦ୍ଦଳି । ଆଗଫୁଲ ବଗିଚାରେ ବୁଲି, ବୁଲି, ଭଲ ଫୁଲଟିଏ ଖୋସାରେ ମାରିଲେ ଡ଼ଲିଜେନା, ସାଲୁଟ୍ ମାରିଲା ଅର୍ଦ୍ଦଳି । କେହି ନଥିବାବେଳେ ଟୁଲ୍‌ରେ ବସି ବିଡ଼ି ଟାଣିଲେ ଅର୍ଦ୍ଦଳି । ଅର୍ଦ୍ଦଳିଙ୍କ ସୁନ୍ଦରିଆ ଜିବନ୍ତ ଅଭିନୟ ଦେଖି, ମୁଚିକି, ମୁଚିକି ହସୁଥାନ୍ତି ହାକିମ୍‌ଆଣୀ "**ଡ଼ଲିଜେନା**" ।

କିଛି ସମୟପରେ ମୁଣ୍ଡରେ ଗୋଟାଏ ବୁଜୁଲି, ଆଉ ହାତରେ ଗୋଟାଏ କୁକୁଡ଼ା ଧରି ପହଞ୍ଚିଲେ ଆଦିବାସୀ ଯୁବକ, ଯୁବତୀ, ବିଜୟ ମହାନ୍ତି ଆଉ ଶ୍ୟାମାଙ୍ଗୀ ଜୟା ତାଙ୍କୁ ଦେଖି ଥର ଥରକି, ଦିଇଟା ସାଲୁଟ୍ ମାରିଲେ ଅର୍ଦ୍ଦଳି । ବିଜୟ ବାବୁ ଆଉ ଜୟା ଫେଁ କରି ହସିଦେଲେ, ପ୍ରଶ୍ନ କଲେ ତୁମେ କିଏ ? ଅର୍ଦ୍ଦଳି ଉତ୍ତର ଦେଲେ, ଚିହ୍ନିପାରୁନ୍ ମୁଁ

Digitized by srujanika@gmail.com

ପରା କଲେକ୍ଟରଙ୍କ କାହିଁ ମାଝି ଆଇ.ଏ.ଏସ୍‌ଙ୍କ, ଅର୍ଦ୍ଦଳି । ପୁଣି ଗୋଟାଏ ସାଲୁଟ୍, ବିଜୟବାବୁ ପଚାରିଲେ "ଆଚ୍ଛା ଅର୍ଦ୍ଦଳି ମହାଶୟ, ଦିନକୁ ଅନ୍ତତଃ କେତେଥର, ସାଲୁଟ୍ ମାର, ଆଉ ଦରମା କେତେ" । ଉତ୍ତର ଦେଲେ ଅର୍ଦ୍ଦଳି "ଏଇ ପାଞ୍ଚଶହ ଠାରୁ ସାତଶହ ପାଖାପାଖି, ଆଉ ଦରମା ମାସକୁ ମାନେ, ପହିଲା ଦିନ ସାତଶହ ପଚାଶ ଟଙ୍କା ଥୁଆ" । ଆଦିବାସୀ ଭେଣ୍ଡା ବିଜୟ ମହାନ୍ତି ହିସାବ କରି କହିଲେ, ଗୋଟେ ସାଲୁଟ୍‌କୁ ଗୋଟାଏ ଟଙ୍କା, ମୁଁ ଦିନରାତି ମାଟି ହାଣୁଛି, ପନି ପରିବା କରୁଛି, ମାସ ସାରା ଅନବରତ କାମ କରୁଛି । ଶହେ ଦେଢ଼ଶହ ଟଙ୍କା ପାଉନି, ତୁମେ ଖାଲି ସାଲୁଟ୍ ମାରି ସାତଶହ ପଚାସ ଟଙ୍କା ପାଉଛ । ଆଚ୍ଛା ଅର୍ଦ୍ଦଳି ମହାଶୟ, ମୋତେ ଟିକିଏ ବିଡ଼ିଟଣା କାଇଦା, ଆଉ ସାଲୁଟ୍ ମରା ସିକାଇ ଦିଅନ୍ତ ନି ?

ଅତି ଆନନ୍ଦରେ, ବିଡ଼ିଟଣା, ଆଉ ସାଲୁଟ୍‌ମରା ଶିଖେଇ ଦେଲେ, ଅର୍ଦ୍ଦଳି । ଭିତରକୁ ଯିବାକୁ ଚାହିଁଲେ ସେମାନେ, ବାଧାଦେଲେ, ଅର୍ଦ୍ଦଳି । ଠିକ୍ ସେତିକି ବେଳେ ପଶି ଆସିଲେ ନିଜେ କଲେକ୍ଟର । ଭିତରକୁ ଡ଼ାକି ନେଲେ, ଆଦେଶ କରି ଗଲେ, ବୁଜୁଳା, କୁକୁଡ଼ା ଭିତରକୁ ନେବାକୁ, ସବୁ ଭିତରକୁ କଷ୍ଟରେ ମୁଣ୍ଡେଇ ନେଲେ ଅର୍ଦ୍ଦଳି । ନିର୍ଦ୍ଦେଶକ ପାଟିକରି ଉଠିଲେ, ବର୍ତ୍ତମାନ ସୁଟିଙ୍ଗ ବନ୍ଦ । ପୁଣି ଗୋଟାଏ ସାଲୁଟ୍ ମାରିଲେ, ଅର୍ଦ୍ଦଳି । ଡ଼ଲିଜେନା ବାହାରକୁ ଆସି, ହସି, ହସି କହିଲେ, ମୁଁ ଏହା ଭିତରେ ବହୁତ ଖବର ରଖିଲିଣି ମୃଷାବାବୁ, ଆପଣ ଜଣେ ସୁନାମଧନ୍ୟ ଅଭିନେତା କେବଳ ନୁହଁନ୍ତି, ପ୍ରଯୋଜକଙ୍କ ବଡ଼ ଭିଣେଇ ମଧ, ଆଉ ଜଣେ ଇଂଜିନିୟର- ମୋ ବାପା ମଧ ଜଣେ ଇଂଜିନିୟର ଥିଲେ" । ମୁଣ୍ଡ ଟୁଙ୍ଗାରି ଅର୍ଦ୍ଦଳି କହିଲେ "ମୁଁ ଆପଣଙ୍କ ବାପାଙ୍କୁ ଜାଣେ, ବହୁବାର ଆପଣଙ୍କ ଘରକୁ ଯାଇଛି କେବଳ ଆପଣଙ୍କୁ ଦେଖିବାପାଇଁ ମାଡ଼ମ୍" ପୁଣି ସାଲୁଟ୍ ମାରିଲେ ଅର୍ଦ୍ଦଳି । ଡ଼ଲି ଜେନା ଜୋର୍‌ରେ ହସି କହିଲେ ବନ୍ଦ କରନ୍ତୁ, ହାତ ବଥା ହେଇ ଯିବଣି, ସୁଟିଙ୍ଗ କେବେଠୁ ସରିଲାଣି, ପୁଣି ସାଲୁଟ୍ କାହିଁକି ? ଆଜି, ଦିନର ଅର୍ଦ୍ଦଳି ଅଭିନୟ ଖୁବ୍ ଭଲ କଲେ, ରାତି ଦଶଟା ପରେ, ମୋ, ଚୌକିଦାର । ଆପଣଙ୍କ ସହିତ ବହୁତ ଗୁପ୍ତ କଥା ଅଛି କହି ଭିତରକୁ ଚାଲିଗଲେ ହାକିମ ଆଣୀ । ପୁଣିଗୋଟାଏ ଲମ୍ୱା ସାଲୁଟ୍ ମାରିଲେ ଅର୍ଦ୍ଦଳି, ଡ଼ଲି ଜେନା, ହାକିମିଆଣୀ ଦୌଡ଼ି ଫେରି ଆସି, ହାତ ଧରି କହିଲେ "ବନ୍ଦ କରନ୍ତୁ, ଏଇ ହାତରେ ରାତିରେ ବହୁତ କାମ ଅଛି" । ହସି ହସି ଗଡ଼ିଗଲେ ଅର୍ଦ୍ଦଳି, ଖାଲି କହୁଥାନ୍ତି ଅଭ୍ୟାସ ହେଇଗଲାଣିତ, ମାରି ଚାଲିଛି । ଟୁଲ୍ ଉପରେ ବସି ଭାବିଲେ, ମାଡ଼ମ୍‌ଙ୍କ ସହିତ ଗୁପ୍ତ କଥା ଅର୍ଦ୍ଦଳିଙ୍କର ? ହଉ-ଆରମ୍ଭ ହେଇଗଲା ବୋଧହୁଏ ।

Digitized by srujanika@gmail.com

ରାତି ଦଶବେଳକୁ ଖିଆପିଆ ସରିଗଲା, ହାକିମଆଣିଙ୍କ ରହିବାଘରେ ଗ୍ରିନ୍ ଲାଇଟ୍, ଭିତରେ ଗିତର ମଧୁ ଗୁଞ୍ଜରଣ, ବାହାରେ ଚୌକି ଉପରେ ମୃଷା ପଟ୍ଟନାୟକ ଭିତରକୁ ଗଲେ **ନିର୍ଦ୍ଦେଶକ,** ସାଲୁଟ ମାରିଲେ ମୃଷାବାବୁ, ଅଧ ଘଣ୍ଟାକ ପରେ ଫେରି ଆସିଲେ, ପୁଣି ସାଲୁଟ୍ ମାରିଲେ ମୃଷାବାବୁ, **"ପ୍ରଣବ ଦାସ"** ହସି ହସି କହିଲେ ବଡ଼ କମାଲ କରିଦେଲେ ଆଜି, ଆଉମାତ୍ର ଦୁଇଦିନ ସୁଟିଂ, ଛବି ରିଲିଜ୍ ହେଲେ, ଆପଣଙ୍କ ପୋଜିସନ କୋଉଠି ଦେଖିବେ । ତାପରେ ଆସିଲେ **"ରାଜନ୍ କିନାଗୀ"** ଭିତରକୁ ଯାଇ ଗପସପ ହେଇ ଫେରିଲେ, ମୃଷାବାବୁଙ୍କୁ ହାଣ୍ଡସେକ୍ କରି କହିଲେ, ଆପଣ ଅଭିନୟ ପ୍ରକୃତରେ unique (ଇଉନିକ୍) । ତାପରେ ଆସିଲେ **'ଅଜିତ୍ ଦାସ'** "ହାକିମ୍ ବାବୁ", ହାକିମ୍ଆଣୀଙ୍କ ସ୍ୱାମୀ । ଘଣ୍ଟେ ଭିତରେ, ଗପସପ କରି ଫେରିଲେ ଅଜିତ୍‌ବାବୁ । ସାଲୁଟ୍ ମାରିଲେ, ଅର୍ଦ୍ଦଳି । ଅଜିତ୍ ବାବୁ କହିଲେ "ଆପଣଙ୍କ ପାଖରେ, କେତେ କଣ ଅର୍ଦ୍ଦଳି, ପିଅନ ଥିବେ, ଆପଣ ଶେଷରେ ଆପଣଙ୍କର ଶଳାର ଅର୍ଦ୍ଦଳି ହେଲେ । ମୃଷାଭାଇ କହିଲେ "ସେଥିରେ କଣ ଅଛି, **କଂସର** ବାପା **ଉଗ୍ରେସନ** ତ ପୁଣି କଂସର ଚୌକିଦାର ଥିଲା" । ତାପରେ ଆସିଲେ ଫିଲିମ୍ ଇଣ୍ଡଷ୍ଟ୍ରିର, ରାଜା **'ବିଜୟ ମହାନ୍ତି',** ହସ ହସ ମୁହଁ, ହିରୋ, ଭିଲିଆନ୍ ଚରିତ୍ର ଅଭିନେତା, ସିନେମାର ସବୁ କିଛି, ବଡ଼ ପ୍ରେମିକ, ଭିତରେ ଘଣ୍ଟେ କାଳ ରହିଲେ, ଭିତରେ, ହସରୋଳ ଉଠିଲା, ଚୌକିଦାର ସବୁ ଶୁଣିଲା, ପରଦା ଟେକି ଭିତରକୁ ଅନେଇବାର ସାହସ ନଥିଲା । ସବା ଶେଷରେ ପ୍ରଯୋଜକ ଇଂ "ଅମୀୟ ପଟ୍ଟନାୟକ", ଧୋତି, ପଞ୍ଜାବୀ ସ୍ନୋ ପାଉଡ଼ର, ଅତି ଦାମିକା ସେଣ୍ଟ ଲଗାଇ । ଭିତରେ ଡ଼ଲି, ଜେନାଙ୍କ ସହ ତାଙ୍କର ବହୁତ କାମ, ତିରିଶ ଲକ୍ଷ ଟଙ୍କା, ଖର୍ଚ୍ଚ କରି ସିନେମା କରୁଛନ୍ତି, ତାଙ୍କ ସିନେମା ଯେମିତି ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହୁଏ, ସେଥିପାଇଁ ତାଙ୍କର ହିରୋଇନ୍ ଡ଼ଲି ଜେନାଙ୍କ ସହ, ବହୁ ଗୁପ୍ତ ଆଲୋଚନା । ଭିତରେ, ମଧୁ ଗୁଞ୍ଜନ ସହିତ ବୋତଲର ରୁଣଝୁନ୍ ଶବ୍ଦ । ମୃଷାବାବୁ ଭିବିଲେ, ପ୍ରଯୋଜକ ମହାଶୟ ବୋଧହୁଏ, ରାତିସାରା ହିରୋଇନ୍‌ଙ୍କ ପାଖରେ କଟାଇ ପାରନ୍ତି, କରିବା ମଧ ଉଚିତ୍, କାରଣ ଅତି ବଳିଷ୍ଠ କଥା ବସ୍ତୁର ଛବି, ତଥାପି, ଗୋଟାଏ, ଦିଇଟା ରୋମାଣ୍ଟିକ୍ ସିନ୍ ଭର୍ତ୍ତି କରିବାକୁ ତାଙ୍କର ଇଚ୍ଛା, ଏଯୁଗ ଚାହୁଁଛି ବି ତାହା । ଏହା ଭିତରେ ରାତି ପାଞ୍ଚଟା ହେଇଯାଇଥାଏ, ଭୁବନେଶ୍ୱରକୁ ବସ୍ ଯିବାର ସମୟ ହୋଇ ଆସିଲାଣି, କାଗଜ କାଢ଼ି, ଚିଠି ଲେଖିଲେ ଦୁଇଖଣ୍ଡ, ଖଣ୍ଡିଏ ହାକିମ୍ଆଣୀ ଡ଼ଲିଜେନାଙ୍କ ପାଖକୁ, ଆଉ ଖଣ୍ଡିଏ ପ୍ରିୟ କୁନି ଶାଳକ ମହୋଦୟ ଅମିୟ ପାଖକୁ । ପ୍ରଥମ ଖଣ୍ଡକ

Digitized by srujanika@gmail.com

Dear Madam,

ଦଶଟାଠାରୁ ରାତି ପାଞ୍ଚଟା ଯାଏ, ଚୌକିଦାର ହେଲି, ଶେଷରେ ଭାବିଲି ଏ ଗରିବ ଚୌକିଦାର ସହିତ, ଆଉ ଖୁସିରେ ଗପ ସପ ହେଇ ପାରିବେନି ହାକିମ୍‌ଆଣୀ, ତେଣୁ ଯାଉଛି, ଆଉ ଯଦି କେବେ ସୁବିଧା ମିଳେ, **"ହେବା"**

॥ ଇତି ॥

ଆପଣଙ୍କର ବିସ୍ୱସ୍ତ ଚୌକିଦାର

ମୃଷାପଟ୍ଟନାୟକ

ଆରକ୍ଷଣକ ଅମୀୟକୁ

ସ୍ନେହର ବୁଲୁ,

ମୋ, ବାହାଘର ବେଳକୁ ତୁ ଜନ୍ମ ହୋଇ ନଥିଲୁ ତେଣୁ ମୋର ରୋମାଣ୍ଟିକ୍ ଚେହେରା, ଅଭିନୟ, ଆଉ କାରବାର, ତୁ ଦେଖିନାହୁଁ, ଅନୁରୋଧ କରିଥିଲୁ ଆସି ରୋଲ୍ କଲି । ଆଉ ଦୁଇଟା ସିନ୍ ବାକି ଅଛି ବୋଲି ଶୁଣିଲି, ନିର୍ଦ୍ଦେଶକ ମହାଶୟ, ଅତି ବୁଦ୍ଧିମାନ ପିଲା, ଆଉ ଦୁଇଜଣ ଗୋଟା ଅଭିନେତାଙ୍କୁ ଆଣି ସୁଟିଂ କରିଦେବେ । ମୋ ପାଖରେ, ଦଶ, ପନ୍ଦର ଜଣ ଅର୍ଦ୍ଦଳି, ପିଅନ, ସେମାନଙ୍କ ହାତ ବନ୍ଧା ପଡ଼ିଯିବନି । ମୋର ତିନିଦିନ ଅଫିସ ବନ୍ଦ, ମୋର ଦରମା ଦିନକୁ ଦୁଇ ଶହ ଉପରେ, ଯିବା ଆସିବା ଖର୍ଚ୍ଚ ବି ଅଛି, ମୋଫତ ରୋଲ୍ କରି ଗଲି, ରାମଚନ୍ଦ୍ର ସେତୁ ବନ୍ଧ ବାନ୍ଧୁଛନ୍ତି, ଏତିକି ସାହାଯ୍ୟ ଥାଉ, ଏ ମୃଷା ଭିଣେଇଟାର । ରାଗିବୁନି, ମୁଁ ଟାଇଲି ଦଶପଲ୍ଲା ସାଲୁଟ୍ ଦେବାକୁ ନୁହେଁ, ସାଲୁଟ୍ ନେବାକୁ

॥ ଇତି॥

ତୋର ଏକାନ୍ତ ଭିଣୋଇ

ମୃଷାପଟ୍ଟନାୟକ

"ହାକିମ୍‌ବାବୁଙ୍କ ଅର୍ଦ୍ଦଳି"

Digitized by srujanika@gmail.com

କଂଗ୍ରେସ ନାଟକ

ରୁଦ୍ର ମାଧବ ରାୟ
(ଦଶପଲ୍ଲା ବିଧାୟକ)

ଦଶପଲ୍ଲା, କୁଆଁରିଆ ଡିଭିଜନ। ଦୁର୍ଦ୍ଦାନ୍ତ, ପାରଙ୍ଗମ, ଯୋଦ୍ଧା, ଅଭିନେତା ଛୋଟଭାଇ, ଇଂ ଆଶୁମିଶ୍ରଙ୍କୁ ରିଲିଫ୍ କରି ଏସ୍.ଡି.ଓ ହିସାବରେ ଜଏନ୍ କଲେ ମୃଷା ପଟ୍ଟନାୟକ। ନିର୍ବାହୀ ଯନ୍ତ୍ରୀ ଥାଆନ୍ତି ବିଜୟ ମହାନ୍ତି, ଅତି ଭଦ୍ରଲୋକ, ସ୍ନେହି, ତାଙ୍କ ସ୍ତ୍ରୀ ମଧ୍ୟ ତାଙ୍କଠୁ ବଳି। ଠିକାଦାର ନିମେଇଁ ମହାନ୍ତିଙ୍କ ପୁତୁରା, ହିସାବରେ ସେ ମୃଷାବାବୁଙ୍କର ଭାଇ। କେତେଦିନ ଖୁସିରେ କାମ ହେଲା, ତାଙ୍କର ବଦଳି ହୋଇଗଲା, ତାଙ୍କଠାରୁ ଚାର୍ଜନେଲେ ଜଗନ୍ନାଥ ପଟ୍ଟନାୟକ, ସେ ଖୋର୍ଦ୍ଧାର ନିର୍ବାହୀ ଯନ୍ତ୍ରୀ ଥାଇ ମଧ କୁଆଁରିଆ ଡିଭିଜନର ଦାୟିତ୍ୱ ନେଲେ। ଖୋର୍ଦ୍ଧାକୁ ଗଲେ, ମୃଷାବାବୁ ରହନ୍ତି ବନ୍ଧୁ ଇ. ଶଶୀ ଭୂଷଣ ଦାସଙ୍କ ଘରେ, ତାଙ୍କ ସୁନ୍ଦରୀ ଶ୍ରୀମତୀ ମୃଷାବାବୁଙ୍କୁ ବହୁ ରକମର ସୁସ୍ୱାଦୁ ଖାଦ୍ୟ, ଖୁଆନ୍ତି। ବହୁଦିନପରେ ଏବେ ଦେଖାହେଲା ବିଷ୍ଣୁଦାସ EIC ଙ୍କ ସାନଝିଅ "ଲାରା" ବିବାଘରରେ। ସେ, ଏବେ, ନିର୍ବାହି ଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀ ଗୋପାଳପୁରରେ। ତାଙ୍କ ସଢୁଭାଇ, B.B.Mohantyଙ୍କ ସାନ ପୁଅ ବାହାହେଲା ବିଷ୍ଣୁଦାସଙ୍କ ସାନଝିଅ "ଲାରା"କୁ। "ସରୋଜ" ଆଉ "ଲାରା" ଯୋଡ଼ି ଅତି ସୁନ୍ଦର। ଶଶିବାବୁ ହେଲେ ମୃଷାବାବୁଙ୍କର ସମୁଦୀ ମୃଷାବାବୁଙ୍କର ସଢୁ ଡ଼ଃ. ବଳଦେବ ଦାସଙ୍କ ସାନଭାଇ ବିଷ୍ଣୁଦାସଙ୍କ ହିସାବରେ। ପରିଚୟ କରାଇଦେଲେ ତାଙ୍କ ବନ୍ଧୁ ଅନୁଗୁଳର ରାଜା D.B.Das ଙ୍କ ସହିତ। ସେ, ଜଣେ, କରିତ୍‌କର୍ମା ନିର୍ବାହୀ ଯନ୍ତ୍ରୀ। ଆଠମଲ୍ଲିକର ମାଟିବନ୍ଧ(ମନଯୋର ପ୍ରୋଜେକ୍ଟ) ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ବିଘ୍ନରାଜ ଶତପଥି ବାବୁଙ୍କ ସହିତ। ମୃଷାପଟ୍ଟନାୟକ, ପାଖରେ ଜେ.ଇ ଦାସବାବୁ, ସାହୁବାବୁ, ପାଣିଗ୍ରାହୀ ବାବୁ, ପଣ୍ଡାବାବୁ ତାଙ୍କଠାରୁ ନୂଆ କେନାଲ ସର୍ଭେ କରି ଡ୍ରଇଁ, ଡିଜାଇନ୍ କରି, ଏଷ୍ଟିମେଟ୍ ତିଆରି କରି ବରମପୁର ଯାଇ, ରାତିସୁଦ୍ଧା **ଅଜିତ୍ ରାୟ,** ଅଧିକ୍ଷଣ ଯନ୍ତ୍ରୀଙ୍କଠାରୁ ସବୁ ପାସ୍ କରାଇ ଆଣିପାରୁଥିଲେ ବୋଲି **ଅଜିତ୍ ରାୟ** ବହୁତ ଖୁସି। ବହୁତ ପ୍ରଶଂସା କରୁଥିଲେ ମୃଷାବାବୁଙ୍କୁ। ସେ କହୁଥିଲେ ଆଗରୁ ଅନ୍ୟ ଏସ୍.ଡି.ଓ ଏମିତି ଚଞ୍ଚଳ କାମ କରାଇ ନେଇ ପାରୁ ନଥିଲେ, ସମସ୍ତ କର୍ମଚାରୀ ତାଙ୍କ ଉପରେ ଖୁସିଥିଲେ। ସେ **ଭଗବାନଙ୍କର** ବଦଳି

Digitized by srujanika@gmail.com

Dear Madam,

ଦଶଟାଠାରୁ ରାତି ପାଞ୍ଚଟା ଯାଏ, ଚୌକିଦାର ହେଲି, ଶେଷରେ ଭାବିଲି ଏ ଗରିବ ଚୌକିଦାର ସହିତ, ଆଉ ଖୁସିରେ ଗପ ସପ ହେଇ ପାରିବେନି ହାକିମ୍‌ଆଣୀ, ତେଣୁ ଯାଉଛି, ଆଉ ଯଦି କେବେ ସୁବିଧା ମିଳେ, **"ହେବା"**

॥ ଇତି ॥

ଆପଣଙ୍କର ବିସ୍ୱସ୍ତ ଚୌକିଦାର

ମୃଷାପଟ୍ଟନାୟକ

ଆରକ୍ଷକ ଅମୀୟକୁ

ସ୍ନେହର ବୁଲୁ,

ମୋ, ବାହାଘର ବେଳକୁ ତୁ ଜନ୍ମ ହୋଇ ନଥିଲୁ ତେଣୁ ମୋର ରୋମାଣ୍ଟିକ୍ ଚେହେରା, ଅଭିନୟ, ଆଉ କାରବାର, ତୁ ଦେଖିନାହୁଁ, ଅନୁରୋଧ କରିଥିଲୁ ଆସି ରୋଲ୍ କଲି । ଆଉ ଦୁଇଟା ସିନ୍ ବାକି ଅଛି ବୋଲି ଶୁଣିଲି, ନିର୍ଦ୍ଦେଶକ ମହାଶୟ, ଅତି ବୁଦ୍ଧିମାନ ପିଲା, ଆଉ ଦୁଇଜଣ ଗୋଟା ଅଭିନେତାଙ୍କୁ ଆଣି ସୁଟିଂ କରିଦେବେ । ମୋ ପାଖରେ, ଦଶ, ପନ୍ଦର ଜଣ ଅର୍ଦ୍ଦଳି, ପିଅନ, ସେମାନଙ୍କ ହାତ ବନ୍ଧା ପଡ଼ିଯିବନି । ମୋର ତିନିଦିନ ଅଫିସ ବନ୍ଦ, ମୋର ଦରମା ଦିନକୁ ଦୁଇ ଶହ ଉପରେ, ଯିବା ଆସିବା ଖର୍ଚ୍ଚ ବି ଅଛି, ମୋଫତ ରୋଲ୍ କରି ଗଲି, ରାମଚନ୍ଦ୍ର ସେତୁ ବନ୍ଧ ବାନ୍ଧୁଛନ୍ତି, ଏତିକି ସାହାଯ୍ୟ ଥାଉ, ଏ ମୂଷା ଭିଣେଇଟାର । ରାଗିବୁନି, ମୁଁ ଟାଇଲି ଦଶପଲ୍ଲା ସାଲୁଟ୍ ଦେବାକୁ ନୁହେଁ, ସାଲୁଟ୍ ନେବାକୁ

॥ ଇତି॥

ତୋର ଏକାନ୍ତ ଭିଣୋଇ

ମୂଷାପଟ୍ଟନାୟକ

"ହାକିମ୍‌ବାବୁଙ୍କ ଅର୍ଦ୍ଦଳି"

Digitized by srujanika@gmail.com

କଂଗ୍ରେସ ନାଟକ

ରୁଦ୍ର ମାଧବ ରାୟ
(ଦଶପଲ୍ଲା ବିଧାୟକ)

ଦଶପଲ୍ଲା, କୁଆଁରିଆ ଡିଭିଜନ। ଦୁର୍ଦ୍ଦାନ୍ତ, ପାରଙ୍ଗମ, ଯୋଦ୍ଧା, ଅଭିନେତା ଛୋଟଭାଇ, ଇଂ ଆଶୁମିଶ୍ରଙ୍କୁ ରିଲିଫ୍ କରି ଏସ୍.ଡ଼ି.ଓ ହିସାବରେ ଜଏନ୍ କଲେ ମୃଷା ପଟ୍ଟନାୟକ। ନିର୍ବାହୀ ଯନ୍ତ୍ରୀ ଥାଆନ୍ତି ବିଜୟ ମହାନ୍ତି, ଅତି ଭଦ୍ରଲୋକ, ସ୍ନେହି, ତାଙ୍କ ସ୍ତ୍ରୀ ମଧ୍ୟ ତାଙ୍କଠୁ ବଳି। ଠିକାଦାର ନିମେଇଁ ମହାନ୍ତିଙ୍କ ପୁତୁରା, ହିସାବରେ ସେ ମୃଷାବାବୁଙ୍କର ଭାଇ। କେତେଦିନ ଖୁସିରେ କାମ ହେଲା, ତାଙ୍କର ବଦଳି ହୋଇଗଲା, ତାଙ୍କଠାରୁ ଚାର୍ଜନେଲେ ଜଗନ୍ନାଥ ପଟ୍ଟନାୟକ, ସେ ଖୋର୍ଦ୍ଧାର ନିବାହୀ ଯନ୍ତ୍ରୀ ଥାଇ ମଧ କୁଆଁରିଆ ଡ଼ିଭିଜନର ଦାୟିତ୍ୱ ନେଲେ। ଖୋର୍ଦ୍ଧାକୁ ଗଲେ, ମୃଷାବାବୁ ରହନ୍ତି ବନ୍ଧୁ ଇ. ଶଶୀ ଭୁଷଣ ଦାସଙ୍କ ଘରେ, ତାଙ୍କ ସୁନ୍ଦରୀ ଶ୍ରୀମତୀ ମୃଷାବାବୁଙ୍କୁ ବହୁ ରକମର ସୁସ୍ୱାଦୁ ଖାଦ୍ୟ, ଖୁଆନ୍ତି। ବହୁଦିନପରେ ଏବେ ଦେଖାହେଲା ବିଷ୍ଣୁଦାସ EIC ଙ୍କ ସାନଝିଅ "ଲାରା" ବିବାଘରରେ। ସେ, ଏବେ, ନିର୍ବାହି ଯନ୍ତ୍ରୀ ଓ ଅଧିକ୍ଷଣ ଯନ୍ତ୍ରୀ ଗୋପାଳପୁରରେ। ତାଙ୍କ ସଢୁଭାଇ, B.B.Mohantyଙ୍କ ସାନ ପୁଅ ବାହାହେଲା ବିଷ୍ଣୁଦାସଙ୍କ ସାନଝିଅ "ଲାରା"କୁ। "ସରୋଜ" ଆଉ "ଲାରା" ଯୋଡ଼ି ଅତି ସୁନ୍ଦର। ଶଶିବାବୁ ହେଲେ ମୃଷାବାବୁଙ୍କର ସମୁଦୀ ମୃଷାବାବୁଙ୍କର ସଢୁ ଡ଼଼. ବଳଦେବ ଦାସଙ୍କ ସାନଭାଇ ବିଷ୍ଣୁଦାସଙ୍କ ହିସାବରେ। ପରିଚୟ କରାଇଦେଲେ ତାଙ୍କ ବନ୍ଧୁ ଅନୁଗୁଳର ରାଜା D.B.Das ଙ୍କ ସହିତ। ସେ, ଜଣେ, କରିତ୍‌କର୍ମା ନିର୍ବାହୀ ଯନ୍ତ୍ରୀ। ଆଠମଲ୍ଲିକର ମାଟିବନ୍ଧ(ମନଯୋର ପ୍ରୋଜେକ୍ଟ) ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ବିଘ୍ନରାଜ ଶତପଥି ବାବୁଙ୍କ ସହିତ। ମୃଷାପଟ୍ଟନାୟକ, ପାଖରେ ଜେ.ଇ ଦାସବାବୁ, ସାହୁବାବୁ, ପାଣିଗ୍ରାହୀ ବାବୁ, ପଣ୍ଡାବାବୁ ତାଙ୍କଠାରୁ ନୂଆ କେନାଲ ସର୍ଭେ କରି ଡ୍ରଇଁ, ଡ଼ିଜାଇନ୍ କରି, ଏଷ୍ଟିମେଟ୍ ତିଆରି କରି ବରହମପୁର ଯାଇ, ରାତିସୁଦ୍ଧା **ଅଜିତ୍ ରାୟ,** ଅଧିକ୍ଷଣ ଯନ୍ତ୍ରୀଙ୍କଠାରୁ ସବୁ ପାଶ୍ କରାଇ ଆଣିପାରୁଥିଲେ ବୋଲି **ଅଜିତ୍ ରାୟ** ବହୁତ ଖୁସି। ବହୁତ ପ୍ରଶଂସା କରୁଥିଲେ ମୃଷାବାବୁଙ୍କୁ। ସେ କହୁଥିଲେ ଆଗରୁ ଅନ୍ୟ ଏସ୍.ଡ଼ି.ଓ ଏମିତି ଚଞ୍ଚଳ କାମ କରାଇ ନେଇ ପାରୁ ନଥିଲେ, ସମସ୍ତ କର୍ମଚାରୀ ତାଙ୍କ ଉପରେ ଖୁସିଥିଲେ। ସେ **ଭଗବାନଙ୍କର** ବଦଳି

Digitized by srujanika@gmail.com

ହୋଇଗଲା, ତାଙ୍କଠାରୁ ଚାର୍ଜନେଲେ ମାଷ୍ଟର ପାଡ଼ିସାର୍ ସେ ସବୁବେଳେ ନିଜକୁ ମାଷ୍ଟ୍ରେ ବୋଲି ଭାବନ୍ତି । ଜଗନ୍ନାଥ ବାବୁଙ୍କୁ ମଧ ଦାୟିତ୍ୱରୁ ରିଲିଜ୍ କରିବାକୁ ଆସିଲେ ବିମଳ ମହାପାତ୍ର । ଜଗନ୍ନାଥ ବାବୁ ସମସ୍ତଙ୍କୁ ପରିଚୟ କରାଇଦେଲେ । ମୃଷାବାବୁଙ୍କୁ ଦେଖାଇ କହିଲେ "ଏ ହେଉଛନ୍ତି ମୃଷା ଇଂଜିନିୟର, କର୍ମଠ, ବୁଦ୍ଧିମାନ, ଡ଼ାଇନାମିକ୍ ଇଂଜିନିୟର, ପୂର୍ବମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଆଙ୍କର ଶଳା"। ବିମଳବାବୁ ଗୋଡ଼ରୁ ମୁଣ୍ଡ ଯାଏ ଅନାଇ କହିଲେ "ନା, ଶୁଣିଛି, ଦେଖି ନଥିଲି, ଆପଣ ତାହେଲେ ସେହି, ମୃଷାବାବୁ ଯେ ଘେରିବନ୍ଧରେ ଦଶ ଲକ୍ଷଟଙ୍କା ଠିକାଦାରକୁ ଦେଇ ଦେଉଥିଲେ, ମିଥ୍ୟାବିଲ୍ ତିଆରି କରି, ଚାକିରି ଗଲି ଯାଇଥାନ୍ତା, ମନ୍ତ୍ରୀ ଥିଲେ ବୋଲି" ରକ୍ଷା ପାଇଲେ । ପ୍ରଥମ ଆଳାପରେ ଏହିପରି ମନ୍ତବ୍ୟ ମୃଷାବାବୁ ଆଶା କରି ନଥିଲେ, ଝାଗି ଉଠି ପଡୁଥିଲେ, ହାତାହାତି ହେଇ ଯାଇଥାନ୍ତା । ଜଗନ୍ନାଥ ବାବୁ ଓ ପ୍ରିୟବନ୍ଧୁ S.D.O ହରମୋହନ ସାମନ୍ତରାୟ (ହରି+ହର) ପରିସ୍ଥିତି ସମ୍ଭାଳି ନେଇେ, ପ୍ରକୃତରେ ସେମାନେ ଜଗନ୍ନାଥ, ଓ ଶିବ ସେମାନେ କହିଲେ "ସେ ସବୁ ଅତିତ କଥା ଏବେ ମୂଲ୍ୟାୟନ କରିବା ଠିକ୍ ନୁହେଁ ସାର୍" ।

ମୃଷାବାବୁ ବୁଝିଗଲେ, ଏ ନିର୍ବାହୀ ଯନ୍ତ୍ରୀଙ୍କ ସହ ତାଙ୍କର ଆଦୌ ପଡ଼ିବନି । ସେ ମନ୍ତ୍ରୀଙ୍କ ଅଫିସରୁ ବୁଝିଲେ, ସେ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କର ବିରୁଦ୍ଧ ଲୋକ । ମନ୍ତ୍ରୀ ତାଙ୍କୁ ଅଫିସରେ ଆଟାଚ୍ କରି ରଖିଥିଲେ ଦୁଇ, ତିନିବର୍ଷ କାଳ । ମନ୍ତ୍ରୀଙ୍କର ମନ୍ତ୍ରୀତ୍ୱ ନଥିବାରୁ ଏହି ସୁଯୋଗ ଦେଖି, ମୁଖ୍ୟ ପ୍ରଧାନ ଯନ୍ତ୍ରୀ ବିରେନ୍ ପଟ୍ଟନାୟକ, ଆଉ ମନ୍ତ୍ରୀଙ୍କ ପି.ଏଙ୍କ ସହାୟତାରେ, କୁଆଁରିଆରେ ପୋଷ୍ଟିଙ୍ଗ୍ ହେଇଛନ୍ତି । ମୃଷାବାବୁ ହାତେ ମାପି ଚାଖଣ୍ଡେ ଚାଲିଲେ, ଷ୍ଟାଫ୍‌ମାନଙ୍କୁ ସେପରି ନିର୍ଦ୍ଦେଶ ଦେଲେ । କାମ ଅତି ଶୃଙ୍ଖଳା ଭାବରେ ଚାଲିଲା । ବିମଳ ମହାପାତ୍ର ଗୁପ୍ତଚର ରଖି, ମୃଷାବାବୁଙ୍କ କାମ, କାସ୍‌ବୁକ୍, କାସ୍ ଚେଷ୍ଟ, ଗୋଦାମ ଚେକ୍ କରନ୍ତି । ଦିନକୁ ଦିନ ପରିସ୍ଥିତି ବଡ଼ ଖରାପ ହୋଇ ପଡ଼ିଲା । ନିରଞ୍ଜନ ବାବୁ ମନ୍ତ୍ରୀତ୍ୱରୁ ରେଜିନେସନ୍ ଦେଇଥିବାରୁ ମତଲୁବ୍ ଅଲ୍ଲୀ, ଜଳସେଚନ ମନ୍ତ୍ରୀ ହୋଇ ଥିଲେ । କିନ୍ତୁ ଦଶପଲ୍ଲାର ମନ୍ତ୍ରୀ ହରି କରଣ, ମୃଷାବାବୁଙ୍କୁ ଓଡ଼ଗାରେ ଜୁନିୟର ଇଂଜିନିୟର ବେଳୁ ଜାଣିଥିଲେ, ସେ ଥିଲେ ମୃଷାବାବୁଙ୍କର ପ୍ରିୟବନ୍ଧୁ, ସେ ମହାତ୍ମା, ନିରଞ୍ଜନ ବାବୁଙ୍କୁ କହି ମୃଷାବାବୁଙ୍କୁ ଦଶପଲ୍ଲାରେ ପୋଷ୍ଟିଙ୍ଗ କରାଇଥିଲେ । ମୃଷାବାବୁଙ୍କର ଅନ୍ୟ ଶଳା, ଧିରେନ୍ ପଟ୍ଟନାୟକ, କଂଗ୍ରେସ ସଭାପତି, ମନ୍ତ୍ରୀ ହରିକରଣଙ୍କର ବାଣିବିହାରର କ୍ଲାସମେଣ୍ଟ, ତେଣୁ ମୃଷାବାବୁ ଥିଲେ ମନ୍ତ୍ରୀ ହରି କରଣଙ୍କର ଅତି ନିଜର, ଘରୋଇ ଲୋକ । ଦଶପଲ୍ଲାରେ, ଶେଷ ଅଶ୍ରୁ ନାଟକ, ନିଜେ ଅଭିନୟ ଆଉ ନିର୍ଦ୍ଦେଶନା, ଦେଇଥିଲେ ମୃଷା ଇଂଜିନିଅର । ନାଟକ ଉଦ୍‌ଘାଟନ କରିଥିଲେ, ଦୁଇଜଣ ମନ୍ତ୍ରୀ, ହରିକରଣ, ଆଉ ଭଜମନ ବେହେରା । ଭଜମନ ବାବୁ ଇଂଜିନିଅର, ଚାକିରି ଆରମ୍ଭରେ ସେ ମୃଷାବାବୁଙ୍କ ପାଖରେ

Digitized by srujanika@gmail.com

ଟ୍ରେନିଙ୍ଗ୍ ନେଉଥିଲେ, ସେ ମୃଷାବାବୁଙ୍କର ବନ୍ଧୁ ଥିଲେ । ନାଟକ ଅତି ଉଚ୍ଚକୋଟିର ଓ ବଡ଼ ଉପଭୋଗ୍ୟ ହେଇ ଥିଲା । ମୃଷାବାବୁଙ୍କଠାରୁ ସବୁ ଖବର ଶୁଣି ମନ୍ତ୍ରୀ ହରିକରଣ କହିଲେ, "ପୁଣି ଗୋଟିଏ ନୂଆ ନାଟକ କରି ନୂଆ ନିର୍ବାହି ଯନ୍ତ୍ରୀ ମହାପାତ୍ରଙ୍କୁ ଖୁସି କରାଅ" ।

ଦଶପଲ୍ଲାର ସମସ୍ତ ଅଫିସର ବୃନ୍ଦ, ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଅନୁରୋଧ କରିବାରୁ ମୃଷାବାବୁ, **"ଦଶପଲ୍ଲା ଅଫସିର କ୍ଳବ"** ତିଆରି କଲେ । ନାଟ୍ୟକାର ସାହିତ୍ୟ ଏକାଡ଼େମି ପୁରସ୍କୃତ **ରାମଚନ୍ଦ୍ର ମିଶ୍ର** ହେଲେ ମୂଖ୍ୟ ବ୍ୟବସ୍ଥାପକ । ଦଶପଲ୍ଲାରେ ଛୋଟବଡ଼ ବହୁ ଅଫିସ୍, ପାଞ୍ଚସହ ଉପରେ, ସମସ୍ତେ ମେମ୍ବର ହେଲେ । ସମସ୍ତଙ୍କ ଅନୁରୋଧରେ, ଦଶପଲ୍ଲାର ଏକମାତ୍ର ପ୍ରଥମ ଶ୍ରେଣି ଅଫିସର **ଇଂ ବିମଳ ମହାପାତ୍ରଙ୍କୁ** କ୍ଳବର ସଭାପତି କରାଗଲା । ଦୁଇଜଣ ଉପସଭାପତି ରହିଲେ, ତହସିଲ୍‌ଦାର **କୃଷ୍ଣଚନ୍ଦ୍ର ମହାନ୍ତି, O.A.S(I)** ଓ ପ୍ରଫୁଲ୍ଲ ରାଉତ, **U.Co Bank Manager** । ସଂପାଦକ ହେଲେ ନିଜେ ଇଂ ମୃଷା ପଟ୍ଟନାୟକ, ତାଙ୍କୁ ସାହାଯ୍ୟ କରିବାକୁ ରହିଲେ, ସହ ସଂପାଦକ ରୂପେ କଲେଜ ପ୍ରିନ୍ସିପାଲ୍ । ବାଇ, ଲ, (Bye Law) ତିଆରି ହେଲା । ଧିରେ ଧିରେ ଦଶପଲ୍ଲା କ୍ଳବର ନା ଚାରିଆଡ଼େ ପରିଚିତ ହୋଇଗଲା । ରାମବାବୁଙ୍କ ଅନୁରୋଧରେ ଇଂ ମୃଷାବାବୁ ଲେଖିଲେ ଏକ ନୂତନ ନାଟକ **"ବିଦଗ୍ଧ ରାଧିକା"** । ରାମବାବୁ ବହିପଢ଼ି ବହୁତ ତାରିଫ୍ କଲେ, କହିଲେ ଏ ବହି ମଞ୍ଚସ୍ଥ ହେଇ, ଲୋକ ଲୋଚନକୁ ଆସିଲେ, ମୃଷାବାବୁଙ୍କୁ କୁହାହେବ **"ଯୁଗସ୍ରଷ୍ଟା ନାଟ୍ୟକାର"**। ଦଶପଲ୍ଲାର ଅଭିନେତା ମାନଙ୍କ ଭିତରୁ କୁଶଳୀ କଳାକାର ଥିଲେ ସ୍ଥାନୀୟ ସୁନାମଧନ୍ୟ ଅଭିନେତା **"ରୁଦ୍ରମାଧବ ରାୟ"** ଏବେ ଦଶପଲ୍ଲା ବିଧାୟକ । ଏକ ମୂଖ୍ୟ ଚରିତ୍ରରେ ଅଭିନୟ କଲେ । ତାଙ୍କୁ ରୋଲ୍ ନଦେବାକୁ କେହି ବାଧାଦେଇ ନଥିଲେ, ଏପରିକି, ସଭାପତି, ବିମଳ ମହାପାତ୍ର ଆଉ ମୁଖ୍ୟ ବ୍ୟବସ୍ଥାପକ ରାମଚନ୍ଦ୍ର ମିଶ୍ର ମଧ୍ୟ । ସେଥିଲେ, ମନ୍ତ୍ରୀ ହରିକରଣଙ୍କର ପ୍ରତିଦ୍ୱନ୍ଦୀ, ଜନତା ଦଳର ନେତା । ରୁଦ୍ରମାଧବ ବାବୁ ହୋଇଥାନ୍ତି ଖଳ ଅଭିନେତା, ଗାଁରି ଡାଉଟର, ସେଥିଲେ ଜଣେ ସୁ ଅଭିନେତା । ରିହଲସାଲ୍ ଖୁବ୍ ଭଲ ଭାବରେ ଚାଲିଥାଏ । ରିହରସାଲ୍ ହୁଏ ମୃଷାବାବୁଙ୍କ ଘରେ । ତାଙ୍କ ପାଖଘର ନିର୍ବାହିଯନ୍ତ୍ରୀଙ୍କ ଅଗଣାରେ ବସି ମହାପାତ୍ରବାବୁ ରିହରସାଲ ଉପଭୋଗ କରୁଥାନ୍ତି । ବାହାରୁ ଆସିଥାନ୍ତି ଚାରିଜଣ, ବିନ୍ଦୁ, ବିଣା, ମିନତୀ, ମଞ୍ଜୁ, ସୁନ୍ଦରୀ, ମଞ୍ଚ ତଥା, ଚଳଚ୍ଚିତ୍ରର କୁଶଳୀ ଅଭିନେତ୍ରୀ । ନାଚ ମାଷ୍ଟର, ଆଲୋକ ସଂପାତ, ସଙ୍ଗିତ, ସବୁ କଟକ, ଭୁବନେଶ୍ୱରରୁ । ସାତ, ଆଠଟା, ବଡ଼ ବଡ଼ ସିନେମା, ବାନର ପରି, ବଡ଼ ବାନର ତିଆରି ହୋଇ ନୟାଗଡ଼ ଓଡ଼ଗାଁ ଜଗନ୍ନାଥ ପ୍ରସାଦ, ଫୁଲବାଣୀ ଛକରେ ବନ୍ଧା ହୋଇଥାଏ । ଟିକଟ୍‌ର ମୂଲ୍ୟ ଥାଏ ଏକାବନ ଟଙ୍କାରୁ

Digitized by srujanika@gmail.com

ଆରମ୍ଭ କରି ପାଞ୍ଚଶହ ଏକ ଟଙ୍କା ପର୍ଯ୍ୟନ୍ତ । ସୁନ୍ଦରୀ, ଅଭିନେତ୍ରୀ ନାଚ, ଗୀତ ଓ ମୃଷାବାବୁଙ୍କ ନିପୁଣ ନିର୍ଦ୍ଦେଶନା ଦେଖି ସମସ୍ତେ ଅତ୍ୟନ୍ତ ମୁଗ୍ଧ । ଆଦିବାସୀ ଅଞ୍ଚଳରୁ, ବଡ଼ଲୋକ, ଗାଁର ଗଉନ୍ତିଆମାନେ, ଆସି ଟିକେଟ ମାଗିଲେ, ଆଉ ଦେଖିବାକୁ ଚାହିଁଲେ **ବେଧେଇ ରାଧିକାକୁ** । କିଏ କିଏ କହିଲେ **ଗଦ୍ ଗଦ ରାଧିକା,** କିଏବା କହିଲା **ବଧେଇ ରାଧିକା** । ମୃଷାବାବୁ ହସି ହସି କହିଲେ, ଯେଉଁ ରାଧିକାକୁ ଆପଣମାନେ ଦେଖିବାକୁ ଚାହାନ୍ତି, ତାଙ୍କୁ କେବଳ ଦେଖି ପାରିବେ ନାଟକ ଦିନ, ତା ଆଗରୁ ନୁହେଁ ସେ, **ବେଧେଇ ରାଧିକା** ବା **ଗଦ୍‌ଗଦ୍ ରାଧିକା** ନୁହନ୍ତି **''ବିଦଗ୍ଧ ରାଧିକା''** । ମନ୍ତ୍ରୀ ହରିକରଣ, ଆଉ ସମ୍ବାଦର ମୁଖ୍ୟ ସଂପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ନାଟକ ଉଦ୍‌ଘାଟନ କରିବାକୁ ସିକୃତି ପ୍ରଦାନ କରିଥିଲେ ।

ଏହା ଭିତରେ ନାଟକର ଅଭିନେତାଙ୍କ ବିରୁଦ୍ଧରେ ଅନେକ ମୃଦୁ ଗୁଞ୍ଜରଣ ମୃଷାବାବୁଙ୍କ କାନକୁ ଆସିଲେ ବି ସେ ନିରବ ଥାଆନ୍ତି । ଦିନେ ହଠାତ୍ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ହେଲିକାପ୍‌ଟରରେ ପହଁଞ୍ଚିଲେ ଦଣ୍ଡପଲ୍ଲୀ । ମୃଷାବାବୁ ତାଙ୍କୁ ଫଳରସ ପିଇବାକୁ ଦେଲେ । ସେ, ମୃଷାବାବୁଙ୍କ କାନରେ କହିଲେ, ''ତୁମେ କୁଆଡ଼େ ଦଣ୍ଡପଲ୍ଲୀକୁ ଧିରେ, ଧିରେ **''ଜନତା''** ଆଡ଼କୁ ଢ଼ଳାଉଛ''? ମୃଷାବାବୁ ପାଦଛୁଇଁ ଶପଥ କଲେ, ''ମୁଁ କଂଗ୍ରେସ ଲୋକ, ଗାନ୍ଧି ପ୍ରେମୀ, ମହାତ୍ମାଙ୍କ ପରି, ଛୁଆଦିନୁ ଛେଳିକ୍ଷିର ପିଇ, ଇଂଜିନିୟର ହେଇଛି, ମୋର ପ୍ରତ୍ୟେକ ଶିରା ପ୍ରଶିରାରେ କଂଗ୍ରେସର ରକ୍ତ, ମୁଁ ସେ କାମ କେବେ କରିବିନି ମଉସା ।

ନାଟକ ଆଉ ଚାରି ପାଞ୍ଚଦିନ ହେବାକୁ ବାକିଥାଏ, ଦଣ୍ଡପଲ୍ଲୀରେ ପହଁଞ୍ଚିଲେ ମନ୍ତ୍ରୀ ହରିକରଣ, ଡ଼ାକିଲେ, ମୃଷାବାବୁଙ୍କୁ, ରାଗି ଉଚ୍ଛନ୍ନ । ସେ ଆଗରୁ କେବେ ମୃଷାବାବୁଙ୍କ ଉପରେ ରାଗନ୍ତି ନାହିଁ, ତାଙ୍କୁ ସବୁବେଳେ ଭକ୍ତି ଓ ସମ୍ମାନ ଦିଅନ୍ତି । ସେଦିନ କିନ୍ତୁ ରାଗି କହିଲେ, ''ଆପଣ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଆଉ କଂଗ୍ରେସ ସଭାପତି ଧିରେନ ପଟ୍ଟନାୟକଙ୍କ ଭିଣେଇ ବୋଲି ମୁଁ ଆପଣଙ୍କୁ ଏଠିକି ଆଣିଥିଲି । ଦଣ୍ଡପଲ୍ଲୀରେ କଂଗ୍ରେସର ପ୍ରାଧାନ୍ୟ, ଷ୍ଟେଟ୍‌ରେ କଂଗ୍ରେସର ଶାସନ; ଏଇଟି ନାଟକ ହେବ କେବଳ କଂଗ୍ରେସର । ହେଲେ, ଆପଣ ପୁରା ଦଣ୍ଡପଲ୍ଲୀକୁ ଜନତା କରିଦେଲେ । **କିଏ ସେ ରୁଦ୍ରମାଧବ ରାୟ ?** ଆପଣଙ୍କ ଜିପ୍‌ରେ ଯିବା ଆସିବା କରୁଛନ୍ତି ? ଆପଣଙ୍କ ଘରେ ରହୁଛନ୍ତି ? ଖାଉଛନ୍ତି ? ଶୁଣି ଆପଣଙ୍କ ନାଟକରେ ଅଭିନୟ କରୁଛନ୍ତି ? ଆପଣ ଜାଣନ୍ତି ନାହିଁ, ଆପଣତ ଅତି ସରଳ ଲୋକ, କିନ୍ତୁ ରୁଦ୍ର ମାଧବ ରାୟ, ଚାରିଆଡ଼େ ପ୍ରଚାର କରିଚାଲିଛି ତାଆରି ପ୍ରଯୋଜନାରେ ନାଟକ ହେଉଛି, **ବିଦଗ୍ଧ ରାଧିକା** । ପରୋକ୍ଷରେ

Digitized by srujanika@gmail.com

ସେ ଦଶପଲ୍ଲୀର ସମସ୍ତ ଭୋଟର ମାନଙ୍କୁ ଜନତା ପାଟି ଆଡ଼କୁ ଟାଣି ଆଣୁଛି । ଯଦି ଭଲ ଚାହଁ, ତାଙ୍କୁ ଚଞ୍ଚଳ ନାଟକରୁ ବିଦାକର, ନହେଲେ ପରିସ୍ଥିତି ଅତ୍ୟନ୍ତ ଖରାପ ହେବ । ମୋର ଶେଷକଥା, ନମାନିଲେ, ମୁଁ ନାଟକ କରେଇ ଦେବିନି, ଏଠି ଜନତାର ନୁହେଁ, ହେବ କେବଳ **"କଂଗ୍ରେସର ନାଟକ"** ।

ରାଗି ପଡ଼େଇଲେ ମନ୍ତ୍ରୀ ମହାଶୟ, ଯେତେ ବୁଝାଇଲେ ମଧ୍ୟ, ସେ ଶୁଣିବାକୁ ନରାଜ । ତାପର ଦିନ ସକାଳୁ, ବିମଳ ମହାପାତ୍ର ନିର୍ବାହି ଯନ୍ତ୍ରୀ କହିଲେ 'ଏ କଲୋନୀରେ ଆପଣଙ୍କ ଘରେ, ରିହରସାଲ୍ ହୋଇ ପାରିବ ପାହିଁ । ଜିପ୍ ଛଡ଼ାଇନେଲେ । କାମ ଆସ୍ତେ ଆସ୍ତେ ଅନ୍ୟ ଏସ.ଡି.ଓ କୁ ବାଣ୍ଟିଦେଲେ, ଷ୍ଟାପ୍ ମାନଙ୍କୁ ପୁରାପୁରି ନେଇଗଲେ ସବଡିଭିଜନରୁ, ସବୁ ଦାୟିତ୍ୱ ଦେଇଦେଲେ, ଅନ୍ୟ ଏସ୍.ଡି.ଓ ମାନଙ୍କୁ । ଗୋଡ, ହାତ, ବନ୍ଧାହୋଇ ପଡିରହିଲେ, ମୃଷା ପଟ୍ଟନାୟକ । ଆସ୍ତେ ଆସ୍ତେ ନାଟକ ପାଇଁ ସାହାଯ୍ୟ କରୁଥିବା ସବୁ ଅଫିସର ଦୂରେଇ ଗଲେ । ରୁଦ୍ର ମାଧବ ରାୟଙ୍କୁ ରୋଲ୍‌ରୁ କାଟି ପାରିଲେ ନାହିଁ ନିର୍ଦ୍ଦେଶକ ମହାଶୟ, ନାଟକ ହେବ କେମିତି ? ମୃଷାବାବୁ ଭାବିଲେ, ନାଟକ ବନ୍ଦ କରିଦେବେ । ହଜାର,ହଜାର ଟଙ୍କାର,ଆଗରୁ ଟିକଟ କରିଥିବା ଲୋକମାନେ, ଚିତ୍‌କାର କଲେ, ଟଙ୍କା ଫେରାଇ ନେବୁନୁ ନାଟକ ଦେଖିବୁ । ଶେଷରେ ବାଧ୍ୟହୋଇ ନାଟକ ମଞ୍ଚସ୍ଥହେଲା । ଇଲେକଟ୍ରି ଲାଇନ୍ କଟାହେଇଗଲା, ଜେନେରେଟରରେ ନାଟକ ବହୁ ବାଧା ବିଘ୍ନରେ ମଞ୍ଚସ୍ଥ ହୋଇ, ସେ ଏରିଆରେ, ଚହଳ ପକାଇଦେଲା । ନାଟକ ଅତ୍ୟନ୍ତ ଉପଭୋଗ୍ୟ ହୋଇଥିଲେ ମଧ୍ୟ ମୃଷାବାବୁ ଏ ନାଟକ ପାଇଁ ସବୁ ହରାଇ ବସିଗଲେ । ଏହି **"ବିଦଗ୍ଧ ରାଧିକା"** ନାଟକ ହେଲା, ଚାକିରିର ଶେଷ ଅବସ୍ଥାରେ ତାଙ୍କ ପାଇଁ **'ଧୂମକେତୁ'**

ମୃଷାବାବୁ ବରମପୁର ଯାଇ ଅଧିକ୍ଷଣଯନ୍ତ୍ରୀଙ୍କୁ ସବୁ କହିଲେ, ସେ କହିଲେ ମୁଁ କିଛି ବୁଝି ପାରିବି ନାହିଁ, "ମାଷ୍ଟ୍ରିଆ ଲୋକ", ମୁଖ୍ୟଯନ୍ତ୍ରୀଙ୍କୁ ଦେଖାକର । ମୃଷାବାବୁ ମୁଖ୍ୟଯନ୍ତ୍ରୀଙ୍କୁ ଭୁବନେଶ୍ୱରରେ ଦେଖାକଲେ, ମୁଖ୍ୟଯନ୍ତ୍ରୀ ଦାଶ ସାହେବ କହିଲେ ଦୁଇବର୍ଷ କଟିଗଲା, କାହିଁ ଆଜିଯାଏ ଥରେ ମୁଖ୍ୟଯନ୍ତ୍ରୀଙ୍କୁ ଦେଖା କରୁନଥିଲ, ଏତେ ବଡ଼ କାମ ଦାୟିତ୍ୱରେ ଥିଲ, ଥରେ ହେଲେ ମୋ ଘରକୁ ଭଲ ମନ୍ଦଟିଏ ଆଣିଛ ? ପ୍ରୋଜେକ୍ଟ ଦାୟିତ୍ୱ ନିର୍ବାହି ଯନ୍ତ୍ରୀଙ୍କର, ତୁମେ E.I.Cକୁ (ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀଙ୍କୁ) ଦେଖାକର । ମୃଷାବାବୁ ଆସିଲେ, ଭୁବନେଶ୍ୱର ବିରେନ୍ ପଟ୍ଟନାୟକଙ୍କ ପାଖକୁ, ବିରେନ ବାବୁଥିଲେ ମୃଷାବାବୁଙ୍କର ପ୍ରଥମରୁ ନାତୁଣୀଯୋଇଁ, ତାପରେ ଯୋଇଁ, ଶେଷରେ ହେଲେ ସମୁଦୀ ଅତି ନିଜର ଲୋକ । ମୃଷାବାବୁଙ୍କୁ ଚାକିରି ଆରମ୍ଭରୁ ଜାଣନ୍ତି, ତାଙ୍କ ଝିଅ ମିତାଲି, ଆଉ ମୃଷାବାବୁଙ୍କ ଝିଅ

Digitized by srujanika@gmail.com

"ମେଘମାଳା" ଛୁଆଦିନୁ ସାଙ୍ଗ, ବିରେନବାବୁ ମୃଷାବାବୁଙ୍କ ସ୍ତ୍ରୀ କାନ୍ତିଲତାକୁ ବହୁତ ସମ୍ମାନ ଦିଅନ୍ତି । ଏ ଖବର ଶୁଣି ସେ ହସି କହିଲେ "ଜଣେ ନିର୍ବାହି ଯନ୍ତ୍ରୀଙ୍କର ଏତେ ଦୁର ସାହାସ" ସେ ସମୁଦାୟ କାମ ତୁମ ପାଖରୁ ଛଡ଼ାଇ ନେଲେ । ସେ ବୋଧହୁଏ ଇନ୍‌ଷ୍ଟ୍ରକସନ୍ ପାଇଛନ୍ତି ?

ମୃଷାବାବୁ କହିଲେ "ଅଧିକ୍ଷଣ ଯନ୍ତ୍ରୀ, ମୃଖ୍ୟଯନ୍ତ୍ରୀ" କିଛି ଜାଣନ୍ତି ନାହିଁ, ତାକୁ କିଏ ଇନ୍‌ଷ୍ଟ୍ରକସନ୍ ଦେଲା" ? ବିରେନବାବୁ କହିଲେ, ବୁଢ଼ା ହେଲଣି, ଏତିକି ଜାଣିପାରୁନ, କି ଚାକିରି କରିଛ" ?

ମୃଷାବାବୁ ମୁହଁ ତଳକୁ କରି ଫେରି ଆସିଲେ ଦଶପଲ୍ଲା, ସବୁ ହରାଇ, ପଙ୍ଗୁ ହୋଇ ବସି ରହିଲେ, ଭଗବାନଙ୍କର ଅସୀମ କରୁଣା । ବିରେନ୍ ବାବୁ ଚାକିରିରୁ ଅବସର ନେଲେ, ତାଙ୍କ ଚାର୍ଜ ନେଲେ ମୃଖ୍ୟ ପ୍ରଧାନ ଯନ୍ତ୍ରୀ ଦିବାକର ମିଶ୍ର । ସେ କରୁଣା ସାଗର, ସେ ମୃଷାବାବୁଙ୍କ ପାଇଁ ଥିଲେ, ଠାକୁରଙ୍କ ପରି ପୂଜ୍ୟ । ଆଉ ଦେଢ଼ବର୍ଷ ଚାକିରିଥାଏ ମୃଷାବାବୁଙ୍କର, ନେଇ ଆସିଲେ ଅଫିସକୁ ପ୍ରମୋସନ କରି । ସରକାରଙ୍କୁ ଘନ ଘନ ଚିଠି ଲେଖିଲେ । ତଥାପି ତାଙ୍କ ଅନୁରୋଧ ସରକାର ଶୁଣିଲେ ନାହିଁ । ତାଙ୍କୁ ପେନ୍‌ସନ୍ ଗ୍ରାଚୁଇଟି, ନବେଇ, ଫାଇନାନ୍‌ସିଆଲ୍ ବେନିଫିଟ୍ କିଛି ଦିଆହେବ ନାହିଁ ବୋଲି ଅର୍ଡ଼ର କଲେ । ସତଚେଷ୍ଟା କରି ମଧ ମୃଷାବାବୁଙ୍କ ପାଇଁ, କିଛି କରି ନପାରି, ଚାକିରିରୁ ଅବସର ନେଲେ । ଗଲାବେଳେ କହିଗଲେ "ପ୍ରିୟ ମୃଷାବାବୁ I am undone, ଏ ନାଟକର ନିର୍ଦ୍ଦେଶକ ଆପଣ କି, ମୁଁ ନୁହେଁ ନିର୍ଦ୍ଦେଶକ ହେଉଛି ଏକ ଅଦେଖା ହାତ । ମୁଁ ମଧ ଆପଣଙ୍କ ପରି ଜଣେ ଅଭିନେତା ଏ ହେଉଛି **"କଂଗ୍ରେସ ନାଟକ"** ।

Digitized by srujanika@gmail.com

ସର୍ବୋଚ ମୁଖ୍ୟଯନ୍ତ୍ରୀ ଶ୍ରୀ ଦିବାକର ମିଶ୍ର, ଖୋର୍ଦ୍ଧାର ନିର୍ବାହି ଯନ୍ତ୍ରୀଙ୍କୁ ଡାକି, ମୃଷାବାବୁଙ୍କର C.L, E.L ସାତ, ଆଠ ମାସର ଦରମା, T.A Bill ସବୁ ପାଶ୍ କରାଇ ପେମେଣ୍ଟ କରିଦେଲେ । ତାଙ୍କ ନାମରେ ଥିବା ସମସ୍ତ ଫଲସ୍ ଏଲିଗେସନରୁ ମୁକ୍ତ ହେଲେ ମୃଷାବାବୁ । ଦିବାକରବାବୁ ପୂର୍ବରୁ ବହୁ ଏକ୍ସାମ୍ପଲ କୋଟ କରି ଇରିଗେସନ ଡ଼ିପାର୍ଟମେଣ୍ଟକୁ ଘନ, ଘନ ଚଠି ଲେଖିଲେ, ଅନ୍ୟ ପ୍ରମୋଟି ସହକାରୀ ଯନ୍ତ୍ରୀଙ୍କ ପରି, ପ୍ରଫେସନାଲ ଡ଼ିପାର୍ଟମେଣ୍ଟାଲ ପାଶ୍ ନକରି ମଧ, ଅବସର ପରେ ସବୁ ଫାଇନାନସିଆଲ୍ ବେନିଫିଟ୍ ମିଳିବ । ବୟାଅଣି, ପଞ୍ଚାଅଶିର, ପେ(Pay), ଫିକ୍ସନ୍ ପାଇଁ ବାରମ୍ବାର ଚିଠି ଲେଖି ଶେଷରେ ଚାକିରିରୁ ଅବସର ନେଲେ । ନିରଞ୍ଜନ ପଟ୍ଟନାୟକ ମଧ୍ୟ ପୁଣି ମନ୍ତ୍ରୀ ହୋଇ ହେଲଥ୍ ଓ ଇଣ୍ଡଷ୍ଟ୍ରିରେ ରହିଲେ । ମୃଷାବାବୁ ଶେଷରେ ବାଧ୍ୟହୋଇ, ଗ୍ରିଭାନ୍ସ ସେଲ୍‌ରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଦେଖା କଲେ । ମୁଖ୍ୟମନ୍ତ୍ରୀ ଇରିଗେସନ ଡ଼ିପାର୍ଟମେଣ୍ଟର ଅଡ଼ର ଦେଖି ହସି ଉଠିଲେ । ସେକ୍ରେଟାରୀ, ମୋଜେସ୍‌କୁ ଡାକି ଫାଇଲ୍‌ରେ ଅର୍ଡ଼ର କଲେ, ବିଗତ ନିୟମ ଅନୁଯାଇ ମୃଷାପଟ୍ଟନାୟକଙ୍କୁ ସବୁ ପ୍ରକାର ପାଇନାନ୍ସିଆଲ୍ ବେନିଫିଟ୍ ମିଳିବ । କିଛି ଦିନପରେ ଚାକିରିରୁ ଅବସର ନେଇ ମୋଜେସ୍ ସାହେବ, ମୃତ୍ୟୁ ବରଣ କଲେ । ରାଜ୍ୟରେ ଇଲେକ୍‌ସନରେ କଂଗ୍ରେସର ପତନ ହେଲା । ଜନତା ସରକାର ଆସନକୁ ଆସିଲେ । ମୃଷାପଟ୍ଟନାୟକଙ୍କ ଫାଇଲ୍ ଯୋଉଠିଥିଲା, ସେଇଠି ପଡ଼ି ରହିଲା, ବର୍ଷ ବର୍ଷ ଧରି ।

ମୃଷାବାବୁଙ୍କ ଦୁଃଖରେ ଦୁଃଖିତ ହେଇ, ବଡ଼ ସବୁ ଅବସର ପ୍ରାପ୍ତ ମାଇନିଙ୍ଗ ଡାଇରେକ୍ଟର ବିଜୟ କୃଷ୍ଣ ମହାନ୍ତି ଓ ଶଳା ସୁବାସ ଭାଇଙ୍କ ପୁଅ(ବାବୁ) ପ୍ରଦ୍ୟୁମ୍ନ ପଟ୍ଟନାୟକ, ମଦନ ମହାନ୍ତି ଆଇ.ଏ.ଏସ୍ କୁ ସମସ୍ତ ଦୁଃଖ କହିଲେ, ପୁଅ ଦୀପକ ମଧ ଦରଖାସ୍ତ ଦେଇ ବାପାଙ୍କ ଦିର୍ଘଦିନର ଶଯ୍ୟାସାୟୀ କଥା କହିଲା, "ମଦନ ମହାନ୍ତି" ବଡ଼ ବିଚାର ବନ୍ତ ଲୋକ, ପରୋପକାରୀ, କାଗଜପତ୍ର ପୁରା ଭେରିଫିକେସନ କରି ଅର୍ଡ଼ର କଲେ, ମୃଷାବାବୁ କେବଳ ପେନ୍‌ସନାରି ବେନିଫିଟ୍ ପାଇବେ, ଅନ୍ୟ ବେନିଫିଟ୍ ପାଇ ପାରିବେ ନାହିଁ । ଏହି ଅର୍ଡ଼ର ଯୋଗୁ, ମୃଷାବାବୁ, ଲକ୍ଷ, ଲକ୍ଷ, ଟଙ୍କା କ୍ଷତିରେ ପଡ଼ିଲେ । ଏ ଅର୍ଡ଼ର ହେଲା ୧୯୯୩ ମସିଆରେ, ରିଟାୟାର୍ଡ଼ ହେବାର ଛଅବର୍ଷ ପରେ, ସରକାର

Digitized by srujanika@gmail.com

ଏ ଅର୍ଦ୍ଧର ୧୯୮୭ ମସିହାରେ ଦେଇ ପାରିଥାନ୍ତେ । ଯେଉଁ ଟଙ୍କାଟା ୧୯୮୭ରେ ପାଇ ଥାଆନ୍ତେ, ସେ ୧୯୯୩ ବେଳକୁ ଦୁଇଗୁଣରୁ ଅଧିକ ହେଇଥାନ୍ତା ।

ଏହିସବୁ ଚିନ୍ତାରେ ମର୍ମାହତ ହେଇ, କଣ କରିବେ କଛି ଭାବି ପାରୁ ନାହାଁନ୍ତି ମୃଷାବାବୁ, ଦିର୍ଘ ଏକ ବର୍ଷ ହେବ, ଜାନୁ ହାଡ଼ ଭାଙ୍ଗି ବିଛଣାରେ ପଡ଼ିଛନ୍ତି । ଚାଲିପାରୁ ନାହାଁନ୍ତି, ମନ୍ତ୍ରୀ, ସେକ୍ରେଟାରି, କାହାରିକୁ ଦେଖା କରିବା ଅସମ୍ଭବ ହୋଇ ପଡ଼ିଛି ତାଙ୍କ ପକ୍ଷରେ । ପୋଷ୍ଟ ଅଫିସ, ବ୍ୟାଙ୍କ୍ ବା ଘରେ ପଇସାଟିଏ ନାହିଁ, ବଡ଼ ପୁଅ ଆଠ ବର୍ଷ ଫାକର୍ କମ୍ପାନିରେ ଚାକିରି କରି ଏବେ, ଛଟେଇ ହେଇ, ବେକାର ବସିଛି । ସାନପୁଅ ଯାହା ଆଣେ, ଏ ବିରାଟ ପରିବାର ଚଳାଇବା ଅସମ୍ଭବ । ଘର ଭଡ଼ା ଯାହା ପାଉଛନ୍ତି ସେ ଅତି ତୁଚ୍ଛ ସମୁଦ୍ରକୁ ଶଙ୍ଖେ । ଘର ଖଣ୍ଡକ ଅଧା ହେଇ ପଡ଼ିଛି, ପୁରା ଶେଷ ହେବାକୁ ବହୁ ପରିମାଣରେ ଟଙ୍କା ଦରକାର । ପଇସା ନାହିଁ ଘର ଚାରିପାଖ ପାଚେରୀ କରିବାକୁ, ଗାଈ, ଗୋରୁ, କୁକୁର, ଚୋର, ତସ୍କର ଗାଁ ପିଲା ସବୁ ବାଡ଼ି ଭିତରେ । ଆପାତତଃ ସବୁ ପ୍ରାଇଭେଟ୍ ଜାଗା ଆଗରେ ସରକାରୀ ଜାଗା ଥାଏ । ମୃଷାବାବୁଙ୍କ ଜାଗା ଆଗରେ ସରକାରୀ ଜାଗା ଥିବାରୁ, ଆଜିଯାଏ ପ୍ଳାନ୍ ଆପ୍ରୁଭ ହୋଇ ପାରୁନି । ତେଣୁ ଟଙ୍କା ଲୋନ୍ ଆଣି ଘର ଫିନିସ୍ କରିବା, ଦୁଇ ମହଲା କରିବା ବା ଚାରିପାଖ ପାଚେରୀ କରିବା ସମ୍ଭବ ପର ନୁହେଁ । ପାଇପ୍ ଲାଇନ୍‌ରୁ ପାଣି ନଆସିବାରୁ ଘରେ କୁଅ ଖୋଳି ପମ୍ପ ବସାଇଲେ, ପମ୍ପ ବାରମ୍ବାର ଖରାପ ହେବାରୁ ବହୁ ପରିଶ୍ରମ କରି, କଲ୍ୟାଣପୁରର ଜଗନ୍ନାଥ ଟାପ୍ ରିପାରିଙ୍ଗ ରିବିନ୍ଦ୍ର କୁମାର ଦାସ ଆସି ତିଆରି କଲେ । ତଥାପି ଅସୁବିଧାରୁ ପୁରାପୁରି ମୁକ୍ତ ନୁହଁନ୍ତି । ବତିଶି ବର୍ଷକାଳ ଲେଖି, ଲେଖି G.A Department ଯାଇ କରି ମଧ୍ୟ, ଜାଗା ଖଣ୍ଡକ ତାଙ୍କର ହେଉନି, ଏଇମିତି ବହୁ ଚିନ୍ତାରେ ମୃଷା ଇଂଜିନିୟର ।

ଜନ୍ମରୁ ଆଜିଯାଏ ତାଙ୍କର ଦୁଃଖମୟ ଜିବନ, ଛୁଆଦିନୁ, ଘାଷକାଟି, ଗାଈ, ଗୋରୁ ଜଗି, କାଠବିକି, ମେଟ୍ରିକ୍‌ରେ ସାତଜଣ ପିଲାଙ୍କୁ ଟିଉସନ କରି ପାଠ ପଢ଼ି କଲେଜ୍‌ରେ ବନ୍ଧୁମାନଙ୍କ ସାହାଯ୍ୟରେ ପାଠ ପଢ଼ି ଇଂଜିନିୟର ହେଇ, ଅବସର ପର୍ଯ୍ୟନ୍ତ ବହୁ କଷ୍ଟ ପାଇଛନ୍ତି । ଦିର୍ଘ ଅଠ ତିରିଶ ବର୍ଷ ସରକାର ପାଖରେ, ଅତି ଅନେଷ୍ଟ ଭାବରେ ଚାକିରି କରି କଣ ପାଇଲେ ସେ ?

ତାଙ୍କର ମନେପଡ଼େ ପ୍ରଥମ ଚାକିରିରେ, ହୀରାକୁଦରେ ୱାର୍କଚାର୍ଜଡ଼ ଚାକିରିକୁ ରେଗୁଲାର ସଙ୍ଗେ ମିଶାହେବା କଥା, ହୋଇପାରିଲା ନାହିଁ, ବହୁ ଆର୍ଥିକ କ୍ଷତିରେ ପଡ଼ିଲେ ସେ, ଜୁନିଅର ହୋଇଗଲେ । ହିରାକୁଦରୁ ଯାଇ, ଓଡ଼ିଶା ସରକାରରେ ଜଏନ କଲେ ସିନିଅର କନ୍‌ଫର୍ମଡ଼ ଆଗ ପଦୋନ୍ନତି ହେବ, ବୋଲି, କିଛି ହେଲାନି, ବହୁତ କ୍ଷତି ସହିଲେ । ସାତବର୍ଷ

Digitized by srujanika@gmail.com

ଆର.ଇ.ଓ ଡେ଼ପୁଟେସନ୍ ପରେ ପୁଣି ଗଲେ ବ୍ଲକ୍ । ପୁରା ବେନିୟମ୍ ଅର୍ଡ଼ର । ଅନ୍ୟ କେହି ମାନିଲେ ନାହିଁ । କେବଳ ମାନିଲେ ମୃଷାବାବୁ । ସିଲେକ୍‌ସନ୍ ଗ୍ରେଡ୍ ଜୁନିଅର ଇଂଜିନିୟର ଦରମାକୁ ତ୍ୟାଗ କରି ନେଲେ ସାଧାରଣ ଜୁନିଅର ଇଂଜିନିୟରଙ୍କ ଦରମା । ବହୁତ କ୍ଷତି ହେଲା ତାଙ୍କର ।

ଉନେଇଶ ଅଣୀ ଓ ବୟାଅଣୀ ବନ୍ୟାରେ ନଦୀରେ ବୁଡ଼ି ଯାଇ ମରୁ ମରୁ ବଞ୍ଚିଗଲେ । ତାଙ୍କୁ କମେଣ୍ଟେସନ୍ ଦିଆହେବାର ଥିଲା, ସେବି ମିଳିଲା ନାହିଁ । କପିଳେଶ୍ୱର ମନ୍ଦୀରର ୮୫ ବର୍ଷର ବୃଦ୍ଧ ପୂଜକ ଶ୍ରୀ ହଜୁର ମଲ୍ଲିଆଙ୍କ କପିଳେଶ୍ୱରଙ୍କ ଉପରେ ଜଳ, ବେଲପତ୍ର ଅଭିଷେକ, ଆଜି ଫେଲ୍ ମାରିଛି, ସେ କହନ୍ତି "ଆପଣଙ୍କ ପ୍ରାୟ ଇଷ୍ଟ ଦେବ, "ଶିବ ଠାକୁର" ଆଜିବି ପଥର ।

ଗୋଡ଼ଭାଙ୍ଗି ଘରେ ବର୍ଷେ ହେବ ପଡ଼ିଛନ୍ତି, ପଇସା ନାହିଁ ଅପରେସନ୍ ହେଇ ଭଲ ହେବାକୁ, ସରକାରଙ୍କୁ ବାରମ୍ବାର ଲେଖିଲେ ମଧ ସରକାର ମୂକ, କେବେ ଟଙ୍କା ତାଙ୍କର ମିଳିବ, ସେତେ ଦିନ ଯାଏ, ସେ ବଞ୍ଚିଥିବେ କି ନଥିବେ ଏ କଥା ତାଙ୍କ ମନ ବଳକୁ ଆହୁରି ଭାଙ୍ଗି ଦେଉଛି ।

ତାଙ୍କର ମନେ ପଡୁଛି, ନେତାଜୀଙ୍କ କଥା, ରକ୍ତ ଦିଅ, ମୁଁ ସ୍ୱାଧିନତା ଦେବି, ଲୋକେ ରକ୍ତ ଦେଲେ ସ୍ୱାଧିନତା ମିଳିଲା, "ବାପୁଜୀ" କହିଲେ, ଅସହଯୋଗ ଆନ୍ଦୋଳନ କର । ବହୁ କଷ୍ଟରେ ଭାରତ ବର୍ଷକୁ ସ୍ୱାଧିନ କଲେ । "ବାପୁଜୀ"ଙ୍କ ଇପ୍ସିତ ରାମରାଜ୍ୟ ଫେରି ଆସିଲା, ହେଲେ ଲୋକେ ବାବୁଜୀଙ୍କର ସ୍ୱପ୍ନର ପରିକଳ୍ପିତ ରାମରାଜ୍ୟ ଦେଖିବାକୁ ପାଇଲେ ନାହିଁ, ଖାଲି ଖୋଜି ଚାଲିଲେ **"କାହିଁ ସେ ଘିଅ କାହିଁ ସେ ମହୁ"।**

●●●

Digitized by srujanika@gmail.com

ଓଡ଼ିଶାର ରାଜିବ ଗାନ୍ଧୀ

ଧିରେନ୍ ପଟ୍ଟନାୟକ
କଂଗ୍ରେସ ସଭାପତି

୧୯୮୭ ମସିହା, ଜାନୁଆରି ଅଠର ତାରିଖ, ରବିବାର, ମୃଷାବାବୁଙ୍କ ଜୀବନରେ ଏକ ଅବିସ୍ମରଣୀୟ ଦିବସ ।

ସକାଳୁ ଉଠି ନିତ୍ୟକର୍ମ ସାରି, ଚିନ୍ତାମଣୀଶ୍ୱରଙ୍କ ଦର୍ଶନ କରି, ଅଫିସରେ ବସିଥାଆନ୍ତି, ଭୁବନେଶ୍ୱର କଂଗ୍ରେସ ସଭାପତି **''ଧିରେନ ପଟ୍ଟନାୟକ''** ।

ଏହା ଭିତରେ, ସେ କଂଗ୍ରେସର ଜଣେ ଗଣୁଆ ନେତା ହିସାବରେ ବେଶ୍ ସୁନାମ ଅର୍ଜନ କରିଥାଆନ୍ତି । ଗତ ଇଲେକ୍ସନ୍‌ରେ ସେ ବର୍ଷୀୟାନ ନେତା ରାମକୃଷ୍ଣ ପତିଙ୍କୁ ବିଧାୟକ ହେବାପାଇଁ ପରୋକ୍ଷରେ ସାହାଯ୍ୟ କରିଥିଲେ । ସେ, ଭାବିଥିଲେ, ୧୯୮୦ ମସିହା, ଇଲେକସନ୍‌ରେ ଭୁବନେଶ୍ୱରରୁ ବିଧାୟକ ରୂପେ, ମନୋନିତ ହୋଇଥାନ୍ତେ । ସେ ବହୁତ ଦୁଃଖିତ ହେଲେ, ତାଙ୍କୁ ଯେତେବେଳେ, କଂଗ୍ରେସରୁ ଭୁବନେଶ୍ୱର ସିଟ୍ ପାଇଁ ଟିକଟ୍ ମିଳିଲା ନାହିଁ ।

ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, ଭାଇ, ନିରଞ୍ଜନ ପଟ୍ଟନାୟକ, ନିଜ ଲୋକ ହୋଇ, ଟିକଟ କରାଇ ପାରିଲେ ନାହିଁ ବୋଲି, ତାଙ୍କ ଉପରେ ବହୁତ ରାଗ ଓ ଅଭିମାନ ।

ଭିଣେଇ ମୃଷାବାବୁ, ତାଙ୍କୁ ଯେତେ ବୁଝାଇଲେ ମଧ, ସେ ବୁଝିବାକୁ ନାରାଜ । ମୃଷାବାବୁ କହିଲେ, କେନ୍ଦ୍ରରୁ ନିର୍ଦ୍ଦେଶ ହେଲା, ଓଡ଼ିଶାର ବରପୁତ୍ର ବିଜୁପଟ୍ଟନାୟକଙ୍କ ବିରୁଦ୍ଧରେ ବର୍ଷୀୟାନ କଂଗ୍ରେସ ନେତା ସତ୍ୟପ୍ରିୟ ମହାନ୍ତି ଛିଡ଼ା ହେବେ । ତଥାପି ଧିରେନ ବାବୁଙ୍କର ଦୁଃଖ ଗଲାନାହିଁ । ମୃଷାବାବୁଥିଲେ ତାଙ୍କର ବଡ଼ ଭିଣେଇ, ବନ୍ଧୁ, ଭାଇ, ସବୁ କିଛି, ସେ ମୃଷାବାବୁଙ୍କୁ ତାଙ୍କ ପ୍ରଥମ ଓଡ଼ିଆ ଚଳଚିତ୍ର ଅରୁନ୍ଧତୀ ରେ ଅଭିନୟ କରିବାର ସୁଯୋଗ ଦେଇଥିଲେ ।

ଧିରେନ୍ ବାବୁ, ଓଡ଼ିଶାର ବରପୁତ୍ର ଡକ୍ଟର ହରେକୃଷ୍ଣ ମହତାବଙ୍କୁ ରାଜନୈତିକ ପିତା ହିସାବରେ ମାନ୍ୟ ଓ ଭକ୍ତି କରୁଥିଲେ । ସେ ଥିଲେ ମହତାବଙ୍କର ଅତ୍ୟନ୍ତ ବିଶ୍ୱସ୍ତ ।

Digitized by srujanika@gmail.com

ମହାତାବଜୀ ଧିରେନକୁ ନିଜ ଛାଞ୍ଚରେ ଗଢ଼ିବାକୁ ଚାହୁଁଥିଲେ । ଭୁବନେଶ୍ୱରର ବହୁ ବହୁ ଗୁରୁ ଦାୟିତ୍ୱ, ସେ ଅର୍ପଣ କରିଥିଲେ ଧିରେନ୍ ଉପରେ ।

ଦୁଇଟି କଲେଜର ପ୍ରତିଷ୍ଠାତା, ଅନେକ ହାଇସ୍କୁଲର ନିର୍ମାତା ପୃଷ୍ଠପୋଷକ, କେତେ କେତେ ଗରିବ ପିଲାଙ୍କ ଅଧ୍ୟୟନ ପାଇଁ ସାହାଯ୍ୟ, ସେ ଥିଲେ, ଏକାଧାରାରେ ଦାନବୀର, କର୍ମବୀର, ଓ ଧର୍ମବୀର ।

ବେକାରି ଯୁବକଙ୍କ ଚାକିରି ବ୍ୟବସ୍ଥା ପାଇଁ ସକାଳ ନଅଟା ଠାରୁ ରାତି ଏଗାରଟା ଯାଏ ତାଙ୍କର କଳ୍ପନା ଛକରେ ଅରବିନ୍ଦ ଭବନ ଥାଏ ଲୋକାରଣ୍ୟ । ଅଫିସ୍‌ରେ ଚାରି ପାଞ୍ଚଟା ଭିନ୍ନ ଭିନ୍ନ କିସମ ରଙ୍ଗର ଫୋନ୍, ଠିକ୍ ମହତାବ୍‌ଜୀଙ୍କ ଏକାମ୍ରକାନନ ଅଫିସ୍ ପରି । ଗରିବ, କର୍ମ ବିହିନ ଯୁବକଙ୍କୁ, କାମ ଯୋଗାଇବା ଥିଲା, ତାଙ୍କ ଜୀବନର ପ୍ରଥମ କର୍ତ୍ତବ୍ୟ । ତାଙ୍କର ସୁକିର୍ତ୍ତୀ, ଓଡ଼ିଶା ବାହାରେ ଦିଲ୍ଲୀରେ ପ୍ରଘଟ ହେଲା, ଇନ୍ଦିରା ଗାନ୍ଧୀ ଓ ରାଜିବ ଗାନ୍ଧୀଙ୍କର ସେ ହୋଇ ଉଠିଲେ, ଧିରେ ଧିରେ ଅତିପ୍ରିୟ ଓ ବିଶ୍ୱସ୍ତ ।

ତାଙ୍କ ଅଫିସ ରୁମରେ, ଜବାହରଲାଲ ନେହେରୁ ପାଖରେ, ଇନ୍ଦିରା ଗାନ୍ଧୀ ତାଙ୍କ ପାଖକୁ ରାଜିବ ଗାନ୍ଧୀଙ୍କ ଫଟ ମାରି ତା ପାଖରେ ମାରି ଥାଆନ୍ତି ନିଜଫଟ । ଦେଖିଲେ, କେହି ଜାଣିପାରିବେ ନାହିଁ, କିଏ ରାଜିବ ଗାନ୍ଧୀ, କିଏ ଧିରେନ୍ ପଟ୍ଟନାୟକ । ମନେହୁଏ ସତେ ଯେମିତି **"ଜାଆଁଳ ଭାଇ"** ।

ତା, ପରଦିନ ଉନେଇଶୀ ତାରିଖ ସୋମବାର । ବାପା ଗୋପାଳ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିନ, ଚାରିଶ, ପାଞ୍ଚଶ ଉପରେ କାଙ୍ଗାଳଙ୍କର ଭୋଜନ ହେବ ଚିନ୍ତାମଣୀଶ୍ୱର ମନ୍ଦିରରେ । ସେ ସବୁ ଦାୟିତ୍ୱ ଜନାର୍ଦ୍ଦନ ପଟ୍ଟନାୟକ ଓ ଚିନ୍ତାମଣୀ ଭାଇନା ଓ ଲୋକମାନଙ୍କୁ ଦେଇ, ଘନ, ଘନ ଖବର ପଠାଉଥାନ୍ତି ମୃଷା ଭିଣେଇଙ୍କ ପାଖକୁ । ତାଙ୍କୁ ସାଙ୍ଗରେ ଧରି, ପୁରୀର ସବୁଠାକୁର, ସେଦିନ ସେ ଦର୍ଶନ- କରିବାକୁ ଚାହାଁନ୍ତି ।

ସେଦିନଥାଏ, ମୃଷାବାବୁଙ୍କ ବଡ଼ଝିଅ ମେଘମାଳାର ଭଣଜା, **ଲକ୍ଷ୍ମୀଧର ତୁଙ୍ଗଙ୍କ** (I.A.S)ବଡ଼ପୁଅ "ରୁପର" ବାହାଘର କଟକରେ । ଦୁଇ ପ୍ରହର ଭୋଜିପରେ ପ୍ରସ୍ତୁତ ହେଇ ଥାଆନ୍ତି ମୃଷାବାବୁ, ଅଜା ହିସାବରେ ଯିବାକୁ ବରଯାତ୍ରୀରେ ।

ହଠାତ୍ ଯୋଗେଁ କାବୁଲି "ଜିତେନ୍ଦ୍ର ମହାନ୍ତି", ସ୍ୱସ୍ତି ହେଟେଲର ମାଲିକ, ମେନେଜିଙ୍ଗ ଡାଇରେକ୍ଟର କହିଲା 'ଆପଣଙ୍କୁ ଚାରିଆଡେ ଧିରେନ୍ ଦାଦା ଖୋଜୁଛନ୍ତି, ଟିକିଏ ତାଙ୍କୁ ଦେଖାକରନ୍ତୁ । ସେ ଦିନ ଥାଏ, କାବୁଲିର ବଡ ଶଳା 'ବାବୁ' ପ୍ରଦ୍ୟୁମ୍ନର ନିର୍ବନ୍ଧ ପୁରୀରେ ।

ମୃଷାବାବୁ ଦୌଡିଲେ ଅରବିନ୍ଦ ଭବନ, ଧିରେନ ଦେଖି କହିଲା ମୋ, ସାଙ୍ଗରେ ପୁରୀଚାଲ, ତୁମେ ପାପୀ, ତୁମକୁ ଆଜି ସବୁ ଠାକୁର ବୁଲାଇ ଦେଖାଇବି, ପାପ ତୁମର ଧୋଇଯିବ ।

Digitized by srujanika@gmail.com

ମୃଷାବାବୁ କହିଲେ 'ମୁଁ କଟକ ବରଯାତ୍ରୀ ଯିବାକୁ ବାହାରିଛି । ଯୋରରେ ହସି ଉଠିଲା ଧିରେନ୍, କହିଲା ''ମୁଁ ବି ଅଜା ହେବି, ମତେ ବି ବରଯାତ୍ରୀରେ ଯିବାକୁ ଅନୁରୋଧ ହେଇଛି''। ଆମେ ପୁରୀଯିବା, ନିର୍ବନ୍ଧ ଆଟେଣ୍ଡ୍ କରି, ସବୁ ଠାକୁରଙ୍କୁ ଦେଖି, ଫେରି ଆସି ବର ଯାତ୍ରୀରେ ଯିବା କଟକ ରାତି ୧୧ଟା ପରେ ।

ରବି ଭାଇ ମଧ୍ୟ ପୁରୀ ଯିବାକୁ ପ୍ରସ୍ତୁତ ହେଇ ବସିଥାଆନ୍ତି, ପଦ୍ମ(ଧିରେନ୍ର ସ୍ତ୍ରୀ) ପାଖକୁ ଆସି କହିଲା, ''ସବୁ ବେଳେ ଠକାଉଛ, ପଇସା ଦୋଉନ, ଆଜି କିଛି ଦିଅ''। ଧିରେନ୍ ସାଙ୍ଗେ ସାଙ୍ଗେ ଚାରି, ପାଞ୍ଚ ହଜାର ଟଙ୍କା ଫୋପାଡି ଦେଲା ତା ଉପରକୁ, କହିଲା 'ନେ ଯାହାଖର୍ଚ୍ଚ କରୁଛୁ ମନ ଇଚ୍ଛାକର, ଆଉ ଦେବିନାହିଁ । ବୁଝିଲ ମୃଷାଭାଇ, ସୁନ୍ଦରୀ, ବୋଲି ସିନା ବାହା ହେଇ ପଡ଼ିଲି, ବାହାଘର ପରେ, ସବୁ ଭଉଣୀ (ଶାଳୀ) ମାନଙ୍କର ଦାୟିତ୍ୱ ନେଇ ବାହାଘର କରିବାକୁ ପଡ଼ିଲା । ପଞ୍ଚିକୁ ଗଣି ଆଣି ଗେହ୍ଲା କଲାବେଳକୁ, ପଦ୍ମ ନାଚରେ ଛଟ, ପଟ ହେଇ ଦୌଡ଼ି ପଳାଇଲା ।

ରବି (ଅଫିସ୍ ପିଅନ୍) କୁ ଡ଼ାକି କହିଲା, ମୁଁ ଗଲା ପରେ ଫୁଲ କୁଣ୍ଡ ସବୁ ଫାର୍ମରୁ ଟ୍ରଲିରେ ଆଣିବୁ । କାଲି ସକାଳେ ବାଲ୍‌କୋନିରେ ଠିଆ ହେଇ, ମୁଁ ଦେଖିବି, ମୋ ଗୋଲାପ ଗଛରେ ଫୁଲ ଫୁଟିଛି, ଆରେ ମୁଁ ପରା ଓଡ଼ିଶାର ''ରାଜିବଗାନ୍ଧୀ'', ଗୋଲାପ ଫୁଲ କୋଟରେ ମାରୁଥିବା ପଣ୍ଡିତ ''ଜବାହରଲାଲ୍ ନେହୁର''ଙ୍କ ନାତି ।

କାରରେ ବସିଲେ ଭିଣେଇ ମୃଷା ପଟ୍ଟନାୟକ, ଦୁଇଶଳା ରବି ପଟ୍ଟନାୟକ ଆଉ, ଧିରେନ୍ ପଟ୍ଟନାୟକ । ହଠାତ କୋଉଠୁ ଆସି କାର୍ ଆଗରେ ଠିଆ ହେଇଗଲା ଜଣେ ହରଦ୍ୱାରର ସନ୍ୟାସୀ । ପୁଣି ରବିକୁ ଡ଼ାକିଲା ଧିରେନ୍, ''ନେ, ଏ ତିନିଶହ ଟଙ୍କା । ଏ ସନ୍ୟାସୀକୁ ଗୋଟାଏ କମଳ କିଣିଦେବୁ । ଯାହା ପଇସା ବଳିବ, ତା ହାତରେ ଧରାଇ ଦେବୁ, ଯଦି ନଦେବୁ, କୁଷ୍ଠ ହୋଇଯିବ ବୁଝିଲୁ'' । ପୁଣି କହିଲା ''ବୁଝିଲ ମୃଷାଭାଇ, ଟାଟା କୁହ, ବିର୍ଲା କୁହ, ଡ଼ାଲମିଆ କୁହ, ସମସ୍ତେ ଆଜି ବଡ଼ ଲୋକ, ଶିତରେ ଥର, ଥର ହେଇ ତପସ୍ୟା କରୁଥିବା ଏଇ ହରଦ୍ୱାର ସନ୍ୟାସୀମାନଙ୍କୁ 'ଦାନକରି' ।

ଗାଡ଼ି ଚାଲିଲା ପୁରୀ ଅଭିମୁଖେ, ବାଟସାରା ସେଇ ଗୋଟାଏ କଥା କହି ଚାଲିଥାଏ ଧିରେନ୍, ଟିକଟ୍ ପାଇଥିଲେ, ମୁଁ ଜିତିଥାନ୍ତି, ବିଧାୟକ ହୋଇଥାଆନ୍ତି, ମନ୍ତ୍ରୀ ହୋଇଥାଆନ୍ତି, ହୋଇଥାନ୍ତି ମୁଖ୍ୟମନ୍ତ୍ରୀ । ଏମିତି ସମୟ ଆସିଥାଆନ୍ତା ହୋଇଥାନ୍ତି ପ୍ରଧାନ ମନ୍ତ୍ରୀ । ମୁଁ ଧିରେନ୍ ପଟ୍ଟନାୟକ, ଓଡ଼ିଶାର ''ରାଜିବ ଗାନ୍ଧୀ''

କାର ପହଞ୍ଚିଲା ବାଟ ମଙ୍ଗଳାଙ୍କ ପାଖରେ ପାଟି କଲା ଧିରେନ୍ ''ଦେଖ, ଦେଖ ମୃଷାଭାଇ, ମୋତେ ମଙ୍ଗଳା ହାତ ଠାରି ଡ଼ାକୁଛନ୍ତି'' । ''ମଙ୍ଗଳାଙ୍କୁ ନମସ୍କାର କଲା ସିନ୍ଦୁର ମୁଣ୍ଡରେ ମାରିଲା, ପାଞ୍ଚଶହ ଟଙ୍କା ଧରାଇ ଦେଲା ପୂଜକ ମହାପ୍ରଭୁଙ୍କୁ ।

Digitized by srujanika@gmail.com

ପୁରୀରେ, ନିର୍ବନ୍ଧ ବାଟଦେଇ, ସବୁ ଠାକୁରଙ୍କୁ ଦର୍ଶନ କଲା ଭିଣେଇ ମୃଷାବାବୁଙ୍କ ସହ ।

ପହଁଞ୍ଚିଲା, ବଡ଼ ପ୍ରଭାସ ମଞ୍ଜରୀଙ୍କ ପାଖରେ, ବଡ଼ ଥାଆନ୍ତି ଦ୍ୱିତୀୟ ପୁଅ ଆଖି ଡ଼ାକ୍ତର ବିରେନ୍ ପଟ୍ଟନାୟକଙ୍କ ପାଖରେ, ଦର୍ଭ ତୋଟାରେ । ବଡ଼ ସମସ୍ତଙ୍କୁ ଦେଖି ଖୁସି ହୋଇ କହିଲେ "ମୋ ମୃଷା ଆସିଛି, ରବି ଆସିଛି ତୁବି ଆସିଛୁ, ଆଜି ରାତିଟା ରହିଯାଅ"। ଧିରେନ୍ କହିଲା "ମୁଁ ସତ୍ୟଭଙ୍ଗ ହେବିନି, ମୃଷାଭାଇଙ୍କ ପାଖେ ଶପଥ କରିଛି ରାତି କଟକ ବରଯାତ୍ରୀରେ ଯିବି" ।

ଡ଼ଃ. ବିରେନ୍ ପଟ୍ଟନାୟକ(ବୁଲୁ) ପାଖରେ ବ୍ଲଡ଼ ପ୍ରେସର ଚେକ୍ କରାଇଲା । ବଡ଼ଙ୍କୁ ପାଦଧରି ଦଣ୍ଡବତ କଲା

ଗାଡ଼ି ଛୁଟିଲା ଭୁବନେଶ୍ୱର, ବାଟରେ ବଡ଼ ଦାଣ୍ଡରେ, ଦେଖାହେଲା ଗୋରାଚାନ୍ଦ ପଟ୍ଟନାୟକଙ୍କ ସହ, ସେ ଭୁବନେଶ୍ୱର ଯିବା ପାଇଁ ଲିଫ୍ଟିଂ ଚାହୁଁଥିଲେ । ତାଙ୍କୁ କାର୍‌ରେ ବସାଇ କହିଲା "କାଲି ବାପାଙ୍କ ଶ୍ରାଦ୍ଧ ପରେ, ମୁଁ ଆପଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ନେଇଯିବି, ଆପଣଙ୍କର କାମ ହୋଇଯିବ ।

ସାମନ୍ତାପୁର ପାଖେ ଗାଡ଼ି ନରଖି, ଗାଡ଼ି ଚାଲିଲା ଲିଙ୍ଗରାଜ ମନ୍ଦିର ଦେଇ, ଗାଡ଼ିରୁ ଓହ୍ଲାଇ ଲିଙ୍ଗରାଜଙ୍କୁ ଦଣ୍ଡବତ କଲା ପାହାଚ ପାଖେ, ବିନ୍ଦୁ ସାଗର ପାଖ, ଅନନ୍ତ ବାସୁଦେବଙ୍କୁ ଦଣ୍ଡବତ କରି, ସେଠି ଓହ୍ଲାଇ ଦେଲା, ଗୋରଚାନ୍ଦ ବାବୁଙ୍କୁ ।

ଆରମ୍ଭ ହେଲା କାଶ, ସେତ କାଶ ନୁହେଁ ସର୍ବଗ୍ରାସୀ କାଶ, ମୃଷାବାବୁ, ରବିଭାଇ, ରାଜୁ (ସଜ୍ଜୁ ରାଜକିଶୋର ଦାସ) ଛାତି, ପିଠି ଆଉଁସି ଚାଲିଥାନ୍ତି । କାଶ ଆଦୌ ବନ୍ଦ ହେଲାନି, ପୁରାପୁରି ବରଫ ପାଲଟି ଗଲା ଧିରେନ୍ - ଗାଡ଼ି ପହଁଞ୍ଚିଲା, ଅରବିନ୍ଦ ଭବନ । ଗେଟ୍ ପାଖେ, ପାଟିକଲା ଧିରେନ୍ "ରବିକୁ ଡ଼ାକି ଗେଟ୍ ଖୋଲ, ଡ଼ାକ୍ତରଙ୍କୁ ଫୋନ କର, ମୋ ନା ଶୁଣିଲେ, ସବୁ ଡ଼ାକ୍ତର ଦୌଡ଼ି ଆସିବେ" । ଦାଣ୍ଡ ଘରକୁ ନିଆହେଲା ଧିରେନକୁ । ମୃଷାବାବୁ ଦୌଡ଼ିଲେ, ପଞ୍ଚୁ ପାଖକୁ ଉପରକୁ, ତାକୁ, ଲଙ୍ଗଳା, ମୁକୁଳା ଟାଣି ଆଣିଲେ ତଳକୁ, ପଞ୍ଚୁ ପାଟିରେ ପାଣିଦେଲା । ଗେଟ୍ ଡେଇଁ କବାଟ ବାଡ଼େଇ ଭଗବତ ନିବାସରୁ ଉଠାଇ ଆଣିଲେ ଲତି ଅପା, ନିରଞ୍ଜନ ଭାଇଙ୍କୁ । ଟୁନୁ ଭାଇ, ଶାନ୍ତି ଅପା, ନିରଞ୍ଜନ ପଟ୍ଟନାୟକ, ତାରା ପଟ୍ଟନାୟକ, ଚିତ୍ତ ପଟ୍ଟନାୟକ, ଶଳା ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ ଓ ଅନ୍ୟାନ୍ୟ ବନ୍ଧୁ ବାନ୍ଧବ ମାନଙ୍କୁ, ଖବର ଦେଲେ ମୃଷାବାବୁ । ନିଲୁ (ବିଧାନ ପଟ୍ଟନାୟକ) ଡ଼ାକ୍ତର ଡ଼ାକିଲା - ଡ଼ାକ୍ତର ବାବୁ, ଡ଼ାକ୍ତର ଖାନା ନେବାକୁ ନିର୍ଦ୍ଦେଶ କଲେ । ଡ଼ାକ୍ତରଖାନାରେ

Digitized by srujanika@gmail.com

ଡାକ୍ତର ବାବୁ, କହିଲେ ଆଉ ନାହିଁ **ସବୁଶେଷ** । ପୁରୀରୁ ଆସିଲେ ବଉ, ବୁଲୁ ତା ଛୁଆ ପିଲା, ଧିରେନର ବନ୍ଧୁ ବାନ୍ଧବ । ଏକ ଘଣ୍ଟା ଭିତରେ, ଡାକ୍ତର ଖାନା ପ୍ରାଙ୍ଗଣକୁ କାନ୍ଦରେ ଫଟାଇ ଦେଲେ । ତାପର ଦିନ ସକାଳେ, ଅରବିନ୍ଦ ଭବନରୁ ହଜାର ହଜାର ଲୋକଙ୍କ ଆଖିରୁ ଲୁହ ଗଡ଼ାଇ ଗୋଡ଼ରୁ ମୁଣ୍ଡଯାଏ, ଫୁଲମାଳରେ ସଜ୍ଜାହେଇ, ତା'ର ତିଆରି ସବୁ ଅନୁଷ୍ଠାନ ଦେଇ ବୁହାହେଲା ଗରାବନ୍ଧୁ ଶ୍ମଶାନକୁ । ସମସ୍ତ ବନ୍ଧୁ ବାନ୍ଧବ କଂଗ୍ରେସ କର୍ମୀ ବିଧାୟକ, ମନ୍ତ୍ରୀ, ଏପରି ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପର୍ଯ୍ୟନ୍ତ ଅଗ୍ନୀକୁ ଘିଅ, ଚନ୍ଦନ କାଠ ନିକ୍ଷେପ କଲେ । ଅତୀତରେ ଗରାବନ୍ଧୁ ଶ୍ମଶାନ, ସଂଖ୍ୟା ଗରିଷ୍ଠ ଲୋକଙ୍କୁ ତା କରାଳ ଗର୍ଭରେ ପୁରାଇ ମଧ୍ୟ, ତାର ସର୍ବଗ୍ରାସି କ୍ଷୁଧା ନିର୍ବାପିତ ହୋଇନଥିଲା, ଲେଲିହାନ ଶିଖା ବିସ୍ତାର କରି ତାର ଭୋକିଲା ଗର୍ଭରେ ଅଧ ଘଣ୍ଟାକ ଭିତରେ ପୁରାଇ ଦେଲା ଧିରେନ ପଟ୍ଟନାୟକ(ଓଡ଼ିଶାର ରାଜିବଗାନ୍ଧୀ)- **"ଓଡ଼ିଶାର ରାଜିବଗାନ୍ଧୀ"**କୁ ।

Digitized by srujanika@gmail.com

ମା, ପ୍ରଭାସ ମଞ୍ଜରୀ (ଶାଶୁ)

ଆନନ୍ଦପୁରର ବଳିଷ୍ଠ ଓକିଲ ଗୋକୁଳା ନନ୍ଦ ପଟ୍ଟନାୟକଙ୍କ ଝିଅ 'ପ୍ରଭାସ' ବିବାହ କରିଥିଲେ ଓରାଳି ଜମିଦାର ବଂଶର ତୃତୀୟ ପୁତ୍ର ଗୋପାଳ ପଟ୍ଟନାୟକଙ୍କୁ । ପ୍ରଭାସ ମଞ୍ଜରୀଥିଲେ ଓରାଳି ବଂଶରେ ସବୁଠାରୁ ପ୍ରିୟ ବୋହୂ । ସ୍ୱାମୀ ଥିଲେ ଅଡ଼ିଟର କେନ୍ଦୁଝର ଗଡ଼ରେ । ଗୋପାଳ ବାବୁଙ୍କୁ ଘର ମିଳିଥାଏ ହାଇସ୍କୁଲର ହେଡ଼ମାଷ୍ଟର ଭାବଗ୍ରାହୀ ମହାନ୍ତିଙ୍କ କ୍ୱାଟର ପାଖକୁ । ପୁଅ, ଝିଅ, ପୁତୁରା, ଝିଆରୀ ଏହି ସମସ୍ତଙ୍କୁ ନେଇ, ପ୍ରଭାସ ମଞ୍ଜରୀଙ୍କ ଘର ସବୁବେଳେ ଗହଳି, ଗୋଟିଏ ଛୋଟକାଟିଆ ଧର୍ମଶାଳା । ଗହଳିକୁ, ପ୍ରଭାସ ମଞ୍ଜରୀ ବେଶି ଭଲ ପାଆନ୍ତି । ଅବିକଳ ଗୁଣ ନକଲ କରିଛନ୍ତି, ତାଙ୍କ ସାନ ଝିଅ "କାନ୍ତିଲତା" ମୃଷାବାବୁଙ୍କର ମହିଷାମର୍ଦ୍ଦିନୀ ପ୍ରିୟତମା । ବନମାଳି ମହାପାତ୍ର, ଯଦୁନାଥ ମହାପାତ୍ର ଏକା ଗାଁ ଓରାଳିର, ଥିଲେ ଏସ.ପିଙ୍କ ବଡ଼ବାବୁ, ଆଉ ମହାରାଜାଙ୍କର ଡୋମେଷ୍ଟିକ ମ୍ୟାନେଜର । ସେମାନେ ଥିଲେ ଗୋପାଳ ବାବୁଙ୍କର ଅତିପ୍ରିୟ ବନ୍ଧୁ ।

ସେତିକି ବେଳେ, ମୃଷାବାବୁ ଥିଲେ, ଯଦୁବାବୁଙ୍କ ଘରେ ଟିଉସନ୍ ମାଷ୍ଟର । ହାଇସ୍କୁଲରେ ପଢୁଥାଆନ୍ତି, ବେଳେ, ବେଳେ, ଚିଠିପତ୍ର, ଖବର ଅନ୍ତର, ତରକାରି ନେଇ ଗୋପାଳ ବାବୁଙ୍କ ଘରକୁ ଆସନ୍ତି । ତେଣୁ ମୃଷାକୁ ବାର, ତେର ବର୍ଷବେଳୁ ଜାଣିଥିଲେ ଗୋପାଳ ବାବୁ ।

ଭାରତ ସ୍ୱାଧୀନ ହେଲା, ମହାରାଜା ତାଙ୍କ ନିଜର ଲୋକମାନଙ୍କୁ ଭଲ, ଭଲ ପୋଷ୍ଟରେ ନିଯୁକ୍ତ କରି, ରାଜ୍ୟ ଓଡ଼ିଶା ସରକାରକୁ ଦେଇଦେଲେ । ଗୋପାଳ ବାବୁ ହେଲେ ଏକ୍ସସାଇଜ ସୁପର ଇନ୍ ଟେଣ୍ଡେଣ୍ଟ୍ ଆଉ ଯଦୁବାବୁ ସିଭିଲ୍ ଏସ.ଡ଼ି.ଓ । ଯଦୁଭାଇ ସୁନ୍ଦରଗଡ଼ରେ ଥିବାବେଳେ, ମୃଷାବାବୁ ପ୍ରଥମ ଦରମା ପାଇ ତାଙ୍କ ପ୍ରିୟ ନୂଆବୋଉ (ଯଦୁଭାଇଙ୍କ ସ୍ତ୍ରୀ)ଙ୍କ ପାଇଁ ବନାରସୀ ପାଟଟିଏ ଉପହାର ଦେଇଥିଲେ ।

Digitized by srujanika@gmail.com

ଗୋପାଳ ବାବୁ ବହୁ ବାଧାବିଘ୍ନ ସତ୍ତ୍ୱେ ବି ନିଷ୍ପତି କରି, ମୃଷା ପରି ଆଦର୍ଶ ପିଲାକୁ ତାଙ୍କର ତୃତୀୟ ଯୋଗଁ କଲେ । ଝିଅ କାନ୍ତିଲତା ଥାଏ ସବୁବେଳେ ତାଙ୍କରି ପାଖରେ, ମୃଷାବାବୁ ଅତିପ୍ରିୟ ଯୋଗଁ, ବାପାଙ୍କର ଆଉ ବୋଉ ପ୍ରଭାସ ମଞ୍ଜରୀଙ୍କର । ହୀରାକୁଦରୁ ଆସି ଫେରିଗଲାବେଳେ, ବାପା ବୋଉକୁ ଲୁଚାଇ, ଦିଅନ୍ତି ଦୁଇଶ ତିନିଶ ଟଙ୍କା, କହନ୍ତି "ବାଟ ଖର୍ଚ୍ଚ କରିବୁ, କାହାରିକୁ କହିବୁନି" । ଆଉ ବୋଉ, ଚୁପ କରି ଘର ଭିତରକୁ ଡାକି ପକେଟରେ ପୁରାଇ ଦିଅନ୍ତି, ଚାରିଶହ, ପାୟଶହ ଟଙ୍କା, କହନ୍ତି "ପ୍ରତି ଶନିବାର ଦିନ ଆସିବୁ, ମୁଁ ଟଙ୍କା ଦେଇଛି ବୋଲି କାହାରିକୁ କହିବୁ ନି" । ଏତେ ସ୍ନେହ, ଆଦର ମୃଷାବାବୁଙ୍କ ପାଇଁ ଥିଲା, କୋଟି ତପସ୍ୟାର ଫଳ, ମୃଷାବାବୁଙ୍କ, ଆନନ୍ଦ କହିଲେ ନସରେ ।

ବୋଉଙ୍କର ଲତି, ଶାନ୍ତି ଦୁଇ ଝିଅ ହେଲାପରେ ସେ ଦେଢ଼ଶୁର ବଳରାମ ପଟ୍ଟନାୟକଙ୍କ ବଡ଼ପୁଅ ଜତିନ୍ ପଟ୍ଟନାୟକ(ଗାନ୍ଧି)କୁ ପୁଅ କଲେ । ବୋଉଙ୍କୁ ଗାନ୍ଧିବୋଉ ଡାକିଲେ ସେ ବହୁତ ଖୁସି । ବଡ଼ଝିଅ ବିବାହ କରିଥାଏ ଜାତିୟ କବୀ ବିରକିଶୋର ଦାସଙ୍କ ପୁଅ, ନିରଞ୍ଜନ ଦାସକୁ, ସେ ଇଲେକ୍ଟ୍ରିକାଲ ମୁଖ୍ୟଯନ୍ତ୍ରୀ "C.E" ଓ ମେମ୍ବର ହେଇ ଅବସର ନେଲେ । ତା ତଳ ଝିଅ ଶାନ୍ତି ବିବାହ କଲା ବିଜୟ କୃଷ୍ଣ ମହାନ୍ତିଙ୍କୁ, ସେ ମାଇନିଙ୍ଗ ଡ଼ିପାର୍ଟ ମେଣ୍ଟର ମୁଖ୍ୟ ନିର୍ଦ୍ଦେଶକ ଭାବେ, ଅବସର ନେଲେ ।

ଧିରେ, ଧିରେ, ସବୁ ପୁତୁରା, ଝିଆରୀଙ୍କର ବାହାଘର ହେଲା । ଘରର ବଡ଼ପୁଅ, ପ୍ରଫୁଲ୍ଲ ପଟ୍ଟନାୟକ, ବିବାହ କଲେ, ଖରସୁଆଁର ଡାକ୍ତର ହିରାଲାଲ ପଟ୍ଟନାୟକଙ୍କ ଝିଅ ମୈତ୍ରିୟୀଙ୍କୁ ।

ବନଲତାର ବାହାଘର ହେଲା ରାଉରକେଲାରେ । ସୁବାସ ଭାଇ, ଗାନ୍ଧୀଭାଇ, ରମେଶ ଭାଇଙ୍କ ବାହାଘର ହେଲା ଓରାଳିରେ । ରବିଭାଇଙ୍କର ରାଉରକେଲାରେ । ମୃଷାବାବୁ ଓ ଶଳା ରମେଶ ଭାଇ ପ୍ରଥମେ ଯାଇ କ୍ଷମା ନୂଆବଉଙ୍କୁ ପସନ୍ଦ କରି ଆସିଥିଲେ । ଗୋପାଳ ବାବୁ ପୁରୀରୁ ବାଲେଶ୍ୱର, ବାଲେଶ୍ୱରରୁ ସୁନ୍ଦର ଗଡ଼, ସୁନ୍ଦର ଗଡ଼ରୁ ବଲାଙ୍ଗିର ବଦଳି ହେଲେ । ବଲାଙ୍ଗିରରେ ଥିବାବେଳେ, ବନଲତାଙ୍କର ବାହାଘର ସାରି ଗଲାବେଳେ ବାଟରେ ଯେଉଁ ମର୍ମନ୍ତୁଦ ଦୁର୍ଘଟଣା ଘଟିଲା, ତାଙ୍କୁ ହସ, ହସ ବଦନରେ ସହିଥିଲେ ମା, ପ୍ରଭାସ ମଞ୍ଜରୀ ।

୧୯୬୪ ମସିହା, ଭୁବନେଶ୍ୱରରେ A.I.C.C., ମୃଷାବାବୁ ଥାଆନ୍ତି ଡ଼େଲଟା କଲୋନିରେ । ବାପା, "ଗୋପାଳବାବୁ" ଥାଆନ୍ତି ବଲାଙ୍ଗିରରେ । କଲେକ୍ଟର ଥାଆନ୍ତି ଆର.ଏନ୍.ଦାସ ବୋଉଙ୍କର ବ୍ୟବହାର, ସ୍ନେହପୂର୍ଣ୍ଣ କଥାବାର୍ତ୍ତା, ତଳ ଉପର ସମସ୍ତ ଅଫିସରଙ୍କୁ ଖୁସି କରି ରଖିଥାଏ । ମା, ପ୍ରଭାସମଞ୍ଜରୀ, ସମସ୍ତଙ୍କର ଥିଲେ । (କରୁଣାମୟୀ ଜନନୀ) ମମତାର ଅଫୁରନ୍ତ ଧାରା ଛୁଟୁଥିଲା, ସମସ୍ତଙ୍କ ପାଇଁ ତାଙ୍କରି ବକ୍ଷରୁ । ଚିତ୍ର, ପୁଥୁଲ, ଅନ୍ୟ, ପୁଅ, ଝିଅ, ପୁତୁରା, ଝିଆରୀ ସବୁ ତାଙ୍କର ଥିଲେ ଅତି ପ୍ରିୟ ।

Digitized by srujanika@gmail.com

ବାପା ପୁରୀରେ ଥିଲାବେଳେ, ଦଉଡୋଟାରେ ଜାଗା କିଣି, ଘରଟିଏ କରିଥିଲେ ନାମ ରଖିଥିଲେ, **"ପ୍ରଭାସ କୁଟୀର"** ସେଠ ରହିବାର କେବେ ସୁଯୋଗ ମିଳି ନଥିଲା ।

ଦିନେ ପୁଅ, ଝିଅ, ଯୋଇଁ, ପୁତୁରା, ଝିଆରୀ ସମସ୍ତଙ୍କୁ ଧରି, ପୁରୀର ସବୁ ଠାକୁର ଦର୍ଶନ କରି ଅଭଡ଼ା ଖାଇ, କେତେ ଘଣ୍ଟା ଶୟନ କଲେ, ପ୍ରଭାସ କୁଟୀରରେ । ସକାଳୁ ପହଞ୍ଚିଲେ ଡ଼େଲଟା କଲୋନୀ, ମୃଷାବାବୁଙ୍କୁ କହିଲେ, "ସ୍ୱର୍ଣ୍ଣ, (କାନ୍ତିର ସାନ ଭଉଣୀ)ର ବାହାଘର ପାଇଁ ବରପକ୍ଷ, ୫,୦୦୦ ଟଙ୍କା ନେବେ, ତୁ ମୋ ସାଙ୍ଗରେ ବଲାଙ୍ଗିର ଚାଲ୍ ନେଇ ଆସିବୁ, ମନିଅର୍ଡ଼ର କରି ପଠାଇଲେ, ସମସ୍ତେ ଜାଣିବେ । ଧିରେନ୍ ପୁଥୁଲ୍ ମୃଷାବାବୁ ସମସ୍ତେ ଆସିଲେ କାର୍‌ରେ । ଗୋପବନ୍ଧୁ ଛକ ପାଖରେ କହିଲେ "ତୁ ଗୋପାଳ ବାବୁଙ୍କ ଯୋଇଁ, କ୍ଷର ନହୋଇ ଯିବୁ, ଯା, ସିରିପୁରରେ କ୍ଷରବାର ହୋଇ ଆସ, ମୁଁ ବାମଦେବ ବାବୁ A.D.M (ଏ.ଡ଼ି.ଏମ) ଘରେ ଅଛି, ସେଠାକୁ ଆ । "ପୁଥୁଲକୁ" ନିଜ କାର ଦେଇ ପଠାଇଦେଲେ, ଅନନ୍ତ ବାସୁଦେବଙ୍କ ପ୍ରସାଦ ଆଣିବାକୁ । ବାମଦେବ ବାବୁଙ୍କ କାର୍ ମାଗି ଧିରେନ୍‌କୁ ଅନ୍ୟ କାମରେ ପଠାଇଦେଲେ । ବାମଦେବ ରଥ (ଏଡ଼ି.ଏମ୍‌ଙ୍କ) ସ୍ତ୍ରୀଙ୍କୁ କଫି ମାଗିଲେ, କଫି ପିଉଛନ୍ତି, ଆରମ୍ଭ ହେଲା କାଶ, ଛାତିରେ ଆଘାତ ପାଇଲେ, ମୃଷାବାବୁ କ୍ଷର ହେଇ ପହଁଞ୍ଚି ଯାଇଥାନ୍ତି । ବାପା କହିଲେ ପାଣି ଦେ, ପାଣିଦେଲେ, ମୃଷାବାବୁ । ତାପରେ ସବୁଶେଷ । ରାତିରେ ସବୁ ଠାକୁରଙ୍କୁ ଦର୍ଶନ କରି, ସକାଳେ ସବୁ ଆତ୍ମୀୟ ସ୍ୱଜନଙ୍କୁ କନ୍ଦାଇ, ସବୁଦିନ ପାଇଁ ଚାଲିଗଲେ ସେ, ମହାତ୍ମା, ଅମର ଧାମକୁ । ଶବ ସତ୍‌କାର କରି, ପୁଅମାନଙ୍କୁ ଧରି, ଅଳ୍ପ ବୟସରେ ବିଧବା ହୋଇ ପଡ଼ି ରହିଲେ ସର୍ବସ୍ୱାହା ଜନନୀ । ବଡ଼ ଦେଢ଼ଶୁର ବଳରାମ ପଟ୍ଟନାୟକ, ଦିଅର ଶ୍ରୀରାମ ପଟ୍ଟନାୟକ, ବଡ଼ ଦୁଇଜଣ ଯାଆ, ସାନ ଯା ସମସ୍ତଙ୍କୁ ହରାଇ, ପାଷାଣ ପ୍ରତିମା ପରି, ପଡ଼ି ରହିଲେ ପ୍ରଭାସ ମଞ୍ଜରୀ । ପ୍ରିୟ ପୁତୁରା, ରମେଶ ପାଇଁ, ହଜାର, ହଜାର, ଖର୍ଚ୍ଚ କରି ମଧ ବଞ୍ଚାଇ ପାରିଲେ ନାହିଁ । ପୁଅମାନେ ବଡ଼ ହେଲେ, ବଡ଼ପୁଅ ଧିରେନ୍ ଏମ୍.ଏ ପାଶ୍ କରି ସରକାରୀ ଚାକିରି ନକରି ରାଜନିତୀ କଲା, ଦ୍ୱିତୀୟ ପୁଅ ବରେନ ପଟ୍ଟନାୟକ ନାମକରା ଆଖି ଡ଼ାକ୍ତର, ତୃତୀୟ ପୁଅ, ବିଧାନ ପଟ୍ଟନାୟକ (ନିଲୁ) ଇଂଜିନିୟର ଚାକିରି ନକରି ବ୍ୟବସାୟ ଆରମ୍ଭ କଲା । ଆଉ ସବା ସାନପୁଅ ଅରୁଣ, ଆଲେଡ଼ ପାଇଲା, ହେଲା ଭାରତ ସରକାରଙ୍କ ଅଧିନରେ ଉଚ୍ଚ ପଦସ୍ଥ ଅଫିସର ।

ଦିର୍ଘ କୋଡ଼ିଏ ବର୍ଷ, ପୁଅ, ଝିଅ, ନାତି, ନାତୁଣୀମାନଙ୍କୁ ଧରି ଅରବିନ୍ଦ ଭବନରେ ପଡ଼ି ରହିଥାନ୍ତି, ମା, କରୁଣାମୟୀ ଜନନୀ । ପୁଅ ଧିରେନ୍ ପୁତୁରା ନିରଞ୍ଜନ ଦୁଇ ମା,ଙ୍କ ନାମରେ ସିନେମା କରି, ମାଙ୍କ ନାମ ଅନୁସାରେ ପ୍ରଡ଼କ୍‌ସନ୍‌ର ନାମ ରଖିଲେ **"କନକ ପ୍ରଭା"** ।

Digitized by srujanika@gmail.com

ଏତେସବୁ ଆନନ୍ଦ ଭିତରେ ପଡ଼ି ରହି, ଦିନେ ହଠାତ୍ ତାଙ୍କର ସମସ୍ତ ମନବଳକୁ ଭାଙ୍ଗିଦେଲା ସାନପୁଅ ଅରୁଣର ସ୍ତ୍ରୀ ରାନୁ ର ଆତ୍ମହତ୍ୟା । ରାନୁ ଇଲେକ୍ଟ୍ରିକାଲ ମୁଖ୍ୟଯନ୍ତ୍ରୀଙ୍କ ଝିଅ, ସୁନ୍ଦରୀ, ଶିକ୍ଷିତା, ବୁଦ୍ଧିମତୀ, ଯାହାର ସହ ସହ ବହୁମୂଲ୍ୟବାନର ଶାଢ଼ି, ଲକ୍ଷ ଲକ୍ଷ ଟଙ୍କାର ସୁନ୍ଦର ଡିଜାଇନ୍‌ର ସୁନାର ଅଳଙ୍କାର, ଯାହାକୁ ପିନ୍ଧି ସେଠିକ୍ ଲକ୍ଷ୍ମୀ ଠାକୁରାଣୀଙ୍କ ପରି ଶୋଭାପାଏ, ସେସବୁ ପ୍ରଲୋଭନକୁ ଛାଡ଼ି ଦୁଇଟି ସାନ ଝିଅକୁ ବାପାଙ୍କ ଦାୟିତ୍ୱରେ ଛାଡ଼ଦେଇ, ମନର ଦୁଃଖ, କାହାକୁ ନକହି, ମନ ଭିତରେ ମାରି, ଅରୁଣ ମନରେ ମଲାଯାଏ ଦୁଃଖ ଦେଇ, ଚାଲିଗଲା ସବୁଦିନ ପାଇଁ ଅମର ଧାମକୁ । ଏ ଦୁଃଖରେ, ବହୁତ ଭାଙ୍ଗି ପଡ଼ିଲେ ମା, ପ୍ରଭାସ ମଞ୍ଜରୀ, ଶଯ୍ୟାଶାୟୀ ହେଲେ । ତାପରେ ଉଣେଇଶ ଶତାଅଶୀ ଜାନୁଆରୀ ଅଠର ତରିଖ ରବିବାର ଦିନ, ସମସ୍ତ ପରିବାର ତଥା, ଭୁବନେଶ୍ୱର ବାସୀଙ୍କୁ ଦୁଃଖ ସାଗରରେ ଭସାଇ ଦେଇ, ଚାଲିଗଲା ଧିରେନ୍(ବଡ଼ପୁଅ) ବାପାଙ୍କ ପାଖକୁ ଅମର ପୁରୀ ।

ଅନ୍ତର ଭିତରେ ଗଭୀର ଦୁଃଖର ସ୍ରୋତ ବହି ଚାଲି ଥିଲେ ବି ସେହି ହସ, ହସ ମୁହଁ, ପାଖରେ ବସାଇ, ପିଠି ଥାପୁଡ଼େଇ କହନ୍ତି "ତୁ ପ୍ରତି ସାତ ଦିନରେ ଥରେ ଆସିବୁ ରେ ମୃଷା । କାନ୍ତୀକୁ କହିବୁ କାର୍ତ୍ତିକ ମାସରେ ମୋ ପାଖରେ ଗୋଟାଏ ମାସ ରହିବ ପୁରୀରେ । ଓରାଳି ପଟ୍ଟନାୟକ ବଂଶର ବଡ଼ ନାତି, "ଦୀପୁ"କୁ କହନ୍ତି, "ରାତିସାରା ଉଜାଗର ରହି ୧୯୫୫ ସାଲ, ଅଗଷ୍ଟ ପନ୍ଦର ତାରିଖ ଦିନ ତୋତେ ମୁଁ ଲୋକଲୋଚନକୁ ଆଣିଥିଲିରେ "ଦୀପୁ", ତୁ ତୋର, ଦୀପକ ନାମ ସାର୍ଥକ କଲୁ, ତୋର, ହସ ହସ ମୁହଁ ଅମାୟିକ ବ୍ୟବହାର ସମସ୍ତଙ୍କ ମନପ୍ରାଣକୁ ଉଜ୍ଜଳ କଲା, ତୁ ପ୍ରତିଦିନ ତୋ ଆଈକୁ ଦେଖିବାକୁ ଆସିବୁରେ "ଦୀପୁ"।

ରମେଶ ଭାଇଙ୍କ ଦି ପୁଅ, ଇଂଜିନିୟର, ଡ଼ାକ୍ତରଙ୍କ, ବାହାଘର ଫାଇନାଲ୍ କରିବା ପାଇଁ, ଅରବିନ୍ଦ ଭବନରେ ସମସ୍ତେ ଏକତ୍ରିତ । ସମସ୍ତ ପ୍ରିୟଜନଙ୍କୁ ଦେଖିସାରି, ଦିନେ ସୁପ୍ରଭାତରେ, ପାଇଖାନାରୁ ଆସି, କଥା କହୁ କହୁ ଚାଲିଗଲେ ମା, ସମସ୍ତଙ୍କୁ ଅନାଥ କରି । ଅରବିନ୍ଦ ଭବନରେ ଦୁଃଖର ଛାୟା ଖେଳିଗଲା । ମୃଷାବାବୁ, ଧିରେନ ମଲାପରେ, ଦାଣ୍ଡଘରୁ ବଉଙ୍କୁ ଦେଖାକରି ଚାଲି ଯାଆନ୍ତି । ଉପରେ ପଣ୍ଡି ତାର ଛୁଆ, ରିମ୍ ଝିମ୍, ଝିଲି ମିଲି, ଶିବମଙ୍କୁ ମୁହଁ ଦେଖାଇ ପାରନ୍ତି ନାହିଁ । ପଣ୍ଡିର ଅଳଙ୍କାର ଶୂନ୍ୟ ବିଧବା ବେଶ, ମୃଷାବାବୁଙ୍କ ପାଇଁ ଥିଲା ଅସହ୍ୟ । ଦିନ ପାଞ୍ଚଟା ବେଳେ, ସୁସ୍ଥ ସବଳ ବାପାଙ୍କୁ ସାଙ୍ଗରେ ନେଇ, ରାତି ୨ଟା ବେଳେ ମଲାବାପାଙ୍କୁ ଆଣି ପହଁଚାଇ ଦେଲେ, କେମିତି ମୁହଁ ଦେଖାଇବେ ଛୁଆମାନଙ୍କୁ ? ଅରବିନ୍ଦ ଭବନରେ ଆଉ, ଲୋକ ଗହଳି ନାହିଁ, ଯିଏ ଯେବେ ଆସନ୍ତି ଅନ୍ତର ଭିତରେ କାନ୍ଦି, କାନ୍ଦି, ମୁହଁରେ ହସ ଫୁଟାଇ ସମସ୍ତଙ୍କୁ ଖୁସି କରନ୍ତି "ଅଞ୍ଜୁ" ଘରର ତୃତୀୟ ବହୂ, ବିଧାନର ସ୍ତ୍ରୀ ସବୁ ସୁଗୁଣରେ ପରିପୂର୍ଣ୍ଣା । ଦାଣ୍ଡଘରୁ ମୁଣ୍ଡିଆ ମାରି ଲେକେ ଫେରିଯାଆନ୍ତି ଗୋପାଳ ବାବୁ, ଧିରେନ ଓ ମାଙ୍କ ଫଟକୁ । ମା ଥିଲେ **"ସ୍ୱର୍ଗାଦପୀ ଗରୀୟସୀ"**

●●●

Digitized by srujanika@gmail.com

ସେଲୁନ୍‌ରେ "ମୃଷା"

— ଜୟୀ —
(ହାସ୍ୟ ଅଭିନେତା)

ଚାକିରିରୁ ଅବସର ନେଇ ମୃଷା ଇଂଜିନିୟର, ନିରବରେ ଘରେ ବସି ରହିଲେ ନାହିଁ, ପୂରା ଓଡ଼ିଶା ବୁଲିଲେ । ତା'ପରେ କଲିକତା, ଟାଟା, ହାଇଦ୍ରାବାଦ, ବମ୍ବେ, ମାଡ୍ରାସ, ଚାରିଆଡ଼େ ବୁଲି ବେସରକାରି ସଂସ୍ଥାରେ କାମ କଲେ । ସର୍ବୋଚ୍ଚ ଯନ୍ତ୍ରୀ ଦିବାକର ମିଶ୍ରଙ୍କ ଅନୁରୋଧରେ, ହେଲେ ଓଡ଼ିଶାର ନାମଯାଦା ପ୍ରଥମ ଠିକାଦାର ଗୋକୁଳି କାନୁନ୍‌ଗୋଙ୍କ ବଡ଼ ପୁଅ, ଗଣେଶ କାନୁନ୍‌ଗୋଙ୍କ କୋରାପୁଟ କାମର ଟେକ୍‌ନିକାଲ ଆଡ଼ଭାଇଜର । ତାଙ୍କ ଦାୟିତ୍ୱରେ ଡ଼ାମନ୍ ଯୋଡ଼ି, ଜୟପୁର, ଇନ୍ଦ୍ରାବତୀର ସବୁ କାମ । ଗଣେଶବାବୁଙ୍କ ପାଖରେ ଦଶ, ପନ୍ଦର ଜଣ, ଇଂଜିନିୟର, ଜୁନିଅର ଇଂଜିନିୟର । ସମସ୍ତଙ୍କ ଉପରେ ମୃଷାବାବୁ । ତାଙ୍କ ପାଇଁ ଜୟପୁରର, ମଧୁମତୀ, ଲଜିଙ୍ଗ୍ ରିଜର୍ଭ ହୋଇଥାଏ, ସେଠି ରହି ସେ କାର୍‌ ଜିପ୍‌ରେ ଚାରିଆଡ଼େ ବୁଲି କାମ ଦେଖନ୍ତି । ଦିନେ ବଡ଼ ଜରୁରି କାମ ଥାଏ । ସକାଳ ଆଠଟାବେଳେ କାର୍‌ରେ ବସି ପହଞ୍ଚି ଗଲେ ବଡ଼ବାଣ୍ଡରେ ଥିବା ଏକ ସେଲୁନ୍ ପାଖରେ । ସେଲୁନ୍ ମାଲିକ, ହଠାତ୍ କାରରେ ମୃଷାବାବୁଙ୍କୁ ଦେଖି ଦୌଡ଼ି ଆସିଲା କାର୍ ପାଖକୁ "ନମସ୍କାର", ନମସ୍କାର, ଆଜ୍ଞା, ମୋର ଆଜି କି ଭାଗ୍ୟ, ମୋର ଆଜି ଶତ ତପସ୍ୟାର ଫଳ, ଆପଣଙ୍କର ପାଦଧୂଳି ମୋ ଦୋକାନରେ ପଡ଼ିବ, ମୁଁ କେବେ କଳ୍ପନା କରିନଥିଲି । କେତେଦିନ ତଳେ ଶ୍ରୀରାମ ବାବୁଙ୍କଠାରୁ ଶୁଣିଥିଲି, ଏହା ଭିତରେ, ଆପଣମାନେ ସୁଟିଙ୍ଗ୍‌କୁ ଆସୁଛନ୍ତି । କଣ ସୁଟିଙ୍ଗ୍ ଆରମ୍ଭ ହୋଇଗଲା ଆଜ୍ଞା ? ଶ୍ରୀରାମବାବୁଙ୍କର ମନରେ ବହୁତ ଦୁଃଖ, ଜଣେ, ନାମଯାଦା ପ୍ରଡ୍ୟୁସର, ନିର୍ଦ୍ଦେଶକ ହେବେ, କେଉଠି ରହୁଛନ୍ତି ସାର୍ । ଏତେ ଗୁଡ଼ାଏ ପ୍ରଶ୍ନ ଏକାବେଳକେ । ମୃଷାବାବୁ ବୋକା ପରି ଅନାଇଥିଲେ, ଶେଷରେ କହିଲେ, "ମଧୁମତୀ ଲଜ୍‌ରେ" । ସେଲୁନ୍ ମାଲିକ କହିଲେ, "ଜାଣେ ସାର୍ ଆପଣଙ୍କୁ ଆଉ କଣ ଅନ୍ୟ ଲଜ୍ ପୋଷାଇବ,

Digitized by srujanika@gmail.com

ବଢ଼ିଆ ଇକ୍ ଆଜ୍ଞା, ଯେତେବେଳେ ଯାହା ଚାହିଁବେ ତାହା ପାଇବେ । କିଛି କହନ୍ତୁ ସାର୍ ଆଜି ପୁରା ପୁରି ସେଲୁନ୍‌ରେ ବସାଇ ଗପ ଶୁଣିବି, ସବୁ କାମ ସାରି ଦେଉଛି, ଧଳାବାଳ କଳା କରି ଦେଉଛି, ବଢ଼ିଆ ମେସେଜିଙ୍ଗ ମଧ୍ୟ ।''

ମୃଷାବାବୁ ବ୍ୟସ୍ତ ହେଲେ, ''ନା, ନା ମୋ ବାଳ କଳା କରିବା ଦରକାର ନାହିଁ, ମୁଁ ପରେ କରିବି, ଆଜି ବହୁତ କାମ, ମେସେଜିଙ୍ଗ ବି ଦରକାର ନାହିଁ, ତୁମେ, ଯେତେ କାମ କଥା କହିଲଣି ବହୁତ ପଇସା ପଡ଼ିବ, ମୋ ପାଖରେ ଏତେ ପଇସା ନାହିଁ, ପରେ ହେବି ।''

''ହସେଇଲେ ଆଜ୍ଞା, ଆପଣଙ୍କର ପୁଣି, ପଇସାର ଅଭାବ, ହୋଇପାରେ ଟଙ୍କା ବ୍ୟାଙ୍କରୁ ଉଠେଇ ନାହାଁନ୍ତି, ତା ଛଡ଼ା ଆପଣଙ୍କ ପାଖରୁ କିଏ ପଇସା ନେବ ଯେ, ସବୁ ମୋଫତ ତାପରେ ପୁଣି, ଚାହା, ଜଳଖିଆ, ଫୁଲମାଳ, ଅଭିନନ୍ଦନ । ଆପଣଙ୍କ ଯିବାପରେ, ମୋ, ସେଲୁନ୍‌ର ନା, ଏମିତି ବଢ଼ିଯିବ ଯେ, ଦିନକୁ ଯାହା ମିଳୁଥିଲା, ତାର ଦଶଗୁଣ ବଢ଼ିଯିବ । କିଛି ବୁଝି ପାରିଲେନି ମୃଷାବାବୁ, କାମ ଚାଲିଛି, ହଠାତ୍ ଦେଖିଲେ, ବିରାଟ ଏକ ପଟୁଆର ପଚାଶ, ଶହ ଉପରେ ଝିଅ, ପୁଅ । ଲିଡ୍ କରୁଛନ୍ତି ଏକ କୁଞ୍ଚିହାତୀ ପରି ସ୍ତ୍ରୀ ଲୋକ, ବିରାଟ ଫୁଲତୋଡ଼ା ଓ ମାଳ । ଝିଅପୁଅ ପାଟି କରୁଥାନ୍ତି, ''ଜୟୀବାବୁ ଯିନ୍ଦାବାଦ ଜୟୀବାବୁ ଯିନ୍ଦାବାଦ୍'' । ମହିଳା ଜଣକ (ସେଲୁନ ମାଲିକର ସ୍ତ୍ରୀ) ମୃଷାବାବୁଙ୍କ ବେକରେ ଫୁଲମାଳ ଗଳାଇଦେଲେ, ଫୁଲତୋଡ଼ା ହାତରେ ଧରାଇ ଦେଲେ, ଲମ୍ବ, ଲମ୍ବ ଗୋଡ଼ତଳେ ପଡ଼ିଗଲେ । ଥରେ ମୋ ଉପରେ ପାଦ ଦେଇଚାଲି ଯାଆନ୍ତୁ ଆଜ୍ଞା, ମୁଁ ଉଧାର ହୋଇଯାଏ । ମୁଁ ଅଭିଶପ୍ତା ଅହଲ୍ୟା, ଆପଣଙ୍କ ପାଦ ସ୍ପର୍ଶ ମୋତେ ପଥରରୁ, ମଣିଷ କରିଦେଉ । ''ମୃଷାବାବୁ କିଛି ବୁଝିପାରିଲେ ନାହିଁ, ଖାଲି କହିଲେ, ଏସବୁ କଣ ? ଆପଣ ମାନେ ଏମିତି କଣ ହେଉଛନ୍ତି ? ମୋତେ ଆପଣ ମାନେ ଭୁଲ ବୁଝିଛନ୍ତି, ମୁଁ ଜୟୀବାବୁ କମେଡ଼ି ଅଭିନେତା ନୁହେଁ, ବିଶ୍ୱାସ କରନ୍ତୁ ମୁଁ ଜୟିରାମ ସାମଲ ନୁହେଁ ମୁଁ ମୃଷାପଟ୍ଟନାୟକ, ଜଣେ ନାଟୁଆ ଇଂଜିନିୟର, ମୋତେ ଛାଡ଼ନ୍ତୁ, ମୋର ବହୁତ କାମ । ପୁଅ, ଝିଅମାନେ ପାଟିକଲେ, ଆଉ ଆମକୁ ଠକନ୍ତୁ ନାହିଁ ସାର୍, ଏହି କାଗଜରେ ଟିକିଏ ଦସ୍ତଖତ କରିଦିଅନ୍ତୁ, ସାଙ୍ଗେ ସାଙ୍ଗେ କାମେରାମ୍ୟାନ୍ ଫଟ ଉଠାଇଦେଲା, ମୃଷାବାବୁ ବଡ଼ ବିପଦରେ, ''କାଗଜରେ ଦସ୍ତଖତ ନକଲେ, ସେମାନେ ଛାଡ଼ିବେନି, ଦସ୍ତଖତ କରିଦେଲେ'' ହେଲା, ଏଥର ଛାଡ଼ନ୍ତୁ, ଲୋକଙ୍କର ବେଳେ ବେଳେ ଏମିତି ଭୁଲ୍ ହୁଏ, ସେଦିନ ସେ ଜଳଖିଆ ଦୋକାନି ପଇସା ନେଲାନି, ମୋଫତ୍ ଖୋଇଲା । ଆପଣମାନେ

Digitized by srujanika@gmail.com

ମୋତେ ଦ୍ୱିତୀୟ ଜୟୀ ବୋଲି ଭାବୁଛନ୍ତି, ହେଲେ, ଶଳା ପ୍ରଯୋଜକ, ନିର୍ଦ୍ଦେଶକଙ୍କ ଚୋଖ ପଶୁନି, କେତେ ଅନୁରୋଧ କରୁଛି, ଜୟୀର ଡ଼ବଲ ରୋଲ ଥିବା ରୋଲଟା ମୋତେ ଦିଅନ୍ତୁ, ମୁଁ ବାପା, ସେ ପୁଅ, ବା ଏମିତି କେତେ କଣ, ସେ କଣ ଦେଉଛନ୍ତି । ମୁଁ ଅଭିନେତା, ନିର୍ଦ୍ଦେଶକ ସବୁ ଅଭିନୟରେ ପାରଙ୍ଗମ, ବେଷ୍ଟ ହାସ୍ୟ ଅଭିନେତା, କିନ୍ତୁ ମୁଁ ଜୟୀରାମ ସାମଲ ପରି ବେଦ୍ଧିଆ, ନାଲୁଆ ନୁହେଁ, ମୁଁ ଖାଣ୍ଟି କରଣ ପିଲା ଇଂ ମୂଷା ପଟ୍ଟନାୟକ (ମାର୍ଜିତ ହାସ୍ୟ ଅଭିନେତା) । କାର୍‌ରେ ବସି ଶିଘ୍ର ଖସିଲେ, ମୂଷାବାବୁ ସେଲୁନ୍‌ରୁ ଖାଲି ପଛରୁ ଶୁଭୁଥାଏ, ଦୁତୀ ଜୟୀ ମୂଷାବାବୁଙ୍କର ଜୟ, ଦୁତୀ ଜୟୀ ମୂଷାବାବୁଙ୍କର ଜୟ । ଆମ **"ସେଲୁନ୍‌ରେ ମୂଷା"** - ଆମ (ସେଲୁନ୍‌ରେ ମୂଷା)

Digitized by srujanika@gmail.com

ନନ୍ଦୀଘୋଷରେ ବିଜୟ୍ କୁମାର

ବିଜୟ କୁମାର (ସାନ ଯୋଇଁ)
(ଶଶି) ସସ୍ମିତା କୁମାରୀ (ସାନ ଝିଅ)

ମୃଷାବାବୁ ବହୁ ପରିଶ୍ରମ କରି, ଦିର୍ଘ ପାଞ୍ଚବର୍ଷ ଲାଗି, ନିଜ ଗାଁ ଦୀପାଲୋକରେ, ଘର ଖଣ୍ଡିଏ ତିଆରି କଲେ । ଘରର ବହୁତ କାମ, ଏବେ ମଧ ବାକି ଅଛି । ଆହୁରି, ଚାଳିଶ୍ ପାଚାଶ ହଜାର ହେଲେ ଘର ପୁରାପୁରି ସରିବ । ମୃଷାବାବୁ ବହୁତ ଖୁସି ଗୋବିନ୍ଦ ମଲ୍ଲଙ୍କ ପଞ୍ଚବଟୀ ଛାଡ଼ି ନିଜଘର ଦୀପାଲୋକକୁ ଆସିଲେ । ଘର ତିଆରି ହୋଇ ପାରିଲା କେବଳ ଶ୍ରୀମତୀଙ୍କ ସୁକିର୍ତ୍ତି, ଆଉ ସାନପୁଅ ସୁର ବସନ୍ତ (ଆଲୋକ)ର କାର୍ଯ୍ୟ ଦକ୍ଷତା ପାଇଁ । ମୃଷାବାବୁଙ୍କର ଥାଆନ୍ତି ଦୁଇପୁଅ, ସାନଝିଅ ଶଶୀ, ବିବାହ ହେବାପାଇଁ, ଶଶୀକୁ ଯେତେବେଳେ ଷୋଳବର୍ଷ, ବହୁତ ଭଲ, ଭଲ ଜାଗାରୁ ପ୍ରସ୍ତାବ ମାନ ତା ପାଇଁ ଆସିଲା, ଏତେ ଅଳ୍ପ ବୟସରୁ ବିବାହ ଓ ପଇସାର ଅଭାବ ଦୃଷ୍ଟିରୁ ସବୁ ପ୍ରସ୍ତାବକୁ କାନ୍ତିଦେବୀ ଭାଙ୍ଗି ଦିଅନ୍ତି ।

ଶଶୀର ଇଚ୍ଛା ଥାଏ ଏମ୍.ଏ ପାଶ୍ କରିବ, ଚାକିରି କରିବ, ଭାଇ, ଭାଉଜ ଓ ତାଙ୍କ ଛୁଆମାନଙ୍କର ଯତ୍ନ ନେବ, ବାପାବଉଙ୍କ'ର ସେବା କରିବ, ବିବାହ କରିବନି । ଏମିତି ହୋଇ ଚବିଶି ବର୍ଷ ହୋଇଗଲା ଶଶୀକୁ, ହିସାବ କଲେ ଦେଖାଯାଏ, ପ୍ରାୟ ଦୁଇଶହ ଉପରେ ବରପାତ୍ରକୁ ପସନ୍ଦ କରି ନାହାନ୍ତି ମୃଷାବାବୁ ଆଉ କାନ୍ତିଦେବୀ । ଚାରିଆଡ଼େ ଭୟ ହୋଇଗଲା ମୃଷାବାବୁଙ୍କ ଘରକୁ କିଏ ଆଉ ଝିଅ ଦେଖିବାକୁ ଯିଅନି, କିଏ ସିନା ଝିଅ ଅପସନ୍ଦ କରନ୍ତି, କିନ୍ତୁ ସେମାନେ ପୁଅ ପସନ୍ଦ କରୁ ନାହାଁନ୍ତି । ପୁତୁରା, ଝିଆରୀ, ଶଳା, ଶାଳୀ, ଝିଅମାନଙ୍କୁ ବିନା ଯୌତୁକରେ ସଭ୍ରାନ୍ତ ବଂଶର, ସୁପୁତ୍ର ସୁକନ୍ୟାକୁ ବିବାହ ଦେଇ ସାରିଲା ପରେ, ଶଶୀପାଇଁ ବରପାତ୍ର ନାପସନ୍ଦ କରିବା କିଛି ଦୋଷାବହ ନୁହେଁ । ହୋଟେଲ ମାନେଜମେଣ୍ଟରେ ଫାଷ୍ଟ ହୋଇ ପାଶ୍ କରିଥାଏ । ସର୍ଟହାଣ୍ଡ ଓ ଟାଇପିଙ୍ଗ୍ ଜାଣିଥାଏ, ଚେହେରା ସୁନ୍ଦର, ଗୌରବର୍ଣ୍ଣ, ପାଞ୍ଚଫୁଟ ସାତ ଇଞ୍ଚ ଉଚା, ନାଚ ଗୀତରେ ପାରଙ୍ଗମ, ନାଟକରେ ରୋଲ କରେ ହିରୋ, ରାଜକୁମାର ବା ଚରିତ୍ର ଅଭିନେତା । ଅତି ସ୍ପଷ୍ଟବାଦୀ,

Digitized by srujanika@gmail.com

ରୋକ୍‌ଠୋକ୍ ଜବାବ୍, ଏମିତିକି ବଡ଼ ଭାଇମାନେ ରାତିରେ ଡେରିରେ ଘରକୁ ଫେରିଲେ, କୈଫତ୍ ମାଗେ । କାନ୍ତିଦେବୀ ଚାହୁଁଥିଲେ ସମ୍ଭ୍ରାନ୍ତ ବଂଶର ଭଲ ଚାକିରି କରୁଥିବା ଛଅଫୁଟ ଉଞ୍ଚା ପିଲାଟିଏ ଶଶୀ ପାଇଁ ଦରକାର । ଶଶୀ ତାଙ୍କର ସବାସାନ ଝିଅ, ଅତି ଗେହ୍ଲା, ଭାଇମାନଙ୍କ ପାଇଁ ଭାଉଜ ଠିକ୍ କଲା ଶଶୀ । ବଡ଼ପୁଅ ଦୀପକ୍ ଚାହୁଁଥିଲା ତାର ବୋହୂଟିଏ ଦରକାର, ଯେ କଲେଜ ମାଡ଼ି ନଥିବ, ଦୁଇଖଣ୍ଡ ଶାଢ଼ୀରୁ ତିନିଖଣ୍ଡ ପିନ୍ଧି ନଥିବ, ସୁନା ଅଳଙ୍କାର ଦେଖି ନଥିବ, ଅତି ଗରିବ ଘରର ଝିଅଟିଏ ହୋଇଥିବ, ଝିଅଦେଖି ସେ ନିଜେ ଯିବନି । ଶେଷରେ ବାପା, ବୋଉ, ଲୁଲା ଶଶୀ ଝିଅ ଦେଖି ପସନ୍ଦ କଲେ **"ଝୁନୁକୁ"** । ଯେମିତି ଭାଇ ଚାହୁଁଥିଲା ସେମିତି ସୁନ୍ଦରୀ, ଗୁଣବତୀ ଝିଅଟିଏ । କଲେଜ ମାଡ଼ିନଥାଏ, ଝୁନୁ ମୃଷାବାବୁଙ୍କର ତୃତୀୟ ଶାଳୀ ପ୍ରେମଲତାର ଦାଦା ଶଶୁରଙ୍କ ଝିଅ, ନଣନ୍ଦ । ଘର ବାଦାମ ପାହାଡ । ବାପାଥିଲେ, ଫରେଷ୍ଟର । ମରି ଯାଇ ଥାଆନ୍ତି । ମା, ଅତ୍ୟନ୍ତ ଭଦ୍ରମହିଳା, ସ୍ନେହୀ ଲୋକ । ଦୁଇପୁଅ, ବଡ଼ ପୁଅ ଶିରିଶ୍ ଫରେଷ୍ଟ ପରୀକ୍ଷାରେ ଓଡ଼ିଶାରେ ଫାଷ୍ଟ ହୋଇ ସିଧା ରେଞ୍ଜର, ସାନପୁଅ ସୁବାସ ଶିମିଳୀ ପାହାଡ଼ର "ଗାଇଡ୍" ଅତି ଭଲ ଚରିତ୍ରବାନ ପିଲା ସେମାନେ, ସ୍ନେହୀ ଓ ପରିଶ୍ରମୀ । ଦୀପକ ତଳଭାଇ ସୁର ବସନ୍ତ (ଆଲୋକ) ଲକ୍ଷ୍ମଣ

ଦୀପକ୍ କୁମାର ଓ ସବିତା (ଝୁନୁ)
(ବଡ ପୁଅ ଓ ବଡ ବୋହୂ)

ପରି ଭାଇ, ରାମଚନ୍ଦ୍ରଙ୍କ ଆଜ୍ଞାବହ, ଅବଶ୍ୟ ଦି ଭାଇଙ୍କର ଗପସପ, ସୁଖଦୁଃଖ ହେବାର, ଆଜି ଯାଏ କେହି ଦେଖି ନାହାନ୍ତି । ପରସ୍ପର ପରସ୍ପରକୁ ବହୁତ ଭଲ ପାଆନ୍ତି ଅନ୍ତରରେ, ଆଲୋକର ମନ ମୁତାବକ ଝିଅ **"ଡ଼ିନା"**କୁ ପସନ୍ଦ କଲା ଶଶୀ । ଡ଼ିନାକୁ ବୋହୂ କରି ଅଣାଗଲା, ଡ଼ିନାର ବାପା ସୁକାନ୍ତ ରାୟ ଓଡ଼ିଶାର ହାଇକୋର୍ଟର ପ୍ରଥମ ପ୍ରଧାନ ବିଚାର ପତି ବୀର କିଶୋର ରାୟଙ୍କର ବଂଶଧର, ଅତି ସାଧାରଣ, ଭଲଲୋକ, ଡ୍ରାକ୍ତର ଡିପାର୍ଟମେଣ୍ଟରେ ବଡ଼ ଚାକିରି । ତାଙ୍କ ସ୍ତ୍ରୀ ସୁନ୍ଦରୀ, ସ୍ନେହୀ, ମେଳାପି ଭଦ୍ର ମହିଳା । ଦୁଇପୁଅ ଗୋଟିଏ ଝିଅ, ସଙ୍ଗମ, ସୁମନ୍ତ ଓ ଡ଼ିନା । ଦୁଇ ବହୁ(ଝୁନୁ ଓ ଡ଼ିନା) ଦି ଭଉଣୀ ପରି, ଘରର

Digitized by srujanika@gmail.com

ସୁର ବସନ୍ତ (ଆଲୋକ)
ସସ୍ମିତା (ଆଲୋକର ସ୍ତ୍ରୀ)
ଜାନପୁର, ବୋହୂ

ଆନନ୍ଦ ବଡ଼ାଇ ଚାଲିଲେ, ଦୀପକ ହେଲା **ଦୁଇଝିଅର ବାପା** ଆଉ ଆଲୋକ ତିନି ଝିଅର ବାପା । ଝୁନୁ, ଡିନା ଘରର ଯେମିତି **"ଲକ୍ଷ୍ମୀ ସରସ୍ୱତୀ" ଦୁଇଯାଆ** ଗୋଟାଏ ବେଳେ ଖାଇବାକୁ ଯାଇ, ତିନିଟାରେ ଉଠନ୍ତି ।

ବହୁଦିନ ବିତିଗଲା, ହେଲେ ଶଶୀପାଇଁ ମନ ଲାଖି ବରଟିଏ ମିଳିଲା ନାହିଁ । ଶଶୀ ହୋଇଗଲା ସବୁ ଛୁଆମାନଙ୍କର ଅତି ଆଦରର **"ଶଶୀଅପା"** । ଶଶୀ, ସକାଳୁ ଉଠି ପୂଜାକରେ, ସପ୍ତାହରେ ତିନି, ଚାରି ଦିନ ଉପବାସ, ପୂଜାବ୍ରତ, ଭାଗବତ, ରାମାୟଣ, ଗୀତା, ସୂର୍ଯ୍ୟପୁରାଣ, ସବୁ ବହି ପଢ଼ି, ବଉ ଆଉ ଆଇ, **"ନେତ୍ରମଣୀ"କୁ** ଶୁଣାଏ । ମୃଷାବାବୁ ଭାବିଲେ, ବୋଉ ନେତ୍ରମଣୀ ମୋର ଖୋଦ୍ ଶାଶୁ ଆଜକୁ ଦୀର୍ଘ ୩୨ ବର୍ଷ ହେବ ସେ ଝିଅ ଯୋଇଁଙ୍କ ପାଖେ ରହିଛନ୍ତି ତେଣୁ ସେ ସବୁବେଳେ ବଡ଼ ନାତି ଦୀପକକୁ କହନ୍ତି, "ପୁଅମାନେ ତ ଦୂରରେ, ମୋ ଦେହକଥା ଶୁଣି କିଏ ଆସିବେ ନାହିଁରେ, ତୁ ବଡ଼ ନାତି, ମୋ ପାଟିରେ ପାଣିଦେବୁ ମୋତେ ମୁଖାଅଗ୍ନୀ ଦେବୁ" । ହେଲେ ଅତି ନିର୍ଦୟଙ୍କ ପରି, ୩ୟ ଝିଅ "ପ୍ରେମ"ର ଝିଅ "ସୀମା"ର ବାହାଘର ପରେ, ପରେ ଚାଲିଗଲେ ବଡ଼ ପୁଅ ବେନାମୀର ସାଙ୍ଗରେ ରାଉରକେଲା, ବୋହୂ "ମିନା" ତିଆରି ସ୍ୱର୍ଗପୁରୀକୁ । ସେଠି କିଛିଦିନ ରହି ମର୍ତ୍ତ୍ୟପୁରୀ ଛାଡ଼ି ସ୍ୱର୍ଗଧାମକୁ ଚାଲିଗଲେ । ଝିଅ ଯୋଇଁଙ୍କ ସ୍ନେହ ମମତା କର୍ତ୍ତବ୍ୟ କଥା ଭାବିଲେ ନହିଁ ଟିକିଏ ସେ । ସେ-ମା "ଗାନ୍ଧାରୀ" ପୁଅମାନଙ୍କୁ ଜାଣିଥିଲେ, ଶେଷ ଆଶୀର୍ବାଦ କରିଥିଲେ "ଧର୍ମର ଜୟ ହେଉ" ସେହି ଧର୍ମପାଇଁ ସେ ଝିଅଯୋଇଁ ପାଖେ ଦେହତ୍ୟାଗ ନକରି ପୁଅ ବୋହୂ ପାଖରେ ଦେହତ୍ୟାଗ କଲେ ।

ମଉସା, ଭିଣେଇମାନେ ଶଶୀପାଇଁ ବହୁ ପ୍ରପୋଜାଲ ଆଣିଲେ ବି ବିବାଘର ଫାଇନାଲ ହୋଇ ପାରେନା ।

ଦିନକର ଘଟଣା, ମୃଷାବାବୁଙ୍କର ଝିଆରୀ, ଅତୁଲ ଭାଇଙ୍କର ଚତୁର୍ଥ ଝିଅ ଝୁନାର ବର୍ **"ଗୁନ"** (ଖୋର୍ଦ୍ଧା ଯୋଇଁ) ଆସି ଖବର ଦେଲା, ପ୍ରାଣନାଥ ମହାନ୍ତି

Digitized by srujanika@gmail.com

O.A.S.(ଅବସରପ୍ରାପ୍ତ) ଲେଖାରେ ତାର ଭାଇ ହିସାବ ହେବ, ତିନିପୁଅ, ବିଜୟ କୁମାର I.P.S ଚାକିରିକୁ ପୋରଗୋ କରି, କାଶା ଭଲେଣ୍ଟିଇର୍ ସଂସ୍କାର ଉଚ୍ଚବେତନ ଭୋଗୀ ଅଫିସର, ତା ତଳ ଅଜୟ କୁମାର, M.A ପଢ଼ି ବ୍ୟବସାୟ କରେ, ଭଲ ପିଲା, ସମସ୍ତଙ୍କୁ ନିଜର କରି ରଖିବାର ସବୁ ଭଲଗୁଣ ତାଠି । ସାନପୁଅ ସଞ୍ଜୟ କୁମାର, ସୁନ୍ଦର, ସଦା ହସ ହସ ମୁହଁ ଅତି ଆଦର୍ଶ ପିଲା । ଦିଲ୍ଲୀ ଦିନଦୟାଲ ଡ଼ାକ୍ତରଖାନାର ଡ଼ାକ୍ତର ତାକୁ ଛାଡ଼ି ପରେ ହେଲା ବମ୍ବେ ନାନାବତୀରେ ଡ଼ାକ୍ତର । ଜଣେ ଡ଼ାକ୍ତରିଆଣୀକୁ ଲାଇଫ୍ ପାଟ୍‌ନର କରିବାକୁ ବ୍ୟାକୁଳ । ବଡ଼ଭାଇ ବିଜୟ କୁମାରଙ୍କର ଚୀର ଅନୁଗତ ଭାଇ, (ଭାବି) ଭାଉଜଙ୍କର ପ୍ରିୟ ଦେବର ଲକ୍ଷ୍ମଣ ପରି ହେବାକୁ ଚାହେଁ । ସେ ବହୁ ସୁଗୁଣର ଉପରେ- ବାପା, ମାଙ୍କର ଆଜ୍ଞାବହ ପୁତ୍ର । ପ୍ରାଣନାଥ ମହାନ୍ତିଙ୍କ ଗୋଟିଏ ମାତ୍ର ଝିଅ ମଞ୍ଜୁ ବିବାହ କରିଥାଏ, ବ୍ୟାଙ୍କ୍ ଅଫିସର ରଞ୍ଜନଙ୍କୁ, ତାଙ୍କର ବାପା ପୂର୍ଣ୍ଣ ପଟ୍ଟନାୟକ,(I.A.S) । ପ୍ରାଣନାଥ ବାବୁଙ୍କର ବଡ଼ ପୁଅ ବିଜୟ କୁମାର, ଆମେ ଯାହା ଚାହୁଁଛୁ, ସେସବୁ ବିଷୟରେ ଅତ୍ୟନ୍ତ ଭଲ, ଶଶୀ ପାଇଁ ଉପଯୁକ୍ତ ବର, ତାଙ୍କର ଯୌତୁକ ଦାବୀ ନ ଥାଏ ।

ଶଶୀ ଠିକ୍ କରିଥାଏ, ଯେଉଁ ବରଘର ଯୌତୁକ ଦାବୀକରିବେ ସେ ବଂଶର ଦେଖି ବାକୁ କନ୍ଦର୍ପ, ଓଡ଼ିଶାର ବରପୁତ୍ର, ସାମନ୍ତ ବଂଶର (I.A.S) I.P.S ବା ଆହୁରୀ ଉଚ୍ଚ ପଦବୀରେ ଥାଉ ପଛେ, ତାକୁ ବିବାହ ନକରି, ଗୋଟିଏ କିରାଣୀକୁ ବିବାହ କରି ଖୁସିରେ ଘର ସଂସାର କରିବ ।

ଶୁନଠାରୁ ଏ ଖବର ପାଇ ବଡ଼ ପୁଅ ଦୀପକ ଗଲା ପ୍ରାଣନାଥ ମହାନ୍ତି ରହୁଥିବା ଜାଗମରାକୁ, ଦେଖା ହେଲା, ମଉସା ମାଉସୀ ଝିଅ ଯୋଇଁ ଆଉ ମଝିଆପୁଅ ଅଜୟ କୁମାରଙ୍କ ସହିତ । ସେମାନଙ୍କର ପ୍ରଥମ ଦେଖାରେ, ବ୍ୟବହାର, ସ୍ନେହପୂର୍ଣ୍ଣ କଥାବାର୍ତ୍ତାରେ ବହୁତ ଖୁସି ହୋଇ ଗଲା ଦୀପୁ । ଦୀପୁର, ଚେହେରା, ସ୍ମାର୍ଟନେସ୍ ସ୍ମିତ ହାସ୍ୟ ଓ ଅମାୟିକ ବ୍ୟବହାର ଦେଖି ବହୁତ ଖୁସି ହୋଇ ଗଲା ଘରର ବଡ଼ଝିଅ ମଞ୍ଜୁ । ସେ ଭାବୁଥିଲା ଦୀପୁ, ଚବିଶି, ପଚିଶି, ବୟସର ଯୁବକ, ସେ ଯେତେବେଳେ ଶୁଣିଲା ଦୀପୁ ବିବାହିତ, ଆଉ ଶଶୀ ହେଉଛି ତାର ଷଷ୍ଠ ତଳ ଭଉଣୀ ସେ ଆନନ୍ଦରେ ଡ଼େଇଁଲା । ସମସ୍ତ ପରିବାର ଆସି ଦେଖିଲେ ଶଶୀକୁ, ଶଶୀକୁ ବୋହୁ କରିବାକୁ ପସନ୍ଦ କଲେ । ମଞ୍ଜୁ, ଦୀପୁ ଆଲୋକର ସ୍ତ୍ରୀକୁ ଆଉ ଝିଅମାନଙ୍କୁ ଦେଖି ସାଙ୍ଗେ ସାଙ୍ଗେ କହିଲା "ଦୀପୁ ଭାଇ, ଆମେ ସମୁଦୀ ସମୁଦୁଣୀ ହେବା । ତୁମ ଝିଅ ଟିକ, ବିବାହ କରିବ ମୋ ପୁଅକୁ" । ବର ଆସିଲେ ଝିଅ ଦେଖି ବାହାଘର ଦିନ ଠିକ୍ ହେବ କହି ସମସ୍ତେ ଆନନ୍ଦରେ ଫେରିଆସିଲେ ।

ରାଜସ୍ଥାନରୁ ଆସିଲା ବିଜୟ କୁମାର, ପ୍ରାଣନାଥ ମହାନ୍ତିଙ୍କ ବଡ଼ ପୁଅ, ବାପା କହିଲେ, ତିନିଟି ଝିଅଠିକ୍ ହେଇଛି, ତୁ ଯାହାକୁ ପସନ୍ଦ କରିବୁ ସେଇଠି ବାହାଘର ହେବ । ବିଜୟ କୁମାର ସ୍ପଷ୍ଟ ଉତ୍ତର ଦେଲା, "ମୁଁ ଗୋଟିଏ ଜାଗାକୁ ଝିଅଦେଖି ଯିବି, ସେଇଠି ଠିକ୍

Digitized by srujanika@gmail.com

କରି ଆସିବି । କୁହ କୋଉଠିକି ଯିବି ''? ବଡ଼ ଭଉଣୀ ମଞ୍ଜୁ, ଭାଇ ଅଜୟ କୁମାର କହିଲେ ''ତେବେ ଚାଲ, ଲକ୍ଷ୍ମୀ ସାଗର, ଦୀପାଲୋକ'' ସମସ୍ତେ ଆସିଲେ ଲକ୍ଷ୍ମୀ ସାଗର, ସେ ଦିନ ଶଶୀର ଦେହ ଭଲ ନଥିଲା, ତିନିଦିନ ହେଲା ଜ୍ୱର ପାଟିରେ ଗାଲୁଆ, ବାଧ୍ୟହେଇ ଆସିଲା ଦାଣ୍ଡ ଘରକୁ, ପାଞ୍ଚମିନିଟ୍ ଦେଖି ସାରିଲାପରେ, ବିଜୟ କହିଲା, 'କଷ୍ଟ ହେଉଥିବ, ଭିତରକୁ ଯାଅ, ରେଷ୍ଟ ନିଅ ।'' ଅପା ଏଠି, ମୁଁ ବିବାହ କରିବି । ଦିନ ଠିକ୍ କର । ଆଉ ଶାଶୁ, ଶଶୁରଙ୍କୁ କହିଲା, 'ସବୁ ବାପା, ଚାହାନ୍ତି ତାଙ୍କ ପୁଅ ଭଲ ଯୌତୁକ ଆଣୁ, ଆମତରଫରୁ ସେ କଥା ଉଠିଲେ, ଆପଣ ନହିଁ କରିବେ ଆଦୌ ଯୌତୁକ ଦେବେନି, ମୁଁ ଯୌତୁକର ପକ୍ଷ ପାତି ନୁହେଁ । ଯଦି ଦେବେ, ଝିଅ ରାଜସ୍ଥାନରୁ ଫେରି ଆସିବ । ଆଉ ଗୋଟିଏ ଅନୁରୋଧ, ମୋର ବର ଯାତ୍ରୀ ଶହେ, କି ଦୁଇ ଶହ । ସେମାନେ ଯେମିତି, ଉଚ୍ଚକୋଟୀର ଆପ୍ୟାୟିତ ହୁଅନ୍ତି । ଗର୍ବରେ ହସି ଉଠି କହିଲେ ମୃଷାବାବୁ, ସେଥିପାଇଁ ମୋଟେ ବ୍ୟସ୍ତ ହୁଅନା, ପନ୍ଦର କୋଡ଼ିଏଟା ବାହାଘର କରିଛି, ଦୁଇହଜାର ଉପରେ, ଭଦ୍ର ଲୋକ, ବରଯାତ୍ରୀଙ୍କୁ ଅତିଉଚ୍ଚ କୋଟୀର ଆପାୟିତ କରିବାରେ ମୋ ନାମରେ ପ୍ରବାଦ ଅଛି ।

ବିବାହ ଦିନ ଠିକ୍ ହେଲା, ଘରର ବଡ଼ ପୁଅ ଡାକ୍ତର ପ୍ରମୋଦ କୁମାର ପଟ୍ଟନାୟକ, ଘରର ସାନଝିଅ ଶଶୀର ବରଧରା ହେଇ ଗଲା ଜାଗମାରା, ବର ଆଣିବାକୁ । ବହୁଦିନରୁ ମୃଷାବାବୁଙ୍କର ଇଚ୍ଛାଥିଲା, ପୁଥୁଲୁ (ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ) ଯେ କୈଣସି ଭାଣିଜୀକୁ କନ୍ୟାଦାନ କରିବ, ସେ ଶଶୀର, କନ୍ୟା କର୍ତ୍ତା ହେବାକୁ ନିରବରେ ସନ୍ମତି ଜଣାଇଥିଲେ ।

ବର ଆସି ପହଁଞ୍ଚିଲା ଭଗବତ୍ ନିବାସ, ବଡ଼ ସନ୍ତୁ ନିରଞ୍ଜନ ଦାସଙ୍କ ହୋଟେଲ୍‌ରେ । ସେଠି ବରକୁ ଦେଖି ସମସ୍ତେ ବହୁତ ଖୁସି ହେଇଗଲେ, ସମସ୍ତେ କହିଲେ କାନ୍ତି ଯେମିତି ସୁନ୍ଦରୀ, ଛୁଆମାନେ ସେମିତି ସୁନ୍ଦର ଯୋଡ଼ି କରୁଛି ସେମିତି ସୁନ୍ଦର, ଗୋରା ତକତକ ଛଅ ଫୁଟ ତିନିଇଞ୍ଚ ଉଚ୍ଚା, ସତରେ ଯେମିତି ରାଜକୁମାର ।

ବର ପ୍ରସେସନ୍‌ରେ ଆସି ପହଁଞ୍ଚିଲା, ମୃଷାବାବୁଙ୍କ ଗେଟ୍ ପାଖରେ । ପୁଥୁଲ (ନିରଞ୍ଜନ) କୁଅନାଇ ଅନାଇ ଶେଷରେ ବାଧ୍ୟହେଇ ମୃଷାବାବୁ ବରଣି କରିବାକୁ ଗଲେ । କିନ୍ତୁ ପୁଥୁଲ ବହୁ ଆଗରୁ ଆସି, ବାହାଘର ପାଖରେ ଏଣେ ତେଣେ ବୁଲୁଥାଏ, କାହାରିକୁ ଦେଖା କରୁ ନ ଥାଏ । ବରକୁ ବରଣି କରି ସାରିଲା ପରେ ତାର ସାଙ୍ଗ ମାନେ କହିଲେ 'ମଉସା ଆପଣଙ୍କର କାମ ସରିଲା । ଯାଆନ୍ତୁ, ଆମେ ଏଥର ବରକୁ ନନ୍ଦୀ ଘୋଷରେ ବସାଇ, ଆସ୍ଥାନ ଉପରକୁ ନେବୁ । ନାଚ ଚାଲିଥାଏ ରାଜସ୍ଥାନରୁ ଆସିଥବା ଝିଅପୁଅ, ଏଠାର ବହୁ ପୁଅ ଝିଅ ସୁନ୍ଦର ନୃତ୍ୟ ପରିବେଷଣ କରୁ ଥାନ୍ତି, ମଝିରେ ନାଚୁ ଥାଏ, ସୁଭଦ୍ରା ଭଉଣୀ ମଞ୍ଜୁ, ସାଙ୍ଗମାନେ ବରକୁ ପହଣ୍ଡି କରି କରି ଠିକ୍ ନନ୍ଦୀଘୋଷ ରଥରେ ବସାଇ ଆଣିଲା ପରି,

Digitized by srujanika@gmail.com

ଟେକି ଆଣିଲେ, ଆସ୍ଥାନ ଉପରକୁ । କନ୍ୟା ପକ୍ଷର ଓ ନିମନ୍ତ୍ରିତ ଭଦ୍ରବ୍ୟକ୍ତି ମାନେ ସମସ୍ତେ ଦେଖି କହିଲେ "ଏ ବର ପ୍ରକୃତରେ ଦେଖିବାକୁ ରାଜକୁମାର" । "ଶଶୀ ଲାଖି ବର"

ପରେ ମୃଷାବାବୁ ଶୁଣିଲେ ପୁଥୁଲ୍ କନ୍ୟାକର୍ତ୍ତା ହେବା ପାଇଁ ସକାଳୁ କିଛି ନ ଖାଇ, ଉପାସ ରହିଛି, ଏ କଥା ରୁନୁ ତା ସ୍ତ୍ରୀ ପାଖରୁ ଶୁଣି କାନ୍ତିଦେଇ ଓ ମୃଷାବାବୁ ବହୁତ ଦୁଃଖିତ ହେଲେ, ମୃଷାବାବୁଙ୍କର ସାନଝିଅ ବାହାହେଇ ଗଲା, ପୁଥୁଲର ଭାଣିଜୀକୁ କନ୍ୟା ଦାନ କରିବା ହୋଇପାରିଲା ନାହିଁ । ତା ଭାଇ, ଅମିୟ ପଟ୍ଟନାୟକ ଝିଅକୁ (ରିତିକୁ) ଝିଅକରି ରଖିଛି, ସେ କେବେ ବଡ଼ ହେବ ପୁଥୁଲ(ନିରଞ୍ଜନ) କନ୍ୟାଦାନ କରିବ ?

ଦୁଇଘଣ୍ଟା ଭିତରେ ବାହାଘର ସରିଲା । ପ୍ରାଣନାଥବାବୁ ଏତେଭଦ୍ର ଲୋକ ଯେ କାଳେ ସମସ୍ତ ବରଯାତ୍ରୀ ସକାଳ ଯାଏ ରହିଲେ, ମୃଷାବାବୁଙ୍କର ଅସୁବିଧା ହେବ, ଏହି କଥା ଭାବି ରାତି ରାତି ବିଦା ହେଇ ଗଲେ । କାନ୍ଦର ରୋଳ ଉଠିଲା, ବିଜୟ କୁମାର, ଭାଇ ଅଜୟ କୁମାର, ସଞ୍ଜୟ କୁମାର ଭଉଣି (ମଞ୍ଜୁ)ସୁଭଦ୍ରା ସହ, ଲକ୍ଷ୍ମୀ ଠାକୁରାଣି ଶଶୀକୁ ନେଇ ପହଁଚିଲେ ଜାଗମରା, ସୁନ୍ଦର, ସୁଚାରୁ ରୂପେ ବାହାଘର ହେଲା, କେହି କିଛି ଜାଣି ପାରିଲେ ନାହିଁ, ସମସ୍ତ ବନ୍ଧୁ ବାନ୍ଧବ ଖୁସି, ସବୁଠାରୁ ବେଶି ଖୁସି ଶଶୀ, କାରଣ ସେ ଯେମିତି ବରଟିଏ ଖୋଜୁଥିଲା, ତାର, ପୂଜାବ୍ରତ ତପସ୍ୟା ଯୋଗୁ ଠିକ୍ ସେମିତିଆ ବରଟିଏ ପାଇଲା । ସବୁଯୋଇଁ ମାନେ କହିଲେ ବାପାଙ୍କର ସାନ ଯୋଇଁ ସମସ୍ତଙ୍କଠାରୁ ବଳିଗଲା । କିନ୍ତୁ କାନ୍ତିଦେବୀ ସମସ୍ତଙ୍କୁ ଖୁସି କରିବା ପାଇଁ କହିଲେ, "ନା, ସେ କଥା ନୁହେଁ, ମୋର ଏଗାର ଝିଅ, ଦଶ ଯୋଇଁଥିଲେ, ଏବେ ହେଲେ ଏଗାର, ସମସ୍ତେ ଗୋଟିପରି ଚନ୍ଦନ, ଏକୁ ଆରକ ମହାବଳୀ"। ହେଲେ କଟକ ଯୋଇଁ ସଂଗ୍ରାମ ମହାନ୍ତି, ଛାଡିବା ପିଲା ନୁହେଁ, ହସି ହସି କହିଲା ଶଶୀ ଅନାଇ, ଅନାଇ ବସି, ଶେଷରେ ଏମିତିଆ ସୁନ୍ଦର ବରଟିଏ ପାଇଲୁ ଯେ, ତୋତେ ନନ୍ଦୀଘୋଷରେ ବସାଇ ନେଇଗଲା, ସତେ ଯେମିତି ମନେ ହେଲା ଶହ ଶହ ରାଜପୁତ୍ର ସ୍ୱୟମ୍ବରକୁ ଅପେକ୍ଷା କରି, ନିରାଶ ହେଇ ଫେରିଗଲେ, ଶେଷରେ ପୃଥ୍ୱିରାଜ ନନ୍ଦୀଘୋଷରେ ଆସି (ଘୋଡାରେ ନୁହେଁ) ନେଇଗଲା, ସଂଯୁକ୍ତାକୁ ରାଜସ୍ଥାନର ଝାଟୋର ରାଜ ପ୍ରାସାଦକୁ ।

❋ ❋ ❋

Digitized by srujanika@gmail.com

ହାଜତରେ ସ୍ୱପ୍ନ

ଇମ୍‌ତାଜ ହୁସେନ
(ଦରଦି ନାତି)

କାହିଁ ସେ ଘିଅ, କାହିଁ ସେ ମହୁ,
କାହିଁ ସେ ବାପୁଜୀଙ୍କର ପରିକଳ୍ପିତ ରାମ ରାଜ୍ୟ ।
ଏ ଚିନ୍ତାରେ ସବୁବେଳେ ସ୍ୱପ୍ନ ବିଭୋର ହୋଇପଡିଲେ ନାଟୁଆ ଇଞ୍ଜିନିୟର । ତାଙ୍କର ଶଯ୍ୟାଶାୟୀ ହୋଇପଡିବା, ପୁରାପୁରି ଏକ ବର୍ଷ ହୋଇଗଲା । ପୁଅ ମାନେ ସେବାକରି ଆସ୍ତେ ଆସ୍ତେ ଥକି ପଡିଲେ । ଯେଉଁ ନାତିମାନେ ଆସି ସାମୟିକ ସାହାଯ୍ୟ କରୁଥିଲେ, ସେମାନେ ଧିରେ ଧିରେ ଦୂରେଇଗଲେ । ହିସାବରେ ପ୍ରକୃତ ନାତି (ମନୁଆ), ପ୍ରକାଶ ମହାନ୍ତି, ତାର ଦରଦି ନାତି (ଇମତାଜ୍ ହୁସେନ୍) ପନ୍ଦର କୋଡିଏ ଦିନରେ ଦେଖାହେଲେ କହନ୍ତି, ''ଅଜା କେବେ ଭଲ ହେବ'' ? ମିଛ ମିଛିକା ଦୁଇ ଦିନର ନାତିମାନେ ସବୁଦିନ ପାଇଁ ହାତ ଛାଡି ଚାଲିଗଲେ । ମଝିଆ ନାତି ଲୁଲୁ (ପ୍ରଦିପ ରଞ୍ଜନ ପରିଛା) ଦୁଇ, ତିନି ଦିନରେ ଥରେ ଦେଖା କରି କହେ ଭଗବାନ ଚଞ୍ଚଳ ଭଲ କରିଦିଅନ୍ତୁ । ଆଉ ନାତୁଣିମାନଙ୍କ ଟିଉଟର, ଟିକି ନାତି, ରବି (ନିରଞ୍ଜନ ମହନ୍ତ) ଓ ଅରବିନ୍ଦ ମହାନ୍ତ ଟିକି ମଝିଆ ନାତି, ପ୍ରତିଦିନ ଆସି, ଦେଖା କରନ୍ତି, ଅଜାଙ୍କର ଭଲମନ୍ଦ ବୁଝନ୍ତି । ଅଜାଙ୍କ ମନ ପରିବର୍ତ୍ତନ ପାଇଁ ରାସ୍ତାରେ ବୁଲାନ୍ତି । ନାଟ, ତାମସା, ଅପେରା, ସିନେମା ଦେଖାନ୍ତି । ଅରବିନ୍ଦ ଜବାବ ଦେଇଛି ଅଜାଙ୍କର ପାଣ୍ଡୁଲିପୀ ପ୍ରସ୍ତିହେବାଯାଏ କପି କରିଦେବ । ଗୋଟିଏ ଦୁଇଟା ଏପିସୋଡ୍ ପ୍ରତିଦିନ ଲେଖେ । ଅତି ଦରଦୀ, ସୁଆଗିଆ ନାତି ''ଛିଟୁ'' ଯେ ଦୁର୍ଦ୍ଦିନରେ ବହୁତ ସାହାଯ୍ୟ କରିଥିଲା । ମାଡ୍ରାସରେ ଇଞ୍ଜିନିୟରିଙ୍ଗ୍ ପାଶ୍ କରି ବାରିପଦାରେ ଚାକିରି କଲା ।

ରବି (ନିରଞ୍ଜନ ମହନ୍ତ)
(ଟିକିନାତି)

ପାଣ୍ଡୁ ଲିପିର କେତେକ କପି ସାନପୁଅ ସୁରବସନ୍ତର ଶଳା, ସୁମନ୍ତରାୟ କପିକରି ମୁଦ୍ରଣ ଉପଯୋଗୀ କରିଛି । ଧିରେ

Digitized by srujanika@gmail.com

ଧିରେ ଦୀପାଲୋକରେ ଜନଗହଳି କମି ଆସିଗଲାଣି । ମୃଷାବାବୁ ମନେ ମନେ ଆଶ୍ୱସ୍ତ, ବନ୍ଧୁବାନ୍ଧବ ଓ ଆତ୍ମିୟ ସ୍ୱଜନ ଦେଖିବାକୁ ଆସିଲେ ପ୍ରତିଦିନ ପ୍ରାୟ ଏକଶହ ଟଙ୍କା ଉପରେ ମିଠା, ବିରି ବରା କିଣାହୁଏ, ସେ ଏବେ ନହିଁ । ଓଡିଶାର ପ୍ରସିଦ୍ଧ ଖାଣ୍ଟି ବିରିବରା ଓ ମିଠା ଦୋକାନି ବାବାଜୀ ନାଏକର ମନ ଉଣା ହୋଇ ଆସିଲେ ବି, ମୃଷାବାବୁଙ୍କ ଆଶୁ ଆରୋଗ୍ୟ ପାଇଁ ଭଗବାନଙ୍କ ନିକଟରେ ପାର୍ଥନା କରେ । ଜନାର୍ଦ୍ଦନ ସାହୁ, ବାବୁଙ୍କ

ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ

ଦୟାରୁ ଚାକିରି ଖଣ୍ଡେ ପାଇଥିଲେ, ଆଜିଯାଏ ତେଲ ମାଲିସ ଓ ସେକ ଦେବାରେ ବ୍ୟସ୍ତ । ସେ ପ୍ରତିଶ୍ରୁତି ପାଇଛି, ବାବୁ ଗୋଡରେ ଚାଲିଲେ ନୂଆ ଜାମାପେଣ୍ଟ ପାଇବ । ତେଣୁ ତାର ଦିନ ଯାଏ ଠାକୁରଙ୍କୁ ଡାକିବାରେ, ବାବୁ କେମିତି ଖାଲି ଗୋଡରେ ଚାଲନ୍ତୁ । ଗାଁରେ ତିନି ଚାରିଜଣ ଭଲ ପିଲା ଶିକ୍ଷିତ ବେକାରୀ, ଲୁନାରେ ସବୁବେଳେ ମୃଷା ସାର୍‌ଙ୍କ କାମ କରନ୍ତି, ଅଫିସ୍‌କୁ ନିଅନ୍ତି । ସେମାନଙ୍କ ଭିତରେ ଜୟନ୍ତ ଭୁଂୟା, ଦେବାଶିଷ ଦାଶ, ଦିଲିପ ମହାନ୍ତି, ସୁଦାମ ସାମନ୍ତରାୟ ଓ ଦାମଦର ମହାରଣା (Tele. Engineer) ଅନ୍ୟତମ । ସେମାନେ ସବୁ ମୃଷାବାବୁଙ୍କର ବାନର ସେନା । ଭାଗ୍ୟ ଏତେ ଖରାପ ଯେ ନୂଆ ଲୁନାକୁ ସୁଦାମ ମୃଷାବାବୁଙ୍କୁ ଧରି ଅଫିସ୍ ନେଲାବେଳେ, ଚୋରି ହୋଇଗଲା । ସୁଦାମ ମନ ସେଥିପାଇଁ ବହୁତ ଦୁଃଖ । ପାଣ୍ଡୁଲିପି D.T.P. ଶେଷ ସଂଶୋଧନ ଦାମଦର ମହାରଣା କରି ମୁଦ୍ରଣ ଉପଯୋଗି କରିଛନ୍ତି ।

ଭରତ ପାନ ଦୋକାନରେ, ସବୁବେଳେ ଗହଳି, କେଦାରଗୌରୀ ପ୍ରେମପିଠ, ପରି, ଚୋର, ଖଣ୍ଡ, କଣା, କୁଜା, ଜ୍ଞାନୀ, ଭଦ୍ର, ଅଭଦ୍ର, ଶିକ୍ଷିତ, ଅଶିକ୍ଷିତ, ସାଧୁ ସନ୍ଥ, ପଣ୍ଡିତ, ପୁଜକ, ସବୁ ଏକାଠି ସେଠି । P. C. Behera, Electrical Engineer (ମୃଷାବାବୁଙ୍କ ଦରଦୀ ବନ୍ଧୁ), ପ୍ରହରାଜ ବାବୁ Executive Engineer, R & B (ଅତି ସ୍ନେହି ଭଦ୍ରଲୋକ, ସବୁବେଳେ ମୁହଁରେ ସୋମରସ) ଲକ୍ଷ୍ମୀଧର ସାମନ୍ତ ରାୟ, ଝାରପଡ଼ାର ରାମଲୀଳାର ଅତି ଭଲ ଅଭିନେତା (ହୁଏ ମହୀରାବଣ), ବେଲା ମହାରଣା ପାହାଳ ବ୍ୟାଙ୍କ୍ ଅଫିସର ତାଙ୍କ ସ୍ତ୍ରୀ ଲୈଲା-ଚୌରଙ୍କୁ ୍ମରି, ମୃଷାବାବୁଙ୍କର ଶୀଘ୍ର ଆରୋଗ୍ୟ କାମନା କରନ୍ତି । ଆଉ ପ୍ରିୟ ବନ୍ଧୁ ଚୈତନ୍ୟ ପୃଷ୍ଟି, I.A.S ତାଙ୍କ ସବୁଭାଇ ହୃଷୀକେଶ ଦାସ

Digitized by srujanika@gmail.com

ପଡ଼ୋଶୀ ବନ୍ଧୁ, ସବୁବେଳେ ମୃଷାବାବୁଙ୍କ ଶୁଭ ମନାସନ୍ତି । ବନ୍ଧୁ U. N. Bisoi, ସବୁବେଳେ କହନ୍ତି, ଆପଣତ ଆମଠୁ କେତେ ଟୋକା (ଯଦିଓ ଆମେ ସମସ୍ତେ ଆପଣଙ୍କଠୁ ବହୁତ ସାନ) ଆପଣଙ୍କର ଆଶାବାଡ଼ି ଧରି ଚାଲିବା ଆମେ ଚାହୁଁନାହୁଁ । ଶ୍ରୀଘ୍ର ଭଲ ହୁଅନ୍ତୁ । ଆଉ ଗାଁର ମୃଷାପ୍ରେମୀ, ଚିନ୍ତାମଣିଠାକୁରଙ୍କ ପୂଜକ, "ଚିନ୍ତାମଣି" ପଣ୍ଡା ଚନ୍ତାମଣିଙ୍କ ଉପରେ ମୃଷାବାବୁଙ୍କ ନାଁରେ ପାଣି ଢ଼ାଳି ଢ଼ାଳି ଥକି ପଡ଼ିଲେଣି । ସମସ୍ତେ ଥକି ପଡ଼ିଲେଣି, ହେଲେ ଥକି ନାହାଁନ୍ତି ଜଣେ, ସେ ହେଲେ "ଶ୍ରୀମତୀ କାନ୍ତିଦେବୀ" । ସକାଳୁ ରାତି ବାରଟା ଯାଏ ସେବା କରି ଚାଲିଛନ୍ତି, ସବୁ ବନ୍ଧୁବାନ୍ଧବ ଝିଅ ଯୋଇଁଙ୍କ ପାଖକୁ ଲେଖିଛନ୍ତି । ସେ ଆଉ ଭୁବନେଶ୍ୱର ଛାଡି କୁଆଡେ ଯାଇ ପାରୁନାହାନ୍ତି ।

ଦିନେ ଶ୍ରୀମତୀ କହିଲେ ସବୁ ଆଶାତ ଧୂଳିସାତ ହେଲା, ସରକାର ଶେଷକଥା ଜଣାଇଦେଲେ, ତୁମେ ପ୍ରାୟ ପେନ୍‌ସନ ବାବଦକୁ ଲକ୍ଷଲକ୍ଷ ଟଙ୍କା କ୍ଷତିରେ ପଡୁଛ, ଥରେ ମୂଖ୍ୟମନ୍ତ୍ରୀଙ୍କୁ ଦେଖା କରନ୍ତୁ, ସେ ତ ତୁମକୁ ବହୁତ ଭଲପାଆନ୍ତି, ଉଣେଇଶ ନବେ ମସିହା ଇଲେକ୍‌ସନ ବେଳେ, ଆମ ଘରପାଖକୁ ଆସିଥିଲେ । ମୃଷା ବାବୁ କହିଲେ "ଯିବି, ଶେଷଥର ପାଇଁ ଦେଖାକରିବି, ଅଭିଯୋଗ ପ୍ରକୋଷ୍ଠରେ ବହୁବାର ଦେଖାକଲେ ବି, ମୁଖ୍ୟମନ୍ତ୍ରୀ, ପେନସନ ମନ୍ତ୍ରୀ ପାଟଶାଣୀ ଓ ଜଳସେଚନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କୁ ଦରଖାସ୍ତ ଦେଲେବି ଦୀର୍ଘ ଛଅବର୍ଷ କାଳ କିଛି ହୋଇ ପାରିଲା ନାହିଁ ।

ଶେଷ ସ୍ୱପ୍ନ

ଆଶାବାଡିଧରି
(ଇଂ ମୃଷା ପଟ୍ଟନାୟକ)

ସ୍ୱପ୍ନ ଦେଖିଲେ ମୃଷା ଇଞ୍ଜିନିୟର, ସ୍ୱପ୍ନରେ ଆଶା ବାଡି ଧରି ପହଞ୍ଚିଗଲେ ମୂଖ୍ୟମନ୍ତ୍ରୀଙ୍କ ବାସଭବନରେ । ମନ୍ତ୍ରୀଙ୍କ ଘର, ପୁରୀ ଦେଉଳର ସିଂହ ଦୁଆର । ବହୁ କଷ୍ଟରେ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ମିଳିଲା । ମୁଖ୍ୟମନ୍ତ୍ରୀ କିଛି ସମୟ ଦେଖି ସାରିବା ପରେ କହିଲେ "ତୁମେ କିଏ, ତୁମକୁ ଆଗରୁ ବହୁବାର ଦେଖିଲାପରି ମନେ ହୁଏ । ଆରେ ହଁ ତ ମନେ ପଡିଲା, ତୁମେ ସେହି ଅଭିନେତା, ନିର୍ଦ୍ଦେଶକ ମୃଷା ପଟ୍ଟନାୟକ, ତୁମର ବହୁବାର ଅଭିନୟ ରବିନ୍ଦ୍ର ମଣ୍ଡପରେ ଦେଖିଛି । ଏବେ କଣ ଆଶାବାଡି ଧରି ଆସିଛ ଶେଷ ଅଭିନୟ ଦେଖାଇବା ପାଇଁ" । ମୃଷା ବାବୁ କହିଲେ "ଆପଣ ମୋତେ ଭଲ ଭାବରେ ଜାଣନ୍ତି, ଆପଣଙ୍କର ସୁପାରିଶରେ ମୁଁ ରାଉରକେଲାରେ ଡେପୁଟି ମ୍ୟାନେଜର ହିସାବରେ ଯୋଗଦେବାକୁ ଯାଉଥିଲି । ଦୁର୍ଭାଗ୍ୟ, ଚିନା ଯୁଦ୍ଧ ଆରମ୍ଭ ହେଲା ! ମୁଁ ଯୋଗଦେଇ ପାରିଲି ନାହିଁ, ନହେଲେ

Digitized by srujanika@gmail.com

ସୌମ୍ୟ ରଞ୍ଜନ ପଟ୍ଟନାୟକ
(ସମ୍ବାଦର ମୁଖ୍ୟ ସଂପାଦକ)

ମୁଖ୍ୟମନ୍ତ୍ରୀ ହିସାବରେ ଅବସର ନେଇଥାନ୍ତି । ଏବେ ଛଅ ବର୍ଷ ହେଲା ଅବସର ନେଇ ଘରେ ବସିଛି । ଇଲେକ୍ସନ, ବେଳେ ଆପଣ ମୋ ଘର, ଲକ୍ଷ୍ମୀସାଗର ଯାଇଥିଲେ । ଆପଣ ପଚାରିଥିଲେ "ଆପଣତ ଶାନ୍ତିପ୍ରେମୀ କଂଗ୍ରେସବାଲା, କାହାକୁ ଭୋଟ ଦେଉଛନ୍ତି" ମୁଁ ଜଣ ଉତ୍ତର ଦେଇଥିଲି ମନେ ଅଛି ? "ମୁଁ କଂଗ୍ରେସ ହେଲେ ମଧ୍ୟ ପ୍ରକୃତ ଲୋକକୁ ଚିହ୍ନେ, ମୁଁ ଦଳ କଣ ବୁଝେନା, ମୁଁ ଆପଣଙ୍କୁ ଭଲଭାବରେ ଜାଣେ, ମୁଁ ଆପଣଙ୍କୁ ଭୋଟଦେବି" । ଇଲେକ୍ସନ ସରିଲା ଜନତା ଦଳ ସରକାର ଗଢ଼ିଲା, ଆପଣ ମୁଖ୍ୟମନ୍ତ୍ରୀ ହେଲେ । ଲୋକେ ଆପଣଙ୍କ ଠାରୁ ବହୁତ କିଛି ଆଶା କରୁଥିଲେ, ହେଲେ ଆପଣ କଲେ କଣ ? ତିନିବର୍ଷ ବିତିଗଲା ଆପଣ କେବଳ କଂଗ୍ରେସର ଗୋହି ଖୋଳୁଛନ୍ତି । ଆପଣ ଭୂଲି ଯାଇଥିଲେ, ଆପଣ, ସମସ୍ତେ ଗୋଟିଏ ନାଉର ମଣ୍ଡି, ଏବେ ଆପଣଙ୍କ ଶାସନ, ବହୁଗୁଣରେ କଂଗ୍ରେସ ଶାସନ ଠାରୁ ପ୍ରଳୟଙ୍କରୀ ହୋଇ ଉଠିଲା । ଆଜି ରାଜ୍ୟର ଚାରିଆଡେ ବିଭ୍ରାଟ, ଚାରିଆଡେ ଅଶାନ୍ତିର ବହ୍ନୀ, ଲୁଟତରାଜ, ଦୋକାନ ଲୁଟ, ଟ୍ରେନପୋଡି, ବସପୋଡି, ଘରପୋଡି , ଗାଁ ଗାଁ ରେ ନରହତ୍ୟା, ଅପ୍ରାପ୍ତ ବୟସ୍କା ଝିଅ ଉପରେ ପାଶବିକ ଗଣଧର୍ଷଣ ରେପ ଓ ମର୍ଡର ପ୍ରତିଦିନ ଘଟଣା ହୋଇପଡିଛି ।

ମୁଖ୍ୟମନ୍ତ୍ରୀ ଚିତ୍କାର କଲେ; "ମୁଁ ତୁମର ଡ୍ରାମା ଡାଇଲକ ଶୁଣିବାକୁ ବସିନି, ପାଗଳ ପରି କଣ ଗପିଚାଲିଛ" ମୁକ୍ତାବାବୁ ହାତଯୋଡି ଉତ୍ତର ଦେଲେ "ହଁ ହଁ ମୁଁ ପାଗଳ, ମୋତେ ପାଗଳ କରିଛନ୍ତି ଆପଣ ଓ ଆପଣଙ୍କର ଏ ସରକାର । ଦୀର୍ଘ ଛଅ ବର୍ଷ ହେଲା ଅବସର ନେଲି, ଦେଢବର୍ଷ ତଳେ ଗୋଡ ଭାଙ୍ଗିଗଲା ଆପଣମାନଙ୍କ ପାଖକୁ ଦୌଡି ଦୌଡି । ପଇସା ଅଭାବରୁ ଭଲ ହୋଇପାରିଲି ନାହିଁ । କଂଗ୍ରେସ ସରକାର ଆଦେଶ ଦେଲେ ମୁଁ ସବୁ ପ୍ରକାର ପେନ୍ସନ ବେନିଫିଟ ପାଇବି, ଆପଣ ଏବେ ଆଦେଶ କଲେ, ଥରେ ଦୋଷୀ ଅଭିଯୁକ୍ତ ହୋଇ ଚେଷ୍ଟାକରି ଦୋଷ ମୁକ୍ତ ହେଲେବି, ସରକାରଙ୍କ ପେନସନ ବାବଦକୁ ବେନିଫିଟ ପାଇବାକୁ ଅଯୋଗ୍ୟ, ଏ ଆଦେଶ ଦ୍ୱାରା , ମୁଁ ଲକ୍ଷ ଲକ୍ଷ ଟଙ୍କା କ୍ଷତିରେ ପଡୁଛି । ମୋର ପାଖ ଛଅ ଲକ୍ଷ ଟଙ୍କା ପାଇବାରେ ହେଉଛି, ବହୁତ ଡେରି କଲେ, ଏବେ ଦେବାର ବ୍ୟବସ୍ଥା କରନ୍ତୁ" । ମୁଖ୍ୟମନ୍ତ୍ରୀ ପାଟିକରି କହିଲେ, "ଦଶ ବର୍ଷ କଂଗ୍ରେସ ରାଜୁତ ଚଲା, ତୁମର ଶ୍ୱଶୁର ସମଜିୟ **ଜାନକୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ** ଥିଲେ, ଜଳ ସେଚନ

Digitized by srujanika@gmail.com

ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ତୁମର ଶାଳକ କୁଆଡ଼େ, ସେତେବେଳେ ଟଙ୍କା ନେଇ ପାରିଲ ନାହିଁ । ମୋ ରାଜକୋଷ ଖାଲି କରି ତୁମକୁ ଏବେ ଟଙ୍କା ଦେବି ? ଗେଟ ଆଉଟ, ପ୍ଲିଜ ଗେଟ ଆଉଟ୍ ''।

ମୂଷା ବାବୁ କହିଲେ, ''ନା ଏଠୁ ମୁଁ ଯାଉନି, ଏଇଠି ଆମରଣ ଅନଶନ କରିବି, ଟ୍ରିବ୍ୟୁନାଲ୍‌ରେ କେଶ୍ କରି, ମୂଳସହ ସୁଧ ମିଶାଇ ଦଶଲକ୍ଷ ଟଙ୍କା ଆଦାୟ କରିବି,'' ମୁଖ୍ୟମନ୍ତ୍ରୀଙ୍କ ରାଗ ଦୁଇଗୁଣ ବଢ଼ିଗଲା । ''ଇଉ, ରାସ୍କେଲ୍ ମୋତେ ଧମକ ଦେଉଛ, ଠେଲି ଦେଇ, ବସାଇ ଦେଲେ ଗାଲରେ ଦୁଇ ଚାରିଟା ଚାପଡ଼'' ମୂଷାବାବୁ ତାଙ୍କର ମୁଣ୍ଡର ଭାରସାମ୍ୟ ହରାଇ ବସିଲେ ଓ ତଳେପଡ଼ି ଆଁଶାବାଡ଼ିରେ ଦେଲେ, ତିନି ଚାରି ପାହାର ମୁଖ୍ୟମନ୍ତ୍ରୀଙ୍କୁ, ସିକ୍ୟୁରିଟି ବାଲା ଘେରି, ମାରିଚାଲିଲେ, ମାଡ଼ ଖାଇ ଖାଇ ମୂଷାବାବୁ ଅଚେତ ହୋଇ ତଳେ ପଡ଼ିଗଲେ, ମୁଖ୍ୟମନ୍ତ୍ରୀ କହିଲେ ''ଥାଉ, ଥାଉ, ମାରନି, ଲେଙ୍ଗଡ଼ାଟା ମରି ଯାଇପାରେ, ମରିଗଲେ, ତାର ନିଜ ଶଳା **''ସୌମ୍ୟରଞ୍ଜନ ପଟ୍ଟନାୟକ ସମ୍ବାଦର ମୁଖ୍ୟ ସଂପାଦକ''** କାଲି ସକାଳେ ଖବର କାଗଜରେ ବଡ଼ ବଡ଼ ଅକ୍ଷରରେ ବାହାର କରିଦେବେ ପେନସନ ପାଇଁ ଅଭିଯୋଗ କରିବାକୁ ଆସିଥିବା ମୂଷା ଇଂଜିନିୟରକୁ ମୁଖ୍ୟମନ୍ତ୍ରୀ ତାଙ୍କ ବାସଭବନରେ ମାରିଦେଲେ । ଆରେଷ୍ଟ କର । ଥାନାକୁ ପଠାଇଦିଅ । ତାରି ବିଚାର ହେବ । ସେ ମୁଖ୍ୟମନ୍ତ୍ରୀଙ୍କୁ ବାଡ଼େଇଛି'' ।

ମୂଷାପଟ୍ଟନାୟକଙ୍କୁ ଅଣାଗଲା ଲକ୍ଷ୍ମୀସାଗର ଥାନା ହାଜତକୁ, ଅନ୍ୟ କେହି ଇନିସ୍‌ପେକ୍ଟର ହୋଇଥିଲେ ସରକାରଙ୍କ ନିର୍ଦ୍ଦେଶରେ, ମୂଷାବାବୁଙ୍କର ଥାନାରେ ମୃତ୍ୟୁ ହୋଇ ଥାଆନ୍ତା, ମାତ୍ର ଇନସ୍‌ପେକ୍ଟର, **''ମଦନ ମୋହନ ଦାଶ''** ପ୍ରତିଦିନ ଖବର କାଗଜରେ ସୁନାମ ବାହାରୁ ଥିବା, ସାହସୀ, ଦୁର୍ଦ୍ଦାନ୍ତ ସଚ୍ଚୋଟ ପୁଲିସ ଅଫିସର, ସେ ମୂଷାବାବୁଙ୍କୁ ଚିହ୍ନି ଦେଲେ, ବାଲିମେଳା ପ୍ରଜେକ୍ଟରେ ଥିଲେ ତାଙ୍କ ପ୍ରଜେକ୍ଟରେ ପୋଲିସ ଅଫିସର, ତାଙ୍କରି ଯତ୍ନରେ ହାଜତରେ ସ୍ୱପ୍ନରେ ପଡ଼ି ରହିଲେ ଶେଷ ଜବାନ ବନ୍ଦୀ ଦେବାକୁ ମୂଷା ଇଂଜିନିୟର । ଦେଖିଲେ **''ହାଜତରେ ସ୍ୱପ୍ନ''**

Digitized by srujanika@gmail.com

ସ୍ୱପ୍ନରେ ଜବାନ ବନ୍ଦୀ

ଭୁବନେଶ୍ୱର ଫାଷ୍ଟକ୍ଲାସ୍ ଜୁଡ଼ିସିଆଲ ମାଜିଷ୍ଟେଟଙ୍କ କୋର୍ଟ, ଲୋକାରଣ୍ୟ । ବାହାରେ ଭିତରେ ଚାରିଆଡ଼େ ଲୋକ ପଲ ପଲ, ସବୁଠି ଗୋଟିଏ କଥାର ଆଲୋଚନା, ମୃଷା ଇଞ୍ଜିନିୟର ଦେବେ ତାଙ୍କର ଜମାନ ବନ୍ଦୀ, ଓଡିଶାର ବରପୁତ୍ର, ମୁଖ୍ୟମନ୍ତ୍ରୀଙ୍କୁ ସେ ବାଡେଇଛନ୍ତି ।

ଅନେକ ଗପୁଛନ୍ତି କିଛି ଭୁଲ କରିନାହାନ୍ତି ମୃଷାବାବୁ, ଏ ପଦକ୍ଷେପ ତାଙ୍କର ବହୁ ଆଗରୁ ନବାର ଥିଲା । ଆଉ କେତେକଙ୍କ ମତରେ ମୃଷାବାବୁ ବଡ଼ ଦୋଷୀ । ସେ ମୁଖ୍ୟମନ୍ତ୍ରୀଙ୍କୁ ବାଡେଇଥିବାରୁ ତାଙ୍କୁ ଆଜୀବନ କାରାଦଣ୍ଡ ବା ଫାଶି ହୋଇପାରେ । ଆଉ କେତେକ ଦେଖଣାହାରୀ ଗପୁଛନ୍ତି, ସାରା ସରକାରୀ ବୃନ୍ଦ ଯେଉଁଠି ମାତି ଉଠିଛନ୍ତି, ତାଙ୍କୁ ଅଶ୍ୱମେଧ ଯଜ୍ଞରେ ପୂର୍ଣ୍ଣାହୁତି ଦେଇଦେବା କଥା, ଖାଲି ଠେଲାପେଲା କରି ଚପଲରେ ବାଡେଇଲେ କିଛି ଲାଭ ହୁଏନି । ଅଶ୍ୱମେଧ ଯଜ୍ଞରେ ପୂର୍ଣ୍ଣାହୁତି ହୋଇଯାଇଥିଲେ ସେ ମୃଷା ପଟ୍ଟନାୟକଙ୍କ, ଜମାନ ବନ୍ଦୀ ଶୁଣିବାକୁ ନଥାନ୍ତେ ।

ମାଜିଷ୍ଟେଟ୍ ତାଙ୍କ ଆସନରେ, ପାଖରେ ପେଷାର, ପିଆଦା ସବୁ ଠିଆ, ମୃଷାବାବୁଙ୍କୁ ହାତକଡ଼ା ଦେଇ ନେଇଆସିଲେ ପୁଲିସ ଅଫିସର ଓ କନେଷ୍ଟବଳ । କାଠଗଡା ଭିତରେ ମୃଷା ପଟ୍ଟନାୟକ, ପେଷାର ଗୀତା ଧରାଇ ସତ୍ୟପାଠ ଆରମ୍ଭ କଲା ।

ପେଷାର : କୁହ, ଯାହା କହିବ ସତ୍ୟ କହିବ ।

ମୃଷା : ଜୀବନରେ କେବେ ମୁଁ ମିଛ କହିନି, ଯାହା କହିବି ସତ କହିବି ।

ସ. ଓକିଲ : ତୁମ ନାଁ

ମୃଷା : ମୃଷା ପଟ୍ଟନାୟକ

ସ. ଓକିଲ : କଣ କର

ମୃଷା : ଛଅ ବର୍ଷ ତଳର ଅବସର ପ୍ରାପ୍ତ ଇଞ୍ଜିନିୟର

ସ. ଓକିଲ : ତୁମେ ମୁଖ୍ୟମନ୍ତ୍ରୀଙ୍କୁ ଆଶା ବାଡିରେ ବାଡେଇଛ ?

ମୃଷା : ହଁ, ମୁଁ ବାଡେଇଛି, ସେ ପ୍ରଥମେ ମୋତେ ଗୋଇଠା ଚାପୁଡା ମାରିଲେ, ତାପରେ ମୁଁ ତାଙ୍କୁ ଆଶା ବାଡିରେ ବାଡେଇଛି ।

Digitized by srujanika@gmail.com

ସ. ଓକିଲ : ସେ ମୁଖ୍ୟମନ୍ତ୍ରୀ, ଲୋକଙ୍କ ପ୍ରତିନିଧି, ବିଧାନସଭାର ମନୋନୀତ ନେତା, ତାଙ୍କ ଇଚ୍ଛା ସେ ଯାହା କରିପାରିବେ ।

ମୃଷା : ଆପଣତ ସବୁ ଶୁଣିଛନ୍ତି, ଯାଣିଛନ୍ତି, ମୋତେ ଅଧିକ ପଚାରି ବିବ୍ରତ କରିବା ଦରକାର ନାହିଁ ।

ସ. ଓକିଲ : ଆଚ୍ଛା, ଆପଣଙ୍କର ଓକିଲ

ମୃଷା : ମୋର କେହି ଓକିଲ କି ସାକ୍ଷୀ ନାହାନ୍ତି । ମୋ ମାଜିଷ୍ଟ୍ରେଟ୍ ହେଉଛନ୍ତି ମୋର ଓକିଲ ଓ ସାକ୍ଷୀ ।(ଦର୍ଶକ ମଣ୍ଡଳୀରୁ, ଘନଘନ କରତାଳି)

ମାଜିଷ୍ଟ୍ରେଟ୍ ଅର୍ଡର,.... ଅର୍ଡର ....ଅର୍ଡର, ମୁଁ ମୋର ରାୟ ଦବା ପୂର୍ବରୁ ମୃଷା ପଟ୍ଟନାୟକଙ୍କ ମୁହଁରୁ କିଛି ଶୁଣିବାକୁ ଚାହେଁ ।

ମୃଷା : ଶୁଣିବେ,? କଣ ଶୁଣିବେ,? ଖାଲି ଏତିକି ଶୁଣନ୍ତୁ । ଏ ସରକାର ପରି ପାପିଷ୍ଠ ସରକାର ଆଜିଯାଏ ଦେଖିବାକୁ ମିଳି ନଥିଲା । ଏ ସରକାର ଅନୀତି ଓ ଦୁର୍ନୀତିର ଚରମ ସୀମାରେ, ମୁଖ୍ୟମନ୍ତ୍ରୀ ଗୋଟିଏ ପାଗଳ, ସମସାମୟିକ ଇତିହାସରେ ତାଙ୍କ ପରି ପାଗଳ ମୁଖ୍ୟମନ୍ତ୍ରୀ ବିରଳ । ମହମ୍ମଦ ତୋଗଲ୍‌ଙ୍କ ପରି ସେ ଜଣେ ଆତତାୟୀ ଶାସକ, ରୋମ ରାଜା ନୀରୋ ଓ ଉଗାଣ୍ଡାର ପୂର୍ବତନ ରାଷ୍ଟ୍ରପତି ଇଦ୍ ଅମିନଙ୍କ ପରି ଅଦ୍ଭୁତ ଆଚରଣର ଶାସକ ସିଏ । ଖର୍ଚ୍ଚକାଟ ସମ୍ପର୍କରେ ସେ ବଡ଼ବଡ଼ ସରମନ ଶୁଣାନ୍ତି । ପଞ୍ଚାୟତରାଜ ନାଁରେ ନିଜର ଜନ୍ମ ଦିନ ପାଳନକରି କୋଟି କୋଟି ଟଙ୍କା ଖର୍ଚ୍ଚ କରନ୍ତି । ତାଙ୍କ ମୁହଁରେ ମିତବ୍ୟୟତାର ଶବ୍ଦ ଶୋଭା ପାଏନା । ନିଜ ରିଲିଫ ପାଣ୍ଠିକୁ ପୌରୁଷ ସମ୍ପତ୍ତି, ଭାବି ଅପ ବ୍ୟବହାର କରି, ମହିଳା ମାନଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦର୍ଶିତ କରନ୍ତି । ସତେ ଯେମିତି ରାଜ୍ୟଟା ତାଙ୍କର ଜମିଦାରୀ । ଦୁର୍ନୀତୀ, ଭ୍ରଷ୍ଟାଚାର, ବ୍ୟଭିଚାର ଏ ସରକାରଙ୍କ ମୂଳମନ୍ତ୍ର । ଇସ୍ପାତ କାରଖାନା କରାଇ, ହଜାର ହଜାର ବେକାର ଯୁବକଙ୍କୁ କାର୍ଯ୍ୟ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ, ଭୁଆଁ ବୁଲାଇ ଚାଲିଛନ୍ତି । ମୋର ଛ ବର୍ଷ ପେନ୍‌ସନ୍,ଗ୍ରାଚୁଇଟ, ବକେୟା ପଇସା ନଦେଇ, ମୋତେ ପାଗଳ କହି, ଗୋଇଠା, ଚାପୁଡ଼ା ମାରି ବିଦାକଲା ପରେ, ମୁଁ ତାଙ୍କୁ ଆଶା ବାଡିରେ ବାଡେଇଛି । ଏ ହେଉଛି ମୋର ଜମାନ ବନ୍ଦୀ (ପୁଣି, ତାଳି,ପରେ ତାଳି)

ମାଜିଷ୍ଟ୍ରେଟ୍ : ଅର୍ଡର....ଅର୍ଡର ...ଅର୍ଡର ଆସାମୀ ମୃଷା ପଟ୍ଟନାୟକଙ୍କ ଜମାନ ବନ୍ଦୀ ଶୁଣିସାରିବା ପରେ, ମୁଁ ମୋର ଜଜ୍‌ମେଣ୍ଟ ଦେଉଛି ।

ମୃଷା : ଧର୍ମାବତାର, ଆପଣଙ୍କ ଜଜ୍‌ମେଣ୍ଟ ଦବାପୂର୍ବରୁ, ମୋର ଆଉ ପଦେ କଥା ଆପଣଙ୍କୁ । ଆପଣଙ୍କ ଆଗରେ ମୁଁ ଥୋଇ ଦେଉଛି ମୋର ଦମ ଜାନଲଗା ଜୀବନର

Digitized by srujanika@gmail.com

ପାଣ୍ଡୁଲିପୀ, ଗୋଷ୍ଠି ବାପା, ଶୋଭାକରଣ ହେବାଠାରୁ ଆରମ୍ଭ କରି ମୁଁ ପଙ୍ଗୁ ହେବାଯାଏ, ଷାଠିଏ ଗୋଟି ଜୀବନ୍ତ ନାଟକ । ପାଣ୍ଡୁଲିପୀ ମୋର ଅସମାପ୍ତ ଅଛି, ଆପଣଙ୍କର ରାୟ ହେବ, ମୋ ପାଣ୍ଡୁଲିପୀର ଶେଷ ପ୍ରବଚନ ।

ମୋର ଦେଶର ପ୍ରିୟ ପାଠକ ମାନଙ୍କୁ ଏତିକି ଅନୁରୋଧ, ବହି ନ କିଣି , ଅନ୍ୟଠୁ ଆଣି, ବହି ପଢି, ନ ଫେରେଇବାତ, ତାଙ୍କ ଆଦତ୍, କିନ୍ତୁ ଏ ବହି ସେ ପଇସା ଦେଇ କିଣିବେ, ପଢିବେ, ମୂଳରୁ ଶେଷ ଯାଏ, ସୁଧୀଜନ ମାନଙ୍କୁ ମୋର ଏତିକି ବିନୀତ ପ୍ରାର୍ଥନା ।

ତାପରେ ଆପଣଙ୍କର ଜଜ୍‌ମେଣ୍ଟ ସ୍ଥାନ ପାଇବ ମୋର ପାଣ୍ଡୁଲିପୀରେ । ସର୍ବଲୋକ ଗୋଚରରେ ମୁଁ ଅର୍ପଣ କରୁଛି । ଆପଣଙ୍କ ହାତରେ ମୋର ବିଦଗ୍ଧ ଜୀବନର ପାଣ୍ଡୁଲିପୀ **"ମୂଷିକ ଉବାଚ"** ।

Digitized by srujanika@gmail.com

ନୂଆ ବର୍ଷରେ, ନୂଆ ମୁହଁ

ବହୁ ଦୁଃଖ, ମନ କଷ୍ଟରେ, ପଡ଼ିଥାଆନ୍ତି ମୃଷାବାବୁ, ବେଳେ ବେଳେ ତାଙ୍କ ପାଖରେ ମୁଣ୍ଡଳୀରେ, ଜୁନିଅର ଇଞ୍ଜିନିୟର ଥିବା, ଦେବେନ୍ଦ୍ର ସେନାପତି (ଏବେ ଖୋର୍ଦ୍ଧାର A.E.) ଙ୍କ ଗେହ୍ଲା ସାନପୁଅ ହରିଶଙ୍କର (ଗୁଟୁ) ମୃଷାବାବୁଙ୍କ ସେବାରେ ଲାଗିପଡ଼ିଥାଏ, ତା, ସ୍କୁଟରରେ ଏମ୍.ଏଲ୍.ଏ ମନ୍ତ୍ରୀ, ଅଫିସର, ଶାସନ ସଚିବ ମାନଙ୍କ ପାଖକୁ ନେବା ଆଣିବା କରେ ।

ଅଧିକାଂଶ ସମୟ ମୃଷାବାବୁ, ତାଙ୍କ ଗେଟ୍ ପାଖରେ ଆଶାବାଡ଼ି ଧରି ଆସି ଠିଆ ହୁଅନ୍ତି, ତାଙ୍କ ମୁଣ୍ଡରେ ଗୋଟିଏ ମାତ୍ର ଭାବନା, "ସମସ୍ତଙ୍କର ସବୁ ହୋଉଛି, ମୋ ପାଇଁ, ସବୁ ଓଲଟା" "ମାର୍ ମାର୍ ଭଣ୍ଡାରିଆକୁ ମାର"

କାଳୀଚରଣ ନାୟକ, ଏକୋନୋମିକ୍ ରିଡ଼ର, ତାଙ୍କ ବଡ଼ ଅପା ପ୍ରଫେସର,(ଅବସରପ୍ରାପ୍ତ) ଶଯ୍ୟାସାୟୀ, ପାରାଲିସିସ୍ । କେନ୍ଦୁଝରରୁ, କଟକ, ଭୁବନେଶ୍ୱର ଆସିବାକୁ ଚେଷ୍ଟା କରି, ସରକାରଙ୍କ ବାଧ୍ୟରେ ଆସିଲେ ପୁରୀ, "ମାର୍ ମାର୍ ଭଣ୍ଡାରିଆକୁ ମାର୍" । ସେ, ମୃଷାବାବୁଙ୍କ, ହିତାକାଂକ୍ଷୀ

ଆଉ ଘର ସାମନା, ସାମନି, ଦେଖା ଦେଖିରେ ପ୍ରିୟ, ଅତି ନିଜର ହୋଇଥିବା, କେନ୍ଦୁଝର ଗଡ଼ରେ ଘରକରି ରହିଥିବା I.P.S. । ପୁରୀ, ପରି ଗୁରୁତ୍ୱ ପୂର୍ଣ୍ଣ ଜିଲ୍ଲାର S.P. ରୂପେ ଥାଇ, ସନ୍ତୋଷରେ ପରିଚାଳନା କରୁଥିବା, ସନ୍ତୋଷ କୁମାର ଉପାଧ୍ୟାୟ, ମିଛଟାରେ ଦୋଷୀ ସାବ୍ୟସ୍ତ ହୋଇ "ମାର୍ ମାର୍ ଭଣ୍ଡାରିଆକୁ ମାର୍" ପରି ଲକ୍ଷ୍ମୀସାଗର ପୋଲିସ୍ ଟ୍ରେନିଙ୍ଗ ସେଣ୍ଟରରେ ପ୍ରିନ୍‌ସିପାଲ୍ ରୂପେ ପଡ଼ିଛନ୍ତି । ସେ, ମୃଷାବାବୁଙ୍କ ବହୁବିଧ ପ୍ରତିଭା କଥା ଶୁଣି, ତାଙ୍କ ଦୁଃଖରେ, ବହୁତ ଦୁଃଖିତ । ସେ, ଜଣେ ସଚ୍ଚା ପ୍ରଶଂସକ, ଯୁବକ I.P.S (S.P).

ମୃଷାବାବୁ ସବୁବେଳେ ଭାବୁଛନ୍ତି "ଏ ଯୁଗ ହେଲା "କଳିଯୁଗ" । ଏଠି, ନ୍ୟାୟ ନାହିଁ, ବିଚାର ନାହିଁ, ପ୍ରଂଶସା କରିବା ଲୋକଙ୍କଠାରୁ ନିନ୍ଦୁକ ବେଶି ।

ବଡ଼ ଦୁଃଖ, ଆଉ ନୈରାସ୍ୟରେ ପଡ଼ିରହିଲେ ମୃଷାବାବୁ । ତାଙ୍କ ପାଣ୍ଡୁଲିପୀରେ, ମାଜିଷ୍ଟ୍ରେଟଙ୍କ ରାୟ, ଶେଷ ପ୍ରବଚନ ରୂପେ ସ୍ଥାନ ପାଇ ପାରିଲା ନାହିଁ । କଣ ବା ରାୟ

Digitized by srujanika@gmail.com

ଦେବେ, ମାଜିଷ୍ଟ୍ରେଟ୍ । ମୃଷାପଟ୍ଟନାୟକଙ୍କ ଦୋଷର ବିଚାର ପାଇଁ ଦିଲ୍ଲୀ ଦରବାରର ସର୍ବୋଚ୍ଚ ନ୍ୟାୟାଳୟ, "ସୁପ୍ରିମକୋର୍ଟ", ରାୟ ଦେବାକୁ ଅକ୍ଷମ, ଯେତ କିଛି ଭୁଲ କରି ନାହାନ୍ତି - ଆଜି ଯାଏ ତାଙ୍କ ଅନ୍ତରର ବେଦନା, ସେ ବହୁ ରୂପରେ, ଜୀବନି ମାଧ୍ୟମରେ କହି ଆସିଛନ୍ତି ତାଙ୍କର ବିଚାର କରିବେ, କେବଳ ସେହି - ବିଶ୍ୱ ନିୟନ୍ତା ସର୍ବବ୍ୟାପୀ **"The omni present God".**

ସ୍ୱପ୍ନ ତାଙ୍କର ଭାଙ୍ଗିଗଲା, ସ୍ୱପ୍ନରେ ଜମାନବନ୍ଦୀ ତାଙ୍କର ଅସରନ୍ତି ରହିଗଲା, ଏତେ ସପନକୁ ରାତି ନାହିଁ । ଏହା ଭିତରେ ନଅ, ଦଶ ମାସ ଚାଲିଗଲା, ଜନତା ସରକାର ରାଜ୍ୟରୁ ବିତାଡ଼ିତ ହେଲେ, ନୂଆ ଶାସନ କଲେ କଂଗ୍ରେସଦଳ । ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କଲେ, ଜ୍ଞାନୀ, ପଣ୍ଡିତ ସୁବିଚାରକ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ।

ମୃଷା ଇଂଜିନିୟର ଭାବିଲେ, ଭାଗ୍ୟ ତାଙ୍କର ବଦଳି ଯାଇପାରେ । ତାଙ୍କର ଅତି ନିଜର ପ୍ରିୟ ଲୋକମାନେ ମନ୍ତ୍ରୀ ମଣ୍ଡଳରେ ସ୍ଥାନପାଇଲେ । ତାଙ୍କର ଜାନୁ ହାଡ଼ ଭାଙ୍ଗିଯିବା ପ୍ରାୟ ୪ ବର୍ଷ ପୂରିଗଲା, ଡାକ୍ତରମାନେ ଶେଷ ନିଷତି ଜଣାଇ ଦେଲେ, ଆଶା ବାଡ଼ି ହିଁ ତାଙ୍କର ଶେଷ ଆୟୁଧ । ଦିଲ୍ଲୀରେ ଅସ୍ତ୍ରୋପଚାର କରିବା, ବିଦେଶରୁ ନଟ୍ ବୋଲଟ୍ ଆଣିବା, ତାଙ୍କ ପକ୍ଷେ ଥିଲା, କପୋଳ କଳ୍ପିତ । ଲକ୍ଷ, ଲକ୍ଷ ଟଙ୍କାର ବ୍ୟୟ ବହୁଳ କାମ ।

ଶେଷରେ, କାନ୍ଧରେ ଝୁଲାମୁଣି, ଭିତରେ "ମୃଷା କହୁଛି" ପାଣ୍ଡୁଲିପୀ ପୁରାଇ, ଆଶାବାଡ଼ି ଧରି, ଚାଲିଲେ, ମୁଖ୍ୟମନ୍ତ୍ରୀଙ୍କ ବାସ ଭବନକୁ । ନୂଆ ମୁଖ୍ୟମନ୍ତ୍ରୀଙ୍କ ଘରେ ଦରବାର, ହଜାର ହଜାର ଲୋକ ତାଙ୍କ ଦର୍ଶନାଭିମୁଖୀ । ମୃଷାବାବୁଙ୍କୁ ଠେଲିଦେଇ ସମସ୍ତେ ଚାଲିଛନ୍ତି, ଭିତରକୁ ଗେଟ୍‌ରେ ଥିବା ଚଉକିଦାରର ଖାତିରି, ସେଦିନ ସବୁଠୁ ବେଶି- ସେ, ମୁହଁଦେଖି ଭିତରକୁ ଛାଡ଼ି ଦିଏ, ବେଗୁନିଆ ନିର୍ବାଚନ ମଣ୍ଡଳୀର ନାଁ ଶୁଣିଲେ, ପୁରା କବାଟ ଖୋଲିଦିଏ । ବେଗୁନିଆର, ସମସ୍ତ ଲୋକ, କଣା, କୁଜା, ବିଲେଇ କୁକୁର ମାନେ ଆଗ ଠାକୁରଙ୍କ ଦର୍ଶନ ପାଇବେ । ଭିତରୁ ଆସିଥାଏ ସେହି ହୁକୁମ, ପରୱାନା, ଜାନକୀବାବୁ ଠାକୁରଙ୍କର ଆଦେଶ ଥାଏ, ବେଗୁନିଆ ଲୋକଙ୍କ ପାଇଁ ସାତଖୁନ୍ ମାଫ୍ ।

ବହୁ କଷ୍ଟରେ, ପାଖକୁ ଆସି କାନରେ କହିଲେ ମୃଷାବାବୁ, "ମୁଁ", ମୋତେ ଚିହ୍ନି ପାରୁନ -ତୁମେ, ମୁଖ୍ୟମନ୍ତ୍ରୀଙ୍କ ଯୋଇଁ ସୌମ୍ୟବାବୁଙ୍କ ଘରେ ରୋଷେଇ କରୁଥିଲନା, ମୁଁ ପରା ତାଙ୍କ ଭିଣେଇ- ମୋତେ କେତେ ଥର ଚା, ଜଳଖିଆ, ମିଠା ଖୁଆଇଛ, ବକ୍‌ସିସ୍ ପାଇଛ, ମୋତେ ଟିକିଏ ଭିତରକୁ ଛାଡ଼, ମୁଁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଛି । ସେ ମୃଷାବାବୁଙ୍କ ମୁହଁକୁ ଚାହିଁଲା, ଚିହ୍ନିଲା, ସବୁତାର ମନେପଡ଼ିଗଲା- ତଥାପି ଭିତରକୁ ଛାଡ଼ିବାକୁ ନାରାଜ, କହିଲା, ଆଦେଶ ନାଇଁ । ମୃଷାବାବୁ କହିଲେ, "ମୁଁ ମୁଖ୍ୟମନ୍ତ୍ରୀଙ୍କ ଝିଅ

Digitized by srujanika@gmail.com

ମୋର ପ୍ରିୟ ଶଳା ଭାଉଜ, ରୀନାଙ୍କ ଆଦେଶ ନେଇ ଆସିଛି- ''ଚଉକିଦାର ବହୁ ଦିନରୁ ଚିହ୍ନାଥିଲେ ମଧ ରୋକ୍‌ଠୋକ୍ କହିଦେଲା - ''ରୀନା ଅପା, ବାପା ମୁଖ୍ୟମନ୍ତ୍ରୀଙ୍କୁ କହି ପାରିଥାନ୍ତି, ମୋତେ ତ ଫୋନ୍‌ରେ କହି ନାହାନ୍ତି - ''ମୁହଁକୁ ସର୍ବହରାଙ୍କ ପରି ଅନାଇ ଠିଆ ହୋଇ ରହିଲେ ମୃଷାବାବୁ, ସେ ''ଶିବଙ୍କର ସାପ'', ଗରୁଡ଼କୁ ବି ଖାତିର କରେନା ।

ଠିକ୍ ସେତିକିବେଳେ ପିଠିରେ ହାତଦେଇ ଆଶ୍ୱାସନା ସ୍ୱରରେ କହିଲେ, ଶାସନ ସଚିବ, ଏବକାର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସୁଧାଂଶୁ ମିଶ୍ର । ''କ'ଣ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବାକୁ ଚାହଁ'' ? ''ତୁମକୁ ବାଧା କ'ଣ'' ? ପରିଚୟ କରାଇ ଦେଲେ, ଅନ୍ୟ ଶାସନ ସଚିବ ମାନଙ୍କ ସହିତ, ଓ ଏବକାର ମୁଖ୍ୟ ଶାସନ ସଚିବ ରାଜ କିଶୋର ଭୁଜବଳଙ୍କ ସହିତ । ସେମାନେ ସମସ୍ତେ ମୃଷାବାବୁଙ୍କୁ ଅଳ୍ପ ବହୁତେ ଜାଣିଥିଲେ । ସୁଧାଂଶୁ ମିଶ୍ର ଥିଲେ ମୃଷାବାବୁଙ୍କ ପାଇଁ ସ୍ୱୟଂ ଭଗବାନ, ବହୁ ଦିନରୁ ଭଲ ପାଆନ୍ତି ତାଙ୍କୁ, ମୃଷାବାବୁଙ୍କର ସାହିତ୍ୟକୃତୀ ତାଙ୍କ ପୁଅର ଅକାଳ ବିୟୋଗ ବେଳେ'' ମନରେ ତାଙ୍କର ଗଭୀର ରେଖାପାତ କରିଥିଲା । ସେ, ମହାତ୍ମା, ଚିତ୍କାର କରି ଚଉକିଦାରକୁ ଠେଲି ଦେଇ ମୃଷାବାବୁଙ୍କୁ ନେଇଗଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରତକ୍ଷ୍ୟ ଦର୍ଶନକୁ ।

ମୁଖ୍ୟମନ୍ତ୍ରୀ, ମୃଷାବାବୁଙ୍କୁ ଏ ଅବସ୍ଥାରେ ଦେଖି, ବହୁତ ଦୁଃଖ କଲେ, ଆଖିଛଳ ଛଳ କରି କହିଲେ, ତୁମେ ମୋର ଅନେକ କାମରେ ଆସିଥାଆନ୍ତ- ୧୯୮୦ ମସିହା ପରି । ଏବେମଧ ମୁଁ ତୁମପରି ବ୍ୟତିକ୍ରମ ଯନ୍ତ୍ରୀଙ୍କ ଠାରୁ ବହୁତ କିଛି ଆଶା କରେ- ତୁମେ ତୁମର ଜାନୁହାଡ଼ ଭାଙ୍ଗିଦେଇ ଆସିଛ !!! ''ମୋର ଦୁର୍ଭାଗ୍ୟ''। କଣ ବା ଉତ୍ତର ଦେବେ ମୃଷାବାବୁ, ଖାଲି କହିଲେ, ୧୯୮୯ ମସିହାରେ ଆପଣ ମୋଜେସ୍ ସାହେବ, କମିଶନର, ଓ ଶାସନ ସଚିବ ଓ ମନ୍ତ୍ରୀ ମତଲୁବ୍ ଅଲ୍ଲୀଙ୍କୁ ଡ଼କାଇ ଆଦେଶ ଦେଇଥିଲେ ପୂର୍ବର ଅନ୍ୟ ଇଂଜିନିୟର ମାନଙ୍କ ପରି ଅବସରପରେ ମୋତେ ସବୁ ପ୍ରକାର, ବଳକା ପଇସା, ପେନ୍‌ସନାରୀ ବେନିଫିଟ୍ ମିଳିବ, କିନ୍ତୁ ଏ ଯାଏ କିଛି ମଳିଲା ନାହିଁ ।

ବଡ଼ ଦୁଃଖରେ ମୁଖ୍ୟମନ୍ତ୍ରୀ Order କଲେ ''ଯାଅ ସବୁ ପାଇବ ଏବେ'' ? କାଗଜ ନମ୍ବର କରିଆଣି ଧରାଇ ଦେଲି ଶାସନ ସଚିବ, ମୋର ପ୍ରିୟ ସନ୍ତୁ ଭାଇ, ସମର ବଲ୍ଲଭ ମହାପାତ୍ରଙ୍କୁ । ସେ ମୋତେ ବହୁତ ଭଲ ପାଆନ୍ତି । ମୋର ପ୍ରତିଭାର ତାରିଫ୍ କରନ୍ତି । ମାତ୍ର ଶେଷ ଅର୍ଡ଼ର (Final Order) ଦେବାକୁ ଟିକିଏ ଡ଼ରନ୍ତି, ଟିକିଏ ଡ଼ରୁଆ ସେ, ଦେଖିଥିଲେ ଜାଣିଥିଲେ, ଜନତା ସରକାର ବେଳେ, ଶାସନ ସଚିବମାନଙ୍କୁ ଚାର୍ଜସିଟ୍ ଓ କୈଫେତ ମଧ ମାଗୁଥିଲେ, ମନ୍ତ୍ରୀମାନେ-

ସେ ପାଞ୍ଚ ବର୍ଷର ପୁରୁଣା ଆଦେଶ ହୋଇଥିବାରୁ ପଠାଇଦେଲେ, Law ଓ Finance Department କୁ । ମୃଷାବାବୁ ଦେଖାକଲେ Law ସଚିବ ଓ ଅର୍ଥ ସଚିବ

Digitized by srujanika@gmail.com

P. K. Mishra କୁ - ସେ ବିଚାର ବନ୍ତ ସଚିବ ମାନେ - କହିଲେ ଏକାମ, ଆପଣଙ୍କ ଶାସନ ସଚିବଙ୍କର । ଆମକୁ ମିଛଟାରେ ତା ଭିତରେ ପୁରାଇଛନ୍ତି କାହିଁକି ? ସବୁ ଜାଣି ସାରିଲାପରେ ଜଳସେଚନ ଶାସନ ସଚିବ ସମରବାବୁ କହିଲେ - ଜଳ ସେଚନ ମନ୍ତ୍ରୀ - ''ବସନ୍ତ'' ବାବୁଙ୍କ ଶେଷ ଅର୍ଡ଼ର ଦରକାର ।

ଉପମୁଖ୍ୟ ମନ୍ତ୍ରୀ ବସନ୍ତ ବିଶ୍ୱାଳ

ବସନ୍ତ ବାବୁଙ୍କୁ ଦେଖା କରିବି କେମିତି ? ତାଙ୍କ ଦେଖା କରିବା ବଡ଼ କଠିନ ବ୍ୟାପାର । ସେ ଅର୍ଡ଼ର କରିଛନ୍ତି ''ମୁଖ୍ୟଯନ୍ତ୍ରୀ ମାନେ ମଧ, ଶାସନ ସଚିବଙ୍କ ଜରିଆରେ ତାଙ୍କୁ ଦେଖା କରିବେ । ସେଦିନ ଯନ୍ତ୍ରୀମାନଙ୍କ ଆସୋସିଏସନ ମିଟିଙ୍ଗରେ, ଚିତ୍କାର କରି ଟେବୁଲ୍ ବାଡ଼େଇ କହୁଥିଲେ ''ମୁଁ ଯଦି କୌଣସି, ଯନ୍ତ୍ରୀମାନଙ୍କ ବଦଳି ଓ ପୋଷ୍ଟିଙ୍ଗରେ ପଇସାଟିଏ ନେଇଛି ବା ଦୁର୍ନୀତୀ ଗ୍ରସ୍ତ ବୋଲି ପ୍ରମାଣ କିଏ ଦେବ, ମୁଁ ମନ୍ତ୍ରୀ ପଦ ଛାଡ଼ିଦେବି'' ।

ମନ୍ତ୍ରୀ ମତ୍ଲୁବ ଅଲ୍ଲୀ

ପ୍ରକୃତରେ ବଡ଼ ସଚ୍ଚୋଟ ମନ୍ତ୍ରୀ ଆମ ବସନ୍ତ ବାବୁ, ଏ ସରକାରରେ ତାଙ୍କର ଅଖଣ୍ଡ କ୍ଷମତା - ସେ ଦ୍ୱିତୀୟ ମୁଖ୍ୟମନ୍ତ୍ରୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ରାତିରେ ଯାହା ସ୍ୱପ୍ନ ଦେଖନ୍ତି, ଦିନରେ ତାହା କାର୍ଯ୍ୟକାରୀ ହୋଇଯାଏ । ଅତି ଅମାୟିକ, ସଚ୍ଚୋଟ ଦକ୍ଷ, ମନ୍ତ୍ରୀ ମତ୍ଲୁବ ଅଲ୍ଲୀଙ୍କୁ, ପୁରା ହାତ ଗୋଡ଼ କଟାଇ ବସାଇ ଦେଲେ- ଖୋଦ୍ ମୁଖ୍ୟମନ୍ତ୍ରୀ ବି ତାଙ୍କୁ ଭିତିରିଆ ଡ଼ରନ୍ତି ।

ଅବଶ୍ୟ ସେ ମହାତ୍ମା ୧୯୮୦ରେ, ମୃଷାବାବୁଙ୍କର ଥିଲେ ଅତିପ୍ରିୟ- ମୃଷାବାବୁଙ୍କୁ ଖୁବ୍ ଭଲଭାବରେ ଜାଣିଥିଲେ, ୧୯୮୦ରେ, ଯାଇଥିଲେ, ମୃଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ସହିତ । ସେ ମୃଷାବାବୁଙ୍କ ପରିଚୟ ଜାଣିଥିଲେ- ଦୋଳ ଗୋବିନ୍ଦ ପ୍ରଧାନ ବିଧାୟକଙ୍କ ଠାରୁ, ମୃଷାବାବୁ ଥିଲେ ସେଠି । ମୃଷାବାବୁ, ବସନ୍ତ ବାବୁଙ୍କୁ

Digitized by srujanika@gmail.com

ଦେଖା କରିବାକୁ, ନିରଞ୍ଜନ ବାବୁ (ପୁଥୁଲ) ପାଖକୁ ଗଲେ, ପୁଥୁଲ୍ ବାବୁ କହିଲେ "ମତେ ଯାହାକୁହ କରିବି । ବସନ୍ତବାବୁଙ୍କୁ ଦେଖା କରାଇ ପାରିବି ନି । ସେ, ମୋ ନା ଶୁଣିଲେ, ତୁମ, ହେବାକାମରେ ବାଧା ସୃଷ୍ଟି କରିବେ । ସୌମ୍ୟରଞ୍ଜନ (ବାବୁଲା) ମଧ ଠିକ୍ ସେଇଆ ଉତ୍ତର ଦେଲେ" ମୁଁ ପ୍ରତିଦିନ ତାଙ୍କ ବିପକ୍ଷରେ ସମ୍ବାଦରେ ବାହାର କରୁଛି, ମୁଁ ତୁମଙ୍କୁ ତାଙ୍କ ସହ ଦେଖା କରାଇ ପାରିବି ନାହିଁ ।

ସବୁ ଦୁଃଖ କହିଲେ, ରୀନା ଦେବୀଙ୍କୁ, ରୀନାଦେବୀ ସାଙ୍ଗେ ସାଙ୍ଗେଫୋନ୍ କଲେ, "ବସନ୍ତ ମଉସାଙ୍କୁ" ଅର୍ଡ଼ର ଆସିଗଲା, ମୃକ୍ଷାବାବୁଙ୍କୁ ମୋତେ ଦେଖା କରିବାକୁ କୁହ ।

ମୃକ୍ଷାବାବୁ ଗଲେ, ବସନ୍ତ ବାବୁଙ୍କ ଘରକୁ, ଦେଖା କରିବା List ରେ ତାଙ୍କ ନାମ "୭"ରେ ରହିଲା । ବସନ୍ତ ବାବୁ ଭିତରକୁ ୬ ଜଣଙ୍କୁ ଡ଼ାକିଲେ, ୭ ନମ୍ବରକୁ ରାଉଣ୍ଡ କରି ଦେଲେ । ଆଠ ଠାରୁ ତିରିସି ଯାଏ, ଜଣ ଜଣ କରି ସମସ୍ତଙ୍କୁ ଡ଼ାକିଲେ । ଏମିତି ଭାବେ ୬ ଥର ଫେରିଲେ ବସାରୁ, ପୁଣି ଗଲେ ଅଫିସ୍ ସେଠି ମଧ ସେଇଆ, ମୃକ୍ଷାବାବୁ ଆଶ୍ଚର୍ଯ୍ୟ ହେଲେ ଉପ ମୁଖ୍ୟମନ୍ତ୍ରୀ, ଜଳସେଚନର ମନ୍ତ୍ରୀ ମୋତେ ଦେଖା ଦେଉ ନାହାଁନ୍ତି କାହିଁକି ? ସେତ ଭଲ ଭାବରେ ଜାଣନ୍ତି ମୋତେ । ମୁଁ ଯନ୍ତ୍ରୀ, ସରକାରୀ ଲୋକ, ମୁଁ ରାଜନୀତି କରେନା, ମୁଁ କଂଗ୍ରେସକୁ ଆନ୍ତରିକ ଭଲପାଏ । ବସନ୍ତ ବାବୁ, କଂଗ୍ରେସ ଲୋକ । ହେଲେ ଏ ପକ୍ଷ ପାତିତା କାହିଁକି ? ମନେପଡ଼ି ଗଲା ମୃକ୍ଷାବାବୁଙ୍କର । ଆଜିର ରାଜନିତୀ ଆଉ ସେ ରାଜନିତୀ ହୋଇ ନାହିଁ । ଆଜି Party ଭିତରେ ବ୍ୟାପକ ଗୋଷ୍ଠି କନ୍ଦଳ, ସିନିୟର ନେତାମାନଙ୍କର ଆତ୍ମ କୈନ୍ଦ୍ରିକ ରାଜନୀତି ଦଳୀୟ ସଙ୍ଗଠନକୁ ନିଷ୍କ୍ରିୟ କରି ଦେଇଛି । ସବୁ ପାର୍ଟିରେ ଆଜି ଅନେକ ସନ୍ତୁଷ୍ଟ ଅସନ୍ତୁଷ୍ଟ ଗୋଷ୍ଠି । ଗୋଷ୍ଠି କନ୍ଦଳ କଂଗ୍ରେସରେ ସେମିତି । ବସନ୍ତ ଗୋଷ୍ଠି, କାହ୍ନୁ ଗୋଷ୍ଠି, ହେମାନନ୍ଦ ଗୋଷ୍ଠି ଓ ଜାନକୀ, ନିରଞ୍ଜନ ଗୋଷ୍ଠି । ବସନ୍ତ ବାବୁ କ'ଣ ଭାବିଲେ "ମୁଁ ଜାନକୀ, ନିରଞ୍ଜନ ଗୋଷ୍ଠିର" । ନା ଏ ଗୋଷ୍ଠି କନ୍ଦଳ ଭାରତକୁ ପୁରା ଖଣ୍ଡ ଖଣ୍ଡ କରିଦେବ । କୌଣସି ପାର୍ଟି ସଂଖ୍ୟାଗରିଷ୍ଠ ଭୋଟ ପାଇପାରିବେ ନାହିଁ- ହେଲେ ବାପୁଜୀ କଣ ଏହି ସ୍ୱପ୍ନ ଦେଖି ଭାରତ ବର୍ଷକୁ ବ୍ରିଟିସ୍ କବଳରୁ ରକ୍ଷା କରି ସ୍ୱାଧିନତା ଆଣିଥିଲେ, ସେ, ଚାହିଁଥିଲେ ଭାରତ ଏକ । ନୂଆ ଖାଲିରେ ସେ ରକ୍ତର ତାଣ୍ଡବ ଲୀଳାଦେଖି, ସେ ବାଧହୋଇ ପଣ୍ଡିତ ନେହୁର ଓ Md ଜିନାଙ୍କ, ଜିଦ୍‌ଯୋଗୁ, ଭାରତକୁ ଖଣ୍ଡ ଖଣ୍ଡ କରି, ହିନ୍ଦୁସ୍ଥାନ ଓ ପାକିସ୍ଥାନ କରିଥିଲେ । ହେଲେ ଏବେ ହିନ୍ଦୁ, ମୁସଲମାନ ନୁହଁନ୍ତି, ସହ, ସହ Party । ପାର୍ଟି ସେଥିରେ ପୁଣି ଭିନ୍ନ ଭିନ୍ନ ଗୋଷ୍ଠି । ଆମେ ଚାହୁଁନା "ଖଲିସ୍ଥାନ "ପଞ୍ଜାବ"। ଆମେ ଚାହୁଁ ରଣଜିତ୍ ସିଂହର **"ପଞ୍ଜାବ"** । ଆମେ ଚାହୁଁ ଭଗତ ସିଂହର

Digitized by srujanika@gmail.com

"**ପଞ୍ଜାବ**" । ଆମେ ଚାହୁଁନା **ଆଜାଦ୍ କାଶ୍ମୀର,** ଆମେ ଚାହୁଁନା ବୁଡ଼ୋଲାଣ୍ଡ, ଆମେ ଚାହୁନା, ଗୋର୍ଖାଲ୍ୟାଣ୍ଡ । ଚାହୁନା ଆମେ **ଲିବରସନ ଟାଇଗର ଅଫ୍ ତାମିଲ୍ ଏଲମ୍‌ର ଏଜେଣ୍ଟ** । ଆମେ ଚାହୁଁ ଅଖଣ୍ଡ ଭାରତ । ବାପୁଜୀଙ୍କର ପରିକଳ୍ପିତ ସୁନାର ଭାରତ, ହାୱାଲା ମାମଲା ଆଜି ପୁରା ଭାରତ ବର୍ଷର, ସବୁ ଦଳକୁ କଳଙ୍କିତ କରି ଦେଇଛି । କେଉଁ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରି ଦିଲ୍ଲୀ ସିଂହାସନରେ ବସିବ, ତାହା ଭଗବାନଙ୍କୁ ଜଣା-

ଚିନ୍ତାରେ ବୁଡ଼ିଗଲେ ମୂଷାବାବୁ, ସବୁଦଳ ମିଶି ଗଢ଼ିବେ ଆଉ ଏକ ନୂଆଦଳ । "ଭାରତୀୟ" "The Indian" ସେଥିରେ ଗୋଷ୍ଠୀ କନ୍ଦଳ ନଥିବ । ତାର ମୁଖ୍ୟ କର୍ମଧାର ହେବେ ଶିକ୍ଷିତ, ସଚ୍ଚୋଟ ଯୁବ ଗୋଷ୍ଠି ସୌମ୍ୟ ଭାବମୂର୍ତ୍ତି ନିଷ୍କଳଙ୍କ ଚରିତ୍ର ଯୁବକମାନେ, ରାଜ୍ୟ ଶାସନ କରିବେ । ସେ ଶାସନର ଦିଗ୍ ଦର୍ଶକ ହେବେ ଅମାୟିକ, ନିଷ୍କଳଙ୍କ, ପବିତ୍ର ଭାବମୂର୍ତ୍ତୀ, ଅବିବାହିତ । ବ୍ରହ୍ମଚାରୀ ସୁସ୍ଥଗଣତାନ୍ତ୍ରୀକ ପରମ୍ପରା, ଜନାଦେଶ ପ୍ରତି ସମ୍ମାନ ଦେଉଥିବା କବର ଖାନା ଭିତରୁ ନୂଆ ଜୀବନ ପାଇ ଆସିଥିବା ବିଭୂତି ଭୂଷିତ ସର୍ବବନ୍ଦନୀୟ ବୃଦ୍ଧ । ପୁଣି ଭାରତ ବର୍ଷରେ ରାମରାଜ୍ୟ ଫେରି ଆସିବ । ସେଦିନ ଭୋଜିରେ ମୂଷାବାବୁ ତାରା ପଟ୍ଟନାୟକ M.D. Falcon ଓ ଯୋଇଁ ଜିତେନ୍ଦ୍ର ମହାନ୍ତୀ M.D. Swastiଙ୍କୁ କହିଲେ, ତୁମେ ରାଜ୍ୟ ସଭାପାଇଁ ପ୍ରାର୍ଥୀ ପତ୍ର ଦାଖଲ କଲନି ? ସେମାନେ ଉତ୍ତର ଦେଲେ "କଳାଧନରେ ରାଜନୀତି କଲେ ଧଳା ଶାସନ ଆସିବ ନାହିଁ । ସତରେ ଆମର ଧଳା ଶାସନ ଦରକାର । ଶିକ୍ଷାମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଯୁକ୍ତିକୁ ସମସ୍ତେ ସମର୍ଥନ କଲେ । ହେଲେ ମୂଷାବାବୁଙ୍କର ପାଣ୍ଡୁଲିପୀ କଣ ପାଣ୍ଡୁଲିପୀରେ ରହିଯିବ ? ମୁଦ୍ରଣ ହୋଇ, ଜନସମାଜକୁ ଆସିପାରିବ ନି ? କେମିତି ହେବ ତାଙ୍କ "ମୂଷା କହୁଛି" ମୂଷିକ ଉବାଚ ପାଣ୍ଡୁଲିପୀର ମୁଦ୍ରଣ ? କେମିତି ସେ ଲକ୍ଷ, ଲକ୍ଷ କୋଟି କୋଟି ଭାରତ ବାସୀଙ୍କୁ ଶୁଣାଇବ ତାଙ୍କର ଅନ୍ତର୍ନିହିତ କ୍ଷୋଭ ।

ସ୍ୱପ୍ନ ତାଙ୍କର ଭାଙ୍ଗିଗଲା, ଜୱାନ କ୍ଲବର ସଂପାଦକ ଅତିପ୍ରିୟ "ମାନସ ରାଉତ" ଆସି, ବାଧ୍ୟ କରି ନେଇଗଲା ୩୧.୧୨.୯୫ ତାରିଖ, ବଣଭୋଜି ପାଇଁ, ରାମଚଣ୍ଡୀ । ପ୍ରକୃତରେ ରାମଚଣ୍ଡୀଙ୍କୁ ମୂଷାବାବୁ ଦେଖି ନଥିଲେ, ବଡ଼ ଆଗ୍ରହରେ ଗଲେ "ମା, ରାମଚଣ୍ଡୀ"ଙ୍କ ପାଖକୁ । ରନ୍ଧା ସରିଲାବେଳକୁ ମୂଷା ସାର୍‌ଙ୍କୁ ଖୋଜା ପଡ଼ିଲା, ମୂଷା ଆଉ ଗଣେଶଙ୍କ ବାହନ ମୂଷା ହୋଇ ନଥିଲେ - ସେ ହୋଇଯାଇଥିଲେ ରାମଚନ୍ଦ୍ରଙ୍କ ପରମ ଭକ୍ତ "ବୀର ହନୁମାନ" ଆଶାବାଡ଼ିକୁ ଫୋପାଡ଼ି ଦେଇ ଏକ ବଡ଼ ଗଛର ଅଗ ଡାଳରେ ବସି ଥିଲେ । ସଭ୍ୟମାନେ ଆନନ୍ଦରେ ନାଚି ନାଚି କହିଲେ "ସାର୍, ମୂଷାରୁ ମାଙ୍କଡ଼

Digitized by srujanika@gmail.com

ହୋଇଗଲେ'' । ଖିଆ ସରିଲା, ମୃଷାବାବୁ ଗଲେ, ରାମଚଣ୍ଡୀଙ୍କ ପାଖକୁ, ପୁରା ପୁରା ଗୋଡ଼ ତଳେ ପଡ଼ିଗଲେ- ମାଁଙ୍କ ମୁଣ୍ଡରୁ ଫୁଲ ପଡ଼ିଲା । ମୃଷାବାବୁ ଶୁଣିବାକୁ ପାଇଲେ ''ତୁମର ଗ୍ରହ ପଡ଼ିଥିଲା, କାଲି ନୂଆବର୍ଷ । କାଲି ତୁମେ ନୂଆମୁହଁ ଦେଖିବ । ତୁମର ସବୁ ଦୁଃଖ ଦୂର ହୋଇଯିବ ।

ସତକୁ ସତ ୧।୧।୯୬ ତାରିଖ ସକାଳୁ ଗାଧୋଇ ପାଧୋଇ ମୃଷାବାବୁ ଆଶାବାଡ଼ି ଧରି ବାହାରକୁ ଆସିଲେ, ଦେଖିଲେ ଜଣେ, ସୁନ୍ଦର ସୌମ୍ୟମୂର୍ତ୍ତିବାନ୍ ଯୁବକ । ବଡ଼ ଗମ୍ଭୀର, ଅତି ଭଦ୍ରଭାବେ, ଅନୁରୋଧ କରୁଛି ଘରେ ଭଡ଼ା ଥିବା ବଂଗାଳୀବାବୁ ପିନାକୀକୁ - AIDS (ଏଡ଼ସ୍) ଜଏଣ୍ଟ ଡ଼ିରେକ୍ଟର ମନୋରମା ଦାସ୍‌କୁ କିଛି ଅଦରକାରୀ ପାକେଟ (Greetings) ଦେବାପାଇ । ପିନାକୀ ବାବୁ, ନହିଁ କରି କବାଟ ବନ୍ଦ କରି, ଦେଖାଇଦେଲେ ମୃଷାବାବୁଙ୍କୁ । ମୃଷା ବାବୁ ପାଖକୁ ଆସି ପଚାରିଲେ ''କିଏ ତୁମେ ଯୁବକ'' କାହାକୁ ଖୋଜୁଛ ? ମୁଁ ଇଂ ମୃଷାପଟ୍ଟନାୟକ, ଏ ମୋ ଘର, ସେ ବାବୁ ରହନ୍ତି ଭଡ଼ାରେ, ଆଉ ଓଡ଼ିଶାର ସୁନାମଧନ୍ୟା ଗାଇନୋଲୋଜିଷ୍ଟ ଡ଼ଃ. ମନୋରମା ଦାସ ବି ଭଡ଼ାରେ, ସେ ଏବେ ପୁରୀରେ, ଦଶଟାରେ ଅଫିସ ଆସିବେ । ଘରର ଅନ୍ୟ ସାଇଡ଼ରେ ଭଡ଼ାରେ ରହନ୍ତି ଲୈଲା-ମଜ୍ନୁ ଓ ରୋମିଓ-ଜୁଲିଏଟ ଯୋଡ଼ି, ନିଲମ ମହାନ୍ତି ଓ ପିନାକୀ ରାୟ । ଜଣେ ଡ଼କ୍ଟର, ଓଡ଼ିଆ ଝିଅ, ଆଉ ଆର ଜଣଙ୍କ Zonal Officer, Medicine ବଙ୍ଗାଳୀ ପିଲା । ମାସରେ ପନ୍ଦର ଦିନ ପ୍ରାୟ ରହନ୍ତି, ରହିଲାବେଳେ ହସରୋଳ, ଗୀତ, ନାଚ, ତାମସା, ଟେପ୍, ରେଡ଼ିଓରେ ଘର କମ୍ପିଉଠେ । ବଡ଼ ନିଗୁଢ଼ ତାଙ୍କର ପ୍ରେମ ।

ଆଉ ଏବେକାର ନାତୁଣୀ ମାନଙ୍କର ଟିଉସନ୍ ମାଷ୍ଟର, ନୟାଗଡ଼ ପରୁଷୋତ୍ତମ ପ୍ରସାଦର ଅନ୍ତରଯାମୀ ରାଉତ୍ ବହୁ ଦିନରୁ ପରିଚିତ ପିଲାଟିଏ । ଡ୍ରାମା କରେ, ମୋ ଅପେରା ବହି ବି କପି କରେ, M.A. BEd. ପାଶ୍ କରି, ଚାକିରି ଆଶାରୁ ନିବୃତ ହୋଇ, ପ୍ରଫେସନ କରି ନେଇଛି ଟିଉସନ୍ । ସେ ସବୁବେଳେ କହେ, ଆପଣ ଅନେକଙ୍କୁ ଚାକିରି ଦେଇଛନ୍ତି, ଆପଣଙ୍କ ଗୋଡ଼ଭଲ ଥିଲେ ମୁଁ କେବେଠୁ ଚାକିରି ପାଇ ସାରନ୍ତିଣି ସାର୍ ।।

ଆଉ ସେଲୁନ୍ କାଳିଆ ଦାଢ଼ି ଟୋକା ''ଲକ୍ଷ୍ମୀଧର ବାରିକ୍'' ପ୍ରତିଦିନ ସକାଳୁ ଆସି, ବାଡ଼ିରୁ ଫୁଲ ନିଏ, ଆଉ କହେ ଆସନ୍ତୁ ମୁଁ ଖେର କରିବି, ଧଳା ବାଳକୁ କଳା କରିଦେବି, ଆଉ ଫୁଲ ଠାକୁରଙ୍କ ମୁଣ୍ଡରେ ଦେଇ ପ୍ରାର୍ଥନା କରିବି ''ବାବୁ ଭଲ ହୋଇଗଲେ, ସିନେମା, ଦୂରଦର୍ଶନରେ ଦେଖିବାକୁ ପାଇବୁ ।

ଏହିପରି ବହୁ ରୋମାଞ୍ଚ କର ଅନୁଭୂତି ଭିତରେ ମୋ, ଘର ଆଉ ତାର ପରିବେଷ୍ଟନୀ । ତେଣୁ ମୋ ଘର ଏକ ଦ୍ୱିତୀୟ ''ଚିଡ଼ିଆ ଖାନା'', ବା ''ନନ୍ଦନ କାନନ'', ହୋ, ହୋ କରି ବଡ଼ ଯୋର୍‌ରେ ହସି ଉଠିଲେ ମୃଷାବାବୁ ।

Digitized by srujanika@gmail.com

ଏପରି ମଜାଳିଆ କଥା ଶୁଣି, ହସି, ହସି ଅତି ଭଦ୍ର ନମ୍ର ଭାବେ ନମସ୍କାର କଲେ, ସେ ସୌମ୍ୟ କାନ୍ତ ଯୁବକଟି । "ମୁଁ ଆପଣଙ୍କୁ ଖୋଜୁଥିଲି ସାର୍ ମାଡ଼ମ, ଆପଣଙ୍କ କଥା ଓ ମିସେସ୍‌ଙ୍କ କଥା ମୋତେ ସବୁ କହିଛନ୍ତି । ସେ ଆପଣଙ୍କୁ ଓ ଆପଣଙ୍କ ସ୍ତ୍ରୀଙ୍କର ବହୁତ ପ୍ରଂଶସା କରୁଥିଲେ । ଆପଣଙ୍କ ମିସେସ୍ କୁଆଡ଼େ ସାକ୍ଷାତ ଲକ୍ଷ୍ମୀ । ମୁଁ ଜଣେ ଇଲେକ୍‌ଟ୍ରୋନିକ୍ ଓ କମ୍ପ୍ୟୁଟର ଇଞ୍ଜିନିୟର ଏବଂ ଅର୍ଡ଼ର ସପ୍ଲାଇର ମଧ୍ୟ । ଚାରିପାକେଟ୍ Order (Greetings) ମୋତେ ତାଙ୍କୁ ଆଜି ଦେବାକୁ ଥିଲା, ସେ, ତ ନାହାଁନ୍ତି ଆପଣ, ରଖନ୍ତୁ ତାଙ୍କୁ ଦେଇଦେବେ । ଆଉ ମୋ ହାତ୍ ତିଆରି "Heat Conductor" ଗୋଟାଏ ମୁଁ ଆପଣଙ୍କୁ ପ୍ରଥମ ଦେଖାରେ ଉପହାର ଦେଉଛି । ଆଶ୍ଚର୍ଯ୍ୟ ହେଲେ ମୃଷାବାବୁ, କହିଲେ "ମୋତେ କାହିଁକି ଦେଉଛ, ମୁଁ ୭୦ ବର୍ଷର ବୁଢ଼ା, ମୁଁ ବା ତୁମର କି କାମରେ ଆସିବି । Madamଙ୍କୁ ଦିଅ, କାମରେ ଆସିବ ।

ମାଡ଼ାମଙ୍କୁ ତ ଦେବି, ସେ କିନ୍ତୁ "ଉପହାର"ର ଦାମ୍ ଫେରାଇ ଦେବେ, ସେ ଖାଆନ୍ତିନି, କିନ୍ତୁ ଅନ୍ୟଲୋକ ଖାଇଲେ ସେ ଖୁସି । ଏତେ ବଡ଼ ଅଫିସର୍, ହେଲେ ବଡ଼ ବିଚିତ୍ର, ଆଉ ବ୍ୟତିକ୍ରମ ତାଙ୍କ ଚରିତ୍ର । ହସି ହସି ସେ ପିଲାଟି କହିଲା ମୁଁ ଆପଣଙ୍କ ନାତି ପରି, ଅନୁରୋଧ ରଖନ୍ତୁ ଫେରାନ୍ତୁନି । ମୁଁ ଆପଣଠାରୁ ବହୁତ ଉପକାର ପାଇବି । ଏହା ହିଁ ମୋତେ "ଏକ ଅଦୃଶବାଣୀର ନିର୍ଦ୍ଦେଶ" । ତାଙ୍କ କଥା ଶୁଣି ମୃଷା ବାବୁ ଭାବିଲେ, ନିଶ୍ଚୟ ମା, ରାମଚଣ୍ଡୀଙ୍କ କରୁଣା, ଏ ପିଲାଟି ତାଙ୍କ ପାଇଁ ଦେବଦୂତ । ତାଙ୍କୁ ପାଖରେ ବସାଇ, ଚା ଖୁଆଇ ତାଙ୍କର ଦୁଃଖମୟ କାହାଣୀ ଶୁଣିଲେ, "ସେ ଖୋର୍ଦ୍ଧା କଣ୍ଟାବାଡ଼ର ଜଣେ ଆଜୀବନ ସ୍ୱାଧିନତା ସଂଗ୍ରାମୀ, ଗାନ୍ଧୀ ପ୍ରେମୀ, ନିଳକଣ୍ଠ ମିଶ୍ରଙ୍କ ଷଷ୍ଠ ପୁତ୍ର । ନିଳକଣ୍ଠ ମିଶ୍ର ଜଣେ, ନିସ୍ୱାର୍ଥପର ବ୍ରହ୍ମ ତେଜର ବ୍ରାହ୍ମଣ । "ଜଣେ ଶବର ଟୋକା ଜମିବାଡ଼ି ବିଷୟରେ ଖରାପ ବ୍ୟବହାର କଲାରୁ ମିଶ୍ର ଆପଣେ, ନିରବ ରହି, ଭଗବାନଙ୍କୁ ପ୍ରାର୍ଥନା କଲେ । ସାଙ୍ଗେ, ସାଙ୍ଗେ ଟୋକାଟି ଚାରିପାଖରେ ଏକ ମସ୍ତ ବଡ଼ ଗାତ ହୋଇଗଲା, ପିଲାଟି ଚିତ୍‌କାର କଲା, ପୁଣି ପ୍ରାର୍ଥନା କରି, ଗାତକୁ ସୁନ୍ଦର ଫୁଲ ବଗିଚାରେ ପରିଣତ କଲେ । ଶବର ପିଲା, ମିଶ୍ର ଆପଣଙ୍କ ଗୋଡ଼ ତଳେ ପଡ଼ି କ୍ଷମା ମାଗିଲା"। ସେହି ବ୍ରହ୍ମ ତେଜ ବିର୍ଜବାନ୍ ବ୍ରାହ୍ମଣର ପୁଅ ଥିଲେ ସେହି ସୌମ୍ୟାକାନ୍ତ ଯୁବକଟି, ସବୁ ପାଶ୍ କରିସାରି, ଚାକିରି ଆଶାରେ ବହୁ ଜାଗା ବୁଲି ବୁଲି, ଶେଷରେ ନିରାଶ ହୋଇ, ନିଜ ଚେଷ୍ଟାରେ Industry କରିଛନ୍ତି । Printing, Paper Advertising, Press, Publicity ପ୍ରାୟ ୧୦ ଜଣ ଗରିବ ବେକାର ପିଲାଙ୍କୁ ଅନ୍ନ ସଂସ୍ଥାର ବ୍ୟବସ୍ଥା କରି ନିଜେ ଚଳୁଛନ୍ତି । ସେ ଜଣେ ଲେଖକ,

Digitized by srujanika@gmail.com

କଳାପ୍ରେମୀ, ସାହିତ୍ୟିକ, ଅତି ପରିଶ୍ରମୀ ଯୁବ ଉଦ୍‌ଯୋଗୀ, ଖିଆପିଆ ଭୁଲିଯାଇ, ସକାଳ ୭ଟା ଠାରୁ ରାତି ଦୁଇଟା ଯାଏ କାର୍ଯ୍ୟ କରନ୍ତି । ସେ କେବଳ ଜାଣନ୍ତି "HONEST LABOUR IS NEVER FRUIT LESS" । ମୋ ପାଣ୍ଡୁଲିପିଟି ମୁଦ୍ରଣ ହୋଇ ପାରୁନି ଶୁଣି ଅତି ଆଗ୍ରହରେ କହିଲେ ''ମୁଁ ଧଳା ଧନରେ ମୁଦ୍ରଣ କରି ଦେବି । କଳାଧନ ମୋ ପାଖରେ ନାହିଁ, ଆପଣ **''ଧଳାଲୋକ'' ଅଟ୍ଟା**, ମୋତେ ଆପଣଙ୍କର ଧଳା ନାତି ବୋଲି ଭାବି, ଟେକି ଦିଅନ୍ତୁ ପାଣ୍ଡୁଲିପୀକୁ ମୋରି ହାତରେ । ମୁଁ ଗୋଟାଏ ମାସ ଭିତରେ ସୁନ୍ଦର, ସୁଲଭ ଦରରେ, Cover Printing କରି ଆପଣଙ୍କୁ ଧରାଇ ଦେବି, ଆପଣଙ୍କର ହସକାନ୍ଦ, ଦୁଃଖ ଓ ଚାଞ୍ଚଲ୍ୟ ଭରା ଜୀବନି ''ମୃଷା କହୁଛି'' ମୁଦ୍ରଣ ହୋଇ ହଜାର, ହଜାର, ଲକ୍ଷ, ଲକ୍ଷ ବୁଦ୍ଧିଜିବୀଙ୍କ, ଲୋଚନକୁ ଆସିବ । ସେହି ସୌମ୍ୟକାନ୍ତ ଯୁବକ, ଆଉ କିଏ ନୁହେଁ, SPACE SETTER PRESS ର ନିର୍ଦ୍ଦେଶକ, ରାମଚଣ୍ଡୀଙ୍କ ଆଶୀର୍ବାଦ ମୋ ପାଇଁ ଦେବଦୂତ, ମୋର ପ୍ରୀୟ ଦରଦୀ ନାତି ପାଣ୍ଡୁଲିପୀ ''ମୁଷିକ ଉବାଚ''ର ମୁଦ୍ରାକାର ''ସୌମ୍ୟ ନାରାୟଣ ମିଶ୍ର'' **''ନୂଆ ବର୍ଷର-ନୂଆ ମୁହଁ ''**



Digitized by srujanika@gmail.com

PRESS & PUBLICITY AT YOUR DOOR STEP

HI Folks :

Are you worried over your printing of

- ☐ **MARRIAGE CARDS**
- ☐ **Invitation Cards'**
- ☐ Files or Forms
- ☐ *Informations or Handbills*
- ☐ Brochures or Booklets
- ☐ Posters or Stickers
- ☐ Visiting Cards or Office Stationery

And

- ☐ Even *Books* or any other odd PRINTING WORK/ JOB whether it is Screen Printing/Offset/Ordinary Printing ?

Or

- ☐ Is it any Advertisement or Publicity work that bothers you ?

YOU CAN JUST RELAX BY DIALLING 411624 or BY FAX TO (0674)-409008 or SIMPLY BY ARRIVING (10 am - 5 pm) AT PROFESSIONAL AND QUALITY CENTRE WITH most COST EFFECTIVE SERVICE from :

Space Setter

B-13, Indradhanu Market Complex,
I.R.C. Village, Bhubaneswar-751 015
Ph. 411624 ✪ Fax - 409008

Digitized by srujanika@gmail.com

With Best Compliments From :

IMFA GROUP

Where Quality is a way of life

INDIA'S LARGEST PRODUCER OF FERRO ALLOYS
INDIAN METALS & FERRO ALLOYS LIMITED

INDIAN CHARGE CHROME LIMITED
IMFA BUILDING, RASULGARH, BHUBANESWAR - 751010
PH : (91-674) 480020, 480145
TELEX : (0675) 6219, 6376

With Best Compliments From :

ନିରଞ୍ଜନ ଦାସ
ବିଜୟ କୃଷ୍ଣ ମହାନ୍ତି
ଲଲାଟେନ୍ଦୁ ପରିଡା (ଆଇ.ଏ.ଏସ୍.)
ଲକ୍ଷ୍ମୀଧର ଭୂଜ (ଆଇ.ଏ.ଏସ୍.)
ପୀତବାସ ପଟ୍ଟନାୟକ (ଆଇ.ଏ.ଏସ୍.)
ପ୍ରେମ ରଂଜନ ମହାନ୍ତି (ଆଇ.ପି.ଏସ୍.)
ଚିତ୍ତ ରଂଜନ ପଟ୍ଟନାୟକ
ନିରଂଜନ ପଟ୍ଟନାୟକ (ମନ୍ତ୍ରୀ)
ସୌମ୍ୟ ରଂଜନ ପଟ୍ଟନାୟକ (ସାଂସଦ)
ଅମୀୟ ରଂଜନ ପଟ୍ଟନାୟକ (ପ୍ରଯୋଜକ)
ରାଜ କିଶୋର ଦାସ
ଯତୀନ୍ ପଟ୍ଟନାୟକ
ବିଜେନ୍ଦ୍ର ମହାନ୍ତି (ଜାବୁଲି)
ତାରା ରଂଜନ ପଟ୍ଟନାୟକ (Falcon)
ବରେନ ପଟ୍ଟନାୟକ (Doctor)
ବିଧାନ ପଟ୍ଟନାୟକ
ସନ୍ତୋଷ ପଟ୍ଟନାୟକ
ନନ୍ଦ ନନ୍ଦନ ମହାନ୍ତି
ପ୍ରମୋଦ ପଟ୍ଟନାୟକ (ଡକ୍ଟର)
ବିଷ୍ଣୁ ପ୍ରସାଦ ଦାସ (ଇଂଜିନିୟର)
ପ୍ରବୋଧ ପଟ୍ଟନାୟକ (ଇଂଜିନିୟର)
ବସନ୍ତ ଦାସ
ଦିବାକର ମିଶ୍ର (ଇଂଜିନିୟର)
ପ୍ରିୟବ୍ରତ ପଟ୍ଟନାୟକ ଆଇ.ଏ.ଏସ୍.
ଜଗଦୀଶ୍ ଚନ୍ଦ୍ର ଭୁଞ୍ଜିରାଜ
ଭାସ୍କର ନାୟକ (ଇଂଜିନିୟର)
ଆର.କେ. କାନୁନ୍‌ଗୋ (ଇଂଜିନିୟର)
ଏନ୍.ଟି.ବହିଦାର (ଇଂଜିନିୟର)
ଜି.ଏସ୍.ଠାକୁର (ଇଂଜିନିୟର)
ହରମୋହନ ସାମନ୍ତରାୟ (ଇଂଜିନିୟର)
ନବ କିଶୋର ମହାପାତ୍ର (ଇଂଜିନିୟର)
କୃଷ୍ଣ ଚନ୍ଦ୍ର ନାଏକ
ସନ୍ତୋଷ କୁମାର ଉପାଧ୍ୟାୟ(ଆଇ.ପି.ଏସ୍.)
ଜୟଦେବ ଜେନା (ମନ୍ତ୍ରୀ)
ରୁଦ୍ରମାଧବ ରାୟ (ବିଧାୟକ)
ହବିବୁଲ୍ଲା ଖାଁ (ମନ୍ତ୍ରୀ)
ମତଲୁବ ଅଲ୍ଲୀ (ମନ୍ତ୍ରୀ)
କାମରୂପ ଦାସ (ଇଂଜିନିୟର)
ମଦନ ପଟ୍ଟନାୟକ (ଇଂଜିନିୟର)
ଗୋପବନ୍ଧୁ ଦାସ
ପ୍ରଦୋଷ ପଟ୍ଟନାୟକ (ରିପୋର୍ଟର)
ପି.ସି.ଜେନା (ଓପିଜିସି ଚେୟାରମ୍ୟାନ)
ଜଗନ୍ନାଥ ରାଉତ (ମନ୍ତ୍ରୀ)
ବିଜୟ ପଟ୍ଟନାୟକ
ଗୌରହରି ଦାସ
ବୈଷ୍ଣବ ମହାନ୍ତି (ଇଂଜିନିୟର)
ସୁଧାଂଶୁ ମିଶ୍ର (ଉପମୁଖ୍ୟ ଶାସନ ସଚିବ)
ସୁର ରାଉତରା (ମନ୍ତ୍ରୀ
ରବି ସେଠ (ମନ୍ତ୍ରୀ)

Digitized by srujanika@gmail.com

With best compliments from-

S.N.MOHANTY

(Mine Owner)

AT/PO-BADABIL.

DIST-KEONJHAR.

PHONE. NO. - STD CODE 06767

OFFICE-30362

Residence - 30254/ 31196

Dealer in :

- ☞ IRON
- ☞ MANGANISE
- ☞ FIRE CLAY BOXITE
- ☞ QUARTZ
- ☞ QUARTZITE

Digitized by srujanika@gmail.com

With Best Compliments from :

FALCON MARINE EXPORTS LTD.

FALCON MOTORS

ORIENTAL INTORIOR DECORATOR

A/22, Falcon House
Cuttack Road, Bhubaneswar,
Phone : 413408

Digitized by srujanika@gmail.com

With Best Compliments From :

ORISSA POWER GENERATION CORPORATION LTD.

(A Govt. of Orissa Undertaking)

Alok Bharati Office Complex (6th Floor)
Saheed Nagar, Bhubaneswar - 751007, ORISSA
(407528/407918 Fax - 410740 TLX. - 0675-358 OPGCIN)

Has ushered an era of progress & prosperity in Orissa by fulfilling its promise for cost Effective & Reliable Powser Generation Through Installation of IB Thermal Power Station

UNITS IN OPERATION

1. Unit # I of ITPS - On Commercial Generation since 21.12.94
   Average P.L.F.. 77.75%
   Revenue earned As estimated in March'96 Rs. 164.70 crores
2. Unit # 2 of ITPS - Trial run on coal firing commenced
3. Generation started from Mini-Micro Units at Biribati & Kendupatana

PROGRAMME AHEAD

1. We are poised to take up construction of Units III & IV of ITPS (2x210) MW
2. Joint ventures in Thermal Sector for Naraj Thermal Power Project
3. Mini - Micro - 5 more Units in progress.

Digitized by srujanika@gmail.com

With best Compliments from:

KRUSHNA CHANDRA MOHANTY

founder of

BRUNDABAN VIHAR

GYANENDRA MOHANTY

Special Class Contractor

BIJENDRA MOHANTY

Owner of Sriya, Swati, Stutee

JITENDRA MOHANTY

Owner of Swosti International Hotel

HITENDRA K. MOHANTY

Owner of Susbree Plastics
& Sun Granite

PUNENDRA MOHANTY

The greatest Poliltree Farm of Orissa

KIRTI KUMAR

Owner of Sungranite Exports Ltd.

Digitized by srujanika@gmail.com

ନିଜକଥା

ନାଟ୍ୟକାର ଇଁ. ମୂଷାପଟ୍ଟନାୟକ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସବ୍‌ଡିଭିଜନ ଅନ୍ତର୍ଗତ ଖପରାଖାଇ ଗ୍ରାମରେ ୧୯୨୬ ମସିହା ପବିତ୍ର ରାମନବମୀ ଦିନ ଜନ୍ମ ଗ୍ରହଣ କରିଥିଲେ । ବାପା ସ୍ୱର୍ଗତ ଦିବାକର ପଟ୍ଟନାୟକ, ମା ସ୍ୱର୍ଗତ ପାର୍ବତୀ ଦେବୀଙ୍କର ଅଷ୍ଟମ ଗର୍ଭର ସନ୍ତାନ । ପିଲାଦିନୁ ପାରିବାରିକ ଅବସ୍ଥା ଭଲ ନଥିବାରୁ ଘାସ କାଟି, କାଠ ବିକି, ଗାଈ ଜଗି ଗାଁରେ ମାଇନର ଯାଏ ପାଠ ପଢ଼ିଲେ । କେନ୍ଦୁଝର ଗଡ଼ର ଜଣେ ଭଦ୍ରଲୋକଙ୍କ ଘରେ ଟିଉସନ୍ ମାଷ୍ଟର ରୂପେ ରହି ସାତଗୋଟି ଛୋଟପିଲାଙ୍କୁ ପାଠ ପଢ଼ାଇ ନିଜେ ପଢ଼ି ମେଟ୍ରିକ୍ ପ୍ରଥମ ଶ୍ରେଣୀରେ ପାଶ୍ କଲେ । ଜଣେ ଗୁଜୁରାଟୀ ବନ୍ଧୁଙ୍କ ସାହାଯ୍ୟରେ ରେଭେନ୍‌ସା କଲେଜରେ ବର୍ଷେ ପଢ଼ି ଇଞ୍ଜିନିୟରିଂ ସ୍କୁଲରେ Civil Engineering ପାଶ୍ କରି ଇଞ୍ଜିନିୟର ହେଲେ । ପିଲାଦିନୁ ସେ ଥିଲେ କଳାର ପୂଜାରୀ । ନାଟ, ତାମସା, ସୁଆଙ୍ଗ ଦେଖିବାକୁ ବ୍ୟାକୁଳ । ମାତ୍ର ୯ ବର୍ଷ ବୟସରେ ତାଙ୍କର ପ୍ରଥମ ନାଟକ ''ସୀତା ବିବାହ''ରେ ସେ ହୋଇଥିଲେ ''ସୀତା'', ପରେ ସବ୍ୟା । ତା ପରେ ପରେ ନାୟକ, ଖଳନାୟକ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା ଏହି ପରି ବିଭିନ୍ନ ଭୂମିକାରେ ଅଭିନୟ କରି ପରିଶେଷରେ ନିର୍ଦ୍ଦେଶନା ଦେବା ଆରମ୍ଭ କରି ବସିଲେ । ଭୁବନେଶ୍ୱର ଓ ବାହାରର ପ୍ରାୟ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ସରକାରୀ ବେସରକାରୀ ସଂସ୍ଥାରେ ତାଙ୍କ ନିର୍ଦ୍ଦେଶନା ସଂଖ୍ୟା ଗରିଷ୍ଠ । ସେ ଜଣେ ଆକାଶବାଣୀ, ଦୂରଦର୍ଶନ ସ୍ୱୀକୃତି ପ୍ରାପ୍ତ ଅଭିନେତା । ଓଡ଼ିଆ ଚଳଚିତ୍ରରେ ତାଙ୍କର ଛୋଟ ବଡ଼ ବିଭିନ୍ନ ଭୂମିକାରେ ଅଭିନୟ ପଚାଶ ଉପରେ । ତାଙ୍କର ଅଭିନୟ ଉଚ୍ଚକୋଟୀର ଓ ମର୍ମସ୍ପର୍ଶୀ । ସେ ଅଦ୍ୟାବଧି ୩୩ ଗୋଟି ନାଟକର ରଚୟିତା, ସେ ଓଡ଼ିଶା କଲ୍‌ଚୁରାଲ୍ ଆସୋସିଏସନର ସ୍ୱର୍ଣ୍ଣପଦକ ପ୍ରାପ୍ତ ମଞ୍ଚ ନିର୍ଦ୍ଦେଶକ । ୧୯୮୪, ୧୯୯୪, ୧୯୯୬ରେ ସେ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ଫିଲ୍ମ କର୍‌ପୋରେସନ୍ ମ୍ୟାନେଜିଂଗ୍ ଡ଼ାଇରେକ୍ଟର ଶ୍ରୀଯୁକ୍ତ ବଟକୃଷ୍ଣ ତ୍ରିପାଠୀ I.P.S ଙ୍କ ଠାରୁ (ହିନ୍ଦି ଫିଲ୍ମର ସୁପରଷ୍ଟାର ରାଜେଶ ଖାନ୍ନାଙ୍କ ସମ୍ମୁଖରେ) ମାନପତ୍ର, ନଟରାଜ ଫଳକ ଓ ଉପଢ଼ୌକନ ପାଇଛନ୍ତି । ୧୯୮୭ରେ ଅବସର ନେଇ ମଧ୍ୟ ଏଇ ବୃଦ୍ଧ ବୟସରେ କଳା ଚର୍ଚ୍ଚାରେ ସମୟ ଅତିବାହିତ କରନ୍ତି । ସେ ୭୦ ବର୍ଷର ବୃଦ୍ଧ ହେଲେ ମଧ୍ୟ ସେ ନିଜକୁ ମନେକରନ୍ତି ଜଣେ ୪୦ ବର୍ଷର କର୍ମରତ ଯୁବକ । ଦୀର୍ଘ ୪ ବର୍ଷ ହେଲା ଜାନୁହାଡ଼ ଭଙ୍ଗାଇ ପଙ୍ଗୁ ଅବସ୍ଥାରେ ନିଜର ଅଙ୍ଗେ ନିଭେଇଥିବା ଜୀବନି ମା, ବାପାଙ୍କଠାରୁ ଶୁଣିଥିବା ଷାଠିଏ ଗୋଟି ସ୍ମରଣୀୟ, ମଜାଦାର ଘଟଣାଗୁଡ଼ିକୁ ଛୋଟ ଛୋଟ ଗଳ୍ପ ରୂପେ ରୂପାୟିତ କରି ଗଳ୍ପସଂକଳନ ''ମୂଷିକ ଉବାଚ'' ମୁଦ୍ରଣ କରିଛନ୍ତି ।

ଏହି ସଂକଳନଟି ଜନ ମାନସରେ ଆଦୃତ ଓ ପୁରସ୍କୃତ ହେବ ବୋଲି ତାଙ୍କର ଆଶା ଓ ବିଶ୍ୱାସ ।

Digitized by srujanika@gmail.com